ପୁରୁଣା

ଧାଙ୍କଡ଼ବର୍ଗା

॥ଉତ୍ତା॥
ତୁମର ପ୍ରିୟ ପଶୀ

Digitized by srujanika@gmail.com

ପୁରୁଣା ଗୁମ୍ଫା

ଆଦ୍ୟା ପ୍ରକାଶନୀ
ଚଳସୀପୁର, କଟକ

EDUCATIONAL
INFORMATION
Digitized by srujanika@gmail.com

॥ ଯାଜ୍ଞସେନୀ ॥

[ଭାରତୀୟ ଜ୍ଞାନପୀଠର ମୂର୍ତ୍ତିଦେବୀ ପୁରସ୍କାର
ଏବଂ ଶାରଳା ପୁରସ୍କାର ପ୍ରାପ୍ତ ଉପନ୍ୟାସ]

ଲେଖିକା : **ଡଃ ପ୍ରତିଭା ରାୟ**
୨୭, ଗଜପତି ନଗର, ଭୁବନେଶ୍ୱର-୭୫୧୦୦୫, ଓଡ଼ିଶା
ପ୍ରଚ୍ଛଦ ଶିଳ୍ପୀ : ଅସିତ୍ ମୁଖାର୍ଜି
ପ୍ରକାଶକ : **ଆଦ୍ୟା ପ୍ରକାଶନୀ**
ତୁଳସୀପୁର, କଟକ -୭୫୩୦୦୮
ପ୍ରଥମ ସଂସ୍କରଣ : ୧୯୮୫
ଦ୍ୱାଦଶ ସଂସ୍କରଣ : ୨୦୦୦
ଅକ୍ଷର ସଜ୍ଜା : ସଂସାର ପ୍ରେସ, କଟକ-୯
ମୁଦ୍ରଣ : ଜଗନ୍ନାଥ ପ୍ରୋସେସ୍, କଟକ-୨
ମୂଲ୍ୟ : ଏକଶହ କୋଡ଼ିଏ ଟଙ୍କା

✡✡✡

YAJNASENI

[Moorti Devi Award by Bharatiya Jnanpith
& Sarala Award Winning Novel]

Writer : **Dr. PRATIBHA RAY**
27, Gajapati Nagar, Bhubaneswar-751005, Orissa
Cover Design : Asit Mukharjee
Publisher : **ADYA PRAKASHANI**
Tulasipur, Cuttack-753008
First Edition : 1985
Twelvth Edition : 2000
Typeset : SANSAR PRESS, CUTTACK-9
Printed at : JAGANNATH PROCESS, CUTTACK-2
Price : **120.00**

✡✡✡

Digitized by srujanika@gmail.com

ଉତ୍ସର୍ଗ

''ଓଁ ନମୋ ଭଗବତେ ବାସୁଦେବାୟ''

ମହାଭାରତର ନାୟକ,
ପୂର୍ଣ୍ଣପୁରୁଷ,
ଶ୍ରୀକୃଷ୍ଣ ବାସୁଦେବଙ୍କ
ପଦ୍ମପାଦରେ
'ଯାଜ୍ଞସେନୀ'
ନିବେଦିତା

Digitized by srujanika@gmail.com

''କେବଳ କର୍ମ, କେବଳ ଜ୍ଞାନ, କେବଳ ଭକ୍ତିର ମୂଲ୍ୟ ନାହିଁ ।
କର୍ମୀର ହାତ, ଜ୍ଞାନୀର ଚକ୍ଷୁ ଏବଂ ଭକ୍ତର ହୃଦୟ, ଏହି ତିନିଗୋଟିର
ସମନ୍ୱୟରେ ତ୍ରିବେଣୀ ସଂଗମ ହୁଏ— ମାନବ ଜୀବନ ସାର୍ଥକ ହୁଏ ।''

॥ ଶ୍ରୀମଦ୍ଭଗବଦ୍ ଗୀତା ॥

Digitized by srujanika@gmail.com

ପ୍ରକାଶକୀୟ

ଭାରତୀୟ ଜ୍ଞାନପୀଠ ସଂସ୍ଥାଦ୍ୱାରା ପ୍ରତିଷ୍ଠିତ ମୂର୍ତ୍ତିଦେବୀ ପୁରସ୍କାର ପ୍ରତିଷ୍ଠାତାଙ୍କ ସ୍ୱର୍ଗତା ଜନନୀ ମୂର୍ତ୍ତିଦେବୀଙ୍କ ପୁଣ୍ୟସ୍ମୃତିରେ ପ୍ରତିବର୍ଷ ସର୍ଜନାତ୍ମକ ସାହିତ୍ୟରେ ଚିନ୍ତନଶୀଳତା, ଗଭୀର ଦର୍ଶନ ତଥା ମାନବୀୟ ମୂଲ୍ୟବୋଧକୁ ନିରୂପିତ, ରେଖାଙ୍କିତ କରୁଥିବା ଭାରତୀୟ ଭାଷାର ଯେକୌଣସି ଗୋଟିଏ ଉଲ୍ଲେଖନୀୟ ସାହିତ୍ୟ କୃତିକୁ ପ୍ରଦାନ କରାଯାଇଥାଏ ।

ପ୍ରଥମ ପୁରସ୍କାର ୧୯୮୩ରେ କନ୍ନଡ଼ ଭାଷାର ଯଶସ୍ୱୀ ଉପନ୍ୟାସକାର ଶ୍ରୀ ସି. କେ. ନାଗରାଜ ରାଓଙ୍କୁ, ଦ୍ୱିତୀୟ ପୁରସ୍କାର ୧୯୮୪ରେ ହିନ୍ଦୀ ସାହିତ୍ୟର ପ୍ରଖ୍ୟାତ ଉପନ୍ୟାସକାର ଶ୍ରୀ ବୀରେନ୍ଦ୍ର କୁମାର ଜୈନଙ୍କୁ, ତୃତୀୟ ପୁରସ୍କାର ୧୯୮୫ରେ ପ୍ରଖ୍ୟାତ ଗୁଜରାତି ଉପନ୍ୟାସକାର ଶ୍ରୀ ମନୁଭାଇ ପଂଚ୍ୱେଲିଙ୍କୁ, ଚତୁର୍ଥ ପୁରସ୍କାର ୧୯୮୬ରେ ହିନ୍ଦୀ ଓ ରାଜସ୍ଥାନୀ ଉଭୟ ଭାଷାର କବି ଶ୍ରୀ କନ୍ହୈୟାଲାଲ ଷାଠିୟାଙ୍କୁ ପ୍ରଦାନ କରାଯାଇଥିଲା ।

୧୯୮୬ରେ ପଞ୍ଚମ ମୂର୍ତ୍ତିଦେବୀ ପୁରସ୍କାର-ଉପଯୋଗୀ କୃତି ଚୟନ-ମଣ୍ଡଳୀଙ୍କ ଦୃଷ୍ଟିକୁ ନଆସିଥିବା ଯୋଗୁଁ କାହାରିକୁ ଦିଆଯାଇ ନଥିଲା ।

ଷଷ୍ଠ ପୁରସ୍କାର ୧୯୮୮ରେ ହିନ୍ଦୀ ସାହିତ୍ୟର ବର୍ଷିୟାନ ତଥା ବିଖ୍ୟାତ ଲେଖକ ଶ୍ରୀ ବିଷ୍ଣୁ ପ୍ରଭାକରଙ୍କୁ, ୧୯୮୯ରେ ଭାରତୀୟ ସାହିତ୍ୟ, ସଂସ୍କୃତି ଏବଂ ଦର୍ଶନର ବିଦ୍ୱାନ ତଥା ହିନ୍ଦୀ, ସଂସ୍କୃତ ଭାଷାର ଲେଖକ, ସଂପ୍ରତି ନବଭାରତ ଟାଇମ୍ସର ସଂପାଦକ ପ୍ରଫେସର ଡାଃ ବିଦ୍ୟା ନିବାସ ମିଶ୍ରଙ୍କୁ ସପ୍ତମ ପୁରସ୍କାର ଓ ଅଷ୍ଟମ ପୁରସ୍କାର ୧୯୯୦ରେ ପ୍ରଖ୍ୟାତ ଦାର୍ଶନିକ, ଗବେଷକ ଲେଖକ ଡଃ ମୁନିଶ୍ରୀ ନାଗରାଜଜୀଙ୍କୁ ପ୍ରଦାନ କରାଯାଇଥିଲା ।

୧୯୯୧ରେ ନବମ ମୂର୍ତ୍ତିଦେବୀ ପୁରସ୍କାର ଓଡ଼ିଆ ଭାଷାର ପ୍ରଖ୍ୟାତ କଥାକାର ଡଃ. ପ୍ରତିଭା ରାୟଙ୍କୁ ତାଙ୍କର ବହୁଚର୍ଚ୍ଚିତ, ସର୍ବଭାରତୀୟ ସ୍ତରରେ ପାଠକଙ୍କର ବିପୁଳ ସ୍ୱୀକୃତି ଲାଭ କରିଥିବା ଉପନ୍ୟାସ 'ଯାଜ୍ଞସେନୀ' ପାଇଁ ପ୍ରଦାନ କରାଯାଇଥିଲା । ଭାରତୀୟ ସାହିତ୍ୟ କ୍ଷେତ୍ରରେ ମର୍ଯ୍ୟାଦାବନ୍ତ ମୂର୍ତ୍ତିଦେବୀ ପୁରସ୍କାର ଲାଭ କରିବାରେ ଶ୍ରୀମତୀ ରାୟ ହେଉଛନ୍ତି ପ୍ରଥମ ମହିଳା । ଓଡ଼ିଆ ସାହିତ୍ୟ ତଥା ପୂର୍ବାଞ୍ଚଳ ସାହିତ୍ୟ

Digitized by srujanika@gmail.com

କ୍ଷେତ୍ରରେ ଏହି ପୁରସ୍କାର ଲାଭ କରିବାରେ ଶ୍ରୀମତୀ ରାୟ ହେଉଛନ୍ତି ପ୍ରଥମ ସାହିତ୍ୟକାର ।

୧୯୯୩ ଜାନୁଆରୀ ୩ ତାରିଖରେ ଦିଲ୍ଲୀର ଫିକି ସଭାଗୃହରେ ଏକ ଭବ୍ୟ ସମାରୋହରେ ଭାରତର ମହାମାନ୍ୟ ଉପରାଷ୍ଟ୍ରପତି ଶ୍ରୀ କେ. ଆର୍. ନାରାୟଣନ୍ ଶ୍ରୀମତୀ ରାୟଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ ।

ଯଶସ୍ୱିନୀ ଲେଖିକାଙ୍କର ଏହି ସାର୍ଥକ କୃତି ବର୍ତ୍ତମାନ ବିଭିନ୍ନ ଭାରତୀୟ ଭାଷା ଯଥା ହିନ୍ଦୀ, ମରାଠୀ, ବଙ୍ଗଳା, ଗୁଜୁରାଟୀ, ଅସମୀୟା, ମାଲାୟାଲାମ ଏବଂ ଇଂରାଜୀରେ ମଧ୍ୟ ପ୍ରକାଶିତ ହୋଇ ଉଚ୍ଚ-ପ୍ରଶଂସିତ ହୋଇଛି । ରୁପା ଏଣ୍ଡ୍ କୋ'ଙ୍କ ଦ୍ୱାରା ଇଂରାଜୀରେ ଏହାର ଦ୍ୱିତୀୟ ସଂସ୍କରଣ ଏବଂ ରାଜପାଲ ଏଣ୍ଡ୍ ସନ୍ସଙ୍କ ଦ୍ୱାରା ହିନ୍ଦୀରେ ଏହାର ଚତୁର୍ଥ ସଂସ୍କରଣ ହୋଇଛି । ଅତ୍ୟନ୍ତ ଆନନ୍ଦର କଥା ଓଡ଼ିଆଭାଷାରେ ବର୍ତ୍ତମାନ ସୁଦ୍ଧା ଏହାର ତେତିଶ ହଜାର କପି ବିକ୍ରୟ ହୋଇଛି । ଏକ କ୍ଲାସିକ ଉପନ୍ୟାସର ବିକ୍ରୟ କ୍ଷେତ୍ରରେ ଓଡ଼ିଆ ସାହିତ୍ୟର ଇତିହାସରେ ଏହା ଏକ ରେକର୍ଡ ସୃଷ୍ଟି କରିଛି । ଏ ଦିଗରେ ଓଡ଼ିଆ ପାଠକଙ୍କ ସାହିତ୍ୟାନୁରାଗ ଧନ୍ୟବାଦାର୍ହ । ଏହା ଓଡ଼ିଆ ସାହିତ୍ୟର ଭବିଷ୍ୟତ ପାଇଁ ଶୁଭସୂଚକ ।

— ପ୍ରକାଶକ

Digitized by srujanika@gmail.com

ଆଦ୍ୟାଭାସ

ଯାଜ୍ଞସେନୀ ନାରୀତ୍ୱର ଏକ ଆହ୍ୱାନ । କର୍ମ, ଜ୍ଞାନ, ଭକ୍ତି ଓ ଶକ୍ତିର ମୂର୍ତ୍ତିମନ୍ତ ଦେବୀ ।

ବିଶ୍ୱରେ ଏ ଯାବତ୍ ଏପରି ନାରୀ ଜନ୍ମଲାଭ କରିନାହିଁ, ଯିଏ ଯାଜ୍ଞସେନୀଙ୍କ ଭଳି ନିର୍ଯ୍ୟାତନା, ଲାଞ୍ଛନା, ମାନସିକ ସଂକଟ ଓ ସଂଘର୍ଷର ସମ୍ମୁଖୀନ ହୋଇଛି ।

କାମାନ୍ଧ ପୁରୁଷଦ୍ୱାରା ସୁନ୍ଦରୀ ନାରୀ ଯୁଗେ ଯୁଗେ ନିର୍ଯ୍ୟାତିତା ଏବଂ ଅପମାନିତା ହୋଇଆସିଛି । କିନ୍ତୁ ଭ୍ରାତୃବିବାଦ ଓ ଈର୍ଷା, ଅସୂୟାର ବଶବର୍ତ୍ତୀ ହୋଇ ନିଜ ବଂଶର କୁଳବଧୂକୁ ବହୁ ଜ୍ଞାନୀ, ଗୁଣୀ, ମାନୀ ପୁରୁଷଙ୍କର ସମକ୍ଷରେ ବିବସନା କରିବା ଏବଂ ସମସ୍ତେ ନୀରବରେ ନିର୍ବସନା-ଯୁବତୀ-ଅଙ୍ଗଶୋଭା ଦର୍ଶନ କରିବା ପାଇଁ ବସିରହିବା ଭଳି କଳଙ୍କିତ ଅଧ୍ୟାୟର ଦୃଷ୍ଟାନ୍ତ, ବିଶ୍ୱର ଅଲିଖିତ, ଲିଖିତ ଇତିହାସରେ ନାହିଁ । ଏପରିକି କାବ୍ୟକବିତା, କାହାଣୀ ବା ନାଟକରେ ମଧ୍ୟ କୌଣସି ନାରୀ ଏପରି ନିର୍ଯ୍ୟାତିତା ହେବାର ଦୃଷ୍ଟାନ୍ତ ନାହିଁ । ଖାଲି ସେତିକି ନୁହେଁ, ଅଜ୍ଞାତରେ ଶାଶୁଙ୍କର ପାଟିରୁ ଖସିଯାଇଥିବା ପଦେ କଥାପାଇଁ ରାଜନନ୍ଦିନୀ କୃଷ୍ଣାଙ୍କୁ ବାଧ୍ୟହୋଇ ପଞ୍ଚପତି ବରଣ କରିବାକୁ ହୋଇଛି । ପୁରାଣରେ ଏପରି କେତେକ ଦୃଷ୍ଟାନ୍ତ ଥିଲେ ମଧ୍ୟ ସଭ୍ୟ ମାନବ ସମାଜର ଇତିହାସରେ ଏହା ଏକ ଘୃଣ୍ୟକର ଘଟଣା । ନିଜ ସତୀତ୍ୱର ପରାକାଷ୍ଠା ଯୋଗୁଁ କୃଷ୍ଣାଙ୍କର ନାମ ପ୍ରାତଃ ସ୍ମରଣୀୟ ହଲେ ମଧ୍ୟ ପଞ୍ଚପତି ବରଣଯୋଗୁଁ କୌରବମାନଙ୍କ ଦ୍ୱାରା ଏବଂ କର୍ଣ୍ଣଙ୍କ ଦ୍ୱାରା କୃଷ୍ଣା ବହୁପୁରୁଷଭୋଗ୍ୟା, ବାରନାରୀ ଭାବରେ ବାରମ୍ବାର ନିନ୍ଦିତା ହୋଇଛନ୍ତି । ତଥାପି ପଞ୍ଚପାଣ୍ଡବଙ୍କର ସୁଖଦୁଃଖର ଚିର ସହଚରୀ କୃଷ୍ଣା ଜୀବନରେ ନାନା ଦୁଃଖ କଷଣ ଭୋଗିଥିଲେ ମଧ୍ୟ ମନୋବଳ ହରାଇ-ନାହାନ୍ତି । ଅବଶେଷରେ ହିମାଳୟର ମେରୁଗିରିର ସ୍ୱର୍ଣ୍ଣରେଣୁରେ ପ୍ରଥମେ ପାଦ ଖସାଇ ସ୍ୱର୍ଗଲାଭରୁ ବଞ୍ଚିତା ହୋଇଛନ୍ତି କୃଷ୍ଣା ଏବଂ ଏକାନ୍ତ ନିଃସହାୟ ଅବସ୍ଥାରେ ଦେହତ୍ୟାଗ କରିଛନ୍ତି ।

କୃଷ୍ଣାଙ୍କର ତ୍ୟାଗ, ନିଷ୍ଠା, ଘ୍ୱରିତ୍ରିକ ଦୃଢ଼ତା ସମ୍ପର୍କରେ ଆମେ କେତେଟିକେ ବା ଜାଣୁ ! ଜନୈକା ପରିଚିତା ଭଦ୍ରମହିଳାଙ୍କର ସାନଭଉଣୀ କୃଷ୍ଣା ମଦ୍ୟପ, ଦୁଶ୍ଚରିତ୍ର ସ୍ୱାମୀଦ୍ୱାରା ପରିତ୍ୟକ୍ତା ହୋଇ ବାପାଙ୍କ ଘରେ ରହୁଥା'ନ୍ତି । କୃଷ୍ଣା ପୁନର୍ବାର ବିବାହ କରିଯିବା ଉଚିତ ବୋଲି ସମସ୍ତେ ମତଦେଇ ସହାନୁଭୂତି ଅଜାଡ଼ି ଦେଉଥା'ନ୍ତି । ମାତ୍ର

Digitized by srujanika@gmail.com

ଆମ ସମାଜରେ ପତି-ପରିତ୍ୟକ୍ତା କୃଷ୍ଣାର ବିବାହ ଏତେ ସହଜ ଘଟଣା ନଥିଲା । ପଶ୍ଚିମ ଜର୍ମାନ୍‌ରେ ରହୁଥିବା ତାଙ୍କ ଭାଇଙ୍କ ପାଖକୁ କୃଷ୍ଣା ଉଚ୍ଚଶିକ୍ଷା ଓ ମନ ପରିବର୍ତ୍ତନ କରିବାପାଇଁ ଚାଲିଯିବାର ଅଳ୍ପଦିନ ମଧ୍ୟରେ ପଶ୍ଚିମଜର୍ମାନ୍‌ର ଜଣେ ଯୁବକଙ୍କ ସହ ତାଙ୍କର ବିବାହ ହୋଇଗଲା । ସେ ବର୍ତ୍ତମାନ ଗୋଟିଏ ପୁତ୍ର ଓ ଗୋଟିଏ କନ୍ୟାର ଜନନୀ । ତାଙ୍କର ବୈବାହିକ ଜୀବନ ମଧୁମୟ । କିନ୍ତୁ ଆଶ୍ଚର୍ଯ୍ୟର କଥା, ଯେଉଁମାନେ ଦିନେ କୃଷ୍ଣାଙ୍କୁ ସହାନୁଭୂତି ଜଣାଉଥିଲେ, କୃଷ୍ଣାଙ୍କ ଦ୍ୱିତୀୟ ବିବାହରେ ସେମାନେ କୃଷ୍ଣାଙ୍କ ପ୍ରତି ଘୃଣାଭାବ ପୋଷଣକରି ତାଙ୍କ ଚରିତ୍ର ସମ୍ପର୍କରେ ନାନାକଥା କହିବାକୁ, ଆରମ୍ଭ କଲେ । ଏପରିକି ଜଣେ ମନ୍ତବ୍ୟ ଦେଲେ — ''ନାମଟି ଯେତେବେଳେ 'କୃଷ୍ଣା', ସେ ଗୋଟିଏ ସ୍ୱାମୀ ପାଖରେ ସନ୍ତୁଷ୍ଟ ରହନ୍ତା କିପରି ? କୃଷ୍ଣା ତ ପଞ୍ଚପତି ବରଣକରି ମଧ୍ୟ ସେତିକିରେ ସନ୍ତୁଷ୍ଟ ନରହି କର୍ଣ୍ଣ ଏବଂ ଶ୍ରୀକୃଷ୍ଣଙ୍କ ପ୍ରତି ଅନୁରକ୍ତା ଥିଲେ....''

ସେଦିନ ବ୍ୟଥିତା ହୋଇଥିଲି ଏପରି ମନ୍ତବ୍ୟରେ । କଳିଯୁଗର ପତି-ପରିତ୍ୟକ୍ତା ନାରୀ କୃଷ୍ଣାପ୍ରତି ଏଭଳି ମନ୍ତବ୍ୟ ମୋ ବ୍ୟଥାର କାରଣ ନୁହେଁ । ମଣିଷପାଇଁ ମଣିଷର କୁତ୍ସାର କାନ୍ଦଣା ତ ଆଜି ଅତି ସ୍ୱାଭାବିକ ! ଦ୍ୱାପର ଯୁଗର ଅସାମାନ୍ୟା ବିଦୁଷୀ, ଭକ୍ତିମତୀ, ଶକ୍ତିମତୀ ନାରୀ କୃଷ୍ଣାଙ୍କପ୍ରତି ଏପରି ବିଦ୍ୱତ୍‌ଶୂନ୍ୟ ମନ୍ତବ୍ୟ ମୋ ଦୁଃଖର କାରଣ । ଏହା ଏକ ବ୍ୟକ୍ତିଗତ ମନ୍ତବ୍ୟ ହେଇପାରେ, ମାତ୍ର ଆମେ କୃଷ୍ଣାଙ୍କୁ କେତେଟିକେ ବା ଜାଣିଛୁ ? କେତେଟିକେ ବା ବୁଝିଛୁ ମହାଭାରତର ଐତିହ୍ୟ ଏବଂ ମହାନ୍ ସଂସ୍କୃତିକୁ ? ମୂଳ ସଂସ୍କୃତି ମହାଭାରତ କିମ୍ବା ତା'ର ଭାଷାନ୍ତର, ଏବଂ ଆମ ସାରଳା ମହାଭାରତ, ଆମ ଭିତରୁ କେତେ ଜଣ ପଢ଼ିବାର ସୁଯୋଗ ପାଇଛନ୍ତି ? ଅନ୍ଧମାନଙ୍କର ହସ୍ତୀଦର୍ଶନଭଳି ମହାଭାରତର ମହାନ୍ ଆଖ୍ୟାୟିକାକୁ ନିଜେ ନପଢ଼ି, ଶୁଣାଶୁଣିରେ ଯତ୍‌କିଞ୍ଚିତ୍ ଜ୍ଞାନଲାଭ କରି ଆମେ ନିଜର ସଂକୀର୍ଣ୍ଣ ଦୃଷ୍ଟିକୋଣରୁ ବିଦ୍ୱର କରି ଆପଣାର ସଂସ୍କୃତିକୁ ବିକୃତରୂପ ହିଁ ଦେଇଗ୍ୱଲିଛୁ ।

କୃଷ୍ଣାଙ୍କୁ 'ଯାଜ୍ଞସେନୀ' ରୂପରେ ଚିତ୍ରଣକରି ମୋ ଦେଶର ସଂସ୍କୃତିପ୍ରେମୀ ପାଠକଙ୍କ ବିଦ୍ୱର ଉପରେ ଛାଡ଼ିଦେବାପାଇଁ ଉପରୋକ୍ତ ଘଟଣା ହିଁ ମତେ ସଂକଳ୍ପବଦ୍ଧ କରିଥିଲା ।

ମୁଖ୍ୟତଃ ମୁଁ ବ୍ୟାସଦେବଙ୍କ ମୂଳ ମହାଭାରତକୁ ହିଁ ଆଶ୍ରୟ କରିଛି । ସାରଳା ମହାଭାରତର ପ୍ରଭାବ ମଧ୍ୟ କେତେକସ୍ଥଳେ ପଡ଼ିଥାଇପାରେ । ଅନେକ କାଳ୍ପନିକ ଘଟଣା ଏବଂ କାଳ୍ପନିକ ଚରିତ୍ର ମଧ୍ୟ ମୂଳଘଟଣା ସହ ସଂଯୋଗ କରିଛି । ଉପନ୍ୟାସର ଆବଶ୍ୟକତା ଦୃଷ୍ଟିରୁ ମୂଳ ମହାଭାରତର ଘଟଣା ପ୍ରବାହର କ୍ରମରକ୍ଷାରେ ସାମାନ୍ୟ ବ୍ୟତିକ୍ରମ କେତେକ ସ୍ଥଳେ ହୋଇଛି । ଜଣେ ସାଧାରଣ ମରଦେହଧାରିଣୀ ନାରୀ

Digitized by srujanika@gmail.com

ଭାବରେ କୃଷ୍ଣାଙ୍କର ବିଡ଼ମ୍ବିତ, ବୈଚିତ୍ର୍ୟମୟ ଜୀବନର ମନସ୍ତାତ୍ତ୍ୱିକ ଚିତ୍ର ଦେବାପାଇଁ ପ୍ରଯତ୍ନ କରିଛି ।

ମହାପୁରଷ କୃଷ୍ଣ ହିଁ ମହାଭାରତର ନାୟକ । 'କୃଷ୍ଣ' ଏବଂ 'କୃଷ୍ଣା'— ନାମ ଦୁଇଟିର ଆତ୍ମିକ ସଂଯୋଗ କରି ମୁଁ କୃଷ୍ଣ ଏବଂ କୃଷ୍ଣାଙ୍କ ଭିତରେ ଦେହାତୀତ ପ୍ରେମ (Spiritual Love)ର ସଂପର୍କ ସ୍ଥାପନ କରିଛି । କୃଷ୍ଣ ଏବଂ ଦ୍ରୌପଦୀଙ୍କ ଭିତରେ ''ସଖା — ସଖୀ'' (Spiritual Love) ସମ୍ପର୍କ ବହୁ ଗ୍ରନ୍ଥାକାର ପୂର୍ବରୁ ମଧ୍ୟ ଦେଖାଇଛନ୍ତି । ତେବେ କୃଷ୍ଣଙ୍କ ଅଲୌକିକ ଚରିତ୍ର ଅନୁଧ୍ୟାନ କଲେ କେଉଁ ନାରୀ ବା କେଉଁ ଯୁଗରେ ତାଙ୍କୁ ପ୍ରେମ ନକରି ରହିପାରିବ ?

ସାହିତ୍ୟିକ ବଂଧୁ ଶ୍ରୀ ଶୁକଦେବ ସାହୁ ଏହି ସୁବୃହତ୍ ଉପନ୍ୟାସର ପ୍ରକାଶନ ଦାୟିତ୍ୱ ଅତ୍ୟନ୍ତ ଆଗ୍ରହ ସହକାରେ ନେଇଛନ୍ତି ଏବଂ ପ୍ରେସ୍‌କୁ ଯିବା ପୂର୍ବରୁ ପାଣ୍ଡୁଲିପିର କିୟଦଂଶ ପଢ଼ି ମତେ ଉଚ୍ଛ୍ୱସିତ ଅଭିନନ୍ଦନ ଜଣାଇଥିବାରୁ ତାଙ୍କୁ କୃତଜ୍ଞତା ନ ଜଣାଇ ରହିପାରୁନି ।

ଏତିକି କାମନା, ସମରଶଂକିତ ବିପନ୍ନ ବିଶ୍ୱର ଆତ୍ମାରେ ଝଂକୃତ ହେଉ ଯାଜ୍ଞସେନୀଙ୍କର ଅନ୍ତିମ ପ୍ରାର୍ଥନାର ସ୍ୱର — ଓଁ ଶାନ୍ତିଃ ! ଶାନ୍ତିଃ ! ଶାନ୍ତିଃ !!

ଆଖ୍ୟାୟିକା
ତୁଳସୀପୁର, କଟକ
ତା ୩। ୧୨। ୮୪

Digitized by srujanika@gmail.com

॥ ୧ ॥

॥ ଶେଷ ॥

"ଇତି"

ତୁମର "ପ୍ରିୟ ସଖି"

'ଇତି' କଲାପରେ ମନେହେଲା ଯେମିତି କିଛି ବି ଲେଖି ପାରିନାହିଁ । ମହାଜୀବନର ଅଜସ୍ର ସୁଖ-ଦୁଃଖଭରା ସୁଦୀର୍ଘ କାହାଣୀ ମହାକାଳ ବକ୍ଷରେ ଶୂନ୍ୟ ପୃଷ୍ଠା ପରି ପଡ଼ିରହିଛି, ଯେମିତି ମୃତ୍ୟୁପଥର ଯାତ୍ରୀ ସଂସାରରେ ସବୁକିଛି ଛାଡ଼ିଯାଏ ବୋଲି ଭାବିଲେ ମଧ୍ୟ କିଛି ଛାଡ଼େନାହିଁ । ମରଶରୀର ଛାଡ଼ିଯାଏ, ସେ ମଧ୍ୟ ତା'ର ନୁହେଁ. ଆତ୍ମା ଉଡ଼ିଯାଏ. ସେ ମଧ୍ୟ ତା'ର ନୁହେଁ ।

Digitized by srujanika@gmail.com

ଆକାଶର ଯେମିତି ଆଦି ଅନ୍ତ ନାହିଁ, ସମୁଦ୍ରର ଯେମିତି କ୍ଷୟ ନାହିଁ, ବୃଦ୍ଧି ନାହିଁ, ସୂର୍ଯ୍ୟର ଯେମିତି ଉଦୟ ନାହିଁ, ଅସ୍ତ ନାହିଁ, ମନୋକାମନାର ସେମିତି ପୂର୍ଣ୍ଣତା ନାହିଁ — ଶୂନ୍ୟତା ନାହିଁ, ଆମ ସମ୍ପର୍କର ବି ସେମିତି ସଂଜ୍ଞା ନାହିଁ, ଶେଷକଥା ନାହିଁ । ତେଣୁ ଏଇ ସାମାନ୍ୟ ପତ୍ର ଖଣ୍ଡିକରେ ଶେଷକଥା କହିବି କିପରି ? ଜୀବନର ସବୁକଥା କହିବା ପରେ ବି ଶେଷକଥା ରହିଯାଏ, ସବୁକିଛି ପାଇବା ପରେ ବି ପୂର୍ଣ୍ଣତା ରହିଯାଏ— ସବୁକିଛି ଇତି ହୋଇଗଲା ପରେ ବି ଆରମ୍ଭ ବାକି ରହିଯାଏ । କାହାର ଆରମ୍ଭ— କାହାର ଶେଷ ? ଯିଏ ସୃଷ୍ଟି ସେଇ ତ ପ୍ରଳୟ, ଯିଏ ପ୍ରାରମ୍ଭ ସେଇ ତ ବିଲୟ — ସେ ମହାକାଳ, ସେ ଅନାଦି, ସେ ଅନନ୍ତ —

ଯେପରି ବାୟୁ ପୁଷ୍ପର ଗନ୍ଧ ଆହରଣ କରେ, ସେଇପରି କାହାର ମଧୁର ଗନ୍ଧ ଅନୁସରି ଜୀବ ଏ ଦେହକୁ ଛାଡ଼ିଯାଏ — କେଉଁଠିକୁ ଯାଏ ? କେଉଁଠାରୁ ଆସେ ?

କାମ, କ୍ରୋଧ, ଲୋଭ, ନର୍କର ଦ୍ୱାର ଅଟେ । ହେ ଈଶ୍ୱର ! ଅବଶେଷରେ କ'ଣ ନର୍କବାସ ? କିନ୍ତୁ କାହିଁକି ?

ମୃତ୍ୟୁର ଶୀତଳ ହାତ ଜୀବାତ୍ମାକୁ ଜଡ଼ କରିଦେବାର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଜୀବନର ଶେଷକଥା କହିବା ପାଇଁ ଚେଷ୍ଟା କଲେ ସଂଶୟର ଶେଷ କ'ଣ ସମ୍ଭବ ହେବ ? ହିମାଳୟ ମେରୁଗିରିର ସ୍ୱର୍ଣ୍ଣରେଣୁ ପାଦତଳୁ ଖସି ଖସି ଯାଉଛି । ପାଦ ଦୁଇଟିରେ ଆଉକିଛି ଅନୁଭୂତ ହେଉନାହିଁ । ଯେଉଁମାନଙ୍କୁ ଅନୁସରଣ କରି ସାରାଜୀବନ ଏଇ କୋମଳ ପାଦ ଦୁଇଟି ରକ୍ତ ଝରାଉଥିଲା, ବ୍ୟଥା ପାଇଥିଲା, ସେମାନେ କିଏ କୁଆଡ଼େ ଗ୍ୱଲିଗଲେଣି । ଥରଟିଏ 'ଆହା' କହି ପଛକୁ ଫେରି ଚାହିଁଲେ ନାହିଁ । ସେତିକି 'ଆହା' ପଦରେ ସେମାନଙ୍କର ସ୍ୱର୍ଗପ୍ରାପ୍ତି କ'ଣ ବାଧାପ୍ରାପ୍ତ ହୋଇଥା'ନ୍ତା ? କିଏ ଗ୍ରହିଁଥିଲା ସ୍ୱର୍ଗ, କିଏ ଗ୍ରହିଁଥିଲା ରାଜ୍ୟ, କିଏ ଗ୍ରହିଁଥିଲା ଯୁଦ୍ଧ ? ସମସ୍ତ କାରଣର କାରଣ ଜଣେ ଥାଉ ଥାଉ ସବୁ ଦୋଷ ମୋରି ଉପରେ ଢାଳିଦେଇ ସେମାନେ ଗ୍ୱଲିଗଲେ, ମୃତ୍ୟୁ ଦ୍ୱାରରେ ମତେ ଛାଡ଼ିଦେଇ ।

ନିର୍ବୋଧ ପିଲାକୁ ଖେଳଣା ଦେଇ ପରକ୍ଷଣରେ ଛଡ଼ାଇନେଇ କନ୍ଦାଇବା ପରି ସବୁ ନେଇଯିବାର ଏ ପ୍ରହସନ କାହିଁକି ? ଯିଏ ହାତପତାଇ ମାଗେ, ତା' ସଙ୍ଗେ ଖେଳିବାକୁ ଇଚ୍ଛା ହୁଏ, ଯିଏ କିଛି ମାଗେନାହିଁ, ତା' ସଙ୍ଗେ ଏ ଖେଳର ନାମ ନିଷ୍ଠୁରତା ବ୍ୟତୀତ ଅନ୍ୟ କ'ଣ ହୋଇପାରେ ? ଯିଏ କ୍ଷରଠାରୁ ପୃଥକ୍, ଅକ୍ଷରଠାରୁ ଶ୍ରେଷ୍ଠ, ଯେ ପୁରୁଷୋତ୍ତମ, ସମସ୍ତ ଦେଯ ପଦାର୍ଥର ଯିଏ ଦାତା, ଯିଏ ପରମ ଆନନ୍ଦର ଅଧିକାରୀ, ସେ କାହିଁକି ଏପରି ଖେଳନ୍ତି ? ସେ କେମିତି ନିଷ୍ଠୁର ହୋଇପାରନ୍ତି ? ଯିଏ ସମସ୍ତ ଜଡ଼, ଜୀବାତ୍ମା ଭିତରେ ଅଛନ୍ତି — ସେ କାହାକୁ ଦିଅନ୍ତି, କାହାଠାରୁ ଛଡ଼ାଇ ନିଅନ୍ତି ?

Digitized by srujanika@gmail.com

ପାଦତଳୁ ପ୍ରାଣ ଛାଡ଼ି ଛାଡ଼ି ଆସୁଛି । ଯେଉଁମାନେ ସଙ୍ଗରେ ଥିଲେ ସେମାନେ ସ୍ୱର୍ଗପଥରେ ଆଗେଇ ଗଲେଣି । ମହାଶୂନ୍ୟ ଭିତରେ ସବୁ ଶୂନ୍ୟ ଶୂନ୍ୟ ଲାଗୁଛି । ତଥାପି ସାରା ଜୀବନର ସଞ୍ଚିତ ଅଭିମାନ ମହମର ଦୁର୍ଗଭଳି ମୃତ୍ୟୁପଥରେ ଝରୁଛି — ପ୍ରଶ୍ନ ପରେ ପ୍ରଶ୍ନ ହୃଦୟତଟରେ ଧକ୍‌କା ଖାଉଛି । ତେବେ ବି ଶେଷକଥା କହି ହେଲା ନାହିଁ । ଚିଠିଟା ଇତି କରିସାରିଛି । ମୃତ୍ୟୁ ପଥରେ ମୁହୂର୍ତ୍ତ ମୁହୂର୍ତ୍ତ ଆଗେଇ ଯାଉ ଯାଉ— ପୁଣି ଥରେ ପଢ଼ିବାକୁ ଆରମ୍ଭ କଲିଣି । ଅନନ୍ତ, ଅବ୍ୟୟ ଜୀବନ ଜିଜ୍ଞାସା ବୋଧହୁଏ ଏ ସୃଷ୍ଟିର ରହସ୍ୟ ! ତେଣୁ ଜୀବନର ବିସ୍ମୃତ ଅନୁଭୂତି ସତ୍ତ୍ୱେ ଜୀବନ, ସୁଖ, ଦୁଃଖ, ସମ୍ପଦ, ମିଳନ, ବିରହ, ଜନ୍ମ ମରଣର ରହସ୍ୟ ଭିତରେ ରହିଯାଏ । ହୃଦୟର ରକ୍ତରେ ନିଜ ଲେଖା ଏଇ ଚିଠିଖଣ୍ଡିକ ହିଁ ଆଜି ମୃତ୍ୟୁପଥର ସହଚରୀ । ନିଜ ଲେଖା ଚିଠିଟି ପୁନର୍ବାର ପଢୁ ପଢୁ ଯଦି ମୋର ଆତ୍ମା ଶରୀରକୁ ଛାଡ଼ିଯାଏ, ତେବେ ଜାଣିବ ଚିଠିର ପ୍ରାପ୍ତକର୍ତ୍ତା ତମେ —

ପ୍ରିୟସଖା !

ଗୋବିନ୍ଦ !

ହେ, ପୁରୁଷଶ୍ରେଷ୍ଠ, ହେ ମଧୁସୂଦନ ! ତୁମକୁ କୃଷ୍ଣାର ପ୍ରଣାମ ।

ସାରା ଜୀବନର ଯେତେ ଅଭିମାନ ଆଉ ଅଭିଯୋଗ ଆଜି ଅନ୍ତିମ ମୁହୂର୍ତ୍ତରେ ବାଢ଼ିଦେଉଛି । ସେତିକି ନ କଲେ ଜୀବନରେ ଅବଶୋଷ ରହିଯିବ ।

ଧର୍ମରକ୍ଷା ପାଇଁ ସାରାଜୀବନ କେତେ ବା ଯାତନା ମୁଁ ନ ସହିଛି । ଭାବିଥିଲି ମୋର ପାତିବ୍ରତ୍ୟ ଏବଂ ଧର୍ମାଚରଣ ପାଇଁ ସ୍ୱାମୀଙ୍କ ସହ ସ୍ୱର୍ଗଗାମିନୀ ହେବି । କିନ୍ତୁ ଗିରିରାଜ ହିମାଳୟର ପବିତ୍ର ପାଦଦେଶରେ ସ୍ୱର୍ଣ୍ଣରେଣୁକୁ ସ୍ପର୍ଶ କରୁ କରୁ ପାଦ ଖସାଇ ମୁଁ ପଡ଼ିଗଲି । ମୋର ପଞ୍ଚସ୍ୱାମୀ ଥରେହେଲେ ପଛକୁ ଫେରି ଗ୍ୱହିଁଲେ ନାହିଁ । ବରଂ ଧର୍ମରାଜ ଯୁଧିଷ୍ଠିର ଭୀମସେନଙ୍କୁ କହିଲେ —"ପଛକୁ ଫେରି ଗ୍ୱହଁନାହିଁ, ଗ୍ୱଲିଆସ !"

ତାଙ୍କର ଏଇ ପଦକ କଥା ମୋର ହୃଦୟକୁ ଦୁଃଖରେ ଖଣ୍ଡ ବିଖଣ୍ଡ କରିଦେଲା । ଭାବିଲି, କେତେ ମିଛ ଏଇ ସ୍ୱାମୀ ସ୍ତ୍ରୀର ସମ୍ପର୍କ, ସ୍ନେହ, ପ୍ରେମ, ତ୍ୟାଗ ଓ ଉତ୍ସର୍ଗ । ଯାହାର କର୍ମ ଯଦି ଯିଏ ଭୋଗ କରେ, ସ୍ୱାମୀ ଯୁଧିଷ୍ଠିରଙ୍କ ଧର୍ମରକ୍ଷା ପାଇଁ ମୁଁ ନିଜକୁ ପଞ୍ଚପତିଙ୍କର ପାଦତଳେ ସମର୍ପି ଦେଇ ସାରା ସଂସାରର ଉପହାସ, ବ୍ୟଙ୍ଗ-ବିଦ୍ରୂପ ଏବଂ ନିନ୍ଦା-ଅପବାଦ ମୁଣ୍ଡାଇଲି କାହିଁକି ?

ଦ୍ୱାପର ଯୁଗ ଶେଷ ପ୍ରାୟ । ଅଭିମନ୍ୟୁ-ପୁତ୍ର ପରୀକ୍ଷିତ ହସ୍ତିନାପୁର ରାଜଗାଦିରେ ଅଭିଷିକ୍ତ ହେବା ଦିନଠାରୁ ଆରମ୍ଭ ହୋଇଛି କଳିଯୁଗ । ମୋର ନାମ କୁଆଡ଼େ

Digitized by srujanika@gmail.com

ପଞ୍ଚସତୀମାନଙ୍କ ଭିତରେ ସ୍ଥାନ ପାଇବ । ତା' ଦେଖି କଳିଯୁଗର ନରନାରୀ ବିଦ୍ରୂପ କରି ହସିବେ । କହିବେ — ଦ୍ୱାପର ଯୁଗରେ ପଞ୍ଚପତି ବରଣ କରି ଦ୍ରୌପଦୀ ଯଦି ସତୀନାରୀ ହୋଇପାରେ, ଏକପତିବ୍ରତ ପାଳନର ଆବଶ୍ୟକତା କ'ଣ ? ପଞ୍ଚପତି ବରଣ କରି ମଧ୍ୟ କଳିଯୁଗର ନାରୀ ସତୀ ହେବନାହିଁ କାହିଁକି ? ଯୌନବିକାରଗ୍ରସ୍ତ କଳିଯୁଗର ଉଚ୍ଛୃଙ୍ଖଳ ନରନାରୀଙ୍କ ପାଖରେ ଦ୍ରୌପଦୀ ହେବ ବ୍ୟଙ୍ଗ ବିଦ୍ରୂପଭରା ଆମୋଦର ଉପାଦାନ । ପଞ୍ଚପତିଙ୍କର ପତ୍ନୀ ଦ୍ରୌପଦୀ ସତୀତ୍ୱ ପାଇଁ ନିଜକୁ କେମିତି ତିଳ ତିଳ କରି ଜାଳିଥିଲା, ସେମାନେ ସେକଥା ବୁଝିବେ ନାହିଁ । ସେତେବେଳେ ହସ୍ତିନାପୁର ନାୟିକା ଦ୍ରୌପଦୀ ହେବ ଏକ ନିନ୍ଦିତ ଆତ୍ମା, କଳଙ୍କିତ କାହାଣୀର ନାୟିକା । ହେ କୃଷ୍ଣ ବାସୁଦେବ, ତମେ ତ ଇଚ୍ଛାମୟ । ତମରି ଇଚ୍ଛାରେ ଦ୍ରୌପଦୀ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ବାଟ ଚାଲିଛି । ତମରି ଇଚ୍ଛାରେ ଦ୍ରୌପଦୀ ଆଖିର ପିଛୁଳା ପକାଇଛି, ପ୍ରଶ୍ୱାସ ଗ୍ରହଣ କରିଛି । ତେଣୁ ତା'ର ନିନ୍ଦା ପ୍ରଶଂସାରେ ତମର କ'ଣ କିଛି ପ୍ରାପ୍ୟ ନାହିଁ ?

ଆଜି ହୃଦୟର କ୍ଷତସ୍ଥାନରୁ ଝରୁଥିବା ରୁଧିରରେ ପବିତ୍ର ହିମାଳୟର ପଥର ବୁକୁରେ ଦ୍ରୌପଦୀ ଲେଖୁଛି ତା' ଜୀବନର କାହାଣୀ । ଦିନେ ତମେ ବିପନ୍ନ ପୃଥିବୀକୁ ଉଦ୍ଧାରିବା ପାଇଁ ପବିତ୍ର ହିମାଳୟ ପଥଦେଇ ଧରାରେ ଅବତରି ଆସିବ । ସେଦିନ ଅଲିଭା ଅକ୍ଷରରେ ଲେଖା ରକ୍ତରଞ୍ଜିତ ଦ୍ରୌପଦୀର ଆତ୍ମକଥାକୁ ପଢ଼ିବ । ''ଆହା'' ପଦଟିଏ ଦ୍ରୌପଦୀକୁ କହିବ । ସେତିକି ମୋର ପାଇବାର ଶେଷକଥା ।

ତମେ ତ ଅନ୍ତର୍ଯ୍ୟାମୀ, ତମକୁ କିବା ଅଗୋଚର ? ତଥାପି ମୁହଁ ଖୋଲି ନ କହିଲେ ତମ କାନରେ ଆର୍ତ୍ତୀର ଆର୍ତ୍ତସ୍ୱର କାଳେ ପଡ଼ିବ ନାହିଁ, ସେଇଥିପାଇଁ ସବୁ କଥା ତମରି ପାଖରେ ବାଢ଼ି ଦେଉଛି । ଯାହା ତମର ଜ୍ଞାତ, ଯାହାର ତମେ ହିଁ କର୍ତ୍ତା, ସେଇକଥା ତମକୁ ମୋ ସ୍ୱରରେ ଶୁଣାଉଛି ।

କାଳ ମତେ 'ଦେବୀ ଦ୍ରୌପଦୀ'ରେ ପରିଣତ କରିପାରେ ! ମୁଁ କିନ୍ତୁ ମରଶରୀର ଧରି ମର୍ତ୍ତ୍ୟର ମାନବୀ ଭାବେ ଧରାପୃଷ୍ଠକୁ ଆସିଥିଲି । ମୋର ପଞ୍ଚସ୍ୱାମୀ ମଧ୍ୟ ଜଣେ ଜଣେ ମର୍ତ୍ତ୍ୟର ମାନବ । ଆମର କର୍ତ୍ତା ମହାମୁନି କୃଷ୍ଣ ଦ୍ୱୈପାୟନ ମତେ ଦେବୀର ଆସନରେ ବସାଇଛନ୍ତି । ତାଙ୍କ ଦୃଷ୍ଟିରେ ମୁଁ ଦିବ୍ୟଦର୍ଶିନୀ । ମୋର ପଞ୍ଚସ୍ୱାମୀ ବରଣ ପଛରେ ପୂର୍ବଜନ୍ମର ଶିବଙ୍କ ବରଦାନ କାହାଣୀ ସେ ବର୍ଣ୍ଣନା କରିଛନ୍ତି । କିନ୍ତୁ ମୁଁ ଦେବୀ ନୁହେଁ, ମୁଁ ଜାତିସ୍ମର ନୁହେଁ । ତେଣୁ ଆଜି ମୁଁ ମୃତ୍ୟୁପଥରେ ଭାସି ଯାଉ ଯାଉ ଯାହା କହିବି, ସବୁ ସତ୍ୟ କହିବି ଏବଂ ମୋ ଜୀବନର କଥା ଜଣେ ମର୍ତ୍ତ୍ୟ ମାନବୀର ଜୀବନ ଚରିତ ଛଡ଼ା ଅନ୍ୟ କିଛି ନୁହେଁ । ଏ ପତ୍ରର ଅଲିଭା ଅକ୍ଷର ପଢ଼ି, ମୋ ଜୀବନରେ ଘଟିଯାଇଥିବା ଗୋଟିଏ ଗୋଟିଏ ଲୋମହର୍ଷଣକାରୀ ଘଟଣାକୁ ଅନୁଧ୍ୟାନ କରି କଳିଯୁଗର ମଣିଷ ବିଗ୍ରର କରିବେ ଦ୍ରୌପଦୀର ଲାଞ୍ଛନା କେବେ କୌଣସି ଯୁଗରେ

Digitized by srujanika@gmail.com

କେହି ନାରୀ ଭୋଗି ନଥିଲେ । ଭବିଷ୍ୟତରେ ଏଭଳି ଲାଞ୍ଛନା କେହି ଭୋଗିବେ ନାହିଁ, ଈଶ୍ୱର କରନ୍ତୁ — କେହି ନ ଭୋଗନ୍ତୁ ।

ସଖା ! ଯେଉଁଦିନ କୁରୁସଭାରେ ଲାଞ୍ଛିତ ହେବାବେଳେ ପଞ୍ଚସ୍ୱାମୀଙ୍କ ଉପରୁ ମୁଁ ଭରସା ହରାଇ ଦେଇଥିଲି, ସେଦିନ ସବୁ ଲଜ୍ଜା ତ୍ୟାଗକରି ଦୁଇହାତ ତୋଳି ତୁମକୁ ହିଁ ଡାକିଥିଲି । ତୁମରି ପାଖରେ ନିଜକୁ ସମର୍ପଣ କରିଥିଲି । ଆଜି ମଧ୍ୟ ମୃତ୍ୟୁପଥରେ ମୋର ପଞ୍ଚସ୍ୱାମୀ ମୋତେ ନିଃସହାୟ କରି ଛାଡ଼ି ଗଲିଯିବା ପରେ ମୁଁ ତୁମରି ପାଖରେ ନିଜକୁ ଅର୍ପଣ କରିଦେଇଛି । ମୋର ସବୁ ଦୁଃଖ, ନିର୍ଯ୍ୟାତନା, ଲାଞ୍ଛନା, ହାହାକାର ସବୁ ତୁମକୁ ଦେଇଦେଉଛି । ମୁଁ ଯଦି ମୋ ନିଜର ନୁହେଁ, ମୋ ଦୁଃଖ କାହିଁକି ମୋର ହେବ ?

ହେ ଅନ୍ତର୍ଯ୍ୟାମୀ କୃଷ୍ଣ — ତୁମର କିବା ଅଗୋଚର ? ଜାଣିଛ; ତଥାପି ଆଉଥରେ ମୁଁ ଲେଖିଯାଉଛି, ମୋ ଜୀବନର କାହାଣୀ । ହୃଦୟ ଖୋଲି କହିବାରେ ହିଁ ଦୁଃଖ ଲାଘବ ହୁଏ । ହୃଦୟ ଖୋଲି ସବୁ କହିବା ଭିତରେ ମୋର ଦୋଷ, ଦୁର୍ବଳତା, ଭୁଲ୍ ଭ୍ରାନ୍ତି ମଧ୍ୟ ଖୋଲି କହିବି । ସେଥିପାଇଁ ଯଦି ଦୁନିଆ ମତେ ଦୋଷ ଦିଏ, ତେବେ ମୁଁ ନାଗ୍ୱର । ମୁଁ ଦେବୀ ନୁହେଁ — ମାନବୀ । ଭୁଲ୍‌ଭ୍ରାନ୍ତିର ଉର୍ଦ୍ଧ୍ୱକୁ ଯାଇପାରି ନାହିଁ । ସେଥିପାଇଁ ହୁଏତ ସ୍ୱର୍ଗପଥ ମୋ ପାଇଁ ରୁଦ୍ଧ ହୋଇଗଲା ।

ସମୟ ସରି ସରି ଆସୁଛି । ଶରୀର କ୍ଷତବିକ୍ଷତ — ହୃଦୟ ଫାଟି ଦୁଇଫାଳ ହୋଇ ରକ୍ତ ଝରୁଛି — ସେଇ ରକ୍ତରେ ମିଶି ଝରିଆସୁଛି ମୋର ହୃଦୟଖୋଲା ଜୀବନ କାହାଣୀ । ମୃତ୍ୟୁ ସମୟରେ ମଣିଷ ଯାହାକିଛି କରେ, ଯାହା କିଛି କହେ — ସବୁ ତା'ର ଆୟତ୍ତର ବାହାରେ । ତେଣୁ ଏତେଦିନର ସଞ୍ଚିତ ମନୋବେଦନା ଆଜି ଅଣାୟତ୍ତ ହୋଇ ତମରି ପାଦତଳେ ଅର୍ଘ୍ୟ ଦେଇ ଦୁନିଆ ଆଗରେ ବାଢ଼ିଦେଉଛି । ହେ ଗୋବିନ୍ଦ, ମୋର କାହାଣୀ ଶେଷ କରିବାଯାଏ, ମୋର ଭାବନା ଓ ଚିନ୍ତାକୁ ଜଡ଼ ନିଷ୍ପନ୍ଦ କରିଦିଅ ନାହିଁ, ମୋର ସ୍ମରଣଶକ୍ତିକୁ ବ୍ୟାହତ କରନାହିଁ — ମତେ ମୃତ୍ୟୁ ହାତରେ ସମର୍ପି ଦିଅ ନାହିଁ । ଦୟାକରି ମତେ ମୋ କାହାଣୀ ଶେଷ କରିବାକୁ ଦିଅ — ମୃତ୍ୟୁର ଦ୍ୱାରଦେଶରେ ଉପସ୍ଥିତ ହେଲାବେଳେ ଏତିକି ପ୍ରାର୍ଥନା କରୁଛି ।

କେଉଁଠୁ ଆରମ୍ଭ କରିବି ମୋର ଜୀବନ କାହାଣୀ ? ମୋର ଜନ୍ମଠାରୁ ? ମୋର ଜନ୍ମ ମଧ୍ୟ ଏକ ବ୍ୟତିକ୍ରମ । ଯୁବତୀ ହୋଇ ମୁଁ ଜନ୍ମଲାଭ କରିଥିଲି । ଜନନୀ ନୁହେଁ — ଯଜ୍ଞବେଦୀ ହିଁ ମୋର ମାତା । ଯାଜ୍ଞସେନ ମୋର ପିତା । ତେଣୁ ମୁଁ ଯାଜ୍ଞସେନୀ ।

ମୁଁ ପାଞ୍ଚାଳ ରାଜକନ୍ୟା ଦ୍ରୁପଦ ନନ୍ଦିନୀ ଦ୍ରୌପଦୀ ।

Digitized by srujanika@gmail.com

॥ ୨ ॥

ଦ୍ୱାପର ଯୁଗରେ କୁରୁ ଏବଂ ପାଞ୍ଚାଳମାନଙ୍କ ଦ୍ୱାରା ଅଧିକୃତ ଅଞ୍ଚଳ ସମଗ୍ର ଆର୍ଯ୍ୟାବର୍ତ୍ତର ପ୍ରାଣକେନ୍ଦ୍ର ଥିଲା । ଭରତ ବଂଶଧର କୁରୁମାନଙ୍କ ରାଜଧାନୀ ହସ୍ତିନାପୁର ଗଙ୍ଗାନଦୀର ତଟଦେଶରେ ଗର୍ବ ଓ ଗୌରବର ଚୂଡ଼ାନ୍ତରେ ପହଞ୍ଚିଥାଏ । ପାଞ୍ଚାଳ ରାଜ୍ୟର ରାଜବଂଶଧର, କୌଣସି ଗୁଣରେ କୁରୁମାନଙ୍କଠାରେ କମ୍ ନଥା'ନ୍ତି । କହିବାକୁ ଗଲେ କୁରୁ ଏବଂ ପାଞ୍ଚାଳମାନଙ୍କ ଭିତରେ ପ୍ରତିଦ୍ୱନ୍ଦ୍ୱିତା ଲାଗିରହିଥାଏ ।

ମୋର ପିତାଙ୍କର ବାଲ୍ୟସାଥୀ ଦ୍ରୋଣାଗ୍ରର୍ଯ୍ୟ କୁରୁ ଏବଂ ପାଣ୍ଡବମାନଙ୍କର ଅସ୍ତ୍ରବିଦ୍ୟାର ଗୁରୁ । ଅତୀତରେ ସେ ଥରେ ସାହାଯ୍ୟ ଭିକ୍ଷା କରି ଦ୍ରୁପଦରାଜାଙ୍କର ଦ୍ୱାରସ୍ଥ ହୋଇଥିଲେ । ପିତା ସେଦିନ ତାଙ୍କୁ ଉପହାସ କରି କହିଥିଲେ — ''ଜଣେ ଭିକ୍ଷୁକ ବ୍ରାହ୍ମଣ ପୁଣି ଆଉ ଜଣେ ରାଜାର ବନ୍ଧୁ ହୋଇପାରେ ? ସମାସ୍ଥ ବ୍ୟକ୍ତି ମଧ୍ୟରେ କେବେଳ ବନ୍ଧୁତ୍ୱ ସମ୍ଭବ ।''

ଦ୍ରୋଣାଗ୍ରର୍ଯ୍ୟ ଅପମାନିତ ହୋଇ ଫେରିଯିବା ପରେ ହସ୍ତିନାପୁରରେ କୁରୁ ପାଣ୍ଡବମାନଙ୍କର ଗୁରୁ ଭାବରେ ନିଯୁକ୍ତି ପାଇଲେ । ତାଙ୍କ ହୃଦୟରେ ସେଦିନର ସେଇ ଅପମାନ ତେବେ ବି ହୁତାର୍ଶନ ହୋଇ ଜଳୁଥାଏ । ପଣ୍ଡୁପୁତ୍ର ପାଣ୍ଡବମାନଙ୍କ ଅସ୍ତ୍ରଶିକ୍ଷା ସମାପ୍ତ ହୁଅନ୍ତେ ଗୁରୁ ଦ୍ରୋଣ ଦକ୍ଷିଣାସ୍ୱରୂପ ଦ୍ରୁପଦ ରାଜାଙ୍କୁ ବାନ୍ଧିଆଣି ତାଙ୍କ ପାଦତଳେ ସମର୍ପି ଦେବାକୁ ଆଦେଶ ଦେଲେ ।

ତୃତୀୟ ପାଣ୍ଡବ ଅର୍ଜୁନ ଦ୍ରୋଣଙ୍କର ପ୍ରିୟତମ ଶିଷ୍ୟ । ଧନୁର୍ବିଦ୍ୟାରେ ସେ ପାରଦର୍ଶିତା ଲାଭ କରିଥା'ନ୍ତି । ରାଧାପୁତ୍ର କର୍ଣ୍ଣଙ୍କୁ ବାଦ୍‌ଦେଲେ ଧନୁର୍ବିଦ୍ୟାରେ ତାଙ୍କ ସମକକ୍ଷ ଯୋଦ୍ଧା ସମଗ୍ର ଆର୍ଯ୍ୟାବର୍ତ୍ତରେ କେହି ନଥା'ନ୍ତି ।

ପାଣ୍ଡବମାନଙ୍କ ପକ୍ଷେ ପାଞ୍ଚାଳ ରାଜା ଦ୍ରୁପଦଙ୍କୁ ବାନ୍ଧି ଆଣିବା କିବା କଥା ? ଦ୍ରୋଣଙ୍କର ପଞ୍ଚଶିଷ୍ୟ ଅର୍ଜୁନ ମୋର ପିତା ଦ୍ରୁପଦଙ୍କୁ ବାନ୍ଧି ଆଣି ଦ୍ରୋଣଙ୍କ ସମକ୍ଷରେ ଉପସ୍ଥିତ ହେଲେ ।

ଦ୍ରୋଣାଗ୍ରର୍ଯ୍ୟ ପିତାଙ୍କର ସେଦିନର ଅପମାନକୁ ଫେରାଇ ଦେଇ ବିଦ୍ରୂପଭରା କଣ୍ଠରେ କହିଲେ, ''ରାଜା ହିଁ କେବଳ ରାଜାର ବନ୍ଧୁ ହୋଇପାରେ । ତମେ କିନ୍ତୁ ଆଜି ରାଜ୍ୟହରା ନିଃସ୍ୱ । ତେଣୁ ଆଜିଠାରୁ ପାଞ୍ଚାଳ ରାଜ୍ୟର ଉତ୍ତରପାର୍ଶ୍ୱ ମୋର । ଗଙ୍ଗାନଦୀର ଦକ୍ଷିଣ ପାର୍ଶ୍ୱର ଅଧୀଶ୍ୱର ତୁମେ । ବର୍ତ୍ତମାନ ଆମେ ଦୁହେଁ ସମାସ୍ଥ ବ୍ୟକ୍ତି । ଆମ ଭିତରେ ଏଣିକି ବନ୍ଧୁତା ହେବାରେ ଆପତ୍ତି ଅଛି କି ?''

Digitized by srujanika@gmail.com

ନିରୁପାୟ ଦ୍ରୁପଦ ରାଜା ସେଦିନ ରାଜ୍ୟର ଅର୍ଦ୍ଧେକ ହରାଇ ଦ୍ରୋଣଙ୍କ ସଙ୍ଗେ କପଟ ବନ୍ଧୁତାର ହାତ ମିଳାଇ ବାହୁଡ଼ି ଗଲେ । ପାଞ୍ଚାଳ ରାଜ୍ୟର ଉତ୍ତରପାର୍ଶ୍ୱ ହିଁ ଥିଲା ଅଧିକ ସମୃଦ୍ଧିଶାଳୀ ଏବଂ ତା'ର ଅଧୀଶ୍ୱର ହୋଇଥିଲେ ଦ୍ରୋଣାଗ୍ରଣ୍ୟ ।

କ୍ଷତ୍ରିୟ କି କେବେ ଅପମାନ ଭୁଲିପାରେ ? ରାଜ୍ୟ ହରାଇ ଭାଗ୍ୟକୁ ଆଦରି ନେଇପାରେ ? ଯଦି ତାହା ହୁଏ, କ୍ଷତ୍ରିୟ ଧର୍ମ ତା'ଦ୍ୱାରା ଲଙ୍ଘନ ହୁଏ ।

ଦ୍ରୋଣଙ୍କୁ ହତ୍ୟା କଲେ ଯାଇ ଦ୍ରୁପଦଙ୍କ ଅପମାନ ପ୍ରଶମିତ ହେବ । ଦ୍ରୋଣଙ୍କ ସପକ୍ଷରେ ମହା ମହାରଥୀ ଭୀଷ୍ମ, କର୍ଣ୍ଣ, ଶଲ୍ୟ, ଜୟଦ୍ରଥ ଏବଂ ଦୁର୍ଯ୍ୟୋଧନ, ଦୁଃଶାସନ ଇତ୍ୟାଦି ଶହେ ଭାଇ । ତା' ସଙ୍ଗେ ସଙ୍ଗେ ସମସ୍ତ ହସ୍ତିନା ରାଜ୍ୟର ଅସ୍ତ୍ରଶସ୍ତ୍ର ସୈନ୍ୟବଳ । ଦ୍ରୋଣହନ୍ତା ହେବାଭଳି ବୀର ପାଞ୍ଚାଳ ଦେଶରେ କିଏ କାହିଁ ?

ଦ୍ରୋଣାନ୍ତକ ପୁତ୍ର ପାଇଁ ରାଜା ଦ୍ରୁପଦ କାଶ୍ୟପ ଋଷିଙ୍କର ବଂଶଧର ଉପଯାଜ ଏବଂ ଯାଜଋଷିଙ୍କୁ ସେବା କରି ସନ୍ତୁଷ୍ଟ କଲେ । ପୁତ୍ରଲାଭ ପାଇଁ ଯାଜଋଷିଙ୍କ ଦ୍ୱାରା ଯଜ୍ଞ କରାଇଲେ ।

ଯଜ୍ଞକାଳରେ ହୋମାଗ୍ନିରୁ ଜନ୍ମ ହେଲେ ଅଗ୍ନିସମ ତେଜୋବନ୍ତ ପୁତ୍ର, ମୋର ଭାଇ ଧୃଷ୍ଟଦ୍ୟୁମ୍ନ ଏବଂ ଯଜ୍ଞବେଦୀ ଦୁଇଭାଗ କରି ଜନ୍ମ ହେଲି ନୀଳପଦ୍ମକାନ୍ତି ଜିଣି ଅତୀବ ସୁନ୍ଦରୀ କନ୍ୟା ମୁଁ — ଯାଜ୍ଞସେନୀ ।

ମୋ ନିଜ ରୂପ ସମ୍ପର୍କରେ ମୁଁ ଯାହା ବର୍ଣ୍ଣନା କରୁଛି, ସେ ମୋର କଥା ନୁହେଁ। ଅନ୍ୟମାନେ ମତେ ଦେଖି ଯାହା କହନ୍ତି, ତାହା ହିଁ ମୁଁ ବର୍ଣ୍ଣନା କରୁଛି ।

ମୁଁ 'କୃଷ୍ଣା', ନୀଳପଦ୍ମର ପାଖୁଡ଼ା ପରି ମୋ ଦେହର କାନ୍ତି । ସମୁଦ୍ର ଲହଡ଼ି ଭଳି ଘନ ନୀଳ ଉର୍ମିଳ କେଶଦାମ, ନୀଳପଦ୍ମ ଭଳି ଚଳ ଉଜ୍ଜ୍ୱଳ ବୁଦ୍ଧିଦୀପ୍ତ ମନୋହାରିଣୀ ଦୁଇଟି ଆୟତ ଆଖି । ବିଶ୍ୱର ଶ୍ରେଷ୍ଠଶିଳ୍ପୀର ହାତଗଢ଼ା ନିଖୁଣ ପ୍ରତିମା ଭଳି ଅନିନ୍ଦିତ ମୁଖଶୋଭା, ସୁଠାମ ସୁଗୋଲ ଅଙ୍ଗସୌଷ୍ଠବ, ଦୀର୍ଘଦେହ, ଉନ୍ନତ ସୁଠାମ ବକ୍ଷଯୁଗଳ, କ୍ଷୀଣକଟି, ରମ୍ଭାତରୁ ପରି ସୁଗୋଲ ଘନ ଉରୁ । ଚମ୍ପାକଳି ସଦୃଶ ହାତପାଦର ଅଙ୍ଗୁଳି, ରକ୍ତ ଶତଦଳ ପାଖୁଡ଼ାଭଳି କରତଳ, ପାଦ । ମୁକ୍ତା ନିନ୍ଦି ଦନ୍ତପଂକ୍ତି, ବିଦ୍ୟୁତ୍ ନିନ୍ଦି ହାସ୍ୟରେଖା । ଚନ୍ଦ୍ର ଭଳି ମନୋରମ ହାତପାଦର ନଖ । ଦେହର ଭୁରୁଭୁରୁ ପଦ୍ମ ଗନ୍ଧରେ ଭ୍ରମରମାନେ ମତି ହରାଇ ପୁଷ୍ପୋଦ୍ୟାନ ତ୍ୟାଗ କରି ମୋ ଦେହର ଚତୁର୍ଦ୍ଦିଗରେ ଉଡ଼ିବୁଲନ୍ତି । ମୋ କେଶର କୁଟୀଳ ସୌନ୍ଦର୍ଯ୍ୟରେ ବନ୍ଧା ପଡ଼ିଗଲେ ପବନ ସ୍ଥିରହୋଇ ରହିଯାଏ । କବିମାନେ କହନ୍ତି ଯତିମତିହରା ମୋର ରୂପଶୋଭା ।

Digitized by srujanika@gmail.com

ଶୁଭ୍ରବସନ ପରିଧାନ କରି ଶୁଭ୍ର ମୁକୁଟ ମଥାରେ ପିନ୍ଧି ଶ୍ୱେତଶତଦଳରେ ଶରୀର ମଣ୍ଡନକରି ମୁଁ ଯେତେବେଳେ ବିକଚ ନୀଲୋତ୍ପଳ ପରି ଯଜ୍ଞବେଦୀ ଭେଦକରି ଆବିର୍ଭୂତା ହେଲି, ସେତେବେଳେ ପୂର୍ଣ୍ଣ ଯୌବନ ଭାରରେ ମୋର ଅଙ୍ଗ ଢଳଢଳ । ମତେ ଗ୍ରହିଁଦେଇ ଯଜ୍ଞଦେବୀ ଗିରିପଟେ ବସିଥିବା ଜିତେନ୍ଦ୍ରିୟ ମୁନିଗଣ ସ୍ତବ୍ଧ ହୋଇଗଲେ । ସେମାନଙ୍କର ମନ୍ତ୍ରୋଚ୍ଚାରଣ କରୁଥିବା ଅଧର କମ୍ପି ଉଠିଲା, କଣ୍ଠସ୍ୱର ଜଡ଼ ହୋଇଗଲା । କେତେଜଣ ଯୁବକ ସନ୍ନ୍ୟାସୀ ଚେତନା ହରାଇ ପଡ଼ିଗଲେ । କ୍ଷଣକ ପାଇଁ ଗନ୍ଧପଡ ସ୍ଥିର ହୋଇ ରହିଗଲେ । ଏପରିକି ଯଜ୍ଞକୁଣ୍ଡର ଅଗ୍ନିଶିଖା ନିର୍ବାକ୍, ନିଷ୍କମ୍ପ ହୋଇଗଲା । ବୋଧହୁଏ ମହାକାଳ ମଧ୍ୟ ମୁହୂର୍ତ୍ତକ ପାଇଁ ସ୍ତବ୍ଧ ହୋଇ ରହିଗଲା ।

ନିଜର ରୂପଶୋଭା କେତେ ଆଉ ବର୍ଣ୍ଣନା କରିବି ? ବାପାଙ୍କ ରାଜସଭାର କବିମାନେ କହନ୍ତି, ''ଶ୍ୟାମା, ଏଇ ବରନାରୀର ରୂପ ଯେତେ ବର୍ଣ୍ଣନା କଲେ ବି, ଆଉରି କିଛି ବାକି ରହିଯାଏ । ସାରା ଜୀବନ ବସି କାବ୍ୟ ଲେଖିଲେ ବି ଅନୁପମ ଏ ସୌନ୍ଦର୍ଯ୍ୟର ଉପମା ମିଳେନାହିଁ, ତେଣୁ କୃଷ୍ଣା ନିଜେ ହିଁ ତା'ର ଉପମା ।''

ମୁଁ ଜନ୍ମହେବା ମାତ୍ରେ ଆକାଶରୁ ଶୂନ୍ୟବାଣୀ ହେଲା ଏବଂ ମୁନିମାନେ ସେକଥା ଶୁଣିପାରିଲେ । ଯାଜଋଷି ପିତା ଦ୍ରୁପଦଙ୍କୁ କହିଲେ, ''ଏ କନ୍ୟା ତୁମ୍ଭ ଅପମାନର ପ୍ରତିଶୋଧ ନେବାପାଇଁ ଜନ୍ମଲାଭ କରିଛି । ତୁମ୍ଭ ପ୍ରତିଜ୍ଞା ପୂର୍ଣ୍ଣ କରିବା ପାଇଁ ଆବିର୍ଭୂତା ହୋଇଛି । ଏ କନ୍ୟା ଯୋଗୁଁ ପୃଥିବୀରେ ଧର୍ମରକ୍ଷା ହେବା ସଙ୍ଗେ ସଙ୍ଗେ ଅନେକ କ୍ଷତ୍ରିୟ ନାଶ ହେବେ । ଏ କନ୍ୟା ହେବ କୌରବନାଶିନୀ ।''

ଈଶ୍ୱର ମତେ ଦେଇଥିଲେ ଏକ ଅପୂର୍ବ ଲାବଣ୍ୟମୟ ଶରୀର ଏବଂ ପ୍ରୀତିପୂର୍ଣ୍ଣ ବିଶାଳ ଏକ ହୃଦୟ । ମୋର ସୁନ୍ଦର ନୟନ ମେଲି ଏଇ ସୁନ୍ଦର ପୃଥିବୀକୁ ପ୍ରୀତିପୂର୍ଣ୍ଣ ନେତ୍ରରେ ମୁଁ ଯେତେବେଳେ ଅବଲୋକନ କରୁଥିଲି, ସେତେବେଳେ ଯାଜ ତପସ୍ୱାରୀଙ୍କର ବାଣୀ ମୋର କର୍ଣ୍ଣଗୋଚର ହେଲା । ବାରମ୍ବାର ହୃଦୟ ଭିତରେ ପ୍ରତିଧ୍ୱନିତ ହେଲା ସେଇ ଗୋଟିଏ କଥା — ''ମୋର ଜନ୍ମ ପିତାଙ୍କର ଔରସରୁ ନୁହେଁ, ତାଙ୍କର ପ୍ରତିଜ୍ଞାପୂରଣ ନିମନ୍ତେ ଆୟୋଜିତ ଯଜ୍ଞବେଦୀରୁ । ଜନ୍ମ ପୂର୍ବରୁ ହିଁ ମୁଁ ପିତାଙ୍କ ଅପମାନର ପ୍ରତିଶୋଧ ନେବାପାଇଁ ପ୍ରତିଜ୍ଞାବଦ୍ଧ । ଏ ପୃଥିବୀରେ ଧର୍ମରକ୍ଷା ଏବଂ ଦୁଷ୍ଟନାଶନ ପାଇଁ ମୁଁ ହେବି ଅସ୍ତ୍ର ଏବଂ ସେଇଥିପାଇଁ ମୁଁ ଏ ପୃଥିବୀକୁ ଆସିଛି ।'' ଭାବିଲି, କାଳେ କାଳେ ପୃଥିବୀରେ ଧର୍ମରକ୍ଷା ଏବଂ ଦୁଷ୍ଟସଂହାର ପାଇଁ ଜଣେ ନାରୀ ହିଁ ମାଧ୍ୟମ ହେବା କ'ଣ ଏକାନ୍ତ ଅପରିହାର୍ଯ୍ୟ ? ନାରୀ ହିଁ କ'ଣ ସୃଷ୍ଟି ଏବଂ ବିନାଶର କାରଣ ? ଦିନେ ଲଙ୍କାପୁରୀ ଧ୍ୱଂସ ଏବଂ ରାମରାଜ୍ୟ ପ୍ରତିଷ୍ଠା ପାଇଁ ସତୀ ସୀତାଙ୍କୁ ହିଁ ମାଧ୍ୟମ ହେବା ପାଇଁ ପଡ଼ିଥିଲା । ସେଥିପାଇଁ ତାଙ୍କ ଜୀବନର ସବୁ ସୁଖ, ସମ୍ଭୋଗକୁ

Digitized by srujanika@gmail.com

ତ୍ୟାଗକରି ସେ ହେଇଥିଲେ ଅରଣ୍ୟବାସିନୀ । ପୁଣି ଦୁଷ୍ଟ ରାବଣର ପାପ ଆଶା ତାଙ୍କୁ ଅଶୋକ ବନରେ ବନ୍ଦିନୀ କରି ବହୁ ଲାଞ୍ଛନା ଏବଂ ଦୁଃଖ ଦେଇଥିଲା । ଅବଶେଷରେ ପୃଥିବୀରେ ଧର୍ମ ପୁନଃପ୍ରତିଷ୍ଠା ହୋଇଥିଲା । ରାବଣବିନାଶ ଏବଂ ଲଙ୍କାପୁରୀ ଧ୍ୱଂସ ପାଇଁ ସୀତା ହିଁ ହୋଇଥିଲେ ଏକମାତ୍ର ଉପଲକ୍ଷ୍ୟ । ରାମରାଜ୍ୟ ପ୍ରତିଷ୍ଠା ହୋଇଥିଲା । ପ୍ରଭୁ ରାମଚନ୍ଦ୍ରଙ୍କ ଜନ୍ମର ଉଦ୍ଦେଶ୍ୟ ପୂର୍ଣ୍ଣ ହେଇଥିଲା । କିନ୍ତୁ ଅବଶେଷରେ ସତୀ ସୀତା ପାଇଥିଲେ କ'ଣ ? ରାମଙ୍କ ଦ୍ୱାରା ନିର୍ବାସନ ଦଣ୍ଡ ! ଏବଂ ଶେଷରେ ସର୍ବସମକ୍ଷରେ ସତୀତ୍ୱର ପରୀକ୍ଷା ଦେବା ପାଇଁ ଅଗ୍ନି ପରୀକ୍ଷା ! ତାଙ୍କ ଲାଞ୍ଛନାରେ ଧରିତ୍ରୀ ଦୁଇଫାଳ ହୋଇ ଫାଟିଯାଇଥିଲା ଏବଂ ସତୀ ସୀତା ନିଜର ଦୁଃଖ, ଲଜ୍ଜା, ଅପମାନ ଏବଂ ଲାଞ୍ଛନା ଲୁଗ୍ୱଇବା ପାଇଁ ଧରିତ୍ରୀ କୋଳରେ ଗୋପ୍ୟ ହୋଇଯାଇଥିଲେ ।

ଏତିକି ଭାବିବାମାତ୍ରେ ହୃଦୟ ଥରିଉଠିଲା । ଧର୍ମରକ୍ଷା ଏବଂ କୌରବନାଶନ ପାଇଁ ମୋର ଜନ୍ମ । ସୁଖର କଳ୍ପନାରେ ହଜି ଯାଉ ଯାଉ ମୋ ମନ ଉପରେ ଅଜଣା ଆଶଙ୍କାର କଳା ମେଘ ନଇଁ ଆସିଲା । ହାତ ଯୋଡ଼ି, ଆଖି ବୁଜି ପ୍ରାର୍ଥନା କଲି, ''ହେ ଈଶ୍ୱର, ପୃଥିବୀର ଧର୍ମରକ୍ଷା ପାଇଁ ଯଦି ମୋର ଜନ୍ମ, ତେବେ ସେଥିପାଇଁ ଯେତେ ଦୁଃଖ, ଅପମାନ, ଲାଞ୍ଛନା ଦେବ ଦିଅ; କିନ୍ତୁ ତାକୁ ସହିବା ପାଇଁ ଶକ୍ତି ଦିଅ ।''

ମୋର ଧ୍ୟାନରତ ମୂର୍ତ୍ତିକୁ ଗ୍ରହିଁ ପିତା ପ୍ରୀତ ହେଲେ । ମୋର କପାଳରେ ଆଶୀର୍ବାଦର ହାତ ରଖି କହିଲେ — ''ଯାଜ୍ଞସେନି ! ତୁ ହିଁ ପିତୃ ଅପମାନର ପ୍ରତିଶୋଧ ନେବୁ । ସେଥିପାଇଁ ତମ ଦୁହିଁଙ୍କର ଯଜ୍ଞବେଦୀରୁ ଏବଂ ହୋମଅଗ୍ନିରୁ ଜନ୍ମ । ମୋର ଯଜ୍ଞ ସାର୍ଥକ ହେଇଛି ।''

ପିତାଙ୍କର ପାଦସ୍ପର୍ଶ କରି କହିଲି — ''ପିତା, ଆପଣଙ୍କ ଇଚ୍ଛା ପୂର୍ଣ୍ଣ କରିବା ହିଁ ହେବ ମୋର ଦୁହିତା ଧର୍ମ । ମୋତେ ଆଶୀର୍ବାଦ କରନ୍ତୁ ।''

ପିତା କିଛି ଉଚ୍ଚାରଣ କଲେ ନାହିଁ । ତାଙ୍କ ଚକ୍ଷୁରୁ ଅଶ୍ରୁଧାରା ଝରିପଡ଼ିଲା ମୋର କପାଳରେ । ଦ୍ରୋଣଙ୍କ ଅପମାନର ଜ୍ୱାଳାରେ ତେବେ ବି ତାଙ୍କର ହୃଦୟ ଭିତରେ ପ୍ରତିଶୋଧର ନିଆଁ ଜଳୁଥାଏ । ମୁଁ ପ୍ରତିଜ୍ଞା କଲି — ଦରକାର ହେଲେ ସେ ନିଆଁକୁ ମୋ ଜୀବନର ଅଶ୍ରୁବିନ୍ଦୁ ଢାଳି ନିର୍ବାପିତ କରିବି ।

ଆମ ଦୁହିଁଙ୍କର ନାମକରଣ ଉତ୍ସବ ଅନୁଷ୍ଠିତ ହେଲା । ମୋର ଭାଇ ଜନ୍ମ ସମୟରେ କବଚ ଏବଂ କୁଣ୍ଡଳ ଧାରଣ କରି ଜନ୍ମଲାଭ କରିଥିଲେ ଏବଂ ଅତ୍ୟନ୍ତ ତେଜସ୍ୱୀ ଗୁଣ ତାଙ୍କଠାରେ ସ୍ପଷ୍ଟ ବାରିହୋଇ ପଡୁଥିଲା । ଯାଜଗଷି କହିଲେ, ''ଏ ପୁତ୍ର ଅଗ୍ନିରୁ ଜାତ ହୋଇଛି । ଏହି ଯଶସ୍କର ପୁତ୍ର ଦ୍ରୋଣଙ୍କୁ ନିଧନ କରିବ । ଏହାର ନାମ ହେଉ ଧୃଷ୍ଟଦ୍ୟୁମ୍ନ ।''

Digitized by srujanika@gmail.com

ମୋ ଆଡ଼କୁ ସ୍ନେହପୂର୍ଣ୍ଣ ଦୃଷ୍ଟିରେ ଗ୍ରହିଁ ଯାଜଗଷି କହିଲେ — ''ଦ୍ରୁପଦ ଦୁହିତା ଏଇ ଶ୍ୟାମାଙ୍ଗିନୀର ଶ୍ରଦ୍ଧାନାମ ହେଉ କୃଷ୍ଣା ।''

''କୃଷ୍ଣା ! କୃଷ୍ଣ ଏବଂ କୃଷ୍ଣା ! କି ସୁନ୍ଦର !!'' ମୋର ପିତା ଏତିକିମାତ୍ର ଉଚ୍ଚାରଣ କରି ନୀଳ ଆକାଶରେ ଦୃଷ୍ଟି ନିବଦ୍ଧ କରି ଭାବାବିଷ୍ଟ ହେଲେ । ତାଙ୍କ ମୁହଁରେ ଅପୂର୍ବ ଆନନ୍ଦର ଏକ ଆଭା ଉଜ୍ଜ୍ୱଳି ଉଠିଲା । ପିତାଙ୍କର ଆନନ୍ଦ ମୋ ମୁହଁକୁ ସଞ୍ଚରି ଆସିଲା । ଭାବିଲି କିଏ ଏଇ କୃଷ୍ଣ, ଯାହାର ନାମ ମଧ୍ୟ ଏତେ ଅମୃତମୟ !

ପିତା ଅସ୍ପଷ୍ଟ କଣ୍ଠରେ କହିଲେ — ''ହେ କୃଷ୍ଣ, ମୋ କୃଷ୍ଣାକୁ ତମରି ହାତରେ ହିଁ ସମର୍ପଣ କରିବି । ତମେ ହିଁ ତ ସମଗ୍ର ଆର୍ଯ୍ୟାବର୍ତ୍ତରେ ପୁରୁଷଶ୍ରେଷ୍ଠ, ବୀର ଏବଂ ଧର୍ମ ସଂସ୍ଥାପନ ହିଁ ତମ ଜୀବନର ଲକ୍ଷ୍ୟ । ତମେ ଗର୍ବଗଞ୍ଜନ ଗୋବିନ୍ଦ । କୃଷ୍ଣାକୁ ତମରି ହାତରେ ଅର୍ପଣ କଲେ ତମେ ମୋର ହୃତ ସମ୍ମାନ ଫେରାଇ ଆଣିବାରେ ସହାୟକ ହେବ । କେବଳ ସେଇଥିପାଇଁ ତ କୃଷ୍ଣାର ଜନ୍ମ !''

ଏକ ଅନନୁଭୂତ ଶିହରଣରେ ମୋର ଶରୀର ରୋମାଞ୍ଚିତ ହେଲା । ଅଙ୍ଗେ ଅଙ୍ଗେ ଜାଗିଲା ଅକଳ୍ପିତ ପୁଲକ । ଆର୍ଯ୍ୟାବର୍ତ୍ତର ଶ୍ରେଷ୍ଠ ପୁରୁଷ, ଶ୍ରେଷ୍ଠଯୋଦ୍ଧା ଏବଂ ଧର୍ମସଂସ୍ଥାପକ ଯେଉଁ ପୁରୁଷ ସେ କାହାର ବା କାମ୍ୟ ନୁହନ୍ତି !

ତା' ଛଡ଼ା ମୋର ନିଜର କିଛି ସ୍ୱତନ୍ତ୍ର କାମନା ନାହିଁ । ପିତାଙ୍କର ଯିଏ କାମ୍ୟ, ମୋର ମଧ୍ୟ ସେ କାମ୍ୟ । କ୍ଷଣକ ପୂର୍ବରୁ ମୁଁ ପିତାଙ୍କ ପାଖରେ ପ୍ରତିଜ୍ଞାବଦ୍ଧ ହୋଇଛି । ତେଣୁ ମୁଁ କୃଷ୍ଣଙ୍କ ପାଖରେ ସମର୍ପିତା । ବାସ୍ତବରେ ତା' ନ ହେଇଥିଲେ, ଯାଜ୍ଞଋଷି ମୋର ଏପରି ନାମକରଣ କରିଥା'ନ୍ତେ କାହିଁକି ?

କୃଷ୍ଣ ଏବଂ କୃଷ୍ଣା ! ଏକ ସ୍ୱର୍ଗୀୟ ପବିତ୍ର, ମଧୁର ପ୍ରେମଧାରାରେ ମୋର ହୃଦୟ ହେଲା ପ୍ଲାବିତ, ଚକ୍ଷୁ ହେଲା ଆନନ୍ଦାଶ୍ରୁରେ ଛଳ ଛଳ । ଅଥଚ ମୁଁ ଜାଣେନା କିଏ ଏଇ ପରମ ପୁରୁଷ କୃଷ୍ଣ !

॥ ୩ ॥

ନିତମ୍ବିନୀ ମୋର ପ୍ରିୟ ସଖୀ । ଦିନେ ଉଦ୍ୟାନରେ ସାନ୍ଧ୍ୟ ସମୀରଣ ସେବନ କରୁ କରୁ ଏକାନ୍ତରେ ସଖୀକୁ ପଚାରିଲି — ''କୃଷ୍ଣ କିଏ ?''

ସଖୀ ମୋତେ ଆଡ଼ ନୟନରେ ଗ୍ରହିଁଲା । ବଙ୍କିମ ଅଧରରେ ହାସ୍ୟରେଖା ଫୁଟାଇ ପଚାରିଲା — ''କୃଷ୍ଣଙ୍କ ଠାରେ କୃଷ୍ଣାର କି ପ୍ରୟୋଜନ ?''

Digitized by srujanika@gmail.com

ମୁଁ ନିର୍ମ୍ମଳ ହସ ହସି କହିଲି — ''ପିତାଙ୍କଠାରୁ ଶୁଣିଛି, କେବଳ କୃଷ୍ଣାର ନୁହେଁ, କୃଷ୍ଣଙ୍କଠାରେ ସମସ୍ତଙ୍କର ପ୍ରଯୋଜନ ।''

''କୃଷ୍ଣାର କିଛି ବିଶେଷ ପ୍ରଯୋଜନ ଥିବ ପରା !'' ନିତମ୍ବିନୀ ଓଠ ଚିପି ହସୁ ହସୁ କହିଲା ।

ମୁଁ ଶାନ୍ତ ସ୍ୱରରେ କହିଲି — ''ଶୁଣିଛି ଦିନେ ପୃଥିବୀମାତାଙ୍କର ବିଶେଷ ପ୍ରଯୋଜନ ପଡ଼ିବାରୁ କୃଷ୍ଣ ଧରାପୃଷ୍ଠରେ ଅବତରଣ କରିଥିଲେ ।''

ନିତମ୍ବିନୀ ମୋର ଚିବୁକ ଧରି ଗଭୀର ସ୍ୱରରେ କହିଲା — ''ସଖୀ, କୃଷ୍ଣଙ୍କୁ ଭୁଲିଯାଅ ।''

ଆର୍ତ୍ତସ୍ୱରରେ ମୁଁ ପ୍ରଶ୍ନକଲି — ''ସେ କି କଥା ?''

''ହଁ । ମୋ କଥା ମାନ । ଏକଥା ସତ୍ୟ ଯେ କୃଷ୍ଣଙ୍କଠାରେ ଅଛି ପ୍ରଜ୍ଞା ଓ ଶୌର୍ଯ୍ୟ । ସେ ଦୂରଦର୍ଶୀ, କୂଟନୀତିଜ୍ଞ, ଶକ୍ତିଶାଳୀ ଏବଂ କର୍ମବୀର । ସେ ପ୍ରସ୍ଫୁଟିତ ନୀଳପଦ୍ମ ଭଳି ସୁନ୍ଦର ଏବଂ ନିର୍ମଳ । ସେ ଆର୍ତ୍ତୀର ଅଭୀଷ୍ଟ ପୂରଣ କରନ୍ତି ଏବଂ ସ୍ନେହର ପ୍ରତିଦାନ ଦିଅନ୍ତି । ସେ ଏକ ହାତରେ ଗ୍ରହଣ କଲେ — ସହସ୍ର ହାତରେ ଦାନ କରିନ୍ତି । ତାଙ୍କର ହୃଦୟ ବିଶାଳ ଏବଂ ମହାନ୍ । ସେ ଅଦ୍ୱିତୀୟ ବୀର ଏବଂ ପରମପୁରୁଷ । କିନ୍ତୁ —''

''କିନ୍ତୁ — ?'' ମୁଁ ଚମକି ପ୍ରଶ୍ନ କଲି ।

'''ସେ ଲମ୍ପଟ । ଷୋଳସହସ୍ର ଗୋପନାରୀ ତାଙ୍କର ପ୍ରେମିକା । ନାରୀର ହୃଦୟକୁ ଜିଣିବା କଳାରେ ସେ ଏମିତି ପାରଙ୍ଗମ ଯେ, ସ୍ୱାମୀ, ପୁତ୍ର, ସଂସାର ଛାଡ଼ି ଗୋପାଙ୍ଗନାମାନେ ତାଙ୍କର ମୋହନ ବଂଶୀସ୍ୱନ ଶୁଣି ଯମୁନା ତଟରେ ଅଭିସାର ରଚନ୍ତି । ଏ ଅବଶ୍ୟ ତାଙ୍କ କୈଶୋରର କଥା — ଏବେ କିନ୍ତୁ ସେ ପ୍ରଜାପାଳକ, ଧର୍ମଜ୍ଞ, ଦ୍ୱାରକାର ଅଧିପତି ।''

ମୁଁ ମନେ ମନେ ଭାବିଲି — ସବୁ ଶ୍ରେଷ୍ଠ ଗୁଣର ଯିଏ ଅଧିକାରୀ ତାଙ୍କ ପାଇଁ ସ୍ୱାମୀ ସଂସାର ଛାଡ଼ି ବାତୁଳି ହେବା ସ୍ତ୍ରୀମାନଙ୍କ ପକ୍ଷରେ ନିତାନ୍ତ ସ୍ୱାଭାବିକ । ଷୋଳ-ସହସ୍ର ଛାଡ଼ି ଶତ ସହସ୍ର ନାରୀ ଯଦି କୃଷ୍ଣପ୍ରେମରେ ବାତୁଳି ହୁଅନ୍ତି, ସେଥିରେ ତାଙ୍କର ଦୋଷ କ'ଣ ? ଇଚ୍ଛା ହେଲା ଥରେ ସେଇ ପରମପୁରୁଷ କୃଷ୍ଣଙ୍କୁ ଦେଖିବା ପାଇଁ । କେମିତି ତାଙ୍କର ରୂପ ? ନିତମ୍ବିନୀକୁ ପଗ୍ଧରିଲେ ସେ ପରିହାସ କରିବ । କଥାଟାକୁ ବଢ଼େଇ ଅନ୍ୟ ସଖୀମାନଙ୍କୁ କହିବ । ମତେ ଚିଡ଼ାଇ ଚିଡ଼ାଇ ପ୍ରାଣ ନେଇଯିବେ । କଥାଟାକୁ ସିଧାସଳଖ ନ ପଗ୍ଧରି ପ୍ରଶ୍ନକଲି — ''କୃଷ୍ଣଙ୍କର ବଂଶାନୁଚରିତ ଜାଣ ?''

Digitized by srujanika@gmail.com

ନିତମ୍ବିନୀ ହସିଲା । କହିଲା — ''ବଂଶ ଦେଖନ୍ତି ପିତାମାତା । କନ୍ୟା ଖୋଜେ ରୂପ । କୃଷ୍ଣଙ୍କ ରୂପ ବର୍ଣ୍ଣନା ଶୁଣିଲେ ତମେ ମୂର୍ଚ୍ଛା ଯିବ । ଚେତନା ପାଇବା ମାତ୍ରେ କହିବ, କୃଷ୍ଣ ବିନା ଏ ଜୀବନ ବୃଥା । ସଙ୍ଗେ ସଙ୍ଗେ କୃଷ୍ଣଙ୍କୁ ଆଣି ଦେ, ନଚେତ୍ ଏ ଦେହ ଧରିବି ନାହିଁ । ତା'ପରେ ମୁଁ କ'ଣ କରିବି ?''

ମୁଁ ସ୍ୱପ୍ନାବିଷ୍ଟ ହେଇ କୃଷ୍ଣଙ୍କ ରୂପର କଳ୍ପନାରେ ହଜିଯାଇଥାଏ । କଳ୍ପନା ହିଁ ତ ମୋ ବୟସର ସହଚରୀ । ଏ ବୟସରେ କିଏ କେତେ କଳ୍ପନା ନ କରେ ? କଳ୍ପନାରେ କିଏ କେତେ ସୁଖ ନ ପାଏ ? କିନ୍ତୁ ସମସ୍ତଙ୍କର ସବୁ କଳ୍ପନା ସତ ହୁଏ ନାହିଁ । କଳ୍ପନା ସର୍ବଦା ସତ୍ୟ ହୁଏ ନାହିଁ ବୋଲି କିଏ ବା କଳ୍ପନାକୁ ବାଦ୍‌ଦେଇ ବଞ୍ଚିପାରେ ?

କୃଷ୍ଣଙ୍କ କଳ୍ପନାରେ ମୁଁ ହଜିଗଲି ।

କୃଷ୍ଣତମାଳ ଲତାକୁଞ୍ଜ ତଳେ ଆମେ ଦୁଇ ସଖୀ ବସିଥାଉ । ନୀଳ ଆକାଶର ରଙ୍ଗ ଅସ୍ତସୂର୍ଯ୍ୟର ସ୍ପର୍ଶରେ ରଞ୍ଜିତ ହୋଇ ମୋ ପାଦର ଅଳତା ଧାରରେ ପ୍ରତିଫଳିତ ହେଉଥାଏ । ସ୍ୱଚ୍ଛ ସଲିଳ ଉଦ୍ୟାନ ସରସୀରେ ଢଳ ଢଳ ନୀଳକଇଁ ଧୀରେ ଧୀରେ ପାଖୁଡ଼ା ମେଲୁଥାଏ । ଅଭିସାରିକାର ଭୀରୁ ପଦପାତ ପରି ନିଃଶବ୍ଦ ଶଙ୍କିତ ଭଙ୍ଗୀରେ ଚନ୍ଦ୍ରିକା ଖୋଜି ଗୋଟି ଗୋଟି ପାଖୁଡ଼ା ତା'ର ମୁକୁଳିତ ହେଉଥାଏ । ସନ୍ଧ୍ୟା ଆକାଶରେ ନୀଳମେଘ କେତେଖଣ୍ଡ ଚନ୍ଦ୍ରିକାର ପଥରୋଧ କରି ନୀଳକଇଁ ସଙ୍ଗେ କୌତୁକ ଆମୋଦ ଲଗାଇଥାନ୍ତି । ଏଣେ ଆକାଶର ନୀଳମେଘକୁ ଦେଖି ମୋର ପୋଷା ମୟୂର ଦୁଇଟି ପୁଚ୍ଛ ମେଲି ନାଚିବାର ଉପକ୍ରମ କରୁଥା'ନ୍ତି ।

ନିତମ୍ବିନୀ କୃଷ୍ଣଙ୍କର ରୂପ ବର୍ଣ୍ଣନା କରୁଥାଏ । ମୟୂର ଚନ୍ଦ୍ରିକାର ତାଳେ ତାଳେ ମୋ' ହୃଦୟ ବି କେଜାଣି କାହିଁକି ନାଚି ଉଠୁଥାଏ ।

ମୁଁ ଭାବୁଥାଏ କୃଷ୍ଣ କେମିତି ? ହୁଏତ ନୀଳ ତମାଳ ପରି କିମ୍ବା ନୀଳମେଘ ପରି ତାଙ୍କ ଦେହର ବର୍ଣ୍ଣ । ନୀଳକଇଁ ପରି ନିର୍ମଳ କୋମଳ ତାଙ୍କର ଚକ୍ଷୁ, ଚକ୍ଷୁର ଦୃଷ୍ଟି । ମୟୂର ଚନ୍ଦ୍ରିକାର ଉଜ୍ଜ୍ୱଳ ନୀଳରଙ୍ଗ ପରି ତାଙ୍କ କେଶର ରଙ୍ଗ । ଆଉ ତାଙ୍କର ଅଧର ? ଅଗସ୍ତି ଫୁଲପରି ବଙ୍କିମ ସୁନ୍ଦର ? ପଦ୍ମକୋରକ ଭଳି ହସ୍ତପଦ, ନୀଳ ଆକାଶ ପରି ଉଦାର ପ୍ରଶସ୍ତ ବକ୍ଷ, ବସନ୍ତର କୁହୁତାନ ଭଳି ମନ୍ଦ୍ରମଧୁର ତାଙ୍କର କଣ୍ଠସ୍ୱର । ହେନାଫୁଲର ସୁରଭି ଭଳି ତାଙ୍କ ଦେହର ଗନ୍ଧ ଆଉ ଚମ୍ପାତରୁ ଭଳି ଶ୍ୟାମଳ, କୋମଳ, ଶକ୍ତ ଆଉ ଦୀର୍ଘ ତାଙ୍କର ଶରୀର.....

ସମ୍ମୋହିତ ହେଲାଭଳି ମୁଁ ଶୁଣୁଥାଏ ନିତମ୍ବିନୀର ବର୍ଣ୍ଣନା ଘୁଡୁରୀ ଭିତରେ କୃଷ୍ଣଙ୍କର ରୂପଶୋଭାର କଥା ।

Digitized by srujanika@gmail.com

ନିତମ୍ବିନୀ ମତେ ତୀର୍ଯ୍ୟକ୍ ଦୃଷ୍ଟିରେ କଟାକ୍ଷ ହାଣି ଅଳ୍ପ ଛେପ ଢୋକି କହିଲା,... ''ପୁଣି ମଧୁପାନ ପରି କୃଷ୍ଣଙ୍କ ବାହୁବନ୍ଧନର ଅନୁଭବ ଆଉ କୃଷ୍ଣପ୍ରେମର ମାଦକତା ।''

ନିଶାଗ୍ରସ୍ତ ଭଳି ମୁଁ ଢଳିପଡୁଥାଏ ନିତମ୍ବିନୀର ଆଶ୍ରୟ ଭିତରେ । ସମଗ୍ର ଶରୀର ଥର ଥର କମ୍ପି ଉଠୁଥାଏ, ହୃଦୟ ସ୍ପନ୍ଦିତ ହେଉଥାଏ ବିଚିତ୍ର ଆବେଗର ଛନ୍ଦରେ । ଏ ଅନୁଭବ ଆଗରୁ ତ କେବେ ହେଇନି । କ'ଣ ଏହାର ଅର୍ଥ ? ଏପରି କାହିଁକି ହୁଏ ?

ଶୁଣିଲି ନିତମ୍ବିନୀ କାନ ପାଖରେ କହୁଛି — ''କୃଷ୍ଣପ୍ରେମ.....ଏ ତା'ରି ଲକ୍ଷଣ । ହେ ପ୍ରଭୁ ମୁଁ ଏବେ କ'ଣ କରିବି ?''

ଲତାକୁଞ୍ଜ ତଳେ ମତେ ସେ ଶୋଇଦେଲା । ପୁଷ୍କରିଣୀ ଭିତରକୁ ଓହ୍ଲେଇଗଲା ଜଳ ଆଣି ମତେ ସାଷ୍ଟାମ କରିବା ପାଇଁ । ମୁଁ ଚେତନା ହରାଇ ନଥାଏ — ସବୁକିଛି ବୁଝିପାରୁଥାଏ — କିନ୍ତୁ ଗୋଟାଏ ସ୍ୱପ୍ନର ପୃଥିବୀରେ ମୁଁ ବିଚରଣ କରୁଥାଏ । ଯୁଆଡ଼େ ଘ୍ୱହୁଁଥାଏ ଖାଲି ନୀଳ-ନୀଳ-କୃଷ୍ଣନୀଳ..... ସାରା ବିଶ୍ୱ କୃଷ୍ଣମୟ..... ପ୍ରେମମୟ..... ମଧୁମୟ । ମୁଁ ଦେଖୁଥାଏ ଏ ବିଶ୍ୱମୟ କୃଷ୍ଣ — କୃଷ୍ଣମୟ ବିଶ୍ୱ ।

ସଖୀ ନିତମ୍ବିନୀ ମୋ ମୁହଁରେ ଜଳ ସିଞ୍ଚନ କରିବା ପୂର୍ବରୁ ନୀଳମେଘରୁ କେତେବିନ୍ଦୁ ଜଳ ମୋ ମୁହଁ ଉପରେ ଝରିପଡ଼ିଲା । ମୋର କମ୍ପିତ ଶରୀର ଉପରେ ଟୁପ୍‌ଟୁପ୍ ଝରୁଥାଏ ଗୋଟିଏ ଗୋଟିଏ କୃଷ୍ଣତମାଳ ପୁଷ୍ପ । ମତେ ଅଧିକରୁ ଅଧିକ ରୋମାଞ୍ଚିତ କରୁଥାଏ । ମୋର ପୋଷା ମୟୂର ମୋ ମୁହଁ ଘ୍ୱରିପଟେ ପୁଚ୍ଛ ହଲାଇ ପଙ୍ଖା କରୁଥାଏ । ମୁଁ ଧୀରେ ଧୀରେ ପ୍ରକୃତିସ୍ଥ ହୋଇ ଲଜ୍ଜାରେ ଝାଉଁଳି ପଡୁଥାଏ । ଛିଃ — ସଖୀ ନିତମ୍ବିନୀ କ'ଣ ଭାବିଥିବ ?

ସଖୀ ଜଳ ଆଞ୍ଜୁଳାଏ ଧରି ମୋ ପାଖରେ ପହଞ୍ଚିବା ପୂର୍ବରୁ ମୁଁ ଲାଜରେ ଆଖିବୁଜି ପଡ଼ିରହିଲି । କିନ୍ତୁ ଜଳ ଆଞ୍ଜୁଳାକ ସଙ୍ଗରେ ଦୁଇଟି ସଦ୍ୟ ଫୁଟନ୍ତି ନୀଳକଇଁ ଯେ ସେ ତୋଳି ଆଣିଛି ସେ କଥା ବି ମୁଁ ଲକ୍ଷ୍ୟ କରିଥାଏ । ହାୟ, ଫୁଲ ଦୁଇଟି ତୋଳିଲା କାହିଁକି ନିତମ୍ବିନୀ ! ଚନ୍ଦ୍ରିକାର ମଧୁପାନ କରି ରାତିସାରା ନୀଳକଇଁ ହସିଥା'ନ୍ତା । ନିତମ୍ବିନୀର ନିର୍ଦ୍ଦୟପଣିଆ ଦେଖି କ୍ଷୁଣ୍ଣ ହେଲି । ନିତମ୍ବିନୀ ମୋ ମୁହଁରେ ଜଳ ସିଞ୍ଚିଲା । ମୁଁ ଏଥର ଉଠି ବସିବାରେ କିଛି ବାଧା ନାହିଁ । କିନ୍ତୁ ଜାଣି ଜାଣି ମୁଁ ଉଠିଲି ନାହିଁ, ଆଖି ଖୋଲିଲି ନାହିଁ । ପ୍ରଥମ କାରଣ ଲଜ୍ଜା, ଦ୍ୱିତୀୟ କାରଣ ନୀଳକଇଁ ତୋଳିଥିବାରୁ ନିତମ୍ବିନୀ ଉପରେ ବିରକ୍ତି !

ନୀତମ୍ବିନୀ ନୀଳକଇଁର ପାଖୁଡ଼ାକୁ ଧୀରେ ଧୀରେ ମୋ ମୁହଁ ଉପରେ ଛୁଆଇଁ ଆଣିଲା । ଓଠ ଚିପି, ଗଳାକୁ ମିଠା କରି ମୋ କାନ ପାଖରେ ଆସ୍ତେ କହିଲା — ''ମୁଁ

Digitized by srujanika@gmail.com

ଜାଣେ, କୃଷ୍ଣଙ୍କ ସଞ୍ଜିବନୀ ସ୍ପର୍ଶ ବିନା ଏ ରୋଗର ଉପଶମ ନାହିଁ । କିନ୍ତୁ ସଖି, ଦ୍ୱାରକାନିବାସୀ ଗୋବିନ୍ଦଙ୍କୁ ସଙ୍ଗେ ସଙ୍ଗେ ପାଇବି କେଉଁଠୁ ? ତେଣୁ କୃଷ୍ଣନାମ ସ୍ମରି ଏଇ ନୀଳକଇଁ ଦୁଇଟି ତମ ହୃଦୟଦେଶରେ ସ୍ଥାପନ କରୁଛି । ଏତିକିରେ ବର୍ତ୍ତମାନ ପାଇଁ ସୁସ୍ଥ ହୋଇ ନ ଉଠିଲେ ପିତା ଦ୍ରୁପଦ ରାଜବୈଦ୍ୟଙ୍କୁ ଧରି ଉଦ୍ୟାନରେ ପହଞ୍ଚିଯିବେ । ନୀଳାଞ୍ଜନା ଖବର ନେଇ ଉଆସକୁ ଯାଇଛି । ମହାରାଜାଙ୍କୁ ରୋଗର କାରଣ ସମ୍ପର୍କରେ କ'ଣ କହିବି ?''

ଏତିକି କହି ନିତମ୍ବିନୀ ନୀଳକଇଁ ଦୁଇଟିକୁ ମୋର ବକ୍ଷଦେଶରେ ରଖିଦେଲା । ମୁଁ ଫୁଲ ଦୁଇଟିକୁ ନିବିଡ଼ ଭାବେ ବକ୍ଷରେ ଜଡ଼ାଇ ଧରି କହିଲି, ''ଆହା, କାହିଁକି ଫୁଲ ଦୁଇଟି ତୋଳିଦେଲ ?'' ଫୁଲ ଦୁଇଟିକୁ କୋମଳ ଭାବରେ ଧରି ମୁଁ ଉଠିପଡ଼ିଲି ।

ନିତମ୍ବିନୀ ମଧ୍ୟ ଧଡ଼ପଡ଼ ହୋଇ ଉଠିପଡ଼ିଲା । ଆସ୍ତେ କହିଲା— ''ମହାରାଜ ଆସୁଛନ୍ତି । ତାଙ୍କ ପଛରେ ସେ ପୁଣି କିଏ ?''

ମୁଁ ବୁଝିପାରିଲି ନୀଳାଞ୍ଜନାର ଏତକ କାଣ୍ଡ । ମୋ ଅସୁସ୍ଥତା ଖବର ସେ ପିତାଙ୍କୁ ଦେଇଛି ଏବଂ ରାଜବୈଦ୍ୟଙ୍କୁ ଧରି ପିତା ସଙ୍ଗେ ସଙ୍ଗେ ଆସିଛନ୍ତି । ମୋର ସାମାନ୍ୟ କଷ୍ଟ ପିତା ସହିପାରନ୍ତି ନାହିଁ । ଏବେ କ'ଣ କହିବି ? କୃଷ୍ଣଙ୍କ ରୂପ ବର୍ଣ୍ଣନା ଶୁଣୁ ଶୁଣୁ ମୁଁ ମୂର୍ଚ୍ଛାଗଲି ବୋଲି ଯଦି ନିତମ୍ବିନୀ କହିଦିଏ, ମୁଁ ପିତାଙ୍କୁ ମୁହଁ ଦେଖାଇବି କେମିତି ?

ଲାଜରେ ତଳକୁ ମୁହଁପୋତି ମୁଁ ବସିଥାଏ । ନୀଳାଞ୍ଜନା ଉପରେ ରାଗୁଥାଏ । ଏଇ ସାମାନ୍ୟ କଥାଟା ପିତାଙ୍କୁ ଜଣାଇବାର କି ଆବଶ୍ୟକତା ବା ଥିଲା ? ମୁଁ ବିରକ୍ତ ହେଲି ମନେ ମନେ । ଔଷଧ ପ୍ରତି ମୋର ଘୋର ବିତୃଷ୍ଣା, ତା' ସଙ୍ଗେ ସଙ୍ଗେ ରାଜବୈଦ୍ୟଙ୍କ ପ୍ରତି ମଧ୍ୟ । ତେଣୁ ରୋଗଶଯ୍ୟାରେ ରାଜବୈଦ୍ୟଙ୍କୁ ଦେଖିବା ମାତ୍ରେ ମୁଁ ଚିଡ଼ିଉଠେ । ବହୁ କଷ୍ଟରେ ମତେ ଔଷଧ ଖୁଆଇବା ପାଇଁ ହୁଏ ।

ଶୁଣିଲି ପିତା ସ୍ନେହପୂର୍ଣ୍ଣ ଗଳାରେ କହୁଛନ୍ତି — ''ସବୁ ରୋଗର ନିଦାନ ସ୍ୱୟଂ ଶ୍ରୀକୃଷ୍ଣ ଯେଉଁଠି ଉପସ୍ଥିତ, ସେଠି ରାଜବୈଦ୍ୟଙ୍କୁ ଆଣନ୍ତି କାହିଁକି ? ତୁ ଚିନ୍ତା କରନାହିଁ ମା' — ''

ହେନାଫୁଲର ବାସ୍ନାରେ ସାରା ବଗିଚା ମହକି ଉଠିଲା । ଝଲକାଏ ପବନ କେଜାଣି କାହିଁକି ଉତଲା ହେଇ କୃଷ୍ଣତମାଳ ଫୁଲ କେତେଟା ମୋ ଉପରେ ଝରାଇ ଦେଇ ବହିଗଲା । ସେଇ ପବନରେ ମୟୂର ଚନ୍ଦ୍ରିକାଟିଏ କେଉଁଠାରୁ ଉଡ଼ିଆସି ମୋ କୋଳରେ ପଡ଼ିଲା । ମୋର ସାରା ଶରୀର, ରୋମାଞ୍ଚିତ ହୋଇଗଲା । କେଉଁଠୁ

Digitized by srujanika@gmail.com

ଆସିଲା ଏ ମୟୂରଚନ୍ଦ୍ରିକା ? ମୋର ମୟୂର ଦୁଇଟି ଯେ ବହୁବେଳ ହେଲା ଗ୍ୱଲିଗଲେଣି ।

ପିତା ସ୍ନେହପୂର୍ଣ୍ଣ ଗଳାରେ କହିଲେ — ''କୃଷ୍ଣଙ୍କର ଆଶୀର୍ବାଦ ଗ୍ରହଣ କର ମା' ! ତୁ ଯେ ପରମ ସୌଭାଗ୍ୟବତୀ ହେବାକୁ ଯାଉଛୁ, ଏହାହିଁ ତା'ର ନମୁନା ।''

ମୟୂର ଚନ୍ଦ୍ରିକାଟିକୁ ସ୍ପର୍ଶ କଲେ କାଳେ ଆଉଥରେ ମୂର୍ଚ୍ଛା ଯିବି, ସେଇ ଭୟରେ ମୁଁ ତାକୁ ଉଠାଇ ନେଲିନାହିଁ । ନିତମ୍ବିନୀ ମୋର ମନକଥା ବୁଝିପାରେ । ସେ ଚନ୍ଦ୍ରିକାଟିକୁ ଅତି ଯତ୍ନରେ ତୋଳିନେଇ କହିଲା — ''ତମ କବିତା ବହି ଭିତରେ ରଖିଦେବି ।'' ଛି — ନିତମ୍ବିନୀର କାଣ୍ଡଜ୍ଞାନ ନାହିଁ । ମୁଁ ଯେ କବିତା ଲେଖେ ସେ କଥା କ'ଣ କୃଷ୍ଣଙ୍କର ଜାଣିବା ଉଚିତ ? ଯାହାଙ୍କ ପଦରେଣୁରେ ଏ ବିଶ୍ୱ କାବ୍ୟମୟ ହୁଏ, ମୋ କବିତା ଲେଖା ଶୁଣି ସେ କ'ଣ ଭାବିବେ ? ତା'ଛଡ଼ା ପିତା ମଧ୍ୟ କ'ଣ ଭାବିବେ ?

ଶୁଣିଲି ପିତା ସ୍ନେହପୂର୍ଣ୍ଣ କଣ୍ଠରେ କହୁଛନ୍ତି — ''କୃଷ୍ଣଙ୍କର ପଦବନ୍ଦନା କର ମା — ଏଇ ମାତ୍ର ଦ୍ୱାରକାରୁ ସେ ଆସି ପହଞ୍ଚିଛନ୍ତି । ତୋ ଅସୁସ୍ଥତା ସମ୍ବାଦ ପାଇ ମୋ ସଙ୍ଗେ ଉଦ୍ୟାନକୁ ଗ୍ୱଲିଆସିଲେ ।''

ମୋ ହାତରେ ଦୁଇଟି ସୁନ୍ଦର ସତେଜ ନୀଳକଇଁ — ମୋ ଆଖି ଆଗରେ ପିତାଙ୍କ ପାଦ ପାଖରେ ଦୁଇଟି ନୀଳକୋମଳ କୋରକିତ ପାଦପଦ୍ମ । ମୁଁ କିବା ଛାର— ବିଶ୍ୱର ଶ୍ରେଷ୍ଠ କାବ୍ୟକାର ମଧ୍ୟ ସେ ପାଦ ଦୁଇଟିର ବର୍ଣ୍ଣନା କରିପାରିବ ନାହିଁ । ସେଇ ପାଦ ଦୁଇଟିରେ କି ସମ୍ମୋହନ ଶକ୍ତି ଥିଲା କେଜାଣି ମୁଁ ଯନ୍ତ୍ରଘ୍ୱଳିତ ଭଳି ନୀଳକଇଁ ଦୁଇଟିକୁ ସେଇ ପାଦ ଉପରେ ଥୋଇଦେଇ ଅଶ୍ରୁଜଳରେ ସେ ପାଦକୁ ଧୋଇଦେଲି ।

ପ୍ରଥମ ଦେଖାରେ କୃଷ୍ଣଙ୍କର ପାଦ ଦୁଇଟିକୁ ହିଁ ମୁଁ ଦର୍ଶନ କଲି । ପିତାଙ୍କ ସଙ୍ଗେ କୃଷ୍ଣ ଉଆସକୁ ଫେରିଯାଇଥିଲେ । ସେ ଅଦୃଶ୍ୟ ହେବା ପର୍ଯ୍ୟନ୍ତ ମୁଁ ଧ୍ୟାନମଗ୍ନ ହେଇ ବସିଥାଏ । ଆଖି ତୋଳି ଘ୍ୱହିଁ ନ ଥାଏ । ନିତମ୍ବିନୀ ମତେ ହଲାଇଦେଇ କହିଲା— ''ସଖି, ଏ କ'ଣ କଲ ? ବକ୍ଷଦେଶରେ ସ୍ଥାନ ଦେଇଥିବା ନୀଳକଇଁକୁ କୃଷ୍ଣଙ୍କ ପାଦରେ ଅର୍ଘ୍ୟ ଦେଇଦେଲ ? ଏବେ କ'ଣ କରିବ ?''

ମୁଁ ବିହ୍ୱଳ ହେଇ କହିଲି — ''କହ ନିତମ୍ବିନି, ଏବେ କ'ଣ କରିବି ?''

ସାରା ରାତି, ସେଇ ପାଦ ଦୁଇଟିର ବର୍ଣ୍ଣନା କରି ମୁଁ କବିତା ଲେଖିଲି । ତେବେ ମଧ୍ୟ ମନ ବୁଝିଲା ନାହିଁ । ଭାବିଲି, ଯାହାର ପାଦ ଦୁଇଟିର ବର୍ଣ୍ଣନା ମୋ

Digitized by srujanika@gmail.com

ଶକ୍ତିର ବାହାରେ, ତା'ର ମୁଖ, ଆଖି, ଅଧର ଏବଂ ବ୍ୟକ୍ତିତ୍ୱର ବର୍ଣ୍ଣନା କରି କି କବିତା ମୁଁ ଲେଖିବି ? ଯଦି ବି ଲେଖିପାରିବି ନାହିଁ, ତେବେ କାହିଁକି ଆଉ କବିତା ଲେଖିବି ?

ସମସ୍ତଙ୍କ ମନ ଭିତରେ କବିତା ଥାଏ, କେହି ଲେଖେ, କେହି ଲେଖେ ନାହିଁ । ମୁଁ କିନ୍ତୁ ଲେଖେ, ଯେତେବେଳେ ଯେଉଁ ଭାବନା ମନକୁ ଆସେ ମୁଁ ତାକୁ କବିତାରେ ରୂପ ଦିଏ । ମୋର ଉପଯୁକ୍ତ ଶିକ୍ଷା ପାଇଁ ପିତା ସମସ୍ତ ବ୍ୟବସ୍ଥା କରିଥିଲେ । ମୁଁ ଯେ ବିଦୁଷୀ ଏବଂ ଜ୍ଞାନପିପାସୁ ଏକଥା ମୋର ଶିକ୍ଷାଗୁରୁମାନେ ପିତାଙ୍କୁ କହନ୍ତି । ଖୁବ୍ ଶୀଘ୍ର ମୁଁ ଅନେକ ଶାସ୍ତ୍ର ପଢ଼ି ଆୟତ୍ତ କରିନେଇଥିଲି । ଗଣିତ ଶାସ୍ତ୍ର, ଗୃହ ବିଜ୍ଞାନ, ଚିତ୍ରାଙ୍କନ, ରନ୍ଧନ, ପୁଷ୍ପସଜ୍ଜା, ଅତିଥି ସତ୍କାର ଇତ୍ୟାଦି ସମସ୍ତ ବିଦ୍ୟାରେ ମୁଁ ନିପୁଣା ଥିଲି । ପ୍ରତ୍ୟେକ ବିଭାଗ ଶିକ୍ଷାଦେବା ପାଇଁ ପିତା ଭିନ୍ନ ଭିନ୍ନ ଗୁରୁଙ୍କୁ ନିଯୁକ୍ତି ଦେଇଥିଲେ । ମାତ୍ର କବିତା ଲେଖା ଶିକ୍ଷା ଦେବା ପାଇଁ କୌଣସି ଗୁରୁ ନିଯୁକ୍ତି ପାଇନଥିଲେ । କବିତା ଲେଖିବା ପାଇଁ ମୋର ମନ ହିଁ ମତେ ପ୍ରେରଣା ଦେଇଥିଲା, ମୋର କଳ୍ପନା ହିଁ ମତେ କବିତା ଲେଖା ଶିଖାଇଥିଲା । ତେଣୁ ସେ ବିଦ୍ୟାଟି ମୋର ନିଜସ୍ୱ କଳା । ପିତା ସେକଥା ଜାଣିବେ କେମିତି ?

ଆମ ଘରେ ଅନେକ ସମୟରେ ଶାସ୍ତ୍ର ଆଲୋଚନା ହୁଏ । କାବ୍ୟ କବିତାର ଆସର ବସେ । ବହୁ ପଣ୍ଡିତ, କବି, ବିଦ୍ୱାନ୍‌ମଣ୍ଡଳୀ ପିତାଙ୍କ ନିମନ୍ତ୍ରଣରେ ଆଲୋଚନା-ଚକ୍ରରେ ଭାଗ ନିଅନ୍ତି । ଏସବୁ ହୁଏ କେବଳ ମୋରି ପାଇଁ । କାରଣ ପିତା ଜାଣନ୍ତି, ନୃତ୍ୟ ଗୀତ, ଆମୋଦ ପ୍ରମୋଦ ଅପେକ୍ଷା ଏସବୁ ମତେ ବେଶି ଭଲଲାଗେ । ମୁଁ ମଧ୍ୟ ସବୁ ଆଲୋଚନାରେ ଭାଗ ନିଏ । ପଣ୍ଡିତମାନଙ୍କଦ୍ୱାରା ମୋର ଅନେକ ସନ୍ଦେହ ଦୂର କରାଇନିଏ । ମୋର ଜ୍ଞାନପିପାସା ମେଣ୍ଟାଇ ଦେବାକୁ ଚେଷ୍ଟା କରେ । ମାତ୍ର ଅନନ୍ତ ମୋର ଜ୍ଞାନପିପାସା । ତା'ର ଶେଷ ନାହିଁ ।

ଥରେ ବେଦବ୍ୟାସ କୃଷ୍ଣ ଦ୍ୱୈପାୟନଙ୍କଠାରୁ ଶାସ୍ତ୍ର ଆଲୋଚନା ଶୁଣୁ ଶୁଣୁ ମୁଁ ଏତେ ବିହ୍ୱଳ ହୋଇଗଲି ଯେ ପ୍ରଶ୍ନକଲି — ''ମହାଶୟ, ସାରାସୃଷ୍ଟିର ଯେତେ ଯାହା ଶାସ୍ତ୍ର, ଗ୍ରନ୍ଥ ଏବଂ ଜ୍ଞାନ ଅଛି ତାକୁ ଆୟତ୍ତ କରିବା ପାଇଁ ମୋର ସମଗ୍ର ଜୀବନ ଯଦି ଯଥେଷ୍ଟ ନହୁଏ ତେବେ ମୁଁ କି ଉପାୟ କରିବି ?''

ବେଦବ୍ୟାସ ହସି ହସି କହିଲେ — ''ତମର ନାମ କୃଷ୍ଣା ନ ହୋଇ ତୃଷ୍ଣା ହେଇଥିଲେ ଭଲ ହୋଇଥା'ନ୍ତା । ମା, ତୃଷ୍ଣା ଦୁଃଖଦାୟକ; କିନ୍ତୁ ଜ୍ଞାନର ତୃଷ୍ଣା କେବଳ ଆନନ୍ଦ ହିଁ ପ୍ରଦାନ କରେ — ଜ୍ଞାନର ତୃଷ୍ଣା ଗୋଟିଏ ଜନ୍ମରେ କ'ଣ ସହସ୍ର ଜନ୍ମରେ ବି ମେଣ୍ଟିପାରେ ନାହିଁ । ଜଳପାନ କଲେ ତୃଷା ଦୂର ହୁଏ, କିନ୍ତୁ ଜ୍ଞାନପାନ

Digitized by srujanika@gmail.com

କଲେ ଜ୍ଞାନର ତୃଷା ବଳବତ୍ତର ହୁଏ । ତୃଷା ମେଣ୍ଟିଗଲେ ଜ୍ଞାନର ପଥ ରୁଦ୍ଧ ହୁଏ । ଅନନ୍ତ ସମୟର ବେଳାରୁ ଜ୍ଞାନର କ୍ଷୁଦ୍ର ଚିତ୍ତ-ବିଚିତ୍ର ଶାମୁକା ସବୁ ସାଉଁଟୁ ସାଉଁଟୁ ଯଦି ଜୀବନ ସରିଯାଏ, ତେବେ ସେଇତ ସାର୍ଥକ ଜୀବନ ।''

ମୁଁ ଆହ୍ଲାଦିତ ହୋଇ ପ୍ରଶ୍ନ କଲି — ''ଯେତେ ସବୁ ଗ୍ରନ୍ଥ ମୋର ଗୁରୁମାନେ ଦେଇଥିଲେ ମୁଁ ପଢ଼ି ଶେଷ କରିଛି । ଆଉ କେଉଁ ଗ୍ରନ୍ଥ ପଢ଼ିବି ?'' ବେଦବ୍ୟାସ ହସି ହସି କହିଲେ — ''ଜ୍ଞାନ ଆହରଣ ପାଇଁ ଗ୍ରନ୍ଥର କ'ଣ ଅଭାବ ଅଛି ? ଏ ବିଶାଳ ବିଶ୍ୱ ହେଉଛି ସର୍ବଶ୍ରେଷ୍ଠ ଗ୍ରନ୍ଥାଗାର । ବିଶ୍ୱମୟଙ୍କର ସମସ୍ତ ସର୍ଜନା, କୀଟାଣୁ, ଭୂତାଣୁଠାରୁ ଆରମ୍ଭ କରି ଗ୍ରହ, ନକ୍ଷତ୍ର ପର୍ଯ୍ୟନ୍ତ ସମସ୍ତେ ହେଉଛନ୍ତି ସେଇ ଗ୍ରନ୍ଥାଗାରର ଏକ ଏକ ମହାନ୍ ଗ୍ରନ୍ଥ । ଏ ପୃଥିବୀର ଧୂଳିକଣା ସହ ମଧ୍ୟ ମୁହୂର୍ତ୍ତ ମୁହୂର୍ତ୍ତର ଅନୁଭୂତି ହେଉଛି ସେଇସବୁ ଗ୍ରନ୍ଥମାନଙ୍କର ଗୋଟିଏ ଗୋଟିଏ ପତ୍ର । ତେଣୁ ଜୀବନର ପ୍ରତ୍ୟେକଟି ଅନୁଭୂତ ଅଧ୍ୟୟନର ବସ୍ତୁ । ପୃଥିବୀରେ ଶାସ୍ତ୍ରକାର, ପଣ୍ଡିତ, କାବ୍ୟକାର, ମୁନିଋଷି, ବିଦ୍ୱାନ ବ୍ୟକ୍ତିଗଣ ଜୀବନସାରା ଅଧ୍ୟୟନ କରି ମଧ୍ୟ ତା'ର ରହସ୍ୟ ଉନ୍ମୋଚନ କରିପାରି ନାହାନ୍ତି । ମା', ତମର ଆଉ ଗ୍ରନ୍ଥ ପଢ଼ିବାର ଆବଶ୍ୟକତା ନାହିଁ, ଏଣିକି ଜୀବନକୁ ଅଧ୍ୟୟନ କର । ଜୀବନର ମହାନତାକୁ ପ୍ରତିପାଦନ କର । ଏ ପୃଥିବୀରେ ଈଶ୍ୱର ଯାହା ଦେହରେ ଜୀବନର ସ୍ପନ୍ଦନ ଦେଇଛନ୍ତି, ତା' ପଛରେ କିଛି ନା' କିଛି ମହତ୍ ଉଦ୍ଦେଶ୍ୟ ନିହିତ ଅଛି । ସାଧାରଣ ଜୀବନ କାଟିବା ତମ ଜନ୍ମର ଉଦ୍ଦେଶ୍ୟ ନୁହେଁ । ତମପାଇଁ ଜୀବନରେ ଅନେକ ବିଚିତ୍ର ରୋମାଞ୍ଚକର ଘଟଣାବଳୀ ଅପେକ୍ଷା କରି ରହିଛି । ତାହାହିଁ ହେବ ତମ ଜୀବନର ଚରମ ଅଧ୍ୟୟନ । ସେଥିରେ କୃତିତ୍ୱ ଅର୍ଜନ ପାଇଁ ନିଜକୁ ପ୍ରସ୍ତୁତ କର ।''

ମହାମୁନି ବେଦବ୍ୟାସ ଭବିଷ୍ୟଦ୍ରଷ୍ଟା । ମୋ ଜୀବନ ସମ୍ବନ୍ଧରେ ତାଙ୍କର ଭବିଷ୍ୟବାଣୀ ଯେ ଅକାଟ୍ୟ, ଏଥିରେ ସନ୍ଦେହ ନାହିଁ । ଜୀବନ ସମ୍ବନ୍ଧରେ ମୁଁ ନାନା କଳ୍ପନା ଜଳ୍ପନା କରିବାକୁ ଲାଗିଲି । ସେ କଳ୍ପନାକୁ ମୁଁ କବିତାରେ ରୂପାୟିତ କରି ଆତ୍ମତୃପ୍ତି ଲାଭ କରୁଥିଲି ।

କିନ୍ତୁ ଆଜିର ଅନୁଭୂତିକୁ ଭାଷା ଦେଇ କବିତାରେ ରୂପାୟିତ କରିବା ମୋ ଶକ୍ତିର ବାହାରେ । ଯେଉଁ ଅନୁଭୂତି ଅଲିଭା ଅକ୍ଷରରେ ହୃଦୟରେ କବିତା ହେଇ ଲେଖି ହେଇଯାଏ, ତାକୁ ଲେଖନୀରେ ଫୁଟାଇ ଅନ୍ୟମାନଙ୍କ ପାଇଁ ଲେଖିହୁଏନା, କାରଣ ସେ କବିତାର ପ୍ରତ୍ୟେକଟି ପଂକ୍ତିର ସ୍ପନ୍ଦନ ନିଜସ୍ୱ — ଏକାନ୍ତ ନିଜସ୍ୱ ।

Digitized by srujanika@gmail.com

॥ ୪ ॥

ସୂର୍ଯ୍ୟୋଦୟ ହୋଇନାହିଁ, ମୋର ନିଦ୍ରାଭଙ୍ଗ ହେଲା ଏକ ସୁମଧୁର କଣ୍ଠର କାକଳିରେ । କର୍ଣ୍ଣ ଡେରି ଶୁଣିଲି, ମୋର ଶୟନଗୃହର ଦ୍ୱାରଦେଶରେ ମଧୁ ବର୍ଷୁଛି ! 'କୃଷ୍ଣ' 'କୃଷ୍ଣ' କିଏ ଜପୁଛି ଏତେ ପ୍ରତ୍ୟୁଷରୁ ? ମନକୁ ସ୍ଥିର କରି ଏକାଗ୍ରଚିତ୍ତରେ ବୁଝିବାକୁ ଚେଷ୍ଟାକଲି — କାହାର ଏ ସୁମଧୁର କୃଷ୍ଣ ନାମ ଭଜନ ?

କୃଷ୍ଣ, କୃଷ୍ଣ, କୃଷ୍ଣ — ମୋର ହୃଦୟ ଦ୍ୱାରରେ ପ୍ରତିଧ୍ୱନିତ ହେଉଛି କୃଷ୍ଣ ନାମ । ଏ ସ୍ୱର ମୋ ହୃଦୟ ଭିତରୁ ଭାସିଆସୁଛି ନାଁ ମୋର ରୁଦ୍ଧଦ୍ୱାର ସେପଟେ କେହି କୃଷ୍ଣନାମ ଜପୁଛି ? ହୁଏତ ଦୁଇଟାଯାକ ସତ୍ୟ । କାନ ଡେରିଲେ ଶୁଭୁଛି ମୋ ହୃଦୟ ଭିତରେ କୃଷ୍ଣନାମ — ପୁଣି ଦ୍ୱାର ସେପଟେ କେହି କୃଷ୍ଣ କୃଷ୍ଣ ଭଜୁଛି । ଦ୍ୱାର ଖୋଲିଲି । ମୋ ଉଆସ ବାହାରେ ଲୋହିତ ରଙ୍ଗ ବୁଣି ହୋଇଯାଇଛି. ସବୁଦିନଠାରୁ ଆଜିର ସୂର୍ଯ୍ୟୋଦୟ ସ୍ୱତନ୍ତ୍ର । ସେଥିରେ କିଛି ବିଶେଷତ୍ୱ ଅଛି । କିନ୍ତୁ କିଏ ଗାଉଥିଲା କୃଷ୍ଣ ନାମ ?

କୃଷ୍ଣ କୃଷ୍ଣ କୃଷ୍ଣ — ସୁମଧୁର ସ୍ୱର ଭାସିଆସୁଛି ରହପଞ୍ଜୁରୀ ଭିତରୁ । ମୋର ଅତି ପ୍ରିୟ ସାରୀ 'ନୀଳମଣି' କୃଷ୍ଣନାମ ଜପୁଛି । କାଲି ରାତିରେ ସଖୀ ନିତମ୍ବିନୀ କୃଷ୍ଣଙ୍କର ଜନ୍ମ ବୃତ୍ତାନ୍ତ, ବାଲ୍ୟକାଳରେ ତାଙ୍କର ଅଲୌକିକ କାର୍ଯ୍ୟାବଳୀ, କୈଶୋରରେ ତାଙ୍କର ଗୋପୀପ୍ରେମ, ରାଧା ମାନଭଞ୍ଜନ, ପୁଣି ଯୌବନରେ ରୁକ୍ମିଣୀ ହରଣ ଇତ୍ୟାଦି ସବୁକଥା ବଖାଣୁଥିଲା । କୃଷ୍ଣଙ୍କର ଯେତେ ଦୁର୍ଗୁଣ ସଖୀ ବଖାଣୁଥିଲା ତାଙ୍କ ପ୍ରତି ସେତେ ବେଶୀ ମୋର ଶ୍ରଦ୍ଧା ବଢୁଥିଲା । ଭାବୁଥିଲି ବାରବର୍ଷ ବୟସରେ ଯିଏ ଗୋକୁଳରେ ସମସ୍ତଙ୍କର ପ୍ରିୟ ହୋଇପାରିଥିଲେ, ସେ ଯଦି ଗୋପୀରଞ୍ଜନ ହେଇଥା'ନ୍ତି, କ୍ଷତି କ'ଣ । ଗୋପୀମାନେ କ'ଣ ଗୋକୁଳବାସୀଙ୍କଠାରୁ ଭିନ୍ନ ? ଯଦି ବା ରୁକ୍ମିଣୀ, ସତ୍ୟଭାମାଙ୍କ ବ୍ୟତୀତ ଦ୍ୱାରକାରେ ତାଙ୍କର ଆହୁରି ସହସ୍ର ପତ୍ନୀ ଅଛନ୍ତି, ସେ ତ କେବଳ ଧର୍ମରକ୍ଷା ପାଇଁ — ନାରୀର ମର୍ଯ୍ୟାଦା ରକ୍ଷା ପାଇଁ —

ଯେଉଁ କୃଷ୍ଣ ନୀଳକାନ୍ତ ମଣିଠାରୁ ଅଧିକ ଉଜ୍ଜ୍ୱଳ ସେ କେବେ କଳୁଷିତ ହୋଇ ନ ପାରନ୍ତି । ଯେଉଁ କୃଷ୍ଣ ବିଶ୍ୱରଞ୍ଜନ, ସେ କୃଷ୍ଣ ମନୋରଞ୍ଜନ ହେଲେ କ୍ଷତି କ'ଣ ?

ସାରୀ ନୀଳମଣି କାଲି ରାତିରେ ନିତମ୍ବିନୀ ସହ ମୋର ସମସ୍ତ କଥୋପକଥନ ଶୁଣି କୃଷ୍ଣନାମ ଭଜନ ଆରମ୍ଭ କରିଦେଇଛି । ସତେ ଯେମିତି ସେ କୃଷ୍ଣା ଅନ୍ତରର ସ୍ୱରକୁ ନିଜ କାକଳିରେ ପ୍ରତିଧ୍ୱନିତ ହିଁ କରୁଛି ।

Digitized by srujanika@gmail.com

ରହସ୍ୟପଣ୍ଡୁରୀ ଖୋଲି ନୀଳମଣିକୁ ଟିକେ ଆଦର କଲି । ତା' କଣ୍ଠସ୍ୱର ଠାରୁ ମୋ କଣ୍ଠକୁ ଅଧିକ କୋମଳ କରି ଡାକିଲି — ନୀଳମଣି ! ସେ ଡାକିଲା, କୃଷ୍ଣ-କୃଷ୍ଣ-କୃଷ୍ଣ — ମୁଁ ପୁଣିଥରେ ମିଠାସ୍ୱରରେ ଡାକିଲି — ନୀଳମଣି !

— କୃଷ୍ଣ କୃଷ୍ଣ !

— ନୀଳମଣି !

— କୃଷ୍ଣ-କୃଷ୍ଣ !

ମୁଁ ତାକୁ ଯେତେଥର ଆଦର କରି ଡାକୁଥାଏ ସେ ସେତେଥର କୃଷ୍ଣନାମରେ ହିଁ ଜବାବ ଦେଉଥାଏ । ସତେ ଯେମିତି ନୀଳମଣି ପ୍ରତି ମୋ ସ୍ନେହର ଉପଯୁକ୍ତ ପ୍ରତିଦାନ ହେଉଛି ତା'ର କୃଷ୍ଣନାମ ଜପ । କାରଣ କୃଷ୍ଣନାମ ହିଁ ଆଜି ମତେ ସବୁଠୁ ବେଶି ଆନନ୍ଦ ଦିଏ । ସେକଥା ନୀଳମଣି ବି ଜାଣିଲା କେମିତି ?

ମୁଁ କୃତ୍ରିମ ରୋଷ ପ୍ରକାଶ କରି କହିଲି — 'ନୀଳମଣି, ବନ୍ଦକର ।' ସେ ମତେ ଖତେଇ ହେଲା ଭଳି କହିଲା 'କୃଷ୍ଣ—କୃଷ୍ଣ'

'ଓ ! ବନ୍ଦକର ନୀଳମଣି'

'କୃଷ୍ଣ—କୃଷ୍ଣ—'

'ନୀଳମଣି, ନୀଳମଣି !'

'କୃଷ୍ଣ—କୃଷ୍ଣ—'

''ଓଃ ନୀଳମଣି, ମତେ ପାଗଳୀ କରିଦେବୁ ନା କ'ଣ ?''

ଖିଲି ଖିଲି ହସ ପଛରୁ ଶୁଭୁଛି । ନୀଳମଣି ବି ହସୁଛି କଳକଳ ନାଦରେ । ସଖି ନିତମ୍ବିନୀ ପରେ ହାଜର । ମୋର ଉନ୍ମୁକ୍ତ କବରୀକୁ ସଜାଡ଼ି ନେଉନେଉ ସେ କହିଲା—''ସକାଳୁ କୃଷ୍ଣନାମ ଜପ କଲଣି । ସାରା ଦିନଟା ପୁଣି ପଡ଼ିଛି ଯେ—'' ମୁଁ ଚମକି ଘୂର୍ହିଲି । ଚିଡ଼ିଉଠି ଉତ୍ତର ଦେଲି — ''ମୁଁ ନୁହେଁ, ମୋର ଏଇ ପ୍ରାଣର ନୀଳମଣି ସକାଳୁ କୃଷ୍ଣ କୃଷ୍ଣ ବୋଲି ପାଣି ପିଉନି । ମୁଁ ତାକୁ ବାରଣ କରୁଥିଲି ।''

ନିତମ୍ବିନୀ ନିତମ୍ବ ଦୋହଲାଇ ମୋ ସାମ୍ନାକୁ ଘୂଲିଆସିଲା । ମୋର ଚିବୁକ ଧରି ହଲାଇ ଦେଇ କହିଲା — ''ହଁ ଗୋ, ତମର ପ୍ରାଣର ନୀଳମଣି ତ ହେଉଛନ୍ତି କୃଷ୍ଣ । କୃଷ୍ଣ ଯିଏ ନୀଳମଣି ସେଇ । କୃଷ୍ଣକୁ ଅତି ଆଦରରେ ଡକାଯାଏ ନୀଳମଣି । ତମେ ତ ଉଠିବା ମାତ୍ରେ ନୀଳମଣି ହୁରି ପକାଇଛ ।''

ମୁଁ ଜିଭ କାମୁଡ଼ି ପକାଇଲି । ଲଜ୍ଜାରେ କହିଲି — ''ଛିଃ — ମୁଁ କି ଏତେ କଥା ଜାଣେ ? ମୋ ସାରୀର ନାମ ତ ନୀଳମଣି । ମୁଁ ଆଉ କ'ଣ କରିବି ଯେ —''

Digitized by srujanika@gmail.com

''ସାରୀର ନାମ ତମେ ତ ଦେଇଥିଲ ଜେମାଦେଈ ।'' ନୀତମ୍ବିନୀ ଆଖି ନଘୁଇ କହିଲା । ମୁଁ ହାରିଯାଇ କହିଲି — ''ହଁ ମୁଁ ତା'ର ନାମ ଦେଇଥିଲି । କିନ୍ତୁ କାହିଁକି ଯେ ଏତେ ନାମ ଭିତରୁ 'ନୀଳମଣି' ନାମଟି ମତେ ଭଲଲାଗିଲା ମୁଁ ଜାଣେନି । ଯେଉଁଦିନ ମୋ ସାରୀର ନାମକରଣ ଉତ୍ସବ ହେଲା, ସେଦିନ ରାଜକବି ଏତେଗୁଡ଼ାଏ ନାମ ତ ତାଲିକା କରି ଆଣିଥିଲେ; ଏହି ନାମଟି ମୋ କାନକୁ ଏତେ ମଧୁର ଶୁଭିଲା କାହିଁକି ମୁଁ ବୁଝିପାରୁନି ।''

''ସେମିତି ହୁଏ ଗୋ ଜେମା । ନ ହେଲେ ଏତେ ନାମ ଥାଉ ଥାଉ ତମର ନାମ କୃଷ୍ଣା ହୋଇଥା'ନ୍ତା କାହିଁକି ? ହେଲେ ତମ ଗଳାରେ 'ନୀଳମଣି' ଡାକଟି ଏଡ଼େ ମଧୁର ଯେ —''

ନିତମ୍ବିନୀକୁ ଚୁପ୍ କରିଦେଇ କହିଲି — '' ସତେ କି ଆଜି ନୂଆକରି ଶୁଣିଲୁ । ପ୍ରତିଦିନ ସାରୀକୁ ମୋର ଆଦର କରି କେତେଥର ମୁଁ ନୀଳମଣି, ନୀଳମଣି ଡାକେ — ତୁ କ'ଣ ହିସାବ ରଖିନୁ ?''

ନିତମ୍ବିନୀ ମୁହଁ ଶୁଖାଇ ଦେଲା । କହିଲା — ''ତମ କଣ୍ଠରେ ନୀଳମଣି ଡାକ ମୋ ପାଇଁ ନୂଆ ନୁହେଁ । କିନ୍ତୁ ଅତିଥି ଭବନରେ ଯେଉଁ ପରମ ଅତିଥି ବିଶ୍ରାମ କରୁଛନ୍ତି, ତାଙ୍କ ପାଇଁ ତ ନୂଆ ! କିନ୍ତୁ ଜେମା, ଅତିଥିଙ୍କ ନିଦ୍ରାରେ ବ୍ୟାଘାତ ଆଣିବା ତ ଆଦୌ ଉଚିତ ନୁହେଁ ।''

ମୁଁ ବିଚଳିତ ହେଇ କହିଲି, ''କାହା କଥା କହୁଛୁ, ମୁଁ କାହିଁକି କାହାର ନିଦ୍ରାରେ ବ୍ୟାଘାତ ଆଣିବି ?''

ନିତମ୍ବିନୀ ଆଖିରେ ଦୁଷ୍ଟାମିର କଟାକ୍ଷ ହାଣି କହିଲା — ''ତମର ଆହ୍ଲାଦଭରା ନୀଳମଣି ଡାକ ସାଙ୍ଗକୁ ତମ ନୀଳମଣିର ମଧୁର କୃଷ୍ଣନାମ ଅତିଥି ଭବନରେ ଏମିତି ଗୁଞ୍ଜରି ଉଠିଲା ଯେ ବିଚରା ଅସଲ ନୀଳମଣି ଫୁଲର ସୁଗନ୍ଧରେ ମଧୁପ ପଥହରା ହେଲାଭଳି ବାତୁଳ ପ୍ରାୟେ ହେଉଛନ୍ତି । ସେ ବୁଝିପାରୁନାହାନ୍ତି ଏମିତି ଆଦରରେ ହୃଦୟର ସବୁ ମମତା ନିଗାଡ଼ି କିଏ ତାଙ୍କୁ ଡାକୁଛି । ସତେ ମ ଜେମା, ତମର ସ୍ୱର ଆଉ ତମ ନୀଳମଣିର ସ୍ୱର ଦୂରରୁ ଜମା ବାରି ହେଉନି । ମୁଁ ଆସୁଥିଲି । କୃଷ୍ଣ ପଘ୍ଟରିଲେ, ''କାହାର ଏ ସ୍ୱର ?''

ମୁଁ କହିଲି — ''ଜେମାଙ୍କର ସ୍ୱର ପ୍ରାୟେ ଶୁଭୁଛି ।'' କୃଷ୍ଣ ହସିଦେଲେ । ସତେ ମ ଜେମା ! ସେ ହସ ଟିକକ ଦେଖିଲେ କେଉଁ ଦାମ୍ଭିକା ନାରୀ ଭଲା ଧୈର୍ଯ୍ୟ ଧରି ରହିବ ! ତମେ ନ ଦେଖିଛ ଭଲ ହେଇଛି ।

Digitized by srujanika@gmail.com

ମୁଁ ଲଜ୍ଜାରେ ଝାଉଁଳିଗଲି । କୃଷ୍ଣ କ'ଣ ଭାବିଥିବେ ! ବିରକ୍ତ ହୋଇ କହିଲି— ''ମୁଁ ଯେ ମୋର ସାରୀକୁ ଡାକୁଥିଲି ସେଇକଥା ବୁଝାଇ ଦେଲୁନି କାହିଁକି ?'' ନିତମ୍ବିନୀ ମୃଦୁ ହସି କହିଲା — ''ମତେ ସେ ଯେତିକି ପଗ୍ଧରିଲେ ମୁଁ ତା'ର ଉତ୍ତର ମାତ୍ର ଦେଲି । ଏତେବଡ଼ ଲୋକଙ୍କୁ ଉପରେ ପଡ଼ି ଏତେ କଥା କହିବାକୁ ମୋର କେମିତି ସାହସ ହେବ ?''

ମୁଁ ଆସ୍ତେ ପଗ୍ଧରିଲି — 'କୃଷ୍ଣ ଆଉ କ'ଣ ସବୁ ପଗ୍ଧରିଲେ ?'

ନିତମ୍ବିନୀ କହିଲା — କୃଷ୍ଣ କହିଲେ, ''ତମ ଜେମା କ'ଣ ରାତିରେ ଶୁଅନ୍ତି ନାହିଁ ? ସୂର୍ଯ୍ୟ ଉଦୟ ହେଇନି ସେ ନୀଳମଣି, ନୀଳମଣି ଭଜୁଛନ୍ତି ଯେ କଣ୍ଠସ୍ୱରରେ ଟିକେ ବି ଆଳସ୍ୟର ଚିହ୍ନ ନାହିଁ । ଭାରି ସୁନ୍ଦର ସ୍ୱର ।'' ମୁଁ ଉପର ମୁହଁରେ ନିତମ୍ବିନୀକୁ ଚିଡ଼ିଲେ ବି ମନ ଭିତରେ ଗୋଟାଏ ସ୍ୱପ୍ନର ମାୟା ନିବିଡ଼ ହେଇଆସୁଥାଏ, ମତେ ବିଚିତ୍ର ପୁଲକରେ ଆଚ୍ଛନ୍ନ କରୁଥାଏ ।

ନିତମ୍ବିନୀ ମତେ ହଲାଇଦେଇ କହିଲା — ''କଥା ସରିନାହିଁ, ଏତିକିବେଳୁ ଚେତା ହରାଇଲେ ଚଳିବ ନାହିଁ ।''

ମୁଁ ପ୍ରକୃତିସ୍ଥା ହେଲି । ନିତମ୍ବିନୀ ଓଠ ଚିପି ହସୁ ହସୁ କହିଲା — କୃଷ୍ଣ କହିଲେ, ''ତମ ଜେମା ମତେ ସ୍ମରଣ କରୁଛନ୍ତି ଜାଣି ସୁଖୀ ହେଲି । ତାଙ୍କୁ ମୋର ଧନ୍ୟବାଦ ଜଣାଇବ ।''

ମୁଁ ଲାଜରେ ମରିଯାଇ ଭାବିଲି — ''ଛିଃ, ଛିଃ, ଏ ନୀଳମଣି ସାରୀ ମତେ ଆଜି କି ପ୍ରମାଦରେ ନ ପକାଇଲା ! କୃଷ୍ଣଙ୍କୁ କେମିତି ମୁହଁ ଦେଖାଇବି ?''

ରାଗରେ ରତ୍ନପଞ୍ଜୁରୀ ଖୋଲିଦେଲି । ନୀଳମଣିକୁ ଉଡ଼ାଇଦେଲି ବାହାରକୁ । କହିଲି — ''ଯା, ବାହାରି ଯା । ଏଥର ତୁ ମୁକ୍ତ । ମୁଁ ବି ।'' ନୀଳମଣି ଘୂରି ଘୂରି ଉଡ଼ିଲା ମୋର ଅଗଣାରେ । କେତେଥର ନୀଳମଣିକି ଏମିତି ଉଡ଼ାଇ ଦେଇଛି । ସେ ଘୂରି ଘୂରି ଉଡ଼ିବୁଲିଛି ମୋର ପଛେ ପଛେ । ପୁଣି ଆପେ ଆସି ରତ୍ନପଞ୍ଜୁରୀ ମଣ୍ଡନ କରିଛି । ଭାବିଲି ଏଥର ବି ସେମିତି କରିବି । କିନ୍ତୁ ନୀଳମଣି କିଛି ସମୟ ପରେ 'କୃଷ୍ଣ' 'କୃଷ୍ଣ' ଉଚ୍ଚାରଣ କରି ଦୂରକୁ ଉଡ଼ିଗଲା । ନୀଳ ଆକାଶରେ ମିଶିଗଲା ବିନ୍ଦୁଟିଏ ହୋଇ । ଭାବିଲି ନୀଳମଣି କ'ଣ ମୋର କୃତ୍ରିମ ରୋଷକୁ ବୁଝିନପାରି ମତେ ଦଗା ଦେଇ ବଣକୁ ଘୁଲିଗଲା ? ନୀଳମଣି ବିନା ମୋର ଦିନ କଟିବ କେମିତି ? କିଏ ମତେ ମୋର ମନକଥା ଶୁଣାଇବ ?

Digitized by srujanika@gmail.com

ନିତମ୍ବିନୀ ମୋର ଦ୍ୱନ୍ଦ୍ୱ ବୁଝିପାରି ବୋଧହେଲା । କହିଲା — ''ଜେମା ବ୍ୟସ୍ତ ହୁଅ ନାହିଁ । ନୀଳମଣି ଯାହାର ନାମ ସେ କେବେ ଦଗା ଦିଏ ନାହିଁ । ନୀଳମଣି ତୁମକୁ ଡରାଇବା ପାଇଁ ଟିକେ ଦୂରକୁ ହୁଏତ ଉଡ଼ିଯାଇଛି । ନଚେତ୍ କେଉଁଠି ଅବା ସାଥୀର ସନ୍ଧାନ ପାଇଛି । ସାଥୀ ମିଳିଗଲେ ରହପଞ୍ଜୁରୀର ମୋହ ତୁଚ୍ଛ ହେଇଯାଏ, ଯେମିତି ସାଥୀର ଭାବନାରେ ରହପଲଙ୍କରେ ବି ନିଦ ଆସେନାହିଁ । ଜେମା, ତମେ ରାତିରେ ଜମା ଶୋଇନାହଁ ପରା । ଆଖି ଦୁଇଟାରେ ଗତ ରାତିର ସ୍ୱପ୍ନ ଏତେବେଳଯାଏ ଭାସୁଛି । ସୁନିଦ୍ରା ନହେଲେ ମଣିଷ ସ୍ୱପ୍ନ ଦେଖେ ନା କ'ଣ—'' ନିତମ୍ବିନୀ ପଣତ କାନି କାମୁଡ଼ି କାମୁଡ଼ି ଦୁଷ୍ଟ ବାଳିକାଭଳି ହସିଲା ।

ନିତମ୍ବିନୀ ଚତୁରୀ । କଥାକୁ କୋଉଠୁ ନେଇ କୋଉଠି ପହଞ୍ଚାଏ, ମୁଁ ସେକଥା ଜାଣେ । ଆଜି କିନ୍ତୁ ତା'ର ଚତୁର କୌତୁକକୁ ମୁଁ ଉପଭୋଗ କରିପାରିଲି ନାହିଁ । ନୀଳମଣିର ଚିନ୍ତାରେ ମୁଁ ବିଷଣ୍ଣ ହୋଇଯାଇଥାଏ ।

ଏତିକିବେଳେ ନୀଳମଣି କାହୁଁ ଉଡ଼ିଆସି ମୋ କାନ୍ଧରେ ବସିଲା । ଥଣ୍ଟରେ କ'ଣ ଖଣ୍ଡେ ଧରିଥାଏ । ମୋ କବରୀରେ ତାକୁ ଖୋସିଦେଲା । ମୋ କାନ ପାଖରେ ଗାଇଲା — କୃଷ୍ଣା, କୃଷ୍ଣା, କୃଷ୍ଣା —

ନିତମ୍ବିନୀ ବିସ୍ମିତାହୋଇ ଘ୍ରହିଁଥାଏ ମୋର କବରୀକୁ । ଏଥିରେ ବିସ୍ମିତ ହେବାର କ'ଣ ଅଛି ? ମୋ ଅଭିମାନ ଭାଙ୍ଗିବା ପାଇଁ ନୀଳମଣିର ତ ଏ କିଛି ନୂଆ କାଣ୍ଡ ନୁହେଁ। ସବୁଥରକ ସେ ଫୁଲକେଣ୍ଡାଏ ଚଞ୍ଚୁରେ ଧରି ଉଡ଼ିଆସେ, ଆଉ ମୋ ଗଭାରେ ଖୋସିଦିଏ। କିନ୍ତୁ କେବେ ତ ସେ ମତେ 'କୃଷ୍ଣା' ଡାକେନାହିଁ । ମତେ ସେ ଡାକେ 'ଜେମା' । ସବୁଥରକ ମୋ କାନ ପାଖରେ ସେ କହେ — ''ଜେମା, ଜେମା, ଜେମା ରାଗିଛ ? ରାଗିଛ ରାଗିଛ ? ନିତମ୍ବିନୀ ଏମିତି ଦୋହରେଇ ଦୋହରେଇ ମତେ ପଘ୍ନରେ । ନୀଳମଣି ତା'ରିଠୁ ଶିଖିଛି । କିନ୍ତୁ ଆଜି ସେ କୃଷ୍ଣା ଡାକ ଶିଖିଲା କେଉଁଠୁ ?''

ମୁଁ ନୀଳମଣିକୁ ଧରିଲି । ତାକୁ କିଛି କହିବାକୁ ଯାଉଛି, ନିତମ୍ବିନୀ କହିଲା — ''ଜେମା, କୃଷ୍ଣଙ୍କ କାଣ୍ଡ ଦେଖିଲ ତ ?''

—''କୃଷ୍ଣ କ'ଣ କଲେ ?''

—''ନୀଳମଣିକୁ କୃଷ୍ଣା ନାମ ଭଜନ ଶିଖାଇଲେ ।''

—''କେମିତି ?''

—''ତମେ ଏଣେ କୃଷ୍ଣ କୃଷ୍ଣ ହେଉଛ । ସେ ତେଣେ କୃଷ୍ଣା କୃଷ୍ଣା ହେଉଛନ୍ତି। ନୀଳମଣି ତାଙ୍କରି ପାଖରୁ ଶୁଣି ଆସି କୃଷ୍ଣା କୃଷ୍ଣା କହୁଛି ।''

Digitized by srujanika@gmail.com

ମୁଁ ନିତମ୍ବିନୀର ଆଗତଲା କଥା ପାଇଁ ବେଳେ ବେଳେ ଚିଡ଼େ । ଆଜି ବି ଚିଡ଼ିଗଲି । କହିଲି — ''ନୀଳମଣି କୃଷ୍ଣଙ୍କ ପାଖକୁ ଯାଇଥିଲା ବୋଲି ପ୍ରମାଣ ?''

''ଏଇ ତମ ଗଭାର ଅଗୁରୁ ଚନ୍ଦନ ସୁରଭିତ ମୟୂର ଚନ୍ଦ୍ରିକା ।'' ଏତିକି କହି ନିତମ୍ବିନୀ ମୋ ଗଭାରୁ ମୟୂର ଚନ୍ଦ୍ରିକାଟି କାଢ଼ି ଆଣିଲା । ମୋ ନାକ ପାଖରେ ହଲାଇ ଦେଇ ମୋ ଗଣ୍ଡରେ ଛୁଆଇଁ ଦେଲା । କହିଲା, ''ଏଥର ବୁଝିଲ ତ ?''

ମୁଁ ପୁଲକିତା, ବିସ୍ମିତା ହୋଇ ଠିଆ ହୋଇଥାଏ । ପ୍ରକୃତରେ ଏ ମୟୂର ଚନ୍ଦ୍ରିକା ଆମର ପୋଷା ମୟୂରମାନଙ୍କ ଭିତରୁ କାହାରି ନୁହେଁ । ଏ ଚନ୍ଦ୍ରିକା ନୀଳ, ସନ୍ଧ୍ୟା ଆକାଶର ମେଘ ପରି ଘନ, ସୁନ୍ଦର, ବିସ୍ତୃତ । ଅଗୁରୁ ଚନ୍ଦନର ବାସ୍ନା ମଧ୍ୟ କେଉଁଠୁ ଆସିବ ମୟୂର ଚନ୍ଦ୍ରିକା ଦେହରୁ ?

କୃଷ୍ଣ କ'ଣ ତେବେ ମୋ ନାମ ସ୍ମରଣ କରୁଥିଲେ ? ମୁଁ ତାଙ୍କର କିଏ ? ଦ୍ୱାରକାରେ ଅଛନ୍ତି ତାଙ୍କର ପ୍ରାଣପ୍ରିୟା ପତ୍ନୀ ଅଷ୍ଟପାଟବଂଶୀ ସତ୍ୟଭାମା, ରୁକ୍ମିଣୀ ଆଉରି କେତେ କିଏ — ମୁଁ ଛାର ଶ୍ୟାମାଙ୍ଗିନୀ କୃଷ୍ଣା, ମତେ କାହିଁକି ସେ ମନରେ ସ୍ଥାନ ଦେବେ ? ମୁଁ ତାଙ୍କଠାରେ ଅର୍ପିତା, ତେଣୁ ମୁଁ ତାଙ୍କୁ ଝୁରୁଛି । ସେ କାହିଁକି ମତେ ଝୁରିବେ ? ଦେବତାର ପାଦତଳେ ପ୍ରତିଦିନ କେତେ ଫୁଲ ଚଢ଼ା ହୁଏ । ଦେବତା କ'ଣ ତା'ର ହିସାବ ରଖନ୍ତି ? ଗଲାର ଫୁଲ ହିଁ ଦେବତାଙ୍କର ଶୋଭା ବଢ଼ାଏ । ତା'ରି ସୁରଭି ସେ ଆଘ୍ରାଣ କରନ୍ତି । ପାଦଲଗା ଫୁଲ ତ ଭୂଇଁରେ ଲୋଟୁଥାଏ !

ମୁଁ ଏମିତି ଭାବୁଛି, ପିତାଙ୍କ ପାଖରୁ ନିର୍ଦ୍ଦେଶ ଆସିଲା — ''କୃଷ୍ଣ ଦର୍ଶନ ପାଇଁ ପ୍ରସ୍ତୁତ ହୁଅ । ଆଶୀର୍ବାଦ ଦେଇ କୃଷ୍ଣ ଦ୍ୱାରକା ଫେରିଯିବେ ।''

ମୁଁ ପ୍ରସ୍ତୁତ ହେଲି । କୃଷ୍ଣଙ୍କ ପାଇଁ ବାଛି ବାଛି ବଗିଗ୍ୱର ସବୁଠୁ ସୁନ୍ଦର ଫୁଲ ତୋଳି ମାଳା ତିଆରି କଲି । ଫୁଲମାଳ ଦେଇ ତାଙ୍କର ବନ୍ଦନା କରିବା ପାଇଁ ପିତାଙ୍କର ନିର୍ଦ୍ଦେଶ । ଲଜ୍ଜା କଲେ ଚଳିବ ନାହିଁ । ପିତା ବିରକ୍ତ ହେବେ ମୁଁ ଜାଣେ । ଖୁବ୍ ଶୀଘ୍ର ମୁଁ ପ୍ରସ୍ତୁତ ହେଲି । କିନ୍ତୁ ମୋ ନିଜର ରୂପ, ବେଶ ମୋ ମନକୁ ଯାଉ ନଥାଏ । ଯାହାର ପାଦ ଦୁଇଟି ଏତେ ମନଲୋଭା, ତାଙ୍କର ଚକ୍ଷୁ ଦୁଇଟି କେତେ କମନୀୟ ହେଇ ନଥିବ ! ସେଇ କମନୀୟ ଚକ୍ଷୁ ଦୁଇଟି ମୋ ରୂପକୁ, ମୋ ବେଶକୁ ଗ୍ରହଣ କରିବ ତ ? ଦର୍ପଣ ସାମ୍ନାରେ ଠିଆହେଇ ମୁଁ ବାରମ୍ବାର ଭିନ୍ନ ଭିନ୍ନ ଶାଢ଼ୀ ପିନ୍ଧି ବଦଳାଉଥାଏ — ଭିନ୍ନ ଭିନ୍ନ ଗହଣା ପିନ୍ଧି ଖୋଲୁଥାଏ । କିଛି ମନକୁ ଯାଉ ନଥାଏ । ଭାବିଲି, ଏପରି ଜମନୀୟ ଆଖି ଦୁଇଟିର ସାମ୍ନା କରିବା ପାଇଁ ଯଦି ମୋର ଜନ୍ମ, ତେବେ ମୋର ରୂପକୁ ବିଧାତା ଆଉରି ରମଣୀୟ କଲେନାହିଁ କାହିଁକି ?

Digitized by srujanika@gmail.com

ନିଜ ରୂପ ଭେକ ଉପରେ ବିରକ୍ତ ହୋଇ ଶେଷକୁ ଅଷ୍ଟ ଅଳଙ୍କାର ଖୋଲି ପକାଇଲି । ସୁବର୍ଣ୍ଣ ଜରିକାମର ପାଟଶାଢ଼ୀ ଖୋଲି ମୋର ସବୁଦିନିଆ ଶୁଭ୍ର ବସନଟି ପିନ୍ଧିଲି । ନିରସ୍ତ ହେଇ ବସିପଡ଼ିଲି ପଲଙ୍କରେ । କହିଲି — ''ନିତମ୍ବିନି, ସଖି, କେଉଁ ରୂପରେ କୃଷ୍ଣଙ୍କୁ ଭେଟିବି ମୁଁ ବୁଝିପାରୁ ନାହିଁ । ମତେ ବାଟ ବତାଇଦିଅ ।''

ନିତମ୍ବିନୀ ମୋର କାନ୍ଧରେ ହାତ ରଖିଲା । ସ୍ନେହପୂର୍ଣ୍ଣ କଣ୍ଠରେ କହିଲା — ''ଜେମା, ତମେ ତ ପୃଥିବୀର ଶ୍ରେଷ୍ଠ ସୁନ୍ଦରୀ । କୃଷ୍ଣ ଯଦି ପୃଥିବୀର ସୁନ୍ଦରତମ ପୁରୁଷ ହୁଅନ୍ତି ତମର ଚିନ୍ତା କାହିଁକି ? କୃଷ୍ଣ ଯଦି ହୁଅନ୍ତି ଅନନ୍ତ ନୀଳିମା ଆକାଶ, ତମେ ହେବ ସେ ନୀଳିମାର ଶୋଭାବର୍ଦ୍ଧନକାରିଣୀ ସନ୍ଧ୍ୟାକାଳୀନ ମେଘଖଣ୍ଡ । କୃଷ୍ଣ ଯଦି ହୁଅନ୍ତି ନୀଳ ସରସୀର ଜଳ, ତମେ ହେବ ତା' ବୁକୁରେ ନୀଳ ଇନ୍ଦିବର । କୃଷ୍ଣ ଯଦି ହୁଅନ୍ତି ସବୁଜ ଶ୍ୟାମଳ ପୃଥିବୀ, ତମେ ହେବ ପୃଥିବୀ ବୁକୁରେ ତରଙ୍ଗିତ ନୀଳଶୈଳଶ୍ରେଣୀ । ଆଉ କୃଷ୍ଣ ଯଦି ହୁଅନ୍ତି ଶାନ୍ତ, ସୁନୀଳ ବିଶାଳ ସମୁଦ୍ର, ତମେ ହେବ ତା' ବୁକୁରେ କୋମଳ ଶୈବାଳିନୀ । କିଏ କାହାଠୁ ଉଣା ନୁହେଁ କି ବେଶି ନୁହେଁ। ଜଣେ ଜଣକର ଶୋଭା ବଢ଼ାଏ । ତମେ ଆଉ କୃଷ୍ଣ ଠିକ୍ ସେମିତି ।''

ମୁଁ ଭାବୁଥାଏ — ''ସଖୀ ନିତମ୍ବିନୀର ଏ ଘୁଟୁବାକ୍ୟ ସତ୍ୟ ?''

ଏତିକିବେଳେ ଶଙ୍ଖନାଦ ହେଲା । ନୀଳାଞ୍ଜନା ଅସ୍ତବ୍ୟସ୍ତ ହେଇ ପହଞ୍ଚିଲା । କହିଲା — ''ମହାରାଜ ବୈଠକ ଗୃହରେ ଅପେକ୍ଷା କରିଛନ୍ତି । କୃଷ୍ଣ ଦ୍ୱାରକା ଫେରିଯିବା ପାଇଁ ରଥ ପ୍ରସ୍ତୁତ ହୋଇ ରହିଛି । କୃଷ୍ଣ ଦର୍ଶନ ପାଇଁ ଶୀଘ୍ର ଆସନ୍ତୁ ।''

ନିଜକୁ ସଜାଇବା ପାଇଁ ଆଉ ସମୟ ନଥିଲା । ମୁଁ ସମ୍ପୂର୍ଣ୍ଣ ନିରାଭରଣା । ରୌପ୍ୟ ଜରିଦିଆ ଶୁଭ୍ରବସନ ପାଲଟିବା ପାଇଁ ମଧ୍ୟ ବେଳ ନାହିଁ । ସେମିତି ସେଇ ଅବସ୍ଥାରେ ବାହାରିପଡ଼ିଲି । ସିକ୍ତକେଶରେ କବରୀ ସାଜିବାର ଅବସର ନାହିଁ । ଉନ୍ମୁକ୍ତ କେଶ ନିତମ୍ବ ଛୁଇଁ ଅପହ୍ନରେ ତରଙ୍ଗ ସୃଷ୍ଟି କରୁଥାଏ । ସେଥିପ୍ରତି ମୋର ଭ୍ରୂକ୍ଷେପ ନାହିଁ ।

ନିତମ୍ବିନୀ ମତେ ଘୃହିଁ କହିଲା — ''ବିଧାତା ଯାହାକୁ ସୌନ୍ଦର୍ଯ୍ୟର କାରୁକାର୍ଯ୍ୟରେ ମଣ୍ଡଣି କରିଛି; ତା'ର ଅଳଙ୍କାର, ବସନ, ଭୂଷଣର ପ୍ରଯୋଜନ କ'ଣ ? ସତେ ଜେମା, ତମର ଏ ପୂଜାରିଣୀ ବେଶ ଭାରି ମନଲୋଭା । ଗୋପୀବଲ୍ଲଭ କୃଷ୍ଣ ଧୈର୍ଯ୍ୟ ଧରି ଦ୍ୱାରକା ଫେରିବେ ତ ?''

ମୁଁ କିଛି ଉତ୍ତର ଦେଲିନାହିଁ । ପିତା କାଳେ ବିରକ୍ତ ହେଉଥିବେ ବୋଲି ମୁଁ ଚିନ୍ତିତା ଥାଏ ।

Digitized by srujanika@gmail.com

ନିତମ୍ବିନୀ ସହ ବୈଠକ ଘରେ ପହଞ୍ଚିଲି । ମୋ ନିଜର ପାଦ ଦୁଇଟିକୁ ହିଁ ମୁଁ କେବଳ ଦେଖୁଥାଏ । ଆଖି ତୋଳି କୃଷ୍ଣ ରୂପ ଦର୍ଶନ କରିବା ପାଇଁ ସାହସ ହେଉ ନଥାଏ । ତାଙ୍କ ମନଲୋଭା ରୂପର ଜ୍ୱାଳା ସହି ନପାରିଲେ ପୁଣି କି ଅପଦସ୍ତ ନ ହେବି !

ମୁଁ କୃଷ୍ଣଙ୍କୁ ପ୍ରଣାମ ଜଣାଇବା ପୂର୍ବରୁ ସେ ମଧୁର ସମ୍ଭାଷଣ କରି କହିଲେ— ''ଦେବି କୃଷ୍ଣା, ତମ ଯୋଗୁଁ ପୃଥିବୀରେ ଅନେକ ଦୁଷ୍ଟ ନାଶନ ହେବେ ଏବଂ ଧର୍ମ ସ୍ଥାପିତ ହେବ । ତମେ ଶକ୍ତିମୟୀ ନାରୀ ପୁଣି ସର୍ବସୁଲକ୍ଷଣଯୁକ୍ତା । ଧର୍ମରକ୍ଷା ଏବଂ ଧର୍ମସ୍ଥାପନ ପାଇଁ ମୁଁ ମଧ୍ୟ ଜୀବନ ପଣ କରିଛି । ତମେ ବି ସେଇଥିପାଇଁ ଜନ୍ମଲାଭ କରିଛ । ତେଣୁ ମୋର ପ୍ରଣାମ ଗ୍ରହଣ କର ।''

ପିତା ଆଗ୍ରହରେ କହିଲେ — ''ସେଇଥିପାଇଁ ତ କେବଳ ମୁଁ କୃଷ୍ଣାକୁ କୃଷ୍ଣଙ୍କ ପାଦରେ ଅର୍ପଣ କରିଦେଇଛି । କୃଷ୍ଣାର ନାମକରଣ ସମୟରୁ ହିଁ ସେ କୃଷ୍ଣଙ୍କ ପାଦତଳେ ସମର୍ପିତା । ହେ କୃଷ୍ଣ, କୃଷ୍ଣାକୁ ପାଦପଦ୍ମରେ ସ୍ଥାନ ଦେଇ ମତେ କୃତାର୍ଥ କରନ୍ତୁ ।''

ମୁଁ ନତମୁଖ ହେଇ କୃଷ୍ଣଙ୍କ ନୀଳକମଳର ପାଦ ଦୁଇଟି ଉପରେ ଦୃଷ୍ଟି ହଜାଇ ଦେଇଥାଏ । ଆଉ ଅଳ୍ପ କେତୋଟି ମୁହୂର୍ତ୍ତରେ ମୁଁ ସେଇ ପାଦତଳେ ନିଜକୁ ସମର୍ପି ଦେଇଥା'ନ୍ତି । କୃଷ୍ଣ ତାଙ୍କର ପାଦ ଦୁଇଟିକୁ ଘୁଞ୍ଚାଇ ନେଲେ । ଶାନ୍ତ ମଧୁର ସ୍ୱରରେ କହିଲେ — ''ରାଜା ଦ୍ରୁପଦ, ଦେବୀ କୃଷ୍ଣା ସାଧାରଣ ନାରୀ ନୁହନ୍ତି । ତାଙ୍କ ପାଇଁ ସ୍ୱୟମ୍ବରର ଆୟୋଜନ କରନ୍ତୁ । ଆର୍ଯ୍ୟାବର୍ତ୍ତର ଶ୍ରେଷ୍ଠବୀର ହିଁ କୃଷ୍ଣାଙ୍କର ଯୋଗ୍ୟତମ ପୁରୁଷ । କାହାରି ପାଦତଳେ ଉପଯାଚିକା ଭାବେ କୃଷ୍ଣାକୁ ସମର୍ପି ଦେବା ଦ୍ୱାରା ତାଙ୍କର ଅପମାନ ହିଁ କରୁଛନ୍ତି । କୃଷ୍ଣାଙ୍କର ଯୋଗ୍ୟତମ ପୁରୁଷ ଭାବରେ ଯିଏ ନିଜକୁ ପ୍ରମାଣ କରିପାରିବ, ସେଇ କେବଳ କୃଷ୍ଣାଙ୍କର ପାଣିଗ୍ରହଣ ପାଇଁ ଉପଯୁକ୍ତ ହେବ ।''

ପିତା ବ୍ୟାକୁଳ କଣ୍ଠରେ କହିଲେ — ''ହେ କୃଷ୍ଣ, ଆର୍ଯ୍ୟାବର୍ତ୍ତର ଶ୍ରେଷ୍ଠ ବୀର ଆପଣଙ୍କ ଛଡ଼ା ଆଉ କିଏ ହୋଇପାରେ ? କୃଷ୍ଣ ଯେଉଁଠି ମନୋମତ ପୁରୁଷ, ସେଠାରେ ସ୍ୱୟମ୍ବରର ଅଯଥା ଆୟୋଜନ କାହିଁକି ? ଆପଣ ଥାଉ ଥାଉ ସ୍ୱୟମ୍ବରରେ କୃଷ୍ଣାକୁ କିଣିନେବାର ଶକ୍ତି କାହା ପାଖରେ ଅଛି ?''

—''ଅଛି, ସେ ଶକ୍ତି କୃଷ୍ଣ ବ୍ୟତୀତ ଆଉ ଜଣକର ଅଛି । ତେଣୁ ସ୍ୱୟମ୍ବର ବ୍ୟତିରେକ କୃଷ୍ଣାଙ୍କର ପାଣିଗ୍ରହଣର ଅଧିକାର କାହାର ନାହିଁ ।'' ଏତିକି କହି କୃଷ୍ଣ ମନ୍ଦ ମଧୁର ଠାଣିରେ ମୃଦୁ ମୃଦୁ ହସିଲେ । ତାଙ୍କର ସେଇ ହସ ଯେ କୌଣସି ତରୁଣୀର ହୃଦୟକୁ ମନ୍ଥନ କରି ସେଥିରେ ସଞ୍ଚିତ ସମସ୍ତ ଅମୃତକୁ ଲୁଟି ନେବା ପାଇଁ

Digitized by srujanika@gmail.com

ଯେପରି ଅଭିପ୍ରେତ । ସଖୀ ମତେ ଇଙ୍ଗିତ କରୁଥାଏ ମୋ ହାତରେ ଥିବା ବନମାଳଟିକୁ କୃଷ୍ଣଙ୍କ ଗଳାରେ ଲମ୍ବାଇ ଦେବା ପାଇଁ ।

ସେ କଥା ମୁଁ ମଧ୍ୟ ଗ୍ରହୁଁଥାଏ । ଅଥଚ ପାରୁନଥାଏ । କୃଷ୍ଣପ୍ରେମରେ ମୁଁ ଉନ୍ମତ୍ତ ନହେଇ ବିବଶ ହୋଇଯାଇଥାଏ । ଠିକ୍ ସେତିକିବେଳେ ପିତା ପ୍ରଶ୍ନ କଲେ— ''ସେ କିଏ ? କ'ଣ ତା'ର ପରିଚୟ ? କୃଷ୍ଣଙ୍କ ଛଡ଼ା ଯିଏ ମୋ ପ୍ରାଣପ୍ରିୟା କୃଷ୍ଣାର ଯୋଗ୍ୟ ?''

କୃଷ୍ଣ ଅତ୍ୟନ୍ତ ସ୍ନେହପୂର୍ଣ୍ଣ ଗଳାରେ କହିଲେ — ''ହରି, ହର, ବ୍ରହ୍ମା ଓ ଇନ୍ଦ୍ରଙ୍କର ଶକ୍ତି ନେଇ ପୃଥିବୀରେ ଜଣେ ମହାପୁରୁଷଙ୍କର ଜନ୍ମ ହୋଇଛି । ସେ ମଧ୍ୟମ ପାଣ୍ଡବ ଅର୍ଜୁନ, ମୋର ପିଉସୀଙ୍କ ପୁତ୍ର, ବୟସରେ ମୋ'ଠାରୁ ଠିକ୍ ବର୍ଷେ ସାନ । ଖାଲି ସେତିକି ନୁହେଁ, ମୋର ଏବଂ ଅର୍ଜୁନର ପିତୃବଂଶ ଏକ । ପୁଣି ଅର୍ଜୁନ ମୋରି ଜଲା ନେଇ ଜନ୍ମ । ଚନ୍ଦ୍ରବଂଶୀ ରାଜା ଯଯାତିଙ୍କ ଔରସରେ ଶୁକ୍ରାଚାର୍ଯ୍ୟଙ୍କ କନ୍ୟା ଦେବଯାନୀଙ୍କ ଗର୍ଭରୁ ଯଦୁଙ୍କର ଜନ୍ମ । ସେ ମୋର ପିତୃ-ପୁରୁଷ । ଯଯାତିଙ୍କ ଦ୍ୱିତୀୟା ପତ୍ନୀ, ଦୈତରାଜ ବୃଷପର୍ବାଙ୍କର କନ୍ୟା ଶର୍ମିଷ୍ଠାଙ୍କ ଗର୍ଭରୁ ଜାତ ହୋଇଥିଲେ ପୁରୁ । ସେ କୌରବ ଏବଂ ପାଣ୍ଡବମାନଙ୍କର ପିତୃ-ପୁରୁଷ । ହେ ରାଜା, ଅର୍ଜୁନର ବୀରତ୍ୱ ତମକୁ ଅବିଦିତ ନୁହେଁ। ସେ ଥାଉ ଥାଉ କୃଷ୍ଣାଙ୍କର ଯୋଗ୍ୟ ପୁରୁଷ ମୁଁ ହୋଇ ନପାରେ । ଅର୍ଜୁନ କେବଳ ମୋ ସାନଭାଇ ନୁହେଁ । ସେ ମୋର ଅନ୍ତରଙ୍ଗ ବନ୍ଧୁ, ପ୍ରିୟ ସଖା । ଆମର ଶରୀର ମାତ୍ର ଭିନ୍ନ, ଆତ୍ମା ଅଭିନ୍ନ । ଅର୍ଜୁନ ପରି ତ୍ରିଭୁବନ ବୀରପୁରୁଷକୁ ଜାମାତା ରୂପରେ ପାଇଲେ ତମେ ନିଶ୍ଚୟ ଯଶସ୍ୱୀ ହେବ ଏବଂ ତମର ପ୍ରତିଜ୍ଞା ପୂରଣ ହେବ ଏଥିରେ ସନ୍ଦେହ ନାହିଁ ।''

ପିତା ଉତ୍‌ଫୁଲ୍ଲ ହେଲେ । ଯେଉଁ ବୀରପୁରୁଷ ଦିନେ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ଆଦେଶରେ ପିତାଙ୍କୁ ବନ୍ଦୀ କରି ନେଇଥିଲେ, ସେଇ ହେବେ ପୁଣି ତାଙ୍କର ଜାମାତା। ତାଙ୍କରି ବାହୁବଳରେ ଦ୍ରୋଣାଚାର୍ଯ୍ୟଙ୍କର ଅହଙ୍କାର ଚୂର୍ଣ୍ଣ ହେବ । ଜାମାତା ହସ୍ତେ ନିଜ ଅପମାନର ପ୍ରତିଶୋଧ ନେବେ ରାଜା ଦ୍ରୁପଦ । ଯେଉଁ ବୀରପୁରୁଷକୁ ଛାତ୍ର ଭାବରେ ପାଇଛନ୍ତି ବୋଲି ଦ୍ରୋଣଙ୍କର ଏତେ ଗର୍ବ, ସେଇ ଯେତେବେଳେ ହେବେ ରାଜା ଦ୍ରୁପଦର ଜାମାତା, ସେତେବେଳେ ଦ୍ରୋଣାଚାର୍ଯ୍ୟଙ୍କ ଆଗରେ ଗର୍ବରେ ମସ୍ତକ ଉନ୍ନତ କରି ସେ ଠିଆହେବେ । କହିବେ—''ଦ୍ରୋଣ, ଆଜି ପର୍ଯ୍ୟନ୍ତ ମୋରି ଜାମାତା ଭାବରେ ଉପଯୁକ୍ତ କରିବା ପାଇଁ ତୁ ଅର୍ଜୁନଙ୍କୁ ଶ୍ରେଷ୍ଠ ବୀର କରି ଗଢୁଥିଲୁ । ତୋର ସର୍ବଶ୍ରେଷ୍ଠ ଛାତ୍ର ଯେ ମୋର ଜାମାତା ହେବ ଏକଥା ଜାଣିଥିଲେ ତୁ ବୋଧହୁଏ ତାକୁ ସମସ୍ତ ଯୁଦ୍ଧ କୌଶଳ ଶିକ୍ଷା ଦେଇନଥା'ନ୍ତୁ ! ବର୍ତ୍ତମାନ ମୋର ଜାମାତା ତତେ ପରାସ୍ତ କରିପାରେ। ତେଣୁ ତୁ ଚିରଦିନ ମୋର ଶରଣାପନ୍ନ ହେଇ ରହିବା ଉଚିତ ।''

Digitized by srujanika@gmail.com

ପିତାଙ୍କର ଭାବନା ତାଙ୍କ ମୁଖରେ ଉଦ୍ଭାସିତ ହଉଥିଲା । କୃଷ୍ଣ ହୁଅନ୍ତୁ ବା ଅର୍ଜୁନ ହୁଅନ୍ତୁ ତାଙ୍କର ଜାମାତା ବୀରଶ୍ରେଷ୍ଠ ହେବା ଆବଶ୍ୟକ । ଦ୍ରୋଣଙ୍କ ଅପମାନର ପ୍ରତିଶୋଧ ନେବାପାଇଁ ଉପଯୁକ୍ତ ଜାମାତା ଯଦି ଅର୍ଜୁନ ହିଁ ହୁଅନ୍ତି ତେବେ ତାଙ୍କର ଆପତ୍ତି କରିବାର କ'ଣ ଅଛି ?

କିନ୍ତୁ ମୁଁ କ'ଣ କରିବି ? ଯେଉଁ ବନମାଳଟି ଶ୍ରୀକୃଷ୍ଣଙ୍କ ଗଳାରେ ଦେବି ବୋଲି ସକାଳୁ ବସି, ପବିତ୍ର ହୃଦୟରେ ଗୁନ୍ଥିଥିଲି, ତାକୁ ଅର୍ଜୁନଙ୍କୁ ଦେବାକୁ ହେବ, ତାହା ପୁଣି କୃଷ୍ଣଙ୍କ ଇଚ୍ଛାରେ ?

ମୋର ନିଜର କିଛି ଇଚ୍ଛା ନାହିଁ, ଆଶା ଆକାଂକ୍ଷା ନାହିଁ, କାରଣ ମୁଁ ଯଜ୍ଞ ହୋମରୁ ସମ୍ଭୂତା, ଯାଜ୍ଞସେନୀ । ମୋର ଜନ୍ମ, ଜୀବନ ଏବଂ ମରଣ ଆଉ କାହାର ନିର୍ଦ୍ଦେଶରେ ପରିଚାଳିତ । ମୁଁ କାହିଁକି ଆସିଛି, କାହିଁକି ବଞ୍ଚିରହିବି, କାହିଁକି ମୃତ୍ୟୁ ଲଭିବି, ତା'ର ଉଦ୍ଦେଶ୍ୟ ମୁଁ ଜାଣେ ନାହିଁ । ଅଜ୍ଞାନତା ହିଁ ମୋର ସମ୍ବଳ । ମୋର ବିଷଣ୍ଣ, ଚିନ୍ତିତ ମୁଖକୁ ଘ୍ରହିଁ କୃଷ୍ଣ ମଧୁର ସ୍ୱରରେ କହିଲେ — "ଦେବି ଦ୍ରୌପଦୀ ! ପିତାଙ୍କର ଶତ୍ରୁନାଶନ ପାଇଁ ତମର ଜନ୍ମ । କେବେଳ ପିତାଙ୍କର ଶତ୍ରୁ ନୁହେଁ, ଏ ପୃଥିବୀର ଦୁରାତ୍ମାମାନଙ୍କର ବିନାଶ ପାଇଁ ତମେ ଜନ୍ମଲାଭ କରିଛ । ବାହ୍ୟଶତ୍ରୁକୁ ଜୟ କରିବାକୁ ହେଲେ ପ୍ରଥମେ ନିଜର ଆଭ୍ୟନ୍ତରୀଣ ଶତ୍ରୁ ଅର୍ଥାତ୍ ନିଜର ଇନ୍ଦ୍ରିୟମାନଙ୍କୁ ଜୟ କରିବାକୁ ହେବ । ତମର କାମନା, ବାସନା, ମନ, ହୃଦୟ ଏବଂ ବୌଦ୍ଧିକ ବିଶ୍ୱରକୁ ଧର୍ମ ସଂସ୍ଥାପନ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଦିଅ । ମହତ୍ତର ସ୍ୱାର୍ଥପାଇଁ କ୍ଷୁଦ୍ରତର ସ୍ୱାର୍ଥକୁ ବଳି ଦିଆଯାଇପାରେ । ତାହାହିଁ ଜୀବନର ମହନୀୟତା ପ୍ରତିପାଦନ କରେ ।"

ମୁଁ ଭାବିଲି, କୃଷ୍ଣ ହିଁ ଧର୍ମପ୍ରବର୍ତ୍ତକ ।

ସେଇ ମୁହୂର୍ତ୍ତରେ ମୁଁ କୃଷ୍ଣଙ୍କ ପାଖରେ ନିଜକୁ ଉତ୍ସର୍ଗ କରିଦେଲି ଏବଂ ମନେ ମନେ କୃଷ୍ଣଙ୍କୁ ଜଣାଇଲି, ହେ କୃଷ୍ଣ, ମୋର କର୍ମ ଯଦି ମୋର ନୁହେଁ, ମୋର କର୍ମଫଳ ବି ମୋର ନୁହେଁ । ମୁଁ କିଛି ଜାଣେ ନାହିଁ, ମହତ୍ତର ସ୍ୱାର୍ଥ ପାଇଁ ଯାହା ନିର୍ଦ୍ଦେଶ ଆସିବ ତାକୁ ହିଁ ମାନିବି । କିନ୍ତୁ ମୁଁ ତ ମର୍ତ୍ତ୍ୟର ଛାର ମାନବୀ-- କାମ, କ୍ରୋଧ, ଲୋଭ, ମୋହକୁ ଜୟ କରିବାର ଶକ୍ତି ମୋର କାହିଁ ? ସେ ଶକ୍ତି ଯଦି ତମେ ନଦେବ, ମୁଁ କେମିତି ମାନବୀରୁ ଦେବୀ ହେବି ?

ବନମାଳା ସହ ଆଖିର ଲୋତକକୁ ମାଳା ଗୁନ୍ଥି କୃଷ୍ଣଙ୍କ ଗଳାରେ ନୁହେଁ, ପାଦପଦ୍ମରେ ଅଞ୍ଜଳି ଢାଳିଦେଲି ଏବଂ ମୁଁ ଅନୁଭବ କଲି ମୋର ତାରୁଣ୍ୟ ଅନ୍ତର୍ହିତ ହୋଇଛି । ମୁଁ ଅଜ୍ଞାନ ଶିଶୁ ପାଲଟି ଯାଇଛି । ମୋର ଶୈଶବ ଅନୁଭୂତି ହୋଇ

Digitized by srujanika@gmail.com

ନଥିଲା । ତରୁଣ ଦେହ ନେଇ ମୁଁ ଜନ୍ମ ଲଭିଥିଲି । ଶୈଶବର କୋମଳ, ନିଷ୍ପାପ ଅଜ୍ଞାନତା ଯେ ଏତେ ସୁଖକର ତା' ମୁଁ ଜାଣି ନଥିଲି । ଜ୍ଞାନର ପାରାବାର କୃଷ୍ଣଙ୍କ ପାଦପଦ୍ମରେ ଅଜ୍ଞାନତାର ସଲୀଳ କଣାଟିଏ ହେଇ ଝରିଯିବାରେ ଜୀବନର ଚରମ ପୂର୍ଣ୍ଣତା ଯେ ନିହିତ ତା' ଅନୁଭବ କରି ମୁଁ ପରମ ନିଶ୍ଚିନ୍ତ ମନରେ କୃଷ୍ଣଙ୍କର ପ୍ରିୟସଖା ଅର୍ଜୁନଙ୍କୁ ହୃଦୟରେ ସ୍ଥାନ ଦେଲି । ମୋର ଘରା କ'ଣ ! ମୁଁ ତ ଅଜ୍ଞାନ ଶିଶୁ, ଯେଉଁ ଖେଳଣାଟି ମୋ ହାତରେ ଯେତେବେଳେ ମୋର କର୍ତ୍ତା ଧରାଇଦେବେ, ମୁଁ ଖେଳିବି, ଖୁସିହେବି, ବଞ୍ଚିବି । ମୋର ଖେଳଣା କିଏ ହେବ — କାହିଁକି ହେବ, ଏ ପ୍ରଶ୍ନ ପଘ୍ୱରିବାକୁ ମୁଁ କିଏ ?

କୃଷ୍ଣ ବିଦାୟ ନେବା ପୂର୍ବରୁ ଅନୁଚ୍ଚ ସ୍ୱରରେ, ମୋର ହୃଦୟ ନିକଟରେ ଆସ୍ତେ ଯେମିତି କହିଲେ— ''କୃଷ୍ଣା, କୃଷ୍ଣ ଚିରଦିନ ପ୍ରେମପାଗଳ, ସ୍ନେହକାଙ୍ଗାଳ । ସଖା ଅର୍ଜୁନ ମତେ ଯେଉଁ ପ୍ରେମପାଶରେ ବାନ୍ଧି ରଖିଛି, ସେଥିରେ ଦୟାକରି ଭାଗ ବସାଇବ ନାହିଁ । ବରଂ ଅର୍ଜୁନ ପ୍ରତି ତମ ପ୍ରେମରେ ମୁଁ ଭାଗୀଦାର ହେବାର ହକ୍‌ଦାର । ଅର୍ଜୁନର ସମସ୍ତ ପ୍ରାପ୍ତି, ଅପ୍ରାପ୍ତି, ଜୟ ପରାଜୟରେ ମୁଁ ଅଂଶୀଦାର । ଅର୍ଜୁନ ଖାଦ୍ୟ ଗ୍ରହଣ ପୂର୍ବରୁ ମତେ ସମର୍ପଣ କରେ । ମୋ ପାଖରେ ସମର୍ପଣ ବିନା ଅର୍ଜୁନ ଜଳ ମଧ୍ୟ ସ୍ପର୍ଶ କରେନାହିଁ । କିନ୍ତୁ ଅର୍ଜୁନ ଯେଉଁ ଖାଦ୍ୟ ମତେ ଅର୍ପଣ କରେ, ମୁଁ ତାକୁ ଖାଏ ନାହିଁ, ତା'ର ସୁଗନ୍ଧ କେବଳ ଆଘ୍ରାଣ କରେ, ତା'ର ସୂକ୍ଷ୍ମାତିସୂକ୍ଷ୍ମ ସାରବତ୍ତା ହିଁ ଗ୍ରହଣ କରିଥାଏ । ଠିକ୍ ସେମିତି ତମେ ଅର୍ଜୁନର ହେଲେ ମଧ୍ୟ ସୂକ୍ଷ୍ମାତିସୂକ୍ଷ୍ମ ଦେହାତୀତ ତମର ସତ୍ତା ସହ ମୋର ଅଦୃଶ୍ୟ ସମ୍ପର୍କ ଚିରନ୍ତନ, ଶାଶ୍ୱତ । ଏକଥା ଭୁଲିବ ନାହିଁ ।''

ସେଇ ମୁହୂର୍ତ୍ତରେ ମୁଁ ଦୁଇଭାଗ ହୋଇଗଲି । ମୋର ସୂକ୍ଷ୍ମାତିସୂକ୍ଷ୍ମ ଦେହାତୀତ ସତ୍ତାଟି ନୀଳ ସୁନୀଳ ଜ୍ୟୋତିର୍ମୟ ଶିଖାଟିଏ ଭିତରେ ବିଲୀନ ହୋଇଗଲା । ମୋର ଅପର ଅଂଶଟି ପାର୍ଥିବ ସୁଖ ସମ୍ଭୋଗ, ଆଶା ଆକାଂକ୍ଷା ଭିତରେ ସ୍ୱୟମ୍ବରା ଦ୍ରୌପଦୀର ଦେହ ହୋଇ ରହିଗଲା ପାଞ୍ଚାଳ ଦେଶର ରାଜପ୍ରାସାଦରେ, ଅର୍ଜୁନଙ୍କ ପ୍ରତୀକ୍ଷାରେ ।

କେଡ଼େ ବିଚିତ୍ର ସତେ ଏଇ ମଣିଷର ମନ ! କେତେ କଥା ବିସ୍ମରି ଯାଏ ପୁଣି କେତେ କଥା ଅଲିଭା ଅକ୍ଷରରେ ଲେଖି ରଖେ ତା' ଦେହରେ !

ମୁଁ ଭୁଲିଗଲି ଯେ ପିତା ପ୍ରଥମେ ମତେ କୃଷ୍ଣଙ୍କ ପାଦରେ ସମର୍ପଣ କରିଥିଲେ ବୋଲି । ମୁଁ ବର୍ତ୍ତମାନ ବୀରଶ୍ରେଷ୍ଠ ଅର୍ଜୁନଙ୍କ କଳ୍ପନାରେ ବୁଡ଼ିଗଲି । ସେ କେମିତି ? ଠିକ୍ କୃଷ୍ଣଙ୍କ ପରି ? ନାଁ ସେ ହେଉଛନ୍ତି ଅନ୍ୟ ଏକ କୃଷ୍ଣ ? ତା' ନ ହୋଇଥିଲେ ସେ କେମିତି କୃଷ୍ଣାର ମନୋମତ ପୁରୁଷ ହୋଇପାରିବେ ?

Digitized by srujanika@gmail.com

॥ ୫ ॥

''ଋତୁ ବସନ୍ତ । ଫାଲ୍‌ଗୁନର ଫଗୁ ଖେଳରେ 'ଅର୍ଜୁନ' ବନରେ ରଙ୍ଗ ଲାଗି ଆସୁଥାଏ । ପୁଣ୍ୟତୋୟା ଗଙ୍ଗା ନଦୀର ତୀରରେ ବଜ୍ରଧାରୀ ଇନ୍ଦ୍ର ଉପସ୍ଥିତ । ଭୋଜରାଜ ଦୁଲାଳୀ କୁନ୍ତୀ ଦୁର୍ବାସାଙ୍କ ଜପାମାଳିର ଆହ୍ୱାନରେ ଇନ୍ଦ୍ରଦେବଙ୍କୁ ସ୍ମରଣ କରିଛନ୍ତି । ବସନ୍ତର ଏ ଆହ୍ୱାନକୁ ଇନ୍ଦ୍ରଦେବ କ'ଣ ଏଡ଼ିପାରିବେ ? ଇନ୍ଦ୍ରଦେବଙ୍କର ଶୌର୍ଯ୍ୟ ନେଇ ପବିତ୍ର-ହୃଦୟା କୁନ୍ତୀଙ୍କ ଗର୍ଭର ପବିତ୍ର ଗଙ୍ଗାନଦୀ ତୀର ଅର୍ଜୁନ ବନ କୋଳରେ ଉତ୍ତରା ଫାଲ୍‌ଗୁନି ନକ୍ଷତ୍ରରେ ସହସା ଯେଉଁ ଦେବଶିଶୁର ଆବିର୍ଭାବ ହେଲା ସେ ଅର୍ଜୁନ, ଫାଲ୍‌ଗୁନି, ବିଷ୍ଣୁ କିରୀଟୀ, ଶ୍ୱେତବାହନ, ବିଭତ୍ସୁ, ବିଜୟ, ସବ୍ୟସାଚୀ, ଧନଞ୍ଜୟ ।''

ନିତମ୍ବିନୀ ଏଇଠି କଥା ବନ୍ଦ ରଖି ହସି ହସି ପଗ୍ଧରିଲା — ''ସଖି ! ପ୍ରିୟତମଙ୍କର ଏତେଗୁଡ଼ିଏ ନାମ ସ୍ମରଣ ରହିବ ତ ? ସତେ କେତେ ଭାଗ୍ୟ ତୁମର ! ଏତେଗୁଡ଼ିଏ ନାମର ଯିଏ ଅଧିକାରୀ, କେତେ ଯଶ କୀର୍ତ୍ତି, ବିଦ୍ୟା ବୁଦ୍ଧିର ସେ ଅଧିକାରୀ ହୋଇ ନଥିବେ ! ଏଥର କୃଷ୍ଣଙ୍କୁ ଭୁଲି ଫାଲ୍‌ଗୁନିଙ୍କୁ ସ୍ମରଣ କର ।''

ମୁଁ କହିଲି — ''ସଖି ! ଯେଉଁ ହୃଦୟରେ ଶ୍ରୀକୃଷ୍ଣଙ୍କୁ ଥରେ ସ୍ଥାନ ଦେଇଥିଲି, ସେଠି ପୁନର୍ବାର କେବଳ ସବ୍ୟସାଚୀଙ୍କୁ ହିଁ ସ୍ଥାନ ଦେଇପାରେ । କାରଣ ସେ ତିନି କୃଷ୍ଣ, କୃଷ୍ଣଙ୍କର କଳା ନେଇ ଜନ୍ମ । ତାଙ୍କ ଭିତରେ ମୁଁ କୃଷ୍ଣଙ୍କୁ ହିଁ ପାଇବି । କୃଷ୍ଣ ଯେତେବେଳେ ମୋ ପାଇଁ ଅର୍ଜୁନଙ୍କୁ ହିଁ ଉପଯୁକ୍ତ ମନେ କରନ୍ତି, ମୋର ବିଶ୍ୱାସ ଅର୍ଜୁନ ହିଁ ଏ ପୃଥିବୀର ଶ୍ରେଷ୍ଠ ବୀର ।'' ନିତମ୍ବିନୀ ହସି ହସି କହିଲା — ''ସଖି, ତମେ କ'ଣ ଅର୍ଜୁନଙ୍କର ବୀରତ୍ୱ କାହାଣୀ ଶୁଣିନାହଁ ? ଅତ୍ୟନ୍ତ ବାଲ୍ୟକାଳରୁ ହିଁ ଅର୍ଜୁନଙ୍କର ବୀରତ୍ୱ ପ୍ରକଟିତ ହେଇଥିଲା । ଗୁରୁ ଦ୍ରୋଣଙ୍କର ସେ ଶ୍ରେଷ୍ଠ ଛାତ୍ର । ଗୁରୁ ଦ୍ରୋଣଙ୍କର ଅଦ୍ଭୂତ ଅସ୍ତ୍ର ପରୀକ୍ଷାରେ ଅର୍ଜୁନ ହିଁ ଜୟଲାଭ କରିଥିଲେ । ଆଠ ସହସ୍ର, ଆଠ ଶତ ଅଠେଇଶ ପାଦ ଦୂରରେ ଏକ ପର୍ବତ । ପର୍ବତ ଉପରେ ଏକ ଦୁର୍ଗ । ତା' ଉପରେ ଏକ ଖଡ଼ିକା । ଖଡ଼ିକା ଉପରେ ଶୃଙ୍ଗଧାନ ଓ ଧାନ ଉପରେ ଅତି କ୍ଷୁଦ୍ର ଏକ ଗରଗଡ଼ । ପୁଣି ଗରଗଡ଼ ଉପରେ ଏକ ସୂକ୍ଷ୍ମ ସୋରିଷକଣା । ଗୁରୁଙ୍କ ନିର୍ଦ୍ଦେଶ ଶରବିଦ୍ଧ କରି ସୋରିଷକୁ ଦୁଇଫାଳ କରିବାକୁ ହେବ ।'' ମୁଁ ଚକିତ ହୋଇ ଗ୍ୱହିଁଥାଏ ନିତମ୍ବିନୀକୁ । ଗୁରୁ ଦ୍ରୋଣଙ୍କର ଏ କି ଅଦ୍ଭୂତ ଅସ୍ତ୍ର ପରୀକ୍ଷା ! ଏ ପରୀକ୍ଷାରେ ପୁଣି କିଏ ଉତ୍ତୀର୍ଣ୍ଣ ହୁଏ ! ନିତମ୍ବିନୀ ମୋର ଆବାକାବା ଭାବ ଦେଖି ହସି ହସି କହିଲା — ''ଏ ପରୀକ୍ଷାରେ ଯିଏ ଉତ୍ତୀର୍ଣ୍ଣ ସେ ସ୍ୱୟଂ ଶ୍ରୀକୃଷ୍ଣ, ନଚେତ୍ ଶ୍ରୀକୃଷ୍ଣ ସଖା ଅର୍ଜୁନ । ତାଙ୍କ ଛଡ଼ା ଅସାଧ୍ୟ ସାଧନ କିଏ କରିବ ?''

Digitized by srujanika@gmail.com

ମୁଁ ଆଶ୍ଚର୍ଯ୍ୟ ହୋଇ ଭାବୁଥାଏ, ଯିଏ ଅସ୍ତ୍ରବିଦ୍ୟାରେ ଏତେ ଅଲୌକିକତା ପ୍ରଦର୍ଶନ କରନ୍ତି, ସେ ଶ୍ରୀକୃଷ୍ଣଙ୍କର ସଖା ବ୍ୟତୀତ ଆଉ କିଏ ହୋଇପାରେ ?

ନିତମ୍ବିନୀ ମୋ କାନ ପାଖରେ ଅତି ମୃଦୁ ସ୍ୱରରେ କହିଲା — ''ଦ୍ରୋଣଙ୍କ ନିର୍ଦ୍ଦେଶରେ ମହାରାଜ ଦ୍ରୁପଦଙ୍କୁ ବନ୍ଦୀକରି ନେଇଥିଲେ ଅର୍ଜୁନ । ସେଇ ପୁଣି ଶ୍ରୀକୃଷ୍ଣଙ୍କ ଇଙ୍ଗିତରେ ଦ୍ରୁପଦନନ୍ଦିନୀ ଦ୍ରୌପଦୀଙ୍କୁ ଜୟ କରିନେବେ । ବାଃ, କି ସୁନ୍ଦର ଯୋଗାଯୋଗ !''

ମୁଁ ଉଦାସ କଣ୍ଠରେ କହିଲି — ''ମୋର କି ଘରା ! ଯାହା ଶ୍ରୀକୃଷ୍ଣ ଘ୍ରହିଁବେ, ତାହା ପିତା ଘ୍ରହିଁବେ । ପିତାଙ୍କର ଇଚ୍ଛା ପାଳନ କରିବା ତ ମୋର ଧର୍ମ । ଧର୍ମକୁ ବାଦ୍ ଦେଇ ମୋ ଜନ୍ମର କି ବା ମୂଲ୍ୟ ?''

ନିତମ୍ବିନୀ ହସି ହସି କହିଲା — ''କୃଷ୍ଣଙ୍କୁ ପାଇଲ ନାହିଁ ବୋଲି ଅଭିମାନ କରୁଛ କି ସଖି ? କୃଷ୍ଣଙ୍କୁ ନ ପାଇଲେ ମଧ୍ୟ କୃଷ୍ଣଙ୍କ ପ୍ରାଣ ତମକୁ ପ୍ରାପ୍ତ ହେବ ।''

—'କେମିତି ?' ମୁଁ ପଗ୍ଧରିଲି ।

ନିତମ୍ବିନୀ କହିଲା — ''ଅର୍ଜୁନ କୃଷ୍ଣଙ୍କ ପ୍ରାଣ । ଅର୍ଜୁନ ମିଳିଲେ, କୃଷ୍ଣଙ୍କ ପ୍ରାଣ ମିଳିଯିବ — କୃଷ୍ଣ ମିଳିଯିବେ । ଅର୍ଜୁନଙ୍କୁ ବଶ କରିପାରିଲେ କୃଷ୍ଣ ହିଁ ବଶ ହୋଇ ରହିବେ । କୃଷ୍ଣ ଯାହାର ବଶ, ତା'ର ଆଉ ଦୁଃଖ କ'ଣ ?''

ମୁଁ କେଜାଣି କାହିଁକି କହିପକାଇଲି — ''ଦୁଃଖ ନଥାଇ ଜୀବନ ଥାଏ କି ନିତମ୍ବିନୀ ? ଯଦି ଥାଏ ତେବେ ସେଠି କୃଷ୍ଣ ନଥା'ନ୍ତି । ଯେଉଁଠି ଦୁଃଖ, ସେଇଠି କୃଷ୍ଣ । ଶୁଣିଛି ସେ ପରା ଦୁଃଖବନ୍ଧୁ ।''

ସେତେବେଳେ କ'ଣ ଜାଣିଥିଲି ମୁଁ ମୋର ଆଗତ କଥା ହିଁ କହୁଥିଲି ବୋଲି !

॥ ୬ ॥

ସ୍ୱୟମ୍ବରା ହେବାପାଇଁ ମୁଁ ନିଜକୁ ପ୍ରସ୍ତୁତ କରୁଥାଏ, କାରଣ ପାଞ୍ଚାଳ ଦେଶରେ ରାଜକନ୍ୟା ଦ୍ରୌପଦୀଙ୍କ ସ୍ୱୟମ୍ବରର ଆୟୋଜନ ଘ୍ରଲିଥାଏ ।

ଅର୍ଜୁନଙ୍କର ବୀରତ୍ୱ ଓ ଶୌର୍ଯ୍ୟ କାହାକୁ ବା ଅବିଦିତ ? ପିତା ତାଙ୍କ ଦ୍ୱାରା ବହୁ ପୂର୍ବରୁ ପରାଜିତ ହୋଇଚନ୍ତି । ତେଣୁ ଆଜି ନିଜର ବୀରତ୍ୱର ଚରମ ପରାକାଷ୍ଠା ନ ଦେଖାଇ ସେ ଦ୍ରୌପଦୀ କନ୍ୟାରତ୍ନ ଲାଭ କରିବେ କିପରି ?

Digitized by srujanika@gmail.com

ଏଭଳି ଏକ ଅଦ୍ଭୁତ ସ୍ୱୟମ୍ବର ସଭାର ଆୟୋଜନ ପଛରେ ପିତାଙ୍କର ଦୁଇଟି ଉଦ୍ଦେଶ୍ୟ ଥାଏ । ପ୍ରଥମ, ଅର୍ଜୁନଙ୍କ ବ୍ୟତୀତ ଅନ୍ୟ କେହି ଯେପରି ସ୍ୱୟମ୍ବରର ସର୍ତ୍ତରକ୍ଷା କରିବାରେ ସମର୍ଥ ହେବେନାହିଁ, ଦ୍ୱିତୀୟ ବୀରଶ୍ରେଷ୍ଠ ଅର୍ଜୁନଙ୍କ ଦ୍ୱାରା ଅତୀତରେ ପରାସ୍ତ ହୋଇଥିବାର ଗ୍ଲାନି ଯୋଗୁଁ ଆଜି ପାଞ୍ଚାଳ ଦେଶବାସୀଙ୍କ ସମ୍ମୁଖରେ ଚରମ ପରୀକ୍ଷା ଦେଇ ପ୍ରାୟଶ୍ଚିତ୍ତ କରାଇବା ଦ୍ୱାରା ପିତାଙ୍କର ସେ ଦିନର ଗ୍ଲାନି ଓ ଅପମାନକୁ ପ୍ରଶମିତ କରାଇବା ।

ସଖୀ ନିତମ୍ବିନୀଠାରୁ ସ୍ୱୟମ୍ବରର ସର୍ତ୍ତ ଶୁଣି ମୁଁ ତ ସ୍ତମ୍ଭୀଭୂତା ! ଏ ପରୀକ୍ଷାରୁ କେହି କ'ଣ ଉତ୍ତୀର୍ଣ୍ଣ ହୁଏ !

ସ୍ୱୟମ୍ବର ନିମନ୍ତେ ଯେଉଁ ଧନୁ ତିଆରି ହୋଇଥିଲା, ତାହା ଏତେ ଶକ୍ତ ଥିଲା ଯେ ତାକୁ ବଙ୍କେଇ ଗୁଣ ଦେବା ଅତି କଷ୍ଟକର ବ୍ୟାପାର ଥିଲା । ସ୍ୱୟମ୍ବର ପାଇଁ ନିର୍ମିତ ହୋଇଛି ଏକ ସୁନ୍ଦର ମଣ୍ଡପ । ମଣ୍ଡପ ଉପରେ ଏକ ସୁଉଚ୍ଚ ଦଣ୍ଡ । ତା' ଉପରେ ସ୍ଥାପିତ ହେବ ଲକ୍ଷ୍ୟବସ୍ତୁ । ଲକ୍ଷ୍ୟବସ୍ତୁର ନିମ୍ନରେ ଏକ ଘୂର୍ଣ୍ଣାୟମାନ ଚକ୍ର ସଂଯୋଗ କରାଯିବ । କ୍ଷୀପ୍ରଗତିରେ ଘୂର୍ଣ୍ଣାୟମାନ ଚକ୍ରସହ ଲକ୍ଷ୍ୟବସ୍ତୁର ଚିତ୍ର ପ୍ରତିବିମ୍ବିତ ହେବ ନିମ୍ନରେ ଥିବା ଜଳକୁଣ୍ଡର କାଚକେନ୍ଦୁ ଜଳରେ । ସେଥିପାଇଁ ମଣ୍ଡପ ନିକଟରେ ଏକ ବୃହତ୍ ଜଳଭଣ୍ଡାରର ନିର୍ମାଣ କାର୍ଯ୍ୟ ଶେଷପ୍ରାୟ । ଚକ୍ର ଉପରେ ସ୍ଥାପିତ ଲକ୍ଷ୍ୟବସ୍ତୁଟି ଏକ କ୍ଷୁଦ୍ର ମତ୍ସ୍ୟର ଆକୃତିରେ ନିର୍ମିତ ହେବ । ନିମ୍ନକୁ ଦୃଷ୍ଟିରଖି, ଧନୁରେ ଗୁଣ ଚଢ଼େଇ ଏକ ସଙ୍ଗେ ପାଞ୍ଚଟି ଶର ବିନ୍ଧିବାକୁ ହେବ । ଲକ୍ଷ୍ୟସ୍ଥଳସ୍ଥ ମତ୍ସ୍ୟର ଚକ୍ଷୁ ରନ୍ଧ୍ର ଦେଇ ପାଞ୍ଚଟିଯାକ ଶର ଲକ୍ଷ୍ୟଭେଦ କରିବ, ଯାହାଦ୍ୱାରା ଲକ୍ଷ୍ୟ ପଦାର୍ଥଟି ତଳେ ଖସିବଡ଼ିବ । ସ୍ୱୟମ୍ବରରେ ଉତ୍ତୀର୍ଣ୍ଣ ହୋଇ ଦ୍ରୌପଦୀକୁ ପ୍ରାପ୍ତ ହେବାର ଏହା ହିଁ ସର୍ତ୍ତ ।

ପିତାଙ୍କର ଏ ଅଭିନବ ସ୍ୱୟମ୍ବରସର୍ତ୍ତ ଶୁଣି ମୋର ସନ୍ଦେହ ହେଲା ଯେ ପିତା ବୋଧହୁଏ ଅନ୍ତରରେ ଘୃହାକ୍ତି ମୁଁ ଚିରକୁମାରୀ ରହେ ଏବଂ ତାଙ୍କର ଧର୍ମାନୁଷ୍ଠାନ-ମାନଙ୍କରେ ଯୋଗଦାନ କରି ରାଜ୍ୟର ଧର୍ମରକ୍ଷା କରେ । ତା' ନ ହେଇଥିଲେ ସେ ଏପରି ସର୍ତ୍ତ କାହିଁକି ରଖନ୍ତେ; ଯାହା ସ୍ୱୟଂ ଭଗବାନ୍ ମଧ୍ୟ ରକ୍ଷା କରିପାରିବେ କି ନା ସନ୍ଦେହ । ଅବଶ୍ୟ କୃଷ୍ଣସଖା ଅର୍ଜୁନଙ୍କ ଧନୁର୍ବିଦ୍ୟା ଏବଂ ଅବ୍ୟର୍ଥ ଶର ସନ୍ଧାନର ଖ୍ୟାତି ଶୁଣିଛି । ବୋଧହୁଏ ପିତା ଘୃହାକ୍ତି ଅର୍ଜୁନ ବ୍ୟତିରେକ ଦ୍ରୌପଦୀକୁ କେହି ପ୍ରାପ୍ତ ନ ହେଉ । ତେଣୁ ଏପରି ସର୍ତ୍ତ ରଖିଛନ୍ତି, ଯାହା ସବ୍ୟସାଚୀଙ୍କ ବ୍ୟତୀତ ଅନ୍ୟ କେହି ରକ୍ଷା କରିପାରିବେ ନାହିଁ ।

ଅର୍ଜୁନଙ୍କୁ ମୁଁ ଦେଖିନାହିଁ । କିନ୍ତୁ ସ୍ୱୟମ୍ବରରେ ପିତାଙ୍କର ସର୍ତ୍ତକୁ ଅନୁଧ୍ୟାନ କରି ତାଙ୍କ ଶୌର୍ଯ୍ୟ ଓ ବୀରତ୍ୱର କଥା ମୁଁ ହୃଦୟଙ୍ଗମ କରିପାରିଲି ଏବଂ ଶ୍ରୀକୃଷ୍ଣଙ୍କୁ

Digitized by srujanika@gmail.com

ମନେ ମନେ ଧନ୍ୟବାଦ ଜଣାଇ ତାଙ୍କ ପାଖରେ ଆନୁଗତ୍ୟ ସ୍ୱୀକାର କଲି । ଭାବିଲି, ତାଙ୍କର ସିଦ୍ଧାନ୍ତ ଉପରେ କୌଣସି କାଳେ କେହି ସନ୍ଦେହ ପ୍ରକାଶ କରିବାର କଥା ନୁହେଁ; କାରଣ ସେ ମଙ୍ଗଳମୟ ।

ସ୍ୱୟମ୍ବର ଉତ୍ସବର ସମସ୍ତ ଆୟୋଜନ ଶେଷ ହୋଇଛି । ପାଞ୍ଚାଳ ଦେଶରେ ସ୍ୱୟମ୍ବର ପୂର୍ବରୁ ପନ୍ଦର ଦିନ ଧରି ଉତ୍ସବ ପାଳିତ ହେଉଛି । ପାଞ୍ଚାଳ ଦେଶରେ ଆନନ୍ଦର ବସନ୍ତରତୁ ବିରାଜିତ । ଧନୀ ଦରିଦ୍ର ନିର୍ବିଶେଷରେ ସମସ୍ତେ ଉତ୍ସବରେ ଭାଗ ନେଇଛନ୍ତି । ସମସ୍ତଙ୍କର ଘରଦ୍ୱାର ଲିପାପୋଛା ହୋଇ ଝୋଟି ପଡ଼ିଛି । ପ୍ରାସାଦମାନଙ୍କରେ ନୂତନ ରଙ୍ଗ ଲେପନ ହୋଇ ସମଗ୍ର ଦେଶ ନୂଆଜରି ଗଢ଼ି ଉଠିଥିବାର ଭ୍ରମ ଜନ୍ମାଉଛି । ସମସ୍ତଙ୍କ ଦ୍ୱାରରେ ଆମ୍ବଡାଳର ତୋରଣ, ପୂର୍ଣ୍ଣକୁମ୍ଭ ଶୁଭ ସଙ୍କେତ ଭାବରେ ଶୋଭାପାଉଛି । ସମସ୍ତ ରାଜ୍ୟବାସୀଙ୍କୁ ନୂତନ ବସ୍ତ୍ର ରାଜକୋଷରୁ ଅର୍ଥ ବ୍ୟୟ ହୋଇ ଦିଆଯାଇଛି । ପୁରନାରୀମାନେ ନୂତନ ବସ୍ତ୍ର ଅଳଙ୍କାରରେ ସଜ୍ଜିତା ହୋଇ ରାଜ୍ୟର ଶୋଭାବର୍ଦ୍ଧନ କରୁଛନ୍ତି । ସମଗ୍ର ରାଜଧାନୀ ଆଲୋକମାଳାରେ ସଜ୍ଜିତ ହୋଇ ରାତ୍ରି ମଧ୍ୟ ଦିବସର ଭ୍ରମ ଆଣୁଛି । ନଗରର ସ୍ଥାନେ ସ୍ଥାନେ ନୃତ୍ୟ, ଗୀତ, ବାଦ୍ୟ, ଆତସବାଜିର ବ୍ୟବସ୍ଥା ହୋଇଛି । ଦିନରାତି ନୃତ୍ୟ ଗୀତର ଆସର ଘଲିଛି ।

ସ୍ୱୟମ୍ବର ସଭାର ସାଜସଜ୍ଜା ପାଇଁ ପ୍ରସିଦ୍ଧ ଚିତ୍ରକର ଓ ଶିଳ୍ପୀ ଆସିଛନ୍ତି । ଇନ୍ଦ୍ରପୁରୀ ଦେଖିନାହାନ୍ତି ବୋଲି ଯେଉଁମାନେ ଅବଶୋଷ କରୁଥିଲେ ଆଜି ସେମାନେ ସ୍ୱୟମ୍ବର ସଭାର ଅପୂର୍ବ ସାଜସଜ୍ଜା, ଆଲୋକମାଳା ଓ ଆଡ଼ମ୍ବର ଦେଖି ନିଜକୁ ପରମ ସୌଭାଗ୍ୟବାନ୍ ମନେକରୁଛନ୍ତି । ସଭାସ୍ଥଳରେ ଅତିଥିମାନଙ୍କ ବସିବା ପାଇଁ ସୁବ୍ୟବସ୍ଥା ହୋଇଥାଏ । ସମସ୍ତେ ଯେପରି ସ୍ୱୟମ୍ବର ମଣ୍ଡପର ଲାଖବିନ୍ଧା ଦୃଶ୍ୟଟି ଦେଖିପାରିବେ, ଠିକ୍ ସେଇପ୍ରକାର ଭାବେ ସୁଚିନ୍ତିତ ଯୋଜନା ଅନୁଯାୟୀ ଆସନମାନ ପଡ଼ିଥାଏ । ଉପରେ ଟଙ୍ଗା ହୋଇଥାଏ ରୂପାର ଘୁନ୍ଦୁଆ, ତା' ଦେହରେ ଖଞ୍ଜା ହୋଇଥା'ନ୍ତି ସୁବର୍ଣ୍ଣର ଚନ୍ଦ୍ର, ତାରା । ସୁବାସିତ ପୁଷ୍ପକୁଞ୍ଜ ସଭା ମଣ୍ଡପ, ସ୍ୱୟମ୍ବର ମଣ୍ଡପ ଓ ଅତିଥିମାନଙ୍କ ପ୍ରବେଶ ପଥଠାରୁ ବସିବା ସ୍ଥାନ ପର୍ଯ୍ୟନ୍ତ ଥୁଆ ହୋଇଥାଏ । ସଭାସ୍ଥଳରେ ସୁବାସିତ ଅତର ସିଞ୍ଚନ କରାଯାଉଥାଏ । ଦୀନଦରିଦ୍ରଙ୍କ ଠାରୁ ଆରମ୍ଭ କରି ଅତିଥିମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ପ୍ରଚୁର ସୁଖାଦ୍ୟ ରନ୍ଧନ କରାହେଉଥାଏ । କେହି କେହି କାମନା କରୁଥା'ନ୍ତି, ରାଜଜେମାଙ୍କର ସ୍ୱୟମ୍ବର ଉତ୍ସବ ଯଦି ବର୍ଷ ବର୍ଷ ଧରି ଘଲନ୍ତା ତେବେ ଆନନ୍ଦମୁଖର ହୁଅନ୍ତା ଏଇ ଜୀବନ ।

ଦୂରାଗତ ଅତିଥିମାନେ ପାଞ୍ଚାଳ ଦେଶର ସାଜସଜ୍ଜା ଦେଖି ଭାବୁଥା'ନ୍ତି — ସେମାନେ ବୋଧହୁଏ ସ୍ୱର୍ଗଦେଶର କେଉଁ ରାଜ୍ୟରେ ପହଞ୍ଚି ଯାଇଛନ୍ତି । ସ୍ୱର୍ଗଚ୍ୟୁତା କେଉଁ ଶାପଗ୍ରସ୍ତା ଅପ୍ସରୀର ଏ ବିବାହ ସ୍ୱୟମ୍ବର ବ୍ୟତୀତ ଅନ୍ୟ କିଛି ହୋଇ ନପାରେ !

Digitized by srujanika@gmail.com

ବିଭିନ୍ନ ଦେଶର ରାଜା, ରାଜପୁତ୍ର, ଯୋଦ୍ଧା, ବୀର ଏବଂ ପଣ୍ଡିତ ବ୍ୟକ୍ତିମାନେ ପାଞ୍ଚାଳ ଦେଶର ନିମନ୍ତ୍ରଣ ରକ୍ଷା କରି ଆସି ପହଞ୍ଚିଗଲେଣି ।

ପାଞ୍ଚାଳ ଦେଶର ରାଜଧାନୀ ଆନନ୍ଦମୁଖର ହୋଇଉଠିଛି ଅତିଥିମାନଙ୍କର ଯଥୋଚିତ ମନୋରଞ୍ଜନ କରିବା ପାଇଁ ।

ମୁଁ ବରପୂର୍ବା । ମୁଁ ଜାଣେ ମୋର ସ୍ୱାମୀ କିଏ ହେବେ, କିଏ ସ୍ୱୟମ୍ବରର ଅଭୂତପୂର୍ବ ସର୍ତ୍ତ ରକ୍ଷା କରିପାରିବେ । ମୋ ମନରେ କିଛି ଉଦ୍‌ବେଗ ନାହିଁ । କିଛି ଉଦ୍‌ବେଳନ ନାହିଁ । ତା' ହୋଇଥା'ନ୍ତା ଯଦି ମୋର ସ୍ୱାମୀ ମୋର ଜନ୍ମନାର ରାଜକୁମାର ହୋଇଥା'ନ୍ତେ । ଅର୍ଜୁନଙ୍କୁ ମୁଁ ଦେଖିନାହିଁ — ଶୁଣିଛି ତାଙ୍କର ରୂପ ବର୍ଣ୍ଣନା, ତାଙ୍କର ବୀରତ୍ୱ, ତାଙ୍କର ଶୌର୍ଯ୍ୟ ଓ ବ୍ୟକ୍ତିତ୍ୱର ଗାରିମା । ତେଣୁ ସ୍ଥିର ସରସୀ ଭଳି ମୋର ମନ ପ୍ରଶାନ୍ତ, ପ୍ରଫୁଲ୍ଲ ପରିପୂର୍ଣ୍ଣ ।

ସେଦିନ ସଖୀ ନିତମ୍ବିନୀ ସହ ଉଦ୍ୟାନରେ ବୁଲୁଥାଏ । ନିତମ୍ବିନୀ ଅର୍ଜୁନଙ୍କର ଗୁଣ ଗାନ କରି ମତେ ପରିହାସରେ ବ୍ୟତିବ୍ୟସ୍ତ କରିବାରେ ଅଭ୍ୟସ୍ତ ହେଇଗଲାଣି । ଆଜି କିନ୍ତୁ ସେ କହିଲା — ''ସଖି, କୃଷ୍ଣଙ୍କୁ ବିଶ୍ୱାସ କରିବ ନାହିଁ । ସେ ଭାରି ମାୟାବୀ । ତମ ଭଳି ନାରୀରତ୍ନକୁ ହାତରେ ପାଇ ସେ ଯେ ଏଡ଼େ ନିଷ୍କପଟ ହୃଦୟରେ ସଖା ଅର୍ଜୁନକୁ ଟେକିଦେବେ, ଏ ବିଶ୍ୱାସ ମୋର ହେଉନି । ଏତିକି ମନେରଖ, ଅର୍ଜୁନଙ୍କ-ଠାରେ କୃଷ୍ଣଙ୍କର କଳା ଅଛି । ତମେ ଅର୍ଜୁନଙ୍କୁ ପ୍ରାପ୍ତ ହେଲେ ବି କୃଷ୍ଣଙ୍କର ତମ ଉପରେ ନ୍ୟାୟତଃ ଅଧିକାର ରହିବ । ସ୍ୱୟମ୍ବର ସଭାର ଏ ଆୟୋଜନ ଦେଖି କେଜାଣି କାହିଁକି ମୋ ମନରେ ସଂଶୟ ଜାଗୁଛି ।''

ମୁଁ ଚମକି ଉଠିଲି । ପ୍ରଶ୍ନକଲି — ''ସଂଶୟ କାହିଁକି ? ପିତା ଯେଉଁ ସର୍ତ୍ତ ରଖିଚନ୍ତି, ଅର୍ଜୁନ ନିଶ୍ଚୟ ଜୟଯୁକ୍ତ ହେବେ । ଶ୍ରୀକୃଷ୍ଣ ନିଜେ ହିଁ ପିତାଙ୍କର ଏ ସର୍ତ୍ତରେ ଏକମତ ।''

ନିତମ୍ବିନୀ ଅନୁଚ୍ଚ କଣ୍ଠରେ କହିଲା — ''ଶୁଣୁଛି, ପାଣ୍ଡବ ପାଞ୍ଚଭାଇ ହସ୍ତିନାରେ ନାହାନ୍ତି । ତାଙ୍କ ସମ୍ବନ୍ଧରେ ନାନା ଅପକଥା ଶୁଣାଯାଉଛି । ଈଶ୍ୱର କରନ୍ତୁ ତା' ସତ୍ୟ ନ ହେଉ । ଯଦି ତା' ସତ୍ୟ ହୁଏ, ତେବେ ଚିରକୁମାରୀ ରହିବା ପାଇଁ ତମର ଜନ୍ମ ବୋଲି ଧରିନେବାକୁ ହେବ ।''

ମୋର ବାମଚକ୍ଷୁ ଘନ ଘନ ସ୍ପୁରିଲା । ହୃଦୟ ଥର ଥର ଥରିଲା । ମୁଁ କ୍ଷୀଣ କଣ୍ଠରେ କହିଲି, ''ପାଣ୍ଡବ ପାଞ୍ଚଭାଇ ବାରୁଣାବନ୍ତ ନଗରରେ ଉତ୍ସବ ପାଳନ କରୁଛନ୍ତି । ସ୍ୱୟମ୍ବରର ଖବର ଶ୍ରୀକୃଷ୍ଣ ତାଙ୍କୁ ଦେବେ ଏବଂ ସେମାନେ ଆସିବେ । ଏଥିରେ ଆଉ ସଂଶୟ କାହିଁକି ?''

Digitized by srujanika@gmail.com

ନିତମ୍ବିନୀ କିଛି କହିବ ବୋଲି ଭାବୁଥାଏ ଅଥଚ କହିପାରୁ ନଥାଏ । ଥଙ୍ଗ ଥଙ୍ଗ ହୋଇ ସେ କହିଲା, ''ଜାଣେନା, କଥାଟା ସତ କି ମିଛ..... !''

''କୋଉ କଥା ?'' ମୁଁ ଉତ୍କଣ୍ଠାରେ ପଗ୍ଧରିଲି । ଠିକ୍ ଏତିକିବେଳେ ପ୍ରାସାଦ ଭିତରୁ କ୍ରନ୍ଦନର ରୋଳ ଉଠିଲା । ଦାସୀ ପରିଗ୍ଧରିକାମାନେ ବାହୁନି ବାହୁନି ଉଚ୍ଚସ୍ୱରରେ କାନ୍ଦୁଥିଲେ । ଆମେ ଦୁହେଁ ସ୍ତବ୍ଧ ଚକିତ ହେଇ ଭାବିଲୁ-- ଏ ଆନନ୍ଦ ଉତ୍ସବ ଭିତରେ ବୁକୁଫଟା କାରୁଣ୍ୟ କାହା ପାଇଁ ?

ମୋର ଭାଇ ଧୃଷ୍ଟଦ୍ୟୁମ୍ନ ଉଦ୍ୟାନରେ ମୋ ସମ୍ମୁଖରେ ଉପସ୍ଥିତ ହେଲେ । ତାଙ୍କର ମୁଖ ମଳିନ, ଚକ୍ଷୁ ଉଦାସ । ମୁଁ ଭାବିଲି, ବୋଧହୁଏ ପିତାଙ୍କର ଶରୀର ହଠାତ୍ ଅସୁସ୍ଥ ହେଇପଡ଼ିଛି । ବ୍ୟସ୍ତ ବିବ୍ରତ ହୋଇ ପଗ୍ଧରିଲି — ''ଭାଇ, ଏ କ୍ରନ୍ଦନର ରୋଳ କାହିଁକି ?''

—''ଶ୍ରୀକୃଷ୍ଣ ଆସି ପହଞ୍ଚିଛନ୍ତି''-- ଧୃଷ୍ଟଦ୍ୟୁମ୍ନ ନତମୁଖ ହେଇ କହିଲେ ।

ମୁଁ ଚକିତ ହୋଇ କହିଲି — ''ଏଥିରେ ଆନନ୍ଦ ଉତ୍ସବ ନକରି ଉଆସର ନାରୀମାନେ କାନ୍ଦୁଛନ୍ତି କାହିଁକି ?'' ଧୃଷ୍ଟଦ୍ୟୁମ୍ନ ସ୍ଥିର ଅବିଚଳ କଣ୍ଠରେ କହିଲେ — ''ଧର୍ମରକ୍ଷା ପାଇଁ ଯଜ୍ଞକୁଣ୍ଡରୁ ଆମ ଦୁହିଁଙ୍କର ଜନ୍ମ । ତେଣୁ ଯଜ୍ଞକୁଣ୍ଡର ଘୃତ ଭଳି ଜଳି ଜଳି ଆମେ ଜଗତର ପାପ ତାପ ନାଶନ କରିବା ପାଇଁ ବ୍ରତୀ ହେବା । ଭଉଣୀ କୃଷ୍ଣା, ତୁ ଜାଣିଥିବୁ, ପାଣ୍ଡବମାନେ ହସ୍ତିନାପୁରରୁ ବାରୁଣାବନ୍ତ ଯାଇଥିଲେ —'' ମୁଁ ନତମୁଖ ହୋଇ କହିଲି — ''ହଁ, ସେମାନେ ଶାନ୍ତିପୂର୍ଣ୍ଣ, ସୌନ୍ଦର୍ଯ୍ୟମୟ ପ୍ରକୃତିକୋଳରେ ଉତ୍ସବମୁଖର ବାରୁଣାବତରେ ଅବସର ବିନୋଦନ ନିମନ୍ତେ ଅବସ୍ଥାନ କରୁଥିଲେ । କିନ୍ତୁ ସେ କଥା କାହିଁକି ?''

ଧୃଷ୍ଟଦ୍ୟୁମ୍ନ ଲତାକୁଞ୍ଜ ତଳେ ମୋ ପାଖରେ ବସିଲେ । ଉଦାସ ସ୍ୱରରେ କହିଲେ— ''ପାଣ୍ଡବମାନେ ଦୁଷ୍ଟବୁଦ୍ଧି, କ୍ରୁର କୌରବମାନଙ୍କର ହୀନ ଷଡ଼ଯନ୍ତ୍ରରେ ରାଜଧାନୀ ହସ୍ତିନାପୁରରୁ ବାରୁଣାବତକୁ ବିତାଡ଼ିତ ହୋଇଥିଲେ କହିଲେ ଚଳେ । କୌରବ ଏବଂ ପାଣ୍ଡବମାନଙ୍କର ଶିକ୍ଷା ସମାପ୍ତି ପରେ, ପ୍ରଜାମାନଙ୍କର ଯୁଧିଷ୍ଠିରଙ୍କ ପ୍ରତି ଶ୍ରଦ୍ଧା, ଆସ୍ଥା ଏବଂ ବିଶ୍ୱାସର କଥା ଜାଣି ଅନ୍ଧରାଜା ଧୃତରାଷ୍ଟ୍ର ବାଧ୍ୟହୋଇ ଯୁଧିଷ୍ଠିରଙ୍କୁ ଯୁବରାଜ ପଦରେ ବରଣ କଲେ । ତା'ଛଡ଼ା ଯୁଧିଷ୍ଠିର ଯେତେହେଲେ ବଡ଼ପୁଅ । ତେଣୁ ତାଙ୍କୁ ଯୁବରାଜ କରିବା ଛଡ଼ା ଅନ୍ୟ ଉପାୟ ମଧ୍ୟ ନଥିଲା । ପାଣ୍ଡବମାନେ ବୀର, ବଳବାନ, ବିଗ୍ରବନ୍ତ, ଧାର୍ମିକ ଏବଂ ଶାନ୍ତ ସ୍ୱଭାବର । ଗୁରୁ ଦ୍ରୋଣ ଏବଂ କୃପ, ପିତମହ ଭୀଷ୍ମ ଏବଂ ମନ୍ତ୍ରୀ ବିଦୁରଙ୍କର ମଧ୍ୟ ଏଭଳି ନିଷ୍ପତ୍ତି ପଛରେ ଦୃଢ଼ ସମର୍ଥନ ଥିଲା । ଯୁଧିଷ୍ଠିର ଯୁବରାଜ ପଦରେ ଅଭିଷିକ୍ତ ହେବା ପରେ ଦୁର୍ଯ୍ୟୋଧନ, ଦୁଃଶାସନ ଇତ୍ୟାଦି ଶହେ ଭାଇ ଈର୍ଷାରେ ଜଳୁଥିଲେ —''

Digitized by srujanika@gmail.com

ମୁଁ ଉତ୍ତଣ୍ଡାରେ ପ୍ରଶ୍ନ କଲି — ''ତା'ପରେ କ'ଣ ହେଲା ?''

—''ଯାହା ହେବା ସ୍ୱାଭାବିକ'' — ଉତ୍ତର ଦେଲେ ଧୃଷ୍ଟଦ୍ୟୁମ୍ନ ।

''ଅର୍ଥାତ୍ ?''

ଧୃଷ୍ଟଦ୍ୟୁମ୍ନ କହିଲେ — ''ବାରୁଣାବତରେ ଉତ୍ସବର ସମସ୍ତ ବନ୍ଦୋବସ୍ତ କରି ପାଣ୍ଡବଭାଇମାନଙ୍କୁ ସେଠାକୁ ପଠାଇଦେଲେ । ଶାନ୍ତିକାମୀ ସରଳ ଯୁଧିଷ୍ଠିର ଏତେ କପଟ ଭିତରେ ପ୍ରବେଶ କରିପାରନ୍ତି ନାହିଁ । କୌରବ ଭାଇମାନଙ୍କ ମୁହଁରୁ ବାରୁଣାବନ୍ତ ସହରର ପ୍ରଶଂସା ଶୁଣି ମନ ପରିବର୍ତ୍ତନ ପାଇଁ ଭାଇ ଏବଂ ମାତା କୁନ୍ତୀଙ୍କ ସହ ବାରୁଣାବନ୍ତ ଗମନ କଲେ । ସେମାନେ ରହିବା ପାଇଁ ନୂତନ ପ୍ରାସାଦ ଆଗରୁ ସଜ୍ଜିତ ହୋଇ ରହିଥାଏ । ନୂତନ ପ୍ରାସାଦର ସାଜସଜ୍ଜା ଓ ଆଡ଼ମ୍ବରରେ ପାଣ୍ଡବ ଭାଇମାନେ ଅତ୍ୟନ୍ତ ପ୍ରୀତ ହୋଇ କୌରବମାନଙ୍କୁ କଲ୍ୟାଣ କଲେ । ମାତ୍ର ସେମାନେ କ'ଣ ଜାଣିଥିଲେ, ସେଇ ନୂତନ ପ୍ରାସାଦ ଥିଲା ସେମାନଙ୍କ ପାଇଁ ଯମରାଜାଙ୍କ ଯନ୍ତ୍ରାଗୃହ ବୋଲି ?'' ମୁଁ ଆର୍ତ୍ତଚିତ୍କାର କରିଉଠିଲି । ଧୃଷ୍ଟଦ୍ୟୁମ୍ନ ମୋର ହାତଧରି କହିଲେ — ''ହଁ କୃଷ୍ଣା, ସେ ପ୍ରାସାଦ ଥିଲା ଜତୁଗୃହ । ପାଣ୍ଡବମାନଙ୍କର ଯତ୍ନ ନେବାପାଇଁ କୌରବମାନେ ଧୃତରାଷ୍ଟ୍ରଙ୍କ ଧୂର୍ତ୍ତ ମନ୍ତ୍ରୀ ପୁରୋଚନକୁ ନିଯୁକ୍ତି ଦେଇଥିଲେ । ତାହା ମଧ୍ୟ ଥିଲା ଏକ ଚକ୍ରାନ୍ତ । ଦିନେ ରାତିରେ ଜତୁଗୃହରେ ଅଗ୍ନି ସଂଯୋଗ କରି ପୁରୋଚନ ଶେଷରେ ପାଣ୍ଡବ ପାଞ୍ଚଭାଇ ଓ ମାତା କୁନ୍ତୀଙ୍କ ସହ ମୃତ୍ୟୁବରଣ କଲା — କୃଷ୍ଣ ସେଇ ଦୁଃସମ୍ବାଦ ନେଇ ଆସିଛନ୍ତି । କୃଷ୍ଣଙ୍କଠାରୁ ଏ ସମ୍ବାଦ ପାଇ ସମସ୍ତେ ମର୍ମାହତ । ପୁରନାରୀମାନେ ସେଇ କାରଣରୁ ବିଳାପ କରୁଛନ୍ତି । ପ୍ରକୃତରେ ପାଣ୍ଡବମାନଙ୍କର ଶେଷ ପରିଣତି ଯଦି ଏହା ହିଁ ହୋଇଥାଏ, ତେବେ ଆମ ଦୁହିଁଙ୍କ ଜନ୍ମର ଉଦ୍ଦେଶ୍ୟ ସଫଳ ହେବ କିପରି ? ପାଣ୍ଡବହୀନ ପୃଥିବୀରେ ଧର୍ମ ସଂସ୍ଥାପନାର ଚେଷ୍ଟା ଜଳବିହୀନ ସରସୀରେ ପଦ୍ମ ଫୁଟାଇବା ସଙ୍ଗେ ସମାନ ।''

ମୁଁ ନିସ୍ତବ୍ଧ ହୋଇ ବସିଥାଏ । ଭାବୁଥାଏ, ଏବେ ମୋର ଦଶା କ'ଣ ହେବ ? ମୁଁ ତ ମନେ ମନେ ଅର୍ଜୁନଙ୍କୁ ବରଣ କରିସାରିଛି । କାରଣ ମୁଁ ଜାଣେ ସ୍ୱୟମ୍ବରର ସର୍ତ୍ତ ଅର୍ଜୁନଙ୍କ ବ୍ୟତୀତ ଆଉ କେହି ପୂରଣ କରିପାରିବେନି । କୃଷ୍ଣଙ୍କ ଉପରେ ଭରସା କଲେ ଏପରି ଯେ ଲୋକହସା ହେବାକୁ ହୁଏ, ତା' ମୁଁ କିପରି ଜାଣିବି ? ନିଜ ପାଇଁ ଯେତିକି ଦୁଃଖ ହେଲା, ତା'ଠାରୁ ବେଶି ଦୁଃଖ ହେଲା ସେଇ ଧର୍ମବନ୍ତ ପାଣ୍ଡବ ପାଞ୍ଚଭାଇଙ୍କର ଦାରୁଣ ପରିଣତି ପାଇଁ । ଏହା ଯଦି ସତ୍ୟ ହୋଇଥାଏ, ତେବେ କୃଷ୍ଣ କେବେ କୌଣସି ଦିନ ଅର୍ଜୁନଙ୍କର ସଖା ନଥିଲେ ଏବଂ ଧର୍ମ ସଂସ୍ଥାପନ ପାଇଁ କୃଷ୍ଣ ଜନ୍ମଲାଭ କରିନାହାନ୍ତି । କିନ୍ତୁ ମୁଁ ଏବେ କରିବି କ'ଣ ? ସ୍ୱୟମ୍ବର ପାଇଁ ନିର୍ମିତ

Digitized by srujanika@gmail.com

ହୋଇଥିବା ନୂତନ ଅତିଥିଭବନମାନଙ୍କରେ ବିଭିନ୍ନ ଦେଶର ରାଜପୁତ୍ରମାନେ ଆସି ପହଞ୍ଚି ଗଲେଣି । ସ୍ୱୟମ୍ବର ସଭାର ଆନନ୍ଦ ଉତ୍ସବ ଉପଭୋଗ କରିବା ପାଇଁ ବନ୍ଧୁପରିଜନ, ବିଦେଶାଗତ ଅତିଥିବୃନ୍ଦ ନିମନ୍ତ୍ରିତ ହୋଇ ଆସି ପହଞ୍ଚି ଗଲେଣି । ସ୍ୱୟମ୍ବର ନିମିତ୍ତ ନୂତନଭାବେ ନିର୍ମିତ ହୋଇଥିବା ପ୍ରାସାଦ, ଭୋଜନାଳୟ, ପାନ୍ଥଶାଳା, ରଙ୍ଗାଳୟ, ରାସ୍ତାଘାଟ ଲୋକାରଣ୍ୟ ହୋଇଗଲାଣି । ମନ୍ତ୍ରପାଠ କରିବା ପାଇଁ ଦେଶ ଦେଶାନ୍ତରୁ ନାମକରା ପଣ୍ଡିତ ଓ ବିଦ୍ୱାନମଣ୍ଡଳୀ ଆସି ଉପସ୍ଥିତ ହୋଇଗଲେଣି । ମତେ ଲାଭକରିବା ପାଇଁ ରାଜପୁତ୍ରମାନେ ଆହାର ନିଦ୍ରା ଭୁଲି ଅତିଥିଭବନ ପ୍ରାଙ୍ଗଣରେ ସର୍ତ୍ତ ଅନୁଯାୟୀ ଲକ୍ଷ୍ୟଭେଦ କରିବା କୌଶଳ ଅଭ୍ୟାସ କରିବାର ହାସ୍ୟକର ସମ୍ବାଦ ଘ୍ରିଆଡ଼େ ଆଲୋଚ୍ୟ ବିଷୟ ହୋଇପଡ଼ିଛି । ଏ ପରିସ୍ଥିତିରେ ସ୍ୱୟମ୍ବର ତ ବନ୍ଦ କରିଦିଆଯାଇ ନ ପାରେ; କିନ୍ତୁ ସ୍ୱୟମ୍ବର ସଭାର ଫଳାଫଳ ମତେ ଜଣାଅଛି । ଏ ସଂସାରରେ ମୋର ଉପଯୁକ୍ତ ସ୍ୱାମୀ କେହି ନାହାନ୍ତି ବୋଲି ମୋର ଗୌରବ ବଢ଼ିବ ନାହିଁ; ବରଂ କମିବ । ମୋର ଉପଯୁକ୍ତ ସ୍ୱାମୀ ନ ମିଳିବା ମୋର ଏକ ଅଲକ୍ଷଣ ଭାବରେ ଧରାଯିବ । କାରଣ ମୁଁ ନାରୀ, ସ୍ୱୟମ୍ବରା । ସମସ୍ତେ ଅକୃତକାର୍ଯ୍ୟ ହେବା ପରେ ମତେ ବର ମିଳିବାର ସୁଯୋଗ ଦେବାପାଇଁ ପିତା କେବେହେଲେ ସ୍ୱୟମ୍ବରର ମୌଳିକ ସର୍ତ୍ତକୁ କୋହଳ କରିବେ ନାହିଁ । ଯଦି ବା ତାହା କରନ୍ତି ମୁଁ କାହିଁକି ତାକୁ ନିର୍ବିବାଦରେ ମାନିନେବି ? ପ୍ରଥମେ ମୁଁ କୃଷ୍ଣଙ୍କ ପାଖରେ ସମର୍ପିତା ହୋଇଥିଲି । କୃଷ୍ଣ ମତେ ଗ୍ରହଣ ନକରି ସଖା ଅର୍ଜୁନଙ୍କ ପାଇଁ ମନୋନୀତ କଲେ । ଅର୍ଜୁନଙ୍କ ପାଖରେ ନିଜକୁ ସମର୍ପି ଦେବାରେ ମୋ ମନରେ କୁଣ୍ଠା ଜାଗି ନଥିଲା । କାରଣ ଅର୍ଜୁନ କୃଷ୍ଣଙ୍କ କଳା ନେଇ ଜନ୍ମ । ଅର୍ଜୁନଙ୍କ ଶରୀର ଭିତରେ କୃଷ୍ଣ ହିଁ ପ୍ରାଣ, ଆତ୍ମା । ମୁଁ ତ ଅର୍ଜୁନଙ୍କ ଶରୀର ପାଖରେ ନିଜକୁ ସମର୍ପି ଦେଇ ନଥିଲି ! ଅର୍ଜୁନଙ୍କ ବ୍ୟକ୍ତିତ୍ୱ ଅର୍ଥାତ୍ ଆତ୍ମା ପାଖରେ ମୁଁ ନିଜକୁ ସମର୍ପି ଦେଇଥିଲି । ଅନ୍ୟ ଅର୍ଥରେ ମୁଁ କୃଷ୍ଣଙ୍କ ପାଖରେ ହିଁ ନିଜକୁ ନୂଆକରି ସମର୍ପି ଦେଇଥିଲି । ଭାବିଥିଲି, ଅର୍ଜୁନଙ୍କୁ ପାଇଲେ କୃଷ୍ଣ ମତେ ମିଳିଯିବେ । ମାତ୍ର ଆଜି ଅର୍ଜୁନ ବ୍ୟତିରେକେ ଅନ୍ୟ କେହି ଯଦି ପିତାଙ୍କର କୋହଳ କରାଯାଇଥିବା ସର୍ତ୍ତ ବଜାୟ ରଖେ, ତେବେ ମୁଁ ତାକୁ ସ୍ୱାମୀ ଭାବରେ ଗ୍ରହଣ କରି ମୋର ଆତ୍ମାକୁ କଳୁଷିତ କରିବି କିପରି ? ବରଂ ତା' ଅପେକ୍ଷା ଚିରକୁମାରୀ ବ୍ରତ ଅବଲମ୍ବନ କରିବା ଶ୍ରେୟ ।

ମୁଁ ଆସ୍ତେ କହିଲି — ''ଭାଇ, ଏ ସ୍ୱୟମ୍ବର ଯଦି କୌଣସି ଉପାୟରେ ବନ୍ଦ କରାଯାଇ ପାରନ୍ତା.... ।''

ଧୃଷ୍ଟଦ୍ୟୁମ୍ନ ଚମକି ଉଠି କହିଲେ — ''ତା' କେମିତି ହେବ ? ଦୁର୍ଯ୍ୟୋଧନ ଏବଂ ତାଙ୍କ ଅନେଶ୍ୱତ ଭାଇ, କର୍ଣ୍ଣ, ଶକୁନି, ଅଶ୍ୱତ୍‌ଥାମା, ଜୟଦ୍ରଥ, ଶଲ୍ୟ, କୃତକର୍ମା,

Digitized by srujanika@gmail.com

ସାତ୍ୟକି, ଶିଶୁପାଳ, ଜରାସନ୍ଧ ଇତ୍ୟାଦି ପ୍ରତିଯୋଗୀମାନେ ଅତିଥିଶାଳାରେ ପହଞ୍ଚି ଗଲେଣି । ଭୀଷ୍ମ, ଦ୍ରୋଣ, କୃପାଚାର୍ଯ୍ୟ, ବଳରାମ ଇତ୍ୟାଦି ସମ୍ମାନାସ୍ପଦ ବ୍ୟକ୍ତିମାନେ ମଧ୍ୟ ପାଞ୍ଚାଳ ଦେଶରେ ପହଞ୍ଚିବାର ଖବର ମିଳିଛି । ଅଙ୍ଗ, ବଙ୍ଗ, କଳିଙ୍ଗ, ଗ୍ୱଳ, ପାଣ୍ଡ୍ୟ, ମଗଧ, କୋଶଳ, ହସ୍ତିନାପୁର, ମଦ୍ର, କାମ୍ବୋଦ, ଗାନ୍ଧାର ଇତ୍ୟାଦି ଭାରତବର୍ଷର ସମସ୍ତ ରାଜ୍ୟର ରାଜା, ପଣ୍ଡିତ, ବିଦ୍ୱାନ୍ ବ୍ୟକ୍ତିଗଣ ସ୍ୱୟମ୍ବର ସଭାରେ ଯୋଗ ଦେବାପାଇଁ ଆସିଛନ୍ତି । ବର୍ତ୍ତମାନ ସ୍ୱୟମ୍ବର ସ୍ଥଗିତ ରଖିଲେ ସେମାନଙ୍କୁ ଘୋର ଅପମାନ ହେବ । ସେମାନେ ସଙ୍ଗେ ସଙ୍ଗେ ପାଞ୍ଚାଳ ଦେଶର ଶତ୍ରୁ ହୋଇ ଠିଆ ହେବେ । ସେମାନଙ୍କ ମିଳିତ ଶକ୍ତି ପାଖରେ ପାଞ୍ଚାଳ ହାର ମାନିବ । ପାଞ୍ଚାଳ ଦେଶ ଘୋର ବିପର୍ଯ୍ୟୟର ସମ୍ମୁଖୀନ ହେବ । ତେଣୁ ଦେଶର ମଙ୍ଗଳ ଓ ସେମାନଙ୍କର ସମ୍ମାନ ରକ୍ଷା ନିମନ୍ତେ ସ୍ୱୟମ୍ବର ସଭା ନିର୍ଦ୍ଦିଷ୍ଟ ତିଥି, ବାର, ଲଗ୍ନରେ ଅନୁଷ୍ଠିତ ହେବ । ତା'ଛଡ଼ା ଅନ୍ୟ ଉପାୟ ନାହିଁ ।''

ମୁଁ ମନେ ମନେ ଭାବିଲି — ଦେଶର ବିପର୍ଯ୍ୟୟଠାରୁ କୃଷ୍ଣାର ବିପର୍ଯ୍ୟୟ କେବେହେଲେ ବଡ଼ ନୁହେଁ । ତେଣୁ କୃଷ୍ଣା ହିଁ ବିପର୍ଯ୍ୟୟର ସମ୍ମୁଖୀନ ହେବ । କିନ୍ତୁ ସେ ବିପର୍ଯ୍ୟୟ ଯେ କେତେ ଭୟଙ୍କର, ତା' ମୋ ଛଡ଼ା ଆଉ କିଏ ବୁଝିବ ?

ମୁଁ ଦୀର୍ଘଶ୍ୱାସ ଛାଡ଼ି କହିଲି — ''ଏକା କଥା । ଏମିତିରେ ବି ମୁଁ ଚିରକୁମାରୀ ରହନ୍ତି, ସେମିତିରେ ବି ସ୍ୱୟମ୍ବରର ସର୍ତ୍ତ କେହି ରଖିପାରିବେ ନାହିଁ । ତେଣୁ ମୁଁ କୁମାରୀ ରହିବି । ଏତିକି ଲାଭ ହେବ ଯେ ଦେଶ ବିପର୍ଯ୍ୟୟରୁ ରକ୍ଷା ପାଇଯିବ । ପାଞ୍ଚାଳ ଦେଶ ଶତ୍ରୁଶୂନ୍ୟ ହେବ ।''

ଧୃଷ୍ଟଦ୍ୟୁମ୍ନ ନିର୍ବିକାର ଭାବେ କହିଲେ — ''ବରଂ ତାହା ହିଁ ହେଉ । ସେମାନେ ନିଜେ ନିଜେ ସେମାନଙ୍କର ଶକ୍ତି କଳିନେଇ ଫେରିଯା'ନ୍ତୁ । ଆମେ କାହିଁକି ତାଙ୍କ ଶକ୍ତିର ସୀମା ନିର୍ଦ୍ଧାରଣ କରିଦେବା ?''

ମୁଁ ନୀରବରେ ବସି ରହିଲି । ସ୍ୱୟମ୍ବର ସମ୍ବନ୍ଧରେ ମୋ ମନର ସମସ୍ତ ଆବେଗ, ସ୍ୱପ୍ନ, କଳ୍ପନା, ବାସନା, କାମନା, ଉତ୍ତେଜନାର ଶେଷ ହୋଇଛି । ଏଣିକି ବ୍ରହ୍ମଚାରିଣୀର କଠୋର ସାଧନାମୟ ଜୀବନକୁ ବରଣ କରିନେବାକୁ ହେବ । ସୁଖ ଦୁଃଖରେ ନିର୍ବିକାର ରହିବାକୁ ହେବ । ଯାହା ଘଟିଗଲା, ଯାହା ଘଟିବାକୁ ଯାଉଛି, ମୋର ଯଦି ସେଥିରେ କିଛି କହିବାର ନାହିଁ, ମୁଁ କାହିଁକି ବ୍ୟଥିତ ହେବି — ବିଚଳିତ ହେବି ?

କିନ୍ତୁ ମନ ତଳେ ସେଇ ସ୍ୱପ୍ନର ପୁରୁଷ ଅର୍ଜୁନଙ୍କର ଅକାଳ ଦାରୁଣ ବିଯୋଗରେ ବିଳାପର ଧ୍ୱନିଟିଏ ଅହରହ ବାଜି ଉଠୁଥାଏ । ନିର୍ବିକାର ରହିବା ବୋଧହୁଏ କେବଳ କଥାର କଥା । କେହି କ'ଣ କେବେ ନିର୍ବିକାର ରହିପାରେ ?

Digitized by srujanika@gmail.com

ମୋର ଅଜାଣତରେ ଦୁଇଟି ଅବାଧ୍ୟ ଲୁହବିନ୍ଦୁ ମୋର ବଡ଼ ବଡ଼ ନୀଳ ଆଖିର ପତ୍ରଲତାରେ ଢଳ ଢଳ ହେଉଥାଏ । ଭାଇ ଧୃଷ୍ଟଦ୍ୟୁମ୍ନ ସେକଥା ଲକ୍ଷ୍ୟ କରି ହୃଦୟରେ ବ୍ୟଥା ପାଇଲେ ବୋଧହୁଏ । ମୋର ମନ ପରିବର୍ତ୍ତନ କରିବା ପାଇଁ କହିଲେ — ''କୃଷ୍ଣା, ଏଥର ଉଆସକୁ ଫେରିଗ୍ଲ । ପିତା ଅପେକ୍ଷା କରିଛନ୍ତି । କୃଷ୍ଣଙ୍କୁ ପ୍ରଣାମ ଜଣାଇବାକୁ ଭୁଲିଯିବା ଉଚିତ ନୁହେଁ । କୃଷ୍ଣ ହେଉଛନ୍ତି ଆର୍ଯ୍ୟାବର୍ତ୍ତର ଶ୍ରେଷ୍ଠ ବୀର ଏବଂ ଶ୍ରେଷ୍ଠ ଜ୍ଞାନୀ ପୁରୁଷ । ସେ ଆମର ସୁଖ ଦୁଃଖର ବନ୍ଧୁ । ଆପଣାର ଦୁଃଖକୁ ବଡ଼ କରି ଅତିଥି ସତ୍କାରରେ ତ୍ରୁଟି କରିବା ରାଜକନ୍ୟାର କର୍ତ୍ତବ୍ୟ ନୁହେଁ ।''

ମୁଁ ଅଶ୍ରୁ ଗୁପି ନେଉ ନେଉ କହିଲି — ''ମୋ ଭଳି ଏକ ନଗଣ୍ୟ ନାରୀର ପ୍ରଣାମ ବିନା କୃଷ୍ଣଙ୍କ ଭଳି ମହାନ୍ ବ୍ୟକ୍ତିତ୍ୱର ଉପଯୁକ୍ତ ସମ୍ମାନରେ ଆଞ୍ଚ ଆସିବ ନାହିଁ। ମୋର ଏ ଅଶୁଭ ଦୃଷ୍ଟି ତାଙ୍କ ଉପରେ ବରଂ ନପଡୁ । ମୋ ସଙ୍ଗେ ପ୍ରସ୍ତାବ ପଡୁ ପଡୁ ତାଙ୍କର ପ୍ରିୟ ସଖା ଶେଷ ପାଇଗଲେ । ଏ ଘଟଣା ପରେ କୃଷ୍ଣ ମୋର ମୁଖ ଦେଖିବା ପାଇଁ ଗ୍ରହିଁବେ କି ନା ସନ୍ଦେହ ।''

ହଠାତ୍ ଅମୃତର ଧାରାଟିଏ କର୍ଣ୍ଣପଟ ଦେଇ ପ୍ରବାହିତ ହେଇଗଲା — ସ୍ପର୍ଶ କଲା ଅନ୍ତରାତ୍ମାକୁ । କାହାର ହସ ମଧ୍ୟ ଏତେ ମଧୁର ହୋଇପାରେ, ଏ କଥା ମୋର ଧାରଣା ନଥିଲା । ମୋ ସାମ୍ନାରେ ଠିଆ ହୋଇଥିଲେ ପରମ କାମ୍ୟପୁରୁଷ କୃଷ୍ଣ । ତାଙ୍କର ନୀଳ କଳେବର ପୀତବାସର ଆଭରଣରେ ଆହୁରି ମନୋରମ ଦିଶୁଥାଏ । ଲଲାଟରେ ତିଳକ, କର୍ଣ୍ଣରେ କୁଣ୍ଡଳ, ନୀଳକମଳ ସଦୃଶ ଦୁଇ ଚକ୍ଷୁ । ପ୍ରଶସ୍ତ ବକ୍ଷରେ ମଣିମୟ ହାର, ତା' ଉପରକୁ ବନଫୁଲର ମାଳ, ଅଧରରେ ମୃଦୁ ମଧୁର ହାସ୍ୟରେଖା ଦେଖି ମୋର ସମସ୍ତ ଅଭିମାନ ନିମିଷକରେ ଦୂର ହୋଇଗଲା । କୃଷ୍ଣ ମୋହନ ମନ୍ତ୍ର ଜାଣନ୍ତି । କ୍ଷଣକରେ ମୁଁ ମନ୍ତ୍ରମୁଗ୍ଧା ଭଳି ତାଙ୍କୁ ପ୍ରଣାମ କଲି ।

କୃଷ୍ଣ ହସି ହସି କହିଲେ — ''ତମର ଭକ୍ତିଭାବର ମୁଦ୍ରାଠାରୁ ତମ ମୁଖର ଅଭିମାନର ଆଲେଖ୍ୟ ମୋର ବେଶି କାମ୍ୟ କୃଷ୍ଣା ! ତମେ ଜାଣନା ନିର୍ମଳ ଅଭିମାନ ସୁନ୍ଦର ମୁଖକୁ କିଭଳି ସୁନ୍ଦରତମ କରିଦିଏ ! ପାଣ୍ଡବମାନଙ୍କର ଏ ଦୁର୍ଘଟଣାଜନିତ ଦାରୁଣ ସମ୍ବାଦ ସତ୍ୟ ହେଉ ବା ମିଥ୍ୟା ହେଉ, ସେ ସମ୍ବାଦ ମୁଁ ଆଣି ନଥିଲେ ତମ ମୁଖର ଅଭିମାନର ଏ ଅନୁପମ ସୌନ୍ଦର୍ଯ୍ୟ ଲାଭରୁ ବଞ୍ଚିତ ହୋଇଥା'ନ୍ତି । ତମର ମୁଖ ଶୋଭା ଦେଖିବା ପରେ ପାଣ୍ଡବମାନଙ୍କ ବିଚ୍ଛେଦ ଦୁଃଖ ମୁଁ ଭୁଲିସାରିଲିଣି ।''

ଅନେକ ସମୟରୁ ଢଳ ଢଳ ହେଉଥିବା ଅଶ୍ରୁବିନ୍ଦୁ ଏଥର ଅନାୟାସରେ ଖସି ଆସିଲା ଗଣ୍ଡ ଦେଇ । ଭାବିଲି, ମୋର ଏ ଦୁଃଖରେ କୃଷ୍ଣ ସୁଖୀ ହେଉଛନ୍ତି କିପରି ? କୃଷ୍ଣ ଏତେ ନିଷ୍ଠୁର ! କୃଷ୍ଣ ଅପଲକ ଆଖିରେ ମତେ ଗ୍ରହିଁରହି କହିଲେ — ''ତମକୁ

Digitized by srujanika@gmail.com

ଦେଖିବା ପରେ ମୋର କେଜାଣି କାହିଁକି ଧାରଣା ହେଉଛି ପାଣ୍ଡବମାନେ ଏବେ ବି ଜୀବିତ ଅଛନ୍ତି । ତମ ସଙ୍ଗେ ଯାହାର ବିବାହ ଏକରକମ ସ୍ଥିରୀକୃତ ହୋଇଯାଇଛି, ସେ କେବେ ଭୀରୁ ଭଳି ଲୋକଲୋଚନ ଅନ୍ତରାଳରେ ମରି ନପାରେ । ଯଦି ପାଣ୍ଡବମାନେ ସେଭଳି ଭାବରେ ଜତୁଗୃହରେ ଜୀବନ୍ତ ଦଗ୍ଧ ହୋଇ ମୃତ୍ୟୁବରଣ କରିଥା'ନ୍ତି, ତେବେ ତାହା ତାଙ୍କର ମୂର୍ଖତାର ପରିଣାମ । କୃଷ୍ଣର ସଖା ଯଦି ଏଭଳି ମୂର୍ଖ ହୋଇଥାଏ ତେବେ କୃଷ୍ଣ ତ ତା'ଠାରୁ ବଳି ମୂର୍ଖ ! କୃଷ୍ଣା, ତମର କ'ଣ ଧାରଣା ହୁଏ, ମୁଁ ଏତେ ମୂର୍ଖ ?''

କୃଷ୍ଣଙ୍କୁ ଘୃହିଁବା ମାତ୍ରେ ମୋ ମନ ବି ମତେ କହୁଥାଏ :— ଅର୍ଜୁନ ଆସିବେ, ପଣ ରକ୍ଷାକରି ଏଇ ଘୋର ଅପମାନ ଓ ବିପତ୍ତିରୁ କୃଷ୍ଣାକୁ ଉଦ୍ଧାର କରିବେ । ମୁଁ ଆଖିବୁଜି ପରମେଶ୍ୱରଙ୍କୁ ପ୍ରଣତି ଜଣାଇଲି ।

ଉତ୍ସବର ଷୋଡ଼ଶ ଦିବସରେ ସ୍ୱୟମ୍ବରର ସେଇ ବହୁ ପ୍ରତୀକ୍ଷିତ ଦିବସ ଉପସ୍ଥିତ ।

ବ୍ରାହ୍ମ ମୁହୂର୍ତ୍ତରେ ଉଦ୍ୟାନ ସରୋବରରେ ସ୍ନାନସାରି ସ୍ୱର୍ଣ୍ଣନିର୍ମିତ ପାର୍ବତୀ ମନ୍ଦିରରେ ପୂଜା ଦେବା ପାଇଁ ସଖୀମାନଙ୍କ ସଙ୍ଗେ ଅଗ୍ରସର ହେଲି । ସେତେବେଳେ ମୁଁ ସନ୍ନ୍ୟାସିନୀ ଭଳି ଦିଶୁଥାଏ । ମୋର ଶରୀର ନିରାଭରଣ । ଉନ୍ମୁକ୍ତ ସିକ୍ତ କେଶରାଶି ସାଗର ତରଙ୍ଗ ଭଳି ପୃଷ୍ଠଦେଶରେ ଉର୍ମିଳ ହୋଇ ଉଠୁଥାଏ । ମୋର ଏକମାତ୍ର ଧ୍ୟାନ, ଦେବୀ ପାର୍ବତୀଙ୍କର ପଦ୍ମପାଦରେ ଦୀପଦାନ କରି ପ୍ରଣାମ ଜଣାଇଲି । ମନେ ମନେ ମାଗୁଣି କଲି — ଦେବି ! ନାରୀର ସମ୍ମାନ ରକ୍ଷାକର । ଦିନେ ସ୍ୱାମୀନିନ୍ଦା ସହି ନପାରି ତମେ ଯଜ୍ଞକୁଣ୍ଡରେ ପ୍ରାଣ ବିସର୍ଜନ କରିଥିଲ । ମୁଁ ଆବିର୍ଭୂତା ହୋଇଛି ସେହି ଯଜ୍ଞକୁଣ୍ଡରୁ । ମନେ ମନେ ମୁଁ ଯାହାଙ୍କୁ ସ୍ୱାମୀରୂପେ ବରଣ କରିଛି ସେ ଯଦି ଜୀବନ୍ତ ଦଗ୍ଧ ହେଇ ମୃତ୍ୟୁବରଣ କରିଥା'ନ୍ତି, ତେବେ ସେ କ'ଣ ମୋ ପକ୍ଷେ ଅପମାନର କଥା ନୁହେଁ ? ଧନୁର୍ବିଦ୍ୟାରେ ବୀରଶ୍ରେଷ୍ଠ ଅର୍ଜୁନ କ'ଣ ଏଭଳି ମରିପାରନ୍ତି ? ତେବେ ମୋର ଏ ଜୀବନ ଧାରଣର ଅର୍ଥ କ'ଣ ? ଯଦିବା ଅର୍ଜୁନ ବ୍ୟତିରେକେ ଆର୍ଯ୍ୟାବର୍ତ୍ତରେ ଅନ୍ୟ କେହି ବୀର ସ୍ୱୟମ୍ବରର ପଣ ରକ୍ଷା କରିବାକୁ ସକ୍ଷମ ହୁଅନ୍ତି, ପିତା ତାଙ୍କୁ ଜାମାତା କରିପାରନ୍ତି; କିନ୍ତୁ ମୁଁ ତାଙ୍କୁ ସ୍ୱାମୀ ଭାବରେ ଗ୍ରହଣ କରିବି କିପରି ? ପ୍ରକୃତରେ ଧର୍ମ ବୋଲି ଯଦି କିଛି ଥାଏ ତେବେ ମୋର ସତୀଧର୍ମ ରକ୍ଷାକର ।

ଦେବୀଙ୍କ ମସ୍ତକରୁ ଫୁଲ ଖସିଲା । ପୂଜକ ଦେବୀଙ୍କ ମସ୍ତକ-ଲାଗି ଫୁଲ ମତେ ବଢ଼ାଇ ଦେଇ କହିଲେ — ''ଅଭୀଷ୍ଟ ପୂର୍ଣ୍ଣ ହେବ ମା' ! ଏହାହିଁ ତା'ର ସଙ୍କେତ । ଦେବୀ ହସୁଛନ୍ତି । ଅନ୍ତର ଦେଇ ନ ଚାହିଁଲେ ଦେବୀ ହସନ୍ତି ନାହିଁ । ଦେବୀ

Digitized by srujanika@gmail.com

ହସିଲେ କିନ୍ତୁ ଶୁଭଫଳ ହୁଏ ।" ମନ କହିଲା — "ଅର୍ଜୁନ ଆସିବେ, ନିଶ୍ଚୟ ଆସିବେ ।"

ଛଡ଼ାଫୁଲ ମସ୍ତକରେ ଲଗାଇ ଉଦ୍ୟାନ ପଥ ଦେଇ ଫେରିଲି । ମନେପଡ଼ିଲା ଆଉ ଏକ ଦିନର ଘଟଣା । ସେଦିନ ଜନକନନ୍ଦିନୀ ସୀତା ସ୍ୱୟମ୍ବର ଦିବସରେ ପାର୍ବତୀ ମନ୍ଦିରରେ ପୂଜାସାରି ଫେରିବା ପଥରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ଭେଟିଥିଲେ । ସେଇଠି ହୋଇଥିଲା ରାମ ସୀତାଙ୍କର ଘୃରି-ଚକ୍ଷୁର ମିଳନ । ଆଜି ଯଦି ଅର୍ଜୁନଙ୍କ ସହ ଏଇଠି ଦେବୀଙ୍କ ମନ୍ଦିର ବେଢ଼ାରେ ଘୃରିଚକ୍ଷୁର ମିଳନ ହୁଅନ୍ତା, ତେବେ ଅବଶ୍ୟ ଅର୍ଜୁନ ମତେ ପ୍ରାପ୍ତ ହୁଅନ୍ତେ । କିନ୍ତୁ କିଏ ଜାଣେ ଅର୍ଜୁନ ଜୀବିତ କି ନା —

ମନଟା ପୁଣି ଉଦାସ ହେଇଗଲା । ଅର୍ଜୁନଙ୍କ ସହ ସାକ୍ଷାତ ହେଲା ନାହିଁ । ପ୍ରତି ମୁହୂର୍ତ୍ତରେ ଭାବୁଥାଏ, ଅର୍ଜୁନ ଆସିବେ, ଘୃରିଚକ୍ଷୁର ମିଳନ ହେବ, ଜୀବନ ମୋର ଧନ୍ୟ ହେବ । କିନ୍ତୁ ସେ ଆସିଲେ ନାହିଁ ।

ସତୀ ସୀତା ମୋର ଆଦର୍ଶ । ତାଙ୍କ ଜୀବନର କାହାଣୀ ପଢ଼ି ମୁଁ ତାଙ୍କୁ ଭକ୍ତି କରିଛି — ଭଲ ପାଇଛି — ପୁଣି ତାଙ୍କ ଲୁହରେ ଲୁହ ମିଶାଇଛି । ମାତ୍ର ତାଙ୍କ ସଙ୍ଗେ ମୁଁ ନିଜକୁ କାହିଁକି ବା ତୁଳନା କରୁଛି । ମୁଁ ତ ତାଙ୍କ ଭଳି ଅନ୍ୟାୟ ଦୋଷାରୋପକୁ ମୁଣ୍ଡପାତି ସହିପାରିବିନି । ତାଙ୍କ ଭଳି ନୀରବ ଯନ୍ତ୍ରଣାରେ ମୁଁ ଜଳି ଜଳି ବଞ୍ଚିପାରିବିନି । ସ୍ୱାମୀଙ୍କ ଦ୍ୱାରା ବିତାଡ଼ିତା ହୋଇ ମୁଁ ତ ଦେହ ଧରି ରହିବିନି । ସେ ମହୀୟସୀ ନାରୀ— ସେ ରଘୁକୁଳତିଳକ ରାମଚନ୍ଦ୍ରଙ୍କର ପ୍ରାଣପ୍ରିୟା ଜାନକୀ — ଆଉ ମୁଁ ପାଞ୍ଚାଳ ରାଜକନ୍ୟା ଯାଜ୍ଞସେନୀ, ମୋର ସ୍ୱାମୀ କେହି ଅଛନ୍ତି କି ନା ମୁଁ ଜାଣେନି । ତାଙ୍କ ଜୀବନର ପ୍ରତିଟି କଥା ମୋ ଜୀବନରେ କିପରି ଘଟନ୍ତା ? ମୁଁ ନିରାଶ ହେଇ ମନ୍ଦିରରୁ ଫେରୁଥାଏ ଏବଂ ଆଶାୟୀ ନେତ୍ରରେ ଘୃରିଆଡ଼କୁ ଘୃହୁଁଥାଏ । ପାଞ୍ଚାଳର ପଥେ ପଥେ ଆନନ୍ଦ ଝରଣା ଝରି ପଡୁଥାଏ । ରାଜା ମହାରାଜା ଏବଂ ସମ୍ଭ୍ରାନ୍ତ ଅତିଥିମାନେ ସମସ୍ତେ ଆସି ପହଞ୍ଚି ସାରିଛନ୍ତି । ସେମାନଙ୍କ ଭିତରେ ପାଣ୍ଡବ ପାଞ୍ଚଭାଇ ନାହାନ୍ତି । ଆଉ କେହି ଅତିଥି ଆସିବା ବାକି ନାହିଁ । ପାଣ୍ଡବମାନଙ୍କ ଅବସ୍ଥାନ ନିମନ୍ତେ ନିର୍ମିତ ସବୁଠାରୁ ସୁନ୍ଦର ଏବଂ ଆଡ଼ମ୍ବରପୂର୍ଣ୍ଣ ଅତିଥିଭବନ ଏବେ ବି ଶୂନ୍ୟ ପଡ଼ିଛି । ପାଣ୍ଡବମାନେ ଯଦି ବଞ୍ଚିଥା'ନ୍ତେ, ତେବେ ବର୍ତ୍ତମାନ ସୁଦ୍ଧା ସେମାନେ ଆସି ପହଞ୍ଚି ପାରନ୍ତେଣି । ପୂର୍ବାହ୍ଣରେ ସ୍ୱୟମ୍ବର ସଭା ଅନୁଷ୍ଠିତ ହେବ । ସେମାନେ ଆଉ ଆସିବାର ସମ୍ଭାବନା ଦିଶୁନାହିଁ ।

ରାଜପଥର ଧାରେ ଧାରେ ନାନାଦି ବୃକ୍ଷ ରୋପିତ ହୋଇଛି । ନୂତନ ପତ୍ର, ପୁଷ୍ପ ଏବଂ ଫଳଭାରରେ ବୃକ୍ଷଗୁଡ଼ିକ ଅଳଙ୍କାରଯୁକ୍ତ ଅବଗୁଣ୍ଠିତା ପୁରନାରୀଙ୍କ ଭଳି ପରିପୂର୍ଣ୍ଣ ଏବଂ ରମଣୀୟ ଦିଶୁଛନ୍ତି । ଶୁକ, ସାରୀ, କୋକିଳ ଆଦି ପକ୍ଷୀମାନେ ମଧ୍ୟ

Digitized by srujanika@gmail.com

ସ୍ୱୟମ୍ବର ନିମନ୍ତେ ପାଞ୍ଚାଳ ନଗରରେ ହେଉଥିବା ଉତ୍ସବର ସଙ୍କେତ ପାଇଛନ୍ତି । ମଧୁର କାକଳିରେ ଜନମନ ହରଣ କରି ଉତ୍ସବର ସଙ୍ଗୀତରେ ନିଜ ସଙ୍ଗୀତ ମିଶାଇ ଦେଇ ସେମାନେ ବି ନିଜ ନିଜର କର୍ତ୍ତବ୍ୟ ସମ୍ପାଦନ କରୁଥା'ନ୍ତି ।

ଅତିଥି ଭବନଗୁଡ଼ିକ ସମ୍ମୁଖରେ ଖୋଦିତ ହୋଇଥିବା ସ୍ୱଚ୍ଛ ଜଳଭରା ସୁନ୍ଦର ସରୋବରରେ ରାଜହଂସମାନେ ବିଚିତ୍ର ଭଙ୍ଗୀରେ ସନ୍ତରଣ କରି ନିଜର ଅପୂର୍ବ ସୌନ୍ଦର୍ଯ୍ୟ ଦ୍ୱାରା ଅତିଥିମାନଙ୍କର ମନୋରଞ୍ଜନ କରୁଥା'ନ୍ତି । ଆକାଶ ମେଘଶୂନ୍ୟ ଥିଲେ ମଧ୍ୟ ମୟୂରମାନେ ନୃତ୍ୟ କରୁଥା'ନ୍ତି ଓ ବିଭିନ୍ନ ସ୍ଥାନରେ ଘୂରିଥିବା ନୃତ୍ୟଗୀତରେ ଅଂଶଗ୍ରହଣ କରୁଥିବା ନର୍ତ୍ତକୀମାନଙ୍କ ସହ ପ୍ରତିଯୋଗିତାରେ ମଗ୍ନ ହୋଇଯାଇଥା'ନ୍ତି ।

ସଖୀମାନଙ୍କ ସହ ଜାଣି ଜାଣି ପାଣ୍ଡବମାନଙ୍କ ପାଇଁ ନିର୍ମିତ ଅତିଥିଭବନ 'ପଞ୍ଚବିହାର'ର ଧାରେ ଧାରେ ଉଦ୍ୟାନ ପଥଦେଇ ମୁଁ ଫେରୁଥାଏ । ଉଦ୍ଦେଶ୍ୟ, ପାଣ୍ଡବମାନେ ଆସିଛନ୍ତି କି ନା ଜାଣିବା । ବୃକ୍ଷଲତା ମଧ୍ୟ ଦେଇ ଅଦୂରରେ 'ପଞ୍ଚବିହାର' ମନୋରମ ଦିଶୁଥାଏ । ଅତିଥିଭବନ ରଙ୍ଗଶାଳାରେ ନର୍ତ୍ତକୀମାନେ ନୃତ୍ୟ କରୁଥା'ନ୍ତି । ବିଭିନ୍ନ ରଙ୍ଗର ଆଲୋକରେ ସଜ୍ଜିତ ହୋଇଥିବା 'ପଞ୍ଚବିହାର'ର ଆଲୋକ ତେବେ ବି ଲିଭି ନଥାଏ । ଦ୍ୱାରଦେଶରେ ତୋରଣରେ ନାନାରଙ୍ଗର ପୁଷ୍ପହାର ମଣ୍ଡିତ ହୋଇଥାଏ । ସୁନ୍ଦରୀ ନାରୀମାନେ ଅତିଥିଙ୍କୁ ସ୍ୱାଗତ ଜଣାଇବା ନିମନ୍ତେ ସୁବର୍ଣ୍ଣ ଥାଳିରେ ପୁଷ୍ପହାରମାନ ଧରି ଅପେକ୍ଷା କରିଥା'ନ୍ତି । ଯେକୌଣସି ସମୟରେ ପାଣ୍ଡବମାନେ ଆସି ପହଞ୍ଚି ଯାଇପାରନ୍ତି । ପାଣ୍ଡବମାନେ ଜୀବନ୍ତ ଦଗ୍ଧ ହେଇ ମୃତ୍ୟୁବରଣ କରିଛନ୍ତି ବୋଲି ପାଞ୍ଚାଳ ଦେଶର ଗଛପତ୍ର ମଧ୍ୟ ବିଶ୍ୱାସ କରି ପାରୁନାହାନ୍ତି । ସୁସଜ୍ଜିତ ଅତିଥିଭବନକୁ ଦେଖି ମୋ ମନରେ ମଧ୍ୟ କ୍ଷୀଣ ଆଶା ଜାଗିଲା ଯେ ପାଣ୍ଡବମାନେ ଆସିବେ, ନିଶ୍ଚୟ ଆସିବେ ।

ଅତିଥିଭବନର ପ୍ରାଙ୍ଗଣରେ କାହାର ସେଇ ମନୋରମ ମୂର୍ତ୍ତି ! ରଙ୍ଗବେରଙ୍ଗ ପୁଷ୍ପୋଦ୍ୟାନ ଭିତରେ ନୀଳ-ମେଘବର୍ଣ୍ଣ କିଏ ସେଇ ସୁନ୍ଦର ଯୁବା ପୁରୁଷ ? ସେ କ'ଣ ଅର୍ଜୁନ ? ମୁଁ ଭଲକରି ଘୂହିଁପାରୁ ନଥାଏ । ହୃଦୟ କମ୍ପି ଉଠୁଥାଏ ଅଜଣା ଆବେଗରେ । ସଖୀ, କହିବାର ଶୁଣିଲି — "ଆହା, ବିଚରା ଶ୍ରୀକୃଷ୍ଣ କାଲି ରାତିସାରା ସଖା ଅର୍ଜୁନଙ୍କୁ ଅପେକ୍ଷା କରି ପଞ୍ଚବିହାରରେ ଅତନ୍ଦ୍ର ଅବସ୍ଥାନ କରିଛନ୍ତି । ନିରାଶାରେ ସଜଫୁଟା ନୀଳ ଇନ୍ଦିବର ମୁଖ ମଳିନ ପଡ଼ିଯାଇଛି । ସତେ କ'ଣ ଅର୍ଜୁନ ଆଉ ସେପୁରରୁ ଫେରିବେ ଯେ କୃଷ୍ଣ ବାତୁଳ ହେଇ ଅପେକ୍ଷା କରିଛନ୍ତି ?"

ଏତିକି ଶୁଣିବାମାତ୍ରେ ଅନାୟାସରେ ମୋର ଚକ୍ଷୁ ଅଶ୍ରୁପୂର୍ଣ୍ଣ ହୋଇଗଲା । ମୋର ପାର୍ବତୀ ପୂଜା ବ୍ୟର୍ଥ ହୋଇଛି ବୋଲି ଧାରଣା ହେଲା । ଆମମାନଙ୍କ ପାଦର

Digitized by srujanika@gmail.com

ନୂପୁର ଧ୍ୱନି ଶୁଣି କୃଷ୍ଣ ପଥଧାରକୁ ଘୁଲିଆସିଲେ । ମତେ ଘୃହିଁ କହିଲେ— ''କୃଷ୍ଣା ! ଏ ପୃଥିବୀରେ ମଣିଷ ହିଁ ବେଶି ଦୁଃଖ ପାଏ । କାରଣ ସୁଖ ଭିତରେ ବୁଡ଼ିରହି ମଧ୍ୟ ସେ ଦୁଃଖ ଆପଦର ଆଶଙ୍କା କରୁଥାଏ । ଦୁଃଖ ଭିତରେ ବିଲୀନ ହୋଇ ଯାଉ ଯାଉ ସୁଖର କଳ୍ପନା କରନ୍ତି କେତେ ଜଣ ? ଦୁଃଖ ଭିତରେ ଯେ ସୁଖ ଲୁଚି ରହିଥାଏ ତମ ଆଖି ଲୁହ ହିଁ ତା'ର ପ୍ରମାଣ ଦେଉଛି ।'' ମୁଁ ଅଶ୍ରୁଳ ନେତ୍ରରେ କୃଷ୍ଣଙ୍କୁ ପ୍ରଶ୍ନବାଚୀ ତୋଳି ଘୃହିଁରହିଲି । କୃଷ୍ଣ ମୃଦୁ ହସି କହିଲେ — ''ତମ ଆଖିର ଅଶ୍ରୁବିନ୍ଦୁରେ ଉଦୟ ସୂର୍ଯ୍ୟର ଲୋହିତ ରଶ୍ମି ପ୍ରତିଫଳିତ ହୋଇ ତମ ମୁଖର ସୌନ୍ଦର୍ଯ୍ୟ ବଢ଼ାଇବା ସଙ୍ଗେ ସଙ୍ଗେ ସେଇ ଅଶ୍ରୁବିନ୍ଦୁର ମୂଲ୍ୟ ବଢ଼ାଉଛି, ପୁଣି ସୂର୍ଯ୍ୟରଶ୍ମି ନିଜେ ମହିମାମୟ ହେଉଛି । ସେଇ ବିନ୍ଦୁକ ଅଶ୍ରୁ ତମ ଗଣ୍ଡରେ ନ ଥିଲେ, ମୁଁ କେମିତି ବୁଝିଥା'ନ୍ତି ତମର ମୁଖଶୋଭା ଏପରି ଅବର୍ଣ୍ଣନୀୟ ଏବଂ ସୂର୍ଯ୍ୟରଶ୍ମି ମଧ୍ୟ ଏତେ ରମଣୀୟ ବୋଲି ! ତେଣୁ ଜୀବନରେ ଅଶ୍ରୁର ମଧ୍ୟ ମୂଲ୍ୟ ଅଛି — ଅଶ୍ରୁମୋଚନର ବି ଏକ ସୌନ୍ଦର୍ଯ୍ୟ ଅଛି । ଠିକ୍ ସେମିତି ଦୁଃଖର ବି ମୂଲ୍ୟ ଅଛି — ଦୁଃଖ ପଛରେ ବି ସୁଖ ଲୁଚି ରହିଛି । ଯାହା ଘଟିବାକୁ ଯାଉଛି, ତାହା ଘଟିବ । ତେଣୁ ସୁଖର ଆଶାରେ ଆନନ୍ଦ ଉପଭୋଗ ନ କରି ଦୁଃଖର କଳ୍ପନାରେ କାନ୍ଦିବାର ମୁହୂର୍ତ୍ତ ଆସିବା ପୂର୍ବରୁ କାନ୍ଦିବା କାହିଁକି ?''

ମୁଁ କୃଷ୍ଣଙ୍କୁ ପ୍ରଣାମ ଜଣାଇଲି । ପ୍ରଣତି ଭିତରେ ମୋର ଦୁଃଖତକ ତାଙ୍କୁ ଅର୍ଘ୍ୟ ଦେଇଦେଲି । କାରଣ ସେତେବେଳେ ଦୁଃଖ ଛଡ଼ା ମୋ ହୃଦୟରେ ଆଉ କିଛି ନଥିଲା । ଅନୁଭବ କଲି,ମୋର ହୃଦୟ ଉଶ୍ୱାସ ହୋଇଯାଇଛି ।

ସ୍ୱର୍ଣ୍ଣନିର୍ମିତ ମଞ୍ଚମାନଙ୍କ ଉପରେ ପ୍ରତିଯୋଗୀ ରାଜାମାନେ ଆସନ ଗ୍ରହଣ କରିଥା'ନ୍ତି । ସମଗ୍ର ସଭାସ୍ଥଳ ମୂଲ୍ୟବାନ ଘୃଥୁଆରେ ମଣ୍ଡିତ ହୋଇଛି । ସେଥିରେ ସୁନାରୂପାର କାରୁକାର୍ଯ୍ୟଭରା ଝାଲର ଲାଗିଛି । ପ୍ରତିଯୋଗୀ ରାଜାମାନେ ସେମାନଙ୍କର ଶ୍ରେଷ୍ଠବସ୍ତ୍ର ଓ ଭୂଷଣ ପିନ୍ଧିଥା'ନ୍ତି । ସମସ୍ତେ ମନେ ମନେ ନିଜକୁ କୃଷ୍ଣାର ଯୋଗ୍ୟ ପୁରୁଷ ଭାବି ଆହ୍ଲାଦିତ ହେଉଥା'ନ୍ତି । ପଣ୍ଡିତ ବିଦ୍ୱାନ୍ ବ୍ୟକ୍ତିମାନେ ସ୍ୱତନ୍ତ୍ର ଆସନରେ ବସିଥା'ନ୍ତି । ବ୍ରାହ୍ମଣମାନଙ୍କ ବସିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି । ନଗରର ଦର୍ଶକ ଏବଂ ପୁରନାରୀମାନଙ୍କ ପାଇଁ ମଧ୍ୟ ବସିବାର ବ୍ୟବସ୍ଥା ହୋଇଛି । ନାରୀମାନଙ୍କର ଆସନ ମଞ୍ଚ ଆକାରରେ ତିଆରି ହୋଇ ସୁନ୍ଦର ବସ୍ତ୍ରରେ ଆବୃତ ହୋଇଛି, ଯେପରିକି ସେମାନେ ସଭାସ୍ଥାନର ପ୍ରତ୍ୟେକ କଥା ଦେଖିପାରିବେ ଅଥଚ ସେମାନଙ୍କୁ କେହି ଦେଖିପାରିବେ ନାହିଁ ।

ମତେ କିନ୍ତୁ ସମସ୍ତଙ୍କ ସମ୍ମୁଖକୁ ଯିବାକୁ ହିଁ ହେବ । କାରଣ ମୁଁ ସ୍ୱୟମ୍ବରା । ମତେ ସମସ୍ତଙ୍କ ସମ୍ମୁଖରେ ନିଜକୁ ପ୍ରଦର୍ଶିତା କରିବାକୁ ହେବ । ମୋର ରୂପ ଶୋଭା ଦେଖି ପ୍ରତିଯୋଗୀମାନେ ନିଜ ଭିତରେ ଶକ୍ତି ସଞ୍ଚାର କରିବେ ।

Digitized by srujanika@gmail.com

ସଖୀମାନେ ମତେ ନାନାଭାବେ ସଜ୍ଜିତ କରିଥା'ନ୍ତି । ଶୁଭ୍ର ବସନ ଏବଂ ଶୁଭ୍ର ପୁଷ୍ପରେ ମୋର ସମଗ୍ର ଶରୀରକୁ ମଣ୍ଡନ କରିଥା'ନ୍ତି । ଦର୍ପଣରେ ନିଜର ପ୍ରତିବିମ୍ବ ଦେଖି ମୁଁ ଭାବିଲି, ଶ୍ୱେତବର୍ଣ୍ଣର ଫୁଲଗୁଡ଼ିକ ଉଦ୍ୟାନରେ ଏତେ ରମଣୀୟ ଦିଶନ୍ତି ନାହିଁ ଜାହିଁକି ? ମୋର ଶରୀରର ପଦ୍ମଗନ୍ଧ ସଙ୍ଗେ ଅଗୁରୁ ଚନ୍ଦନ ଏବଂ ସୁବାସିତ ଅତରର ଗନ୍ଧ ମିଶି ସମଗ୍ର ସଭାସ୍ଥଳକୁ ସୁବାସିତ କରୁଥାଏ । ଶୁଭ୍ର ବସନ ଏବଂ ଶୁଭ୍ର ପୁଷ୍ପରେ ମୋର ଭାରି ମୋହ । ସେଥିପାଇଁ କେବଳ ହୀରାର ଗହଣାରେ ମୋର ଶରୀରକୁ ଅଳଂକୃତ କରିଥା'ନ୍ତି ସଖୀମାନେ । ମଧୁର ଶ୍ୟାମବର୍ଣ୍ଣ ଯେ ଏତେ କମନୀୟ ଏବଂ ନମ୍ର ଆଜି ହିଁ ନିଜକୁ ଦେଖି ମୁଁ ବୁଝିପାରୁଛି । ସଖୀ ପରିଗ୍ଧରାଙ୍କ ଗହଣରେ ପୁଷ୍ପଶୋଭିତ ହାଣ୍ଡୋଳାରେ ବସି ଧୃଷ୍ଟଦ୍ୟୁମ୍ନଙ୍କ ସଙ୍ଗେ ମୁଁ ସଭାସ୍ଥଳରେ ପ୍ରବେଶ କଲି । ହାଣ୍ଡୋଳା ରହିବା ମାତ୍ରେ ମୁଁ ଭାଇଙ୍କ ନିର୍ଦ୍ଦେଶରେ ହାଣ୍ଡୋଳାରୁ ଅବତରଣ କଲି । ମୋର ଉପସ୍ଥିତି ମାତ୍ରକେ ସଭାସ୍ଥଳରେ ମୃଦୁ ଗୁଞ୍ଜରଣ ଖେଳିଗଲା । ଯୁବକ, ବୃଦ୍ଧ, ବ୍ରାହ୍ମଣ, କ୍ଷତ୍ରିୟ, ପୁରୁଷ, ସ୍ତ୍ରୀ ସମସ୍ତେ ସବ୍ଧ ହୋଇ ମୋର ଶ୍ୟାମଳ ସୌନ୍ଦର୍ଯ୍ୟକୁ ନିରୀକ୍ଷଣ କରିବାକୁ ଲାଗିଲେ । ଦୃଷ୍ଟି ନତ କରି ମୁଁ ଧୀରେ ଧୀରେ ମୋର ବସିବା ସ୍ଥାନକୁ ଅଗ୍ରସର ହେଉଥାଏ । ଏତେଗୁଡ଼ାଏ ପୁରୁଷଙ୍କର ଲୋଲୁପ ଦୃଷ୍ଟି ମତେ ବିବ୍ରତ, ଲଜ୍ଜିତ କରୁଥାଏ । ଇଚ୍ଛା ହେଉଥାଏ ଅବଗୁଣ୍ଠନରେ ମୁହଁ ଲୁଚାଇ ଦିଅନ୍ତି । ସତେ ବା ମୋର ମନକଥା ଜାଣି ସଭାସ୍ଥଳରେ ସଜ୍ଜିତ ହୋଇଥିବା ପୁଷ୍ପକୁଣ୍ଡମାନଙ୍କର ପାଖ ଛାଡ଼ି ଭ୍ରମରମାନେ ଏକ ସଙ୍ଗେ ମୋ ମୁଖର ଘୂରିପଟେ ଖଣ୍ଡେ ନୀଳ ଉତ୍ତରୀୟ ଭଳି ଉଡ଼ିବାକୁ ଲାଗିଲେ । ଉପସ୍ଥିତ ରାଜନ୍ୟବର୍ଗଙ୍କ ଦୃଷ୍ଟିପଥରେ ଭ୍ରମରମାନେ ଅନ୍ତରାୟ ସୃଷ୍ଟି କରିବାକୁ ସେମାନେ ହାୟ ହାୟ କରିବାକୁ ଲାଗିଲେ । ମୋର ଶରୀରରୁ ନିର୍ଗତ ହେଉଥିବା ପଦ୍ମଗନ୍ଧକୁ ସେମାନେ ଅକୁଣ୍ଠିତ ଭାବେ ଆଘ୍ରାଣ କରିବାକୁ ଲାଗିଲେ । ସେମାନଙ୍କର ଆଘ୍ରାଣର ଶବ୍ଦ ଏକତ୍ର ମିଶି ମନରେ ମୃଦୁ ବତାସର ଭ୍ରମ ଆଣୁଥାଏ ।

ମୁଁ ଜାଣେ ନାହିଁ, ମୋର ଶରୀରର ପଦ୍ମଗନ୍ଧରେ, କି ମୋ ଶରୀର ଏବଂ ଗଭାର ପୁଷ୍ପ ଗନ୍ଧରେ, ଅଥବା ମୋ ଶରୀରରେ ଲେପନ କରାଯାଇଥିବା ସୁବାସିତ ଅଗୁରୁ ଚନ୍ଦନ, ଅତର ଏବଂ ସୁବାସିତ କେଶତୈଳର ଗନ୍ଧରେ ଭ୍ରମରମାନେ ସଭାସ୍ଥଳର ସମସ୍ତ ଦୁର୍ଲଭ ସୁରଭିଯୁକ୍ତ ପୁଷ୍ପକୁ ପରିତ୍ୟାଗ କରି ମୋ ଚତୁଃପାର୍ଶ୍ୱରେ ନୀଳମେଘର ପରଦା ଭଳି ଉଡ଼ି ଉଡ଼ି ବୁଲୁଥା'ନ୍ତି । ମୁଁ ସେମାନଙ୍କର ଔଦାର୍ଯ୍ୟ ନିକଟରେ କୃତଜ୍ଞ ହେଲି । ଭ୍ରମର ହେଲେ ମଧ୍ୟ ସେମାନଙ୍କର କେତେ ହୃଦୟବତ୍ତା ! ସଭାସ୍ଥଳରେ ସ୍ୱୟମ୍ବରା ନାରୀର ରୂପ କେତେ ବ୍ରୀଡ଼ାଜନକ ସେମାନେ ବୁଝିଛନ୍ତି ଅଥଚ ପଣ୍ଡିତ ବିଦ୍ୱାନ ମଣିଷ ସେକଥା ଅନୁଭବ କରେ ନାହିଁ ।

Digitized by srujanika@gmail.com

କୌଣସିମତେ ମୋ ପାଇଁ ନିର୍ମିତ ମଞ୍ଚ ନିକଟରେ ମୁଁ ପହଞ୍ଚିଲି ଏବଂ ଆସନ ଗ୍ରହଣ କଲି । ତା'ପରେ ମୋର ଭାଇ ଧୃଷ୍ଟଦ୍ୟୁମ୍ନ ସମସ୍ତଙ୍କୁ ନମସ୍କାରପୂର୍ବକ ସ୍ୱାଗତ ଜଣାଇ କହିଲେ — ''ହେ ସମବେତ ଉଚ୍ଚକୁଳସମ୍ଭୂତ ରାଜନ୍ୟମଣ୍ଡଳି ! ଏ ହେଉଛି ମୋର ଅତି ଆଦରର ଭଉଣୀ ବରବର୍ଣ୍ଣିନୀ କୃଷ୍ଣା । ଆପଣମାନେ ତା'ର ଶରୀର ସୌନ୍ଦର୍ଯ୍ୟ ଅବଲୋକନ କଲେ । ସେ କେବଳ ଆର୍ଯ୍ୟାବର୍ତ୍ତର ଶ୍ରେଷ୍ଠ ସୁନ୍ଦରୀ ନୁହେଁ; ସେ ସର୍ବଗୁଣସମ୍ପନ୍ନା । ସେ ସ୍ୱଚ୍ଛଭାଷିଣୀ ହେଲେ ମଧ୍ୟ ବିଦ୍ୟାବତୀ, ବିଗ୍ଧରଶୀଳା, ଶାସ୍ତ୍ରଜ୍ଞା, ସଙ୍ଗୀତନିପୁଣା, ବୁଦ୍ଧିମତୀ ଏବଂ ଦିବ୍ୟଦର୍ଶିନୀ । ପୃଥିବୀରେ ସତ୍ୟ ପ୍ରତିଷ୍ଠା ଏବଂ ଧର୍ମରକ୍ଷା ହେଉଛି ତା' ଜୀବନର ମୂଳମନ୍ତ୍ର । ସେ ଆଜି ଆପଣମାନଙ୍କ ଭିତରୁ ତା'ର ଯୋଗ୍ୟତମ ପତି ନିର୍ବାଚନ କରିବା ପାଇଁ ଏଠାରେ ଉପସ୍ଥିତ । ସ୍ୱୟମ୍ବରର ସର୍ତ୍ତ ଆପଣମାନେ ସମସ୍ତେ ଜାଣନ୍ତି । ହେ ସମବେତ ବୀରଗଣ ! ଆପଣମାନେ ସମସ୍ତେ ଦ୍ରୌପଦୀକୁ ବିବାହ କରିବା ପାଇଁ ପ୍ରସ୍ତୁତ ହୋଇ ଆସିଛନ୍ତି । ବର୍ତ୍ତମାନ ଆପଣମାନଙ୍କ ସମ୍ମୁଖରେ ଲକ୍ଷ୍ୟ ଏବଂ ଧନୁର୍ବାଣ ଥୁଆ ହୋଇଛି । କ୍ରମାଗତ ପାଞ୍ଚଟି ବାଣଦ୍ୱାରା ଯିଏ ଚକ୍ରସ୍ଥିତ କନକମୀନର ଚକ୍ଷୁ ଭେଦକରି ତାକୁ ଭୂମିସାତ କରିବ, ସେ ମୋର ଅତି ଆଦରର ଭଉଣୀ କୃଷ୍ଣାକୁ ପ୍ରାପ୍ତ ହେବ । ମାତ୍ର ସେହି ବୀର ଉଚ୍ଚକୁଳସମ୍ଭୂତ ହୋଇଥିବା ଆବଶ୍ୟକ ।'' ତା'ପରେ ଗୋଟି ଗୋଟି ସମସ୍ତ ପ୍ରତିଯୋଗୀଙ୍କର ପରିଚୟ ଧୃଷ୍ଟଦ୍ୟୁମ୍ନ ଦେଲେ । ମାତ୍ର ଲଜ୍ଜାବଶତଃ ମୁଁ କାହାରିକୁ ଦୃଷ୍ଟି ତୋଳି ଗ୍ରହିଁପାରିଲି ନାହିଁ । ସେଇ ପରିଚୟପତ୍ର ଭିତରେ ମୋର ଅଭୀଷ୍ଟ ପୁରୁଷଙ୍କର ନାମ ନଥିଲା । ତେଣୁ ମୁଁ ବିଷଣ୍ଣ ବଦନରେ ଅଦୃଷ୍ଟ ସମ୍ପର୍କରେ ଚିନ୍ତିତା ହୋଇ ବସିରହିଲି ।

ଶଙ୍ଖ ହୁଳହୁଳି, ବେଦପାଠ, ହୋମ, ଘଣ୍ଟଘଣ୍ଟା ଏବଂ ମଙ୍ଗଳ ମହୁରି ଭିତରେ ପ୍ରାର୍ଥୀମାନେ ଜଣକ ପରେ ଜଣେ ଆସିଲେ ଏବଂ ନିହାତି ହାସ୍ୟକର ପରିସ୍ଥିତି ସୃଷ୍ଟିକରି ପରାଜିତ ହୋଇ ଫେରିଗଲେ । କେହି ଶର ସଂଯୋଜନ କରିପାରିଲେ ନାହିଁ ତ କେହି ଧନୁ ଉତ୍ତୋଳନ କରିପାରିଲେ ନାହିଁ । ଆହତ, ଇତସ୍ତତଃ, ବିବ୍ରତ, ବିସ୍ମିତ, ବ୍ୟର୍ଥ ଏବଂ ବିଷାଦିତ ହୋଇ ଗୋଟିକ ପରେ ଗୋଟିଏ ବୀର ବାହୁଡ଼ିଗଲେ । ନଗରର ଦର୍ଶକମାନେ ସେତେବେଳେ ଭାବୁଥିଲେ, ଧନୁର୍ବିଦ୍ୟାରେ ବୀରଶ୍ରେଷ୍ଠ ଅର୍ଜୁନ ମୃତ ବୋଲି ଜାଣିବା ପରେ ରାଜା ଦ୍ରୁପଦ ସ୍ୱୟମ୍ବରର ଏଭଳି ଏକ ପଣ ରଖିବାର ଅର୍ଥ ରାଜକନ୍ୟାଙ୍କୁ ଚିରକୁମାରୀ ବ୍ରତ ଅବଲମ୍ବନ କରିବା ପାଇଁ ବାଧ୍ୟ କରିବା । ମୋର ସଖୀମାନେ ମଧ୍ୟ ସେଇକଥା ଭାବି ହାୟ ହାୟ କରୁଥିଲେ । ମାତ୍ର ମୁଁ ଭାବୁଥିଲି ମା' ପାର୍ବତୀ ମୋର ଡାକ ଶୁଣିଛନ୍ତି । ଅବଶ୍ୟ ମୋର ପ୍ରାର୍ଥନା ଅନୁଯାୟୀ ସେ ଅର୍ଜୁନଙ୍କୁ ଏଠାରେ ପହଞ୍ଚାଇ ଦେଇ ନାହାନ୍ତି; କିନ୍ତୁ ମୋ ଭଳି ଏକ ଅଭାଗିନୀ ବରପୂର୍ବା ନାରୀର ସମ୍ମାନ ରକ୍ଷା କରିବା ପାଇଁ ଆଉ କୌଣସି ପୁରୁଷକୁ ଜୟଯୁକ୍ତ କରାଇ ନାହାନ୍ତି । ତା' ଯଦି

Digitized by srujanika@gmail.com

ହୋଇଥା'ନ୍ତା, ମୁଁ କ'ଣ କରିଥା'ନ୍ତି ? ବାଧ୍ୟ ହୋଇ ପିତାଙ୍କ ସତ୍ୟରକ୍ଷା ନିମନ୍ତେ ମତେ ସେଇ ପୁରୁଷଙ୍କୁ ପତି ରୂପରେ ବରଣ କରିବାକୁ ହୋଇଥା'ନ୍ତା ଏବଂ ମୋର ସତୀଧର୍ମ ନଷ୍ଟ ହୋଇଥା'ନ୍ତା । ମୁଁ ମନେ ମନେ ସନ୍ତୋଷ ଲାଭ କରୁଥାଏ ଅଥଚ ସଭାସ୍ଥଳରେ ପରାଜୟ ଏବଂ ବ୍ୟର୍ଥତାର ଦୀର୍ଘଶ୍ୱାସ ଗଭୀର ହେଉଥାଏ । ବ୍ୟର୍ଥ ମନୋରଥ ପୁରୁଷମାନେ ମତେ ଲାଭ କରିବା ପାଇଁ ନାନାପ୍ରକାର କଳ୍ପନା ଜଳ୍ପନା କରୁଥା'ନ୍ତି । ଯଦି ବା କେହି ପଣରକ୍ଷା କରିବାରେ ସମର୍ଥ ହୁଏ, ତେବେ ତା'ଠାରୁ ବଳାତ୍କାର କରି ଛଡ଼ାଇ ନେଇ ମତେ ଧରି ପଳାୟନ କରିବାର ଯୋଜନା ମନେ ମନେ କରି ତାହା ଅନ୍ୟମାନଙ୍କ ନିକଟରେ ପ୍ରକାଶ କରିଦେଉଥା'ନ୍ତି । ସେମାନଙ୍କର ଆଳାପ ଶୁଣି ମୋର ସଖୀମାନେ କୌତୁକ ଅନୁଭବ କଲାବେଳେ ମୁଁ ମନେ ମନେ ବ୍ୟଥା ପାଉଥାଏ । ଏହି କାମାତୁର ପୁରୁଷମାନଙ୍କର ପାପଦୃଷ୍ଟି ସମ୍ମୁଖରେ ଏତେ ସମୟ ବସି ରହିଥିବାରୁ ନିଜକୁ ଧିକ୍‌କାର କରୁଥାଏ ଏବଂ ମୋର ଶରୀର କଣ୍ଟକିତ ପ୍ରାୟ ଲାଗୁଥାଏ ।

ମୋର ଭାଇ ଧୃଷ୍ଟଦ୍ୟୁମ୍ନ, ପିତା ଦ୍ରୁପଦ ଏବଂ ମୋର ଗୁରୁଜନମଣ୍ଡଳୀ ମୋର ଭବିଷ୍ୟତ ଚିନ୍ତାକରି ବିଷାଦପୂର୍ଣ୍ଣ ହୃଦୟରେ ବସିରହିଥା'ନ୍ତି । ମାତ୍ର ଗ୍ରହିଁ ଦେଖିଲି, ଯାଦବ ଏବଂ ବଳରାମଙ୍କ ମେଳରେ ବସି ଶ୍ରୀକୃଷ୍ଣ ବେଶ୍ ପ୍ରଫୁଲ୍ଲ ବଦନରେ ସମସ୍ତ ଘଟଣାକୁ ଉପଭୋଗ କରୁଥା'ନ୍ତି । କୃଷ୍ଣା ପାଇଁ କୃଷ୍ଣଙ୍କର ଯଦି କିଛି ଚିନ୍ତା ଓ ଉଦ୍‌ବେଗ ନାହିଁ, ତେବେ କୃଷ୍ଣାର ଅଦୃଷ୍ଟ ଯେ ତାକୁ ପରିହାସ କରୁଛି ଏଥିରେ ସନ୍ଦେହ ନାହିଁ । ସ୍ୱୟମ୍ବର ସଭାର ଶେଷ ପରିଣତି ପାଇଁ ମୁଁ ନିଜକୁ ପ୍ରସ୍ତୁତ କରୁଥାଏ । ଆଉ ମାତ୍ର କେତେଜଣ ପ୍ରାର୍ଥୀ ଅଛନ୍ତି ।

ସବୁ ନିରାଶା ମଧ୍ୟରେ ନବୋଦିତ ସୂର୍ଯ୍ୟସମ ତେଜସ୍ୱୀ ଏବଂ ଅପସୂର୍ଯ୍ୟପରି କମନୀୟ କାନ୍ତି-ଯୁକ୍ତ ସୁବର୍ଣ୍ଣ କବଚକୁଣ୍ଡଳ ବିଭୂଷିତ ଏକ ବୀରପୁରୁଷ ଲକ୍ଷ୍ୟଭେଦ ମଣ୍ଡପ ନିକଟରେ ଉପସ୍ଥିତ ହେଲେ । ସେଇ ପରମ ସୌନ୍ଦର୍ଯ୍ୟବନ୍ତ ବୀରପୁରୁଷଙ୍କର ରୂପ ଏବଂ ସୌନ୍ଦର୍ଯ୍ୟରେ ସମସ୍ତେ ବିମୋହିତ ହୋଇ ଗ୍ରହିଁ ରହିଲେ । କେହି କେହି ମତେ ପାଇବାର ପ୍ରଲୋଭନକୁ ବିସ୍ମରିଯାଇ ଏକାନ୍ତ କାମନା କଲେ ଏହି ବୀରପୁରୁଷ ଲକ୍ଷ୍ୟଭେଦ କରୁ ଏବଂ ମତେ ଲାଭ କରୁ । ଏଭଳି ଶୋଭାବନ୍ତ ଯୁବକର ପରାଜୟ କଥା ସ୍ମରଣ କରି କେହି କେହି ବିମର୍ଷ ବି ହୋଇଗଲେ । ନିତମ୍ବିନୀ ଆହ୍ଲାଦିତ କଣ୍ଠରେ ମୋର କାନ ପାଖରେ କହିଲା — "ସଖି, ଏଥର ପ୍ରସ୍ତୁତ ହୁଅ । କାମଦେବ ସଦୃଶ ଏଇ ବୀରଯୁବକ ନିଶ୍ଚୟ ଜୟଯୁକ୍ତ ହେବେ ଏବଂ ତୁମକୁ ଲାଭ କରିବେ ।"

ମୋର ହୃତ୍‌ସ୍ପନ୍ଦନ ଦ୍ରୁତତର ହେଲା । ଭାବିଲି, ଯଦି ଏହି ପରମ ରୂପବନ୍ତ ଯୁବକ ଜୟଯୁକ୍ତ ହୁଅନ୍ତି ତେବେ ସେ ଅର୍ଜୁନଙ୍କ ବ୍ୟତୀତ ଅନ୍ୟ କେହି ହେବେନାହିଁ ।

Digitized by srujanika@gmail.com

ମା' ପାର୍ବତୀ ଶେଷମୁହୂର୍ତ୍ତରେ ମୋର ମନସ୍କାମନା ପୂର୍ଣ୍ଣ କରିଛନ୍ତି । ଏ ନିଶ୍ଚୟ କୁନ୍ତୀପୁତ୍ର ହୋଇଥିବେ । କୁନ୍ତୀପୁତ୍ର ଛଡ଼ା ଲକ୍ଷ୍ୟଭେଦ କରିବ କିଏ ? ହୁଏତ ମୁଁ ମଧ୍ୟ କ୍ଷଣକରେ କାମନା କଲି, ଏହି ଯୁବକ ଜୟଯୁକ୍ତ ହୁଅନ୍ତୁ ।

ବୀର ଯୁବକ ସାବଲୀଳ ଭାବରେ ଧନୁ ଧାରଣ କଲେ । ଶର ସଂଯୋଜନା କରିବା ପାଇଁ ପ୍ରସ୍ତୁତ ହେବାକୁ ଯାଉଛନ୍ତି, ସଭାସ୍ଥଳ ହର୍ଷଧ୍ୱନି ଓ କରତାଳିରେ ପ୍ରକମ୍ପିତ ହେଲା । ଯୁବକ ଉତ୍ସାହିତ ହେଲେ । ଶର ବିନ୍ଧିବା ଆଗରୁ ଥରେ ଊର୍ଦ୍ଧ୍ୱକୁ ଗ୍ରହିଁ ସୂର୍ଯ୍ୟଦେବଙ୍କୁ ନମସ୍କାର କଲେ । ସମସ୍ତେ ଭାବିଲେ, ବୋଧହୁଏ ପଲକମାତ୍ରକେ ବୀରଯୁବକ ଜୟଯୁକ୍ତ ହେବେ ଏବଂ ଦ୍ରୁପଦ ରାଜଜେମାକୁ ଲାଭ କରିବେ ।

ଅକସ୍ମାତ୍ କେହି ଜଣେ ଦର୍ଶକଙ୍କ ଭିତରୁ କହିଲା, ''ଏହି ବୀର ଯୁବକଙ୍କର ପରିଚୟ କ'ଣ ? ସ୍ୱୟମ୍ବରର ଅନ୍ୟ ଏକ ସର୍ତ୍ତ ହେଉଛି ପ୍ରାର୍ଥୀ ଉଚ୍ଚବଂଶର ହୋଇ ନ ଥିଲେ ଲକ୍ଷ୍ୟଭେଦ କରି ମଧ୍ୟ କୃଷ୍ଣାଙ୍କୁ ପାଇବାର ଅଧିକାର ଲାଭ କରିବେ ନାହିଁ ।''

ମୋର ଭାଇ ଧୃଷ୍ଟଦ୍ୟୁମ୍ନ ହଠାତ୍ ବଡ଼ପାଟିରେ କହିଲେ — ''ମୁଁ ପ୍ରଥମରୁ କହୁଛି ପ୍ରତିଯୋଗୀମାନେ ସତ୍‌କୁଳଜାତ ନ ହେଲେ ମୋ ଭଉଣୀ ତାଙ୍କୁ ବରଣ କରିବ ନାହିଁ । ସାରଥୀ ଅଧିରଥ ଏବଂ ରାଧାପୁତ୍ର କର୍ଣ୍ଣ ଯେତେ ବଡ଼ ବୀରପୁରୁଷ ହେଲେ ମଧ୍ୟ ମୋର ଭଉଣୀ ତାଙ୍କୁ ବିବାହ କରି ନ ପାରେ ।''

ଧୃଷ୍ଟଦ୍ୟୁମ୍ନଙ୍କ କଥା ଶୁଣିବା ମାତ୍ରେ ବୀର କର୍ଣ୍ଣ ନୀରବରେ ଧନୁ ଯଥାସ୍ଥାନରେ ଥୋଇଦେଲେ । ବିଷଣ୍ଣ ବଦନରେ ଥରେ ଗ୍ରହିଁଲେ ଆକାଶରେ ଈଷତ୍ ଢଳିପଡୁଥିବା ମଧ୍ୟାହ୍ନ ସୂର୍ଯ୍ୟଙ୍କୁ । ଖଣ୍ଡେ ଅଦିନ ବଉଦ ଠିକ୍ ସେଇ ସମୟରେ ସୂର୍ଯ୍ୟଦେବଙ୍କୁ ଢାଙ୍କି ଦେଉଥିଲା । ଲକ୍ଷେରାଜାଙ୍କ ସମ୍ମୁଖରେ ବୀର କର୍ଣ୍ଣଙ୍କର କେଜାଣି କେଉଁ ନୀରବ ଅଭିଯୋଗର ମୁକାବିଲା କରିବା ପାଇଁ ସୂର୍ଯ୍ୟଦେବ ଯେପରି ସେଇ ମୁହୂର୍ତ୍ତରେ ପ୍ରସ୍ତୁତ ନଥିଲେ । କର୍ଣ୍ଣ ସ୍ୱସ୍ଥାନକୁ ଫେରିଯିବା ପୂର୍ବରୁ ବିଷାଦିତ ତୀର୍ଯ୍ୟକ୍ ଦୃଷ୍ଟିରେ ଥରେ ମୋର ବସିଥିବା ମଞ୍ଚ ଆଡ଼କୁ ଗ୍ରହିଁଲେ । ସୁନ୍ଦର ପୁରୁଷ କର୍ଣ୍ଣଙ୍କର ସେଇ ବିଷାଦପୂର୍ଣ୍ଣ ଦୃଷ୍ଟି ମଧ୍ୟ ଏତେ ମନୋରମ ଥିଲା ଯେ ମୋର ସହଚରୀମାନଙ୍କ ଭିତରୁ କେତେଜଣ ବିହ୍ୱଳ ହୋଇ ମୂର୍ଚ୍ଛା ଯିବାର ଉପକ୍ରମ କଲେ । ମୁଁ ମଧ୍ୟ ନିଜକୁ ଅପରାଧିନୀ ମଣିଲି । ମୋର ମନେହେଲା ଏହି ବିରାଟ ସଭାସ୍ଥଳରେ ବୀର କର୍ଣ୍ଣଙ୍କର ଅପମାନ ପାଇଁ ମୁଁ ମଧ୍ୟ କେତେକାଂଶରେ ଦାୟୀ । ଲକ୍ଷେ ରାଜାଙ୍କର ପରାଜୟ ଏବଂ କର୍ଣ୍ଣଙ୍କର ଅପମାନ ପାଇଁ ମୋର ଏଇ ସ୍ୱୟମ୍ବରର ଅଦ୍ଭୁତ ସର୍ତ୍ତ ଯେତିକି ଦାୟୀ, ମୁଁ ମଧ୍ୟ ସେଥିରେ ସେତିକି ଅଂଶୀଦାର । ମୋ ପାଇଁ ଏତେ ଯୁବାପୁରୁଷ ଯେ ଦୁଃଖ ପାଇଲେ, ବିଶେଷକରି ବୀର କର୍ଣ୍ଣ ଯେ ତାଙ୍କର ବଂଶ ପରିଚୟ ଯୋଗୁ ଅପମାନିତ ହେଲେ ସେଥିପାଇଁ ମୋର

Digitized by srujanika@gmail.com

ମଧ୍ୟ କମ୍ ଅନୁଶୋଚନା ହେଲାନାହିଁ । ପ୍ରକୃତରେ କି ଦରକାର ଥିଲା ଆଜିର ଏ ସ୍ୱୟମ୍ବର ସଭାର ?

ମୁଁ ବରପୂର୍ବା । ଏକଥା ଜାଣନ୍ତି ମୋର ପିତା, ଭ୍ରାତା ଏବଂ ଶ୍ରୀକୃଷ୍ଣ । ଏକଥା ମଧ୍ୟ ସମସ୍ତେ ଜାଣନ୍ତି ଯେ ସ୍ୱୟମ୍ବରର ସେହି ସର୍ତ୍ତ କେବଳ ଅର୍ଜୁନ ଏବଂ କୃଷ୍ଣଙ୍କ ବ୍ୟତୀତ ଆଉ କେହି ରକ୍ଷା କରିବାକୁ କ୍ଷମ ହେବେ ନାହିଁ । ଅର୍ଜୁନ ମୃତ । କୃଷ୍ଣ ପ୍ରାର୍ଥୀ ନୁହନ୍ତି । ତେଣୁ ଫଳାଫଳ ବହୁପୂର୍ବରୁ ନିର୍ଦ୍ଦିଷ୍ଟ ହୋଇ ରହିଛି । ଯଦିବା ବୀର କର୍ଣ୍ଣ ଜୟଯୁକ୍ତ ହୋଇଥା'ନ୍ତେ, ସେ ଉଚ୍ଚବଂଶର ନୁହନ୍ତି । ଏସବୁ ଜାଣି ମଧ୍ୟ ସର୍ବସମକ୍ଷରେ ମତେ ପ୍ରଦର୍ଶିତ କରି ସମସ୍ତଙ୍କୁ ପ୍ରଲୋଭିତ କରିବାର କି ଆବଶ୍ୟକତା ଥିଲା ?

ସୁନ୍ଦର ଦ୍ରବ୍ୟ ପ୍ରତି ପ୍ରତ୍ୟେକ ମଣିଷ ଆକୃଷ୍ଟ ହୁଏ । ତାକୁ ନିଜର କରିବାକୁ ସ୍ୱପ୍ନ ଦେଖେ । ଉଚିତ ମାର୍ଗରେ ପାଇ ନ ପାରିଲେ ଅନୁଚିତ ମାର୍ଗରେ ତାକୁ କରାୟତ୍ତ କରିବାକୁ ଚେଷ୍ଟା କରେ । ଲୋଭାତୁର ମଣିଷ ସେତେବେଳେ ବୁଝିପାରେ ନାହିଁ, ସେହି ସୁନ୍ଦର ଦ୍ରବ୍ୟଟିକୁ ଲାଭ କରିବାର ଶକ୍ତି ଓ ସାମର୍ଥ୍ୟ ତା'ର ଅଛି କି ନା । ସବୁ ଚେଷ୍ଟାରେ ବିଫଳ ହେଲେ ଦୁଃଖୀ ହେଇପଡ଼େ । ତେଣୁ ଆଜି ଲକ୍ଷେ ରାଜାଙ୍କର ଦୁଃଖର କାରଣ ମୁଁ ।

ବୀରକର୍ଣ୍ଣ ମୁଣ୍ଡ ତଳକୁ କରି ଧୀରେ ଧୀରେ ଫେରିଯାଉଛନ୍ତି । ଭସା ବଉଦ ଠେଲି ସୂର୍ଯ୍ୟଦେବ ପୁଣି ଦେଖାଦେଲେଣି । ସଭାସ୍ଥଳରେ କର୍ଣ୍ଣଙ୍କୁ ଅଧିକ ଅପମାନିତ କରିବା ପାଇଁ କେହି କେହି ବିଭିନ୍ନପ୍ରକାର କଟୁ ଟିପ୍ପଣୀ ଦେଉଛନ୍ତି । କେହି କେହି କହୁଛନ୍ତି, ''ଏ ହେଉଛନ୍ତି ଅଙ୍ଗଦେଶର ରାଜା କୌରବ ବନ୍ଧୁ କର୍ଣ୍ଣ । ବୀର ଅର୍ଜୁନଙ୍କର ଏକମାତ୍ର ସମକକ୍ଷ ଯୋଦ୍ଧା ହେଉଛନ୍ତି ବୀର କର୍ଣ୍ଣ । କିନ୍ତୁ ପିତୃ ପରିଚୟ ଜଣାନାହିଁ ବୋଲି ସେ ଆଜି ଲାଞ୍ଛିତ ହେଲେ । ସାରଥି ଅଧିରଥ କର୍ଣ୍ଣଙ୍କର ପ୍ରକୃତ ପିତା ନୁହନ୍ତି । ଶୁଣାଯାଏ କର୍ଣ୍ଣ ହେଉଛନ୍ତି ସାରଥି ଅଧିରଥଙ୍କର ପାଳିତ ପୁତ୍ର ।''

''ଅର୍ଥାତ୍ ବୀର କର୍ଣ୍ଣ ହେଉଛନ୍ତି ଅବୈଧ ସନ୍ତାନ ।'' କେହି ଜଣେ ଟିପ୍‌ପଣୀ କଲା — ''ନୁହେଁ ତ ଆଉ କ'ଣ ? ଯାହାର ପିତୃ ପରିଚୟ ଜଣାନାହିଁ, ସେ ଆଉ କ'ଣ ହୋଇପାରେ ?'' ଅନ୍ୟ ଜଣେ ମନ୍ତବ୍ୟ ଦେଲା ।

କର୍ଣ୍ଣ ନୀରବରେ ପ୍ରସ୍ଥାନ କରୁଥା'ନ୍ତି । ଏ ସମସ୍ତ ଟିପ୍‌ପଣୀ ତାଙ୍କର କର୍ଣ୍ଣଗୋଚର ହେଉଥାଏ, ଏଥିରେ ସନ୍ଦେହ ନାହିଁ । ମାତ୍ର ନିର୍ବିକାର ଭାବେ ସେ ସମସ୍ତ ଟିପ୍‌ପଣୀକୁ ଗ୍ରହଣ କରିବାକୁ ବାଧ୍ୟ ହେଉଥା'ନ୍ତି ।

ନିଜର କୌଣସି ଲାଭ ନ ଥାଇ ମଧ୍ୟ ଅନ୍ୟକୁ ଦୁଃଖ ଦେବାରେ କେହି କେହି ସୁଖ ପା'ନ୍ତି । କର୍ଣ୍ଣ ଅପମାନିତ ହୋଇ ପ୍ରସ୍ଥାନ କରୁଥିବାର ଦୃଶ୍ୟ ଅଧିକାଂଶଙ୍କୁ ଆନନ୍ଦ

Digitized by srujanika@gmail.com

ପ୍ରଦାନ କରୁଥାଏ । ମାତ୍ର ଜନ୍ମ ଏବଂ ମୃତ୍ୟୁ ଯଦି ବିଧି ନିର୍ଦ୍ଧାରିତ, ସେଥିପାଇଁ ଜଣେ ଲାଞ୍ଛିତ ହେବ କାହିଁକି ? କର୍ଣ୍ଣଙ୍କର ସେଇ ବିଷାଦିତ ପ୍ରସ୍ଥାନରତ ମୂର୍ତ୍ତି ମୋର ହୃଦୟକୁ କରୁଣା ଏବଂ ସହାନୁଭୂତିରେ ଆର୍ଦ୍ର କରିଦେଲା । ମୁଁ ମନେ ମନେ କହିଲି — ''ବୀର କର୍ଣ୍ଣ, ତମର ଏ ଅପମାନ ଓ ଲାଞ୍ଛନାରେ ମୋର ଯଦି କିଛି ଭୂମିକା ଥାଏ, ତେବେ ମତେ କ୍ଷମାକର । ତୁମ ଅପମାନର ଜ୍ୱାଳା ମୁଁ ବୁଝିପାରୁଛି; କାରଣ ଯା'ପରେ ଲାଞ୍ଛନା ଓ ଅପମାନର ପାଳି ମୋର । ବରବର୍ଣ୍ଣିନୀ କୃଷ୍ଣା ପାଇଁ ଏ ପୃଥିବୀରେ ବର ନାହିଁ, ଏ ତ କମ୍ ଲାଞ୍ଛନାର କଥା ନୁହେଁ !''

କର୍ଣ୍ଣଙ୍କ ପରେ ଶିଶୁପାଳ, ଶଲ୍ୟ, ଜରାସନ୍ଧ ପ୍ରଭୃତି ବୀରମାନେ ପରାଜିତ ହୋଇ ଭାଗ୍ୟକୁ ନିନ୍ଦିବାକୁ ଲାଗିଲେ । କୃଷ୍ଣା ପାଇଁ ଆଉ କେହି କ୍ଷତ୍ରିୟ ପ୍ରାର୍ଥୀ ନାହାନ୍ତି । ବର୍ତ୍ତମାନ ସ୍ୱୟମ୍ବର ସଭା ସାଙ୍ଗ କରାଯାଇପାରେ । ପିତା ଏବଂ ଧୃଷ୍ଟଦ୍ୟୁମ୍ନ ବିବ୍ରତ, ବିଷଣ୍ଣ ଦିଶୁଛନ୍ତି । ମାତ୍ର କୃଷ୍ଣଙ୍କ ମୁଖ ସଦ୍ୟପ୍ରସ୍ଫୁଟିତ ପଦ୍ମପୁଷ୍ପ ଭଳି ସହାସ୍ୟ ଏବଂ ସରସ ଦିଶୁଛି । ଭାବିଲି, ଏ ପୃଥିବୀରେ ନିଷ୍ଠୁରତମ ପୁରୁଷ ହେଉଛନ୍ତି ଶ୍ରୀକୃଷ୍ଣ । କାରଣ ସ୍ୱୟମ୍ବର ସଭାର ଦାରୁଣ ପରିଣତି ଯୋଗୁଁ ଜଣେ ନିରୀହା ରାଜକନ୍ୟାର ଭାଗ୍ୟ ବିପର୍ଯ୍ୟୟର କଥା ଚିନ୍ତାକରି ପିତାଙ୍କର ଶତ୍ରୁମାନେ ମଧ୍ୟ ବିମର୍ଷ ହୋଇପଡ଼ିଥିବା ସ୍ଥଳେ କୃଷ୍ଣଙ୍କ ମନରେ ତିଳେମାତ୍ର କ୍ଷୋଭ ନାହିଁ । ଭାବିଲି, କୃଷ୍ଣ କ'ଣ ଜାଣି ଜାଣି ଏସବୁ କରିଛନ୍ତି ? ଅର୍ଜୁନ ଯଦି ଅକ୍ଷାୟୁ ହୋଇ ଜନ୍ମିଥିଲେ, ମୋ ପାଇଁ ତାଙ୍କୁ ସେ ନିର୍ବାଚନ କଲେ କାହିଁକି ?

ସଭା ଶେଷପ୍ରାୟ । ନୃତ୍ୟ ବାଦ୍ୟ କୋଳାହଳ ଏ ଭିତରେ ବନ୍ଦ ହୋଇଯାଇଛି । ହଠାତ୍ ସମସ୍ତେ ଦେଖିଲେ, କୃଷ୍ଣ ବ୍ରାହ୍ମଣମାନଙ୍କର ବସିବା ସ୍ଥାନକୁ ଗ୍ରହିଁ ମୃଦୁ ମୃଦୁ ହସୁଛନ୍ତି ଏବଂ ଜଣେ ତେଜୋଦୀପ୍ତ ବ୍ରାହ୍ମଣ ଯୁବକ ପ୍ରାର୍ଥୀ ଭାବରେ ଯୋଗଦେବା ପାଇଁ ସଭାସଦ୍‌ବର୍ଗଙ୍କୁ ଅନୁମତି ମାଗୁଛନ୍ତି । ରାଜନ୍ୟବର୍ଗ ତଥା ଦର୍ଶକମଣ୍ଡଳୀ ବ୍ରାହ୍ମଣ ଯୁବକଙ୍କର ସ୍ଥୂଳ ସ୍କନ୍ଧ, ଦୀର୍ଘ ବାହୁ, ପ୍ରଶାନ୍ତ ବଦନ, ଶୌର୍ଯ୍ୟଯୁକ୍ତ ଅଙ୍ଗସୌଷ୍ଠବ ଏବଂ ଉଦିତ ସୂର୍ଯ୍ୟସମ ଉଜ୍ଜ୍ୱଳ କମଳ ଚକ୍ଷୁର ଦୀପ୍ତିରେ କୃତିତ୍ୱର ଚିହ୍ନ ସୁସ୍ପଷ୍ଟ ବୋଲି ହୃଦୟଙ୍ଗମ କଲେ ମଧ୍ୟ କେତେକ ଅସୂୟାପରବଶ ହୋଇ ପ୍ରତିବାଦ କରିଉଠିଲେ । ଉପହାସଭରା ସ୍ୱରରେ କହିଲେ — ''ଯେଉଁଠି ସମରକୁଶଳୀ କ୍ଷତ୍ରୀୟ ବୀରଗଣ ହାର ମାନିଛନ୍ତି, ସେଠାରେ ଜଣେ ଭିକ୍ଷୁକ ବ୍ରାହ୍ମଣ କୃତକାର୍ଯ୍ୟ ହେବା ପାଇଁ ଆଶା କରିବାର ଅର୍ଥ ବୃଥା ଆସ୍ଫାଳନ ଏବଂ ବୃଥା ସ୍ପର୍ଦ୍ଧା ଦେଖାଇବା ଛଡ଼ା ଅନ୍ୟ କ'ଣ ହୋଇପାରେ?'' ପୁଣି କେତେକ ରାଗ-ଜର୍ଜରିତ କଣ୍ଠରେ କହିଲେ — ''ଏହି ଭିକ୍ଷୁକ ବ୍ରାହ୍ମଣ ଯୁବକ ପ୍ରତିଯୋଗିତାରେ ଅଂଶଗ୍ରହଣ କଲେ କ୍ଷତ୍ରିୟ କୁଳକୁ ଘୋର ଅପମାନ ହେବ । ସେ ହାରିବେ, ଏକଥା ଦିବାରାତ୍ରି ପରି ସତ୍ୟ ହେଲେ ମଧ୍ୟ ତାଙ୍କର ଅଂଶଗ୍ରହଣକୁ ଆମେ ଦୃଢ଼ଭାବରେ ପ୍ରତିରୋଧ କରୁଛୁ ।''

Digitized by srujanika@gmail.com

ଏପରି ବାଦବିସମ୍ବାଦ ଭିତରେ ବିଦ୍ୱାନ୍ ବ୍ୟକ୍ତି ଓ ପଣ୍ଡିତମାନେ କହିଲେ, ''କ୍ଷତ୍ରିୟମାନେ ଯୁଦ୍ଧ କରିବାରେ ଅଭ୍ୟସ୍ତ ବୋଲି ସମରକୁଶଳୀ ହୋଇପାରିଛନ୍ତି । ସେହିପରି ବ୍ରାହ୍ମଣମାନେ ମନ୍ତ୍ରପାଠ କରିବାରେ ଅଭ୍ୟସ୍ତ ବୋଲି ଶାସ୍ତ୍ରଜ୍ଞ ହୋଇପାରିଛନ୍ତି ଓ ଉଚ୍ଚାରଣଶୁଦ୍ଧି ହାସଲ କରିପାରିଛନ୍ତି । ତା'ର ଅର୍ଥ ନୁହେଁ ଯେ ଜଣେ କ୍ଷତ୍ରିୟ ଅଭ୍ୟାସ କଲେ ଶୁଦ୍ଧଭାବେ ମନ୍ତ୍ରପାଠ କରିପାରିବ ନାହିଁ ବା ଜଣେ ବ୍ରାହ୍ମଣ ଧନୁର୍ବିଦ୍ୟାରେ ପାରଦର୍ଶୀତା ଲାଭ କରିପାରିବ ନାହିଁ । ବ୍ରାହ୍ମଣ ପରଶୁରାମ ଯଦି ପୃଥିବୀର କ୍ଷତ୍ରିୟମାନଙ୍କୁ ପରାସ୍ତ କରିଥିଲେ, ଏହି ଯୁବକ ସେହିପରି ଆଜି ଜୟଯୁକ୍ତ ହେବେନାହିଁ ବୋଲି କିଏ କହିବ ? ଜନ୍ମ ନୁହେଁ, କର୍ମ ଓ ସାଧନା ହିଁ ମନୁଷ୍ୟର ବ୍ୟକ୍ତିତ୍ୱ ନିର୍ଦ୍ଧାରଣ କରେ । ତେଣୁ ଏହି ଅତ୍ୟନ୍ତ ଉଚ୍ଚାଭିଳାଷୀ, ଅପରୂପ ସୌନ୍ଦର୍ଯ୍ୟବନ୍ତ ବ୍ରାହ୍ମଣ ଯୁବକ ନିର୍ଦ୍ୱନ୍ଦ୍ୱରେ ପ୍ରତିଯୋଗିତାରେ ଭାଗନେଇ ପାରିବେ ।''

ପଣ୍ଡିତମାନେ ଅନୁମତି ଦେବା ପରେ ବ୍ରାହ୍ମଣ ଯୁବକ ଲକ୍ଷ୍ୟଭେଦ ମଣ୍ଡପ ନିକଟରେ ଆସି ଦଣ୍ଡାୟମାନ ହେଲେ । ତାଙ୍କର ରୂପ ଦର୍ଶନମାତ୍ରକେ ମୋର ନୈରାଶ୍ୟମୟ ହୃଦୟରେ ତଡ଼ିତ୍ ସ୍ରୋତଟିଏ ପ୍ରବାହିତ ହୋଇଗଲା । ମନେହେଲା, ଏଇ ସୌମ୍ୟ ପୁରୁଷଙ୍କୁ ମୁଁ ବହୁ ପୂର୍ବରୁ ଚିହ୍ନେ । କିନ୍ତୁ କିଛି ବି ସ୍ମରଣକୁ ଆସିଲା ନାହିଁ।

ସେ ମଣ୍ଡପ ନିକଟରେ ଠିଆ ହେଲେ । ପୃଥିବୀମାତା ଏବଂ ଧର୍ମଦେବତାଙ୍କୁ ଭକ୍ତି ଜଣାଇବା ପରେ ମନ୍ଦ୍ରମଧୁର କଣ୍ଠରେ କହିଲେ — 'କୃଷ୍ଣା' ଏବଂ 'କୃଷ୍ଣ'ଙ୍କୁ ନମସ୍କାର ।

ସମସ୍ତେ ବିସ୍ମିତ ହୋଇ ଭାବିଲେ, କୃଷ୍ଣ ଦିବ୍ୟଦ୍ରଷ୍ଟା ଏବଂ ଆର୍ଯ୍ୟାବର୍ତ୍ତର ଶ୍ରେଷ୍ଠ ପୁରୁଷ ବୋଲି ବ୍ରାହ୍ମଣ ତାଙ୍କୁ ନମସ୍କାର ଜଣାଇବା ଯୁକ୍ତିସଙ୍ଗତ । କିନ୍ତୁ ଯେଉଁ ରାଜକନ୍ୟା କୃଷ୍ଣା କିଛିକ୍ଷଣ ପରେ ଏହି ଯୁବକଙ୍କର ପତ୍ନୀ ହୋଇପାରନ୍ତି, ତାଙ୍କୁ ନମସ୍କାର ଜଣାଇବାର ଯଥାର୍ଥତା କ'ଣ ? ଯେଉଁ ବ୍ରାହ୍ମଣ ଯୁବକଙ୍କର ସାଧାରଣ ଜ୍ଞାନ ନାହିଁ, ସେ ଯେ ସୂକ୍ଷ୍ମ କୌଶଳପୂର୍ଣ୍ଣ ଧନୁର୍ବିଦ୍ୟା ହାସଲ କରିଥିବେ — ଏ ବିଷୟରେ ମନରେ ପ୍ରମାଦ ଜାଗିବା ସ୍ୱାଭାବିକ । କେହି କେହି ଅସହିଷ୍ଣୁ ବ୍ୟକ୍ତି ଭାବୀପତ୍ନୀଙ୍କୁ ନମସ୍କାର ଜଣାଇବା କଥାରେ ବ୍ରାହ୍ମଣଙ୍କୁ ବ୍ୟଙ୍ଗ କରି ହସିବା ପାଇଁ ଲାଗିଲେ ।

ସେତିକିବେଳେ କୃଷ୍ଣ ଉଚ୍ଚସ୍ୱରରେ କହିଲେ — ''କୃଷ୍ଣାଙ୍କୁ ପ୍ରଥମେ ନମସ୍କାର ଜଣାଇବା ଦ୍ୱାରା ବ୍ରାହ୍ମଣ ଯୁବକ ତାଙ୍କର ଦିବ୍ୟଜ୍ଞାନର ପରିଚୟ ଦେଇଛନ୍ତି । ଯେପର୍ଯ୍ୟନ୍ତ ପଣରକ୍ଷା କରିବାରେ ଯୁବକ ସମର୍ଥ ହୋଇନାହାନ୍ତି, ସେ ପର୍ଯ୍ୟନ୍ତ କୃଷ୍ଣା ହେଉଛନ୍ତି ପାଞ୍ଚାଳ ଦେଶର କୁମାରୀ ରାଜକନ୍ୟା । ବର୍ତ୍ତମାନ ଯୁବକଙ୍କ ନିକଟରେ ସେ ପରନାରୀ । ଯେକୌଣସି ନାରୀ, ବୟସ, ଜାତି, ଧର୍ମ, ଦେଶ ନିର୍ବିଶେଷରେ ପୁରୁଷ ପକ୍ଷେ ବନ୍ଦନୀୟା ।

Digitized by srujanika@gmail.com

କାରଣ ନାରୀ ହେଉଛି ଶକ୍ତି ଅର୍ଶରେ ଜାତ । ଶକ୍ତିପୂଜନ ବ୍ୟତୀତ ବୀରର ଜୟ ସମ୍ଭବ ନୁହେଁ । ତେଣୁ ଏହି ଜ୍ଞାନୀ ଯୁବକ କୃଷ୍ଣାଙ୍କୁ ନମସ୍କାର କରିବା ଦ୍ୱାରା ଶକ୍ତିମାତାଙ୍କର ବନ୍ଦନା ହିଁ କରିଛନ୍ତି ।''

ସମସ୍ତେ କୃଷ୍ଣଙ୍କର ବ୍ୟାଖ୍ୟାରେ ସନ୍ତୁଷ୍ଟ ହେଲେ ଏବଂ ମୋ ମନରେ ଏହି ଜ୍ଞାନୀ ଯୁବକଙ୍କ ପ୍ରତି ସ୍ୱତଃ ଶ୍ରଦ୍ଧା ଜାତ ହେଲା । ମନେ ମନେ ଭାବିଲି, ଏହି ଯୁବକଙ୍କ ପ୍ରତି କୃଷ୍ଣ ଏତେ ସମ୍ବେଦନଶୀଳ କାହିଁକି ?

ଅକସ୍ମାତ୍ ଆନନ୍ଦ, କୋଳାହଳ ଏବଂ କରତାଳିରେ ସଭାସ୍ଥଳ ପ୍ରକମ୍ପିତ ହୋଇଗଲା । ସମସ୍ତଙ୍କୁ ବିସ୍ମିତ, ସ୍ତମ୍ଭୀଭୂତ ଏବଂ ମନ୍ତ୍ରମୁଗ୍ଧ କରି ବିଜୟୀ ବୀର ଅଜ୍ଞାତ ବ୍ରାହ୍ମଣ ଯୁବକ ସହଜ ଏବଂ ସ୍ୱାଭାବିକ ଭାବରେ ଠିଆ ହୋଇଥିଲେ ଏବଂ ସମସ୍ତଙ୍କୁ ଆଉଥରେ ନମସ୍କାର ଜଣାଉଥିଲେ । ଆଖିପିଛୁଳାକେ କ୍ରମାଗତ ଭାବେ ପାଞ୍ଚଟି ଶର ଦ୍ୱାରା ଚକ୍ରସ୍ଥିତ ଜନକ-ମୀନର ନୟନ ବିଦ୍ଧ କରି ତାକୁ ଭୂମିସାତ୍ କରିଛନ୍ତି ବୀର ଯୁବକ ।

ପୁଣି ଥରେ ଆନନ୍ଦର ରୋଳ ଉଠିଲା । ସଖୀମାନେ ଅର୍ଘ୍ୟଥାଳି ଧରି ପ୍ରସ୍ତୁତ ହେଲେ । ଶଙ୍ଖ ହୁଳହୁଳି, ବେଦମନ୍ତ୍ର ଏବଂ ବାଦ୍ୟସଙ୍ଗୀତର ଐକ୍ୟତାନରେ ଆକାଶ ପୃଥିବୀ ପ୍ରକମ୍ପିତ ହେଲା ।

ବରଣମାଳା ଧରି ମଞ୍ଚରୁ ଓହ୍ଲାଇବା ପାଇଁ ମତେ ନିର୍ଦ୍ଦେଶ ଆସିଲା । କିନ୍ତୁ ମୁଁ ଯେ ବରପୂର୍ବା । ଅର୍ଜୁନଙ୍କ ପାଖରେ ବହୁଦିନରୁ ସମର୍ପିତା । ଅର୍ଜୁନ ବ୍ୟତିରେକେ ଅନ୍ୟ ଜଣେ ପୁରୁଷକୁ ବରିବି କିପରି ? ମୋର ସ୍ତ୍ରୀ ଧର୍ମ ଏଥିରେ ନଷ୍ଟ ହେବ । ମୁଁ କେବେ ଭାବିନଥିଲି ଅର୍ଜୁନ ବ୍ୟତିରେକ ଅନ୍ୟ ଜଣେ ପୁରୁଷ ଜୟଯୁକ୍ତ ହେବେ ଏବଂ ମତେ ଏପରି ଏକ ବିଷମ ପରିସ୍ଥିତିରେ ପଡ଼ିବାକୁ ହେବ ବୋଲି ।

ମୁଁ ଧୀର କଣ୍ଠରେ କହିଲି — ''ଭାଇ, ମୁଁ ବହୁ ପୂର୍ବରୁ ଅର୍ଜୁନଙ୍କ ନିକଟରେ ସମର୍ପିତା । ଆଜି ଅନ୍ୟ ଜଣେ ପୁରୁଷକୁ ବରଣ କରିବି କିପରି ?'' ଧୃଷ୍ଟଦ୍ୟୁମ୍ନ ସ୍ପଷ୍ଟ କଣ୍ଠରେ କହିଲେ — ''ଅର୍ଜୁନ ନୁହେଁ, ତୁ ଧର୍ମ ପାଖରେ ସମର୍ପିତା ହୋଇଛୁ । ଧର୍ମରକ୍ଷା କରିବା ପାଇଁ ତୋର ଆବିର୍ଭାବ । ପିତାଙ୍କର ଧର୍ମ ହେଉଛି ପୁତ୍ରୀର ଧର୍ମ । ପିତାଙ୍କର ସତ୍ୟରକ୍ଷା ପାଇଁ ପ୍ରଭୁ ଶ୍ରୀରାମଚନ୍ଦ୍ର ବନବାସ କରିଥିଲେ । ରାଜା ଦ୍ରୁପଦ ଆର୍ଯ୍ୟାବର୍ତ୍ତର ଶ୍ରେଷ୍ଠ ବୀରଙ୍କୁ ଜାମାତା କରିବା ପାଇଁ ସ୍ପର୍ଦ୍ଧିଥିଲେ । ଆଜି ସେହି ଶ୍ରେଷ୍ଠବୀର ପଣରକ୍ଷା କରି ତୋ ସମ୍ମୁଖରେ ଉପସ୍ଥିତ । କାଳବିଳମ୍ବ ନକରି ପିତାଙ୍କର ସତ୍ୟ ପାଳି ତୋର ଦୁହିତା ଧର୍ମ ରକ୍ଷାକର ।''

Digitized by srujanika@gmail.com

ମୁଁ ଭାବିଲି, ଧୃଷ୍ଟଦ୍ୟୁମ୍ନଙ୍କର କଥା ସତ୍ୟ । ପିତାଙ୍କର ସତ୍ୟ ପାଳନ ପାଇଁ ଯଦି ମୋର ସ୍ତ୍ରୀ ଧର୍ମରେ ଆଞ୍ଚ ଆସେ, ତେବେ ଆସୁ । ପ୍ରଥମ କଥାଟି ହିଁ ମୋର କରଣୀୟ । ମୋର ଧର୍ମ ପଛକେ ନଷ୍ଟ ହେଉ, ମାତ୍ର ପିତାଙ୍କର ଧର୍ମ ରକ୍ଷା ହେଉ ।

ବରଣମାଳା ଧରି ମୁଁ ଧୀରେ ଧୀରେ ଆଗେଇଲି । ଦେଖିଲି, କୃଷ୍ଣ ସହାସ୍ୟ ବଦନରେ ବଳରାମଙ୍କୁ କିଛି ଇଙ୍ଗିତ ଦେଇ ବ୍ରାହ୍ମଣ ଯୁବକଙ୍କ ନିକଟରେ ଠିଆ ହୋଇଛନ୍ତି । ଲଜ୍ଜାବଶତଃ ମୁଁ ଦୃଷ୍ଟି ନତ କରି ଗ୍ଭଲୁଥାଏ । ସେଇ ବ୍ରାହ୍ମଣ ଯୁବକଙ୍କର ମୁଖ ଦର୍ଶନ କରିବାକୁ ମଧ୍ୟ ଲଜ୍ଜା ବୋଧ କରୁଥାଏ । ଯୁବକଙ୍କର ସୁକୋମଳ ପଦଯୁଗଳ ଉପରେ ଦୃଷ୍ଟି ନିବଦ୍ଧ ରଖି ବରଣମାଳା ଦେବାକୁ ଉଦ୍ୟତ ହେଉଛି, ସଖୀ ନିତମ୍ବିନୀ ମତେ ମୃଦୁ ଭର୍ତ୍ସନା କରି ଆସ୍ତେ କହିଲା — ''ଏ କ'ଣ କରୁଛ ଜେମା ! କାହା ବେକରେ ବରଣମାଳା ଦେଉଛ ? ଏ ଯେ କୃଷ୍ଣ !''

ମୁଁ ଲଜ୍ଜାରେ ଅଳ୍ପ ଘୁଞ୍ଚିଗଲି ଏବଂ ଚକିତା ହୋଇ ଦେଖିଲି, ମୋ ସମ୍ମୁଖରେ ଗ୍ୱରିଗୋଟି ପାଦ ଏକାଭଳି ପଦ୍ମ ହୋଇ ଫୁଟିଛି । ଦୁଇଜଣ ବ୍ୟକ୍ତିଙ୍କ ପଦଯୁଗଳରେ ଏତେ ସାମ୍ୟ ରହିପାରେ କିପରି ? କିଏ କୃଷ୍ଣଙ୍କର ପାଦ, କିଏ ବ୍ରାହ୍ମଣ ଯୁବକଙ୍କର ପାଦ, ମୁହଁକୁ ନ ଗ୍ୱହିଁଲେ ଜାଣି ହେଉନାହିଁ । ମୁଁ ବାଧ୍ୟ ହୋଇ ଦୃଷ୍ଟିତୋଳି ଯୁବକଙ୍କ ମୁହଁକୁ ଗ୍ୱହିଁଦେଲି । ମନେହେଲା, କୃଷ୍ଣଙ୍କର ଦୁଇଟି ନୀଳକମଳ ଆଖି ମୁଗ୍ଧ ନେତ୍ରରେ ମତେ ଯେମିତି ଗ୍ୱହିଁ ରହିଛି । ମୁହଁର ଗଢ଼ଣରେ ସ୍ୱାତନ୍ତ୍ର୍ୟ ଥିଲେ ମଧ୍ୟ ଆଖି ଦୁଇଟି ଯେମିତି କୃଷ୍ଣଙ୍କର । ଭାବିଲି ଏ କ'ଣ କୃଷ୍ଣଙ୍କର ମାୟା ! ମନ ଭିତରେ କିଏ ଯେମିତି କହୁଥିଲା — ''ହେ କୃଷ୍ଣ ! ତୁମେ ଯଦି ସମସ୍ତଙ୍କ ଭିତରେ ବିଦ୍ୟମାନ, ତେବେ ତମର ସଖା ଅର୍ଜୁନ ଏବଂ ଏହି ବ୍ରାହ୍ମଣ ଯୁବକଙ୍କ ଭିତରେ ମଧ୍ୟ ତମେ ବିଦ୍ୟମାନ । ତେଣୁ ଅର୍ଜୁନ ଯିଏ, ଏହି ବୀର ଯୁବକ ମଧ୍ୟ ସିଏ । ତାଙ୍କ ଭିତରେ ତମେ ହିଁ ସବୁ କରୁଛ । ତେଣୁ ମୁଁ ଏହି ବ୍ରାହ୍ମଣ ଯୁବକଙ୍କର ଭିତରେ ଅର୍ଜୁନଙ୍କୁ କାୟମନୋବାକ୍ୟରେ ବରଣ କରୁଛି । ଆଜିଠାରୁ ଏହି ଯୁବକ ହିଁ ମୋର ଅର୍ଜୁନ । ଯିଏ କୃଷ୍ଣଙ୍କର ସ୍ନେହଲାଭ କରିଛି, ସେଇ ତ ଅର୍ଜୁନ ।'' ମନେ ମନେ ସ୍ଥିର କଲି, ସ୍ୱାମୀଙ୍କୁ ଅନୁରୋଧ କରିବି — କୃଷ୍ଣଙ୍କୁ ଆଜିଠୁ ସେ 'ସଖା' ଡାକିବେ ।

ମୋର ବ୍ରୀଡ଼ାବନତ ମୁଖକୁ ଗ୍ୱହିଁ ମୃଦୁ ହସୁଥା'ନ୍ତି କୃଷ୍ଣ । ବର୍ତ୍ତମାନ ମୁଁ ଠିକ୍ ସ୍ମରଣ କରିପାରିଲି ଯେ କୃଷ୍ଣଙ୍କ ଚେହେରାରେ ଏହି ବୀର ଯୁବକଙ୍କ ଚେହେରାର କିଛିଟା ସାମଞ୍ଜସ୍ୟ ଯୋଗୁଁ ପ୍ରଥମ ଦେଖାରୁ ସେ ମତେ ଚିହ୍ନା ଚିହ୍ନା ମନେ ହୋଇଛନ୍ତି ଏବଂ ଆକୃଷ୍ଟ ବି କରିଛନ୍ତି । ପ୍ରକୃତରେ କୃଷ୍ଣଙ୍କଠାରେ ଗୋଟାଏ ଅଦ୍ଭୁତ ଆକର୍ଷଣ ଶକ୍ତି ଅଛି । ତାଙ୍କ ଶରୀରର ଯେକୌଣସି ଅଂଶକୁ ଗ୍ୱହିଁଦେଲେ ପୃଥିବୀର ସମସ୍ତ ଦୁଃଖ

Digitized by srujanika@gmail.com

ସନ୍ତାପରୁ ମନ ବିମୁକ୍ତ ହୋଇଯାଏ । ସେଥିପାଇଁ କୃଷ୍ଣଙ୍କ ଉପରେ ଯେତେ ଅଭିମାନ କରିଥିଲେ ବି ତାଙ୍କୁ ଦେଖିବା ମାତ୍ରେ ମୁଁ ସବୁ ବିସ୍ମରି ଯାଏ ।

ମୋର ଭାବନାର ସ୍ରୋତକୁ ପ୍ରତିହତ କରି କୃଷ୍ଣ ମଧୁର ଆମୋଦଭରା କଣ୍ଠରେ କହିଲେ — ''କୃଷ୍ଣା, ପ୍ରଥମରୁ ଏପରି ଭ୍ରମ କରିବା ଠିକ୍ ନୁହେଁ । ମୁହଁକୁ ନ ଘୁହିଁଥିଲେ ତମେ ତ ବର୍ତ୍ତମାନ ମୋ ବେକରେ ବରଣମାଳା ଝୁଲାଇଥା'ନ୍ତ, ଆଉ ଏହି ଅପରିଚିତ ବୀର ଯୁବକ ମୁହୂର୍ତ୍ତକେ ମୋର ପ୍ରାଣ ସଂହାର କରି ପ୍ରତିଶୋଧ ନେଇଥା'ନ୍ତେ ! କୃଷ୍ଣା, ତମେ ଦୂରଦର୍ଶିନୀ, ଆଗକୁ ଘୁହିଁ ବାଟ ଘୁଲିବା ତମର ଧର୍ମ । ଏଥର ଆଗକୁ ଘୁହଁ ଏବଂ ବୀର ଯୁବକଙ୍କୁ ବରଣ କର । ବିଚରା କେତେ ସମୟ ଆଉ ଧୈର୍ଯ୍ୟଧରି ଅପେକ୍ଷା କରିବେ !''

ସଭା ମଧ୍ୟରେ କୃଷ୍ଣଙ୍କର ଏ ରସିକତା ପାଇଁ ମୁଁ ମନେ ମନେ ବିରକ୍ତ ହୋଇ ତତ୍‌କ୍ଷଣାତ୍ ବୀରଯୁବକଙ୍କ ଗଳାରେ ବରଣମାଳା ଦେଇଦେଲି ଏବଂ ସଭାସ୍ଥଳ ମନ୍ତ୍ରପାଠ, ବାଦ୍ୟ, ହୁଳହୁଳି ଏବଂ ଆନନ୍ଦ କୋଳାହଳରେ ପ୍ରକମ୍ପିତ ହୋଇଗଲା ।

ଭାବିଲି, ସବୁ ଦ୍ୱନ୍ଦ୍ୱର ସମାଧାନ ହୋଇଗଲା । ଦରିଦ୍ର ବ୍ରାହ୍ମଣ ହେଲେ ମଧ୍ୟ କୃଷ୍ଣଙ୍କର ଶ୍ରଦ୍ଧାଭାଜନ ହୋଇଥିବା ବୀରପୁରୁଷଙ୍କ ହାତଧରି ଏଥର ନିର୍ଦ୍ୱନ୍ଦ୍ୱରେ ଜୀବନର ଚଲାପଥରେ ଅଗ୍ରସର ହେବି; ମାତ୍ର ସଂଘର୍ଷ ବିନା ଜୀବନ କାହିଁ ? ପୁଣି ମୋ ଜୀବନ— ଅଗ୍ନି ଏବଂ କାଷ୍ଠର ସଂଘର୍ଷରୁ ଜାତ ସ୍ତ୍ରୀଲିଙ୍ଗରୁ ଯାହାର ଜନ୍ମ, ତା' ଜୀବନର ଏଇ ପରମ ଘଟଣାଟିଏ ସଂଘର୍ଷ ବିନା ସମ୍ପୂର୍ଣ୍ଣ ହୁଅନ୍ତା କିପରି ?

ଅକସ୍ମାତ୍ ପରାଜିତ ଏବଂ କାମାତୁର ରାଜାମାନେ ବୀର ଯୁବକଙ୍କୁ ଆକ୍ରମଣ କରି ମତେ ବଳହାରପୂର୍ବକ ହରଣ କରିନେବା ପାଇଁ ଏକଯୁଟ ହୋଇ ଆଗେଇ ଆସିଲେ । ମାତ୍ର ମୋ ସ୍ୱାମୀଙ୍କର ବପୁବନ୍ତ ବଡ଼ଭାଇ ବଡ଼ ବଡ଼ ବୃକ୍ଷମାନ ଉପାଡ଼ି ଗଦା ସଦୃଶ ଏପରି ଘୁଲାଇବାକୁ ଲାଗିଲେ ଯେ ସମସ୍ତେ ପ୍ରାଣବିକଳରେ ଛିନ୍‌ଛତ୍ର ହୋଇ ପୃଷ୍ଠଭଙ୍ଗ ଦେଲେ । ଦୁର୍ଯ୍ୟୋଧନ, କର୍ଣ୍ଣ, ଅଶ୍ୱତ୍ଥାମା, ଜରାସନ୍ଧ ଇତ୍ୟାଦି ପରାଜିତ ହୋଇ ଫେରିଯିବାବେଳେ ମୋ ଉପରକୁ ଏବଂ ମୋର ଶାନ୍ତ ନମ୍ର ସ୍ୱାମୀଙ୍କ ଉପରକୁ ଭୟଙ୍କର କ୍ରୁଦ୍ଧ ଦୃଷ୍ଟି ନିକ୍ଷେପ କରି ଦାନ୍ତ ରଗଡ଼ି ଧମକ ଦେଉଥିଲେ — ''ଏ ଅପମାନର ପ୍ରତିଶୋଧ ଦିନେ ନା ଦିନେ ନେବୁ । ଅପେକ୍ଷା କର ।''

କିଛି ସମୟ ପରେ ସବୁ ଶାନ୍ତ ହୋଇଗଲା । ମୋର ସ୍ୱାମୀ ଏବଂ ତାଙ୍କର ଘୁରିଭାଇ ମତେ ନେଇ ତାଙ୍କର ମା'ଙ୍କ ପାଖକୁ ଯିବାପାଇଁ ବାହାରିଲେ । ତାଙ୍କର ମା' ଏକଚକ୍ରୀ ନଗରରେ ଏକାକିନୀ ଅଛନ୍ତି । ତାଙ୍କଠାରୁ ଆଶୀର୍ବାଦ ଆସିବା ପରେ ବିବାହ

Digitized by srujanika@gmail.com

କାର୍ଯ୍ୟ ସମ୍ପନ୍ନ ହେବ । ତେଣୁ ବ୍ରାହ୍ମଣ ପାଞ୍ଚଭାଇଙ୍କ ସହ ମୁଁ ଏକଚକ୍ରା ନଗରକୁ ଯାତ୍ରା କଲି ।

ପିତା ପାଞ୍ଚଟି ରଥ ପ୍ରସ୍ତୁତ କଲେ । ଗୁରି ରଥରେ ଗୁରି ଭାଇ ଏବଂ ଅନ୍ୟ ଏକ ରଥରେ ମୁଁ ଏବଂ ମୋର ସ୍ୱାମୀ ଏକତ୍ର ଯିବାର ବ୍ୟବସ୍ଥା କରିଯିବାର ସବୁ ସୁବନ୍ଦୋବସ୍ତରେ ଲାଗିପଡ଼ିଲେ ।

ମାତ୍ର ମୋର ସ୍ୱାମୀ ପ୍ରତିବାଦ କରି କହିଲେ — ''ଆମେ ଭିକ୍ଷୁକ ବ୍ରାହ୍ମଣ । ଭିକ୍ଷା ଗ୍ରହଣ କରି ଜୀବନ କାଟୁ । ପାଦରେ ଗୁଲି ଗୁଲି ଦେଶ ଭ୍ରମଣ କରୁ । ତେଣୁ ଆମେ ଗୁଲି ଗୁଲି ହିଁ ଆମର ବାସସ୍ଥାନକୁ ଯିବା ଉଚିତ । କୃଷ୍ଣା ଯେହେତୁ ମୋର ସହଧର୍ମିଣୀ ହେବାକୁ ଯାଉଛନ୍ତି, ସେ ମଧ୍ୟ ଆମ ସଙ୍ଗେ ଗୁଲି ଗୁଲି ଯିବାର କଥା । ଅବଶ୍ୟ ରାଜକୁମାରୀଙ୍କୁ ପଥଶ୍ରମ ନିଶ୍ଚୟ ବାଧିବ । କିନ୍ତୁ ଆମେ ପାଞ୍ଚଭାଇ ତାଙ୍କ ସଙ୍ଗେ ଥିବାଯାଏ ଅରଣ୍ୟ ପଥରେ ତାଙ୍କର କିଛି ବିପଦର ସମ୍ଭାବନା ନାହିଁ ।'' ମୋର ଭାଇ ଧୃଷ୍ଟଦ୍ୟୁମ୍ନ ପ୍ରତିବାଦ କରିବାକୁ ଯାଉଥିଲେ; କାରଣ ଅରଣ୍ୟ ପଥରେ ଗୁଲି ଗୁଲି ଯିବା ମୋ ପାଇଁ ଯେ କେତେ କଷ୍ଟକର ହେବ, ତାହା ଭାବି ସେ ଅତ୍ୟନ୍ତ ଦୁଃଖିତ ହୋଇପଡ଼ିଲେ । ମାତ୍ର ମୁଁ ସଙ୍ଗେ ସଙ୍ଗେ କହିଲି — ''ଭାଇ, ମତେ ବର୍ତ୍ତମାନ ମୋର ଧର୍ମପାଳନ କରିବାକୁ ଦିଅନ୍ତୁ । ପ୍ରତ୍ୟେକ ସ୍ତ୍ରୀର ଯାହା କରଣୀୟ, ମୋର ତାହାହିଁ କରିବା ଉଚିତ । ଜନକନନ୍ଦିନୀ ସୀତା ମଧ୍ୟ ସ୍ତ୍ରୀ ଧର୍ମ ପାଳନ କରି ବାରବର୍ଷ ବନବାସ କଷ୍ଟକୁ ବରଣ କରିଥିଲେ । ଏ ତ ମୋର ବନବାସ ନୁହେଁ, ଅରଣ୍ୟ ପଥଦେଇ ଅଳ୍ପ ସମୟ ମଧ୍ୟରେ ମୁଁ ସ୍ୱାମୀ ଗୃହରେ ହିଁ ପହଞ୍ଚିବି । ସେଥିରେ ମୋର ବିଶେଷ କଷ୍ଟ ହେବ ନାହିଁ । ଯଜ୍ଞ ଅନଳରୁ ଯିଏ ଜନ୍ମ ଲଭିଛି, ସେ ଦରକାର ପଡ଼ିଲେ ଧର୍ମରକ୍ଷା ପାଇଁ ଅନଳରେ ମଧ୍ୟ ପ୍ରବେଶ କରିପାରେ । ଏଥର ମତେ ବିଦାୟ ଦିଅନ୍ତୁ ।''

ମୋର କଥାରେ ସମସ୍ତେ ନିରୁତ୍ତର ହୋଇ ରହିଲେ । ଦେଖିଲି, ପିତାଙ୍କର ଆଖିକୋଣରେ ଦୁଇବିନ୍ଦୁ ଅଶ୍ରୁ ବହୁ କଷ୍ଟରେ ଆତ୍ମଗୋପନ କରିବାର ପ୍ରୟାସ କରୁଛି । ପିତା ହୁଏତ ଏଇକଥା ଭାବି ଦୁଃଖିତ ହେଉଥିଲେ ଯେ କାହିଁ ତାଙ୍କର କଳ୍ପନାର ଜାମାତା ହସ୍ତିନାପୁର ରାଜକୁମାର ତୃତୀୟ ପାଣ୍ଡବ ସବ୍ୟସାଚୀ ଆଉ କାହିଁ ତାଙ୍କର ପ୍ରକୃତ ଜାମାତା ଏଇ ଅଜ୍ଞାତକୁଳଶୀଳ ଭିକ୍ଷୁକ ବ୍ରାହ୍ମଣ ଯୁବକ ! ମୋ ମନରେ ଯେ ଏଇକଥା ଭାବି ଆଦୌ ଦୁଃଖ ହେଉନଥିଲା ତା'ନୁହେଁ, କିନ୍ତୁ ମୋର ଦୁଃଖକୁ ପ୍ରକାଶ କରି ପିତା ଓ ଭାଇଙ୍କୁ ଅଧିକ ଦୁଃଖୀ କରିବା ପାଇଁ ମୁଁ ଗ୍ୱହୁଁ ନଥିଲି । ପ୍ରତ୍ୟେକ ପିତାମାତା ଗ୍ୱହାଁନ୍ତି କନ୍ୟା ତାଙ୍କର ସର୍ବାନ୍ତକରଣରେ ସୁଖୀ ହେଉ, ଶ୍ରେଷ୍ଠ ପୁରୁଷକୁ ବିବାହ କରୁ । ମାତ୍ର ସବୁ ପିତାମାତାଙ୍କର କନ୍ୟାମାନେ ସୁପୁରୁଷର ହାତ ଧରନ୍ତି ନାହିଁ, ଯଦି ବା ଧରନ୍ତି

Digitized by srujanika@gmail.com

ପରିପୂର୍ଣ୍ଣ ସୁଖ ପାଇବା ମଧ୍ୟ ସମ୍ଭବ ନୁହେଁ । ଯେଉଁ ଦୁଃଖର ଆଉ ସମାଧାନ ନାହିଁ, ଆଉ ପିତାମାତାଙ୍କର ଅକ୍ତିଆର ଭିତରେ ନାହିଁ, ସେ କଥା ପ୍ରକାଶ କରି ତାଙ୍କୁ ଦୁଃଖ ଦେଇ ଲାଭ କ'ଣ ? ଯେଉଁ ଦୁଃଖରେ ଆଉ କେହି ହେଲେ ଅଂଶୀଦାର ହୋଇପାରେନା, ହେଲେ ମଧ୍ୟ ସେ ଦୁଃଖ ଲାଘବ ହୁଏନାହିଁ, ସେ ଦୁଃଖକୁ ଏକା ନୀରବରେ ସହ୍ୟ କରିବାରେ ଗୋଟାଏ ମହତ୍ତ୍ୱ ଅଛି । ତେଣୁ ମୁଁ ମୋର ଦୁଃଖରେ କାହାକୁ ଅଂଶୀଦାର କଲିନାହିଁ । ହସି ହସି ସ୍ୱାମୀଙ୍କ ସହ ଏକଚକ୍ରୀ ନଗରକୁ ବାହାରିଲି । ପିତାଙ୍କୁ ଜଣାଇ କହିଲି — ''ଆପଣ ଗ୍ରହିଁଥିଲେ ଆର୍ଯ୍ୟାବର୍ତ୍ତର ଶ୍ରେଷ୍ଠବୀର ଆପଣଙ୍କର ଜାମାତା ହେଉ, ତାହାହିଁ ହୋଇଛି । ଏଥିରେ ସମସ୍ତେ ଆନନ୍ଦିତ, ମୁଁ ମଧ୍ୟ । ବର୍ତ୍ତମାନ ଆପଣଙ୍କର ଆଶୀର୍ବାଦ ହିଁ ମୋର ପାଥେୟ ।''

ପିତା ପ୍ରଶାନ୍ତ କଣ୍ଠରେ କହିଲେ — ''ଧୈର୍ଯ୍ୟ ସହକାରେ କର୍ତ୍ତବ୍ୟ ପାଳନ କରିବା ହିଁ ମଣିଷର ଶ୍ରେଷ୍ଠ ଧର୍ମ । ଯେତେବେଳେ ଯେଉଁ ଭୂମିକାରେ ଅବତୀର୍ଣ୍ଣ ହେବୁ— କର୍ତ୍ତବ୍ୟ କରିବାକୁ ପଶ୍ଚାତ୍‌ପଦ ହେବୁନାହିଁ । ତାହାହିଁ ହେବ ଧର୍ମରକ୍ଷା । ଆଶୀର୍ବାଦ କରୁଛି, ଯଶସ୍ୱିନୀ ହୁଅ ।''

ସେତେବେଳେ ଜାଣିନଥିଲି ମୋର ଭୂମିକା ଏପରି ମୂହୁର୍ମୂହୁ ବଦଳିବ ଏବଂ ମତେ ବାରମ୍ବାର ରୂପାନ୍ତରିତ ଭୂମିକାରେ ବିଷମ କର୍ତ୍ତବ୍ୟ ପାଳନ କରିବାକୁ ହେବ ବୋଲି ।

ଆଗେ ଆଗେ ସେମାନେ । ପ୍ରଥମେ ଦୁଇ ବଡ଼ ଭାଇ, ତାଙ୍କ ପଛକୁ ସାନଭାଇ ଦୁହେଁ । ସବା ପଛରେ ସେ ଏବଂ ମୁଁ ।

ସେ ମୋ ପାଦରେ ପାଦ ମିଳାଇ ଗ୍ଭଲୁଥା'ନ୍ତି, ଯେପରି ମୁଁ ପଛରେ ପଡ଼ିନଯାଏ । ମୁଁ ଯାଉଛି ଶାଶୁଙ୍କୁ ଦେଖା କରିବାକୁ । ଭିକ୍ଷୁକ ବ୍ରାହ୍ମଣ ପୁତ୍ରଙ୍କ ଜନନୀ ମୋର ପରମ ପୂଜନୀୟା ଶାଶୁ । ତାଙ୍କ ପାଖରେ ମୁଁ ଯାଇ ରାଜରାଜେଶ୍ୱରୀ ବେଶରେ ଠିଆ ହେବା ଉଚିତ ହୋଇନଥା'ନ୍ତା । ତାଙ୍କ ପୁଅଙ୍କର ବେଶ ସଙ୍ଗେ ମୋର ବେଶ ପରିପାଟୀ ଖାପ ନ ଖାଇଲେ ପ୍ରଥମରୁ ହିଁ ସେ ମତେ ଘର ମଣିଷ ନୁହେଁ, ବାହାରର ଅତିଥି ମନେ-କରିବେ । ତେଣୁ ଆସିବା ପୂର୍ବରୁ ମୁଁ ମୋର ସମସ୍ତ ଅଳଙ୍କାର ଖୋଲିଦେଲି । କେବଳ ମୋର ନାସାଗ୍ରରେ ହୀରାର ଫୁଲଟିଏ ଏବଂ ହାତରେ ଦୁଇପଟ ମୁକ୍ତାବସା ଜଙ୍କଣ ସଧବା ନାରୀର ଶ୍ରୀସନ୍ତକ ଭାବରେ ଶୋଭା ପାଉଥାଏ । ଗଳାରେ, ପାଦରେ, ବାହୁରେ, ଗଭାରେ ଶୁଭ୍ର ପୁଷ୍ପର ଅଳଙ୍କାର ମତେ ବେଶ୍ ଆରାମଦାୟକ ଲାଗୁଥାଏ । ମୁଁ ପିନ୍ଧିଥାଏ ମେଘରଙ୍ଗର କୁମ୍ଭ କଲିପଙ୍କା ଧଡ଼ି ଥାଇ ଶୁଭ୍ର ଶାଢ଼ୀ । ସାଧାସିଧା ବେଶରେ ଗ୍ଭଲିବାକୁ ବେଶ୍ ସୁଖପ୍ରଦ ଲାଗେ । ମୋର ସ୍ୱାମୀ ମତେ ତୀର୍ଯ୍ୟକ୍ ଦୃଷ୍ଟିରେ ଟିକେ

Digitized by srujanika@gmail.com

ଟିକେ ଗ୍ୱହୁଁଥା'ନ୍ତି ଓ ମନେ ମନେ ମୋର ରୂପକୁ ପ୍ରଶଂସା କରୁଥା'ନ୍ତି । ମତେ ଲାଭ କରିଥିବାରୁ ମନେ ମନେ ଗର୍ବ ମଧ୍ୟ ଅନୁଭବ କରୁଥା'ନ୍ତି । ମୁଁ ମଧ୍ୟ ତାଙ୍କୁ ତୀର୍ଯ୍ୟକ୍ ଦୃଷ୍ଟିରେ ଗ୍ୱହିଁ ମୁଗ୍ଧ ହୋଇଯାଉଥାଏ ।

ସେ କାମଦେବଙ୍କ ଭଳି ସୁନ୍ଦର । କୃଷ୍ଣଙ୍କ ଭଳି ନିଖୁଣ ଗଢ଼ଣ । ଦୀର୍ଘ ଏବଂ କୃଶ ଶରୀର । ପ୍ରଶସ୍ତ ବୁକୁ । ନିର୍ମଳ କମଳଚକ୍ଷୁ । ପାଦ, ହାତ, କରତଳ ଏପରି କି ପାଦର ନଖ ମଧ୍ୟ ନିଖୁଣ ଏବଂ ସ୍ୱତନ୍ତ୍ର ଏକ ସୌନ୍ଦର୍ଯ୍ୟରେ ମନୋରମ । ମୁହଁଟିକୁ ଗ୍ୱହିଁଦେଲେ ତାଙ୍କର ମନଟା ଯେମିତି ଦିଶିଯାଏ । ପ୍ରଥମ ଦେଖାରେ ହିଁ ମନେହୁଏ ତାଙ୍କର ହୃଦୟ ସ୍ୱଚ୍ଛ ଏବଂ ବିଶାଳ । ଉଦାରତାରେ ଏବଂ ସହିଷ୍ଣୁତାରେ ସେ ପୃଥିବୀରେ ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ହୋଇପାରନ୍ତି ବୋଲି ଦେଖୁ ଦେଖୁ ମୋର ଧାରଣା ଜନ୍ମିଥାଏ । ମୋଟାମୋଟି ଭାବେ ତାଙ୍କୁ ସ୍ୱାମୀରୂପେ ପାଇ ମୁଁ ନିଜକୁ ଧନ୍ୟ ମଣୁଥାଏ । ନାରୀର କାମ୍ୟ ପୁରୁଷର ଶୌର୍ଯ୍ୟ, ସୌନ୍ଦର୍ଯ୍ୟ, ବୀରତ୍ୱ, ଜ୍ଞାନ ଓ ଧନ — ମୁଁ ସବୁ ପାଇଛି । କେବଳ ଐଶ୍ୱର୍ଯ୍ୟକୁ ଛାଡ଼ି ।

ସ୍ଥୂଳଦୃଷ୍ଟିରେ ଦେଖିଲେ ମନେହେବ ସେ ଐଶ୍ୱର୍ଯ୍ୟର ଅଧିକାରୀ ନୁହଁନ୍ତି । ସୂକ୍ଷ୍ମଭାବରେ ବିଗ୍ରର କଲେ ମନେହେବ ସେ ସମସ୍ତ ଐଶ୍ୱର୍ଯ୍ୟର ଅଧିକାରୀ । ପୁରୁଷର ଯେଉଁ ଯେଉଁ ଗୁଣ ଥିଲେ ଐଶ୍ୱର୍ଯ୍ୟ ଅଜାଡ଼ି ହୋଇପଡ଼େ, ସବୁ ତାଙ୍କର ଅଛି । ଗ୍ୱହିଁଲେ ସେ ସମଗ୍ର ପୃଥିବୀର ଅଧୀଶ୍ୱର ହୋଇପାରିବେ । ସମସ୍ତ ରାଜାଙ୍କୁ ପରାଜିତ କରି ସବୁ ଐଶ୍ୱର୍ଯ୍ୟର ଅଧିକାରୀ ହୋଇପାରିବେ । ସ୍ୱୟମ୍ବରର ଅଦ୍ଭୁତ ସର୍ତ୍ତ ଯେ ରକ୍ଷା କରିଛନ୍ତି, ଐଶ୍ୱର୍ଯ୍ୟ ତାଙ୍କ ପାଇଁ କିବା କଥା ! ଅଥଚ ସେ ସନ୍ନ୍ୟାସୀ ଭଳି ନିରାଡ଼ମ୍ବର ଏବଂ ଯୋଗୀଋଷିଙ୍କ ପରି ଐଶ୍ୱର୍ଯ୍ୟ ପ୍ରତି ଉଦାସୀନ । ତେଣୁ ସେ ଭିକ୍ଷୁକ । ବରଂ ଦାରିଦ୍ର୍ୟ ତାଙ୍କର ମହାନତା ବଢ଼ାଉଛି । ଏଭଳି ବୀରପୁରୁଷ ଯେ ଦରିଦ୍ର, ଏହା ତାଙ୍କର ମହାନୁଭବତା ବ୍ୟତୀତ ଅନ୍ୟ କିଛି ନୁହେଁ ।

ମୁଁ ବାଟ ଗ୍ଲୁଥାଏ ଏବଂ ମୋ ସ୍ୱାମୀ ଯେ ପୃଥିବୀର ଶ୍ରେଷ୍ଠ ପୁରୁଷ, ମନେ ମନେ ଯୁକ୍ତି ବାଢ଼ି ତାହା ହିଁ ପ୍ରତିପାଦନ କରୁଥାଏ । ବୋଧହୁଏ ମୋ ସ୍ୱାମୀଙ୍କ ଦାରିଦ୍ର୍ୟ ମତେ କଷ୍ଟ ଦେଉଥା'ନ୍ତୀ ବୋଲି ତାହା ତାଙ୍କର ମହାନୁଭବତା ଭାବି ମୁଁ ହୃଦୟକୁ ପ୍ରବୋଧନା ଦେଉଥାଏ

ମୁଁ ଚାଲିଚାଲି କରୁଥାଏ । ଅରଣ୍ୟ ପଥରେ ମୋର କୋମଳ ପାଦ ଟଳମଳ ହୋଇ ପଡୁଥାଏ । ପାଦରେ କଣ୍ଟା ବାଜି ରକ୍ତ ଝରି ଅଳତାଧାର ସଙ୍ଗେ ମିଶିଯାଉଥାଏ ସେଥିପାଇଁ ମୋର ସ୍ୱାମୀ ସେ କଥା ଜାଣିପାରୁନଥା'ନ୍ତି । ଯେତେ କଷ୍ଟ ହେଲେ ମଧ୍ୟ

Digitized by srujanika@gmail.com

ମୁଁ ଶବ୍ଦ ନ କରି ସହ୍ୟ କରିନେଉଥାଏ, ତେଣୁ ତାଙ୍କର ଜାଣିବାର କିଛି ଉପାୟ ବି ନଥାଏ । ମୋ ଶରୀରର ସ୍ୱେଦବିନ୍ଦୁ ଶୁଭ୍ର ବସନକୁ ସିକ୍ତ କରିବାର ଦେଖି ସ୍ୱାମୀ ମୃଦୁ ସ୍ୱରରେ କହିଲେ — ''ଖୁବ୍ କଷ୍ଟ ହେଉଛି ନା ? ବାସ୍ତବିକ ମୁଁ ବଡ଼ ଦୁଃଖିତ । ଭିକ୍ଷୁକ ବ୍ରାହ୍ମଣ ପକ୍ଷେ ରାଜକନ୍ୟାକୁ ବରଣ କରିବା ଉଚିତ ନୁହେଁ । ପ୍ରକୃତରେ ମୋ ପୂର୍ବରୁ ଯଦି କେହି ତମକୁ ଜୟ କରିନେଇଥା'ନ୍ତା, ମୁଁ କାହିଁକି ଲକ୍ଷ୍ୟଭେଦ କରିଥା'ନ୍ତି ? ଆମେ ତ ଆସିଥିଲୁ ରାଜକନ୍ୟାଙ୍କ ସ୍ୱୟମ୍ବରରେ ଦାନ ଭୋଜନ ଲାଭ ଆଶାରେ । ଅଥଚ ରାଜକନ୍ୟା ଯେ ଲାଭ ହେବେ, ଏହା ବିଧିର ବିଡ଼ମ୍ବନା ବ୍ୟତୀତ ଅନ୍ୟ କ'ଣ ହୋଇପାରେ ?''

ମୁଁ ସହଜେ ସ୍ୱଳ୍ପଭାଷିଣୀ । ପୁଣି ସ୍ୱଳ୍ପପରିଚିତ ସ୍ୱାମୀଙ୍କ ସଙ୍ଗେ ପ୍ରଗଲ୍‌ଭା ଝିଅଙ୍କ ଭଳି କଥା କହିବାକୁ କୁଣ୍ଠାବୋଧ କରୁଥାଏ । ମୁଁ କେବଳ କହିଲି — ''ଯାହା ବିଧିନିର୍ଦ୍ଦିଷ୍ଟ ତାହା ହିଁ ସତ୍ୟ । ତେଣୁ ମିଥ୍ୟାକଥା ପାଇଁ ଅନୁଶୋଚନା କରି ଲାଭ ନାହିଁ। ବରଂ ଯାହା ଘଟିଛି ସେଥିପାଇଁ ଆନନ୍ଦିତ ହେବାରେ ସାର୍ଥକତା ଅଛି ।''

ସ୍ୱାମୀ ପରମ ସୋହାଗଭରା ସ୍ୱରରେ କହିଲେ — ''ଦ୍ରୁପଦ ରାଜନନ୍ଦିନି ! ତମକୁ ଲାଭ କରି ମୁଁ ଧନ୍ୟ ହୋଇଛି !'' ସଲ୍ଲଜ କଣ୍ଠରେ ମୁଁ ଉତ୍ତର ଦେଲି — ''ଏ କଥାଟା ମୋ ପାଇଁ ମଧ୍ୟ ସତ୍ୟ ।''

ପଥ ମଧ୍ୟରେ ଏକ ପଥର ଖଣ୍ଡରେ ପାଦ ପଡ଼ିବାରୁ ମୁଁ ପାଦ ଖସାଇ ପଡ଼ିଯାଉଥିଲି । ମୋ ସ୍ୱାମୀ ମତେ ଦୁଇବାହୁ ପ୍ରସାରି ରକ୍ଷା କରିଦେଲେ, ଲଜ୍ଜାରେ ମୁଁ ନିଜକୁ ମୁକ୍ତ କରିନେଲି । ସେ ଅତ୍ୟନ୍ତ ସୌଜନ୍ୟ ସହକାରେ କହିଲେ — ''ଦେବି କୃଷ୍ଣା ! ଏବେ ମଧ୍ୟ ବିଧିବଦ୍ଧ ଭାବରେ ମୁଁ ତୁମର ପାଣି ଗ୍ରହଣ କରିନାହିଁ । ମା'ଙ୍କଠାରୁ ଆଶୀର୍ବାଦ ପାଇବା ପରେ ହିଁ ଆମର ବିବାହ ହେବ । ତମର ଯଦି ଆପତ୍ତି ନଥାଏ ମୋର ହାତଧରି ଏଇ ଦୁର୍ଗମ ବନପଥ ଅତିକ୍ରମ କରିପାର ।'' ଏତିକି କହି ସେ ତାଙ୍କର ବଳିଷ୍ଠ ଅଥଚ କମନୀୟ ହାତଟି ମୋ ଆଡ଼କୁ ବଢ଼ାଇଦେଲେ । ମୁଁ ନିର୍ଦ୍ୱନ୍ଦ୍ୱରେ ମୋ ହାତଟି ତାଙ୍କ ହାତରେ ରଖିଲି । ଯିଏ ମତେ ନ୍ୟାୟତଃ ଜୟ କରି ସାରିଛନ୍ତି, ତାଙ୍କ ପାଇଁ ଆଉ ଅଦେୟ କ'ଣ ଅଛି ?

ଆମେ ଦୁହେଁ ହାତ ଧରାଧରି ହୋଇ ଏଥର ବାଟ ଚାଲିଲୁ । ଏତେବେଳେ ମୁଁ ହୃଦୟଙ୍ଗମ କଲି ଦେବୀ ଜାନକୀ କାହିଁକି ରାଜପ୍ରାସାଦର ସୁଖ ତ୍ୟାଗ କରି ପ୍ରଭୁ ରାମଚନ୍ଦ୍ରଙ୍କ ସହ ବନବାସିନୀ ହୋଇଥିଲେ । ସେ ଥିଲେ ଜଗତଜନନୀ ଠାକୁରାଣୀ । ତେଣୁ ସେ ନିଶ୍ଚୟ ଜାଣିଥିଲେ ସ୍ୱାମୀଙ୍କ ହାତ ଧରି ଦୁର୍ଗମ ବନପଥରେ ମଧ୍ୟ

Digitized by srujanika@gmail.com

ଘୁଲିବାରେ କେତେ ରୋମାଞ୍ଚ, କେତେ ପରିପୂର୍ଣ୍ଣତା ଏବଂ ପରମାନନ୍ଦ ଥାଏ, ଯାହା ଆଜି ମୁଁ ଏଇ ମୁହୂର୍ତ୍ତରେ ହୃଦୟଙ୍ଗମ କରୁଛି ।

ମୋ ହାତ ଧରି ଘୁଲୁ ଘୁଲୁ ସ୍ୱାମୀ କହିଲେ — ''ଶୁଣିଥିଲି ତୃତୀୟ ପାଣ୍ଡବ ଅର୍ଜୁନଙ୍କୁ ଜାମାତା କରିବା ପାଇଁ ରାଜା ଦ୍ରୁପଦ ମନସ୍ଥ କରିଥିଲେ । ଏଥିରେ ରାଜଜେମା କୃଷ୍ଣାଙ୍କର ମଧ୍ୟ ସମ୍ମତି ଥିଲା । କିନ୍ତୁ ଦୁର୍ଭାଗ୍ୟବଶତଃ ପାଣ୍ଡବ ପାଞ୍ଚ ଭାଇ ମୃତ୍ୟୁବରଣ କଲେ ଏବଂ ଶେଷକୁ ଜଣେ ଦରିଦ୍ର ବ୍ରାହ୍ମଣକୁ ଦ୍ରୁପଦ ରାଜା ଜାମାତା କରିବାକୁ ବାଧ୍ୟ ହେଲେ । ପାଞ୍ଚାଳ ଦେଶବାସୀ ରାଜକୁମାରୀ କୃଷ୍ଣାଙ୍କ ପାଇଁ ମର୍ମାହତ । ଏଥିରେ ତମର କିଛି ଦୁଃଖ ହୁଏ ନାହିଁ ?

ମୁଁ ବୁଝିପାରିଲି ଏହି ବୀର ଯୁବକ ମତେ ପରୀକ୍ଷା କରିବାକୁ ଘୁହୁଁଛନ୍ତି । ମୋ ମନ ତଳେ ଏବେ ମଧ୍ୟ ଅର୍ଜୁନଙ୍କ ପ୍ରତି ଥିବା ଦୁର୍ବଳତାର ଇଙ୍ଗିତ ସେ କ'ଣ ପାଇଛନ୍ତି ? ସେ କ'ଣ ଅର୍ଜୁନଙ୍କୁ ଈର୍ଷା କରୁଛନ୍ତି ? ଯଦି ବା କରୁଥା'ନ୍ତି, ସେଥିରେ ଅସ୍ୱାଭାବିକତା କ'ଣ ଅଛି ? କୌଣସି ସୁନ୍ଦର ମୂର୍ତ୍ତି ପ୍ରତି ଯଦି ସ୍ତ୍ରୀ ଆକର୍ଷିତା ହୁଏ ତେବେ ତାହା ସ୍ୱାମୀର ସହ୍ୟ ହୁଏ ନାହିଁ । ଏହି ବୀରପୁରୁଷଙ୍କର ମନର କଥା ମତେ ଏବେ ଅଛପା ରହିଲା ନାହିଁ । ମୁଁ ନିଃସଙ୍କୋଚ ଭାବେ କହିଲି — ''ମୋର ଦୁଃଖ ହୁଏ, ମୋ ପାଇଁ ନୁହେଁ, ତାଙ୍କ ପାଇଁ । ତାଙ୍କ ଭଳି ଧର୍ମବନ୍ତ ବୀରପୁରୁଷ ଏଭଳି ଅପମୃତ୍ୟୁ ବରଣ କରିବେ, କଥାଟା ବିଶ୍ୱାସ ନ ହେଲେ ମଧ୍ୟ ତାହା ଘଟିଛି । ତାଙ୍କର ତ ଏପରିଭାବେ ଘୁଲିଯିବାର ନଥିଲା ! ମୋ ପାଇଁ ଦୁଃଖ କରିବି କାହିଁକି ? ମୁଁ ଜାଣିଥିଲି ଆର୍ଯ୍ୟାବର୍ତ୍ତର ଯେଉଁ ଶ୍ରେଷ୍ଠବୀର ସ୍ୱୟମ୍ବରର ସର୍ତ୍ତ ରକ୍ଷା କରିପାରିବେ ସେ ଅର୍ଜୁନ । ମୁଁ ଜାଣିଥିଲି କୃଷ୍ଣଙ୍କର ଯିଏ ଶ୍ରଦ୍ଧାସ୍ପଦ ସେ ଅର୍ଜୁନ । ତେଣୁ ମୁଁ ଯାହାଙ୍କୁ ସ୍ୱାମୀଭାବେ ପାଇଛି ସେ ମୋ ଚକ୍ଷୁରେ ଅର୍ଜୁନଙ୍କ ବ୍ୟତୀତ ଅନ୍ୟ କେହି ନୁହନ୍ତି । ମୁଁ ଆର୍ଯ୍ୟାବର୍ତ୍ତର ଶ୍ରେଷ୍ଠ ବୀରଙ୍କୁ ପାଇଛି ଏବଂ ସେ କୃଷ୍ଣଙ୍କର ଶ୍ରଦ୍ଧାଭାଜନ ହୋଇପାରିଛନ୍ତି, ଏହା କ'ଣ ମିଥ୍ୟା ?''

ମୋର ସ୍ୱାମୀ ଗମ୍ଭୀର ମୁଖରେ କହିଲେ — ''ଶୁଣିଛି, ପାଣ୍ଡବ ପାଞ୍ଚଭାଇ କୃଷ୍ଣଙ୍କ ଦୂରଦର୍ଶିତା ଯୋଗୁଁ ଜତୁଗୃହରୁ ମୁକ୍ତିପାଇ ବଞ୍ଚି ରହିଛନ୍ତି । ଯଦି ଅର୍ଜୁନ ବଞ୍ଚି ରହିଥା'ନ୍ତି ଏବଂ କେବେ ତୁମର ଦ୍ୱାରସ୍ଥ ହୁଅନ୍ତି କ'ଣ କରିବ ?''

ମୁଁ ମନେ ମନେ ଆମୋଦିତା ହେଲି । ସହଜ କଣ୍ଠରେ କହିଲି — ''ଜଣେ ଗୃହସ୍ଥ ନାଗୀର ଯାହା କର୍ତ୍ତବ୍ୟ ତାହାହିଁ କରିବି । ତାଙ୍କଭଳି ଜଣେ ସୁପୁରୁଷ ଯଦି ମୋର ଦ୍ୱାରସ୍ଥ ହୁଅନ୍ତି ତେବେ ତାଙ୍କର ଆତିଥ୍ୟ କରିବି । ଅତିଥି ତ ନାରାୟଣ । ତା'

Digitized by srujanika@gmail.com

ନକଲେ ମୋ ଗାର୍ହସ୍ଥ୍ୟ ଧର୍ମ ନଷ୍ଟ ହେବ । ଖାଲି ସେତିକି ନୁହେଁ, ତାଙ୍କୁ ଅନୁରୋଧ କରିବି ମୋର ସ୍ୱାମୀଙ୍କ ସଙ୍ଗେ ମିତ୍ରତା ସ୍ଥାପନ କରିବା ପାଇଁ ।''

— ''କାହିଁକି ?'' ସେ ଆଶ୍ଚର୍ଯ୍ୟ ହୋଇ ପ୍ରଶ୍ନ କଲେ ।

ମୁଁ ନମ୍ରଭାବେ କହିଲି — ''ମୋର ସ୍ୱାମୀ ହେଉଛନ୍ତି ମୋ ଚକ୍ଷୁରେ ଅର୍ଜୁନ । ତେଣୁ ସେ ହେବେ ଅନ୍ୟ ଜଣେ ଅର୍ଜୁନ । ଦୁଇ ଅର୍ଜୁନଙ୍କ ମଧ୍ୟରେ ମିତ୍ରତା ପ୍ରତିଷ୍ଠିତ ହେବା ସ୍ୱାଭାବିକ ।''

ସ୍ୱାମୀ ମୃଦୁ ମୃଦୁ ହସୁଥିଲେ । କୋମଳ ଭାବେ ମୋ ହାତରେ ମମତାର ସ୍ପର୍ଶ ଦେଇ ସେ କହିଲେ — ''ଶୁଣିଥିଲି ରାଜକୁମାରୀ କୃଷ୍ଣା ଶାସ୍ତ୍ରନିପୁଣା । ସେତେବେଳେ ଭାବିଥିଲି ସ୍ତ୍ରୀଲୋକମାନେ ଶାସ୍ତ୍ରନିପୁଣା ହେବାର ଅର୍ଥ ଶୁଜସାରୀଙ୍କ ପରି ଶାସ୍ତ୍ରକୁ କଣ୍ଠସ୍ଥ କରିବା; କିନ୍ତୁ ଦେଖୁଛି ତମେ ଶାସ୍ତ୍ରକୁ କେବଳ କଣ୍ଠସ୍ଥ କରିନ, ଆତ୍ମସ୍ଥ କରିଛ । ତମେ କେବଳ ବିଦ୍ୟାବତୀ ନୁହଁ, ଜ୍ଞାନବତୀ ମଧ୍ୟ । ତମ ପାଖରେ ମୁଁ ହାରମାନୁଛି ।''

ଆମେ ଦୁହେଁ ସମତାଳରେ ଚାଲୁଥାଉଁ । ଅନ୍ୟ ଭାଇମାନେ ଆଗେଇ ଗଲେଣି ।

ସେମାନଙ୍କୁ ପଛରୁ ଲକ୍ଷ୍ୟକରି ମୁଁ ଭାବୁଥାଏ ଏମାନେ ଦୁଇଜଣ ଦେଢ଼ଶୁର ଏବଂ ଦୁଇଜଣ ଦିଅରଙ୍କୁ ପାଇ ମୁଁ ଧନ୍ୟ ହୋଇଛି । ସବା ବଡ଼ଭାଇ ଦେବତା ଭଳି ସୌମ୍ୟ, ସୁଶାନ୍ତ ଏବଂ ସୁଧୀର । ଦେଖିଲେ ମନରେ ଭକ୍ତି ଏବଂ ସମ୍ଭ୍ରମ ଜାଗିବ । ତାଙ୍କ ପଛରେ ଯିଏ ଚାଲିଥା'ନ୍ତି ସେ ଯେଉଁଭଳି ରୂପବନ୍ତ, ସେଇଭଳି ବିଶାଳ । ତାଙ୍କ ପାଖରେ ଯେକୌଣସି ମଣିଷ ଖର୍ବ ହୋଇଯିବ । ତାଙ୍କୁ ଦେଖିଲେ ମୋ ମନରେ ଭୟ ଏବଂ ଆଶଙ୍କା ଜାଗୁଛି ।

ତାଙ୍କ ପଛରେ ଚାଲିଛନ୍ତି ଜ୍ୟେଷ୍ଠ ଦିଅର । ସେ ମଧ୍ୟ ସବୁ ଭାଇଙ୍କ ଭଳି ରୂପବାନ । ଭାରି ଚଞ୍ଚଳ ଆଉ ଖୁସି ମିଜାଜର । ପ୍ରଥମ ଦେଖାରେ ବନ୍ଧୁତ୍ୱ ଜମେଇବାକୁ ଏବଂ ଆଳାପ କରିବାକୁ ଇଚ୍ଛା ହୁଏ । ସତେ ବା କେଉଁ କାଳର ଦରଦୀ ବନ୍ଧୁଟିଏ । ସବା ଶେଷରେ ଚାଲିଛନ୍ତି କନିଷ୍ଠ ଦିଅର । କୋମଳ ସୌନ୍ଦର୍ଯ୍ୟରେ ଅନୁପମ ତାଙ୍କର ବ୍ୟକ୍ତିତ୍ୱ । ସ୍ୱଭାବତଃ ସେ ଲଜ୍ଜାଶୀଳ, ସ୍ୱଳ୍ପଭାଷୀ । ଆବଶ୍ୟକ ନ ହେଲେ ମୁହଁ ଖୋଲନ୍ତି ନାହିଁ । ତାଙ୍କ ପ୍ରତି ବାତ୍ସଲ୍ୟ ମମତା ଝରାଇଦେବାରେ ଆନନ୍ଦ ଅଛି ।

ଆମେ ଦୁହେଁ ଯେ ପଛରେ ଯାଉଛୁ, ହାତ ଧରାଧରି ହୋଇ ବାଟ ଚାଲୁଛୁ, ସେଇ ଲଜ୍ଜାରେ ସେ ଥରଟିଏ ବି ପଛକୁ ଚାହୁଁ ନଥା'ନ୍ତି । ଶୀଘ୍ର ଶୀଘ୍ର ପାଦ ପକାଇ ସେ ଆଖି ଆଗରୁ ଅଦୃଶ୍ୟ ହୋଇଯିବା ପାଇଁ ଯେପରି ବ୍ୟସ୍ତ । ପ୍ରଥମ ଦେଖାରୁ ସେ

Digitized by srujanika@gmail.com

ମୋର ଶ୍ରଦ୍ଧାଭାଜନ ହୋଇପଡ଼ିଛନ୍ତି । ଇଚ୍ଛାହୁଏ ଅତି କୋମଳ ଗଳି, ସମସ୍ତ ମମତା ନିଗାଡ଼ି ଆଦର କରିବାକୁ, ଗେହ୍ଲା କରିବାକୁ, ବାହଲ୍ୟ ଢାଳିଦେବାକୁ ।

ସେମାନେ ଦୃଷ୍ଟିପଥରୁ ଅଦୃଶ୍ୟ ହୋଇଗଲେଣି । ମୋ ସହ ପାଦ ମିଳାଇ ଗ୍ୱଲୁଥିବା ଯୋଗୁଁ ସ୍ୱାମୀ ଅନେକ ପଛରେ ପଡ଼ିଗଲେଣି । ପାଖେ ପାଖେ ମୁଁ । ମୋ ହାତଟି ବନ୍ଧା ପଡ଼ିଛି ତାଙ୍କ ବଳିଷ୍ଠ ହାତମୁଠା ଭିତରେ । ନିର୍ଜନ ଅରଣ୍ୟ ଭିତରେ ଆମେ ଦୁହେଁ ଯେମିତି ଏକା ଏକା ଗ୍ୱଲିଛୁ — କେଉଁ ସୁଖର ସନ୍ଧାନରେ କେହି ଜାଣିନାହୁଁ । ତଥାପି ଏକତ୍ର ଗ୍ୱଲିବାରେ ଯେଉଁ ଆନନ୍ଦ ସେଥିରୁ କ୍ଷାନ୍ତ ହେବୁ କାହିଁକି ?

ସ୍ୱାମୀ ହଠାତ୍ କବିତ୍ୱଭରା ଭାଷାରେ କହିଲେ — "ରାଜକୁମାରି ! ଏଇ ମୁହୂର୍ତ୍ତରେ କ'ଣ ଇଚ୍ଛା ହୁଏ ଜାଣ ? ଇଚ୍ଛା ହୁଏ ଏଇ ଅରଣ୍ୟ ଭିତରେ ଆମେ ଦୁହେଁ ହଜିଯା'ନ୍ତେ — ଆମକୁ ଆଉ କେହି ଖୋଜି ପାଆନ୍ତେ ନାହିଁ । ନିର୍ଜନତାର ସୁଖ ଲାଭରେ କେହି ଅନ୍ତରାୟ ହୋଇ ଠିଆ ହୁଅନ୍ତେ ନାହିଁ !"

ମୁଁ ମୃଦୁ ସ୍ୱରରେ କହିଲି — "ଅଜ୍ଞାତବାସରେ ରୋମାଞ୍ଚ ଅଛି ସତ; ମାତ୍ର ପୃଥିବୀଠାରୁ ମୁହଁ ଲୁଗ୍ୱଇ ବୁଲିଲେ ବୀରର ଯଶ କ୍ଷୟ ହୁଏ । ଦୁଷ୍ଟସଂହାର ବୀର ଜୀବନର ଧର୍ମ ।" ସ୍ୱାମୀ ରସିକତା କରି କହିଲେ — "ଅରଣ୍ୟରେ ଅଜ୍ଞାତବାସ କଲେ ପ୍ରତି ପଦେ ପଦେ ଦୁଷ୍ଟ ସଂହାର କରିବାକୁ ହୁଏ । ହିଂସ୍ରଜନ୍ତୁମାନଙ୍କୁ ସଂହାର ନକଲେ ଅରଣ୍ୟରେ ବଞ୍ଚି ହୁଏ ନାହିଁ ।"

ମୁଁ ଶାନ୍ତ କଣ୍ଠରେ କହିଲି — "ଅରଣ୍ୟର ଦୁଷ୍ଟ ପଶୁଙ୍କଠାରୁ ମନିଷ ଭିତରର ଦୁଷ୍ଟ ବ୍ୟକ୍ତିତ୍ୱ ବେଶି ଭୟଙ୍କର । ଜୀବନ ଧାରଣ ପାଇଁ ପଶୁ ଜୀବହତ୍ୟା କରେ; ମାତ୍ର ଅହଙ୍କାରକୁ ସାବ୍ୟସ୍ତ କରିବା ପାଇଁ ମଣିଷ ମଣିଷକୁ ବି ହତ୍ୟା କରେ । ତେଣୁ ଏ ପୃଥିବୀର ଧର୍ମରକ୍ଷା ପାଇଁ ବୀରର ଜନ୍ମ । ଆର୍ଯ୍ୟପୁତ୍ର ! ଆପଣଙ୍କର ବୀରତ୍ୱ ହିଁ ପୃଥିବୀ ମାତାର ଏକମାତ୍ର ସାନ୍ତ୍ୱନା । କାରଣ ଏ ଦେଶମାତୃକା ବୀରପ୍ରସବିନୀ ହେବାରେ ଗର୍ବ ଅନୁଭବ କରେ ।" ସ୍ୱାମୀ ମୋର ହାତଧରି କଣ୍ଟକିତ ଲତାକୁଞ୍ଜ ତଳେ ବହିଯାଉଥିବା ଛୋଟ ଝରଣାଟିଏ ପାରିକରାଇ ଦେଉ ଦେଉ ଆସ୍ତେ କହିଲେ — "ଜୀବନରେ ଯଦି କେବେ ବି ବନବାସ କରିବାକୁ ଥାଏ, ତେବେ ଆଉ ଦୁଃଖ ନାହିଁ । କାରଣ ତୁମେ ପାଖେ ପାଖେ ଥିବ ଏବଂ ଅରଣ୍ୟରେ ମଧ୍ୟ ଧର୍ମରକ୍ଷା ପାଇଁ ପ୍ରେରଣା ଦେଉଥିବ ।"

Digitized by srujanika@gmail.com

॥ ୭ ॥

ଅନ୍ୟଭାଇମାନେ କିଛି ସମୟ ଆଗରୁ ଗୃହରେ ପହଞ୍ଚିଗଲେ ଏବଂ ଆମକୁ ଅପେକ୍ଷା କରି ରହିଲେ । ଆମେ ପହଞ୍ଚିବା ପରେ ମା'ଙ୍କୁ ଶୁଭସମ୍ବାଦ ଜଣାଇ ଦିଆଯିବାର ଆଗ୍ରହରେ ସମସ୍ତେ ଅଧୀର ହୋଇପଡ଼ିଥା'ନ୍ତି । ଅଳ୍ପ ସମୟ ପରେ ଆମେ ବି ପହଞ୍ଚିଗଲୁ । ଜୀର୍ଣ୍ଣ କୁଟୀରର ଅଗଣାକୁ ଯିବା ପାଇଁ ଆମକୁ ସମ୍ପୂର୍ଣ୍ଣ ନଇଁ ନଇଁ ଭିତରକୁ ପାଦ ବଢ଼ାଇବାକୁ ହେଲା । ହଠାତ୍ ମନଟା ବିଷଣ୍ଣ ହୋଇଗଲା— ଭାବିଲି, ହାୟ ! ଏ ଭଳି ଅପରିଚ୍ଛନ୍ନ ଜୀର୍ଣ୍ଣ କୁଟୀରରେ ଆମର ଅଶ୍ୱ ଏପରିକି ଶ୍ୱାନମାନେ ମଧ୍ୟ ରହନ୍ତି ନାହିଁ । ସ୍ୱାମୀ ମୋର ବୀର ଏଥିରେ ସନ୍ଦେହ ନାହିଁ; କିନ୍ତୁ ସେ ଯେ ଏଭଳି ଦୀନଦରିଦ୍ର ଭାବରେ କାଳ କାଟୁଥିବେ ଏକଥା କଳ୍ପନା ଭିତରେ ସ୍ଥାନ ପାଇନଥିଲା ।

ପ୍ରକୃତରେ କୁମାରୀ ମନର କଳ୍ପନା ଏବଂ ବାସ୍ତବତା ଭିତରେ କେତେ ତଫାତ୍ ! କାହିଁ ହସ୍ତିନାପୁରର ରାଜପ୍ରାସାଦ ଏବଂ କାହିଁ ଏକଚକ୍ରୀ ନଗରର ଜୀର୍ଣ୍ଣ କୁମ୍ଭକାର ଘର ! ଏଇଠି ପୁଣି ମତେ ଜୀବନ କାଟିବାକୁ ହେବ !

ପରକ୍ଷଣରେ ମନକୁ ଶାସନ କଲି — ରେ ମୂଢ଼ମନ, ପ୍ରକୃତିସ୍ଥ ହୁଅ, ରାଜକୁମାରୀ କୃଷ୍ଣା, ବଧୂ କୃଷ୍ଣା ପାଇଁ ବିବ୍ରତ ବ୍ୟଥିତ ହେବା ନିର୍ବୋଧତା ବ୍ୟତୀତ ଅନ୍ୟ କିଛି ନୁହେଁ। ବଧୂ କୃଷ୍ଣା ଏଇ କୁମ୍ଭାରଶାଳରେ ଠିକ୍ ଚଳିବ ।

ସେମାନେ ପଞ୍ଚପୁତ୍ର । କିନ୍ତୁ ପଞ୍ଚପାଣ୍ଡବ ନୁହନ୍ତି । ନ ହୁଅନ୍ତୁ ପଛକେ, ଜଣକ ସଙ୍ଗେ ଆଉ ଗୃରିଜଣ ଯେ ଦୁଃଖ, ସୁଖ, ବିପଦ ଆପଦରେ ଏକମନ, ଏକପ୍ରାଣ ହୋଇ ଘୁଲୁଛନ୍ତି, ସେତିକି ମୋ ପାଇଁ କମ୍ ସୌଭାଗ୍ୟର କଥା ନୁହେଁ । ମୋର ଭାଇ ମାତ୍ର ଜଣେ । ସେ ପୁଣି ମୋର ଯମଜ ଭାଇ । ମୋର ବଡ଼ଭାଇ ନାହିଁ କି ସାନ ଭାଇ ନାହିଁ। ସେଥିପାଇଁ ପିଲାଦିନୁ ଆଉ କାହାର ବେଶୀ ଭାଇ ଅଛନ୍ତି ଶୁଣିଲେ ମୋର ବି ଇଚ୍ଛା ହୁଏ ମୋର ବଡ଼, ସାନ, ଅନେକ ଭାଇ ଥା'ନ୍ତେ କି ! ବଡ଼ଭାଇ ମତେ ପିତୃସ୍ନେହ ଦିଅନ୍ତେ ଆଉ ସାନଭାଇଙ୍କୁ ମୁଁ ଦିଅନ୍ତି ସ୍ନେହ । ଧୃଷ୍ଟଦ୍ୟୁମ୍ନ ତ ମୋର ସମବୟସ୍କ ବନ୍ଧୁଭାବରେ ଅତି ଆପଣାର ।

ଆଜି ପାଞ୍ଚଭାଇଙ୍କୁ ଏକତ୍ର ଦେଖି ଭାବିଲି ପରମେଶ୍ୱର ମୋର ଡାକ ଶୁଣିଛନ୍ତି। ସବୁ ଦୈନ୍ୟ ଭିତରେ ଏତିକି ଐଶ୍ୱର୍ଯ୍ୟ ମତେ ଦେଇଛନ୍ତି, ମୋର ଦୁଇ ଜ୍ୟେଷ୍ଠଭ୍ରାତା ସମ ଦୁଇ ଦେଢ଼ଶୁର ଏବଂ ଅପତ୍ୟ ତୁଲ୍ୟ ଦୁଇ ସାନ ଦିଅର । ମୋର ଆଉ ଅଭାବ କ'ଣ ? ଏଇମାନଙ୍କର ବାହୁର ବଳ ତ ମୋର ଧନ ସମ୍ପତ୍ତି, ଆଭିଜାତ୍ୟ । ମୁଁ କ୍ଷତ୍ରିୟ କନ୍ୟା । ମୋର ଆଉ ଅଧିକ କ'ଣ ଲୋଡ଼ା ?

Digitized by srujanika@gmail.com

ସବୁ ପରିସ୍ଥିତିରେ ସୁଖୀ ହେବା ପାଇଁ ଚେଷ୍ଟା କରିବା ବୋଧହୁଏ ମଣିଷର ସହଜାତ ପ୍ରବୃତ୍ତି । ହୁଏତ ସେଥିପାଇଁ କୁମ୍ଭାକାରର ଜୀର୍ଣ୍ଣ ବାସଗୃହ ସମ୍ମୁଖରେ ଠିଆହୋଇ ମୁଁ ନିଜକୁ ଐଶ୍ୱର୍ଯ୍ୟମୟୀ ମନେକରି ସୁଖୀ ହେବାର ପ୍ରୟାସ କରୁଥାଏ ।

ବଡ଼ଭାଇ ଶାନ୍ତ ମଧୁର ଦୃଷ୍ଟିରେ ମତେ ଥରେ ଗ୍ରହିଁଲେ ଏବଂ ବନ୍ଦ ଦ୍ୱାର ସାମ୍ନାରେ କରାଘାତ କରି ମା'ଙ୍କୁ ଡାକିଲେ । ତାଙ୍କର ସେଇ ଗ୍ରହାଣି ହୃଦୟକୁ ଏଭଳି ସ୍ନେହସ୍ନିଗ୍ଧ କରିଦେଲା ଯେ ମୁଁ ମନେ ମନେ ଭାବିଲି ଏଇ ଧର୍ମବନ୍ତ ପୁରୁଷଟିକୁ ଭକ୍ତି କରିବା ଛଡ଼ା ମୋର ଅନ୍ୟ ଗତି ନାହିଁ । ସେ ମୋର ଭକ୍ତିର ହିଁ ପରମ ଯୋଗ୍ୟପୁରୁଷ ।

ବଡ଼ ଉଲ୍ଲସିତ କଣ୍ଠରେ ଘୋଷଣା କଲେ — ''ମା', ଆଜି ଆମେ ଏକ ଦୁର୍ଲଭ ଜିନିଷ ଆଣିଛୁ । କବାଟ ଖୋଲି ଦେଖ ତମ ପୁତ୍ରମାନେ ଖାଲି ହାତରେ ଫେରି ନାହାନ୍ତି ।''

ମୁଁ ଲଜ୍ଜାରେ ତଳକୁ ମୁଣ୍ଡପୋତି ଠିଆ ହୋଇଥାଏ । ବଡ଼ଭାଇ ମତେ ଏକ ଦୁର୍ଲଭ ବସ୍ତୁଭାବେ ବର୍ଣ୍ଣନା କରୁଥିବାରୁ ମନେ ମନେ ଆନନ୍ଦ ବି ଅନୁଭବ କରୁଥାଏ । ଭିତରୁ ଅଳସ ଅଥଚ ଦୃଢ଼କଣ୍ଠରେ ମା'ଙ୍କର ଆଦେଶ ଶୁଭିଲା — ''ବାପାରେ, ଯାହା ଆଣିଛ ପାଞ୍ଚଭାଇ ସମାନ ଭାବରେ ଭୋଗ କର ।''

ବଡ଼ଭାଇ ସ୍ତବ୍ଧ ହୋଇଗଲେ, ଗଭୀର ଭାବନାରେ ବୁଡ଼ିଗଲେ । ଅନ୍ୟ ଭାଇମାନେ ପରସ୍ପର ମୁହଁକୁ ଗ୍ରହିଁ ନୀରବ ରହିଲେ । ମୋର ସ୍ୱାମୀ ଗମ୍ଭୀର ଅନ୍ୟମନସ୍କ ହୋଇଗଲେ ଏବଂ ମୁଁ ଲଜ୍ଜାରେ, ବିସ୍ମୟରେ, ବିରକ୍ତିରେ ତଳକୁ ମଥା ନୁଆଇଁ କବରୀ ଉପରେ ଅଞ୍ଚଳ ଟାଣିଦେଲି ।

କୁଟୀର ଦ୍ୱାର ଖୋଲିଗଲା । ସମ୍ମୁଖରେ ସ୍ନେହମୟୀ, କରୁଣାମୟୀ, ସୌନ୍ଦର୍ଯ୍ୟମୟୀ ଜନନୀ ଉଭା । ମା' ଅନ୍ନପୂର୍ଣ୍ଣାଙ୍କ ଭଳି ପରିପୂର୍ଣ୍ଣା ଆଉ ଧରିତ୍ରୀ ଭଳି ସର୍ବଂସହା ମୂର୍ତ୍ତିଟିଏ ସ୍ତବ୍ଧ, ବିସ୍ମିତ, ଅନୁତପ୍ତ ଅଥଚ ମୁଗ୍ଧ ଦୃଷ୍ଟିରେ ମତେ ଗ୍ରହିଁରହିଛି ।

ମୁଁ ମା'ଙ୍କର ପାଦଛୁଇଁ ପ୍ରଣାମ କଲି । ଝରିପଡ଼ିଥିବା ଫୁଲଟିକୁ କୋମଳ ହସ୍ତ ସ୍ପର୍ଶରେ ତୋଳି ନେବାପରି ମା' ଅତି ଯତ୍ନରେ ମତେ କୋଳେଇ ନେଲେ । କ୍ଷୀଣ ଅଥଚ ଅନୁତପ୍ତ ଗଳାରେ କହିଲେ — ''ମୁଁ ଘୃଣାଳୁଣୀ ଏ କି କଥା କହିଲି ? ମୁଁ ସିନା ଭାବିଥିଲି ପୁଅମାନେ ଭିକ୍ଷାମୁଠି ସଂଗ୍ରହ କରି ଫେରିଛନ୍ତି; କିନ୍ତୁ ଏ ଯେ ଦିବ୍ୟସୁନ୍ଦରୀ ରାଜକନ୍ୟା !''

ବଡ଼ଭାଇ ନତମସ୍ତକ ହୋଇ କହିଲେ — ''ହଁ ମା, ଏ ହେଉଛନ୍ତି ଦ୍ରୁପଦ-ନନ୍ଦିନୀ ରାଜକନ୍ୟା କୃଷ୍ଣା । ସ୍ୱୟମ୍ବରର ସର୍ତ୍ତରକ୍ଷାସ୍ୱରୂପ ଲକ୍ଷ୍ୟଭେଦ କରି ତମର

Digitized by srujanika@gmail.com

ମଧ୍ୟମପୁତ୍ର ରାଜନନ୍ଦିନୀଙ୍କୁ ଲାଭ କରିଛନ୍ତି । ବିବାହ ପୂର୍ବରୁ ତମର ଆଶୀର୍ବାଦ ଭିକ୍ଷା କରିବାପାଇଁ ସେ ଆସିଥିଲେ ।''

''ହେ ଭଗବାନ୍, ଏ କ'ଣ ହେଲା ? ଏବେ କ'ଣ କରାଯିବ ? ଯଦି ମୋର କଥା ତମେମାନେ ରକ୍ଷା ନ କରୁଛ ତେବେ ମୋର ବଚନ ମିଥ୍ୟା ହେବ ଏବଂ ମୋର ଘୋର ଅପମାନ ହେବ । ଜନନୀଙ୍କ ବଚନ ଅନ୍ୟଥା କରିବା ଯୋଗୁଁ ତମେମାନେ ଧର୍ମଦ୍ରୋହୀ ମଧ୍ୟ ହେବ । ଯଦି ତୁମେ ମୋର ବଚନ ରକ୍ଷା ପାଇଁ ଦ୍ରୌପଦୀଙ୍କୁ ଲାଭ କରୁଛ, ସେଥିରେ ଦ୍ରୌପଦୀଙ୍କର ଅପମାନ ଏବଂ ଲଜ୍ଜାର ସୀମା ରହିବ ନାହିଁ । ବର୍ତ୍ତମାନ କ'ଣ କଲେ ମୋର ସତ୍ୟ ରକ୍ଷା ହେବ, ତମମାନଙ୍କର ଧର୍ମରକ୍ଷା ହେବ ଏବଂ ଦ୍ରୌପଦୀଙ୍କର ସମ୍ମାନରେ ଆଞ୍ଚ ଆସିବ ନାହିଁ ମୁଁ ଭାବି ପାରୁନାହିଁ ।''

ବଡ଼ଭାଇ କହିଲେ — ''ମା, ତମର ଆଦେଶ ପାଳନ କରିବା ଆମ ଜୀବନର ପ୍ରଥମ ଏବଂ ପରମ ଧର୍ମ । ତମର ବଚନ ରକ୍ଷା ହେବ । ଆମେ ସମସ୍ତେ ଦ୍ରୌପଦୀଙ୍କୁ ବିବାହ କରିବୁ ।''

ଅନ୍ୟ ଭାଇମାନେ ନୀରବରେ ସମ୍ମତି ଦେଲେ ବୋଧହୁଏ । ମୋର ସ୍ୱାମୀ ନୀରବ ଅଥଚ ବିଷଣ୍ଣ ମନେହେଲେ ଏବଂ ମୁଁ ଭିତରେ ଭିତରେ ବିଦ୍ରୋହ କରିଉଠିଲି । ଭାବିଲି ମୋର କ'ଣ କିଛି ମତ ନାହିଁ ? ସ୍ୱୟମ୍ବରର ଅର୍ଥ ତେବେ କ'ଣ ? କାହିଁକି ତେବେ ପିତା ସ୍ୱୟମ୍ବରର ଏପରି ଏକ ଗୁରୁତର ସର୍ତ୍ତ ରଖିଥିଲେ ? ଏ ଭାଇମାନେ ମତେ ବିବାହ କରିବାର କେଉଁ ସର୍ତ୍ତ ପୂରଣ କରିଛନ୍ତି ? ମୁଁ ଜଣକ ବେକରେ ବରଣମାଳା ଦେଇସାରିଛି । ନ୍ୟାୟତଃ, ଧର୍ମତଃ ସେ ମୋର ସ୍ୱାମୀ । ସେ ମତେ ଜୟ କରିଛନ୍ତି । ଅନ୍ୟ ଭାଇମାନଙ୍କୁ ମୁଁ କାହିଁକି ସ୍ୱାମୀ ଭାବରେ ଗ୍ରହଣ କରିବି ? ଏଥିରେ ମୋର ଧର୍ମ କ'ଣ ନଷ୍ଟ ହେବ ନାହିଁ ? ଜଣେ ସ୍ତ୍ରୀ ପାଞ୍ଚଜଣ ପୁରୁଷଙ୍କର ପତ୍ନୀ ହୋଇ ରହିବାର ହାସ୍ୟକର ଦୃଷ୍ଟାନ୍ତ ମୋ ବ୍ୟତୀତ ପୃଥିବୀରେ ଆଉ କେହି ନାହାନ୍ତି, ହେବେନାହିଁ । ଏ ଅସମ୍ମାନକୁ ମୁଁ କାହିଁକି ନୀରବରେ ଗ୍ରହଣ କରିବି ? ମୁଁ କ'ଣ ଏକ ପ୍ରାଣହୀନା ପ୍ରତିମା ? ମୋର ସୌନ୍ଦର୍ଯ୍ୟରେ କାମାତୁର ହୋଇ ଏହି ବିଘ୍ନର ବୁଦ୍ଧିଶୂନ୍ୟ ଭାଇମାନେ ମୋ ଉପରେ ତାଙ୍କର ଯଥେଚ୍ଛା ଅଧିକାର ସାବ୍ୟସ୍ତ କରିବେ ବୋଲି ମୁଁ କ'ଣ ତାକୁ ମାନିନେବି ?

ବଡ଼ଭାଇଙ୍କ ପ୍ରତି ମୋ ମନରେ ଘୃଣାଭାବ ଜାତ ହେଉଥାଏ । ତାଙ୍କର ଦୃଷ୍ଟିରେ କାମନାର ଗୋପନ ଅଗ୍ନିଶିଖା ମୁଁ ସ୍ପଷ୍ଟ ଦେଖିପାରୁଥାଏ । ଅନ୍ୟ ଭାଇମାନେ ମଧ୍ୟ ତାଙ୍କ କଥାରେ ପ୍ରତିବାଦ କରୁନଥା'ନ୍ତି ବୋଲି ମୁଁ ସେମାନଙ୍କୁ ମଧ୍ୟ ଘୃଣାରେ ଘୃହିଁ ପାରୁନଥାଏ । ସେମାନଙ୍କ ସମସ୍ତଙ୍କର ଦୃଷ୍ଟିରେ ମୁଁ ଦେଖୁଥାଏ କାମନାର ଅଗ୍ନିକଣା ।

Digitized by srujanika@gmail.com

ମୋ ସ୍ୱାମୀଙ୍କ ଉପରେ ମୁଁ ଭୀଷଣ କୃଦ୍ଧା ହୋଇଉଠୁଥାଏ । ଏ କ'ଣ ସେଇ ବୀରପୁରୁଷ ! ତାଙ୍କର ପତ୍ନୀକୁ ତାଙ୍କର ବଡ଼ଭାଇ ଏବଂ ସାନଭାଇମାନେ ଭୋଗ କରିବା କଥା ଶୁଣି ସେ ବିଦ୍ରୋହ କରୁନାହାନ୍ତି କାହିଁକି ? ପଦେ କଥାରେ ଏଇ ହାସ୍ୟକର ଘୃଣା ନାଟକର ଯବନିକା ପତନ କରୁନାହାନ୍ତି କାହିଁକି ? କୌଣସି ପୁରୁଷ କ'ଣ ତା'ର ସ୍ତ୍ରୀକୁ ଅନ୍ୟମାନଙ୍କ ସହ ସମାନ ଭାଗରେ ଭୋଗ କରିପାରେ ? ଏ କ'ଣ ପୌରୁଷର ପରିଚୟ !

ମୁଁ ବେଳୁବେଳ କୃଦ୍ଧା ହେଉଥିବା କଥା କେହି ହୁଏତ ଜାଣିପାରୁ ନଥା'ନ୍ତି । ମା' ଦୁଃଖଭରା କଣ୍ଠରେ କହିଲେ — "ତମେମାନେ ମୋର ବଚନ ରକ୍ଷା କରିବ ମୁଁ ଜାଣେ । ତମେମାନେ ସମସ୍ତେ ଧର୍ମବନ୍ତ । ମୋର ବଚନକୁ ମିଥ୍ୟା ହେବାକୁ ଦେବ ନାହିଁ । କିନ୍ତୁ ରାଜକୁମାରୀ କୃଷ୍ଣାଙ୍କୁ ମଧ୍ୟମ ପୁତ୍ର ଜୟ କରିଛି, ନ୍ୟାୟତଃ ସେଇ କୃଷ୍ଣାଙ୍କର ସ୍ୱାମୀ । ତାଙ୍କର ମତ କ'ଣ ?"

ବଡ଼ଭାଇ ଉଦାର କଣ୍ଠରେ କହିଲେ — "ପ୍ରକୃତରେ କଥାଟା ସତ୍ୟ । ସେ କୃଷ୍ଣାଙ୍କୁ ଜୟ କରିଛି । ତେଣୁ କୃଷ୍ଣାଙ୍କର ପାଣି ସେ ଗ୍ରହଣ କରିବାର କଥା । ବରଂ ଆମେମାନେ ମାତାଙ୍କ ବଚନ ଲଙ୍ଘିବାର ପାପରେ ଭାଗୀଦାର ହେଉ ଏବଂ ସେ କୃଷ୍ଣାଙ୍କୁ ବିବାହ କରୁ ଏହାହିଁ ଜଗତର ନ୍ୟାୟ । ତେଣୁ ଭାଇ, ତମେ ହିଁ ଏ ସମସ୍ୟାର ସମାଧାନ କର ।"

ମୋର ସ୍ୱାମୀ ଅଧୋମୁଖ ହୋଇ ସ୍ପଷ୍ଟ କଣ୍ଠରେ କହିଲେ — "ଯାହା ମା'ଙ୍କର ନିର୍ଦ୍ଦେଶଭାବେ ତାଙ୍କ ପାଟିରୁ ବାହାରିଛି, ଯାହା ଆପଣ ଥରେ ସ୍ୱୀକାର କରିଛନ୍ତି, ତାହାହିଁ ମୋର ଧର୍ମ । ମୁଁ ଏକା ଏକା କୃଷ୍ଣାଙ୍କୁ ଗ୍ରହଣ କଲେ ସୁଖୀ ହୁଅନ୍ତି; କିନ୍ତୁ ସେଥିରେ ମୋର ଧର୍ମଦ୍ରୋହ ହେବ, କାରଣ ତଦ୍ଦ୍ୱାରା ମା'ଙ୍କର ବଚନ ଏବଂ ଆପଣଙ୍କର ବଚନ ମତେ ଲଙ୍ଘନ କରିବାକୁ ହେବ । ଆପଣ ମଧ୍ୟ କହିସାରିଛନ୍ତି କୃଷ୍ଣାଙ୍କୁ ଆମେ ସମସ୍ତେ ବିବାହ କରିବୁ । ମୁଁ ସେଥିରେ ଅସମ୍ମତ ହୋଇ ପାପଭାଗୀ ହେବାକୁ ଗ୍ରହେଁ ନାହିଁ । ଆପଣ ବଡ଼ଭାଇ; ଆପଣ ଥାଉ ଥାଉ ମୁଁ କିପରି ଆଗ ବିବାହ କରିବି ? ବରଂ ମୋର ସୁଖ ନଷ୍ଟ ହେଉ, ଧର୍ମ ନଷ୍ଟ ନ ହେଉ । ଧର୍ମ ନଷ୍ଟକରି, ମା' ଏବଂ ବଡ଼ଭାଇଙ୍କର ବଚନକୁ ଲଙ୍ଘନ କରି ଯେଉଁ ସୁଖ ମିଳେ, ତାହା ପ୍ରକୃତ ସୁଖ ନୁହେଁ । ସେଥିରେ ମନର ନିର୍ମଳ ସନ୍ତୋଷ ମିଳେନାହିଁ । ତେଣୁ ଭାଇ, ରାଜକୁମାରୀଙ୍କୁ ଆମେ ସମସ୍ତେ ସମାନ ଭାବରେ ଭୋଗ କରିବା । ସେ ହେବେ ସମସ୍ତଙ୍କର ଧର୍ମପତ୍ନୀ ।"

ମୋର ସ୍ୱାମୀଙ୍କର କଥାଶୁଣି ମୁଁ ବେଳୁ ବେଳ ହୁତାଶନ ଭଳି ଜଳି ଉଠୁଥିଲି । କାମନା କରୁଥିଲି ଯଜ୍ଞକୁଣ୍ଡର ଲେଲିହାନ ଶିଖା ହୋଇ ସେହି ମୁହୂର୍ତ୍ତରେ ମୁଁ ପୃଥିବୀକୁ

Digitized by srujanika@gmail.com

ଧ୍ୱଂସ କରନ୍ତି, ସେଇ ଧ୍ୱଂସକାଣ୍ଡ ଭିତରେ ଭସ୍ମ କରିଦିଅନ୍ତି ଏଇ ସ୍ୱାର୍ଥପର ପାଞ୍ଚଭାଇଙ୍କୁ। ତା'ରି ଭିତରେ ମୋର ସ୍ୱାମୀ ମୁଠାଏ ପାଉଁଶରେ ପରିଣତ ହୋଇଗଲେ ମଧ୍ୟ ମୁଁ ଦୁଃଖ କରନ୍ତି ନାହିଁ । ନିଜର ଧର୍ମ ନଷ୍ଟ ହେବା ଭୟରେ ଯିଏ ପତ୍ନୀକୁ ନିର୍ବିକାର ଚିତ୍ତରେ ଅନ୍ୟପୁରୁଷଙ୍କୁ ଦାନ କରି ଦେଇପାରେ ସେ ପୃଥିବୀର ଶ୍ରେଷ୍ଠ ଧର୍ମବନ୍ତ ପୁରୁଷ ହୋଇପାରନ୍ତି; ମାତ୍ର କୌଣସିକାଳେ ଜଣେ ବିଗ୍ଧରଶୀଳା ସ୍ତ୍ରୀ'ର ଉପଯୁକ୍ତ ସ୍ୱାମୀ ହୋଇପାରିବେ ନାହିଁ ।

ମନର କ୍ଷୋଭରେ ମୁଁ ଭିତରେ ଭିତରେ ଜଳୁଥାଏ । ଅନ୍ତର ବିଦ୍ରୋହ କରୁଥିଲେ ବି ମୁଖରେ ଭାଷା ନଥାଏ । ବୋଧହୁଏ ମୋର ମନକଥା ମା' ଜାଣିପାରୁଥିଲେ । ସେ ଜଣେ ନାରୀ । ତେଣୁ ଏ କ୍ଷେତ୍ରରେ ଜଣେ ନାରୀର ମନୋଭାବ ବୁଝିବା ତାଙ୍କ ପକ୍ଷେ ସ୍ୱାଭାବିକ କଥା ।

ସେ କୋମଳ, ସହାନୁଭୂତିଭରା ସ୍ୱରରେ କହିଲେ — ''ଶୁଣିଛି ରାଜକୁମାରୀ କୃଷ୍ଣା ଜ୍ଞାନବତୀ, ବୁଦ୍ଧିମତୀ, ବହୁଶାସ୍ତ୍ରବିଶାରଦା । ଏଭଳି ଏକ ବିଷମ ସଙ୍କଟଜନକ ପରିସ୍ଥିତିର ସମାଧାନ ସେ ନିଜେ କରନ୍ତୁ । ଜୋର କରି ତାଙ୍କ ଉପରେ ଆମମାନଙ୍କର ମତ ଗ୍ୱପିଦେବା ଠିକ୍ ହେବ ନାହିଁ ।''

ଠିକ୍ ସେତିକିବେଳେ ବହୁଶାସ୍ତ୍ରବିଶାରଦ ପ୍ରଭୁ ବ୍ୟାସଦେବ ସେଠାରେ ଆସି ଉପସ୍ଥିତ ହେଲେ । ମୁଁ ମନେ ମନେ ଭାବିଲି ବ୍ୟାସଦେବଙ୍କର ଏହି ବ୍ରାହ୍ମଣ ପରିବାର ସହ ସମ୍ପର୍କ କ'ଣ ? ଏଭଳି ପରିସ୍ଥିତିରେ ସେ ଏଠାରେ କେମିତି ପହଞ୍ଚିଲେ ? ଯଦି ଈଶ୍ୱରଙ୍କ କୃପାରୁ ସେ ଆସିଛନ୍ତି ଏ ସମସ୍ୟାର ସମାଧାନ ସେ କରିବା ଉଚିତ । ମୋ ଉପରେ ସମାଧାନର ଦାୟିତ୍ୱ ଛାଡ଼ିଦେଇ ମା' ନିଜ ଉପରୁ ଦୋଷ ଛିଣ୍ଡାଇବାକୁ ଗ୍ୱହାନ୍ତି। ବଡ଼ଭାଇ ପ୍ରଥମରୁ ସାପ ମରିବନି ବାଡ଼ି ଭାଙ୍ଗିବନି ନୀତିରେ କଥାବାର୍ତ୍ତା କରୁଛନ୍ତି । ମୋର ସ୍ୱାମୀ ମଧ୍ୟ ନିଜକୁ ଦୋଷମୁକ୍ତ କରିବା ପାଇଁ ବ୍ୟାକୁଳ । ଏ ପରିସ୍ଥିତିରେ ମୁଁ କ'ଣ କରିବି ?

ବ୍ୟାସଦେବ ସବୁକଥା ଶୁଣି ଗମ୍ଭୀର ହେଲେ । ଭାବମଗ୍ନ ହେଲେ । ମା' ନମ୍ରକଣ୍ଠରେ କହିଲେ — ''ପ୍ରଥମରୁ କୃଷ୍ଣାଙ୍କୁ ଲାଭ କରିଛନ୍ତି କହିଥିଲେ ଏତେ ଅଡୁଆ ହୋଇ ନଥା'ନ୍ତା । ବର୍ତ୍ତମାନ ଏପରି ଉପାୟ କରନ୍ତୁ, ଯାହାଦ୍ୱାରା ମୋର ବଚନ ରକ୍ଷା ହେବ, ମୋର ପୁତ୍ରମାନେ ମାତାଙ୍କର ସତ୍ୟ ଲଙ୍ଘନ କରିବାର ପାପରେ ଭାଗୀ ହେବେ ନାହିଁ । ପୁଣି ରାଜକୁମାରୀ କୃଷ୍ଣାଙ୍କୁ ମଧ୍ୟ ପାପ ସ୍ପର୍ଶ କରିବ ନାହିଁ ।''

ମୁଁ ଭାବୁଥିଲି, ଦୁଇଟି ବିରୋଧଭାବାପନ୍ନ କଥା ଏକସଙ୍ଗେ ସମ୍ଭବ ହେବ କିପରି ? ମୋର ମନେହେଲା ବଡ଼ଭାଇ ଜାଣି ଜାଣି ଏପରି ଏକ ଦ୍ୱିଅର୍ଥବୋଧକ

Digitized by srujanika@gmail.com

ବାକ୍ୟ କହି ମା'ଙ୍କୁ ମୋର ଆଗମନ ସମ୍ବାଦ ଜଣାଇଛନ୍ତି । ବଡ଼ଭାଇ ଜାଣନ୍ତି ପ୍ରତିଦିନ ଭିକ୍ଷାଲବ୍ଧ ଧନକୁ ଭାଇମାନେ ସମାନ ସମାନ ଭାବେ ବାଣ୍ଟି ଭୋଗ କରିବା ପାଇଁ ମା' ନିର୍ଦ୍ଦେଶ ଦିଅନ୍ତି । ତେଣୁ ମା'ଙ୍କ ଠାରୁ ସେଭଳି ଏକ ଉତ୍ତର ପାଇବାରେ ସେ ଅତ୍ୟନ୍ତ ଅଭ୍ୟସ୍ତ । ତେବେ ସେ କାହିଁକି ପରିଷ୍କାର ଭାବେ କହିଲେ ନାହିଁ — "ମା, ରାଜକୁମାରୀ କୃଷ୍ଣାଙ୍କୁ ତମର ମଧ୍ୟମ ପୁତ୍ର ସ୍ୱୟମ୍ବରରେ ଜୟକରି ବରଣମାଳା ଲାଭ କରିଛନ୍ତି । ଦେଖ ତମର ମଧ୍ୟମ ପୁତ୍ରବଧୂ ତମ ଦ୍ୱାରରେ ଆଶୀର୍ବାଦ ପାଇଁ ଅପେକ୍ଷା କରିଛନ୍ତି ।" ତେଣୁ ସେ ଯଦି କଥାଟାକୁ ଖୋଲାଖୋଲି ଭାବେ ପ୍ରକାଶ କରିନାହାନ୍ତି, ଏକଥା ସ୍ପଷ୍ଟ ଅନୁମେୟ ଯେ ତାଙ୍କର ବାକ୍ୟ ଅଭିସନ୍ଧିମୂଳକ । ଦ୍ୱାର ଖୋଲିବା ପୂର୍ବରୁ ସୁନ୍ଦର ପଦାର୍ଥକୁ ପାଞ୍ଚଭାଇ ଭୋଗ କରନ୍ତୁ ବୋଲି ମା' କହିବେ ଜାଣି ସେ ଏଭଳି ବାକ୍ୟ କହିଛନ୍ତି । ହୁଏତ ମୋର ରୂପରେ ଅନ୍ୟମାନଙ୍କ ପରି ସେ ମୁଗ୍ଧ ହୋଇଛନ୍ତି ଏବଂ ମତେ ଲାଭ କରିବା ପାଇଁ ଏହି ଷଡ଼ଯନ୍ତ୍ର କରିଛନ୍ତି । ଅନ୍ୟ ଭାଇମାନେ ମଧ୍ୟ ମୋ ପ୍ରତି ଆକୃଷ୍ଟ ହୋଇଥିବେ । ତେଣୁ ସେମାନେ ଏଭଳି ସୁଯୋଗକୁ ହାତଛଡ଼ା କରିବେ କାହିଁକି ?

ମୁଁ ଆକାଶ ପାତାଳ ଭାବୁଥାଏ । ଶୁଣିଲି ବ୍ୟାସଦେବ ମା'ଙ୍କୁ କହୁଛନ୍ତି — "ତମେ ତ ଜାଣ ମୁଁ ତୁମକୁ ସମ୍ବାଦ ଦେଇଥିଲି ପାଞ୍ଚଭାଇଙ୍କୁ ପାଞ୍ଚାଳ ରାଜନନ୍ଦିନୀଙ୍କ ସ୍ୱୟମ୍ବର ସଭାକୁ ପଠାଇବା ପାଇଁ । ତମେ ଏକଥା ମଧ୍ୟ ଜାଣିଥିଲ ଯେ ସ୍ୱୟମ୍ବରର ବିଷମ ସର୍ତ୍ତକୁ ତମର ମଧ୍ୟମ ପୁତ୍ର ଛଡ଼ା ଅନ୍ୟ କେହି ପୂରଣ କରିପାରିବା ସମ୍ଭବ ନୁହେଁ। ତେଣୁ ସବୁ ବିଷୟ ଅବଗତ ହୋଇ ମଧ୍ୟ ତମର ପୁତ୍ରମାନଙ୍କ ପ୍ରତି ଯଦି ଏଭଳି ନିର୍ଦ୍ଦେଶ ପ୍ରକାଶ ପାଇଯାଇଛି, ସେଥିରେ ଆଉ କରିବାର ଅଛି କ'ଣ ? ତମେ ଏକଥା ମଧ୍ୟ ଜାଣ ଯେ ପୃଥ୍ୱୀ ପ୍ରଳୟ ହୋଇଗଲେ ମଧ୍ୟ ତମର ପୁତ୍ରମାନେ ତମ ବଚନକୁ ଲଙ୍ଘନ କରିବେ ନାହିଁ । ଯାହା ଘଟିବାର ଥିଲା ଘଟିଯାଇଛି । ଅନୁଶୋଚନା କଲେ ତମର ବଚନ ଆଉ ଫେରସ୍ତ ନେଇହେବ ନାହିଁ । ତେଣୁ ରାଜକୁମାରୀ କୃଷ୍ଣାଙ୍କ ଉପରେ ସବୁ ବିଷୟ ଛାଡ଼ି ଦିଆଯାଉ । ପତି ନିର୍ବାଚନର ସ୍ୱାଧୀନତା ଆର୍ଯ୍ୟକନ୍ୟାଙ୍କର ଅଛି । ଆମେ ସେଥିରେ ହସ୍ତକ୍ଷେପ କରିବା କାହିଁକି ?"

ଗୁରୁଦେବ ଦ୍ୱୈପାୟନଙ୍କର କଥା ମତେ ବ୍ୟଥିତ କଲାନାହିଁ, ହତଚକିତ କରିଦେଲା । ଭାବିଲି ଏ ପୃଥିବୀରେ କେହି ନିଜ ଉପରକୁ ଦୋଷ ମାଗିନିଏ ନାହିଁ । ସମସ୍ତେ ଅନ୍ୟ ଉପରେ ଦାୟିତ୍ୱ ନ୍ୟସ୍ତ କରି ଦୋଷମୁକ୍ତ ହେବାକୁ ତତ୍ପର । ମା' କ'ଣ ଗ୍ରହାନ୍ତି, ବଡ଼ଭାଇ କ'ଣ ଗ୍ରହାନ୍ତି, ଗୁରୁଦେବ କ'ଣ ଗ୍ରହାନ୍ତି ମୁଁ ଜାଣେ । ମୁଁ ସ୍ପଷ୍ଟ କହିଦେବାକୁ ଗ୍ରହେଁ ଯେ ମୋର ସ୍ୱାମୀ ଜଣେ, ଯିଏ ମତେ ଜୟ କରିଛନ୍ତି, ଯାହାଙ୍କୁ ମୁଁ ବରଣ କରିଛି । ମାତ୍ର ତା'ଦ୍ୱାରା ମା'ଙ୍କର ସତ୍ୟରକ୍ଷା ହେବନାହିଁ । ଭାଇମାନେ

Digitized by srujanika@gmail.com

ମାତାଙ୍କ ବଚନ ଲଙ୍ଘନ କରିବା ଦୋଷରେ ଅଭିଯୁକ୍ତ ହେବେ । ମୋର ସ୍ୱାମୀ ମଧ୍ୟ ସେଇ ଦୋଷରେ ଅଭିଯୁକ୍ତ ହେବେ । ବରଂ ବେଶିଭାଗ ଦୋଷ ଲାଗିବ ମୋର ସ୍ୱାମୀଙ୍କୁ । ଏଭଳି ପରିସ୍ଥିତିରେ ମୁଁ କ'ଣ ସ୍ୱାମୀଙ୍କ ସହ ସୁଖର ସଂସାର କରିପାରିବି ? ପ୍ରଥମରୁ ହିଁ ମା' ଓ ବଡ଼ଭାଇଙ୍କର ବାକ୍ୟରକ୍ଷା ନ କରିବା ଅପରାଧରେ ମୁଁ ସମସ୍ତଙ୍କ ବିଦ୍ୱେଷଭାଜନ ହେବି । ଶେଷକୁ ମୋର ସ୍ୱାମୀ ମଧ୍ୟ ମତେ ଦୋଷ ଦେବେ ଯେ ମୁଁ ତାଙ୍କୁ ମାତୃବଚନଦ୍ରୋହୀ କରାଇଲି । ଏଭଳି ପରିସ୍ଥିତିରେ ମୁଁ ମୋର ମନକଥା ସ୍ପଷ୍ଟ କହିବି କିପରି ?

ଯଦି ତା' ନ ହୁଏ, ତେବେ ଅନ୍ୟ କଥାଟି ବା ମୁଁ ଗ୍ରହଣ କରିବି କିପରି ? ଜଣେ ନାରୀ ପକ୍ଷେ ପାଞ୍ଚଜଣ ସ୍ୱାମୀଙ୍କୁ ବରଣ କରିବାର ଦୃଷ୍ଟାନ୍ତ କାହିଁ ? ସେଥିରେ ସ୍ତ୍ରୀ ଜାତିର ଯଶ ବଢ଼ିବ ନାହିଁ; ବରଂ ଭବିଷ୍ୟତ ପାଇଁ ଦ୍ରୌପଦୀ ଏକ ନିନ୍ଦିତ, ଲାଞ୍ଛିତ, ଘୃଣ୍ୟ ବ୍ୟକ୍ତିତ୍ୱର ନାରୀ ହୋଇ ପୃଥିବୀର ଇତିହାସରେ ଚିତ୍ରିତା ହେବ । ଏପରିକି କଳିଯୁଗର ବହୁପୁରୁଷଯୁକ୍ତ ଭ୍ରଷ୍ଟା ନାରୀମାନଙ୍କୁ ସମସ୍ତେ 'ଏ ଯୁଗର ଦ୍ରୌପଦୀ' ଆଖ୍ୟା ଦେଇ ମତେ ଉପହାସ କରିବେ । ସେମାନେ କ'ଣ ବୁଝିପାରିବେ କେଉଁ ପରିସ୍ଥିତିରେ ପଡ଼ି ପାଞ୍ଚାଳୀ ହେଲା ପଞ୍ଚପୁରୁଷର ନାୟିକା ? ଅନ୍ୟର ଧର୍ମରକ୍ଷା ପାଇଁ, ସତ୍ୟରକ୍ଷା ପାଇଁ ମୁଁ କାହିଁକି ନିନ୍ଦିତା ହେବି ? ମା'ଙ୍କ ଉପରେ ରାଗ ଆସିଲା । ତାଙ୍କ ପ୍ରତି ବିଦ୍ୱେଷ ଜାତ ହେଲା । ଅଥଚ ତାଙ୍କୁ ଦେଖିବାମାତ୍ରେ ମୁଁ ମା'ଙ୍କୁ ଛାଡ଼ିଆସିବା ଶୋକ ଭୁଲି-ଯାଇଥିଲି । ସେ ସବୁ ଜାଣିଶୁଣି ଏପରି ବାକ୍ୟ କାହିଁକି ଉଚ୍ଚାରଣ କଲେ ? ସେ ତ ପୁଅମାନଙ୍କୁ ପାଞ୍ଚାଳ ଦେଶକୁ ପଠାଇଥିଲେ ଏବଂ ଜାଣିଥିଲେ ତାଙ୍କର ମଧ୍ୟମପୁତ୍ର ନିଶ୍ଚୟ ମତେ ଲାଭ କରିବେ । ଏଭଳି କଥା ପଛରେ ତାଙ୍କର କି ଉଦ୍ଦେଶ୍ୟ ଅଛି ?

ପ୍ରତ୍ୟେକ ମା' ଘ୍ରହେଁ ତା'ର ପୁତ୍ରବଧୂ ରୂପବତୀ, ଜ୍ଞାନବତୀ, ବିଦ୍ୟାବତୀ ହେଉ ବା ନ ହେଉ, ଚରିତ୍ରବତୀ ହେଉ, ସତୀ, ସାଧ୍ୱୀ ହେଉ । ସୂର୍ଯ୍ୟମୁଖୀ ଫୁଲ ଭଳି କେବଳ ଏକପତିକୁ ଧ୍ୟାନକରି ଜୀବନ ବିତାଉ । କିନ୍ତୁ ଏଠାରେ ଏ କି ବିପରୀତ କଥା ! ନିଜର ବଚନ ରକ୍ଷା ପାଇଁ ସେ କିଭଳି ତାଙ୍କର ପୁତ୍ରବଧୂକୁ ପଞ୍ଚପତି ବରଣ କରିବା ପାଇଁ ଇଙ୍ଗିତ ଦେଉଛନ୍ତି !

ମନେହେଲା କଥାଟା ସରଳ ନୁହେଁ । ଯା ପଛରେ କିଛି ନା କିଛି ଗୂଢ଼ ରହସ୍ୟ ରହିଛି । ହୁଏତ କିଛି ମହତ୍ତର ଉଦ୍ଦେଶ୍ୟ ବି ଥାଇପାରେ । କିନ୍ତୁ ଉଦ୍ଦେଶ୍ୟ ଯେତେ ମହତ୍ ହେଉନା କାହିଁକି ମୁଁ କେମିତି ପଞ୍ଚପତି ବରଣ କରିବି ? ମୁଁ ତ ଜଣକୁ ବରଣ କରିସାରିଛି ।

ମନେ ମନେ କୃଷ୍ଣଙ୍କୁ ସ୍ମରଣ କଲି । ମନର ସବୁ କ୍ଷୋଭ ତାଙ୍କରି ପାଖରେ ଅଜାଡ଼ିଦେଲି । ଭାବିଲି ସେ ଯଦି ଉପସ୍ଥିତି ଥା'ନ୍ତେ, ଏ ବିଷମ ସଙ୍କଟରୁ ମୋତେ

Digitized by srujanika@gmail.com

ଉଦ୍ଧାର କରନ୍ତେ । ଏମାନେ ସମସ୍ତେ ମୋ ଦ୍ୱାରା ନିଜର ଉଦ୍ଦେଶ୍ୟ ସାଧିତ କରାଇବାକୁ ଗ୍ରହାନ୍ତି, ଅଥଚ ନିଜେ ଧରାପଡ଼ିବାକୁ ଗ୍ରହାନ୍ତି ନାହିଁ । କୃଷ୍ଣ କିନ୍ତୁ ସେପରି ନୁହନ୍ତି । ଇଙ୍ଗିତରେ ହିଁ ସେ ଜଣାଇ ସାରନ୍ତେଣି ମୋର କ'ଣ କରିବା ଉଚିତ । ନିଜର ସ୍ତ୍ରୀ ଧର୍ମ ମୋ ପାଇଁ ବଡ଼ — ନା ମା'ଙ୍କର ସତ୍ୟରକ୍ଷା, ସ୍ୱାମୀ ଏବଂ ତାଙ୍କ ଭାଇମାନଙ୍କର ଧର୍ମରକ୍ଷା ମୋ ପକ୍ଷେ ବଡ଼ ! ନିଜକୁ ଅନ୍ୟର ଧର୍ମରକ୍ଷା ପାଇଁ ବଳି ଦେବା ମୋର କର୍ତ୍ତବ୍ୟ ନା ନିଜର ଆତ୍ମସମ୍ମାନ ଏବଂ ଆନନ୍ଦ ଲାଭ ପାଇଁ ଏକପତି ବରଣ କରିବା ମୋର କର୍ତ୍ତବ୍ୟ, ମୁଁ ନିଜେ ବୁଝିପାରୁନି । ମନେ ମନେ କହିଲି, "ହେ ଗୋବିନ୍ଦ ! ତୁମକୁ ସଖା ଭାବେ ଗ୍ରହଣ କରିଛି, ତମ ପାଖରେ ନିଜକୁ ସମର୍ପଣ କରିଛି । ଆର୍ଯ୍ୟାବର୍ତ୍ତରେ ତମେ ହେଉଛ ସବୁଠୁ ଜ୍ଞାନୀ, ଗୁଣୀ, ବିଦ୍ୱତ୍ତରବନ୍ତ । ତମେ କ'ଣ ଜାଣି ନଥିଲ ଏହି ବ୍ରାହ୍ମଣମାନେ ନିଜର ଧର୍ମଯଜ୍ଞରେ କୃଷ୍ଣାକୁ ବଳି ଦେବା ପାଇଁ ଏଭଳି ନାଟକ ରଚନା କରିବେ ବୋଲି ! ତେବେ ତମେ ସେଇ ଇଙ୍ଗିତ ଦେଲନାହିଁ କାହିଁକି ? ବର୍ତ୍ତମାନ ମୁଁ କରେ କ'ଣ ?"

ବେଳେବେଳେ ଏଭଳି ଆକସ୍ମିକ ଘଟଣା ବି ଘଟେ । ମୁଁ ସ୍ମରଣ କଲାମାତ୍ରେ ଦ୍ୱାର ସମ୍ମୁଖରେ କୃଷ୍ଣ ଏବଂ ବଳରାମ ଉଭା !

ମା'ଙ୍କୁ ସେମାନେ ପ୍ରଣାମ କଲେ । ମା' ଅତ୍ୟନ୍ତ ସ୍ନେହରେ କୃଷ୍ଣ ବଳରାମଙ୍କୁ କୋଳାଗ୍ରତ କଲେ ଏବଂ କୃତଜ୍ଞତା ପ୍ରଦର୍ଶନ କରି କହିଲେ — "ଗୋବିନ୍ଦ ! ତମର ଅଶେଷ ଦୂରଦର୍ଶିତା ଯୋଗୁଁ ଆମ୍ଭେମାନେ ଦୁର୍ଯ୍ୟୋଧନର ଭୟଙ୍କର ଚକ୍ରାନ୍ତରୁ ପରିତ୍ରାଣ ପାଇଛୁ ଏବଂ ଅବଶେଷରେ ରାଜକୁମାରୀ କୃଷ୍ଣାଙ୍କୁ ପ୍ରାପ୍ତ ହୋଇଛୁ । ବର୍ତ୍ତମାନ କୃଷ୍ଣାଙ୍କୁ ନେଇ ବିଷମ ପରିସ୍ଥିତି ସୃଷ୍ଟି ହୋଇଛି । କ'ଣ କଲେ ସମସ୍ତଙ୍କର ଧର୍ମରକ୍ଷା ହେବ ତମେ ହିଁ ବୁଦ୍ଧି ଦେବ ।"

ମୋର ସମଗ୍ର ଶରୀର ରୋମାଞ୍ଚିତ ହୋଇଗଲା । ଆନନ୍ଦ, ବିସ୍ମୟ ଏବଂ ଆଶାତୀତ ସୁଖର କଳ୍ପନାର ମୁଁ ବିମୂଢ଼ା ହୋଇଗଲି । ତେବେ ମଧ୍ୟମପାଣ୍ଡବ ଅର୍ଜୁନ ହିମତେ ଜୟ କରିଛନ୍ତି । ଯାହାଙ୍କ ପାଖରେ ମୁଁ ନିଜକୁ ସମର୍ପଣ କରିଥିଲି, ତାଙ୍କୁ ହିଁ ମୁଁ ପ୍ରାପ୍ତ ହୋଇଛି ! ଗୋବିନ୍ଦ ତେବେ ସବୁ ଜାଣିଶୁଣି ଏଭଳି ନାଟକ ରଚନା କରିଥିଲେ । ଅନ୍ୟର ଦୁଃଖ ସୁଖକୁ ନେଇ ନାଟକ ରଚନାରେ ଗୋବିନ୍ଦ ସିଦ୍ଧହସ୍ତ । ତାଙ୍କ ପାଖରେ ମୁଁ କି ଭାବରେ କୃତଜ୍ଞତା ଜଣାଇବି ?

କୃଷ୍ଣ ଦୁଷ୍ଟାମିର ହସ ହସି କହିଲେ — "ବରବର୍ଣ୍ଣିନୀ କୃଷ୍ଣାଙ୍କ ପ୍ରତି କିଏ ବା ଆକୃଷ୍ଟ ନ ହେବ ! ଯିଏ ଆକୃଷ୍ଟ ନୁହେଁ, ସେ ହୁଏତ ପୁରୁଷ ନୁହେଁ, ସେ କ୍ଲୀବ ନତେତ୍ ଜଡ଼ । ତେଣୁ କୃଷ୍ଣାଙ୍କ ପାଇଁ ବର୍ତ୍ତମାନ ସମଗ୍ର ଭାରତ ଭୂଖଣ୍ଡରେ ଘୋର ବିବାଦର ସୂତ୍ରପାତ ହୋଇଛି । ଅର୍ଜୁନ କୃଷ୍ଣାଙ୍କୁ ଲାଭ କରିଛନ୍ତି ବୋଲି ଅନ୍ୟ ସମସ୍ତ ଦେଶର

Digitized by srujanika@gmail.com

ରାଜା ଅସହିଷ୍ଣୁ ହୋଇଉଠିଛନ୍ତି । ଈର୍ଷା ଏବଂ ବିଫଳତାର ଗ୍ଲାନିରେ ସେମାନେ ବିଦ୍ରୋହର ସୂତ୍ର ଖୋଜୁଛନ୍ତି । ସେମାନଙ୍କର ବା ଦୋଷ କ'ଣ ? କୃଷ୍ଣାଙ୍କୁ ଥରେ ଯିଏ ଦେଖିଛି, ସେ ତାଙ୍କୁ ଲାଭ ନ କରି କିପରି ବା ଶାନ୍ତିରେ ରହିପାରିବ ! ତେଣୁ ଏହି ପାଣ୍ଡବ ପାଞ୍ଚଭାଇଙ୍କ ଭିତରେ ମଧ୍ୟ କୃଷ୍ଣାଙ୍କୁ ନେଇ ଭବିଷ୍ୟତରେ ଭ୍ରାତୃବିବାଦ ଉପୁଜିବାର ବହୁ ସମ୍ଭାବନା ଅଛି । ଲଜ୍ଜାବଶତଃ ମୁହଁରେ ନ କହିଲେ ବି ଧର୍ମକୁ ସାକ୍ଷୀ ରଖି କିଏ କହିପାରିବ ଯେ କୃଷ୍ଣାଙ୍କ ପ୍ରତି ସେ ଆସକ୍ତ ନୁହେଁ ଏବଂ ଅର୍ଜୁନ ଏକା କୃଷ୍ଣାଙ୍କୁ ପ୍ରାପ୍ତ ହେଲେ ସେ ଈର୍ଷାନ୍ୱିତ ହେବନାହିଁ ବୋଲି ! କ'ଣ ଭୀମ ! ତମେ କ'ଣ ମନେ ମନେ ତମର ରାକ୍ଷସୀ ପତ୍ନୀ ହିଡ଼ିମ୍ବା ସହିତ କୃଷ୍ଣାଙ୍କୁ ତୁଳନା କରି ନିଜ ଭାଗ୍ୟକୁ ଧିକ୍‌କାର କରୁନାହଁ ଏବଂ ଅର୍ଜୁନଙ୍କ ପ୍ରତି ଈର୍ଷାନ୍ୱିତ ହେଉନାହଁ ! ବରଂ ମା'ଙ୍କ ମୁଖରୁ ଭୁଲବଶତଃ ଏଭଳି ଏକ ବାକ୍ୟ ପ୍ରକାଶ ପାଇଯିବା ସମସ୍ତଙ୍କ ପାଇଁ ଶୁଭପ୍ରଦ ହୋଇଛି । ଯୁଧିଷ୍ଠିର ନିଶ୍ଚୟ ଏସବୁ କଥା ବିଗ୍ରର କରି ସମସ୍ତଙ୍କର ଧର୍ମ ରକ୍ଷା ପାଇଁ ଏବଂ ପୃଥିବୀରେ ଧର୍ମ ସ୍ଥାପନା ପାଇଁ ଏଭଳି ଏକ ପରିସ୍ଥିତି ସୃଷ୍ଟି କରିଛନ୍ତି । ପ୍ରକୃତରେ ପାଣ୍ଡବ ପାଞ୍ଚଭାଇଙ୍କ ଭିତରେ ଏକତା ନ ରହିଲେ ଦୁରାତ୍ମା ଶହେ ଭାଇ କୌରବଙ୍କୁ ଦମନ କରିବା ସମ୍ଭବ ହେବନାହିଁ । ଏକତା ହିଁ ସଫଳତା ଏବଂ ସଙ୍ଗଠନର ମୂଳମନ୍ତ୍ର । ସ୍ତ୍ରୀମାନଙ୍କ ପାଇଁ ପରିବାର ଏକତା ନଷ୍ଟ ହୁଏ । ତେଣୁ ଯୁଧିଷ୍ଠିର ପାଞ୍ଚପାଣ୍ଡବଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବା ପାଇଁ କୃଷ୍ଣାଙ୍କୁ ସମସ୍ତଙ୍କର ଅର୍ଦ୍ଧାଙ୍ଗୀ କରିବା ପାଇଁ ସ୍ଥିର କରିଛନ୍ତି । ଏଥିରେ ମୋର ଆଉ କରିବାର ଅଛି କ'ଣ ? ମୁଁ ତ ଆଉ ପାଞ୍ଚ ଭାଇଙ୍କର ଦାୟିତ୍ୱ ମୁଣ୍ଡାଇବି ନାହିଁ । ଯିଏ ସେ ଦାୟିତ୍ୱ ମୁଣ୍ଡାଇବେ ସେ ବିଗ୍ରର କରନ୍ତୁ । କଥାଟା ତାଙ୍କ ପକ୍ଷେ ସମ୍ଭବ କି ନା —''

ମୋର ମହନୀୟତା, ଜ୍ଞାନ, ବିଗ୍ରରବୁଦ୍ଧି ଏବଂ ସତୀତ୍ୱର ପରାକାଷ୍ଠା ପରଖିବା ପାଇଁ ଏ ଯେମିତି ମୋ ପକ୍ଷରେ ଏକ ଆହ୍ୱାନ । ଏ ଏକ ବିଷମ ପରିସ୍ଥିତି । ମୁଁ ଅତ୍ୟନ୍ତ ଆନନ୍ଦିତା ଯେ ଅର୍ଜୁନଙ୍କୁ ମୁଁ ସ୍ୱାମୀ ରୂପେ ପାଇଛି, ପୁଣି ମୁଁ ବିଚଳିତା ଯେ ମତେ ଅର୍ଜୁନଙ୍କ ସମେତ ପଞ୍ଚପତିଙ୍କୁ ବରଣ କରିବାକୁ ହେବ ।

ପାଣ୍ଡବ ପାଞ୍ଚଭାଇଙ୍କ ମଧ୍ୟରେ ଐକ୍ୟ ସ୍ଥାପନ ପାଇଁ ମୁଁ ହେବି ସମସ୍ତଙ୍କର ପତ୍ନୀ । ପୃଥିବୀରେ ଧର୍ମସ୍ଥାପନ କରିବେ ପାଣ୍ଡବ ପାଞ୍ଚଭାଇ । ସେମାନେ ଏକ ନ ହେଲେ ପୃଥିବୀରେ ଧର୍ମର ପରାଜୟ ସୁନିଶ୍ଚିତ । ତେଣୁ ମୋର ଭୂମିକା ଏଠାରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଆଉ ଦିନେ ପ୍ରଭୁ ରାମଚନ୍ଦ୍ର ପୃଥିବୀରେ ଅବତରି ଥିଲେ ଧର୍ମସଂସ୍ଥାପନା ପାଇଁ । ସେମାନେ ମଧ୍ୟ ଥିଲେ ଘରିଭାଇ । ସତୀ ସୀତାଙ୍କୁ ସେତେବେଳେ ଏଭଳି ପରିସ୍ଥିତିରେ

Digitized by srujanika@gmail.com

ସମ୍ମୁଖୀନ ହେବାକୁ ପଡ଼ିନଥିଲା ତ ! ରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନଙ୍କ ମଧ୍ୟରେ ଏକତା ରକ୍ଷାକରିବା ପାଇଁ ସୀତା ତେବେ ଘରିଭାଇଙ୍କୁ ବିବାହ କଲେନାହିଁ କାହିଁକି ? ବୋଧହୁଏ ସେ ଥିଲେ ଜଗତ୍‌ଜନନୀ, ମା' ଲକ୍ଷ୍ମୀ, ଆଉ ମୁଁ ଜଣେ ସାଧାରଣ ମର୍ତ୍ତ୍ୟର ମାନବୀ । ସେଥିପାଇଁ ମୋର ଏ ପରୀକ୍ଷା — ମୋର ଏ ବିଡ଼ମ୍ବିତ ପତି ନିର୍ବାଚନ !

ସୀତାଙ୍କୁ ପତ୍ନୀ ଭାବରେ ନ ପାଇଲେ ମଧ୍ୟ ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ, ରାମଚନ୍ଦ୍ରଙ୍କର ଅନୁଗତ ଭ୍ରାତା ହୋଇ ରହିଥିଲେ । ମୋ ବ୍ୟତିରେକେ ପାଣ୍ଡବ ପାଞ୍ଚଭାଇ ପରସ୍ପର ପ୍ରତି ଅନୁଗତ ହୋଇ ରହିବେନି କାହିଁକି ?

ସତୀ ସୀତା ଏଭଳି ପରିସ୍ଥିତିରେ ପଡ଼ିଥିଲେ କ'ଣ କରିଥା'ନ୍ତେ ? ହୁଏତ ସେ ମା' ଧରିତ୍ରୀର ଶରଣ ପଶିଥା'ନ୍ତେ, କହିଥା'ନ୍ତେ — "ମାତା ଧରିତ୍ରି, ତୁ ମତେ କୋଳରେ ସ୍ଥାନ ଦେଇ ମୋର ଏ ଲଜ୍ଜା ଦୂର କର ।" ମାତ୍ର ମୁଁ ସୀତାଙ୍କ ପରି ସହିଷ୍ଣୁ, ସର୍ବଂସହା ନୁହେଁ କିମ୍ବା ଦୁଃଖରେ, ଲଜ୍ଜାରେ ମୁହଁ ଘୋଡ଼େଇ ପଳାୟନ କରିବା ମୋର ସ୍ୱଭାବଗତ ଗୁଣ ନୁହେଁ । ଦରକାର ପଡ଼ିଲେ ମୁଁ ବିପ୍ଳବ କରିପାରେ, ପ୍ରତିହିଂସା ବି ନେଇପାରେ, ତେଣୁ ମୁଁ ଶାଘ୍ର ସିଦ୍ଧାନ୍ତରେ ଉପନୀତ ହେଲି । ମୋର ସିଦ୍ଧାନ୍ତକୁ ସମସ୍ତେ ଯେ ଅପେକ୍ଷା କରିଛନ୍ତି, କୃଷ୍ଣଙ୍କ ଇଙ୍ଗିତରୁ ମୁଁ ଏତିକି ବୁଝିଲି, ବୃହତ୍ ସ୍ୱାର୍ଥ ପାଇଁ କ୍ଷୁଦ୍ରତର ସ୍ୱାର୍ଥକୁ ବଳି ଦିଆଯାଇପାରେ । ମୁଁ ଯଦି ପଞ୍ଚପତି ବରଣ ନ କରେ ତେବେ ସତୀ ଭାବରେ ମୋର ଯଶବୃଦ୍ଧି ହୋଇପାରେ, କିନ୍ତୁ ସେଥିରେ ମା'ଙ୍କର ବଚନ ରକ୍ଷା ହେବ ନାହିଁ, ପାଣ୍ଡବମାନଙ୍କର ସତ୍ୟରକ୍ଷା ହେବନାହିଁ, ପୁଣି ପୃଥିବୀରେ ଧର୍ମସ୍ଥାପନାରେ ବାଧା ବି ଉପୁଜିପାରେ । ତେଣୁ ଏଠାରେ 'ମୁଁ' କୁ ବଳି ଦିଆଯାଇପାରେ ।

ମୁଁ ଯାଜ୍ଞସେନୀ । ଧର୍ମରକ୍ଷା ପାଇଁ ମୋର ଜନ୍ମ । ଏଇ ନଶ୍ୱର ଦେହଟା ପାଇଁ ଲୋଭାତୁର ହୋଇ ଯଦି ପାଣ୍ଡବ ପାଞ୍ଚଭାଇଙ୍କ ଭଳି ବୀର, ବିଗ୍ରବନ୍ତ, ଜ୍ଞାନୀ ଏବଂ ସୁପୁରୁଷଗଣ ମା'ଙ୍କ ପାଖରେ ସତ୍ୟବଦ୍ଧ ହୋଇଛନ୍ତି, ତେବେ ତାଙ୍କର ଧର୍ମଯଜ୍ଞରେ ମୋର ଏ ଶରୀର ଆହୁତି ହେଉ । ପ୍ରକୃତରେ ଏ ଦେହ ବା କ'ଣ ? କେଉଁଠୁ ଏହା ଆସେ — କେଉଁଠାକୁ ଯାଏ — ତା' ତ ମୁଁ ଜାଣେନା । ଏ ଦେହ ତ 'ମୁଁ' ନୁହେଁ, ମୋର ହାତ ଗୋଡ଼, ଅଙ୍ଗପ୍ରତ୍ୟଙ୍ଗ ତ କୃଷ୍ଣା ନୁହେଁ, ମୋର ଶରୀରର କୌଣସି ଏକ ଅଂଶ ତ କୃଷ୍ଣା ନୁହେଁ — ତେବେ ସେଇ ଶରୀରଟାକୁ ସମସ୍ତେ ଲାଭକରି ସୁଖୀ ହୁଅନ୍ତୁ । ଐକ୍ୟବଦ୍ଧ ହୁଅନ୍ତୁ । ମୁଁ ବାଧା ଦେବି କାହିଁକି ? କ୍ଷିତି, ଆପ, ତେଜ, ମରୁତ, ବ୍ୟୋମ ଏହି ପଞ୍ଚଭୂତରୁ ଜାତ ଶରୀର ପଞ୍ଚପତିଙ୍କୁ ଉତ୍ସର୍ଗ କରି ମୁଁ କ'ଣ ସତୀ ହୋଇ ରହିପାରିବିନି ? ସତୀର ସଜ୍ଞା କ'ଣ ? ମୁଁ ଜାଣେ ସ୍ୱାମୀ ପ୍ରତି ବିଶ୍ୱସ୍ତ ହୋଇ ରହିବା ହିଁ ସତୀତ୍ୱ । ମତେ ପଞ୍ଚପତିଙ୍କ ପାଖରେ ବିଶ୍ୱସ୍ତା ହୋଇ ରହିବାକୁ ହେବ । ନିଜକୁ

Digitized by srujanika@gmail.com

ଜଣକ ପାଖରେ ସମର୍ପଣ କଲାବେଳେ ସଂପୂର୍ଣ୍ଣଭାବେ ସମର୍ପଣ କରିବାକୁ ହେବ । ଯଦି ତା' ନହୁଏ ତେବେ ମୁଁ ହେବି ଅସତୀ । ଭାବିଲି, ମଣିଷର ମନ ଏତେ ଅବିଶ୍ୱାସୀ ଆଉ ରହସ୍ୟମୟ ଯେ ସେ ସଂପୂର୍ଣ୍ଣଭାବେ କାହା ପାଖରେ ସମର୍ପିତ ହୁଏ କି ନା ତାହା ମଣିଷ ନିଜେ ମଧ୍ୟ ଜାଣିବା କଷ୍ଟ । ତେଣୁ ମୁଁ ଯଦି ସେଥିପାଇଁ ଅସତୀ ହୁଏ, ତା'ହେଲେ ଦୁଃଖ ନାହିଁ — ପାଞ୍ଚଭାଇଙ୍କୁ ପତିରୂପେ ପାଇବା ଭିତରେ ଅର୍ଜୁନଙ୍କୁ ମଧ୍ୟ ମୁଁ ଯେ ପତି ରୂପେ ପାଇବି, ସେତିକି ମୋର ସବୁ ଦୁଃଖ, ଗ୍ଲାନି ଏବଂ କ୍ଷୋଭକୁ ଦୂର କରିଦେଲା ।

ମୁଁ ସ୍ଥିର ନିଷ୍କମ୍ପ ସ୍ୱରରେ ସିଦ୍ଧାନ୍ତ ନେଲି — ''ପାଣ୍ଡବ ପାଞ୍ଚଭାଇଙ୍କୁ ମୁଁ ପତି ଭାବରେ ଗ୍ରହଣ କରିବି ।''

ଦେଖିଲି ମା'ଙ୍କର ମୁଖ ଉଜ୍ଜ୍ୱଳ ହେଲା । ସେ ମତେ ଆଶୀର୍ବାଦ କଲେ — ''ଯଶସ୍ୱିନୀ ହୁଅ ।'' ଆଗାମୀ ଯୁଗର ନରନାରୀଗଣ ପଞ୍ଚପତିଙ୍କୁ ବରଣ କରିଥିବା ପାଞ୍ଚାଳୀଙ୍କର କି ଯଶଗାନ କରିବେ, ତାହା ହିଁ ଚିନ୍ତାକରି ମୁଁ ଅନ୍ୟମନସ୍କା ହୋଇଗଲି । ଆପଣାର ଚିନ୍ତାରେ ମ୍ଲାନ ହୋଇଗଲି ।

ମୋ ଜୀବନର ସମସ୍ତ ଘଟଣା ଯେ ଏଭଳି ନାଟକୀୟ ହୋଇପାରେ, ତା' ମୁଁ ଆଗରୁ କଳ୍ପନା ବି କରିନଥିଲି । ଆଜିଠାରୁ ଜୀବନର ଶେଷମୁହୂର୍ତ୍ତ ପର୍ଯ୍ୟନ୍ତ ମତେ ପ୍ରତିଟି ମୁହୂର୍ତ୍ତରେ ପାଞ୍ଚଟି ଭୂମିକାରେ ଅଭିନୟ କରିବାକୁ ହେବ । ପଞ୍ଚପତିଙ୍କର ବ୍ୟକ୍ତିତ୍ୱ ଏବଂ ରୁଚି ଅନୁଯାୟୀ ମୋର ଏ ପଞ୍ଚଭୂତରେ ଗଢ଼ା ଶରୀର ଓ ମନକୁ ପ୍ରସ୍ତୁତ କରିବାକୁ ହେବ ।

॥ ୮ ॥

ମଧୁଶଯ୍ୟା । ଜୀବନରେ ଆସେ ଥରେ । ମାତ୍ର ମୋ ଜୀବନରେ ତା'ର ପୁନରାବୃତ୍ତି ହୋଇଛି — ପାଞ୍ଚଥର । ପାଞ୍ଚପତିଙ୍କର ପତ୍ନୀ ମୁଁ — ପାଞ୍ଚାଳୀ । ମଧୁଶଯ୍ୟାର ଅନୁଭୂତି ପ୍ରତ୍ୟେକଙ୍କର ଏକାନ୍ତ ନିଜସ୍ୱ ଏବଂ ଗୋପନୀୟ । ମାତ୍ର ମୋର ଅନୁଭୂତି ଅନନ୍ୟ — ଅସାଧାରଣ — ଅନ୍ୟମାନଙ୍କଠାରୁ ଭିନ୍ନ । ତେଣୁ ତାକୁ ପ୍ରକାଶ ନ କଲେ ମୋ ପରିସ୍ଥିତି ବୁଝାଇବି କେମିତି ?

ସେଦିନ କୁମ୍ଭକାର ଗୃହରେ ମୋର ପ୍ରଥମ ରାତ୍ରିଯାପନ — ସ୍ୱାମୀମାନଙ୍କ ସହ — ଶାଶୁଙ୍କ ସହ ।

Digitized by srujanika@gmail.com

କୋଠରି ମାତ୍ର ଗୋଟିଏ । ତୃଣଶଯ୍ୟାରେ କ୍ରମାନ୍ୱୟରେ ଶୋଇଗଲେ ମୋର ପାଞ୍ଚପତି । ଶାଶୁ ଶୋଇଲେ ପୁଅମାନଙ୍କର ମସ୍ତକ ସ୍ପର୍ଶ କରି, ଶଯ୍ୟାର ଉର୍ଦ୍ଧ୍ୱଭାଗରେ । ମୋର ଶଯ୍ୟା ସ୍ୱାମୀମାନଙ୍କର ପାଦତଳେ ।

ମୋର ପଞ୍ଚଭୂତର ଶରୀରକୁ ମୁଡୁଲାକରି ପଞ୍ଚପତିଙ୍କର ଦଶଟି ପାଦ ମୋ ଶରୀର ଉପରେ ସ୍ଥାପିତ ହେବ । ତାହାହିଁ ହେବ ମୋର ଉପଯୁକ୍ତ ସ୍ତ୍ରୀ ଧର୍ମ ।

କିନ୍ତୁ କୌଣସି ସ୍ତ୍ରୀ ପକ୍ଷରେ ଏକସମୟରେ ଏକାଧିକ ପୁରୁଷ ସହ ଶଯ୍ୟାଗ୍ରହଣ କେତେ ଲଜ୍ଜାକର ଏବଂ ଦୁଃଖଦାୟକ, ତା' ମୋ ଛଡ଼ା ଆଉ କିଏ ଜାଣେ ! ପଞ୍ଚପତିଙ୍କର ପଦସ୍ପର୍ଶ ମଧ୍ୟ ଏକ ସମୟରେ ଅନୁଭବ କରିବା ମୋ ପକ୍ଷରେ ଘୋର ଲଜ୍ଜାକର ।

ମୁଁ ନତମୁଖ ହୋଇ ଭାବୁଥିଲି, ବର୍ତ୍ତମାନ ସୁଦ୍ଧା ବିଧିବଦ୍ଧ ଭାବରେ ମୋର ବିବାହ ସମ୍ପନ୍ନ ହୋଇନାହିଁ . ତେଣୁ ମୋର ସ୍ଥାନ ମା'ଙ୍କ ପାଦତଳେ । ମୁଁ ସାରାରାତି ମା'ଙ୍କ ପଦସେବା କରୁଥିଲି ଏବଂ ଜାଣେନା କେଉଁ ଦୁଃଖରେ ଅବାଧ୍ୟ ଅଶ୍ରୁଧାରାରେ ଗୃହର ଚଟାଣ ଭିଜାଉଥିଲି । ମା'ଙ୍କର ପଦସେବା କରୁ କରୁ ମୋ ଆଖିର ଅଶ୍ରୁ ତାଙ୍କ ପାଦସ୍ପର୍ଶ କଲା । ମା' ଚକିତା ହେଲେ ନାହିଁ । ବହୁ ପୂର୍ବରୁ ସେ ଜାଣିଥିଲେ ମୁଁ କାନ୍ଦୁଛି । ସ୍ନପା ଗଳାରେ ସେ କହିଲେ — ''ତୋର ଦୁଃଖ କେଉଁଠି ମୁଁ ଜାଣେ । ମୁଁ ବି ଦିନେ ସ୍ୱୟମ୍ବରରେ ତୋର ଶ୍ୱଶୁରଙ୍କୁ ନିର୍ବାଚନ କରି ସୁଖର କେତେ କଳ୍ପନା କରିଥିଲି । ମାତ୍ର ସେ ହେଲେ ଶାପଗ୍ରସ୍ତ । ସେଥିରେ ବି ମୋର ଦୁଃଖ ନଥିଲା । ଜନନୀ ହେବାର ନିଷ୍ଫଳ କାମନାରେ ମୁଁ କେବେ ଭାଗ୍ୟକୁ ଧିକ୍‌କାର କରିନଥିଲି । ସ୍ୱାମୀଙ୍କ ପାଦପଦ୍ମରେ ଧ୍ୟାନରଖି ତାଙ୍କୁ ସୁଖୀ କରୁଥିଲି । ମାତ୍ର ବଂଶରକ୍ଷା ପାଇଁ ଏବଂ ରାଜ୍ୟର ସୁରକ୍ଷା ନିମନ୍ତେ ଉପଯୁକ୍ତ ବଂଶଧର ସୃଷ୍ଟି କରିବା ପାଇଁ ସ୍ୱାମୀଙ୍କ ଅନୁରୋଧରେ ମତେ ଧର୍ମଦେବତା, ପବନଦେବ, ଇନ୍ଦ୍ରଦେବ, ଅଶ୍ୱିନୀକୁମାର ପ୍ରଭୃତି ଭିନ୍ନ ଭିନ୍ନ ଦେବତାଙ୍କ ଔରସରୁ ପୁତ୍ରମାନଙ୍କୁ ଗର୍ଭରେ ଧାରଣ କରି ଜନ୍ମ ଦେବାକୁ ହେଲା । ବେଳେବେଳେ ସେଥିପାଇଁ ମତେ ଯେ ଉପହାସ ଏବଂ ବ୍ୟଙ୍ଗର ସାମ୍ନା କରିବାକୁ ପଡ଼େନାହିଁ ସେ କଥା ଭାବିବୁ ନାହିଁ । ସବୁ ମୁଁ ସହ୍ୟ କରିଛି — ମୁଁ କିଛି ପାପ କରିନାହିଁ, ପୁଣ୍ୟ କରିଛି ବୋଲି ମନକୁ ପ୍ରବୋଧନା ଦେଇଛି । କାରଣ ମୁଁ ଯାହା କରିଛି, ତାହା ପୃଥିବୀର ମଙ୍ଗଳସାଧନ ପାଇଁ ଆବଶ୍ୟକ ଥିଲା । ଆଜି ତୁ ଯେଉଁ ପରିସ୍ଥିତିର ସମ୍ମୁଖୀନ ହୋଇଛୁ, ତାହା ମଧ୍ୟ ପୃଥିବୀର ଧର୍ମରକ୍ଷା ପାଇଁ । ତେଣୁ ତୁ ନିଜକୁ ପୁଣ୍ୟବତୀ ଭାବିବା ଉଚିତ । ପୃଥିବୀର କଲ୍ୟାଣ ପାଇଁ ନିଜକୁ ବଳିଦେବାର ଭାଗ୍ୟ କେତେଜଣଙ୍କର ଥାଏ ?''

ହଠାତ୍ ମନେହେଲା — ମା' ଯେପରି ଜାଣି ଜାଣି ମତେ ଏ ପରିସ୍ଥିତିରେ ପକାଇଛନ୍ତି ।

Digitized by srujanika@gmail.com

ସ୍ୱାମୀଙ୍କ ଅନୁରୋଧରେ ହେଉ ପଛକେ, ଭିନ୍ନ ଭିନ୍ନ ଦେବତାଙ୍କ ଔରସରେ ପୁତ୍ରବତୀ ହୋଇଥିବାରୁ ମା'ଙ୍କର ନିଜ ମନ ହୁଏତ ବେଳେବେଳେ ପାପବୋଧ ଓ ଲଜ୍ଜା ସଙ୍କୋଚରେ ଭାରାକ୍ରାନ୍ତ ହେଉଥିବ । ଅନ୍ୟ ନାରୀଙ୍କ ସହ ନିଜକୁ ତୁଳନା କଲାବେଳେ ହୁଏତ ସେ ଗ୍ଲାନିବୋଧ କରୁଥିବେ । ହୁଏତ ଏଥିପାଇଁ ତାଙ୍କୁ କେବେ କେମିତି ବ୍ୟଙ୍ଗବିଦ୍ରୂପର ଶିକାର ହେବାକୁ ହେଉଥିବ । କାଳେ ନିଜ ପୁତ୍ରବଧୂ ପାଖରେ ମା' ନିଜକୁ ଲଜ୍ଜିତା ମନେକରିବେ, ଛୋଟ ମନେକରିବେ, ସେଇଥିପାଇଁ କ'ଣ ମା' ଜାଣିଜାଣି ପଞ୍ଚପତି ବରଣ କରିବାକୁ ପୁତ୍ରବଧୂକୁ ବାଧ୍ୟବାଧକତାରେ ପକାଇ ଦେଇଛନ୍ତି ? ସନ୍ତାନବତୀ ହେବାପାଇଁ ସେ ଭିନ୍ନ ପୁରୁଷଙ୍କର ସଂସର୍ଗ ଲାଭ କରିଥିଲେ ବୋଲି କାଳେ ପୁତ୍ରବଧୂ କେବେ କଟାକ୍ଷ କରିଦେବ, ଶାଶୁଙ୍କୁ କାଳେ ହୀନଦୃଷ୍ଟିରେ ଦେଖିବ, ସେଥିପାଇଁ କ'ଣ ତାଙ୍କର ଏ ଷଡ଼ଯନ୍ତ୍ର ? କିମ୍ବା ବଡ଼ଯାଆ ଗାନ୍ଧାରୀଙ୍କର ଶତପୁତ୍ରଙ୍କୁ ଦମନ କରି ନିଜ ପୁତ୍ରମାନେ ରାଜସିଂହାସନ ହାସଲ କରିବା ନିମନ୍ତେ ଏକମନ ଏକପ୍ରାଣ ହୋଇ ରହିବା ଉଚିତ ବୋଲି ସେ ପୁତ୍ରବଧୂ କୃଷ୍ଣାଙ୍କୁ ଏ ବିଷମ ପରିସ୍ଥିତିରେ ପକାଇଲେ । କାରଣ ଯାହା ବି ହେଉ କଥାଟା ଆଦୌ ଆକସ୍ମିକ ନୁହେଁ, ଏତିକି ଭାବି ମୋର ମନ ଖଣ୍ଡ ବିଖଣ୍ଡ ହୋଇଗଲା ।

ମୋର ଭାଇ ଧୃଷ୍ଟଦ୍ୟୁମ୍ନ ଲୁଚି ଲୁଚି ଆମ୍ଭମାନଙ୍କ ପଛେ ପଛେ ଆସିଥିଲା । ବ୍ରାହ୍ମଣ ପାଞ୍ଚଭାଇଙ୍କର ପ୍ରକୃତ ପରିଚୟ ଜାଣିବା ପାଇଁ ପିତା ତାକୁ ପଠାଇଥିଲେ । ସମସ୍ତ ବିବରଣୀ ସଂଗ୍ରହ କରି ଧୃଷ୍ଟଦ୍ୟୁମ୍ନ ତୁଷ୍ଟ ହୋଇ ପାଞ୍ଚାଳ ରାଜଧାନୀକୁ ଫେରିଯାଇଥିଲେ । ପିତା ତା' ପରଦିନ ପ୍ରତ୍ୟୁଷରୁ ପାଲିଙ୍କି, ଘୋଡ଼ାଗାଡ଼ି ଓ ହାଦୋଳା ପଠାଇଲେ । ପଞ୍ଚପାଣ୍ଡବ, ମାତା କୁନ୍ତୀ ଓ ମୁଁ ପାଞ୍ଚାଳ ଦେଶକୁ ଯାଇଥିଲୁ । ପଞ୍ଚପାଣ୍ଡବଙ୍କର ପରିଚୟ ପାଇ ପିତା ଅତ୍ୟନ୍ତ ଆନନ୍ଦିତ ହୋଇଥିଲେ । କାରଣ ତଦ୍ଦ୍ୱାରା ତାଙ୍କର ଅଭୀଷ୍ଟ ପୂର୍ଣ୍ଣ ହୋଇଥିଲା ।

ମହାଆଡ଼ମ୍ବରରେ ବିବାହ ଉତ୍ସବର ଆୟୋଜନ ପିତା କରୁଥିଲେ । ପାଞ୍ଚଟି ବିବାହବେଦୀ ନିର୍ମାଣ କରାଇବାକୁ ମାତା କୁନ୍ତୀ ପରାମର୍ଶ ଦେବାରୁ ପିତା ଆଶ୍ଚର୍ଯ୍ୟ ହୋଇ ପ୍ରଶ୍ନ କଲେ — "ଆପଣଙ୍କର ମଧ୍ୟମ ପୁତ୍ର ପାଇଁ ଆଉ ଗ୍ୱରିଗୋଟି ରାଜକନ୍ୟା ନିର୍ବାଚନ କରିଛନ୍ତି ନା ଆପଣଙ୍କର ଅନ୍ୟ ଗ୍ୱରିପୁତ୍ରଙ୍କ ପାଇଁ କନ୍ୟା ନିର୍ବାଚନ କରିସାରିଛନ୍ତି ?"

ମାତା କୁନ୍ତୀ ଶାନ୍ତ ସ୍ୱରରେ କହିଲେ — "ଆପଣଙ୍କର କନ୍ୟା, ରାଜକୁମାରୀ କୃଷ୍ଣା ମୋର ପଞ୍ଚପୁତ୍ରଙ୍କୁ ବରଣ କରିଛନ୍ତି । ତେଣୁ ମୋର ପଞ୍ଚପୁତ୍ରଙ୍କ ସଙ୍ଗେ କୃଷ୍ଣାର ବିବାହ ଯଥାକ୍ରମେ ସମ୍ପନ୍ନ ହେବ ।"

Digitized by srujanika@gmail.com

ମାତାଙ୍କର ଏଭଳି ମନ୍ତବ୍ୟରେ ପିତା ଆଶ୍ଚର୍ଯ୍ୟ ତଥା ବିଚଳିତ ହୋଇପଡ଼ିଲେ । ବିବ୍ରତ ଭାବେ ସେ କହିଲେ — ''ଏ କିଭଳି କଥା ? ଜଣେ ପୁରୁଷ ବହୁ ନାରୀ ବିବାହ କରିପାରେ, ମାତ୍ର ଜଣେ ନାରୀ ଏକାଧିକ ବିବାହ କରିବାଦ୍ୱାରା ସ୍ତ୍ରୀ ଧର୍ମ ନଷ୍ଟ ହୁଏ । ମୋର କନ୍ୟା ଏପରି ବିବାହ କଲେ ସାରା ପୃଥିବୀ ତାକୁ ପରିହାସ କରିବ । ତା'ର ଧର୍ମ ନଷ୍ଟ ହେବ —''

ଯୁଧିଷ୍ଠିର ନମ୍ର କଣ୍ଠରେ କହିଲେ — ''ଗୁରୁଜନଙ୍କର ଆଜ୍ଞା ପାଳନ ହେଉଛି ମଣିଷର ପରମ ଧର୍ମ । ପିତୃଆଜ୍ଞା ପାଳନ କରି ପର୍ଶୁରାମ ମାତୃହନ୍ତା ହୋଇଥିଲେ । ଆମେମାନେ ଆବାଲ୍ୟ ପିତୃହୀନ । ମାତା ହେଉଛନ୍ତି ଆମର ସର୍ବମୟ କର୍ତ୍ତ୍ରୀ । ତାଙ୍କର ଆଜ୍ଞା ପାଳନ କରିବାକୁ ଯାଇ ଆମେ ପାଞ୍ଚଭାଇ ଯଦି କୃଷ୍ଣାଙ୍କୁ ବିବାହକରୁ, ତେବେ ଆମେ ଧର୍ମାଚରଣ ହିଁ କରିବୁ ।''

ଧୃଷ୍ଟଦ୍ୟୁମ୍ନ ବିରକ୍ତ ହୋଇ କହିଲେ — ''ଗୁରୁଜନମାନଙ୍କର ଆଜ୍ଞା ଯଦି ଅନ୍ୟାୟ ମନେ କରାଯାଏ, ତେବେ ତାକୁ ମଧ୍ୟ ପାଳନ କରିବା କ'ଣ ଧର୍ମାଚରଣ କୁହାଯିବ ?''

ଯୁଧିଷ୍ଠିର ଶାନ୍ତ ନମ୍ର ଭାବେ ଉତ୍ତର ଦେଲେ — ''ମାତା କୁନ୍ତୀ ଆର୍ଯ୍ୟାବର୍ତ୍ତର ଜଣେ ଧର୍ମପରାୟଣା ବିଦୁଷୀ ମହିଳା । ତାଙ୍କର ଆଜ୍ଞା କେବେ ଅନ୍ୟାୟ ହେଇନପାରେ ।''

ଦୁହିଁଙ୍କର ଯୁକ୍ତିତର୍କକୁ ବଢ଼ିବାକୁ ନ ଦେଇ ପିତା ମଧ୍ୟସ୍ଥତା କଲେ । ଶାନ୍ତ ଭାବରେ ସେ କହିଲେ, ''ପ୍ରଥମ ପାଣ୍ଡବ ଯୁଧିଷ୍ଠିର ! ମୋର ଆଜି ଗର୍ବ ଏବଂ ଆନନ୍ଦର ସୀମା ନାହିଁ ଯେ ଅର୍ଜୁନ କୃଷ୍ଣାଙ୍କୁ ଜୟ କରିଛନ୍ତି । କୃଷ୍ଣା ପଞ୍ଚପତି ବରଣ କରିବାରେ ଯଦି ଅର୍ଜୁନଙ୍କର ଆପତ୍ତି ନାହିଁ ମୋର ମଧ୍ୟ କିଛି ଆପତ୍ତି ନାହିଁ । କିନ୍ତୁ ଏପରି କେଉଁଠି କେବେ କ'ଣ ଘଟିଛି ?''

ପିତାଙ୍କୁ ସମ୍ମତ କରାଇବା ପାଇଁ ଯୁଧିଷ୍ଠିର ପୁରାଣର ଅନେକ ଉଦାହରଣ ଦେଇ ବୁଝାଇଲେ ଯେ ଜଟିଳା ମଧ୍ୟ ଧର୍ମରକ୍ଷା ପାଇଁ ସପ୍ତପତି ବରଣ କରିଥିଲେ । ଧର୍ମରକ୍ଷା ପାଇଁ ବହୁପତି ଗ୍ରହଣ କରିବାରେ କିଛି ପାପ ନାହିଁ ।

ଠିକ୍ ସେତିକିବେଳେ କୃଷ୍ଣ ଦ୍ୱୈପାୟନ ପହଞ୍ଚିଲେ । ପିତାଙ୍କର ଦ୍ୱନ୍ଦ୍ୱର କାରଣ ଜାଣି ସେ କହିଲେ — ''ରାଜା ଦ୍ରୁପଦ, ମୁକ୍ତା ହେଉ, ପୁଷ୍ଟ ହେଉ, ଦେବତାର ଗଳାରେ ଶୋଭା ପାଇବା ପାଇଁ ସେଥିରେ ମାଳା ଗୁନ୍ଥିବାକୁ ହୁଏ । ସୂକ୍ଷ୍ମ ସୂତା ବ୍ୟତିରେକ ପୁଷ୍ଟ କିମ୍ବା ମୁକ୍ତାକୁ ମାଳା ଦେହରେ ଏକତ୍ର ଗୁନ୍ଥିହୁଏ ନାହିଁ । ଆଜି ଠିକ୍ ସେହିପରି ଆର୍ଯ୍ୟାବର୍ତ୍ତରେ ଧର୍ମରକ୍ଷା ପାଇଁ ପାଣ୍ଡବ ପାଞ୍ଚଭାଇ ମାଳା ସଦୃଶ ଏକତ୍ର ଗ୍ରନ୍ଥିତ ହୋଇ ରହିବାର ଆବଶ୍ୟକତା ଅଛି । ତାଙ୍କୁ ଏକତ୍ର ବାନ୍ଧି ରଖିପାରେ କେବଳ ତମର

Digitized by srujanika@gmail.com

ରୂପବତୀ ବିଦୂଷୀ କନ୍ୟା କୃଷ୍ଣା । ପୁଷ୍ପହାର ଦେବତାର ଗଳାରେ ଶୋଭା ପାଇଲେ ମଧ୍ୟ ପୁଷ୍ପ ଭିତରେ ଲୁଚି ରହିଥିବା ସୂତାର ମହନୀୟତାକୁ ଅସ୍ୱୀକାର କରାଯାଇପାରେ କି ? ଠିକ୍ ସେହିପରି ପଞ୍ଚପାଣ୍ଡବ ଆର୍ଯ୍ୟାବର୍ତ୍ତରେ ଧର୍ମରାଜ୍ୟ ପ୍ରତିଷ୍ଠା କଲେ ମଧ୍ୟ କୃଷ୍ଣାର ମହନୀୟ ଭୂମିକା ଇତିହାସରେ ପବିତ୍ର ଅକ୍ଷରରେ ଲେଖା ରହିବ ଏଥିରେ ସନ୍ଦେହ ନାହିଁ । ଯଜ୍ଞକୁଣ୍ଡରୁ ସମ୍ଭୂତା କୃଷ୍ଣାର ଜୀବନ ସ୍ୱତନ୍ତ୍ର, ଅନନ୍ୟ ହେବା ସ୍ୱାଭାବିକ । ସେଥିପାଇଁ ମନରେ ଦ୍ୱନ୍ଦ୍ୱ କାହିଁକି ?''

ସବୁ ଦ୍ୱନ୍ଦ୍ୱର ଅବସାନ ହୋଇଗଲା, ମୁଁ ହୋଇଗଲି ପଞ୍ଚପୁଷ୍ପକୁ ଏକତ୍ର ବାନ୍ଧି ରଖିବାର ସୂକ୍ଷ୍ମଗ୍ରନ୍ଥିଟିଏ, ଯାହାକୁ କେହି ଦେଖିବେ ନାହିଁ, ଜାଣିବେ ନାହିଁ, ତା'ର ଦୁଃଖ, ଯନ୍ତ୍ରଣାର ଟେର୍ କେହି ପାଇବେ ନାହିଁ ।

॥ ୯ ॥

ପାଞ୍ଚଦିନ ଧରି ବିବାହ ଉତ୍ସବ ଗ୍ଭଲିଲା । ରାଜ ପୁରୋହିତ ଧୌମ୍ୟ ମୋ ହାତ ସହ ପଞ୍ଚପାଣ୍ଡବଙ୍କର ହାତକୁ ଥର ଥର ମିଳାଇଥିଲେ । ଥର ଥର କରି ପାଞ୍ଚଥର ଅଗ୍ନିକୁ ସାକ୍ଷୀରଖି ମୁଁ ପଞ୍ଚପତିଙ୍କୁ ବରଣ କଲି — ଥର ଥର କରି ପାଞ୍ଚଥର ପ୍ରତିଜ୍ଞା କଲି —''କାୟମନୋବାକ୍ୟରେ ମୁଁ ତମର, ଏକାନ୍ତ ଭାବେ ତମର, ମୁଁ ତମ ପାଖରେ ଅସତ୍ୟ ଆଚରଣ କରିବି ନାହିଁ, ଅବିଶ୍ୱାସୀ ହେବିନାହିଁ । ସତ୍ୟ, ସତ୍ୟ, ଭିବାର ସତ୍ୟ ।''

ନିଜ ମନ ଭିତରେ ପ୍ରଶ୍ନ ଉଠିଲା — ''ଏହା କ'ଣ ସମ୍ଭବ ? ଏ କ'ଣ ସତ୍ୟ ନା ଆତ୍ମପ୍ରବଞ୍ଚନା ?''

ପ୍ରଥମଥର ପାଇଁ ବିବାହବେଦୀରେ ଯୁଧିଷ୍ଠିରଙ୍କ ହାତ ସହ ମୋ ହାତକୁ ପୁରୋହିତ ମିଳାଇଦେଲେ । ସେଦିନ ରାତ୍ରିରେ ତାଙ୍କ ସହ ମୋର ସାକ୍ଷାତ ହେବାର ବିଧି । ତାହାହିଁ ହେଲା । ପିତା ସ୍ୱତନ୍ତ୍ର ପାଞ୍ଚଟି ଉଆସରେ ମୋର ପଞ୍ଚପତିଙ୍କର ରହିବାର ବ୍ୟବସ୍ଥା କରିଥିଲେ । ମଧୁର ମିଳନ ରାତ୍ରି ପାଇଁ ପାଞ୍ଚଟି କେଳିକୁଞ୍ଜର ଆୟୋଜନ ହୋଇଥିଲା, ପାଞ୍ଚପ୍ରାସାଦରେ — ସ୍ୱତନ୍ତ୍ର ଆଡ଼ମ୍ବର ସହକାରେ ।

ପ୍ରଥମ ରାତ୍ରିରେ ଯୁଧିଷ୍ଠିରଙ୍କୁ ଭକ୍ତି ଜଣାଇଲି । ତାଙ୍କୁ ଭକ୍ତି ଛଡ଼ା ମୁଁ ଆଉ କ'ଣ ଦେଇପାରେ ? ଯୁଧିଷ୍ଠିର ଅତ୍ୟନ୍ତ ରୂପବାନ । ସୌମ୍ୟ ଶାନ୍ତ ଚେହେରା । ପ୍ରଥମ ଦେଖାରେ ସବୁ ବିରାଗ ଧୋଇଗଲା । ପ୍ରକୃତରେ ମୋ ପ୍ରତି ଆକୃଷ୍ଟ ହୋଇ

Digitized by srujanika@gmail.com

ସେ ଯଦି ଏଭଳି ବିବାହର ଆୟୋଜନ କରିଥା'ନ୍ତି, ତେବେ ସେଥିରେ ତାଙ୍କ ଦୋଷ କ'ଣ ? ଦୋଷ ତ ତାଙ୍କରି; ଯିଏ ନାରୀ ଦେହରେ ଭରିଦେଲେ ଏତେ ରୂପ ଓ ଯୌବନ, ଯିଏ ପୁରୁଷ ଦୃଷ୍ଟିରେ ଭରିଦେଲେ ସୌନ୍ଦର୍ଯ୍ୟର ପିପାସା ।

ମୁଁ ତାଙ୍କୁ ପ୍ରଣାମ ଜଣାଇଲି । ସେ ଶାନ୍ତ କୋମଳ ସ୍ୱରରେ କହିଲେ — ''ତମ ମନରେ କିଛି ଦୁଃଖ ନାହିଁ ତ ଦ୍ରୁପଦନନ୍ଦିନି ? ଏଭଳି ବିବାହ ପାଇଁ ତମକୁ ଏକରକମ ବାଧ୍ୟ କରାଯାଇଛି ବୋଲି ତମେ ମତେ ଖରାପ ଭାବୁନାହଁ ତ ? ସେଥିପାଇଁ କ୍ଷୁଣ୍ଣ ହୋଇନାହଁ ତ ?''

ମୁଁ ନତମୁଖ ହୋଇ ଭାବିଲି — ଆଉ ଏ ପ୍ରଶ୍ନ କାହିଁକି ? ଯଦି ବା ମୁଁ କ୍ଷୁଣ୍ଣ ହୋଇଥାଏ, ଏବେ ଆଉ ଉପାୟ କ'ଣ ? ପ୍ରକାଶ୍ୟରେ କହିଲି—''ଆପଣ ଧର୍ମରାଜ ! ଆପଣ ଯାହା କରନ୍ତି ତା' ପଛରେ କିଛି ଧାର୍ମିକ ବିଗ୍ରର ଥାଏ । ସେଥିରେ ଯିଏ କ୍ଷୁଣ୍ଣ ହୁଏ ସେ ଧର୍ମକୁ ଶ୍ରଦ୍ଧା କରେନାହିଁ । ମୁଁ ଧର୍ମ ଯଜ୍ଞକୁଣ୍ଡରୁ ଜନ୍ମ ଲଭିଛି । ତେଣୁ ଧର୍ମ ପ୍ରତି ମୋର ପ୍ରଗାଢ଼ ଅନୁରକ୍ତି ।''

ଯୁଧିଷ୍ଠିର ପ୍ରଫୁଲ୍ଲ ଦିଶିଲେ । ଛୋଟ ଶିଶୁର ସରସ ମୁହଁ ଭଳି ତାଙ୍କର କୋମଳ ମୁହଁଟି ନିଷ୍ପାପ ସୌନ୍ଦର୍ଯ୍ୟରେ ଅନୁପମ ଦିଶିଲା । ଅତ୍ୟନ୍ତ ଆଦରରେ ସେ କହିଲେ — ''ଯାଜ୍ଞସେନି ! ତମର ଜନ୍ମବୃତ୍ତାନ୍ତ ଶୁଣିବା ଦିନଠାରୁ ମୁଁ ତମ ପ୍ରତି ଆକୃଷ୍ଟ ହୋଇଥିଲି । ମୁଁ ଜାଣିଥିଲି ତମ ବିନା ଧର୍ମରକ୍ଷା ସମ୍ଭବ ନୁହେଁ । ସେଥିପାଇଁ ତମକୁ ଆପଣାର କରିବାକୁ ହେଲା । ଅଗ୍ନିକୁ ସାକ୍ଷୀ ରଖି ତମେ ଯେ ମତେ ବିବାହ କରିଛ, ସେତିକି ଯଥେଷ୍ଟ । ଆଉ ମୋର କିଛି ଲୋଡ଼ା ନାହିଁ । ତମେ ଅର୍ଜୁନର ପ୍ରାପ୍ୟ । ସେ ତମକୁ ଜୟ କରିଛି । ତେଣୁ ତମେ ତା' ସହ ପ୍ରକୃତ ସଂସାର ଗଢ଼ିବାରେ ମୋର ଆପତ୍ତି ନାହିଁ । ଆମ ଭିତରେ ଏଇ ପବିତ୍ର ସମ୍ପର୍କ ଥାଉ । ଏଥିରେ ମା'ଙ୍କର ବାକ୍ୟ ବି ଅନ୍ୟଥା ହେବନାହିଁ, ତମ ନାରୀତ୍ୱର ବି ଅବମାନନା ହେବନାହିଁ । ଅନ୍ୟ ଭାଇମାନେ ମୋ କଥାରେ ସମ୍ମତ ହେବେ । ଏଥିରେ ତମର ମତ କ'ଣ ?''

ମୁଁ ରାଗ ଅପମାନରେ ଜର୍ଜରିତା ହେଲି । ତୀବ୍ରଦୃଷ୍ଟିରେ ଯୁଧିଷ୍ଠିରଙ୍କୁ ଘୃହି କହିଲି — ''ଆପଣ ଧର୍ମରାଜ ବୋଲାଇ ପୂଜା ପାଇବେ ଆଉ ମୁଁ ସାରାଜୀବନ ଅସତ୍ୟ ଜୀବନ କାଟି ପାପ ଅର୍ଜନ କରିବି ? ଅଗ୍ନିକୁ ସାକ୍ଷୀରଖି ସ୍ୱାମୀଙ୍କୁ ବିବାହ କରିବା ପରେ କେବଳ ଜଣଙ୍କ ପ୍ରତି ହିଁ ସ୍ତ୍ରୀର କର୍ତ୍ତବ୍ୟ କରିବି ଏବଂ ଅନ୍ୟମାନଙ୍କ ସହ ସ୍ତ୍ରୀ ଭୂମିକାରେ ମିଥ୍ୟା ଅଭିନୟ କରିବି । ମତେ ଦୁନିଆଁ ଅସତୀ କହିପାରେ; ମାତ୍ର ସ୍ୱାମୀମାନଙ୍କ ପାଖରେ ସାରାଜୀବନ ଅସତ୍ୟ ଓ ଅବିଶ୍ୱସ୍ତ ଜୀବନ କାଟିବାର ଗ୍ଲାନି ମୁଁ କାହିଁକି ଭୋଗିବି ?''

Digitized by srujanika@gmail.com

ଯୁଧିଷ୍ଠିର ବୋଧହୁଏ ଏମିତି ଉତ୍ତର ମୋ'ଠାରୁ ଆଶା କରିଥିଲେ । ମଧୁର ସ୍ୱରରେ ସେ କହିଲେ — ''ତମ ପାଇଁ କାହା ମନରେ ବା ପ୍ରଲୋଭନ ନାହିଁ ? କିନ୍ତୁ ଆମ ପାଞ୍ଚଜଣଙ୍କୁ ସନ୍ତୁଷ୍ଟ କରିବା ସହଜ କଥା ନୁହେଁ । ଆମ ପାଞ୍ଚଜଣଙ୍କର ପାଞ୍ଚ ପ୍ରକାର ରୁଚି, ପଚିଶ ପ୍ରକାର ପ୍ରବୃତ୍ତି । ମୁଁ ଯାହା ଭଲପାଏ, ସମସ୍ତେ ତାହା ଭଲ ପାଇବା ସ୍ୱାଭାବିକ ନୁହେଁ, ତମକୁ ମୁଁ ଯେମିତି ଦେଖିବାକୁ ଗ୍ୱହେଁ ସମସ୍ତେ ତମକୁ ସେପରି ଦେଖିବାକୁ ଗ୍ୱହିଁବେନି । ମୁଁ ଯଦି ତମକୁ କହେ ମନ୍ଦିରକୁ ଯିବା ପାଇଁ, ଭୀମ କହିବ ପାକଶାଳାକୁ ଯିବାପାଇଁ, ଅର୍ଜୁନ କହିବ ମୃଗୟାରେ ଯିବା ପାଇଁ । ନକୁଳ ଅଶ୍ୱପୃଷ୍ଠରେ ବସି ବନ ବିହାର କରିବାକୁ ଗ୍ୱହିଁଲେ, ସହଦେବ କହିବ ନିଭୃତ ଗୃହାଙ୍ଗନରେ ବସି ଆକାଶର ତାରାକୁ ନୀରବରେ ଗଣନା କରି ଆଗତ ଭବିଷ୍ୟତର ସ୍ୱପ୍ନ ଦେଖିବା ପାଇଁ । ସେତେବେଳେ ତମେ କ'ଣ କରିବ ? କାହାର ହେବ ? କାହା କଥା ମାନିବ ?''

ମୁଁ ପ୍ରକୃତ ଚିନ୍ତାରେ ପଡ଼ିଯାଇଥାଏ । ମାତ୍ର ସେ କଥା ପ୍ରକାଶ ନକରି କହିଲି— ''ଆପଣ ଯାହା ଆଜ୍ଞା ଦେବେ, ତାହାହିଁ ପ୍ରଥମେ କରିବି । କାରଣ ଆପଣଙ୍କର ଆଜ୍ଞା ଅନ୍ୟ ଭାଇମାନେ ମଧ୍ୟ ପାଳନ କରନ୍ତି ।''

ଯୁଧିଷ୍ଠିର ଆନ୍ତରିକତା ଭରା ସ୍ୱରରେ କହିଲେ — ''କଥାଟା ଏତେ ସହଜ ନୁହେଁ ଯାଜ୍ଞସେନି ! ତମେ ଏଥିରେ କଷ୍ଟ ପାଇବ । ପୁରୁଷର ପ୍ରକୃତି ତମେ ଜାଣ ନାହିଁ । ତାର ପ୍ରିୟ ପଦାର୍ଥ ଉପରେ ଅନ୍ୟ କାହାର ଅଧିକାରକୁ ସେ ବରଦାସ୍ତ କରେ ନାହିଁ । ତମେ ତ ସହଜେ ସମସ୍ତଙ୍କ ପ୍ରିୟତମା । ଆମେ କେହି ଜଣେହେଲେ ତମକୁ ମୁହୂର୍ତ୍ତଟିଏ ମଧ୍ୟ ପାଖରୁ ଅନ୍ତର କରିବାକୁ ଗ୍ୱହିଁବୁନି । କାହାପ୍ରତି ତମର ସାମାନ୍ୟତମ ଅବହେଳାକୁ ବରଦାସ୍ତ କରିବୁନି । ସେତେବେଳେ ଅବସ୍ଥା କ'ଣ ହେବ ଭାବି ଦେଖିଛ ?''

କଥାଟା ମୁଁ ଭାବିଛି — ଥରେ ନୁହେଁ ଅନେକ ଥର । କିନ୍ତୁ ମୋ ଭାବନାର କି ମୂଲ୍ୟ ? ମାତା କୁନ୍ତୀଙ୍କର ବଚନ ରକ୍ଷା କରିବା ପାଇଁ ମୁଁ ତ ନିଜକୁ ଆହୂତି ଦେଇଛି । ରାଗ ହେଲା ଯୁଧିଷ୍ଠିରଙ୍କ ଉପରେ । ସବୁ କଥା ଆରମ୍ଭ କରିଛନ୍ତି ସେ, ଅଥଚ ଆଜି ଏଭଳି ସଫେଇ ଦେଉଛନ୍ତି କାହିଁକି ? ସେ ଜାଣନ୍ତି ଆଉ କିଛି ବି ବଦଳିବ ନାହିଁ । ତା'ସତ୍ତ୍ୱେ ଏ ଅଯଥା କଥାର ଅବତାରଣା କାହିଁକି ?

ମୁଁ ସ୍ଥିର କଣ୍ଠରେ କହିଲି — ''ମୋ ପାଇଁ ଅନ୍ତତଃ ଆପଣମାନଙ୍କର କିଛି କଷ୍ଟ ହେବ ନାହିଁ । ସମସ୍ତେ ମତେ ସଂପୂର୍ଣ୍ଣ ଭାବେ ପାଇବେ କଥା ଦେଉଛି । କୃଷ୍ଣା ଧରିତ୍ରୀ ପରି ସର୍ବଂସହା ନୁହେଁ; କିନ୍ତୁ କୁଟିଳତା ବା ଅବିଶ୍ୱସ୍ତତାକୁ ମଧ୍ୟ ସେ ଘୃଣା କରେ ।''

Digitized by srujanika@gmail.com

ମୋର ଏଇ ଉତ୍ତରକୁ ଯୁଧିଷ୍ଠିର ଯେମିତି ଅପେକ୍ଷା କରିଥିଲେ । ବିନା ବାକ୍ୟ ବ୍ୟୟରେ ଏଥର ସେ ମୋ କାନ୍ଧରେ ହାତରଖି କହିଲେ — ''ଆସ ଯାଜ୍ଞସେନି, ମୋ ଜୀବନର ଧର୍ମଯଜ୍ଞରେ ଆଂଶୀଦାର ହୋଇ ଏଥର ମୋର ଧର୍ମପତ୍ନୀ ହୁଅ — ମୋ ଜୀବନରେ ତମେ ହିଁ ଆଦ୍ୟାନାରୀ ।''

ମୁଁ ନିଜକୁ ଦୃଢ଼ ମନେକଲି ! ଧର୍ମରାଜ ଯୁଧିଷ୍ଠିରଙ୍କ ଧର୍ମପତ୍ନୀ ହେବାପାଇଁ ଆର୍ଯ୍ୟାବର୍ତ୍ତର କେତେ ରାଜକନ୍ୟା ତପସ୍ୟା କରିଥିବେ । ମୁଁ ତାଙ୍କୁ ପାଇଛି ବିନା ତପସ୍ୟାରେ । କିନ୍ତୁ ମୁଁ ଏବେ ମଧ୍ୟ ଅର୍ଦ୍ଧକୁମାରୀ । ମୋର ବିବାହ ଆଉରି ବି ଶେଷ ହୋଇନାହିଁ । ଅଗ୍ନିକୁ ସାକ୍ଷୀ ରଖି ଆହୁରି ଘ୍ରିପତିଙ୍କୁ ମୁଁ ବରଣ କରିବି । ତା' ପୂର୍ବରୁ ନିଜର କୁମାରୀତ୍ୱକୁ ବଳିଦେବା ମୋ ପକ୍ଷେ ଉଚିତ ହେବନାହିଁ । ମୋର ସମ୍ମୁଖରେ ଠିଆ ହୋଇଛନ୍ତି ମୋର ସ୍ୱାମୀ, ଧର୍ମବନ୍ତ, ସୌମ୍ୟ, ବୀର, ଜ୍ଞାନବନ୍ତ ଏବଂ ହସ୍ତିନାପୁରର ଯୁବରାଜ । ଆଜି ମୋର ପ୍ରଥମ ମିଳନରାତ୍ରି । ମାତ୍ର ମୁଁ ନିଜକୁ ତାଙ୍କ ପାଦରେ ସମର୍ପି ଦେଇପାରୁ ନାହିଁ । ପଞ୍ଚପତିଙ୍କ ସହ ଥର ଥର କରି ବିବାହ ଶେଷ ହେବା ପର୍ଯ୍ୟନ୍ତ ମତେ ମୋର କୁମାରୀତ୍ୱକୁ ଅକ୍ଷୁଣ୍ଣ ରଖିବାକୁ ହେବ । ଜୀବନରେ ଏଭଳି ବିଡ଼ମ୍ବନା ଏଭଳି ଦ୍ୱନ୍ଦ୍ୱ, ଏଭଳି ବିଷମ ସଙ୍କଟମୟ ପରିସ୍ଥିତି ମୋ ଛଡ଼ା ଆଉ କାହା ଭାଗ୍ୟରେ ବୋଧହୁଏ ଘଟିନାହିଁ, ଆଉ କେବେ ଘଟି ନ ପାରେ ।

ମୁଁ ନିଜକୁ ଦୃଢ଼ କଲି । ନମ୍ର ଅଥଚ ସ୍ଥିର କଣ୍ଠରେ କହିଲି —''କ୍ଷମା କରିବେ ଧର୍ମରାଜ ! ଏବେ ବି ମୋର ବିବାହ ସମ୍ପୂର୍ଣ୍ଣ ହୋଇନାହିଁ । ପ୍ରଭାତ ହେବା ପୂର୍ବରୁ ଶୁଚିସ୍ନାନ କରି ମତେ ଆଉଥରେ ବେଦୀରେ ବସିବାକୁ ହେବ । ଅଗ୍ନିକୁ ସାକ୍ଷୀ ରଖି ବୈଦିକ ରୀତିରେ ପତି ବରଣ କରିବାର ଯୋଗ୍ୟତା ଜଣେ କୁମାରୀ କନ୍ୟାର ହିଁ ଥାଏ । ଆଶାକରେ ଆପଣ ମତେ ଠିକ୍ ବୁଝିପାରିବେ ।''

ହସିଲେ ଯୁଧିଷ୍ଠିର । ସେ ହସରେ ଛଳନା ନାହିଁ, ଅନୁଶୋଚନା ନାହିଁ, କାରୁଣ୍ୟ ନାହିଁ, ହାହାକାର ନାହିଁ । ଶାନ୍ତ ସ୍ୱରରେ କହିଲେ — ''ଜୀବନର ପ୍ରଥମ ପରୀକ୍ଷାରେ ଖୁବ୍ ସହଜରେ ତମେ ଉର୍ତ୍ତୀର୍ଣ୍ଣା ହୋଇଛ ଯାଜ୍ଞସେନି ! ତମର ସତ୍ୟନିଷ୍ଠତା ଏବଂ ଆତ୍ମସଂଯମ ହିଁ ମୋର କାମ୍ୟ । କୁହ ବର୍ତ୍ତମାନ ରାତିଟି କଟିବ କିପରି ?''

ମୁଁ ମନେ ମନେ ଦୁଃଖ କଲି ସ୍ୱାମୀଙ୍କ ପାଇଁ । କେତେ ସହଜରେ ନିଜର କାମନା ବାସନାକୁ ସେ ଆୟତ୍ତ କରିନେଲେ । ସେ କ'ଣ କଷ୍ଟ ଅନୁଭବ କରନ୍ତି ନାହିଁ ? ମତେ ମନେ ମନେ ଅଭିଶାପ ଦେଉନାହାନ୍ତି ତ ?

ମୁଁ ଶାନ୍ତ କୋମଳ ସ୍ୱରରେ କହିଲି — ''ଆପଣ ବିଶ୍ରାମ କରନ୍ତୁ । ଆପଣଙ୍କ ସୁଖନିଦ୍ରା ପାଇଁ ମୁଁ ବସି ପଦସେବା କରୁଥିବି — ରାତି ପାହିଯିବ ।''

Digitized by srujanika@gmail.com

ସେ ପ୍ରତିବାଦ କଲେ । କହିଲେ — ''ବରଂ ତମେ ବିଶ୍ରାମ କର । ତମେ କ୍ଲାନ୍ତ ହୋଇଛ । ଅରଣ୍ୟ ପଥଦେଇ ଆମ ସଙ୍ଗେ ଘୁଲିଘୁଲି ଯିବାଦ୍ୱାରା ତମକୁ ଖୁବ୍ କଷ୍ଟ ହୋଇଥିବ । ମୋ ପାଇଁ ବ୍ୟସ୍ତ ହୁଅ ନାହିଁ । ମୁଁ ବସି ଖେଳିବି ।''

— ''ଖେଳିବେ ?''

—''ହଁ । ଦ୍ୟୂତକ୍ରୀଡ଼ା —''

— ''କାହା ସଙ୍ଗେ ?''

— ''ଏକା ଏକା'' — ସେ ହସିଲେ ।

ମୁଁ ଆଶ୍ଚର୍ଯ୍ୟ ହୋଇ କହିଲି — ''ଏକା ଏକା କେହି ଖେଳେ ?''

— ''ସମସ୍ତେ ଖେଳନ୍ତି ।''

— ''ସମସ୍ତେର ଅର୍ଥ ?''

— ''ସମସ୍ତେର ଅର୍ଥ — ତମେ ମୁଁ ଏବଂ ଏ ପୃଥିବୀର ସମସ୍ତ ନରନାରୀ, କୀଟପତଙ୍ଗ । ଆମେ ତ ନିଜେ ଖେଳୁନାହୁଁ, ଜଣେ ଆମକୁ ନିର୍ଦ୍ଦେଶ ଦେଉଛି, ଆମେ ଖେଳୁଛୁ । ପୃଥିବୀରେ ସମସ୍ତେ ନିଜେ ନିଜର ଜୀବନ କାଟନ୍ତି, ନିଜେ ନିଜ ପାଇଁ ବଞ୍ଚନ୍ତି ।'' ଯୁଧିଷ୍ଠିର ଭାବାବିଷ୍ଟ ହୋଇଗଲେ ।

ମୁଁ ଆସ୍ତେ କହିଲି — ''କିନ୍ତୁ ପଶାଖେଳ ତ ଏକା ଏକା ହୁଏନି —''

ଯୁଧିଷ୍ଠିର ସେମିତି ଶାନ୍ତ କୋମଳ ସ୍ୱରରେ କହିଲେ — ''ଯାଜ୍ଞସେନି, ଆଜି ପ୍ରଥମ ମିଳନ ରାତ୍ରିରେ ମୋ ଜୀବନର ଦୁର୍ବଳତାକୁ ତମ ପାଖରେ ପ୍ରକାଶ କରିଦେବା ହେଉଛି ମୋର ଧର୍ମ । ମୋ ଜୀବନର ଚରମ ଦୁର୍ବଳତା ହେଉଛି ଏଇ ଦ୍ୟୂତକ୍ରୀଡ଼ା । ସବୁକ୍ଷେତ୍ରରେ ମୁଁ ସଂଯମ ପ୍ରଦର୍ଶନ କରିପାରେ, ମାତ୍ର ଏଇ ଦ୍ୟୂତକ୍ରୀଡ଼ାକୁ ଛାଡ଼ି । ଏଭଳି ଦୁର୍ବଳତାର ଅବଶ୍ୟ କାରଣ ରହିଛି ।''

ମୁଁ ଜିଜ୍ଞାସୁ ଦୃଷ୍ଟିରେ ଚାହିଁରହିଲି । ଭାବିଲି ଦ୍ୟୂତକ୍ରୀଡ଼ା ହେଉଛି ଏକ ରାଜକୀୟ ବିଳାସପୂର୍ଣ୍ଣ ଆମୋଦଦାୟକ କ୍ରୀଡ଼ା । ରାଜାମାନେ ଦ୍ୟୂତକ୍ରୀଡ଼ାରେ ଆନନ୍ଦଲାଭ କରନ୍ତି । ମାତ୍ର ସେଥିପାଇଁ ଜଣେ ରାଜାଙ୍କର ମନରେ ଦୁର୍ବଳତା କାହିଁକି ? ରାଜ୍ୟଜୟ, ଶତ୍ରୁକ୍ଷୟ, ଧନରତ୍ନ ଲାଭ, ସୁରା ଏବଂ ସୁନ୍ଦରୀ ନାରୀ ପ୍ରତି ରାଜାମାନଙ୍କ ମନରେ ଅସମ୍ଭବ ଦୁର୍ବଳତା ଥାଏ । ରହିବା ସ୍ୱାଭାବିକ । କିନ୍ତୁ ଦ୍ୟୂତକ୍ରୀଡ଼ା ପାଇଁ ଧର୍ମରାଜ ଯୁଧିଷ୍ଠିରଙ୍କ ମନରେ ଦୁର୍ବଳତାର କି କାରଣ ଛପି ରହିପାରେ ?

ଦ୍ୟୂତକ୍ରୀଡ଼ା ପ୍ରତି ଯୁଧିଷ୍ଠିରଙ୍କ ଦୁର୍ବଳତାର ମୂଳରେ ଥିଲା କୈଶୋରର ଗୋଟିଏ ଜିଦ୍, ଯାହା ଆଜି ଦୁର୍ବଳତାରେ ପରିଣତ ହୋଇଯାଇଛି । ପିଲାଦିନେ ଗୁରୁ

Digitized by srujanika@gmail.com

ଦ୍ରୋଣାଗ୍ରର୍ଯ୍ୟଙ୍କ ପାଖରେ ଶିକ୍ଷାଗ୍ରହଣ କରୁଥିବାବେଳେ ପାଣ୍ଡବ ପାଞ୍ଚଭାଇ କେବେହେଲେ କେଉଁଥିରେ ପରାଜୟ ସ୍ୱୀକାର କରୁନଥିଲେ । ଛାତ୍ର-ଜୀବନର ସମସ୍ତ ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହେବା ଯୋଗୁଁ ଗୁରୁଙ୍କର ଅତି ପ୍ରିୟପାତ୍ର ହୋଇପଡ଼ିଥିଲେ । ସେଥିପାଇଁ କୌରବ ଶହେ ଭାଇଙ୍କ ମନରେ ଭାରି ହିଂସା ଓ ଦ୍ୱେଷ । ସେମାନେ ଆଉ କେଉଁଥିରେ ପାଣ୍ଡବମାନଙ୍କୁ ପରାଜିତ କରିନପାରି ଏଇ ଦ୍ୟୂତକ୍ରୀଡ଼ାକୁ ଆଶ୍ରୟ କରିଥା'ନ୍ତି । ପ୍ରକୃତରେ ଛାତ୍ରଜୀବନରେ ଦ୍ୟୂତକ୍ରୀଡ଼ାର ବିଶେଷ ସ୍ଥାନ ନଥିଲା । ତେଣୁ ସେଥିରେ ଯୁଧିଷ୍ଠିର ହାରିଯିବା ସ୍ୱାଭାବିକ । କୌରବମାନେ କିନ୍ତୁ ସେଇ ବୟସରେ ବି ପାଠ ଛାଡ଼ି ନିଜ ନିଜ ଭିତରେ ଦ୍ୟୂତକ୍ରୀଡ଼ାରେ ମାତି ରହୁଥିଲେ । ସେଥିପାଇଁ ସେମାନେ ପାଠରେ ପଛୁଆ ହେଲେ ମଧ୍ୟ ଦ୍ୟୂତକ୍ରୀଡ଼ାରେ ବେଶ୍ ଆଗୁଆ ଥିଲେ । କୌରବମାନେ ଜାଣନ୍ତି, ପାଣ୍ଡବମାନେ ଯେତେ ବୀର ଏବଂ ବିଗ୍ରହବନ୍ତ ହେଲେ ମଧ୍ୟ ଦ୍ୟୂତକ୍ରୀଡ଼ାରେ କୌରବଙ୍କର ସମକକ୍ଷ ହେବେନାହିଁ । ଅନ୍ୟାନ୍ୟ କ୍ରୀଡ଼ାରେ ମଧ୍ୟ ପାଣ୍ଡବମାନେ କୌରବମାନଙ୍କୁ ବରାବର ପରାଜିତ କରୁଥିଲେ । ଭୀମ ଶାରୀରିକ ବଳରେ ଏତେ ବଳୀୟାନ ଥିଲେ ଯେ ଯେଉଁ କ୍ରୀଡ଼ା ହେଉନା କାହିଁକି କୌରବମାନଙ୍କୁ ବ୍ୟତିବ୍ୟସ୍ତ କରିପକାଉଥିଲେ । ଜଳକ୍ରୀଡ଼ା ସମୟରେ ଭୀମସେନ କୌରବଭାଇମାନଙ୍କୁ ଏକତ୍ର ଦଶ ପନ୍ଦର ଜଣକୁ ଧରି ଜଳରେ ବହୁ ସମୟ ବୁଡ଼ାଇ ରଖୁଥିଲେ ଓ ପାଣିପିଇ ଅଣନିଶ୍ୱାସୀ ହୋଇ ଛଟପଟ ନ ହେଲା ପର୍ଯ୍ୟନ୍ତ ଛାଡୁନଥିଲେ । ଲୌହପେଣ୍ଡୁ ନେଇ ଜଙ୍ଗଲ ଭିତରେ କ୍ରୀଡ଼ା କଲାବେଳେ ଲୌହପେଣ୍ଡୁକୁ ଏତେ ଜୋରରେ ମାରୁଥିଲେ ଯେ ଅପରପକ୍ଷର ଜଣେ ଦୁଇଜଣ ଆହତ ଓ ରକ୍ତାକ୍ତ ହେଉଥିଲେ । କୌରବ ଭାଇମାନେ ନିଷ୍ଠୁର ଓ ବୀଭତ୍ସ ଆନନ୍ଦର ପୂଜାରୀ ହୋଇଥିବାରୁ ଗଛରେ ଚଢ଼ି ପକ୍ଷୀମାନଙ୍କର ନୀଡ଼ ଭାଙ୍ଗି ନଷ୍ଟ କରୁଥିଲେ ଓ ଅଯଥାରେ ପକ୍ଷୀଶାବକମାନଙ୍କର ଗଳାଚିପି ହତ୍ୟା କରୁଥିଲେ । ମା' ଓ ବାପା ପକ୍ଷୀଙ୍କ ସାମ୍ନାରେ ମୃତ ଶିଶୁଶାବକଙ୍କୁ ପକାଇ ଦେଇ ଆନନ୍ଦ ଅନୁଭବ କରୁଥିଲେ । ନୀଡ଼ହରା ପକ୍ଷୀ ଦମ୍ପତି ଶାବକ ଶୋକରେ ବିଳାପ କଲାବେଳେ କୌରବ ଭାଇମାନେ ଅଟ୍ଟହାସ୍ୟ କରି ବର୍ବର ହୃଦୟର ପରିଚୟ ଦେଉଥିଲେ । ଠିକ୍ ସେତିକିବେଳେ ଭୀମସେନ ଗଛମୂଳକୁ ଧରି ଏପରି ହଲାଉଥିଲେ ଯେ ସେମାନେ ତଳେ ପଡ଼ି ଆଘାତ ପାଉଥିଲେ । ବେଳେବେଳେ ଗଛକୁ ମୂଳରୁ ଉପାଟନ କରି ଗଛସହ ସେମାନଙ୍କୁ ଜଳସ୍ରୋତରେ ନିକ୍ଷେପ କରିଦେଉଥିଲେ । କିନ୍ତୁ ଦ୍ୟୂତକ୍ରୀଡ଼ାରେ ଶାରୀରିକ ବଳ ଆବଶ୍ୟକ ହୁଏନାହିଁ । କ୍ରୀଡ଼ା କୌଶଳ ଓ କୂଟବୁଦ୍ଧିରେ ଜଣେ ଦ୍ୟୂତକ୍ରୀଡ଼ାରେ ସହଜରେ ଜିତିଯାଇପାରେ । ସେଥିପାଇଁ କୌରବଭାଇମାନେ ପାଣ୍ଡବ ଭାଇମାନଙ୍କୁ ଛୁଟିଦିନମାନଙ୍କରେ ପ୍ରତିଯୋଗିତାମୂଳକ ଦ୍ୟୂତକ୍ରୀଡ଼ା ପାଇଁ ଆହ୍ୱାନ କରନ୍ତି ଓ ଭୀମସେନ ସମେତ ଅନ୍ୟଭାଇମାନେ ସେମାନଙ୍କ ସହ ଦ୍ୟୂତକ୍ରୀଡ଼ା କରିବା ପାଇଁ ଆଗ୍ରହ ପ୍ରକାଶ କରନ୍ତି ନାହିଁ ।

Digitized by srujanika@gmail.com

ଯୁଧିଷ୍ଠିର କିନ୍ତୁ ପିଲାଦିନରୁ ଆତ୍ମସମ୍ମାନ ସଚେତନ । ସେ ଦ୍ୟୂତକ୍ରୀଡ଼ାରେ ଯୋଗ ଦିଅନ୍ତି ଓ ପ୍ରତିଥର ହାରିଯା'ନ୍ତି । ହାରିଯିବା ପରେ ମଧ୍ୟ ସେ ପୁଣିଥରେ ସେମାନଙ୍କର ଆମନ୍ତ୍ରଣ ରକ୍ଷା କରନ୍ତି । କ୍ରୀଡ଼ାର ଆହ୍ୱାନ ଗ୍ରହଣ ନ କଲେ କାଳେ କୌରବମାନେ ଭାବିବେ ଯେ ଯୁଧିଷ୍ଠିର ପରାଜୟ ଭୟରେ କ୍ରୀଡ଼ାର ଆହ୍ୱାନକୁ ଗ୍ରହଣ କଲେନାହିଁ, ସେଇଥିପାଇଁ ଯୁଧିଷ୍ଠିର ବାରମ୍ବାର ହାରିଯିବା ପରେ ମଧ୍ୟ ପୁଣି ଖେଳରେ ଯୋଗ ଦିଅନ୍ତି । ଦ୍ୟୂତକ୍ରୀଡ଼ାରେ ପାରଙ୍ଗମତା ଲାଭ କରି ଦିନେ ନା ଦିନେ କୌରବମାନଙ୍କୁ ପରାଜିତ କରିବେ ବୋଲି ମନେ ମନେ ଚିନ୍ତା କରନ୍ତି । ସେଇ ଜିଦ୍‌ରେ ସେ ସମୟ ପାଇଲେ ଏକା ଏକା ବସି ଅଭ୍ୟାସ କରନ୍ତି, ଫଳରେ ଦ୍ୟୂତକ୍ରୀଡ଼ା ତାଙ୍କ ଜୀବନର ଗୋଟାଏ ସୌକ୍‌ରେ ପରିଣତ ହୋଇଯାଏ । ଦ୍ୟୂତକ୍ରୀଡ଼ା ପ୍ରତି ତାଙ୍କ ମନରେ ଗୋଟାଏ ଅହେତୁକ ଦୁର୍ବଳତା ବି ଆସିଥାଏ । ସେ ଯେତେବେଳେ ସମୟ ପା'ନ୍ତି ଏକା ଏକା ବସି ଦ୍ୟୂତକ୍ରୀଡ଼ା କରିବାରେ ବି ଆନନ୍ଦ ପା'ନ୍ତି । ଏପରିକି ସେ ଦ୍ୟୂତକ୍ରୀଡ଼ାରେ ଜିତିବା ଓ ହାରିବା କଥାଟାକୁ ଗୋଟାଏ ରାଜକୀୟ ସମ୍ମାନ ଭାବରେ ଗ୍ରହଣ କରିନେଇଛନ୍ତି । ସତେବା ଦ୍ୟୂତକ୍ରୀଡ଼ାରେ ଜୟ ବା ରାଜ୍ୟଜୟ ଏକା କଥା ! କୈଶୋରର ସେଇ ପରାଜୟ ଗ୍ଲାନି ତାଙ୍କ ଭିତରେ ଗୋଟାଏ ଅବୁଝା ଝୁଂକ୍ ହୋଇ ରହିଯାଇଛି ।

ସବୁ ଶୁଣି ମୁଁ ଭାବିଲି ପ୍ରତ୍ୟେକ ମଣିଷର କିଛି ନା କିଛି ଜିଦ୍, ଦୁର୍ବଳତା, ଝୁଂକ୍ ଏବଂ ବଦଭ୍ୟାସ ଅଛି । ସେଇ ତୁଳନାରେ ଯୁଧିଷ୍ଠିରଙ୍କର ଏଇ ନିରୀହ ଜିଦ୍‌ଟି ନିଶ୍ଚୟ କ୍ଷମଣୀୟ । ହସ୍ତିନାପୁରର ଭାବୀ ସମ୍ରାଟଙ୍କର ଆଉରି କେତେ କେତେ ଭୟଙ୍କର ଜିଦ୍ ସବୁ ଥା'ନ୍ତା, ଲଜ୍ଜାକର କେତେ ଦୁର୍ବଳତା ରହିପାରିଥା'ନ୍ତା; ସେଇ ତୁଳନାରେ ଏଇ ରାଜକୀୟ ଆମୋଦର ନିରୀହ ଦୁର୍ବଳତାଟି କିଛି ନୁହେଁ । ପୁଣି ସ୍ତ୍ରୀ ଆଗରେ ପ୍ରଥମ ମିଳନ ରାତ୍ରିରେ ତାହା ପ୍ରକାଶ କରିଦେବା ଦ୍ୱାରା ଦୁର୍ବଳତା ପରିବର୍ତ୍ତେ ତାହା ମହନୀୟତାରେ ପରିଣତ ହୋଇଯାଇଛି । ସ୍ତ୍ରୀ ଆଗରେ ନିଜ ଜୀବନର ସାମାନ୍ୟତମ ଦୁର୍ବଳତାକୁ ମଧ୍ୟ ପ୍ରକାଶ କରିବା ପାଇଁ ହସ୍ତିନାପୁରର ଭାବୀ ସମ୍ରାଟ ଯେ ବାଧ୍ୟ, ଏପରି କିଛି ନିୟମ ତ ନାହିଁ ! ସେ ଦୃଷ୍ଟିରୁ ଯୁଧିଷ୍ଠିର ଜଣେ ଆଦର୍ଶ ସ୍ୱାମୀ ।

ମୁଁ ତାଙ୍କର ପଦବନ୍ଦନା କରି ପ୍ରଣାମ ଜଣାଇଲି । ସେ କୋମଳ କଣ୍ଠରେ ଆଦେଶ ଦେଲେ — ''ବିଶ୍ରାମ କର ରାଜନନ୍ଦିନି ! ପ୍ରଭାତ ହେବା ପୂର୍ବରୁ ମୁଁ ତମର ନିଦ୍ରାଭଙ୍ଗ କରିଦେବି । ମୁଁ ତ ଆଜି ଆଦୌ ଶୋଇପାରିବି ନାହିଁ । ତମକୁ ଲାଭ କରିବାର ଆନନ୍ଦ ମୋ ଆଖିରୁ ନିଦ୍ରାହରଣ କରିନେଇଛି । ମୁଁ ଏକା ଏକା ଖେଳିବି — ପୁଣି ଘ୍ରିଦିନ ପରେ ତମ ସଙ୍ଗେ ମୋର ଯେତେବେଳେ ଦେଖାହେବ ସେତେବେଳେ କିନ୍ତୁ ମୁଁ ଆଉ ଏକା ଏକା ଖେଳିବି ନାହିଁ —''

Digitized by srujanika@gmail.com

ସେ ମତେ ଘୃହିଁ ହସିଲେ ଏବଂ ମୁଁ ମନ ଭିତରେ ଶକ୍ତି ସଞ୍ଚୟ କରୁଥିଲି । ଅଭିନୟର ପ୍ରଥମ ରଜନୀ ପାହି ଆସୁଥିଲା ।

ଅଭିନୟର ଦ୍ୱିତୀୟ ରଜନୀ । ମତେ ଘଟ ପରିବର୍ତ୍ତନ କରିବାକୁ ହୁଏନାହିଁ । ସତ ; କିନ୍ତୁ ବ୍ୟକ୍ତିତ୍ୱ ପରିବର୍ତ୍ତନ କରିବାକୁ ହୁଏ, ରୂପାନ୍ତରିତ ହେବାକୁ ହୁଏ । ରୂପାନ୍ତରର ଅର୍ଥ ତ ଅଭିନୟ ।

ଭୀମସେନ ଯୁଧିଷ୍ଠିରଙ୍କ ଠାରୁ ଭିନ୍ନ । ରୂପ, ଗୁଣ ଆଗ୍ରର ବ୍ୟବହାର ଏବଂ ବାର୍ତ୍ତାଳାପ ସବୁଥିରେ ସେ ଅନ୍ୟଭାଇମାନଙ୍କ ଠାରୁ ସ୍ୱତନ୍ତ୍ର । ବାସର ଗୃହରେ ପ୍ରବେଶ କରିବା ମାତ୍ରେ ମୋ ହାତକୁ ବଢ଼ାଇଦେଲେ ତାଙ୍କର ଶିରସ୍ତ୍ରାଣ, ପୋଷାକ ଏବଂ ଅଳଙ୍କାର । କହିଲେ— "ଏଣିକି ଏ ସବୁ ତମର କାମ । ଦେଖ, ଉଦରକୁ ଛାଡ଼ିଦେଲେ ମୁଁ ମୋର ଅବଶିଷ୍ଟ ଶରୀର, ପୋଷାକ ପରିଚ୍ଛଦ ଏପରିକି ନିଜର ଯାବତୀୟ କାରବାରରେ ଏକବାର ଅଯତ୍ନଶୀଳ, ଖାମ୍‌ଖିଆଲି । ତେଣୁ ତମେ ପ୍ରଥମେ ମୋର ଉଦରର ଯତ୍ନ ନେବ । ତା'ପରେ ଅନ୍ୟାନ୍ୟ ସମସ୍ତ ବିଷୟ ପ୍ରତି ଧ୍ୟାନ ଦେବ । ଗୋଟିଏ କଥା ମନେରଖ, ମୁଁ ଭାରି ଖାଦ୍ୟପ୍ରିୟ । ମୋ ଜୀବନର ଦୁର୍ବଳତା ସେତିକି, ଦ୍ୱିତୀୟ ଦୁର୍ବଳତା ହେଉଛି ମୁଁ ଭାରି ସ୍ତ୍ରୀ ପ୍ରିୟ । ସ୍ତ୍ରୀ ପ୍ରିୟର ଅର୍ଥ ନାରୀପ୍ରିୟ ବୋଲି ଭାବିବ ନାହିଁ । ସ୍ତ୍ରୀ ଅର୍ଥ ଏଠାରେ ଦ୍ରୌପଦୀ । ହିଡ଼ିମ୍ବା ବର୍ତ୍ତମାନ ଏଠାରେ ନାହିଁ ଏବଂ ହସ୍ତିନାପୁରରେ ସେ କୌଣସି ଦିନ ଆସି ଅବସ୍ଥାନ ବି କରିବ ନାହିଁ । ତା'ସହ ସେଇ ସର୍ତ୍ତ । ତମକୁ ଦେଖୁ ଦେଖୁ ମୁଁ ଆକୃଷ୍ଟ ହୋଇଥିଲି ଏଇଥିପାଇଁ ଯେ ତମେ ଅତୀବ ସୁନ୍ଦରୀ ଏବଂ ଧୀରମତି ଓ ସ୍ଥିରଚିତ୍ତ । ଦ୍ୱିତୀୟରେ, ଶୁଣିଥିଲି ତମେ ସୁପାଚିକା । ତମ ହାତ ସ୍ପର୍ଶରେ ଅଖାଦ୍ୟ ମଧ୍ୟ ସୁସ୍ୱାଦୁକର ମନେହୁଏ । ବାସ୍ ମୋର ଆଉ ଲୋଡ଼ା କ'ଣ ? ତମେ ମତେ ଭଲକରି ରାନ୍ଧି ଖୁଆଇବ ଏବଂ ଯେତେବେଳେ ଦରକାର କରିବି, ସେତେବେଳେ ମତେ ସଖ୍ୟ ଦାନ କରିବ । ତମେ ଜାଣ, ସବୁଥିରେ ମୋର ଭାଗ ବେଶୀ । ଏହା ମା'ଙ୍କର ନିର୍ଦ୍ଦେଶ । ଠିକ୍ ସେଇପରି ତମକୁ ପାଇବାରେ ମଧ୍ୟ ମୋର ଭାଗ ବେଶୀ ରହିବା ଉଚିତ । କାରଣ ମଣିଷର ଯେତେପ୍ରକାର କ୍ଷୁଧା ଅଛି, ସବୁଗୁଡ଼ିକ ମୋ ଭିତରେ ପ୍ରବଳ । ତାକୁ ଶାନ୍ତ କରିବାର ଦାୟିତ୍ୱ ତ ତମର !" ଭୀମସେନ ହସିଲେ । ଆଖିରେ ତାଙ୍କର କୁଟୀଳ ଇଙ୍ଗିତ ।

ମୁଁ ବିମର୍ଷ ହୋଇ ଭାବୁଥିଲି, ମୋର ଶରୀର ଓ ମନକୁ ବିଭକ୍ତ କରିପାରିବି କେମିତି ? କେମିତି ବା ମୁଁ ଏକ ସମୟର ଭୀମସେନଙ୍କର ଅତିରିକ୍ତ କ୍ଷୁଧାକୁ ପ୍ରଶମିତ କରିବା ସଙ୍ଗେ ସଙ୍ଗେ ଆଉ ଘୃରିପତିଙ୍କ ପ୍ରତି ଉପଯୁକ୍ତ କର୍ତ୍ତବ୍ୟ ସମ୍ପାଦନ କରିପାରିବି !

Digitized by srujanika@gmail.com

ଭୀମସେନ ମୋର କୌଣସି ପ୍ରତିକ୍ରିୟା ଲକ୍ଷ୍ୟ କରୁ ନଥା'ନ୍ତି । ତାଙ୍କର ଅଭିବ୍ୟକ୍ତି ପ୍ରକାଶ କରିଯିବାରେ ସେ ବ୍ୟସ୍ତ । ଏପରିକି ମୁଁ ଯେ ଏପର୍ଯ୍ୟନ୍ତ ମୁଖ ଖୋଲିନାହିଁ, ତାଙ୍କର କଥାଗୁଡ଼ିକ ମୁଁ ଗ୍ରହଣ କରୁଛି କି ନା ଏବଂ କିଛି ମତାମତ ଦେଇନାହିଁ, ସେ ବିଷୟରେ ତାଙ୍କର ଆଦୌ ଭ୍ରୂକ୍ଷେପ ନାହିଁ । ସେ ପୁଣି କହିବାକୁ ଆରମ୍ଭ କଲେ — ''ଦେଖ ଦ୍ରୌପଦି, ମୁଁ ଅତିରିକ୍ତ ବଦ୍‌ରାଗୀ । କାହାରି ରାଗ ଅଭିମାନ ମୁଁ ବରଦାସ୍ତ କରେନାହିଁ । କିନ୍ତୁ କର୍ତ୍ତବ୍ୟରେ ସାମାନ୍ୟ ତ୍ରୁଟି ଦେଖିଲେ ମୁଁ ଭୟଙ୍କର ପ୍ରତିଶୋଧ ନିଏ । ମୋ ପାଖରେ କ୍ଷମାର ପ୍ରଶ୍ନ ନାହିଁ । ଏତିକି କଥା, ମୁଁ କୌଣସି କଥା ମନରେ ରଖେନାହିଁ । ଯାହା ଭାବେ କହିଦିଏ । ପରମୁହୂର୍ତ୍ତରେ ସବୁ ରାଗ ଭୁଲିଯାଏ । ତେଣୁ ମୋର ରାଗକୁ ତମକୁ ବରଦାସ୍ତ କରିବାକୁ ହେବ । ମୁଁ ଜାଣେ ତମେ ଅତ୍ୟନ୍ତ ଗ୍ରୁଣୀଳା, ବିଦୁଷୀ ଏବଂ ସୁଧୀରା । ସ୍ତ୍ରୀମାନେ ସେଭଳି ହେବା ବାଞ୍ଛନୀୟ । ସ୍ତ୍ରୀ ଯଦି ସର୍ବଂସହା ନ ହୁଏ ପରିବାରର ବନ୍ଧନ ଶିଥିଳ ହୋଇଯାଏ । ମୋର ରାଗକୁ ତମେ ଯଦି ବରଦାସ୍ତ ନ କରିବ ତେବେ କ୍ଷତି ତମରି । କାରଣ ତମ ପାଖରୁ ଘୁଲିଯାଇ ମୁଁ ମୋର ଅସୁରୁଣୀ ସ୍ତ୍ରୀ ହିଡ଼ିମ୍ବୀ ପାଖରେ ରହିବି । ହିଡ଼ିମ୍ବା ଅସୁରକୁଳରେ ଜନ୍ମହେଲେ କ'ଣ ହେବ, ସ୍ତ୍ରୀ ଭାବରେ ମୋର ଅନୁଗତା । ମୋର ରାଗକୁ ତାର ପ୍ରାଣ ଭୟ । ତା'ରି ଆଖି ଆଗରେ ତାର ଭାଇ ହିଡ଼ିମ୍ବାସୁରକୁ ମୁଁ କିଭଳି ଏକାପାହାରକେ ଛତୁ କରିଦେଲି ସେ ଦେଖିଛି ତ ! ନିଜ ପ୍ରାଣକୁ ସଂସାରରେ କାହାର ଭୟ ନାହିଁ ?'' ଭୀମସେନ ଆତ୍ମପ୍ରସାଦରେ ହସିଲେ ।

ମୁଁ ମୌନ ହୋଇ ବସିଥାଏ । ମୋର ସପତଣୀ ହିଡ଼ିମ୍ବାର ପ୍ରଶଂସା ସ୍ୱାମୀଙ୍କ ମୁଖରୁ ଶୁଣିବାକୁ ମତେ ଭଲ ଲାଗୁଥାଏ । ପୁଣି ଭୀମସେନଙ୍କର ରୋକ୍‌ଠୋକ୍ କଥାବାର୍ତ୍ତା ମତେ କଷ୍ଟ ଦେଉଥାଏ । ତଥାପି ମୁଁ କିଛି କହିବା ଉଚିତ୍ ନୁହେଁ । ନାରୀ ପରା ସର୍ବଂସହା ହେବା ବାଞ୍ଛନୀୟ ! ମୁଁ କିଛି କହିଲେ ଭୀମସେନ ଯଦି ରାଗିଯିବେ ଏବଂ ହିଡ଼ିମ୍ବା ପାଖକୁ ଘୁଲିଯିବେ, ମତେ ଯୁଧିଷ୍ଠିର କ୍ଷମା ଦେବେନାହିଁ; କାରଣ ପାଞ୍ଚଭାଇଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବା ହେଉଛି ମୋର ପ୍ରଥମ କର୍ତ୍ତବ୍ୟ । ଭୀମସେନ ଯଦି ହସ୍ତିନାପୁର ତ୍ୟାଗ କରିବେ, ପାଣ୍ଡବମାନେ କୌରବମାନଙ୍କର ଅନ୍ୟାୟ ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରିବେ କାହା ବଳରେ ?

ପରମୁହୂର୍ତ୍ତରେ ମୁଁ ଭାବିଲି ଭୀମସେନଙ୍କ ରାଗ ଏବଂ ଅସନ୍ତୋଷ ଭୟରେ ମୁଁ ଯଦି ସମସ୍ତଙ୍କ ଅପେକ୍ଷା ବେଶି ସମୟ ଭୀମସେନଙ୍କ ପାଇଁ ବ୍ୟୟ କରେ, ବେଶି ଆଗ୍ରହ, ବେଶି ଯତ୍ନ ଭୀମସେନଙ୍କୁ ପ୍ରଦର୍ଶନ କରେ, ତେବେ ଅନ୍ୟ ସମସ୍ତ ସ୍ୱାମୀ ମୋ ପ୍ରତି ବିମୁଖ ହେବେ, ତଥା ଭୀମସେନଙ୍କ ପ୍ରତି ସେମାନଙ୍କର ବିରାଗଭାବ ଜାତ ହେବ ।

Digitized by srujanika@gmail.com

ଅବଶେଷରେ ସେଇ କାରଣ ଯୋଗୁଁ ପାଣ୍ଡବମାନଙ୍କ ଭିତରେ ଏକତା ନଷ୍ଟ ହେବ । ସେତେବେଳେ ମଧ୍ୟ ମୋର ନିଷ୍କୃତି ନାହିଁ । ମୋର ତେବେ କ'ଣ କରିବା ବାଞ୍ଛନୀୟ ହେବ ? ମୋ ଦ୍ୱନ୍ଦ୍ୱର ଅବସାନ କାହିଁ ?

ଭୀମସେନ ମୋର ପଣତକୁ ଟାଣିଦେଇ ପରିହାସ କଲେ, ''ହେ, ଏମିତି ମାଟିର ମୂର୍ତ୍ତି ଭଳି ଚୁପ୍ ହୋଇ ବସିଛ କ'ଣ ? ସେ ସବୁ ମୋ ପାଖରେ ଚଳିବନି । ବିଦୁଷୀ ନାରୀମାନେ କାଳେ ସ୍ୱଚ୍ଛ କଥା କହନ୍ତି । କିନ୍ତୁ ମୋର ସ୍ତ୍ରୀ ବିଦୁଷୀ ହେବା ଦରକାର ନାହିଁ । ସ୍ତ୍ରୀଲୋକମାନେ ବିଦୁଷୀ ହେବାରେ କି ଲାଭ ? ସେମାନେ ସୁନ୍ଦରୀ ହେଲେଇ ଯଥେଷ୍ଟ । ମୁଁ ଗ୍ରହେଁ ମୋ ସ୍ତ୍ରୀ ଭଲ ରାନ୍ଧିବ, ଭଲ ସେବା କରିବ, ମୋ ସଙ୍ଗେ ହସିବ, କଥା କହିବ, ଗୀତ ଗାଇବ, ମୁଁ ଯାହା କହିବି ସଙ୍ଗେ ସଙ୍ଗେ ଆଜ୍ଞା ପାଳିବ । ବୁଝିଲ ? ନହେଲେ ଗ୍ୱଲିଲି ମୋ ହିଡ଼ିମ୍ବା ପାଖକୁ । ସେ ମୋ ବାଟ ଗ୍ରହିଁ ବସିଛି । ମୁଁ ଆଜ୍ଞାଦେଲେ ସେ ମୋର ମନୋରଞ୍ଜନ ପାଇଁ ମୋ ସାମ୍ନାରେ ନୃତ୍ୟ ବି କରେ । ତମେ ତା' ଭଳି ହୋଇପାରିବ ? ଦେଖ ସେମିତି ମୁହଁ ଭାରୀ କରି ବସନାହିଁ। ସ୍ତ୍ରୀମାନଙ୍କର ସେପରି ମୁହଁ ଦେଖିଲେ ମୋର ମଥାକୁ ପିତ ଚହଟିଯାଏ — ବାସ୍ ଡରିଗଲ ଏତିକିରେ !''

ଭୀମସେନ ହୋ—ହୋ ହୋଇ ହସିଲେ । ଆନନ୍ଦ ରେ, କୌତୁକରେ ସେ ଉଲ୍ଲସିତ ହେଉଥା'ନ୍ତି । କିନ୍ତୁ ମୋ ଆଖିକୋଣରେ ଅଶ୍ରୁ ଛଳ ଛଳ କରୁଥାଏ । ଭାବୁଥାଏ — ''ଏ କି ବିଷମ ପରୀକ୍ଷା ! ଯୁଧିଷ୍ଠିରଙ୍କର ବିଦୁଷୀ ପତ୍ନୀ ଆବଶ୍ୟକ, ଯିଏ ଧର୍ମ ଅଧର୍ମ ବିଗ୍ରର କରିପାରୁଥିବ । ଧର୍ମ ପାଇଁ ଜୀବନର ଶ୍ରେଷ୍ଠବସ୍ତୁକୁ ଉତ୍ସର୍ଗ କରିପାରୁଥିବ, ଶାସ୍ତ୍ର ପୁରାଣ ବେଦର ସାରମର୍ମ ବୁଝି ତାକୁ ଜୀବନର ପ୍ରତି ପଦେ ପଦେ ପାଳନ କରୁଥିବ । ଭୀମସେନଙ୍କ ରୁଚି ଠିକ୍ ବିପରୀତ । ପୁଣି ଅନ୍ୟ ତିନିପତିଙ୍କର ରୁଚି କେମିତି ହୋଇଥିବ କିଏ ଜାଣେ ?

ପଞ୍ଚଭୂତ ଶରୀରରେ ମତେ ପାଞ୍ଚଟି ବ୍ୟକ୍ତିତ୍ୱର ଅଧିକାରିଣୀ ହେବାକୁ ହେବ । ଏହା କ'ଣ ସମ୍ଭବ !

ଦ୍ୱନ୍ଦ୍ୱର ଅବସାନ ହୋଇନି ରାତିର ଅବସାନ ହେଲା ।

॥ ୧୦ ॥

ଘରସାରା କୃଷ୍ଣବାସ୍ନା ଖେଳି ବୁଲୁଥାଏ । ଅଳ୍ପ ସମୟ ପୂର୍ବେ କୃଷ୍ଣ ଏଠାରେ ଉପସ୍ଥିତ ଥିଲେ । କୃଷ୍ଣା ସହ ମିଳନ ପୂର୍ବରୁ ସଖା ଅର୍ଜୁନଙ୍କୁ ସେ କି ପରାମର୍ଶ ଦେଉଥିଲେ ?

Digitized by srujanika@gmail.com

ଆଜି ବୀର ଅର୍ଜୁନଙ୍କ ସହ ମୋର ପ୍ରଥମ ମିଳନ ରାତ୍ରି । ମୋ ଜୀବନରେ ପାଞ୍ଚଟି ପ୍ରଥମ ମିଳନ ରାତ୍ରି ଆସିଛି । ସବୁ ରାତ୍ରି ପ୍ରଭାତ ହୋଇଛି ଗଭୀର ସଂଯମ ଓ ଅନ୍ତର୍ଦ୍ୱନ୍ଦ୍ୱ ଭିତରେ ।

ଆଜି ରାତ୍ରିର କଥା କିନ୍ତୁ ସ୍ୱତନ୍ତ୍ର । ଆଜିର ମିଳନ ରାତ୍ରି ହୋଇଥା'ନ୍ତା ମୋର ଜୀବନର ପରମ କାମ୍ୟ ମିଳନରାତ୍ରି । ଅର୍ଜୁନ ହୋଇଥା'ନ୍ତେ ମୋର ଏକମାତ୍ର ସ୍ୱାମୀ । ଅଥଚ ନାଟକର ଅବାସ୍ତବ ଦୃଶ୍ୟ ଭଳି କ'ଣ ସବୁ ଘଟିଯାଇଛି ମୋର ଜୀବନରେ ! ଏମିତି ଘଟଣା କ'ଣ ଆଉ କେଉଁଠି କାହା ଜୀବନରେ ଘଟେ !

ଆଜି ମୋ ଜୀବନର ତୃତୀୟ ବାସର ରାତ୍ରି । ଅଥଚ ମୁଁ ଭାବୁଥାଏ ଆଜିର ରାତ୍ରି ହିଁ ମୋ ଜୀବନର ସର୍ବଶ୍ରେଷ୍ଠ ରାତ୍ରି ହୋଇ ରହିବ । ବାଧ୍ୟବାଧକତାରେ ପଡ଼ି ମଣିଷ ଅନେକ କାର୍ଯ୍ୟ କରେ । ଦେଶ ପାଇଁ, ଜାତି ପାଇଁ, ଧର୍ମରକ୍ଷା ପାଇଁ ମଣିଷ ଇଚ୍ଛା ବିରୋଧରେ ଅନେକ ରୋମାଞ୍ଚକର କାର୍ଯ୍ୟ କରିଥାଏ । ସେଥିରେ ତା'ର ସମ୍ମାନ ବଢ଼େ, ପ୍ରତିଷ୍ଠା ବଢ଼େ; ମାତ୍ର ତା'ର ଆତ୍ମାକୁ ଆନନ୍ଦ ମିଳେ କି ନା ମୁଁ ଜାଣେନା । କିନ୍ତୁ ଯେଉଁଠି ଅନ୍ତରର ଅନୁମୋଦନ ଥାଏ, ସେଇ କାର୍ଯ୍ୟରେ ହିଁ ତା'ର ଆତ୍ମା ତୃପ୍ତ ହଏ । ମୋର ଅବସ୍ଥା ଠିକ୍ ସେମିତି ।

ମୋର ଆତ୍ମାକୁ ଅର୍ଜୁନଙ୍କ ପାଖରେ ସମର୍ପି ଦେବା ପରେ ହିଁ ମତେ ପଞ୍ଚପତି ବରଣ କରିବା ପାଇଁ ବାଧ୍ୟ କରାଯାଇଛି । କାରଣ ତା'ଦ୍ୱାରା ଧର୍ମ ରକ୍ଷା ହେବ । ପଞ୍ଚପତିଙ୍କ ଭିତରୁ ଅର୍ଜୁନଙ୍କ ପାଖରେ ମୋର ଆତ୍ମା ଯେ ବନ୍ଧା ପଡ଼ିଯାଇଛି, ତା'କୁ ଅସ୍ୱୀକାର କରିବି କିପରି ?

ମୋର ମନକଥା ସଖୀ ନିତମ୍ବିନୀ ଜାଣେ । ତେଣୁ ଆଜି ବାସର ଘରଟିକୁ ସେ ସବୁଦିନଠାରୁ ଅଧିକ ଆଡ଼ମ୍ବରପୂର୍ଣ୍ଣ କରି ସଜାଇଛି । ନୀଳକଇଁ, ନୀଳତମାଳ, ଚମ୍ପା ଏବଂ ନାନା ସୁବାସିତ ଫୁଲର ଝାଲରରେ ଘରର ଦ୍ୱାର ଓ ଝରକାକୁ ଶୋଭାମୟ କରିଛି । ନିତମ୍ବିନୀ ଗ୍ରହିଁଥିଲେ ହୀରା, ନୀଳା, ମଣିମୁକ୍ତାରେ ମୋର ବାସରପୁର ସଜାଇ ପାରିଥା'ନ୍ତା । କିନ୍ତୁ ସେ ମୋର ରୁଚି ଜାଣେ । ରାଜକନ୍ୟା ହୋଇ ମୋର ଏପରି ରୁଚି କାହିଁକି ହେଲା ? ବୋଧହୁଏ ମୋର ଅଦୃଷ୍ଟର ଇଙ୍ଗିତ ତା' ପଛରେ ରହିଥିଲା । ରାଜରାଣୀ ହୋଇ ମଧ୍ୟ ମତେ ଯେ ଅନେକବର୍ଷ ଅରଣ୍ୟବାସିନୀ ହେବାକୁ ପଡ଼ିବ, ଏକଥା ମୁଁ ସିନା ଜାଣି ନଥିଲି, ମୋର ନିୟତି ତ ଜାଣିଥିଲା !

ମତେ କିନ୍ତୁ ନିତମ୍ବିନୀ ସଜାଇଥିଲା ରତ୍ନମଣ୍ଡଣି କରି । ମୋର ପ୍ରତିବାଦକୁ ଅବଜ୍ଞା କରି କହିଥିଲା — "ଆଜିଠାରୁ ସନ୍ନ୍ୟାସିନୀର ଜୀବନ ସରିଲା, ଏଣିକି ରାଜରାଣୀ । ହସ୍ତିନାପୁରର ରାଜରାଣୀ ସୁବର୍ଣ୍ଣ ସୃତାରେ ତିଆରି ପାଟ ପିନ୍ଧିବାର କଥା, ରତ୍ନ

Digitized by srujanika@gmail.com

ଅଳଙ୍କାରରେ ମଣ୍ଡିଣି ହୋଇ ହୀରା ନୀଳାର ନୂପୁର ବଜାଇ ବାସରପୁରକୁ ପ୍ରବେଶ କରିବାର କଥା —''

ସଖୀମାନେ ମତେ ଗୃହ ଭିତରେ ଛାଡ଼ିଦେଇ ଦ୍ୱାର ଆଉଜାଡ଼ ନେଲେ । ମୁକ୍ତାବସା ଝିଲିମିଲି ଓଢ଼ଣୀ ତଳୁ ଦେଖିଲି ମୋର ପ୍ରିୟତମ ପୁରୁଷ ବୀର ଫାଲ୍‌ଗୁନି ମତେ ପ୍ରତୀକ୍ଷା କରି ବସିରହିଛନ୍ତି । ଆଜି ତାଙ୍କର ଏ କି ଅପୂର୍ବ ବେଶ ! ଦୀର୍ଘ ସୁଠାମ ଶରୀର, ସୌମ୍ୟକାନ୍ତି, ଉଜ୍ଜ୍ୱଳ ଚକ୍ଷୁ, ଚନ୍ଦନଚର୍ଚ୍ଚିତ ମୁଖଶୋଭା, ଗଳାରେ ଶୁଭ୍ରପୁଷ୍ପର ଗଜରା, କୁଞ୍ଚିତ ଘନକେଶରେ ମେଘର ଅଭିଷେକ, ଆଖିର ନୀଳ ସମୁଦ୍ରରେ ସ୍ୱପ୍ନର ସ୍ଥିର ତରଙ୍ଗ । ତାଙ୍କୁ ଥରେ ମାତ୍ର ଘ୍ରହିଁ ଲଜ୍ଜାରେ ଚକ୍ଷୁ ନତ କଲି । ଇଚ୍ଛା ହେଉଥିଲା ଅନନ୍ତକାଳ ପାଇଁ ଏହି ମନୋଲୋଭା ରୂପକୁ ଘ୍ରହିଁ ରହନ୍ତି । ମାତ୍ର ଲଜ୍ଜା ଅସହଣି । ସେ ମୋର ଭଗାରି ହେଲା ।

ଅର୍ଜୁନ ଅତି କୋମଳ ମଧୁର ଭଙ୍ଗୀରେ ଆସନ ଛାଡ଼ି ମୋ ଦିଗରେ ଅଗ୍ରସର ହେଉଛନ୍ତି । ମୁଁ କମ୍ପିତ ହୃଦୟରେ ବସିରହିଛି । ଏଇ ପରମକାମ୍ୟ ପୁରୁଷର ପାଦତଳେ ଆଜି ଯଦି ମୁଁ ସର୍ବସ୍ୱ ଉଜାଡ଼ି ଦେବି, ତେବେ ଅନ୍ୟ ଦୁଇପତିଙ୍କ ସହ ବିବାହ ପୂର୍ବରୁ ଆଉ ଥରେ କୁମାରୀତ୍ୱ ଫେରିପାଇବି କିପରି ?

କିନ୍ତୁ ଏଇ କନ୍ଦର୍ପ ସୁନ୍ଦର କାମ୍ୟପୁରୁଷଙ୍କୁ ତ ହୃଦୟର ଦ୍ୱାରଦେଶରୁ ଫେରାଇ ଦେଇ ହୁଏନା । ଯଦି ଫେରାଇଦିଏ ତେବେ ତାଙ୍କର ପ୍ରେମିକ ହୃଦୟ ଭଗ୍ନ ହେବା ପୂର୍ବରୁ ମୋର ହୃଦୟ ଯେ ଶତଧା ବିଭକ୍ତ ହୋଇଥିବ ଏଥିରେ ସନ୍ଦେହ ନାହିଁ ।

ଦୃଷ୍ଟିକୁ ନିଜର ହୃଦୟ ଦେଶରେ ସ୍ଥିର ରଖି ଭାବୁଥିଲି ଏଇ ବିପନ୍ନ ହୃଦୟକୁ ବୋଧ ଦେବି କିପରି ? ଚମକି ଉଠିଲି କ୍ଷଣକରେ । ମୋର ହୃଦୟରେ କାହାର ଏ ଚନ୍ଦନଚର୍ଚ୍ଚିତ ମୁଖଶୋଭା ? ସେ ତ ଦୂରରେ ଥିଲେ । ମୋ ହୃଦୟରେ ତାଙ୍କୁ ମୁଁ ଦେଖୁଛି କିପରି ? ଛିଃ ନିତମ୍ବିନୀ କେଡ଼େ ଦୁଷ୍ଟା ! ମୋ ଗଳାର ରତ୍ନହାରର ପଦକରେ ଉଜ୍ଜ୍ୱଳ ହୀରାର ଦର୍ପଣଟିଏ ଖଞ୍ଚିଛି କେତେବେଳେ ? ସେଇ ଦର୍ପଣରେ ଦିଶୁଛି ଅର୍ଜୁନଙ୍କ ମୁଖଛବି । ସେ ମୃଦୁ ମୃଦୁ ହସୁଛନ୍ତି । ଲଜ୍ଜାରେ ଦର୍ପଣ ଉପରୁ ଦୃଷ୍ଟି ଫେରାଇନେଇ ହସ୍ତପଦ୍ମରେ ଦୃଷ୍ଟି ନିବଦ୍ଧ କଲି । ହସ୍ତପଦ୍ମର ପ୍ରତିଟି ପାଖୁଡ଼ାରେ ଲାଗିଥିବା ରତ୍ନଖଣ୍ଡରେ ଅର୍ଜୁନଙ୍କର ପ୍ରତିଚ୍ଛବି ଝଲସୁଛି । ମୋର ରତ୍ନଚୂଡ଼ିରେ, ମୁଦ୍ରିକାରେ ଏବଂ ମୁଁ ଦେଖିପାରୁନଥିଲେ ବି କର୍ଣ୍ଣଫୁଲରେ, କପାଳର କେତକୀରେ, ନାସାଗ୍ରର ରତ୍ନ ନକ୍ଷତ୍ରରେ ଅର୍ଜୁନଙ୍କ ମଣିମୟ ରୂପଶୋଭା ଝଟକୁଛି । ମୋର ଅଙ୍ଗେ ଅଙ୍ଗେ ଅର୍ଜୁନଙ୍କର ପ୍ରତିଚ୍ଛବି ଚିହ୍ନିତ ହେଉଛି । ମୋର ପ୍ରତିଟି ଲୋମକୂପରେ ରୋମାଞ୍ଚ ଜାଗୁଛି, ମୋ ଶରୀରର ସ୍ୱେଦବିନ୍ଦୁରେ ବି ଝଟକୁଛନ୍ତି ଅର୍ଜୁନ । ଭାବିଲି କେମିତି ମୁଁ ନିଜକୁ ସଂଯତ

Digitized by srujanika@gmail.com

ରଖିବି ! କେମିତି ରକ୍ଷା କରିବି ଧର୍ମକୁ — ମତେ ଯେ ପୁଣି ଦୁଇ ଦୁଇଥର ଅଗ୍ନିକୁ ସାକ୍ଷୀ ରଖି ବିବାହ କରିବାକୁ ହେବ । ଭାବିଲି ଅର୍ଜୁନଙ୍କର ସ୍ପର୍ଶ ମାତ୍ରକେ ମୂର୍ଚ୍ଛିତା ହୋଇପଡ଼ିବି । ତେଣିକି ଯା ଘଟିବ ମୋର କି ଗ୍ୱରା !

ମଣିଷ ଯେତେବେଳେ ନିଜ ଉପରୁ ଆସ୍ଥା ହରାଏ, ଏମିତି ଏକ ଭିନ୍ନପଥ ଖୋଜେ, ଗ୍ୱହେଁ ନିଜକୁ ଫାଙ୍କିମାରି ଦୁଃଖ ଭୁଲିଯିବା ପାଇଁ, ଯନ୍ତ୍ରଣାମୁକ୍ତ ହେବା ପାଇଁ ।

ମୋର ମନକଥା ସେ କେମିତି ଜାଣିଲେ ? କୋମଳ କଣ୍ଠରେ ଡାକିଲେ — କୃଷ୍ଣା !

ଏ ଡାକ କାହାର ? ଏ ତ କୃଷ୍ଣଙ୍କର କଣ୍ଠସ୍ୱର ! ଏମିତି କୋମଳ ମଧୁର ସ୍ୱରରେ ସେ ମତେ ଡାକନ୍ତି 'କୃଷ୍ଣା' । ତାଙ୍କର ସଖା ଅର୍ଜୁନ କେମିତି ଜାଣିଲେ ଯେ ମୋର ଅନେକ ନାମ ଭିତରୁ ଏ 'କୃଷ୍ଣା' ନାମଟି ହିଁ ମତେ ବେଶି ଭଲଲାଗେ ବୋଲି ?

ମୋର ଧ୍ୟାନ ଭଗ୍ନ କରି ଆଉଥରେ ଅର୍ଜୁନ କହିଲେ — 'କୃଷ୍ଣା', ଚିନ୍ତା ଜାହିଁକି ? ମୁଁ ତମର ପ୍ରତିଜ୍ଞା ଜାଣେ । ସ୍ତ୍ରୀର ପ୍ରତିଜ୍ଞା ପୂରଣ କରିବା ସ୍ୱାମୀର ମଧ୍ୟ ଧର୍ମ । ତମେ ପଞ୍ଚପତିଙ୍କୁ ବିବାହ କରିବା ପୂର୍ବରୁ ତମର ପବିତ୍ର କୁମାରୀତ୍ୱରେ କେହି ଜଣେ ହେଲେ ସ୍ୱାମୀ ଅସ୍ପଷ୍ଟ ଦାଗଟିଏ ମଧ୍ୟ ରଖିବା ପାଇଁ ପ୍ରୟାସ କରିବେ ନାହିଁ । ପାଣ୍ଡବ ପାଞ୍ଚଭାଇଙ୍କର ସେତିକି ବୈଶିଷ୍ଟ୍ୟ, ମାତ୍ର 'କୃଷ୍ଣା' — କଥା ଅଧାରଖି ସେ ଚୁପ୍ ହୋଇଗଲେ । ଦୁଃଖ ଏବଂ ଅବସାଦର କଳାମେଘ ତାଙ୍କର ପ୍ରସନ୍ନ ମୁଖକୁ ସାମାନ୍ୟ ବିଷଣ୍ଣ କରିଦେଲା । ତାଙ୍କର ଦୁଃଖ କାହିଁକି ? ମୁଁ ତାଙ୍କର ଦୁଃଖର କାରଣ ନୁହେଁ ତ ? ତା' ଯଦି ହୁଏ, ମୋର ବଞ୍ଚିରହିବାର କି ଅଧିକାର ଅଛି ?

ସେ ରୁଦ୍ଧ କଣ୍ଠରେ କହିଲେ — "ତମ ସହ ମୋର ଚରମ ସୁଖର ମୁହୂର୍ତ୍ତ ଅତିକ୍ରାନ୍ତ ହୋଇଛି । ତମକୁ ଏକାନ୍ତ ନିଜର ଭାବେ ଯେତିକି ସମୟ ପାଇଛି ସେତିକି ହେଉଛି ମୋ ଜୀବନର ସର୍ବଶ୍ରେଷ୍ଠ ମୁହୂର୍ତ୍ତ । ଆଉ ଯେଉଁ ଅବଶିଷ୍ଟ ଜୀବନ ଆମ ହାତରେ ରହିଲା ତା' କେବଳ ଧର୍ମରକ୍ଷା ପାଇଁ, ସଂସ୍କୃତିର ରକ୍ଷା ପାଇଁ — ଜଗତର ମଙ୍ଗଳ ପାଇଁ ଉତ୍ସର୍ଗୀକୃତ । ତେଣୁ ନିଜ ଉପରୁ ଭରସା ହରାଇଲେ ଚଳିବ କିପରି ?

ତମେ ତ ଆଉ ତମର ନୁହଁ, ତମେ ଜଗତର ! ଜଗତର ଧର୍ମରକ୍ଷା ପାଇଁ ତମେ ନିଜକୁ ଉତ୍ସର୍ଗ କରିଦେଇଛ । ମୁଁ କାହିଁକି ସେଥିପାଇଁ ତମକୁ ଦୋଷ ଦେବି ?"

ମୁଁ ଚକିତା ହୋଇ ସ୍ୱାମୀଙ୍କୁ ଚାହିଁଲି । ଲଜ୍ଜା, ସଙ୍କୋଚ ସବୁ ଦୂର ହୋଇଗଲା । ମୋ ଭିତରେ ଅଭିସାରିକା ନବବଧୂ ଅପସରିଗଲା ଦୂରକୁ । ଭାବିଲି ଅର୍ଜୁନ ଏସବୁ କ'ଣ କହୁଛନ୍ତି ? ମୋ ସହିତ ତାଙ୍କ ଜୀବନର ଆରମ୍ଭ ତ ଏଇ ଆଜିଠାରୁ — ଏଇ

Digitized by srujanika@gmail.com

ମଧୁର ମିଳନ ଲଗ୍ନରୁ । ମୋ ସହ ତାଙ୍କ ସୁଖର ଦିନ ଶେଷ ହୋଇଗଲା ବୋଲି ସେ ଯାହା କହିଲେ ତା'ର ଅର୍ଥ କ'ଣ ? ପୁଣି ମତେ ସେ ଦୋଷ ଦେଇଥା'ନ୍ତେ କ'ଣ ପାଇଁ ?

ଅର୍ଜୁନ ମୋର ମନୋଭାବ ବୁଝିଲେ । ମୋ ହାତଧରି ରହ ପଲଙ୍କରେ ବସାଇ-ଦେଲେ । କହିଲେ — ''ସ୍ୱୟମ୍ବର ସଭାରୁ ଯେତେବେଳେ ଆମେ ବଣ୍ୟପଥ ଦେଇ ଫେରୁଥିଲେ, ସେତେବେଳେ କିଏ ଜାଣିଥିଲା ଯେ ତମେ ଏକାନ୍ତଭାବେ ମୋର ହୋଇ ରହିବନି ବୋଲି ! ସେଇ ସେତିକି ମୁହୂର୍ତ୍ତ ମୁଁ ନିଜକୁ ପୃଥିବୀର ଶ୍ରେଷ୍ଠ ପୁରୁଷ ମନେକରି ଗର୍ବ ଅନୁଭବ କରୁଥିଲି । ଭାବିଥିଲି ତମ ଉପରେ ସୂର୍ଯ୍ୟରଶ୍ମି ଓ ଚନ୍ଦ୍ରକିରଣ ପଡ଼ିଲେ ବି ସୂର୍ଯ୍ୟ ଓ ଚନ୍ଦ୍ରଙ୍କୁ ହତ୍ୟା କରିବି । ଆମର ପୋଷା ହରିଣ, ଶୁକ, ଶାରୀ ତମକୁ ସ୍ନେହରେ ଆଲିଙ୍ଗନ କଲେ ତାଙ୍କର ଶିରଚ୍ଛେଦ କରିବି । ଏପରିକି ତମ ଗଳାର ରହହାରକୁ ମୁଁ ଈର୍ଷା କରିବି ଏବଂ ଅନୁରୋଧ କରିବି — 'କୃଷ୍ଣା', ମୋର ବକ୍ଷୁ ସାମ୍ନାରେ ଥିବାଯାଏ ତମେ ଦୟାକରି ତମର ରହହାର ଓ କର୍ଣ୍ଣଫୁଲ ଖୋଲିଦିଅ । ରହହାର ତୁମର ବକ୍ଷଦେଶରେ ସ୍ଥାନ ପାଏ — କର୍ଣ୍ଣଫୁଲ ତମର ଗଣ୍ଡଦେଶ ସ୍ପର୍ଶ କରେ, ସ୍ୱାମୀ ହୋଇ ସେକଥା ମୁଁ ବରଦାସ୍ତ କରିବି କିପରି ? ମାତ୍ର କିଏ ଜାଣିଥିଲା ତମ ସହ ମୋର ମିଳନ ହେବ ତୃତୀୟ ରଜନୀରେ ଏବଂ ମତେ ଅପେକ୍ଷା କରିବାକୁ ହେବ ଆଉରି କିଛିଦିନ, ନକୁଳ ସହଦେବଙ୍କ ସହ ବିବାହ ପରେ ପୁନର୍ବାର ତୃତୀୟ ରଜନୀ ପର୍ଯ୍ୟନ୍ତ !

ମୁଁ ଅଭିଯୋଗଭରା ସ୍ୱରରେ କହିଲି — ''ଆପଣ ତ କହିପାରିଥା'ନ୍ତେ, ଅର୍ଜୁନ ଛଡ଼ା କୃଷ୍ଣା ଉପରେ ଆଉ କାହାର ଅଧିକାର ନାହିଁ ବୋଲି ! ଆପଣ କାହିଁକି ସେତେବେଳେ ମୋ ଉପରେ ସବୁ ଛାଡ଼ିଦେଲେ ?''

ଅର୍ଜୁନ ବିଷାଦପୂର୍ଣ୍ଣ ସ୍ୱରରେ କହିଲେ — ''ଭାଇଙ୍କର ସେଭଳି ଉକ୍ତି ଏବଂ ମା'ଙ୍କର ପ୍ରତ୍ୟୁତ୍ତର ପରେ ମୁଁ ଯାହା ଉତ୍ତର ଦେଲି ତାହାହିଁ ପୁତ୍ର ହିସାବରେ, କନିଷ୍ଠଭ୍ରାତା ହିସାବରେ ଧର୍ମତଃ ମୋର କହିବା କଥା । ସେତିକି ଛଡ଼ା ଆଉ କିଛି ମୁଁ କହିପାରି ନଥା'ନ୍ତି । ମୋର ଉତ୍ତର କ'ଣ ହେବ, ତାହା ଜ୍ୟେଷ୍ଠଭ୍ରାତା ଏବଂ ମା' ନିରୂପଣ କରିସାରିଥିଲେ । କିନ୍ତୁ ତମେ କ'ଣ ଉତ୍ତର ଦେବ, ତା' ତ ସଂପୂର୍ଣ୍ଣ ତମ ଅକ୍ତିଆରରେ ଥିଲା । ତମେ ନିଃସଙ୍କୋଚରେ, ନିର୍ବିଘ୍ନରେ ତମର ନିର୍ଭୀକ ମତ ଦେଇ-ପାରିଥା'ନ୍ତ.....''

ରାଗ, ଅଭିମାନ ଏବଂ କ୍ଷୋଭ ମୋର କଣ୍ଠଦେଶରେ ରୁନ୍ଧି ହୋଇଯାଉଥିଲା । ମୁଁ ଅଶ୍ରୁ ଗ୍ୱପିନେଇ କହିଲି — ''ଏ ପୃଥିବୀରେ ପଞ୍ଚପାଣ୍ଡବ, ତାଙ୍କର ମାତା, ଗୁରୁଦେବ କୃଷ୍ଣ ଦ୍ୱୈପାୟନ ଏବଂ ଆପଣଙ୍କର ସଖା ଶ୍ରୀକୃଷ୍ଣ ଧର୍ମରକ୍ଷା ପାଇଁ ସବୁକିଛି କରିପାରନ୍ତି ।

Digitized by srujanika@gmail.com

ଏକା ଦ୍ରୌପଦୀ ନିଜର ସୁଖ, ସମ୍ମାନ ଏବଂ ଆତ୍ମବଡ଼ିମାକୁ ବଡ଼ କରି ଧରିଥା'ନ୍ତା ଏବଂ ସମସ୍ତଙ୍କର ମତକୁ ଅଗ୍ରାହ୍ୟକରି ସାରା ପୃଥିବୀର ଅଶ୍ରଦ୍ଧା ଓ ଅଭିଶାପ ବରିନେଇଥା'ନ୍ତା, ଏଇଆ ଆପଣ ଗ୍ରହିଁଥିଲେ ? ତା' ହୋଇଥିଲେ ଆପଣଙ୍କର ଇଚ୍ଛା ପୂର୍ଣ୍ଣ ହୋଇଥାନ୍ତା, ଅଥଚ ଚିହ୍ନା ପଡ଼ିଥା'ନ୍ତା କୃଷ୍ଣା..." —ମୁଁ କଥା ଅଧାରଖି କୋହ ଗ୍ୱପିବାର ଚେଷ୍ଟାକଲି ।

ଅର୍ଜୁନ ମୋ କାନ୍ଧରେ ହାତ ରଖିଲେ । ଶାନ୍ତ ସ୍ୱରରେ କହିଲେ — "ଗତ କଥା ଉପରେ ଶୋଚନା କରାଯାଏନା କୃଷ୍ଣା, ତମକୁ କିଛି ସମୟ ପାଇଁ ମୁଁ ଯେ ସଂପୂର୍ଣ୍ଣ ନିଜର କରି ପାଇଥିଲି ସେତିକି କ'ଣ ଆମ ପାଇଁ ସୌଭାଗ୍ୟର କଥା ନୁହେଁ ? ପୃଥିବୀରେ ବୃହତ୍ତର ସ୍ୱାର୍ଥପାଇଁ ବ୍ୟକ୍ତିଗତ ସ୍ୱାର୍ଥକୁ ଜଳାଞ୍ଜଳି ଦେବାର ବହୁ ଦୃଷ୍ଟାନ୍ତ ରହିଛି । ବର୍ତ୍ତମାନ ପୃଥିବୀ ବିପନ୍ନ । ଧରିନିଅ ନିଜ ପାଇଁ ନୁହେଁ, ଏକ ବୃହତ୍ତର ଲକ୍ଷ୍ୟ ଉଦ୍ଦେଶ୍ୟରେ ଆମେ ଏ ପୃଥିବୀକୁ ଆସିଛେ — ମୁଁ ମୋର ଭାଇମାନଙ୍କଠାରୁ ଭିନ୍ନ ନୁହେଁ । କୌଣସି କାରଣରୁ ଭିନ୍ନ ହେବାକୁ ଯଦି ଗ୍ରହୁଁଥାଏ, ତେବେ ତାହା ମୋ ଭିତରେ ପଶୁତ୍ୱର ଉପଦ୍ରବ । ତମ ଉପରେ ଯଦି ବା ଏଥିପାଇଁ ଅଭିମାନ ଆସିଛି, ତାହା ମଧ୍ୟ ମୋର ପୁରୁଷତ୍ୱର ଅହଂ । ପ୍ରକୃତରେ ତମେ କିଏ ? ମୁଁ କିଏ ? କିଏ ମୋର ଗ୍ୱ'ରି ସହୋଦର ? ଆମେ କେଉଁଠୁ ଆସିଛେ, କେଉଁଠାକୁ ଯିବା ତା' ମଧ୍ୟ ଆମକୁ ଜଣାନାହିଁ । ଏ ପୃଥିବୀରେ କେତେଦିନର ଏକତ୍ର ରହଣିରେ ତମେ ଯଦି ସମସ୍ତଙ୍କର ସୁଖ ସମୃଦ୍ଧି ବୃଦ୍ଧି କରିପାର, ସତରେ ମୁଁ ସେଥିରେ ଦୁଃଖିତ କାହିଁକି ? ଏ କ'ଣ ମୋର ସ୍ୱାର୍ଥପରତା ନୁହେଁ ?"

ମୁଁ ତାଙ୍କର ନୀତିପୂର୍ଣ୍ଣ ଉପଦେଶ ଶୁଣୁଥାଏ ଏବଂ ବୁଝିପାରୁଥାଏ । ମତେ ପ୍ରବୋଧନା ଦେବା ଅପେକ୍ଷା ସେ ନିଜକୁ ହିଁ ପ୍ରବୋଧନା ଦେଉଛନ୍ତି ବେଶି । ମୋ ଅପେକ୍ଷା ସେ ବେଶି ମର୍ମାହତ, ବେଶି ଅସହାୟ । ସମବେଦନାରେ ହୃଦୟ ଭରିଗଲା । ରାଗହେଲା ସଖା ଗୋବିନ୍ଦଙ୍କ ଉପରେ । ଗୋବିନ୍ଦଙ୍କ ଭଳି ଶାସ୍ତ୍ରଜ୍ଞ, ବିଗ୍ଧରବନ୍ତ, ଆର୍ଯ୍ୟାବର୍ତ୍ତର ଶ୍ରେଷ୍ଠ ପୁରୁଷ, ଯିଏ ପୁଣି ଅର୍ଜୁନଙ୍କ ପ୍ରିୟ ସଖା, କେଉଁ ଅପରାଧ ଯୋଗୁଁ ତାଙ୍କର ପତ୍ନୀସହ ଅନ୍ୟମାନେ ଭାଗୀଦାର ହେବେ ? ହୁଅନ୍ତୁ ପଛକେ ସେମାନେ ନିଜର ଭାଇ, ସେମାନେ ଅନ୍ୟ ପୁରୁଷ ତ ! ଏ ଶାସ୍ତି କାହିଁକି ତାଙ୍କୁ ମିଳିଲା ?

ରାଗ ଅଭିମାନ ଭୁଲି ଅର୍ଜୁନଙ୍କର ଦୁଃଖରେ ମୁଁ ଏତେ ଦ୍ରବୀଭୂତ ହୋଇଗଲି ଯେ ମୋ ଆଖିର ଦୁଇବିନ୍ଦୁ ଲୁହ ଅଣାୟତ୍ତ ହୋଇ ତାଙ୍କର ପାଦ ଉପରେ ମୁକ୍ତା ବିନ୍ଦୁଭଳି ଝରିପଡ଼ିଲା ।

ଅର୍ଜୁନ ବ୍ୟଥିତ ସ୍ୱରରେ କହିଲେ — "କୃଷ୍ଣା, ତମେ ଜଣେ ସାଧାରଣ ରୂପସୀ ରାଜକନ୍ୟା କେବଳ ନୁହଁ, ତମେ ବିଦ୍ୟାବତୀ, ଜ୍ଞାନବତୀ ଏବଂ ଜଣେ କବୟିତ୍ରୀ ।

Digitized by srujanika@gmail.com

ଜୀବନରେ ଅଶ୍ରୁର ଅନେକ ପ୍ରୟୋଜନ ଥାଏ । ଜୀବନରେ ଏଭଳି ସମୟ ବି ଉପସ୍ଥିତ ହୁଏ, ଯେତେବେଳେ ଅଶ୍ରୁପାତ ବ୍ୟତିରେକ ମୂର୍ଚ୍ଛନାପାତ ହେବା ଖୁବ୍ ସମ୍ଭବ । ତେଣୁ କଥା କଥାକେ ଅଶ୍ରୁ ବିସର୍ଜନ କରି ଅଶ୍ରୁର ଅବମାନନା କରନାହିଁ । ଜୀବନରେ ଦୁର୍ଦ୍ଦିନର ସାଥି ହିଁ ହେଉଛି ଶ୍ରେଷ୍ଠ ସାଥି ଏବଂ ସେ ହେଉଛି ଅଶ୍ରୁ ! ତାକୁ ଅପବ୍ୟୟ କରନାହିଁ ।''

ଅଶ୍ରୁ ପୋଛିନେଇ ମୁଁ ତାଙ୍କୁ ଗ୍ରହିଁଲି । ମେଘ ଢାଙ୍କିଲେ ବି ଆକାଶର ଉଦାର ବିସ୍ତୃତି ଯେପରି ବାଧାପ୍ରାପ୍ତ ହୁଏ ନାହିଁ, ବିଷଣ୍ଣତାର ସ୍ପର୍ଶ ରହିଥିଲେ ବି ତାଙ୍କର ସୌନ୍ଦର୍ଯ୍ୟ ସେଥିରେ ତିଳେହେଲେ ଉଣା ହୋଇନାହିଁ । ବରଂ ବିଷାଦ କାଳିମାର ଅସ୍ପଷ୍ଟ ସ୍ପର୍ଶ ତାଙ୍କର ପୁରୁଷତ୍ୱକୁ ଅଧିକ ଗମ୍ଭୀର, ମହିମାମୟ କରି ତୋଳିଛି । ମୁଁ ଦୁଃଖ ଭୁଲି ମୁଗ୍ଧ ଦୃଷ୍ଟିରେ ତାଙ୍କର ମୁଖଶୋଭାକୁ ଗ୍ରହିଁରହିଲି ଏବଂ ଭାବିଲି ନିନ୍ଦା, ଅପବାଦ, ଦୁଃଖ ଏବଂ ଦ୍ୱନ୍ଦ୍ୱ ଭିତରେ ଜୀବନ ପଛକେ ଅତିବାହିତ ହେଉ ଫାଲ୍‌ଗୁନିଙ୍କୁ ପାଇ ମୁଁ ଧନ୍ୟ ହୋଇଛି । ନିମିଷକରେ ସମସ୍ତ କାଳିମା ଦୂର ହୋଇଗଲା । ଅର୍ଜୁନ ମଧ୍ୟ ପ୍ରସନ୍ନ ହେବାକୁ ଚେଷ୍ଟା କଲେ ।ଯାହା ଆଉ ଆମ ନିୟନ୍ତ୍ରଣରେ ନାହିଁ, ସେଥିପାଇଁ ଅନୁଶୋଚନା କାହିଁକି ?

ଅର୍ଜୁନ ମୋ ପାଖରେ ବସିଲେ । ଅକୃତ୍ରିମ ବନ୍ଧୁ ଭଳି କହିଲେ — ''ତମକୁ ବିବାହ କରିବାର ଆକାଂକ୍ଷା ଜାଗିଥିଲା ଦୁଇଟି କାରଣରୁ । ପ୍ରଥମ କଥା ହେଲା, ତମର ନାମ 'କୃଷ୍ଣା' । ମୋର ପ୍ରିୟସଖା କୃଷ୍ଣଙ୍କ ନାମ ସଙ୍ଗେ ତମ ନାମର ସାମଞ୍ଜସ୍ୟ ହେତୁ ତମ 'ନାମ'ର ପ୍ରେମରେ ମୁଁ ପଡ଼ିଯାଇଥିଲି । ଦ୍ୱିତୀୟ କଥା ହେଲା, ତମେ ବିଦୁଷୀ ଏବଂ କବି । ଶୁଣିଛି ମୋର 'ପ୍ରିୟ ସଖା'ଙ୍କୁ ନେଇ ତମେ କେତେଗୁଡ଼ିଏ କବିତା ଲେଖିଛ । ମୁଁ ପଢ଼ିପାରେ ?''

ମୁଁ ଲଜ୍ଜାରେ ଝାଉଁଳିଯାଇ କହିଲି, ''ଆପଣଙ୍କୁ ଏ ସମ୍ବାଦ କିଏ ଦେଲା ?''

ଅର୍ଜୁନ ହସି ହସି କହିଲେ — ''ମୋର ସଖା ଅନେକ କଥା ଗଣନା କରି ଜାଣିପାରନ୍ତି । ସେ ଶକ୍ତି ତାଙ୍କର ଅଛି । ପିଲାଦିନେ ବହୁ ଅଲୌକିକ କାଣ୍ଡ ସେ ଘଟାଇଛନ୍ତି । ଆର୍ଯ୍ୟାବର୍ତ୍ତରେ ସେ ହେଉଛନ୍ତି ଏକ ଅଲୌକିକ ବ୍ୟକ୍ତିତ୍ୱ । ସେ ତ ତମ କବିତାର କେତେକ ପଙ୍‌କ୍ତି ଉଦ୍ଧାର ବି କରନ୍ତି । ଶୁଣିବ ତମ କବିତାର କେତୋଟି ପଙ୍‌କ୍ତି ?

ସାଗର ତ ବାନ୍ଧିରଖେ ଆକାଶର ସବୁ ନୀଳିମାକୁ
ସେଇ ତା'ର ଓସାରିଆ ବୁକୁର ମୁକୁରେ
କେବେ ଛୁଇଁ ପାରିବନି ସେ ନୀଳ ନୀଳିମା
ତେଣୁ ସିଏ ଭଲପାଏ ଏତେ ସିନା ତା'ରେ ।

Digitized by srujanika@gmail.com

ଚନ୍ଦ୍ର ବି ଭଲପାଏ ଦୂରେ ଥାଇ କଇଁଫୁଲଟିକୁ —
ରାତି ଜାଗି ଢାଳିଯାଏ ତା' ବୁକୁର ଯେତେକ ମମତା
କାରଣ ସେ ପାଇବନି କେବେହେଲେ ତା'ରେ
ବୁଝିବାର ଶକ୍ତି କା'ର ସେ ପ୍ରେମରେ କେତେ ପବିତ୍ରତା !

ନାହିଁ ଯଦି ପାଇବାର ଅଭିଳାଷ କଣିକାଏ ମନେ
ଅନାବିଳ ସେହି ପ୍ରେମ ଯଦି ନାହିଁ ପ୍ରତିଦାନ ଆଶା
ପାଇବିନି ଜାଣେ ବୋଲି ଭଲପାଏ କେତେ
କବିତାରେ ଲେଖିବାକୁ ପାଏନି ମୁଁ ମୋ ପ୍ରେମର ଭାଷା !

ଲଜ୍ଜାରେ ମୋର ମୁଖମଣ୍ଡଳ ରଙ୍ଗିନ ହୋଇଗଲା । ମୋର କବିତାଟି ପ୍ରକୃତରେ କୃଷ୍ଣଙ୍କୁ ଉଦ୍ଦିଷ୍ଟ ଥିଲା । ସେ କିପରି ମୋ କବିତା ପଢ଼ିଲେ ? ନିଶ୍ଚେ ଏହା ନିତମ୍ବିନୀର କାଣ୍ଡ । ମୋର କବିତା ଖାତା କେତେଦିନ ଧରି ତା'ରି ପାଖରେ ହିଁ ଥିଲା । ପଢ଼ିବ ବୋଲି କବିତା ଖାତାକୁ ଧରି ସେ ବୁଲୁଥିଲା । ଦିନେ ଉଦ୍ୟାନରେ କବିତା ଖାତାକୁ ସେ ଛାଡ଼ି ଆସିଥିଲା । ତ' ପରଦିନ ଶ୍ରୀକୃଷ୍ଣ ଉଦ୍ୟାନ ଭ୍ରମଣରେ ଯାଇ କବିତା ଖାତାଟି ପାଇଥିଲେ ଏବଂ ଫେରାଇ ଦେଇଥିଲେ । ବୋଧହୁଏ ସେତେବେଳେ ନିତମ୍ବିନୀ ଜାଣି ଜାଣି ଏପରି କରିଥିଲା । ସେ ଯାହା ବି ହେଉ ମୋ କବିତାଟି ଅର୍ଜୁନଙ୍କ ଗଳାରେ ଭାରି ସୁନ୍ଦର ଶୁଭିଲା ମୋ କାନକୁ । ସେ ଯେ ଏତେ ସୁନ୍ଦର କବିତା ଆବୃତ୍ତି କରନ୍ତି ତା' ମୁଁ ନ ଶୁଣିଥିଲେ ବିଶ୍ୱାସ କରିନଥା'ନ୍ତି ।

ମୁଁ ନତମୁଖ ହେଇ ବସିଥାଏ । ଅର୍ଜୁନ କହିଲେ — ''କୃଷ୍ଣା, କବିତାଟି ଭାରି ଚମତ୍କାର ହେଲେ ମଧ୍ୟ କୃଷ୍ଣଙ୍କ ଛଡ଼ା ଆଉ କାହାକୁ ଉଦ୍ଦିଷ୍ଟ ହୋଇଥିଲେ ଆଜି ତମକୁ ମୁଁ କ୍ଷମା କରିନଥା'ନ୍ତି । ଯାହାହେଉ ମୁଁ ତମକୁ କହିବା ପୂର୍ବରୁ ତମେ ମୋର ସଖାଙ୍କୁ ମନପ୍ରାଣ ଦେଇ ଭଲ ପାଇସାରିଛ । ଜାଣେନା ତାଙ୍କଠାରେ କି କଳା ଅଛି, ତାଙ୍କୁ ଯେ କେହି ସ୍ତ୍ରୀଲୋକ ପ୍ରଥମ ଦେଖାରେ ହିଁ ଭଲପାଇଯାଏ । ତାଙ୍କୁ ଯଦି ତମେ ଭଲ ନ ପାଇଥା'ନ୍ତ ତେବେ ବେଳେବେଳେ ତାଙ୍କ ପାଇଁ ଆମ ଦୁହିଁଙ୍କ ଭିତରେ ମନୋମାଳିନ୍ୟ ହୁଅନ୍ତା । ବେଳେବେଳେ ସେ ଏମିତି ଗୋଟାଏ ବୁଦ୍ଧି ଦେବେ, ମନେହେବ ସେ ଜାଣି ଜାଣି ତମକୁ ଖାଲରେ ପକାଉଛନ୍ତି । କିନ୍ତୁ ଧୈର୍ଯ୍ୟଧରି ପରିସ୍ଥିତିଟାକୁ ସମ୍ଭାଳି ନେଲେ ଜାଣିବ ସେ ଯାହାପାଇଁ ଯାହା ବିଧାନ କରନ୍ତି, ତା' ପଛରେ ମଙ୍ଗଳ କାମନା ହିଁ ଥାଏ । ସେ ଖବର ଦେଇନଥିଲେ ତମର ସ୍ୱୟମ୍ବର କଥା ଆମେ ଜାଣିନଥା'ନ୍ତୁ କି ତମକୁ ପାଇନଥା'ନ୍ତୁ । ସେଥିପାଇଁ ତାଙ୍କ ପାଖରେ ଆମର ଚିରକୃତଜ୍ଞ ହୋଇ ରହିବା ଉଚିତ ନୁହେଁ କି ?''

Digitized by srujanika@gmail.com

ମୁଁ ପରିହାସରେ କହିଲି — ''ଦେଖୁଛି, କୃଷ୍ଣା ଅପେକ୍ଷା କୃଷ୍ଣ ହିଁ ଆପଣଙ୍କର ବେଶି ପ୍ରିୟ ।''

ଅର୍ଜୁନ ହସି ହସି କହିଲେ — ''କୃଷ୍ଣା ମୋର ପ୍ରିୟ, କୃଷ୍ଣ କୃଷ୍ଣାର ପ୍ରିୟ, ତେଣୁ କୃଷ୍ଣ ମୋର ଅତୀବ ପ୍ରିୟ —''

କବିତା ଚର୍ଚ୍ଚା ଭିତରେ କୃଷ୍ଣଙ୍କ ଗୁଣଗାନ କରୁ କରୁ ରଜନୀ ଉଦ୍‌ଯାପିତ ହୋଇଗଲା ।

ଅଶ୍ୱିନୀକୁମାରଙ୍କ ଯମଜପୁତ୍ର ନକୁଳ ଏବଂ ସହଦେବ । ଦୁହେଁ କାମଦେବଙ୍କ ପରି ସୁନ୍ଦର । ପୂର୍ଣ୍ଣଚନ୍ଦ୍ର ପରି ପ୍ରଫୁଲ୍ଲ ବଦନ । ସ୍ନିଗ୍ଧ ପ୍ରଶାନ୍ତ ଦୃଷ୍ଟି । ଜ୍ୟେଷ୍ଠଭ୍ରାତା ଯୁଧିଷ୍ଠିରଙ୍କ ଆଜ୍ଞାବହ, ମାତା କୁନ୍ତୀଙ୍କର ଅନୁଗତ ପୁତ୍ର । ଲଜ୍ଜାଶୀଳ, ନମ୍ର, ବିନୟୀ ଏବଂ ଶିଷ୍ଟ । ମତେ ପତ୍ନୀ ରୂପରେ ପାଇ ଦୁହେଁ ଆନନ୍ଦିତ; କାରଣ ତାହା ମାତା କୁନ୍ତୀଙ୍କର ଆଦେଶ ଏବଂ ଜ୍ୟେଷ୍ଠଭ୍ରାତାଙ୍କର ଇଚ୍ଛା ଯୋଗୁ ହିଁ ହୋଇଛି ।

ଦୁହିଁଙ୍କ ଭିତରେ ନକୁଳ ଅଧିକ ସୁନ୍ଦର । ନକୁଳଙ୍କ ସୌନ୍ଦର୍ଯ୍ୟରେ ସୌକୁମାର୍ଯ୍ୟ ଓ ଲାଳିତ୍ୟ ଅଧିକ । ଫୁଟନ୍ତ ଫୁଲର ପାଖୁଡ଼ାରେ ସକାଳର ସୂର୍ଯ୍ୟାଲୋକ ଭଳି କୋମଳ ସୁନ୍ଦର ଚେହେରାରେ ନମ୍ରତାର ସ୍ପର୍ଶ ମନକୁ ଆକର୍ଷଣ କରେ । ନକୁଳ ଶିଶୁପରି ସରଳ, ପ୍ରଫୁଲ୍ଲ । ବିକଶିତ ଫୁଲପରି ଉନ୍ମୁକ୍ତ ତାଙ୍କର ହୃଦୟ । ପ୍ରଥମ ଦେଖାରେ କହିଲେ — ''ଦେବି ପାଞ୍ଚାଳି, ତମକୁ ବିବାହ କରିବାର ବାସନା ଜାଗିଥିଲା, ତମକୁ ଜାଣିବା ଦିନଠାରୁ । କାରଣ କ'ଣ ଜାଣ ?'' ମୁଁ ମୃଦୁ ମୃଦୁ ହସୁଥିଲି ତାଙ୍କର ସରଳ ସହଜ ସ୍ୱୀକାରୋକ୍ତିରେ । ଖେଳସାଥି ଭଳି ସେ ମୋର ହାତଧରି ଗବାକ୍ଷ ନିକଟକୁ ଟାଣିନେଲେ । କହିଲେ — ''ଦେଖ ପାଞ୍ଚାଳି, ମୋର ଅଶ୍ୱମାନଙ୍କୁ । ମୋର ସେତିକି ମାତ୍ର ସୌକ । ସେମାନଙ୍କର ଯତ୍ନ ମୁଁ ନିଜେ ନିଏ । ଶୁଣିଛି ଜୀବଜନ୍ତୁ ପଶୁପକ୍ଷୀମାନଙ୍କୁ ତମର ଭାରି ଆଦର ଓ ଶ୍ରଦ୍ଧା । ତମର ଉଆସଟି କୁଆଡ଼େ ଗୋଟିଏ ସୁନ୍ଦର ଅଭୟାରଣ୍ୟ । ତମେ କୁଆଡ଼େ ପଶୁପକ୍ଷୀମାନଙ୍କର ଭାଷା ବୁଝିପାର, ଇଙ୍ଗିତ ବି ବୁଝିପାର । ମଉହତ୍ତୀ ମଧ୍ୟ ତମର ଦର୍ଶନ ମାତ୍ରକେ ଶାନ୍ତ ହୋଇଯାଏ । ହିଂସ୍ର ବିଷଧର ସର୍ପ ମଧ୍ୟ ତମର ପଦାଘାତରେ ଆହତ ହୋଇ ପ୍ରତି-ଆଘାତ କରେନାହିଁ । ମୁଁ ଆନନ୍ଦିତ ଯେ, ଏଣିକି ମୋର ଅଶ୍ୱମାନଙ୍କର ଯତ୍ନ ମଧ୍ୟ ତମେ ନେବ । ତମର ସ୍ନେହ ଆଦର ପାଇଲେ ସେମାନେ ପୃଥିବୀର ସର୍ବଶ୍ରେଷ୍ଠ ଅଶ୍ୱରେ ପରିଣତ ହେବେ । ତମେ ଯଦି ଗ୍ରହଁ ତମର ପୋଷା ଜୀବମାନଙ୍କୁ ତମ ସଙ୍ଗେ ନେଇପାର । ଆମେ ଯଦି କେବେ ହସ୍ତିନା ଫେରିଯାଉ, ତମେ ହେବ ରାଜରାଣୀ । ତମର ପୋଷା ଜୀବମାନେ ରାଜକୀୟ ସୁଖ ସ୍ୱାଚ୍ଛନ୍ଦ୍ୟରେ ରହିବେ । ଶୁଣିଛି, ସେମାନେ ନ ଖାଇଲେ ତମେ ଖାଦ୍ୟ

Digitized by srujanika@gmail.com

ଗ୍ରହଣ କରନାହିଁ । ତମର ଶାରୀ ତ ତମ ସହ ଦୁଃଖ ସୁଖ ଆଳାପ ନକଲେ ଜଳ ସ୍ପର୍ଶ କରେନାହିଁ । ସେମାନଙ୍କୁ ଛାଡ଼ି ଯିବ କିପରି ?''

''ଆପଣ ଏସବୁ କେମିତି ଜାଣିଲେ ?'' ମୁଁ କୌତୁକରେ ପଚାରିଲି । ନକୁଳ କହିଲେ — ''ତମର ଜନ୍ମବୃତ୍ତାନ୍ତଠାରୁ ଆରମ୍ଭ କରି ଏ ଯାବତ୍ ଘଟିଥିବା ସମସ୍ତ ଘଟଣା ଗୋବିନ୍ଦ ଆମ୍ଭମାନଙ୍କ ଆଗରେ ବ୍ୟାନ କରିଛନ୍ତି । ତମର ସମସ୍ତ ସୁଗୁଣ ତାଙ୍କ ମୁଖରେ ଭାରି ମଧୁର ଶୁଭେ । ପ୍ରକୃତରେ ତାଙ୍କ ମୁଖରୁ ତମର ରୂପ ଗୁଣର ଖ୍ୟାତି ଶୁଣି ଶୁଣି ଆମେ ସମସ୍ତେ ତମକୁ ମନେ ମନେ କାମନା କରୁଥିଲୁ । ତମକୁ ଲାଭ କରିଥିବାରୁ ଗୋବିନ୍ଦଙ୍କ ପାଖରେ ଆମେ ଚିରଋଣୀ ହେଇ ରହିବୁ ।''

ଭାବିଲି ଏଇ ସୁଚିନ୍ତିତ ଯୋଜନା ପଛରେ ଗୋବିନ୍ଦଙ୍କର କି ଉଦ୍ଦେଶ୍ୟ ରହିଛି କିଏ ଜାଣେ ?

ନକୁଳ ଦର୍ପଣରେ ଝଲସି ଉଠୁଥିବା ତାଙ୍କର ନିଜ ଛବିକୁ ବାରମ୍ବାର ଘୃହୁଁଆ'ନ୍ତି, ମୁଗ୍ଧ ହେଉଥା'ନ୍ତି । ବାସର ଗୃହରେ ନବବଧୂର ଅଭିସାରିକା ବେଶ ଅପେକ୍ଷା ତାଙ୍କ ନିଜର ବରବେଶ ତାଙ୍କୁ ଅଧିକ ବିମୋହିତ କରୁଥାଏ । ସେ ନିଜର ଅଳଙ୍କାର ଓ ପରିଧେୟକୁ ବାରମ୍ବାର ସଜାଡୁଥା'ନ୍ତି ଓ ନିଜକୁ ଦର୍ପଣରେ ଦେଖି ଦେଖି ଆତ୍ମପ୍ରସାଦ ଅନୁଭବ କରୁଥା'ନ୍ତି । ତାଙ୍କର ଶିଶୁସୁଲଭ ଆତ୍ମକୈନ୍ଦ୍ରିକତା ମତେ ବେଶ୍ ଆମୋଦ ଦେଉଥାଏ । ଇଚ୍ଛା ହେଉଥାଏ, ସେଇ କୋମଳ ଅନୁପମ ସୌନ୍ଦର୍ଯ୍ୟରେ ଛଳ ଛଳ ମୁଖଟିକୁ ଅଞ୍ଜଳିରେ ଭରି ଆଦର କରିବାକୁ, ଗେହ୍ଲା କରିବାକୁ । ଏ ସ୍ୱାମୀଟିକୁ ନେଇ ମତେ ବିଶେଷ ଦ୍ୱନ୍ଦ୍ୱର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ । ''ତମର ଅଶ୍ୱମାନେ ଖୁବ୍ ସୁନ୍ଦର ଓ ତମେ ଖୁବ୍ ସୁନ୍ଦର'' ଏତିକି କହିଦେଲେ ତାଙ୍କୁ ଖୁସି କରିଦେଇ ହେବ-- ଏଥିରେ ସନ୍ଦେହ ନାହିଁ । ନକୁଳ ମତେ ପଚାରିଲେ, ''ମୁଁ ତମର ପସନ୍ଦ ହେଉଛି ତ ? ମୋର ରୂପ ତମର ମନଲାଖି ହୋଇଛି ତ ? ମୁଁ ଜାଣେ, ଜଣେ ସୁନ୍ଦରୀ ଯୁବତୀ ଘୃହେଁ ତା'ର ସ୍ୱାମୀ ହେଉ ଅତ୍ୟନ୍ତ ରୂପବାନ । ସେ ଦୃଷ୍ଟିରୁ ମୁଁ ତମର ଯୋଗ୍ୟ ହେବି କି ନା ସେ କଥା ତମେ ହିଁ ବିଘ୍ନର କରିବା କଥା ।''

ଏସବୁ କଥାର ଅର୍ଥ ମୁଁ ବୁଝିଲି । ନକୁଳ କହିବାକୁ ଘୃହାନ୍ତି ମୋର ଅନୁପମ ସୌନ୍ଦର୍ଯ୍ୟର ବିଘ୍ନର କଲେ ପଞ୍ଚପତିଙ୍କ ମଧ୍ୟରେ ସେ ହେବେ ରୂପ ଦୃଷ୍ଟିରୁ ଶ୍ରେଷ୍ଠ । ତାହାହିଁ ମୋ ମୁହଁରୁ ସେ ଶୁଣିବାକୁ ଘୃହାନ୍ତି । ବାସର ଗୃହରେ ସ୍ତ୍ରୀର ରୂପ ବର୍ଣ୍ଣନା ସ୍ୱାମୀ ମୁଖରେ ଶୋଭାପାଏ । ମାତ୍ର ମତେ କହିବା ପାଇଁ ହେଲା ଯେ, ''ଆପଣଙ୍କର ସୌନ୍ଦର୍ଯ୍ୟ ପାଖରେ ମୁଁ ନିଷ୍ପ୍ରଭ ହେଇଯାଉଛି । ବରଂ ଆପଣ କହନ୍ତୁ ମୁଁ ଆପଣଙ୍କର ପସନ୍ଦ ହେଉଛି ତ ? ଏ ବିବାହ ତ ଆପଣଙ୍କ ଉପରେ ଯୁଧିଷ୍ଠିର ଏବଂ ମା' ଲଦି ଦେଇଛନ୍ତି । ଆପଣଙ୍କର ପସନ୍ଦ ଅପସନ୍ଦ ଜାଣିବାର ଅବକାଶ କୋଉଠି ମିଳିଲା ।''

Digitized by srujanika@gmail.com

ନକୁଳ ମତେ ମୁଗ୍ଧ ଦୃଷ୍ଟିରେ ଗ୍ରହିଁଲେ । ଭାବଭରା କଣ୍ଠରେ କହିଲେ, "କୃଷ୍ଣା, ମୁଁ ଭାବିଥିଲି ସୃଷ୍ଟିର ସମସ୍ତ ସୌନ୍ଦର୍ଯ୍ୟ ଈଶ୍ୱର ମୋ'ରିଠାରେ ହିଁ ଢାଳି-ଦେଇଛନ୍ତି । ଚିନ୍ତାରେ ପଡ଼ିଥିଲି, ମୋର ଜୀବନସାଥୀ ପାଇଁ ଈଶ୍ୱରଙ୍କ ପାଖରେ ସୌନ୍ଦର୍ଯ୍ୟର ଅଭାବ ପଡ଼ିଥିବ ପରା ! କିନ୍ତୁ ଦେଖୁଛି ପ୍ରଜାପତିର ସମତା ଜ୍ଞାନ ଅଛି । ତମର ଭୁବନମୋହିନୀ ରୂପ ପାଖରେ ମୁଁ ନିଷ୍ପ୍ରଭ ହୋଇଯିବି ବୋଲି ଭୟ ହେବାରୁ ଆଜି ମୋର ବନ୍ଧୁ ମତେ ଖୁବ୍ ଯତ୍ନ ସହକାରେ ବସନ ଭୂଷଣରେ ସଜ୍ଜିତ କରିଛି ।"

ମୁଁ ହସିଲି । ଭଲ ଲାଗିଲା ନକୁଳଙ୍କର ସରଳ ଓ ଅକଳୁଷ ଆତ୍ମପ୍ରକାଶ । ଭାବିଲି ଏଣିକି ନକୁଳ ହେବେ ମୋର ସୁଖ ଦୁଃଖର ସହଚର । ମନ ଖୋଲି ତାଙ୍କ ପାଖରେ ସବୁକଥା ପ୍ରକାଶ କରିଦେଇ ହେବ ।

॥ ୧୧ ॥

ନକୁଳଙ୍କ ପରି ସହଦେବ ଲଜ୍ଜାଶୀଳ ନମ୍ର କିନ୍ତୁ ସ୍ୱଳ୍ପଭାଷୀ । ଖୁବ୍ ଦରକାର ନ ପଡ଼ିଲେ ସେ କଥା କହନ୍ତି ନାହିଁ । କଥା କହିବାର ଆବଶ୍ୟକ କ'ଣ ? ତାଙ୍କର ମଧୁର ଅଙ୍ଗରେ ତ କବିତାର ପଙ୍‌କ୍ତି ଲେଖାଥାଏ । ଦୃଷ୍ଟିରେ ସ୍ୱପ୍ନ ନିଘଞ୍ଚ ହୋଇ ଅଭିସାର ରଚୁଥାଏ । ଗଭୀର ଗହନ ଭାବନାରେ ସେ ଅବିରତ ମଗ୍ନ ଥିଲେ ବି ତାଙ୍କୁ ଗ୍ରହିଁଦେଲେ ମନ ଭିତରେ କବିତାର ଛନ୍ଦପାତ ଶୁଭେ ।

ମତେ ଦେଖିବା ମାତ୍ରେ ଭାବୁକ ଦୃଷ୍ଟିରେ କବିତା ଫୁଟାଇ ସେ କିଛି ସମୟ ଗ୍ରହିଁରହିଲେ । ମୁଁ ଲଜ୍ଜାରେ ଜଡ଼ସଡ଼ ହେଇ ବସିଥାଏ । ମୁଗ୍ଧ ବିଭୋର ଦୃଷ୍ଟିରେ ସେ ଅନେକ ସମୟ ମତେ ଗ୍ରହିଁ ଗ୍ରହିଁ ଉଦାସ ହେଇଗଲେ ଏବଂ ଗଭୀର ଦୀର୍ଘଶ୍ୱାସ ଛାଡ଼ିଲେ । ମୁଁ ଚିନ୍ତାରେ ପଡ଼ିଯାଇ ଭାବିଲି ସେ କ'ଣ ଶୋଚନାରେ ପଡ଼ିଛନ୍ତି ? ତାଙ୍କ ଶୋଚନାର କାରଣ କ'ଣ ?

ସେ ତେବେ ବି କିଛି କହୁନାହାନ୍ତି । ବାସର ଗୃହରେ ମୁଁ ପ୍ରଥମେ କଥା କହିବି ?

ସେ ମୁହଁ ଖୋଲିଲେ । କହିଲେ — "କୃଷ୍ଣା, ଏ ପୃଥିବୀରେ ମଣିଷ ହିଁ ମୃତ୍ୟୁସଚେତନ ଏବଂ ଭବିଷ୍ୟତ ସଚେତନ । ତେଣୁ ସେ ଭୟ କରେ, ଦୁଶ୍ଚିନ୍ତା କରେ, ସ୍ୱପ୍ନ ଦେଖେ, ଭବିଷ୍ୟତର କଳ୍ପନାରେ ସୁଖ ପାଏ । ଦୁଃଖ ବି ଭୋଗେ । ପଶୁର ଭବିଷ୍ୟତ ଚିନ୍ତା ନାହିଁ । ବର୍ତ୍ତମାନ ହିଁ ତା'ର ସର୍ବଶ୍ରେଷ୍ଠ ମୁହୂର୍ତ୍ତ । ପଶୁଠାରୁ ମନୁଷ୍ୟର ତଫାତ୍ ଏତିକି ଯେ ମନୁଷ୍ୟ ଭବିଷ୍ୟତ ଯୋଜନାରେ ପାପ କରେ । ପୁଣ୍ୟ ବି କରେ । ଭବିଷ୍ୟତ ସମ୍ପର୍କରେ ମନୁଷ୍ୟ ମନରେ ଆଦିମ କାଳରୁ ଅଦମ୍ୟ କୌତୂହଳ ଓ

Digitized by srujanika@gmail.com

ଉଦ୍‌ବେଗ। ତମର ଭବିଷ୍ୟତ ମୋ ଆଖି ଆଗରେ ଚିତ୍ରିତ ହୋଇଥିଲା, ସ୍ୱୟମ୍ବର ସଭାରେ ତମକୁ ଦେଖିବା ପରେ । ତମର ଭବିଷ୍ୟତ ଏତେ ରୋମାଞ୍ଚକର ଯେ ସେଥିସହ ନିଜକୁ ଅଂଶୀଦାର କରିବା ପାଇଁ ମନରେ ସେଦିନ ଜାଗିଥିଲା ପ୍ରଲୋଭନ । ଆମେ ହସ୍ତିନାପୁରୀର ରାଜକୁମାର ହେଲେ ମଧ୍ୟ ଆଜି ପରୀକ୍ଷାର ସମ୍ମୁଖୀନ । ଆମମାନଙ୍କର ଜୀବନ ସହ ତୁମକୁ ଛନ୍ଦିଦେବା ପଛରେ ଗୋବିନ୍ଦଙ୍କର କି ଇଚ୍ଛା ରହିଛି ତା' ତାଙ୍କ ବ୍ୟତୀତ ଆଉ କିଏ ଜାଣେ ? ତେବେ ମୁଁ ଏତିକି ବୁଝିପାରିଛି ଯେ ଆମ ଜୀବନର ବନ୍ଧୁର ପଥରେ ତମେ ଉପଯୁକ୍ତ ସହଯାତ୍ରିଣୀ ହେଇପାରିବ । ସେତିକି ଜାଣିବା ଫଳରେ ତମକୁ ଲାଭ କରିବାର ଯେଉଁ ଅଦମ୍ୟ ଇଚ୍ଛା ମନରେ ଜାଗିଥିଲା, ତାହା ପୂର୍ଣ୍ଣ ହୋଇଛି । ମାତ୍ର ଗୋଟିଏ କଥା ମନେରଖିବ, ମୁଁ କାହାରିକୁ କିଛି ମନଖୋଲି କହେ ନାହିଁ । ତା'ର କାରଣ ପିଲାଦିନରୁ ମୁଁ ଭାରି ଅଭିମାନୀ ହୋଇପଡ଼ିଛି । ମାତା ମାଦ୍ରୀଙ୍କର ଆମେ ଯମଜ ସନ୍ତାନ । ନକୁଳ ମୋ'ଠାରୁ ସୁନ୍ଦର, ଚପଳ ଏବଂ ଶକ୍ତିଶାଳୀ ହୋଇଥିବାରୁ ସବୁକଥାରେ ମତେ ପଛରେ ପକାଇ ନିଜେ ସବୁ ହାସଲ କରିନିଏ । ଏପରିକି ପିତା ମାତାଙ୍କର ସ୍ନେହ ପାଇବାରେ ମଧ୍ୟ ମୁଁ ପଛରେ ପଡ଼ିଯାଏ । ବାଲ୍ୟାବସ୍ଥାରେ ପିତାମାତାଙ୍କୁ ହରାଇଲୁ । ତା'ପରେ ସେ ସ୍ଥାନ ପୂରଣ କଲେ ମାତା କୁନ୍ତୀ । ମୁଁ ପିଲାଦିନରୁ ଚୁପ୍‌ଗୁପ୍ ସ୍ୱଭାବର ଥିବାରୁ ମୋର କ'ଣ ଅଭାବ, ମୁଁ କ'ଣ ଭଲପାଏ କେହି ଜାଣନ୍ତି ନାହିଁ । ମାତା କୁନ୍ତୀଙ୍କୁ ଭୀମସେନ ଏକା ଏତେ ବେଶି ବ୍ୟସ୍ତ ବିବ୍ରତ କରିପକାନ୍ତି ଯେ ତାଙ୍କୁ ଅଧିକ ବିବ୍ରତ କରିବା ପାଇଁ ବିବେକ ବାଧା ଦିଏ । ତେଣୁ ଯେତେବେଳେ ଯାହା ମିଳିଲା, ସେତିକି ନେଇ ମୁଁ ସନ୍ତୁଷ୍ଟ ରହେ । ତମେ ମୋର ପତ୍ନୀ । କେବଳ ମୋର ନୁହେଁ ଅନ୍ୟ ଭ୍ରାତୃଭାଇଙ୍କର ମଧ୍ୟ ତମ ଉପରେ ସମାନ ଅଧିକାର । କିନ୍ତୁ ଜୋର ଯା'ର ମୂଲକ ତା'ର-ନୀତିରେ ସମସ୍ତେ ଯଦି ତମର ସ୍ନେହ ଶ୍ରଦ୍ଧା, ଆଦର ଯତ୍ନ, ସାନ୍ନିଧ୍ୟ ପାଇବାରେ ମତେ ପଛରେ ପକାଇ ଦିଅନ୍ତି, ମନେରଖ ମୁଁ ତମକୁ ଦୋଷ ଦେବିନାହିଁ । ଜୋର କରି ମୋର ଦାବି ସାବ୍ୟସ୍ତ ମଧ୍ୟ କରିବି ନାହିଁ। ଯେତିକି ପାଇବି ସେତିକିରେ ସନ୍ତୁଷ୍ଟ ରହିବା ମୋର ନୀତି । କିନ୍ତୁ ସ୍ୱାମୀର ଅନ୍ତର କଥା ବୁଝିବା ସ୍ତ୍ରୀର କର୍ତ୍ତବ୍ୟ । ତମର କର୍ତ୍ତବ୍ୟ ତମେ ଠିକ୍ ଭାବରେ କଲେ ମତେ ମୁହଁ ଖୋଲି କିଛି କହିବାକୁ କାହିଁକି ବା ପଡ଼ିବ ?''

ମୁଁ ନୀରବରେ ବସିଥାଏ ଏବଂ ଭାବୁଥାଏ ମୋ'ଠାରେ ଏତେଗୁଡ଼ିଏ ଗୁଣ ଈଶ୍ୱର କାହିଁକି ଦେଲେ, ଯାହା ଯୋଗୁ ପାଞ୍ଚଭାଇଯାକ ନିଜ ନିଜର ରୁଚି ଓ ପସନ୍ଦ ମୋରି ଭିତରେ ହିଁ ଖୋଜି ପାଇଲେ ! ମୁଁ ସମସ୍ତଙ୍କୁ ସମ୍ପୂର୍ଣ୍ଣ ଭାବରେ ସନ୍ତୁଷ୍ଟ କରିପାରିବି ତ !

ସଂସାରରେ କେହି ସମସ୍ତଙ୍କୁ ସନ୍ତୁଷ୍ଟ କରିପାରେ ନାହିଁ । ଏପରିକି ଈଶ୍ୱର ମଧ୍ୟ ସମସ୍ତଙ୍କୁ ସନ୍ତୁଷ୍ଟ କରନ୍ତି ନାହିଁ । ସମସ୍ତଙ୍କୁ ସନ୍ତୁଷ୍ଟ କରିବାକୁ ଚେଷ୍ଟାକଲେ କେହି

Digitized by srujanika@gmail.com

ସନ୍ତୁଷ୍ଟ ହୁଅନ୍ତି ନାହିଁ ଏବଂ ନିଜ ମନ ମଧ୍ୟ ଅସନ୍ତୋଷରେ ଭାରାକ୍ରାନ୍ତ ହେବାର ଦୃଷ୍ଟାନ୍ତ ରହିଛି ।

ଏସବୁ କଥା ଭାବିଦେବା ମାତ୍ରେ ନିଜ ଉପରୁ ବିଶ୍ୱାସ ହରାଇଦେବା ଭଳି ଅନୁଭବ ଜଲି । ବିପନ୍ନ ଓ ଅସହାୟ ଲାଗିଲା ନିଜକୁ । ମନେ ମନେ ଆଶ୍ରା ଖୋଜିଲି— କିଏ ଭରସା ହେବ ? ଅକସ୍ମାତ୍ ଯିଏ ସ୍ମରଣକୁ ଆସିଲେ ସେଇ ତ ନାଟକର ଗୋବର୍ଦ୍ଧନ ! ମନେ ମନେ କହିଲି — ଗୋବିନ୍ଦ ! ମୋ ଜୀବନକୁ ପ୍ରହସନରେ ପରିଣତ କରି ତମେ ଯଦି ସୁଖୀ ହୁଅ ତେବେ ମୁଁ ମଧ୍ୟ ସୁଖୀ ହେବି । କାରଣ ତମେ ମୋ ସ୍ୱାମୀଙ୍କର ପ୍ରିୟ ସଖା ! ତମେ ସୁଖୀ ହେଲେ ମୋ ସ୍ୱାମୀ ସୁଖୀ ହେବେ । ସେତିକି ତ ମୋର ଜୀବନର ସାର୍ଥକତା !

॥ ୧୨ ॥

ପାଞ୍ଚଦିନ ଧରି ବିବାହ ଉତ୍ସବ ଗ୍ଲିଥିଲା । ବାଦ୍ୟ, ରୋଷଣି, ନୃତ୍ୟଗୀତ, ଦାନ, ଭୋଜନରେ ପାଞ୍ଚାଳର ରାଜଧାନୀ ଇନ୍ଦ୍ରଭୁବନ ପରି ଆନନ୍ଦମୁଖର ହୋଇ ଉଠିଥିଲା ।

ବିବାହ କାର୍ଯ୍ୟ ସମାପ୍ତ । ଏଥର ବରକନ୍ୟା ବିଦା ହେବାର କଥା । ପିତାମାତାଙ୍କଠାରୁ ବିଦାୟନେଇ କନ୍ୟା ଶ୍ୱଶୁରାଳୟ ଯିବା କଥା । ମୋ ଭାଗ୍ୟର ବିଡ଼ମ୍ବନା ଏପରି ଯେ ମୋର ସ୍ୱାମୀମାନେ ନିଜ ରାଜ୍ୟରୁ ବିତାଡ଼ିତ । ପ୍ରାଣ ବଞ୍ଚାଇବା ପାଇଁ ସେମାନେ ଅରଣ୍ୟବାସୀ ହୋଇ ବୁଲୁଛନ୍ତି । ପିତାଙ୍କର ଏତେ ଉପହାର, ଧନରତ୍ନ ଇତ୍ୟାଦି ନେଇ କେଉଁ ଅରଣ୍ୟରେ ବା ରଖିବେ ସେମାନେ ? ପିତା ପ୍ରତ୍ୟେକ ଜାମାତାଙ୍କୁ ସ୍ୱର୍ଣ୍ଣ ଆଭରଣ ମଣ୍ଡିତ ଅଶ୍ୱ ଟାଣୁଥିବା ଏକସହସ୍ର ସ୍ୱର୍ଣ୍ଣ ପତାକା ବିମଣ୍ଡିତ ରଥ, ଏକ ସହସ୍ର ଶ୍ୱେତହସ୍ତୀମାନଙ୍କ ଉପରେ ସ୍ୱର୍ଣ୍ଣ ଆଭରଣ, ତା' ଉପରେ ସ୍ୱର୍ଣ୍ଣର ପାହାଡ଼ ତୁଲ୍ୟ ହୀରା ନୀଳା ମୋତି ମାଣିକ୍ୟ, ନାନା ପ୍ରକାରର ବିଳାସ ଦ୍ରବ୍ୟ ଏବଂ ସୁନ୍ଦରୀ ଯୁବତୀ ପରିଗ୍ରହିକାମାନ ଉପହାର ଦେଲେ । ଜାମାତାମାନଙ୍କୁ ନାନାଦି ମୂଲ୍ୟବାନ ବସନ ଭୂଷଣ ଉପହାର ସ୍ୱରୂପ ମିଳିଲା । ମୋ ପାଇଁ ସ୍ୱତନ୍ତ୍ରଭାବେ ଏକ ସହସ୍ର ରଥ ମୋର ପ୍ରିୟ ପୁଷ୍ପଲତିକାର କୁଞ୍ଜ, ମୋର ଆଦରର ଜୀବଜନ୍ତୁ, ମୋର ଗ୍ରନ୍ଥାଗାର ଏବଂ ସଙ୍ଗୀତ ଓ ବାଦ୍ୟଯନ୍ତ୍ର, ନାନାପ୍ରକାର ବସ୍ତ୍ର, ଓଢ଼ଣୀ, ଅଳଙ୍କାର ଦ୍ୱାରା ମଣ୍ଡିତ ହେଲା । ପିତାଙ୍କର ବନ୍ଧୁ ରାଜ୍ୟମାନଙ୍କରୁ ମଧ୍ୟ ଅନେକ ଉପହାର ମିଳିଲା । ଦ୍ୱାରକାର ଅଧୀଶ୍ୱର ଶ୍ରୀକୃଷ୍ଣ ମଧ୍ୟ ନାନା ଉପହାର ମତେ ଦେଲେ । ସେଥିମଧ୍ୟରେ ନୀଳକାନ୍ତ ମଣିର ଏକ ମୁଦ୍ରିକା ଏବଂ ପରିଗ୍ରହିକା 'ମାୟା' ଉଲ୍ଲେଖଯୋଗ୍ୟ ।

Digitized by srujanika@gmail.com

ଉପହାର ଦେବାବେଳେ ସେ କହିଲେ — ''ଏଇ ଦୁଇଟି ମୋର ପରମ ପ୍ରିୟବସ୍ତୁ । ଏଇ ନୀଳକାନ୍ତ ମଣି ଖଚିତ ମୁଦ୍ରିକାଟି ହେଉଛି ତମକୁ ମୋର ଆଶୀର୍ବାଦର ପ୍ରତୀକ । ଏଇ ମୁଦ୍ରିକାଟି ମୋର ଅତ୍ୟନ୍ତ ପ୍ରିୟ । ମୁଁ ନିଜେ ତାକୁ ବ୍ୟବହାର କରୁଥିଲି । ଏ ମୁଦ୍ରିକାର ଏକ ଆଲୌକିକ ଶକ୍ତି ଅଛି । ଏକାଗ୍ରଚିତ୍ତରେ ଏଥିରେ ଖଚିତ ମଣିର କେନ୍ଦ୍ରସ୍ଥଳକୁ ସ୍ପର୍ଶିଲେ ମନର ଅନେକ ଦ୍ୱନ୍ଦ୍ୱର ସମାଧାନ ହୋଇଯାଏ ।''

ଅତ୍ୟନ୍ତ ଲାବଣ୍ୟମୟୀ ଯୁବତୀ ପରିଗ୍ୱରିକା 'ମାୟା'କୁ ଦେଖାଇ ଗୋବିନ୍ଦ କହିଲେ — ''ବାଲ୍ୟକାଳରୁ ଏପର୍ଯ୍ୟନ୍ତ ମାୟା ମୋର ପାଖେ ପାଖେ ଅଛି । ମୋର ସୁଖସୁବିଧା ପାଇଁ ସେ ସର୍ବଦା ସଜାଗ ହୋଇଥାଏ । ମତେ ସେ ଏତେ ଭଲପାଏ ଯେ ମୋ ପ୍ରତି ଆଉ କାହାର ଭଲପାଇବାକୁ ସେ ବରଦାସ୍ତ କରେନାହିଁ । କାଳେ ମତେ କେହି ବିରକ୍ତ କରିବ ବୋଲି ସେ ମୋ ପାଖେ ପାଖେ ଲାଗିରହିଥାଏ ଓ ତାଙ୍କର ବାଟ ଜଗେ, ଯେପରି କେହି ମୋ ପାଖରେ ପହଞ୍ଚି ପାରିବେନି । କିନ୍ତୁ ଗୋଟିଏ କଥା — ଯିଏ ତା'କୁ ହୃଦୟରେ ସ୍ଥାନ ଦିଏ, ସେ ତା'କୁ ଏଭଳି ପ୍ରେମରେ ଆବଦ୍ଧ କରିଦିଏ ଯେ ତା'ଛଡ଼ା ସଂସାରରେ ଆଉ କେହି ଦିଶନ୍ତି ନାହିଁ । ମୋର ଏଇ ପରିଗ୍ୱରିକା 'ମାୟା'ଟି ଏପରି ଯେ ସେ ଯେପରି ଦୁଃଖର କାରଣ ହୁଏ, ସେମିତି ଦୁଃଖ ହରଣ ବି କରେ । ତା' ଦ୍ୱାରା ମୋର ଅନେକ କାମ ସାଧିତ ହୁଏ । ସେ ନ ଥିଲେ ଦ୍ୱାରକା, ହସ୍ତିନା ଏବଂ ଏଇ ପାଣ୍ଡବ ପାଞ୍ଚଭାଇଙ୍କର ନାନା ସମସ୍ୟା ମୁଁ ସମାଧାନ କରିପାରନ୍ତି ନାହିଁ । ଅର୍ଜୁନ ମୋର ସାନଭାଇ ହେଲେ ମଧ୍ୟ ପ୍ରିୟ ସଖା । ତା'ର ପ୍ରିୟ ପତ୍ନୀ ହିସାବରେ ତମେ ମଧ୍ୟ ଆଜିଠାରୁ ମୋର 'ପ୍ରିୟ ସଖୀ' । ତେଣୁ ତମକୁ ମୋର ପ୍ରଥମ ଭେଟି ହେଉଛି ମୋର ପ୍ରିୟ ସହଚରୀ 'ମାୟା' ।''

ମୁଁ କୃତଜ୍ଞ ହେଲି ଏବଂ କହିଲି — ''ଯେଉଁ ସହଚରୀ ଜନ୍ମକାଳରୁ ଆପଣଙ୍କ ସଙ୍ଗରେ ଅଛି ଓ ଆପଣଙ୍କର ନାନା ସମସ୍ୟାର ସମାଧାନରେ ସହାୟିକା ହୋଇଛି ତାକୁ ମତେ ଦେଇଦେଲେ ଆପଣଙ୍କର କାମ ଚଳିବ କିପରି ? କିଏ ଆପଣଙ୍କୁ ସେବା ସାହଚର୍ଯ୍ୟ ଦେବ ?''

ଗୋବିନ୍ଦ ଗମ୍ଭୀର ହୋଇ କହିଲେ — ''ସେ କଥା ପରେ ଦେଖାଯିବ । ମୋ ସମସ୍ୟାଠାରୁ ତମ ସମସ୍ୟା ବର୍ତ୍ତମାନ ବେଶି ଗୁରୁତର । ବର୍ତ୍ତମାନ ପଞ୍ଚପତିଙ୍କୁ ନେଇ ତମେ ପ୍ରତିଦିନ ନୂତନ ଏବଂ ଗୁରୁତର ସମସ୍ୟାର ସମ୍ମୁଖୀନ ହେବ । ତା'ର ସମାଧାନରେ 'ମାୟା' ନିଶ୍ଚୟ ତମର ସହାୟିକା ହେବ । କେବଳ ସେଥିପାଇଁ ମୁଁ 'ମାୟା'ର ମାୟା ତେଜିବାକୁ ବାଧ୍ୟହେଲି । ତା' ନହେଲେ ତମେ ଯେ ଅସୁବିଧାରେ ପଡ଼ିଯିବ ! ମୁଁ ଜାଣେ ପଞ୍ଚପତିଙ୍କ ଜ୍ୱାଳାରେ ଅସ୍ଥିର ହୋଇ ତମେ କେବେ ନା କେବେ ସନ୍ନ୍ୟାସିନୀ ହୋଇ ଅରଣ୍ୟବାସିନୀ ହେବାକୁ ମନକରିବ । ସେତେବେଳେ କିଏ ତମର ପଥରୋଧ

Digitized by srujanika@gmail.com

କରି ଠିଆହେବ ?'' ଗୋବିନ୍ଦ ମୃଦୁ ମୃଦୁ ହସୁଥିଲେ । ତାଙ୍କର ହସର ମାୟାରେ ମୁଁ ସବୁକିଛି ଭୁଲିଯାଇ ତାଙ୍କୁ ମନେ ମନେ ପ୍ରଶଂସା କରୁଥିଲି ଓ ଗୋବିନ୍ଦଙ୍କ ପ୍ରତି କୃତଜ୍ଞ ହେଉଥିଲି । ପ୍ରକୃତରେ ମୋର ଅସହାୟତା କେବଳ ତାଙ୍କୁ ହିଁ ଜଣା । ମୁହଁରେ ଯେତେ ଦମ୍ଭ ଦେଖାଇଲେ ବି ମୁଁ ଯେ ପଞ୍ଚପତିଙ୍କୁ ନେଇ ବିଷମ ସଙ୍କଟରେ ପଡ଼ିଛି ତା' କେବଳ ସଖା କୃଷ୍ଣ ହିଁ ବୁଝିପାରିଛନ୍ତି । ନିତମ୍ବିନୀ ମଧ୍ୟ ସଖୀମାନଙ୍କ ଭିତରେ ମୋର ପ୍ରିୟ । କିନ୍ତୁ ସେ ମାୟା ପରି ଏତେ ବୁଦ୍ଧିମତୀ ନୁହେଁ । ସେକଥା ସଖା ଗୋବିନ୍ଦ ଇତିମଧ୍ୟରେ ଜାଣିପାରିଛନ୍ତି । ସେଇଥିପାଇଁ ସେ ମତେ ଅନ୍ୟାନ୍ୟ ଉପହାର ସହ 'ମାୟା'କୁ ମଧ୍ୟ ଉପହାର ଦେଇଛନ୍ତି ।

କିନ୍ତୁ ଏତେ ଉପହାର ନେଇ ମୁଁ ଯିବି କେଉଁଠିକି ?

ପିତା ସବୁକଥା ହୃଦୟଙ୍ଗମ କରି କହିଛନ୍ତି ପାଣ୍ଡବ ପାଞ୍ଚଭାଇ ଏବଂ ମାତା କୁନ୍ତୀ ଯେତେଦିନ ଗ୍ରହାନ୍ତି, ସେତେଦିନ ପାଞ୍ଚାଳ ରାଜ୍ୟରେ ଅତିଥି ହୋଇ ରହିପାରନ୍ତି । ତାଙ୍କ ଆତିଥ୍ୟରେ ତିଳେହେଲେ ତ୍ରୁଟି ହେବ ନାହିଁ । ବରଂ ପାଞ୍ଚାଳ ରାଜ୍ୟ ସେଥିପାଇଁ ଗର୍ବିତ ହେବ ଏବଂ ପିତା ନିଜେ ସୁଖୀ ହେବେ ।

କିନ୍ତୁ ମୁଁ ଏ ପ୍ରସ୍ତାବରେ ସୁଖୀ ହେବି କିପରି ? ମୋର ଏଥିରେ ଗର୍ବ କରିବାର ଅଛି କ'ଣ ? ବରଂ ମୋର ସମ୍ମାନ ଏଥିରେ ବାଧାପ୍ରାପ୍ତ ହେବ । ମୁଁ ନିଜକୁ ପିତାଙ୍କ ରାଜ୍ୟରେ ଆଶ୍ରୟପ୍ରାର୍ଥିନୀ ମଣିବି । ପିତା ଏବଂ ଭ୍ରାତାଙ୍କ ଦୟାରେ ପ୍ରତିପାଳିତା ହେଉଛି ବୋଲି ଭାବି ଦୁଃଖ ଅସନ୍ତୋଷରେ ସଢ଼ିବି ।

ପ୍ରକୃତରେ କେତେ ବିଚିତ୍ର ଏଇ ସମାଜର ଚଳଣି ! କାଲି ଯେଉଁ ରାଜ୍ୟ ମୋର ଘର ଥିଲା, ଆଜି ସେଠି ମୁଁ ଅତିଥି ।

ଅତିଥି ହୋଇ ଜଣେ କେତେଦିନ ବା ଅନ୍ୟ ରାଜ୍ୟରେ ରହିପାରେ ? ମୋର ସ୍ୱାମୀମାନଙ୍କର ଏଥିରେ ଗୌରବ ବୃଦ୍ଧି ହେବନାହିଁ, ବରଂ ସମସ୍ତେ ତାଙ୍କୁ କିଛିଦିନ ପରେ ହେୟଜ୍ଞାନ କରିବେ । ଏ ତ ସଂସାରର ନିୟମ । ବର୍ତ୍ତମାନ ପିତାଙ୍କ ରାଜ୍ୟରେ ମୋର ସ୍ୱାମୀମାନଙ୍କର ଯଶ ଓ ସମ୍ମାନରେ ଯେପରି ତିଳେହେଲେ ଆଞ୍ଚ ନଆସେ ତାହାହିଁ ମୋର ଦେଖିବାର କଥା । ସେଥିରେ ତ୍ରୁଟି ହେଲେ ମୁଁ କିନ୍ତୁ ସହିବାର ପାତ୍ରୀ ନୁହେଁ । ପିତାଙ୍କ ଗୃହରେ ଥିବାଯାଏ ମୁଁ ମୋର ଦୁହିତା ଧର୍ମ ଅକ୍ଷରେ ଅକ୍ଷରେ ପାଳନ କରିଛି । ବର୍ତ୍ତମାନ ମୋର ସ୍ତ୍ରୀ ଧର୍ମ ପାଳନ କରିବାର ବେଳ ଆସିଛି । ମୋର ପଞ୍ଚପତି ବର୍ତ୍ତମାନ ରାଜ୍ୟ ହରାଇ ନିର୍ଦ୍ଧନ, ବାସଶୂନ୍ୟ ହୋଇଛନ୍ତି ବୋଲି ତାଙ୍କର ଶୌର୍ଯ୍ୟ, ବୀରତ୍ୱ ଏବଂ ବ୍ୟକ୍ତିତ୍ୱରେ ତ ସଙ୍କଟ ଦେଖାଦେଇନି ! ତାଙ୍କୁ ନେଇ ମୁଁ ଗର୍ବିତା ହେବିନାହିଁ କାହିଁକି ?

Digitized by srujanika@gmail.com

ଧନବାନ୍ ହେଦା ପୌରୁଷ ଏବଂ ଗୌରବ ହୋଇପାରେ; ମାତ୍ର ଅନ୍ୟାୟ ଉପାୟରେ ଧନବାନ୍ ହେବାକୁ ପୌରୁଷ କୁହାଯାଇ ନ ପାରେ । କୌରବମାନେ ପାଣ୍ଡବଭାଇମାନଙ୍କୁ ଅନ୍ୟାୟ ଭାବରେ ରାଜ୍ୟଲାଭରୁ ବଞ୍ଚିତ କରି ବର୍ତ୍ତମାନ ବିଶାଳ ହସ୍ତିନା ରାଜ୍ୟର ଅଧିକାରୀ ହୋଇଛନ୍ତି । ଏଥିରେ କିନ୍ତୁ ସେମାନଙ୍କର ପୌରୁଷ ପାଣ୍ଡବମାନଙ୍କଠାରୁ ମହନୀୟ ହୋଇଯାଇନାହିଁ । ସେମାନେ ବର୍ତ୍ତମାନ ସମଗ୍ର ଆର୍ଯ୍ୟାବର୍ତ୍ତରେ ନିନ୍ଦିତ । ନିର୍ଦ୍ଧନ ପାଣ୍ଡବ ପାଞ୍ଚଭାଇ ଧର୍ମବନ୍ତ ହୋଇଥିବାରୁ ସମଗ୍ର ଆର୍ଯ୍ୟାବର୍ତ୍ତ ତାଙ୍କର ଜୟଗାନ କରୁଛି । ତେଣୁ ମୁଁ ଆଜି ରାଜରାଣୀ ନୁହେଁ ବୋଲି ମୋର ଗୌରବ କ୍ଷୁଣ୍ଣ ହୋଇନାହିଁ । ପ୍ରକୃତରେ ମୋର ପଞ୍ଚପତିଙ୍କୁ ନେଇ ମୁଁ ଆଜି ଗର୍ବିତା ।

ସ୍ୱାମୀଙ୍କର ଶୌର୍ଯ୍ୟ ଯୋଗୁଁ ଗର୍ବିତା ହେବା ଏକ କଥା, ପୁଣି ସ୍ୱାମୀଙ୍କୁ ନେଇ ସୁଖୀ ହେବା ଅନ୍ୟ କଥା । ସ୍ୱାମୀଙ୍କୁ ସୁଖୀ କରିବା ତ ଆଉରି ଜଟିଳ ବ୍ୟାପାର ।

ବର୍ତ୍ତମାନ ମୋ ସମ୍ମୁଖରେ ସେଇ ସମସ୍ୟା ଉପସ୍ଥିତ । ବିବାହ କାର୍ଯ୍ୟ ଶେଷ ହେବା ପରେ ବର୍ତ୍ତମାନ ମୋର ପ୍ରକୃତ ଦାମ୍ପତ୍ୟ ଜୀବନ ଆରମ୍ଭ ହେବାକୁ ଯାଉଛି । ପଞ୍ଚପତିଙ୍କୁ ଥର ଥର କରି ବିବାହ କରିବା ଏକ କଥା; କିନ୍ତୁ ସମସ୍ତଙ୍କୁ ନେଇ ଏକତ୍ର ଦାମ୍ପତ୍ୟ ଜୀବନ କାଟିବା ଅନ୍ୟକଥା । କେଜାଣି କେଉଁ ଅତୀତରେ କେହି ଧର୍ମରକ୍ଷା ପାଇଁ ସପ୍ତପତି ବା ଏକାଦଶ ପତି ବରଣ କରିଥିବ । କିନ୍ତୁ ବର୍ତ୍ତମାନ ସମୟରେ ସମଗ୍ର ଆର୍ଯ୍ୟାବର୍ତ୍ତରେ ମୋ' ଛଡ଼ା ପଞ୍ଚପତି ବା ଏକ ସମୟରେ ଏକାଧିକ ପତି ବରଣ କରିଥିବା ନାରୀ ଆଉ କେହି ହେଲେ ନାହିଁ । ତେଣୁ ସମଗ୍ର ଆର୍ଯ୍ୟାବର୍ତ୍ତ ବିସ୍ମୟ, କୌତୂହଳରେ ଅପେକ୍ଷା କରିଛି ମୋର ଦାମ୍ପତ୍ୟ ଜୀବନର ପ୍ରହସନ ଦେଖିବା ପାଇଁ । ମୁଁ ବି ଭାବୁଛି ଅବଶେଷରେ ମୋର ଜୀବନ ଏକ ପ୍ରହସନରେ ପରିଣତ ହେବନାହିଁ ତ ! ଗୋଟାଏ ମୁହୂର୍ତ୍ତରେ ''ସମସ୍ତଙ୍କର ଇଚ୍ଛାକୁ ମାନିନେବା ମୋ ପକ୍ଷେ ଉଚିତ ।'' ଏଇ ଭାବାବେଗରେ ଜୀବନର ଏତେବଡ଼ ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ ନେବାବେଳେ ମୁଁ ଏତେ ଚିନ୍ତା କରି ନଥିଲି । ସେତେବେଳେ ଭାବିପାରି ନଥିଲି ପାଞ୍ଚଜଣ ବୀରପୁରୁଷଙ୍କର ଇଚ୍ଛା, ରୁଚି, ଆଶା, ବ୍ୟକ୍ତିତ୍ୱ ପରସ୍ପରଠାରୁ ଏତେ ଭିନ୍ନ ହୋଇଥିବ ବୋଲି । ବର୍ତ୍ତମାନ କଥାଟା ଚିନ୍ତାକରି ମୁଁ ଅସହାୟ ବୋଧ କରୁଛି ।

ରାତ୍ରିର ଗୋଟିଏ ପ୍ରହର ଯଦି ମୁଁ ଜଣେ ସ୍ୱାମୀଙ୍କ ପାଇଁ ଉତ୍ସର୍ଗ କରେ, ତେବେ ବି ଜଣେ ସ୍ୱାମୀଙ୍କର ରଜନୀ ବ୍ୟର୍ଥରେ ପାହିବ । ତେବେ କେମିତି ଭାବେ ମୁଁ ରଜନୀର ଘ୍ରିପ୍ରହରକୁ ବିଭକ୍ତ କରିବି ଏବଂ ବିଭକ୍ତ କରିବି ନିଜକୁ !

ଆଜି ମୋର ଦାମ୍ପତ୍ୟ ଜୀବନର ଅଯମାରମ୍ଭ । ସକାଳୁ ଶୁଚିସ୍ନାନ ସାରି ନବବଧୂ ବେଶରେ ସଜ୍ଜିତା ହୋଇ ମୁଁ ମା' କୁନ୍ତୀଙ୍କୁ ପ୍ରଣାମ କଲି । ମା' ଆଶୀର୍ବାଦ କଲେ —

Digitized by srujanika@gmail.com

''କୃଷ୍ଣା, ଈଶ୍ୱର ତତେ ସୁଖୀ କରନ୍ତୁ । ତୁ ମୋର ଝିଅର ସ୍ଥାନ ପୂରଣ କରିଛୁ । ସ୍ୱାମୀମାନଙ୍କୁ ସର୍ବାନ୍ତଃକରଣରେ ସୁଖୀ କରିବୁ । ସେମାନଙ୍କ ପାଦପଦ୍ମରେ ଧ୍ୟାନରଖି ଅତିଥି ଏବଂ ଅପରିଚିତ ଅଭ୍ୟାଗତଙ୍କୁ ଈଶ୍ୱରତୁଲ୍ୟ ସେବା ଯତ୍ନ କରିବୁ । ତୋ'ଭଳି ବିଦୁଷୀ ଏବଂ ରୂପସୀ ପୁତ୍ରବଧୂ ପାଇ ମୁଁ ଧନ୍ୟା ହୋଇଛି ।''

ମା'ଙ୍କ ପାଖରୁ ଆଶୀର୍ବାଦ ନେଇ ମୁଁ ଯୁଧିଷ୍ଠିରଙ୍କ ଶୟନକକ୍ଷକୁ ଗଲି । ସେଠାରେ କୃଷ୍ଣ ଅଛନ୍ତି । ମା'ଙ୍କର ନିର୍ଦ୍ଦେଶ ଯେ ତାଙ୍କୁ ପ୍ରଣାମ ଜଣାଇବାକୁ ହେବ । ଯୁଧିଷ୍ଠିରଙ୍କ ଶୟନକକ୍ଷରେ ଆଉ କେହି ଅପରିଚିତ ଅଭ୍ୟାଗତ ହୁଏତ ଆସି ପହଞ୍ଚିଛନ୍ତି । ତାଙ୍କର ଆଳାପର ସ୍ୱର ଶୁଭୁଛି । ସେ କହୁଛନ୍ତି, ''କିନ୍ତୁ ଗୋବିନ୍ଦ, ଦେବୀ କୃଷ୍ଣାଙ୍କୁ ଏ ବିଷମ ପରିସ୍ଥିତିରେ ପକାଇବା ପଛରେ ଆପଣଙ୍କର କି ଉଦ୍ଦେଶ୍ୟ ଅଛି ? ଦେବଲୋକରେ ସମସ୍ତେ ବିସ୍ମିତ ହୋଇ ଅପେକ୍ଷା କରିଛନ୍ତି ପଞ୍ଚପୁରୁଷର ନାୟିକା ଦ୍ରୌପଦୀଙ୍କର ପ୍ରେମ, ବିରହ, ଦ୍ୱନ୍ଦ୍ୱର କାହାଣୀ ଶୁଣିବାକୁ । ଦେବୀ କୃଷ୍ଣାଙ୍କୁ ଏ ଲଙ୍ଗାରେ ପକାଇଲେ କାହିଁକି ? ଦେବତାମାନେ ପୁରୁଷଙ୍କ ପାଇଁ ବହୁପତ୍ନୀ ବିବାହର ବିଧାନ କରିଛନ୍ତି । ତଦ୍ଦ୍ୱାରା ତାଙ୍କର ପୌରୁଷ ଗାରିମାମୟ ହୁଏ । କିନ୍ତୁ ଜଣେ ନାରୀ ପକ୍ଷେ ବହୁପତି ଗ୍ରହଣ ଯେତିକି ଲଜ୍ଜାକର, ସେତିକି ନିନ୍ଦନୀୟ । ତା'ଦ୍ୱାରା ନାରୀତ୍ୱର ମହିମା କ୍ଷୁଣ୍ଣ ହୁଏ । ଏକଥା ଦ୍ୱାରିକାପତି କ'ଣ ଜାଣନ୍ତି ନାହିଁ ?''

ମୋର ପାଦ ପଥର ହୋଇଗଲା । ମୁଁ ସ୍ଥାଣୁ ହେଇ ମୋ ଲଜ୍ଜା ଓ ଅପମାନ କଥା ଶୁଣୁଥିଲି । ଅଭ୍ୟାଗତ ଯିଏ ହୁଅନ୍ତୁ ନା କାହିଁକି ତାଙ୍କର ସାମ୍ନା କରିବା ପାଇଁ ଇଚ୍ଛା ହେଲାନାହିଁ । ଫେରିଆସିଲି ମୋର ବିଶ୍ରାମ କକ୍ଷକୁ । ଅବଶ ହୋଇ ବସିପଡ଼ିଲି ପଲଙ୍କ ଉପରେ । ମସୃଣ ମର୍ମର ପଥରର ଜାଲରେ ମୋର ପ୍ରତିବିମ୍ବ ଝଲସି ଉଠିଲା । ଦେଖିଲି ମୁଁ ଭାଙ୍ଗିପଡୁଛି ଦୁଃଖରେ, ଲଜ୍ଜାରେ, ଦୁଶ୍ଚିନ୍ତାରେ । ପରକ୍ଷଣରେ ନବବଧୂ କୃଷ୍ଣା ଭିତରେ ଯଜ୍ଞ ଅନଳରୁ ସମ୍ଭୂତା ଯାଜ୍ଞସେନୀ ବିଦ୍ରୋହ କରିଉଠିଲା, ଦେବଲୋକର ବିଧାନ ବିରୋଧରେ ବିପ୍ଳବ ଘୋଷଣା କରିବାକୁ ପ୍ରସ୍ତୁତ ହେଲା । ଦେବଲୋକର ବିଧାନ ଅନୁସାରେ ଜଣେ ପୁରୁଷ ଯେତେ ପାରେ ସେତେ ସ୍ତ୍ରୀ ଗ୍ରହଣ କରିପାରେ; କିନ୍ତୁ ଜଣେ ସ୍ତ୍ରୀ ଏକାଧିକ ସ୍ୱାମୀ ବରଣ କଲେ ପାପିନୀ ବୋଲାଇବ, ଏ ବିଧାନ କରିଛି କିଏ ? କେହି ଜଣେ ଦିବ୍ୟପୁରୁଷ ତ ! ତା' ନ ହୋଇଥିଲେ ସ୍ତ୍ରୀ ଏବଂ ପୁରୁଷ ପାଇଁ ପାପପୁଣ୍ୟର ବିଗ୍ଦରରେ ତାରତମ୍ୟ ହୁଅନ୍ତା କାହିଁକି ?

ଧନୀ ଦରିଦ୍ର, ଉଚ୍ଚ ନୀଚ, ବ୍ରାହ୍ମଣ ଚଣ୍ଡାଳ, ସ୍ତ୍ରୀ ପୁରୁଷ ଭେଦରେ ସମାଜର ନୀତି ନିୟମ, ଗ୍ଲଲିଚଳଣ, ପାପପୁଣ୍ୟର ଦିଗ୍ଦରରେ ଯେଉଁ ଘୋର ବୈଷମ୍ୟ ମଣିଷ ସୃଷ୍ଟି କରିଛି, ତା' ବିରୋଧରେ ମୋର ଆଜନ୍ମ ଯୁଦ୍ଧଂଦେହୀ ଡାକ ।

Digitized by srujanika@gmail.com

ପ୍ରକୃତରେ ପଞ୍ଚପତି ବରଣ କେବଳ ମୋ ପାଇଁ ନୁହେଁ, ସମଗ୍ର ନାରୀଜାତି ପାଇଁ ଥିଲା ଏକ ଆହ୍ୱାନ । ଏକ ସମୟରେ ବହୁ ପୁରୁଷଙ୍କୁ ବରଣ କଲେ ମଧ୍ୟ ଜଣେ ନାରୀର ଗ୍ୱରିତ୍ତିକ ଶୁଦ୍ଧତା ଅମଳିନ ରହିପାରେ — ଏହା ହିଁ ପ୍ରମାଣ କରିବା ପାଇଁ ଏ ଯେମିତି ଥିଲା ଏକ ସୁବର୍ଣ୍ଣ ସୁଯୋଗ ।

ପରପୁରୁଷର ମୁହଁ ଦେଖିବାର ସୁଯୋଗ ପାଉନଥିବା ଅନ୍ତଃପୁରବାସିନୀ ଜଣେ ନାରୀ ଯଦି ପତିବ୍ରତା ହୋଇ ରହିଯାଏ, ତେବେ ତା'ର ସତୀତ୍ୱ ସଂପର୍କରେ ସନ୍ଦେହର ଯଥେଷ୍ଟ ଅବକାଶ ରହିଛି । କିନ୍ତୁ ବହୁପୁରୁଷଙ୍କ ଗହଣରେ ରହି, ବହୁ ପୁରୁଷଙ୍କ ସଙ୍ଗଲାଭ କରି ମଧ୍ୟ ଯଦି କେହି ପତିବ୍ରତା ହୋଇପାରେ, ତେବେ ତାକୁ ହିଁ ସତୀ ଆଖ୍ୟା ଦିଆଯାଇପାରେ । ବୋଧହୁଏ ସେଇଥିପାଇଁ ତାରା ଏବଂ ମନ୍ଦୋଦରୀ ଏକାଧିକ ପତି ବରଣ କଲେ ମଧ୍ୟ ସତୀ ପଦବାଚ୍ୟ ଏବଂ ପ୍ରାତଃସ୍ମରଣୀୟା । ଲକ୍ଷ୍ମଣପତ୍ନୀ ଉର୍ମିଳା ଚଉଦବର୍ଷ ଧରି ଅନ୍ତଃପୁରରେ ବନ୍ଦିନୀ ଜୀବନ ବିତାଇ ସ୍ୱାମୀଙ୍କର ପ୍ରତୀକ୍ଷା କରୁଥିଲେ । ଅଥଚ ଅଯୋଧ୍ୟା ନଗ୍ରରେ ସତୀ ଉର୍ମିଳା ବୋଲି କେବେ ଡିଣ୍ଡିମ ବାଜିନାହିଁ । ଦେବୀ ସୀତା ରାବଣ ଦ୍ୱାରା ଅପହୃତା ହୋଇ ଅଶୋକ ବନରେ ବନ୍ଦିନୀ ଥିବାବେଳେ ଦୈତ୍ୟରାଜ ରାବଣ ଏବଂ ଅନେକ ଦୈତ୍ୟଙ୍କ ସଂସ୍ପର୍ଶରେ ଆସିଥିଲେ, ସେମାନଙ୍କଠାରୁ ଅନେକ ଇଙ୍ଗିତ ପାଇଥିଲେ ମଧ୍ୟ ସ୍ୱାମୀଙ୍କ ପ୍ରତୀକ୍ଷାରେ ଏକାଗ୍ର ରହି କାଳ କାଟିଥିଲେ । ସେଥିପାଇଁ 'ସତୀ ସୀତା' ବୋଲି ନଗ୍ରେ ନଗ୍ରେ ହୁରି ପଡ଼ିଲା । ଅଥଚ ବିଘ୍ନରୀ ଉର୍ମିଳା ରହିଗଲେ ଲୋକଲୋଚନ ଅନ୍ତରାଳରେ ।

ମୂଲ୍ୟବୋଧକୁ ଜାବୁଡ଼ି ଧରିବା ଛଡ଼ା ଅନ୍ୟଗତି ନ ଥିବା ସ୍ଥଳେ ଯଦି ଜଣେ ମୂଲ୍ୟବୋଧକୁ ବଜାୟ ରଖେ ସେଥିରେ ବୈଚିତ୍ର୍ୟ ନାହିଁ । ପ୍ରତିକୂଳ ପରିସ୍ଥିତିରେ ଯଦି କେହି ମୂଲ୍ୟବୋଧକୁ ବଜାୟ ରଖିପାରେ, ସେ ହିଁ ପ୍ରକୃତରେ ମହାନ । ପାପ ଏବଂ ପୁଣ୍ୟର ପୃଥିବୀରେ ପାପକୁ ବାଦ୍ ଦେଇ ପୁଣ୍ୟର ମାହାତ୍ମ୍ୟକୁ ହୃଦୟଙ୍ଗମ କରିହୁଏନି । ପାପ ନଥିଲେ ପୁଣ୍ୟ ପ୍ରତିଷ୍ଠାର ଆବଶ୍ୟକତା କ'ଣ ? ଅଧର୍ମ ନ ଥିଲେ ଧର୍ମସଂସ୍ଥାପନାର ଅର୍ଥ କ'ଣ ? ଅନ୍ଧକାର ନ ଥିଲେ ଆଲୋକର ଉଜ୍ଜ୍ୱଳତା କିଏ ବା ହୃଦୟଙ୍ଗମ କରିବ ? ଦୁଷ୍ଟଙ୍କ ପାଇଁ ସିନା ଏ ପୃଥିବୀରେ ଯୁଗେ ଯୁଗେ ଭଗବାନ ଅବତାର ଗ୍ରହଣ କରନ୍ତି ! ତେଣୁ ଯେତେବେଳେ ହିଁ ପୁଣ୍ୟର ପ୍ରଶଂସା ଉଠେ, ମୁଁ ପାପର ଚିନ୍ତା କରେ । ଭାବେ ପାପ ସିନା ପୁଣ୍ୟକୁ ମହାନ୍ କରିଛି, ଦୁଷ୍ଟ ସିନା ସନ୍ତକୁ ମହାମାନବର ଆସନ ଦେଇଛି ! ସାଧାରଣ ରାଜକନ୍ୟାଠାରୁ ମୋ ଚିନ୍ତାଧାରାରେ ଏହାହିଁ ବ୍ୟତିକ୍ରମ ।

ମୁଁ ଯେତେବେଳେ ଦେଖେ ଏବଂ ଶୁଣେ ଯେ ପ୍ରତ୍ୟେକ ରାଜାଙ୍କର ଅନ୍ତଃପୁରରେ ଅନେକ ରାଣୀ ଉଜାଗରରେ ରାଜାଙ୍କ ବାଟ ଗ୍ୱହିଁ ବସନ୍ତି, ଅଥଚ ରାଜାଙ୍କର ସୌକ ଓ ଆନନ୍ଦ ହେଲେ କେତେବେଳେ କେଉଁ ରାଣୀଙ୍କ ଅନ୍ତଃପୁରରେ ମିଳନର ବଂଶୀସ୍ୱନ

Digitized by srujanika@gmail.com

ଶୁଭେ ବା ନ ଶୁଭେ, ସେତେବେଳେ ମୁଁ ଭାବେ ଠିକ୍ ବିପରୀତ ଘଟନାଟା କେମିତି ହୁଅନ୍ତା ? ଜଣେ ରାଣୀ — ସହସ୍ର ରାଜା ! ରାତି ରାତି ପ୍ରତୀକ୍ଷାରେ କଟୁଥା'ନ୍ତା ରାଜାମାନଙ୍କର । ରାଣୀ ଯାହାକୁ ଅଧିକ ପ୍ରେମ କରନ୍ତେ ତାକୁ କରନ୍ତେ 'ପାଟରାଜା' । ମୋ କଥା ଶୁଣି ସଖୀମାନେ ହସନ୍ତି, କହନ୍ତି — ''ଜେମା, ଯାହା ଭାବୁଛ ମନେ ମନେ ଭାବ ପଛକେ, ତୁଣ୍ଡ ଖୋଲି କହିଦିଅନି । ଶୁଣିଲେ ଲୋକନିନ୍ଦା ହେବ, ସମସ୍ତେ କହିବେ, ଦେହରେ ନ ହେଲେ ବି ଜେମା ମନରେ ଅସତୀ ! ଜଣେ ନାରୀ ଅନେକ ପୁରୁଷଙ୍କୁ ଗ୍ରହଣ କରିବା ଭଳି ସୃଷ୍ଟିଛଡ଼ା କଥା ଜେମା ଭାବୁଛନ୍ତି କିପରି ?''

ମୁଁ ବିରକ୍ତ ହୋଇଯାଏ । ସଖୀମାନଙ୍କ ସଙ୍ଗେ ଯୁକ୍ତି କରେ । କହେ — 'ସତୀ ନାରୀ' 'ଅସତୀ ନାରୀ' ଭଳି 'ସତ୍ୟ ପୁରୁଷ' 'ଅସତ୍ୟ ପୁରୁଷ' ଶବ୍ଦ ଶାସ୍ତ୍ର ପୁରାଣରେ ନାହିଁ କାହିଁକି ? ପୁରୁଷର ହୃଦୟ କ'ଣ ସୁନାରେ ଗଢ଼ା; ଯାହା କେବେହେଲେ ପାପର ସ୍ପର୍ଶରେ ମଳିନ ହୁଏ ନାହିଁ ? ଶାସ୍ତ୍ରକାରମାନେ କ'ଣ କେବଳ ନାରୀ ପାଇଁ 'ପାପ'ର ତାଲିକା ପ୍ରସ୍ତୁତ କରିଥିଲେ ?

ଆଖି ଆଗରେ ଭାସିଉଠେ କେତୋଟି ଦୃଶ୍ୟ । ଉଛୁଳା ଯମୁନା ନଦୀରେ, ଧର୍ମନୌକାରେ ଦସି ନଦୀ ପାର ହେଉଥିବାବେଳେ ମହାମୁନି ପରାଶର ଧୀବରକନ୍ୟା ମତ୍ସ୍ୟଗନ୍ଧାଙ୍କର ରୂପ ଲାବଣ୍ୟରେ କାମାତୁର ହୋଇ ତାଙ୍କୁ ରତିଭିକ୍ଷା କଲେ । ସୁକୁମାରୀ କୁମାରୀ ମତ୍ସ୍ୟଗନ୍ଧାଙ୍କର ଶତ ବାରଣ ସତ୍ତ୍ୱେ ମହାମୁନି ପରାଶର ବଳାହାର କରି ନୌକା ମଧ୍ୟରେ ତାଙ୍କୁ ଗ୍ରହଣ କଲେ ।

ପୂରନ୍ତ ଯମୁନା ନଈ । ଦୁଇ ତୀରରେ ଯାତ୍ରୀମାନଙ୍କର କୋଳାହଳ । ନୌକା ଭିତରେ ଭୟଭୀତା ଅପାପବିଦ୍ଧା କୁମାରୀ କନ୍ୟା ସତ୍ୟବତୀ । ମୁନି ପରାଶର ଅଲୌକିକ ଶକ୍ତିର ଅଧିକାରୀ । ପଥଘୁରା ଯାତ୍ରୀମାନଙ୍କ ନୟନ ପଥରୁ ମୁନିଙ୍କର ଏହି କାମକ୍ରୀଡ଼ାକୁ ଗୋପନ ରଖିବା ପାଇଁ ସେ ନୌକା ଘୁରିପାଖରେ ପଲକମାତ୍ରକେ ସୃଷ୍ଟିକଲେ ଘନ କୁଜ୍ଝଟିକାର ବଳୟ । ସେଇ ଅନ୍ଧକାରର ବଳୟ ଭିତରେ ମୁନିଙ୍କର କାମନା ଚରିତାର୍ଥ ହେଲା ଏବଂ ଜନ୍ମନେଲେ ମହାଜ୍ଞାନୀ ଦିବ୍ୟଦ୍ରଷ୍ଟା କୃଷ୍ଣ ଦ୍ୱୈପାୟନ । ପୁତ୍ରକୁ ସଙ୍ଗରେ ଧରି ମହାମୁନି ପରାଶର ମତ୍ସ୍ୟଗନ୍ଧାଙ୍କଠାରୁ ଅନ୍ତର ହୋଇଗଲେ ଏବଂ ତାଙ୍କୁ ଆନନ୍ଦ ଓ ତୃପ୍ତିଦାନ କରିଥିବାରୁ ମତ୍ସ୍ୟଗନ୍ଧାଙ୍କୁ ବରଦାନ କରି ଯୋଜନଗନ୍ଧାରେ ପରିଣତ କଲେ । ଯୋଜନଗନ୍ଧା ସତ୍ୟବତୀଙ୍କର ଶରୀରରୁ ମତ୍ସ୍ୟଗନ୍ଧ ଦୂର ହୋଇ ସୁଗନ୍ଧ ଝରିଆସିଲା ଏବଂ ଯୋଜନ ଯୋଜନ ବ୍ୟାପୀ ସେ ସୁଗନ୍ଧ ବ୍ୟାପ୍ତ ହୋଇଗଲା ।

ଯୋଜନଗନ୍ଧା ସତ୍ୟବତୀ ସମୟକ୍ରମେ ହେଲେ କୁରୁବଂଶର ରାଜା ଶାନ୍ତନୁଙ୍କର ପତ୍ନୀ । ଶାନ୍ତନୁଙ୍କ ଔରସରୁ ତାଙ୍କ ଗର୍ଭରୁ ଜାତ ହେଲେ ଚିତ୍ରାଙ୍ଗଦ ଓ ବିଚିତ୍ରବୀର୍ଯ୍ୟ ।

Digitized by srujanika@gmail.com

ପରମ ଜ୍ଞାନବତୀ ମାତା ସତ୍ୟବତୀଙ୍କୁ ବେଳେବେଳେ ତାଙ୍କର ଅତୀତ ପାଇଁ ଲୋକନିନ୍ଦା ଓ ପରିହାସ ସହ୍ୟ କରିବାକୁ ହୁଏ — ଅଥଚ ମହର୍ଷି ପରାଶର ସର୍ବଜନପୂଜ୍ୟ । ପ୍ରଭୁ ବ୍ୟାସଦେବଙ୍କ ମୁଖରୁ ତାଙ୍କ ଜନନୀଙ୍କର ଜୀବନ ଚରିତ ଶୁଣୁ ଶୁଣୁ ମୋ ଭିତରେ ବିଦ୍ରୋହର ଝଙ୍କାର ଶୁଭେ । ମୋର ମୁଖ, ଆଖି କ୍ରୋଧରେ ଲାଲ୍ ହୋଇଯାଏ । ବ୍ୟାସଦେବ ସ୍ଥିତପ୍ରଜ୍ଞ । ସେ ହସି ହସି କହନ୍ତି — "ନାରୀ ହେଉଛି ସର୍ବଂସହା ଧରିତ୍ରୀ । ନାରୀର ସହନଶୀଳତା ପୁରୁଷଠାରେ ନାହିଁ । ତେଣୁ ନାରୀକୁ ଦୋଷାରୋପ କରିବା ସହଜ । ପୁରୁଷକୁ ଏଭଳି ଦୋଷାରୋପ କରାହେଉଥିଲେ, ପୃଥିବୀରେ ପ୍ରତିଦିନ ଅସଂଖ୍ୟ ହିଂସାକାଣ୍ଡ ସଂଘଟିତ ହେଉଥା'ନ୍ତା । ବୋଧହୁଏ ସେଥିପାଇଁ ପୁରୁଷଙ୍କୁ ନିନ୍ଦା କରିତାର ସାହସ କେହି କରନ୍ତି ନାହିଁ । ନିନ୍ଦା, ଅପବାଦ ଏବଂ କୁହା ଭିତରେ ନିଜର ଗ୍ଵରିତ୍ରିକ ଦୃଢ଼ତାକୁ ବଜାୟ ରଖି ମାତା ସତ୍ୟବତୀ ଆଜି ଆର୍ଯ୍ୟାବର୍ତ୍ତର ପରମ ପୂଜନୀୟା ମହୀୟସୀ ମହିଳା ।

ମୋର ବଡ଼ଭାଇ ଶିଖଣ୍ଡୀଙ୍କର ପୂର୍ବ ଜନ୍ମବୃତ୍ତାନ୍ତ ଶୁଣି ମୁଁ କ୍ରୋଧରେ ଅଜ୍ଞାନ ହୋଇଯାଏ ।

କାଶୀରାଜାଙ୍କର ତିନିକନ୍ୟା ଅମ୍ବା, ଅମ୍ବିକା, ଅମ୍ବାଳିକାଙ୍କର ସ୍ଵୟମ୍ବର ସଭା ଅନୁଷ୍ଠିତ ହେଉଥାଏ । ସ୍ଵୟମ୍ବରର ସମ୍ବାଦ ପାଇଲେ ଗଙ୍ଗାଙ୍କର ପୁତ୍ର ଦେବବ୍ରତ — ଅଟଳ ପ୍ରତିଜ୍ଞାକାରୀ ଭୀଷ୍ମ । ସେତେବେଳେ ଚିତ୍ରାଙ୍ଗଦ ଅବିବାହିତ ଅବସ୍ଥାରେ ମୃତ ଏବଂ ବିଚିତ୍ରବୀର୍ଯ୍ୟଙ୍କର ବିବାହ ବୟସ । ଭୀଷ୍ମଦେବ ବିଚିତ୍ରବୀର୍ଯ୍ୟଙ୍କୁ ନେଇ କାଶୀ-ରାଜାଙ୍କ କନ୍ୟାତ୍ରୟଙ୍କ ସ୍ଵୟମ୍ବର ସଭାରେ ଉପସ୍ଥିତ ହେଲେ । ଆର୍ଯ୍ୟାବର୍ତ୍ତର ସମସ୍ତ ଧନୀ ମାନୀ ରାଜା ସ୍ଵୟମ୍ବର ସଭାରେ ଉପସ୍ଥିତ । ଭୀଷ୍ମଦେବ ବୁଝିପାରିଲେ କାଶୀରାଜାଙ୍କର କନ୍ୟାମାନେ ବିଚିତ୍ରବୀର୍ଯ୍ୟଙ୍କୁ କେବେହେଲେ ବରଣମାଳା ଦେବେନାହିଁ। କ୍ଷତ୍ରିୟ ଧର୍ମର ଦ୍ୱାହି ଦେଇ ସେ କାଶୀରାଜାଙ୍କର ତିନି କନ୍ୟାଙ୍କୁ ବିଚିତ୍ରବୀର୍ଯ୍ୟଙ୍କର ପତ୍ନୀ କରିବା ଆଶାରେ ସଭାମଣ୍ଡପରୁ ବଳପ୍ରୟୋଗ କରି ଉଠାଇ ଆଣିଲେ । ଭୀଷ୍ମଙ୍କର ବାହୁବଳକୁ ଡରି କେହି ଏହି ବଳାହାରର ପ୍ରତିବାଦ କଲେ ନାହିଁ ।

ହସ୍ତିନା ରାଜ୍ୟରେ ପହଞ୍ଚିବା ପରେ ଜ୍ୟେଷ୍ଠ ରାଜକନ୍ୟା ଅମ୍ବା ଭୀଷ୍ମଦେବଙ୍କୁ ସ୍ପଷ୍ଟ କହିଲେ ଯେ ସେ ବହୁପୂର୍ବରୁ ସମର୍ପିତା, ବରପୂର୍ବା ନାରୀ । ମଦ୍ରଦେଶର ରାଜା ଶାଲ୍ୱ ବହୁପୂର୍ବରୁ ତାଙ୍କୁ ବିବାହ କରିବା ପାଇଁ ମନସ୍ଥ କରିଛନ୍ତି ଏବଂ ଅମ୍ବା ସେଦିନ ସ୍ଵୟମ୍ବର ସଭାରେ ରାଜା ଶାଲ୍ୱଙ୍କୁ ଦେଖି ତାଙ୍କଠାରେ ହୃଦୟ ସମର୍ପଣ କରିଛନ୍ତି। ଧର୍ମତଃ ସେ ଶାଲ୍ୱଙ୍କୁ ବିବାହ କରିବାର କଥା । ଭୀଷ୍ମଦେବ ଏ କ୍ଷେତ୍ରରେ ଅତ୍ୟନ୍ତ ଉଦାରତାର ସହ ରାଜକନ୍ୟା ଅମ୍ବାଙ୍କୁ ରାଜପୁରୋହିତ ଏବଂ ବିଶ୍ୱସ୍ତ ଦାସୀଙ୍କ ଗହଣରେ ତାଙ୍କର ପୂର୍ବ ନିର୍ବାଚିତ ପତିଙ୍କ ନିକଟକୁ ସସମ୍ମାନ ପ୍ରେରଣ କଲେ । କିନ୍ତୁ ନିରପରାଧିନୀ ରାଜକନ୍ୟା ଅମ୍ବା ଅଦୂରଦର୍ଶୀ ରାଜା ଶାଲ୍ୱଙ୍କଦ୍ୱାରା ଉପେକ୍ଷିତା ହେଲେ ।

Digitized by srujanika@gmail.com

ରାଜା ଶାଲ୍ୱ ଉପହାସ କରି କହିଲେ — ''ସର୍ବଜନ ସମକ୍ଷରେ ଭୀଷ୍ମ ସମସ୍ତଙ୍କୁ ପରାଜିତ କରି ତମକୁ ଅପହରଣ କରିଛନ୍ତି । ସେହି ମୁହୂର୍ତ୍ତରୁ ତମେ ଭୀଷ୍ମଦେବଙ୍କର ଉଚ୍ଛିଷ୍ଟ ହୋଇଛ ଏବଂ ମୋର ପତ୍ନୀ ହେବାର ଯୋଗ୍ୟତା ହରାଇଛ । ମୁଁ ତୁମକୁ ଆଉ କାମନା କରେନାହିଁ ।''

ଏପରି ନିଷ୍ଠୁର ବଚନରେ ଅମ୍ବା ଭାଙ୍ଗିପଡ଼ିଲେ । ଶାଲ୍ୱଙ୍କୁ ବୁଝାଇଲେ ଯେ ଭୀଷ୍ମଦେବ ଆଜନ୍ମ ବ୍ରହ୍ମଚାରୀ । ଜୀବନରେ ବିବାହ କରିବେ ନାହିଁ ବୋଲି ପିତାଙ୍କ ନିକଟରେ ଭୀଷ୍ମ ପ୍ରତିଜ୍ଞା କରିଛନ୍ତି । ନାରୀ କେବେ କୌଣସି ଦିନ ତାଙ୍କ ଗ୍ୱରିତ୍ରିକ ଚଳନର କାରଣ ହୋଇପାରି ନାହିଁ । ଭୀଷ୍ମଦେବ ନିଜ ପାଇଁ ନୁହେଁ, ସାନଭାଇ ପାଇଁ ତାଙ୍କୁ ଅପହରଣ କରିଥିଲେ ଏବଂ ସେତେବେଳେ ଅମ୍ବାଙ୍କ ପାଇଁ ତାଙ୍କ ମନରେ ନିର୍ମଳ ଶ୍ରଦ୍ଧା ଓ ଆଶୀର୍ବାଦ ଛଡ଼ା କୌଣସି କୁତ୍ସିତ କାମନା ବା ଦୁର୍ବଳତାର ଲେଶ ମାତ୍ର ଚିହ୍ନ ନଥିଲା ।

କିନ୍ତୁ ପୁରୁଷକାରର ଅହଂକାରରେ ରାଜା ଶାଲ୍ୱ ଅସହାୟା ଅମ୍ବାଙ୍କର ଭବିଷ୍ୟତ କ'ଣ ହେବ ବିଗ୍ଧର ନ କରି ତାଙ୍କୁ ପ୍ରତ୍ୟାଖ୍ୟାନ କଲେ ।

ରାଜକୁମାରୀ ଅମ୍ବା ନିରାଶ୍ରୟା ହେଇ ଘୋର ଅରଣ୍ୟ ଭିତରେ ମୁନିଋଷିଙ୍କର ପରାମର୍ଶ ଲୋଡ଼ିଲେ । ପିତୃଗୃହକୁ ଫେରିଯିବା ପାଇଁ ତାଙ୍କର ଇଚ୍ଛା ହେଲା ନାହିଁ । ତାଙ୍କର ଦୁର୍ଦ୍ଦଶା ପାଇଁ ସେ ଶାନ୍ତନୁ ପୁତ୍ର ଭୀଷ୍ମଙ୍କୁ ଦାୟୀ କରି ତାଙ୍କ ଉପରେ ପ୍ରତିଶୋଧ ନେବାପାଇଁ କଠୋର ତପସ୍ୟାରେ ମଗ୍ନ ହେଲେ । ସେତେବେଳେ ତାଙ୍କୁ ନ୍ୟାୟ ଦେବାପାଇଁ ଆର୍ଯ୍ୟାବର୍ତ୍ତର ଜଣେ ହେଲେ ବୀର ଆଗେଇ ଆସି ନଥିଲେ । କେବଳ ଆଗେଇ ଆସିଥିଲେ ଭୋଳାନାଥ ମହେଶ୍ୱର । କିନ୍ତୁ ଭୀଷ୍ମଙ୍କ ଉପରେ ଏ ଜନ୍ମରେ ପ୍ରତିଶୋଧ ନେଇପାରିବାର ବର ଭୋଳାନାଥ ଅମ୍ବାଙ୍କୁ ଦେଲେ ନାହିଁ । ବର ଦେଲେ ପରଜନ୍ମ ପାଇଁ । ପରଜନ୍ମରେ ହିଁ ଅମ୍ବା ଭୀଷ୍ମଙ୍କୁ ଯୁଦ୍ଧରେ ପରାଜିତ କରିବେ ବୋଲି ମହାଦେବ ବର ପ୍ରଦାନ କଲେ । ପରଜନ୍ମ କେବେ ? ନିରାଶ୍ରୟା, ଉପେକ୍ଷିତା, ଉପହସିତା, ବିରହିଣୀ ଅମ୍ବାଙ୍କ ଆଗରେ ବିଡ଼ମ୍ବିତ ଜୀବନ ଲମ୍ବିଯାଇଛି ଚିରସ୍ରୋତା ନଦୀର ଧାର ପରି । ସୁକୁମାରୀ ରାଜକନ୍ୟା ଏକା ଏକା ଶିବଙ୍କ ବରକୁ ପାଥେୟ କରି କେତେଦିନ ଗ୍ଭଲିବେ ? ଧୈର୍ଯ୍ୟ ହରାଇ ଅମ୍ବା ଅନଳରେ ଆତ୍ମାହୁତି ଦେଇ ପ୍ରାଣତ୍ୟାଗ କଲେ ।

ପରଜନ୍ମରେ ବି ଅମ୍ବାଙ୍କ ବିଡ଼ମ୍ବନା କିଛି କମ୍ ନୁହେଁ । ନାରୀ ହୋଇ ସେ କିପରି ଭୀଷ୍ମଦେବଙ୍କୁ ପରାସ୍ତ କରିବେ ? ତେଣୁ ପରଜନ୍ମରେ ମୋର ପିତାଙ୍କ ଔରସରେ ସେ ପୁତ୍ର ହେଇ ଜନ୍ମ ନେଲେ ମଧ୍ୟ ହେଲେ ନପୁଂସକ ! ଜନ୍ମହେବା ମାତ୍ରକେ ରାଜା

Digitized by srujanika@gmail.com

ଦ୍ରୁପଦ ପୁତ୍ରଲାଭର ଆନନ୍ଦରେ ମହୋତ୍ସବ କରିବା ପରିବର୍ତ୍ତେ ନବଜାତକର ଶିରଚ୍ଛେଦ କରିବା ପାଇଁ ଆଦେଶ ଦେଲେ ।

ମୋର ବଡ଼ଭାଇ ଶିଖଣ୍ଡୀଙ୍କୁ ଦେଖିଲେ ମନ ଭିତରେ ଅନୁକମ୍ପା ପରିବର୍ତ୍ତେ କ୍ଷୋଭ ଆସେ । ଶିଖଣ୍ଡୀଙ୍କର କାନ୍ତ କୋମଳ ଲଳିତ ରୂପଶୋଭା ଭିତରେ ଆତ୍ମପ୍ରକାଶ କରେ ଉପେକ୍ଷିତା, ଉପହସିତା ରାଜକନ୍ୟା ଅମ୍ବା । ବିନା ଅପରାଧରେ ଦୁଇ ଦୁଇଟି ମାନବ ଜନ୍ମ ତାଙ୍କର ଅଭିଶପ୍ତ ହୋଇଯାଇଛି କେବଳ ସେ ଜଣେ ନାରୀ ବୋଲି । ମନ ଭିତରେ ଜାଗିଛି ବିଦ୍ରୋହ । ଅମ୍ବା ସମାଜର ଅବିଗ୍ୱରକୁ ମୁଣ୍ଡପାତି ସହିନେଲେ । ଅନଳରେ ଝାସ ଦେଇ ପ୍ରାଣ ବିସର୍ଜନ କରିଥିଲେ । ତେଣୁ ଅମ୍ବାଙ୍କର ଆତ୍ମାହୁତି ବିରୋଧରେ ମୋ ଭିତରେ ବିଦ୍ରୋହ ଜାଗନ୍ତା ନାହିଁ କେମିତି ?

ଅମ୍ବା ତ ଆତ୍ମାହୁତି ଦେଇ ଗୋଟାଏ ନାରୀ ଜନ୍ମରୁ ମୁକ୍ତି ପାଇଗଲେ । ଅନ୍ୟ ଦୁଇଭଉଣୀ ଅମ୍ବିକା ଅମ୍ବାଳିକାଙ୍କର କାହାଣୀ ତ ଆଉରି ବିଷାଦମୟ ।

ଅପୁତ୍ରିକ ଅବସ୍ଥାରେ ବିଚିତ୍ରବୀର୍ଯ୍ୟ ପରଲୋକ ଗମନ କଲେ । କୁରୁ ରାଜବଂଶରେ ଏକମାତ୍ର ଦାୟାଦ ଭୀଷ୍ମ, ଚିରକୁମାର । କୁରୁବଂଶ ରକ୍ଷା ହେବ କିପରି ? ବଂଶ କ'ଣ ବୁଡ଼ିଯିବ ? ମାତା ସତ୍ୟବତୀଙ୍କ ଉପଦେଶରେ ବଂଶରକ୍ଷା ନିମନ୍ତେ ଅନ୍ୟ ପୁରୁଷଦ୍ୱାରା ପୁତ୍ରବତୀ ହେବା ପାଇଁ ଅମ୍ବିକା ଏବଂ ଅମ୍ବାଳିକା ଏକରକମ ବାଧ୍ୟ ହେଲେ । ପୁରାଣ ବାଣୀ ଶୁଣାଇ ଶାଶୁ ସତ୍ୟବତୀ କହିଥିଲେ — ''ଯେତେ ତପ କର, ସନ୍ତାନ ନ ଥିଲେ ସଦ୍‌ଗତି ନାହିଁ ।'' ସେ ପୁଣି ନାନା ଦୃଷ୍ଟାନ୍ତ ଦେଇ କହିଥିଲେ ସ୍ୱାମୀ ଔରସରୁ ପୁତ୍ରଲାଭ ନ ହେଲେ ଅନ୍ୟ ଆଠପ୍ରକାର ଉପାୟରେ ନାରୀ ପୁତ୍ର ଉତ୍ପାଦନ କରିପାରେ ଏବଂ ସମାଜ ତାକୁ ଗ୍ରହଣ କରେ । ସେଥିମଧ୍ୟରୁ ପରପୁରୁଷ ଦ୍ୱାରା ପୁତ୍ର ଉତ୍ପାଦନ କରିବା ଅନ୍ୟତମ ପନ୍ଥା । ତେଣୁ ବ୍ୟାସଦେବ ଦେଢ଼ଶୁର ହୁଅନ୍ତୁ ପଛକେ ତାଙ୍କୁ ଗ୍ରହଣ କରିବାକୁ ହେବ । ହସ୍ତିନାର ରାଜବଂଶକୁ ରକ୍ଷା କରିବାକୁ ହେବ । ତାହାହିଁ ହେଲା । ବ୍ୟାସଦେବଙ୍କ ଔରସରେ ଅମ୍ବିକା ଓ ଅମ୍ବାଳିକାଙ୍କ ଗର୍ଭରୁ ଯଥାକ୍ରମେ ଜନ୍ମନେଲେ ଧୃତରାଷ୍ଟ୍ର ଓ ପଣ୍ଡୁ । ଧୃତରାଷ୍ଟ୍ର ଅନ୍ଧ ଓ ପଣ୍ଡୁ ରୁଗ୍‌ଣ ଥିବାରୁ ପୁନର୍ବାର ଅମ୍ବିକାଙ୍କୁ ପୁତ୍ରବତୀ କରିବା ପାଇଁ ବ୍ୟାସଦେବଙ୍କୁ ଅନୁରୋଧ କଲେ ସତ୍ୟବତୀ । ଅମ୍ବିକା ପ୍ରଥମରୁ ହିଁ ଏ ପ୍ରକାର ପୁତ୍ରଲାଭର ବିରୋଧୀ ଥିଲେ । ତେଣୁ ପୁନର୍ବାର ବ୍ୟାସଦେବଙ୍କ ସହ ମିଳିତ ହେବା ପାଇଁ ଇଚ୍ଛା ନ କରି ନିଜର ଦାସୀଙ୍କୁ ନିଜ ବେଶରେ ତାଙ୍କ ନିକଟକୁ ପଠାଇଲେ । ଦାସୀଗର୍ଭରୁ ବ୍ୟାସଦେବଙ୍କ ଔରସରେ ଜନ୍ମଲାଭ କଲେ ଅସାଧାରଣ ବୁଦ୍ଧିମାନ୍ ଧାର୍ମିକ ପୁତ୍ର ବିଦୁର । ଅମ୍ବିକା ଭୟରେ, ଲଜ୍ଜାରେ, ଦୁଃଖରେ ଯମୁନା ନଦୀରେ ପ୍ରାଣ ବିସର୍ଜନ କରିଲେ । ତା'ସତ୍ତ୍ୱେ ଅମ୍ବିକା.

Digitized by srujanika@gmail.com

ଅମ୍ବାଳିକା ଅନେକ ସମୟରେ ଉପହସିତା ହୁଅନ୍ତି । ଅନ୍ୟ ପୁରୁଷର ପୁତ୍ରକୁ ଗର୍ଭରେ ଧାରଣ କରିବା ଦ୍ୱାରା ନିନ୍ଦିତା ବି ହୁଅନ୍ତି । ଏପରିକି ମାତା କୁନ୍ତୀ ସ୍ୱାମୀଙ୍କ ଉପଦେଶକୁ ଶିରୋଧାର୍ଯ୍ୟ କରି ଭିନ୍ନ ଭିନ୍ନ ଦେବତାଙ୍କ ଦ୍ୱାରା ପୁତ୍ର ଉପୁଜାଇ ତାଙ୍କୁ ଅନେକ ସମୟରେ ଉପହସିତା ହେବାକୁ ହୁଏ । ଏସବୁ ଭାବିଲେ ମୋର ଇଚ୍ଛାହୁଏ ପାପପୁଣ୍ୟର ବିଗ୍ୱର ନାରୀ ପୁରୁଷ ପାଇଁ ସମାନ ଥିଲେ ସାମାଜିକ ଅତ୍ୟାଗ୍ୱରରେ ନାରୀ ଜାତି ଉତ୍ପୀଡ଼ିତ ହୁଅନ୍ତା ନାହିଁ । ସଖୀମାନଙ୍କ ସହ ଆଲୋଚନା ବେଳେ ମୁଁ କେତେଥର କହିପକାଇଛି, ''ଦରକାର ପଡ଼ିଲେ ମୁଁ ମଧ୍ୟ ଏକାଧିକ ପତି ଗ୍ରହଣକରି ଦେଖାଇ ଦେଇପାରେ ଯେ ନାରୀ ଏକାଧିକ ପତି ଗ୍ରହଣ କଲେ ବି ବିଶ୍ୱସ୍ତା, ଅନୁଗତା ଏବଂ ସତୀ ହୋଇ ରହିପାରେ ।'' ଅବଶ୍ୟ ସେତେବେଳେ କଥାଟା ଏତେ ଗଭୀର ଭାବେ ଚିନ୍ତା କରି ମୁଁ ସେଭଳି କହିନଥିଲି । ଆବେଗପ୍ରଣୋଦିତା ହେଇ, ରାଗରେ, କ୍ରୋଧରେ ସେଭଳି କହିପକାଇବା ମୋର ଅଭ୍ୟାସ ।

ମୋର ଯୁକ୍ତି ଶୁଣି ସେତେବେଳେ ପ୍ରଭୁ ବ୍ୟାସଦେବ ଓଠ ଚିପି ଚିପି ହସୁଥିଲେ । ମୋର ଅଦୃଷ୍ଟ ଯେ ମୋ ସଙ୍ଗେ ବାଜି ମାରୁଥିଲା, ସେକଥା ମୁଁ କେମିତି ଜାଣିବି ?

ମୋ ଜୀବନରେ ଯେତେବେଳେ ସେଇ ବିଡ଼ମ୍ବିତ ଘଟଣା ଉପସ୍ଥିତ ହେଲା, ସେତେବେଳେ ମୁଁ ତାକୁ ମୋ ନାରୀତ୍ୱର ପରୀକ୍ଷା ମନେକରି ସମଗ୍ର ନାରୀଜାତି ପାଇଁ ଏକ ଆହ୍ୱାନ ମଣିଲି । ଯୁଧିଷ୍ଠିର ଏବଂ ମାତା କୁନ୍ତୀଙ୍କର ନିର୍ଦ୍ଦେଶକୁ ନୀରବରେ ମାନି ନେଇଥିଲି ।

କିନ୍ତୁ ବର୍ତ୍ତମାନ ପ୍ରକୃତ ଦାମ୍ପତ୍ୟ ଜୀବନ ଆରମ୍ଭ କରିବା ପାଇଁ ଯିବା ମୁହୂର୍ତ୍ତରେ ମୁଁ ଅନୁଭବ କରୁଛି ଯୁକ୍ତିଛଳରେ ନାରୀ ଓ ପୁରୁଷ ସମାନ କହିଦେଲେ ମଧ୍ୟ କଥାଟା ପ୍ରକୃତରେ ସତ୍ୟ ନୁହେଁ । ନାରୀର ଦେହ ଭଳି, ମନ ମଧ୍ୟ ପୁରୁଷଠାରୁ ଭିନ୍ନ । ତେଣୁ ତା'ପାଇଁ ସମାଜ କାଳେ କାଳେ କିଛି ଭିନ୍ନ ନିୟମ ପ୍ରଣୟନ କରିଥାଏ । ପୁରୁଷ ଏକାଧିକ ପତ୍ନୀ ଗ୍ରହଣ କଲେ ତା'ର ପତ୍ନୀମାନେ ତା'ର ହୃଦୟ ଜିଣିବା ପାଇଁ ଚେଷ୍ଟା କରନ୍ତି । ସେ ନିଜର ମର୍ଜି ଉପରେ ଯାହାକୁ ପସନ୍ଦ ତାକୁ ଅଧିକ ଧ୍ୟାନ ଦିଏ । ମାତ୍ର ନାରୀ ବହୁପତି ଗ୍ରହଣ କଲେ ତାକୁ ସମସ୍ତ ପତିଙ୍କର ପସନ୍ଦ ଓ ରୁଚିକୁ ବିଗ୍ୱର କରି ସମସ୍ତଙ୍କର ହୃଦୟ ଜିଣିବା ପାଇଁ ପଡ଼େ । ତା' ନହେଲେ ତା'ର ଜୀବନ ଦୁଃସହ ହେଇଯାଏ । ବର୍ତ୍ତମାନ ମୁଁ ସେଇ ଦୁଃସହ ପରିସ୍ଥିତିକୁ ସାମ୍ନା କରିବାକୁ ଯାଉଛି ।

ମୁଁ ଆକାଶ ପାତାଳ ଭାବୁଛି, ସଖୀ ନିତମ୍ବିନୀ ଆସି ସମ୍ବାଦ ଦେଲା — ମହର୍ଷି ନାରଦ ପହଞ୍ଚିଛନ୍ତି, ଯୁଧିଷ୍ଠିର ଏବଂ ଗୋବିନ୍ଦଙ୍କ ସହ ଆଳାପ କରୁଛନ୍ତି । ଦ୍ୟୂତକ୍ରୀଡ଼ାର ବ୍ୟବସ୍ଥା ମଧ୍ୟ ହୋଇଛି । ଯୁଧିଷ୍ଠିର ମତେ ଡକାଇଛନ୍ତି । ଯିବାକୁ ଉଦ୍ୟତ ହେଉଛି

Digitized by srujanika@gmail.com

ଜଣେ ଦାସୀ ଆସି ଖବର ଦେଲା — ଭୀମସେନ ଶୟନକକ୍ଷରେ ଅପେକ୍ଷା କରିଛନ୍ତି । ଆଜି ପ୍ରାତଃଭୋଜନ ମାତ୍ରାଧିକ ଖାଇଦେବା ଫଳରେ ଶରୀର ଗୁରୁବୋଧ ହେବାରୁ ବିଶ୍ରାମ ନେବା ଉଚିତ ହେବ ବିଗ୍ଧରି ମତେ ଡକାଇ ପଠାଇଛନ୍ତି । ବିଶ୍ରାମ ସମୟରେ ମୋର ସାହଚର୍ଯ୍ୟ ତାଙ୍କର ଆବଶ୍ୟକ ।

କ'ଣ କରିବି, କାହାର ଆଦେଶ ପ୍ରଥମେ ପାଳିବି ଭାବୁଛି, ଜଣେ ସଖୀ ଅର୍ଜୁନଙ୍କ ସନ୍ଦେଶ ଆଣି ପହଞ୍ଚିଲା । ଅର୍ଜୁନ ପାଠାଗାରରେ ବସି ମତେ ଅପେକ୍ଷା କରିଛନ୍ତି । କେହି ପଣ୍ଡିତ ଆସି ପହଞ୍ଚିଛନ୍ତି । ଶାସ୍ତ୍ର ଆଲୋଚନା ସମୟରେ ମୋର ଉପସ୍ଥିତି ଏକାନ୍ତ ବାଞ୍ଛନୀୟ ବୋଲି ଅନୁଭବ କରନ୍ତି ।

ମୁଁ ନୀରବରେ ଚିନ୍ତା କରୁଥାଏ, ଅନ୍ୟ ଜଣେ ସଖୀ ନକୁଳଙ୍କ ନିର୍ଦ୍ଦେଶ ଆଣି ପହଞ୍ଚିଲା । ଅଶ୍ୱଶାଳାରେ ପିତାଙ୍କଠାରୁ ଉପହାର ପାଇଥିବା ଅଶ୍ୱମାନଙ୍କୁ ନକୁଳ ପରୀକ୍ଷା କରୁଛନ୍ତି ଏବଂ ମୋର ଉପସ୍ଥିତି କାମନା କରୁଛନ୍ତି । ଠିକ୍ ତା'ପରେ ସହଦେବଙ୍କ ତାକରା ପଡ଼ିଲା । ବର୍ତ୍ତମାନ ଆମେ ପାଞ୍ଚାଳ ରାଜ୍ୟରେ କିଛିଦିନ ରହିବା ଉଚିତ ହେବ କି ନା ସେ ବିଷୟରେ ବସି ସେ ଗଣନା କରୁଛନ୍ତି ଓ ମୋର ପରାମର୍ଶ ଲୋଡୁଛନ୍ତି; କାରଣ ବ୍ୟାସଦେବଙ୍କ ମତରେ ମୁଁ କୁଆଡ଼େ ଦିବ୍ୟଦର୍ଶିନୀ ।

ମୁଁ ଭାବିଲି ମୋ ବିଡ଼ମ୍ବିତ ଜୀବନର ଆରମ୍ଭ ଏଇଠାରୁ । ବର୍ତ୍ତମାନ ମତେ ପଞ୍ଚସ୍ୱାମୀଙ୍କର ନିର୍ଦ୍ଦେଶ ମାନିନେବାକୁ ହେବ ଏବଂ ସମସ୍ତଙ୍କୁ ଯଥାବିଧି ସମ୍ମାନ ଦେଖାଇବାକୁ ହେବ । କାହାରିକୁ ଅବଜ୍ଞା କଲେ ଚଳିବ ନାହିଁ । ମୁଁ ମଧ୍ୟ କାହାରିକୁ ଅବଜ୍ଞା କରିବା ପାଇଁ ଗ୍ୱହେଁ ନାହିଁ ।

ପ୍ରଥମେ ଯୁଧିଷ୍ଠିରଙ୍କ ନିର୍ଦ୍ଦେଶ ମାନିବା ପାଇଁ ହେବ । କାରଣ ସେ ଜ୍ୟେଷ୍ଠ । ପାଣ୍ଡବ ପରିବାରର କର୍ତ୍ତା । ମୁଁ ଯୁଧିଷ୍ଠିରଙ୍କ କକ୍ଷଆଡ଼କୁ ଅଗ୍ରସର ହୁଅନ୍ତେ ମୋର ବର୍ତ୍ତମାନର ପ୍ରିୟସଖୀ ମାୟା ବାଟ ଓଗାଳି ଠିଆହୋଇ କହିଲା — ''ସଖି, ଭୀମସେନ ବହୁବେଳୁ ଅପେକ୍ଷା କରିଛନ୍ତି, ତାଙ୍କର ରାଗକୁ ସମ୍ଭାଳି ପାରିବ ତ ? ପୁଣି ଅର୍ଜୁନ ମହାଅଭିମାନୀ । ଭିତରେ ଭିତରେ ଦୁଃଖ କରିବେ, ରାଗ କରିବେ । କିନ୍ତୁ କିଛି କହିବେ ନାହିଁ । ଯୁଧିଷ୍ଠିର ପାଖକୁ ପରେ ଗଲେ ଚଳିବ । ପ୍ରଥମେ ଭୀମସେନଙ୍କୁ ସନ୍ତୁଷ୍ଟ କରିବା ଉଚିତ'' — ମୁଁ ଦ୍ୱନ୍ଦ୍ୱରେ ପଡ଼ିଯାଇ କହିଲି — ''ସବୁ କଥା ମୁଁ ଜାଣେ । କିନ୍ତୁ ନ୍ୟାୟତଃ ଯୁଧିଷ୍ଠିରଙ୍କର ଆଜ୍ଞା ପ୍ରଥମେ ପାଳିବାକୁ ହେବ । ତା'ପରେ ଭୀମସେନ, ତା'ପରେ ଅର୍ଜୁନ —''

''ନ୍ୟାୟ ଓ ନିୟମକୁ ଧରି ଦାମ୍ପତ୍ୟ ଜୀବନର ମିଳନ, ବିରହ, ରାଗରୋଷ, ହସ ଖୁସିର ଛନ୍ଦ ରକ୍ଷା କରିହୁଏ ନାହିଁ । ମନ୍ଦିରରେ, ବିଦ୍ୟାଳୟରେ, ସଭାମଞ୍ଚପରେ,

Digitized by srujanika@gmail.com

ଯୁଦ୍ଧକ୍ଷେତ୍ରରେ ନୀତି, ଅନୀତି, ଧର୍ମ ଅଧର୍ମର ଚର୍ଚ୍ଚା ହୁଏ, ତାକୁ ମାନିବାକୁ ପଡ଼େ; ମାତ୍ର ପ୍ରେମ ବ୍ୟାପାରରେ ସେ ସବୁ ଚଳେନା — ବେଳେବେଳେ ସିଧା ରାସ୍ତାରୁ ଟିକେ ବଙ୍କେଇ ଯିବାକୁ ହୁଏ । ଦାମ୍ପତ୍ୟ ଜୀବନ ତ ଭାଇଭାଗ ନୁହେଁ ଯେ ବଡ଼ଭାଇ, ସାନଭାଇ ଅନୁପାତରେ ତମର ସ୍ନେହ, ମମତା, ପ୍ରେମ ଓ ଅଭିମାନଙ୍କୁ ଭାଗ ବାଣ୍ଟି ପାଞ୍ଚଭାଇଙ୍କୁ ଠିକ୍ ଠିକ୍ ତାଙ୍କର ଭାଗଟିମାନ ଧରାଇଦେବ ?'' ମାୟା କଥା କହୁ କହୁ ଓଠଚିପି ହସିଲା । ମୁଁ ଟିକେ ବିଚଳିତା ହେଲି । ଚିନ୍ତାକୁଳ ହୃଦୟରେ ଯୁଧିଷ୍ଠିରଙ୍କ କକ୍ଷରେ ପ୍ରବେଶ କଲି ।

ମହର୍ଷି ନାରଦ ଏବଂ ଗୋବିନ୍ଦଙ୍କୁ ପ୍ରଣାମ ଜଣାଇଲି । ନାରଦ ଆଶୀର୍ବାଦ କଲେ । ଗୋବିନ୍ଦ ସ୍ନେହପୂର୍ଣ୍ଣ ଦୃଷ୍ଟିରେ ଶୁଭେଚ୍ଛା ଜ୍ଞାପନ କଲେ ।

ଦ୍ୟୂତକ୍ରୀଡ଼ାର ସମସ୍ତ ଆୟୋଜନ କରି ଯୁଧିଷ୍ଠିର ବସିଛନ୍ତି । ମୃଦୁ ହସି କହିଲେ— ''ବସ ପାଞ୍ଚାଳି, ଆଜି ତମ ସମକ୍ଷରେ ମୋର ଏବଂ ଗୋବିନ୍ଦଙ୍କର ଦ୍ୟୂତକ୍ରୀଡ଼ା ପ୍ରତିଯୋଗିତା ହେବ । ଗୋବିନ୍ଦ କହନ୍ତି ସଂସାରଟା ତାଙ୍କୁ ଖେଳ ଭଳି ମନେହୁଏ । ଦ୍ୟୂତକ୍ରୀଡ଼ା ତ ସେ ତୁଳନାରେ ଅତି ସାମାନ୍ୟ ଖେଳ ! ତେଣୁ ସେ କୁଆଡ଼େ ଜୟଯୁକ୍ତ ହେବେ । ଆଜି ସେକଥା ପରୀକ୍ଷା ହୋଇଯାଉ ।''

ମୁଁ ସମ୍ଭ୍ରମ ସହକାରେ କହିଲି — ''ମତେ ଟିକେ ସମୟ ଦିଅନ୍ତୁ । ଆପଣଙ୍କର ସାନଭାଇମାନେ ମୋ ଉପସ୍ଥିତି କାମନା କରୁଛନ୍ତି । ସେମାନଙ୍କୁ ସାକ୍ଷାତ କରି ଆସିବା ପରେ ମୁଁ ଆପଣଙ୍କ ସମକ୍ଷରେ ବସି ଦ୍ୟୂତକ୍ରୀଡ଼ା ଦେଖିପାରିବି ।''

ଅନ୍ୟଭାଇମାନେ କେଉଁ କେଉଁ କାରଣରୁ ମୋ ଉପସ୍ଥିତି କାମନା କରନ୍ତି, ସେକଥା ଗୋବିନ୍ଦ ଜାଣିବା ପାଇଁ ଗ୍ରହିଁବାରୁ ମୁଁ ପ୍ରକାଶ କରିଦେଲି । ମୋ କଥା ଶୁଣି ନାରଦ ହସିଉଠିଲେ । ବ୍ୟଙ୍ଗପୂର୍ଣ୍ଣ ସ୍ୱରରେ କହିଲେ — ''ଯୁଧିଷ୍ଠିର, ଭାଇମାନଙ୍କୁ ଏକତା ସୂତ୍ରରେ ଗ୍ରନ୍ଥିତ କରି ରଖିବା ଉଦ୍ଦେଶ୍ୟରେ ତମେ ଦେବୀ ଦ୍ରୌପଦୀଙ୍କୁ ପଞ୍ଚପତି ଗ୍ରହଣ କରିବା ପାଇଁ ଏକରକମ ବାଧ୍ୟରେ ପକାଇଛ । କିନ୍ତୁ ମୁଁ ଦେଖିଛି ଦେବୀ ଦ୍ରୌପଦୀଙ୍କୁ ନେଇ ବର୍ତ୍ତମାନ ପାଣ୍ଡବ ପାଞ୍ଚଭାଇଙ୍କ ଭିତରେ ପ୍ରତିଯୋଗିତା, ଈର୍ଷା, ବିରାଗ, ଶତ୍ରୁତା, ମତାନ୍ତର ଏବଂ ସର୍ବଶେଷରେ ଭାଇଭାଗ ହେବା ସୁନିଶ୍ଚିତ । ବର୍ତ୍ତମାନ ଦେବୀ ଦ୍ରୌପଦୀ ସମସ୍ତଙ୍କ ସହ ଦେଖାକରି ଫେରୁ ଫେରୁ ସନ୍ଧ୍ୟା ହେଇଯାଇପାରେ । ଏକା ଭୀମସେନଙ୍କ ପାଖରେ ଦିନଟି ଅଟକି ରହିବେ କି କ'ଣ କିଏ କହିବ ? ତମର ଦ୍ୟୂତକ୍ରୀଡ଼ା ହେବ କିପରି ? ଏ ତ ଆରମ୍ଭ ମାତ୍ର । ପ୍ରତିଦିନ ପ୍ରତି ମୁହୂର୍ତ୍ତରେ ଦେବୀ ଦ୍ରୌପଦୀଙ୍କର ସେବା, ସାହଚର୍ଯ୍ୟ, ସାନ୍ନିଧ୍ୟ ଏବଂ ସଙ୍ଗସୁଖ ଲାଭ କରିବା ପାଇଁ ପାଣ୍ଡବ ପାଞ୍ଚଭାଇ ଗ୍ରହିଁବେ । ସେଥିରେ ଅସ୍ୱାଭାବିକତା ବା ରହିଲା କେଉଁଠି ? କିନ୍ତୁ ତାହାହିଁ ହେବ ପାଣ୍ଡବ ପାଞ୍ଚଭାଇଙ୍କ ଭିତରେ ଏକତା ନଷ୍ଟର କାରଣ ।'' ଯୁଧିଷ୍ଠିର ଦୃଢ଼ସ୍ୱରରେ

Digitized by srujanika@gmail.com

କହିଲେ— ''ମୋର ଭାଇମାନେ ମତେ ଈଶ୍ୱରଙ୍କ ଭଳି ମାନନ୍ତି । ତେଣୁ ଆମ ଭିତରେ ସେପରି କିଛି ଦ୍ୱନ୍ଦ୍ୱ ଉପୁଜିବ ବୋଲି ମୋର ବିଶ୍ୱାସ ନୁହେଁ । ମୁଁ ଆଦେଶ ଦେଲେ ମୋ ଭାଇମାନେ ରାଜ୍ୟ, ଧନ, ସମ୍ପଦ ତ୍ୟାଗ କରି ବନବାସ କରିବା ପାଇଁ ବି କୁଣ୍ଠାବୋଧ କରିବେ ନାହିଁ ।''

ନାରଦ ହସି ହସି କହିଲେ — ''ରାଜ୍ୟ, ଧନ, ସମ୍ପଦ ତ୍ୟାଗ କରିଦେବା ସହଜ । କିନ୍ତୁ ବରନାରୀ ଦ୍ରୌପଦୀଙ୍କର ମୋହକୁ ତ୍ୟାଗ କରିଦେବା ଏତେ ସହଜ ନୁହେଁ । ତମେ ତ ସୁନ୍ଦ, ଉପସୁନ୍ଦଙ୍କର କାହାଣୀ ଜାଣ । ଦୁଇ ଭାଇ ସୁନ୍ଦ, ଉପସୁନ୍ଦ ଗୋଟିଏ ପାତ୍ରରେ ଭୋଜନ କରୁଥିଲେ । ଏପରିକି ଗୋଟିଏ ଶୟନ ଗୃହରେ, ଗୋଟିଏ ପଲଙ୍କରେ, ଏକ ଶଯ୍ୟାରେ ଶୟନ କରୁଥିଲେ । ରାଜ୍ୟରେ ସୁଖ, ଶାନ୍ତି ଓ ଏକତା ଅକ୍ଷୁଣ୍ଣ ରଖିପାରିଥିଲେ । ମାତ୍ର ଜଣିଏ ନାରୀ ତିଳୋତମା ପାଇଁ ହିଁ ଶେଷରେ ସେ ଦୁଇ ଭାଇ ପରସ୍ପରକୁ ହତ୍ୟା କଲେ ।'' ମୋ ଅନ୍ତରାତ୍ମା ଭୟ ଓ ଆଶଙ୍କାରେ ଥରିଉଠିଲା । ଯୁଧିଷ୍ଠିର ଗମ୍ଭୀର ହେଇଗଲେ । ଗୋବିନ୍ଦ ଶାନ୍ତ ସ୍ୱରରେ କହିଲେ — ''ନାରଦଙ୍କ କଥା ଅକ୍ଷରେ ଅକ୍ଷରେ ସତ୍ୟ —

ନାରଦ ଚିନ୍ତିତ ଭଙ୍ଗୀରେ କହିଲେ— ''କୃଷ୍ଣାଙ୍କର ଜନ୍ମ ସମୟରେ ଦୈବବାଣୀ ହୋଇଥିଲା ସେ କୁଆଡ଼େ ଅନେକ କ୍ଷତ୍ରିୟ ସଂହାରର କାରଣ ହେବେ । ପାଣ୍ଡବମାନେ ସେଇ କ୍ଷତ୍ରିୟ ନୁହଁନ୍ତି ତ ? ମୋର ତ ଭୟ ହେଉଛି । ଆଉ କାହା କଥା ଛାଡ଼ — ଭୀମସେନ ଗ୍ରହିଁବା ମାତ୍ରେ ଦ୍ରୌପଦୀ ଯଦି ତାଙ୍କ ଇଚ୍ଛା ଅନୁସାରେ କାର୍ଯ୍ୟ ନ କରନ୍ତି ତେବେ ଏକା ଭୀମସେନ ପାଣ୍ଡବ ସମେତ ଦ୍ରୌପଦୀଙ୍କୁ ଗଦା ପ୍ରହାରରେ ଚୂର୍ଣ୍ଣ କରିଦେବା ବିଚିତ୍ର କଥା ନୁହେଁ । ରାଗ ବ୍ରହ୍ମଚଣ୍ଡାଳ । ପୁଣି ଯଦି ଭୀମସେନଙ୍କର ରାଗ ହୁଏ — ତେବେ ତ କିଛି ନ କହିବା ଭଲ ।''

ମୁଁ ଭୟକାତର ହୋଇ ଆତୁର ସ୍ୱରରେ କହିଲି — ''ମହର୍ଷି ! ଆପଣଙ୍କର କଥା ମତେ ବିଚଳିତ କରୁଛି । ମୁଁ ମଧ୍ୟ ଅନୁଭବ କରୁଛି ଏକ ସମୟରେ ଏକାଧିକ ପତିଙ୍କ ପ୍ରତି ଉପଯୁକ୍ତ କର୍ତ୍ତବ୍ୟ ସମ୍ପାଦନ କରିପାରିବା ଯେ କୌଣସି ନାରୀପକ୍ଷେ ଖୁବ୍ କଠିନ ବ୍ୟାପାର । ଗୋବିନ୍ଦଙ୍କ ଭଳି ମହାଜ୍ଞାନୀ ପୁରୁଷଙ୍କ ଉପସ୍ଥିତିରେ ଏଥିପାଇଁ ଗୋଟାଏ କିଛି ବ୍ୟବସ୍ଥା ହୋଇଗଲେ ଭଲ — ଯେପରି ଭବିଷ୍ୟତରେ ମତେ ନେଇ ପାଣ୍ଡବ ପାଞ୍ଚଭାଇଙ୍କ ଭିତରେ ଦ୍ୱନ୍ଦ୍ୱ ଉପୁଜିବ ନାଁହିଁ । ସେମାନଙ୍କୁ ନେଇ ମୁଁ ପ୍ରତି ମୁହୂର୍ତ୍ତରେ ନିଜକୁ ଭାଗ ଭାଗ କରିବାର ବିଫଳ ପ୍ରୟାସରେ ଆମର ଦାମ୍ପତ୍ୟ ଜୀବନକୁ ବିଷାଦ ବିଧୂର କରିଦେବି ନାହିଁ ।

ନାରଦ ହସି ହସି କହିଲେ — ''ମା', ଏସବୁ ତମର ବ୍ୟକ୍ତିଗତ କଥା । ସ୍ୱାମୀ ସ୍ତ୍ରୀର ବ୍ୟାପାରରେ ତୃତୀୟ ଲୋକର ଭୂମିକା ନ ରହିବା ଭଲ । ତା'ଛଡ଼ା ଦାମ୍ପତ୍ୟ

Digitized by srujanika@gmail.com

ଜୀବନର ଦ୍ୱନ୍ଦ୍ୱ ବା ନାରୀଜନିତ ବ୍ୟାପାରରେ ମୁଁ ଏକବାର ଅଯୋଗ୍ୟ । ବରଂ ସେ ବିଷୟରେ ଗୋବିନ୍ଦଙ୍କର ଯଥେଷ୍ଟ ଅଭିଜ୍ଞତା ଅଛି । ପତି ଓ ପ୍ରେମିକା ଉଭୟ ଭୂମିକାରେ ସେ ବହୁ ଅଭିଜ୍ଞ । କେହି କେହି ତାଙ୍କୁ ନାରୀ-ବିଶାରଦ ବୋଲି କହନ୍ତି । ବରଂ ସେ ଏ ବିଷୟରେ କିଛି ସୂତ୍ର ବାହାର କରିପାରନ୍ତି ।''

ମୁଁ ଗୋବିନ୍ଦଙ୍କୁ ଗ୍ରହିଁଲି । ମୋ ଆଖିର ଅସହାୟତା ବି ଗୋବିନ୍ଦଙ୍କୁ ଆମୋଦିତ କରୁଛି । ସେ ମୃଦୁ ମୃଦୁ ହସୁଛନ୍ତି । ମୁଁ କହିଲି — ''ଗୋବିନ୍ଦ, ଆପଣ ଆମର ସୁଖ ଦୁଃଖର ସାଥି ହୋଇଛନ୍ତି । ମା'ଙ୍କଠାରୁ ଶୁଣିଛି ଆପଣ ଯେତେବେଳେ ଯାହା କରନ୍ତି ସେଥିରେ ମଙ୍ଗଳ ହିଁ ହୁଏ । ତେଣୁ ଆପଣ ବାଟ ଦେଖାନ୍ତୁ — ମୁଁ କ'ଣ କରିବି ?'' ଗୋବିନ୍ଦ ହାତଯୋଡ଼ି କହିଲେ — ''କ୍ଷମା କର କୃଷ୍ଣା, ଏ ସବୁ ତୁମର ସ୍ୱାମୀ ସ୍ତ୍ରୀ ଭିତର କଥା । ମୁଁ ଏଥିରେ କି ପରାମର୍ଶ ଦେବି ? ତମେ ତ ଅତ୍ୟନ୍ତ ବିଦୂଷୀ । ତମେ ଯାହା ସୁବିଧା ମନେକରିବ ତାହାହିଁ କରିବ । ତା'ଛଡ଼ା ତମର ପ୍ରିୟ ସଖୀ 'ମାୟା' ଥାଉ ଥାଉ ତମେ ମୋ ପରାମର୍ଶ ଲୋଡ଼ିବା ଦରକାର ପଡ଼ିବ ନାହିଁ ।''

ମାୟା ମୋର ଦେହକୁ ଲାଗି ଠିଆ ହୋଇଛି । ବିବାହ ପରଠାରୁ ସେ ମୋ ସହ ଛାଇ ପରି ଲାଗି ରହିଛି । ପ୍ରତି ପଦେ ପଦେ ମତେ ସାହାଯ୍ୟ କରୁଛି । ଲକ୍ଷ୍ୟ କଲି ଗୋବିନ୍ଦ ମାୟାକୁ ଇଙ୍ଗିତରେ କିଛି କହୁଛନ୍ତି । ସେ ଇଙ୍ଗିତ ମୁଁ ବା କେମିତି ବୁଝିବି ?

ମାୟା ଗୋବିନ୍ଦଙ୍କଠାରୁ ଆଖି ଫେରାଇ ମୋ ମୁହଁକୁ ଗ୍ରହିଁଲା । କହିଲା — ''ସଖି, ଏକ ସମୟରେ ଏକାଧିକ ପୁରୁଷର ପତ୍ନୀ ଭୂମିକାରେ ଅବତୀର୍ଣ୍ଣ ହେବା ଅତ୍ୟନ୍ତ ପୀଡ଼ାଦାୟକ ଓ ନିନ୍ଦନୀୟ । ତେଣୁ ତମେ ପାଳିକରି ବର୍ଷକ ପର୍ଯ୍ୟନ୍ତ ଜଣେ ପାଣ୍ଡୁପୁତ୍ରଙ୍କର ପତ୍ନୀ ଭୂମିକାରେ ଅବତୀର୍ଣ୍ଣା ହେବ । ନାରୀ ହେଉଛି ଜନନୀ, ଜାୟା, ଭଗ୍ନୀ । ତମେ ଜନନୀ ଓ ଭଗ୍ନୀ ଭୂମିକାରେ ସବୁ ସମୟରେ ସବୁ ପାଣ୍ଡବଙ୍କ ପାଖରେ କର୍ତ୍ତବ୍ୟ ସମ୍ପାଦନ କରିବ । ମାତ୍ର ପତ୍ନୀ ଭୂମିକାରେ ସମସ୍ତଙ୍କ ପାଖରେ ଏକବର୍ଷ ଲେଖା ରହିବ । ପାଣ୍ଡବ ପାଞ୍ଚଭାଇଙ୍କର ପାଞ୍ଚ ପ୍ରକାର ସ୍ୱଭାବ । ବର୍ଷକ ଭିତରେ ଜଣକ ପ୍ରକୃତି ସହ ଖାପ ଖୁଆଇ ଚଳିବାର ମାନବିକ ପ୍ରସ୍ତୁତି ପାଇଁ ଅବସର ମଧ୍ୟ ମିଳିବ ।''

ମାୟାର କଥାକୁ ସମସ୍ତେ ଅନୁମୋଦନ କଲେ । ଯୁଧିଷ୍ଠିର ମଧ୍ୟ ଏ କଥାରେ ସମ୍ମତ ହେଲେ । ନାରଦ ଆଉ ଏକ ପ୍ରସ୍ତାବ ବାଢ଼ିଲେ — ପତ୍ନୀ ହିସାବରେ ମୁଁ କୌଣସି ଭାଇ ସହ ଏକତ୍ର ଅବସ୍ଥାନ କରୁଥିବାବେଳେ ଯଦି ଅନ୍ୟ ଭାଇ ସେଠାରେ ପ୍ରବେଶ କରେ, ତେବେ ତାକୁ ବାରବର୍ଷ ବନବାସ ସହ ବ୍ରହ୍ମଚର୍ଯ୍ୟ ପାଳନ କରିବାକୁ ହେବ । ତାଙ୍କ ମତରେ ଏପରି ସର୍ତ୍ତ ସମସ୍ତଙ୍କର ଦାମ୍ପତ୍ୟ ଜୀବନକୁ ଶୃଙ୍ଖଳିତ ଓ ସ୍ୱଚ୍ଛନ୍ଦ କରିବ ।

Digitized by srujanika@gmail.com

ଏ ପ୍ରସ୍ତାବ ମଧ୍ୟ ସର୍ବସମ୍ମତିକ୍ରମେ ଗୃହୀତ ହେଇଗଲା । ମୁଁ ଏକରକମ ଆଶ୍ୱସ୍ତ ହେଲି ଯେ, ଏକ ନିର୍ଦ୍ଦିଷ୍ଟ ସମୟରେ ମୁଁ ମାତ୍ର ଜଣେ ପୁରୁଷର ପତ୍ନୀ ହେଇ ରହିବି ଏବଂ ତା' ପ୍ରତି ବିଶ୍ୱସ୍ତା ହେବି । ମାୟାକୁ କୃତଜ୍ଞତା ଜଣାଇଲି ଏବଂ ଯୁଧିଷ୍ଠିରଙ୍କଠାରୁ ଅନୁମତି ନେଇ ଅନ୍ୟ ଭାଇଙ୍କ ନିକଟକୁ ଗଲି । ବର୍ତ୍ତମାନ ମୁଁ ସେମାନଙ୍କର ଜନନୀ, ନଚେତ୍ ଭଗ୍ନୀ । ଜଣକ ପରେ ଜଣକର ଅଳି-ଅଝଟ, ରାଗ-ରୋଷ, ଆପତ୍ତି-ଅଭିଯୋଗ ଅଭିମାନ, ବିରାଗ, ସୋହାଗ, ମମତାର ପ୍ରତ୍ୟୁତ୍ତର ମୁଁ ନିର୍ଦ୍ୱନ୍ଦ୍ୱରେ ଦେଇପାରିବି ।

କିନ୍ତୁ ଆଜିଠାରୁ ଆଉ ଦୁଇବର୍ଷ ପରେ ମୋର ଅର୍ଜୁନଙ୍କ ସହ ମିଳନ ଅନୁଷ୍ଠିତ ହେବ । ଅଥଚ ଆଜି ପ୍ରତ୍ୟୁଷରୁ ଶୁଦ୍ଧ ସ୍ନାନ ସାରି ବଧୂବେଶରେ ସଜ୍ଜିତା ହୋଇ ଦର୍ପଣ ସାମ୍ନାରେ ଯେତେବେଳେ ଠିଆ ହେଲି, ମୋର ପ୍ରତିଛବି ପ୍ରତିଫଳିତ ହେଲା ଦର୍ପଣରେ; କିନ୍ତୁ ଅର୍ଜୁନଙ୍କର ସୌମ୍ୟକାନ୍ତ ରୂପ ପ୍ରତିଫଳିତ ହେଲା ମୋର ହୃଦୟରେ । ମୁଁ ମୁଗ୍ଧା ହେଲି — ଆତ୍ମହରା ହେଲି — ମୋର ରୂପରେ ନୁହେଁ, ଅର୍ଜୁନଙ୍କ ଭାବନାରେ । ଇଚ୍ଛା ହେଲା ଆଜି ହିଁ ଯଦି ଅନୁଷ୍ଠିତ ହୁଅନ୍ତା ଅର୍ଜୁନଙ୍କ ସହ ମୋର ମଧୁର ମିଳନ ପର୍ବ !

ପ୍ରାତଃଭୋଜନ ସମୟରେ ଅର୍ଜୁନ ମଧ୍ୟ ଅତି ଆସ୍ତେ, କାହାକୁ ନ ଶୁଭିବା ଭଳି କହିଥିଲେ — ''ରାତ୍ରିର ତୃତୀୟ ପ୍ରହରରେ ଅପେକ୍ଷା କରିଥିବି । ପ୍ରଥମ ପ୍ରହରରେ ହିଁ ତମକୁ ପାଇବାର ଇଚ୍ଛା ବଳବତ୍ତର ହେଉଛି । ମାତ୍ର ମୋର ଅଦୃଷ୍ଟ ଯେତେବେଳେ ମତେ ସନ୍ତାପିତ କରିବା ପାଇଁ ବଦ୍ଧପରିକର, ତୃତୀୟ ପ୍ରହର ପର୍ଯ୍ୟନ୍ତ ଅପେକ୍ଷା ନକରି ଆଉ ଘ୍ୱରା କ'ଣ ?''

ମୁଁ ଲଜ୍ଜାରେ ଲାଲ ହେଇଯାଇଥିଲି । ଭୀମସେନ ମୋ ଆଡ଼କୁ ଘ୍ୱହିଁ ବୁଟିବାକୁ ଚେଷ୍ଟା କରୁଥିଲେ ଅର୍ଜୁନଙ୍କର ଜେଉଁ ପ୍ରକାର ସଂଳାପରେ ମୋ ମୁହଁର ରଙ୍ଗ ବଦଳୁଛି । ଠିକ୍ ସେଇ ସମୟରେ ସେ ଆଉ କିଛି ମିଷ୍ଟାନ୍ନ ଘ୍ୱହିଁବାରୁ ମୁଁ ଉଠିଯାଇ ପରଷି ଦେଇଥିଲି । ଭୀମସେନ ବୋଧହୁଏ ଅର୍ଜୁନଙ୍କ ସହ ମୋର ନିଭୃତ ବାକ୍ୟାଳାପକୁ ସହ୍ୟ କରିପାରୁ ନଥିଲେ ।

ବର୍ତ୍ତମାନ ଭୀମସେନଙ୍କୁ ମଧ୍ୟ ଏକବର୍ଷ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ । ଭୀମସେନ ଆମ ଦାମ୍ପତ୍ୟ ଜୀବନର ସର୍ତ୍ତ ରକ୍ଷା କରିବେ ତ ? ସେ ତ ସହିଷ୍ଣୁତାର ଧାର ଧାରନ୍ତି ନାହିଁ । କିନ୍ତୁ ତାଙ୍କ ପାଇଁ ମୋର ବିଶେଷ ଚିନ୍ତା ହେଉନି । ସେ ଘ୍ୱହିଁଲେ ତାଙ୍କର ପ୍ରଥମା ସ୍ତ୍ରୀ ହିଡ଼ିମ୍ବା ପାଖକୁ ଘ୍ୱଲିଯାଇ ପାରିବେ । ନକୁଳ ଏବଂ ସହଦେବ ନମ୍ର, ଶାନ୍ତ ଏବଂ ଯୁଧିଷ୍ଠିରଙ୍କୁ ବଡ଼ଭାଇ ଭାବେ ଭୟ ବି କରନ୍ତି । ସେମାନେ ସବୁକଥା ସ୍ୱାଭାବିକ ଭାବରେ ଗ୍ରହଣ କରିନେବେ । କିନ୍ତୁ ଅର୍ଜୁନ ଏ ପ୍ରକାର ସର୍ତ୍ତକୁ କିପରି ଭାବରେ ଗ୍ରହଣ କରିବେ ? ଯାହା ବି ହେଉ ଆଉ କିଛି କରିବାର ନାହିଁ । ସମସ୍ତଙ୍କ ସମ୍ମୁଖରେ ଏଇ ସର୍ତ୍ତକୁ ମୁଁ ଗ୍ରହଣ କରିଛି । ଗ୍ରହଣ କରିଛନ୍ତି ଯୁଧିଷ୍ଠିର । ଗୋବିନ୍ଦଙ୍କର

Digitized by srujanika@gmail.com

ପ୍ରଚ୍ଛନ୍ନ ଇଙ୍ଗିତ ଏ ସର୍ତ୍ତ ପଛରେ ଅଛି । ତେଣୁ ମନରେ ଶୋଚନା କରିବା ଉଚିତ ହେବ ନାହିଁ ।

ମୁଁ ଏକରକମ ନିଶ୍ଚିନ୍ତ ହେଲି ଯେ, ବର୍ତ୍ତମାନ ଦାମ୍ପତ୍ୟ ଜୀବନର ଭାରସାମ୍ୟ ରକ୍ଷା କରିପାରିବି ।

॥ ୧୩ ॥

ସୌଭାଗ୍ୟର ସୂର୍ଯ୍ୟୋଦୟ ଏତେ ଶୀଘ୍ର, ଏମିତି ଅନାହୂତ ଭାବେ ହେବ ବୋଲି ମୁଁ କ'ଣ, ପାଣ୍ଡବମାନେ ମଧ୍ୟ ଜାଣିନଥିଲେ । ବିବାହର ଏକମାସ ପୂର୍ଣ୍ଣ ହୋଇନାହିଁ, ହସ୍ତିନାପୁରରୁ ପିତାମହ ଏବଂ ଜ୍ୟେଷ୍ଠପିତାଙ୍କର ସାଦର ନିମନ୍ତ୍ରଣ ପତ୍ର, ରଥ, ଅଶ୍ୱ, ଦାସ, ଦାସୀ ଧରି ପାଣ୍ଡବଙ୍କର ଦାଦା ତଥା ହସ୍ତିନାର ମହାମନ୍ତ୍ରୀ ବିଦୁର ଆସି ପହଞ୍ଚିଲେ ।

ପାଣ୍ଡବମାନେ ବଞ୍ଚି ରହିଛନ୍ତି ଏବଂ ମତେ ବିବାହ କରିପାରିଛନ୍ତି ବୋଲି ଜ୍ୟେଷ୍ଠପିତା ଧୃତରାଷ୍ଟ୍ର ଏବଂ ମାତା ଗାନ୍ଧାରୀ ଅତ୍ୟନ୍ତ ଆନନ୍ଦ ପ୍ରକାଶ କରିଛନ୍ତି । ମା' ସତ୍ୟବତୀ ମଧ୍ୟ ଆମମାନଙ୍କୁ ଆଶୀର୍ବାଦ ଜଣାଇଛନ୍ତି । ହସ୍ତିନାପୁରର ରାଜ୍ୟବାସୀ, ତଥା କୌରବ ଶହେ ଭାଇ, ଗୁରୁଦେବ ଦ୍ରୋଣାଗ୍ରର୍ଯ୍ୟ ଏବଂ କୃପାଗ୍ରର୍ଯ୍ୟ, କୌରବ ବନ୍ଧୁ କର୍ଣ୍ଣ ଆଗ୍ରହରେ ଅପେକ୍ଷା କରିଛନ୍ତି । ଆମମାନଙ୍କୁ ସ୍ୱାଗତ ଜଣାଇବା ପାଇଁ ରାଜ୍ୟବାସୀ ବିପୁଳ ଆୟୋଜନରେ ଲାଗିପଡ଼ିଛନ୍ତି । ଜତୁଗୃହ ଘଟଣା ପରେ ରାଜ୍ୟବାସୀଙ୍କର ସମସ୍ତ ସ୍ନେହ, ସହାନୁଭୂତି ଓ ସମର୍ଥନ ପାଣ୍ଡବମାନେ ଲାଭ କରିଛନ୍ତି । ବର୍ତ୍ତମାନ ଫେରିଯିବା ପରେ ପାଣ୍ଡବମାନଙ୍କୁ ଅର୍ଦ୍ଧେକ ରାଜ୍ୟ ପିତା ଧୃତରାଷ୍ଟ୍ର ପ୍ରଦାନ କରିବେ ବୋଲି ସ୍ଥିର କରିଥିଲେ ମଧ୍ୟ ପ୍ରଜାମାନେ ଗ୍ରହାନ୍ତି ହସ୍ତିନାର ରାଜଗାଦି ଧର୍ମରାଜ ଯୁଧିଷ୍ଠିର ହିଁ ଲାଭ କରନ୍ତୁ । ତା'ଦ୍ୱାରା ଦେଶର ମଙ୍ଗଳ ସାଧିତ ହେବ । ସମଗ୍ର ଆର୍ଯ୍ୟାବର୍ତ୍ତର ବୀରମାନଙ୍କୁ ପଛରେ ପକାଇ ନିଜର ଶୌର୍ଯ୍ୟ ଓ ପୌରୁଷକୁ ପ୍ରତିପାଦନ କରି ପାଣ୍ଡବମାନେ ମତେ ପ୍ରାପ୍ତ ହୋଇଥିବାରୁ ହସ୍ତିନାବାସୀଙ୍କ ନିକଟରେ ପାଣ୍ଡବ-ମାନଙ୍କର ଗୌରବ ଶତଗୁଣ ବୃଦ୍ଧି ପାଇଛି । ତେଣୁ ଏଭଳି ଏକ ସୁଯୋଗରେ ସମସ୍ତେ ହସ୍ତିନାପୁର ଫେରିଯିବାର କଥା ସ୍ଥିର ହେଲା ।

ମା' କୁନ୍ତୀ ପୁତ୍ରମାନଙ୍କର ଅଭାବିତ ସୌଭାଗ୍ୟରେ ବିହ୍ୱଳିତା ହୋଇ ମତେ ଅଭିନନ୍ଦନ ଜଣାଇଲେ । ମୋରି ସୌଭାଗ୍ୟ ଓ ସୁଲକ୍ଷଣ ଯୋଗୁଁ ଶ୍ରୀହୀନ ହୋଇ ବୁଲୁଥିବା ପାଣ୍ଡବମାନଙ୍କର ଶ୍ରୀ ଫେରିଆସିଛି ବୋଲି ମା' ଧରିନେଇଥିଲେ ଓ ପାଞ୍ଚାଳ ଦେଶରେ ସମସ୍ତେ ସେଇକଥା କହୁଥିଲେ ।

Digitized by srujanika@gmail.com

ଯେଉଁମାନେ କୂଟଚକ୍ରାନ୍ତ କରି ମରଣଯନ୍ତ୍ରା ଭିତରକୁ ପାଣ୍ଡବମାନଙ୍କୁ ଠେଲି ଦେଇଥିଲେ, ସେଇମାନେ ପୁଣି ଅର୍ଦ୍ଧେକ ରାଜ୍ୟ ସହ ପାଣ୍ଡବମାନଙ୍କୁ ତାଙ୍କର ଧନ ଐଶ୍ୱର୍ଯ୍ୟ ଫେରାଇଦେବାକୁ ସ୍ୱତଃପ୍ରବୃତ୍ତ ହୋଇ ରଥ ପଠାଇଛନ୍ତି — ଏହା କମ୍ ବିସ୍ମୟର କଥା ନୁହେଁ ! ଏ ଘଟଣା ପଛରେ ଯେଉଁ ଅଲୌକିକ ଶକ୍ତି ରହିଛି, ତାହା ମୋର ସୌଭାଗ୍ୟର ଶକ୍ତି ବ୍ୟତୀତ ଅନ୍ୟ କ'ଣ ହୋଇପାରେ ! ମାୟା ମଧ୍ୟ ସମସ୍ତଙ୍କୁ ସେଇକଥା କହୁଥାଏ । ସ୍ୱାମୀମାନଙ୍କର ରାଜ୍ୟପ୍ରାପ୍ତିରେ ମୁଁ ଆନନ୍ଦିତା ହେବା ସଙ୍ଗେ ସଙ୍ଗେ ନିଜର ପ୍ରଶଂସାରେ ନିଜେ ଆତ୍ମହରା ହେଉଥାଏ । ମୋ ପାଇଁ ପାଣ୍ଡବମାନେ ପୁନଶ୍ଚ ତାଙ୍କର ରାଜ୍ୟ, ଧନ, ସମ୍ମାନ ଫେରିପାଇଛନ୍ତି ଭାବିବା ମାତ୍ରେ ମନ ଭିତରେ ସ୍ୱତଃ ଅହଂଭାବ ମଧ୍ୟ ଜାତ ହେଲା । ମୋର ସୌଭାଗ୍ୟର ଜୈତ୍ରୀ ଉଡୁଥିବାବେଳେ ଅଦୃଷ୍ଟ ଯେ ନିଃଶବ୍ଦ ଅଟ୍ଟହାସ୍ୟ କରୁଥିଲା, ସେକଥା ମୁଁ ସେଦିନ ଜାଣିପାରି ନଥିଲି । ଜାଣିପାରିଥିଲେ ହସ୍ତିନାପୁରୀର ମାୟାରେ ନ ପଡ଼ିବା ପାଇଁ ଯୁଧିଷ୍ଠିରଙ୍କୁ ଅନୁରୋଧ କରିଥା'ନ୍ତି । ହସ୍ତିନାପୁରୀ ଫେରି ନ ଥିଲେ ମୋ ଜୀବନରେ ଏତେ ଲଜ୍ଜାକର, ଦୁଃଖଦ ନାଟକ ଅଭିନୀତ ହୋଇନଥା'ନ୍ତା । କିନ୍ତୁ ମୋର ଅନୁରୋଧ ଯୁଧିଷ୍ଠିର କ'ଣ ରକ୍ଷାକରିଥା'ନ୍ତେ ! ଜୀବନରେ ମୋର କୌଣସି ପରାମର୍ଶ ଯୁଧିଷ୍ଠିର ଗ୍ରହଣ କରିନାହାନ୍ତି । ସେଦିନ ବି' ସେ ମୋ କଥା ଶୁଣି ନଥା'ନ୍ତେ । ହାୟ ! ମଣିଷ କେଡ଼େ ନିର୍ବୋଧ ! ଉପସ୍ଥିତ ସୁଖର ଆନନ୍ଦଲାଭ ପାଇଁ ସେ ଭବିଷ୍ୟତର ବିକଟ ଇଙ୍ଗିତକୁ ସୁଦ୍ଧା ଅଗ୍ରାହ୍ୟ କରି ଜୀବନର ଚରମ ଦୁର୍ଦ୍ଦଶାକୁ ଡାକିଆଣେ ।

ପିତାଙ୍କ ଗୃହରୁ ବିଦାୟ ନେଇ ଶ୍ୱଶୁରାଳୟକୁ ଫେରିଯିବା ପାଇଁ ମୁଁ ମଧ୍ୟ ସେଦିନ ବ୍ୟଗ୍ର ହୋଇପଡ଼ିଥାଏ । କାରଣ କେବେହେଲେ ଶ୍ୱଶୁରାଳୟକୁ ଯିବାର ଆଶା ତ ନଥିଲା, ତେଣୁ ପିତାଙ୍କ ଗୃହର ଆଶ୍ରୟ ମତେ କଷ୍ଟ ଦେଉଥିଲା । ଗୋବିନ୍ଦ ଏବଂ ବଳରାମ ଦ୍ୱାରକାପୁରୀ ଫେରିଯିବାର କଥା । ବିବାହ ଉତ୍ସବରେ ଯୋଗଦେବା ପରେ ସେମାନେ ପିତାଙ୍କ ଅନୁରୋଧରେ ପାଞ୍ଚାଳରେ କିଛିଦିନ ଆତିଥ୍ୟ ଗ୍ରହଣ କରିଥିଲେ । ଆମେସବୁ ହସ୍ତିନାପୁରକୁ ଫେରିଯିବା ପରେ ସେ ଆଉ ପାଞ୍ଚାଳ ରାଜ୍ୟରେ ଏକା ଏକା ରହିବେ କାହିଁକି ?

ଗୋବିନ୍ଦ ଏବଂ ବଳରାମଙ୍କ ସହ ଅର୍ଜୁନ ମଧ୍ୟ ଦ୍ୱାରକାପୁରୀ ଯିବା ପାଇଁ ପ୍ରସ୍ତାବ ବାଢ଼ିଲେ । ମୁଁ ବୁଝିପାରିଲି ନାହିଁ ଅର୍ଜୁନଙ୍କର ଦ୍ୱାରକାପୁରୀରେ କି ଆକର୍ଷଣ ଅଛି ଯେ ନବବିବାହିତା ବଧୂକୁ ଛାଡ଼ି ସେ ସଖାଙ୍କ ସଙ୍ଗେ ବନ୍ଧୁଘରକୁ ବାହାରିଛନ୍ତି !

ଗୋବିନ୍ଦଙ୍କ ଉପସ୍ଥିତିରେ ମୁଁ ସେଇକଥା ଅର୍ଜୁନଙ୍କୁ ପଗ୍ଧରିଲି । ଅବଶ୍ୟ ରସିକତା ଛଳରେ ମୁଁ ସେପରି କହିଥିଲି । ମାତ୍ର ଅର୍ଜୁନ ଯେପରି ଏମିତି ଏକ ପ୍ରଶ୍ନର ଉତ୍ତର ଦେବା ପାଇଁ ସୁଯୋଗ ଖୋଜୁଥିଲେ । ମୁହଁ ଭାରୀ କରି ସେ କହିଲେ —

Digitized by srujanika@gmail.com

"ଦ୍ୱାରକାପୁରୀରେ କେବଳ ସଖାଙ୍କ ଛଡ଼ା, ବିଶେଷ କିଛି ଆକର୍ଷଣ ନାହିଁ । କିନ୍ତୁ ବର୍ତ୍ତମାନ ଭାବୁଛି ଦ୍ୱାରକାପୁରୀ ହେଉ ବା ନର୍କପୁରୀ ହେଉ କେଉଁଠି ହେଲେ କିଛି ଆକର୍ଷଣ ରହିଥିଲେ ମଣିଷ ବଞ୍ଚିଯାଇଥା'ନ୍ତା । ଅନ୍ତତଃ ଦୁଇବର୍ଷ ବିନା କଷ୍ଟରେ ତ କଟାଇ ହୁଅନ୍ତା !"

ଯା'ପରେ ମୁଁ କି ଉତ୍ତର ଦେବି ? ଅର୍ଜୁନଙ୍କର ଅଭିମାନ ସ୍ୱାଭାବିକ । କିନ୍ତୁ ମୁଁ ତ ନାସ୍ତର । ମୁଁ ମୁହଁ ଶୁଖାଇ ନୀରବ ରହିବା ଶ୍ରେୟ ମନେକଲି । ଗୋବିନ୍ଦ ଓଠ ଚିପି ହସୁ ହସୁ କହିଲେ — "ସଖା, ଭୀମ ମଧ୍ୟ ହିଡ଼ିମ୍ବାଙ୍କ ନିକଟକୁ ଯିବା ପାଇଁ ସ୍ଥିର କରିଥିଲେ । ମାତ୍ର ହସ୍ତିନାପୁରୀର ନିମନ୍ତ୍ରଣ ପାଇ ସେ ତାଙ୍କର ମତ ପରିବର୍ତ୍ତନ କରିଛନ୍ତି । କାରଣ ପାଣ୍ଡବ ପାଞ୍ଚଭାଇଙ୍କୁ ଏକତ୍ର ସ୍ୱାଗତ ନ ଜଣାଇଲେ କୌରବମାନେ ମନେ ମନେ ଖୁସି ହେବେ ଏବଂ ଭାବିବେ ପାଣ୍ଡବଙ୍କ ଭିତରେ ମନାନ୍ତର ଆରମ୍ଭ ହୋଇଯାଇଛି । ଏହି ସୁଯୋଗରେ ସେମାନେ ରାଜ୍ୟବାସୀଙ୍କୁ ମଧ୍ୟ ମତାଇଦେବେ ଯେ ଯେଉଁମାନଙ୍କର ଭାଇ ଭାଇ ମଧ୍ୟରେ ଏକତା ନାହିଁ, ସେମାନେ ଦେଶର ରାଜା ହେଲେ ପ୍ରଜାମାନଙ୍କ ଭିତରେ ଏକତା ରକ୍ଷାକରିବା ପାଇଁ ସକ୍ଷମ ହେବେନାହିଁ । ରାଜ୍ୟ ଭିତରେ ଏକତାର ଅଭାବ ଥିଲେ ବହିଃଶତ୍ରୁର ଆକ୍ରମଣରୁ ଦେଶକୁ ରକ୍ଷା କରିବେ କିପରି ? ଭୀମ ଯେଉଁଠି ରାଗ ଅଭିମାନ ଭୁଲି ସମୂହ କଲ୍ୟାଣ ପାଇଁ ନିଜ ସିଦ୍ଧାନ୍ତ ବଦଳାଇଛନ୍ତି, ସେଠାରେ ତମେ କିପରି ପାଣ୍ଡବମାନଙ୍କୁ ଛାଡ଼ି ଦ୍ୱାରକାପୁରୀରେ ବନ୍ଧୁପତ୍ନୀମାନଙ୍କ ଗହଣରେ ଆନନ୍ଦ କରିବା ପାଇଁ ଯିବ ? ଲୋକେ କହିବେ, ଅର୍ଜୁନ ଏପରି ସ୍ତ୍ରୈଣ ଯେ ସ୍ତ୍ରୀ ସଙ୍ଗସୁଖରୁ ବଞ୍ଚିତ ହେଲା ବୋଲି ରାଜ୍ୟ ଛାଡ଼ି ପର ଘରେ ଅଛି । ତା'ଛଡ଼ା କୃଷ୍ଣା କ'ଣ ମନେ କରିବେ ?"

ଅର୍ଜୁନ ଅଭିମାନଭରା ସ୍ୱରରେ କହିଲେ — "ଏତେ ବଡ଼ ପ୍ରତିଜ୍ଞା କରିବାବେଳେ କୃଷ୍ଣା କ'ଣ ଭାବିଥିଲେ ଯେ ଏଭଳି ସିଦ୍ଧାନ୍ତ ଆମକୁ କେମିତି ଲାଗିବ ? ସେ କ'ଣ ସେଥିପାଇଁ ଆମର ମତ ଲୋଡ଼ିଥିଲେ ? ତା'ର ଅର୍ଥ – ସେ ଯାହା ସିଦ୍ଧାନ୍ତ କରିବେ ତାହା ଆମର ପସନ୍ଦ ହେଉ ବା ନ ହେଉ ଆମେ ନୀରବରେ ମାନିନେବୁ ।"

ମୁଁ ଶାନ୍ତ ସ୍ୱରରେ କହିଲି — "ଏ ସିଦ୍ଧାନ୍ତ ମୋର ନୁହେଁ, ଗୋବିନ୍ଦଙ୍କର । ଗୋବିନ୍ଦ ଯାହା କରନ୍ତି ସେଥିରେ ମଙ୍ଗଳ ହୁଏ ବୋଲି ମା'ଙ୍କ ପାଖରୁ ଶୁଣିଥିଲି । ଗୋବିନ୍ଦଙ୍କର ସିଦ୍ଧାନ୍ତ ଉପରେ ଆଉ କାହାର ମତାମତ ଯେ ଆବଶ୍ୟକ ହୁଏ ନାହିଁ, ତା' ମଧ୍ୟ ମୁଁ ଜାଣେ । ତେଣୁ ତାଙ୍କର ସିଦ୍ଧାନ୍ତକୁ ମୁଁ ମାନିନେଲି । ଯିଦି ଅପରାଧ ହୋଇଥାଏ ତେବେ କ୍ଷମା ଗ୍ରହୁଁଛି ।"

ଗୋବିନ୍ଦ କିଛି ନ ଜାଣିଲା ଭଳି ଆଶ୍ଚର୍ଯ୍ୟ ହୋଇ କହିଲେ — "କୃଷ୍ଣା, ଅର୍ଜୁନ ମୋର ପ୍ରିୟ ସଖା । ତାଙ୍କୁ ବିବାହ କରି ତମେ ସେଇ ନିୟମରେ ମୋର ପ୍ରିୟ ସଖୀ

Digitized by srujanika@gmail.com

ହୋଇସାରିଛ । ଅଥଚ ସଖାଙ୍କ ମାନଭଞ୍ଜନ କରିବାର ବାଟ ନପାଇ ଏ ନିର୍ଦ୍ଦୋଷ ବନ୍ଧୁକୁ ଦୋଷାରୋପ କାହିଁକି କରୁଛ ? ତମ ଦାମ୍ପତ୍ୟ ଜୀବନର ଏଇ ଏକବର୍ଷିଆ ସର୍ତ୍ତ ମୁଁ କେତେବେଳେ ଉପସ୍ଥାପନ କଲି ? ତମର ପ୍ରିୟ ସହଚରୀ ମାୟା ତମ ତରଫରୁ ପ୍ରସ୍ତାବ ବାଢ଼ିଲା, ସମସ୍ତଙ୍କ ସହ ମୁଁ ମଧ୍ୟ ପ୍ରସ୍ତାବଟିକୁ ଯାହା ସମର୍ଥନ କରିଛି । ବର୍ତ୍ତମାନ ସଖା ନିଜେ ବିଘ୍ନର କରନ୍ତୁ, ଏଥିରେ ମୋର ହାତ କେଉଁଠି ରହିଲା !''

ଅର୍ଜୁନ ସେମିତି ଗମ୍ଭୀର ଭାବରେ କହିଲେ, ''ହାତ ଯାହାର ଥାଉନା କାହିଁକି ମୋ ପାଇଁ ପରିସ୍ଥିତି ଏକାପରି ବିଷମୟ । ଯିଏ ଯାହା ଭାବିଲେ ଭାବୁ, ମୁଁ କିନ୍ତୁ ହସ୍ତିନା ନ ଯାଇ ଦ୍ୱାରକା ଯିବି । ମୁଁ ହସ୍ତିନା ନ ଗଲେ ମଧ୍ୟ କୃଷ୍ଣା ହସ୍ତିନାର ରାଜରାଣୀ ଭାବେ ଅଭିନନ୍ଦନ ଓ ସ୍ୱାଗତ ସମ୍ବର୍ଦ୍ଧନା ପାଇବେ । ଆଜି ଭାବୁଛି ମତେ ଏକା ବିବାହ କରିଥିଲେ କୃଷ୍ଣା ହସ୍ତିନାର ଭାବୀ ରାଜରାଣୀ ଭାବରେ ଏ ବିପୁଳ ଶ୍ରଦ୍ଧା ଓ ସମ୍ମାନ ପାଇନଥା'ନ୍ତେ । କୃଷ୍ଣା ମା'ଙ୍କ କଥାକୁ ସମ୍ମାନ ଦେଇ ବୁଦ୍ଧିମତ୍ତାର ପରିଚୟ ଦେଇଛନ୍ତି ।''

ମୁଁ ବୁଝିପାରିଲି ମନର ଅଭିମାନ ଯୋଗୁଁ ଅର୍ଜୁନ ମତେ ଆଘାତ ଦେବାପାଇଁ ଏଭଳି କଥା କହୁଛନ୍ତି । ତଥାପି ମନର କ୍ଷୋଭରେ ଆଖି ଦୁଇଟା ଘୃପା ଅଶ୍ରୁରେ ରୁନ୍ଧି ହୋଇଯାଉଥିଲା । ମୋର ଅସହାୟତାର କଥା ଅର୍ଜୁନ ବା କ'ଣ ବୁଝିବେ ?

ଅର୍ଜୁନଙ୍କୁ କୌଣସିମତେ ହସ୍ତିନାପୁରକୁ ଯିବା ପାଇଁ ସମ୍ମତ କରାଇବାକୁ ହେବ । ତା' ନହେଲେ ହସ୍ତିନାପୁରୀରେ ସମସ୍ତେ ପହଞ୍ଚିବା ମାତ୍ରେ କଥାଟା ପ୍ରଘଟ ହୋଇଯିବ ଯେ, କୃଷ୍ଣା ପାଇଁ ପାଣ୍ଡବ ଭାଇମାନଙ୍କ ଭିତରେ ବିଭେଦ ଆରମ୍ଭ ହୋଇଯାଇଛି । ତା'ଛଡ଼ା ଅର୍ଜୁନବିହୀନ ହସ୍ତିନାପୁରୀର ରାଜପ୍ରାସାଦରେ ମୁଁ କି ସୁଖ ପାଇବି ?

ଅର୍ଜୁନଙ୍କର ଏ ଅଭିମାନ ଭଙ୍ଗ ପାଇଁ କୃଷ୍ଣଙ୍କୁ ହିଁ ଆଶ୍ରା କରିବାକୁ ହେବ । ଜୀବନର ପ୍ରତିଟି ପଦକ୍ଷେପରେ କୃଷ୍ଣଙ୍କ ବିନା ମୋର ଯେମିତି ଅନ୍ୟ ଗତି ନାହିଁ ।

କଥାଟା ମାୟା ବୁଝାଇଦେଲା — ''କୃଷ୍ଣ ଯଦି ଆମ ସଙ୍ଗେ ହସ୍ତିନାପୁରୀ ଯିବେ ତେବେ ଅର୍ଜୁନ ଦ୍ୱାରକାପୁରୀ ଯିବେ କାହିଁକି ? ସେ ନିଶ୍ଚୟ କୃଷ୍ଣଙ୍କୁ ଅନୁସରଣ କରି ହସ୍ତିନାପୁରୀ ଯିବେ । ସଖାଙ୍କ ସଙ୍ଗଲାଭ ସୁଯୋଗ ସେ କେବେହେଲେ ହାତଛଡ଼ା କରନ୍ତି ନାହିଁ ।''

ମୋର ଅନୁରୋଧ ଗୋବିନ୍ଦ ରଖିଲେ । ହସି ହସି କହିଲେ — ''ବନ୍ଧୁପତ୍ନୀର ଅନୁରୋଧ ଆଗରେ ପତ୍ନୀର ମୋହ କାଳେ କାଳେ ତୁଚ୍ଛ । ଦ୍ୱାରକାର ଆକର୍ଷଣ ଅପେକ୍ଷା ହସ୍ତିନାପୁରୀର ଆକର୍ଷଣ ଆଜି ବଳୀୟାନ । ହସ୍ତିନାପୁରୀ ନ ଯାଇ ମୋର ଉପାୟ

Digitized by srujanika@gmail.com

ନାହିଁ।'' ମନେ ମନେ ଆମୋଦିତ ହେଲି ଏବଂ ଭାବିଲି ସଖା ତ କିଛି କମ୍ ରସିକ ନୁହନ୍ତି ! ଅର୍ଜୁନ ଏବେ ନିରୁପାୟ । କୃଷ୍ଣବିହୀନ ଦ୍ୱାରକାପୁରୀକୁ ସେ ଯିବେ କାହିଁକି ?

ମନେ ମନେ ମାୟାର ବୁଦ୍ଧିକୁ ତାରିଫ୍ କଲି । ଭାବିଲି ମାୟା ବ୍ୟତିରେକ ସଂସାର ଗଢ଼ିବା ଅସମ୍ଭବ । ଜୀବନ ଏବଂ ମାୟା ଯେମିତି ଛନ୍ଦାଛନ୍ଦି !

ସ୍ୱର୍ଗରାଜ୍ୟ ମୁଁ ଦେଖିନାହିଁ — ଦେଖିଛି କିନ୍ତୁ ସ୍ୱପ୍ନରାଜ୍ୟ । ସେ ସ୍ୱପ୍ନରାଜ୍ୟରେ ଅନେକ ଥର ସ୍ଥାନ ପାଇଛି ହସ୍ତିନାପୁରୀର କାଳ୍ପନିକ ରୂପଶୋଭା । ସ୍ୱୟମ୍ବର ସଭାର ଅନେକ ପୂର୍ବରୁ ମୋ ମନରେ ଯେମିତି ସ୍ଥାନ ପାଇଥିଲେ ଫାଲ୍‌ଗୁନି, ସେମିତି ସ୍ଥାନ ପାଇଥିଲା ହସ୍ତିନାପୁରୀ । କିନ୍ତୁ ଫାଲ୍‌ଗୁନିଙ୍କୁ ଲାଭ କରିବା ପରେ ହସ୍ତିନାପୁରୀ ସ୍ୱପ୍ନରେ ହିଁ ରହିଯାଇଥିଲା । ଭାବିଥିଲି ଏ ଜୀବନରେ ହସ୍ତିନାପୁରୀର ରାଜବଧୂ ଭାବେ ସେଠାରେ ପଦାର୍ପଣ କରିବାର ସୁଯୋଗ ଆସିବ ନାହିଁ । ଆଜି କିନ୍ତୁ ସେଇ ସୁନ୍ଦର ସ୍ୱପ୍ନ ମୋର ପ୍ରସାରିତ ଅଞ୍ଜଳିରେ ସତ୍ୟ ହୋଇ ଝରିପଡ଼ିଛି ।

ଧନଧାନ୍ୟରେ ଭରା ଇନ୍ଦ୍ରଭୁବନ ସଦୃଶ ହସ୍ତିନାପୁରୀ । ମନେହେଲା ବୋଧହୁଏ ସ୍ୱର୍ଗରାଜ୍ୟରେ ମୁଁ ପଦାର୍ପଣ କରିଛି । ଯେଉଁ ରାଜ୍ୟ ଏତେ ବିଭବ ଏବଂ ସୌନ୍ଦର୍ଯ୍ୟରେ ଭରା, ସେ ରାଜ୍ୟରେ ଅଭାବ କେଉଁଥିରେ ? ଯଦିବା କିଛି ଅଭାବ ଥାଏ, ତେବେ ଦୁଃଖ, ଦୈନ୍ୟ, ଅଭାବର ହିଁ ଅଭାବ ହୋଇଥିବ । ମନେ ମନେ ଗର୍ବ ଅନୁଭବ କଲି । ମତେ ରାଜବଧୂ ଏବଂ ଭାବୀ ରାଜରାଣୀର ସମ୍ମାନ ଦେଇ ଅଭିନନ୍ଦନ ଜଣାଇବା ପାଇଁ ଏତେ ଆଡ଼ମ୍ବରମୟ ବିପୁଳ ଆୟୋଜନ ଦେଖି ଭାବୁଥିଲି, ଏ ରାଜ୍ୟରେ ମୋ ସୁଖର ସୀମା ନିର୍ଣ୍ଣୟ କରିବା ପାଇଁ ମୋର ଶକ୍ତି କାହିଁ ? ଏତେ ସୁଖ ଏବଂ ସମ୍ମାନର ଭାର ସହିବା ବେଳେବେଳେ ଦୁଃସହ ହେବ ନାହିଁ ତ ? ସେତେବେଳେ ମୁଁ କ'ଣ ଜାଣିଥିଲି, ସୁଖ ଜୀବନରେ କେବଳ ପ୍ରହେଳିକାର କୁଜ୍‌ଝଟୀକା ହିଁ ସୃଷ୍ଟି କରିଛି ! କୁଜ୍‌ଝଟୀର ପରଦା ହଟିଗଲେ ତପ୍ତ ରୌଦ୍ରରେ ଗଛଲତା ଧ୍ୱଂସ ହୋଇଯିବା ଭଳି ମୋର ଦୁଃଖ ଓ ଲାଞ୍ଛନା ମତେ ଜଳାଇବା ପାଇଁ କେବଳ ଅପେକ୍ଷା କରିଛି ମାତ୍ର !

ଶୁଭ୍ର ବସନ ପିନ୍ଧି, ଶୁଭ୍ର କୁସୁମରେ ଗଭା ସାଜି, ଅଷ୍ଟ ଅଳଙ୍କାରରେ ମଣ୍ଡି ହୋଇ ମୁଁ ରାଜରାଣୀର ଅହଂକାର, ଆନନ୍ଦ ଏବଂ ଗାମ୍ଭୀର୍ଯ୍ୟ ନେଇ ବସିଥାଏ । ମୋ ରଥ ଗଡ଼ିଥାଏ ଆଗେ ଆଗେ । ମୋ ପାଖରେ ମୋର ପ୍ରିୟ ସଖୀ ମାୟା ଓ ନିତମ୍ବିନୀ । ମୋ ରଥ ଆଗରେ ଗୋବିନ୍ଦ ଏବଂ ବଳରାମଙ୍କର ରଥ । ମୋ ପଛେ ପଛେ ମୋର ପଞ୍ଚସ୍ୱାମୀ ଏବଂ ସର୍ବଶେଷରେ ମାତା କୁନ୍ତୀଙ୍କର ସୁସଜ୍ଜିତ ରଥ, ହସ୍ତିନାପୁରୀର ରାଜରାସ୍ତାରେ ଜୟଧ୍ୱନି ଏବଂ ବାଦ୍ୟନାଦ ଭିତରେ ରାଜପ୍ରାସାଦ ଅଭିମୁଖେ ଗଡ଼ିଥାଏ । ମୁଁ ଭାବିଲି, ଯାହାର ସମ୍ମୁଖରେ ଅଛନ୍ତି ଆର୍ଯ୍ୟାବର୍ତ୍ତର ଶ୍ରେଷ୍ଠ ପୁରୁଷ ସଖା କୃଷ୍ଣ ଏବଂ

Digitized by srujanika@gmail.com

ବଳରାମ, ପଛରେ ଅଛନ୍ତି ଧର୍ମବନ୍ତ ବୀର, ଜ୍ଞାନବନ୍ତ ପଞ୍ଚସ୍ୱାମୀ ଏବଂ ବିଗ୍ଧରଶୀଳା ଜ୍ଞାନବତୀ, ପୁଣ୍ୟବତୀ, ହୃଦଯବତୀ ଶାଶୁ କୁନ୍ତୀ, ତା'ର ଆଉ ଚିନ୍ତା କ'ଣ ? କେତେ ସୌଭାଗ୍ୟବତୀ ସେଇ ନାରୀ କୃଷ୍ଣା ! ସାମାନ୍ୟ ଅନ୍ୟମନସ୍କତା ଭିତରେ ନିଜକୁ ନିଜେ ଈର୍ଷା କରି ପକାଇଲି ଏବଂ ପରମୁହୂର୍ତ୍ତରେ ଭାବିଲି ଅନ୍ୟର ଈର୍ଷା ଏବଂ ନିଜର ସୁଖ ଅଙ୍ଗାଙ୍ଗୀଭାବେ ଜଡ଼ିତ । ମତେ କେହି ଯଦି ଈର୍ଷାକରେ, ତାହା ଭାବିବାରେ ଆନନ୍ଦ ମିଳେ; କାରଣ ଜଣକର ଈର୍ଷା ପଛରେ ମୋର ସୌଭାଗ୍ୟ ହିଁ ଜଳୁଥାଏ, ଅନ୍ୟକୁ ଜଳାଉଥାଏ ।

ପୁରନାରୀମାନେ ଅର୍ଘ୍ୟଥାଳି ଧରି ବନ୍ଦାପନା କରିବା ପରେ ଆମେ ରଥରୁ ଅବତରଣ କଲୁ । ଚତୁର୍ଦ୍ଦିଗରୁ ପୁଷ୍ପବୃଷ୍ଟି ହେଉଥାଏ । ରାଜପଥରେ ପୁଷ୍ପର ଗାଲିଚା ଯେମିତି ବିଛା ହୋଇଥାଏ, ଯେମତି ହସ୍ତିନାପୁରୀରେ ପ୍ରଥମ ପାଦ ଦେଲାବେଳେ ମୋର କୋମଳ ପାଦକୁ ସାମାନ୍ୟତମ କଷ୍ଟ ବି ନହୁଏ । ପ୍ରକୃତରେ ମୋ ପାଇଁ ଯେତେବେଳେ ଏତେ କଷ୍ଟ ଓ ଲାଞ୍ଛନା ହସ୍ତିନାପୁରୀର ଗନ୍ତାଘରେ ସଞ୍ଚିତ ହୋଇଥିଲା, ପ୍ରଥମରୁ କଷ୍ଟଦେବାରେ ମିତବ୍ୟୟିତା ଅବଲମ୍ବନ କରି କୌରବମାନେ କେତେ ବିଜ୍ଞତାର ପରିଚୟ ଦେଇନାହାନ୍ତି !

କୌରବ ଶବ୍ଦେ ଭାଇଙ୍କୁ ଏ ଆୟୋଜନ ପାଇଁ ବଧାଇ ଜଣାଇବାକୁ ମୁଁ ସୁଯୋଗର ଅପେକ୍ଷା କରୁଥାଏ ।

ରଥରୁ ଅବତରଣ କରିବା ମାତ୍ରେ ହଠାତ୍ ଯାହାଙ୍କ ଉପରେ ଚକ୍ଷୁ ସ୍ଥିର ହୋଇଗଲା ସେ କୌରବଭାଇମାନଙ୍କ ଭିତରେ ବାରିହୋଇ ଯାଉଥା'ନ୍ତି । କୌରବ ଭାଇମାନେ ଛଳନାରେ ହେଉ ପଛକେ ଆନନ୍ଦରେ ପ୍ରଫୁଲ୍ଲ ଦିଶିବାର ଚେଷ୍ଟା କରୁଥା'ନ୍ତି । ମାତ୍ର ତାଙ୍କର ମୁଖ ବିଷଣ୍ଣ । ଚକ୍ଷୁରେ ବିଷାଦିତ ସ୍ଥିର ଦୃଷ୍ଟି । ସମଗ୍ର ମୁଖମଣ୍ଡଳରେ ଅବ୍ୟକ୍ତ ଅଭିମାନର କରୁଣ ଛାଇଟିଏ । ସେ ମତେ ଅପଲକ ଦୃଷ୍ଟିରେ ଘୃହିଁଛନ୍ତି । ସେ କିଏ ? କ'ଣ ତାଙ୍କର ଦୁଃଖ ଏଇ ଆନନ୍ଦମୁଖର ମୁହୂର୍ତ୍ତରେ !

ମାୟା ମୋର କାନ ପାଖରେ କହିଲା — "ସଖି, ଏ ହେଉଛନ୍ତି ବସୁଷେଣ; କର୍ଣ୍ଣ । ରାଧାପତି ସାରଥି ଅଧିରଥର ପୁଅ । ସେଦିନ ସ୍ୱୟମ୍ବରରେ ସେ ନିଶ୍ଚୟ ତମକୁ ଜୟ କରିଥା'ନ୍ତେ — କେବଳ କୁନ୍ତୀପୁତ୍ର ନୁହଁନ୍ତି ବୋଲି, କ୍ଷତ୍ରିୟ ନୁହଁନ୍ତି ବୋଲି ଧୃଷ୍ଟଦ୍ୟୁମ୍ନ ତାଙ୍କୁ ଅପମାନିତ କରିଥିଲେ ... ବିଚରା ! ନିଜର ଜନ୍ମ ପାଇଁ ସେ ତ ଦାୟୀ ନୁହଁନ୍ତି ! ଅଥଚ କେବଳ ଜନ୍ମ ପାଇଁ ତାଙ୍କର ସବୁ ଶୌର୍ଯ୍ୟ. ବୀର୍ଯ୍ୟ, ପୌରୁଷକୁ ଅଭିଶପ୍ତ କରିଦେଇଛି ।"

ମାୟାର କୁହୁକଭରା କଥାରେ ମନଟା ଅକସ୍ମାତ୍ ମୋହାବିଷ୍ଟ ହେଲା । ଏଇ ଅଭିଶପ୍ତ ବୀରପୁରୁଷଙ୍କ ପ୍ରତି ମନଟା କ୍ଷଣକ ପାଇଁ ସହାନୁଭୂତିରେ ଢଳିଗଲା । ତାଙ୍କ ମୁଖର ବିଷାଦ କାଳିମା ମୋର ସରସ ମୁଖକୁ ମେଘାଚ୍ଛନ୍ନ କରିପକାଇଲା ।

Digitized by srujanika@gmail.com

ଆଉ ଜଣେ ହସୁଛି ଦେଖିଲେ ତା'ର ହସ ଓ ଆନନ୍ଦର କାରଣ ନବୁଝି ହସି ହୁଏ ନାହିଁ ସିନା, ଆଉ ଜଣଙ୍କର ଦୁଃଖ, ଶୋକ, ଅଶ୍ରୁ ଦେଖିଲେ ତା' ବ୍ୟଥାର କାରଣ ନବୁଝି ଅନ୍ୟ ଜଣେ ମୁହୂର୍ତ୍ତକରେ ବ୍ୟଥିତ ହୋଇପଡ଼େ, ଅଶ୍ରୁ ଢାଳିପାରେ, ଦ୍ରବୀଭୂତ ହୋଇଯାଇପାରେ । ବିଷାଦ ବର୍ଷାଗତୁ ଭଳି ଅନ୍ୟକୁ ଏମିତି ଭିଜାଇ ଦିଏ । ଯେମିତି ଆକାଶ ଲୁହ ଢାଳିଲେ ପୃଥିବୀ ଓଦା ହୁଏ, ସୂର୍ଯ୍ୟକୁ ମେଘ ଢାଙ୍କିଲେ ପୃଥିବୀରେ କଳାଛାଇ ପଡ଼େ — ଠିକ୍ ସେମିତି ତାଙ୍କ ଦୁଃଖର କାରଣ ନବୁଝି ମୋର ମନ ବ୍ୟଥାରେ ଭିଜିଗଲା । ତାଙ୍କ ସୁନ୍ଦର ମୁଖମଣ୍ଡଳର ବିଷଣ୍ଣତା ମୋ ମୁହଁରେ କଳା ଛାଇର ପରଦାଟିଏ ଟାଣିଦେଲା । ଭାବିଲି — ହାୟ ! ଏ କାହିଁକି କ୍ଷତ୍ରିୟ ହେଲେ ନାହିଁ ? କୁନ୍ତୀ ପୁତ୍ର ହେଲେ ନାହିଁ ? ତା' ହୋଇଥିଲେ ମତେ ଜୟ କରନ୍ତୁ ବା ନ କରନ୍ତୁ ଏତେ ବଡ଼ ସ୍ୱୟମ୍ବର ସଭାରେ ଅପମାନିତ ହୋଇନଥା'ନ୍ତେ ତ ! ଅପୂର୍ଣ୍ଣତା ଅପେକ୍ଷା ଅପମାନ ଯେକୌଣସି ପୁରୁଷ ପକ୍ଷେ ବେଶି କଷ୍ଟଦାୟକ । ସ୍ଥିର କଲି, ସୁଯୋଗ ଆସିଲେ ଏଇ ବୀର ଯୁବକଙ୍କ ନିକଟରୁ ସେଦିନର ଅପମାନ ପାଇଁ ହାତଯୋଡ଼ି କ୍ଷମା ମାଗିନେବି । ବୀରର ଯଥୋଚିତ ସମ୍ମାନ ଯଦି ନ କରେ ତେବେ ମୁଁ ବିଦ୍ୟାବତୀ ଓ ବିଦୂଷୀ ହେବାର କି ଅର୍ଥ ହୁଏ ?

ଆଗେ ଆଗେ ଗୁଲୁଛନ୍ତି କୃଷ୍ଣ ବଳରାମ । ସମସ୍ତଙ୍କର ଆଖି ତାଙ୍କରି ଉପରେ ନିବଦ୍ଧ । କୌରବ ଶତଭାଇ ଏବଂ ଅନ୍ୟମାନେ ପୁଷ୍ପାଞ୍ଜଳି ଦେଇ କୃଷ୍ଣ ବଳରାମଙ୍କର ପଦବନ୍ଦନା କରୁଛନ୍ତି । କର୍ଣ୍ଣ ମଧ୍ୟ ଧରିଛନ୍ତି ପୁଷ୍ପଗୁଚ୍ଛ । କିନ୍ତୁ କାହାର ବନ୍ଦନା ପାଇଁ ?

କର୍ଣ୍ଣଙ୍କ ହାତରେ ନୀଳ ଗୋଲାପର ଗୁଚ୍ଛ । ପତ୍ର ଡେମ୍ପ ଏବଂ କଅଁଳ ଡାଳସହ ସଦ୍ୟଫୁଟନ୍ତ ନୀଳ ଗୋଲାପର ଗୁଚ୍ଛ ଉପରେ ମୋର ଲୋଭାତୁର ଦୃଷ୍ଟି ନିବଦ୍ଧ । ମାୟା ମୋର କାନ ପାଖରେ କହିଲା — ''ସଖି, କର୍ଣ୍ଣ କେମିତି ଜାଣିଲେ ନୀଳ ଗୋଲାପ ତମର ଅତ୍ୟନ୍ତ ପ୍ରିୟ ବୋଲି ? ଦେଖ, ତମକୁ ଉପହାର ଦେବାପାଇଁ ସେ କେତେ ଯତ୍ନ ସହକାରେ ସଂଗ୍ରହ କରିଛନ୍ତି ଏଇ ଦୁର୍ଲଭ ନୀଳ ଗୋଲାପର ଗୁଚ୍ଛ !''

ମୁଁ ଆସ୍ତେ କହିଲି — ''ମୋ ପାଇଁ ନୁହେଁ, କୃଷ୍ଣଙ୍କ ପଦବନ୍ଦନା ପାଇଁ ସମସ୍ତେ ପୁଷ୍ପାଞ୍ଜଳି ଧରି ଠିଆ ହୋଇଛନ୍ତି । ବୀର କର୍ଣ୍ଣ ହୁଏତ ଜାଣନ୍ତି ନୀଳ ଗୋଲାପ ହିଁ କୃଷ୍ଣଙ୍କର ଶ୍ୟାମବର୍ଣ୍ଣକୁ ବେଶ୍ ଶୋଭା ପାଇବ । ସେ ହୁଏତ କୃଷ୍ଣଙ୍କର ମୁକୁଟରେ ପୁଷ୍ପ ଗୁଚ୍ଛଟିକୁ ଖୋସି ଦେବେ, ତମେ ଅପେକ୍ଷା କର ।''

ମାୟାକୁ ଏକଥା କହିଲେ ମଧ୍ୟ ମୋର ମନ କହୁଥାଏ ଏ ପୁଷ୍ପଗୁଚ୍ଛ ଯେମିତି ମୋ'ରି ପାଇଁ ଉଦ୍ଦିଷ୍ଟ । ହୃଦୟର ଅଧୀର ସ୍ପନ୍ଦନକୁ ଜୋର କରି ଦମନ କରୁଥାଏ । କାଳେ ମାୟା ଜାଣିପାରି ଲୋକହସା କରିଦେବ !

ଶ୍ୱେତବସ୍ତ୍ର ଏବଂ ଶ୍ୱେତପୁଷ୍ପ ମୋର ଅତ୍ୟନ୍ତ ପ୍ରିୟ । କିନ୍ତୁ ନୀଳଗୋଲାପ ଯେ ମୋର ପ୍ରାଣ କର୍ଣ୍ଣ ଜାଣିଲେ କେମିତି ? ସ୍ୱୟମ୍ବର ସଭାରେ ସେ ତେବେ ମତେ

Digitized by srujanika@gmail.com

ଗଭୀରଭାବେ ନିରୀକ୍ଷଣ କରିଛନ୍ତି । ସେଦିନ ମୁଁ ଶ୍ୱେତବସ୍ତ୍ର ପିନ୍ଧିଥିଲି । ଶୁଭ୍ର ପୁଷ୍ପରେ ବିମଣ୍ଡିତା ହୋଇଥିଲି । କିନ୍ତୁ ମୋ କବରୀରେ ଶୁଭ୍ର ମଲ୍ଲିକାର ଗଜରା ହାରର କୁଣ୍ଡଳୀ ଭିତରେ ସଖୀ ନିତମ୍ବିନୀ ନୀଳଗୋଲାପର ଦରଫୁଟା କଳିଟିଏ ଖୋସି ଦେଇଥିଲା । ମୋ ହାତରେ ଧରାଇ ଦେଇଥିଲା ନୀଳଗୋଲାପର ସ୍ତବକ । ସଭା ମଣ୍ଡପରେ ବସି ମୁଁ ପ୍ରାୟ ନୀଳ ଗୋଲାପକୁ ହିଁ ନତମୁଖ ହୋଇ ଦେଖୁଥିଲି । ତା'ରି ସଙ୍ଗେ ଗୋପନ ଆଳାପ କରି ମୋର ବ୍ରୀଡ଼ା ଲୁଗ୍ଦଇବାର ଚେଷ୍ଟା କରୁଥିଲି । ମଝିରେ ମଝିରେ ନୀଳଗୋଲାପର ପାଖୁଡ଼ାକୁ ଗଣ୍ଡରେ ଛୁଆଁଇ ରୋମାଞ୍ଚିତ ପୁଲକରେ ନୀଳ ନୀଳ ସ୍ୱପ୍ନ ଦେଖୁଥିଲି । କର୍ଣ୍ଣ ସେସବୁ ଲକ୍ଷ୍ୟ କରିପାରିଛନ୍ତି ଏବଂ ବୁଝି ମଧ୍ୟ ପାରିଛନ୍ତି ଯେ ଶୁଭ୍ର ପୁଷ୍ପରେ ମଣ୍ଡି ହେଲେ ମଧ୍ୟ ନୀଳ ଗୋଲାପ ହିଁ ମୋର ପ୍ରିୟ — ଅତି ପ୍ରିୟ ।

ଶୌର୍ଯ୍ୟ, ବୀର୍ଯ୍ୟ, ଐଶ୍ୱର୍ଯ୍ୟ ଏବଂ ରୂପଗୁଣର ଅଧିକାରୀ ପୁରୁଷ ନାରୀର କାମ୍ୟ; କିନ୍ତୁ ସେମାନଙ୍କ ଭିତରେ ନାରୀର ମନକଥା ଯେ ବୁଝିପାରେ, ସେ ନାରୀର କେବଳ କାମ୍ୟ ନୁହେଁ, ଧ୍ୟେୟ । ନାରୀର ମନ ବୁଝିବା ପୁରୁଷ କେତେଜଣ ଅଛନ୍ତି ଏ ପୃଥିବୀରେ ?

ମୋର ପଞ୍ଚପତିଙ୍କ ଭିତରୁ କେହି ବି ଜାଣନ୍ତି ନାହିଁ ନୀଳଗୋଲାପ ମୋର ପ୍ରିୟ ବୋଲି । ଏପରିକି ଯୁଧିଷ୍ଠିରଙ୍କ ସହ ପତିପତ୍ନୀର ଜୀବନ ବିତାଉଥିଲେ ବି ମୋ ମନର ଅନେକ କଥା ସେ ଜାଣନ୍ତି ନାହିଁ । ବିବାହ ପରେ ଏତେଦିନ ବିତିଯାଇଥିଲେ ମଧ୍ୟ ମୋର ପଞ୍ଚପତିଙ୍କ ଭିତରୁ କେହି ଜଣେହେଲେ ମତେ ନୀଳଗୋଲାପଟିଏ ଉପହାର ଦେଇନାହାନ୍ତି । ତେବେ କର୍ଣ୍ଣ ଯେ ଏ ଫୁଲ ମୋ ପାଇଁ ସଂଗ୍ରହ କରିଛନ୍ତି, ସେ କଥା କିଏ କହିବ ?

କୃଷ୍ଣ ବଳରାମଙ୍କ ପାଦ ଉପରେ କୌରବ ଭାଇମାନେ ପୁଷ୍ପାଞ୍ଜଳି ଦେଇ ପ୍ରଣାମ ଜଣାଉଛନ୍ତି । କିନ୍ତୁ କର୍ଣ୍ଣ ନିଶ୍ଚଳ ପ୍ରତିମା ପରି ନୀଳଗୋଲାପର ଗୁଚ୍ଛ ଧରି ନିଷ୍ପଲକ ଦୃଷ୍ଟିରେ ମୋର ପଦପାତର ଛନ୍ଦକୁ ଲକ୍ଷ୍ୟ କରୁଛନ୍ତି । କୁଣ୍ଠା ଓ ଲଜ୍ଜାରେ ମୋର ପାଦ ଛନ୍ଦି ହୋଇଯାଉଛି । ତେବେ କ'ଣ ନୀଳଗୋଲାପ ମୋରି ପାଇଁ ଉଦ୍ଦିଷ୍ଟ ? ଚତୁର୍ଦ୍ଦିଗରୁ ପୁଷ୍ପବୃଷ୍ଟି ଭିତରେ ମୁଁ ପାଦେ ପାଦେ ଆଗେଇବାର ଚେଷ୍ଟା କରୁଛି, ନୀଳଗୋଲାପର ସ୍ତବକ ଆସି ପଡ଼ିଲା ମୋର ପାଦ ପାଖରେ । ମୁଁ ଇତସ୍ତତଃ ହେଇଗଲି କ୍ଷଣେ ଏବଂ ପୁଷ୍ପଗୁଚ୍ଛଟିକୁ ଅତି ଯତ୍ନରେ ଉଠାଇ ଆଣିବି ବୋଲି ଭାବୁ ଭାବୁ ପାଦଟିଏ ଆଗେଇଗଲି କ୍ଷୀପ୍ର ଗତିରେ ଏବଂ ଠିକ୍ ପୁଷ୍ପଗୁଚ୍ଛ ଉପରେ ମୋର ପାଦଟି ପଡ଼ିଗଲା 'ଆଃ' ବୋଲି ଅସ୍ପଷ୍ଟ ଶବ୍ଦ କରିଉଠିଲି ମୁଁ । ମୋ ପାଦରେ ଗୋଲାପର କଣ୍ଟା ଫୁଟିଯିବାର ଯନ୍ତ୍ରଣାରେ ନୁହେଁ, ନୀଳଗୋଲାପର କୋମଳ ପାଖୁଡ଼ା ସବୁ ମୋ ପଦପାତରେ ମଚ୍ଛିତ୍ ହୋଇଗଲା ବୋଲି ମୁଁ ଆର୍ତ୍ତନାଦ କରିଉଠିଲି । ପରକ୍ଷଣରେ ପାଦରେ ଯନ୍ତ୍ରଣା ଲାଗିଲା । କ'ଣ ହେଲା, କହି ମାୟା ନଇଁପଡ଼ି ମୋର ପାଦଟିକୁ ତୋଳିଧରିଲା ତା'ର ପାପୁଲିରେ ।

Digitized by srujanika@gmail.com

ଗୋଲାପର କଣ୍ଟା ତେବେ ବି ବିଦ୍ଧ ହେଇ ରହିଥାଏ ମୋର ପାଦରେ । କର୍ଣ୍ଣ ବିଚଳିତ ଏବଂ ଲଜ୍ଜିତ ହୋଇ କ'ଣ କରିବା ଉଚିତ ବୋଲି ଚିନ୍ତା କରୁଥା'ନ୍ତି ହୁଏତ । ମାୟା ଆସ୍ତେ ଗୋଲାପର କଣ୍ଟାଟି ମୋ ପାଦରୁ ବାହାର କରିଦେଲା । ବିନ୍ଧୁଏ ରକ୍ତ ମୋର ଅଳତାବୋଳା ପାଦ ତଳିପାରୁ ଝରିଆସିଲା । ଯନ୍ତ୍ରଣାରେ ମୋର ଆଖି ଛଳ ଛଳ । କର୍ଣ୍ଣ ମାୟାର ନିକଟତର ହେଇ ତା'ର କାନ ପାଖରେ କହିଲେ — ''ରାଜବଧୂଙ୍କଠାରୁ କ୍ଷମା ମାଗି ନେଉଛି । ଜାଣି ଜାଣି ମୁଁ ତାଙ୍କୁ ଯନ୍ତ୍ରଣା ଦେଇନି । ଜାଣି ଜାଣି ସର୍ବସମକ୍ଷରେ କାହାକୁ କଷ୍ଟ ଦେବାର ଦୁଃଖ ମୁଁ ଜାଣେ । ମୋର ପ୍ରୀତି ଉପହାର ଯେ ରାଜବଧୂଙ୍କୁ କ୍ଷତାକ୍ତ କରିବ ଜାଣିନଥିଲି । ତେବେ ମନର ଜ୍ୱାଳାଠାରୁ ଶରୀରଜ୍ୱାଳା ଅନେକ ପରିମାଣରେ ଉଣା, ଏକଥା ଭାବି ସେ ମତେ କ୍ଷମା କରିଦେବେ ।''

ଗହଳି ଏବଂ ଆନନ୍ଦ କଳରୋଳ ଭିତରେ ଏସବୁ ଯାହା ଘଟିଗଲା ତା'ର ସାକ୍ଷୀ କେବଳ ମାୟା । ଆଉ କେହି କିଛି ଶୁଣିପାରିଲେ ନାହିଁ, ଜାଣିପାରିଲେ ନାହିଁ । କର୍ଣ୍ଣ ଯେପରି ଇଙ୍ଗିତରେ ମନେ ପକାଇଦେଲେ ଯେ ସେଦିନ ସ୍ୱୟମ୍ବର ସଭାରେ ତାଙ୍କୁ ଯେଭଳି ଭାବରେ ଅପମାନିତ କରାଗଲା, ତାହା ମୋର ଇଚ୍ଛାକୃତ । ମୁଁ ଗ୍ରହିଥିଲେ ତାଙ୍କୁ ସେ ଅପମାନରୁ ରକ୍ଷା କରିପାରିଥା'ନ୍ତି । ବାସ୍ତବରେ କଥାଟା କ'ଣ କେତେକାଂଶରେ ସତ୍ୟ ନୁହେଁ ! ସ୍ୱୟମ୍ବର ସଭାରେ ବୀରତ୍ୱ ଓ ଶୌର୍ଯ୍ୟର ପରୀକ୍ଷା ହେଉଥିବା ସ୍ଥଳେ ମୁଁ ପିତାଙ୍କର ସେ ସଂକୀର୍ଣ୍ଣ ସର୍ତ୍ତକୁ ନୀରବରେ ମାନିନେଲି କାହିଁକି ?

ମାୟା କହୁଥିଲା — ''କର୍ଣ୍ଣ ସୁପୁରୁଷ ହେଲେ ମଧ୍ୟ ଅତ୍ୟନ୍ତ ଅହଂକାରୀ । ଏତେବଡ଼ ଅପମାନର ଜ୍ୱାଳା ସେ ଭୁଲିନାହାନ୍ତି, ଭୁଲିବେ ନାହିଁ । ପ୍ରତିଶୋଧର ପ୍ରଥମ ପର୍ଯ୍ୟାୟରେ ତମର ପାଦ ହୋଇଛି ରକ୍ତାକ୍ତ । କିଏ ଜାଣେ ଶେଷ ପର୍ଯ୍ୟାୟରେ ତମର ହୃଦୟର କି ଅବସ୍ଥା ହେବ ? ସଖି, କର୍ଣ୍ଣଙ୍କର ବୀରତ୍ୱକୁ ସେଦିନ ଯଦି ଉଦାର ହୃଦୟରେ ସମ୍ମାନ ଦିଆଯାଇଥା'ନ୍ତା, ତେବେ ପଞ୍ଚପତି ଗ୍ରହଣର ଦୁଃସହ ପରିସ୍ଥିତି ତମ ଜୀବନରେ ଆସିନଥା'ନ୍ତା । ପଞ୍ଚପତିଙ୍କୁ ନେଇ ସାରା ଜୀବନ କି ହଟହଟା ତମେ ନ ହେବ !''

ମାୟାର କଥା ସତ୍ୟ ହେଲେ ମଧ୍ୟ ମୁଁ ମନେ ମନେ ବିରକ୍ତ ହେଲି । ବାରମ୍ବାର ମାୟା ମୋର ମନକୁ ଦୁର୍ବଳ, ବିଚଳିତ, ଲକ୍ଷ୍ୟଭ୍ରଷ୍ଟ କରାଉଛି କାହିଁକି ? ଯାହା ଘଟିନାହିଁ, ସେ ବିଷୟରେ ଆଲୋଚନା କରି ମନକୁ କଳୁଷିତ କରିବି କାହିଁକି ? ମୁଁ କର୍ଣ୍ଣଙ୍କଠାରୁ ଦୃଷ୍ଟି ଫେରାଇନେଇ କୃଷ୍ଣଙ୍କ ପାଦରେ ଦୃଷ୍ଟି ସ୍ଥିର ରଖିଲି । ଆଉ ପାଦଟିଏ ଆଗେଇଗଲି କୃଷ୍ଣଙ୍କୁ ଅନୁସରଣ କରି ।

ହସ୍ତିନାପୁରୀର ରାଜବଧୂ ମୁଁ —କୃଷ୍ଣା; ଯାହାକୁ ତାକୁ ନେଇ ଉଭଟ ଚିନ୍ତା କରି ମନକୁ ବିଭ୍ରାନ୍ତ କରିବା ମୋ ପକ୍ଷେ ଶୋଭନୀୟ ନୁହେଁ ।

କର୍ଣ୍ଣ ଯଦି ଅହଂକାରୀ — ମୁଁ ବି କିଛି କମ୍ ନୁହେଁ । ସେ ବସୁଷେଣ ହେଲେ ମୁଁ ମଧ୍ୟ ଯାଜ୍ଞସେନୀ । ଯିଏ ଅଗ୍ନିରୁ ଜାତ ସେ ପୁଣି ଅନଳକୁ ଭୟ କରିବ ?

Digitized by srujanika@gmail.com

॥ ୧୪ ॥

ହସ୍ତିନାର ଅର୍ଦ୍ଧେକ ରାଜ୍ୟ ଖାଣ୍ଡବପ୍ରସ୍ଥ ପାଣ୍ଡବମାନଙ୍କୁ ଅର୍ପଣ କଲେ ରାଜା ଧୃତରାଷ୍ଟ୍ର । ଖାଣ୍ଡବପ୍ରସ୍ଥରେ ବାସୋପଯୋଗୀ ଗୃହଟିଏ ମଧ୍ୟ ଆମ ପାଇଁ ନାହିଁ । ହସ୍ତିନାର ବିଳାସ, ଐଶ୍ୱର୍ଯ୍ୟ ଏବଂ ରାଜପ୍ରାସାଦ କୌଣସି ଦିନ ମୁଁ କାମନା କରି ନଥିଲି । ମୁଁ କାମନା କରିଥିଲି ହସ୍ତିନାପୁରୀର ରାଜବଧୂର ଅଧିକାର, ସ୍ୱୀକୃତି । ତାହା ମତେ ମିଳିଛି । ଖାଣ୍ଡବପ୍ରସ୍ଥରେ କୁଡ଼ିଆଟିଏ ମଧ୍ୟ ମତେ ସୁଖ ଦେବ, ପରିପୂର୍ଣ୍ଣତା ଦେବ ।

କିନ୍ତୁ କୃଷ୍ଣ ଯାହାଙ୍କର ସଖା, ଖାଣ୍ଡବପ୍ରସ୍ଥକୁ ଇନ୍ଦ୍ରପ୍ରସ୍ଥରେ ପରିଣତ କରିବା ତାଙ୍କ ପକ୍ଷରେ କିଛି ଦୁଃସାଧ୍ୟ ନୁହେଁ । ଖୁବ୍ ଅଳ୍ପଦିନରେ ଇନ୍ଦ୍ରପ୍ରସ୍ଥ ଐଶ୍ୱର୍ଯ୍ୟ ସୌନ୍ଦର୍ଯ୍ୟ ଏବଂ ନବନିର୍ମିତ ହର୍ମ୍ୟମାଳାର ଅପରୂପ ଶୋଭାରେ ହସ୍ତିନାପୁରୀକୁ ଟପିଗଲା । ଇନ୍ଦ୍ରପ୍ରସ୍ଥର ସଭାଗୃହ ହିଁ ସବୁଠାରୁ ଲୋଭନୀୟ ଏବଂ ଆକର୍ଷଣୀୟ ହୋଇଉଠିଥିଲା ।

ଖାଣ୍ଡବବନ ଦହନ କାଳରେ ଅର୍ଜୁନଙ୍କ ଦୟାରୁ ରାକ୍ଷସ 'ମୟ' ରକ୍ଷାପାଇ ଯାଇଥିଲା ।

କୃତଜ୍ଞତା ଜଣାଇବା ପାଇଁ 'ମୟ' ଶ୍ରୀକୃଷ୍ଣଙ୍କ ପରାମର୍ଶକ୍ରମେ ଯୁଧିଷ୍ଠିରଙ୍କଠାରୁ ଅନୁମତି ପ୍ରାପ୍ତହେଇ ନିର୍ମାଣ କଲା ସଭାଗୃହ । ପୃଥିବୀରେ କୌଣସି ରାଜ୍ୟରେ ଏପରି ସଭାଗୃହ ଆଗରୁ ନିର୍ମିତ ହୋଇନଥିଲା । ଗ୍ୱରିହଜାର ହାତ ଦୈର୍ଘ୍ୟ ପରିମିତ ଭୂମି ଉପରେ ସତୁରି ହାତ ଦୈର୍ଘ୍ୟ ପ୍ରସ୍ଥ ବିଶିଷ୍ଟ ଏଇ ସଭାଗୃହର କାନ୍ଥ, ଛାତ ଚଟାଣରେ ମଣିମୁକ୍ତା ଓ ସ୍ଫଟିକ ସବୁ ଖଞ୍ଚାଗଲା । ସଭାଗୃହର ଛାତରେ ମଣିମାଣିକ୍ୟ ସବୁ ଏପରି ଖଞ୍ଚାଯାଇଥାଏ ଯେ ଆକାଶର ଗ୍ରହ ନକ୍ଷତ୍ର ଭଳି ସେମାନେ ପ୍ରତୀୟମାନ ହେଉଥା'ନ୍ତି । ଏପରି କୌଶଳରେ ଛାତକୁ ରଙ୍ଗ କରାଯାଇଥାଏ ଯେ ସକାଳ ଓ ସନ୍ଧ୍ୟାର ଆକାଶ ଭଳି ତା'ରି ରଙ୍ଗ ବାହାରର ସୂର୍ଯ୍ୟାଲୋକ ସହ ତାଳ ଦେଇ ମୁହୁର୍ମୁହୁ ପରିବର୍ତ୍ତିତ ହେଉଥାଏ । ଗୃହ ଭିତରେ ବସି ମଧ୍ୟ ମୁକ୍ତ ଆକାଶ ତଳେ ବସିବା ଭଳି ଭ୍ରମ ହେଉଥାଏ ମନରେ । ଗୃହର ଚଟାଣ ସ୍ଫଟିକରେ ତିଆରି ହୋଇଥିବା ଯୋଗୁଁ ଜଳ ଭଳି ସ୍ୱଚ୍ଛ ଦିଶୁଥାଏ ଏବଂ ଛାତର ଗ୍ରହ ନକ୍ଷତ୍ର ସେଥିରେ ପ୍ରତିଫଳିତ ହୋଇ ମନରେ ଜଳଭାଗର ଭ୍ରମ ସୃଷ୍ଟି କରୁଥାଏ । କାନ୍ଥମାନଙ୍କରେ ଦର୍ପଣ ଏପରି ଭାବରେ ଖଞ୍ଚାଯାଇଥାଏ ଯେ ସଭାକାର୍ଯ୍ୟ ଚାଲିଥିବା ସମୟରେ ରାଜା ଯୁଧିଷ୍ଠିରଙ୍କ ପ୍ରତିବିମ୍ବ ପ୍ରତ୍ୟେକ ଦର୍ଶକ ନିଜର ଉଭୟ ପାର୍ଶ୍ୱରେ ଦେଖିପାରିବେ । ସମ୍ମୁଖରେ ମହାରାଜା ଯୁଧିଷ୍ଠିର ଉପସ୍ଥିତ । ଉଭୟପାର୍ଶ୍ୱ ଏବଂ ପଶ୍ଚାଦ୍‌ଭାଗ କାନ୍ଥର ଦର୍ପଣରେ ମଧ୍ୟ ତାଙ୍କର ପ୍ରତିବିମ୍ବ । ସଭାଗୃହରେ ବସିଥିବା ପର୍ଯ୍ୟନ୍ତ ଜଣେ ଯୁଧିଷ୍ଠିରଙ୍କ ବ୍ୟକ୍ତିସତ୍ତା ଭିତରେ ହଜିଯିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

Digitized by srujanika@gmail.com

ସଭାଗୃହ ସମ୍ମୁଖସ୍ଥ ଉଦ୍ୟାନରେ ଫୁଲଗଛମାନଙ୍କ ମଧ୍ୟେ ମଧ୍ୟେ ସୁବର୍ଣ୍ଣର ଫୁଲଗଛରେ ମଣିମାଣିକ୍ୟର ଫୁଲସବୁ ଖଞ୍ଜାହେଲା । ଦୂରରୁ ଦେଖିଲେ ମନେ-ହେଉଥିଲା ସତେଅବା କେଉଁ ସ୍ୱପ୍ନରାଜ୍ୟର ଉଦ୍ୟାନରେ ସୁଖ ସୌଭାଗ୍ୟର ଫୁଲ ସବୁ ମଣିମାଣିକ୍ୟ ହେଇ ଝରିପଡ଼ିଛି । ଉଦ୍ୟାନ ମଧ୍ୟସ୍ଥଳରେ ସୁବର୍ଣ୍ଣ ବନ୍ଧ ଦିଆହୋଇ ପୁଷ୍କରିଣୀ ଖୋଦିତ ହେଲା । ପୁଷ୍କରିଣୀର ପାହାଚ ସବୁ ସ୍ଫଟିକରେ ନିର୍ମିତ ହେଲା । ପୁଷ୍କରିଣୀର ସ୍ୱଚ୍ଛ ଜଳରାଶିରେ ସୁବର୍ଣ୍ଣର ଶତଦଳ ଖଞ୍ଜାଗଲା । ହୀରା ନୀଳାର କୃତ୍ରିମ ମାଛସବୁ ଭାସମାନ ଅବସ୍ଥାରେ ରଖାଗଲା । ପୁଷ୍କରିଣୀର ସୁବର୍ଣ୍ଣ ବନ୍ଧ ଧାରେ ଧାରେ ଶଙ୍ଖମର୍ମର ପ୍ରସ୍ତର ଓ ତା' ଦେହରେ ମୁକ୍ତାଖଣ୍ଡ ସବୁ ଝଟକୁଥାଏ । ପୁଷ୍କରିଣୀର ଜଳ ଏପରି ସ୍ୱଚ୍ଛ ଥିଲା ଯେ ସ୍ଫଟିକର ପାହାଚ ସବୁ ପୁଷ୍କରିଣୀର ତଳ ପର୍ଯ୍ୟନ୍ତ ପରିଷ୍କାର ଭାବେ ଦୃଶ୍ୟମାନ ହେଉଥିଲା । ଜଳବିହାର ପାଇଁ ହୀରାନିର୍ମିତ ନୌକାଟିଏ ପୁଷ୍କରିଣୀ ଜଳରେ ଭାସୁଥାଏ ଏବଂ ପୁଷ୍କରିଣୀର ସୌନ୍ଦର୍ଯ୍ୟ ବୃଦ୍ଧି କରୁଥାଏ ।

ସଭାଗୃହର ମଧ୍ୟସ୍ଥଳରେ ଯୁଧିଷ୍ଠିରଙ୍କ ବସିବା ଲାଗି ମୟ ଯେଉଁ ସିଂହାସନ ନିର୍ମାଣ କରିଥିଲା, ତା'ର ନିର୍ମାଣ କୌଶଳ ଏବଂ ସୌନ୍ଦର୍ଯ୍ୟ ବର୍ଣ୍ଣନାତୀତ । ସ୍ୱର୍ଗରାଜ୍ୟରେ ଇନ୍ଦ୍ର ମଧ୍ୟ ସେ ଆନନ୍ଦ ପ୍ରାପ୍ତ ହେବା ଲୋଭରେ ମର୍ତ୍ତ୍ୟକୁ ଅବତରଣ କରିଆସିବା ଅସମ୍ଭବ ନଥିଲା ।

ସମଗ୍ର ସଭାଗୃହକୁ ଛାୟା-ଶୀତଳ କରିବା ପାଇଁ ନାନା ଜାତିର ଫଳପୁଷ୍ପଭରା ବୃକ୍ଷ ରୋପିତ ହେଲା । ପୁଷ୍କର ସୁବାସରେ ମହକି ଉଠୁଥାଏ ସଭାଗୃହ । ଖାଣ୍ଡବପ୍ରସ୍ଥର ଇନ୍ଦ୍ରଭୁବନ ସଦୃଶ ଏଇ ସଭାଗୃହ ଯୋଗୁଁ ଖାଣ୍ଡବପ୍ରସ୍ଥକୁ ସମସ୍ତେ 'ଇନ୍ଦ୍ରପ୍ରସ୍ଥ' କହିବାକୁ ଲାଗିଲେ ଏବଂ ଇନ୍ଦ୍ରପ୍ରସ୍ଥର ରାଜସିଂହାସନରେ ଯୁଧିଷ୍ଠିର ଅଭିଷିକ୍ତ ହେଲେ । ମୁଁ ହେଲି ଇନ୍ଦ୍ରଭୁବନଠୁ ବଳି ଐଶ୍ୱର୍ଯ୍ୟମୟ ଇନ୍ଦ୍ରପ୍ରସ୍ଥର ରାଜରାଣୀ ।

'ଇନ୍ଦ୍ରପ୍ରସ୍ଥର'ର ନିର୍ମାଣ କାର୍ଯ୍ୟରେ ପାଞ୍ଚଭାଇ ମନପ୍ରାଣ ଢାଳି ଦେଇଥିଲେ କିଛିଦିନ । ଇନ୍ଦ୍ରପ୍ରସ୍ଥ ସଂପୂର୍ଣ୍ଣ ହେବା ପରେ ପାଣ୍ଡବ ପାଞ୍ଚଭାଇ ଆନନ୍ଦରେ ଉତ୍‌ଫୁଲ୍ଲ ହୋଇଉଠିବାବେଳେ ହସ୍ତିନାପୁରୀରେ କୌରବ ଶହେଭାଇ ହିଂସା ଓ ଈର୍ଷାରେ ଜଳୁଥିଲେ । ହସ୍ତିନାପୁରୀର ଅନେକ ବିଦ୍ୱାନ ବ୍ୟକ୍ତି ଏବଂ ପ୍ରଜା ଇନ୍ଦ୍ରପ୍ରସ୍ଥକୁ ପସନ୍ଦ କରି ଯୁଧିଷ୍ଠିରଙ୍କ ଧର୍ମରାଜ୍ୟରେ ଆଶ୍ରୟ ଲୋଡ଼ିଲେ । ଧୀରେ ଧୀରେ ହସ୍ତିନାପୁରୀ ହୋଇଗଲା ଶ୍ରୀହୀନ ଏବଂ ଜନବିରଳ । ଇନ୍ଦ୍ରପ୍ରସ୍ଥରେ ସୁଖ, ସୁବିଚାର ଏଭଳି ଆନନ୍ଦ ଉତ୍ସବ ସେମାନଙ୍କୁ ପରୋକ୍ଷରେ ହସ୍ତିନା ବିମୁଖ କରିଦେଲା । କୌରବ ଭାଇମାନେ ହିଂସା ଓ ଅସୂୟାରେ ଜଳୁଥିବାବେଳେ ନୂତନ ସଭାଗୃହ ପ୍ରତିଷ୍ଠାର ଦିନ ଘୋଷଣା କଲେ ଯୁଧିଷ୍ଠିର ।

Digitized by srujanika@gmail.com

ସଭାଗୃହ ପ୍ରତିଷ୍ଠାର ବିପୁଳ ଆୟୋଜନ ଦେଖି କେଜାଣି କାହିଁକି ମୋ ମନରେ ଶଙ୍କା ଜାଗିଲା । ଗୃହ ପ୍ରତିଷ୍ଠା ଉତ୍ସବରେ ଦଶହଜାର ବ୍ରାହ୍ମଣଙ୍କୁ ଭୂରି ଭୋଜନ, ନୂତନ ବସ୍ତ୍ର, ଏକହଜାର ଗାଈ ଏବଂ ଦାନଦକ୍ଷିଣା ଦେବାରେ ମୋର କିଛି ଆପତ୍ତି ନଥିଲା । କିନ୍ତୁ ସେଇ ଆଳରେ କୌରବ ଶତଭାଇ ଏବଂ ତାଙ୍କର ବନ୍ଧୁ କର୍ଣ୍ଣ, ଜାମାତା ଜୟଦ୍ରଥ ଏବଂ ଅନ୍ୟାନ୍ୟ ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣ କରି ଅଧିକ ଈର୍ଷାତୁର କରାଇବାରେ ପକ୍ଷପାତୀ ମୁଁ ନଥିଲି । ଦୁଷ୍ଟ ଏବଂ ଈର୍ଷାପରାୟଣ ବ୍ୟକ୍ତିଙ୍କୁ ନିଜର ଐଶ୍ୱର୍ଯ୍ୟ ଦେଖାଇବା ବିଜ୍ଞ ଲୋକର କାମ ନୁହେଁ । ସେଥିରେ ଶତ୍ରୁତା ବୃଦ୍ଧିପାଏ । ଅନ୍ୟକୁ ଆନନ୍ଦ ଦେବାପାଇଁ ଉତ୍ସବ କରାଯାଏ, ଈର୍ଷାତୁର ବା ଦୁଃଖୀ କରାଇବା ପାଇଁ ନୁହେଁ । ଇନ୍ଦ୍ରପ୍ରସ୍ଥର ସଭାଗୃହ ପ୍ରତିଷ୍ଠା ଉତ୍ସବ କୌରବମାନଙ୍କୁ ଅଶେଷ ଦୁଃଖ ଦେବ ଏଥିରେ ସନ୍ଦେହ ନାହିଁ । ତେଣୁ କି ଲାଭ ଏତେ ଆଡ଼ମ୍ବରପୂର୍ଣ୍ଣ ଉତ୍ସବ କରିବାରେ ? ମୋର ମତାମତ ଯୁଧିଷ୍ଠିରଙ୍କୁ ଜଣାଇଲି । ମାତ୍ର ସେ ଉତ୍ତର ଦେଲେ — ''ଗୃହ ପ୍ରତିଷ୍ଠା ଉତ୍ସବରେ ଆତ୍ମୀୟମାନଙ୍କୁ ବାଦ୍‌ଦେଇ ଅତିଥିଚର୍ଚ୍ଚା କରାଯାଏନା । ତା'ଛଡ଼ା କୌରବମାନଙ୍କୁ ନିମନ୍ତ୍ରଣ ନ କଲେ ଲୋକେ କ'ଣ କହିବେ ? ଯିଏ ନିଜର ବନ୍ଧୁ ପରିଜନଙ୍କ ସହ ସମ୍ପର୍କ ରଖେନାହିଁ, ସେ ପ୍ରଜାମାନଙ୍କ ସହ କି ସମ୍ପର୍କ ରଖିବ ? କେହି ଈର୍ଷାତୁର ହେବ ବୋଲି ପୃଥିବୀରୁ ଆନନ୍ଦ ଉତ୍ସବ ତ ଲୋପ ପାଇଯିବ ନାହିଁ ! ଯିଏ ଈର୍ଷାତୁର ସେ ଦୁଃଖୀ । କୌରବମାନଙ୍କୁ ନିମନ୍ତ୍ରଣ ନ କଲେ ମଧ୍ୟ ସେମାନେ ହସ୍ତିନାପୁରୀରେ ଥାଇ ଉତ୍ସବର ସମସ୍ତ ସମ୍ବାଦ ପାଇବେ ଏବଂ ଅଧିକ ଦୁଃଖୀ ଓ ଈର୍ଷାତୁର ହେବେ । ତେଣୁ ସେମାନଙ୍କୁ ନିମନ୍ତ୍ରଣ କରି ତାଙ୍କ ସହ ସୌହାର୍ଦ୍ଦ୍ୟ ସ୍ଥାପନ କରିବା ବୁଦ୍ଧିମାନର କାର୍ଯ୍ୟ ।''

ଯୁଧିଷ୍ଠିରଙ୍କ ଯୁକ୍ତି ଅକାଟ୍ୟ । ତା'ଛଡ଼ା ମୋ କଥାର ବା କି ମୂଲ୍ୟ ? ଯୁଧିଷ୍ଠିର ଥରେ ଯାହା ସ୍ଥିର କରନ୍ତି, ତା' ଭୁଲ୍ ହେଇଥାଉ ପଛକେ ସ୍ତ୍ରୀ ବୁଦ୍ଧିରେ ତାକୁ ବଦଳାନ୍ତି ନାହିଁ । ଏକଥା ମୁଁ ଜାଣେ । ତେଣୁ ମୁଁ ନୀରବ ରହିଲି । କିନ୍ତୁ କୌରବ ଭାଇମାନଙ୍କ ସହ ତାଙ୍କର ଘନିଷ୍ଠ ବନ୍ଧୁ, ଅଙ୍ଗଦେଶର ରାଜା କର୍ଣ୍ଣ କାହିଁକି ଆସିବେ ? ଯଦି ବା ଆସିବେ, ସେମାନଙ୍କୁ ମୁଁ ସ୍ୱହସ୍ତରେ ରନ୍ଧନ କରି ନିଜେ ଖାଦ୍ୟ ପରିବେଷଣ କରିବି କାହିଁକି ?

ଅବଶ୍ୟ କୌରବମାନେ ସମସ୍ତେ ମୋର ଦେବର ହେବେ । ମୋ ସ୍ୱାମୀମାନଙ୍କ ସହ ସେମାନଙ୍କର ରକ୍ତଗତ ସଂପର୍କ । ସେମାନେ ନିଜ ଘରର ମଣିଷ । ଭାଉଜ ହିସାବରେ ସେମାନଙ୍କୁ ନିଜେ ଚର୍ଚ୍ଚା କରିବାର କଥା । କିନ୍ତୁ କର୍ଣ୍ଣ ଜଣେ ବାହାରର ବ୍ୟକ୍ତି । ସେ ଯଦି ଆସନ୍ତି ତେବେ ବାହାର ଅତିଥି ଭବନରେ ରହିବେ ନାହିଁ କାହିଁକି ? ତାଙ୍କୁ ପରିଗ୍ୱରିକାମାନେ ଚର୍ଚ୍ଚା କରିବେ ନାହିଁ କାହିଁକି ? କେଜାଣି କାହିଁକି ସେଇ ଲୋକଟିର ସାମ୍ନା କରିବା ପାଇଁ ମୋର ଘୋର ଅନିଚ୍ଛା । ତାଙ୍କର ସୁନ୍ଦର ଆଖି

Digitized by srujanika@gmail.com

ଦୁଇଟାରେ ମୋ ପାଇଁ ସାରା ସଂସାରର ଘୃଣା ଓ ପ୍ରତିହିଂସା ଯେମିତି ଭରି ରହିଥାଏ । ତାଙ୍କ ଆଖି ଦୁଇଟା ସେମିତି କିମ୍ବା ମୋର ଅପରାଧୀ ମନ ଯୋଗୁଁ ମୁଁ ତାଙ୍କ ଆଖିରେ ସବୁ ଅସୁନ୍ଦରତାକୁ ଚିତ୍ରିତ କରେ, ସେ କଥା ବୁଝିବାର କ୍ଷମତା ମୋର ନାହିଁ ।

କର୍ଣ୍ଣଙ୍କ ପ୍ରତି ଯୁଧିଷ୍ଠିରଙ୍କର ଏ ଆତିଥ୍ୟର ଅତିରଞ୍ଜନ ସମ୍ପର୍କରେ ମୁଁ ଯେ ସନ୍ତୁଷ୍ଟ ନୁହେଁ, ସେ କଥା ମାୟାକୁ ଜଣାଇଦେଲି । ମାୟା ସଙ୍ଗେ ସଙ୍ଗେ ମତେ ସ୍ମରଣ କରାଇଦେଲା ଯେ କର୍ଣ୍ଣ ବାହାରର କେହି ତୃତୀୟ ପୁରୁଷ ନୁହନ୍ତି । ସେ ପାଣ୍ଡବ ପରିବାର ଭିତରୁ ଜଣେ । କୁନ୍ତୀଙ୍କର ଆନନ୍ଦ ପାଇଁ ଯୁଧିଷ୍ଠିରଙ୍କ ଏ ବ୍ୟବସ୍ଥା । ମାୟାର କଥାରେ ମୋର କିଛିଦିନ ତଳର ଘଟଣା ସ୍ମରଣକୁ ଆସିଲା ।

ଖାଣ୍ଡବପ୍ରସ୍ଥରେ ନିର୍ମାଣ କାର୍ଯ୍ୟ ଗ୍ଭଲିଥାଏ । ଦିନେ ମାତା କୁନ୍ତୀ ତାଙ୍କର ବାଲ୍ୟବାନ୍ଧବୀ ରାଧାମାଉସୀଙ୍କ ଘରକୁ ବୁଲିଯିବା ପାଇଁ ପ୍ରସ୍ତୁତ ହେବାକୁ ମତେ ନିର୍ଦ୍ଦେଶ ଦେଲେ । ମୁଁ ସଙ୍ଗେ ସଙ୍ଗେ ପ୍ରସ୍ତୁତ ହୋଇଗଲି ସତ୍ୟ; ମାତ୍ର ଅଧିରଥ ସାରଥିଙ୍କ ପତ୍ନୀ ରାଧାଙ୍କ ଘରକୁ ହସ୍ତିନାପୁରୀର ରାଜମାତା କୁନ୍ତୀଙ୍କର ବୁଲିଯିବା କଥାଟାକୁ ସହଜରେ ଗ୍ରହଣ କରିପାରିଲି ନାହିଁ । କୁନ୍ତୀ ଗ୍ଭହିଁଥିଲେ ଅଧିରଥର ସ୍ତ୍ରୀ ରାଧାକୁ ଡକାଇ ଆଣି ପାରିଥା'ନ୍ତେ । ଅଥଚ ମାତା କୁନ୍ତୀ ନିଜ ରାଜକୀୟ ଅହଂକାରକୁ ଭୁଲି ବାଲ୍ୟସାଥୀ ରାଧାମାଉସୀଙ୍କ ଘରକୁ ମିଷ୍ଟାନ୍ନ ଓ ନାନା ଉପହାର ଧରି ବୁଲିଯିବା ଏବଂ ତାଙ୍କ ସହ ମତେ ମଧ୍ୟ ନେବା ମାତା କୁନ୍ତୀଙ୍କର ମହାନୁଭବତା ବ୍ୟତୀତ ଅନ୍ୟ କ'ଣ ହୋଇପାରେ ?

ରାଧାମାଉସୀ ଆନନ୍ଦିତ ହେବା ସଙ୍ଗେ ସଙ୍ଗେ ମତେ ଆଶୀର୍ବାଦ ଜଣାଇଲେ । ଆମର ଆତିଥ୍ୟ ପାଇଁ ବ୍ୟସ୍ତ ହୋଇପଡ଼ିଲେ । କୁନ୍ତୀଙ୍କୁ ପ୍ରଣାମ ଜଣାଇବା ପାଇଁ ପୁତ୍ର କର୍ଣ୍ଣଙ୍କୁ ଡକାଇ ପଠାଇଲେ ।

କର୍ଣ୍ଣଙ୍କ ସହ ପୁଣି ଏଠାରେ ମୁହାଁମୁହିଁ ସାକ୍ଷାତ ହେବ ବୋଲି ମୁଁ ଆଶଙ୍କା କରିନଥିଲି । ସ୍ତ୍ରୀଲୋକମାନେ ସମୟ କାଟିବା ପାଇଁ ବେଳେବେଳେ ବନ୍ଧୁ ପରିଜନଙ୍କୁ ଶଙ୍ଖୋଳି ଯାଆନ୍ତି । ପୁରୁଷଲୋକମାନଙ୍କର ଉପସ୍ଥିତି ପ୍ରାୟ ଆବଶ୍ୟକ ହୁଏନାହିଁ । ମାତା କୁନ୍ତୀ କର୍ଣ୍ଣଙ୍କୁ ଦେଖାକରିବା ପାଇଁ ଆଗ୍ରହୀ କାହିଁକି ?

ରାଧାମାଉସୀ ଆମର ଚର୍ଚ୍ଚା ନିମନ୍ତେ ବ୍ୟବସ୍ଥା କରିବା ପାଇଁ ଅନ୍ୟତ୍ର ଯିବା ଅବସରରେ ମାତା କୁନ୍ତୀ ନିମ୍ନ ସ୍ୱରରେ ମତେ କହିଲେ — ''ଜାଣ ବୋହୂ, ମୋର ଆଉ ଏକ ପୁତ୍ର ଅଛି ! ଯୁଧିଷ୍ଠିରଠାରୁ ସେ ବୟସରେ ବଡ଼ । ଯେମିତି ରୂପବାନ୍ ସେମିତି ବୀର ଓ ସୁପୁରୁଷ । ମାତ୍ର ଦୁଃଖର କଥା, ରାଧାର ପାଳିତ ପୁତ୍ର ହୋଇଥିବା ଯୋଗୁଁ ସେ ତା'ର ଅନେକ ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ । ଏପରିକି କେବଳ ସେଇ

Digitized by srujanika@gmail.com

କାରଣରୁ ସେ ତମକୁ ମଧ୍ୟ ଲାଭ କରିବାରୁ ବଞ୍ଚିତ ହୋଇଛି । ନଚେତ୍ ସେ ଅକ୍ଲେଶରେ ଲକ୍ଷ୍ୟଭେଦ କରିପାରିଥା'ନ୍ତା । ଏକଥା ମୋର ମନ କହୁଛି ।''

ମୁଁ ଅବାକ୍ ହେଇ ମା'ଙ୍କୁ ଘୂହିଁ ରହିଲି । ବୁଝିପାରିଲିନି ମା'ଙ୍କର ସେଇ ବୀରପୁତ୍ରଟି କିଏ ? ସେ କ'ଣ କର୍ଣ୍ଣ ? କିନ୍ତୁ କର୍ଣ୍ଣ କିପରି କୁନ୍ତୀପୁତ୍ର ହେବେ !

ମୋର ସଂଶୟ ଦୂର କରିବା ପାଇଁ ମା' କହିଲେ — ''ହଁ, କର୍ଣ୍ଣ ମୋର ପୁତ୍ର, ଧର୍ମପୁତ୍ର । ପାଣ୍ଡବ ପାଞ୍ଚଭାଇଙ୍କୁ ତୁମେ ଯେଉଁ ଦୃଷ୍ଟିରେ ଦେଖ, କର୍ଣ୍ଣକୁ ମଧ୍ୟ ଧର୍ମତଃ ସେଇ ଦୃଷ୍ଟିରେ ଦେଖିବାର କଥା । ମାତ୍ର ତା'ର ଦୁର୍ଭାଗ୍ୟ ଯେ ସେ ସାରଥିର ପାଳିତ ପୁତ୍ର....'' ମାତା କୁନ୍ତୀଙ୍କର କଣ୍ଠରୁଦ୍ଧ ହେଲା । ମୁଁ ବିସ୍ମୟରେ ବିମୂଢ଼ା ହୋଇ ବସିଥାଏ ।

ମାତା କୁନ୍ତୀ ପୁଣି କହିଲେ — ''କର୍ଣ୍ଣ ମୋର ପୁତ୍ର କିପରି ହେଲା, ତାହା ହିଁ ତୁମେ ଚିନ୍ତା କରୁଛ ତ ? କହିଛି ତ କର୍ଣ୍ଣ ହେଉଛି ଧର୍ମପୁତ୍ର — ଅର୍ଥାତ୍ ମୁଁ ତାକୁ ଧର୍ମପୁତ୍ର ଭାବରେ ଗ୍ରହଣ କରିଛି । ଜନ୍ମିତ ପୁତ୍ର ଅପେକ୍ଷା ଧର୍ମପୁତ୍ରର ଆସନ ଶ୍ରେଷ୍ଠ । ତେଣୁ ତା' ପ୍ରତି ମୋର ସ୍ନେହ, ମମତା, ବାତ୍ସଲ୍ୟ ଏବଂ ଶୁଭକାମନା ପାଣ୍ଡବମାନଙ୍କଠାରୁ କୌଣସି ଗୁଣରେ କମ୍ ନୁହେଁ ।''

ତେବେ ବି ମୁଁ ନିର୍ବାକ୍ ହୋଇ ବସିଥାଏ । କିଛି କହିବାର ଭାଷା ପାଉ ନଥାଏ— ସୂତ୍ର ପାଉ ନଥାଏ । ମାତା କୁନ୍ତୀଙ୍କର ପାଞ୍ଚପୁତ୍ର ଥାଉ ଥାଉ କର୍ଣ୍ଣଙ୍କୁ ଧର୍ମପୁତ୍ର ଭାବେ କାହିଁକି ଗ୍ରହଣ କରିଛନ୍ତି ? ପୁଣି କର୍ଣ୍ଣ ହେଉଛନ୍ତି କୌରବମାନଙ୍କର ଘନିଷ୍ଠ ବନ୍ଧୁ ! ମୋର ଆଶ୍ଚର୍ଯ୍ୟ-ଚକିତ ଭାବକୁ ବୁଝିପାରିଲେ ମାତା କୁନ୍ତୀ । ସହାନୁଭୂତିଭରା ସ୍ୱରରେ କହିଲେ — ''ବିଚରା କର୍ଣ୍ଣ ହୁଏତ କୌଣସି କୁମାରୀ ମାତାର ସନ୍ତାନ । ସମାଜର ଘୃଣା ଓ ଲୋକନିନ୍ଦା ଭୟରେ ସେଇ ହତଭାଗିନୀ ଜନନୀ ହୃଦୟକୁ ପାଷାଣ କରି ଶିଶୁଟିକୁ ନଦୀଜଳରେ ନିକ୍ଷେପ କରିଥିଲା । ରାଧାର ସ୍ୱାମୀ ଅଧିରଥ ଶିଶୁଟିକୁ ପାଇ ଲାଳନପାଳନ କଲେ । ନାମ ରଖିଲେ ବସୁଷେଣ । ରାଧା ମଧ୍ୟ ନିଃସନ୍ତାନ ଥିଲା । କର୍ଣ୍ଣଙ୍କୁ ମାତାର ବାତ୍ସଲ୍ୟ ଦେଇ ପାଳନ କଲା ସତ; ମାତ୍ର ବିଡ଼ମ୍ବିତ, ଅଭିଶପ୍ତ ଜନ୍ମରହସ୍ୟ ନିମନ୍ତେ ବିଚରା କର୍ଣ୍ଣ ପ୍ରତି ପଦେ ପଦେ ଲାଞ୍ଛିତ, ଅପମାନିତ ଓ ନ୍ୟାଯ୍ୟ ଦାବୀରୁ ବଞ୍ଚିତ ହୋଇଛି । ତା'ର ପୁରୁଷକାର, ଶୌର୍ଯ୍ୟ, ଅହଂକାର ପ୍ରତି ପଦେ ପଦେ ବିପର୍ଯ୍ୟସ୍ତ ହେଇଛି । କେବଳ କୁନ୍ତୀପୁତ୍ର ବୋଲି ପାଣ୍ଡବମାନଙ୍କ ସହ ବିଦ୍ୟା, ବୁଦ୍ଧି, ବୀରତ୍ୱ ଓ ପରାକ୍ରମରେ ସମକକ୍ଷ ହୋଇ ମଧ୍ୟ କର୍ଣ୍ଣ ବାଲ୍ୟଜୀବନରୁ ଏପର୍ଯ୍ୟନ୍ତ ସେ ସବୁ ପାଇବାରୁ ବଞ୍ଚିତ ହୋଇଛି । ରାଧାଠାରୁ କର୍ଣ୍ଣର ଲାଞ୍ଛନା ଓ ବିପର୍ଯ୍ୟୟର କାହାଣୀ ଶୁଣି ଶୁଣି ମୋର ମାତୃହୃଦୟ ତା' ପ୍ରତି କରୁଣା ଓ ବାତ୍ସଲ୍ୟରେ ଦ୍ରବୀଭୂତ ହୋଇଛି । ପ୍ରଥମ ଦେଖାରୁ କେଜାଣି କାହିଁକି କର୍ଣ୍ଣକୁ ଦେଖିଲେ ମୋର ମାତୃ-ହୃଦୟରେ ବାତ୍ସଲ୍ୟର

Digitized by srujanika@gmail.com

ଅଫୁରନ୍ତ ଜୁଆର ଉଦ୍‌ବେଳି ଉଠେ । ମନେହୁଏ କର୍ଣ୍ଣ ହୁଏତ କୌଣସି ରାଜପୁତ୍ର କିମ୍ବା ସେ ଏକ ଅଭିଶପ୍ତ ଦେବଶିଶୁ । କୌଣସି ଦେବତାର ଆଶୀର୍ବାଦ ନେଇ ସେ ପୃଥିବୀକୁ ଆସିଛି ମଣିଷ ଦେହଧରି । ସେଇ ମଣିଷ ଜନ୍ମ ହିଁ ତା'ର ଅଭିଶାପ । କାରଣ ତା'ର ଦେବତା-ପିତା ହୁଏତ କୌଣସି ଦିନ ତା'ର ପିତୃ ପରିଚୟ ଦେବା ପାଇଁ ଧରାଧାମକୁ ଓହ୍ଲାଇ ଆସିବେ ନାହିଁ । ତେଣୁ ଜୀବନସାରା ବୀର କର୍ଣ୍ଣ ପିତୃ ପରିଚୟ ଦେଇନପାରି ଲାଞ୍ଛିତ ହେଉଥିବ । ଏସବୁ କଥା ଭାବିବା ମାତ୍ରେ ଇଚ୍ଛା ହୁଏ, କର୍ଣ୍ଣକୁ କୋଳକୁ ତୋଳି ଆଣିବା ପାଇଁ । ମୋର ପାଞ୍ଚପୁତ୍ର ଅଛନ୍ତି । କର୍ଣ୍ଣ ଆସିଲେ ହେବ ଛ'ପୁତ୍ର । କ୍ଷତି କ'ଣ ? ଜନନୀର ହୃଦୟ ତ ବାତ୍ସଲ୍ୟର ସାଗର । ଯେତେ ସନ୍ତାନ କୋଳକୁ ଆସିଲେ ବି ବାତ୍ସଲ୍ୟ କଣିକା କାହାରି ଭାଗରୁ ଉଣା ପଡ଼େନାହିଁ । କିନ୍ତୁ କର୍ଣ୍ଣ ଅହଙ୍କାରୀ, ଅଭିମାନୀ, ଭାବପ୍ରବଣ । ସେ କାହିଁକି ମୋର କୋଳକୁ ଆସିବ ? ସେ ଦେଖାଇଦେବାକୁ ଗ୍ଭହେଁ, ଜନ୍ମ ଉପରେ ମଣିଷର ନିୟନ୍ତ୍ରଣ ନାହିଁ — କର୍ମ ଉପରେ ନିୟନ୍ତ୍ରଣ ଅଛି । କର୍ମ ଓ କର୍ତ୍ତବ୍ୟ କରି ସେ ତାର ପୁରୁଷକାରର ଜୟବାନା ଉଡ଼ାଇବା ପାଇଁ ଦୃଢ଼ପରିକର । କୁନ୍ତୀପୁତ୍ରର ପରିଚୟ ବିନା ସେ ନିଜକୁ ପ୍ରତିଷ୍ଠିତ କରିପାରିବ ବୋଲି ବାଲ୍ୟକାଳରୁ ହିଁ ପ୍ରତିଜ୍ଞା କରିଛି ।''

ମାତା କୁନ୍ତୀ କର୍ଣ୍ଣଚରିତ ବର୍ଣ୍ଣନା କରୁଥିବାବେଳେ ବେଳୁବେଳ ଭାବପ୍ରବଣା ହୋଇପଡୁଥିଲେ । ତାଙ୍କର ପ୍ରଶାନ୍ତ ଚକ୍ଷୁ ଦୁଇଟି କରୁଣାରେ ଆର୍ଦ୍ର ହୋଇଉଠୁଥିଲା । ସେଇ ଚକ୍ଷୁ ଦେଇ ମୁଁ ଦେଖୁଥିଲି ତାଙ୍କ ହୃଦୟର ବିଶାଳତା । ବାସ୍ତବରେ ନାରୀ ଜନନୀ ହେଲେ ତା'ର ହୃଦୟ କେଡ଼େ ଉଦାର ଆଉ କୋମଳ ହୋଇଉଠେ ! ମୁଁ ମଧ୍ୟ ନାରୀ; କର୍ଣ୍ଣଙ୍କ ବିଡ଼ମ୍ବିତ ଜୀବନର କାହାଣୀ ମୋ ହୃଦୟକୁ ସ୍ପର୍ଶ କରିଛି; କିନ୍ତୁ ମୋ ହୃଦୟର ସ୍ପନ୍ଦନରେ ମାତା କୁନ୍ତୀଙ୍କ ପରି କର୍ଣ୍ଣ ଏପରିଭାବେ ମିଶି ଏକାକାର ହୋଇଯାଇନାହାନ୍ତି । ମୁଁ ଜନନୀ ହୋଇନାହିଁ, ସେଇଥିପାଇଁ ଅନ୍ୟ କାହାର ସନ୍ତାନ ପାଇଁ ମାତା କୁନ୍ତୀଙ୍କ ପରି ମୋ ହୃଦୟରେ ମମତାର ମନ୍ଦାକିନୀ ପ୍ରବାହିତ ହୋଇପାରୁନାହିଁ ଏବଂ ସେଇ କାରଣରୁ ମାତା କୁନ୍ତୀଙ୍କର କର୍ଣ୍ଣଙ୍କ ପ୍ରତି ଏ ବାତ୍ସଲ୍ୟ ଓ କରୁଣା ମୋ ଚକ୍ଷୁରେ ଅସ୍ୱାଭାବିକ ମନେହେଉଛି ।

ହଠାତ୍ ସ୍ମରଣକୁ ଆସିଗଲା ମାୟାଠାରୁ ଶୁଣିଥିବା କର୍ଣ୍ଣଙ୍କ ଜୀବନର ସେଇ ଦାରୁଣ ବିପର୍ଯ୍ୟୟର କାହାଣୀ । ଠିକ୍ ସେଇ ଘଟଣା ପରେ ମାତା କୁନ୍ତୀ କର୍ଣ୍ଣଙ୍କୁ ଧର୍ମପୁତ୍ର ଭାବରେ ଗ୍ରହଣ କରିଥିଲେ ଏବଂ କର୍ଣ୍ଣଙ୍କ ପ୍ରତି ନିଜର ଅଦମ୍ୟ ବାତ୍ସଲ୍ୟ ମମତାକୁ ତାଙ୍କ ସମକ୍ଷରେ ପ୍ରକାଶ କରିଦେଇଥିଲେ । ସେଦିନ ମାୟା କଥାକୁ ସତ୍ୟ ମଣିନଥିଲି । ଆଜି ସବୁକଥା ମିଳାଇ ଦେଖି ଭାବୁଛି ମାୟା ଅନେକ କଥା ଜାଣେ, ଅନେକ କଥା କଳ୍ପନା ବି କରିପାରେ ।

Digitized by srujanika@gmail.com

ରାଜପୁତ୍ରମାନଙ୍କର ଅସ୍ତ୍ରଶିକ୍ଷା ସମାପ୍ତ । ରାଜ୍ୟର ସମସ୍ତ ଜ୍ଞାନୀ, ଗୁଣୀ, ବିଦ୍ୱାନ ବ୍ୟକ୍ତିଙ୍କ ଉପସ୍ଥିତିରେ ଶିଷ୍ୟମାନଙ୍କର ବିଦ୍ୟା ପରୀକ୍ଷାର ଆୟୋଜନ ହେଲା । ଦେଶ ବିଦେଶରୁ ବହୁ ରାଜା, ମହାରାଜା, ଯୋଦ୍ଧା ଏବଂ ବୀରମାନଙ୍କୁ ରାଜପୁତ୍ରମାନଙ୍କ ଅସ୍ତ୍ର କୌଶଳ ଦେଖିବା ପାଇଁ ନିମନ୍ତ୍ରଣ କରାଗଲା । ବିରାଟ ଏକ ସୁସଜ୍ଜିତ ମଞ୍ଚ ଉପରେ ବସିଲେ ବିଗ୍ରହ-ମଣ୍ଡଳୀ । ପିତାମହ ଭୀଷ୍ମ, ମାତା ସତ୍ୟବତୀ, ଗାନ୍ଧାରୀ, କୁନ୍ତୀ, ବିଦୂର, ମନ୍ତ୍ରୀ ସଞ୍ଜୟ, ଧୃତରାଷ୍ଟ୍ର, କୃପାଗ୍ଚର୍ଯ୍ୟ ପ୍ରଭୃତି ଅନ୍ୟ ଏକ ମଞ୍ଚରେ ଆସନ ଗ୍ରହଣ କଲେ ।

କେବଳ ରାଜପୁତ୍ରମାନେ ନୁହନ୍ତି, ତାଙ୍କ ସହ ବିଶିଷ୍ଟ ଶିଷ୍ୟମାନେ ମଧ୍ୟ ବିଦ୍ୟା ପରୀକ୍ଷାରେ ଯୋଗ ଦେବା ପାଇଁ ମନୋନୀତ ହୋଇଥା'ନ୍ତି । ସେମାନଙ୍କ ଭିତରୁ କର୍ଣ୍ଣ ଏବଂ ଦ୍ରୋଣାଗ୍ଚର୍ଯ୍ୟଙ୍କର ଏକମାତ୍ର ପୁତ୍ର ଅଶ୍ୱତ୍ଥାମା ମଧ୍ୟ ସ୍ଥାନ ପାଇଥା'ନ୍ତି ।

ଦ୍ରୋଣାଗ୍ଚର୍ଯ୍ୟ ଏ ଉତ୍ସବର ପୁରୋଧା । ଶିଷ୍ୟମାନଙ୍କର କୃତିତ୍ୱ ହିଁ ତାଙ୍କର କୃତିତ୍ୱ । ବିଦ୍ୟା ପରୀକ୍ଷାରେ ଯିଏ ଜିତିଲେ ମଧ୍ୟ ତାଙ୍କରି ସୁନାମ । ଯଦି ତାଙ୍କର ଅସ୍ତ୍ର କୌଶଳରେ କେହି କାହାକୁ ଜିଣିବା ସମ୍ଭବ ହେବନାହିଁ, ତେବେ ଗୁରୁ ଦ୍ରୋଣାଗ୍ଚର୍ଯ୍ୟଙ୍କର ଯଶ କୀର୍ତ୍ତି ସାରା ବିଶ୍ୱରେ ବ୍ୟାପିଯିବ ।

ଦ୍ରୋଣାଗ୍ଚର୍ଯ୍ୟ ଉପାସନାପୂର୍ବକ ନୂତନ ବସ୍ତ୍ର ପରିଧାନ କରି ସଭା ସ୍ଥାନରେ ଉପସ୍ଥିତ ହେଲେ । ରାଜପୁତ୍ରମାନେ ନୂତନ ବସ୍ତ୍ର ଓ ଅଳଙ୍କାର ପିନ୍ଧି ସହାସ୍ୟ ବଦନରେ ସଭାସ୍ଥଳର ଶୋଭାବର୍ଦ୍ଧନ କଲେଣି । ସମସ୍ତଙ୍କ କପାଳରେ ମା'ମାନଙ୍କ ହାତଅଙ୍କା ବିଜୟ ତିଳକ ଏବଂ ଦେବୀଙ୍କ ସିନ୍ଦୂର ଟିପା । ବିଜୟର ଦୃଢ଼ ଆଶା ଯୋଗୁଁ ସମସ୍ତଙ୍କର ମୁହଁ ନବୋଦିତ ସୂର୍ଯ୍ୟପରି କମନୀୟ ଏବଂ ଉଜ୍ଜ୍ୱଳ ଦିଶୁଥାଏ । ଚତୁର୍ଦ୍ଦିଗରେ ରାଜପୁତ୍ର-ମାନଙ୍କର ଜୟଧ୍ୱନି ନିନାଦିତ ହେଉଥାଏ, ଶୁଭଶଙ୍ଖ ଓ ବାଦ୍ୟ ବାଜୁଥାଏ । ବ୍ରାହ୍ମଣମାନେ ହୋମ କରୁଥା'ନ୍ତି । ଅସ୍ତ୍ରଶସ୍ତ୍ର ପୂଜା କାର୍ଯ୍ୟ ପ୍ରଥମେ ଅନୁଷ୍ଠିତ ହେଲା; ତା'ପରେ ଆରମ୍ଭ ହେଲା ଜଣ ଜଣ କରି ରାଜପୁତ୍ରମାନଙ୍କର ଏକକ ଅସ୍ତ୍ର କୌଶଳ ପ୍ରଦର୍ଶନ ।

ତରବାରୀ ଖେଳ, ଗଦାଯୁଦ୍ଧ, ମଲ୍ଲଯୁଦ୍ଧ, ଘୋଡ଼ା ଦୌଡ଼, ଶର ସନ୍ଧାନ, ଆଖିରେ ଅନ୍ଧପୁଟୁଳି ବାନ୍ଧି ଲକ୍ଷ୍ୟଭେଦ ଇତ୍ୟାଦି ନାନାଦି ପ୍ରକାରର ଅସ୍ତ୍ରକୌଶଳ ପ୍ରଦର୍ଶନ ହେଲା । ତା'ପରେ ଆରମ୍ଭ ହେଲା ଭୀମ ଏବଂ ଦୁର୍ଯ୍ୟୋଧନଙ୍କ ମଧ୍ୟରେ ଗଦା ଏବଂ ମଲ୍ଲଯୁଦ୍ଧ । କିଛିକ୍ଷଣ ପାଇଁ ମେଦିନୀ ଥରିଉଠିଲା । ବିଶ୍ୱବାସୀ ଭୂମିକମ୍ପ ହେବା ପରି ଅନୁଭବ କଲେ । ତଥାପି କେହି ହାରୁନାହିଁ, କେହି ଜିତୁନାହିଁ, ସଭାମଞ୍ଚ ଭୁଶୁଡ଼ି ପଡ଼ିବାର ଆଶଙ୍କା କରି ଦ୍ରୋଣାଗ୍ଚର୍ଯ୍ୟଙ୍କ ମଧ୍ୟସ୍ଥତାରେ ପ୍ରତିଯୋଗିତା ସେତିକିରେ ବନ୍ଦ ହେଲା ।

Digitized by srujanika@gmail.com

ତା'ପରେ ଆସିଲେ ଆର୍ଯ୍ୟବର୍ତ୍ତର ଶ୍ରେଷ୍ଠ ବୀର ଅର୍ଜୁନ । ସଭାସ୍ଥଳ କରତାଳି ଓ ଆନନ୍ଦର ଜୟଧ୍ୱନିରେ ପ୍ରକମ୍ପିତ ହେଲା । ପ୍ରକୃତରେ ଅର୍ଜୁନଙ୍କ ଅସ୍ତ୍ର କୌଶଳ ଦେଖିବା ପାଇଁ ହିଁ ବିଦେଶରୁ ବହୁ ଅତିଥି ଆସିଥିଲେ । ଛାତ୍ରାବସ୍ଥାରୁ ହିଁ ଅର୍ଜୁନଙ୍କର ଅଲୌକିକ ପ୍ରତିଭାର ପରିଚୟ ମିଳୁଥିଲା ଏବଂ ତାଙ୍କର ଅଦ୍ଭୁତ ଅସ୍ତ୍ରକୌଶଳର କାହାଣୀ ସାରା ପୃଥିବୀରେ ପ୍ରଘ୍ରରିତ ହୋଇଥିଲା । ତେଣୁ ଆର୍ଯ୍ୟାବର୍ତ୍ତର ଶ୍ରେଷ୍ଠବୀରଙ୍କର ଏଇ ଅସ୍ତ୍ର କୌଶଳ ପ୍ରଦର୍ଶନର ମହାର୍ଘ ସୁଯୋଗକୁ କେହି ହାତଛଡ଼ା କରିନଥିଲେ । ଅର୍ଜୁନ ଗୁରୁ ଦ୍ରୋଣାଗ୍ରର୍ଯ୍ୟଙ୍କୁ ପ୍ରଣାମ ଜଣାଇଲେ; ତା'ପରେ ସମସ୍ତଙ୍କୁ ପ୍ରଣାମ ଜଣାଇ ଆରମ୍ଭ କଲେ ଅସ୍ତ୍ରକୌଶଳ ପ୍ରଦର୍ଶନ ।

ଅର୍ଜୁନଙ୍କ ଅସ୍ତ୍ରକୌଶଳ ପ୍ରଦର୍ଶନ ଏପରି ଅଲୌକିକ ଓ ବିସ୍ମୟକର ଯେ ଦର୍ଶକମାନେ ସ୍ୱଚକ୍ଷୁରେ ସବୁ ଦେଖୁଥିଲେ ମଧ୍ୟ ନିଜ ଚକ୍ଷୁକୁ ବିଶ୍ୱାସ କରିପାରୁନଥିଲେ। କେହି କେହି ଭାବୁଥିଲେ ଅର୍ଜୁନ ଭୋଜବାଜି ପ୍ରଦର୍ଶନ କରୁଛନ୍ତି । କେହି କେହି ଭାବୁଥିଲେ ସେମାନଙ୍କର ମତିଭ୍ରମ ହୋଇଛି, ତେଣୁ ଯାହା କେବେହେଲେ ସମ୍ଭବ ନୁହେଁ ସେଇଭଳି ଅଦ୍ଭୁତ ଘଟଣାମାନ ତାଙ୍କୁ ଦୃଶ୍ୟ ହେଉଛି । ଅର୍ଜୁନଙ୍କ ଯୁଦ୍ଧ କୌଶଳ ଦର୍ଶକ ପକ୍ଷେ ବୁଝିବା ଯେମିତି କଷ୍ଟକର, ତା'ର ବର୍ଣ୍ଣନା କରିବା ତା'ଠାରୁ ଆହୁରି ଦୁରୂହ ।

ଅର୍ଜୁନ ଯେତେବେଳେ ଆଗ୍ନେୟାସ୍ତ୍ର ନିକ୍ଷେପ କଲେ ହସ୍ତିନାର ଚତୁର୍ଦ୍ଦିଗରେ ହୁତାଶନ ଭଳି ଜଳିଉଠିଲା । ଏଇ ଅଗ୍ନ୍ୟନକ ଅଗ୍ନ୍ୟୁତ୍ପାତରେ ଭୟକାତର ଦର୍ଶକମଣ୍ଡଳୀ ଭାବିଲେ ବୋଧହୁଏ ନିଜକୁ ନିଷ୍କଣ୍ଟକ କରିବା ପାଇଁ ସାରା ପୃଥିବୀର ବୀରମାନଙ୍କୁ ଆଜି ଏକତ୍ର ଭସ୍ମୀଭୁତ କରିବାର ଏଇ ଷଡ଼ଯନ୍ତ୍ର କରିଛନ୍ତି ହସ୍ତିନାର ରାଜପୁତ୍ରମାନେ । ଅନେକ ଯୋଦ୍ଧା ବାଳକ ପରି ଚିତ୍କାର କରି କାନ୍ଦିଥିଲେ ଏବଂ ଅଧିକାଂଶ ମୃତ୍ୟୁ ଆଶଙ୍କାରେ ଚେତାଶୂନ୍ୟ ହୋଇପଡ଼ିଲେ । ଠିକ୍ ସେଇ ମୁହୂର୍ତ୍ତରେ ଅର୍ଜୁନ ନିକ୍ଷେପ କଲେ ବରୁଣାସ୍ତ୍ର ଏବଂ ଧାରାଶ୍ରାବଣର ବର୍ଷାଧାରାରେ ଅଗ୍ନି ନିର୍ବାପିତ ହୋଇଗଲା । ସମସ୍ତେ ଆଶ୍ୱସ୍ତ ହେବାବେଳକୁ ମାଡ଼ିଆସିଲା ପ୍ରଳୟଙ୍କରୀ ବନ୍ୟା । ଅର୍ଜୁନ ବରୁଣାସ୍ତ୍ର ଯେତେ ନିକ୍ଷେପ କରୁଥା'ନ୍ତି, ବର୍ଷାଧାରାର ପ୍ରାବଲ୍ୟରେ ବନ୍ୟାର କରାଳସ୍ରୋତ ମୃତ୍ୟୁର ଲେଲିହାନ ଜିହ୍ୱା ବଢ଼ାଇ ସେତେ ମାଡ଼ି ଆସୁଥାଏ । ସମସ୍ତେ ଭୟକାତର ହୋଇ ଇଷ୍ଟ ନାମ ସ୍ମରଣ କଲାବେଳକୁ ଅର୍ଜୁନ ନିକ୍ଷେପ କଲେ ବାୟବାସ୍ତ୍ର । ପ୍ରବଳ ବାୟୁ ପ୍ରବାହିତ ହୋଇ ବନ୍ୟାଜଳ କେଜାଣି କେଉଁଆଡ଼େ ନିମିଷକରେ ଉଡ଼ାଇ ନିଶ୍ଚିହ୍ନ କରିଦେଲା । ଦର୍ଶକମାନେ ଚମତ୍କୃତ ଏବଂ କୃତଜ୍ଞ ହୋଇଉଠିଲେ । ପ୍ରବଳ ଜରତାଳି ହେଲା । କରତାଳି ଶେଷ ହୋଇନି ଦର୍ଶକମାନେ ପରସ୍ପରକୁ କୁଣାଇଧରି ନିଜର ଭାରସାମ୍ୟ ରଖିବାକୁ ଚେଷ୍ଟା ଚଳାଇଲେ । କେହି କେହି ସଭାମଞ୍ଚର ଖମ୍ଭ ଏବଂ ଆସନକୁ ଜାବୁଡ଼ି

Digitized by srujanika@gmail.com

ଧରିଲେ । ଅଧିକାଂଶ ଭୂମି ଉପରେ ମୁହଁ ମାଡ଼ି ଶୋଇପଡ଼ି ପୃଥିବୀକୁ ପ୍ରାଣପଣେ ଜାବୁଡ଼ିଧରି ରକ୍ଷା ପାଇବାର ଚେଷ୍ଟାକଲେ । ବାୟବାସ୍ତ୍ର ପ୍ରଭାବରେ ପବନର ବେଗ ପ୍ରବଳ ହେଉଥିଲା ଏବଂ ଅର୍ଜୁନ ଦର୍ଶକମାନଙ୍କର ଶୋଚନୀୟ ଅବସ୍ଥା ଲକ୍ଷ୍ୟ କରି ପର୍ଜନ୍ୟାସ୍ତ୍ର ମାରି ଆକାଶ ସାରା ମେଘ ସୃଷ୍ଟି କରିଦେଲେ । ପୃଥିବୀକୁ ଢାଙ୍କିଦେଲା ଭାରି ମେଘର ପର୍ଦ୍ଦା । ପବନ ସ୍ଥିର ହୋଇ ରହିଗଲା ସେଇ ମେଘର ଅନ୍ଧାର ପର୍ଦ୍ଦା ତଳେ । ଦର୍ଶକମାନେ ଏଥର ସ୍ଥିର ହୋଇ ନିଜ ନିଜର ଆସନରେ ବସିଲେ । ଭୟ କଟିଯାଇଛି । ଅର୍ଜୁନଙ୍କର କୌଶଳ ସହ ସମସ୍ତେ ଧୀରେ ଧୀରେ ନିଜକୁ ଖାପଖୁଆଇ ନେଉଛନ୍ତି । କିନ୍ତୁ ଏ କ'ଣ ! ବାୟୁପ୍ରବାହ ସ୍ଥିର ହୋଇଯିବା ଫଳରେ ସମସ୍ତଙ୍କର ଶ୍ୱାସରୁଦ୍ଧ ହେବା ଉପରେ । ଆଉ କେତୋଟି କ୍ଷଣ ଏପରି ଅବସ୍ଥା ରହିଲେ ସଭାସ୍ଥଳରେ ଜଣେହେଲେ ଦର୍ଶକ ଅର୍ଜୁନଙ୍କ ଯୁଦ୍ଧ କୌଶଳ ଦେଖିବା ପାଇଁ ଜୀବିତ ରହିବେ ନାହିଁ । କିନ୍ତୁ ଅର୍ଜୁନ ବିନା ଦୋଷରେ କାହାରି ମୃତ୍ୟୁର କାରଣ ହୁଅନ୍ତି ନାହିଁ । ସଙ୍ଗେ ସଙ୍ଗେ ସୌରଭାସ୍ତ୍ର ପ୍ରୟୋଗ କରି ମନ୍ଦ ମନ୍ଦ ସୁରଭିତ ମରୁତ ପ୍ରବାହିତ କରାଇଦେଲେ ହସ୍ତିନା ରାଜ୍ୟର ଆକାଶରେ । ଏପରି ସୁରଭିତ କୁସୁମ କେଉଁ ରାଜ୍ୟର ଉଦ୍ୟାନରେ ଫୁଟିଛି ? କେଉଁଠୁ ବହିଆସୁଛି ମନ୍ଦ ଅନିଳ ଫୁଲର ଗନ୍ଧ ଗ୍ୱେରାଇ ସେ କଥା ଦର୍ଶକମାନଙ୍କର ଜ୍ଞାତବ୍ୟ ନୁହେଁ । ପୁଲକିତ ରୋମାଞ୍ଚିତ ଦର୍ଶକମଣ୍ଡଳୀ ଅର୍ଜୁନଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ପ୍ରସ୍ତୁତ ହେବା ବେଳକୁ ଅର୍ଜୁନ ଭୌମାସ୍ତ୍ର ମାରି ଭୂମି-ଗର୍ଭରେ ଲୁଚିଗଲେ । ପରମୁହୂର୍ତ୍ତରେ ପର୍ବତାସ୍ତ୍ର ମାରି ସମସ୍ତଙ୍କୁ ସ୍ତମ୍ଭୀଭୂତ କରିଦେଲେ ଅର୍ଜୁନ । ସମଗ୍ର ହସ୍ତିନାପୁରୀ ଏକ ପର୍ବତକୁ ଉଠିଗଲା । ଦର୍ଶକମାନେ ନିଜ ଆସନ ସହିତ ପର୍ବତ ଉପରେ ବସି ଦେଖିଲେ ଅର୍ଜୁନ ସର୍ବୋଚ୍ଚ ଶୃଙ୍ଗରେ ବସି ସମସ୍ତଙ୍କୁ ନମସ୍କାର ଜଣାଉଛନ୍ତି । ଦର୍ଶକମାନେ ଅର୍ଜୁନଙ୍କୁ ପ୍ରତିନମସ୍କାର ଜଣାଇବାବେଳକୁ ଦେଖନ୍ତି ଯେ ଅର୍ଜୁନ ଅଦୃଶ୍ୟ ଅସ୍ତ୍ର ଚଳାଇ ଅନ୍ତର୍ଦ୍ଧାନ ହୋଇଯାଇଛନ୍ତି । ତେବେ କ'ଣ ଦର୍ଶକମାନେ ପର୍ବତ ଉପରେ ବସିଥିବେ ! ହଠାତ୍ ନିମ୍ନୋସ୍ତ୍ର ମାରି ଅର୍ଜୁନ ହସ୍ତିନାପୁରୀକୁ ଶୂନ୍ୟେ ଶୂନ୍ୟେ ପାତାଳକୁ ଖସାଇ ଦେଲେ । ଦର୍ଶକମାନେ ଭୟାର୍ତ୍ତ ଚିତ୍କାର କରିବାରୁ ଅର୍ଜୁନ ଶୂନ୍ୟାସ୍ତ୍ର ମାରି ସମସ୍ତଙ୍କୁ ଶୂନ୍ୟରେ ଝୁଲାଇ ରଖିଲେ । ଏ ତ ବଡ଼ ବିଷମ ପରିସ୍ଥିତି ! ଏଭଳି ସଙ୍କଟର ସମ୍ମୁଖୀନ ହେବେ ବୋଲି ଜାଣିଥିଲେ ଅର୍ଜୁନଙ୍କ ଅସ୍ତ୍ର କୌଶଳ ନ ଦେଖିଲେ ନ ଦେଖିଥା'ନ୍ତେ ପଛକେ ଏଠାକୁ ଆସିନଥା'ନ୍ତେ । ସମସ୍ତଙ୍କର ଅନୁତାପର ସ୍ୱର ହୁଏତ ଅର୍ଜୁନ ଶୁଣିପାରିଲେ । ସ୍ଥିରାସ୍ତ୍ର ମାରି ସମସ୍ତଙ୍କୁ ପୁଣି ପୂର୍ବ ଅବସ୍ଥାକୁ ଫେରାଇ ଆଣିଲେ । ସମସ୍ତେ ନିଶ୍ଚିତ ମନରେ ନିଜ ନିଜ ଆସନରେ ବସି ଅର୍ଜୁନଙ୍କର ବହୁବିଧ କୌଶଳ ଦେଖି ମନ୍ତ୍ରମୁଗ୍ଧ ଓ ଅଭିଭୂତ ହେଇଗଲେ ।

Digitized by srujanika@gmail.com

ଅର୍ଜୁନଙ୍କର ଏହି କୃତିତ୍ୱରେ ମାତା କୁନ୍ତୀଙ୍କର ଚକ୍ଷୁ ଆନନ୍ଦାଶ୍ରୁରେ ପରିପୂର୍ଣ୍ଣ ହୋଇଗଲା । କିନ୍ତୁ ପରମୁହୂର୍ତ୍ତରେ ସମ୍ମୁଖରେ କର୍ଣ୍ଣଙ୍କର କ୍ରୋଧଜର୍ଜ୍ଜରିତ ମୁଖ ଦେଖି ସେ ସମ୍ଭୀଭୂତ ହେଇଗଲେ । ସେ ଜାଣନ୍ତି କର୍ଣ୍ଣ ମହାବୀର । ଜନ୍ମ ସମୟରୁ ଅମୃତକୁଣ୍ଡଳ ଓ କବଚ ଧାରଣ କରି ସେ କେଉଁ ଦେବତାର ଆଶୀର୍ବାଦରେ ବଳୀୟାନ ହୋଇଛି । ସେ ହୁଂକାର ଛାଡ଼ି ଅର୍ଜୁନ ସହ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଘ୍ରହୁଁଛି । କର୍ଣ୍ଣ ମଧ୍ୟ ଦ୍ରୋଣାଗ୍ରର୍ଯ୍ୟଙ୍କର ଜଣେ ପ୍ରିୟ ଶିଷ୍ୟ । ଅର୍ଜୁନର ସେ ସମକକ୍ଷ ଯୋଦ୍ଧା । ମାତ୍ର କର୍ଣ୍ଣ ସାରଥି ଅଧିରଥର ପୁତ୍ର ଓ ଅର୍ଜୁନ ହସ୍ତିନାର ରାଜପୁତ୍ର । ଦ୍ରୋଣାଗ୍ରର୍ଯ୍ୟ କର୍ଣ୍ଣଙ୍କ ପ୍ରତି ନିଜ ଅଜ୍ଞାତରେ ହେଉ ବା ଜ୍ଞାତସାରରେ ହେଉ ଶିକ୍ଷାଦାନରେ ପକ୍ଷପାତ ବିଘ୍ନର କରିପକାନ୍ତି । ତଥାପି ମଧ୍ୟ କର୍ଣ୍ଣ ଅର୍ଜୁନ କେହି କାହାରି ଠାରୁ ହାରିବାର ନୁହେଁ । କର୍ଣ୍ଣ ନିଜେ ମଧ୍ୟ ଜାଣନ୍ତି ସେ ରାଜପୁତ୍ର ହୋଇନଥିବାରୁ ତାଙ୍କ ପ୍ରତି ଗୁରୁ ଦ୍ରୋଣାଗ୍ରର୍ଯ୍ୟର କରୁଣା କଣିକାଏ ଉଣା । ପ୍ରତିଦିନ ନିଜର ପୁତ୍ର ଅଶ୍ୱତ୍‌ଥାମା ଓ ପ୍ରିୟ ଶିଷ୍ୟ ଅର୍ଜୁନଙ୍କୁ ଗୁରୁ ଦ୍ରୋଣ କିଛି ଅଧିକ କୌଶଳ ମଧ୍ୟ ଶିଖାନ୍ତି । କର୍ଣ୍ଣ ଚିରଦିନ ସ୍ପଷ୍ଟବାଦୀ ଓ ନ୍ୟାୟବନ୍ତ । ତେଣୁ ସେ କାହାରିକୁ ଭୟ କରନ୍ତି ନାହିଁ । ଗୁରୁଙ୍କର ଅନ୍ୟାୟ ବିଘ୍ନରର ପ୍ରତିବାଦ ସେ କରିଥିଲେ । ତାଙ୍କୁ ମଧ୍ୟ ଅଧିକ ସମୟ ଶିକ୍ଷା ଦିଆଯାଉ ବୋଲି ସେ ଆବେଦନ କରିଥିଲେ । ଉତ୍ତରରେ ଗୁରୁ କହିଲେ — ''ଭବିଷ୍ୟତରେ ହସ୍ତିନାର ରକ୍ଷକ ହେବ ଅର୍ଜୁନ ଏବଂ ହସ୍ତିନାର ଭାବୀ ରାଜାଙ୍କର ଅସ୍ତ୍ର ଗୁରୁ ହେବ ଅଶ୍ୱତ୍‌ଥାମା । ତେଣୁ ସେ ଦୁହିଁଙ୍କୁ ଅଧିକ ଅସ୍ତ୍ରକୌଶଳ ଶିକ୍ଷା ଦେବାର ଯଥାର୍ଥତା ରହିଛି । କର୍ଣ୍ଣଙ୍କର ଏତେ ଅସ୍ତ୍ର ଶିକ୍ଷା କ'ଣ ଦରକାର ? ସେ ତ ଭବିଷ୍ୟତରେ ରାଜା ହେବେନାହିଁ ।'' ସେ ଦିନ କର୍ଣ୍ଣ ଚୁପ୍ ରହିଥିଲେ । କିନ୍ତୁ ଅର୍ଜୁନଙ୍କ ପ୍ରତି ଦିନୁ ଦିନ ଅସହିଷ୍ଣୁ ହେଇ ପଡୁଥିଲେ । ଭବିଷ୍ୟତରେ ନିଜକୁ ଅର୍ଜୁନଙ୍କଠାରୁ ଅଧିକ ବୀର ଅସ୍ତ୍ରଶସ୍ତ୍ରଜ୍ଞ ଭାବରେ ପ୍ରତିଷ୍ଠା କରିବା ପାଇଁ ସେ ମନେ ମନେ ପଣ କରିଥିଲେ ଓ ଏକାଗ୍ର ସାଧନାରେ ରତ ଥିଲେ ।

ଆଜି ନିଜକୁ ପ୍ରତିଷ୍ଠିତ କରିବାର ସୁଯୋଗ ଆସିଛି । ଜନ୍ମଠାରୁ କର୍ମ ବଳୀୟାନ ବୋଲି ପ୍ରମାଣ କରିବାର ଏପରି ଏକ ସୁଯୋଗ ସେ ଅନେକ ଦିନରୁ ଖୋଜୁଥିଲେ ।

ଅସ୍ତ୍ର କୌଶଳ ପ୍ରଦର୍ଶନ କଲେ ବୀର କର୍ଣ୍ଣ । ଅର୍ଜୁନଙ୍କଠାରୁ କୌଣସି ଗୁଣରେ ସେ ନ୍ୟୂନ ନୁହନ୍ତି । କିନ୍ତୁ ଅର୍ଜୁନଙ୍କର ଅସ୍ତ୍ରଗ୍ଲନାର ଅଲୌକିକତା ସେ ପର୍ଯ୍ୟନ୍ତ ଏପରି ଭାବେ ଦର୍ଶକମାନଙ୍କୁ ମୋହାଚ୍ଛନ୍ନ କରି ରଖିଥାଏ ଯେ କର୍ଣ୍ଣଙ୍କର ଅଲୌକିକ ଅସ୍ତ୍ରଗ୍ଲନା ତାଙ୍କୁ ଏତେଟା ବିସ୍ମୟାଭିଭୂତ କଲାନାହିଁ । ତା'ପରେ ବୀର କର୍ଣ୍ଣ ଅର୍ଜୁନଙ୍କର ସହ ଦ୍ୱନ୍ଦ୍ୱଯୁଦ୍ଧ ପାଇଁ ଆହ୍ୱାନ କଲେ । ସେ ସର୍ବସମକ୍ଷରେ ପ୍ରମାଣ କରିବାକୁ ଘ୍ରହୁଁଥିଲେ ଯେ ସେ ମଧ୍ୟ ଅର୍ଜୁନଙ୍କଠାରୁ କୌଣସି ଗୁଣରେ ନ୍ୟୂନ ନୁହନ୍ତି ।

Digitized by srujanika@gmail.com

ଅର୍ଜୁନ ମଧ୍ୟ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇଗଲେ ଏବଂ ଉଚ୍ଚକଣ୍ଠରେ ଘୋଷଣା କରିଦେଲେ ଯେ ଏ ଯୁଦ୍ଧର ଶେଷଫଳ ହେଉଛି କର୍ଣ୍ଣର ମୃତ୍ୟୁ ।

ସଭାମଞ୍ଚ ଉପରେ ମାତା କୁନ୍ତୀ ଚେତା ହରାଇ ପଡ଼ିଲେ କାହିଁକି ? କର୍ଣ୍ଣ ଏବଂ ଅର୍ଜୁନଙ୍କ ଭିତରେ ଯୁଦ୍ଧର ପରିଣତି ହୁଏତ କର୍ଣ୍ଣର ମୃତ୍ୟୁ — ନଚେତ୍ ଅର୍ଜୁନର ମୃତ୍ୟୁ। ମାତା କୁନ୍ତୀ କାହାର ମୃତ୍ୟୁ ଆଶଙ୍କାରେ ଚେତନାଶୂନ୍ୟ ହେଲେ ସେ ଜାଣନ୍ତି ନାହିଁ । ଅର୍ଜୁନ ତାଙ୍କର ପୁତ୍ର — କିନ୍ତୁ କର୍ଣ୍ଣ ତାଙ୍କର ପୁତ୍ରବତ୍ ପ୍ରିୟ । ତେଣୁ ଦୁହିଁଙ୍କ ଭିତରେ କାହାରି ଜଣକର ଅମଙ୍ଗଳ ସେ ସହ୍ୟ କରିବା କଷ୍ଟ । ଦର୍ଶକମଣ୍ଡଳୀ ତାହାହିଁ ବୁଝି କୁନ୍ତୀଙ୍କର ମହାନୁଭବତା ପାଇଁ ଧନ୍ୟ ଧନ୍ୟ କରୁଥିଲେ ।

ଏଠାରେ ମଧ୍ୟ କର୍ଣ୍ଣଙ୍କର ସମ୍ମାନ ଏବଂ ପୁରୁଷକାର ବିପର୍ଯ୍ୟସ୍ତ ହେଲା । ଗୁରୁ କୃପାଗୁର୍ଯ୍ୟ ଜାଣନ୍ତି କର୍ଣ୍ଣ ଏବଂ ଅର୍ଜୁନଙ୍କ ଭିତରେ ଯୁଦ୍ଧର ପରିଣତି ଅତ୍ୟନ୍ତ ଭୟାବହ। ତେଣୁ ସେ କର୍ଣ୍ଣଙ୍କର ଦୁର୍ବଳ ଅଂଶଟିକୁ ଆଘାତ କରିବାକୁ ସ୍ଥିର କରି ପ୍ରଶ୍ନ କଲେ — ''ରାଜପୁତ୍ର ଏବଂ ରାଜପୁତ୍ର ମଧ୍ୟରେ ହିଁ କେବଳ ଦ୍ୱନ୍ଦ୍ୱଯୁଦ୍ଧ ହୋଇଥାଏ । ଅର୍ଜୁନ ହସ୍ତିନାର ରାଜପୁତ୍ର । ତମେ କେଉଁ ରାଜ୍ୟର ରାଜପୁତ୍ର, କିଏ ତୁମର ପିତା, କିଏ ତୁମର ମାତା ? ତମେ ବୀର ହୋଇପାର, ମାତ୍ର ଅର୍ଜୁନ ସହ ସମାନ ହେବାପାଇଁ ତମର ବଂଶ ଆଭିଜାତ୍ୟ ଥିବା ଆବଶ୍ୟକ ।''

କର୍ଣ୍ଣ ନୀରବ । ଅପମାନ ଓ ଦୁଃଖରେ ମାଟିରେ ମିଶିଯିବା ପାଇଁ କାମନା କରୁଛନ୍ତି । ଯେଉଁ ପୃଥିବୀରେ ପୁରୁଷକାରର ମର୍ଯ୍ୟାଦା ନାହିଁ ସେ ପୃଥିବୀରେ ବଞ୍ଚି ରହିବାରେ ସମ୍ମାନ ନାହିଁ । ମାତ୍ର ଏତିକିବେଳେ ଦୁର୍ଯ୍ୟୋଧନ ଘୋଷଣା କଲେ ସେ ବନ୍ଧୁ କର୍ଣ୍ଣଙ୍କୁ ମହାରାଜା ପଦରେ ଅଭିଷିକ୍ତ କରିବେ । ସଙ୍ଗେ ସଙ୍ଗେ ଆସିଲା ସୁସଜ୍ଜିତ ରତ୍ନ-ସିଂହାସନ । ପୁରୋହିତ ମନ୍ତ୍ରପଢ଼ି କର୍ଣ୍ଣଙ୍କୁ ତତ୍‌କ୍ଷଣାତ୍ ଅଙ୍ଗରାଜ୍ୟର ମହାରାଜ ଭାବରେ ସିଂହାସନରେ ଅଧିଷ୍ଠିତ କଲେ । କ୍ଷଣକରେ ସାରଥିପୁତ୍ର କର୍ଣ୍ଣଙ୍କର ଭାଗ୍ୟ ବଦଳିଗଲା । ମାତ୍ର ବଦଳିଗଲା ନାହିଁ କର୍ଣ୍ଣଙ୍କର ଜନ୍ମ ଇତିହାସ । ଭୀମ କଟାକ୍ଷ କରି କହିଲେ — ''ଜଣକୁ ଦୟାକରି ରାଜା କରିଦିଆଯାଇପାରେ — ମାତ୍ର ରାଜବଂଶର ରକ୍ତ ତା' ଶରୀରରେ ପ୍ରବାହିତ କରାଯାଇ ପାରେନା । ତେବେ ଏତିକି କଥା — ଘୋଡ଼ାର ଲଗାମ ବଦଳରେ ଶାସନର ଲଗାମ ଧରିବେ କର୍ଣ୍ଣ । ଚିରଦିନ ଦୁର୍ଯ୍ୟୋଧନ ପ୍ରତି କୃତଜ୍ଞ ହେଇ ରହିବେ.....।''

କର୍ଣ୍ଣଙ୍କ ସହ ଅର୍ଜୁନଙ୍କର ଯୁଦ୍ଧକୁ ଏଡ଼ାଇଦେବା ପାଇଁ ଠିକ୍ ସେଇ ସମୟରେ ସୂର୍ଯ୍ୟାସ୍ତ ହୋଇଗଲା । କର୍ଣ୍ଣ ଭାବିଲେ ଧର୍ମଦେବତା ସୂର୍ଯ୍ୟ ମଧ୍ୟ ଯାହାପାଇଁ ବିମୁଖ ସେପରି ଅନ୍ଧକାର ରାଜ୍ୟରେ ପୁରୁଷକାର ପ୍ରତିଷ୍ଠା କରିବା ଦିବାସ୍ୱପ୍ନ । ତଥାପି ସେ

Digitized by srujanika@gmail.com

ହାରିଯିବେ ନାହିଁ — ଜୀବନପଣ ସଂଗ୍ରାମ କରୁ କରୁ ପୁରୁଷକାର ପ୍ରତିଷ୍ଠା କରିବା ପଥରେ ବରଂ ମୃତ୍ୟୁବରଣ କରିବା ବୀରପୁରୁଷ ପକ୍ଷେ ଶ୍ରେୟ ।

ଅଙ୍ଗ ରାଜ୍ୟର ମହାରାଜା ମହାବୀର କର୍ଣ୍ଣଙ୍କର ଅଭିଷେକ ଉତ୍ସବ ଉପଲକ୍ଷେ ସାରାରାତି ହସ୍ତିନାରେ ନୃତ୍ୟଗୀତ, ନାଟକ ଏବଂ ରଙ୍ଗରସ ଘଲିଥାଏ । ରାଜ୍ୟବାସୀଙ୍କୁ ଭୂରିଭୋଜନରେ ଆପ୍ୟାୟିତ କରିଥା'ନ୍ତି ଦୁର୍ଯ୍ୟୋଧନ । ଭୂରିଭୋଜନ ଏବଂ ସୁରାପାନକରି ହସ୍ତିନାବାସୀ ଦୁର୍ଯ୍ୟୋଧନଙ୍କ ବଦାନ୍ୟତାର ଜୟଜୟ କରୁଥା'ନ୍ତି । ଏ ଉତ୍ସବରେ ସବୁଠୁ ବେଶି ଆନନ୍ଦିତ ହେବାର କଥା କର୍ଣ୍ଣଙ୍କର । ଆଜି ପ୍ରଭାତରେ ସେ ଥିଲେ ସାମାନ୍ୟ ଘୋଡ଼ା ସଇସର ପୁତ୍ର । ବର୍ତ୍ତମାନ ସେ ବିଭବପୂର୍ଣ୍ଣ ଅଙ୍ଗରାଜ୍ୟର ମହାରାଜ । କନ୍ତୁ କର୍ଣ୍ଣ କେଉଁଠି ? ଉତ୍ସବ ମଣ୍ଡପମାନଙ୍କ ନିକଟରେ ରାଜପୁତ୍ରମାନେ ହସଖୁସିରେ ମାତିଛନ୍ତି । ଅସ୍ତ୍ରକୌଶଳ ଦେଖିବା ପାଇଁ ଦେଶବିଦେଶରୁ ଆସିଥିବା ଅତିଥିମାନେ ମଧ୍ୟ ଅଭିଷେକ ଉତ୍ସବର ଆନନ୍ଦରେ ଭାଗ ନେଇଛନ୍ତି । ମାତ୍ର କର୍ଣ୍ଣ ସେଠାରେ ନାହାନ୍ତି । ଭୂରିଭୋଜନ ଏବଂ ସୁରାପାନ ପରେ ସମସ୍ତେ ନିଜ ନିଜ ମନ ଓ ଶରୀରର ଭାରସାମ୍ୟ ହରାଇଛନ୍ତି । ଯାହାଙ୍କ ପାଇଁ ଏ ଉତ୍ସବର ଆୟୋଜନ ସେ ଯେ ଉପସ୍ଥିତ ନାହାନ୍ତି, ସେକଥା କାହାରି ଖିଆଲକୁ ଆସୁନାହିଁ । କର୍ଣ୍ଣଙ୍କୁ ବାଦ୍ ଦେଇ କର୍ଣ୍ଣଙ୍କ ଅଭିଷେକ ଉତ୍ସବର ରାତ୍ରି ଆନନ୍ଦମୁଖର ହୋଇଉଠିଛି ।

ନିଭୃତ କକ୍ଷରେ ବସି ନିଜ ଜୀବନ-ବୃତ୍ତାନ୍ତର ରହସ୍ୟ ଖୋଜୁଛନ୍ତି ମହାରାଜ କର୍ଣ୍ଣ । କୃପାଗ୍ଭର୍ଯ୍ୟଙ୍କର ପ୍ରଶ୍ନ — ''ତୁମେ କେଉଁ ରାଜ୍ୟର ରାଜପୁତ୍ର ? କିଏ ତୁମର ପିତା ମାତା ?'' ଏବଂ ଭୀମର ତାଚ୍ଛଲ୍ୟ, ''ଦୟାକରି ଜଣକୁ ରାଜସିଂହାସନରେ ବସାଇ ରାଜା କରିଦିଆଯାଇପାରେ । କିନ୍ତୁ ତା'ର ଶରୀରରେ ରାଜବଂଶର ରକ୍ତ ପ୍ରବାହିତ କରାଯାଇ ନପାରେ ।'' କର୍ଣ୍ଣପଟରେ ଝଂକୃତ ହେଉଛି । କ୍ରୋଧ ଓ ରୋଷରେ ଶରୀର ଉତ୍ତପ୍ତ ହେଉଛି, ମନ ବିଖଣ୍ଡିତ ହେଉଛି । ତାଙ୍କୁ ରାଜା କରି ଦୁର୍ଯ୍ୟୋଧନ ନିଜର ବଦାନ୍ୟତା ଦେଖାଇଛନ୍ତି, ମହାନୁଭବତା ଦର୍ଶାଇଛନ୍ତି, ଧନ୍ୟବାଦାର୍ହ ହୋଇଛନ୍ତି । ଆଜିର ଏ ଉତ୍ସବ ଦୁର୍ଯ୍ୟୋଧନଙ୍କର ବଦାନ୍ୟତାର ବିଜ୍ଞାପନ । କର୍ଣ୍ଣଙ୍କର ଏ ଉତ୍ସବରେ ତିଳେହେଲେ ଅଂଶ ନାହିଁ, ବରଂ ଏ ଉତ୍ସବର ସଙ୍ଗୀତ, ନୃତ୍ୟ, ରଙ୍ଗରସ କର୍ଣ୍ଣଙ୍କ ଅସହାୟ ପୁରୁଷକାରକୁ ବିଦ୍ରୂପ କରୁଛି । ନୃତ୍ୟ ସଙ୍ଗୀତର ଛନ୍ଦେ ଛନ୍ଦେ ଚେତାଇ ଦେଉଛି — ''ତୋ ଶରୀରରେ ରାଜରକ୍ତ ପ୍ରବାହିତ ନହେଲେ ବି ଦୁର୍ଯ୍ୟୋଧନଙ୍କର ଦୟା ଓ ଅନୁକମ୍ପା ହେତୁ ତୁ ଆଜି ରାଜା । ତୋର ଦୁର୍ଯ୍ୟୋଧନ ପାଖରେ ବିରକୃତଜ୍ଞ ରହିବାର କଥା । ତୁ ଅନୁଗୃହୀତ, ତୁ ଆଶ୍ରିତ ।''

ପ୍ରତ୍ୟାଖ୍ୟାନ କରିବେ କି ସେ ଅଙ୍ଗଦେଶର ରାଜପଦ, ରାଜସିଂହାସନ ଏବଂ ରାଜମୁକୁଟ ? କିନ୍ତୁ ତା'କଲେ ଜଗତ କହିବ କର୍ଣ୍ଣ ରାଜପଦ ପାଇଁ ଯୋଗ୍ୟ ନୁହେଁ,

Digitized by srujanika@gmail.com

ରାଜସିଂହାସନ ତାଙ୍କୁ ଭୟଭୀତ କରେ, ରାଜମୁକୁଟ ତାଙ୍କୁ ଶୋଭାପାଏ ନାହିଁ । ଦୁର୍ଯ୍ୟୋଧନ ଅପାତ୍ରରେ ରାଜପଦ ଦାନ କରିଥିଲେ । ବରଂ ସେ ଜଗତକୁ ଦେଖାଇ-ଦେବେ କେବଳ ରାଜପୁତ୍ର ଭାବରେ ଜନ୍ମଲାଭ କଲେ ଜଣେ ରାଜା ହେବାପାଇଁ ଯୋଗ୍ୟ ନୁହେଁ, ଯୋଗ୍ୟପୁରୁଷ ହିଁ ରାଜା ପଦବାଚ୍ୟ । ପିତୃମାତୃ ପରିଚୟ ନୁହେଁ, ବ୍ୟକ୍ତିତ୍ୱ ଓ ପୁରୁଷକାରର ପରିଚୟ ହିଁ ପ୍ରକୃତ ମଣିଷପଣିଆ ।

କର୍ଣ୍ଣ ପୁଣି ଭାବୁଥିଲେ, ''କିଏ ତାଙ୍କର ପିତା ମାତା ? ଯେ ପର୍ଯ୍ୟନ୍ତ ସେ ଜାଣିଥିଲେ ଯେ ସେ ସାରଥି ଅଧିରଥର ପୁତ୍ର, ରାଧା ତାଙ୍କର ମାତା, ସେପର୍ଯ୍ୟନ୍ତ ସେ ପୃଥିବୀର ସବୁ ଚପଳମତି ବାଳକଙ୍କ ପରି ସୁଖୀ ଥିଲେ । ସେ କାହିଁକି ରାଜପୁତ୍ର ହୋଇ ଜନ୍ମଲାଭ କଲେନାହିଁ ବୋଲି ତାଙ୍କର ଅନୁଶୋଚନା ନଥିଲା । ସଂସାରରେ ସମସ୍ତେ ରାଜପୁତ୍ର ହୋଇ ଜନ୍ମ ହୁଅନ୍ତି ନାହିଁ । କିନ୍ତୁ ସମସ୍ତଙ୍କର ପିତାମାତା ସମସ୍ତଙ୍କୁ ବାଲ୍ୟଜୀବନରେ ରାଜାରାଣୀଙ୍କ ପରି ଶ୍ରେଷ୍ଠ ମନେହୁଅନ୍ତି । କର୍ଣ୍ଣ ମଧ୍ୟ ନିଜର ପାଳିତ ପିତାମାତାଙ୍କୁ ନେଇ ଆନନ୍ଦରେ ଥିଲେ । ମାତ୍ର କୈଶୋରର ସେଇ କୌତୂହଳଭରା ଏକ ଦାରୁଣ ଦିବସରେ ସେ କୁନ୍ତୀଙ୍କ ସହ ମା' ରାଧାଙ୍କର ନିଭୃତ ଆଳାପର କିଛି ଅଂଶ ବାହାରେ ରହି ଶୁଣିବାର ଚେଷ୍ଟାକରି ଜୀବନରେ ପ୍ରଥମ ଓ ଚରମ ଧକ୍କା ସହିଥିଲେ ।'' ମାତା କୁନ୍ତୀ କହୁଥିଲେ — ''ତୋର ଏ ପୁଅଟି ରାଜଲକ୍ଷଣଯୁକ୍ତ । କିଏ କହିବ ଏ ସାରଥି ଅଧିରଥ ଏବଂ ତୋର ପୁଅ ବୋଲି ! ତା'ର ଚେହେରା ଦେଖ । ହସ୍ତିନାପୁରୀର ରାଜପୁତ୍ରଙ୍କ ସଙ୍ଗେ ଠିଆହେଲେ ସେ ସମସ୍ତଙ୍କୁ ଟପିଯିବ । ତା' କର୍ଣ୍ଣର ସେଇ କୁଣ୍ଡଳ ଓ କବଚ କି ଚମତ୍କାର ମାନୁଛି ତାକୁ ! କେଜାଣି କାହିଁକି ତାକୁ ଦେଖିବାମାତ୍ରେ କୋଳେଇ ନେବାପାଇଁ ଇଚ୍ଛା ହେଉଛି । ଲୋଭ ହେଉଛି ସେ ମୋର ପୁଅ ହୋଇଥା'ନ୍ତା କି ! ସତରେ ତା'ର ରାଜପୁତ୍ର ହେଇ ଜନ୍ମହେବାର ଥିଲା ।''

ରାଧା ଉତ୍ତର ଦେଇଥିଲେ — ''ସେ ଯେ ଆମର ପୁତ୍ର ନୁହେଁ, ଏକଥା ସେ ବଡ଼ ହୋଇଉଠିବା ସଙ୍ଗେ ସଙ୍ଗେ ସମସ୍ତେ ତା'ର ରୂପ ଓ ସୌନ୍ଦର୍ଯ୍ୟ ଦେଖି ଆଜିକାଲି ସନ୍ଦେହ କରିବା ପାଇଁ ଆରମ୍ଭ କଲେଣି । ତମକୁ ସତ୍ୟ ଗୋପନ କରି ଲାଭ କ'ଣ ? ସେ ପ୍ରକୃତରେ ଆମର ପୁଅ ନୁହେଁ । କେଉଁ ଅଭାଗିନୀ ଜନନୀ ଜନ୍ମ ପରେ ପରେ ତାକୁ ମାଟି ମଞ୍ଜୁଷାରେ ଭରି ଯମୁନାସ୍ରୋତରେ ଭସାଇ ଦେଇଥିଲା । ସ୍ନାନ ସମୟରେ ମୁଁ ତାକୁ ପାଇ ଈଶ୍ୱରଙ୍କର ଦାନ ମନେକରି ପାଳିଛି । ଜନ୍ମ ସମୟରୁ ସେଇ ଅମୃତ କବଚ କୁଣ୍ଡଳ ତା'ଠାରେ ଥିଲା । ଆଜି ପର୍ଯ୍ୟନ୍ତ ଅଛି ।''

ତା'ପରେ କୁନ୍ତୀ କହିଲେ — ''ହାୟ ! ସେଇ ନିଷ୍ଠୁରା ଜନନୀ ଉପରେ ବଜ୍ରପାତ ନହେଲା କାହିଁକି ?''

Digitized by srujanika@gmail.com

କୋମଳହୃଦୟା ସୋମବଂଶର ବଧୂ କୁନ୍ତୀ ସେଦିନ ସେଇ ପାଷାଣୀ ଜନନୀକୁ ଅଭିସମ୍ପାତ ଦେଇ ରୋଦନ କରିବାକୁ ଲାଗିଥିଲେ ।

କର୍ଣ୍ଣ ଫେରି ଆସିଥିଲେ ନିଜ କକ୍ଷକୁ । ବାରବର୍ଷ ବୟସ୍କ କିଶୋର କର୍ଣ୍ଣଙ୍କର ଜୀବନର ବିଷାଦମୟ ଅଧ୍ୟାୟର ଆରମ୍ଭ ସେଇଦିନଠାରୁ । ତା' ପରଠୁ ସେ ମନେ ମନେ ଖୋଜୁଛନ୍ତି ନିଜର ପିତୃ ପରିଚୟ ! ଅଥଚ ନିଜ ହୃଦୟର ଦୁଃଖ ପିତା ମାତାଙ୍କୁ ଜାଣିବାକୁ ଦେଇନାହାନ୍ତି ! ସେମାନଙ୍କର ସୁଖକୁ ଛିନ୍ନ କରିବାର ଅଧିକାର ତାଙ୍କର ନାହିଁ। ସେଦିନ ଯମୁନାସ୍ରୋତରୁ ତାଙ୍କୁ ଉଦ୍ଧାର କରି ଆଶ୍ରା ନଦେଇଥିଲେ ସେ ମୃତ୍ୟୁ ଲଭିଥା'ନ୍ତେ । ଦୁର୍ଲଭ ମଣିଷ ଜନ୍ମର ଅନୁଭୂତି ତାଙ୍କର ହୋଇନଥା'ନ୍ତା । ତେଣୁ ସେ ପ୍ରତି ପଦେ ପଦେ ପିତାମାତାଙ୍କ ପ୍ରତି ନିଜର କର୍ତ୍ତବ୍ୟ କରିଆସିଛନ୍ତି ଏବଂ ନିଜ ଦୁଃଖରେ ନିଜେ ଜଳିଛନ୍ତି । ବେଳେବେଳେ ଭାବିଛନ୍ତି ସେ ସତରେ ରାଜପୁତ୍ର ହୋଇନଥିବେ କାହିଁକି ? ମାତା କୁନ୍ତୀ ତାଙ୍କୁ ଦେଖିବା ପାଇଁ ତାହାହିଁ ତ କହିଥିଲେ । ସେ ମନେ ମନେ ସେଇ ନିଷ୍ଠୁରା ଜନନୀକୁ ଅଜସ୍ର ଭର୍ତ୍ସନା କରିଥିଲେ । ଆଜି ମଧ୍ୟ ସେ ଖୋଜୁଛନ୍ତି ତାଙ୍କର ସେଇ ପାଷାଣ ହୃଦୟା ଜନନୀଙ୍କୁ । ଭୀମର କଥା ହୃଦୟର ସୂକ୍ଷ୍ମତର ଅଂଶକୁ ଆଘାତ କରିଛି । ରକ୍ତାକ୍ତ କରିଛି ।

ବାହାରେ ମା' ରାଧାଙ୍କର ସ୍ୱର ଶୁଭିଲା — ''ବାପା କର୍ଣ୍ଣ, ତତେ ଅଭିନନ୍ଦନ ଜଣାଇବା ପାଇଁ ମାତା କୁନ୍ତୀ ନିଜେ ଆସିଛନ୍ତି । ଦ୍ୱାର ଖୋଲ ।''

ଚକିତ ହେଇଛନ୍ତି କର୍ଣ୍ଣ । ସଭାମଞ୍ଚରେ କୁନ୍ତୀ ଚେତନା ହରାଇ ପଡ଼ିଥିଲେ ନିଜ ପୁତ୍ରର ଅଶୁଭ ଆଶଙ୍କା କରି । ସନ୍ଧ୍ୟା ପର୍ଯ୍ୟନ୍ତ ତାଙ୍କର ଚେତନା ଫେରି ନଥିଲା । ଅଥଚ ଚେତା ଫେରିବା ମାତ୍ରେ କର୍ଣ୍ଣଙ୍କର ରାଜା ହେବାର ସମ୍ବାଦ ପାଇ ସେ ଅସୁସ୍ଥ ଶରୀରରେ ମଧ୍ୟ ନିଜେ ଆସିଛନ୍ତି ତାଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ! ତାଙ୍କ ପୁତ୍ର ଅର୍ଜୁନର ଯିଏ ଚିରଶତ୍ରୁ ତା'ରି ରାଜ୍ୟଲାଭରେ କୁନ୍ତୀ ପୁଣି ଆନନ୍ଦିତା ! ଏହା କ'ଣ କୁନ୍ତୀଙ୍କ ହୃଦୟର ଉଦାରତା ନା ଏଥିରେ କିଛି ଅଭିସନ୍ଧି ତାଙ୍କର ଅଛି ?

କର୍ଣ୍ଣ ଦ୍ୱାର ଖୋଲି କୁନ୍ତୀଙ୍କୁ ପ୍ରଣାମ ଜଣାଇଲେ । କୁନ୍ତୀ ଥର ଥର ଶରୀରରେ କର୍ଣ୍ଣଙ୍କୁ କୋଳାଗ୍ରତ କରିନେଲେ । ଝର ଝର ଝରିପଡ଼ିଲା ଅଶ୍ରୁବାରି । କ୍ଷୀଣକଣ୍ଠରେ ସେ କହିଲେ — ''ବାପା କର୍ଣ୍ଣ, ଦୀର୍ଘଜୀବୀ ହୁଅ, ଯଶସ୍ୱୀ ହୁଅ । ଶୁଣିଲି ରାଜା ହେବା ପରେ ମଧ୍ୟ ତୋ ମନରେ ସୁଖ ନାହିଁ । ଭୀମର ତାତ୍କଲ୍ୟଭରା ବିଦ୍ରୂପ ତୋ ମନରେ ଦାରୁଣ ଆଘାତ ଦେଇଛି । ସେଥିପାଇଁ ମୁଁ ନିଜେ ଧାଇଁଆସିଛି କ୍ଷମା ମାଗିନେବା ପାଇଁ । ଭୀମ ହୁଣ୍ଡାଟାଏ — ତା' କଥା ଧରିବୁନି ବାପା !''

Digitized by srujanika@gmail.com

କର୍ଣ୍ଣ ବିଚଳିତ କଣ୍ଠରେ କହିଲେ — ''ମା' ଆପଣଙ୍କ ଶରୀରରେ ଉତ୍ତାପ ରହିଛି । ଆପଣଙ୍କ ଶରୀର ଦୁର୍ବଳତାରେ କମ୍ପୁଛି — ଏଇ କଥା ପାଇଁ ଆପଣ ଏତେ ବ୍ୟସ୍ତ ହୋଇ ଧାଇଁଆସିଲେ କାହିଁକି ? ଭୀମର ଏ ଆକ୍ଷେପ ତ ଆଜି ନୂଆ ନୁହେଁ, ଏକାଠି ବିଦ୍ୟାଶିକ୍ଷା କରିବା ବେଳେ ପ୍ରତିଦିନ ହିଁ ଭୀମ ଏଇ କଥା ମତେ ମନେପକାଇ ଦିଏ ଯେ ମୁଁ ରାଜପୁତ୍ର ନୁହେଁ, ସାରଥିପୁତ୍ର । ଭୀମ ସତ୍ୟକଥା ହିଁ କହେ । ଏଥିରେ ଆପଣଙ୍କର ବିଚଳିତ ହେବାର କ'ଣ ଅଛି ?''

କୁନ୍ତୀ ବେଶି ସମୟ ଠିଆହୋଇ ପାରିଲେ ନାହିଁ । ତାଙ୍କର ଶରୀରକୁ ଆଶ୍ରୟ ଦେଇ କର୍ଣ୍ଣ ତାକୁ ଗୃହ ଭିତରକୁ ନେଇଗଲେ । ଆସନରେ ବସାଇଲେ । କୁନ୍ତୀ ବ୍ୟାକୁଳ ସ୍ୱରରେ କହିଲେ — ''ଭୀମ ମତେ ଜନ୍ମକାଳରୁ ଜଳାଉଛି । ବାରମ୍ବାର ତାକୁ ବୁଝାଇଛି ତତେ ଆଘାତ ନଦେବା ପାଇଁ । କିନ୍ତୁ କୁନ୍ତୀପୁତ୍ର ବୋଲି ତା'ର ଅହଂକାରର ସୀମା ନାହିଁ । ସେଥିପାଇଁ ତତେ ସେ ପ୍ରତି ପଦେ ପଦେ ଆଘାତ କରି ଘୁଲିଛି । ତା'ର ଅହଂକାରକୁ ଭାଙ୍ଗିବା ପାଇଁ ଆଜି ମୁଁ ସ୍ଥିର କରିଛି, ତତେ ଧର୍ମପୁତ୍ର ଭାବେ ଗ୍ରହଣ କରିବି । ଆଜିଠାରୁ ତୁ ମୋର ଆଗ, ପାଣ୍ଡବମାନେ ପଛ ।'' କୁନ୍ତୀ ଅଗ୍ରଜ କର୍ଣ୍ଣଙ୍କ ପାଟିରେ ଦେଲେ ଶିବଙ୍କ ପ୍ରସାଦ ଏବଂ କର୍ଣ୍ଣଙ୍କୁ କଣ୍ଠରେ ଲଗାଇ ଅଶ୍ରୁ ଉଚ୍ଛଳ କଣ୍ଠରେ କହିଲେ — ''ତୋର ଗର୍ଭଧାରିଣୀ ଜନନୀ ସେଭଳି ଅସହାୟ ଅବସ୍ଥାରେ ପଡ଼ିନଥିଲେ ତୋ ଭଳି ପୁଅକୁ ନଦୀଜଳରେ ଭସାଇ ଦେଇ ଦେହ ଧରି ନଥା'ନ୍ତା । ନାରୀ ହେଇଥିବାରୁ ତା'ର ଦୁଃଖ ମୁଁ ମର୍ମେ ମର୍ମେ ଅନୁଭବ କରିପାରିଛି । ସେ ଯଦି ବଞ୍ଚି ରହିଥାଏ ତେବେ ପ୍ରତି ମୁହୂର୍ତ୍ତରେ ତତେ ଝୁରି ଝୁରି ସେ ମୃତ୍ୟୁ ଯନ୍ତ୍ରଣା ଅନୁଭବ କରୁଥିବ । ତାହା ହିଁ ତା'ର ପ୍ରାୟଶ୍ଚିତ୍ତ । ଯା'ଠାରୁ ବଡ଼ ଶାସ୍ତି ଆଉ କ'ଣ ହୋଇପାରେ ? ବାପା କର୍ଣ୍ଣ ! ଧରିନେ ସେଇ ଅଭାଗିନୀ ମା'ର ମୃତ୍ୟୁ ହୋଇଯାଇଛି । ଆଜିଠାରୁ ମୁଁ ତୋ'ର ମା' । ତୁ କୁନ୍ତୀ ପୁତ୍ର, କୁନ୍ତୀ ପୁତ୍ର । ଏକଥା ମୁଁ ପାଣ୍ଡବ ପାଞ୍ଚଭାଇଙ୍କୁ ଶପଥ କରି ଜଣାଇଦେବି ଏବଂ ଭୀମର ଅହଂକାର ଆଜିଠାରୁ ଚୂର୍ଣ୍ଣ ହେବ ।''

କର୍ଣ୍ଣ ତେବେ ବି ସନ୍ତୁଷ୍ଟ ହେଲେନାହିଁ । ମନେହେଲା, ଏ ମଧ୍ୟ ତାଙ୍କ ପ୍ରତି କୁନ୍ତୀଙ୍କର ଅପାର ଦୟା ଓ କରୁଣାର ଭାର । ସଂସାରରେ ସେ ଘୃଣା କରନ୍ତି ଦୟା ଓ ଅନୁକମ୍ପାକୁ । ସମସ୍ତେ ତାଙ୍କୁ ଅନୁଗୃହୀତ କରି ତାଙ୍କର ପୁରୁଷକାରକୁ ଅସ୍ୱୀକାର କରିଘୃଣିଛନ୍ତି । ମାତା କୁନ୍ତୀଙ୍କର ଏ କରୁଣାକୁ ସେ ପ୍ରତ୍ୟାଖ୍ୟାନ କରିଦେବେ କି ! କର୍ଣ୍ଣ ଦୃଷ୍ଟିତୋଳି ଘୃହିଁଲେ କୁନ୍ତୀଙ୍କୁ । କୁନ୍ତୀଙ୍କର ପାଣ୍ଡୁର ମୁଖ, ଜ୍ୱର ପ୍ରପୀଡ଼ିତ ଶୀର୍ଣ୍ଣ ମଳିନ ଚେହେରା, ବ୍ୟାକୁଳବିହ୍ୱଳ ଦୃଷ୍ଟି ଏବଂ କରୁଣ ବିଷାଦଭରା ଚକ୍ଷୁରେ ଢଳ ଢଳ ଅଶ୍ରୁବିନ୍ଦୁ କର୍ଣ୍ଣଙ୍କୁ ବିମୂଢ଼, ବିବଶ କରିଦେଲା । ତାଙ୍କର ଦୁଇଚକ୍ଷୁ ଅଶ୍ରୁପୂର୍ଣ୍ଣ ହେଲା ।

Digitized by srujanika@gmail.com

ମାତୃତ୍ୱର ଏଇ ମୂର୍ତ୍ତିମନ୍ତ ଦେବୀଙ୍କୁ କ'ଣ ମାତୃସ୍ନେହରୁ ବଞ୍ଚିତ ରାଧାଆଶ୍ରିତ କର୍ଣ୍ଣ ପ୍ରତ୍ୟାଖ୍ୟାନ କରିପାରନ୍ତି !

କର୍ଣ୍ଣ ସ୍ୱଗତୋକ୍ତି କଲେ — ''ମା', କୁନ୍ତୀପୁତ୍ର ହେବାର ଗୌରବ ପାଖରେ ପୁରୁଷକାରକୁ ବଳିଦେବାରେ କର୍ଣ୍ଣର ତିଳେହେଲେ କୁଣ୍ଠା ନାହିଁ ।'' ପ୍ରକାଶ୍ୟରେ ସେ କହିଲେ — ''ମା' ଆପଣଙ୍କର ପୁତ୍ର ହୋଇଥିଲେ ମୁଁ ଧନ୍ୟ ହୋଇଥା'ନ୍ତି । ଦୟା ଓ ଅନୁକମ୍ପାକୁ ମୁଁ ଘୃଣା କରେ । କିନ୍ତୁ ଆପଣଙ୍କର ଦୟାକୁ ଗ୍ରହଣ କରିବାରେ ମୁଁ ଗୌରବ ଅନୁଭବ କରୁଛି । ଆପଣଙ୍କୁ ମାତା ଭିନ୍ନ ଅନ୍ୟ ଦୃଷ୍ଟିରେ କେବେ ବି ଦେଖିନାହିଁ । ଆଜୁଠୁଁ ଭାବିବି ଆପଣ ହିଁ ମୋର ଜନନୀ, ଗର୍ଭଧାରିଣୀ । ହୁଏତ ବିଡ଼ମ୍ବିତ ଜୀବନର କିଛିଟା ସାନ୍ତ୍ୱନା ହୋଇପାରେ ।''

କୁନ୍ତୀ ଆଘାତ ପାଇଲେ । ଅଶ୍ରୁମୋଚନ କରି କହିଥିଲେ — ''ଏ ମୋର ଅନୁକମ୍ପା ନୁହେଁ କର୍ଣ୍ଣ, ଏ ମୋ ହୃଦୟର ଉଦ୍ଭାସ । ଏଥିରେ ମିଛ ନାହିଁ, ଆବିଳତା ନାହିଁ । ଜନନୀର ହୃଦୟ ପୁତ୍ର କେବେ ବୁଝିପାରେ ନାହିଁ, କାରଣ ସେ ପୁରୁଷ । ତାହାହିଁ ଜନନୀର ଦୁଃଖ ।''

କର୍ଣ୍ଣ ରୁଦ୍ଧ କଣ୍ଠରେ କହିଥିଲେ — ''କ୍ଷମା କରିବେ ମା' । ମୋର ହୃଦୟର କ୍ଷୋଭ ଓ ଅଭିମାନ ଆପଣଙ୍କ ପାଖରେ ପ୍ରକାଶ ପାଇଯାଇଛି ।''

କୁନ୍ତୀ ମ୍ଳାନ ହସି କହିଥିଲେ — ''ମା' ପାଖରେ ହିଁ ପୁତ୍ରର ଯେତେ ଯାହା ଅଭିମାନ ।''

ବିଦାୟ ନେବା ପୂର୍ବରୁ କୁନ୍ତୀ ଅନୁରୋଧ କରିଥିଲେ — ''ବାପା ! ଅର୍ଜୁନ ସହ ତୋର ଯୁଦ୍ଧ ମୋର ସହ୍ୟ ହୁଏନାହିଁ । କେଜାଣି କାହିଁକି ଭାରି କଷ୍ଟ ହୁଏ । ଭବିଷ୍ୟତରେ ଅର୍ଜୁନ ସହ ତୋର ଯୁଦ୍ଧ ନଦେଖିଲେ ନିଜକୁ ଭାଗ୍ୟବତୀ ମଣିବି ।

କୁନ୍ତୀ ଫେରିଯିବା ପରେ କର୍ଣ୍ଣ ଭାବୁଥିଲେ ନିଜ ପୁତ୍ର ଅର୍ଜୁନଙ୍କର ନିରାପତ୍ତା ପାଇଁ ମାତା କୁନ୍ତୀ କର୍ଣ୍ଣଙ୍କ ପାଖରେ କ'ଣ ସବୁତକ ବାତ୍ସଲ୍ୟ ଅକାତରେ ଅଜାଡ଼ି ଦେଇଗଲେ !

ଭାବନା ମୋର ଛିନ୍ନ ହେଲା । ମାୟା ମୋର କାନ ପାଖରେ କହିଲା — କର୍ଣ୍ଣ ଆସୁଛନ୍ତି । ମାତା କୁନ୍ତୀ ମଧ୍ୟ କହିଲେ — ''ବୋହୂ, କର୍ଣ୍ଣ ଆସୁଛନ୍ତି । ତାଙ୍କୁ ପ୍ରଣାମ ଜଣାଇବୁ । ସେ ତୋର ଦେଢ଼ଶୁର ହେବେ, କାରଣ ଯୁଧିଷ୍ଠିର କର୍ଣ୍ଣଙ୍କଠାରୁ ବୟସରେ ସାନ ଏବଂ କର୍ଣ୍ଣ ହେଉଛି ମୋର ଧର୍ମପୁତ୍ର ।''

ମୁଁ ଅବଗୁଣ୍ଠନ ଟାଣିନେଲି, ଯଦିଓ ଇଚ୍ଛା ହେଉଥିଲା ସେଇ ଅଭିଶପ୍ତ ବୀରପୁରୁଷଟିକୁ ନିକଟରୁ ଥରେ ଦେଖିନେବା ପାଇଁ ।

Digitized by srujanika@gmail.com

କର୍ଣ୍ଣ ମା'ଙ୍କୁ ପ୍ରଣାମ ଜଣାଇଲେ । ନମ୍ରକଣ୍ଠରେ କହିଲେ — ''ଆପଣ କଷ୍ଟ କରି କାହିଁକି ଆସିଲେ ? ମତେ ଖବର ଦେଇଥିଲେ ମୁଁ ଖାଣ୍ଡବପ୍ରସ୍ଥ ଯାଇଥା'ନ୍ତି ।'' ମା' କର୍ଣ୍ଣଙ୍କର କପାଳ ଚୁମ୍ବନ କରି ଆଶୀର୍ବାଦ ଜଣାଇଲେ । ଆହତ କଣ୍ଠରେ କହିଲେ— ''କଷ୍ଟ କ'ଣ ? ପୁଅକୁ ଦେଖିବା ପାଇଁ ଆସିବାରେ ମା'ର କ'ଣ କଷ୍ଟ ହୁଏ ? ଶୁଣିଲି ମା' ବାପାଙ୍କୁ ଦେଖିବା ପାଇଁ ଅଙ୍ଗରାଜ୍ୟରୁ ତୁ ଆସିଛୁ । ମୁଁ ନ ଆସି ରହିପାରନ୍ତି ?''

କର୍ଣ୍ଣ ମ୍ଳାନ ହସି ଅଭିମାନଭରା ସ୍ୱରରେ କହିଲେ — ''ମୋର ପରମ ସୌଭାଗ୍ୟ ।''

—''ବୁପ୍‌କର, ମା' ସଙ୍ଗେ ରାଜା ମହାରାଜା ଭଳି କଥାବାର୍ତ୍ତା କରାଯାଏନି । ବୋହୂ କ'ଣ ଭାବିବ ? ତତେ ପ୍ରଣାମ ଜଣାଇବା ପାଇଁ ସେ ମୋ ସଙ୍ଗେ ଏତେ ବାଟରୁ ଆସିଛି । ତାକୁ ଆଶୀର୍ବାଦ କରିବାକୁ ତୁ ଯେତେବେଳେ ଖାଣ୍ଡବପ୍ରସ୍ଥ ଗଲୁନାହିଁ — ମୁଁ ତାକୁ ତୋ ପାଖକୁ ନେଇଆସିଲି । ଯେତେହେଲେ ମାନ୍ୟରେ ତୁ ତା'ଠାରୁ ବଡ଼...''

କର୍ଣ୍ଣ ଅଳ୍ପ ହସି କହିଲେ — ''ପଞ୍ଚପାଣ୍ଡବଙ୍କ ପରି ବୀର ସ୍ୱାମୀମାନଙ୍କୁ ଯିଏ ପାଇଛନ୍ତି, ସଖା କୃଷ୍ଣ ଯାହାଙ୍କର ପାଖେ ପାଖେ ରହିଛନ୍ତି, ତାଙ୍କର ମୋ ଭଳି ଏକ ଅକିଞ୍ଚନର ଆଶୀର୍ବାଦ କ'ଣ ସତରେ ଆବଶ୍ୟକ ?''

ମା' ଶାସନଭରା ସ୍ୱରରେ କହିଲେ — ''ସେ ସବୁ ବନ୍ଦକର ! ମତେ ଦେଖିଲେହେଁ ତୋର ଅଭିମାନ ଉଛୁଳିଉଠେ । ପାଣ୍ଡବମାନଙ୍କ ସହ ପିଲାଦିନର କଳିତକରାଳ ଓ ବିବାଦକୁ ତୁ ଆଜିଯାଏ ଭୁଲିନାହୁଁ ଦେଖୁଛି ।''

ମା' ମତେ ନିର୍ଦ୍ଦେଶ ଦେଲେ କର୍ଣ୍ଣଙ୍କୁ ପ୍ରଣାମ କରିବା ପାଇଁ । କର୍ଣ୍ଣଙ୍କୁ ପ୍ରଣାମ ଜଣାଇବା ଆଗରୁ ମା'ଙ୍କ ପାଦଛୁଇଁ ପ୍ରଣାମ କରିବାର କଥା । ଜଣକୁ ପ୍ରଣାମ କଲେ, ଉପସ୍ଥିତ ସମସ୍ତ ଗୁରୁଜନଙ୍କୁ ମଧ୍ୟ ପ୍ରଣାମ କରିବା ନିୟମ । ଅବଗୁଣ୍ଠନ ତଳୁ ମୁଁ ମା'ଙ୍କ ପାଦ ଦୁଇଟିକୁ ଗ୍ରହିଁଲି । ନଇଁପଡ଼ି ମା'ଙ୍କ ପାଦଛୁଇଁବାକୁ ହସ୍ତ ପ୍ରସାରିବା ମାତ୍ରେ ପାଦ ଦୁଇଟି ଦୂରକୁ ଘୁଞ୍ଚିଗଲା । ମୁଁ କ୍ଷୁଣ୍ଣ ହୋଇ ଭାବିଲି — ମା' ମୋ ପ୍ରଣିପାତ ଗ୍ରହଣ କରିବା ପାଇଁ ଅନିଚ୍ଛୁକା କାହିଁକି ? ମୋ ଉପରେ କ'ଣ ସେ ରାଗ କରିଛନ୍ତି ?

ପରକ୍ଷଣରେ କର୍ଣ୍ଣଙ୍କର ମଧୁର କୁଣ୍ଠିତ ସ୍ୱର ଶୁଭିଲା — ''ହସ୍ତିନାର ରାଣୀ କୃଷ୍ଣା, ଅଧିରଥର ପୁତ୍ର କର୍ଣ୍ଣର ପାଦ ସ୍ପର୍ଶକରି ପ୍ରଣାମ କରିବା ହସ୍ତିନା ପ୍ରତି ଅସମ୍ମାନ । ସେଥିରେ ପଞ୍ଚସ୍ୱାମୀ ହୁଏତ କ୍ଷୁବ୍ଧ ହେବେ । ପ୍ରଣାମ ନ କଲେ ମଧ୍ୟ ମୁଁ ଆଶୀର୍ବାଦ ଜଣାଉଛି ।''

ମୁଁ ଲଜ୍ଜାରେ ଝାଉଁଳି ଯାଇ ତତ୍‌କ୍ଷଣାତ୍ ବୁଝିପାରିଲି ଯେ, ମା'ଙ୍କର ପାଦ ବୋଲି ଭ୍ରମ କରି ମୁଁ କର୍ଣ୍ଣଙ୍କର ପାଦକୁ ସ୍ପର୍ଶ କରିବା ପାଇଁ ହାତ ବଢ଼ାଇଥିଲି । ମା'ଙ୍କ

Digitized by srujanika@gmail.com

ପାଦ କର୍ଣ୍ଣଙ୍କ ପାଦର ଏତେ ସାମ୍ୟ କେମିତି ? ମୋ ସମ୍ମୁଖରେ ଗ୍ୱରିଟି ପାଦ ଏକାପରି ଦିଶୁଛି । ଭଲକରି ନ ଦେଖିଲେ ବାରି ହେଉନି କିଏ ମା'ଙ୍କର ପାଦ ଏବଂ କିଏ କର୍ଣ୍ଣଙ୍କର ପାଦ । ଠିକ୍ କୃଷ୍ଣ ଓ ଅର୍ଜୁନଙ୍କର ପାଦଭଳି ଏକାପରି ଗ୍ୱରିଟି ପାଦ, ଏକାରଙ୍ଗ, ଏକା ଗଢ଼ଣ, ଏକାପରି ସୁନ୍ଦର ଓ କୋମଳ । କେବଳ ମା'ଙ୍କର ପାଦଦୁଇଟି ଆକାରରେ କିଛି ସାନ, କର୍ଣ୍ଣଙ୍କର ପାଦ ଆକାରରେ ଅଳ୍ପ ବଡ଼ । ଏହା କିପରି ସମ୍ଭବ ହେଲା ?

ଏଥର ମୁଁ ମା'ଙ୍କୁ ପ୍ରଣାମ ଜଣାଇଲି ଓ ତା'ପରେ କର୍ଣ୍ଣଙ୍କୁ ପ୍ରଣାମ ଜଣାଇଲି । ଭାବିଲି — "ଛି, ଛି, କର୍ଣ୍ଣ ଭାବିଥିବେ ମୁଁ ପ୍ରଣାମ ଜଣାଇବା ଆଳରେ ଜାଣି ଜାଣି ତାଙ୍କର ପାଦସ୍ପର୍ଶ କରିବାକୁ ଗ୍ରହିଁଥିଲି ବୋଲି । କି ଲଜ୍ଜା !"

ମୋର ମନକଥା ବୁଝି ମାୟା କହିଲା — "ମା'ଙ୍କ ପାଦ ସହ ଆପଣଙ୍କର ପାଦର ଏତେ ସାମଞ୍ଜସ୍ୟ ଯେ ଆପଣଙ୍କ ପାଦକୁ ମା'ଙ୍କ ପାଦ ଭାବି ରାଜବଧୂ ସ୍ପର୍ଶ କରି ପ୍ରଣାମ ଜଣାଇବା ପାଇଁ ଯାଉଥିଲେ । ଭଲ ହେଲା ଆପଣ ପାଦ ଘୁଞ୍ଚାଇନେଲେ । ନଚେତ୍ ଦେଢ଼ଶୁରଙ୍କୁ ସ୍ପର୍ଶକରି ପାପ ଅର୍ଜ୍ଜିଥା'ନ୍ତେ ରାଜବଧୂ ।"

କର୍ଣ୍ଣ ମୁଦୁ ହସିଲେ । ଅନୁଚ୍ଚ କଣ୍ଠରେ କହିଲେ — "ରାଜବଧୂ କୃଷ୍ଣା ପୁଣି ପାପ କରିପାରନ୍ତି । ସେ ତ ଆର୍ଯ୍ୟାବର୍ତ୍ତର ଆଦର୍ଶ ନାରୀ । ତା'ଛଡ଼ା ଦେଢ଼ଶୁରଙ୍କୁ ଛୁଇଁଲେ ପାପ ହେଉଥିଲା କାହିଁ କେଉଁ ସତ୍ୟ ବା ତ୍ରେତା ଯୁଗରେ । ଦ୍ୱାପର ଯୁଗରେ ଦେଢ଼ଶୁରଙ୍କୁ କେହି କେହି ବିବାହ ବି ତ କଲେଣି ।"

କର୍ଣ୍ଣଙ୍କର ଶ୍ଳେଷପୂର୍ଣ୍ଣ ବାକ୍ୟସବୁ ମୋର ହୃଦୟରେ ତୀରପରି ବିଦ୍ଧ ହେଲା । ହୃଦୟରୁ ରକ୍ତ ଝରିଲା — "କିନ୍ତୁ ମୁଁ ଆଖିରୁ ଅଶ୍ରୁ ଝରାଇଲି ନାହିଁ । ଏମିତି ଏକ ଅହଂକାରୀ ଏବଂ ଅସହିଷ୍ଣୁ ପୁରୁଷର ଶ୍ଳେଷପୂର୍ଣ୍ଣ ବାକ୍ୟ ଉପରେ ଗୁରୁତ୍ୱ ଦେବା ରାଜରାଣୀ କୃଷ୍ଣା ପକ୍ଷେ ଲଜ୍ଜାକର କଥା ।"

ମୁଁ ମୁହଁ ଫେରାଇ କୋଠରି ଭିତରକୁ ଫେରିଗଲି । ଭିତରୁ ଶୁଣାଇ ଶୁଣାଇ ମା'ଙ୍କୁ କହିଲି — "ସନ୍ଧ୍ୟା ପୂର୍ବରୁ ଫେରିଯିବାକୁ ହେବ ।"

ମା' ସଙ୍ଗେ ସଙ୍ଗେ ସମୟ ସଚେତନ ହେଲେ । ଫେରିବା ବାଟରେ ମାୟା ପ୍ରଶ୍ନ କଲା — "ଆପଣଙ୍କ ପାଦ ସହ ଆପଣଙ୍କ ଧର୍ମପୁତ୍ର କର୍ଣ୍ଣଙ୍କର ପାଦର ଏତେ ସାମଞ୍ଜସ୍ୟ ସତରେ ଭାରି ବିସ୍ମୟକର ।"

ମା' ଦୀର୍ଘଶ୍ୱାସ ଛାଡ଼ି କହିଲେ — "ହୁଏତ ଆରଜନ୍ମରେ କର୍ଣ୍ଣ ମୋର ଜନ୍ମିତ ପୁତ୍ର ଥିଲା । ବାସ୍ତବରେ ସେ ହେଉଛି ଗତଜନ୍ମର କଥା । ତା' ନ ହେଲେ ଏମିତି କେମିତି ହୁଅନ୍ତା ?"

Digitized by srujanika@gmail.com

॥ ୧୫ ॥

ସଭାଗୃହର ପ୍ରତିଷ୍ଠା ଦିବସ ମହାସମାରୋହରେ ଉଦ୍‌ଯାପିତ ହୋଇଗଲା । ସଭାଗୃହର ସିଂହାସନରେ ବସି ଯୁଧିଷ୍ଠିର ଅତିଥିମାନଙ୍କୁ ଉଦ୍‌ବୋଧନ ଦେଲେ — ସଭାଗୃହର ସୌନ୍ଦର୍ଯ୍ୟ ଓ ନିର୍ମାଣ କୌଶଳ ଦେଖି ଅତିଥିମାନେ ଚମତ୍କୃତ ହେବା ସଙ୍ଗେ ସଙ୍ଗେ ଈର୍ଷାତୁର ମଧ୍ୟ ହେଉଥିଲେ । ଯେଉଁ ପାଣ୍ଡବ ପାଞ୍ଚଭାଇଙ୍କୁ କୌଶଳ କରି ଅନୁନ୍ନତ ଖାଣ୍ଡବପ୍ରସ୍ଥକୁ ପଠାଇ କୌରବମାନେ ନିଜର ଚତୁରତା ପାଇଁ ଆତ୍ମପ୍ରସାଦ ଲାଭ କରୁଥିଲେ, ଆଜି ସମଗ୍ର ଇନ୍ଦ୍ରପ୍ରସ୍ଥ ଏବଂ ବିଶେଷକରି ଯୁଧିଷ୍ଠିରଙ୍କର ନବନିର୍ମିତ ସଭାଗୃହ ଦେଖି ସେମାନେ ଈର୍ଷାରେ ଭିତରେ ଭିତରେ ଜଳୁଥିଲେ । କୌଣସି ଉପାୟରେ ପାଣ୍ଡବମାନଙ୍କୁ ଦେଶାନ୍ତର କରିପାରିଲେ ଇନ୍ଦ୍ରପ୍ରସ୍ଥ ସେମାନଙ୍କର ଭୋଗ୍ୟ ହେବ ବୋଲି ସୁଏତ ନାନା କଳ୍ପନା ଜଳ୍ପନା କରୁଥିଲେ ।

କୌରବ ଶହେ ଭାଇଙ୍କୁ ନିଜେ ରାନ୍ଧି ପରିବେଷଣ କରିଥିଲି ମୁଁ । ଏହା ମା'ଙ୍କର ନିର୍ଦ୍ଦେଶ । କୌରବମାନେ ମୋର ଦିଅର । ତେଣୁ ସେମାନଙ୍କୁ ଘରମଣିଷ ଭଳି ବ୍ୟବାହାର କରିବା ମୋର କର୍ତ୍ତବ୍ୟ । ମୋର ମଧ୍ୟ ସେଥିରେ ଆପତ୍ତି ନଥିଲା । ରନ୍ଧନ ଏବଂ ଗୃହକର୍ମ ମୋର ଅତ୍ୟନ୍ତ ପ୍ରିୟକାର୍ଯ୍ୟ । ନିଜେ ରନ୍ଧନ କରି କାହାକୁ ଖୁଆଇବାରେ ମୋର ଅପାର ଆନନ୍ଦ । ତେଣୁ ମୁଁ ଅନ୍ଦି ଯତ୍ନରେ ଅନ୍ନ, ବ୍ୟଞ୍ଜନ, କ୍ଷୀରି ଏବଂ ପିଠା ଇତ୍ୟାଦି ରାନ୍ଧିଲି । ଅବଶ୍ୟ ମାୟା ଏବଂ ନିତମ୍ବିନୀ ଇତ୍ୟାଦି ମତେ ସାହାଯ୍ୟ କରୁଥା'ନ୍ତି ।

କୌରବ ଶହେଭାଇ ଏବଂ ପାଣ୍ଡବ ପାଞ୍ଚଭାଇ ଏକତ୍ର ଭୋଜନରେ ବସିଲେ । ତାଙ୍କ ସଙ୍ଗେ ବସିଲେ କୃଷ୍ଣ ଏବଂ ବଳରାମ । ମା'ଙ୍କର ଇଚ୍ଛା ଥିଲା କର୍ଣ୍ଣ ମଧ୍ୟ ସେମାନଙ୍କ ସଙ୍ଗେ ଭୋଜନ କରନ୍ତେ । ମାତ୍ର କର୍ଣ୍ଣ ଅଙ୍ଗଦେଶର ରାଜାଭାବରେ ନିମନ୍ତ୍ରଣ ପାଇ ଆସିଥିଲେ । ତେଣୁ ସେ ରହିଥିଲେ ରାଜପ୍ରାସାଦ ସଂଲଗ୍ନ ଅତିଥି ଭବନରେ । ରାତ୍ରିଭୋଜନ ପାଇଁ ମା' ତାଙ୍କୁ ଡକାଇ ପଠାଇଥିଲେ । ମାତ୍ର କର୍ଣ୍ଣ ଖବର ଦେଇଥିଲେ — ''କାହାର ପାରିବାରିକ ବ୍ୟାପାରରେ ହସ୍ତକ୍ଷେପ କରିବା ପାଇଁ ସେ ଗ୍ୱହାନ୍ତି ନାହିଁ । ପାଣ୍ଡବ ଏବଂ କୌରବ ଭାଇମାନେ ଏକତ୍ର ରହୁଛନ୍ତି, ଏକତ୍ର ପାନ ଭୋଜନ କରୁଛନ୍ତି । ତା'ଦ୍ୱାରା ସେମାନଙ୍କ ଭିତରେ ସଦ୍‌ଭାବ ବୃଦ୍ଧି ହେବ । ସେଥିରେ ଅନ୍ତରାୟ ସୃଷ୍ଟି କରିବା ତାଙ୍କର ଉଦ୍ଦେଶ୍ୟ ନୁହେଁ ।''

ମା' କର୍ଣ୍ଣଙ୍କର ଅଭିମାନ ବୁଝିଲେ । କର୍ଣ୍ଣଙ୍କୁ ମା' ଧର୍ମପୁତ୍ର ଭାବରେ ଗ୍ରହଣ କଲେ ମଧ୍ୟ ସେ କୁରୁପାଣ୍ଡବଙ୍କ ପରିବାରଭୁକ୍ତ ନୁହଁନ୍ତି, ଏକଥା ସେ ମା'ଙ୍କୁ ପରୋକ୍ଷରେ ଜଣାଇଦେଲେ ।

Digitized by srujanika@gmail.com

କର୍ଣ୍ଣ କେଉଁ ଖାଦ୍ୟ ଭଲପା'ନ୍ତି ସେକଥା ରାଧାମାଉସୀଙ୍କଠାରୁ ବୁଝି ମା' ରାତ୍ରିଭୋଜନ ଅବସରରେ ମୋ' ଦ୍ୱାରା ଖାଦ୍ୟ ପ୍ରସ୍ତୁତ କରାଇଥିଲେ । ମୁଁ ମଧ୍ୟ କର୍ଣ୍ଣଙ୍କ ପ୍ରତି ମା'ଙ୍କର ଶ୍ରଦ୍ଧା ଯୋଗୁଁ ଅତି ଯତ୍ନରେ ସବୁଗୁଡ଼ିକ ରାନ୍ଧିଥିଲି । କିନ୍ତୁ କର୍ଣ୍ଣ ରାତ୍ରି ଭୋଜନରେ ଯୋଗଦେଇ ପାରିବେ ନାହିଁ ବୋଲି ବିନୟର ସହିତ ଜଣାଇଦେବା ପରେ ମା' ବିଷଣ୍ଣ ହେଇଯାଇଥିଲେ । ଉତ୍ସବ ଦିବସର ସବୁ ସରସତା ଭିତରେ ସେ ହଠାତ୍ ଅନ୍ୟମନସ୍କା ହୋଇ ରହୁଥିଲେ । କର୍ଣ୍ଣଙ୍କ ପ୍ରତି ମା'ଙ୍କର ଏଇ ଅହେତୁକ ବାତ୍ସଲ୍ୟ ମୋର ନାରୀ ହୃଦୟରେ କୌତୂହଳ ସୃଷ୍ଟି କରୁଥିଲା । କିନ୍ତୁ ମୋର ଏ କୌତୂହଳ ଦୂର କରିବ କିଏ ? ମୁଁ ନୀରବରେ ଗୋଟିଏ ପରେ ଗୋଟିଏ ମା'ଙ୍କର ନିର୍ଦ୍ଦେଶ ପାଳନ କରିଯାଉଥିଲି ।

କୌରବ ପାଣ୍ଡବ ଶହେ ପାଞ୍ଚଭାଇ ଏବଂ ତାଙ୍କ ସଙ୍ଗେ ମୋର ଏକମାତ୍ର ନଣନ୍ଦ ଦୁଃଶୀଳାର ସ୍ୱାମୀ ଜୟଦ୍ରଥ ଏକତ୍ର ଭୋଜନରେ ବସିଥା'ନ୍ତି । ମାଯା, ନିତମ୍ବିନୀ ଏବଂ ମୁଁ ପରିବେଷଣ କରୁଥାଉ । ସମସ୍ତେ ମୋ ହାତରନ୍ଧାର ପ୍ରଶଂସା କରୁଥା'ନ୍ତି ଏବଂ ବାରମ୍ବାର ପଛରେ ମାଗୁଥା'ନ୍ତି । ପରିବେଷଣ କରି କରି ଆମେ କ୍ଲାନ୍ତ ହୋଇପଡ଼ିଲୁ ପଛକେ ସେମାନଙ୍କର ଖାଇବାର ଶେଷ ନାହିଁ । ପରିବେଷଣ କରିବା ଅବସରରେ ''ଆଉ ଦିଅ'' କହି ଦୁଃଶାସନ ମୋର ହାତକୁ ଥରେ ଦୁଇଥର ଅଚ୍ଛଁଠା ହାତରେ ମଧ୍ୟ ଧରି ପକାଇଲା । ସାନ ଦିଅର ଭାବି ମୁଁ ତା'ର ଅଭଦ୍ରତାକୁ କ୍ଷମା କରିଦେଲି । ଜୟଦ୍ରଥକୁ କ୍ଷୀରୀ ପରଷିବା ଅବସରରେ ମୃଦୁ ହସି ନିମ୍ନକଣ୍ଠରେ ସେ କହିଲା — ''ଭାଉଜ, ତମର ହାତରନ୍ଧା ଯଦି ଏତେ ସୁମିଷ୍ଟ, ତମେ ନିଜେ କେତେ ସୁମିଷ୍ଟ ହୋଇନଥିବ !'' ଦୁଃଶାସନ ତାଙ୍କ ସଙ୍ଗେ ପାଲି ଧରି କହିଲା — ''ଏଠାରୁ ଫେରିଗଲା ପରେ ଜଳିବା ହିଁ ସାର ହେବ । ସ୍ୱୟମ୍ବର ସଭାରେ କେବଳ ରୂପ ହିଁ ଦେଖି ଆଜି ପର୍ଯ୍ୟନ୍ତ ସମସ୍ତେ ଜଳୁଛୁ । ଆଜି ଗୁଣଗ୍ରାମ ଓ ଗୃହିଣୀପଣିଆ ଦେଖିଯିବା ପରେ ସେ ଜ୍ୱଳନରେ ଘୃତ ସଂଯୋଗ ହେଲା ।''

ମୋର ଶରୀରରେ ଯେପରି ଅଗ୍ନି ସଂଯୋଗ ହେଲା । ମୋର ରୂପ ଓ ଦୃଷ୍ଟି ବଦଳିଗଲା । କିନ୍ତୁ ଅତିଥିମାନଙ୍କୁ ଖାଦ୍ୟ ପରଷି ଦେଉ ଦେଉ ରାଗରେ ଜଳିଉଠିବା ଶୋଭନୀୟ ହେବନାହିଁ । ମୁଁ ରାଗ ଓ ଘୃଣାକୁ ଗୃପି ରଖିଲି ଏବଂ ଗୋଟାପଣେ ରଙ୍ଗା ପଡ଼ିଗଲି । ଜୟଦ୍ରଥ ସେ କଥା ଲକ୍ଷ୍ୟ କରି କହିଲା — ''ଭାଉଜ, ଦିଅର ଓ ନଣନ୍ଦମାନେ ଏଭଳି ପରିହାସ କରନ୍ତି ବୋଲି ବାପାଙ୍କ ଘରୁ ତମର ଶିଖିବା ଉଚିତ ଥିଲା । ତମଭଳି ରୂପସୀ ଭାଉଜ ସଙ୍ଗେ ଦିଅରମାନେ ପରିହାସ ନକଲେ ତାଙ୍କର ଯେ ମୂର୍ଦ୍ଧନାପାତ ହେବ ଏକଥା ତମର ବୁଝିବା ଉଚିତ ।''

Digitized by srujanika@gmail.com

ମୁଁ ମଧ୍ୟ ଘଟଣାଟିକୁ ପରିହାସ ଭାବେ ଗ୍ରହଣ କରିଛି ବୋଲି ଦେଖାଇବା ପାଇଁ ହସିଦେଲି । କିନ୍ତୁ ପ୍ରକୃତରେ ସେମାନଙ୍କର କଥା କହିବାର ଭଙ୍ଗୀରେ ଯେଉଁ ଅଶ୍ଳୀଳ ଇଙ୍ଗିତ ରହିଥିଲା, ତାହା ଯେ ଆଦୌ ପରିହାସ ନୁହେଁ, ସେକଥା ବୁଝିପାରି ମୁଁ ଗମ୍ଭୀର ହୋଇଯାଇଥିଲି । ଦୁର୍ଯ୍ୟୋଧନ ଖାଦ୍ୟ ଖାଉ ଖାଉ ମତେ ବାରମ୍ବାର ଘୃଣ୍ଟୁଥିଲେ ଓ ଘନ ଘନ ଦୀର୍ଘଶ୍ୱାସ ପକାଉଥିଲେ । ମୁଁ ଖାଦ୍ୟ ପରଷିଦେବା ବେଳେ ସେ ଖାଦ୍ୟ ଖାଇନପାରି ସ୍ଥିର ରହିଯାଉଥିଲେ ଓ ଅପଲକ ନେତ୍ରରେ ମତେ ଘୃହିଁ ରହି ଅବଶୋଷ ଓ ଅପୂର୍ଣ୍ଣ ବାସନାର ଯନ୍ତ୍ରଣାରେ ହାୟ ହାୟ କରୁଥିଲେ ।

ମୁଁ ଭାବୁଥିଲି ପରାଜିତ ଶତ୍ରୁକୁ ଅଭିନିନ୍ଦିତ କରି ତା' ବେକରେ ଫୁଲମାଳ ପକାଇବା ଏବଂ ସ୍ୱୟମ୍ବର ସଭାରେ ବିଫଳ ମନୋରଥ ହୋଇ ଫେରିବା କୌରବମାନଙ୍କୁ ନିମନ୍ତ୍ରଣ କରି ମୋର ରୂପ, ଗୁଣ, ଗୃହିଣୀପଣିଆ ଓ ସୁଖୀ ପରିବାରର ଚିତ୍ର ପ୍ରଦର୍ଶନ କରିବା ଏକପ୍ରକାର ଅପମାନଜନକ କଥା । ସହଜେ ତ କୌରବମାନେ ଚିରଦିନ ଅସହିଷ୍ଣୁ ଏବଂ ଈର୍ଷାକାତର । ତାଙ୍କୁ ପୁଣି ଥରେ ଜଳାଇବା ହୁଏତ ଉଚିତ ହୋଇନାହିଁ ।

କେଜାଣି କାହିଁକି ମୋର ସୁଖ ଓ ସୌଭାଗ୍ୟ ମତେ ଅକସ୍ମାତ ଡରାଉଥିଲା, ମୋ ମନରେ ନାନା ଅଶୁଭ ଆଶଙ୍କାର ଛାଇ ପଡୁଥିଲା । ଶରୀର କ୍ଲାନ୍ତ, ମନ ଶଙ୍କାକୁଳ । ଏଥର ମୋର ବିଶ୍ରାମ ଆବଶ୍ୟକ । ଶୟନକକ୍ଷ ଆଡ଼େ ଯାଉଛି, ଦେଖିଲି ମା' ଠିଆ ହୋଇଛନ୍ତି ପାକଶାଳା ଦ୍ୱାରମୁହଁରେ । ମୁଁ ସେଇ ଦିଗରେ ଆଗେଇଲି । ମା'ଙ୍କୁ ଖାଇବାର ବାଢ଼ି ଦେଇଥିଲି ମୁଁ ନିଜେ । ମା' କହିଲେ ପଛରେ ଆଉ କିଛି ଆବଶ୍ୟକ ହେବନାହିଁ । ମତେ ବିଶ୍ରାମ କରିବା ପାଇଁ ମା' ବାଧ୍ୟ କରି ପଠାଇଦେଲେ । କିନ୍ତୁ ମା' ଏତେ ଶୀଘ୍ର ଖାଇବା ଶେଷ କରିଦେଲେ କିପରି ?

ଦେଖିଲି ମା'ଙ୍କର ଖାଇବା ସେମିତି ବଢ଼ା ହେଇଛି । ମା' ବିଷଣ୍ଣ ବଦନରେ ଅନ୍ୟମନସ୍କା ହୋଇ ଠିଆହୋଇଛନ୍ତି । ପଗ୍ଧରିଲି — ''ମା, ଆପଣ କ'ଣ ଅସୁସ୍ଥ ? ଖାଇଲେ ନାହିଁ ଯେ —''

ମା' ମ୍ଲାନ ହସି କହିଲେ — ''ତୁ ମଧ୍ୟ ଖାଇନୁ । ମୁଁ କେମିତି ଖାଇଦେବି ?''

ମୁଁ ବ୍ୟସ୍ତ ହେଇପଡ଼ି କହିଲି — ''ମୁଁ କିଛି ସମୟ ବିଶ୍ରାମ ନେବାପରେ ଖାଇଥା'ନ୍ତି । ଘରର ପୂଜାରୀ, ପରିଗ୍ଧରକ, ପରିଗ୍ଧରିକା ଏପରିକି ପୋଷା ଜୀବଜନ୍ତୁ ଖାଇସାରିବା ପରେ ମୁଁ ପ୍ରତିଦିନ ଖାଇଥାଏ । ଆପଣ ତ ସେ କଥା ଜାଣନ୍ତି —''

''କିନ୍ତୁ ଆଜି ତୁ ଏତେ ପରିଶ୍ରମ କରିଛୁ । ଅସୁସ୍ଥ ବୋଧ କରୁଛୁ । ତେଣୁ ଆଜି ତୋର ଆଗ ଖାଇବାର କଥା । ଶରୀର ରକ୍ଷା ପ୍ରତ୍ୟେକଙ୍କର ଧର୍ମ ।'' ମୁଁ ଆଉରି ବ୍ୟସ୍ତ

Digitized by srujanika@gmail.com

ହେଇପଡ଼ି କହିଲି — ''ମୋ ପାଇଁ ଯଦି ଆପଣ ଆଜି ଉପବାସ ରହିବେ, ତେବେ ଗ୍ୱଲନ୍ତୁ ମୁଁ ମଧ୍ୟ ଆପଣଙ୍କ ସଙ୍ଗେ ଖାଇଦେବି । ଏ ଭିତରେ ଘରର ସମସ୍ତେ ହୁଏତ ଖାଇ ସାରିବେଣି ।''

ମୁଁ ଦୁହିଁଙ୍କ ପାଇଁ ବଢ଼ାବଢ଼ି କରିବା ପାଇଁ ବାହାରିଲି । ମା' ଅନୁଚ୍ଚ କଣ୍ଠରେ କହିଲେ — ''ଅତିଥିଙ୍କୁ ଅଭୁକ୍ତ ରଖି କୌଣସି ଗୃହକର୍ତ୍ତ୍ରୀ ଜଳସ୍ପର୍ଶ କରିବା ଉଚିତ ନୁହେଁ ।''

ମୁଁ ବିସ୍ମୟ ସହକାରେ ମା'ଙ୍କୁ ଗ୍ୱହିଁଲି । ପଗ୍ୱରିଲି — ''କେଉଁ ଅତିଥି ଅଭୁକ୍ତ ଅଛନ୍ତି ? ମୁଁ ତ ନିଜେ ସମସ୍ତଙ୍କୁ ଚର୍ଚ୍ଚା କରିଛି ।''

ମା' ଗମ୍ଭୀର କଣ୍ଠରେ କହିଲେ — ''ଅଙ୍ଗଦେଶର ରାଜା ବୀର କର୍ଣ୍ଣ ଅତିଥି ଭବନରେ ଅଭୁକ୍ତ ଅଛନ୍ତି । ଆଜି ସେ ଏଠାକୁ ନିମନ୍ତ୍ରିତ ହୋଇଥିବାରୁ ଅତିଥି ଭବନରେ ତାଙ୍କର ରାତ୍ରି ଭୋଜନର କୌଣସି ବ୍ୟବସ୍ଥା କରାହୋଇ ନଥିଲା । ସେ ନିମନ୍ତ୍ରଣ ରକ୍ଷା କଲେନାହିଁ ବୋଲି ଆମେ କ'ଣ ଖାଇପିଇ ଶୋଇପଡ଼ିବା ?''

ମା'ଙ୍କର କଥାରେ ମୁଁ ମନେ ମନେ କ୍ଷୁଣ୍ଣ ହେଲି । କର୍ଣ୍ଣଙ୍କ ପାଇଁ ମା' ଉପବାସ ରହିବେ ଏକଥା ମତେ ସୁଖ ଲାଗିଲା ନାହିଁ । ମୁଁ ପଗ୍ୱରିଲି — ''ତେବେ କ'ଣ କରିବାକୁ ହେବ ?''

ମା' ସ୍ଥିର କଣ୍ଠରେ କହିଲେ — ''କର୍ଣ୍ଣ ପାଇଁ ଖାଦ୍ୟ ନେଇ ଅତିଥି ଭବନକୁ ଯିବାକୁ ହେବ ।''

''ଆପଣ ଯିବେ ?'' ମୁଁ ସରଳ ହୃଦୟରେ ପ୍ରଶ୍ନ କଲି ।

ମା' ସେମିତି ସ୍ଥିର କଣ୍ଠରେ କହିଲେ — ''ଯୁଧିଷ୍ଠିର ଇନ୍ଦ୍ରପ୍ରସ୍ଥର ରାଜା ହେବା ପରେ ତୁ ହେଉଛୁ ଗୃହକର୍ତ୍ତ୍ରୀ । ତେଣୁ କର୍ଣ୍ଣ ତୋର ଅତିଥି, ମୋର ନୁହେଁ । ଅତିଥିଙ୍କୁ ଚର୍ଚ୍ଚା କରିବା ତୋର ଧର୍ମ ।''

— ''ଅତିଥି ଭବନକୁ ମୁଁ ଯିବି !'' ମୁଁ ବିସ୍ମୟରେ ପ୍ରଶ୍ନ କଲି । ମା' ଗମ୍ଭୀର କଣ୍ଠରେ କହିଲେ — ''ଏଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ? କର୍ଣ୍ଣ ତ କେବଳ ତୋର ଅତିଥି ନୁହେଁ, ସେ ତୋର ଦେଢ଼ଶୁର, ଗୁରୁଜନ । ତୋ' ସଙ୍ଗେ ମାୟା ଓ ନିତମ୍ବିନୀ ମଧ୍ୟ ଯିବେ । ତା ଛଡ଼ା କର୍ଣ୍ଣ ତ ରାଜପ୍ରାସାଦର ଘରୋଇ ଅତିଥି ଭବନରେ ରହୁଛି ।''

ବିରକ୍ତି ଗୋପନ କରି ମୁଁ କହିଲି — ''ଆପଣ ଯେମିତି ଗ୍ୱହିଁବେ ମୁଁ କରିବି । ମୋର କିଛି ଆପତ୍ତି ନାହିଁ ।''

Digitized by srujanika@gmail.com

ମା' ଆଗ୍ରହରେ ସବୁ ଜିନିଷ ବାଢ଼ିଦେଲେ । ଜଣେ ଲୋକ ଯେତିକି ଖାଇ ପାରିବା କଥା ତା'ଠାରୁ ଟିକେ ବେଶି ବେଶି ବାଢ଼ିଥା'ନ୍ତି ସବୁ ଜିନିଷ । ମତେ ବୁଝାଇବା ପାଇଁ କହିଲେ — ''ଅତିଥି ଭଗବାନ୍ । ଅତିଥି ସନ୍ତୁଷ୍ଟ ହେଲେ ଈଶ୍ୱର ସନ୍ତୁଷ୍ଟ ହୁଅନ୍ତି । ତୁ ନିଜେ ନ ଗଲେ କର୍ଣ୍ଣ ଖାଦ୍ୟ ଗ୍ରହଣ କରିବ ନାହିଁ । ତୁ ହେଉଛୁ ପ୍ରକୃତରେ ଗୃହକର୍ତ୍ତ୍ରୀ । କର୍ଣ୍ଣକୁ ମୁଁ ଜାଣେ । ସବୁକଥାରେ ସେ ଧର୍ମ, କର୍ମ, ନୀତି, ନିୟମ ଖୋଜେ । ତୁ ଖାଦ୍ୟ ନେଇ ଯାଉଛୁ ଶୁଣିଲେ ସେ ଭାରି ଖୁସି ହେବ ।''

ମୁଁ ଭାବିଲି କର୍ଣ୍ଣ ଖୁସି ହୁଅନ୍ତୁ ବା ନ ହୁଅନ୍ତୁ, ମା' ଯେଉଁଥିରେ ଖୁସିହେବେ, ମୋର ତାହା କରଣୀୟ ।

ଆମେ ତିନିଜଣ ଅତିଥିଭବନର ଦ୍ୱାରଦେଶରେ ଉପସ୍ଥିତ ହେଲୁ । ମାୟା ହାତରେ ଖାଦ୍ୟ ସାମଗ୍ରୀ । ନିତମ୍ବିନୀ ହାତରେ ଜଳପାତ୍ର ।

ମୁଁ ବାହାରେ ଅପେକ୍ଷା କଲି । ନିତମ୍ବିନୀ ଓ ମାୟା ବୈଠକଘରେ ପ୍ରବେଶ କଲେ । ପରିଗ୍ରରକ ହାତରେ ଖବର ଦେଲେ ମା' କୁନ୍ତୀଙ୍କ ପାଖରୁ ସନ୍ଦେଶ ଆସିଛି । କର୍ଣ୍ଣ ଶଯ୍ୟା ଗ୍ରହଣ କରିବା ପାଇଁ ଯାଉଥିଲେ । ବୈଠକଘରକୁ ଆସି ପ୍ରଶ୍ନ କଲେ — ''ଏତେ ରାତିରେ କି ସନ୍ଦେଶ ଦେଇଛନ୍ତି ମାତା କୁନ୍ତୀ ?''

''ଆପଣଙ୍କ ପାଇଁ ରାତ୍ରିଭୋଜନ ପଠାଇଛନ୍ତି''— ମାୟା ଉତ୍ତର ଦେଲା । କର୍ଣ୍ଣ ବ୍ୟସ୍ତ ହୋଇପଡ଼ି କହିଲେ — ''ମଧ୍ୟାହ୍ନ ଭୋଜନ ଏତେ ଗୁରୁ ହେଇଛି ଯେ, ରାତ୍ରିଭୋଜନର ଆବଶ୍ୟକତା ଆଦୌ ନାହିଁ । ତେବେ ମା ଯେତେବେଳେ ଖାଦ୍ୟ ପଠାଇଛନ୍ତି ଅଳ୍ପ କିଛି ଖାଇବାକୁ ହେବ ।''

— ''ନାଁ, ନାଁ, ଅଳ୍ପ ନୁହେଁ, ଆପଣ ପେଟପୂରା ଖାଇବେ ବୋଲି ମା ଆମକୁ ପଠାଇଛନ୍ତି । ଆପଣଙ୍କର ପ୍ରିୟଖାଦ୍ୟ ସବୁ ମା'ଙ୍କ ନିର୍ଦ୍ଦେଶରେ ରାଣୀ କୃଷ୍ଣା ନିଜେ ରାନ୍ଧିଛନ୍ତି । ଖାଦ୍ୟ ଆଣି ନିଜେ ଆସିଛନ୍ତି । ମା'ଙ୍କର ନିର୍ଦ୍ଦେଶ ଅତିଥି ଚର୍ଚ୍ଚା ରାଣୀ ନିଜେ କରିବେ ।''

କର୍ଣ୍ଣ ଗମ୍ଭୀର ହୋଇଗଲେ । ଅନ୍ୟମନସ୍କ ହେଇଗଲେ । କୁଣ୍ଠିତ ଭଙ୍ଗୀରେ କହିଲେ — ''ରାଣୀ କୃଷ୍ଣାଙ୍କର ଏତେ ରାତିରେ ଅତିଥି ଭବନକୁ ଆସିବା ଉଚିତ ହେଇନି । ମା'କୁନ୍ତୀ ପୁତ୍ରସ୍ନେହରେ ଅନ୍ଧ ହୋଇ ହିତାହିତଜ୍ଞାନ ଭୁଲିଯାଉଛନ୍ତି ।''

ମାୟା ଧୀରସ୍ୱରରେ କହିଲା — ''ଆପଣ ତ ମା'ଙ୍କର ଧର୍ମପୁତ୍ର । ଉଆସର ଖାସ୍ ଅତିଥିଭବନରେ ଆପଣ ରହୁଛନ୍ତି । ଏ ଅତିଥି ଭବନରେ କେବଳ ରାଜପରିବାରର ଆତ୍ମୀୟମାନେ ହିଁ ରହନ୍ତି । ତେଣୁ ରାଣୀ କୃଷ୍ଣା ଗୃହକର୍ତ୍ତ୍ରୀ ଭାବରେ ନିଜେ ଅତିଥି ସତ୍କାର କରିବାର କଥା ।''

Digitized by srujanika@gmail.com

କର୍ଣ୍ଣ ଚିନ୍ତିତ ଭାବରେ କହିଲେ — ''ରାଜରାଣୀ ନିଜେ ଯେତେବେଳେ ଖାଦ୍ୟ ଥାଳି ଘେନି ଆସିଛନ୍ତି ଫେରାଇଦେଲେ ଅପରାଧ ହେବ । ତେବେ ମୁଁ କେବଳ ଫଳାହାର କରିବି । ଫଳ ରଖିଦେଇ ଅନ୍ୟ ସବୁ ରନ୍ଧାଖାଦ୍ୟ ଫେରାଇନିଅ ।''

—''ଫଳାହାର କରିବେ କାହିଁକି ? ଆଜି କିଛି ବିଶେଷ ଉପାସନାର ଦିନ ?'' ମାୟା ଚକିତ କଣ୍ଠରେ ପ୍ରଶ୍ନକଲା । କର୍ଣ୍ଣ କିଛି ସମୟ ନୀରବ ରହିଲେ । ଗଳା ପରିଷ୍କାର କରିଦେଇ କହିଲେ — ''ଯିଏ ଯାହା ଭାବୁ ପଛକେ ମୁଁ ସ୍ପଷ୍ଟକଥା କହିଥାଏ । ପ୍ରଥମେ ରାଣୀ କୃଷ୍ଣାଙ୍କ ଠାରୁ କ୍ଷମା ମାଗି ନେଉଛି । ମୁଁ ତାଙ୍କୁ ଆକ୍ଷେପ କରୁନାହିଁ । ସାଧାରଣ ନୀତି ନିୟମର କଥା ହିଁ କହୁଛି । ନାରୀର ଧର୍ମ ହେଉଛି ଏକପତି ଗ୍ରହଣ । ଯଦି ପ୍ରଥମ ସ୍ୱାମୀ ମୃତ୍ୟୁବରଣ କରେ ତେବେ କେତେକ ସ୍ଥଳେ ଦ୍ୱିତୀୟ ପତି ଗ୍ରହଣର ଦୃଷ୍ଟାନ୍ତ ରହିଛି । ମାତ୍ର ଏକ ସମୟରେ ପଞ୍ଚପତିଙ୍କର ଅଙ୍କଶାୟିନୀ ହେବାର ଦୃଷ୍ଟାନ୍ତ ନାହିଁ, ନଥିଲା, ହୁଏତ ହେବନାହିଁ ଭବିଷ୍ୟତରେ । ଏଭଳି ନାରୀ ବରନାରୀ ହେଲେ ମଧ୍ୟ ବାରନାରୀ ଭାବରେ ଗଣ୍ୟାହୁଏ । ତା'ହାତରୁ ଜଳ ସ୍ପର୍ଶ କଲେ ମଧ୍ୟ ଧର୍ମ ନଷ୍ଟ ହୁଏ । ଦେଖ, ଏସବୁ ବିଷୟରେ ମୁଁ ଭାରି ରକ୍ଷଣଶୀଳ । ତମର ରାଣୀ ଯାଜ୍ଞସେନୀ ହୋଇଥିବା ହେତୁ ପଞ୍ଚପତି ବରଣ କରି ମଧ୍ୟ ସେ ସତୀତ୍ୱର ମହିମାରେ ମଣ୍ଡିତା ହୋଇପାରନ୍ତି । ମାତ୍ର ସାଧାରଣ ନାରୀ ଏ କ୍ଷେତ୍ରରେ ଅସତୀରେ ଗଣା ହୁଅନ୍ତା । ତାଙ୍କ ହାତରନ୍ଧା ଖାଦ୍ୟ ମୁଁ ଗ୍ରହଣ କରିବି କିପରି ? ଏସବୁ ସମ୍ପର୍କରେ ମୁଁ ଭୀଷଣ ନିଷ୍ଠାପର ।''

ଅତିଥି ଭବନର ବାରଣ୍ଡାରେ ଠିଆହୋଇ ମୋର ପାଦ ଦୁଇଟି ଅଚଳ ହୋଇଯାଉଛି । ଏ ଅପମାନ, ଏ ଆକ୍ଷେପ ଏବଂ ଏ ଅପନିନ୍ଦାର କୌଣସି ଜବାବ ମୁଁ ଦେଇପାରିବି ନାହିଁ । କାରଣ କର୍ଣ୍ଣ ମୋର ଅତିଥି, ଅତିଥି ହେଉଛନ୍ତି ଭଗବାନ୍ । କ୍ଷୋଭ ଏବଂ ଦୁଃଖରେ ମୁଁ ଗୋଟାପଣେ ଥରୁଥାଏ, ଅଥଚ ପ୍ରଶାନ୍ତ ବଦନରେ ଠିଆ ହୋଇଥାଏ । ମାୟାର ସ୍ୱର ଶୁଭିଲା — ''ମହାଶୟ, ଆପଣ ମୋର ମାଲିକାଣୀଙ୍କୁ ଅପମାନ କରୁଛନ୍ତି ! କ'ଣ ଆପଣ ତାଙ୍କୁ ପାଇପାରିଲେ ନାହିଁ ବୋଲି ଆପଣଙ୍କର ଏ ପ୍ରତିକ୍ରିୟା ?'' କର୍ଣ୍ଣ ମ୍ଳାନ ହସିଲେ, କହିଲେ — ''ମୁଁ ଶାସ୍ତ୍ରସମ୍ମତ କଥା ହିଁ କହିଛି । ଶୁଣିଛି ତମର ରାଜରାଣୀ ବିଦୁଷୀ, ଜ୍ଞାନବତୀ । ତାଙ୍କୁ ପଗ୍ଭରି ବୁଝିବ, ମୋର କଥା ଶାସ୍ତ୍ରସମ୍ମତ କି ନା । ହଁ — ମୋର ଏ ଉକ୍ତି ପାଇଁ ତାଙ୍କଠାରୁ କ୍ଷମା ମାଗିନେଉଛି । ପ୍ରକୃତରେ ମୁଁ କାହାକୁ ଆଘାତ କରିବାକୁ ଘ୍ରହେଁନା । କିନ୍ତୁ ଅପ୍ରିୟ ସତ୍ୟ କହିବାର ବଦଭ୍ୟାସ ମୋର ରହିଯାଇଛି ।''

ଭିତରକୁ ଫଳପାତ୍ରଟି ପଠାଇଦେଇ ମୁଁ ଫେରିଆସିଲି । ଭାବିଲି ମୋର ଅପମାନର ଏଇ ଯେମିତି ଆରମ୍ଭ । ରାଗ ହେଲା ଫାଲ୍‌ଗୁନିଙ୍କ ଉପରେ, ମା'ଙ୍କ ଉପରେ ଏବଂ ସବୁଠୁ ବେଶୀ ଯୁଧିଷ୍ଠିରଙ୍କ ଉପରେ ।

Digitized by srujanika@gmail.com

ଖାଇବାକୁ ସ୍ପୃହା ମରିଯାଇଥାଏ । କ୍ଷୋଭ ଓ ଯନ୍ତ୍ରଣାର ଲୁହ ଆଖି ଭିତରେ ଆବଦ୍ଧ ହେଇ ରହିବାକୁ ନାରାଜ । କିନ୍ତୁ କଥା କଥାକେ ଅଶ୍ରୁ ଝରାଇବା ମୋର ନୀତି ବିରୋଧ । ଅଶ୍ରୁ ଦୁର୍ବଳତାର ପ୍ରତୀକ । କିନ୍ତୁ ବେଳେ ବେଳେ ଅଶ୍ରୁ ମଧ୍ୟ ମଣିଷର ଅସହାୟତାର ସାଥୀ ହୁଏ । ହୃଦୟର ଦୁଃଖକୁ ଲାଘବ କରେ । ନୂଆକରି ଶକ୍ତି ସଞ୍ଚୟ ପାଇଁ ମନର ଗ୍ଲାନି ଓ କ୍ଷୋଭକୁ ଧୋଇନିଏ ।

ମୁଁ ଅଶ୍ରୁ ଢାଳିବାକୁ ଘୃଣା କଲେ ବି ଅଶ୍ରୁ ସବୁବେଳେ ମଣିଷର ଆୟତ୍ତରେ ରହେନାହିଁ । ଆଜି ମୋର ସେଇ ଅବସ୍ଥା । ତଥାପି ମା'ଙ୍କୁ ସମ୍ବାଦ ଦେବାକୁ ହେବ । ମୁଁ ମା'ଙ୍କ ଶୋଇବା ଘର ବାରଣ୍ଡାରେ ଠିଆ ହୋଇ କହିଲି — "ମା' କର୍ଣ୍ଣ କେବଳ ଫଳାହାର କଲେ । ଆଉ ସବୁ ଖାଦ୍ୟ ପଦାର୍ଥ ଫେରାଇଆଣିଛି ।"

"କାହିଁକି ?" ମା' ବ୍ୟଥାଭରା ସ୍ୱରରେ ପଗ୍ଧରିଲେ । ମୁଁ ଜବାବ୍ ଦେଲି — "ରାତ୍ରି ବିଳମ୍ବ ହେଇଛି । ତା'ଛଡ଼ା ମଧ୍ୟାହ୍ନର ଗୁରୁଭୋଜନ ଯୋଗୁଁ କର୍ଣ୍ଣଙ୍କର ରାତ୍ରିଭୋଜନରେ ସ୍ପୃହା ନାହିଁ । ଆପଣ ପଠାଇଲେ ବୋଲି ସେ କେବଳ ଫଳାହାର କଲେ ।" "ତେବେ କାଲି ସକାଳୁ ପ୍ରାତଃଭୋଜନ ପାଇଁ ତା'ର ପ୍ରିୟ ଖାଦ୍ୟ ସବୁ ତତେ ନିଜେ ରାନ୍ଧିବାକୁ ହେବ । ଯା' ବିଶ୍ରାମ ନେ । ଖୁବ୍ ସକାଳୁ ଉଠିବାକୁ ହେବ ଯେ—" କର୍ଣ୍ଣଙ୍କ ପାଇଁ ମା' ଏତେ ବ୍ୟସ୍ତ ହୋଇପଡ଼ିଲେ ଯେ ମୁଁ ଖାଇଲି କି ନା ପଗ୍ଧରିଲେ ନାହିଁ । ମୋ ଆଖିର ଗୋପନ ଅଶ୍ରୁର ଟେର୍ ପାଇଲେ ନାହିଁ ।

ମୁଁ ଶୟନଗୃହକୁ ଫେରି ଆସୁ ଆସୁ ସ୍ଥିର କଲି ଅସୁସ୍ଥତାର ଛଳନା କରି କାଲି ମତେ ଅନେକ ସମୟଯାଏ ଶଯ୍ୟାରେ ଶୋଇ ରହିବାକୁ ହେବ । ତା' ନହେଲେ କର୍ଣ୍ଣ ପ୍ରାତଃଭୋଜନ ମଧ୍ୟ କରିବେ ନାହିଁ । ଅତିଥି ଅଭୁକ୍ତ ରହିଲେ ଧର୍ମ ନଷ୍ଟ ହେବ । ମୁଁ ରନ୍ଧନ ନ କଲେ ମା' ନିଜେ ରନ୍ଧନ କରିବେ ଏବଂ କର୍ଣ୍ଣ ପ୍ରାତଃଭୋଜନ କରି ସ୍ୱଦେଶକୁ ବାହୁଡ଼ି ଯିବେ ।

ମୁଁ ଶୟନଗୃହର ଦ୍ୱାର ମୁହଁରେ ପହଞ୍ଚିବା ପୂର୍ବରୁ ଦେଖିଲି ଫାଲ୍‌ଗୁନି ଆସୁଛନ୍ତି । ଇଚ୍ଛାହେଲା ତାଙ୍କର ପ୍ରଶସ୍ତ ଉଦାର ବୁକୁରେ ମୋର ଅସହାୟ ବେଦନାର ବୋଝକୁ ଅଶ୍ରୁର ସ୍ରୋତରେ ମିଶାଇ ଅଜାଡ଼ି ଦେବି । ପଗ୍ଧରିବି — ଫାଲ୍‌ଗୁନି, ଏ ଦଣ୍ଡ ମୋତେ କାହିଁକି ଦେଲ ? ଯୁଗ ଯୁଗ ପାଇଁ କୃଷ୍ଣାର ଏ କଳଙ୍କ ପୃଥିବୀ ଇତିହାସରେ ଲିପିବଦ୍ଧ ହୋଇ ରହିଯିବ । ଏଥିପାଇଁ କ'ଣ କୃଷ୍ଣା ଦାୟୀ ? କୃଷ୍ଣା କ'ଣ ଏକଥା ଗ୍ରହିଁଥିଲା ? ତେବେ ଅପମାନର ବ୍ୟଥା କୃଷ୍ଣା ଏକା କାହିଁକି ବହନ କରିବ ?

ଦରଦୀ ବନ୍ଧୁ ଦେଖିଲେ ଦୁଃଖନଦୀର ବନ୍ଧ ଭାଙ୍ଗିଯାଏ । ମୋର ସେଇ ଅବସ୍ଥା ହେଲା । ଫାଲ୍‌ଗୁନିଙ୍କୁ ଦେଖି ମୁଁ ଦୁଃଖରେ ଭାଙ୍ଗିପଡ଼ିଲି । ଶୟନକକ୍ଷର ଦ୍ୱାରଦେଶରେ

Digitized by srujanika@gmail.com

ପଥରର ପ୍ରତିମା ଭଳି ଠିଆହୋଇ ରହିଲି । ଆଖିରେ ଅଶ୍ରୁ ଟଳମଳ ହେଉଛି । ଫାଲ୍‌ଗୁନି ତଳକୁ ମୁହଁପୋତି ମତେ ଅତିକ୍ରମ କରି ଗଲିଯିବାକୁ ବସିଛନ୍ତି, ମୁଁ ତାଙ୍କର ବାଟ ଓଗାଳିଲି । ସେ ମୋର ମୁହଁକୁ ନ ଗ୍ରହିଁ ପ୍ରଶ୍ନ କଲେ — ''କ'ଣ ଗ୍ରହଁ ?''

ମୋ ଅଶ୍ରୁଧାର ଝରିଗଲା । କୋହଗ୍ରସ୍ତ କହିଲି —''ଫାଲ୍‌ଗୁନି, ମୁଁ ଭୀଷଣ ଅସୁସ୍ଥ ବୋଧ କରୁଛି । ହୃଦୟରେ ଖୁବ୍ କଷ୍ଟ ହେଉଛି ।'' ଭାବିଥିଲି ଏ କଥା ଶୁଣି ଫାଲ୍‌ଗୁନି ବ୍ୟସ୍ତ ହୋଇପଡ଼ିବେ । ମାତ୍ର ଶୀତଳ କଣ୍ଠରେ ସେ କହିଲେ — ''ସାରାଦିନର ପରିଶ୍ରମ ଯୋଗୁଁ ଏପରି ଲାଗିବା ସ୍ୱାଭାବିକ । ମୁଁ ଭାଇଙ୍କୁ ଖବର ଦେଉଛି । ତମେ ବିଶ୍ରାମ କରୁଥାଅ ।'' ଫାଲ୍‌ଗୁନି ମତେ ଏକ ତୀର୍ଯ୍ୟକ୍ ଦୃଷ୍ଟି ହାଣି ବୈଠକଘର ଆଡ଼କୁ ପୁଣିଥରେ ଲେଉଟିଗଲେ । ସତେବା କର୍ଣ୍ଣଙ୍କ ପରିହାସକୁ ସେ ପୁଣିଥରେ ମୋର ସ୍ମରଣ କରାଇ ଦେଇ କହିଗଲେ — ''କୃଷ୍ଣା, ମୁଁ ନାସ୍ତ୍ରର । ରାତ୍ରିର ଏ ବିଳମ୍ବିତ ପ୍ରହରରେ, ତମର ଅଧମ ସ୍ୱାମୀ ଫାଲ୍‌ଗୁନି ତମକୁ କୌଣସି ପ୍ରକାର ସାହାଯ୍ୟ କରିପାରୁନି । କାରଣ ତମେ ବର୍ତ୍ତମାନ ଯୁଧିଷ୍ଠିରଙ୍କର ପତ୍ନୀ ଭୂମିକାରେ ଅବତୀର୍ଣ୍ଣା ହୋଇଛ । ମୁଁ ତ ଜଣେ ନଗଣ୍ୟ ଦର୍ଶକ ମାତ୍ର ।''

ମୁଁ ଶୟନଗୃହରେ ପ୍ରବେଶ କଲି । ସ୍ୱାମୀ ଶଯ୍ୟା ଗ୍ରହଣ କରିବା ପରେ ମୁଁ ବିଶ୍ରାମ ନେବାର କଥା । ଯୁଧିଷ୍ଠିରଙ୍କ ଅପେକ୍ଷାରେ ମୁଁ ବସିରହିଲି । ଯୁଧିଷ୍ଠିର କିନ୍ତୁ ମୋର ଏ ବ୍ୟଥା ବୁଝିବେ ନାହିଁ । ସେ ନିର୍ଲିପ୍ତ, ନିର୍ବିକାର ପୁରୁଷ । ସାଂସାରିକ ମାନ ଅଭିମାନ, ରାଗ, ଦ୍ୱେଷ ତାଙ୍କର ଅନ୍ତରକୁ ସ୍ପର୍ଶ କରେନାହିଁ । ସେ ଦେବତା, ତେଣୁ ଅନ୍ୟର ଅର୍ଥରେ ପାଷାଣ ।

ଶରୀର ଗ୍ରହୁଁଛି ବିଶ୍ରାମ । ମନ ଗ୍ରହୁଁଛି ଆଶ୍ୱାସନା । ମୋର ପଞ୍ଚସ୍ୱାମୀ, ଅଥଚ ମତେ କିଛି ବି ମିଳୁନାହିଁ ଏଇ ମୁହୂର୍ତ୍ତରେ ।

ବାହାରେ ଫାଲ୍‌ଗୁନିଙ୍କର ପାଦ ଦୁଇଟି ଦିଶୁଛି । ଶଙ୍ଖମର୍ମର ପ୍ରସ୍ତର ଚଟାଣ ଉପରେ ନୀଳପଦ୍ମର ପାଖୁଡ଼ା ପରି କମନୀୟ ଦିଶୁଛି । ଦ୍ୱାରବନ୍ଧ ସେପଟେ ପାଦଦୁଇଟି ସ୍ଥିର ହୋଇଗଲା । ଯୁଧିଷ୍ଠିରଙ୍କ ପତ୍ନୀ କୃଷ୍ଣାଙ୍କର ଶୟନକକ୍ଷକୁ ଫାଲ୍‌ଗୁନିଙ୍କର ପ୍ରବେଶ ନିଷେଧ ।

ଫାଲ୍‌ଗୁନି ବାହାରେ ଥାଇ କହିଲେ — ''ଭାଇ ବର୍ତ୍ତମାନ ଦୁର୍ଯ୍ୟୋଧନଙ୍କ ସଙ୍ଗେ ଦ୍ୟୂତକ୍ରୀଡ଼ାରେ ମାତିଛନ୍ତି । ଆଜି ରାତିରେ ସେ ପ୍ରତିଥର ବିଜୟଲାଭ କରୁଛନ୍ତି । ସାରାରାତି ସେ ଖେଳିବେ । କାରଣ ଜିତିବାର ସୁଯୋଗ ଜୀବନରେ ଖୁବ୍ କ୍ୱଚିତ୍ ଆସେ । ଯେତେବେଳେ ଆସେ, ତାକୁ ହାତଛଡ଼ା କରିଦେବା ବୁଦ୍ଧିମାନର କାମ ନୁହେଁ । ଭାଇଙ୍କୁ ଅପେକ୍ଷା ନ କରି ତମେ ବିଶ୍ରାମ ଗ୍ରହଣ କର । ଭାଇ ସେଥିପାଇଁ ଅନୁମତି ଦେଇଛନ୍ତି ।''

Digitized by srujanika@gmail.com

ଫାଲ୍‌ଗୁନି ସିନା ଭିତରକୁ ଆସିବେ ନାହିଁ, ମୁଁ ତ ବାହାରକୁ ଯାଇପାରିବି । ମୁଁ ପରଦା ଆଡ଼େଇ ଫାଲ୍‌ଗୁନିଙ୍କ ସମ୍ମୁଖରେ ଠିଆହେଲି । ସ୍ଥିରକଣ୍ଠରେ କହିଲି — ''ଫାଲ୍‌ଗୁନି, ଯୁଧିଷ୍ଠିର ମୋ ଅସୁସ୍ଥତାର ସମ୍ବାଦ ପାଇ ମଧ୍ୟ ଦ୍ୟୁତକ୍ରୀଡ଼ାରେ ଜିଣିବାର ନିଶାରେ ବୈଠକଘରେ ରାତି ପୁହାଇ ଦେବେ ବୋଲି ମୋର ତାଙ୍କ ଉପରେ ଅଭିମାନ ହେଉନି । ଏଇ ଦ୍ୟୁତକ୍ରୀଡ଼ାର ନିଶା ପାଇଁ ମୋର କାହିଁକି ଭାରି ଭୟ ହେଉଛି । ମଣିଷର ଯେ କୌଣସି ନିଶା ବିପଜ୍ଜନକ । ଦାନ କରିବାର ନିଶା ଯୋଗୁଁ ହିଁ ବଳୀ ପାତାଳଗାମୀ ହୋଇଥିଲା । ଦ୍ୟୁତକ୍ରୀଡ଼ାରେ ଯୁଧିଷ୍ଠିରଙ୍କ ପାଖରେ ଥରେ ପରାଜିତ ହେବାର ଅପମାନ ଓ ଗ୍ଲାନି ଦୁର୍ଯ୍ୟୋଧନ ହୁଏତ ସାରା ଜୀବନ ଭୁଲିବ ନାହିଁ । କିଏ ଜାଣେ କି ପ୍ରକାର ପ୍ରତିହିଂସାର ସୁଯୋଗ ସେ ଖୋଜୁଥିବ ମନେ ମନେ !''

ଫାଲ୍‌ଗୁନି ବେପରୱା ଭାବରେ କହିଲେ — ''ଦ୍ୟୁତକ୍ରୀଡ଼ା ଆନନ୍ଦ ପାଇଁ, ମନୋରଞ୍ଜନ ପାଇଁ, ସୌକ କରିବା ପାଇଁ । ଖେଳରେ ହାର୍‌ଜିତ୍ ସଙ୍ଗେ ଜୀବନର ସମ୍ପର୍କ କ'ଣ ? ସ୍ତ୍ରୀଲୋକମାନେ ଭାରି ସନ୍ଦେହୀ । ସବୁକଥାକୁ ତାର୍ଯ୍ୟକ୍ ଦୃଷ୍ଟିରେ ଦେଖିବା ତାଙ୍କର ଅଭ୍ୟାସ । ସେଥିପାଇଁ ସେମାନେ ବେଶୀ ଦୁଃଖ ପା'ନ୍ତି ।''

ମୁଁ ପାଣ୍ଡବ ଭାଇମାନଙ୍କୁ ଜାଣେ । ନିଜେ ପଛେ ଭାଇଙ୍କୁ କୌଣସି ଘଟଣାରେ ଦୋଷାରୋପ କରୁଥିବେ, ମାତ୍ର ସ୍ତ୍ରୀ ମୁହଁରେ ଭାଇଙ୍କ ପ୍ରତି କୌଣସି ଅଭିଯୋଗକୁ କେହି ଜଣେହେଲେ ଭାଇ ବରଦାସ୍ତ କରିବେ ନାହିଁ । ମୋର ଭୁଲ୍ ମୁଁ ବୁଝିପାରିଲି । ନିଜକୁ ସଜାଡ଼ି ନେଲି । ଶାନ୍ତ କଣ୍ଠରେ କହିଲି — ''ଫାଲ୍‌ଗୁନି, ଭାଇ ନ ଆସିବା ଯାଏ ମୁଁ ଶଯ୍ୟା ଗ୍ରହଣ କରିପାରିବି ନାହିଁ । ତା'ଛଡ଼ା ଆଜି ଅତ୍ୟଧିକ କ୍ଲାନ୍ତି ଯୋଗୁଁ ନିଦ ମଧ୍ୟ ହେବନାହିଁ । ଗ୍ୱଲ କିଛି ସମୟ ଗଳ୍ପ କରିବା । ତମ ସଖାଙ୍କର ଦର୍ଶନ ସମ୍ପର୍କରେ ଆଲୋଚନା କରିବା । ତମ ସଖା ପରକଥାରେ କାହିଁକି ଏତେ ମୁଣ୍ଡ ଖେଳାନ୍ତି ସେ ସମ୍ପର୍କରେ ଆଜି ମୋର ସନ୍ଦେହ ମୋଚନ କରିବାକୁ ମନସ୍ଥ କରିଛି ।''

ଫାଲ୍‌ଗୁନି ମତେ ଗାଢ଼ଦୃଷ୍ଟିରେ ଗ୍ୱହିଁଲେ । ରକ୍ତିମ ଦିଶୁଛି ତାଙ୍କର ନୀଳ ସରୋବର ଆଖି । ବୋଧହୁଏ ରାତ୍ରିର ଆଧିକ୍ୟ ଯୋଗୁଁ କିମ୍ବା ସୁରାପାନ ହେତୁ, ବୁଝି ହେଉନି । ଗମ୍ଭୀର କଣ୍ଠରେ ସେ କହିଲେ — ''କୃଷ୍ଣା, ଦୁଇବର୍ଷ ପର୍ଯ୍ୟନ୍ତ ମୋର ବ୍ରତ ପାଳନ କରିବାକୁ ହେବ ବୋଲି ତ ଧାର୍ଯ୍ୟ କରିଦେଇଛ । ପୁଣି ତମେ ବ୍ରତଭଙ୍ଗ କରାଇବାକୁ ଏ ପ୍ରଚେଷ୍ଟା କାହିଁକି ? ତମେ କ'ଣ ଗ୍ୱହଁ ମୁଁ ବାରବର୍ଷ ବନବାସ କରେ ?''

ମୁଁ ଅବାକ୍ ହେଲି । ଆଘାତ ପାଇଲି । ମୁଁ କ'ଣ ଗ୍ୱହେଁ; ଫାଲ୍‌ଗୁନି କେମିତି ଜାଣିବେ ? ସେ ତ ନାରୀ ନୁହନ୍ତି । ସେ କେମିତି ଜାଣିବେ ଯେ ପ୍ରତିଟି ମୁହୂର୍ତ୍ତରେ ମୁଁ ତାଙ୍କୁ ପାଖରେ ପାଇବାକୁ ଗ୍ୱହେଁ ବୋଲି ।

Digitized by srujanika@gmail.com

ମୋର ଅଭିମାନର ନୀରବ ଭାଷା ଫାଲ୍‌ଗୁନି ହୁଏତ ଶୁଣିପାରିଲେ । ନରମ କଣ୍ଠରେ କହିଲେ — ''ନିୟମ ପାଳନ ଦୃଷ୍ଟିରୁ ଦୁଇବର୍ଷ ପର୍ଯ୍ୟନ୍ତ ତମକୁ କାମନା ନ କରିବାର ଅର୍ଥ ନୁହେଁ ଯେ ମୁଁ ନିର୍ବିକାର ସନ୍ନ୍ୟାସୀ ବା କ୍ଲୀବ । ଏମିତି ନିର୍ଜନ ରାତ୍ରିରେ ତମ ସଙ୍ଗେ ଏକାନ୍ତ ଆଳାପର ଶେଷକଥା ଯେ ମୋର ବ୍ରତଭଙ୍ଗ, ଏକଥା ମୋ' ଛଡ଼ା ବେଶି କିଏ ଜାଣେ ? ତେଣୁ କୃଷ୍ଣା, ମତେ କ୍ଷମାକର । ଏ ଆଲୋଚନା କାଲି ହବା କାଲି, ମଧ୍ୟାହ୍ନ ଅବସର କାଳରେ ସଖାଙ୍କ ଉପସ୍ଥିତିରେ । ସଖା ପାଖରେ ଥିଲେ ବ୍ରତଭଙ୍ଗର ଆଶଙ୍କା ନଥାଏ ।''

ଫାଲ୍‌ଗୁନି ନିର୍ବିକାର ପୁରୁଷ ଭଳି ମୋର ନିରୀହ ଆବେଦନକୁ ଉପେକ୍ଷା କରି ଚାଲିଗଲେ । ଥରେ ବି ମୋର ପ୍ରତିକ୍ରିୟା ବୁଝିବା ପାଇଁ ଫେରି ଚାହିଁଲେ ନାହିଁ ।

ଭାବିଲି ମାୟା ହାତରେ ଯୁଧିଷ୍ଠିରଙ୍କୁ ଖବର ଦେବି—ମୁଁ ଭୀଷଣ ଅସୁସ୍ଥ ବୋଲି । ମାତ୍ର ତା' କ'ଣ ଉଚିତ ହେବ ? କୌରବମାନେ ଅନ୍ୟଥା ଭାବିବେ ନାହିଁ ତ ! କିନ୍ତୁ ଯୁଧିଷ୍ଠିର ଆସିଲେ ବି ମୋର ଏ ଅପମାନର ଜ୍ୱାଳା କ'ଣ ନିର୍ବାପିତ ହେବ ? ବରଂ ତାଙ୍କୁ ଦେଖିବା ମାତ୍ରେ ମୋର କ୍ରୋଧ ବଢ଼ିବ । ଆଜିର ଏ ଉତ୍ସବର ରାତ୍ରି କଣ୍ଟକିତ ହେଇଉଠିବ । ଯୁଧିଷ୍ଠିର ବିଜୟର ଆନନ୍ଦରେ ପତ୍ନୀର ଆବେଦନକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ସେ ଜିତୁଛନ୍ତି, ଜିତିବାର ଆତ୍ମପ୍ରସାଦ ଭିତରେ ଆଉ କାହାରି ହାରିଯାଉଥିବାର ଦୁଃଖ ସ୍ପର୍ଶ କରିବ ନାହିଁ ତାଙ୍କୁ ।

ମୁଁ ବେଳୁବେଳ ଅସୁସ୍ଥବୋଧ କରୁଛି, ଯୁଧିଷ୍ଠିରଙ୍କ ପାଖରୁ ନିର୍ଦ୍ଦେଶ ଆସିଲା ବୈଠକ ଘରକୁ ଯାଇ ଦ୍ୟୂତକ୍ରୀଡ଼ାରେ ତାଙ୍କର ପ୍ରଥମବାର ବିଜୟଲାଭର ଆନନ୍ଦରେ ଭାଗ ନେବା ପାଇଁ ।

ମୁଁ ନିରୁପାୟ । ସ୍ୱାମୀଙ୍କ ନିର୍ଦ୍ଦେଶକୁ ଏ କ୍ଷେତ୍ରରେ ପାଳନ କରିବାକୁ ହେବ । ତା' ନହେଲେ କୌରବମାନଙ୍କ ପାଖରେ ଯୁଧିଷ୍ଠିର ଅପଦସ୍ଥ ହେବେ । ମୁଁ ବହୁ କଷ୍ଟରେ ନିଜକୁ ପ୍ରସ୍ତୁତ କଲି । ମାୟାକୁ ସଙ୍ଗରେ ନେଇ ବୈଠକଘର ଦ୍ୱାରଦେଶରେ ପହଞ୍ଚିଲି । ଯୁଧିଷ୍ଠିର ମୋର ଅସୁସ୍ଥତା, ମୋର ବେଦନାବୋଧ, ମୋର ବିଷଣ୍ଣତା ଲକ୍ଷ୍ୟ କରିପାରିଲେ ନାହିଁ । ସେ ଆନନ୍ଦରେ କହିଲେ — ''ଯାଜ୍ଞସେନି ! ଅର୍ଦ୍ଧାଙ୍ଗୀ ପାଖରେ ନଥିଲେ ଜିତିବା ସଂପୂର୍ଣ୍ଣ ହୁଏନାହିଁ । ଆସ ଆସନ ଗ୍ରହଣ କର । ମୁଁ ଦ୍ୟୂତକ୍ରୀଡ଼ାରେ ଜୀବନରେ ଏଇ ପ୍ରଥମବାର ଜିତିବାର ଆରମ୍ଭ କରିଛି । ତମକୁ ବାଦ୍‌ଦେଇ ଏ ଜିତିବାର ଆନନ୍ଦ କ'ଣ ଉପଭୋଗ କରାଯାଇପାରେ ?''

ଭୀମ ଉତ୍ତ୍ୱସିତ ହୋଇ କହିଲେ — ''ଦ୍ରୌପଦୀଙ୍କୁ ଜୟ କରିବା ପରେ ପାଣ୍ଡବମାନେ ଏଣିକି ସବୁଥିରେ ଜୟଲାଭ କରିବେ, ଏହାହିଁ ଆଜି ଦ୍ୟୂତକ୍ରୀଡ଼ାର ବିଜୟଲାଭରୁ ସୁସ୍ପଷ୍ଟ । ତେଣୁ ଏ ବିଜୟ ଦ୍ରୌପଦୀଙ୍କର ।''

Digitized by srujanika@gmail.com

ଦୁର୍ଯ୍ୟୋଧନ ଦ୍ୟୁତକ୍ରୀଡ଼ାରେ ପରାଜିତ ହୋଇ ଆକ୍ରୋଶରେ ଜଳୁଥିଲେ । ଭୀମ ପୁଣି ଥରେ ଏମିତି ଏକ ସଙ୍କଟମୟ ପରିସ୍ଥିତିରେ ତାଙ୍କ ଜୀବନର ଚରମ ପରାଜୟର କଥା ସ୍ମରଣ କରାଇଦେଲେ । ଦୁର୍ଯ୍ୟୋଧନ ଜ୍ୱଳନ୍ତ ଦୃଷ୍ଟିରେ ମତେ ଥରେ ଗ୍ରହିଁଲେ । ସେ ଦୃଷ୍ଟିରେ ଖାଲି ଅଗ୍ନିର ଲେଲିହାନ ଶିଖା । ସେ ଅଗ୍ନି କାମନାର ଅଗ୍ନି, ପ୍ରତିଶୋଧର ଅଗ୍ନି, ବିଭତ୍ସ, ନୃଂଶସ ଲାଳସାର ଅଗ୍ନି ।

ଦୁଃଶାସନ ଦପ୍ ଦପ୍ ଜଳୁଥିଲା ଅସହିଷ୍ଣୁତାରେ । ଅଟ୍ଟହାସ୍ୟକରି ସେ କହିଲା— ''ପଞ୍ଚପତିଙ୍କର ନାୟିକା ଦେବୀ ଦ୍ରୌପଦୀଙ୍କର ସତୀତ୍ୱର ପରାକାଷ୍ଠା ଯୋଗୁଁ ଏଣିକି ବିଜୟର ବନ୍ୟା ପାଣ୍ଡବମାନଙ୍କୁ ଭସାଇ ନେଇ ସମୁଦ୍ର ଗର୍ଭରେ ଯେ ନିକ୍ଷେପ ନକରିବ, ସେକଥା କିଏ କହିପାରିବ ?''

ମୁଁ ଆଉରି ଅସୁସ୍ଥବୋଧ କରୁଥିଲି । ପରାଜିତ ଶତ୍ରୁକୁ ନିଜର ଜୟଗୀତି ଶୁଣାଇବା ବୁଦ୍ଧିମାନର କାର୍ଯ୍ୟ ନୁହେଁ । ତା'ଦ୍ୱାରା ଶତ୍ରୁତା ବୃଦ୍ଧି ହୁଏ ସିନା କମେ ନାହିଁ। ମତେ ଦେଖିବା ମାତ୍ରେ କୌରବମାନେ ଅତୃପ୍ତ ବାସନା ଏବଂ ପରାଜୟର ଜ୍ୱାଳାରେ ସହଜେ ତ ଛଟପଟ ହୁଅନ୍ତି, ତା' ସଙ୍ଗେ ଆଜି ଆମର ବିଭବ ଏବଂ ବିଜୟ ତାଙ୍କୁ ଅଧିକ ଅସହିଷ୍ଣୁ କରିପକାଇଛି । ପୁଣି ମତେ ଡକାଇ ତାଙ୍କୁ ଅଧିକ ଜଳାଇବାର କି ଦରକାର !

ଭାବିଲି ମୋର ଉପସ୍ଥିତି ଏ ପରିସ୍ଥିତିରେ ବାଞ୍ଛନୀୟ ନୁହେଁ । ମୋର ଫେରିଯିବା ଉଚିତ । ମୋର ମନକଥା କୃଷ୍ଣ କେମିତି ଜାଣିପାରିଲେ । କହିଲେ — ''ଯୁଧିଷ୍ଠିର ! କୃଷ୍ଣା ଆଜି ଅଧିକ ପରିଶ୍ରମ କରି କ୍ଲାନ୍ତ ଜଣାପଡୁଛନ୍ତି । ବିଶ୍ରାମ କରିବା ପାଇଁ ତାଙ୍କୁ ଅନୁମତି ଦିଅ ।''

ଯୁଧିଷ୍ଠିର ମନୋଯୋଗ ସହକାରେ ଦାନ ପକାଉ ପକାଉ ମୁହଁ ନ ଉଠାଇ ଶୀତଳ ସ୍ୱରରେ କହିଲେ ''ତେବେ, ଯାଜ୍ଞସେନୀ ଯାଇପାରନ୍ତି ।''

ଯନ୍ତ୍ରଚାଳିତ ଭଳି ମୁଁ ଫେରିଆସିଲି । ଅଶ୍ରୁର ଅବାଧ୍ୟତାକୁ ବରଦାସ୍ତ କରିବା ଛଡ଼ା ଅନ୍ୟ ଉପାୟ ନଥିଲା । ଏ ଅଶ୍ରୁ ବେଦନାର ନୁହେଁ, ଅପମାନର ଗ୍ଲାନି ଯୋଗୁଁ ନୁହେଁ, ଶରୀରର ଯନ୍ତ୍ରଣା ଯୋଗୁଁ ନୁହେଁ, ଏ ଅଶ୍ରୁ ଅସହାୟତାର, ନିଃସଙ୍ଗତାର । ପଞ୍ଚପତିଙ୍କର ପ୍ରେମାସ୍ପଦା ହୋଇଥିବା ଯୋଗୁଁ ଯେଉଁ ନାରୀ ଆଜି ପ୍ରତି ପଦେ ପଦେ ଉପହସିତା; ସେ ଯେ କେତେ ଏକାକିନୀ, କେତେ ନିଃସଙ୍ଗ, ସେକଥା କ'ଣ କେହି ବୁଝିପାରିବ ?

ଶୋଇବା ସମ୍ଭବ ନୁହେଁ । ଶ୍ୱାସରୁଦ୍ଧକାରୀ ଯନ୍ତ୍ରଣା କୋଠରି ଭିତରେ ମତେ ଗ୍ରାସ କରିବାକୁ ବସିଛି । ମୁଁ ମାୟାକୁ ସଙ୍ଗରେ ନେଇ ଛାତ ଉପରକୁ ଗଲି । ମୁକ୍ତ

Digitized by srujanika@gmail.com

ବାୟୁ, ରାକା ରଜନୀର ସ୍ନିଗ୍ଧ ଚନ୍ଦ୍ରାଲୋକ ଏବଂ ତାରକାଚର୍ଚ୍ଚିତ ଆକାଶର ଉଦାରତା ହୁଏତ ମୋର କଷ୍ଟରେ ଅଂଶୀଦାର ହେଇପାରେ । ଛାତର ଗୋଟିଏ ଧାରକୁ ଆଉଜି ଉଦାର ଆକାଶଠାରୁ କିଛି ଆଶ୍ୱାସନା ମାଗୁଛି, ଦେଖିଲି ଅତିଥି ଭବନର ଛାତ ଉପରେ ଏକ ଦୀର୍ଘ, ବଳିଷ୍ଠ, ସୁଠାମ ଛାୟାମୂର୍ତ୍ତି । ଛାୟାମୂର୍ତ୍ତି ଅସ୍ଥିର, ବିଚଳିତ ଭାବେ ପଦଘ୍ୱରଣା କରୁଛି । ବେଳେବେଳେ ଆକାଶକୁ ଘୂହିଁ ସ୍ଥିର ହେଇଯାଉଛି । ଯେମିତି ଏକ ନିଶ୍ଚଳ ପ୍ରଶ୍ନବାଚୀ । କିଏ ? ବିଶିଷ୍ଟ ଅତିଥି କର୍ଣ୍ଣ ! ସେ ବିଚଳିତ, ବିବ୍ରତ, ଅସ୍ଥିର କାହିଁକି । ତାଙ୍କର ବି କିଛି ଯନ୍ତ୍ରଣା ହେଉଛି ? କି ଯନ୍ତ୍ରଣା ?

ବୈଠକଘରୁ ଆନନ୍ଦର କଳରୋଳ ଶୁଭୁଛି । ଯୁଧିଷ୍ଠିର ପୁନର୍ବାର ଜିତିଛନ୍ତି । ଛାୟାମୂର୍ତ୍ତି ଶୂନ୍ୟ ଆକାଶଠାରୁ ଜୀବନ ପ୍ରଶ୍ନର ଉତ୍ତର ମାଗୁଛି । ମା'ଙ୍କ ପ୍ରାସାଦର ଛାତରେ ଆଉ ଏକ କରୁଣ ଛାୟାମୂର୍ତ୍ତି, ଅତିଥି ଭବନର ଛାତକୁ ଏକଲୟରେ ଘୂହିଁ ରହିଛି । ଘନ ଘନ ଦୀର୍ଘଶ୍ୱାସରେ ଥରି ଥରି ଯାଉଛି ଛାୟାମୂର୍ତ୍ତିର ଅସ୍ପଷ୍ଟ ସୀମାରେଖା । କିଏ ? ମାତା କୁନ୍ତୀ ! ଜ୍ୟେଷ୍ଠପୁତ୍ର ଯୁଧିଷ୍ଠିର ବିଜୟ ଲାଭ କରୁଛନ୍ତି । ଅଥଚ କେଉଁ ଗୋପନ ଯନ୍ତ୍ରଣାରେ ମାତା କୁନ୍ତୀଙ୍କ ଆଖିରୁ ନିଦ୍ରାହରଣ ହେଇଛି ?

ମୋର ଦୁଃଖ, ମୋର ଯନ୍ତ୍ରଣା ଭୁଲିଯାଇ ମୁଁ ମା'ଙ୍କ ଯନ୍ତ୍ରଣା ଓ ଗୋପନ ବ୍ୟଥାର ଭାବନାରେ ମଗ୍ନ ହେଇଗଲି । ବୀରପ୍ରସବିନୀ ପଞ୍ଚପୁତ୍ରର ଜନନୀ କୁନ୍ତୀଙ୍କର ଗୋପନ ବ୍ୟଥା ମୋ ବ୍ୟଥାଠାରୁ ଯେ ଅଧିକ ଗୁରୁତର, ଏକଥା ମୋର ମନ ମତେ କହୁଥିଲା ।

ଭାବିଲି, ମା'ଙ୍କ ଦୁଃଖ ଦୂର କରିବା କୁଳବଧୂ ଭାବରେ ମୋର ପ୍ରଥମ କର୍ତ୍ତବ୍ୟ । ମାତ୍ର ମା'ଙ୍କ ଦୁଃଖର କାରଣ କାହାକୁ ପଘ୍ରିବି ? ମା'ଙ୍କ ଛଡ଼ା କିଏ ଆଉ ସେ କଥା କହିପାରିବ ମତେ ? ସ୍ଥିର କଲି, ସୁଯୋଗ ଆସିଲେ ଅଞ୍ଜଳି ପାତି ମା'ଙ୍କ ଦୁଃଖ କିଛି ମାଗିନେବି । ମା'ଙ୍କ ଅଶ୍ରୁରେ ଅଶ୍ରୁ ମିଶାଇ ତାଙ୍କ ଦୁଃଖର ଭାର ଉଣା କରିବି ।

॥ ୧୬ ॥

ଶରୀର ଅସୁସ୍ଥ ହେଲେ ମନ ସୁସ୍ଥ ରହିପାରେ, ମନ ଅସୁସ୍ଥ ହେଲେ ଶରୀର କିନ୍ତୁ ସୁସ୍ଥ ରହିପାରେନା । ମୁଁ ଅନେକ ଦିନ ଅସୁସ୍ଥ ହୋଇ ଶଯ୍ୟାରେ ପଡ଼ିରହିଲି । ଯୁଧିଷ୍ଠିର ରାଜ୍ୟବୈଦ୍ୟଙ୍କ ଉପରେ ମୋ ଚିକିତ୍ସାର ଦାୟିତ୍ୱ ଦେଇ ନିଶ୍ଚିନ୍ତ ରହିଲେ । ରାଜବୈଦ୍ୟଙ୍କ ଉପରେ ତାଙ୍କର ଗଭୀର ବିଶ୍ୱାସ । କିନ୍ତୁ ମୁଁ ନିଜ ଉପରୁ ବିଶ୍ୱାସ ହରାଇନି । ମନରେ ସନ୍ଦେହ ଜାଗିଛି, ପଞ୍ଚସ୍ୱାମୀଙ୍କୁ ନେଇ ମୁଁ ଜୀବନସାରା କୌରବ-ମାନଙ୍କ ଦ୍ୱାରା ଅପମାନିତା ହୋଇ ସୁସ୍ଥ ଜୀବନ କାଟି ପାରିବି ତ !

Digitized by srujanika@gmail.com

ପଞ୍ଚସ୍ୱାମୀଙ୍କୁ ନେଇ ମୁଁ ଅହରହ ଜଳୁଥିଲି । ତେବେ ହୃଦୟଙ୍ଗମ କରୁଛି ଯେ ଜଣେ କେବେହେଲେ ସମସ୍ତଙ୍କୁ ସନ୍ତୁଷ୍ଟ କରିପାରେନା । ଯୁଗ୍ମ ଜୀବନର ଶୃଙ୍ଖଳାରକ୍ଷା ପାଇଁ ମୁଁ ଯେଉଁ ନିୟମ ପ୍ରଣୟନ କଲି, ସେଥିରେ ମୋର ହୁଏତ ସୁବିଧା ହେଲା, କିନ୍ତୁ ଅନ୍ୟମାନେ ତା'ଦ୍ୱାରା ଅସୁଖୀ ହୋଇ ପଡ଼ିଥିଲେ । ଭୀମ ମତେ ଅଯଥାରେ ଅନେକ ସମୟ ଅଟକାଇ ରଖନ୍ତି । ପ୍ରତିଦିନ ରାତ୍ରିଭୋଜନ ପରେ ମୁଁ ଯେତେବେଳେ ଯୁଧିଷ୍ଠିରଙ୍କ ଶୟନକକ୍ଷକୁ ଯିବା ପୂର୍ବରୁ ସବୁକାମ ସାରି ସମସ୍ତଙ୍କୁ ଶୁଭରାତ୍ରି ଜଣାଇବା ପାଇଁ ଯାଏ, ସହଦେବ ସରଳ ଶିଶୁଭଳି ନିଶ୍ଚିନ୍ତ ନିଦରେ ଶୋଇପଡ଼ିଥା'ନ୍ତି । ନକୁଳ ପ୍ରମୋଦ ଗୃହରେ ତେବେ ମଧ୍ୟ ନୃତ୍ୟ ଗୀତ ଭିତରେ ହଜି ଯାଇଥା'ନ୍ତି । ନର୍ତ୍ତକୀ ସୁଲଳନାର ନୃତ୍ୟ ଭିତରେ ସେ ଆଜିକାଲି ଅଧିକରୁ ଅଧିକ ବୁଡ଼ି ରହୁଛନ୍ତି । ଅର୍ଜୁନ ପାଠାଗାର କକ୍ଷରେ ଶାସ୍ତ୍ର ପଠନରେ ନିମଗ୍ନ ଥା'ନ୍ତି । ଶାସ୍ତ୍ରପଠନ ଏବଂ ଅସ୍ତ୍ରବିଦ୍ୟା ଅଭ୍ୟାସ କରୁଥିବା ସମୟରେ କେହି ତାଙ୍କୁ କୌଣସି କାରଣରୁ ହେଲେ ମଧ୍ୟ ସାମ୍ନା କରନ୍ତି ନାହିଁ । ତାଙ୍କ ଏକାଗ୍ରତାରେ ବ୍ୟାଘାତ ସୃଷ୍ଟି କରନ୍ତି ନାହିଁ । ଏହା ତାଙ୍କର ନିର୍ଦ୍ଦେଶ ଏବଂ ସେଥିପାଇଁ ହୁଏତ ସେ ଜାଣି ଜାଣି ବିଳମ୍ବ ରାତ୍ରିରେ ମଧ୍ୟ ଏଥିରୁ ଗୋଟିଏ କାର୍ଯ୍ୟରେ ନିଜକୁ ବ୍ୟସ୍ତ ରଖନ୍ତି । ତାଙ୍କୁ ଶୁଭରାତ୍ରି ଜଣାଇବାର ସୁଯୋଗ ଟିକେ ମତେ ନଦେଇ ସେ ହୁଏତ ମନର ଆକ୍ରୋଶ ମେଣ୍ଟାନ୍ତି ।

ଭୀମ କିନ୍ତୁ ଅପେକ୍ଷା କରି ରହିଥା'ନ୍ତି ମୋର ଆଗମନକୁ । କକ୍ଷଦ୍ୱାର ସମ୍ମୁଖରେ ମୋର ପାଦ ଶବ୍ଦ ଶୁଣିବା ମାତ୍ରେ ସେ ଆଦେଶ ଦେବା ଭଙ୍ଗୀରେ କହନ୍ତି — ''ପାଞ୍ଚାଳି, ଭିତରକୁ ଆସ । ମୁଁ ଭୀଷଣ ଅସୁସ୍ଥ । ଶଯ୍ୟାରୁ ଉଠିଯାଇ ପାରିବିନି ।''

''ମୁଁ ଭିତରକୁ ନଯାଇ ଦ୍ୱାର ଏପଟେ ଥାଇ ଉତ୍ତର ଦିଏ — ଅଧିକାଂଶ ଦିନ ବିଳମ୍ବ ରାତ୍ରିରେ ତମେ ଅସୁସ୍ଥ ହୁଅ କାହିଁକି ?''

— 'ତମରି ପାଇଁ' ।

— 'ମୋ ପାଇଁ ?'

— ''ନିଶ୍ଚୟ । ତମେ ଏତେ ସୁଖାଦ୍ୟ ପରିଷି ଦେଉଛ ଯେ, ପ୍ରତିଦିନ ରାତ୍ରି ଭୋଜନ ପରେ ପରେ ହିଁ ମୁଁ ଅସୁସ୍ଥ ହୋଇପଡୁଛି । ତମେ ତ ଜାଣ ମୁଁ ଟିକେ ଖାଦ୍ୟଲୋଭୀ । ଏବେ ସମ୍ଭାଳ —'' ଭୀମ ଅସ୍ତବ୍ୟସ୍ତ ହୁଅନ୍ତି । ଯନ୍ତ୍ରଣାସୂଚକ ଶବ୍ଦ କରନ୍ତି । ପିଇବା ପାଇଁ ପାଣି ଏବଂ ପାଚନ ମାଗନ୍ତି । ବାଧ୍ୟ ହୋଇ ମୁଁ ଭିତରକୁ ଯାଏ । ତାଙ୍କର କଷ୍ଟ ଦୂର କରିବାର ପ୍ରୟାସ କରେ । ଭୀମ କହନ୍ତି — ''ପାଞ୍ଚାଳି, ତମେ ସିନା ଏକବର୍ଷ ପର୍ଯ୍ୟନ୍ତ ମୋର ପତ୍ନୀ ହେବନାହିଁ, ଜନନୀ ଓ ଭଗ୍ନୀ ହେବାରେ ତ ବାଧା ନାହିଁ । ମୁଁ ଏବେ ଅସୁସ୍ଥ । ତମେ ବର୍ତ୍ତମାନ ଜନନୀ ଓ ଭଗ୍ନୀର ଭୂମିକା ଗ୍ରହଣ କରି ମୋର

Digitized by srujanika@gmail.com

ସେବା କରିବା ଉଚିତ । ଏଥିରେ ତମର ଏକବର୍ଷିଆ ସର୍ତ୍ତ ଭଙ୍ଗ ହେବନାହିଁ । ମତେ ନିଦ ନ ହେବାଯାଏ ତମେ ଯାଇପାରିବ ନାହିଁ ।''

ଭୀମ.ତାଙ୍କର ପଦସେବା କରିବା ପାଇଁ ଇଙ୍ଗିତ କରନ୍ତି । ତା'ଦ୍ୱାରା ତାଙ୍କର ଯନ୍ତ୍ରଣାର ଉପଶମ ହେଇପାରେ । ଖୁବ୍ ଶୀଘ୍ର ତାଙ୍କର ନିଦ୍ରା ଆସିପାରେ । ତାହାହିଁ ଭାବି ମୁଁ ତାଙ୍କର ସେବା ଶୁଶ୍ରୂଷାରେ ଲାଗିପଡ଼େ । ଦିନେ ଦିନେ ଭୋର ହେଇଯାଏ ପଛକେ ଭୀମଙ୍କର ଯନ୍ତ୍ରଣା କମେନାହିଁ । ତାଙ୍କର ସୁନିଦ୍ରା ହୁଏନାହିଁ । ସାରା ରାତି ଅନିଦ୍ରା ହୋଇ ମୁଁ ତାଙ୍କର ସେବା କରୁଥାଏ । ଭାବୁଥାଏ, ଯୁଧିଷ୍ଠିର ଅପେକ୍ଷା କରି ବିରକ୍ତ ହେବେନାହିଁ ତ ? କିନ୍ତୁ ମୁହଁ ଖୋଲି ସେକଥା ଭୀମଙ୍କୁ କହିପାରେ ନାହିଁ । ମୁଁ ନୀରବରେ ଭୀମଙ୍କର ପଦସେବା କରୁଥାଏ ଓ ଭୀମ କାମନାର ଅଗ୍ନିରେ ଜକୁଜକୁ ମତେ ଜଳାଇବା ପାଇଁ ହିଡ଼ିମ୍ବା ସହ ତାଙ୍କର ପ୍ରେମ, ପ୍ରଣୟ ଓ ମିଳନର କଥା ବର୍ଣ୍ଣନା କରୁଥା'ନ୍ତି । କେତେବେଳେକେ ଅନୁକମ୍ପା ପ୍ରଦର୍ଶନ କଲାଭଳି ସହାନୁଭୂତିଭରା ଗଳାରେ କହନ୍ତି — ''ଏଥର ଯାଅ ପାଞ୍ଚାଳି । ଯୁଧିଷ୍ଠିର ଅପେକ୍ଷା କରିଥିବେ । ତମକୁ କଷ୍ଟ ଦେବା ମୋର ଉଦ୍ଦେଶ୍ୟ ନୁହେଁ । ତେଣୁ କାଲି ମୁଁ ହିଡ଼ିମ୍ବା ପାଖକୁ ଘୁଲିଯାଉଛି । ମୋ ମନକଥା ତା'ଠାରୁ ବେଶି କିଏ ଜାଣେ ? ତା'ର ସ୍ପର୍ଶ ମାତ୍ରେ ହିଁ ମୋ ଆଖିରେ ନିଦ ଆସିଯାଏ । ଅଥଚ ତମର ସ୍ପର୍ଶରେ ନିଦ ହେବା ତ ଦୂରର କଥା, ବେଳୁବେଳ ଶରୀରର ଯନ୍ତ୍ରଣା ବଢୁଛି, ଆଖିରୁ ନିଦ୍ରା ହରଣ ହେଉଛି । ହିଡ଼ିମ୍ବା ରାକ୍ଷସୀ ହେଲେ ମଧ୍ୟ ସ୍ତ୍ରୀ ଭାବରେ ତମଠାରୁ ଶ୍ରେଷ୍ଠ !''

ଭୀମ ମତେ ଆଘାତ ଦେବାକୁ ଘୃହାନ୍ତି, ଜାଣିଲେ ବି ମୁଁ କିଛି ପ୍ରତିବାଦ କରେ-ନାହିଁ । ଭୀମଙ୍କର ଶ୍ଳେଷୋକ୍ତି ଶୁଣିବାରେ ମୁଁ ଅଭ୍ୟସ୍ତ। ହେଇଗଲିଣି । ନିଃଶବ୍ଦରେ ଫେରିଆସେ ଯୁଧିଷ୍ଠିରଙ୍କ ଶୟନକକ୍ଷକୁ । ମୁଁ ଆଶା କରୁଥାଏ ଯୁଧିଷ୍ଠିର ସ୍ୱାଭାବିକ ସ୍ୱାମୀତ୍ୱ ଜାହିର କରି ମୋ ଉପରେ ବିରକ୍ତ ହେବେ, ଉତ୍କ୍ଷିପ୍ତ ହେବେ — କ୍ଷୁବ୍ଧ ହେବେ । ଯେ କେହି ତାଙ୍କ ସ୍ଥାନରେ ଥିଲେ ତାହାହିଁ କରନ୍ତା । ମାତ୍ର ମୋ ପାଇଁ ଯୁଧିଷ୍ଠିରଙ୍କଠାରେ ଅସ୍ଥିର ଅପେକ୍ଷାର କୌଣସି ଲକ୍ଷଣ ନାହିଁ । ଜିତେନ୍ଦ୍ରିୟ ତାପସ ଭଳି ସେ ନିର୍ଲିପ୍ତ ଭାବରେ ମତେ ସ୍ୱାଗତ ଜଣାନ୍ତି ଓ ନିର୍ବିକାର କଣ୍ଠରେ କହନ୍ତି — ''ଭୀମ ନିଦ୍ରା ଯାଇଛି ତ ? ଶୁଣିଲି ପ୍ରତିଦିନ ରାତି ଭୋଜନ ପରେ ହିଁ ସେ ଅସୁସ୍ଥ ହୋଇ-ପଡୁଛି । ତା' ଖାଦ୍ୟପେୟର ଯତ୍ନ ନିଅ ଯାଜ୍ଞସେନି ! ସୁଖାଦ୍ୟ ଦେଖିଲେ ତା'ର ହିତାହିତ ଜ୍ଞାନ ରହେନାହିଁ । ତାକୁ ନିୟନ୍ତ୍ରଣ କର । ଭୀମର ବାହୁବଳ ହିଁ ପାଣ୍ଡବ-ମାନଙ୍କର ସମ୍ପଦ । ସେ କ୍ରମାଗତ ଅସୁସ୍ଥ ରହିଲେ ସବୁଠାରୁ ବେଶି ବିପନ୍ନ ହେବି ମୁଁ। ବଡ଼ଭାଇ ହିସାବରେ ସମସ୍ତଙ୍କର ଜଞ୍ଜାଳ ତ ମୋରି ଉପରେ ନ୍ୟସ୍ତ ।''

Digitized by srujanika@gmail.com

ମୁଁ ଗଭୀର ଅନ୍ତର୍ଦୃଷ୍ଟି ନେଇ ଯୁଧିଷ୍ଠିରଙ୍କୁ ଅନୁଧ୍ୟାନ କଲି । ଯୁଧିଷ୍ଠିର ସାରା ରାତି ମୋ ପାଇଁ ଅସ୍ଥିର ଅପେକ୍ଷାରେ ଛଟପଟ ହେଉଛନ୍ତି, ଏତିକି ସ୍ୱୀକାର କରିବାକୁ ନାରାଜ । ସେଥିରେ ସେ ସ୍ତ୍ରୀ ପାଖରେ ଛୋଟ ହେଇଯିବେ ଯେ ! ସେଇଥିପାଇଁ ସେ ପରୋକ୍ଷଭାବରେ ଜଣାଇ ଦେବାକୁ ଘ୍ରାହାନ୍ତି ଭୀମଙ୍କର ଅସୁସ୍ଥତା ତାଙ୍କୁ ସୁଖ ଦେଇନାହିଁ। ସେ ବିବ୍ରତ, ବିପନ୍ନ, ଅସନ୍ତୁଷ୍ଟ । ଯୁଧିଷ୍ଠିର ସବୁକଥାରେ ଏମିତି ଉଦାରତା ଦେଖାଇବାକୁ ଯାଇ ନିଜ ମନର କଥା ମୋ ପାଖରେ ପ୍ରକାଶ କରିପାରନ୍ତି ନାହିଁ । କାଳେ ତାଙ୍କର ବ୍ୟକ୍ତିତ୍ୱ ଉପରୁ ମୋର ଆସ୍ଥା ତୁଟିଯିବ, ସେଇ ଭୟରେ ଭୋକ ହେଉଥିଲେ ବି 'ଖାଇବାକୁ ଦିଅ' କହିବା ପାଇଁ ମଧ୍ୟ ସେ କୁଣ୍ଠିତ । ଏଇ ଯଶଲୋଭୀ ସ୍ୱାମୀଟି ପ୍ରତି ଅନୁକମ୍ପାରେ ମନ ଦ୍ରବୀଭୂତ ହେଇଯାଏ । ମୁଁ ନମ୍ର ମଧୁର ସ୍ୱରରେ କହେ — ''ଭୀମଙ୍କର ଅସୁସ୍ଥତା ଯୋଗୁଁ ମୁଁ ତମ ପ୍ରତି କର୍ତ୍ତବ୍ୟରେ ଅବହେଳା କରିଦେଉଛି । ସେଥିପାଇଁ ମୁଁ ଦୁଃଖିତା । କିନ୍ତୁ ଭୀମ ଯଦି ପ୍ରତିଦିନ ଗୋଟାଏ ନିର୍ଦ୍ଦିଷ୍ଟ ସମୟରେ ଅସୁସ୍ଥ ହେଇ-ପଡ଼ିବେ, ମୁଁ ଆଉ କରିବି କ'ଣ ?''

ଯୁଧିଷ୍ଠିର ତତ୍‌କ୍ଷଣାତ୍ କହିପକାନ୍ତି — ''ତା'ଦ୍ୱାରା ମୋର କିଛି ଅସୁବିଧା ହେଉନାହିଁ ସତ୍ୟ; କିନ୍ତୁ ତମେ ଯଦି ପ୍ରତିଦିନ ରାତି ଅନିଦ୍ରା ହୋଇ ରୋଗୀ ସେବା କର, ତେବେ ତମେ ବି ଅସୁସ୍ଥ ହେଇପଡ଼ିବ । ଦେଖ, ଭୀମର ଏ ପିଲାଳିଆମି ପ୍ରତି ବିଶେଷ ଧ୍ୟାନ ଦିଅନାହିଁ । ଦେଖିବ ସେ ଆପେ ଆପେ ଠିକ୍ ହେଇଯିବ । ତା'ଭଳି ଏକ ଦାୟିତ୍ୱସମ୍ପନ୍ନ ବୀର ପ୍ରତିଦିନ ଗୁଡ଼ାଏ ଖାଦ୍ୟ ଖାଇ ଅସୁସ୍ଥ ହେଇପଡ଼ିବା କ'ଣ ଉଚିତ ?''

ମୁଁ ମନେ ମନେ ହସେ । ଯୁଧିଷ୍ଠିର ଯେ ଭୀମଙ୍କର ଏ ଇଚ୍ଛାକୃତ ଅସୁସ୍ଥତାକୁ ବରଦାସ୍ତ କରୁନାହାନ୍ତି, ତା' ବୁଝେ । ଭୀମ ଜାଣିଶୁଣି ଅଧିକାଂଶ ରାତି ମତେ ତାଙ୍କ ପାଖରେ ବିନା କାରଣରେ ହେଉ ପଛକେ ଅଟକାଇ ରଖୁଛନ୍ତି ବୋଲି ଯୁଧିଷ୍ଠିର ଅସନ୍ତୁଷ୍ଟ, ତା' ମଧ୍ୟ ମୋ ପାଖରେ ଅଛପା ରହେନାହିଁ । କିନ୍ତୁ ମୁଁ କେମିତି ମୋ କର୍ତ୍ତବ୍ୟରେ ଅବହେଳା କରିବି ? ଜଣେ ଅସୁସ୍ଥ ସ୍ୱାମୀଙ୍କୁ ଯନ୍ତ୍ରଣା ଭିତରେ ଛାଡ଼ିଦେଇ ଆଉ ଜଣେ ସ୍ୱାମୀ ସହ ମୁଁ କେମିତି ଆମୋଦ ପ୍ରମୋଦରେ ରାତ୍ରିଯାପନ କରିପାରିବି ?

ଏଇ ସଂକଟରୁ ଉଦ୍ଧାର ପାଇବା ପାଇଁ ମୁଁ ସେତେବେଳେ ଭାବେ, ବରଂ ଭୀମ କିଛିଦିନ ମୋର ସପତଣୀ ହିଡ଼ିମ୍ବା ପାଖକୁ ଯିବା ମୁଁ ବରଦାସ୍ତ କରିଯିବି । ତା'ଛଡ଼ା ଏ ଦ୍ୱନ୍ଦ୍ୱର ସମାଧାନ ମତେ ଆଉ କିଛି ଦିଶେନାହିଁ ।

ଭୀମଙ୍କର ଉଦଣ୍ଡପଣିଆର ଜ୍ୱାଳା ସିନା ସହିହୁଏ; କିନ୍ତୁ ଫାଲ୍‌ଗୁନିଙ୍କର ଶୀତଳ ଉଦାସୀନତା ବରଦାସ୍ତ କରିହୁଏ ନାହିଁ । ଶରୀର ଭିତରେ ସବୁ ତନ୍ତ୍ରୀ ଯେମିତି

Digitized by srujanika@gmail.com

ନୀରବରେ ଭାଙ୍ଗିରୁଜି ଯାଉଥାଏ ପ୍ରତି ମୁହୂର୍ତ୍ତରେ । ଅନ୍ତରର ସମସ୍ତ ବିଶ୍ୱସ୍ତତା ଦେଇ କାମନା କରେ, ଫାଲ୍‌ଗୁନି ମତେ ଭୀମଙ୍କ ଭଳି କଷ୍ଟ ଦେଉନାହାନ୍ତି କାହିଁକି । ଅସୁବିଧାରେ ପକାଉ ନାହାନ୍ତି କାହିଁକି ? ମନେହୁଏ ଗୋଟାଏ ଦୂରନ୍ତ ଅଭିମାନର ସୁଅରେ ଫାଲ୍‌ଗୁନି ମୋ'ଠାରୁ ଦୂରକୁ ବହୁଦୂରକୁ ଭାସିଯାଉଛି ।

ସେଇ ଘଟଣା ପରଠୁ ମୁଁ ବେଶି ଅସୁସ୍ଥ ହେଇପଡ଼ିଲି ।

ଅସ୍ତ୍ରବିଦ୍ୟା ଅଭ୍ୟାସ କରିବା ପାଇଁ ଫାଲ୍‌ଗୁନି ଆଜିକାଲି ଜଙ୍ଗଲ ଭିତରେ ଅନେକ ଦୂରକୁ ଚ୍ଲିଯା'ନ୍ତି । ଦିନେ ଦିନେ ଫେରନ୍ତି ସଂଧ୍ୟା ଉତ୍ତୀର୍ଣ୍ଣ ହେବା ପରେ । ଫେରିବା ମାତ୍ରେ ପ୍ରାର୍ଥନା ଉପାସନାରେ ସେ ବସନ୍ତି । ରାତ୍ରି ଆହାର ତାଙ୍କର ସ୍ୱଳ୍ପ । ତା'ପରେ ପାଠାଗାରରେ ଶାସ୍ତ୍ର ପଠନରେ ନିମଗ୍ନ ରହନ୍ତି, ନଚେତ୍ ସଖା କୃଷ୍ଣଙ୍କ ସହ ବେଦାନ୍ତ ଆଲୋଚନାରେ ମଜ୍ଜିଯା'ନ୍ତି ।

ଦିନେ ଦିନେ ଫାଲ୍‌ଗୁନି ଜଙ୍ଗଲରୁ ଫେରୁ ଫେରୁ ଏତେ ବିଳମ୍ବ କରିଦିଅନ୍ତି ଯେ, ମୁଁ ଉଦ୍‌ବିଗ୍ନ ହୋଇଉଠେ । ସଖା କୃଷ୍ଣ ମୋର ମନୋଭାବ ବୁଝିପାରି ଆଶ୍ୱାସନା ଦିଅନ୍ତି — ''ସଖି, ମୋର ପ୍ରିୟ ସଖାକୁ ତମେ ଅପମାନ କରୁଛ ?'' ମୁଁ ଦୃଷ୍ଟିରେ ନୀରବ ପ୍ରଶ୍ନବାଚୀ ଆଙ୍କି ସଖାଙ୍କୁ ଗ୍ୱହିଁରହେ । ସଖା ହସି ହସି କହନ୍ତି — ''ମୋର ସଖା ଫାଲ୍‌ଗୁନି ଦୁର୍ଗମ ଅରଣ୍ୟରେ ଏକା ଏକା କି ଅଲୌକିକ ବୀରତ୍ୱ ପ୍ରଦର୍ଶନ କରିପାରେ, ନିଜ ଅସ୍ତ୍ରକୌଶଳରେ ବ୍ୟାଘ୍ର, ଭଲ୍ଲୁକ, ସର୍ପ ଇତ୍ୟାଦି ହିଂସ୍ର ଜୀବମାନଙ୍କୁ କିପରି ଶକ୍ତିହୀନ କରି ଦେଇପାରେ, ସେ ବିଷୟରେ ତମର ଘୋର ସନ୍ଦେହ ହେଉଥିଲେ ତମେ ଉଦ୍‌ବିଗ୍ନ ହୁଅନ୍ତ ନାହିଁ । ତା'ର ଅର୍ଥ ମୋ' ସଖାଙ୍କ ବାହୁବଳ ଏବଂ ଅସ୍ତ୍ରକୌଶଳ ଉପରେ ତମର ଖୁବ୍ ବେଶି ଆସ୍ଥା ନାହିଁ । ଏହା କ'ଣ ଫାଲ୍‌ଗୁନିର ଅପମାନ ନୁହେଁ ? ତମେ ତା'ର ଧର୍ମପତ୍ନୀ ହୋଇ ମଧ୍ୟ ତା' ସମ୍ପର୍କରେ ତମର ଧାରଣା ଏତେ ସଂକୀର୍ଣ୍ଣ ବୋଲି ଯଦି ସେ ଜାଣେ ତେବେ ନିଜ କର୍ମକୁ ଧିକ୍‌କାର କରିବା ଛଡ଼ା ତା'ର ଅନ୍ୟଗତି ନାହିଁ । ତେଣୁ ତମେ ଫାଲ୍‌ଗୁନିର ଚିନ୍ତା କରନାହିଁ ।''

ସଖାଙ୍କର ଆଶ୍ୱାସନା ବାଣୀରେ ମୁଁ ନିଜକୁ ପ୍ରବୋଧନା ଦେବା ପାଇଁ ଚେଷ୍ଟା କଲେ ମଧ୍ୟ ସେଦିନ ଫାଲ୍‌ଗୁନି ଅରଣ୍ୟରୁ ଫେରିଲେ ରକ୍ତାକ୍ତ ଏବଂ ଆହତ ଅବସ୍ଥାରେ । କିପରି କ'ଣ ଘଟିଲା କେହି କିଛି ଜାଣନ୍ତି ନାହିଁ । ତେବେ ତାଙ୍କ ସଙ୍ଗେ ଯାଇଥିବା ପରିଗ୍ୱରକମାନେ ଲକ୍ଷ୍ୟ କରିଥିଲେ, ଫାଲ୍‌ଗୁନି ସେଦିନ ଅତ୍ୟନ୍ତ ଅନ୍ୟମନସ୍କ ଥିଲେ ଏବଂ ଅନ୍ୟମନସ୍କତାବଶତଃ ପାଞ୍ଚାଳ ରାଜ୍ୟରୁ ଉପହାର ପାଇଥିବା ଏକ ଦୁଷ୍ଟ ଅଶ୍ୱ ପୃଷ୍ଠରେ ବସି ସେ ଘୋର ଅରଣ୍ୟ ମଧ୍ୟକୁ ଅଶ୍ୱ ଛୁଟାଇ ଅନ୍ତର୍ଦ୍ଧାନ ହୋଇଯାଇଥିଲେ । ଅନେକ ସମୟ ପରେ ସେଇ ଦୁଷ୍ଟ ଅଶ୍ୱ ଏକା ଏକା ଫେରି ଆସିଥିଲା ଏବଂ କିଛି ଏକ

Digitized by srujanika@gmail.com

ବିପଦ ଆଶଙ୍କା କରି ପରିଗ୍ରରକମାନେ ଘୋର ଅରଣ୍ୟ ମଧ୍ୟରେ ପଥ ଖୋଜି ଖୋଜି ଆହତ ଏବଂ ସଂଜ୍ଞାହୀନ ଫାଲ୍‌ଗୁନିଙ୍କୁ ଏକ ପାହାଡ଼ର ପାଦଦେଶରେ ପାଇ ସଙ୍ଗେ ସଙ୍ଗେ ରାଜଧାନୀକୁ ଘେନି ଆସିଥିଲେ । ରୋମାଞ୍ଚକାରୀ ଘଟଣାର ନାୟକ ହେବାପାଇଁ ଫାଲ୍‌ଗୁନିଙ୍କର ଆଜନ୍ମ ଲାଳସା । ହୁଏତ ଆଳସ୍ୟ ଏବଂ ଅବସାଦ ଦୂର କରିବା ପାଇଁ ବୀର ଫାଲ୍‌ଗୁନି ଅପେକ୍ଷାକୃତ ଦୁର୍ଦ୍ଧର୍ଷ ଏବଂ ଅବାଧ୍ୟ ଅଶ୍ୱପୃଷ୍ଠରେ ଅରଣ୍ୟ ଏବଂ ଉପତ୍ୟକାର ନୀଳିମ ସୌନ୍ଦର୍ଯ୍ୟ ଉପଭୋଗ କରୁ କରୁ ଅନ୍ୟମନସ୍କ ହେଇଯାଇଛନ୍ତି । ସେଇ ସୁଯୋଗରେ ଦୁଷ୍ଟ ଅଶ୍ୱ ତାଙ୍କର ଅକ୍ତିଆର ବାହାରକୁ ଘୁଲିଯାଇଛି ଏବଂ ଫାଲ୍‌ଗୁନି ଅଶ୍ୱପୃଷ୍ଠରୁ ଖସିପଡ଼ି ଆହତ ଏବଂ ସଂଜ୍ଞାହୀନ ହେଇପଡ଼ିଛନ୍ତି ।

କିପରି ଜ'ଣ ଘଟିଲା, ସେ ବିଷୟରେ ମୁଖ ଖେଳାଇ ବର୍ତ୍ତମାନ ଲାଭ ନାହିଁ । ସମସ୍ତେ ଫାଲ୍‌ଗୁନିଙ୍କ ଚିକିତ୍ସା ଏବଂ ଶୁଶ୍ରୂଷାର ବ୍ୟବସ୍ଥା ପାଇଁ ତତ୍ପର ହୋଇଉଠିଲେ । ରାଜବୈଦ୍ୟ ଫାଲ୍‌ଗୁନିଙ୍କୁ ପରୀକ୍ଷା କରି ଅଭୟ ବାଣୀ ଶୁଣାଇ କହିଲେ — ''ଅଜସ୍ର ରକ୍ତ କ୍ଷୟ ହେଲେ ମଧ୍ୟ ଫାଲ୍‌ଗୁନିଙ୍କର ଜୀବନ ସଂକଟାପନ୍ନ ନୁହେଁ । ଖୁବ୍ ଶୀଘ୍ର ତାଙ୍କର ସଂଜ୍ଞା ଫେରିଆସିବ । କିନ୍ତୁ ଦୁଇ ସପ୍ତାହରୁ ଅଧିକ ତାଙ୍କର ପୂର୍ଣ୍ଣ ବିଶ୍ରାମ ଆବଶ୍ୟକ । ଚିକିତ୍ସା ଅପେକ୍ଷା ଶୁଶ୍ରୂଷା ତାଙ୍କୁ ଅଧିକ ସୁସ୍ଥ କରିବ ।''

ସଖା କୃଷ୍ଣ ହସି ହସି କହିଲେ — ''ଏବେ ବୁଝିଲି ଇନ୍ଦ୍ରପ୍ରସ୍ଥର ଅଶ୍ୱଶାଳାରେ ଏତେ ଅଶ୍ୱ ଥାଉ ଥାଉ ସଖା କାହିଁକି ପାଞ୍ଚାଳ ଦେଶର ସେଇ ଦୁଷ୍ଟଅଶ୍ୱକୁ ନେଇ ଜାଣି ଜାଣି ବିପଦକୁ ବରଣ କରିଛନ୍ତି । ତା' ବ୍ୟତୀତ ତନ୍ୱୀ ଶ୍ୟାମା ପ୍ରିୟତମା କୃଷ୍ଣାଙ୍କର ସାହଚର୍ଯ୍ୟ ଲାଭ କେମିତି ବା ସମ୍ଭବ ହୁଅନ୍ତା ? ସଦାଗ୍ରରୀ, ସୁଶୀଳ, ବାକ୍‌ସଂଯମୀ ଫାଲ୍‌ଗୁନି, ଉଦଣ୍ଡ ଭୀମ ପରି କୃଷ୍ଣାଙ୍କଠାରୁ ଜୋରଜବରଦସ୍ତ ସେବା, ସୌହାର୍ଦ୍ଦ୍ୟ ଏବଂ ସାହଚର୍ଯ୍ୟ ତ ଆଦାୟ କରନ୍ତେ ନାହିଁ !''

ସଖାଙ୍କର ସିନା ସବୁକଥାରେ ରସିକତା, ମୋର କିନ୍ତୁ ଦୁଃଖ ଓ ଗ୍ଲାନିର ସୀମା ନାହିଁ । ମୁଁ ଭାବୁଥାଏ, ପ୍ରକୃତରେ ଫାଲ୍‌ଗୁନି ଏଭଳି ଅପରିଣାମଦର୍ଶିତା କଲେ କାହିଁକି ? ମୋର ସାହଚର୍ଯ୍ୟ ଲାଭ କରିବା ପାଇଁ ନା ମୋ ଉପରେ ପ୍ରତିଶୋଧ ନେବା ପାଇଁ ?

ଫାଲ୍‌ଗୁନିଙ୍କର ପାଦ ପାଖରେ ବସିଥାଏ ମୁଁ । ମୁଣ୍ଡ ପାଖରେ ମା' ବସିଥା'ନ୍ତି । ଫାଲ୍‌ଗୁନିଙ୍କର ଚେତା ଫେରିଥାଏ । ଆଖି ଖୋଲିବା ମାତ୍ରେ ମୋ ଉପରେ ତାଙ୍କର ଆଖି ପଡ଼ିଲା । ମୋର ଚକ୍ଷୁ ଅନାୟାସରେ ଲୋତକପୂର୍ଣ୍ଣ ହେଇଗଲା । ମା' ବସିଛନ୍ତି ବୋଲି ମୁଁ କଷ୍ଟକରି ଲୋତକଧାର ବହିଯିବାକୁ ଦେଲିନାହିଁ । ଫାଲ୍‌ଗୁନି ଥରେମାତ୍ର ମତେ ଘ୍ରହିଁଦେଇ ଆଖି ବୁଜିଦେଲେ । ପରକ୍ଷଣରେ ମା'ଙ୍କ ମୁହଁକୁ ଘ୍ରହିଁ ମ୍ଳାନ ହସିଲେ

Digitized by srujanika@gmail.com

ଏବଂ କହିଲେ — ''ସାମାନ୍ୟ କଥାରେ ତମେ ସବୁ ଏତେ ବ୍ୟତିବ୍ୟସ୍ତ ହେଇପଡ଼ିଛ କାହିଁକି ? ମୋ ପକ୍ଷେ ରକ୍ତକ୍ଷୟ ଏମିତି କିଛି ଅଭାବିତ କଥା ନୁହେଁ ।''

ମାତା କୁନ୍ତୀ କିଛି ଉତ୍ତର ଦେଲେନାହିଁ । କେବଳ ଫାଲ୍‌ଗୁନିଙ୍କର ଅସଜଡ଼ା କେଶ ସାଉଁଳିବାକୁ ଲାଗିଲେ । ତାଙ୍କର ସୁନ୍ଦର ଚକ୍ଷୁ ଦୁଇଟି ଜଳକଣାଭରା ନୀଳିମ ଆକାଶ ଭଳି ଆର୍ଦ୍ର ହେଇଉଠିଥିଲା । ଫାଲ୍‌ଗୁନିଙ୍କ ପାଇଁ ପଥ୍ୟ ପ୍ରସ୍ତୁତ କରିବା ପାଇଁ ସେ ଉଠିଗଲେ ଏବଂ ମତେ ନିର୍ଦ୍ଦେଶ ଦେଇଗଲେ ଫାଲ୍‌ଗୁନିଙ୍କ ପାଖରେ ବସିରହି ତାଙ୍କର ପାଦସେବା କରିବା ପାଇଁ । ପ୍ରକୃତରେ ମୁଁ ତାହାହିଁ ଗ୍ୱହୁଁଥିଲି । ମୁଁ ଅତି ଆସ୍ତେ, ହୃଦୟର ସମସ୍ତ କୋମଳ ନିର୍ଯ୍ୟାସ ଦେଇ ତାଙ୍କର ନୀଳ କମଳ ସଦୃଶ ପାଦ ଦୁଇଟିକୁ ସାଉଁଳିବାକୁ ଲାଗିଲି । ଠିକ୍ ସେତିକିବେଳେ ସଖା କୃଷ୍ଣ ପରିହାସରେ କହିଲେ — ''ସଖା ମୁଁ ରହିବାଦ୍ୱାରା ତମର ବିଶ୍ରାମରେ ବ୍ୟାଘାତ ହେଉନାହିଁ ତ ?''

ଫାଲ୍‌ଗୁନି ଅଳ୍ପ ଆଖି ଖୋଲି ହସିଲେ ଏବଂ କହିଲେ — ''ସଖା ତମେ ଯେଉଁଠି ନଥାଅ, ସେଠି ପ୍ରଶାନ୍ତି ନଥାଏ । ତେଣୁ ତମ ଅନୁପସ୍ଥିତିରେ ବିଶ୍ରାମର ଆନନ୍ଦ କାହିଁ ?''

ସଖା ମୃଦୁହସି ଉତ୍ତର ଦେଲେ — ''ମୁଁ ନଥିଲେ ବି କୃଷ୍ଣା ତ ଅଛନ୍ତି ! କୃଷ୍ଣାଙ୍କର ସେବା ଓ ସାହଚର୍ଯ୍ୟ ମିଳିଲେ ପୃଥିବୀର ଶ୍ରେଷ୍ଠଭୋଗୀ ମଧ୍ୟ ରୋଗୀ ହେବା ପାଇଁ ପଶ୍ଚାତ୍‌ପଦ ହେବନାହିଁ । ତମେ ସେଇ ଲୋଭରେ ଅଶ୍ୱପୃଷ୍ଠରୁ ତଳକୁ କୁଦିପଡ଼ି ଏ ଦଶା ହୋଇନାହିଁ ତ ?''

ମୁଁ ଲଜ୍ଜା ଏବଂ ଦୁଃଖରେ ଝାଉଁଳି ପଡୁଥାଏ । ଅଥଚ ଫାଲ୍‌ଗୁନି ଗମ୍ଭୀର ହୋଇଗଲେ । କଠୋର କଣ୍ଠରେ କହିଲେ — ''ସଖା, ପୃଥିବୀରେ ଯେକୌଣସି ଦ୍ୱନ୍ଦ୍ୱର ସମାଧାନ ପାଇଁ ରକ୍ତପାତ ହୋଇଆସିଛି । ଦାନବତ୍ୱର ଦମନ ପାଇଁ କିଛି ରକ୍ତକ୍ଷୟ କରିବାକୁ ହୁଏ ।''

ସଖା ସରଳ ଶିଶୁଭଳି ଅବୁଝା ଆଖିରେ ଫାଲ୍‌ଗୁନିଙ୍କୁ ଗ୍ୱହିଁରହି କହିଲେ — ''ଏସବୁ କ'ଣ କହୁଛ ? ଦାନବ କିଏ ? ଦ୍ୱନ୍ଦ୍ୱ ପୁଣି କାହା ଭିତରେ ?''

ଫାଲ୍‌ଗୁନି ସ୍ଥିର ଦୃଷ୍ଟିରେ କୃଷ୍ଣଙ୍କୁ ଗ୍ୱହିଁ, ଗମ୍ଭୀର କଣ୍ଠରେ କହିଲେ— ''ମଣିଷର କାମନା ଏବଂ ବାସନା ହେଉଛନ୍ତି ଦୁଷ୍ଟ ଦାନବ । ଦ୍ୱନ୍ଦ୍ୱ ହୁଏ ମନ ଏବଂ ବିବେକ ଭିତରେ । ଯେତେବେଳେ କାମନାରୂପୀ ଦାନବ ବଳୀୟାନ ହୁଏ, ମଥାକୁ ରକ୍ତ ଚହଟେ, ବାସନା ଦ୍ୱାରା ବିବେକ ହୁଏ କବଳିତ, ଠିକ୍ ସେତିକିବେଳେ ମଥାର ରକ୍ତ କିଛି ବାହାରିଯିବା ଦ୍ୱାରା ଦାନବ ହାର୍ ମାନିଯାଏ ।

ସଖା କୃଷ୍ଣ ପଗ୍ୱରିଲେ — ''କାହା କଥା କହୁଛ ସଖା ଫାଲ୍‌ଗୁନି ?''

Digitized by srujanika@gmail.com

— ''ମୋ କଥା, ମଣିଷର କଥା, ମଣିଷର କାମନା ବାସନାର କଥା । ସଖା, ତୁମେ କ'ଣ ଭାବିଛ ମୁଁ ମଣିଷ ନୁହେଁ, ପଥର ?'' ଫାଲ୍‌ଗୁନି ଅତ୍ୟନ୍ତ ଉତ୍ତେଜିତ ଜଣାପଡ଼ିଲେ ଏବଂ କଥା ଅଧା ରଖି ଚୁପ୍ ହେଇଗଲେ ।

ସଖା ସେମିତି ମୃଦୁ ହସୁଥାଆନ୍ତି । ମୁଁ ନୀରବରେ ବସି ରହିଥିଲେ ବି ମନ ବିଦ୍ରୋହ କରିଉଠୁଥାଏ । ଇଚ୍ଛା ହେଉଥାଏ ପଗ୍ଧରିବି — ''ଫାଲ୍‌ଗୁନି, ଏସବୁ ପ୍ରହସନ କାହାପାଇଁ ? ମୁଁ କ'ଣ ଏକଥା ଗ୍ଧହିଁଥିଲି ?'' ମାତ୍ର ଫାଲ୍‌ଗୁନି ଅସୁସ୍ଥ । ତାଙ୍କୁ ଉତ୍ତେଜିତ କରିବା ଠିକ୍ ନୁହେଁ । ମୁଁ ନିଜ ଭିତରେ କୁହୁଳୁଥାଏ ।

କୃଷ୍ଣ ଶାନ୍ତ ସ୍ୱରରେ କହିଲେ — ''ସଖା, ତମେ ଆର୍ଯ୍ୟାବର୍ତ୍ତର ଶ୍ରେଷ୍ଠବୀର । ତମେ ଜ୍ଞାନୀ, ସଦାଗ୍ରରୀ, ବିବେକବନ୍ତ । ସେଥିପାଇଁ ଏ ପରୀକ୍ଷା ତମ ପାଇଁ ବିଧାତା ଧାର୍ଯ୍ୟ କରିଛନ୍ତି । ଏଥିରୁ ଉତ୍ତୀର୍ଣ୍ଣ ହେଲେ ତମେ ସମଗ୍ର ଆର୍ଯ୍ୟାବର୍ତ୍ତର ପାଳନକର୍ତ୍ତା ହେବ । ଯିଏ ନିଜର ଇନ୍ଦ୍ରିୟମାନଙ୍କୁ ଜୟ କରିପାରେ ନାହିଁ ସେ କି ମଣିଷ ? ମଣିଷ ଭିତରେ କାମନା ବାସନା ରହିବ । କିନ୍ତୁ ସେ ରହିବ ମଣିଷର ଆୟତ୍ତ ଭିତରେ । ନାରୀ ପୁରୁଷର ମିଳନରେ ଏ ଜଗତ ସୃଷ୍ଟିଶୀଳ, ଚିର ନୂତନ ଏବଂ ସୁନ୍ଦର । ତା' ବୋଲି ସ୍ନାନ, କାଳ, ପାତ୍ରର ବିଗ୍ଧର ନରଖି ନାରୀ ପୁରୁଷର ମିଳନପର୍ବ ଅନୁଷ୍ଠିତ ହେବା କ'ଣ ଉଚିତ ? ମଣିଷର ଜିହ୍ୱା ସୁଖାଦ୍ୟର ଦାସ । କିନ୍ତୁ ନିଷ୍ଠା ସହକାରେ ଓଷା, ବ୍ରତ, ଉପାସନା ଆଦି ପାଳନ କଲାବେଳେ ଜିହ୍ୱା ସୁଖାଦ୍ୟ ଦେଖି ମଧ୍ୟ ଅଣାୟତ୍ତ ହୁଏ ନାହିଁ । ମଣିଷ ଯେତେ ଜ୍ଞାନୀ ଏବଂ ବିଦ୍ୱାନ୍ ହେଲେ ମଧ୍ୟ ତା'ର ମନ ଯଦି ତା'ର ବିବେକର ଅଧୀନ ନୁହେଁ, ତେବେ ସେ ବିଦ୍ୟା ଏବଂ ଜ୍ଞାନ ପୃଥିବୀର ଧ୍ୱଂସ ସାଧନ କରେ । ଫାଲ୍‌ଗୁନି, ତମେ ତ ପୃଥିବୀର କଲ୍ୟାଣ ନିମନ୍ତେ ଜନ୍ମଲାଭ କରିଛ ଏବଂ ସେଥିପାଇଁ ତମେ ମୋର ପ୍ରିୟ ସଖା । ତମ ଭିତରେ କାମନା ବାସନାର ଦ୍ୱନ୍ଦ୍ୱ କ'ଣ ଶୋଭାପାଏ ?''

ଫାଲ୍‌ଗୁନିଙ୍କର ଓଠରେ ବିଦ୍ରୂପର ଛଟା ଫୁଟି ଉଠିଲା । ସେ କୃଷ୍ଣଙ୍କୁ ତୀର୍ଯ୍ୟକ୍ କଟାକ୍ଷ ହାଣି କହିଲେ — ''ସଖା, ବାଲ୍ୟ ଏବଂ କୈଶୋର ଠାରୁ ଆରମ୍ଭ କରି ଏ ପର୍ଯ୍ୟନ୍ତ ତୁମର ସବୁ ଯଶ କୀର୍ତ୍ତି ମୋର ନଖ ଦର୍ପଣରେ । ଦ୍ୱାରକାରେ ଅଷ୍ଟପାଟ-ମହିଷୀଙ୍କୁ ବାଦ୍‌ଦେଇ ତମର ଆହୁରି ଏକ ସହସ୍ର ଉପପତ୍ନୀ ଅଛନ୍ତି । ନରକାସୁରକୁ ବଧ କରି ତମେ ଏକ ସହସ୍ର ନାରୀଙ୍କୁ ସସମ୍ମାନ ଆଶ୍ରାଦେଇ ସମାଜରେ ପ୍ରତିଷ୍ଠା ଦେଇଛ । ଅଥଚ ମୋ ବେଳକୁ ମନ, ବିବେକ, ସଂଯମର ବାଣୀ ଶୁଣାଉଛ ? ଜୀବନରେ ପ୍ରତି ଗ୍ଧରିବର୍ଷର ସୁଦୀର୍ଘ ପ୍ରତୀକ୍ଷା ପରେ ବର୍ଷେ ମାତ୍ର ମୋର ଦାମ୍ପତ୍ୟ ଜୀବନର ସୁଯୋଗ ଆସିବ । ସେଇ ଗ୍ଧରିବର୍ଷ ମୋର କଟେ କେମିତି କେବେ ଭାବିଛ ?''

Digitized by srujanika@gmail.com

ସଖା ହସି ହସି କହିଲେ — ''କୃଷ୍ଣା ତମର ପାଟମହିଷୀ । ତାଙ୍କୁ ବାଦ୍ ଦେଇ ସହସ୍ର ଉପପତ୍ନୀ ତମେ ରଖିପାର । କିନ୍ତୁ ଭାବନାହିଁ ଯେ ସେଥିରେ ସଂଯମର ଅଭାବ ରହିଯାଏ । ସୁନ୍ଦରୀ ଯୁବତୀମାନଙ୍କ ଗହଣରେ ଥାଇ ଯିଏ କାମନାର ବଶୀଭୂତ ହୁଏ-ନାହିଁ, ସେ କେବଳ ଏତେ ନାରୀଙ୍କୁ ନେଇ ସୁସ୍ଥ ପ୍ରଶାନ୍ତ ହୃଦୟରେ ନିଜ କଥା ଭଳି ସଖାର କଥା ଚିନ୍ତା କରିପାରେ । ଜଳ ମଧ୍ୟରେ ଥାଇ ମଧ୍ୟ ପଦ୍ମପତ୍ରରେ ଜଳ ଲାଗେନାହିଁ । ମୁଁ ସେମିତି । ତମେ କ'ଣ ସେ କଥା ଜାଣନାହିଁ ? ପ୍ରିୟସଖୀ କୃଷ୍ଣାଙ୍କ ସମ୍ମୁଖରେ ମତେ ଏଭଳି ଚିତ୍ତିତ କରିବା ଦ୍ୱାରା ସେ ମୋ ବିଷୟରେ କ'ଣ ଭାବୁ-ଥିବେ ? କୃଷ୍ଣାଙ୍କର ଭାବନାକୁ ହିଁ ମୋର ଭୟ, କାରଣ ସେ କବି ଏବଂ ଭାବୁକା । ମୋର ଲମ୍ପଟତାକୁ ସତ୍ୟ ମନେକରି ଯଦି କବିତାଟିଏ ଲେଖିବସନ୍ତି, ଜ'ଣ ହେବ ମୋ ଅବସ୍ଥା ! ଜଗତଜନଙ୍କ ସମ୍ମୁଖରେ ଆଉ ମୁଣ୍ଡ ଟେକି ବାଟ ଘଲିହେବ ତ ?'' ଫାଲ୍‌ଗୁନି ହସିଦେଇ କହିଲେ — ''କୃଷ୍ଣାଙ୍କ କବିତା ଖାତା କେବଳ ତମକୁ ନେଇ କବିତାରେ ପୂର୍ଣ୍ଣ । ପଘ୍ନର ତାଙ୍କୁ । ମୁଁ ସବୁ ପଢ଼ିଛି । ଅବଶ୍ୟ ପ୍ରତିଟି କବିତା ମତେ ଆନନ୍ଦ ଦେଇଛି । ଶୁଣିବ ଗୋଟିଏ କବିତା ?''

ଫାଲ୍‌ଗୁନି ଗୋଟିକ ପରେ ଗୋଟିଏ ମୋ ରଚିତ କବିତା ଆବୃତ୍ତି କରିବାକୁ ଲାଗିଲେ ଏବଂ ତାଙ୍କ କଣ୍ଠରେ ମୋ କବିତା ଶୁଣି ମୁଁ ସମସ୍ତ ରାଗବିଦ୍ୱେଷ ଭୁଲିଗଲି । ମୋର ସ୍ୱରଚିତ କବିତା ଫାଲ୍‌ଗୁନି କେବଳ କଣ୍ଠସ୍ଥ କରିନାହାନ୍ତି, ହୃଦୟସ୍ଥ କରିଛନ୍ତି । ମୋ ପ୍ରତି ତାଙ୍କର ଗଭୀର ସ୍ୱର୍ଗୀୟ ପ୍ରେମଭାବ ନ ଥିଲେ ମୋ କବିତା ତାଙ୍କର ସ୍ମରଣ ରହନ୍ତା କିପରି ? ଦୁଇ ସଖାଙ୍କ କବିତା ଆଲୋଚନା ଭିତରେ ମୁଁ ନିଃଶବ୍ଦରେ ବିଦାୟ ମାଗି ନିର୍ମଳ ପବିତ୍ର ସନ୍ତୋଷଭରା ହୃଦୟ ନେଇ ଯୁଧିଷ୍ଠିରଙ୍କ ଶୟନକକ୍ଷକୁ ଫେରି-ଆସିଲି । ଭାବିଲି ସ୍ୱାମୀ ସ୍ତ୍ରୀ ଭିତରେ ରାଗ ରୋଷର ଅର୍ଥ ପ୍ରେମଶୂନ୍ୟତା ନୁହେଁ, ଏକଥା ସମସ୍ତ ସ୍ତ୍ରୀ ଜାଣିରଖିବା ଉଚିତ ।

ଭାବିଥିଲି ମୋ ସାନ୍ନିଧ୍ୟ ଓ ସାହଚର୍ଯ୍ୟ ଲାଭ କରିବା ପାଇଁ ଫାଲ୍‌ଗୁନି ଜାଣି ଜାଣି ଅସୁସ୍ଥତା ବରଣ କରିଛନ୍ତି । ସେତେବେଳେ ଫାଲ୍‌ଗୁନିଙ୍କର ଅସୁସ୍ଥତା ସତ୍ତ୍ୱେ ମନ ତଳେ ସନ୍ତର୍ପଣରେ ଆନନ୍ଦର ଧାରାଟିଏ ପ୍ରବାହିତ ହୋଇଥିଲା । 'ଫାଲ୍‌ଗୁନି ମତେ ଘ୍ରହାନ୍ତି' ଏତିକି ତ ମୋ ପକ୍ଷେ କମ୍ କଥା ନୁହେଁ ! ଆର୍ଯ୍ୟାବର୍ତ୍ତର ଶ୍ରେଷ୍ଠନାରୀ ମଧ୍ୟ ଏତିକି ମାତ୍ର ଭାବନାରେ ସାରା ଜୀବନ କୁମାରୀ ବ୍ରତ ପାଳନ କରିବାକୁ କୁଣ୍ଠାବୋଧ କରିବ ନାହିଁ ।

କିନ୍ତୁ ଯେତେବେଳେ ଫାଲ୍‌ଗୁନି ମୋର ସେବା, ମୋର ଐକାନ୍ତିକ ସାହଚର୍ଯ୍ୟ ଓ ଶୁଶ୍ରୂଷାକୁ ପ୍ରତ୍ୟାଖ୍ୟାନ କରିଦେଲେ, ସେତେବେଳେ ମୁଁ ବୁଝିପାରିଲି ଫାଲ୍‌ଗୁନି ମୋତେ ହିଁ ଯନ୍ତ୍ରଣା ଦେବାପାଇଁ ଏ ଶରୀର କଷ୍ଟକୁ ଜାଣି ଜାଣି ବରଣ କରିଛନ୍ତି ।

Digitized by srujanika@gmail.com

ମତେ ସେ ଉପେକ୍ଷା କରନ୍ତି ବୋଲି ଜଣାଇଦେବାର ମହାର୍ଘ ସୁଯୋଗ ଏହା ଛଡ଼ା ଆଉ କ'ଣ ବା ହୋଇଥା'ନ୍ତା !

ସବୁ କାମ ଶେଷ କରି ଫାଲ୍‌ଗୁନିଙ୍କର ଶୁଶ୍ରୂଷା କରିବା ପାଇଁ ଯୁଧିଷ୍ଠିରଙ୍କଠାରୁ ଅନୁମତି ନେଇ ମୁଁ ଫାଲ୍‌ଗୁନିଙ୍କର ପାଦ ପାଖରେ ବସିଲି । ଫାଲ୍‌ଗୁନି ତନ୍ଦ୍ରାରେ ଘୁମେଇ ପଡ଼ିଥିଲେ । ଆସ୍ତେ, କୋମଳ ଭାବରେ ମୁଁ ତାଙ୍କର ପାଦ ସାଉଁଳିବାକୁ ଯାଇ ତାଙ୍କୁ ସ୍ପର୍ଶ କରିବା ମାତ୍ରେ ସେ ଚିଆଁ ଲାଗିଲା ଭଳି ଚମକି ଉଠିଲେ । ମତେ ଗ୍ରହିଁଦେଇ ପାଦ ଘୁଞ୍ଚାଇନେଲେ । ଅନାସକ୍ତ କଣ୍ଠରେ କହିଲେ — ''ତମେ ଏତେ ରାତିରେ ଏଠି ଯେ କୃଷ୍ଣା ?''

—''ତମର ସେବା କରିବା ପାଇଁ ରାତ୍ରିର ପ୍ରହର ଗଣିବା ଦରକାର ହୁଏନି—'' ମୁଁ ନମ୍ର କଣ୍ଠରେ କହିଲି । ସେ ସେମିତି ମୁହଁ ଗମ୍ଭୀର କରି ଜବାବ୍ ଦେଲେ — ''କିନ୍ତୁ ଯୁଧିଷ୍ଠିର ଶୟନଗୃହରେ ଅପେକ୍ଷା କରିଥିବେ ଯେ — ।''

— ''ତମେ ସୁସ୍ଥ ହେବା ପର୍ଯ୍ୟନ୍ତ ସାରା ରାତି ତୁମ ପାଦ ପାଖରେ ଜଗି ବସିବି ବୋଲି ଅନୁମତି ଆଣିଛି ।''

— ''ଏ କିନ୍ତୁ ତୁମର ଅନ୍ୟାୟ ।''

— ''ଅନ୍ୟାୟ କାହିଁକି ? ସେବା, ସାହଚର୍ଯ୍ୟ, ଶୁଶ୍ରୂଷା ତ ପତ୍ନୀର ଧର୍ମ, ଗୃହିଣୀର କର୍ତ୍ତବ୍ୟ !''

— ''ସବୁରି ଉପରେ ସ୍ୱାମୀର ସନ୍ତୋଷ ବିଧାନ ହେଉଛି ସ୍ତ୍ରୀ'ର କର୍ତ୍ତବ୍ୟ ।''

— ''ତମେ ବି ମୋର ସ୍ୱାମୀ ।''

— ''କିନ୍ତୁ ଆସନ୍ତା ଦୁଇବର୍ଷ ପର୍ଯ୍ୟନ୍ତ ମୁଁ ତମକୁ ସ୍ତ୍ରୀ ଦୃଷ୍ଟିରେ ଦେଖିବା ନିଷେଧ ।''

— ''ମତେ ସେବିକା ଦୃଷ୍ଟିରେ ହିଁ ଦେଖ । ସ୍ତ୍ରୀ'ର ଅନ୍ୟ ଏକ ଭୂମିକା ସେବିଜା ।''

— ''ଏଥିରେ କିନ୍ତୁ ତମ ଦାମ୍ପତ୍ୟ ଜୀବନରେ ସର୍ତ୍ତ ଭଙ୍ଗ ହେବ । ଯୁଧିଷ୍ଠିରଙ୍କ ଶୟନକକ୍ଷ ଛଡ଼ା ଅନ୍ୟ କାହାରି ଶୟନକକ୍ଷରେ ରାତି କଟାଇବା ତମ ପାଇଁ ନିଷେଧ । ସେଥିରେ କେବଳ ତମର ନୁହେଁ, ମୋର ମଧ୍ୟ ଅପରାଧ । ତେଣୁ କୃଷ୍ଣା ! ତମେ ଦୟାକରି ଯୁଧିଷ୍ଠିରଙ୍କ ନିକଟକୁ ଘୁଲିଯାଅ । ସେଥିରେ ତମର ମଙ୍ଗଳ, ମୋର ମଧ୍ୟ ।'' ଫାଲ୍‌ଗୁନିଙ୍କ କଣ୍ଠରେ ଆଦେଶ ଥିଲା । ଅଭିମାନ ଥିଲା । ଶ୍ଳେଷ ଥିଲା । ଉପହାସର ଛଟା ମଧ୍ୟ ଥିଲା । ଦୁଃଖ ଅଭିମାନ ଏବଂ କ୍ଷୋଭରେ ମୋର କଣ୍ଠରୁଦ୍ଧ ହେଲା ।

Digitized by srujanika@gmail.com

ମୁଁ ମନେ ମନେ ଭାବିଲି ଫାଲ୍‌ଗୁନି କ'ଣ ଦେଖିପାରୁ ନାହାନ୍ତି ଯେ ମୁଁ ଆଜି ଅଭିସାରିକା ବେଶ ତ୍ୟାଗ କରି ସେବିକା ବେଶରେ ତାଙ୍କ ପାଦତଳେ ବସିରହିଛି ବୋଲି ? ତାଙ୍କର ଶୁଶ୍ରୂଷା ବିନା ମୋର ରାତି ଆଜି ଅନ୍ୟ କାହାରି ପାଇଁ କଟିବ ନାହିଁ, ଏକଥା କ'ଣ ସେ ବୁଝିପାରୁନାହାନ୍ତି ?

ମୁଁ ଛଳ ଛଳ ନେତ୍ରରେ ଗ୍ରହିଁ କହିଲି — "ସ୍ତ୍ରୀ କେବଳ ଜାୟା ନୁହେଁ, ସେ ଜନନୀ ଏବଂ ଭଗିନୀ ମଧ୍ୟ । ମୁଁ ଏଇ ମୁହୂର୍ତ୍ତରେ ତମର ପତ୍ନୀ ନୁହେଁ, ମୁଁ ତମର ଜନନୀ, ଭଗିନୀ । ତେଣୁ ଏଥିରେ କାହାରି ପ୍ରତି କିଛି ଅନ୍ୟାୟ ହେବନାହିଁ, ବିବାହର ସର୍ତ୍ତ ଭଙ୍ଗ ମଧ୍ୟ ହେବନାହିଁ । ତମେ ବିଶ୍ରାମ କର । ମୁଁ ତମ ପାଦ ପାଖରେ ସାରା ରାତି ବସିରହିବି । ସେଥିରେ ମୁଁ ଆନନ୍ଦ ଲାଭ କରିବି ।"

ଫାଲ୍‌ଗୁନି ଅବଜ୍ଞାରେ ହସିଉଠିଲେ । ବ୍ୟଙ୍ଗଭରା କଣ୍ଠରେ କହିଲେ — "ତମର ଜନନୀ ଓ ଭଗିନୀ ଭୂମିକା ମଧ୍ୟ କମ୍ ଲୋଭନୀୟ ନୁହେଁ । ଭୀମ ଏଣିକି ପ୍ରତିଦିନ ଅସୁସ୍ଥ ରହିବ । ନକୁଳ, ସହଦେବ ମଧ୍ୟ ସେବା ଶୁଶ୍ରୂଷା ଖୋଜିବେ । ବିଚରା ବଡ଼ଭାଇ କ'ଣ କରିବେ ? ଆମକୁ ଅଭିଶାପ ନଦେଇ ତାଙ୍କର ଅନ୍ୟ ଗତି ନାହିଁ । ତା' ଛଡ଼ା ମାତା କୁନ୍ତୀ ଥାଉ ଥାଉ ତମେ ଜନନୀ ଭୂମିକା ଗ୍ରହଣ କରିବା ଆମ ପକ୍ଷେ ସ୍ୱାଗତଯୋଗ୍ୟ ନୁହେଁ । ଦୁଃଶୀଳା କୌରବ କୁଳରେ ଜନ୍ମଲାଭ କଲେ ମଧ୍ୟ ଆମର ଏକମାତ୍ର ଆଦରର ଭଉଣୀ । କାଲି ସମ୍ଭବ ପାଇବା ମାତ୍ରେ ସେ ଆସି ମୋ ପାଖରେ ପହଞ୍ଚିବ । ତା'ର ସ୍ଥାନ ମଧ୍ୟ ତମେ ଅଧିକାର କରିବା ଉଚିତ ନୁହେଁ । ମୁଁ ମା'ଙ୍କୁ ଅପେକ୍ଷା କରିଛି । ସେ କାମ ସାରି ଆସିବେ । ମୋର ଶଯ୍ୟାଧାରରେ ଉଜାଗର ହୋଇ ବସିରହିବେ । ସେଥିରେ ତାଙ୍କର ତରମ ଆନନ୍ଦ । ସେ ଆନନ୍ଦରେ ଭାଗ ବସାଇବା ତମ ପକ୍ଷେ ଠିକ୍ ନୁହେଁ । ତମେ ଯାଅ — ଦୟାକରି ଯାଅ । ତମର ସ୍ପର୍ଶ ବରଂ ମୋର ଯନ୍ତ୍ରଣା ବଢ଼ାଉଛି । ମୋର ନିଦ୍ରାରେ ବ୍ୟାଘାତ ସୃଷ୍ଟି କରୁଛି । ତମେ ସେ କଥା ବୁଝିପାରିବନି । କାରଣ ତମ ଜୀବନରେ ବିରହ ରତୁର ସ୍ଥାନ ନାହିଁ, ଯେହେତୁ ତମେ ପଞ୍ଚପତିର ନାୟିକା, ଅନନ୍ତ-ଯୌବନା ପଦ୍ମଗନ୍ଧା ନାରୀ କୃଷ୍ଣା — ତମକୁ ହାତ ଯୋଡୁଛି ତମେ ଗ୍ୱଲିଯାଅ । ଅନ୍ତତଃ ଭାଇଙ୍କ ପାଖରେ ମତେ ଅପରାଧୀ କରନାହିଁ । ତମକୁ ପାଖରେ ପାଇବା ପାଇଁ ଭୀମଙ୍କ ଭଳି ମୁଁ ଅସୁସ୍ଥତା ଛଳନା କରୁଛି ବୋଲି ଭାଇ ଯେପରି ନ ଭାବନ୍ତି — ଏତିକି ତମକୁ ମୋର ପ୍ରାର୍ଥନା । ଅନ୍ତତଃ ଆମ ଭାଇ ଭାଇ ଭିତରେ ମଧୁର ପବିତ୍ର ସମ୍ପର୍କ ତମକୁ ନେଇ ତିମିରିତ ନ ହେଉ —"

ଫାଲ୍‌ଗୁନି ଅନୁନୟ ଭଙ୍ଗୀରେ ହାତ ଯୋଡ଼ିଲେ । ଏ ଅପମାନ ମୋ ପକ୍ଷେ ଅସହ୍ୟ । ମୁଁ କାହାରି ଆନନ୍ଦରେ ଭାଗ ବସାଇବାକୁ ଗ୍ରହେଁନାହିଁ, ମୁଁ କାହାରି ଭିତରେ

Digitized by srujanika@gmail.com

ଅନ୍ତରାୟ ସୃଷ୍ଟି କରିବାକୁ ଗ୍ୱହେଁନାହିଁ । ମୁଁ ଗ୍ୱହେଁ ଶାନ୍ତିପୂର୍ଣ୍ଣ, ସୁଖମୟ ଜୀବନଟିଏ — ସ୍ୱାମୀ, ପୁତ୍ର, କନ୍ୟାର ପରିପୂର୍ଣ୍ଣ ସଂସାରଟିଏ, ଯାହା ସବୁ ନାରୀର କାମ୍ୟ, ତା'ଠାରୁ ମୁଁ ତିଳେମାତ୍ର ଅଧିକା ଗ୍ୱହେଁନାହିଁ । କିନ୍ତୁ ମୋ ଜୀବନ ଏମିତି ନାଟକୀୟ ହେଇଉଠୁଛି କାହିଁକି ?

ଦୁଃଖ ଏବଂ କ୍ଷୋଭକୁ ଗ୍ୱପିରଖି ମୁଁ ଫାଲ୍‌ଗୁନିଙ୍କ ଶୟନକକ୍ଷରୁ ଛାଟିପିଟି ହୋଇ ପଳାଇ ଆସିଲି ।

ମାତ୍ର ଯୁଧିଷ୍ଠିରଙ୍କ ଶୟନକକ୍ଷର ଦ୍ୱାର ରୁଦ୍ଧ । ରାତି ଅନେକ ହେଲାଣି । ଇନ୍ଦ୍ରପ୍ରସ୍ଥ ଆକାଶରେ ତାରାମାନେ ବି ମେଘର ଆଲିଙ୍ଗନ ଭିତରେ ଘୁମେଇ ପଡ଼ିଛନ୍ତି ।

ମୁଁ ଠିଆ ହୋଇଛି ଏକାକିନୀ, ପଞ୍ଚସ୍ୱାମୀଙ୍କ ଶୟନକକ୍ଷରେ ରୁଦ୍ଧଦ୍ୱାରକୁ ସଂଯୋଗ କରୁଥିବା ସୁଦୀର୍ଘ ବାରଣ୍ଡାରେ, ହୃଦୟରେ ରୁଦ୍ଧ ବେଦନାକୁ ଆଲିଙ୍ଗନ କରି । ଅନ୍ଧାର ଆକାଶର ସପ୍ତର୍ଷିମଣ୍ଡଳ ପ୍ରଶ୍ନବାଚୀ ହୋଇ ମୋର ଦୃଷ୍ଟି ସମ୍ମୁଖରେ ଧୀରେ ଧୀରେ ଗାଢ଼ହେଇ ପ୍ରତିଭାତ ହେଉଛି ।

॥ ୧୭ ॥

ଧନ, ଐଶ୍ୱର୍ଯ୍ୟ, କ୍ଷମତା, ଯଶ, ଆତ୍ମୀୟସ୍ୱଜନ, ପରିବାର, ସ୍ୱାମୀ, ପୁତ୍ର, କନ୍ୟା, ସ୍ତ୍ରୀ, ସବୁ ଭିତରେ ପ୍ରତ୍ୟେକ ମଣିଷର କେହି ଦରଦୀ ବନ୍ଧୁ ରହିବା ଆବଶ୍ୟକ, ଯିଏ ସୁଖରେ ସୁଖ ମିଶାଇ ଆନନ୍ଦ ଶତଗୁଣିତ କରେ, ଦୁଃଖରେ ଅଂଶୀଦାର ହୋଇ ବ୍ୟଥା ଲାଘବ କରେ । ଗୋବିନ୍ଦ ସେମିତି ଏକ ହୃଦୟବାନ ଦରଦୀବନ୍ଧୁ । ବନ୍ଧୁ ପାଖରେ ମନ ଖୋଲିଦେଲେ ଆକାଶ ଭଳି ଉନ୍ମୁକ୍ତ, ଉଦାର ଆଲୋକିତ ହୋଇଯାଏ ହୃଦୟ । ଗୋବିନ୍ଦ କିନ୍ତୁ ମନର ଏମିତି ଚିହ୍ନରା ଗ୍ରାହକ ଯେ ମନଖୋଲି ତାଙ୍କୁ କିଛି କହିବାକୁ ହୁଏ ନାହିଁ । ତାଙ୍କୁ ଦେଖିବା ମାତ୍ରେ ହିଁ ସକାଳ ସୂର୍ଯ୍ୟର ସ୍ପର୍ଶରେ ଫୁଲସବୁ ପାଖୁଡ଼ା ମେଲିବା ପରି ମନ ଖୋଲି ହୋଇଯାଏ । ହୃଦୟରେ କେଉଁଠି କିଛି ହେଲେ ଗୋପନୀୟ ହେଇ ରହେନାହିଁ । ତାଙ୍କର ଦୃଷ୍ଟି ଯେମିତି ସୂର୍ଯ୍ୟାଲୋକ ଏବଂ ମଣିଷର ମନ ଯେମିତି ବିକଶିତ ଫୁଲ !

ସେଥିପାଇଁ ମନରେ ଯେତେବେଳେ ବେଦନା ଅସହ୍ୟ ହୁଏ, ମୁଁ ଗୋବିନ୍ଦଙ୍କର ଦର୍ଶନ କାମନା କରେ । ତାଙ୍କ ଛଡ଼ା ମନର ଏତେସବୁ ଅବ୍ୟକ୍ତ ବେଦନା ଆଉ କାହାରି ପାଖରେ ଅଜାଡ଼ି ଦେଇ ହୁଏନାହିଁ । ସଂସାରର ସବୁକଥା ସମସ୍ତଙ୍କୁ କହି ହୁଏ ନାହିଁ, ଏପରିକି ଅନେକ ବ୍ୟଥା, ଅନେକ ଭାବନା ସ୍ୱାମୀଙ୍କ ପାଖରେ ମଧ୍ୟ ସାରା ଜୀବନ

Digitized by srujanika@gmail.com

ଅବ୍ୟକ୍ତ ରହିଯାଏ । ଅଥଚ୍ ଗୋବିନ୍ଦଙ୍କ ପାଖରେ ସବୁ ଗୋପନୀୟତା, ସବୁ କୁଣ୍ଠା, ସବୁ ଅନ୍ତରାୟ କେମିତି କେଜାଣି ଦୂର ହୋଇଯାଏ, ଭାବିଲେ ଆଶ୍ଚର୍ଯ୍ୟ ଲାଗେ ।

ସେଦିନ ମଧ୍ୟ ଗୋବିନ୍ଦ ମୋତେ ଦେଖିବା ମାତ୍ରେ ବୁଝିପାରିଲେ ମୋ ମନର କେଉଁ ନିଭୃତ କୋଣରେ ଅବ୍ୟକ୍ତ ବେଦନାର ଜଳକଣା ନିଃଶବ୍ଦରେ ଝରୁଛି । ସେ ପ୍ରସ୍ତାବ କଲେ — ''ସଖି, ଗ୍ୱଲ ଶତଦ୍ରୁ ନଦୀ ତୀରସ୍ଥ ଅରଣ୍ୟକୁ ପ୍ରମୋଦ ଭ୍ରମଣରେ ଯିବା । ବଣଭୋଜି କରିବା । ସଖା ସୁସ୍ଥ ହୋଇ ଉଠିଲେଣି । ତାଙ୍କର ମନୋରଞ୍ଜନ ଆବଶ୍ୟକ । ଘରେ ପଡ଼ି ପଡ଼ି ବୀର ଫାଲ୍‌ଗୁନି ବିରକ୍ତ ଏବଂ ବିମର୍ଷ ଜଣାପଡୁଛନ୍ତି ।''

ମୁଁ ଜାଣେ ମୋ ମନ ପରିବର୍ତ୍ତନ ପାଇଁ ସଖା କୃଷ୍ଣଙ୍କ ବଣଭୋଜିର ଆୟୋଜନ। ମୁଁ ବାରଣ କଲିନାହିଁ । ମୁଁ ମଧ୍ୟ ଗ୍ରହୁଁଥିଲି ମୁକ୍ତ ଆକାଶ, ଖୋଲା ପବନ, ସତେଜ ଶ୍ୟାମଳିମା ଏବଂ ପ୍ରଶାନ୍ତ ପ୍ରକୃତିର ବିଚିତ୍ର ସୁଷମା ଭିତରେ କିଛିକ୍ଷଣ ନିଜକୁ ହଜାଇ ଦେବାପାଇଁ ।

ରଥ ପ୍ରସ୍ତୁତ ହେଲା । ପାଣ୍ଡବ ପାଞ୍ଚଭାଇ, ସଖା ଶ୍ରୀକୃଷ୍ଣ ଏବଂ ମୁଁ ମୋର କେତେଜଣ ସହଚରୀଙ୍କ ସହ ଶତଦ୍ରୁ ନଦୀ ତୀରକୁ ଯାତ୍ରାରମ୍ଭ କଲୁ ।

ଆମେ ଆସୁଛୁ ବୋଲି ସମ୍ବାଦ ପାଇ ଶତଦ୍ରୁ ନଦୀର ଜଳ-ଦର୍ପଣରେ ବସନ୍ତଋତୁ ତା'ର ମୁହଁ ଦେଖି ଦେଖି ବହୁ ପୂର୍ବରୁ ପ୍ରସାଧନର ପର୍ବ ଶେଷ କରିଛି । ଅଶୋକ, ଚମ୍ପକ, ମଧୁମାଳତୀ ଏବଂ ଅସଂଖ୍ୟ ଅନାମିକା ଅପୂର୍ବ ସୁରଭିତ କୁସୁମରେ ନିଜକୁ ସଜାଇଛି । ଅରଣ୍ୟର ପଥେ ପଥେ ବିଛି ଦେଇଛି ଝରା ବକୁଳର ଗାଲିଚା । ଅତର ବାସ୍ନାରେ ମହକାଇ ଅଧୀର ପବନ ଆମ ଆଗମନର ସମ୍ବାଦ ନେଇ ବାର୍ତ୍ତାବହ ସାଜିଛି। କୃଷ୍ଣ ଆଗମନର ସମ୍ବାଦ ପାଇ ଅରଣ୍ୟ ସକାଳ, ଖରାରେ ଝଲ୍‌ମଲ୍ ରୌପ୍ୟ ସରସୀ ଥାଳିରେ ସଦ୍ୟ ଫୁଟନ୍ତ ନୀଳ କମଳର ଅର୍ଘ୍ୟ ସଜାଡ଼ିଛି ।

ଆମ୍ର ବଉଳର ଗନ୍ଧୁଆ ଟାଣି ଆମ୍ରକାନନ ସୁଶୀତଳ ଛାୟା ସୃଷ୍ଟି କରି ଆମକୁ ଅପେକ୍ଷା କରିଛି । ସମସ୍ତେ ସେଇ ଆମ୍ରକୁଞ୍ଜରେ ଅବତରଣ କଲୁ ।

ଅରଣ୍ୟର ଅପରୂପ ଶୋଭା ଭିତରେ ହଜିଯାଇ ମୁଁ ଭୁଲିଯାଇଥାଏ ଯେ, ମୁଁ ରାଜନନ୍ଦିନୀ ଦ୍ରୌପଦୀ, ଇନ୍ଦ୍ରପ୍ରସ୍ଥର ରାଣୀ କୃଷ୍ଣା, ପଞ୍ଚପତିର ନାୟିକା ପାଞ୍ଚାଳୀ । ମୋ ମନର ଦୁଃଖ, ଗ୍ଲାନି, ଅବସାଦ ନିର୍ମଳ କରି ଧୋଇନେଇଥାଏ ପବିତ୍ର ପ୍ରକୃତି । ମୁଁ ମନ୍ତ୍ରମୁଗ୍ଧା ହୋଇ ପ୍ରକୃତି ପ୍ରେମରେ ହଜିଯାଇଥାଏ ।

ଯୁଧିଷ୍ଠିର ପୁଣ୍ୟତୋୟା ଶତଦ୍ରୁନଦୀର ତୀରେ ତୀରେ ବସବାସ କରୁଥିବା ଅରଣ୍ୟବାସୀମାନଙ୍କର ସୁଖଦୁଃଖ ବୁଝିବା ପାଇଁ ପରିଗ୍ଭରକମାନଙ୍କ ସହ ଗ୍ୱଲିଗଲେ ।

Digitized by srujanika@gmail.com

ଭୀମ ଜଙ୍ଗଲରୁ ପକ୍ୱ ଫଳମୂଳ ସଂଗ୍ରହ କରି ମଧ୍ୟାହ୍ନ ଖାଦ୍ୟ ବ୍ୟବସ୍ଥା କରୁଥା'ନ୍ତି । ନକୁଳ ଅଶ୍ୱମାନଙ୍କୁ ନେଇ ଅରଣ୍ୟରେ ନାନା କ୍ରୀଡ଼ା କୌଶଳରେ ମାତିଥା'ନ୍ତି । ସହଦେବ ନିର୍ଜନ ନଦୀଧାରରେ ବସି ସଖା ଶ୍ରୀକୃଷ୍ଣଙ୍କର ଦ୍ୱାରକାଯାତ୍ରାର ଦିନ ନିରୂପଣ କରୁଥା'ନ୍ତି । ଇନ୍ଦ୍ରପ୍ରସ୍ଥରେ ଯୁଧିଷ୍ଠିର ବର୍ତ୍ତମାନ ପ୍ରତିଷ୍ଠାଲାଭ କରିଛନ୍ତି । ବର୍ତ୍ତମାନ ଦ୍ୱାରକା ଫେରିଯିବା ଶ୍ରୀକୃଷ୍ଣଙ୍କର ଇଚ୍ଛା । ମାତା କୁନ୍ତୀଙ୍କର ନିର୍ଦ୍ଦେଶ ଶୁଭଦିନ, ଶୁଭଲଗ୍ନରେ କୃଷ୍ଣ ଇନ୍ଦ୍ରପ୍ରସ୍ଥରୁ ଦ୍ୱାରକା ଯାତ୍ରା କରିବେ । ତେଣୁ ସେ ଦାୟିତ୍ୱ ସହଦେବଙ୍କର ।

ଆମ୍ରକୁଞ୍ଜରେ ଦୁଇସଖା ଅର୍ଜୁନ ଏବଂ କୃଷ୍ଣଙ୍କ ସହ ଏକାକିନୀ ମୁଁ । ମୋର ପରିଗ୍ରରିକାମାନେ ମଧ୍ୟ ଅରଣ୍ୟ ଶୋଭାରେ ବିମୋହିତା ହୋଇ ଚପଳା ବାଳିକା ଭଳି ଏଣେତେଣେ ବୁଲି ପୁଷ୍ପଚୟନ କରୁଛନ୍ତି, ଭ୍ରମର ଏବଂ ପ୍ରଜାପତିମାନଙ୍କ ସହ ଲୁଚକାଳି ଖେଳୁଛନ୍ତି ।

ତାମ୍ବୁଳ ଖଣ୍ଡେ ସଖାଙ୍କ ହାତକୁ ବଢ଼ାଇଦେଇ ମୁଁ କହିଲି — ''ସଖା, ଆଉ କିଛିଦିନ ଇନ୍ଦ୍ରପ୍ରସ୍ଥରେ ରହିଗଲେ ଆପଙ୍କର କ'ଣ କିଛି ଅସୁବିଧା ହେବ ? ଅବଶ୍ୟ ଦ୍ୱାରକାରେ ଅଷ୍ଟପାଟମହିଷୀ ଆପଣଙ୍କ ଆଗମନର ଦିନ ଗଣୁଥିବେ ।'' ଫାଲ୍‌ଗୁନି ପରିହାସରେ ଅଧର ରଙ୍ଗିନ କରି କହିଲେ — ''କେବଳ ଅଷ୍ଟପାଟମହିଷୀ ନୁହନ୍ତି, ଦ୍ୱାରକାର ଅନ୍ତଃପୁରରେ ଆଉରି ସହସ୍ର ଉପପତ୍ନୀ ସଖାଙ୍କ ବିରହରେ କ୍ଷୀଣ ହେଉଛନ୍ତି । ସଖା ଆମମାନଙ୍କୁ ଇନ୍ଦ୍ରପ୍ରସ୍ଥରେ ପ୍ରତିଷ୍ଠା କରିବା ପାଇଁ ଯେତିକି ଦିନ ଅଟକି ଗଲେଣି, ସେତିକି ଆମ ପକ୍ଷେ ଯଥେଷ୍ଟ । ଆଉ ବେଶିଦିନ ଅଟକିଗଲେ ସେମାନେ ଆମକୁ ଅଭିଶାପ ଦେବେ —''

ସଖା ମତେ ତୀର୍ଯ୍ୟକ୍ ଦୃଷ୍ଟିରେ ଘ୍ରହିଁଲେ । ମୃଦୁ ହସି କହିଲେ — ''ସଖାଙ୍କ ମନ୍ତବ୍ୟ ଶୁଣି ମତେ ଆର୍ଯ୍ୟାବର୍ତ୍ତର ଶ୍ରେଷ୍ଠ କାମୁକ ପୁରୁଷ ବୋଲି ଭାବୁନାହଁ ତ ସଖି ? ଅବଶ୍ୟ ସଖାଙ୍କ ମନ୍ତବ୍ୟ ପଛରେ ସତ୍ୟତା ଅଛି । ଦ୍ୱାରକାର ଅନ୍ତଃପୁରରେ ଅଷ୍ଟପାଟମହିଷୀଙ୍କ ବ୍ୟତୀତ ସହସ୍ର ଉପପତ୍ନୀ ମୋର ଅଛନ୍ତି । କିନ୍ତୁ ତା' ଛଡ଼ା ଆଉ ଅନ୍ୟଗତି ନ ଥିଲା । ନରକାସୁର ସହସ୍ର ରାଜକନ୍ୟାଙ୍କୁ ବଳାହାର କରି ତା'ର ରାଜଧାନୀରେ ବନ୍ଦିନୀ କରି ରଖିଥିଲା । ନରକାସୁରର ଔଦ୍ଧତ୍ୟ ଏବଂ ଅତ୍ୟାଚାର ଚରମସୀମାରେ ପହଞ୍ଚିବା ପରେ ମୁଁ ପ୍ରଜାମାନଙ୍କର ଶାନ୍ତିପୂର୍ଣ୍ଣ ଜୀବନଯାପନ ପାଇଁ ତାକୁ ହତ୍ୟା କଲି । ସେଇ ସୁନ୍ଦରୀ ଦୁଃଖିନୀ ରାଜକନ୍ୟାମାନଙ୍କୁ ବନ୍ଧନମୁକ୍ତ କରି ସେମାନଙ୍କ ପିତାଙ୍କୁ ସମ୍ବାଦ ଦେଲି । ମାତ୍ର ଯେଉଁ ପିତାମାନେ ଝିଅମାନଙ୍କର ଏ ଦୁରବସ୍ଥାରେ ଅହରହଃ ଅଶ୍ରୁପାତ କରୁଥିଲେ, ସେମାନେ କେହି ଜଣେ ହେଲେ ଏ ସମ୍ବାଦରେ ଆନନ୍ଦିତ ହେଇ ଝିଅମାନଙ୍କୁ ରାଜ୍ୟକୁ ଫେରାଇ ନେବାପାଇଁ ଆସିଲେ

Digitized by srujanika@gmail.com

ନାହିଁ । ବରଂ ଦୂତ ହସ୍ତରେ ଝିଅମାନଙ୍କ ପାଖକୁ ଖବର ପଠାଇଲେ ଯେ ଆତ୍ମହତ୍ୟା ହିଁ ଏଣିକି ସେମାନଙ୍କ ପକ୍ଷରେ ଶ୍ରେୟ । ନରକାସୁରର ବନ୍ଦୀଶାଳାରେ ଏତେଦିନ ବିତାଇବା ପରେ ଆଉ କୌଣସି ରାଜପୁତ୍ର ତ ଦୂରର କଥା, କୌଣସି ଇତର ପୁରୁଷ ବି ତାଙ୍କର ପାଣିଗ୍ରହଣ କରିବ ନାହିଁ । ବରଂ ସେମାନେ ପୁନର୍ବାର ପିତାଙ୍କ ରାଜ୍ୟ ମଞ୍ଜନ କଲେ ରାଜ୍ୟର ଯଶ କ୍ଷୟ ହେବ । ଏ କ୍ଷେତ୍ରରେ ଆତ୍ମହତ୍ୟା ଛଡ଼ା ତାଙ୍କର ଅନ୍ୟଗତି କ'ଣ ଅଛି ?''

''ଆହା କି ଅନ୍ୟାୟ !'' ମୋ ପାଟିରୁ ଅନାୟାସରେ ବାହାରିଆସିଲା ।

ସଖା ସମବେଦନାରେ ସ୍ୱର ଭାରୀ କରି କହିଲେ — ''ସେଇ ଅନ୍ୟାୟ ଯୋଗୁଁ ତ ଦେବୀ ବୈଦେହୀ ବାରମ୍ବାର ଅଗ୍ନି ପରୀକ୍ଷାର ସମ୍ମୁଖୀନ ହୋଇଛନ୍ତି ଏବଂ ଅବଶେଷରେ ଧରିତ୍ରୀ ମାତା ଗର୍ଭରେ ଆଶ୍ରୟ ଲୋଡ଼ିଛନ୍ତି ।''

''ତା'ପରେ କ'ଣ ହେଲା ?'' ଅର୍ଜୁନ ପଗ୍ଧରିଲେ । କୃଷ୍ଣଙ୍କ ବୀରତ୍ୱ ଏବଂ ବଦାନ୍ୟତାର କାହାଣୀ ଅର୍ଜୁନଙ୍କୁ ଆନନ୍ଦ ଦେଉଥିଲା ।

ସଖା ପୁନର୍ବାର ନିଜର ଅନୁଭୂତି ବର୍ଣ୍ଣନା କଲେ — ''ସେଇ ଶତ ଶତ ସୁନ୍ଦରୀ ରାଜନନ୍ଦିନୀ ଆତ୍ମହତ୍ୟା କରିବା ଛଡ଼ା ଅନ୍ୟ ପଥ ନାହିଁ ଜାଣିବା ପରେ ମୋର ଶରଣାପନ୍ନ ହେଲେ । କାତର କଣ୍ଠରେ ସେମାନେ କହିଲେ — 'ହେ ଗୋପୀଜନରଞ୍ଜନ କୃଷ୍ଣ ! ନରକାସୁରକୁ ବଧ କରି ତୁମେ ଆମକୁ ବିପନ୍ନ କରିଛ । ପୃଥିବୀରେ ସେ ଆମର ଥିଲା ଏକମାତ୍ର ଆଶ୍ରୟଦାତା । ବର୍ତ୍ତମାନ ତା' ମୃତ୍ୟୁ ପରେ ଆମର ଏ ସଂସାରରେ ମୁଣ୍ଡ ଗୁଞ୍ଜିବା ପାଇଁ ସ୍ଥାନ ନାହିଁ । ଆମେ ଏବେ କ'ଣ କରିବୁ ?' ମୁଁ ସେତେବେଳେ ପୃଥିବୀର ସବୁଦେଶର ରାଜପୁତ୍ରଙ୍କୁ ଆହ୍ୱାନ କରିଥିଲି, ସେଇ ରାଜନନ୍ଦିନୀମାନଙ୍କୁ ଗ୍ରହଣ କରି ନିଜର ଯଶବୃଦ୍ଧି କରିବା ପାଇଁ । ସେମାନଙ୍କ ଭିତରୁ ଜଣକୁ ମଧ୍ୟ ଯିଏ ଗ୍ରହଣ କରିଥା'ନ୍ତା, ମୁଁ ଚିରଦିନ ତା'ର ବନ୍ଧୁ ହୋଇ ରହିଥା'ନ୍ତି । ମାତ୍ର କେହି ଜଣେ ହେଲେ ରାଜପୁତ୍ର ଆଗେଇ ଆସିଲେ ନାହିଁ ସେମାନଙ୍କୁ ବିବାହ କରିବା ପାଇଁ । ଅନ୍ୟ ପୁରୁଷର ରାଜ୍ୟରେ ଆଶ୍ରିତା ହୋଇ ଜୀବନ କାଟିଥିବାରୁ ରାଜନନ୍ଦିନୀମାନେ କଳଙ୍କିତା ହୋଇଛନ୍ତି ବୋଲି ସମସ୍ତେ ମୋର ନିବେଦନକୁ ପ୍ରତ୍ୟାଖ୍ୟାନ କଲେ । ସେତେବେଳେ ରାଜ-କନ୍ୟାଗଣ ଦୁଃଖରେ ଭାଙ୍ଗିପଡ଼ି ପ୍ରାର୍ଥନା କଲେ — ହେ କୃଷ୍ଣ ! ତମେ ଆମର ଜୀବନଦାତା, ମୁକ୍ତିଦାତା ହୋଇଛ । ଆଜି ତମେ ଆମର ରକ୍ଷାକର୍ତ୍ତା ହୁଅ, ନହେଲେ ସହସ୍ର ରାଜକନ୍ୟାଙ୍କର ଆତ୍ମହତ୍ୟା ଦୋଷରେ ତମେ ଭାଗୀଦାର ହେବ । ମୁଁ ସେମାନଙ୍କୁ ଅଭୟ ଦେଲି ଯେ— ସେମାନେ ମୋର ରାଜ୍ୟରେ ଆଶ୍ରୟ ନେବେ । ଖାଦ୍ୟବସ୍ତ୍ରରେ ସେମାନଙ୍କର ଅଭାବ ରହିବ ନାହିଁ । ସେମାନେ ସବୁପ୍ରକାର ସୁବିଧା ସୁଯୋଗ ଲାଭକରି ଜୀବନ ବିତାଇବେ ।''

Digitized by srujanika@gmail.com

ମୁଁ ଅକସ୍ମାତ୍ ସଖାଙ୍କ କଥାରେ ପ୍ରତିବାଦ କରିଉଠିଲି । କହିଲି — ''ସଖା, କେବଳ ଖାଦ୍ୟ, ବସ୍ତ୍ର, ବାସଗୃହ ପାଇଲେ ହିଁ କ'ଣ ବଞ୍ଚିହୁଏ ? ବଞ୍ଚିବା ପାଇଁ ଆବଶ୍ୟକ ସାମାଜିକ ପ୍ରତିଷ୍ଠା, ସମ୍ମାନ ଏବଂ ସମସ୍ତଙ୍କର ସହୃଦୟତା ଆଉ ସମର୍ଥନ । ନରକାସୁରର ବନ୍ଦୀଶାଳାରେ ସେଇ ରାଜନନ୍ଦିନୀମାନଙ୍କର ଖାଦ୍ୟବସ୍ତ୍ରର ମଧ୍ୟ ଅଭାବ ନଥିଲା । ସେତେବେଳେ ମଧ୍ୟ ସେମାନଙ୍କ ପ୍ରତି ସମସ୍ତଙ୍କର ସହାନୁଭୂତି ଓ ସମ୍ମାନ ଥିଲା । କିନ୍ତୁ ଏ ପରିସ୍ଥିତିରେ କେବଳ ଖାଦ୍ୟବସ୍ତ୍ର ଯୋଗାଇଦେବା ଦ୍ୱାରା ତାଙ୍କର ସାମାଜିକ ସମ୍ମାନ ଫେରିଆସିବ ନାହିଁ । ନାରୀ ପ୍ରତି ସମାଜର ଯେଉଁ ଅନ୍ୟାୟ ବିଗ୍ଦର, ସେଥିପାଇଁ ଆପଣ କି ପ୍ରତିକାର କରିଥିଲେ ?''

ସଖା ମୋର ଅଭିଯୋଗରେ ଅଧିକ ଉତ୍ସାହିତ ହୋଇ କହିଲେ — ''ନାଟକର ଶେଷପର୍ବ ହିଁ ସବୁଠୁ ରୋମାଞ୍ଚକର । ତମରି ଭଳି ସେଇ ରାଜକନ୍ୟାମାନେ ମଧ୍ୟ ମତେ ଏଇ ପ୍ରଶ୍ନ କରିଥିଲେ ଏବଂ ମୋ ପାଦତଳେ ନିଜକୁ ସମର୍ପି ଦେଇ ଅନୁନୟ କରିଥିଲେ, 'ହେ କୃଷ୍ଣ ! ଆମକୁ ଗ୍ରହଣ କରି ଆମର ସମ୍ମାନ ରକ୍ଷାକର ।' ସେତେବେଳେ ମୁଁ ବୁଝିପାରିଲି ମୁଁ ସେମାନଙ୍କୁ ପତ୍ନୀ ଭାବରେ ଗ୍ରହଣ କରିବା ହିଁ ମୋର ଶ୍ରେଷ୍ଠ କର୍ତ୍ତବ୍ୟ । ତା' ଦ୍ୱାରା ପୃଥିବୀର ପୁରୁଷ ସମାଜ ଅବଗତ ହେବେ ଯେ ନାରୀର ଶରୀର ନାରୀ ନୁହେଁ, ନାରୀର ଆତ୍ମାଟିଏ ମଧ୍ୟ ଅଛି । ଶରୀରକୁ ବନ୍ଦୀ କଲେ ଆତ୍ମା ବନ୍ଦୀ ହୁଏ ନାହିଁ, ଶରୀରକୁ ପୂତିଗନ୍ଧମୟ ନର୍କରେ ନିକ୍ଷେପ କଲେ ଆତ୍ମା ପାପଭାଗୀ ହୁଏ ନାହିଁ, ଶରୀରକୁ ବଳାତ୍କାର କରି ଭୋଗ କଲେ ଆତ୍ମା ପତିତ ହୁଏ ନାହିଁ । ଆତ୍ମା ଯଦି ମୁକ୍ତିର ସନ୍ଧାନ ପାଇଥାଏ, ଆଲୋକର ପଥ ଅନୁସରଣ କରୁଥାଏ, ତେବେ ସେ ନିଷ୍କଳଙ୍କ, ବିମୁକ୍ତ, ପୁଣ୍ୟଶ୍ଲୋକ । ସେଇ ସହସ୍ର ରାଜକନ୍ୟା ବର୍ତ୍ତମାନ ମୋର ବିବାହିତା ପତ୍ନୀ । ସେମାନଙ୍କର ନିଷ୍କଳଙ୍କ ଆତ୍ମାକୁ ମୁଁ ସମ୍ମାନିତ କରିଛି, ବିବାହ କରିଛି, ଗ୍ରହଣ କରିଛି । ଆତ୍ମା ସହ ଆତ୍ମାର ଯେଉଁଠି ମିଳନ ହୋଇଛି, ସେଠାରେ ଶରୀର ସମ୍ପର୍କ ଗୌଣ । ତେଣୁ ମୁଁ ଯଦି ଇନ୍ଦ୍ରପ୍ରସ୍ଥରେ ବର୍ଷ ବର୍ଷ ଧରି ରହିଯାଏ, ତେବେ ମୋର ପତ୍ନୀମାନେ ତମକୁ ଅଭିଶାପ ଦେବେନାହିଁ । ମୁଁ ଶରୀର ଭୋଗର ଲାଳସାରେ ସେମାନଙ୍କୁ ବିବାହ କରିନାହିଁ — ମୁଁ ସେମାନଙ୍କ ଆତ୍ମାକୁ ଭଲପାଇଛି ଏବଂ ସେମାନେ ସମସ୍ତେ ମୋର ଆତ୍ମାର ପ୍ରେମିକା । ଯେଉଁମାନେ ମୋର ପ୍ରେମକୁ ବୁଝି-ପାରନ୍ତି ନାହିଁ, ସେମାନେ ମୋତେ ଲମ୍ପଟ କହନ୍ତି, ବହୁନାରୀକାମୀ ଆଖ୍ୟା ଦିଅନ୍ତି ।''

ମୁଁ ପରମପ୍ରେମିକ କୃଷ୍ଣଙ୍କର ଆତ୍ମାର ପ୍ରେମରେ ବହୁପୂର୍ବରୁ ପଡ଼ିଥିଲି, ବର୍ତ୍ତମାନ ମନେ ମନେ ଅବଶୋଷ କରୁଥିଲି ସେଇ ନରାଧମ ନରକାସୁର ସହସ୍ର ରାଜକନ୍ୟାଙ୍କ ମଧ୍ୟରେ ମତେ ବନ୍ଦିନୀ କଲାନାହିଁ କାହିଁକି ?

Digitized by srujanika@gmail.com

ଫାଲ୍‌ଗୁନି ମୋ ଭାବନାର ବିପରୀତ କଥାଟା ହିଁ ପରିହାସ ଛଳରେ ପ୍ରକାଶ କରିଦେଲେ । ହସି ହସି ସେ କହିଲେ — ''ସଖା, ସାରାବିଶ୍ୱର ସମ୍ଭବ ତମ ପାଖରେ ଥାଏ । ଦୟାକରି କହିବକି ଆଉ କେଉଁ ଦାନବ ଲକ୍ଷ ଲକ୍ଷ ରାଜକନ୍ୟାଙ୍କୁ ବନ୍ଦୀକରି ରଖିଛି ? ଏଇ ମୁହୂର୍ତ୍ତରେ ମୁଁ ତାକୁ ହତ୍ୟାକରି ସେଇ ସୁନ୍ଦରୀ ନାରୀମାନଙ୍କର ଅତୀବ ସୁନ୍ଦର ଆତ୍ମାକୁ ଗ୍ରହଣ କରି ତାଙ୍କୁ ମୋର ଅନ୍ତଃପୁରରେ ସ୍ଥାନ ଦେବି । ତା'ହେଲେ କୃଷ୍ଣାଙ୍କୁ ନେଇ ବିରହ ଜ୍ୱାଳାରେ ଏତେ ହନ୍ତସନ୍ତ ହେବାକୁ ପଡ଼ିବ ନାହିଁ । ଏଭଳି ସବୁଗୁଡ଼ିକ ସୁଯୋଗ ତମରି ଭାଗ୍ୟରେ ହିଁ ଆସିଥାଏ, ସେତିକି ଯାହା ବିଧିର ବିଡ଼ମ୍ବନା ।''

ସଖା ଅର୍ଜୁନଙ୍କ ପରିହାସରେ ଆମୋଦିତ ହେଲେ । ମାତ୍ର ଅର୍ଜୁନଙ୍କ କଥାରେ ମୋ ପାଇଁ ତୀର୍ଯ୍ୟକ୍ ଅଭିମାନ ଯେ ଲୁଚି ରହିଥିଲା ତାହା ତାଙ୍କୁ ଅଛପା ରହିଲା ନାହିଁ । ସେ ପ୍ରଶାନ୍ତ ବଦନରେ ଅର୍ଜୁନଙ୍କୁ ଘୃହିଁ କହିଲେ — ''ଜଣେ ବୀରପୁରୁଷ ଜୀବନରେ ବହୁ ନରନାରୀ ଆସିବେ ଏବଂ ତମ ଜୀବନରେ ମଧ୍ୟ ତା'ର ବ୍ୟତିକ୍ରମ ହେବାର କୌଣସି କାରଣ ନାହିଁ । ତେବେ ମୋର ବିଶ୍ୱାସ ଶତସହସ୍ର ସୁନ୍ଦରୀ ରାଜକନ୍ୟା ତମର ଅନ୍ତଃପୁର ମଞ୍ଜନ ଜଲେ ମଧ୍ୟ କୃଷ୍ଣାଙ୍କର ବିରହରେ ତମେ ଅହରହ ଦଗ୍ଧ ହେଉଥିବ । ତମ ଜୀବନରେ କୃଷ୍ଣାଙ୍କର ସ୍ଥାନ ଅପୂରଣୀୟ ।''

ଅର୍ଜୁନ ପଗ୍ଧରିଲେ — ''ଏ ଯନ୍ତ୍ରଣାର ପ୍ରତିକାର କ'ଣ ?''

ସଖା ଶାନ୍ତସ୍ୱରରେ କହିଲେ — ''କୃଷ୍ଣାଙ୍କର ଆତ୍ମାକୁ ସ୍ପର୍ଶ କରିବାକୁ ତେଷ୍ଟାକର ସଖା, ଦେଖିବ ସେଠି ବିରହର ସ୍ଥାନ ନାହିଁ । ରାମଚନ୍ଦ୍ର ଏବଂ ବୈଦେହୀଙ୍କର ଆତ୍ମାର ମିଳନ ହୋଇଥିଲା, ତେଣୁ ସାରା ଜୀବନ ଦୁହେଁ ଦୁହିଁଙ୍କଠାରୁ ବିଚ୍ଛିନ୍ନ ହୋଇ ରହିଥିଲେ ମଧ୍ୟ ରାମଚନ୍ଦ୍ର ବିରହ ଜ୍ୱାଳାରେ ଦଗ୍ଧ ହୋଇନାହାନ୍ତି । ତା' ହୋଇଥିଲେ ସେ ଅଯୋଧ୍ୟାରେ ରାମରାଜ୍ୟ ପ୍ରତିଷ୍ଠା କରିବା ପାଇଁ ସମର୍ଥ ହୋଇନଥା'ନ୍ତେ । ଜାନକୀଙ୍କଠାରୁ ବିଚ୍ଛିନ୍ନ ହୋଇ ରହିଥିଲେ ମଧ୍ୟ ସେ କୌଣସି ଦିନ ତାଙ୍କର ପୁରୁଷକାରକୁ ଧିକ୍‌କାର କରିନାହାନ୍ତି, ରାଜାର କର୍ତ୍ତବ୍ୟରେ ସେ କୌଣସି ଦିନ ତ୍ରୁଟି କରିନାହାନ୍ତି । ସେଥିପାଇଁ ସମଗ୍ର ଆର୍ଯ୍ୟାବର୍ତ୍ତରେ ମର୍ଯ୍ୟାଦାବନ୍ତ ପୁରୁଷ ଭାବରେ ସେ ସମ୍ମାନିତ ହୋଇଛନ୍ତି ।''

ଅର୍ଜୁନ ସଖାଙ୍କର କଥାକୁ ଗ୍ରହଣ କଲେ କି ନା ଜାଣେନା, କିନ୍ତୁ ସେ ପୁନର୍ବାର ପରିହାସ ଛଳରେ କହିଲେ — ''ମତେ ତୁମ ସହ ଦ୍ୱାରଜାକୁ ଯିବାକୁ ହେବ । ସେଠାରେ ରହି ଆତ୍ମା ସହ ଆତ୍ମାର ପ୍ରେମକୁ ଲକ୍ଷ୍ୟ କରିବାକୁ ହେବ । ମତେ ଆତ୍ମାପ୍ରେମର ଶିକ୍ଷାନବୀଶ ଭାବରେ ଗ୍ରହଣ କରିନିଅ । ଫେରିଆସି କୃଷ୍ଣାଙ୍କ ସହ ଅଭିନବ ଯୁଗ୍ମ ଜୀବନ ଆରମ୍ଭ କରିବି । ଏଥିରେ କୃଷ୍ଣା ବି ଆପତ୍ତି କରିବେ ନାହିଁ, କୃଷ୍ଣ ମଧ୍ୟ —''

Digitized by srujanika@gmail.com

କୃଷ୍ଣ ହସିଉଠିଲେ, କହିଲେ — ''ସଖା, ଆତ୍ମା ସହ ଆତ୍ମାର ପ୍ରେମକୁ ପାର୍ଥିବ ଚକ୍ଷୁରେ ଦେଖିହୁଏ ନାହିଁ । ଆତ୍ମା ହିଁ ତାକୁ ଦେଖିପାରେ । ଅନୁଭବ ଓ ଅନୁଭୂତିରୁ ହିଁ ସେ ପ୍ରେମର କଳା ଶିକ୍ଷା କରାଯାଇପାରେ । ତେଣୁ ତମେ ସେଥିପାଇଁ ଦ୍ୱାରକା ଯାଇ ମୋର ଯୁଗ୍ମ ଜୀବନର ପିଛା କରିବା ଆବଶ୍ୟକ ନାହିଁ । ଇନ୍ଦ୍ରପ୍ରସ୍ଥରେ ରାଜଧାନୀ ପ୍ରତିଷ୍ଠା କରି ତମର କର୍ତ୍ତବ୍ୟ ଶେଷ ହୋଇଗଲା ବୋଲି ଭାବନାହିଁ । ଏ ତ ସଂଗ୍ରାମର ଆରମ୍ଭ ମାତ୍ର —''

ଅର୍ଜୁନ ସାମାନ୍ୟ ବିବ୍ରତ ହେଲେ । ଆବାଲ୍ୟରୁ ପାଣ୍ଡବମାନେ ଭ୍ରାତୃବିବାଦ ଓ ଅନ୍ୟାୟ, ଅଧର୍ମର ମୁକାବିଲା କରିଛନ୍ତି । ଧନ, ଜୀବନ, ସମ୍ମାନ ପ୍ରତି ପଦେ ପଦେ ବିପନ୍ନ ହେଇଛି । ପିତୃହୀନ ପାଞ୍ଚଭାଇ ମା'ଙ୍କ ତ୍ୟାଗ, ନିଷ୍ଠା ଓ ଆଦର୍ଶର ଛତ୍ରଛାୟା ତଳେ ରହି ଜୟଯୁକ୍ତ ହୋଇ ବର୍ତ୍ତମାନ ଇନ୍ଦ୍ରପ୍ରସ୍ଥରେ ଶାନ୍ତିପୂର୍ଣ୍ଣ ଜୀବନଯାତ୍ରାର ଶିଳାନ୍ୟାସ କରିଛନ୍ତି । ଅଥଚ କୃଷ୍ଣ କହୁଛନ୍ତି ସଂଗ୍ରାମର ଏଇ ଆରମ୍ଭ ମାତ୍ର ! କୃଷ୍ଣ ଦିବ୍ୟଦ୍ରଷ୍ଟା ଏବଂ ଦୂରଦ୍ରଷ୍ଟା ପୁରୁଷ । ସେ କ'ଣ ପାଣ୍ଡବମାନଙ୍କ ଜୀବନରେ ଆଉରି ସଂଘର୍ଷ ଓ ସଂଗ୍ରାମର ପଦଶବ୍ଦ ଶୁଣୁଛନ୍ତି ?

ଅର୍ଜୁନ ବିନୟୀ ବାଳକ ଭଳି ପଗ୍ଧରିଲେ — ''ସଖା, ସମଗ୍ର ହସ୍ତିନାପୁରରେ ଯୁଧିଷ୍ଠିର ରାଜା ହେବାର କଥା । ସଂଘର୍ଷ ଓ ରକ୍ତପାତକୁ ଏଡ଼ାଇବା ପାଇଁ ଅର୍ଦ୍ଧେକ ରାଜ୍ୟ ନେଇ ଆମେ ସନ୍ତୁଷ୍ଟ ହେଇଛୁ । ଅନୁର୍ବର, ଅନୁନ୍ନତ, ଜନାକୀର୍ଣ୍ଣ ଅରଣ୍ୟ ପରିପୂର୍ଣ୍ଣ ଖାଣ୍ଡବପ୍ରସ୍ଥକୁ ଆପଣଙ୍କ ସହାୟତାରେ ଇନ୍ଦ୍ରଭବନରେ ପରିଣତ କରିଛୁ । ତେବେ ବି ଆମ ଜୀବନରେ ସଂଗ୍ରାମ ଓ ସଂଘର୍ଷର ଶେଷ ହୋଇନାହିଁ ବୋଲି ତମେ ଆଶଙ୍କା କରୁଛ କାହିଁକି ?''

ଶ୍ରୀକୃଷ୍ଣ ଭାବଗମ୍ଭୀର ହେଲେ । ତାଙ୍କ ମୁଖର ଶୋଭା ବଦଳିଗଲା । ପାଣ୍ଡିତ୍ୟ, ମହିମା ଏବଂ ଅଲୌକିକ ପ୍ରତିଭାର ଦୀପ୍ତିରେ ଉଦ୍‌ଭାସିତ ହେଲା ତାଙ୍କର ମୁଖମଣ୍ଡଳ, ତାଙ୍କ ମସ୍ତକର ଚତୁଃପାର୍ଶ୍ୱରେ ଏକ ଉଜ୍ଜ୍ୱଳ ଦୀପ୍ତିବଳୟ ମୁଁ ସ୍ପଷ୍ଟ ଦେଖିପାରିଲି । ମନ୍ତ୍ରମୁଗ୍ଧ ହୋଇ ମୁଁ ଏବଂ ଫାଲ୍‌ଗୁନି କୃଷ୍ଣଙ୍କର ଦୀପ୍ତିବଳୟ ଭିତରେ ହଜିଗଲୁ । —

କୃଷ୍ଣ କହିଲେ — ''ଯେଉଁଦିନ ଭ୍ରାତୃବିରୋଧ ସମାଧାନର ଦ୍ୱାହି ଦେଇ ଅନ୍ଧରାଜା ଧୃତରାଷ୍ଟ୍ର ଗୋଟିଏ ରାଜ୍ୟକୁ ଦୁଇ ଭାଗରେ ବିଭକ୍ତ କରିଛନ୍ତି, ସେଇଦିନ ସମଗ୍ର ଆର୍ଯ୍ୟାବର୍ତ୍ତ ବିପନ୍ନ ହେଇଛି । ଗୋଟିଏ ରାଜ୍ୟରେ ଦୁଇଟି ରାଜଧାନୀ, ହସ୍ତିନାପୁର ଏବଂ ଇନ୍ଦ୍ରପ୍ରସ୍ଥର ସୃଷ୍ଟି ହେବା ଦିନ ହିଁ କଳିର ବୀଜ ବପନ ହୋଇଛି । ଧୃତରାଷ୍ଟ୍ର ବୁଝିପାରି ନଥିଲେ ଯେ ଅନୁର୍ବର, ଟାଙ୍ଗର ଭୂଇଁରେ ମଧ୍ୟ ନିଷ୍ଠା, ସାଧନା, ଏକାଗ୍ରତା, ଧର୍ମବିଗ୍ରହ ଏବଂ ପୁଣ୍ୟ କାର୍ଯ୍ୟବଳରେ ସୁନ୍ଦର ପୁଷ୍ପୋଦ୍ୟାନ ସୃଷ୍ଟି କରାଯାଇପାରେ ।

Digitized by srujanika@gmail.com

ତେଣୁ ସେ ଅନୁର୍ବର ବାରୁଣାବନ୍ତକୁ ପୁତ୍ରରାମାନଙ୍କୁ ଦାନକରି ବଦାନ୍ୟତା ଦେଖାଇଛନ୍ତି ବୋଲି ଆତ୍ମସନ୍ତୋଷ ଲଭିଥିଲେ । ମାତ୍ର ବର୍ତ୍ତମାନ ଇନ୍ଦ୍ରପ୍ରସ୍ଥର ଉନ୍ନତି ଏବଂ ପ୍ରଗତି କୌରବମାନଙ୍କୁ ଈର୍ଷାନ୍ୱିତ କରିବ । ଈର୍ଷାଯୋଗୁଁ ସେମାନଙ୍କ ମନରେ ସମଗ୍ର ଇନ୍ଦ୍ରପ୍ରସ୍ଥ ଜନତାଙ୍କ ପାଇଁ ଶତ୍ରୁତା ବୃଦ୍ଧି ହେବ । ଫଳତଃ ଦୁଇ ରାଜଧାନୀ ଭିତରେ ଅଶାନ୍ତି ଏବଂ ଅନିଶ୍ଚିତତା ଲାଗିରହିବ । ଏପରି ସ୍ଥଳେ ପାଣ୍ଡବମାନେ ନିଶ୍ଚିନ୍ତ ହୋଇ ସୁଖରେ କାଳାତିପାତ କରିବେ କିପରି ?''

କୃଷ୍ଣଙ୍କର ବ୍ୟାଖ୍ୟାରେ ଚକିତ ତଥା ବ୍ୟଥିତ ହେଇପଡ଼ିଲେ ଫାଲ୍‌ଗୁନି । ଅଭିଯୋଗଭରା ସ୍ୱରରେ କହିଲେ — ''ସଖା, ଆପଣ ଦୂରଦ୍ରଷ୍ଟା । ଏସବୁ ଘଟିବ ବୋଲି ଆପଣ ଜାଣନ୍ତି । ତଥାପି ଧୃତରାଷ୍ଟ୍ରଙ୍କର ଏ ପ୍ରସ୍ତାବକୁ ଆପଣ ଗ୍ରହଣ କଲେ କାହିଁକି ?''

ଶ୍ରୀକୃଷ୍ଣ ତୀର୍ଯ୍ୟକ ଦୃଷ୍ଟିରେ ଗ୍ରହିଁଲେ ଫାଲ୍‌ଗୁନିଙ୍କୁ । ଅଭିଯୋଗଭରା ସ୍ୱରରେ କହିଲେ — ''ବେଳେବେଳେ ସବୁକଥା ଜାଣିଶୁଣି ମଧ୍ୟ କିଛି ନିଷ୍ପତ୍ତି ନେବାକୁ ହୁଏ । କୌଣସି ଏକ ମହତ୍ତର ସ୍ୱାର୍ଥସାଧନ କରିବା ପଥରେ କ୍ଷତି ସହିବାକୁ ହୁଏ, ତ୍ୟାଗ ସ୍ୱୀକାର କରିବାକୁ ହୁଏ । ଆର୍ଯ୍ୟାବର୍ତ୍ତର ବିଭାଜନ ମହତ୍ତ୍ୱର ଏକ ସ୍ୱାର୍ଥସାଧନ ଯଜ୍ଞର ପ୍ରଥମ ଘୃତାହୁତି । ଅଧର୍ମର ରାଜତ୍ୱ ନଥିଲେ ଧର୍ମ ପ୍ରତିଷ୍ଠାର ଆବଶ୍ୟକତା କେହି ବୁଝିବେ ନାହିଁ । ଅନ୍ୟାୟ ଏବଂ ଅବିଗ୍ରହର ଶିକାର ନ ହେଲେ ନ୍ୟାୟ ଏବଂ ଧର୍ମ ପାଇଁ ଐକବଦ୍ଧ ସଂକଳ୍ପ ନେବା ସମ୍ଭବ ନୁହେଁ । ତେଣୁ ପୃଥିବୀରେ ଧର୍ମପ୍ରତିଷ୍ଠା ପାଇଁ 'ହସ୍ତିନାପୁରୀ'ରେ କୌରବମାନଙ୍କର ସାମୟିକ ରାଜତ୍ୱର ଆବଶ୍ୟକତା ମଧ୍ୟ ରହିଛି । ଏକ ସମୟରେ ହସ୍ତିନାପୁରୀ ଏବଂ ଇନ୍ଦ୍ରପ୍ରସ୍ଥର ସାମାଜିକ ଜୀବନ ଓ ସାଂସ୍କୃତିକ ବିକାଶରେ ତାରତମ୍ୟକୁ ଜନତା ଅନୁଭବ କରିବା ଉଚିତ, ତେବେ ଯାଇ ଧର୍ମ ସପକ୍ଷରେ ଜନମତ ସୃଷ୍ଟି ହେବ । ଧର୍ମ ପାଇଁ ପ୍ରଗ୍ରର ଏବଂ ବିଜ୍ଞାପନ ଆବଶ୍ୟକ ହୁଏ ନାହିଁ, ଆବଶ୍ୟକ ଜୀବନାନୁଭୂତି ଏବଂ ଆତ୍ମଚିନ୍ତନ । ତେଣୁ ମୁଁ ଧୃତରାଷ୍ଟ୍ରଙ୍କର ପ୍ରସ୍ତାବକୁ ଗ୍ରହଣ କରିଥିଲି ।''

ମୁଁ ଏବଂ ଫାଲ୍‌ଗୁନି ଅଭିଭୂତ ହୋଇ ଶୁଣୁଥିଲୁ ସଖା ଶ୍ରୀକୃଷ୍ଣଙ୍କର ଧର୍ମ ପ୍ରତିଷ୍ଠାର ଅଦ୍ଭୁତ ଯୋଜନାର କଥା । ଫାଲ୍‌ଗୁନି ଗଭୀର ଚିନ୍ତା ସହକାରେ କହିଲେ, —''ସଖା, ହସ୍ତିନାପୁରୀ ଏକ ସମୃଦ୍ଧ ଏବଂ ଉନ୍ନତ ଅଞ୍ଚଳ । ଇନ୍ଦ୍ରପ୍ରସ୍ଥ ତା'ର ସମକକ୍ଷ ହୋଇପାରିଛି । ରାଷ୍ଟ୍ର ବିଭାଜନ ଫଳରେ ଏକ ଅନୁନ୍ନତ ଅଞ୍ଚଳ ଅତିଶୀଘ୍ର ଏକ ଉନ୍ନତ ଏବଂ ବିଭବଶାଳୀ ଅଞ୍ଚଳରେ ରୂପାନ୍ତରିତ ହୋଇପାରିଛି । ତେଣୁ ଦୁଇଟି ଛାଡ଼ି ଗ୍ରରୋଟି ରାଜଧାନୀ ପ୍ରତିଷ୍ଠିତ ହେଲେ ବି କ୍ଷତି କ'ଣ ? ତା' ଦ୍ୱାରା ରାଷ୍ଟ୍ରର ବିଭିନ୍ନ ଅଞ୍ଚଳ ଭିତରେ ପ୍ରତିଯୋଗିତା ଏବଂ ଉନ୍ନତି ପାଇଁ ଉଦ୍ୟମ ଲାଗିରହିବ । ଫଳତଃ କ୍ରମଶଃ ରାଷ୍ଟ୍ରର

Digitized by srujanika@gmail.com

ବିଭିନ୍ନ ଅଞ୍ଚଳ ପ୍ରଗତିର ଆଲୋକରେ ଉଦ୍ଭାସିତ ହେବ । ଆପଣଙ୍କ ଧର୍ମ ପ୍ରତିଷ୍ଠାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ତ ସେତିକି । ଦେଶର ସମସ୍ତ ଜନତା ସୁଖସମୃଦ୍ଧି ଭୋଗ କରନ୍ତୁ, ଏହାହିଁ ତ ଆପଣଙ୍କର ଧର୍ମ ପ୍ରତିଷ୍ଠାର ମୂଳମନ୍ତ୍ର !''

ହସିଲେ ଶ୍ରୀକୃଷ୍ଣ ! କହିଲେ — ''ସଖା, ତୁମ ଶରୀରର ଭିନ୍ନଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ସୁସ୍ଥ ନୀରୋଗ, ଶକ୍ତିଶାଳୀ ଏବଂ ଅସ୍ତ୍ରବିଦ୍ୟାରେ ପାରଦର୍ଶୀ ହେଲେ ମଧ୍ୟ କେବଳ ଗୋଟିଏ ବା ଦୁଇଟି ଅଂଶ ସାହାଯ୍ୟରେ ତମେ ଧନୁର୍ବିଦ୍ୟାରେ ଶ୍ରେଷ୍ଠତ୍ୱ ହାସଲ କରିପାରିବ ନାହିଁ । ଚିନ୍ତା, ଚେତନା, ଚକ୍ଷୁ, କର୍ଣ୍ଣ, ହସ୍ତ ଅଙ୍ଗୁଳି, କରତଳ ଏବଂ ସମଗ୍ର ଶରୀର ସହଯୋଗ ବିନା ତମେ ଧନୁର୍ବାଣ ନିକ୍ଷେପ କରିବା ମଧ୍ୟ ସମ୍ଭବ ହେବନାହିଁ । ଶରୀରର ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ଏବଂ ଇନ୍ଦ୍ରିୟମାନଙ୍କ ଭିତରେ ସମନ୍ୱୟ ପ୍ରତିଷ୍ଠା ନ ହୋଇପାରିଲେ ମଣିଷ ଗଛରୁ ଫୁଲଟିଏ ବି ତୋଳିପାରେ ନାହିଁ । ଠିକ୍ ସେହିପରି ଗୋଟିଏ ରାଷ୍ଟ୍ରର ସବୁ ଅଞ୍ଚଳ ଉନ୍ନତ ହେଲେମଧ୍ୟ ଯଦି ଏକତା ଏବଂ ସମନ୍ୱୟର ଅଭାବ ରହେ, ତେବେ ଦେଶର ଭବିଷ୍ୟତ ଘୋର ଅନ୍ଧକାରାଚ୍ଛନ୍ନ ବୋଲି ଜାଣିବାକୁ ହେବ । ଗୋଟିଏ ରାଜ୍ୟର ସବୁ ଅଞ୍ଚଳ ଉନ୍ନତ ଏବଂ ସମୃଦ୍ଧ ହେଲେ ମଧ୍ୟ ଯଦି ଖଣ୍ଡ ବିଖଣ୍ଡିତ ହୁଏ, ତେବେ ତା'ର ସ୍ୱାଧୀନତାର ସୂର୍ଯ୍ୟ ଦିଗ୍‌ବଳୟଗାମୀ — ଏଥିରେ ସନ୍ଦେହ ନାହିଁ । ଗୃହଯୁଦ୍ଧ ଲାଗିରହିବା ଫଳରେ ବହିଃଶତ୍ରୁ ସେ ଦେଶକୁ ପରାଧୀନ କରିବାର ସୁବର୍ଣ୍ଣ ସୁଯୋଗ ଲାଭ କରେ । ପାଣ୍ଡବ ପାଞ୍ଚଭାଇ ଏକତ୍ର ଥିଲେ ଏ ପୃଥିବୀକୁ କବଳିତ କରିପାରନ୍ତି — ମାତ୍ର ସେମାନେ ଯଦି ବିଚ୍ଛିନ୍ନ ହୁଅନ୍ତି, ସେମାନଙ୍କର ପରାଜୟ ଦିବାଲୋକ ପରି ସତ୍ୟ । ଅର୍ଜୁନ ଏବଂ ଭୀମଙ୍କ ବିନା ପାଣ୍ଡବମାନଙ୍କ ବୀରତ୍ୱ ଉପହସିତ ହେବା ଯେମିତି ନିଶ୍ଚିତ, ଯୁଧିଷ୍ଠିର ଏବଂ ସହଦେବଙ୍କ ବିନା ଦେଶ ଶାସନ ପାଇଁ ଧର୍ମବିଗ୍ରହ ଏବଂ ଦୂରଦୃଷ୍ଟିର ଘୋର ଅଭାବ ହେବା ସେମିତି ଧ୍ରୁବସତ୍ୟ । ତେଣୁ କୌଣସି ରାଷ୍ଟ୍ରର ପ୍ରଗତି ଓ ଉନ୍ନତି ଜାତୀୟ ଐକ୍ୟ ଉପରେ ନିର୍ଭର କରେ, ଏଥିରେ ସନ୍ଦେହ ନାହିଁ । ଆର୍ଯ୍ୟାବର୍ତ୍ତରେ ଧର୍ମ ସଂସ୍ଥାପନ ଏବଂ ଜାତୀୟ ଐକ୍ୟ ପ୍ରତିଷ୍ଠା ମୋର ପ୍ରଧାନ କର୍ତ୍ତବ୍ୟ । ମୋର ପ୍ରତିଜ୍ଞା ପୂର୍ଣ୍ଣ ହେବ ପାଣ୍ଡବମାନଙ୍କ ପ୍ରଚେଷ୍ଟାରେ । ତେଣୁ ତମ ଜୀବନରେ ଜଡ଼ତା ଏବଂ ଆଳସ୍ୟର ସ୍ଥାନ ନାହିଁ ।

ସଖାଙ୍କର ଉଦ୍ଦେଶ୍ୟ ମହତ୍ । କିନ୍ତୁ ସେ ଉଦ୍ଦେଶ୍ୟ ସାଧନ ପାଇଁ ପାଣ୍ଡବମାନଙ୍କୁ ସାରା ଜୀବନ ଅନ୍ୟାୟ, ଅଧର୍ମ, ଅବିଗ୍ରହ ଏବଂ ଅସତ୍ୟ ସହ ସଂଘର୍ଷ କରିବାକୁ ହେବ । କିଏ ଜାଣେ ଜୟ କାହାର ? ଅକସ୍ମାତ୍ ଅଶୁଭ ଆଶଙ୍କାରେ ଅନ୍ତର କମ୍ପିତ ହେଲା । ଭାବିଲି ସମଗ୍ର ହସ୍ତିନାପୁରୀ ଆମର କି ଆବଶ୍ୟକ ? ଇନ୍ଦ୍ରପ୍ରସ୍ଥରେ ଆନନ୍ଦ, ଐଶ୍ୱର୍ଯ୍ୟ, ସୁଖ ବିଭବର ଅଭାବ ନାହିଁ । ହସ୍ତିନାପୁରୀର ଅଧିକାଂଶ ପଣ୍ଡିତ, କବି, ଗାୟକ, ଶିଳ୍ପୀ ତଥା ମାନ୍ୟଗଣ୍ୟ ନାଗରିକ ସ୍ୱଇଚ୍ଛାରେ ପୈତୃକ ଗୃହ ତ୍ୟାଗକରି ଇନ୍ଦ୍ରପ୍ରସ୍ଥରେ

Digitized by srujanika@gmail.com

ନାଗରିକତ୍ୱ ଗ୍ରହଣ କରିଛନ୍ତି । ପାଣ୍ଡବମାନଙ୍କର ଧର୍ମବିଗ୍ରର ଓ ସୁଶାସନ ଫଳରେ ହସ୍ତିନାପୁରୀର ଅନ୍ୟାନ୍ୟ ନାଗରିକ ଧୀରେ ଧୀରେ ଇନ୍ଦ୍ରପ୍ରସ୍ଥର ନାଗରିକତ୍ୱ ଗ୍ରହଣ କରିବେ । ହସ୍ତିନାପୁରୀରେ ଥାଆନ୍ତୁ କୌରବମାନେ । ସେଥିରେ ଆମର କି ଯାଏ ଆସେ ? ଦୁଷ୍ଟଲୋକ ସହ ସଂଘର୍ଷ କରି ନିଜ ଜୀବନରେ ଶାନ୍ତି ନଷ୍ଟ କରିବା କି ଆବଶ୍ୟକ ? ସଖା ଜାଣିଶୁଣି ପାଣ୍ଡବମାନଙ୍କୁ ସେଇ ଅଶାନ୍ତି ଭିତରକୁ କାହିଁକି ଠେଲି ଦେଉଛନ୍ତି ?

ମା' କୁନ୍ତୀ କହନ୍ତି, ସଖା ଶ୍ରୀକୃଷ୍ଣ କୁଆଡ଼େ ଅନ୍ତର୍ଯ୍ୟାମୀ । ସେ ମନକଥା ଜାଣିପାରନ୍ତି । ମା'ଙ୍କର କଥାରେ ସତ୍ୟତା ସମ୍ବନ୍ଧରେ ମୋର ସନ୍ଦେହ ନଥାଏ । ଶ୍ରୀକୃଷ୍ଣ ସତକୁ ସତ ମୋର ମନକଥା ବୁଝିପାରିଲେ । ତୀକ୍ଷ୍ଣ ଦୃଷ୍ଟିରେ ମତେ ଲକ୍ଷ୍ୟ କରି ସେ କହିଲେ — ''ସଖି, ଯେତେ ବିଦୁଷୀ ହେଲେ ମଧ୍ୟ ବେଳେ ବେଳେ ତମେ ସାଧାରଣ ସ୍ତ୍ରୀ ଭଳି ଆତ୍ମକୈନ୍ଦ୍ରିକ ହୋଇପଡ଼ । ତେଣୁ ମୋର ଲକ୍ଷ୍ୟ ସାଧନରେ ପାଣ୍ଡବମାନଙ୍କୁ ନିଯୋଜିତ କରିବା କଥା ତମକୁ ଖରାପ ଲାଗିପାରେ । ମାତ୍ର ଭାବି ଦେଖ, ଏ ପୃଥିବୀରେ ଲକ୍ଷ ଲକ୍ଷ ନରନାରୀ, ପଶୁପକ୍ଷୀ, କୀଟପତଙ୍ଗ ପ୍ରତି କ୍ଷଣରେ ଜନ୍ମଲାଭ କରନ୍ତି ଓ ମୃତ୍ୟୁବରଣ କରନ୍ତି । ସମସ୍ତଙ୍କର ମୃତ୍ୟୁର ଉଦ୍ଦେଶ୍ୟ ଏକ ଅଥଚ ଜନ୍ମର ଉଦ୍ଦେଶ୍ୟ ଏକ ନୁହେଁ । କେହି ଜନ୍ମଲାଭ କରେ ନିଜ ପାଇଁ ବଞ୍ଚିରହିବ ବୋଲି, କେହି ଜନ୍ମ ନେଇଥାଏ ଜଗତର ଦୀନ ଦଳିତ, ପତିତମାନଙ୍କ ପାଇଁ ବଞ୍ଚିରହିବ ବୋଲି । ଯିଏ ନିଜ ପାଇଁ ବଞ୍ଚେ ସେ ମୃତ୍ୟୁବରଣ କରେ । ଯେ ଜଗତ ପାଇଁ ବଞ୍ଚିରହେ ସେ ଦୈହିକ ମୃତ୍ୟୁବରଣ କଲେ ମଧ୍ୟ ମୃତ୍ୟୁ ତାକୁ ଜୟ କରିପାରେ ନାହିଁ । ସଂସାରରେ ଏଇ ଦୁଇ ପ୍ରକାର ଜୀବନ । ଧରିନିଅ, କୌରବ ଓ ପାଣ୍ଡବ ସେଇ ଦୁଇ ଜୀବନର ପ୍ରତିନିଧି । ତମେ ପାଣ୍ଡବଙ୍କର ପ୍ରେରଣା । ତମେ ଯାଜ୍ଞସେନୀ । ବିପ୍ଳବ, ସଂଘର୍ଷ ଓ ତ୍ୟାଗ ପାଇଁ କୁଣ୍ଠା କାହିଁକି ?''

ମୁଁ ଲଜ୍ଜିତା ହେଲି । ପ୍ରକୃତରେ ସଖା ଶ୍ରୀକୃଷ୍ଣ କି ବିପଜ୍ଜନକ ! ମନର ସବୁ କଥା ସେ ଯଦି ଏମିତି ଜାଣିପାରିବେ ତାଙ୍କ ପାଖରେ ପ୍ରତି ପଦେ ପଦେ କି ଅପଦସ୍ତ ନ ହେବ ମଣିଷ !

ଫାଲ୍‌ଗୁନି ଚିନ୍ତିତ ହୋଇ କିଛି ଭାବୁଛନ୍ତି । ମୁଁ ନତମୁଖରେ ବସି ନିଜକୁ ଧିକ୍‌କାର କରୁଛି — ଛିଃ, ମୋ ଭିତରେ ଏ ସ୍ୱାର୍ଥପରତା କାହିଁକି ? ଜଣେ ସାଧାରଣ ମଣିଷ ସିନା ନିଜ ସ୍ତ୍ରୀ'ର, ବାପା ମା'ଙ୍କର ଏବଂ ପରିବାରର, ଜଣେ ବରପୁତ୍ର ତ ଦେଶର, ଜାତିର, ସମାଜର ଏବଂ ଜଗତର ! ମୋର ସ୍ୱାମୀମାନେ ସମସ୍ତେ ବରପୁତ୍ର । ତେଣୁ ମୋରି ସୁଖ ପାଇଁ ତାଙ୍କୁ ମୁଁ ବାନ୍ଧି ରଖିବି କିପରି ?

Digitized by srujanika@gmail.com

ଅକସ୍ମାତ୍ ଅସ୍ଫୁଟ ଆର୍ତ୍ତନାଦ କରିଉଠିଲେ ସଖା । ଚମକିପଡ଼ି ମୁଁ ଦେଖିଲି ସଖାଙ୍କର ପଦ୍ମପାଖୁଡ଼ା ପରି ଗୋଲାପି କରତଳ ରକ୍ତରଞ୍ଜିତ ।

ଉଦ୍‌ବିଗ୍ନ ହୋଇ ମୁଁ ସଖାଙ୍କ ପାଖକୁ ଘୁଞ୍ଚିଗଲି । ଫାଲ୍‌ଗୁନି ଉଠିଆସିଲେ ନିଜ ସ୍ଥାନରୁ । ପଗ୍ଭରିଲେ — "କ'ଣ ହେଲା ? ଅଙ୍ଗୁଳି କଟିଗଲା କେମିତି ?"

ଅଧରକୋଣରେ କ୍ଷଣତ୍ ହାସ୍ୟ ଫୁଟାଇ ଶ୍ରୀକୃଷ୍ଣ କହିଲେ — "ସେଇ ସୁଦର୍ଶନ ଚକ୍ରର ଦୌରାତ୍ମ୍ୟ । ବେଳେ ବେଳେ ସେ ଚେତାଇ ଦିଏ ଯେ ଆପଣାର ଜୀବନ ରକ୍ତରଞ୍ଜିତ ନ ହେଲେ ଜଗତକୁ ରକ୍ତପାତରୁ ରକ୍ଷା କରିହୁଏନା । ଏଇ ଦେଖ ନିରୀହ ଶବର ବାଳକଟି ଗୋଟିଏ ମୁହୂର୍ତ୍ତରେ ମୃତ୍ୟୁବରଣ କରିଥା'ନ୍ତା । ଠିକ୍ ସମୟରେ ସୁଦର୍ଶନ ଚକ୍ର ତା'ର କାମ କରିଛି । ହିଂସ୍ର ବ୍ୟାଘ୍ରଟିକୁ ହତ୍ୟାକରି ଫେରିଆସିବା ବେଳେ ମୁଁ ତାକୁ ଅତ୍ୟଧିକ ଆବେଗରେ ଧରି ନେଉ ନେଉ ଅଙ୍ଗୁଳି କଟି ରକ୍ତ ଝରୁଛି । ହେଉ ପଛକେ, ପିଲାଟି ବଞ୍ଚିଯାଇଛି ତ !"

ଶ୍ରୀକୃଷ୍ଣଙ୍କ ମହାନତା ପାଖରେ କ୍ଷୁଦ୍ର ହୋଇଯାଇ ମୁଁ ବିସ୍ମୟ ସହକାରେ ଭାବୁଥିଲି— ସଖାଙ୍କର ହୃଦୟ ଦଳିତ, ପତିତ, ଆର୍ତ୍ତମାନଙ୍କ ପାଇଁ ଉଦ୍‌ବେଳିତ ନ ହେଉଥିଲେ, ଆମ ସଙ୍ଗେ ମଧୁର ଆଳାପ କରୁ କରୁ ସେ ବାଳକଟିର ଆସନ୍ନ ମୃତ୍ୟୁ କଥା ଏତେ ଦୂରରେ ଥାଇ ଲକ୍ଷ୍ୟ କରିଥା'ନ୍ତେ କିପରି ? କାହିଁ ଆମେ ତ କେହି କିଛି ଲକ୍ଷ୍ୟ କରିନାହୁଁ !

ଶ୍ରୀକୃଷ୍ଣଙ୍କର ବୁଢ଼ା ଅଙ୍ଗୁଳିରେ ଗଭୀର କ୍ଷତ ହୋଇଛି । ରକ୍ତ ଝରିବା ବନ୍ଦ ହେଉନି । ଫାଲ୍‌ଗୁନି ବ୍ୟସ୍ତ ହେଇ କହିଲେ — "କୃଷ୍ଣା ! ତମେ ସଖାଙ୍କର କ୍ଷତ ସ୍ଥାନକୁ ଗ୍ୱପିଧରି ରକ୍ତକ୍ଷରଣ ବନ୍ଦ କରିବାକୁ ଚେଷ୍ଟା କର । ମୁଁ ଔଷଧିର ପତ୍ର କିଛି ନେଇଆସୁଛି ।" ଫାଲ୍‌ଗୁନି ଅରଣ୍ୟର ଲତାପତ୍ର ଭିତରେ ଅଦୃଶ୍ୟ ହେଇଗଲେ । ମୁଁ ସଖାଙ୍କର ବୁଢ଼ାଅଙ୍ଗୁଳିକୁ ଟିପ ଦେଇ ଗ୍ୱପି ଧରିଲି । ଶ୍ରୀକୃଷ୍ଣ ଆଖି ମୁଦି ଦେଇ ଅସ୍ପଷ୍ଟ ମଧୁର ସ୍ୱରରେ କହିଲେ — "ଆଃ କି ଆରାମ ! କୃଷ୍ଣା, ସ୍ନେହର ସ୍ପର୍ଶ ଏତେ ମଧୁର ଆଉ ସ୍ନିଗ୍ଧ ବୋଲି ଜାଣିଥିଲେ ମୁଁ ପ୍ରତିଦିନ ସୁଦର୍ଶନର ଧାର ପରୀକ୍ଷା କରୁ କରୁ ଅଙ୍ଗୁଳି କାଟି ବସୁଥା'ନ୍ତି ।"

ମୁଁ ଶ୍ରୀକୃଷ୍ଣଙ୍କର ପରିହାସରେ ଆମୋଦିତ ହେଲିନାହିଁ । କାରଣ ସେତେବେଳକୁ ରକ୍ତ ବନ୍ଦହେବା ପରିବର୍ତ୍ତେ ଅଧିକ ଝରିବାକୁ ଆରମ୍ଭ କରିଛି । ଆଉ କାଳବିଳମ୍ବ ନ କରି ମୁଁ ମୋର ପିନ୍ଧିଥିବା ଶାଢ଼ୀର ପଣତରୁ କିଛି ଅଂଶ ଚିରିଦେଲି ଏବଂ ସେଥିରେ କ୍ଷତସ୍ଥାନରେ ଜୋରକରି ପଟି ବାନ୍ଧିଦେଲି । ଶାଢ଼ୀ ଚିରିବା ଶବ୍ଦରେ ମାୟା କେଉଁଠି ଥିଲା ଧାଇଁ ଆସି କହିଲା — "ରାଣୀ ମା, ଏ କ'ଣ କଲେ ? ଏତେ ସୁନ୍ଦର ଶାଢ଼ୀଟା

Digitized by srujanika@gmail.com

ଚିରିଦେଲେ ? ଆଉ ଅଳ୍ପସମୟ ଅପେକ୍ଷା କରିଥିଲେ ଫାଲ୍‌ଗୁନି ଆସିଯାଇଥା'ନ୍ତେ । ଔଷଧି ଦେଇଦେବା ପରେ ରକ୍ତ ଆପେ ଆପେ ବନ୍ଦ ହୋଇଯାଇଥା'ନ୍ତା ।''

ମାୟାର ସ୍ୱାର୍ଥପରତାରେ ବିରକ୍ତ ହୋଇଯାଇ ମୁଁ କହିଲି — ''ଛିଃ ମାୟା; ତୁ ପରା ଶ୍ରୀକୃଷ୍ଣଙ୍କୁ ଏତେ ଭଲପାଉ ଯେ ତାଙ୍କୁ କେହି କାଳେ ବିରକ୍ତ କରିବ ବୋଲି ମଟିରେ ପ୍ରତିବନ୍ଧକ ହୋଇ ଠିଆହେଇଥାଉ ! ତୁ ପରା ତାଙ୍କର ଅତି ପ୍ରିୟ ସହଚରୀ ଥିଲୁ ! ଆଜି ମୋର ସହଚରୀ ହେବା ପରେ ସାମାନ୍ୟ ଶାଢ଼ୀଖଣ୍ଡକ ପାଇଁ ଏତେ ଲୋଭ ! ମଣିଷ ଦେହର ବିନ୍ଦୁଏ ରକ୍ତ ତୁଳନାରେ ସଂସାରର ମୂଲ୍ୟବାନ ବସ୍ତୁ ମଧ୍ୟ ତୁଚ୍ଛ । ଏ ପୁଣି ଯେକୌଣସି ସାଧାରଣ ମଣିଷର ରକ୍ତ ନୁହେଁ, ଶ୍ରୀକୃଷ୍ଣଙ୍କର ରକ୍ତ ! ସାରା ପୃଥିବୀର ଶ୍ରେଷ୍ଠ ପୁରୁଷଙ୍କ ଦେହର ରକ୍ତ । ସେଥିପାଇଁ ମୁଁ ଶାଢ଼ୀଖଣ୍ଡକର ମାୟା କ'ଣ ତ୍ୟାଗ କରିଦେବା ଏତେ ବିଚିତ୍ର କଥା ?''

ମାୟା କୁଟୀଳ ହସ ହସି କହିଲା — ''ରାଣୀ ମା' ! ଶ୍ରୀକୃଷ୍ଣଙ୍କର ରକ୍ତ ଯେପରି ସାଧାରଣ ମଣିଷର ରକ୍ତ ନୁହେଁ, ଆପଣଙ୍କର ଏ ଶାଢ଼ୀ ସେମିତି ସାଧାରଣ ଶାଢ଼ୀ ନୁହେଁ । ଇନ୍ଦ୍ରପ୍ରସ୍ଥର ରାଣୀଙ୍କ ପକ୍ଷେ ଶାଢ଼ୀ ଖଣ୍ଡେ କି ବା ଛାର କଥା ! କିନ୍ତୁ ଏ ଶାଢ଼ୀ ଯେ ଆପଣଙ୍କର ସୁଖ, ସୁରକ୍ଷା ଏବଂ ସମ୍ମାନର ପ୍ରତୀକ ! ଇନ୍ଦ୍ରପ୍ରସ୍ଥ ସଭାଗୃହର ପ୍ରତିଷ୍ଠା ଦିବସରେ ପଞ୍ଚସ୍ୱାମୀ ଏ ଶାଢ଼ୀ ଆପଣଙ୍କୁ ଉପହାର ଦେଇଥିଲେ । ଏଇ ଶାଢ଼ୀ ପିନ୍ଧି ଆପଣ ମହାରାଜ ଯୁଧିଷ୍ଠିରଙ୍କ ସହ ହୋମାଗ୍ନିରେ ଘୃତାହୁତି ଦେଇଥିଲେ, ସଭାଗୃହର ସିଂହାସନରେ ଅଭିଷିକ୍ତା ହେଇଥିଲେ । ଏ ଶାଢ଼ୀ ଆପଣ ସାଇତି ରଖିବାର କଥା । ଶୁଭ ଅବସରରେ ପିନ୍ଧିଥିବା ଶାଢ଼ୀକୁ ଚିରନ୍ତି ନାହିଁ, ପୋଡ଼ନ୍ତି ନାହିଁ , କାହାକୁ ଦାନ କରନ୍ତି ନାହିଁ । ଅଥଚ ଆପଣ ହିତାହିତ ଜ୍ଞାନରହିତା ହୋଇ ନିଜ ହାତରେ ଶାଢ଼ୀକୁ ଚିରିଦେଲେ ଏବଂ କୃଷ୍ଣଙ୍କ ହାତରେ ପଟି ଭିଡ଼ିଦେଇ ସେଥିରୁ ବେନାଏ ତାଙ୍କୁ ଦାନ ମଧ୍ୟ କରିଦେଲେ । ଭବିଷ୍ୟତର କିଛି ଅଶୁଭ ସଙ୍କେତ ଏ ନୁହେଁ ତ !''

ମାୟାର କଥାରେ ମୋର ସାମାନ୍ୟ ସ୍ତ୍ରୀସୁଲଭ ଆଶଙ୍କା ଯେ ମନତଳେ ନ ଉଠିଛି ତା'ନୁହେଁ; କିନ୍ତୁ ପରକ୍ଷଣରେ ମୁଁ ନିଜକୁ ବୁଝାଇଦେଲି । ହସିହସି କହିଲି, ''ମାୟା, ବାଲ୍ୟକାଳରୁ ଆଜିପର୍ଯ୍ୟନ୍ତ ପ୍ରତି ପଦେ ପଦେ ଯିଏ ମୋ ସ୍ୱାମୀମାନଙ୍କର ନିରାପତ୍ତା, ସୁଖ, ସମୃଦ୍ଧି ଏବଂ କଲ୍ୟାଣ ପଥରେ ସହାୟକ ହୋଇଛନ୍ତି, ତାଙ୍କରି ପାଇଁ ଯଦି ମୋର ଜୀବନର ମୂଲ୍ୟବାନ ବସ୍ତୁ ମଧ୍ୟ ହରାଇବାକୁ ପଡ଼େ, ତେବେ ସେଥିରେ ଶୁଭ ଛଡ଼ା ଅଶୁଭ ହେବାର ଭୟ ନାହିଁ ବୋଲି ମୋର ବିଶ୍ୱାସ । ଯଦିବା କିଛି ଅକଲ୍ୟାଣ ସେଥିପାଇଁ ହୁଏ, ତେବେ 'ସେ' ଥାଉ ଥାଉ ମୁଁ ବିପନ୍ନ ହେବି — ଏ ବିଶ୍ୱାସ ମୋର ନାହିଁ । ପାଣ୍ଡବମାନଙ୍କର ସବୁ କଲ୍ୟାଣର କର୍ତ୍ତା ଶ୍ରୀକୃଷ୍ଣ ! ତେଣୁ ଅକଲ୍ୟାଣ ଘଟିଲେ ସେକଥା ସେ ବୁଝିବେ । ତୋର ମୁଣ୍ଡବ୍ୟଥା କାହିଁକି ?''

Digitized by srujanika@gmail.com

ମାୟା ପରିହାସ କରି କହିଲା — ''ମୋର ବିଶ୍ୱାସ, ବନ୍ଧୁପତ୍ନୀ ଛଡ଼ା ଏଭଳି ତ୍ୟାଗ ଆଉ କେହି କରନ୍ତା ନାହିଁ । ଏପରିକି ରୁକ୍ମିଣୀ, ସତ୍ୟଭାମା ମଧ୍ୟ ନିଜର ଶୁଭଦିନର ଶାଢ଼ୀ ରକ୍ତ ବିନ୍ଦୁଏ ପାଇଁ ଚିରି ଦିଅନ୍ତେ ନାହିଁ । ବନ୍ଧୁପତ୍ନୀଙ୍କର ସ୍ନେହରେ ବାନ୍ଧିହୋଇ ଶ୍ରୀକୃଷ୍ଣ ଦ୍ୱାରକାପୁରୀ ଓ ପତ୍ନୀମାନଙ୍କୁ ମଧ୍ୟ ଭୁଲିଗଲେଣି ।''

ମାୟା କୁଟୀଳ କଟାକ୍ଷରେ କୃଷ୍ଣଙ୍କୁ ଘ୍ରହିଁ ମୃଦୁ ମୃଦୁ ହସିଲା । ମୁଁ ଅତି ଯତ୍ନରେ କୃଷ୍ଣଙ୍କର କୋମଳ କରପଲ୍ଲବଟିକୁ ଧରି ସ୍ନେହର ସ୍ପର୍ଶ ଦେଉ ଦେଉ କୁଣ୍ଠିତ ଲଜ୍ଜାରେ ଝାଉଁଳି ପଡ଼ିଲି । ଭାବିଲି ସତେ ମୋର କି ଭାଗ୍ୟ !

କେତେବେଳୁ ଫାଲ୍‌ଗୁନି ଆସି ଔଷଧିର ପତ୍ର ଧରି ଠିଆ ହେଇଛନ୍ତି ମୋର ଲକ୍ଷ୍ୟ ନାହିଁ । ମୁଁ ଆତ୍ମବିସ୍ମୃତା ହୋଇଛି । ପରମପୁରୁଷ ଶ୍ରୀକୃଷ୍ଣଙ୍କର ସାମାନ୍ୟ ଟିକିଏ ଶୁଶ୍ରୂଷା କରିବାର ସୁଯୋଗ ପାଇ ନିଜକୁ ଧନ୍ୟ ମଣୁଛି । ଶ୍ରୀକୃଷ୍ଣଙ୍କର ହାତଟିକୁ କେତେବେଳେ ମୁଁ ନେଇ କପାଳରେ ଛୁଆଇଁଛି କିମ୍ବା ସେ ଆଦରରେ ମୋର କପାଳରେ ହାତରଖି ଅନ୍ତରର ଶୁଭେଚ୍ଛା ଓ ଧନ୍ୟବାଦ ଜଣାଇଛନ୍ତି, ମୋର ମନେନାହିଁ । ଶୁଣିଲି, ଫାଲ୍‌ଗୁନି ହସି ହସି କହୁଛନ୍ତି — ''ସଖା, ଏ ଅଭାଗା ପାଇଁ କିଛି ସ୍ନେହ ସଦିଚ୍ଛା ରଖିବା କ'ଣ ତମର କର୍ତ୍ତବ୍ୟ ନୁହେଁ । କୃଷ୍ଣାଙ୍କ ପଣତରେ ସବୁ କଲ୍ୟାଣ ଢାଳିଦେବା କ'ଣ ତୁମପକ୍ଷେ ଅନ୍ୟାୟ ନୁହେଁ ?'' ଶ୍ରୀକୃଷ୍ଣ ମୃଦୁ ହସି କହିଲେ — ''ଦୁଃଖିତ ସଖା, ଅଯଥାରେ ମୋ ପାଇଁ କଷ୍ଟ କଲ । ସଖୀଙ୍କର ସ୍ନେହର ସ୍ପର୍ଶରେ କେବଳ ରକ୍ତ କ୍ଷରଣ ନୁହେଁ, କ୍ଷତସ୍ଥାନ ମଧ୍ୟ ଉଭେଇଗଲାଣି । କିନ୍ତୁ ଏ ପଟି ମୁଁ ଖୋଲିବି ନାହିଁ । ସେଥିରୁ ସଖୀଙ୍କର ମମତାର ମଧୁର ଗନ୍ଧ ଯେ ଭାସିଆସୁଛି ! ତମେ ତ ଜାଣ ସଖା, ନିର୍ମଳ ପ୍ରେମ ଓ ଅନ୍ତରଭରା ସ୍ନେହ ନିବେଦନ ହେଉଛି ସଞ୍ଜିବନୀ । ଆଉ ଔଷଧିର ଆବଶ୍ୟକତା କ'ଣ ଅଛି ?''

ଫାଲ୍‌ଗୁନିଙ୍କ ହାତରୁ ଔଷଧିର ପତ୍ର ସବୁ ଝରିପଡ଼ିଲା ତଳେ । ମୋର ଚିରାକାନି ପବନରେ ଉଡୁଥାଏ । ଶ୍ରୀକୃଷ୍ଣ ପଟି ବନ୍ଧା ହୋଇଥିବା ହାତଟିକୁ ବୁକୁରେ ରଖି ସ୍ନେହପୂର୍ଣ୍ଣ ଦୃଷ୍ଟିରେ ଫାଲ୍‌ଗୁନିଙ୍କୁ ଘ୍ରହିଁ ମନ୍ଦ ମନ୍ଦ ହସୁଥା'ନ୍ତି । ବୁପ୍‌ବୁପ୍ କରି କହୁଥା'ନ୍ତି — ''ସଖା, ଫୁଲରେ ମୋର କି ଆବଶ୍ୟକ ? ତମେ ଜାଣ ମୁଁ ସୁରଭି ପାଗଳ । ପୃଥିବୀର ଯେଉଁ କୋଣରେ ଫୁଲଟିଏ ଫୁଟିଲେ ବି ତା'ର ସୁରଭି ଯଦି ମତେ ସମର୍ପିତ, ଗ୍ରହଣ କରିବାରେ ମୁଁ କେବେ କାର୍ପଣ୍ୟ କରିନାହିଁ । ସୁରଭି ପବିତ୍ର । ଫୁଲ ଝରିଯାଏ । ସ୍ମୃତିର ମହକ ବଞ୍ଚିରହେ ମନ ତଳେ । ଆଜିର ଏ ସ୍ମୃତି ମୋର ସମଗ୍ର ଜୀବନକୁ ମହକିତ କରି ରଖିବ । ମତେ ଅପାର ଆନନ୍ଦରେ ପ୍ଲାବିତ କରୁଥିବ । ଦିନେ ନା ଦିନେ ମୁଁ କୃଷ୍ଣାଙ୍କର ଏ ଋଣ ସୁଝିଦେବି — ତେଣୁ ମୋର ସ୍ମୃତିକୁ ତମେ ଈର୍ଷା କରିବନାହିଁ ଟି !''

Digitized by srujanika@gmail.com

॥ ୧୮ ॥

ସଖା ନଥିଲେ ଭାରି ଏକା ଏକା ଲାଗେ । କେବଳ ମତେ ନୁହେଁ, ଅର୍ଜୁନଙ୍କୁ ବି ।

ଶ୍ରୀକୃଷ୍ଣ ଦ୍ୱାରକା ଫେରିଯାଇଛନ୍ତି । ଇନ୍ଦ୍ରପ୍ରସ୍ଥର ସ୍ୱାଭାବିକ ଜୀବନପ୍ରବାହର ବ୍ୟତିକ୍ରମ ନାହିଁ, ମାତ୍ର ସଖା ଶ୍ରୀକୃଷ୍ଣଙ୍କର ଅନୁପସ୍ଥିତି ଅର୍ଜୁନଙ୍କୁ ନିଃସଙ୍ଗ କରିଛି, ଆଉ ମତେ କରିଛି ବିଷଣ୍ଣ ।

ଯୁଧିଷ୍ଠିରଙ୍କ ସହ ଯୁଗ୍ମଜୀବନର ଏକବର୍ଷ ପୂର୍ତ୍ତି ଉତ୍ସବ ଆଉ ଏକ ସପ୍ତାହ ବାକି ଅଛି । ଭୀମଙ୍କର ଉତ୍ସାହରେ ମୁଁ ବେଳେ ବେଳେ ବ୍ୟତିବ୍ୟସ୍ତ ଏବଂ ଅପଦସ୍ତ ହେଇପଡୁଛି । ଅର୍ଜୁନ କି ଏକ ସାଧନାରେ ମଗ୍ନ । ଶାସ୍ତ୍ର ଏବଂ ଅସ୍ତ୍ର ନେଇ ସେ ସାଧନାରତ । ମୁଁ ଦିନ ଗଣୁଛି । ଅର୍ଜୁନଙ୍କ ସହ ମିଳନର ଦିନ ନିକଟତର ହେଉଛି । ଆଉ ଏକ ବର୍ଷ ଏକ ସପ୍ତାହ ପରେ ମତେ ଜୟ କରିଥିବା ବୀର ପୁରୁଷଙ୍କ ସହ ଯୁଗ୍ମଜୀବନ ମୁଁ ଆରମ୍ଭ କରିବି । ସେତେବେଳେ ତାଙ୍କୁ ବୁଝାଇଦେବି ଗାର୍ହସ୍ଥ୍ୟ ଜୀବନରେ ମଧ୍ୟ ସଂଯମ ଓ ଶୃଙ୍ଖଳା ଆବଶ୍ୟକ । ସେହି ଶୃଙ୍ଖଳା ରକ୍ଷା ପାଇଁ ମୋର ବାର୍ଷିକ ବୁକ୍ତି । ମୋର ବିଶ୍ୱାସ, ଥରେ ମୁଁ ତାଙ୍କର ନିକଟତମା ହେଲେ ଆମ ଭିତରେ ଆଉ କିଛି ଅଭିମାନ, ଭୁଲ୍ ବୁଝାମଣା, ରାଗ ରୋଷ ରହିବ ନାହିଁ । ମୋର ଆତ୍ମାକୁ ସେ ସ୍ପର୍ଶ କରିବେ, ଆଉ ମୁଁ ହଜିଯିବି ତାଙ୍କ ଆତ୍ମା ଭିତରେ ।

ପ୍ରତୀକ୍ଷାର ମୁହୂର୍ତ୍ତ କେତେ ଦୀର୍ଘ ମନେହୁଏ ! ଏ ପର୍ଯ୍ୟନ୍ତ ମୁଁ ଅର୍ଜୁନଙ୍କ ସହ ମିଳନର ଦିନକୁ ହିଁ ପ୍ରତୀକ୍ଷା କରି ସୁଖରେ ବିଭୋରା ହୋଇଛି — ସ୍ୱପ୍ନରେ ଆତ୍ମହରା ହୋଇଛି । ମୋର ପଞ୍ଚସ୍ୱାମୀଙ୍କ ମଧ୍ୟରୁ ସମସ୍ତଙ୍କର ଏକାଧିକ ପତ୍ନୀ, ଉପପତ୍ନୀ ଅଛନ୍ତି କେବଳ ଅର୍ଜୁନଙ୍କୁ ଛାଡ଼ି । ତେଣୁ ତାଙ୍କର ସମସ୍ତ ପ୍ରେମ ମୋର ପ୍ରାପ୍ୟ । ସେଥିରେ କେହି ଅଂଶୀଦାର ନାହାନ୍ତି । ପ୍ରତ୍ୟେକ ନାରୀର ସେତିକି ଅଭୀଷ୍ଟ । ତେଣୁ ଅର୍ଜୁନଙ୍କ ପ୍ରତି ମୋର ଆକର୍ଷଣ ଟିକେ ଅଧିକ ହେବା ସ୍ୱାଭାବିକ ।

ଅର୍ଜୁନଙ୍କ ସହ ମିଳନର ଦିନ ଗଣୁଛି, ଠିକ୍ ଏତିକିବେଳେ ମୋର ସବୁ ସ୍ୱପ୍ନ ବୁରମାର କରିଦେଲେ ଅର୍ଜୁନ ନିଜେ ।

ସେଦିନ ଅପରାହ୍ଣରେ ଯୁଧିଷ୍ଠିର ମତେ ସ୍ମରଣ କଲେ । ମା'ଙ୍କ ପଦସେବା ଛାଡ଼ି ମୁଁ ଯୁଧିଷ୍ଠିରଙ୍କ ନିକଟକୁ ଗଲି । ବିଶ୍ରାମ ଗୃହରେ ଯୁଧିଷ୍ଠିର ବିଶ୍ରାମ କରୁଥିଲେ । ତାଙ୍କ ସହ ମୋର ପତିପତ୍ନୀର ବାର୍ଷିକ ବୁକ୍ତି ପୂରଣ ହେବାକୁ ଆଉ ମାତ୍ର ଏକ ସପ୍ତାହ

Digitized by srujanika@gmail.com

ବାଜି । ସେଥିପାଇଁ ଯୁଧିଷ୍ଠିର ମତେ ମୁହୂର୍ତ୍ତଟିଏ ମଧ୍ୟ ପାଖରୁ ଛାଡ଼ିବା ପାଇଁ ନାରାଜ। ସେ କହନ୍ତି — ''କୃଷ୍ଣା, ତମେ ମୋର ପ୍ରେରଣାର ଉତ୍ସ । ତମେ ପାଖରେ ଥିଲେ ମୁଁ ଧର୍ମରାଜ । ତମେ ଦୂରରେ ଥିଲେ ଧର୍ମପଥରୁ ମୁଁ କାଳେ ବିଚ୍ୟୁତ ହୋଇଯିବି ବୋଲି ବେଳେ ବେଳେ ଭୟ ହୁଏ । ତମ ଶରୀରର ଆକର୍ଷଣ ମୋ ପକ୍ଷରେ ବଡ଼ ନୁହେଁ, ବଡ଼ ତମର ଧର୍ମାଗ୍ରର, ପୁଣ୍ୟ ବିଗ୍ରର । ଇଚ୍ଛା ହୁଏ ତମେ ଏକାନ୍ତ ଭାବେ ମୋର ହୋଇଥା'ନ୍ତ.....''

ଯୁଧିଷ୍ଠିର ଗମ୍ଭୀର ହୁଅନ୍ତି ନିଜ ଉକ୍ତିରେ । କହନ୍ତି — ''ଏଇ ଦେଖ, ତମଠାରୁ ବିଚ୍ଛିନ୍ନ ହେବାର ଦିନ ପାଖେଇ ଆସୁଛି ବୋଲି କେମିତି ଅନୁଚିତ ଚିନ୍ତାଟାଏ କରିପକାଇଲି । ପ୍ରକୃତରେ ଆମେ ପାଞ୍ଚଭାଇ ହେଉଛୁ ଏକମନ, ଏକପ୍ରାଣ । ଶରୀର କେବଳ ଭିନ୍ନ । ଜଣକୁ ବାଦ୍ ଦେଇ ଆଉ ଜଣକର ସ୍ଥିତି ଅସମ୍ଭବ । ତମେ ଯାଜ୍ଞସେନୀ । ସଂହତି ଓ ଧର୍ମ ସ୍ଥାପନା ତମ ଜନ୍ମର ଉଦ୍ଦେଶ୍ୟ । ତମେ ଏକା ମୋର ହୁଅନ୍ତ କେମିତି ?''

ବିଶ୍ରାମ ଗୃହର ପଲଙ୍କରେ ଯୁଧିଷ୍ଠିର ଶୟନ କରିଥା'ନ୍ତି । ତାଙ୍କର ପାଦ ଦୁଇଟି ମୋର କୋଳ ଉପରେ ରଖି ଧୀରେ ଧୀରେ ଆଉଁସି ଦେଉଥାଏ । ତାଙ୍କ ପାଦସେବା କରିବାର ସୌଭାଗ୍ୟକୁ ମନପ୍ରାଣ ଦେଇ ଅନୁଭବ କରୁଥାଏ ।

ଅକସ୍ମାତ୍ ଫାଲ୍‌ଗୁନି ଝଡ଼ ଭଳି ପଶିଆସିଲେ ଗୃହ ଭିତରକୁ । ସେ ବିବ୍ରତ ଜଣାପଡୁଥା'ନ୍ତି । ତଳକୁ ଗ୍ରହିଁ ସେ ଗୃହକୋଣରେ ରଖା ହୋଇଥିବା ଅସ୍ତ୍ରଶସ୍ତ୍ର ଧରି ପୁନର୍ବାର ଝଡ଼ ଭଳି ପ୍ରସ୍ଥାନ କଲେ । ମତେ କିମ୍ବା ଯୁଧିଷ୍ଠିରଙ୍କୁ ଥରେହେଲେ ଆଖି ତୋଳି ଗ୍ରହିଁଲେନି ମଧ୍ୟ ।

ମୁଁ ସଙ୍କୁଚିତା ହେଇପଡ଼ି ଅଙ୍ଗବାସ ସଜାଡ଼ି ନେଲାବେଳକୁ ଫାଲ୍‌ଗୁନି ଅଦୃଶ୍ୟ ହେଇଗଲେଣି ଦୃଷ୍ଟିପଥରୁ ।

ଯୁଧିଷ୍ଠିର ନିର୍ଲିପ୍ତ ସ୍ୱରରେ କହିଲେ — ''ଅସ୍ତ୍ରଶସ୍ତ୍ର କିଛି ଜରୁରୀ ଆବଶ୍ୟକ ପଡ଼ିଛି ଅସମୟରେ । ପରିସ୍ଥିତି ଯାହା ବି ହେଉ ଫାଲ୍‌ଗୁନି ହାତରେ ଅସ୍ତ୍ର ଥିଲେ ସେ ସବୁ ସମ୍ଭାଳିନେବ ।''

ଫାଲ୍‌ଗୁନି କେବଳ ନୁହନ୍ତି, ପାଣ୍ଡବ ପାଞ୍ଚଭାଇ ଚିରଦିନ ପରୋପକାରୀ । ବିଳାସ ବ୍ୟସନ, ସୁଖ ଐଶ୍ୱର୍ଯ୍ୟ ସେମାନଙ୍କ ଜୀବନର ଏକାନ୍ତ ଅଭିଳାଷ ନୁହେଁ । ରାଜା ହେଲେ ମଧ୍ୟ ଦୀନ ଦୁଃଖୀ, ଦଳିତ ପତିତର ସୁଖ ଦୁଃଖରେ ସେମାନେ ଭାଗୀଦାର ହୋଇଆସିଛନ୍ତି । ସେଇଥିପାଇଁ ସେମାନେ ପ୍ରଜାମାନଙ୍କର ହୃଦୟ ଜୟ କରିଛନ୍ତି ।

Digitized by srujanika@gmail.com

କେଜାଣି ଅସମୟରେ କେହି ପ୍ରଜା କିଛି ବିପଦରେ ପଡ଼ିଥିବ । ଫାଲ୍‌ଗୁନି ତା'ର ବିପଦ ମୋଚନ ପାଇଁ ଯାଇଥିବେ । ପର ପାଇଁ ହାଣମୁହଁକୁ ଡେଇଁ ପଡ଼ିବାରେ ଫାଲ୍‌ଗୁନିଙ୍କୁ କିଏ ବଳିଯିବ !

ଯୁଧିଷ୍ଠିରଙ୍କ ପଦସେବା କରୁ କରୁ ଫାଲ୍‌ଗୁନିଙ୍କର ପଦ ବନ୍ଦନା କରୁଥାଏ ଏବଂ ତାଙ୍କର ବ୍ୟକ୍ତିତ୍ୱ ପ୍ରତି ଶ୍ରଦ୍ଧା ଓ ସମ୍ମାନ ଅଜାଡ଼ି ଦେଉଥାଏ । ଠିକ୍ ଏତିକିବେଳେ ମାୟା ସଂକେତ ଦେଲା — "ଫାଲ୍‌ଗୁନି ବାହାରେ ଅପେକ୍ଷା କରିଛନ୍ତି ଓ ଯୁଧିଷ୍ଠିରଙ୍କର ଦର୍ଶନ ଭିକ୍ଷା କରୁଛନ୍ତି ।"

ମୁଁ ଭାବିଲି ମତେ ରଗାଇବା ପାଇଁ ଫାଲ୍‌ଗୁନି ଅପରାହ୍ଣରେ ଏ ନାଟକ ରଚନା କରିଛନ୍ତି । କେତେ ମୁହୂର୍ତ୍ତ ପୂର୍ବରୁ ବିନା ଅନୁମତିରେ ସେ ଆମେ ଥିବା ଗୃହରେ ପ୍ରବେଶ କରି ଅସ୍ତ୍ର ନେଇ ବାହାରି ଯାଇଥିଲେ । ଅଥଚ ବର୍ତ୍ତମାନ ବାହାରେ ରହି ଯୁଧିଷ୍ଠିରଙ୍କର ଦର୍ଶନ ଭିକ୍ଷା କରୁଛନ୍ତି ।

ଯୁଧିଷ୍ଠିର ବାହାରକୁ ଆସିଲେ । ତାଙ୍କ ପଛେ ପଛେ ମୁଁ । ଆଉ ଏକ ରୋମାଞ୍ଚକର ଦୃଶ୍ୟର ପର୍ଦ୍ଦା ଉଠୁଥାଏ ମୋ ଆଖି ସାମ୍ନାରେ । ଫାଲ୍‌ଗୁନି ବ୍ରହ୍ମଚାରୀ ବେଶରେ ଠିଆ ହୋଇଛନ୍ତି । ତାଙ୍କୁ ଘେରି ଠିଆ ହୋଇଛନ୍ତି ମାତା କୁନ୍ତୀ ଏବଂ ପାଣ୍ଡବ ଭାଇମାନେ ।

ଯୁଧିଷ୍ଠିର ଆଶ୍ଚର୍ଯ୍ୟ ହୋଇ ପଚାରିଲେ — "କଥା କ'ଣ ? ଅର୍ଜୁନର ଏ ବେଶ କାହିଁକି ?" ହାତଯୋଡ଼ି ବିନୀତ ସ୍ୱରରେ ଅର୍ଜୁନ କହିଲେ — "ମତେ ଏଥର ବିଦାୟ ଦିଅନ୍ତୁ ଭାଇ ! ଜାଣିଶୁଣି ମୁଁ ନିୟମ ଭଙ୍ଗ କରିଛି । ଯେତେବେଳେ କୃଷ୍ଣା ସ୍ୱାମୀଙ୍କ ସହ ଥିବେ, ଅନ୍ୟ କେହି ପାଣ୍ଡବ ସେ ଗୃହରେ ପ୍ରବେଶ କଲେ ବାରବର୍ଷ ବ୍ରହ୍ମଚର୍ଯ୍ୟ ସହ ବନବାସ କରିବେ ବୋଲି ବ୍ରହ୍ମର୍ଷି ନାରଦଙ୍କ ଉପସ୍ଥିତିରେ ସର୍ବସମ୍ମତିକ୍ରମେ ସ୍ଥିର ହୋଇଥିଲା । ଆମମାନଙ୍କର ଶୃଙ୍ଖଳିତ ଏବଂ ଶାନ୍ତିପୂର୍ଣ୍ଣ ଯୁଗ୍ମଜୀବନ ପାଇଁ ସେଭଳି ସର୍ତ୍ତ ଆବଶ୍ୟକ ହୁଏତ ଥିଲା । ଆଜି ମୁଁ ସେଇ ସର୍ତ୍ତ ରକ୍ଷାକରି ବାରବର୍ଷ ଦନବାସ ପାଇଁ ଯାତ୍ରାରମ୍ଭ କରୁଛି । ଆପଣ ମତେ ଆନନ୍ଦ ମନରେ ବିଦାୟ ଦିଅନ୍ତୁ —"

ଯୁଧିଷ୍ଠିର ବ୍ୟଥିତ ହେଲେ । ମୁଁ କିନ୍ତୁ ରୀତିମତ ସ୍ତମ୍ଭୀଭୂତ । ଯୁଗ୍ମଜୀବନର ସୁଖ ଓ ଶାନ୍ତି ପାଇଁ ଯେଉଁ ସର୍ତ୍ତ ରଖାଯାଇଥିଲା, ତାହା ଯେ ଶେଷରେ ମୋ ଜୀବନରେ ଏତେ ଅସୁଖ ଓ ଅଶାନ୍ତି ଭରିଦେବ, ତା' କିଏ ଜାଣିଥିଲା ! ପୁଣି ଫାଲ୍‌ଗୁନି ହିଁ ସର୍ତ୍ତ ଭଙ୍ଗ କରି ବନବାସ ବରଣ କରିବାକୁ ଥିଲା ! ମୁଁ ଭଗ୍ନ ହୃଦୟରେ ଠିଆ ହୋଇଥାଏ । ମତେ କିଛି ଉପାୟ ଦିଶୁନଥାଏ ।

Digitized by srujanika@gmail.com

ଯୁଧିଷ୍ଠିର ବିଷାଦିତ ସ୍ୱରରେ କହିଲେ—''ଅର୍ଜୁନ, ତୁ କିଛି ଭୁଲ୍ କରିନାହୁଁ। ନିଶ୍ଚୟ କୌଣସି ମହତ୍ତର ଲକ୍ଷ୍ୟନେଇ ତୁ ଆମ ବିଶ୍ରାମ ଗୃହରେ ପ୍ରବେଶ କରିବାକୁ ବାଧ୍ୟ ହେଇଛୁ । ସେଥିପାଇଁ ଆମେ ଦୁହେଁ କିଛି ଖରାପ ଭାବିନାହୁଁ । ତା' ଛଡ଼ା ବଡ଼ଭାଇ ସ୍ତ୍ରୀ ସହ ଆଳାପ କଲାବେଳେ ସାନଭାଇ ସେ ଗୃହରେ ପ୍ରବେଶ କରିବାରେ କୌଣସି ଅଶୋଭନୀୟତା ନାହିଁ । ତେଣୁ ତୋର ବନବାସ ନିଷ୍ପ୍ରୟୋଜନ ।''

ଫାଲ୍‌ଗୁନି ଜଣେ ବ୍ରାହ୍ମଣର ଗାଈକୁ ଗ୍ରେର ହାତରୁ ଉଦ୍ଧାର କରିବାକୁ ଯାଇ ନିଜକୁ ଏଭଳି ବିପନ୍ନ କରିଛନ୍ତି ବୋଲି ଭୀମ ବର୍ଣ୍ଣନା କରି ଫାଲ୍‌ଗୁନିଙ୍କର ନିର୍ବୋଧତାକୁ ଉପହାସ କରୁଥିଲେ ।

ମୁଁ ଭାବୁଥିଲି, ପ୍ରକୃତରେ ଫାଲ୍‌ଗୁନି ଏଭଳି କଲେ କାହିଁକି ? ବ୍ରାହ୍ମଣ ଯଦି ଫାଲ୍‌ଗୁନିଙ୍କୁ ଅନୁରୋଧ କଲା, ଫାଲ୍‌ଗୁନି ଭୀମଙ୍କୁ ମଧ୍ୟ ଅନୁରୋଧ କରିପାରିଥା'ନ୍ତେ ଗ୍ରେରକୁ ଦମନ କରି ବ୍ରାହ୍ମଣର ଗାଈକୁ ଉଦ୍ଧାର କରିବା ପାଇଁ । ଭୀମଙ୍କ ପାଇଁ ଏହା ବା କି ଗୋଟାଏ କାର୍ଯ୍ୟ ! ଯଦିବା ବ୍ରାହ୍ମଣ ଫାଲ୍‌ଗୁନିଙ୍କୁ ହିଁ ବାଧ୍ୟ କଲା, ତେବେ ରାଜ୍ୟସାରା ଫାଲ୍‌ଗୁନିଙ୍କୁ ଅସ୍ତ୍ରଟିଏ ମିଳିଲା ନାହିଁ ଯେ ସେ ଆମେ ବିଶ୍ରାମ କରୁଥିବା ଗୃହରୁ ଅସ୍ତ୍ର ଆଣିବା ପାଇଁ ବିନାନୁମତିରେ ପ୍ରବେଶ କଲେ ! ଯଦିବା ସେଇ ଅସ୍ତ୍ରଟି ତାଙ୍କର ନିତାନ୍ତ ଆବଶ୍ୟକ ଥିଲା, ସେ ଅନୁମତି ନେଇ ଗୃହରେ ପ୍ରବେଶ କରିପାରିଥା'ନ୍ତେ। ଗୃହ ବାହାରେ ମାୟା ଅପେକ୍ଷା କରିଥିଲା । ତା' ହାତରେ ସେ ଆମଠାରୁ ଅନୁମତି ଭିକ୍ଷା କଲେନାହିଁ କାହିଁକି ?

ଏସବୁ ଚିନ୍ତାକରି ମୋର ଦୃଢ଼ ଧାରଣା ହେଲା ଯେ ଫାଲ୍‌ଗୁନି ଜାଣିଶୁଣି ମୋ' ଉପରେ ପ୍ରତିଶୋଧ ନେବାପାଇଁ ଏପରି କରିଛନ୍ତି । ଆଉ ବର୍ଷକ ପରେ ମୋ ସହ ତାଙ୍କର ମିଳନପର୍ବ ଅନୁଷ୍ଠିତ ହୋଇଥା'ନ୍ତା । ଅଥଚ ବାରବର୍ଷର ବନବାସ ସେ ସ୍ୱଇଚ୍ଛାରେ ମାଗି ନେଉଛନ୍ତି । ଯୁଧିଷ୍ଠିର ସେଥିପାଇଁ ତାଙ୍କୁ ବାରଣ ବି କରୁଛନ୍ତି । ଅଥଚ ସେ ମାନିବାକୁ ନାରାଜ ।

ଫାଲ୍‌ଗୁନି ଯୁଧିଷ୍ଠିରଙ୍କ ଉକ୍ତିରେ ସାମାନ୍ୟ କ୍ରୁଦ୍ଧ ହେଲେ । ଅଭିଯୋଗଭରା ସ୍ୱରରେ କହିଲେ, ''ଆପଣ ନିଜେ କହନ୍ତି, ନିୟମ କରି ତାକୁ ଭଙ୍ଗ କରିବା ଘୋର ଅନ୍ୟାୟ । ଅଥଚ ଅନ୍ୟାୟ କରିବା ପାଇଁ ଆପଣ ମତେ ପ୍ରବର୍ତ୍ତାଉଛନ୍ତି !'' ଯୁଧିଷ୍ଠିର ଶାନ୍ତସ୍ୱରରେ କହିଲେ— ''ବ୍ରାହ୍ମଣଙ୍କୁ ସାହାଯ୍ୟ କରିବା ପାଇଁ ତୁ ମୋ ଗୃହରେ ପ୍ରବେଶ କରିଛୁ । ପରୋପକାର ପାଇଁ ନିୟମ ଭଙ୍ଗକଲେ ଦୋଷ ଧରାଯାଏ ନାହିଁ ।''

ଯୁଧିଷ୍ଠିରଙ୍କ ଯୁକ୍ତିକୁ ଖଣ୍ଡନ କରି ଫାଲ୍‌ଗୁନି ଉତ୍ତର ଦେଲେ — ''ନ୍ୟାୟ ପାଇଁ ଅନ୍ୟାୟ କରିବା, ପୁଣ୍ୟ ଅର୍ଜନ ପାଇଁ ପାପର ପଥ ଅନୁସରଣ କରିବା ଏବଂ ପରୋପକାର ପାଇଁ ନିୟମ ଲଙ୍ଘନ କରିବା ଏକପ୍ରକାର ପାପର ଶ୍ରେଣୀଭୁକ୍ତ । ତେଣୁ

Digitized by srujanika@gmail.com

ମୁଁ ପାପଭୋଗୀ ହେବାକୁ ଗ୍ୱହେଁନାହିଁ । ମୋତେ ବିଦାୟ ଦିଅନ୍ତୁ । ବନବାସ ମୋ ପକ୍ଷେ ଶ୍ରେୟ ।''

ଫାଲ୍‌ଗୁନି ବ୍ରହ୍ମଚାରୀ ବେଶରେ ସମସ୍ତଙ୍କ ପାଖରୁ ବିଦାୟ ନେଲେ । ସମସ୍ତେ ଫାଲ୍‌ଗୁନିଙ୍କର ଜୟଗାନ କରୁଥା'ନ୍ତି । ତାଙ୍କର ସତ୍ୟନିଷ୍ଠତା ପାଇଁ ତାଙ୍କ ଚଲାପଥରେ ପୁଷ୍ପବୃଷ୍ଟି କରୁଥା'ନ୍ତି । ରାମଚନ୍ଦ୍ର ପିତାଙ୍କ ପଣରକ୍ଷା ପାଇଁ ବନବାସ କରିଥିଲେ, ସଙ୍ଗରେ ଯାଇଥିଲେ ପତ୍ନୀ ସୀତା, ଅନୁଜ ଲକ୍ଷ୍ମଣ; ମାତ୍ର ଫାଲ୍‌ଗୁନି ପଣଭଙ୍ଗ କରିଥିବାରୁ ବନବାସ ବରଣ କରୁଛନ୍ତି । ବାରବର୍ଷର ବ୍ରହ୍ମଚର୍ଯ୍ୟ ଏବଂ ବନବାସ କଷ୍ଟ ସ୍ୱଇଚ୍ଛାରେ ବରଣ କରୁଛନ୍ତି । ସେ ଯାଉଛନ୍ତି ଏକା । ସଙ୍ଗରେ ପତ୍ନୀ ନାହିଁ, ଅନୁଜ ନାହିଁ । ଫାଲ୍‌ଗୁନି ବନବାସ ବରଣ କରି ମହନୀୟ ହେଉଛନ୍ତି, ଯଶ ଅର୍ଜନ କରିଛନ୍ତି । ମୁଁ ମଧ୍ୟ ସୀତାଙ୍କ ପରି ତାଙ୍କର ଅନୁଗାମିନୀ ହୋଇପାରେ । ତାଙ୍କର ବନବାସ କଷ୍ଟ ଦୂର କରିପାରେ । ଫାଲ୍‌ଗୁନିଙ୍କ ସହ ନିରୋଳାରେ ପ୍ରକୃତିର ମାୟା ଭିତରେ ଜୀବନର ବୋଝକୁ ଭୁଲିଯାଇପାରେ । ଫାଲ୍‌ଗୁନିଙ୍କ ସହ ମୁଁ କ'ଣ ବନଗ୍ୱରିଣୀ ହୋଇପାରିବି ନାହିଁ ? ତା' ଦ୍ୱାରା ମୋର ମଧ୍ୟ ଯଶ ବୃଦ୍ଧି ହେବ । ସୁଖ ବୃଦ୍ଧି ହେବ । ଯଦି ସୀତା ସ୍ୱାମୀଙ୍କର ପଥ ଅନୁସରଣ କରିପାରିଲେ, ମୋ ପାଇଁ ବାଧା କାହିଁକି ?

ମୁଁ ମଧ୍ୟ ନିଜକୁ ସନ୍ନ୍ୟାସିନୀ ବେଶରେ ସଜାଇଲି । ଅଷ୍ଟ ଅଳଙ୍କାର ଖୋଲି ନିରାଭରଣା ହେଲି । କୁସୁମର ଅଳଙ୍କାରରେ ନିଜକୁ ସଜାଇଲି । ଶୁଭ୍ରବସନ ପିନ୍ଧିଲି । କେଶସଜ୍ଜା ଖୋଲିଦେଇ ମୁକ୍ତକେଶର ଅରଣ୍ୟରେ ପେଛି ପେଛି ଫୁଲ ଫୁଟାଇଲି । କପାଳରେ ଦେଲି ତିଳକର ଟିକା । ଫାଲ୍‌ଗୁନିଙ୍କର ଆଗମନକୁ ଅପେକ୍ଷା କରି ରହିଲି । ମୋ'ଠାରୁ ବିଦାୟ ନେବା ପାଇଁ ଫାଲ୍‌ଗୁନି ଆସିବେ । ସେତେବେଳେ ଯୁକ୍ତି ଛଳରେ ମୋର ତାଙ୍କୁ ଅନୁସରଣ କରିବାର ଯଥାର୍ଥତା ଦେଖାଇବି । ଫାଲ୍‌ଗୁନି ମତେ ସାଙ୍ଗରେ ନେବା ପାଇଁ ବାଧ୍ୟ ନ ହୋଇ ଯିବେ କୁଆଡ଼େ ?

ରାମଚନ୍ଦ୍ର ଏମିତି ଏକ ପରିସ୍ଥିତିରେ ପଡ଼ି ସୀତାଙ୍କୁ ସଙ୍ଗରେ ନେଇଥିଲେ । ଯେଉଁ ଯୁକ୍ତିସବୁ ସୀତା ବାଢ଼ିଥିଲେ, ତାକୁ ମନେ ମନେ ଦୋହରାଇ ମୋର ସଂଳାପ ସ୍ଥିର କରିନେଲି ।

ମାୟା ମୋର ଏ ବେଶ ଦେଖି ଅବାକ୍ ! କହିଲା — ''ମହାରାଣୀ, ଇନ୍ଦ୍ରପ୍ରସ୍ଥର ରାଜପ୍ରାସାଦରେ ଥାଇ ତମର ଏ କି ବେଶ ?''

ମୁଁ ହସି ହସି କହିଲି — ''ମାୟା, ଏ ରାଜପ୍ରାସାଦର ବେଶ ନୁହେଁ, ପତ୍ରକୁଡ଼ିଆର ବେଶ । ଫାଲ୍‌ଗୁନିଙ୍କ ସହ ମୁଁ ମଧ୍ୟ ବନଗ୍ୱରିଣୀ ହେବି ବୋଲି ସ୍ଥିର କରିଛି । ତୁ ମୋ ସଙ୍ଗେ ଯିବୁ ?''

Digitized by srujanika@gmail.com

ମାୟା ଦୁଷ୍ଟାମିର ହସ ହସି କହିଲା — ''ମହାରାଣୀ, ତମର ଏ ସନ୍ନ୍ୟାସିନୀର ବେଶ ଯୋଗୁଁ ବଣରେ କେତେ ଯେ ସନ୍ନ୍ୟାସୀ ମତି ହରାଇ ଧର୍ମ କର୍ମ ଭୁଲିବେ, ତା'ର ହିସାବ ରଖିଛ ? ପ୍ରଥମେ ଫାଲ୍‌ଗୁନି ହିଁ ବାରବର୍ଷର ବ୍ରହ୍ମଚର୍ଯ୍ୟର ପଣ ଭଙ୍ଗ କରି ପାପଭାଗୀ ହେବେ । ତମେ କ'ଣ ସେ କଥା ଗ୍ରହିଁ ?''

ମୁଁ ମନେ ମନେ କାମନା କରୁଥିଲି ମାୟାର କଥା ସତ୍ୟ ହେଉ, ଫାଲ୍‌ଗୁନି ବାରବର୍ଷର ବ୍ରହ୍ମଚର୍ଯ୍ୟ ବ୍ରତ ଭଙ୍ଗ କରନ୍ତୁ । ମୋ ବିରହରେ ଯେତିକି ଦିନ ସେ କଷ୍ଟ ପାଇଲେଣି ମୁଁ କାୟମନୋବାକ୍ୟରେ ତାଙ୍କୁ ସେତିକି ସୁଖ ଦାନ କରିବି ଏବଂ ନିଜ ଜୀବନକୁ ଧନ୍ୟ କରିବି । ଫାଲ୍‌ଗୁନିଙ୍କ ଭଳି ନିରପରାଧ ବୀରପୁରୁଷ ଏଭଳି କଠୋର ଶାସ୍ତି ଭୋଗ କରିବେ କାହିଁକି ?

ଫାଲ୍‌ଗୁନି ଆସିଲେ । ମୋର ଦ୍ୱାର ସମ୍ମୁଖରେ ଠିଆହୋଇ ବାହାରୁ ଥାଇ କହିଲେ — ''ବିଦାୟ ଦିଅ କୃଷ୍ଣା, ବଞ୍ଚିଥିଲେ ବାରବର୍ଷ ପରେ ଦେଖାହେବ । ଜେବେ ଯଦି ବିପଦରେ ପଡ଼, ସଖାଙ୍କୁ ସମ୍ବାଦ ଦେବ । ତାଙ୍କ ଉପରେ ଭରସା ରଖିଲେ ବିପଦ ତମର ସୀମା ସ୍ପର୍ଶ କରିବ ନାହିଁ ।''

ମୁଁ ଫାଲ୍‌ଗୁନିଙ୍କ ସମ୍ମୁଖକୁ ଆସିଲି । ଦୃଢ଼ଭାଙ୍ଗୀରେ ତାଙ୍କୁ ଗ୍ରହିଁ କହିଲି — ''ମୁଁ ମଧ୍ୟ ତମ ସଙ୍ଗେ ବନବାସିନୀ ହେବି । ଏହା ମୋର ସିଦ୍ଧାନ୍ତ ।''

ଫାଲ୍‌ଗୁନି ମୁଗ୍ଧ ଦୃଷ୍ଟିରେ କ୍ଷଣେ ଗ୍ରହିଁଲେ ମତେ । ପରକ୍ଷଣରେ ନିଜକୁ ସଂଯତ କରି କହିଲେ — ''ତମର ଅନେକ ସିଦ୍ଧାନ୍ତ ଆମେ ମାନିନେଇଛୁ କୃଷ୍ଣା; କିନ୍ତୁ ଏ ସିଦ୍ଧାନ୍ତ ଯେ ମାନିନେବୁ, ଏକଥା ପଛରେ କି ଯୁକ୍ତି ଅଛି ?'' ମୁଁ ଫାଲ୍‌ଗୁନିଙ୍କର କଟାକ୍ଷ ବୁଝିଲି ।

ଆମ ବିବାହର ବାର୍ଷିକ ଚୁକ୍ତି ମୋର ସିଦ୍ଧାନ୍ତ । ଫାଲ୍‌ଗୁନି ସେଇକଥା ମୋତେ ସ୍ମରଣ କରାଇ ଦେଉଛନ୍ତି । ଫାଲ୍‌ଗୁନିଙ୍କର କଥାରେ ମୁଁ ଆହତ ହେଲେ ବି ପ୍ରତିବାଦ କରିଉଠି କହିଲି — ''ସ୍ୱାମୀର ଅନୁଗାମିନୀ ହେବା ସ୍ତ୍ରୀ'ର ଧର୍ମ । ସତୀ ସୀତା ବନବାସ ବରଣ କରିଥିଲେ ପ୍ରଭୁ ରାମଚନ୍ଦ୍ରଙ୍କୁ ଅନୁସରଣ କରି । ମୁଁ ସେଇ ଯୁକ୍ତିରେ ତମ ସହ ବନଗାମିନୀ ହେବା ନ୍ୟାଯସଙ୍ଗତ ।''

ଫାଲ୍‌ଗୁନି ହସିଉଠି କହିଲେ — ''ସତୀ ସୀତା, ଆଉ ତମେ ? ଏକମାତ୍ର ସ୍ୱାମୀ ରାମଚନ୍ଦ୍ରଙ୍କୁ ଅନୁସରଣ ନକରି ସେ ଆଉ କ'ଣ କରନ୍ତେ ? କିନ୍ତୁ ତମର ଯେ ପଞ୍ଚସ୍ୱାମୀ !''

Digitized by srujanika@gmail.com

ଫାଲ୍‌ଗୁନିଙ୍କର ଏଇ ପଦକ କଥା ତୀରଭଳି ମୋର ହୃଦୟକୁ ବିଦ୍ଧ କଲା । ଇଚ୍ଛାହେଲା କାନ୍ଦି ପକାଇବି ଏବଂ ହୃଦୟର ଭାର ଲାଘବ କରିବି । ମାତ୍ର ନା — କାନ୍ଦିବା ଦୁର୍ବଳତାର ଲକ୍ଷଣ । ପଞ୍ଚସ୍ୱାମୀ ବରଣ କରିବାରେ ମୋର ଦୁର୍ବଳତା କେଉଁଠି ଯେ ମୁଁ କାନ୍ଦି ପକାଇବି ! ମୁଁ ମଧ୍ୟ ଦୃଢ଼ସ୍ୱରରେ କହିଲି — "ପଞ୍ଚସ୍ୱାମୀ ବରଣ ମୁଁ ନିଜ ଇଚ୍ଛାରେ କରିନାହିଁ । ତେଣୁ ସେ ପ୍ରସଙ୍ଗ ଏଠି କାହିଁକି ? ତମେ ମୋର ସ୍ୱାମୀ, ତମେ ରାଜା ହେଲେ ମୁଁ ହେବି ରାଣୀ । ତମେ ସନ୍ନ୍ୟାସୀ ହେଲେ ମୁଁ ହେବି ସନ୍ନ୍ୟାସିନୀ । ଏଥିରେ ଅନ୍ୟଥା ନାହିଁ ।"

ଫାଲ୍‌ଗୁନି ଗମ୍ଭୀର ହେଲେ । ଶାନ୍ତସ୍ୱରରେ କହିଲେ — "ଦେଖ କୃଷ୍ଣା, ପ୍ରଥମତଃ ତମେ ମୋର ପତ୍ନୀ ହେଲେ ମଧ୍ୟ ବର୍ତ୍ତମାନ ବଡ଼ଭାଇ ଯୁଧିଷ୍ଠିରଙ୍କର ପ୍ରକୃତ ଅର୍ଥରେ ସହଧର୍ମିଣୀ । ତାହାହିଁ ଆମ ଯୁଗ୍ମ ଜୀବନର ସର୍ତ୍ତ ଏବଂ ତମରି ଇଚ୍ଛାରେ ସେ ସର୍ତ୍ତ ଆମେ ସମସ୍ତେ ମାନିନେଇଛୁ । ଆଜି ସେଇ ସର୍ତ୍ତ ଭଙ୍ଗ ମୁଁ କରିଛି । ତେଣୁ ପ୍ରକାରାନ୍ତରେ ମୁଁ ତମ ପାଖରେ ମଧ୍ୟ ଅପରାଧ କରିଛି । ସେଇ ଅପରାଧର ପ୍ରାୟଶ୍ଚିତ ପାଇଁ ମୋର ବାରବର୍ଷର ବ୍ରହ୍ମଚର୍ଯ୍ୟ ଓ ବନବାସ । ଯାହା ପାଖରେ ଅପରାଧ କରି ମୁଁ ପ୍ରାୟଶ୍ଚିତ କରିବାକୁ ଯାଉଛି, ସେ ପୁଣି ମୋ ସହ ଅନୁଗାମିନୀ ହେବ କିପରି ? ତଦ୍ଦ୍ୱାରା ମୋର ପ୍ରାୟଶ୍ଚିତ ହେବନାହିଁ, ବରଂ ଅପରାଧର ଭାର ଲାଘବ ହେବା ପରିବର୍ତ୍ତେ ବୃଦ୍ଧି ହେବ । ତମେ କ'ଣ ଗ୍ରହଁ ମୁଁ ସାରାଜୀବନ ଭାଇଙ୍କ ପାଖରେ ଏବଂ ତମ ପାଖରେ ଅପରାଧୀ ହେଇ ରହିବି ଏବଂ ଅବଶେଷରେ ନର୍କଗାମୀ ହେବି ? ଏହାହିଁ କ'ଣ ତମର ଇଚ୍ଛା ?"

ଉତ୍ତର ଦେବା ପାଇଁ ମୋର ଭାଷା ନାହିଁ । ମୋରି ଶରରେ ମୁଁ ଶରବିଦ୍ଧା । ଯୁଗ୍ମ ଜୀବନର ଶୃଙ୍ଖଳା ଓ ସୁଖ ପାଇଁ ଯେଉଁ ନିୟମ ମୁଁ ବାଢ଼ିଥିଲି, ସେଇ ମୋର ଦୁଃଖର କାରଣ ହୋଇ ମତେ ଉପହାସ କରୁଛି । ଫାଲ୍‌ଗୁନି ଯେପରି ପ୍ରକାରାନ୍ତରେ କହୁଛନ୍ତି ତାଙ୍କର ବନବାସର ଏବଂ ଦୁଃଖର କାରଣ — "ମୁଁ, ଦ୍ରୌପଦୀ ।"

ମୋର ଅସହାୟତା ମାୟା ବୁଟିପାରିଲା । ମୋ ପଟ ହେଇ ସେ କହିଲା — "ମହାରାଣୀ ଆପଣଙ୍କର ଅପରାଧ କ୍ଷମା କରି ଦେଇଛନ୍ତି । ତା' ନ ହେଇଥିଲେ ସେ ଆପଣଙ୍କ ଦୁଃଖରେ ଦୁଃଖିନୀ ହୋଇ ବନବାସ କରିବା ପାଇଁ ପ୍ରସ୍ତୁତ ହେଇ ନଥା'ନ୍ତେ । ତେଣୁ ତାଙ୍କୁ ସଙ୍ଗରେ ନେବା ଦ୍ୱାରା ଆପଣଙ୍କର ପ୍ରାୟଶ୍ଚିତ୍ତର ପଥ ରୁଦ୍ଧ ହେବନାହିଁ । ସ୍ୱାମୀ ସନ୍ନ୍ୟାସୀ ହେଲେ ସ୍ତ୍ରୀ ସନ୍ନ୍ୟାସିନୀ ହେବା ଶାସ୍ତ୍ରସିଦ୍ଧ । ଆପଣ ଏଥିରେ ବାଧା ଦେଉଛନ୍ତି କାହିଁକି ?"

Digitized by srujanika@gmail.com

ହସିଲେ ଫାଲ୍‌ଗୁନି । କହିଲେ — ''ମୁଁ ସନ୍ନ୍ୟାସୀ ହେଲେ ମଧ୍ୟ କୃଷ୍ଣା ଇନ୍ଦ୍ରପ୍ରସ୍ଥର ମହାରାଣୀ ହେଇ ରାଜଅନ୍ତଃପୁର ମଣ୍ଡନ କରିବାରେ କୌଣସି ବାଧା ବା ଅନ୍ୟାୟ ନାହିଁ । କାରଣ ଯୁଧିଷ୍ଠିର ହେଉଛନ୍ତି ଇନ୍ଦ୍ରପ୍ରସ୍ଥର ରାଜା ଏବଂ କୃଷ୍ଣାଙ୍କର ଅନ୍ୟ ତିନିସ୍ୱାମୀ ମଧ୍ୟ ଇନ୍ଦ୍ରପ୍ରସ୍ଥର ରାଜାଙ୍କର ଭାଇ । ତେଣୁ ଘରିସ୍ୱାମୀ ରାଜା ଥିଲାବେଳେ ଜଣେ ସ୍ୱାମୀ ସନ୍ନ୍ୟାସୀ ହେଇଗଲେ କୃଷ୍ଣା ସନ୍ନ୍ୟାସିନୀ ହେବାର କଥା ନୁହେଁ । ବ୍ୟକ୍ତିସ୍ୱାର୍ଥ ଅପେକ୍ଷା ସମୂହସ୍ୱାର୍ଥ ଶ୍ରେୟସ୍କର । ଭାରତ ଇତିହାସରେ ଏ ପର୍ଯ୍ୟନ୍ତ ଗଣମତ ହିଁ ଗ୍ରାହ୍ୟ ହେଇଆସିଛି । କୃଷ୍ଣାଙ୍କର ସୌଭାଗ୍ୟ ଯେ ମୁଁ ସନ୍ନ୍ୟାସୀ ହେଲେ ମଧ୍ୟ ସେ ମହାରାଣୀ ହୋଇ ରହିପାରିବେ । କୃଷ୍ଣା ଯଦି ମତେ ଏକା ବିବାହ କରିଥା'ନ୍ତେ ତେବେ ମହାରାଣୀ ତ ହେଇପାରି ନଥା'ନ୍ତେ, ତା' ଛଡ଼ା ମୋର ମନ୍ଦଭାଗ୍ୟ ପାଇଁ ମଝିରେ ମଝିରେ ମୋର ଅନୁଗାମିନୀ ହୋଇ କଷ୍ଟ ଭୋଗୁଥା'ନ୍ତେ ।''

ମାୟା ଅଭିଯୋଗଭରା କଣ୍ଠରେ କହିଲା — ''ଆପଣ ମହାରାଣୀଙ୍କୁ ଜାଣି ଜାଣି ଆଘାତ ଦେଉନାହାନ୍ତି ତ ?''

ଫାଲ୍‌ଗୁନି ଦୁଇହାତ ଯୋଡ଼ି ବ୍ୟଥିତ ସ୍ୱରରେ କହିଲେ — ''ମୋ କଥାରେ ଯଦି କୃଷ୍ଣା ଆଘାତ ପାଇଥା'ନ୍ତି, ତେବେ ମୋର ଅପରାଧ ମାର୍ଜନା କରିବେ ।''

ପଥର ଆଖିରେ ମୁଁ ଫାଲ୍‌ଗୁନିଙ୍କୁ ଘୃହିଁଥାଏ । ଫାଲ୍‌ଗୁନି ପୁଣି ଥରେ ନିଜ ତରଫରୁ ସଫେଇ ଦେଲେ — ''ଘରିସ୍ୱାମୀ ଥାଉ ଥାଉ କୃଷ୍ଣା ମୋ ଅନୁଗାମିନୀ ହୋଇପାରିବେ ନାହିଁ । ସେ ତ ଏକା ମୋର ନୁହନ୍ତି, ସେ ସମସ୍ତଙ୍କର । ତାଙ୍କୁ ସଙ୍ଗରେ ନେବା ପାଇଁ ମୁଁ କିଏ ? ତେବେ କୃଷ୍ଣା ଯେ ମୋ ଦୁଃଖରେ ଭାଗୀଦାର ହେବାପାଇଁ ମନ ସ୍ଥିର କରିଥିଲେ, ସେତିକି ମୋର ସାନ୍ତ୍ୱନା ହୋଇ ରହିଲା । ବନବାସର ଦୁଃଖ ସେତିକିରେ ମୁଁ ଭୁଲିଯିବି ।''

ଫାଲ୍‌ଗୁନିଙ୍କର ଏଇ କୋମଳ, ଅନ୍ତରଙ୍ଗ କଥା କେତେପଦ ମୌସୁମୀ ସ୍ପର୍ଶରେ ମେଘଖଣ୍ଡ ତରଳି ଝରିବା ଭଳି ମୋର ପଥର ଆଖିରେ ଲୋତକର ବନ୍ୟା ଆଣିଥିଲା । ତାକୁ ଲକ୍ଷ୍ୟକରି ଫାଲ୍‌ଗୁନି କହିଲେ — ''ଘରିପତି ଥାଉ ଥାଉ ତମର ଦୁଃଖ କ'ଣ କୃଷ୍ଣା ? ବିପଦ ଆପଦ ପାଇଁ ଭୀମ ଅଛନ୍ତି । ଦ୍ୱନ୍ଦ୍ୱରେ ପଡ଼ିଲେ ଯୁଧିଷ୍ଠିର ପଥ ଦେଖାଇବେ । ନକୁଳ ସହଦେବଙ୍କ ସହ ଅବସର ସମୟ ଆମୋଦ ପ୍ରମୋଦରେ କଟିଯିବ ଏବଂ ସର୍ବୋପରି ସଖା କୃଷ୍ଣ ଥାଉ ଥାଉ ତମର ଚିନ୍ତା କ'ଣ ? ଯେତେବେଳେ ସ୍ମରଣ କରିବ ସେ ଆସି ପହଞ୍ଚିଯିବେ । ସୁଖରେ ଥାଅ କୃଷ୍ଣା । ମତେ ଏଥର ବିଦାୟ ଦିଅ ।''

Digitized by srujanika@gmail.com

ଇଚ୍ଛା ହେଉଥିଲା ଫାଲ୍‌ଗୁନିଙ୍କର ବୁକୁରେ ଲୋଟିପଡ଼ି ଅଶ୍ରୁ ଝରାଇଦେବି ଆଉ ହୃଦୟର ସମସ୍ତ ବିଶ୍ୱସ୍ତତା ଦେଇ କହିବି — ''ଫାଲ୍‌ଗୁନି, ତମ ବ୍ୟତୀତ ଇନ୍ଦ୍ରପ୍ରସ୍ଥରେ ବାରବର୍ଷ ଦେହ ଧରି ରହିବି କିପରି ?'' କିନ୍ତୁ ମୁଁ ସେପରି କିଛି କଲି ନାହିଁ । କାରଣ ମୋ କଥାରେ ଫାଲ୍‌ଗୁନି ହସିବେ ଏବଂ ଘୃରିପତିଙ୍କର ପ୍ରସଙ୍ଗ ଉଠାଇବେ ମୁଁ ଜାଣେ । ସମସ୍ତ ସୁଖ ଐଶ୍ୱର୍ଯ୍ୟ ଭିତରେ ଫାଲ୍‌ଗୁନି ଯେ ମତେ ଆଢ଼ନ କରି ରଖିଥା'ନ୍ତି, ତା' ସେ ବିଶ୍ୱାସ କରିବେ ବା କାହିଁକି ? ଇନ୍ଦ୍ରପ୍ରସ୍ଥର ରାଜସିଂହାସନ ଅପେକ୍ଷା ଫାଲ୍‌ଗୁନିଙ୍କର ହୃଦୟ ସିଂହାସନ ଯେ ମୋର ବେଶି କାମ୍ୟ, ସେକଥା ତାଙ୍କୁ ବୁଝାଇବି କିପରି ?

ମୁଁ ନୀରବରେ ଫାଲ୍‌ଗୁନିଙ୍କୁ ଘୃହିଁ ଆକାଶ ପାତାଳ ଭାବୁଥାଏ । ଆଉ କେହି ଜାଣୁ ବା ନ ଜାଣୁ, ମୁଁ ଜାଣେ ମୋ'ଠାରୁ ଦୂରକୁ ଘୃଲିଯିବା ପାଇଁ ଫାଲ୍‌ଗୁନି ଜାଣି ଜାଣି ସର୍ତ୍ତ ଭଙ୍ଗ କରିଛନ୍ତି । ମତେ ଶାସ୍ତି ଦେବା ତାଙ୍କର ଉଦ୍ଦେଶ୍ୟ । ସେ ଜାଣନ୍ତି ଯା'ଠାରୁ ବଡ଼ ଶାସ୍ତି ମୋ ପାଇଁ ଆଉ କିଛି ନାହିଁ ଏ ପୃଥିବୀରେ ।

ଫାଲ୍‌ଗୁନି ବିଦାୟ ଭଙ୍ଗୀରେ କହିଲେ — ''ଏଥର ମେଲାଣି ଦିଅ କୃଷ୍ଣା ! ବଞ୍ଚିରହି ଫେରିଆସିଲେ ବାରବର୍ଷ ପରେ ଦେଖାହେବ । ବଣ ଜଙ୍ଗଲରେ ଥରେ ପାଦ ଦେଲେ କେଉଁ ମୁହୂର୍ତ୍ତରେ କି ବିପଦର ସମ୍ମୁଖୀନ ହେବାକୁ ପଡ଼ିବ, ସେ କଥା କିଏ ଜାଣେ ?''

ଆଶଙ୍କା, ଉଦ୍‌ବେଗ ଓ ଦୁଶ୍ଚିନ୍ତାରେ ମୋର ମୁହଁ ଶୁଖିଗଲା । ଇଚ୍ଛା ହେଲା, ଫାଲ୍‌ଗୁନିଙ୍କର ପାଦ ଉପରେ ଅଜାଡ଼ି ହେଇପଡ଼ିବି । କହିବି, ମତେ ପାଦରେ ଦଳିଦେଇ ତମେ ବନବାସରେ ଯାଅ — ବାରବର୍ଷ ଧରି ଉଦ୍‌ବେଗ ଓ ଆଶଙ୍କାରେ ସନ୍ତୁଳି ହୋଇ ତିଳ ତିଳ ହୋଇ ମରିବା ଅପେକ୍ଷା ତମ ପାଦତଳେ ମୃତ୍ୟୁବରଣ କରିବା ଶ୍ରେୟ । କିନ୍ତୁ ଲକ୍ଷ୍ୟକରି ଦେଖିଲି ମୋର ବିବର୍ଣ୍ଣ ଚେହେରା ଦେଖି ଫାଲାଗୁନି ମନେମନେ ସୁଖ ଅନୁଭବ କରୁଛନ୍ତି । ମତେ କଷ୍ଟ ଦେବା ପାଇଁ ସେ ଜାଣି ଜାଣି ସେପରି କଥା କହିଛନ୍ତି ଏଥିରେ ସନ୍ଦେହ ନାହିଁ । ମତେ ଦୁଃଖ ଦେବା ପାଇଁ ତାଙ୍କର ଯେ ଏଇ ସୁଚିନ୍ତିତ ଯୋଜନା, ତା' ମତେ ଆଉ ଅଛପା ରହିଲା ନାହିଁ । କୃଷ୍ଣଙ୍କ ସଙ୍ଗେ ଦ୍ୱାରକା ଯିବାରେ ମୁଁ ସିନା ନାନା କାରଣ ଦର୍ଶାଇ ବାଧା ଦେଇଥିଲି, ବର୍ତ୍ତମାନ ଆଉ ବାଧା ଦେବାରେ ବାଟ ରହିବ ନାହିଁ ଭାବି ଫାଲ୍‌ଗୁନି ଏ ନାଟକ ରଚନା କରିଛନ୍ତି ।

ମୁଁ ନିଜକୁ କଠୋର କରିନେଲି । ସ୍ଥିରକଣ୍ଠରେ କହିଲି — ''ଆର୍ଯ୍ୟାବର୍ତ୍ତର ଶ୍ରେଷ୍ଠବୀର ଫାଲ୍‌ଗୁନି ଅରଣ୍ୟର ଅଜ୍ଞାତ ବିପଦ ପାଇଁ ଆଶଙ୍କା ପ୍ରକାଶ କରନ୍ତି — ଏଇ ପ୍ରଥମ ଦେଖିଲି । ତେବେ ମୋର ବିଶ୍ୱାସ ଶ୍ରୀକୃଷ୍ଣସଖା ବୀରଶ୍ରେଷ୍ଠ ଫାଲ୍‌ଗୁନି,

Digitized by srujanika@gmail.com

ଯେକୌଣସି ବିପଦରୁ ମୁକ୍ତ ହେଇଯିବେ । ପୃଥିବୀର କୌଣସି ଶକ୍ତି ତାଙ୍କୁ ପରାଜିତ କରିନପାରେ । ମୋର ଏଇ ବିଶ୍ୱାସ ହେଉଛି ମୋର ବିଦାୟବାର୍ତ୍ତା । ଶ୍ରୀକୃଷ୍ଣ ତମକୁ ସର୍ବଶୁଭରେ ଫେରାଇ ଆଣନ୍ତୁ । ଏଇ ବାରବର୍ଷ ଭିତରେ ଯେତେ ବିପଦ ପଡ଼ିଲେ ମଧ୍ୟ ମୁଁ ଶ୍ରୀକୃଷ୍ଣଙ୍କୁ ସ୍ମରଣ କରିବି ନାହିଁ, କାରଣ ଠିକ୍ ସେତିକିବେଳେ ତୁମେ ଯଦି ତାଙ୍କୁ ସ୍ମରଣ କରୁଥାଅ ସେ କେଉଁଠିନ୍ଦି ଯିବେ ? କାହାର ଡାକ ଶୁଣିବେ ? ତେଣୁ ଶ୍ରୀକୃଷ୍ଣ ତମର ପାଖେ ପାଖେ ଅଛନ୍ତି — ଏତିକି ମନେ ରଖିଥିବ ।''

ଫାଲ୍‌ଗୁନି ନରମ ହୋଇଗଲେ । କୋମଳ କଣ୍ଠରେ କହିଲେ —''ଧନ୍ୟବାଦ କୃଷ୍ଣା, ତମେ ତମର କର୍ତ୍ତବ୍ୟ କରିଛ । ମୁଁ ବି ତମପାଇଁ ମୋର ଉପଯୁକ୍ତ କର୍ତ୍ତବ୍ୟ କରିବି । ଯେଉଁବର୍ଷ ମୋ ସହ ତୁମର ଯୁଗ୍ମଜୀବନ କାଟିବାର ପାଳି ଆସିବ, ସଖା ତମକୁ ସଙ୍ଗଦାନ କରିବେ ବୋଲି ତାଙ୍କୁ ସନ୍ଦେଶ ପଠାଇବି । ତାଙ୍କ ପାଖେ ପାଖେ ରହିଲେ ତମେ ମୋର ଅଭାବ ଅନୁଭବ କରିପାରିବନି । ସୁଖ ଆନନ୍ଦରେ ତୁମର ଦିନ କଟିଯିବ । ଅରଣ୍ୟରେ ଯେଉଁଠି ଥିଲେ ବି ସଖା ତମ ପାଖେ ପାଖେ ଅଛନ୍ତି ଜାଣିଲେ ମୁଁ ସୁଖୀ ହେବି ।''

ମୁଁ ନୀରବ । ମୋର ଆଉ କିଛି କହିବାର ନାହିଁ । ଅନେକ କିଛି କହିବାର ଆବେଗ ମତେ ନିର୍ବାକ୍ କରିଦେଉଛି, ମୂକ କରିଦେଉଛି ।

ଫାଲ୍‌ଗୁନି ମୋର ହାତ ଧରିଲେ, କୋମଳ କଣ୍ଠରେ କହିଲେ, ''ତମେ ବିଦୁଷୀ, ତମେ ବିଦ୍ୟାବତୀ । ତମକୁ ମୁଁ କ'ଣ ବା ଉପଦେଶ ଦେବି ? ତଥାପି ମୋର କେତୋଟି କଥା ମନେରଖିବ । ଧର୍ମପଥରେ ଗ୍ଲୁ ଗ୍ଲୁ ବଡ଼ଭାଇ ବେଳେ ବେଳେ କଠୋର ହୋଇପଡ଼ନ୍ତି । ତାଙ୍କୁ ଭୁଲ୍ ବୁଝିବ ନାହିଁ । ତାଙ୍କ ମନରେ କେବେ ଆଘାତ ଦେବନାହିଁ, ଭୀମଙ୍କୁ କେବେ ରଗାଇବ ନାହିଁ । ନକୁଳ ସହଦେବଙ୍କୁ ଅବହେଳା କରିବ ନାହିଁ, ଅବଜ୍ଞା କରିବ ନାହିଁ । ଆଉ ସବୁଠୁ ଉପରେ ଯିଏ, ଆମର ମା', ତାଙ୍କ ପ୍ରତି କର୍ତ୍ତବ୍ୟରେ ତ୍ରୁଟି କରିବ ନାହିଁ । ସାରା ଜୀବନ ସେ ଆମ ପାଇଁ କଷ୍ଟ, ଲାଞ୍ଛନା, ଦୁଃଖ ବରଣ କରିଛନ୍ତି । ତାଙ୍କୁ ଇଷ୍ଟଦେବୀ ଭଳି ପୂଜା କରିବ । ମୋ ଅନୁପସ୍ଥିତିରେ ସଖା ଯଦି କେବେ ଆସନ୍ତି, ତେବେ ତାଙ୍କ ଆତିଥ୍ୟରେ ତ୍ରୁଟି କରିବ ନାହିଁ । ଆଉ ମୋ କଥା ? ମୋ କଥା କିଛି ଭାବିବ ନାହିଁ । ରାଜପୁତ୍ର ହେଲେ ମଧ୍ୟ ବାଲ୍ୟକାଳରୁ ବନବାସ, ବିପଦ, ଅନାହାର, ଅର୍ଦ୍ଧାହାର, ଦାରିଦ୍ର୍ୟ ଏବଂ ଭାଗ୍ୟସହ ଆମେ ସଂଗ୍ରାମ କରିଆସିଛୁ । ଈଶ୍ୱରଙ୍କ ଇଚ୍ଛା ଥିଲେ ପୁଣି ଫେରିଆସିବି । ଏଥର ବିଦାୟ ଦିଅ ।''

ଫାଲ୍‌ଗୁନିଙ୍କ ପ୍ରତ୍ୟେକଟି ଉପଦେଶ ଗ୍ରହଣୀୟ ଏବଂ ସ୍ମରଣୀୟ । ସମସ୍ତଙ୍କ କଥା ଗୋଟି ଗୋଟି କରି କହିଗଲେ ଫାଲ୍‌ଗୁନି । କିନ୍ତୁ ମୋ କଥା ତ କିଛି କହିଲେ ନାହିଁ ? ନାରୀ ବିଦୁଷୀ ହେଲେ, ବିଦ୍ୟାବତୀ ହେଲେ ତା' ପାଇଁ କ'ଣ ସଂସାରରେ

Digitized by srujanika@gmail.com

କେହି କିଛି ଭାବନ୍ତି ନାହିଁ ? ତା'ପାଇଁ କ'ଣ କାହାରି ହୃଦୟର ସ୍ନେହ ସହାନୁଭୂତି, ସମବେଦନାର ଆବଶ୍ୟକତା ନାହିଁ ? ସେ କ'ଣ ମଣିଷ ନୁହେଁ ପଥର, ନିଷ୍ପ୍ରାଣ ପ୍ରତିମା ?

ଅଭିମାନରେ କଣ୍ଠରୁଦ୍ଧ ହେଲା । ଚକ୍ଷୁ ହେଲା ବାଷ୍ପାଚ୍ଛନ୍ନ । ମୁଁ ନୀରବରେ ଫାଲ୍‌ଗୁନିଙ୍କର ଉଦାରତାକୁ ବଧାଇ ଜଣାଇଲି । ଫାଲ୍‌ଗୁନି ବିଦାୟ ନେଇଯିବାର ମୁହୂର୍ତ୍ତକ ଆଗରୁ ମୁଁ ଅପ୍ରତ୍ୟାଶିତ ଭାବେ ପଘ୍ଚରି ବସିଲି — ''ଆଉ କେହି ନ ଜାଣନ୍ତୁ, ଅନ୍ତତଃ ମତେ କହିଯାଅ ଯେ କେବଳ ମତେ ଶାସ୍ତି ଦେବା ପାଇଁ ତମେ ଜାଣି ଜାଣି ଅସ୍ତ୍ର ଖଣ୍ଡିଏ ପାଇଁ ଯୁଧିଷ୍ଠିର ଏବଂ ମୁଁ ଥିବା କକ୍ଷରେ ପ୍ରବେଶ କରିଛ । ଇନ୍ଦ୍ରପ୍ରସ୍ଥର ରାଜଧାନୀରେ କେଉଁଠି ହେଲେ ଅସ୍ତ୍ର ଖଣ୍ଡିଏ ତମକୁ ମିଳିଲା ନାହିଁ — ଏ କଥା ଅନ୍ତତଃ ମୁଁ ବିଶ୍ୱାସ କରିବି ନାହିଁ । ବନବାସୀ ସନ୍ନ୍ୟାସୀମାନେ ସତ୍ୟ କୁହନ୍ତି । ବନବାସୀ ହେବା ପୂର୍ବରୁ ମତେ ମିଥ୍ୟା କହିଲେ ତମର ପ୍ରାୟଶ୍ଚିତ୍ତରେ ବାଧାପଡ଼ିବ, ଏକଥା ଅନ୍ତତଃ ତମେ ଜାଣ ।''

ଫାଲ୍‌ଗୁନି ମୋ ମୁହଁକୁ ଘ୍ରହିଁଲେ । ଆଖିରେ କରୁଣା, ବ୍ୟଥା ଏବଂ ପ୍ରତି-ଆଘାତ ଦେବାର ଆନନ୍ଦ । ଓଠକଣରେ ମୃଦୁହସର କୁଣ୍ଠିତ ଭଉଁରି । ମତେ ସେ ଶାସ୍ତି ଦେଇଛନ୍ତି ବୋଲି ମୁଁ ବୁଝିପାରିଛି, ଏତିକିରେ ତାଙ୍କର ବାରବର୍ଷର ବନବାସ ସାର୍ଥକ ହେଇଛି ଯେମିତି ।

ମୁଁ ପଛକେ ଦୁଃଖ ପାଏ, ମତେ ଶାସ୍ତି ଦେଇଛନ୍ତି ବୋଲି ସେ ଯେ ଆନନ୍ଦିତ, ସେତିକି ସାନ୍ତ୍ୱନା ନେଇ ବାରବର୍ଷ ଫାଲ୍‌ଗୁନିଙ୍କ ବାଟ ଘ୍ରହିଁ ବସିବା ଛଡ଼ା ମୋ କର୍ତ୍ତୃତ୍ୱ ଭିତରେ ଆଉ କ'ଣ ବା ଅଛି !

॥ ୧୯ ॥

ସମୟ ସରିଯାଏ, ଯଦିଓ ସେ ଅସରନ୍ତି । ଦୁଃଖ ଦେହସୁହା ହୁଏ, ହେଉ-ପଛକେ ସେ ଅସହ୍ୟ । ସୂର୍ଯ୍ୟ ଉଏଁ, ଅସ୍ତ ଯାଏ, ଦିନ ପରେ ଦିନ ବିତେ । ଭାବେ, ଏମିତି କେତେଥର ସୂର୍ଯ୍ୟ ଉଇଁବ, ଅସ୍ତ ଯିବ, ଆଉ ଫାଲ୍‌ଗୁନି ଫେରିଆସିବେ ?

ଫାଲ୍‌ଗୁନିଙ୍କର ବନବାସ ବର୍ଷକରୁ ବେଶୀ ହେଲାଣି । ଏ ଭିତରେ ଭୀମଙ୍କ ସହ ମୋର ଯୁଗ୍ମଜୀବନର ବାର୍ଷିକ ମିଆଦ ପୂର୍ଣ୍ଣ ହେଇଛି । ଭୀମଙ୍କ ପରେ ଫାଲ୍‌ଗୁନିଙ୍କ ସହ ଆରମ୍ଭ ହୋଇଥା'ନ୍ତା ମୋର ମଧୁମୟ ଦାମ୍ପତ୍ୟ ଜୀବନ । ସେ ବନବାସୀ । ତେଣୁ ଭୀମଙ୍କ ଇଚ୍ଛା, ଆଉ ଏକବର୍ଷ ତାଙ୍କ ସହ ମତେ ଦାମ୍ପତ୍ୟ ଜୀବନ ବିତାଇବାକୁ

Digitized by srujanika@gmail.com

ହେବ । ତାଙ୍କର ଯୁକ୍ତି, କୌଣସି ମୂଲ୍ୟବାନ ଦ୍ରବ୍ୟ ଯଦି ପାଳିକରି କ୍ରମାନ୍ୱୟରେ ପାଞ୍ଚ-ଜଣଙ୍କ ଦାୟିତ୍ୱରେ ରହୁଥାଏ ଏବଂ ଏକ ନିର୍ଦ୍ଦିଷ୍ଟ ସମୟସୀମା ପରେ ଦାୟିତ୍ୱ ଗ୍ରହଣକାରୀ ବ୍ୟକ୍ତି ଉପସ୍ଥିତ ନହୁଏ, ତେବେ ସେହି ମୂଲ୍ୟବାନ ରତ୍ନ ପୂର୍ବ ବ୍ୟକ୍ତିର ମାର୍ଫତରେ ହିଁ ରହିଥାଏ । ସେଇ ଦୃଷ୍ଟିରୁ ଅର୍ଜୁନଙ୍କ ଅନୁପସ୍ଥିତିରେ ମୁଁ ଆଉ ଏକବର୍ଷ ଭୀମଙ୍କ ମାର୍ଫତରେ ରହିବି । ମାତ୍ର ମୋର ପ୍ରତିଜ୍ଞା, ଏ ବର୍ଷଟି ମୁଁ ବ୍ରହ୍ମଚାରିଣୀ ଭାବରେ ଜୀବନ କାଟିବି । ସ୍ୱାମୀ ଦୂରରେ ଥିଲେ ସ୍ତ୍ରୀ ଯେଉଁଭଳି ଜୀବନ କାଟେ, ଠିକ୍ ସେଇ-ଭଳି ନିରାଡ଼ମ୍ବର, ପବିତ୍ର ଜୀବନ ବିତାଇବି ।

ଏତିକି ମାତ୍ର କଥାରେ ଭୀମ ରାଗି ନିଆଁବାଣ । ଖାଦ୍ୟରେ ତାଙ୍କର ଯେପରି ବେଶୀ ଭାଗ, ମତେ ଲାଭ କରିବାରେ ତାଙ୍କର ସେହିପରି ବେଶୀ ଭାଗ ପାଇବାର ମହାର୍ଘ ସୁଯୋଗ ସେ ହାତଛଡ଼ା କରିଦେବାକୁ ଗ୍ରହାଁନ୍ତି ନାହିଁ । ମାତ୍ର ମୋ ପ୍ରତିଜ୍ଞାରେ ମୁଁ ଅଟଳ । ଭୀମ ମୋ ଉପରେ ରାଗ କରି ମୋର ସପତଣୀ ହିଡ଼ିମ୍ବୀ ପାଖକୁ ଗ୍ୱଲିଯାଇଛନ୍ତି ଏକବର୍ଷ ପାଇଁ । ମୋର ଗ୍ୱରା କ'ଣ ?

ଏକବର୍ଷ କାଳ ମୁଁ ନିଷ୍ଠାର ସହ ବନଗ୍ୱରିଣୀ ଭଳି ଫଳାହାର କରି ବ୍ରହ୍ମଚର୍ଯ୍ୟ ପାଳନ କରୁଥାଏ । ମୋର ସ୍ୱାମୀ ମୋ ଉପରେ ଅଭିମାନ କରି ବାରବର୍ଷର ବନବାସ ବରଣ କରିଛନ୍ତି । ମୁଁ ବର୍ଷଟିଏ ନିରାଡ଼ମ୍ବର ଜୀବନ କାଟି ପାରିବି ନାହିଁ ? ମାୟା ଏବଂ ନିତମ୍ବିନୀଙ୍କ ସହ ମୁଁ ଉଦ୍ୟାନ ଭିତରେ କୁଟୀର ନିର୍ମାଣ କରି ରହୁଥାଏ । ପ୍ରତିଦିନ ପ୍ରାତଃକାଳରେ ଯମୁନା ନଦୀରେ ସ୍ନାନ କରି ପୂଜାହୋମାଦି କର୍ମ ସମାପନ କରେ । ତା'ପରେ ମା' ଏବଂ ପାଣ୍ଡବ ଭାଇମାନଙ୍କ ପାଇଁ ରନ୍ଧନ କାର୍ଯ୍ୟ ସମାପ୍ତ କରେ । ନିଜର କର୍ତ୍ତବ୍ୟକୁ ଏଡ଼ିଦେଇ ପୂଜା ହୋମାଦି ଦ୍ୱାରା ପୁଣ୍ୟ ଅର୍ଜନ ହୁଏନାହିଁ ବୋଲି ମୋର ଦୃଢ଼ ମତ । ତେଣୁ ମୋର କର୍ତ୍ତବ୍ୟରେ ମୁଁ ତ୍ରୁଟି କରି ପାପ ଅର୍ଜିବି କାହିଁକି ? ସାରା ଦିନ ମୁଁ ଉପବାସ ରହେ ଏବଂ ସନ୍ଧ୍ୟା ପୂର୍ବରୁ ଯମୁନା ନଦୀରେ ପୁନର୍ବାର ସ୍ନାନ କରି ସ୍ୱଳ୍ପ ଫଳାହାର କରେ । ରାତ୍ରିରେ ପତ୍ର କୁଟୀରରେ କୁଶଶଯ୍ୟାରେ ଶରୀରକୁ ଲୋଟାଇ ଦେଇ ଈଶ୍ୱରଙ୍କୁ ପ୍ରାର୍ଥନା କରେ, ଫାଲ୍‌ଗୁନି ଯେଉଁଠି ଥାଆନ୍ତୁ ଭଲରେ ଥାଆନ୍ତୁ । ଯେ କୌଣସି ଉପାୟରେ ହେଉପଛକେ ତାଙ୍କର ବନବାସର କଷ୍ଟ ଲାଘବ ହେଉ ।

ମହର୍ଷି ନାରଦଙ୍କଠାରୁ ଫାଲ୍‌ଗୁନିଙ୍କ ସମ୍ବାଦ ବେଳେ ବେଳେ ମିଳେ । ଅର୍ଜୁନଙ୍କ ସହ ବହୁ ବ୍ରାହ୍ମଣ ଏବଂ ତପସ୍ୱୀ ବନବାସ କରିଥିଲେ । ଗଙ୍ଗାକୂଳରେ ଆଶ୍ରମ ନିର୍ମାଣ କରି ଅର୍ଜୁନ, ତପସ୍ୱୀ ଏବଂ ବ୍ରାହ୍ମଣମାନଙ୍କ ସହ ବ୍ରହ୍ମଚାରୀର ଜୀବନ କାଟୁଥା'ନ୍ତି । ତାଙ୍କର କଠୋର ତପାଶ୍ଚରଣ ମତେ ଅଧିକ କଷ୍ଟ ଦିଏ, ଅଧିକ ଗ୍ଲାନିରେ ଭରିଦିଏ ହୃଦୟ । ଭାବେ, ମତେ ଜଳାଇବା ପାଇଁ ଅର୍ଜୁନ ଜାଣି ଜାଣି ନିଜକୁ ଏତେ କଷ୍ଟ ଦେଉଛନ୍ତି । ବେଳେ ବେଳେ ଚିନ୍ତାକରେ — ଅର୍ଜୁନଙ୍କର ଏଇ କଠୋର ତପସ୍ୟା

Digitized by srujanika@gmail.com

ଏବଂ ସନ୍ନ୍ୟାସ ବ୍ରତକୁ ଭଙ୍ଗ କରିବା ପାଇଁ କେହି ଅପ୍ସରା ଯଦି ତାଙ୍କ ସମ୍ମୁଖରେ ନୃତ୍ୟ କରି ଅର୍ଜୁନଙ୍କୁ ମୁଗ୍ଧ କରନ୍ତା, ତେବେ ମୁଁ ସୁନ୍ଦରୀ ଅପ୍ସରାକୁ ଈର୍ଷା ନକରି ତା' ପାଖରେ କୃତଜ୍ଞ ରହନ୍ତି । ପୁଣି ଭାବେ, ବୋଧହୁଏ ମୋର କାମନା ବ୍ୟର୍ଥ ହେବ — କାରଣ ଫାଲ୍‌ଗୁନିଙ୍କର ଅଟଳ ପ୍ରତିଜ୍ଞା ଯଦି ମୁଁ ଭଗ୍ନ କରିପାରେ ନାହିଁ, ଏ ସଂସାରରେ ଆଉ କୌଣସି ନାରୀ ତାହା ପାରିବ ନାହିଁ । ଏ ଭାବନା ମତେ ଅଧିକ ଦୁଃଖ ଦିଏ । ଅର୍ଜୁନ ଯଦି ବନବାସ କାଳରେ କଷ୍ଟରେ ନ ରହନ୍ତେ, ସେ ଭୋଗ ବିଳାସ ଏବଂ କାମନା ବାସନାର ପରିତୃପ୍ତି କରୁଥା'ନ୍ତେ, ତା'ହେଲେ ମୁଁ ତାଙ୍କ ପାଇଁ ଝୁରି ଝୁରି ଶରୀରକୁ ଏପରି କ୍ଷୀଣ କରନ୍ତି ନାହିଁ । ମାତ୍ର ତାଙ୍କ ପାଇଁ ମୁଁ କଷ୍ଟପାଏ ବୋଲି ତ ସେ ଏସବୁ କରୁଛନ୍ତି । ମୋର ଶାନ୍ତି କାହିଁ ?

ମହର୍ଷି ନାରଦ ଅନେକ ଦିନ ପରେ ଫାଲ୍‌ଗୁନିଙ୍କ ସମ୍ବାଦ ଆଣି ପହଞ୍ଚିଲେ । ମୋର ସନ୍ନ୍ୟାସିନୀ ବେଶ ଦେଖି ସେ ଓଠକୋଣରେ ହାସ୍ୟରେଖା ଫୁଟାଇ କହିଲେ — "ଏଣିକି ଉଦ୍ୟାନ କୁଟୀର ତେଜି, ରାଜ-ଅନ୍ତଃପୁରକୁ ଫେରିଆସ ଦ୍ରୁପଦନନ୍ଦିନୀ । ଆଉ ସେସବୁର ଆବଶ୍ୟକତା ନାହିଁ !" ମୁଁ ଆଶଙ୍କାରେ ପ୍ରଶ୍ନ କଲି— "କୁହନ୍ତୁ ମହର୍ଷି — ଫାଲ୍‌ଗୁନିଙ୍କର ସବୁ କୁଶଳ ତ ?"

—"ଫାଲ୍‌ଗୁନିଙ୍କର କୁଶଳ ବ୍ୟତୀତ ଅନ୍ୟ କିଛି ହୋଇପାରେ ଦେବୀ କୃଷ୍ଣା ?"

ମୁଁ ଆଶ୍ୱସ୍ତ ହେଲି ଏବଂ ଉତ୍ସୁକ ନେତ୍ରରେ ମହର୍ଷି ନାରଦଙ୍କୁ ଚାହିଁରହିଲି ଫାଲ୍‌ଗୁନିଙ୍କର କୁଶଳ ସମାଗ୍ମର ଶୁଣିବା ପାଇଁ ।

ଉଦ୍ୟାନ କୋଣରେ ମୁଁ ରହୁଥିବା ପତ୍ରକୁଡ଼ିଆର ଅଗଣାରେ ବସି ମହର୍ଷି ନାରଦ କହିଲେ — "ଫାଲ୍‌ଗୁନି ବୀରପୁରୁଷ । ତପସ୍ୱୀ ବେଶରେ ବୁଲୁଥିଲେ ମଧ୍ୟ ସେ ଯେଉଁ ଦେଶରେ ପାଦ ଦେଇଛନ୍ତି, ସେଠାରେ ତାଙ୍କର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଛନ୍ତି । ସବୁ ଦେଶରେ ତାଙ୍କୁ ନାନାବିଧ ଦୁର୍ଲଭ ଉପହାର ସସମ୍ମାନ ମିଳିଛି ।"

ମୁଁ ଭାବିଥିଲି ଫାଲ୍‌ଗୁନି ଫେରିଆସିଲେ ବିଭିନ୍ନ ରାଜ୍ୟର ନାନାବିଧ ଦୁର୍ଲଭ ଉପହାରରେ ମୋର ଗୃହ ମଣ୍ଡିତ ହେବ । ମୋ ଗୃହର ଶୋଭା ବର୍ଦ୍ଧନ ହେବ । କ'ଣ ହେଇଥିବ ସେସବୁ ଉପହାର ?

ମୋ ଚକ୍ଷୁରେ ସୁନ୍ଦର ଦ୍ରବ୍ୟ ପାଇଁ ନାରୀସୁଲଭ ମୋହର ସ୍ୱାକ୍ଷର ପଢ଼ିନେଇ ମହର୍ଷି ରହସ୍ୟମୟ ହସ ହସିଲେ । କହିଲେ — "କୃଷ୍ଣା, ମଣିଷର କାମନା ଅବିନାଶୀ, ସଂସାରର ସବୁ ଉତ୍କୃଷ୍ଟ ଦ୍ରବ୍ୟରେ ଗୃହ ମଣ୍ଡନ କଲେ ନାରୀ ମନର ଅଭାବ ମେଣ୍ଟି ଯାଏ ନାହିଁ, ବରଂ ବଢ଼େ । ଯିଏ ଯେତେ ବେଶି ପାଏ, ତା'ର ପାଇବାର ଇଚ୍ଛା ସେତେ

Digitized by srujanika@gmail.com

ବେଶୀ। ତେଣୁ ଫାଲ୍‌ଗୁନି ଯେତେ ସୁନ୍ଦର ପଦାର୍ଥର ଅଧିକାରୀ ହେବେ, ତମର ଆଶା, ଆକାଂକ୍ଷା, ମୋହମାୟା ଏବଂ ତା' ସଙ୍ଗେ ସଙ୍ଗେ ଦୁଃଖ ଓ ଅଭାବବୋଧ ସେତେ ବେଶୀ ବଢ଼ିବ । ତେଣୁ ଫାଲ୍‌ଗୁନି କ'ଣ ଲାଭକଲେ, ସେ ବିଷୟରେ ମୁଣ୍ଡ ଖେଳାଅ ନାହିଁ । ତା' ହୁଏତ ତୁମର ଦୁଃଖର କାରଣ ହେଇପାରେ ।''

—''ଦୁଃଖର କାରଣ ?'' ମୁଁ ଆତଙ୍କରେ ମ୍ଲାନ ହେଇଗଲି ।

ମହର୍ଷି ନାରଦ କୋମଳ କଣ୍ଠରେ କହିଲେ — ''ଅବଶ୍ୟ ତମେ ସାଧାରଣ ରାଜକନ୍ୟା ନୁହଁ, ତମେ ବିଦୁଷୀ, ବୁଦ୍ଧିମତୀ । ତମ ବାପା ଓ ଭାଇଙ୍କ ଅନ୍ତଃପୁରରେ ଶତାଧିକ ଉପପତ୍ନୀଙ୍କୁ ତମେ ବରଦାସ୍ତ କରିଛ । ଫାଲ୍‌ଗୁନିଙ୍କୁ ଛାଡ଼ିଦେଲେ ତମର ଅନ୍ୟ ସ୍ୱାମୀମାନେ ମଧ୍ୟ ଏକାଧିକ ପତ୍ନୀ ଗ୍ରହଣ କରିଛନ୍ତି । ତାହା ହେଉଛି ରାଜାର ଗୌରବ । ତେଣୁ ଆଜି ଯଦି ଫାଲ୍‌ଗୁନି ବନବାସୀ ହୋଇମଧ୍ୟ କେବଳ ନିଜ ପୁରୁଷକାରର ଗୌରବରେ ସୁନ୍ଦରୀ ରାଜକନ୍ୟାମାନଙ୍କୁ ଲାଭ କରିଛନ୍ତି, ସେଥିରେ ତମେ ଗୌରବାନ୍ୱିତା ହେବାର କଥା । ଫାଲ୍‌ଗୁନି ଶତପତ୍ନୀ ଗ୍ରହଣ କଲେ ମଧ୍ୟ ତମେ ହେଉଛ ତାଙ୍କର ପ୍ରଥମା ପତ୍ନୀ — ପ୍ରିୟତମା । ବର୍ତ୍ତମାନ ଅନ୍ୟ ପତ୍ନୀମାନଙ୍କ ଭିତରେ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବାପାଇଁ ତମକୁ ସୁଯୋଗ ମିଳିବ ଏବଂ ତା'ଦ୍ୱାରା ଫାଲ୍‌ଗୁନିଙ୍କର ତମେ ଅଧିକ ପ୍ରିୟତମା ହେଇପାରିବ ।''

ମୁଁ ନୀରବ, ନିର୍ବିକାର । ମୁଁ ଫାଲ୍‌ଗୁନିଙ୍କର ପ୍ରଥମା ପତ୍ନୀ ହେଇପାରେ, ମାତ୍ର ତାଙ୍କ ସହ ଦାମ୍ପତ୍ୟ ଜୀବନର ସୁଖ ଆନନ୍ଦ, ରାଗ-ରୋଷ, ଅନୁରାଗ-ବିରାଗର ଅନୁଭୂତିରେ ଅଂଶୀଦାର ହେବାରେ ମୁଁ ତାଙ୍କ ଜୀବନର ପ୍ରଥମା ନାରୀ ନୁହଁ । କିଏ ସେଇ ଭାଗ୍ୟବତୀ ରାଜକନ୍ୟା, ଯାହାପାଇଁ ଫାଲ୍‌ଗୁନି ତାଙ୍କର ବ୍ରହ୍ମଚର୍ଯ୍ୟ, ଜପ, ତପ ଏବଂ କଠୋର ପ୍ରତିଜ୍ଞା ଭୁଲିଗଲେ !

ମହର୍ଷି ହସି ହସି କହିଲେ — ''ଫାଲ୍‌ଗୁନିଙ୍କର ଏକ ଅଦ୍ଭୁତ ଆକର୍ଷଣୀ ଶକ୍ତି ଅଛି । ଯେଉଁ ରାଜ୍ୟ ଦେଇ ଯାତ୍ରା କରିଛନ୍ତି, ସେ ରାଜ୍ୟର ରାଜକନ୍ୟା ତାଙ୍କ ପାଖରେ ନିଜକୁ ସମର୍ପଣ କରିଦେଇଛି । ନାଗଲୋକର ରାଜକନ୍ୟା ଉଲୁପି, ପ୍ରଥମେ ତାଙ୍କର ରୂପ ଯୌବନରେ ଆକୃଷ୍ଟ ହୋଇ ତାଙ୍କୁ ପତି ରୂପରେ ଗ୍ରହଣ କରିବାର ଇଚ୍ଛା ପ୍ରକାଶ କଲେ । ଫାଲ୍‌ଗୁନି ପୁରୁଷ ହେଇ ମନା କରନ୍ତେ କାହିଁକି ?''

— ''କିନ୍ତୁ ଫାଲ୍‌ଗୁନି ବାରବର୍ଷର ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ କରିବା ପ୍ରତିଜ୍ଞା କରି ବନବାସୀ ହୋଇଥିଲେ !'' ଅଘ୍ଟନକ ମୋ ମୁଖରୁ ଏତିକି କଥା ବାହାରିଗଲା । ହସିଲେ ମହର୍ଷି, କହିଲେ — ''ସେଇ ଯୁକ୍ତି ପ୍ରଥମେ ବାଢ଼ିଥିଲେ ଫାଲ୍‌ଗୁନି । ମାତ୍ର

Digitized by srujanika@gmail.com

ଉଲୁପି ମଧ୍ୟ କମ୍ ବୁଦ୍ଧିମତୀ ନୁହନ୍ତି । ତାଙ୍କ ଯୁକ୍ତିରେ ଫାଲ୍‌ଗୁନି କେବଳ ପତ୍ନୀ ଦ୍ରୌପଦୀଙ୍କ ସହ ବାରବର୍ଷ ମିଳିତ ହୋଇପାରିବେ ନାହିଁ ବୋଲି ସର୍ତ୍ତ ଅନୁସାରେ ବାଧ୍ୟହୋଇ ବ୍ରହ୍ମଚାରୀ ହୋଇଛନ୍ତି । ଅନ୍ୟ ପତ୍ନୀ ଗ୍ରହଣ କରିବାରେ ସର୍ତ୍ତଭଙ୍ଗ ହେବ-ନାହିଁ ବା ଅନ୍ୟାୟ ହେବନାହିଁ । ତା'ଛଡ଼ା ପତ୍ନୀ ଦ୍ରୌପଦୀ ଅନ୍ୟ ପତିମାନଙ୍କ ସହ ଗାର୍ହସ୍ଥ୍ୟ ଜୀବନ ବିତାଉଥିବା ବେଳେ ଫାଲ୍‌ଗୁନି ପୁରୁଷ ହୋଇ. ବ୍ରହ୍ମଚାରୀ ହୋଇ ବୁଲିବା ହାସ୍ୟାସ୍ପଦ ।'' ଏ ଯୁକ୍ତି ପାଖରେ ଫାଲ୍‌ଗୁନି ହାର ମାନିଲେ ଏବଂ ଉଲୁପିଙ୍କୁ ପତ୍ନୀ ପଦରେ ବରଣ କଲେ ।

ମୁଁ ମଧ୍ୟ ଏ ଯୁକ୍ତି ପାଖରେ ହାର ମାନିଥିଲି । ତେଣୁ ମୋର କିଛି କହିବାର ନଥିଲା ।

ମହର୍ଷି ନାରଦ ଫାଲ୍‌ଗୁନିଙ୍କର ଦିଗ୍‌ବିଜୟର କାହାଣୀ କହୁଥା'ନ୍ତି ଆଉ ମୁଁ ନୀରବରେ ହିଁ ଶୁଣୁଥାଏ ।

ନାଗଲୋକରେ କୌରବ୍ୟ ସର୍ପରାଜଙ୍କ କନ୍ୟା ଉଲୁପିଙ୍କ ସହ କିଛି ଦିନ ମଧୁର ଦାମ୍ପତ୍ୟ ଭିତରେ ହଜିଗଲେ ଫାଲ୍‌ଗୁନି । ତା'ପରେ ହୁଏତ ତାଙ୍କ ଗ୍ଲାନି ଜାତ ହେଇଥିବ । ମନରେ ପୂର୍ବ ପ୍ରଶାନ୍ତି ଓ ନିର୍ମଳତା ଫେରାଇ ଆଣିବାପାଇଁ ଫାଲ୍‌ଗୁନି ଅଙ୍ଗ ଏବଂ କଳିଙ୍ଗ ଦେଶର ସମସ୍ତ ତୀର୍ଥ ପର୍ଯ୍ୟଟନ କଲେ । ସମଗ୍ର ଭାରତବର୍ଷରେ କଳିଙ୍ଗ ନାନା ଦେବଦେବୀ ଏବଂ ତୀର୍ଥମାନଙ୍କୁ ବକ୍ଷରେ ଧରି ସମଗ୍ର ମଣିଷ ଜାତିର ପବିତ୍ରଭୂମି ଭାବରେ ପରିଗଣିତ । କେତେ ଯୋଗୀ, ଋଷି, ଦେବତାମାନଙ୍କର ପ୍ରିୟସ୍ଥାନ କଳିଙ୍ଗର ପ୍ରଶାନ୍ତ ଉଦାର କମନୀୟ ପ୍ରକୃତି କୋଳରେ ଜୀବନର ରହସ୍ୟ ଖୋଜିଛନ୍ତି ।

ଫାଲ୍‌ଗୁନି ପହଞ୍ଚିଲେ କଳିଙ୍ଗରେ । ସେଠାରେ କଳିଙ୍ଗ ରାଜକନ୍ୟା ଆର୍ଯ୍ୟାଙ୍କ ସହ ପ୍ରଣୟ ପାଶରେ ଆବଦ୍ଧ ହେଲେ ଫାଲ୍‌ଗୁନି । ସୂର୍ଯ୍ୟ ଉପାସନା ସାରି ମନ୍ଦିରରୁ ଫେରୁଥା'ନ୍ତି ଆର୍ଯ୍ୟା । ମନ୍ଦିର ଦ୍ୱାରରେ ସୌମ୍ୟଦର୍ଶନ ତପସ୍ୱୀ ଦୁଇ ହାତ ତୋଳି କୃତାଞ୍ଜଳିପୁଟରେ ସୂର୍ଯ୍ୟଦେବଙ୍କର କରୁଣା ଭିକ୍ଷା କରୁଛନ୍ତି । ରାଜକନ୍ୟା ଆର୍ଯ୍ୟା ପ୍ରସାଦ ଓ ପାଦୁକ କିଛି ସନ୍ନ୍ୟାସୀଙ୍କ ହାତରେ ଦେଇ ତାଙ୍କୁ ପ୍ରଣାମ ଜଣାଇଲେ । ପ୍ରତିଦିନ ସୂର୍ଯ୍ୟ ଆରାଧନା ସାରି ସଦ୍ୟସ୍ନାତା ରାଜକନ୍ୟା ମନ୍ଦିରଠାରୁ ରାଜପ୍ରସାଦ ପର୍ଯ୍ୟନ୍ତ ଉପସ୍ଥିତ ଥିବା ସମସ୍ତ ନରନାରୀଙ୍କ ମଧ୍ୟରେ ପ୍ରସାଦ ଓ ପାଦୁକ ବିତରଣ କରନ୍ତି ।

ପ୍ରସାଦ ଗ୍ରହଣ କରିବା ପରେ ମଧ୍ୟ ସନ୍ନ୍ୟାସୀଙ୍କର ପ୍ରସାରିତ ଅଞ୍ଜଳି ସେମିତି ରହିଛି । ଅପଲକ ଚକ୍ଷୁ ରାଜକନ୍ୟାଙ୍କ ପବିତ୍ର କୋମଳ ମୁଖମଣ୍ଡଳ ଉପରେ ସ୍ଥିର ସୂର୍ଯ୍ୟ ଭଳି ଝଟକୁଛି । ରାଜକନ୍ୟା ନମ୍ର ମଧୁର ସ୍ୱରରେ ପ୍ରଶ୍ନକଲେ — ''ସନ୍ନ୍ୟାସୀ କ'ଣ ଗ୍ରହାନ୍ତି ?''

Digitized by srujanika@gmail.com

— ''ମୁଁ ଜଣେ ବିଦେଶୀ ତାପସ । କଳିଙ୍ଗରେ କିଛିଦିନ ଅବସ୍ଥାନ କରିବାକୁ ଗ୍ୱହେଁ ।'' ଫାଲ୍‌ଗୁନିଙ୍କର ମଧୁର କଣ୍ଠଧ୍ୱନି ରାଜକନ୍ୟାଙ୍କୁ ମୋହମୁଗ୍ଧ କଲା ।

ରାଜକନ୍ୟା ବୀଣାଜିଣା କଣ୍ଠରୁ ଝରିପଡ଼ିଲା କେତୋଟି ପଦ — ''କଳିଙ୍ଗରେ ଆତିଥ୍ୟର ଅଭାବ ନାହିଁ ତପସ୍ୱୀ । ଅତିଥି ଭବନରେ ଯେତେଦିନ ପାରନ୍ତି ଅବସ୍ଥାନ କରନ୍ତୁ ।''

— ''କିନ୍ତୁ ଗୋଟିଏ ଭିକ୍ଷା —''

— ''କୁହନ୍ତୁ ସନ୍ନ୍ୟାସୀ —''

— ''ରାଜନନ୍ଦିନୀଙ୍କ ପବିତ୍ର ହାତରୁ ପ୍ରତିଦିନ ପ୍ରସାଦ କଣିକାଏ ମିଳିବ ।''

— ''ତା' ମୋର ପରମ ସୌଭାଗ୍ୟର କଥା ।''

— ''ରାଜନନ୍ଦିନୀ କି ବର ଭିକ୍ଷା କରନ୍ତି ?''

— ''କୁମାରୀ କନ୍ୟାଙ୍କ କାମନା କ'ଣ ସନ୍ନ୍ୟାସୀଙ୍କୁ ଅଜଣା ?''

— ''ଯୋଗ୍ୟ ବର ?''

— ''ସନ୍ନ୍ୟାସୀ ତ ସର୍ବଜାଣ ।''

— ''କାହା ଭଳି ? କନ୍ଦର୍ପ, କାର୍ତ୍ତିକ, ଦେବ ଦେବ ମହାଦେବ, ପରମ-ପ୍ରେମିକ ଶ୍ରୀକୃଷ୍ଣ, ନା ମାନୀ ଦୁର୍ଯ୍ୟୋଧନ ଭଳି ବର ରାଜଜେମା କାମନା କରନ୍ତି ?''

— ''ବୀରଶ୍ରେଷ୍ଠ ଫାଲ୍‌ଗୁନି ସମଗ୍ର ଭାରତବର୍ଷର ରାଜକନ୍ୟାମାନଙ୍କର କାମ୍ୟପୁରୁଷ ।''

— ''ରାଜଜେମାଙ୍କର କଳ୍ପନାଠାରୁ ଅଧିକ ଯୋଗ୍ୟ ପୁରୁଷ ଯଦି ପ୍ରାପ୍ତ ହୁଅନ୍ତି, ତେବେ ଆପତ୍ତି ନାହିଁ ତ ?''

— ''ତା' କି ସମ୍ଭବ ?''

— ''ସମ୍ଭବ । ଦେବତା ଏବଂ ଯୋଗୀ ଋଷି ସନ୍ତୁଷ୍ଟ ହେଲେ ସବୁ କିଛି ସମ୍ଭବ ।''

ରାଜକନ୍ୟା ଦୃଷ୍ଟିନତ କରି କହିଲେ — ''କିନ୍ତୁ ମହାଶୟ, ଫାଲ୍‌ଗୁନିଙ୍କର ସମକକ୍ଷ ପୁରୁଷ କେବଳ ହିଁ ଫାଲ୍‌ଗୁନି । ତାଙ୍କୁ ପତିରୂପେ ପାଇବାର ଭାଗ୍ୟ କେବଳ ଯାଜ୍ଞସେନୀ ଲାଭ କରିଛନ୍ତି ।'' ଫାଲ୍‌ଗୁନି ମୃଦୁ ହସି ଅଭୟ ଦେଲେ — ''ଚିନ୍ତା ନାହିଁ ରାଜନନ୍ଦିନୀ, ସ୍ୱୟଂ ଫାଲ୍‌ଗୁନି ତୁମ୍ଭଙ୍କୁ ପ୍ରାପ୍ତ ହେବେ । ମୋର କଥା ସତ୍ୟ ସତ୍ୟ — ତ୍ରିବାର ସତ୍ୟ ।''

Digitized by srujanika@gmail.com

ତା'ପରେ ରାଜଭବନରେ ଅତିଥି ଗୃହ ମଣ୍ଡନ କରିଥିଲେ ଫାଲ୍‌ଗୁନି । ଫାଲ୍‌ଗୁନିଙ୍କର ଅଗାଧ ପାଣ୍ଡିତ୍ୟ ଏବଂ ବୀରତ୍ୱ ମହାରାଜାଙ୍କୁ ବେଶିଦିନ ଅଛପା ରହିଲା ନାହିଁ । କଳିଙ୍ଗ ଜାଳେ ଜାଳେ ସୁରବୀରପ୍ରସବିନୀ । ବୀର ପୁରୁଷକୁ ଚିହ୍ନିବାରେ କଳିଙ୍ଗ ନରପତି ତ୍ରୁଟି କରିବେ କିପରି ?

ଫାଲଗୁନି ଏ ଭିତରେ କଳିଙ୍ଗର ସଂସ୍କୃତି, କଳା, ସ୍ଥାପତ୍ୟ, ଉଦାର ପ୍ରାକୃତିକ ଶୋଭା, କଳିଙ୍ଗର ଐତିହ୍ୟ ଓ ପରମ୍ପରା, ମହନୀୟ ମାନବଧର୍ମ ଏବଂ ସର୍ବଶେଷରେ କଳିଙ୍ଗ କନ୍ୟା ଆର୍ଯ୍ୟାଙ୍କର ପ୍ରେମପାଶରେ ଆବଦ୍ଧ ହୋଇଥିଲେ । ମହାରାଜ ଫାଲ୍‌ଗୁନିଙ୍କର ପ୍ରକୃତ ପରିଚୟ ପାଇବା ପରେ, ମହା-ଆଡ଼ମ୍ବର ସହକାରେ ରାଜକନ୍ୟା ଆର୍ଯ୍ୟାଙ୍କର ଫାଲ୍‌ଗୁନିଙ୍କ ସହ ବିବାହ ହୋଇଥିଲା । କିଛିଦିନ ଆର୍ଯ୍ୟାଙ୍କ ସହ ମଧୁର ଦାମ୍ପତ୍ୟ ଜୀବନ କାଟିବା ପରେ ଫାଲ୍‌ଗୁନି ଆର୍ଯ୍ୟାଙ୍କଠାରୁ ବିଦାୟ ନେଇ ଅନ୍ୟତ୍ର ବାହାରିଲେ । ଆର୍ଯ୍ୟା ସ୍ୱାମୀଙ୍କର ଅନୁଗାମିନୀ ହେବାକୁ ଇଚ୍ଛା କରନ୍ତେ ଫାଲ୍‌ଗୁନି କହିଲେ — "ନା ଭଦ୍ରେ, ତମେ କଳିଙ୍ଗରେ ହିଁ ରହିବ । ତା' ହେଲେ ବର୍ଷକୁ ଥରେ ଅନ୍ତତଃ ମୁଁ କଳିଙ୍ଗ ଆସିବି । କଳିଙ୍ଗ ସହ ଘନିଷ୍ଠତା ବଢ଼ାଇବି । ତମକୁ ସଙ୍ଗରେ ନେଇଗଲେ କଳିଙ୍ଗଠାରୁ ମେଲାଣି ନେଇଯିବା ପରି ହେବ । କଳିଙ୍ଗ ମତେ ଯେଉଁ ପ୍ରଶାନ୍ତି ଦେଇଛି, ତା' ଆଉ କେଉଁଠି ପାଇବି କି ନା ଜାଣେ ନାହିଁ । ଯେଉଁଦିନ ଦୁଃଖ, ଅସହାୟତା, ଶୋକ, ଦୁଶ୍ଚିନ୍ତା ଅସହ୍ୟ ହେବ, ଫେରିଆସିବି ତମରି ପାଖକୁ, କଳିଙ୍ଗ ମା'ର କୋଳକୁ ।"

ଆର୍ଯ୍ୟା ହସ ହସ ମୁଖରେ ସ୍ୱାମୀଙ୍କୁ ବିଦାୟ ଦେଲେ । ପ୍ରତିକ୍ଷା ପାଳନ ପଥରେ ସେ ଅନ୍ତରାୟ ହେଇ ଠିଆହେବେ କାହିଁକି ?

କଳିଙ୍ଗ ସୀମା ପାରି ହୋଇ ସମୁଦ୍ର କୂଳେ କୂଳେ ପ୍ରକୃତିର ବିଚିତ୍ର ସୁଷମାକୁ ଆକଣ୍ଠ ପାନ କରି ଫାଲ୍‌ଗୁନି ପହଞ୍ଚିଲେ ମଣିପୁର ରାଜ୍ୟରେ । ମଣିପୁରର ରାଜା ଚିତ୍ରବାହାନଙ୍କର କନ୍ୟା ଚିତ୍ରାଙ୍ଗଦାଙ୍କ ରୂପ ଯୌବନରେ ମୁଗ୍ଧ ହୋଇ ଅର୍ଜୁନ ତାଙ୍କର ପାଣିଗ୍ରହଣ ପାଇଁ ଇଚ୍ଛା ପ୍ରକାଶ କଲେ । ମାତ୍ର ଚିତ୍ରାଙ୍ଗଦା ମଣିପୁର ରାଜ୍ୟର ଏକମାତ୍ର କନ୍ୟା । ରାଜାଙ୍କ ଅନ୍ତେ ମଣିପୁର ରାଜ୍ୟର ରାଜା ହେବ କିଏ ? ଏ ପ୍ରଶ୍ନ ସମାଧାନ କରିଦେଲେ ଫାଲ୍‌ଗୁନି । ଚିତ୍ରାଙ୍ଗଦାଙ୍କର ପୁତ୍ର ମଣିପୁର ରାଜ୍ୟର ରାଜା ହେବାରେ ତାଙ୍କର ଆପତ୍ତି ନାହିଁ । ଶାନ୍ତିପୂର୍ଣ୍ଣ ସହାବସ୍ଥାନ, ରାଜ୍ୟ ରାଜ୍ୟ ମଧ୍ୟରେ ସୁସମ୍ପର୍କ ଫାଲ୍‌ଗୁନିଙ୍କର ପରମ ବ୍ରତ । ଶ୍ରୀକୃଷ୍ଣଙ୍କର ଧର୍ମ ଅଭିଯାନର ଉଦ୍ଦେଶ୍ୟ ସେତିକି । ମଣିପୁର ରାଜ୍ୟର ରାଜା ଯଦି ଫାଲ୍‌ଗୁନିଙ୍କର ପୁତ୍ର ହୁଏ, ତେବେ ସେଥିରେ ସମସ୍ତଙ୍କର ମଙ୍ଗଳ ସାଧିତ ହେବ ।

Digitized by srujanika@gmail.com

ଚିତ୍ରାଙ୍ଗଦାଙ୍କ ସହ ଫାଲ୍‌ଗୁନିଙ୍କର ବିବାହ ସମ୍ପନ୍ନ ହେଲା । ମଣିପୁର ରାଜ୍ୟରେ ଚିତ୍ରାଙ୍ଗଦାଙ୍କ ସହ ଆନନ୍ଦରେ କାଳାତିପାତ କରୁଛନ୍ତି ଫାଲ୍‌ଗୁନି । ଅନ୍ତତଃ ତିନିବର୍ଷ ସେ ଚିତ୍ରାଙ୍ଗଦାଙ୍କ ସହ ମଣିପୁର ରାଜ୍ୟରେ ରହିବେ ବୋଲି ଯୋଜନା କରିଛନ୍ତି ।

ମୁଁ ଫାଲ୍‌ଗୁନିଙ୍କର ସମ୍ବାଦ ପାଇ ଆଶ୍ୱସ୍ତ ହେଲି । କିନ୍ତୁ ଉଲୁପି, ଆର୍ଯ୍ୟା ଏବଂ ଚିତ୍ରାଙ୍ଗଦାଙ୍କ ପ୍ରତି ମନର ଈର୍ଷାଭାବକୁ ଗୋପନ ରଖିପାରିଲି ନାହିଁ । ଯେଉଁ ସାର୍ଥକ ପୁରୁଷଙ୍କୁ ମୁଁ ଏକାନ୍ତ ନିଜର ଭାବରେ ପାଇବା ପାଇଁ ଆଜନ୍ମ ସାଧନା କରୁଛି, ତାଙ୍କୁ 'ମୋର' ବୋଲି କହିବା ପାଇଁ ଆଉ ସାହସ ହେଉନାହିଁ । ସେମାନେ କ'ଣ ମୋ'ଠାରୁ ସୁନ୍ଦରୀ, ଗୁଣବତୀ ଏବଂ ପତିପ୍ରାଣା ?

ନାରଦ ମହର୍ଷି ମୋର ମନକଥା ଜାଣିପାରୁଥିଲେ । ଆଶ୍ୱାସନା ଦେବା ପାଇଁ ସେ ପ୍ରଶାନ୍ତ କଣ୍ଠରେ କହିଲେ —''ମା କୃଷ୍ଣା, ଏ ବିବାହ ପଛରେ ଫାଲ୍‌ଗୁନିଙ୍କର ଅନ୍ୟ ଏକ ମହତ୍ ଉଦ୍ଦେଶ୍ୟ ଅଛି । ତମେ ଜାଣ ହସ୍ତିନା ଏବଂ ଇନ୍ଦ୍ରପ୍ରସ୍ଥ ଭାଗ ଭାଗ ହୋଇଯିବା ପରେ କୌରବମାନଙ୍କ ମନରେ ହିଂସା ଓ ଅସୂୟାଭାବ କୁହୁନୁଛି । ଦିନେ ତାହା ଜଳିଉଠିବ । ଆଗକୁ ଏକ ଭୟଙ୍କର ସଂଗ୍ରାମର ଆଶଙ୍କା ରହିଛି । ଫାଲ୍‌ଗୁନି ଙ୍କର ଏ ବିବାହ ହେଉଛି ସେଇ ମହାଯୁଦ୍ଧର ପ୍ରସ୍ତୁତି ପର୍ବ ।'' ମୁଁ ଅବାକ୍ ହୋଇ ଘୂହିଁଲି ମହର୍ଷି ନାରଦଙ୍କୁ । ନାରଦ ହସି ହସି କହିଲେ — ''କଳିଙ୍ଗ, ନାଗଲୋକ, ମଣିପୁର ବୀରଭୂମି । ଜନନୀ ଜନ୍ମଭୂମିର ରକ୍ଷାଲାଗି ଦୁର୍ଦ୍ଧର୍ଷ ବୀରମାନେ ସେଠାରେ ପ୍ରାଣବଳି ଦେବାପାଇଁ ସଦାସର୍ବଦା ପ୍ରସ୍ତୁତ । ତେଣୁ ଫାଲ୍‌ଗୁନି ବିବାହ ସୂତ୍ରରେ ସେଇ ବୀରଭୂମି ସହ ବନ୍ଧୁତା ସ୍ଥାପନ କରିଛନ୍ତି ଏବଂ ପ୍ରକାରାନ୍ତରେ ଆଗାମୀ ଯୁଦ୍ଧ ପାଇଁ ତାଙ୍କୁ ଟିଟାଉ ଦେଇଛନ୍ତି । ବର୍ତ୍ତମାନ ଯଦି କୌରବ ଏବଂ ପାଣ୍ଡବମାନଙ୍କ ଭିତରେ ଯୁଦ୍ଧ ହୁଏ, ପାଣ୍ଡବମାନେ ଏସବୁ ଦେଶର ସମସ୍ତ ସହଯୋଗ ଲାଭକରି ଜୟଯୁକ୍ତ ହେବେ । ରାଜନୈତିକ କାରଣ ଯୋଗୁଁ ଫାଲ୍‌ଗୁନିଙ୍କର ଏ ବହୁବିବାହ ସ୍ୱାଗତଯୋଗ୍ୟ ।''

ମୁଁ ଆଶ୍ୱସ୍ତ ହେଲି । ରାଜନୈତିକ କାରଣ ଯୋଗୁଁ ଫାଲ୍‌ଗୁନି ଶତପତ୍ନୀ ଗ୍ରହଣ କଲେ ବି ମୋର ଦୁଃଖ ନାହିଁ । କିନ୍ତୁ ମୋ'ଠାରୁ ଆଉ କେଉଁ ରମଣୀକୁ ସୁନ୍ଦରୀ, ବିଦୁଷୀ ଏବଂ ପ୍ରେମମୟୀ ମନେକରି ତା' ପ୍ରେମରେ ଅନ୍ଧହୋଇ ତାକୁ ବିବାହ କରିବା ମୋ ପାଇଁ ଘୋର ଅପମାନର ବିଷୟ । ଈଶ୍ୱରଙ୍କୁ ମନେ ମନେ ପ୍ରାର୍ଥନା କଲି । ଦେଶର ମଙ୍ଗଳ ପାଇଁ ଫାଲ୍‌ଗୁନି ଶତପତ୍ନୀ ଗ୍ରହଣ କରନ୍ତୁ ପଛକେ ପ୍ରେମରେ ପଡ଼ି କୌଣସି ନାରୀର ପାଣିଗ୍ରହଣ ନ କରନ୍ତୁ ।

ମାୟାର ଅର୍ଥ ଇନ୍ଦ୍ରଜାଲ, ମମତା, ମୋହ, ଶଠତା । ଏସବୁକୁ ମିଶାଇଦେଲେ ଯେଉଁ ଅର୍ଥ ହୁଏ ତା' ହେଉଛି, ଜୀବନ ! ଅର୍ଥାତ୍ ଜୀବନ ହେଉଛି ମାୟା ।

Digitized by srujanika@gmail.com

ସହଚରୀ ମାୟା ତାହାହିଁ ବୁଝାଉଥିଲା ମତେ, ଜୀବନର ବ୍ୟାଖ୍ୟା କରୁଥିଲା ମୋ ଆଗରେ । ମହର୍ଷି ନାରଦ ଫେରିଯିବା ପରେ ମୁଁ ବିମର୍ଷ ହେଇ ରହୁଥିଲି । ନିଜ ଅଜାଣତରେ ଈର୍ଷାରେ ଜଳୁଥିଲି, ଅଭିମାନରେ କ୍ଷୀଣ ହେଉଥିଲି । ରାଜନୈତିକ କାରଣରୁ ଫାଲ୍‌ଗୁନି ଏକାଧିକ ପତ୍ନୀ ଗ୍ରହଣ କରିଛନ୍ତି ଜାଣିଲେ ମଧ୍ୟ ଅବାଧ୍ୟ ମନ ସେ କଥା ବୁଝୁନଥିଲା ।

ମାୟା ମୋର ମନ ପରିବର୍ତ୍ତନ ପାଇଁ ସତତ ଚେଷ୍ଟା କରୁଥିଲା । ମୋର କାନେ କାନେ କହୁଥିଲା — ''ମହାରାଣି ! କାହାପାଇଁ ତମର ଏ ବ୍ରହ୍ମଚାରିଣୀର ଜୀବନ, କଠୋର ତପସ୍ୟା, ନିରାଡ଼ମ୍ବର ଜୀବନଯାତ୍ରା ଏବଂ ବିନିଦ୍ର ରଜନୀର ବ୍ୟାକୁଳ ପ୍ରତୀକ୍ଷା ? ନିଷ୍ଠୁର ଫାଲ୍‌ଗୁନିଙ୍କ ପାଇଁ ? ସେ ଏ ଭିତରେ ତିନିଜଣ ରାଜକନ୍ୟାଙ୍କ ସହ ଯୁଗ୍ମଜୀବନର ମଧୁର ଆହ୍ଲାଦ ଭିତରେ ତମକୁ ଭୁଲିଯିବେଣି । ଯେଉଁଦିନ ଫେରି-ଆସିବେ, ତମପାଇଁ ତାଙ୍କ ମନରେ ଉଛୁଣା, କୌତୂହଳ, ଆକର୍ଷଣ ଶିଥିଳ ହୋଇନଥିବ ବୋଲି କିଏ କହିବ ? ତମେ ରୂପସୀ, ତମେ ବିଦୁଷୀ, ତମେ ବରନାରୀ । ଏ ଜୀବନ ସୁଖ ପାଇଁ, ଉପଭୋଗ ପାଇଁ, ଆନନ୍ଦ ପାଇଁ । ସୁଖର ଆଶାରେ ହିଁ ମଣିଷ ଅସହ୍ୟ ଦୁଃଖ ସହିନିଏ । କିନ୍ତୁ ତମର ସୁଖ ଫାଲ୍‌ଗୁନି ତ ଶେଷ କରିଦେଇଛନ୍ତି । ଭୁଲିଯାଅ ତାଙ୍କୁ । ଗୃରିସ୍ୱାମୀଙ୍କ ସହ ଜୀବନକୁ ଉପଭୋଗ କର । ଇନ୍ଦ୍ରପ୍ରସ୍ଥର ମହାରାଣୀ ତୁମେ । ବିପୁଳ ବିଭବ ତମ ପାଦତଳେ ଲୋଟୁଛି । ଯୌବନ ତମ ପାଖରେ ସ୍ଥିର ହୋଇ-ଯାଇଛି । କିନ୍ତୁ ସମୟ ଭାରି ଶଠ । ଫାଲ୍‌ଗୁନି ଫେରି ଆସୁ ଆସୁ ଆଉରି ଦଶବର୍ଷ ! ଜୀବନର ପ୍ରତ୍ୟେକ ମୁହୂର୍ତ୍ତ ମୂଲ୍ୟବାନ; କିନ୍ତୁ ଯୌବନର ପ୍ରତିଟି ପଲକ ଅମୂଲ୍ୟ । ଜୀବନକୁ ଉପଭୋଗ କର ମହାରାଣି । ଫାଲ୍‌ଗୁନି ଫେରିଆସି ଦେଖନ୍ତୁ ତମକୁ ଦୁଃଖ ଦେବାପାଇଁ ସେ ଯେଉଁ ଷଡ଼ଯନ୍ତ୍ର କରିଥିଲେ ତା' ପଣ୍ଡ ହେଇଛି ।''

ମାୟା କାନ ପାଖେ ପାଖେ ମହୁମାଛି ପରି ମୃଦୁ ଗୁଞ୍ଜନ ତୋଳୁଥାଏ, ଜୀବନର ଅର୍ଥ ବୁଝାଉଥାଏ । ବେଳେବେଳେ ମାୟା ମତେ ତା'ର କଥା ଗୃତୁରୀରେ ମୋହାଚ୍ଛନ୍ନ କରେ । ଭାବେ ମାୟାର ଉତ୍ତାଳ ସୁଅରେ ଭସାଇଦେବି ନିଜକୁ, କ୍ଷଣିକଜୀବନର ପ୍ରତିଟି ପଲକକୁ ସୁଖମୟ କରିବି ।

ସେଦିନ ମାୟାର ବାଧ୍ୟରେ ସଖୀମାନଙ୍କ ସହ ଯମୁନା ନଦୀ ତୀରସ୍ଥ ଅରଣ୍ୟର ଶୋଭା ଉପଭୋଗ କରିବାକୁ ବାହାରିଲି । ଭାବିଲି ପ୍ରଶାନ୍ତ ପ୍ରକୃତି ହିଁ ମୋର ଅଶାନ୍ତ ମନକୁ ଶାନ୍ତି ଦେଇପାରେ ।

ବର୍ଷାକାଳ, ଯମୁନା ନଦୀରେ ବନ୍ୟା ଅସିଛି । କେତେ ବିଚିତ୍ର ଏଇ ବନ୍ୟା । ନଦୀକୁ ଉତ୍ତାଳ କରି ଅଜଣା ପଥରେ ଡାକିନିଏ, ଅଥଚ ସାଗର ସହ ମିଳନ ପର୍ବର ପୁରୋଧା ହୋଇ ନଦୀସ୍ରୋତକୁ କରେ ସ୍ଥିର, ପ୍ରଶାନ୍ତ, ପରିପୂର୍ଣ୍ଣ ।

Digitized by srujanika@gmail.com

ପ୍ରତ୍ୟେକ ମଣିଷର ଜୀବନରେ ଆସେ ଅସ୍ଥିର ମୁହୂର୍ତ୍ତ; କିନ୍ତୁ ଲକ୍ଷ୍ୟ ତା'ର ସ୍ଥିରତା, ପ୍ରଶାନ୍ତି ଆଉ ପରିପୂର୍ଣ୍ଣତା । କିନ୍ତୁ ମୋ ଜୀବନରେ ସ୍ଥିରତା କାହିଁ ? ପରିପୂର୍ଣ୍ଣତା କାହିଁ ? ଯାହାଙ୍କୁ ପାଖରେ ଘ୍ୱହେଁ ସେ ଯେ ଦୂରେଇ ଯାଇଛନ୍ତି, ନଦୀସ୍ରୋତରେ ଭାସିଯାଉଥିବା ଫୁଲପରି, ହାତରୁ ଖସିଯାଉଥିବା ମୁହୂର୍ତ୍ତ ପରି ।

ପଛରୁ ଥାଇ ମାୟା ହସୁଛି କଳ କଳ ନାଦରେ । ନଦୀଜଳ ସହ ପ୍ରତିଯୋଗିତା କରୁଛି ବୋଧହୁଏ । କହୁଛି — "ମହାରାଣି, ଆକାଶ ଲୁହ ଢାଳିଲେ ସାଗରର ଜଳ ପତନରେ ହ୍ରାସବୃଦ୍ଧି ହୁଏ ନାହିଁ । ସାଗର ନିର୍ବିକାର, ଉଦାର । ତା' ବୁକୁରେ ମିଶିବା ପାଇଁ ନଦୀ ଯଦି ଉତାଳ ହୁଏ, ସେ କାହିଁକି କାର୍ପଣ୍ୟ କରିବ । ତା'ର ଉଦାର ବୁକୁରେ ନଦୀ ପାଇଁ କ'ଣ ସ୍ଥାନର ଅଭାବ ହେଇଛି ? ନଦୀ ଯେମିତି ସାଗର ବୁକୁରେ ନିଜର ସ୍ଥାନ କରିନିଏ, ଫାଲ୍‌ଗୁନିଙ୍କ ହୃଦୟରେ ତମେ ନିଜ ପାଇଁ ସ୍ଥାନଟିଏ ବାଛିନେବା ସେମିତି ଉଚିତ ହେବ ସିନା, ତାଙ୍କ ଉପରେ ଅଭିମାନ କରି ଲୁହ ଢାଳିଲେ ସେ କ'ଣ ବୁଝିବେ ? ସାଗର କ'ଣ ନଦୀର ବେଦନା ବୁଝିପାରେ ?"

ମୁଁ ମନେ ମନେ ଭାବିଲି ମାୟା ସତ କଥା କହୁଛି । ବୀରପୁରୁଷ ଫାଲ୍‌ଗୁନି । ସାରା ପୃଥିବୀର ରାଜକନ୍ୟା ତାଙ୍କୁ କାମନା କରନ୍ତି । ସେଥିରେ ତାଙ୍କର କି ଦୋଷ ?

ମାୟା ଜଳକ୍ରୀଡ଼ା କରିବା ପାଇଁ ପ୍ରସ୍ତାବ କରୁଛି । ନିଶ୍ଚୟ ମୋର ମନ ପରିବର୍ତ୍ତନ କରିବା ପାଇଁ ତା'ର ଏ ପ୍ରସ୍ତାବ । କିନ୍ତୁ ବନ୍ୟାଜଳରେ କ'ଣ ଜଳକ୍ରୀଡ଼ା କରାଯାଏ ? ମାୟା ଅଭୟଦେଇ କହୁଛି — "ଭୟନାହିଁ ମହାରାଣି, ନଦୀର ବୁକୁ ଏଠାରେ ଅଗଭୀର । ସ୍ରୋତ ମଧ୍ୟ ଏତେ ପ୍ରଖର ନାହିଁ, । ଯଦି ବା ଭସାଇ ନିଏ ତେବେ ପହଞ୍ଚାଇ ଦେବ ଫାଲ୍‌ଗୁନିଙ୍କ ପାଖରେ । ଶୁଣିଛି ଫାଲ୍‌ଗୁନି ଏ ଭିତରେ ପଞ୍ଚତୀର୍ଥରେ ଅଭିଶପ୍ତା ପଞ୍ଚ ଅପ୍ସରାଙ୍କୁ କୁମ୍ଭୀର ଜନ୍ମରୁ ଉଦ୍ଧାର କରି ମୁକ୍ତି ଦେଇଛନ୍ତି । ଚିତ୍ରାଙ୍ଗଦାଙ୍କ ଗର୍ଭରୁ ଅର୍ଜୁନଙ୍କର ବବ୍ରୁବାହନ ନାମରେ ପୁତ୍ରଟିଏ ଜନ୍ମ ହେବାର ସମ୍ବାଦ ପାଇ ଅର୍ଜୁନ ପଞ୍ଚତୀର୍ଥରୁ ପୁନର୍ବାର ମଣିପୁରକୁ ଫେରିଯାଇଥିଲେ । ପୁତ୍ରମୁଖ ଦର୍ଶନ କରି ଚିତ୍ରାଙ୍ଗଦା ଓ ବବ୍ରୁବାହନଙ୍କୁ ମଣିପୁରରେ ଛାଡ଼ି ଅର୍ଜୁନ ପ୍ରଭାସ ତୀର୍ଥଯାତ୍ରା କରିଛନ୍ତି । ପ୍ରଭାସତୀର୍ଥରୁ ଅର୍ଜୁନ ଯଦି ଫେରିଆସି ଯମୁନା ତୀରରେ କେଉଁଠି ଆଶ୍ରମ ସ୍ଥାପନ କରିଥିବେ, ତମେ ଭାସି ଭାସି ପହଞ୍ଚିବ ସେଇ ଆଶ୍ରମ ତଟଦେଶରେ । ଜଳରୁ ତୋଳିନେଇ ତପସ୍ୱୀ ଅର୍ଜୁନ ତମକୁ ଆଶ୍ରମରେ ସ୍ଥାନଦେବେ । ତମର ତପସ୍ୱିନୀ ବେଶ ଦେଖି ମନେକରିବେ — ତମେ ହିଁ ତାଙ୍କ ତପସ୍ୱୀ ଜୀବନର ପ୍ରକୃତ ସହଚରୀ...."

ମାୟା ଆଉ କ'ଣ କହିଥା'ନ୍ତା କେଜାଣି — ମୁଁ ବିରକ୍ତହୋଇ ପାଟିକରି ଉଠିଲି — "ଥାଉ ଥାଉ ମାୟା । ତୋ କଳ୍ପନାଶକ୍ତି ନଦୀସ୍ରୋତଠାରୁ ମଧ୍ୟ ପ୍ରଖର ।

Digitized by srujanika@gmail.com

କଳ୍ପନାରେ ଅର୍ଜୁନଙ୍କୁ ଗଙ୍ଗାକୂଳରୁ ଆଣି ଯମୁନା ତଟରେ ପହଞ୍ଚାଇ ଦେବାକୁ ମୁହୂର୍ତ୍ତଟିଏ ମଧ୍ୟ ଲାଗେନାହିଁ । ମାତ୍ର କଳ୍ପନାଠାରୁ ବାସ୍ତବତା ଅନେକ ଦୂର'' — ମୋର ଦୀର୍ଘଶ୍ୱାସ ନଦୀର କଳନାଦ ଭିତରେ ମିଶିଗଲା । ମାଯା ସେକଥା ଶୁଣିପାରିଲା ନାହିଁ । ସେ ପୂର୍ବପରି ହସି ହସି କହିଲା — ''ପରୀକ୍ଷା କରି ଦେଖ, କିପରି ବେଳେବେଳେ କଳ୍ପନା ଏବଂ ବାସ୍ତବତା ସାମ୍ନାସାମ୍ନି ଭେଟିଯା'ନ୍ତି ।'' ଏତିକି କହି ମାଯା ମୋର ହାତଧରି ନଦୀ ଭିତରକୁ ଟାଣିନେଲା । ନିତମ୍ବିନୀ ମଧ୍ୟ ମୋ ପଛେ ପଛେ ନଦୀରେ ପ୍ରବେଶ କଲା ।

ସ୍ନିଗ୍ଧ ଶୀତଳ ଯମୁନାର ଜଳ, କେବଳ ଶରୀରକୁ ନୁହେଁ, ହୃଦୟକୁ ମଧ୍ୟ ସ୍ନିଗ୍ଧ ସ୍ପର୍ଶରେ ଆଳିଙ୍ଗନ କରିଦେଲା । ମୁଁ ଭୁଲିଗଲି ସବୁ ଦୁଃଖ, ହାହାକାର, ଅଭିମାନ । ହସି ହସି ତିନିସଖୀ ଜଳ ଫୋପଡ଼ା ଫୋପଡ଼ି ହୋଇ ଜଳକ୍ରୀଡ଼ାରେ ମାତିଗଲୁ । ବୋଧହୁଏ ହୃଦୟର ଭାରକୁ ନଦୀଜଳରେ ଭସାଇ ଦେବାପାଇଁ ମୁଁ ଅନୁଚିତ ଭାବରେ ଅଧିକ ଚପଳ ହେଇଉଠିଲି । ମୋର ଅନ୍ୟ ସହଚରୀ ପଯସ୍ୱିନୀ ଫୁଲଡାଲଟିଏ ନଦୀଜଳକୁ ଫିଙ୍ଗିଦେଇ କହିଲା — ''ଦେଖିବା କିଏ ଫୁଲଡାଳ ନଦୀସ୍ରୋତରୁ ପ୍ରଥମେ ତୋଳିଆଣିବ ।'' ଆମେ ତିନିଜଣ ଭାସିଯାଉଥିବା ଫୁଲଡାଳକୁ ଲକ୍ଷ୍ୟକରି ନଦୀସ୍ରୋତରେ ଅନୁକୂଳ ଗତିରେ କ୍ଷିପ୍ର ବେଗରେ ପହଁରିବାକୁ ଲାଗିଲୁ । ଉପରେ ଥାଇ ପଯସ୍ୱିନୀ ଚପଳା ବାଳିକା ପରି ତାଳି ମାରି ପାଟି କରୁଥାଏ ଏବଂ ଆମକୁ ଅଧିକ ଉତ୍ସାହିତ କରୁଥାଏ ।

ଜଳସ୍ରୋତରେ କେତେଦୂର ଘୁଲିଗଲିଣି ମୋର ଲକ୍ଷ୍ୟ ନାହିଁ । ଫୁଲଡାଳଟି କେଉଁଆଡ଼େ ଭାସିଯାଉଛି, ତା' ମଧ୍ୟ ଜାଣେନାହିଁ । ମୁଁ ଅନୁଭବ କଲି ମୁଁ ଆଉ ସନ୍ତରଣ କରୁନାହିଁ, ନିଶ୍ଚେଷ୍ଟ ହୋଇ ନଦୀସ୍ରୋତରେ ଭାସିଯାଉଛି କେଉଁ ଅନନ୍ତ ଅଜ୍ଞାତ ପଥରେ । ସଖୀମାନେ ପଛରେ ପଡ଼ିଗଲେଣି । ସେମାନଙ୍କର ସ୍ୱର ମଧ୍ୟ ଶୁଭୁନାହିଁ । ମୁଁ ଭାସି ଭାସି ଯାଉଛି କଳ୍ପନାଲୋକର ସେଇ ଆଶ୍ରମ ତଟକୁ, ଯେଉଁଠି ମୋର କାମ୍ୟପୁରୁଷ ତପସ୍ୱୀ ବେଶରେ ମତେ ପ୍ରତୀକ୍ଷା କରିଛନ୍ତି । ମୁଁ ସ୍ୱପ୍ନରେ ଭାବୁଛି କି ଜଳସ୍ରୋତରେ ଭାସୁଛି, ତା' ମଧ୍ୟ ଜାଣିପାରୁ ନାହିଁ । ।

ହଠାତ୍ ମନେହେଲା ଇନ୍ଦ୍ରପ୍ରସ୍ଥର ମହାରାଣୀ ଯାଜ୍ଞସେନୀଙ୍କ ପକ୍ଷରେ ଏ ଚପଳତା ସ୍ପୃହଣୀୟ ନୁହେଁ । ଧୀରମତି ସ୍ଥିରଚିତ୍ତ କୃଷ୍ଣାର ଆଜି ଏ କି ମତି ବିଚଳନ !

ପରିସ୍ଥିତି କେତେ ଅସହାୟ କରିଦିଏ ମଣିଷକୁ, ପୁଣି ମଣିଷ ବି ବଦଳାଇ ଦିଏ ପରିସ୍ଥିତି । ମୁଁ ଗତି ପରିବର୍ତ୍ତନ କରି କୂଳକୁ ଫେରିଆସିବାକୁ ମନସ୍ଥ କଲି । କିନ୍ତୁ ମୁଁ ବୁଝିପାରିଲି ଯେ ମୁଁ ମୋର ନିୟନ୍ତ୍ରଣରେ ନାହିଁ । ମୋର ସମସ୍ତ ଶରୀର ଅବଶ, ଶକ୍ତିହୀନ ହେଇପଡ଼ିଛି । ସଖୀମାନଙ୍କ ସହ ସନ୍ତରଣ ପ୍ରତିଯୋଗିତାର ଏ ବିଷମ ପରିଣତି !

Digitized by srujanika@gmail.com

ବର୍ତ୍ତମାନ ଭାଗ୍ୟର ସୁଅରେ ନିଜକୁ ଭସାଇଦେବା ଛଡ଼ା ଅନ୍ୟ ଗତି ନାହିଁ । ମୃତ୍ୟୁ ନିକଟତର ହେଉଛି । ଯେ କୌଣସି ମୁହୂର୍ତ୍ତରେ ଜଳଭଉଁରି ଭିତରେ ମୁଁ ବିଲୀନ ହେଇଯିବି । ଯଦି ଫାଲ୍‌ଗୁନି ନାଗଲୋକରେ ଉଲୁପି ସହ ଅବସ୍ଥାନ କରୁଥିବେ, ମୁଁ ତାଙ୍କର ସାକ୍ଷାତ ଲାଭକରି ମୃତ୍ୟୁବରଣ କରିବାରେ ଦୁଃଖ କରିବି ନାହିଁ ।

ସୂର୍ଯ୍ୟାସ୍ତର ରଙ୍ଗ ପଶ୍ଚିମ ଆକାଶକୁ ଅନୁଜ୍ଜ୍ୱଳ ଆଭାରେ ରଞ୍ଜିତ କରୁଛି । ମୋ ଜୀବନର ସନ୍ଧ୍ୟାକାଳ ମଧ୍ୟ ଉପସ୍ଥିତ । ସେଇ ମୁହୂର୍ତ୍ତରେ ଜୀବନ ପ୍ରତି ଦୁର୍ବାର ମୋହ ଜାତ ହେଲା । ଇଚ୍ଛାହେଲା ଦୁଇବାହୁ ପ୍ରସାରି ନିଜକୁ ଆଲିଙ୍ଗନ କରି ଜଳସ୍ରୋତରୁ ତୋଳିନେବି । ପ୍ରାଣଭରି ବଞ୍ଚିବି ଅବିଶିଷ୍ଟ ଜୀବନର ପ୍ରତିଟି ମୁହୂର୍ତ୍ତ । ଜୀବନ କି ସୁନ୍ଦର ! କେତେ ପ୍ରିୟ ଆଉ କାମ୍ୟ ମଣିଷ ପାଖରେ ଆପଣାର ଜୀବନ, ବର୍ତ୍ତମାନ ମର୍ମେ ମର୍ମେ ଅନୁଭବ କଲି । କିନ୍ତୁ ତା' ସତ୍ତ୍ୱେ ମତେ ମୃତ୍ୟୁର ଶୀତଳ ଆଲିଙ୍ଗନକୁ ବରଣ କରିବାକୁ ହେବ । ବୀର ଏବଂ ଶକ୍ତିଶାଳୀ ମୋର ପଞ୍ଚପତି । ମାତ୍ର ମତେ ଉଦ୍ଧାର କରିବାକୁ କେହି ଜଣେହେଲେ ଆଜି ନାହାନ୍ତି ମୋ ପାଖରେ । ସଖା କୃଷ୍ଣଙ୍କୁ ସ୍ମରଣ କରିବି କି ? ନାଁ ନାଁ କାଳେ ଫାଲ୍‌ଗୁନି ବିପଦ ଆପଦରେ ପଡ଼ି ସଖାଙ୍କୁ ସ୍ମରଣ କରୁଥିବେ । ତା' ଅପେକ୍ଷା ମୃତ୍ୟୁ ବରଂ ଶ୍ରେୟ ।

ମୁଁ ଆଖି ବୁଜି ଅବସନ୍ନ ହେଇଗଲି ଏବଂ ନିଜ ଉନ୍ମୁକ୍ତ କବରୀର ଉର୍ମିଳ ଢେଉ ଭିତରେ ଝରାଫୁଲ ଭଳି ଅସହାୟତାରେ ଭାସି ଯାଉଥିଲି ।

କିଏ ଏଇ ତେଜୋଦୀପ୍ତ ପରମ ତାପସୀ, ଯମୁନା ଜଳରେ ସନ୍ଧ୍ୟା ସ୍ନାନ ସାରି ଅସ୍ତାୟମାନ ସୂର୍ଯ୍ୟଙ୍କୁ ଭକ୍ତିପୂତ ପ୍ରଣାମ ଜଣାଉଛନ୍ତି ? ମୋର ସମଗ୍ର ଶରୀର ମୃତ୍ୟୁର ଶୀତଳତାକୁ ଅବଜ୍ଞା କରି ରୋମାଞ୍ଚିତ ହେଲା, ଉଷ୍ଣ ଆବେଗରେ ପ୍ରକମ୍ପିତ ହେଲା ।

ଅସ୍ପଷ୍ଟ ଆନନ୍ଦର ଏକ କ୍ଷୀଣ ଆର୍ତ୍ତନାଦ ଭିତରେ ମୁଁ ବୋଧହୁଏ ଫାଲ୍‌ଗୁନିଙ୍କର ନାମ ହିଁ ଉଚ୍ଚାରଣ କରିଥିଲି । ପରମୁହୂର୍ତ୍ତରେ ତପସ୍ୱୀଙ୍କର ଦୃଷ୍ଟି ମୋ ଦିଗକୁ ଆକର୍ଷିତ ହେଲା ଏବଂ ଏକା ଲମ୍ଫରେ ସେ ନଦୀଜଳକୁ ଦୁଇଭାଗ କରି ମତେ ଜଳସ୍ରୋତରୁ ଉଦ୍ଧାର କରିବା ପାଇଁ ଦୁଇବାହୁ ପ୍ରସାରି ଦେଲେ । ମୁଁ ଚେତନା ହରାଇବା ପୂର୍ବରୁ ଅନୁଭବ କଲି କାହାର ଅଭୟ ହାତ ଦୁଇଟି ମତେ ଜଳରୁ ତୋଳି ନେଉଛି । ଶରୀର କ୍ଲାନ୍ତିବଶତଃ ଅଚେତନ ପ୍ରାୟ ଭାସୁଥିଲେ ବି ମୁଁ ସବୁ ଅନୁଭବ କରିପାରୁଥାଏ । ମୁଁ ଫାଲ୍‌ଗୁନିଙ୍କର ସ୍ପର୍ଶକୁ ହୃଦୟ ଦେଇ ଅନୁଭବ କରୁ କରୁ ଭାବିଲି, ଯେଉଁ ହାତଟି ସହ ମୋର ହାତକୁ ଦିନେ ରାଜ-ପୁରୋହିତ ମିଳାଇ ଦେଇଥିଲେ, ସେଇ ହାତଟିର ସ୍ପର୍ଶ କେତେ ଅପରିଚିତ ହେଇଯାଇଛି ଏ ଭିତରେ !

Digitized by srujanika@gmail.com

ଆସନ୍ନ ମୃତ୍ୟୁମୁଖରୁ ରକ୍ଷା ପାଇବାର ଆଶ୍ୱସ୍ତି ଏବଂ ପ୍ରାଣପ୍ରିୟଙ୍କ ଉପରେ ଦୁର୍ବାର ଅଭିମାନ ଏକତ୍ର ମିଶି ବକ୍ଷୁ ଦେଇ ନଦୀ ଜଳରେ ମିଶିଗଲା । ମୁଁ ଅବସନ୍ନ ହୋଇ ବାଲୁକା ବେଳାରେ ପଡ଼ିରହିଥିଲି । ଆଖିପତା ମୁଦିହେଇ ଆସୁଥିଲା । ଭାବୁଥିଲି ସବୁ ଅଭିମାନ ଭୁଲି କହିବି — ''ଫାଲ୍‌ଗୁନି, ଆଉ ସହି ହେଉନାହିଁ, ତମ ବିନା ଆଉ ଦଶ ବର୍ଷ ଦେହ ଧରି ବଞ୍ଚିବାର ଶକ୍ତି ଓ ସାମର୍ଥ୍ୟ ମୁଁ ହରାଇଛି । ମତେ ଅନୁଗାମିନୀ ହେବାର ଅନୁମତି ଦିଅ ।''

ଠିକ୍ ଏତିକିବେଳେ କର୍ଣ୍ଣପଟରେ ଝଂକୃତ ହେଲା ମନ୍ଦ୍ରମଧୁର ସ୍ୱରଝଙ୍କାର — ''ଇନ୍ଦ୍ରପ୍ରସ୍ଥର ମହାରାଣୀ କୃଷ୍ଣା ଆତ୍ମହତ୍ୟା କରୁଥିଲେ କାହିଁକି ? କ'ଣ ତାଙ୍କର ଅଭାବ ? ଏ ବର୍ଷାକାଳରେ ସୂର୍ଯ୍ୟାସ୍ତ ବେଳାରେ ସେ ଯମୁନା ଜଳରେ ଝାସ ଦେଲେ କେଉଁ ଦୁଃଖରେ ?''

ମୁଁ ଚମକି ଉଠିଲି । କାହାର ଏ ସ୍ୱର ? ଏ ତ ଫାଲ୍‌ଗୁନିଙ୍କର ସ୍ୱର ନୁହେଁ ! କିଏ ତେବେ ଏଇ ରୂପରାଜ ତପସ୍ୱୀ ?

ଧୀରେ ଧୀରେ ମୁଁ ଆଖି ଖୋଲିଲି । ମୋ ସମ୍ମୁଖରେ ଠିଆ ହୋଇଛନ୍ତି ମାତା କୁନ୍ତୀଙ୍କର ଧର୍ମପୁତ୍ର ମହାବୀର କର୍ଣ୍ଣ । ମୁଁ ଲଜ୍ଜା, ସଙ୍କୋଚରେ ଜଡ଼ସଡ଼ ହେଇ ଉଠି ବସିଲି । ଧୀରେ ଧୀରେ ଠିଆ ହେବାକୁ ଚେଷ୍ଟା କଲି । ପିଠି ଉପରେ ମୁକ୍ତ କୁନ୍ତଳ ମଧ୍ୟ ମତେ ଭାରୀ ମନେ ହେଉଥାଏ । ଶରୀରରେ ସିକ୍ତ ବସନ ମତେ ଅଧିକ ଲଜ୍ଜାରେ ପକାଉଥାଏ ।

କର୍ଣ୍ଣ ମୋର ଦୁର୍ଦ୍ଦଶା ବୁଝିପାରି ବନ୍ଧୁତ୍ୱପୂର୍ଣ୍ଣ ସ୍ୱରରେ କହିଲେ — ତମେ କ୍ଲାନ୍ତ ହେଇଛ । ମୋର ସହଚରୀ ଅସ୍ମିତା ଏବଂ ଦୁଃଶାସନର ସହଚରୀ ଅସୂୟା ଓ ଜଟିଳା ରଥ ନିକଟରେ ଅପେକ୍ଷା କରିଛନ୍ତି । ସେମାନେ ତମକୁ ରଥ ନିକଟକୁ ନେଇଯିବେ ଏବଂ ରଥରେ ବସାଇ ଇନ୍ଦ୍ରପ୍ରସ୍ଥରେ ପହଞ୍ଚାଇ ଦେବେ ।

ମୁଁ ଚକିତ ହୋଇ ଭାବୁଥିଲି ସଖୀ ସହଚରୀଙ୍କୁ ସଙ୍ଗରେ ନେଇ ରଥାରୂଢ଼ ହୋଇ ଅଙ୍ଗଦେଶରୁ ପ୍ରତିଦିନ ଆସି ଯମୁନା ନଦୀରେ ସନ୍ଧ୍ୟାସ୍ନାନ କରିବା ବୀର କର୍ଣ୍ଣଙ୍କର କ'ଣ ଏକ ନିତ୍ୟ ବିଳାସ ?

ଶୁଣିଲି ନଦୀବନ୍ଧ ଉପରେ ଆଉ ଏକ ସ୍ୱର — ସେ ଦୁଃଶାସନର । ଦୁଃଶାସନ କହୁଛି — ''ଭୟ କରନାହିଁ କୃଷ୍ଣା, ବୀର କର୍ଣ୍ଣ ତୁମକୁ ରଥରେ ବସାଇ ଅଙ୍ଗଦେଶକୁ ଘେନିଯିବେ ନାହିଁ । ମା'ଙ୍କ ଅସୁସ୍ଥତା ଯୋଗୁଁ ସେ କିଛିଦିନ ହେବ ହସ୍ତିନାପୁରରେ ଅବସ୍ଥାନ କରୁଛନ୍ତି । ଆଜି ମୃଗୟାରେ ବାହାରି ଦୁଇବନ୍ଧୁ ସନ୍ଧ୍ୟା ପର୍ଯ୍ୟନ୍ତ ଅରଣ୍ୟର ମାୟାରେ ପଡ଼ିଗଲୁ । ସୂର୍ଯ୍ୟୋଦୟ ଏବଂ ସୂର୍ଯ୍ୟାସ୍ତ କାଳରେ ସ୍ନାନ କରି ସୂର୍ଯ୍ୟପୂଜା

Digitized by srujanika@gmail.com

କରିବା ମୋର ବନ୍ଧୁ କର୍ଣ୍ଣଙ୍କ ଜୀବନର ଏକ ପରମବ୍ରତ । ସ୍ନାନ ଶେଷକରି ଆମର ହସ୍ତିନାପୁରୀ ଫେରିଯିବାର କଥା । ତମେ ଯଦି ଇନ୍ଦ୍ରପ୍ରସ୍ଥ ଫେରିବାକୁ ଗ୍ରହଁନାହିଁ, ତେବେ ହସ୍ତିନାପୁର ଏବଂ ଅଙ୍ଗଦେଶର ଦ୍ୱାର ତମ ପାଇଁ ଚିରଉନ୍ମୁକ୍ତ । ଯେଉଁଠି ତମର ଇଚ୍ଛା ସେଠାରେ ରଥ ତୁମକୁ ପହଞ୍ଚାଇ ଦେବ ।''

ମୁଁ କ୍ଷୁଣ୍ଣ ହେଲି । ବିରକ୍ତ ହେଇ ଗ୍ରହିଁଲି ଦୁଃଶାସନକୁ । କହିଲି, ''ଇନ୍ଦ୍ରପ୍ରସ୍ଥ ମୋର ଇଷ୍ଟଦେବଙ୍କର ଆସ୍ଥାନ । ସେଇ ମୋର କର୍ମସ୍ଥାନ । ସେଠିକୁ ଫେରିବି ନାହିଁ ବୋଲି ତମକୁ କିଏ କହିଲା ?''

ଅଟ୍ଟହାସ୍ୟ କରିଉଠିଲା ଦୁଃଶାସନ । ବ୍ୟଙ୍ଗଭରା କଣ୍ଠରେ କହିଲା — ''ତେବେ ଜଳରେ ଝାସ ଦେଇ ଆତ୍ମହତ୍ୟା କରୁଥିଲ କାହିଁକି ?''

ମୁଁ ପ୍ରତିବାଦ କରିଉଠିଲି । ତୀବ୍ର କଟାକ୍ଷ କରି କହିଲି — ''ଜଳକ୍ରୀଡ଼ା କରୁ କରୁ ବନ୍ୟାସ୍ରୋତରେ ମୁଁ ପଡ଼ିଗଲି । ତାକୁ ଦୁର୍ଘଟଣା ନକହି ଆତ୍ମହତ୍ୟା କହିବା ଅନୁଚିତ । ଏଥିରେ କେବଳ ମୋର ଅପମାନ ହେଉନାହିଁ — କୁରୁବଂଶର ଅପମାନ ମଧ୍ୟ ହେଉଛି ।''

ଦୁଃଶାସନ ବିକୃତ କଣ୍ଠରେ ଅଟ୍ଟହାସ୍ୟ କରି କହିଲା — ''ତମ ଆତ୍ମହତ୍ୟାର କାରଣ ମୁଁ ଜାଣେ । ଫାଲ୍‌ଗୁନିକୁ ପଞ୍ଚପତିଙ୍କ ଭିତରେ ତମେ ଅଧିକ ପ୍ରେମକର । ଅଥଚ ପାଷାଣ୍ଡ କଲା କ'ଣ ? ବାରବର୍ଷ ବ୍ରହ୍ମଚର୍ଯ୍ୟ ପାଳନ କରିବା ବାହାନାରେ ଦେଶ ଦେଶ ବୁଲି ଖୋଜି ଖୋଜି ପରମାସୁନ୍ଦରୀ ରାଜଜେମାମାନଙ୍କୁ ବିବାହ କରୁଛି, ଏଣେ ତମେ ତା'ର ବାଟ ଗ୍ରହିଁବସିଛ । ଏହାଠାରୁ ବଳି ଦୁଃଖ ଆଉ କ'ଣ ଥାଇପାରେ ?''

ମୁଁ ସ୍ୱାମୀଙ୍କର ନିନ୍ଦା ସହିବା ଅବସ୍ଥାରେ ନଥିଲି, ତା'ପୁଣି ଦୁଷ୍ଟ କାମୁକ ଦୁଃଶାସନ ମୁଖରେ !

ମୁଁ ଗମ୍ଭୀର କଣ୍ଠରେ କହିଲି — ''ତମେ ଭୁଲ୍ ବୁଝିଛ ଦୁଃଶାସନ । ଫାଲ୍‌ଗୁନି ବୀରପୁରୁଷ । ପୁଣି ସୁପୁରୁଷ । ପରମାସୁନ୍ଦରୀ ରାଜନନ୍ଦିନୀମାନେ ତାଙ୍କୁ ସ୍ୱାମୀରୂପେ ପାଇବା ପାଇଁ କେତେ ଓଷା ବ୍ରତ କରି ତାଙ୍କ ବାଟ ଗ୍ରହିଁ ବସିଛନ୍ତି । ସୁଯୋଗ ଆସିବା ମାତ୍ରେ ସେମାନେ ଫାଲ୍‌ଗୁନିଙ୍କ ପାଦତଳେ ନିଜକୁ ସମର୍ପ ଦେଇଛନ୍ତି । ସେଥିପାଇଁ ଫାଲ୍‌ଗୁନିଙ୍କର ଗୌରବ ବଢ଼ିଛି ସିନା କମିନାହିଁ ।''

ଦୁଃଶାସନ ବିଦ୍ରୂପ କରି କହିଲା — ''ଆହା, ବୀରଶ୍ରେଷ୍ଠ ଫାଲ୍‌ଗୁନିଙ୍କର ପ୍ରାଣପ୍ରିୟା ପତ୍ନୀ ନଦୀସ୍ରୋତରେ ଭାସିଯାଇ ପ୍ରାଣ ହରାଇବା ଅବସରରେ ତାଙ୍କର ଜୀବନ ରକ୍ଷା କଲେ ସୂତପୁତ୍ର କର୍ଣ୍ଣ । କେବଳ ଫାଲ୍‌ଗୁନି ତ ନୁହନ୍ତି, ଅନ୍ୟ ଗ୍ରିପତିଙ୍କ ଭିତରୁ କେହି ଜଣେହେଲେ ଆଜି ପତ୍ନୀ ପାଞ୍ଚାଳୀଙ୍କ ମୃତ୍ୟୁ ସମ୍ବାଦ ମଧ୍ୟ ପାଇ

Digitized by srujanika@gmail.com

ନଥା'ନ୍ତେ । ଏପରିକି ଶବଦାହ ନିମନ୍ତେ ପାଞ୍ଚାଳୀର ଶବ ମଧ୍ୟ ମିଳି ନଥା'ନ୍ତା । ଏକୁ ଆରେକ ବଳି ପଞ୍ଚପତିଙ୍କ ପତ୍ନୀ ଦ୍ରୌପଦୀଙ୍କର ପୁଣି ଏ ଦୁର୍ଦ୍ଦଶା ! ଦେବି ଦ୍ରୌପଦି, ତମର ସ୍ୱାମୀମାନେ କ'ଣ ଭଲମନ୍ଦର ଖବର ରଖନ୍ତି ନାହିଁ ? ଏପରି ଦାୟିତ୍ୱହୀନ ଭାବେ ତମେ ପରିଗ୍ଧରିକାମାନଙ୍କ ସହ ଘୋର ଅରଣ୍ୟରେ ଜଳକ୍ରୀଡ଼ା କରିବା ପାଇଁ ବାହାରି ଆସିବାବେଳେ ତମର ସୁରକ୍ଷା ଓ ନିରାପତ୍ତା ପାଇଁ କେହି ଜଣେହେଲେ ସ୍ୱାମୀ ତମ ସହ ଆସିବା ତ ଦୂରର କଥା, ଦେହରକ୍ଷୀ ମଧ୍ୟ ପଠାଇନାହାନ୍ତି ତମ ସଙ୍ଗେ ? ସେମାନଙ୍କର ତମ ପ୍ରତି ଅବିଗ୍ଧର ଓ ଅବହେଳା ଏଥିରୁ ସ୍ପଷ୍ଟ । ବୋଧହୁଏ ବହୁ ପୁରୁଷଙ୍କୁ ସନ୍ତୁଷ୍ଟ କରିବା ପାଇଁ ଚେଷ୍ଟାକଲେ କାହାରିକୁ ସନ୍ତୁଷ୍ଟ କରିହୁଏ ନାହିଁ; ସେଥିପାଇଁ ତମ ପ୍ରତି ସେମାନଙ୍କର ପ୍ରେମ ଏତେ ଗଭୀର ନୁହେଁ । ଅଥଚ ଦେଖ ଆମର ସଖା କର୍ଣ୍ଣଙ୍କୁ । ମୃଗୟା କରିବା ପାଇଁ ବଣକୁ ଆସିବା ବେଳେ ମଧ୍ୟ ପ୍ରାଣପ୍ରିୟା, ପତ୍ନୀ କଞ୍ଚନ ଦେଶର ରାଜଜେମା, ଅନଙ୍ଗସେନ ଦୁହିତା ଗତୁବତୀଙ୍କୁ ସେ ପାଖରୁ ଅନ୍ତର କରିବା ପାଇଁ ପ୍ରସ୍ତୁତ ନୁହନ୍ତି । ସେଥିପାଇଁ ଦାସୀ, ପରିଗ୍ଧରିକା ଏବଂ ବାନ୍ଧବୀମାନଙ୍କ ସହ ପତ୍ନୀ ଗତୁବତୀଙ୍କୁ ବନବିହାର କରିବାର ପ୍ରଲୋଭନ ଦେଖାଇ ସଙ୍ଗରେ ନେଇଆସିଛନ୍ତି । ତମର ଏ ଦୟନୀୟ ଅବସ୍ଥା ଦେଖିଲେ ଗତୁବତୀ ତମକୁ ସମବେଦନା ଜଣାଇବେ ।''

ଦୁଃଶାସନର ପରୋକ୍ଷ କଟାକ୍ଷ ତୀର ଭଳି ମୋର ହୃଦୟକୁ ବିନ୍ଧୁଥାଏ । କର୍ଣ୍ଣପତ୍ନୀ ଗତୁବତୀଙ୍କ ପ୍ରତି ମନରେ ଈର୍ଷା ମଧ୍ୟ ଜାତ ହେଉଥାଏ । ଦୁର୍ବଳ ମନ ତଳେ ଛପି ଛପି ଭାବନା ଜାଗୁଥାଏ, ଦୁଃଶାସନର କଥା ବୋଧହୁଏ ସତ୍ୟ । ସମଭଙ୍କର ହେବାକୁ ଯାଇ ମୁଁ କାହାରି ହୋଇପାରିନାହିଁ । ପ୍ରକୃତରେ ଆଜି ଜଳକ୍ରୀଡ଼ା କରୁ କରୁ ମୁଁ ଯଦି ପ୍ରାଣ ହରାଇଥା'ନ୍ତି ତେବେ ମୋର ପଞ୍ଚସ୍ୱାମୀ କେହି ଜଣେହେଲେ ମତେ ରକ୍ଷା କରିବା ପାଇଁ ସକ୍ଷମ ହୋଇନଥା'ନ୍ତେ । ମୁଁ ଜଳକ୍ରୀଡ଼ା କରିବି ବୋଲି ସେମାନେ ତ ତାଙ୍କର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ପଛରେ ପକାଇ ମୋ ସଙ୍ଗେ ଆସିନଥା'ନ୍ତେ ! ସେପରି ଭାଗ୍ୟ ମୋର ବା କାହିଁ ? ମୁଁ ତ ଆଉ କର୍ଣ୍ଣପତ୍ନୀ ଗତୁବତୀ ନୁହେଁ !

ମୋର ଅନ୍ୟମନସ୍କତାକୁ ଲକ୍ଷ୍ୟକରି ଦୁଃଶାସନ କହିଲା — ''ଦେବି ଦ୍ରୌପଦି, ଚିନ୍ତାର କିଛି କାରଣ ନାହିଁ । କର୍ଣ୍ଣକୁ ସେତେବେଳେ ପ୍ରତ୍ୟାଖ୍ୟାନ କରିଛ ବୋଲି ସେ ତମ ପ୍ରତି ଆଦୌ ବିମୁଖ ନୁହନ୍ତି । ଏବେ ମଧ୍ୟ ତମେ ଗ୍ରହିଁଲେ ସେ ତମକୁ ଅଙ୍ଗଦେଶର ରାଣୀ ପଦରେ ସାଗ୍ରହ ଅଭିନନ୍ଦନ ଜଣାଇବେ । ଏଥିରେ ଦ୍ୱିଧାର କାରଣ ବା କ'ଣ ? ମାତା କୁନ୍ତୀଙ୍କର ପଞ୍ଚପୁତ୍ର ଯଦି ତମର ସ୍ୱାମୀ, ତେବେ କର୍ଣ୍ଣ ସେ ସୁଯୋଗରୁ ବଞ୍ଚିତ ହେବେ କାହିଁକି ? କର୍ଣ୍ଣ ମାତା କୁନ୍ତୀଙ୍କର ଧର୍ମପୁତ୍ର । ତେଣୁ ତମେ ତାଙ୍କୁ ମଧ୍ୟ ପତି ପଦରେ ବରଣ କଲେ ତମର ଅଧର୍ମ ହେବ ନାହିଁ ।''

Digitized by srujanika@gmail.com

ଦୁଃଶାସନର କଥାରେ ମୋର ସର୍ବାଙ୍ଗ ରାଗ ଓ ଘୃଣାରେ କଣ୍ଟକିତ ହୋଇଗଲା । ମୁଁ ଦୁଃଶାସନକୁ ଏକ ଘୃଣିତ କଟାକ୍ଷ ହାଣି ମୁହଁ ଫେରାଇ ମୋର ସହଚରୀମାନଙ୍କ ଦିଗରେ ଗ୍ୱଲିବାକୁ ଆରମ୍ଭ କଲି । କର୍ଣ୍ଣକୁ ତୀର୍ଯ୍ୟକ୍ ଭାବରେ ଏତିକିମାତ୍ର କହିଲି — ''ପର ସ୍ତ୍ରୀର ଅସମ୍ମାନ ଯେ କରେ ସେ ନରାଧମ; କିନ୍ତୁ ଯିଏ ସେ ଅସମ୍ମାନକୁ ନୀରବରେ ଅନୁମୋଦନ କରି ପ୍ରୋତ୍ସାହନ କରେ ସେ ମହାପାପୀ । ଉଭୟଙ୍କୁ ମୁଁ ଘୃଣା କରେ ।''

ଉତପ୍ତ ଲୌହଖଣ୍ଡ ପରି ଲାଲ ପଡ଼ିଯାଇଥିବା ମୋର ଚେହେରାକୁ ସଗୌରବ ଲକ୍ଷ୍ୟ କରୁ କରୁ କର୍ଣ୍ଣ ମୋର ପଥରୋଧ କଲେ । ହାତଯୋଡ଼ି କହିଲେ, ''ଦେବି ଦ୍ରୌପଦି, ମହାପାପୀ କର୍ଣ୍ଣ ତା'ର ବନ୍ଧୁ ଦୁଃଶାସନର ବ୍ୟବହାର ପାଇଁ କ୍ଷୋଭ ପ୍ରକାଶ କରୁଛି ଓ କ୍ଷମା ପ୍ରାର୍ଥନା କରୁଛି । ଆପଣଙ୍କୁ ରଥରେ ବସାଇ ମା'ଙ୍କ ନିକଟରେ ପହଞ୍ଚାଇବା ମୋର କର୍ତ୍ତବ୍ୟ । ମୋର ପତ୍ନୀ ରତ୍ନବତୀ ମଧ୍ୟ ଆପଣଙ୍କୁ ସଙ୍ଗଦାନ କରିବେ । ନାରୀର ଜୀବନରକ୍ଷା କରିବା ଅପେକ୍ଷା ତା'ର ସମ୍ମାନ ରକ୍ଷା କରିବା ଜଣେ ପୁରୁଷ ପକ୍ଷେ ବେଶି ସ୍ପୃହଣୀୟ । ତେଣୁ ଆପଣଙ୍କୁ ଏମିତି ଭାବରେ ପାଦରେ ଗ୍ୱଲି ଗ୍ୱଲି ଯିବା ପାଇଁ ମୁଁ ଦେବିନାହିଁ ।''

ମୁଁ ଦେଖିଲି, ମୋ ସମ୍ମୁଖରେ କର୍ଣ୍ଣପତ୍ନୀ ରତ୍ନବତୀ ଉଭା । ସେ ମୋର ହାତ ଧରି ରଥ ନିକଟକୁ ନେଇଗଲେ । ସସମ୍ମାନ ନିଜ ଆସନଟି ମୋ ପାଇଁ ଛାଡ଼ିଦେଲେ । ରଥ ଗ୍ୱଲିବାମାତ୍ରେ ସେ କହିଲେ — ''ଆପଣଙ୍କୁ ଦେଖିବା ପାଇଁ ଅନେକ ଦିନରୁ ପ୍ରବଳ ଆକାଂକ୍ଷା ଥିଲା । ମୋର ସ୍ୱାମୀ ଆପଣଙ୍କର ଏତେ ପ୍ରଶଂସା କରନ୍ତି ଯେ ଭାବିଥିଲି ସେ ହୁଏତ କୌଣସି କଳ୍ପନାର ନାୟିକାକୁ ହିଁ ମୋ ସମ୍ମୁଖରେ ରୂପାୟିତ କରୁଛନ୍ତି । ମାତ୍ର ଆଜି ଆପଣଙ୍କୁ ଦେଖି ହୃଦ୍‌ବୋଧ ହେଉଛି ମୋର ସ୍ୱାମୀ ସେପରି ସଂଯମୀ ପୁରୁଷ ହୋଇନଥିଲେ ଆପଣଙ୍କୁ ପାଇବା ପାଇଁ ସ୍ୱୟମ୍ବର ସଭାରେ ରକ୍ତାକ୍ତ ସଂଘର୍ଷ କରିଥା'ନ୍ତେ ।''

ମନେ ମନେ ଭାବିଲି, କର୍ଣ୍ଣ ପୁଣି ମୋର କି ପ୍ରଶଂସା କରନ୍ତି ? ସ୍ୱୟମ୍ବର ସଭାରେ ମୋ ପାଇଁ ସେ ଯେଉଁ ଘୋର ଅପମାନ ପାଇଛନ୍ତି, ତା'ପରେ ତାଙ୍କ ମୁହଁରେ ମୋର ପ୍ରଶଂସା ଲଙ୍କାରେ ହରିଶଦ୍ଦ ପରି ନୁହେଁ କି ?

ରତ୍ନବତୀ ମତେ ସପ୍ରଶଂସ ଦୃଷ୍ଟିରେ ଗ୍ରହିଁ କହିଲେ — ''ପ୍ରକୃତରେ ମୁଁ ସିନା କର୍ଣ୍ଣଙ୍କର ପତ୍ନୀ, ତମେ କିନ୍ତୁ ତାଙ୍କର ପ୍ରେରଣାର ଉତ୍ସ । ସେ ଆଜି ନିଜ ପୁରୁଷକାରକୁ ସାବ୍ୟସ୍ତ କରିବାରେ ଯେଉଁ ଅଟଳ ପ୍ରତିଜ୍ଞା ନେଇ ଯାତ୍ରାରମ୍ଭ କରିଛନ୍ତି, ତା' କେବଳ ତମରି ପାଇଁ ହିଁ ସମ୍ଭବ । ସେଦିନ ସ୍ୱୟମ୍ବର ସଭାରେ ତାଙ୍କର ପୁରୁଷକାର ବିପର୍ଯ୍ୟୟର ସମ୍ମୁଖୀନ ହୋଇନଥିଲେ, ସେ ଏପରି ପ୍ରତିଜ୍ଞା କରିନଥା'ନ୍ତେ । ପୁରୁଷ ସବୁ ପ୍ରକାର ବିଫଳତାକୁ ବରଦାସ୍ତ କରିପାରେ, କିନ୍ତୁ ନାରୀଦ୍ୱାରା ପ୍ରତ୍ୟାଖ୍ୟାତ ହେବାର ବିଫଳତାକୁ

Digitized by srujanika@gmail.com

ସେ ବରଦାସ୍ତ କରିପାରେ ନାହିଁ । କର୍ଣ୍ଣଙ୍କ ଜୀବନର ଚରମ ବିଫଳତା ହେଉଛ 'ତମେ' । ପୁଣି କର୍ଣ୍ଣଙ୍କ ଜୀବନରେ ଯଦି କିଛି ସଫଳତା ଆସେ ତା' ମଧ୍ୟ ତମେ । ତମକୁ ନ ପାଇବାର ବିଫଳତା ହିଁ କର୍ଣ୍ଣଙ୍କ ଜୀବନର ପ୍ରତିଟି ଘଟଣାକୁ ଏବଂ ତାଙ୍କର ପ୍ରତିଟି କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରେ । ତେଣୁ ଯାଜ୍ଞସେନି ! ତମେ ମୋର ନମସ୍ୟା । ମୋ ସ୍ୱାମୀଙ୍କ ହୃଦୟର ଯିଏ ପ୍ରତିଟି ମୁହୂର୍ତ୍ତର ସ୍ପନ୍ଦନ, ତାଙ୍କୁ କର୍ଣ୍ଣପତ୍ନୀ ଋତୁବତୀ ଈର୍ଷା କରେନାହିଁ, ସମ୍ମାନ କରେ । ମୋ ସ୍ୱାମୀଙ୍କ ଭଳି ପୁରୁଷଶ୍ରେଷ୍ଠ ପାଇଁ ଆପଣ ଯେ ଉପଯୁକ୍ତା ନାରୀ, ଏକଥା ଜାଣିବା ପରେ ମୁଁ ନିଜକୁ ହେୟ ମଣୁଛି । ଭାବୁଛି, ମୋ ସ୍ୱାମୀଙ୍କ ପାଇଁ ମୁଁ କେତେ ଅନୁପଯୁକ୍ତା !''

ମୁଁ ସମ୍ପୂର୍ଣ୍ଣ ଅନ୍ୟମନସ୍କା ହୋଇପଡ଼ିଥାଏ । ପ୍ରଥମଥର ପାଇଁ ମୋର ହୃଦୟ ସ୍ୱୀକାର କରୁଥାଏ ଯେ କର୍ଣ୍ଣଙ୍କ ପ୍ରତି ଅବିଗ୍ଧର ହୋଇଛି । ଘୋର ଅନ୍ୟାୟ ହୋଇଛି ତାଙ୍କ ପ୍ରତି । ସେଦିନ ମୋର ଭାଇ ଧୃଷ୍ଟଦ୍ୟୁମ୍ନ ସ୍ୱୟମ୍ବର ସଭାରେ କର୍ଣ୍ଣଙ୍କୁ ବାଧା ଦେଇନଥିଲେ ହୁଏତ କର୍ଣ୍ଣ ହିଁ ହୋଇଥା'ନ୍ତେ ପାଞ୍ଚାଳ ରାଜା ଦ୍ରୁପଦଙ୍କର ଯୋଗ୍ୟତମ ଜାମାତା ।

ଜନ୍ମ ଉପରେ ମଣିଷର ନିୟନ୍ତ୍ରଣ ନାହିଁ, ନିୟନ୍ତ୍ରଣ ଅଛି କର୍ମ ଉପରେ ଅଥଚ ନିଜର ଅଭିଶପ୍ତ ଜନ୍ମ ଇତିହାସ ପାଇଁ କୁନ୍ତୀଙ୍କର ଧର୍ମପୁତ୍ର କର୍ଣ୍ଣ ଜୀବନର ପ୍ରତି ପଦେ ପଦେ ନ୍ୟାଯ୍ୟ ପ୍ରାପ୍ୟରୁ ବଞ୍ଚିତ ହେବାଠାରୁ ଅନ୍ୟାୟ ଓ ଅବିଗ୍ଧର ଆଉ କ'ଣ ଅଛି ?

ଅନିଚ୍ଛା ସତ୍ତ୍ୱେ ମନଟା ବାରମ୍ବାର କର୍ଣ୍ଣଙ୍କ ପାଇଁ ଦ୍ରବୀଭୂତ ହେଇଯାଉଥାଏ — ସହାନୁଭୂତିରେ କି ସ୍ନେହଭାରରେ ମୁଁ ନିଜେ ବି ବୁଝୁନଥାଏ । ଯିଏ ଆଜି ମୋ ସ୍ୱାମୀମାନଙ୍କର ପରମ ଶତ୍ରୁ ହେବା ପାଇଁ ଦୃଢ଼ପ୍ରତିଜ୍ଞ, ତାଙ୍କ ପାଇଁ ପୁଣି ମୋ ମନ ଢଳିଯାଏ, ଯା'ଠାରୁ ବିଚିତ୍ର କଥା ଆଉ କ'ଣ ଅଛି ? ପ୍ରକୃତରେ ମନ ଉପରେ ସଂପୂର୍ଣ୍ଣ ନିୟନ୍ତ୍ରଣ କାହାର ଅଛି ଏ ସଂସାରରେ ?

ତଥାପି ଅବାଧ୍ୟ ମନକୁ ଶାସନ କରିବାକୁ ହୁଏ । ବିବେକର ଛାଟମାରି ତାକୁ ବାରମ୍ବାର ରକ୍ତାକ୍ତ କରି ଅବାଟରୁ ଫେରାଇ ଆଣିବାକୁ ହୁଏ । ଯିଏ ତା' କରି ନପାରେ ସେ ଅବାଟରେ ପାଦ ବଢ଼ାଇ ରାସ୍ତା ହଜାଇଦିଏ । ଲକ୍ଷ୍ୟଚ୍ୟୁତ ହରାଏ । ମରୁଭୂମିର ମରୀଚିକାକୁ ଜଳ ମନେକରି ତୃଷାରେ ଜଳୁଥାଏ ଚିରଦିନ । ମୁଁ ବି ଶାସନ କଲି ନିଜକୁ । କର୍ଣ୍ଣଙ୍କ ପାଇଁ ମୁଁ କାହିଁକି ଭାବିହେଉଛି ? ସ୍ୱୟମ୍ବର ସଭାରେ ଯେତେ ରାଜପୁତ୍ର ବ୍ୟର୍ଥମନୋରଥ ହୋଇ ଫେରିଗଲେ ସମସ୍ତଙ୍କ ପାଇଁ ସାରା ଜୀବନ ମୁଁ ଭାବନା କରିବି ବୋଲି କେଉଁଠି କ'ଣ ଲେଖାଅଛି ? ଯିଏ ହାରିଯାଏ, ଦୁଃଖ ତା'ର— ଜିତିବା ଲୋକ ସମସ୍ତଙ୍କର କରତାଳି ନିଏ । ହାରିବା ଲୋକ ପାଇଁ କେହି ସମବେଦନାର ଦୀର୍ଘଶ୍ୱାସଟିଏ ପକାଏ ନାହିଁ ତ !

Digitized by srujanika@gmail.com

ଇନ୍ଦ୍ରପ୍ରସ୍ଥର ରାଜପ୍ରାସାଦ ସମ୍ମୁଖରେ ରଥ ଅଟକିଲା । ମୁଁ ରଥରୁ ଓହ୍ଲାଇଲି । କର୍ଣ୍ଣ ନମ୍ରତା ସହକାରେ ହାତଯୋଡ଼ି କହିଲେ — ''ଦେବି, ଏଥର ବିଦାୟ ଦିଅନ୍ତୁ । ମୋର ପରମ ସୌଭାଗ୍ୟ ଯେ ଆଜି ଆପଣଙ୍କର ଅମୂଲ୍ୟ ଜୀବନ ରକ୍ଷା କରିବାର ମହାର୍ଘ ସୁଯୋଗ ମତେ ମିଳିଛି । ଭୟ ହେଉଥିଲା, ଜଳରେ ଭାସିଯିବା ଅବସ୍ଥାରେ ବି ଆପଣ କାଳେ ମତେ ଚିହ୍ନି ପକାଇବେ ଏବଂ ସୂତପୁତ୍ର ବୋଲି ମୋର ସାହାଯ୍ୟକୁ ପ୍ରତ୍ୟାଖ୍ୟାନ କରି ମୃତ୍ୟୁକୁ ଶ୍ରେୟ ମଣିବେ । କିନ୍ତୁ ଈଶ୍ୱରଙ୍କ କୃପାରୁ ଆପଣ ମତେ ସେତେବେଳେ ଚିହ୍ନିପାରିନାହାନ୍ତି ।''

କର୍ଣ୍ଣଙ୍କ କଣ୍ଠସ୍ୱରରେ ବାଳକସୁଲଭ ଅଭିମାନର ସ୍ପର୍ଶ ସ୍ପଷ୍ଟ ବାରି ହୋଇ-ପଡୁଥିଲା । ଅନାୟାସରେ ମୁଁ କହିଦେଲି — ''ସେଦିନର ଘଟଣା ପାଇଁ ମୁଁ ଦୁଃଖିତା । ବେଳେ ବେଳେ ଅଙ୍କତା ଯୋଗୁ ମଣିଷ ଆଉ ଜଣକୁ ଆଘାତ ଦିଏ । ବେଳେବେଳେ ଇଚ୍ଛା ନ କଲେ ମଧ୍ୟ ଅପରକୁ ଆଘାତ ଦେବା ଆବଶ୍ୟକ ପଡ଼େ । ମଣିଷ ପରିସ୍ଥିତିର ଦାସ ।''

କର୍ଣ୍ଣ ମୋ ପାଟିରୁ କଥା ଛଡ଼ାଇନେଇ କହିଲେ — ''ପରିସ୍ଥିତିର ଦାସ ମୁଁ ବି ଥିଲି, କିନ୍ତୁ ସେଇ ସ୍ୱୟମ୍ବର ଦିନ ପର୍ଯ୍ୟନ୍ତ, ତା'ପରଠୁ ମୁଁ ପରିସ୍ଥିତିର ପ୍ରଭୁ ହେବାପାଇଁ ପ୍ରତିଜ୍ଞା କରିଛି । ମଣିଷ ନିଜର ଉଦ୍ୟମ ଓ ପୁରୁଷକାର ବଳରେ ପରିସ୍ଥିତିକୁ ନିୟନ୍ତ୍ରଣ କରେ ଏବଂ ପରିବର୍ତ୍ତନ ବି କରିପାରେ, ଏକଥା ମୁଁ ଜଗତକୁ ଦେଖାଇ ଦେବାକୁ ଗ୍ୱହେଁ । ଆପଣଙ୍କ ଯୋଗୁଁ ମୋର ଏ ପ୍ରତିଜ୍ଞା । ତେଣୁ ଆପଣ ମୋର ନମସ୍ୟା ।''

ଲକ୍ଷ୍ୟ କଲି, ବର୍ତ୍ତମାନ କର୍ଣ୍ଣଙ୍କ କଣ୍ଠସ୍ୱରରେ ମୋ ପ୍ରତି ବ୍ୟଙ୍ଗ ଓ ନିଜ ଶକ୍ତି ସମ୍ବନ୍ଧରେ ଅହଂକାର ପ୍ରଚ୍ଛନ୍ନ ହୋଇଉଠୁଛି । କଥା ନ ବଢ଼ାଇ କହିଲି — ''ଆଜିର ସାହାଯ୍ୟ ପାଇଁ ଧନ୍ୟବାଦ । ମା'ଙ୍କୁ ଜଣାଇଦେବି ଆପଣଙ୍କର ସାହାଯ୍ୟ ଓ ସହାନୁଭୂତିର କଥା ।''

କର୍ଣ୍ଣ ହସିଉଠି କହିଲେ — ''ଆଜି ପ୍ରକୃତ ସୂତପୁତ୍ରର କର୍ତ୍ତବ୍ୟ ହିଁ କରିଛି । ସୂତପୁତ୍ର ଛଡ଼ା କିଏ ବା ନିଜର ମୃଗୟା ଛାଡ଼ି ଆପଣଙ୍କୁ ରଥରେ ବସାଇ ରାଜପ୍ରାସାଦକୁ ଆଣିଥା'ନ୍ତା ?''

ସେଇ ଗୋଟିଏ କଥା କହି ବାରମ୍ବାର କର୍ଣ୍ଣ ମତେ ବିଦ୍ରୂପ କରୁଛନ୍ତି ! ସେଦିନର ଆଘାତ ତାଙ୍କ ହୃଦୟରେ ତେବେ ଖୁବ୍ ଗଭୀର କ୍ଷତ ସୃଷ୍ଟି କରିଛି ! ମୋର କିନ୍ତୁ ଘୃଣା କ'ଣ ?

କର୍ଣ୍ଣଙ୍କର ସୁନ୍ଦର ଚକ୍ଷୁର ଦୃଷ୍ଟି ତୀକ୍ଷ୍ଣ ଅଭିମାନରେ ଉଦାସ, ପୁଣି ତୀବ୍ର ବ୍ୟଙ୍ଗ କଟାକ୍ଷରେ ବକ୍ର । ହୃଦୟକୁ ଭେଦି ଯାଉଥିବା ସେ ଦୃଷ୍ଟିକୁ ଏଡ଼ାଇଯାଇ ମୁଁ କହିଲି — ''ପ୍ରକାରାନ୍ତରେ ମୁଁ ଆପଣଙ୍କର ଶତ୍ରୁ, ଅଥଚ ଆପଣ ମୋର ଜୀବନ ରକ୍ଷା କରିଛନ୍ତି । ଏ ଉପକାର ଭୁଲିବାର ନୁହେଁ । ଋଣୀ ହେଇ ରହିଲି ଚିରଦିନ ।''

Digitized by srujanika@gmail.com

କର୍ଣ୍ଣଙ୍କର ସହଚରୀ ଅସ୍ମିତା ହସିଉଠି କହିଲା — ''କଥାରେ ଅଛି ଶତ୍ରୁକୁ ଜୀଇ ସାଧନ୍ତି, ମାରି ସାଧନ୍ତି ନାହିଁ । କିଏ ଜାଣେ କର୍ଣ୍ଣଙ୍କର କାର୍ଯ୍ୟକଳାପ ପଛରେ କି ଉଦ୍ଦେଶ୍ୟ ଅଛି ?''

ଅକସ୍ମାତ୍ ହୃଦୟରେ ଅଶୁଭ ଆଶଙ୍କାର କମ୍ପନ ଖେଳିଗଲା । ଅହଙ୍କାରୀ ପୁରୁଷର ପ୍ରତିଶୋଧର ନିଶା କେତେ ଭୟଙ୍କର ତା' ମୁଁ ଜାଣେ । ଜଳରୁ ଉଦ୍ଧାର ପାଇ ମୁଁ ଯେ ଅଗ୍ନିର ସାମ୍ନା କରିବି ସେତେବେଳେ କିଏ ଜାଣିଥିଲା ?

॥ ୨୦ ॥

ଶୁଣିଲି ଶ୍ରୀକୃଷ୍ଣ ଆସିଛନ୍ତି । ଶ୍ରୀକୃଷ୍ଣଙ୍କର ଆଗମନ ଉଦ୍ୟାନରେ ଫୁଲ ଫୁଟିବାପରି । ଫୁଲ ଫୁଟିଲେ ବାସ ବହଟେ । ଫୁଲକୁ ନ ଦେଖି ମଧ୍ୟ ଜାଣିହୁଏ ଫୁଲ ଫୁଟିଛି । ଫୁଲର ବାସ ହିଁ ସବୁକିଛି । ଫୁଲକୁ ପାଖରେ ପାଇବାର ବାସନା ମନରେ ଜାଗେ ନାହିଁ । କାରଣ ଫୁଲ ଦୂରରେ ଥିଲେ ଯାଏ ଆସେ କ'ଣ ? ବାସ ତ ପାଖରେ ପହଞ୍ଚେ, ମନ ମହକାଏ ।

ମୋ ପାଇଁ ଶ୍ରୀକୃଷ୍ଣଙ୍କର ଆଗମନ ସମ୍ବାଦ ହିଁ ଯଥେଷ୍ଟ । ତାଙ୍କୁ ନ ଦେଖି ମଧ୍ୟ ମୁଁ ତାଙ୍କର ଉପସ୍ଥିତି ଅନୁଭବ କରିପାରେ । ଆଖି ବୁଜିଲେ ସେ ଦେଖାଦିଅନ୍ତି ଆପେ ଆପେ ।

ସେଦିନ ଜଳକ୍ରୀଡ଼ାରୁ ଫେରିବା ପରେ ପରେ ହିଁ ମୁଁ ଅସୁସ୍ଥ ହେଇପଡ଼ିଛି । ଅସମୟରେ ନଦୀ ସ୍ନାନ, ବୁଡ଼ି ଯାଉ ଯାଉ ଆଶ୍ରା ପାଇବାର ମାନସିକ ଧକ୍କା, ଦୁଃଶାସନର ବ୍ୟଙ୍ଗଭରା କଟୁକ୍ତି ଏବଂ କର୍ଣ୍ଣଙ୍କ ସହ ସେଦିନର କଥୋପକଥନ ସବୁ ମିଶି ମତେ ହୁଏତ କିଛିଟା ଉଦାସ କରିପକାଇଛି । ଶରୀର ଅପେକ୍ଷା ମନର କଷ୍ଟ ଅଧିକ । ସେ କଥା ଦେଖିବାକୁ କାହାର ବା ସମୟ ଅଛି ? ଶକ୍ତି ଅଛି ?

ଶ୍ରୀକୃଷ୍ଣ ଆସିଛନ୍ତି ବୋଲି ଶୁଣିବା ମାତ୍ରେ ମୋର ଅସୁସ୍ଥତା ଅଧେ ଉଣା ହୋଇଗଲା । ଚଞ୍ଚଳ ହେଲା ମନ । ଶ୍ରୀକୃଷ୍ଣ କାହିଁକି ଆସିଛନ୍ତି ? ସେ ତ ସେଇ-ଦିନଠାରୁ ଆଜିଯାଏ ଥରେହେଲେ ଆସିନାହାନ୍ତି, ଆଜି ଅକସ୍ମାତ ଆସିବାର ବିଶେଷ ଉଦ୍ଦେଶ୍ୟ କ'ଣ ? ପରକ୍ଷଣରେ ମନ ଆଶଙ୍କାରେ ଦବିଗଲା । ଫାଲ୍‌ଗୁନିଙ୍କର କିଛି ସମ୍ବାଦ ଆଣିନାହାନ୍ତି ତ ଶ୍ରୀକୃଷ୍ଣ ! କି ସମ୍ବାଦ ? ଶୁଭ ନା — ଅଶୁଭ ? କଥାଟା ଅଧିକ ଭାବିଲି ନାହିଁ । କୃଷ୍ଣଙ୍କ ସ୍ୱାଗତ ପାଇଁ ତତ୍ପର ହୋଇଉଠିଲି ।

ମାୟା କୃଷ୍ଣଙ୍କ ରହିବା ନିମନ୍ତେ ଅତିଥି ଭବନରେ ସବୁ ଆୟୋଜନ କରିଛି । ଶ୍ରୀକୃଷ୍ଣ ଅତିଥି ଭବନରେ ବିଶ୍ରାମ କରୁଛନ୍ତି । ସନ୍ଧ୍ୟାରେ ମୋ ସହ ତାଙ୍କର ସାକ୍ଷାତ

Digitized by srujanika@gmail.com

ହେବ ବୋଲି ମାୟା ହାତରେ ଖବର ପଠାଇଛନ୍ତି । ମୋ ପାଖରେ ତାଙ୍କର ଏକ ବିଶେଷ ପ୍ରୟୋଜନ ଅଛି ବୋଲି ମାୟା ସମ୍ବାଦ ଆଣିଛି ।

ମାୟା ମୃଦୁ ହସି କହିଲା — ''ଅର୍ଜୁନଙ୍କ ଅନୁପସ୍ଥିତିରେ ତମେ ଯେ ଦୁଃଖରେ ଅଛ, ଏକଥା ଜାଣି ଶ୍ରୀକୃଷ୍ଣ ଦ୍ୱାରକା ଛାଡ଼ି ଧାଇଁ ଆସିଛନ୍ତି । ଶ୍ରୀକୃଷ୍ଣଙ୍କ ଛଡ଼ା ଅର୍ଜୁନ-ବିରହିଣୀ କୃଷ୍ଣାଙ୍କର ଦୁଃଖମୋଚନ କରିବାର ଶକ୍ତି ଆଉ କାହାର ଅଛି ? ଶ୍ରୀକୃଷ୍ଣ ଆଉ ଅର୍ଜୁନଙ୍କ ଭିତରେ ଯେଉଁ ଅଭେଦ୍ୟ ପ୍ରୀତି ତା' ତ ଜଗତ ଜାଣେ । ଶ୍ରୀକୃଷ୍ଣଙ୍କୁ ଅର୍ପଣ ନ କଲେ ଅର୍ଜୁନ ଫୁଲର ସୁରଭି ମଧ୍ୟ ଆଘ୍ରାଣ କରନ୍ତି ନାହିଁ । ପ୍ରଶ୍ୱାସରେ ଗ୍ରହଣ କରୁଥିବା ବାୟୁ ମଧ୍ୟ ଶ୍ରୀକୃଷ୍ଣଙ୍କୁ ବହୁ ପୂର୍ବରୁ ସମର୍ପଣ କରିଥା'ନ୍ତି ଅର୍ଜୁନ ।''

ମାୟାର କଟାକ୍ଷ ମୁଁ ବୁଝିଲି । କିନ୍ତୁ କୃଷ୍ଣାର ଦୁଃଖ ମୋଚନ ପାଇଁ ବହୁ ବିଳମ୍ବରେ ସ୍ମରଣ କଲେ ଶ୍ରୀକୃଷ୍ଣ । ଅର୍ଜୁନ ଫେରିବା ପାଇଁ ଆଉ ବର୍ଷଟିଏ ମାତ୍ର ବାକି । ଏବେ ଆଉ ମୋର ବିରହ ଯନ୍ତ୍ରଣା ନାହିଁ । ସ୍ୱାମୀଙ୍କ ଆଗମନର ସ୍ୱପ୍ନରେ ମୁଁ ବିଭୋର । ସେ ଆସିବା ପରେ ତାଙ୍କୁ ଏପରି ପ୍ରେମରେ ବାନ୍ଧି ରଖିବି ଯେ ସେ ଆଉ କେବେହେଲେ ମୋ'ଠାରୁ ଦୂରରେ ରହିବାର ନାଟକ କରିବେ ନାହିଁ । ଏପରିକି ତାଙ୍କର ସ୍ତ୍ରୀ ଉଲୁପି, ଚିତ୍ରାଙ୍ଗଦା ଓ ଆର୍ଯ୍ୟାଙ୍କୁ ମଧ୍ୟ ସ୍ମରଣ କରିବେ ନାହିଁ । ଇନ୍ଦ୍ରପ୍ରସ୍ଥକୁ ଫେରିବା ପରେ ଅର୍ଜୁନ କେବଳ କୃଷ୍ଣାର । ତାଙ୍କ ସ୍ମୃତିପଟରେ ମଧ୍ୟ କୌଣସି ନାରୀକୁ ମୁଁ ସହ୍ୟ କରିବି ନାହିଁ , ଅନ୍ତତଃ ଇନ୍ଦ୍ରପ୍ରସ୍ଥର ରାଜପ୍ରାସାଦରେ ସେ ଅବସ୍ଥାନ କରୁଥିବାବେଳେ ।

ଏଗାର ବର୍ଷ ଭିତରେ ମୁଁ ଅର୍ଜୁନଙ୍କୁ ଯେତେ ଝୁରିନାହିଁ, ସେତେ ଝୁରିଛି ଶ୍ରୀକୃଷ୍ଣଙ୍କୁ । କାରଣ ମୁଁ ଜାଣେ ଅର୍ଜୁନ ବାରବର୍ଷ ପୂର୍ବରୁ ମୋ ପାଖକୁ ଫେରିବେ ନାହିଁ। କିନ୍ତୁ କୃଷ୍ଣଙ୍କୁ ପାଖରେ ପାଇଲେ ଅର୍ଜୁନଙ୍କୁ ପାଖରେ ପାଇଗଲା ପରି ବୋଧ କରିବି ଭାବି ଅର୍ଜୁନଙ୍କ ବିରହରେ କୃଷ୍ଣଙ୍କୁ ହିଁ ଝୁରିଛି । କିନ୍ତୁ କୌଣସି ଦିନ ସ୍ମରଣ କରିନାହିଁ, ଆହ୍ୱାନ କରିନାହିଁ । ଭୟ ହେଇଛି ଏଠାରେ ଥିବାବେଳେ କାଳେ ଅର୍ଜୁନଙ୍କର କିଛି ଆବଶ୍ୟକ ପଡ଼ିଯିବ କୃଷ୍ଣଙ୍କ ପାଖରେ ଆଉ କୃଷ୍ଣ ପାଖରେ ସମ୍ବାଦ ପହଞ୍ଚାଇବାରେ ମାୟା ବାଧା ସୃଷ୍ଟି କରିବ !

ଆଜି କିନ୍ତୁ ଶ୍ରୀକୃଷ୍ଣ ଆପେ ଆପେ ଆସି ପହଞ୍ଚିଛନ୍ତି । ପ୍ରଥମେ ଅର୍ଜୁନଙ୍କର କୁଶଳ ସମ୍ବାଦ ପଗ୍ଧରିବା ପାଇଁ ହେବ ।

ମୋ ମନକଥା ମାୟା ବୁଝିପାରେ । ସେ କହିଲା — ''ଅର୍ଜୁନଙ୍କ କୁଶଳ ସମ୍ବାଦ ନେଇ ଶ୍ରୀକୃଷ୍ଣ ଆସିଛନ୍ତି । ଅର୍ଜୁନ ଏବେ ଦ୍ୱାରକାର ଅତିଥି । ବର୍ଷଟିଏ ସେଠାରେ ଆତିଥ୍ୟ ଲାଭ କରି ଇନ୍ଦ୍ରପ୍ରସ୍ଥ ଫେରିବେ ।''

Digitized by srujanika@gmail.com

ମନ ପ୍ରସନ୍ନ ହୋଇଗଲା । ଅର୍ଜୁନ ଯଦି ଦ୍ୱାରକାରେ, ଆଉ ମୋର ଚିନ୍ତା କ'ଣ ? କିନ୍ତୁ ମନରେ ପ୍ରଶ୍ନ ଉଠିଲା, ''ଅର୍ଜୁନ ଯଦି ଦ୍ୱାରକାରେ, କୃଷ୍ଣ ଏଠାରେ କାହିଁକି ?'' ଦୁର୍ବଳତା ଓ ଅସୁସ୍ଥତା ସତ୍ତ୍ୱେ ପାକଶାଳାକୁ ଯାଇ ମହାନ୍ ଅତିଥିଙ୍କ ପାଇଁ ନିଜେ ରନ୍ଧନ କଲି । ସନ୍ଧ୍ୟାଦୀପ ଦେଇ ପ୍ରଣାମ କରୁଛି, ଦେଖେ ଶ୍ରୀକୃଷ୍ଣ ମୋ ସମ୍ମୁଖରେ ଉଭା । ତାଙ୍କର ନୀଳକମଳର ପାଦ ଦୁଇଟି ସ୍ପର୍ଶ କରି ପ୍ରଣାମ ଜଣାଇଲି । ମାତ୍ର ମୋ ହାତ ଦୁଇଟି ଶ୍ରୀକୃଷ୍ଣଙ୍କ ପାଦ ସ୍ପର୍ଶରୁ ବଞ୍ଚିତ ହେବା ପାଇଁ ନାରାଜ । ସମ୍ମୋହିତା ହୋଇ ମୁଁ ପ୍ରଣତ ଭଙ୍ଗୀରେ ସେମିତି କେତେ ସମୟ ତାଙ୍କର ପାଦ ସ୍ପର୍ଶ କରି ବସି ରହିଥିଲି ମତେ ଜଣାନାହିଁ । ମୋର ହାତ ଦୁଇଟି ଦେଇ ମୋର ଚିନ୍ତା, ଚେତନା, ମନ, ହୃଦୟ, ଆତ୍ମା ଏବଂ ମୋର ମମତ୍ୱବୋଧ ଯେମିତି ନିଃଶେଷ ହୋଇ ଝରିପଡ଼ିଲା ଶ୍ରୀକୃଷ୍ଣଙ୍କ ପାଦପଦ୍ମରେ । ମୁଁ ଆଉ ମୋର ହୋଇ ରହିଲି ନାହିଁ । ମୋ ଭିତରେ ଆଉ କିଛି ଦୁଃଖ, ସୁଖ, ଆଶା, ନିରାଶା, ସ୍ୱପ୍ନ-କଳ୍ପନା ରହିଲା ନାହିଁ । ମୁଁ ଯେମିତି ଶୂନ୍ୟରେ ଭାସୁଛି । ଉର୍ଦ୍ଧ୍ୱଗାମୀ ହେଉଛି ବେନୁବେଳ । ମୋର ଶରୀର ଯେମିତି ଲୋପ ପାଇଛି । ଭାସି ଭାସି କେତେ ଉର୍ଦ୍ଧ୍ୱକୁ ଯାଇଥା'ନ୍ତି କେଜାଣି, ମଝିରେ ମାୟା ସବୁ ବିଭ୍ରାଟ, କରିଦେଲା । ମତେ ତୋଳିଧରି କହିଲା — ''ଅର୍ଜୁନ ଏବଂ ଶ୍ରୀକୃଷ୍ଣଙ୍କର ପାଦଦୁଇଟି ଏକାପରି ବୋଲି ରୁକ୍ମିଣୀ, ସତ୍ୟଭାମା ମଧ୍ୟ ବେଳେବେଳେ ଭ୍ରମରେ ପଡନ୍ତି ।''

ମୁଁ ଲଜ୍ଜାରେ ଉଠିପଡ଼ିଲି । କିନ୍ତୁ ମନେ ମନେ ମାୟା ଉପରେ ବିରକ୍ତ ହେଲି ।

ଶ୍ରୀକୃଷ୍ଣ ମୃଦୁ ହସି ପଗ୍ଧରିଲେ — ''ତମର ସବୁ କୁଶଳ ତ ସଖି ?''

ମୁଁ ଅଭିମାନରେ ଆଖି ଛଳଛଳ କରି କହିଲି — ''ସେକଥା କ'ଣ ସଖାଙ୍କୁ ଜଣାନାହିଁ ?''

ଶ୍ରୀକୃଷ୍ଣ ସହାନୁଭୂତିଭରା ସ୍ୱରରେ କହିଲେ — ''ଦେଖୁଛି, ଅର୍ଜୁନଙ୍କୁ ଝୁରି ଝୁରି ତମେ କଣ୍ଟା ହେଇଗଲଣି ।''

ମୁଁ ଉତ୍ସୁକ ହୋଇ ପଗ୍ଧରିଲି — ''ସେ କିପରି ଅଛନ୍ତି ? ତାଙ୍କର ସବୁ ଭଲ ତ ?''

ଶ୍ରୀକୃଷ୍ଣ ଉଦାସ କଣ୍ଠରେ କହିଲେ — ''ସଖା ମଧ୍ୟ ତୁମକୁ ଝୁରି ଝୁରି ଏଇ ଅବସ୍ଥା ହୁଅନ୍ତେଣି । ମାତ୍ର ସେ ଯେପରି ବନବାସର ଦୁଃଖ ଓ ବିରହ ଯନ୍ତ୍ରଣା ନ ଭୋଗିବେ ତା'ର ବ୍ୟବସ୍ଥା ମୁଁ କରିଛି । ବର୍ତ୍ତମାନ ସେ ଦ୍ୱାରକାରେ । ବର୍ଷକ ପରେ ତାଙ୍କର ପ୍ରତିଜ୍ଞା ପୂରଣ ହେବ ଏବଂ ସେ ସଗୌରବ ତମ ପାଖକୁ ଫେରିଆସିବେ ।''

ଶ୍ରୀକୃଷ୍ଣଙ୍କୁ ମନେ ମନେ ଧନ୍ୟବାଦ ଜଣାଇଲି । ତଥାପି ମଧ୍ୟ ବୁଝିପାରିଲି ନାହିଁ ସଖାଙ୍କୁ ଦ୍ୱାରକାରେ ଛାଡ଼ି କେଉଁ ବିଶେଷ ପ୍ରୟୋଜନରେ ଶ୍ରୀକୃଷ୍ଣ ଇନ୍ଦ୍ରପ୍ରସ୍ଥ ଆସିଛନ୍ତି ।

Digitized by srujanika@gmail.com

ଶ୍ରୀକୃଷ୍ଣ ମୋର ଚିନ୍ତିତ ମୁହଁକୁ ଘୃହିଁ କହିଲେ — ''ସଖି, ସଖା ଅର୍ଜୁନଙ୍କର ବନବାସ ଏଗାର ବର୍ଷ ହେଇଗଲା । ତଥାପି ମଧ୍ୟ ଦିନେହେଲେ ତମେ ମତେ ସ୍ମରଣ କଲନାହିଁ । ତେଣୁ ନିଜେ ଆସିଲି ତମକୁ ଦେଖିବା ପାଇଁ । ନଚେତ୍ ସଖା ଫେରିଆସି କ'ଣ ଭାବିବେ ? ତାଙ୍କ ଅନୁପସ୍ଥିତିରେ ତମକୁ ଥରେମାତ୍ର ମୁଁ ସଙ୍ଗୋଳି ଆସିନି ଶୁଣିଲେ ସେ ମତେ କ୍ଷମା ଦେବେ ତ ?''

ଭାବିଲି ସତେ କ'ଣ କେବଳ ମତେ ଦେଖିବା ପାଇଁ ଶ୍ରୀକୃଷ୍ଣ ଆସିଛନ୍ତି ?

ଶ୍ରୀକୃଷ୍ଣ ମତେ ଗଭୀର ସ୍ନେହରେ ନିରୀକ୍ଷଣ କରି କହିଲେ — ''ତମ ଉପରେ ଅନେକ ଦାୟିତ୍ୱ ପଡ଼ିଯାଉଛି । ପାଣ୍ଡବ ପାଞ୍ଚଭାଇଙ୍କର ଦାୟିତ୍ୱ କ'ଣ କମ୍ କଥା ? ତମକୁ ସାହାଯ୍ୟ କରିବା ପାଇଁ କିଏ ବା ଅଛି ? ଭାବୁଛି, ତମର ଜଣେ ବିଶ୍ୱସ୍ତ ବାନ୍ଧବୀର ପ୍ରଯୋଜନ ହେଉଛି, ଯିଏ ତମର ସୁଖ, ଦୁଃଖ, ଦାୟିତ୍ୱ, କର୍ମଜଞ୍ଜାଳରେ ଭାଗୀ ହୁଅନ୍ତା । ତମେ କ'ଣ ଭାବୁଛ ?''

ମୁଁ କୃତଜ୍ଞ ଭଙ୍ଗୀରେ କହିଲି — ''ମୋ ପାଇଁ ତମେ ଏତେ ଯେ ଭାବୁଛ ସେତିକି ଯଥେଷ୍ଟ । ମାଯା ମୋର ପାଖେ ପାଖେ ଅଛି । ଆଉ କାହାରି ଆବଶ୍ୟକତା ନାହିଁ ।''

ଶ୍ରୀକୃଷ୍ଣ ମଧୁର କଣ୍ଠରେ କହିଲେ — ''ମାଯା ତମର ପରିଗ୍ରହିକା । ସେ ଯେତିକି ଭଲ ସେତିକି ମନ୍ଦ । ବେଳେବେଳେ ବଡ଼ ଜଞ୍ଜାଳରେ ପକାଏ । ତମ ପାଇଁ ତମର ଉପଯୁକ୍ତ ବାନ୍ଧବୀଟିଏ ମୁଁ ଖୋଜୁଛି । ଦେଖିବ ତମର ବହୁ ଜଞ୍ଜାଳ ସେ ନିଜ ଉପରକୁ ତୋଳିନେବ । ତମର ପାଖେ ପାଖେ ଛାଇପରି ଲାଗିରହିବ । କ'ଣ କହୁଛ ?''

ମୋ ପାଇଁ ଶ୍ରୀକୃଷ୍ଣଙ୍କର ଦରଦ ଦେଖି ମୁଁ ବିଗଳିତ ହୋଇଗଲି । ଗଦ୍‌ଗଦ୍ ସ୍ୱରରେ କହିଲି — ''ବାନ୍ଧବୀଟିଏ ମିଳିଲେ କାହାକୁ ବା ଖରାପ ଲାଗେ ? ଯଦି ସେପରି ବାନ୍ଧବୀ ମତେ ମିଳେ, ତା'ହେଲେ ଆପଣି କରିବି କାହିଁକି ? ବନ୍ଧୁତ୍ୱ ସ୍ଥାପନରେ ମୋର କେବେ କାର୍ପଣ୍ୟ ଦେଖିଛ ? ଏପରିକି ଏ ଭିତରେ କର୍ଣ୍ଣପତ୍ନୀ ଗତୁବତୀ ଏବଂ ଗୁରୁ ଦ୍ରୋଣଙ୍କ ଦ୍ୱିତୀୟା ପତ୍ନୀ ହରିତାଙ୍କ ସହ ମଧ୍ୟ ମୋର ବନ୍ଧୁତ୍ୱ ସ୍ଥାପନ ହେଇଛି । ସେମାନଙ୍କର ସ୍ୱାମୀମାନେ ପାଣ୍ଡବମାନଙ୍କ ବିପକ୍ଷରେ ଥିଲେ ମଧ୍ୟ ଆମ ବନ୍ଧୁତ୍ୱରେ ମଳି ଧୂଳି ନାହିଁ ।''

ଶ୍ରୀକୃଷ୍ଣ ସରସ ଚିତ୍ତରେ କହିଲେ — ''ଏ କେବଳ ତମର ଉଦାରତା କୃଷ୍ଣା । ଯେକୌଣସି ମଣିଷକୁ ଆପଣାର କରିପାରିବାର କଳା ତୁମଠାରେ ଅଛି । ମୁଁ ମଧ୍ୟ ତମ ବନ୍ଧୁତ୍ୱ ପାଖରେ ବନ୍ଧାପଡ଼ିଛି । ମୁକୁଳିବାର ଉପାୟ ନାହିଁ, ଇଚ୍ଛା ବି ନାହିଁ । ସେଥିପାଇଁ ଦ୍ୱାରକାରେ ସଖାଙ୍କୁ ଛାଡ଼ି ଧାଇଁଆସିଛି । କାଲି ପ୍ରତ୍ୟୁଷରୁ ପୁଣି ଫେରିବି ।''

Digitized by srujanika@gmail.com

ଅପୂର୍ବ ଏକ ଆନନ୍ଦର ଧାରା ମୋ ଭିତରର ଶୂନ୍ୟତାବୋଧକୁ ନିଶ୍ଚିହ୍ନ କରି-ଦେଲା । ପବିତ୍ର ପ୍ରେମଧାରାରେ ପ୍ଲାବିତ ହେଲା ହୃଦୟ । ସେ ପ୍ଲାବନ ଚକ୍ଷୁଦେଇ ଝରିଯିବା ପାଇଁ ଚେଷ୍ଟା କରୁଥାଏ । ମୁଁ ଦୃଷ୍ଟି ନତ କଲି ।

ମୁଁ ଏବେ ଏକପ୍ରକାର ମୁକ୍ତ । ବର୍ତ୍ତମାନ ବର୍ଷଟି ମୋର ସନ୍ନ୍ୟାସିନୀର ବର୍ଷ । କାରଣ ଅର୍ଜୁନଙ୍କ ସହ ଯୁଗ୍ମଜୀବନର ବର୍ଷ ଏଇଟି । ମୁଁ ଏକାକିନୀ ରାତି ବିତାଉଛି । ସମଗ୍ର ଜୀବଜଗତ ସୁପ୍ତ ଅଥଚ ମୋ ପାଇଁ ନିଦ୍ରାର ଭାରି କୃପଣତା । ମୁଁ ଶୟନଗୃହର ବାହାରକୁ ଆସିଲି । କିଛି ମୁକ୍ତବାୟୁ ମୋର ଆବଶ୍ୟକ ।

କିନ୍ତୁ ଏ କ'ଣ ! ଅର୍ଜୁନଙ୍କ ଶୟନକକ୍ଷରେ ଆଲୁଅ ମିଞ୍ଚି ମିଞ୍ଚି ଜଳୁଛି । ଅର୍ଜୁନ କ'ଣ ସଖାଙ୍କୁ ଅନୁସରଣ କରି ଫେରିଆସିଛନ୍ତି ? କୃଷ୍ଣଗତ ପ୍ରାଣ ଅର୍ଜୁନଙ୍କ ପକ୍ଷେ ଏ କଥା ଅସମ୍ଭବ ନୁହେଁ । କୃଷ୍ଣଙ୍କ ପାଇଁ ଅର୍ଜୁନ ପ୍ରତିଜ୍ଞା ମଧ୍ୟ ଭଙ୍ଗ କରିପାରନ୍ତି ।

ନିଶାର୍ଦ୍ଧରେ ଅର୍ଜୁନ ହୁଏତ ଆସିଛନ୍ତି ସଖା ଶ୍ରୀକୃଷ୍ଣଙ୍କ ସହ ସାକ୍ଷାତ କରିବା ପାଇଁ । ସୂର୍ଯ୍ୟୋଦୟ ପୂର୍ବରୁ ସେ ପୁଣି ଫେରିଯାଇ ପାରନ୍ତି । ତାଙ୍କ ପାଖକୁ ମୋର ବର୍ତ୍ତମାନ ଯିବା ଉଚିତ ହେବ କି' ? ଏତେ ବର୍ଷ ପରେ ସ୍ୱାମୀଙ୍କ ସହ ଥରେ ସାକ୍ଷାତ ହେବାର ଆଗ୍ରହ ପାଖରେ ଉଚିତ ଅନୁଚିତର ବିଗ୍ରର ଅକାମି ହୋଇଯାଉଛି । ସେ ମତେ ନ ଦେଖନ୍ତୁ । ମତେ ଦେଖିଲେ ତାଙ୍କ ବାରବର୍ଷର ବ୍ରହ୍ମଚର୍ଯ୍ୟ ବ୍ରତ ଭଙ୍ଗ ହେବ ପରା ! କିନ୍ତୁ ମୁଁ ତାଙ୍କୁ ଅନ୍ତରାଳରେ ଥାଇ ଥରେ ଦେଖିଆସିଲେ କ୍ଷତି କ'ଣ ? ଅର୍ଜୁନ ଆସିଥିଲେ ବୋଲି ମୁଁ କାହାକୁ କହିବି ନାହିଁ ମଧ୍ୟ ।

ଧୀରେ ଧୀରେ ମୁଁ ଉଠିଲି । ନିଃଶବ୍ଦ ପଦକ୍ଷେପରେ ଅର୍ଜୁନଙ୍କ ଶୟନକକ୍ଷ ଦିଗରେ ଆଗେଇଲି । ମୋ ସାମ୍ନାରେ ଜ୍ୟୋତ୍ସ୍ନାରାତିର ମାୟା । ସବୁ କିଛି ସୁନ୍ଦର, ମନୋରମ, ସ୍ୱପ୍ନମୟ । ଅର୍ଜୁନଙ୍କ ଶୟନକକ୍ଷ ଆଡୁ କେହି ଜଣେ ଆସୁଛି । ଜ୍ୟୋତ୍ସ୍ନାର ମାୟାରେ କିଏ ସେଇ ମାୟାବିନୀ ନାରୀ ? ଅର୍ଜୁନଙ୍କ ଶୟନକକ୍ଷରେ ନିଶାର୍ଦ୍ଧରେ ତା'ର କି କାମ ?

ତା' ସଙ୍ଗେ ମୁହାଁମୁହିଁ ଭେଟ ହୋଇଗଲା । ପଗ୍ଧରିଲି, "ମାୟା, ଏତେ ରାତିରେ ଅର୍ଜୁନଙ୍କ ପାଖରେ ତୋର କି ପ୍ରୟୋଜନ ?"

ମାୟା ମୃଦୁ ହସିଲା । କହିଲା, "ତମେ ଯେମିତି ସବୁଠି ଅର୍ଜୁନଙ୍କୁ ଦେଖ, ମୁଁ ସେମିତି ସବୁଠି ଶ୍ରୀକୃଷ୍ଣଙ୍କୁ ଦେଖେ । ସେ ଯେଉଁଠି ମୁଁ ସେଇଛି । ଏଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ?" ମାୟା ହସି ହସି ଘୁଲିଗଲା । ଭାବିଲି, ଅର୍ଜୁନଙ୍କ ଆସିବା ସମ୍ବାଦ ନେଇ ମାୟା ବୋଧହୁଏ କୃଷ୍ଣଙ୍କ ପାଖକୁ ଯାଉଛି କିମ୍ବା କୃଷ୍ଣ ହୁଏତ ଏ ଭିତରେ ଅର୍ଜୁନଙ୍କ ନିକଟରେ ପହଞ୍ଚିସାରିଛନ୍ତି ।

Digitized by srujanika@gmail.com

ପାଦ ଚିପି ଚିପି ବାତାୟନ ପାଖରେ ଠିଆହେଲି । ଦେଖିଲି, ଅର୍ଜୁନ ପରମ ନିଶ୍ଚିନ୍ତ ମନରେ ପଲଙ୍କରେ ଶୋଇଛନ୍ତି । ଝର୍କାଦେଇ କିଛି ଜ୍ୟୋସ୍ନାଲୋକ ତାଙ୍କ ସୁଠାମ ଶରୀର ଉପରେ ବିଛେଇ ହୋଇପଡ଼ିଛି । ତାଙ୍କ ନୀଳ ଶରୀରରେ ଜ୍ୟୋସ୍ନା ଯେମିତି ସୁଶୀତଳ ଚନ୍ଦନର ଛୋଟି ଲେଖିଦେଇଛି । ଧୀରେ ଧୀରେ ଦ୍ୱାର ପାଖକୁ ଗଲି । ଅଧାଖୋଲା ଦ୍ୱାର ଦେଇ ଘର ଭିତରର ବାସ୍ନା ବାହାର ବାରଣ୍ଡାରେ ଖେଳେଇ ହୋଇଯାଉଛି । ଉଦ୍ୟାନର ସବୁ ସୁରଭିତ ଫୁଲର ବାସ୍ନା ରାତ୍ରି ସମୀରଣ ସତେବା ସାଉଁଟି ଆଣି ଅର୍ଜୁନଙ୍କ ଶଯ୍ୟାଧାରରେ ଅଜାଡ଼ି ଦେଇଛି । ବର୍ଷ ବର୍ଷ ଧରି ଏଗାର ବର୍ଷ ହେଲା ଉଦ୍ୟାନର ଫୁଲମାନ ଫାଲ୍‌ଗୁନିଙ୍କୁ ଝୁରି ଝରି ପଡ଼ିଛନ୍ତି ବୋଲି ଫାଲ୍‌ଗୁନି କ'ଣ ବୁଝିବେ ?

ନୀରବ ନିଶ୍ଚଳ ହୋଇ ମୁଁ ଅର୍ଜୁନଙ୍କ ଦ୍ୱାରଦେଶରେ ଠିଆହୋଇଛି, କେହି ଦେଖିଦେବ ବୋଲି ମନରେ ଭୟ ଭ୍ରାନ୍ତି ନାହିଁ । ଅର୍ଜୁନ ବନବାସ ନ କରିଥିଲେ ଏବେ ମୋ ସହ ତାଙ୍କର ଯୁଗ୍ମଜୀବନ ବିତାଇବାର ପାଳି ପଡ଼ିଥା'ନ୍ତା । ତେଣୁ ମୁଁ ଭୟ କରିବି କାହିଁକି ?

ଧୀରେ ଧୀରେ ଘର ଭିତରୁ କୃଷ୍ଣବାସ୍ନା ଭାସିଆସୁଛି । ମୋର ଚେତନାକୁ ଆଚ୍ଛନ୍ନ କରୁଛି, ମୋର ସ୍ନାୟୁଗ୍ରନ୍ଥିରେ ଅପୂର୍ବ ସ୍ୱର୍ଗୀୟ ସ୍ପନ୍ଦନ ଜଗାଉଛି । ଅର୍ଜୁନଙ୍କ ପଲଙ୍କ ଉପରେ ଶୋଇଛନ୍ତି ସଖା ଶ୍ରୀକୃଷ୍ଣ ! ଏତେ ସମୟ ଧରି କୃଷ୍ଣଙ୍କୁ ଅର୍ଜୁନ ମନେକରି ମୁଁ ଅଭିସାରିକା ବେଶରେ ତାଙ୍କ ଦ୍ୱାରଦେଶରେ ଠିଆହୋଇଛି । କୃଷ୍ଣଙ୍କର ନିଦ୍ରାଭଙ୍ଗ ହେଲେ ସେ କ'ଣ ଭାବିବେ ?

ପାଦଫେରାଇ ଗ୍ଲିଯିବା ପାଇଁ ସ୍ଥିର କଲି । ଅଥଚ ପାଦ ମୋର ଅଚଳ । ଶ୍ରୀକୃଷ୍ଣଙ୍କ ଶଯ୍ୟାଧାରରେ ଅନନ୍ତକାଳ ପାଇଁ ଠିଆହୋଇ ରହିଲେ ବି ସେ ଥକିଯିବ ନାହିଁ । ଶ୍ରୀକୃଷ୍ଣଙ୍କର ସେଇ ଅଦ୍ଭୁତ ଆକର୍ଷଣ ଶକ୍ତି ପାଖରେ ମୁଁ ବାରମ୍ବାର ହାର ମାନିଯାଏ । ତାଙ୍କ ସହ ଅନାୟାସରେ ଏକାତ୍ମ ହେଇଯାଏ । ଦେହର ନିଗଡ଼ରୁ ଆତ୍ମା ମୁକ୍ତ ହୋଇଯାଏ । ଇଚ୍ଛା ହୁଏ ଦେହକୁ ପରିତ୍ୟାଗ କରି ଦେହହୀନା ହୋଇଯା'ନ୍ତି । କୃଷ୍ଣ ପ୍ରେମରେ ହଜିଯା'ନ୍ତି । ହଜାଇ ଦିଅନ୍ତି ଅତୀତ, ବର୍ତ୍ତମାନ, ଭବିଷ୍ୟତ ।

ମୁଁ ସେମିତି ଠିଆହୋଇଛି । କେତେକାଳ ଠିଆହୋଇଛି ମୁଁ ଜାଣେନାହିଁ । ପ୍ରଭାତ ପକ୍ଷୀର କାକଳିର କୋମଳ ସ୍ପର୍ଶରେ ଧୀରେ ଧୀରେ କୃଷ୍ଣଙ୍କର ନିଦ ଭାଙ୍ଗୁଛି । ଏଥର ମୋର ଫେରିଯିବା ଉଚିତ । ମୁଁ ପାଦ ଫେରାଉଛି, କୃଷ୍ଣ ଅଳସ ଭାଙ୍ଗି ଉଠିଲେ । ମୃଦୁ ମଧୁର ସ୍ୱରରେ କହିଲେ — ''ସଖି ! ସାରା ରାତି ଏମିତି ଠିଆ ହୋଇ କଷ୍ଟ ପାଇଲ । ମୁଁ ମଧ୍ୟ ଯିବା ପାଇଁ କହିଲି ନାହିଁ । ତମେ ଠିଆହେବା ଯୋଗୁଁ ମୁଁ ଶୋଇପାରି ନାହିଁ ସତ; କିନ୍ତୁ ତମର ଏତିକିମାତ୍ର କୋମଳ ସାନ୍ନିଧ୍ୟ ନିଦ୍ରାଠାରୁ ଅଧିକ ଶାନ୍ତିପ୍ରଦ ।''

Digitized by srujanika@gmail.com

ମୁଁ ଲଜ୍ଜାରେ ମଉଳିଯାଇ କହିଲି, "ଭ୍ରମରେ ପଡ଼ି ମୁଁ ଆସିଥିଲି । ଭାବିଥିଲି ଅର୍ଜୁନ ଫେରିଆସିଛନ୍ତି ।"

ଶ୍ରୀକୃଷ୍ଣ ହସି ହସି କହିଲେ, "ସଖାଙ୍କ ବିନା ଇନ୍ଦ୍ରପ୍ରସ୍ଥରେ ମୁଁ କ'ଣ ରହି-ପାରେ ? ସେଥିପାଇଁ ତାଙ୍କ କକ୍ଷରେ ଶୋଇବାର ବ୍ୟବସ୍ଥା କରିବା ପାଇଁ ମାୟାକୁ ନିର୍ଦ୍ଦେଶ ଦେଇଥିଲି । ଅନ୍ତତଃ ସଖାଙ୍କ ପଲଙ୍କରେ ଶୋଇଲେ ତାଙ୍କ ଉପସ୍ଥିତି ଅନୁଭବ କରି ନିଦ ହୋଇଯାଇଥା'ନ୍ତା । ସେ ଯାହାହେଉ ସଖାଙ୍କୁ କହିବି ତାଙ୍କ ରୁଦ୍ଧଦ୍ୱାରରେ କୃଷ୍ଣା ରାତି ରାତି ନିଃଶବ୍ଦରେ ଠିଆହୋଇ ପାରନ୍ତି । ବେଳେବେଳେ ତମ ପାଇଁ ସଖାଙ୍କ ପ୍ରତି ଈର୍ଷା ହୁଏ ।"

ଶ୍ରୀକୃଷ୍ଣଙ୍କର ଘୃଟୁବାଣୀ ମତେ ଉଲ୍ଲସିତ କଲାନାହିଁ । ମୁଁ ଜାଣେ, କଥା କହିବାରେ ସେ ଯେତିକି ପାରଙ୍ଗମ, ମନ ବୁଝିବାରେ ତା'ଠାରୁ ବେଶି । ପୁଣି ସବୁ ବୁଝି ଅବୁଝାପଣିଆ ଦେଖାଇବାରେ ତାଙ୍କର ରୀତିମତ ସୌକ । ଶ୍ରୀକୃଷ୍ଣ ଜାଣନ୍ତି ମୁଁ ଅର୍ଜୁନଙ୍କୁ ଦେଖିବା ପାଇଁ ଆସିଥିଲେ ହେଁ, ତାଙ୍କରି ମାୟାରେ ପଡ଼ି ସାରା ରାତି ନିର୍ବେଦ ହୋଇ ଠିଆହୋଇଛି । ମୋ ମୁହଁରୁ ସେଇ କଥା ପଦକ ଶୁଣିବା ପାଇଁ ତାଙ୍କର ଏ ଘୃତୁରୀ । ମୁଁ ଜାଣି ଜାଣି ନୀରବ ରହିଲି । ଫେରି ଯାଉ ଯାଉ ଅଭିମାନଭରା ସ୍ୱରରେ କହିଲି— "ଦୟାକରି ତମ ସଖାଙ୍କ ଆଗରେ 'କୃଷ୍ଣା' ନାମ ସୁଦ୍ଧା ଉଚ୍ଚାରଣ କରିବ ନାହିଁ । ସେଥିରେ ତାଙ୍କର ବ୍ରତ ଭଙ୍ଗ ହୋଇପାରେ । ସେ ପାପଭାଗୀ ହୋଇପାରନ୍ତି । ଶୁଣିଛି, କୃଷ୍ଣାଠାରୁ ଦୂରେଇ ଯାଇ ସେ ଅନେକ ପୁଣ୍ୟ ଅର୍ଜନ କଲେଣି । ବର୍ତ୍ତମାନ ସେ ପୁଣି କୃଷ୍ଣ ବଳରାମଙ୍କର ଅତିଥି । ସେଠି କୃଷ୍ଣାର ସ୍ଥାନ କାହିଁ !"

ମୋର ଛଳ ଛଳ ଆଖି ଦୁଇଟିକୁ ମୁଗ୍ଧ ଦୃଷ୍ଟିରେ ଘ୍ରହିଁ କୃଷ୍ଣ ମୃଦୁମଧୁର ଛନ୍ଦରେ ହସିଦେଲେ ଏବଂ ମଧୁର କୋମଳ କଣ୍ଠରେ କହିଲେ — "ତମର ଏ ଅଭିମାନର ଛଳ ଛଳ ଅପୂର୍ବ ମୁଖଶୋଭା ଦେଖିବା ପାଇଁ ସଖା ଯାହା ଏଠି ନାହାନ୍ତି ! ବିଚରା ! ଦୟା ହୁଏ ତାଙ୍କ ପାଇଁ । ଏଇ ଛବିଟି ପାରିବି ଯଦି ସଖାଙ୍କ ଆଗରେ ଆଙ୍କି-ଦେବି, ଭାଗ୍ୟବାନ୍ ମଣିବେ ସେ ନିଜକୁ । ପ୍ରେମିକାର ପ୍ରେମଠାରୁ ଅଭିମାନ ବେଶି ମଧୁର, ବେଶି ମନୋରମ । ଯିଏ ପ୍ରେମିକ ସେ ସିନା ସେକଥା ବୁଝେ, ସଖା ଅର୍ଜୁନ ବିଚରା ସେକଥା ବୁଝିବେ କି ନା ସନ୍ଦେହ —"

ତୀର୍ଯ୍ୟକ୍ କଟାକ୍ଷ ହାଣି ସଖା ଅର୍ଥପୂର୍ଣ୍ଣ ହସ ହସିଲେ ଏବଂ ମୁଁ ମୁହୂର୍ତ୍ତକ ପାଇଁ ପ୍ରେମିକାର ଅଭିମାନ ନେଇ ସଖାଙ୍କୁ ଘ୍ରହିଁ ଦେଇ ତାଙ୍କ ଦୃଷ୍ଟିପଥରୁ ଦୂରକୁ ପଳାଇଲି ।

Digitized by srujanika@gmail.com

॥ ୨୧ ॥

ଗୁରୁପତ୍ନୀ ହରିତା । ଦ୍ରୋଣାଗ୍ନ୍ୟର୍ଯ୍ୟଙ୍କର ଦ୍ୱିତୀୟା ପତ୍ନୀ । ସେ ପତ୍ନୀ କହିଲେ ତ ଠିକ୍ ହେବନି, ବାନ୍ଧବୀ, ପରିଗ୍ରହିକା, ସେବିକା, ଧାତ୍ରୀ, ସହକର୍ମିଣୀ କହିଲେ ହିଁ ଦ୍ରୋଣାଗ୍ନ୍ୟର୍ଯ୍ୟଙ୍କର ଜୀବନରେ ହରିତାଙ୍କର ଭୂମିକାକୁ ଠିକ୍ ବୁଝାଇ ହୁଏ । ପ୍ରାଣପ୍ରିୟା ପତ୍ନୀ, କୃପାଗ୍ନ୍ୟର୍ଯ୍ୟଙ୍କର ଭଗ୍ନୀ କୃପାଙ୍କର ଅଜାଳମୃତ୍ୟୁ ସମୟକୁ ଏକମାତ୍ର କୁଳନନ୍ଦନ ଅଶ୍ୱତ୍‌ଥାମା ମାତ୍ର କେତେ ମାସର ଶିଶୁ । ତା'ର ଲାଳନପାଳନ ପାଇଁ ଦ୍ରୋଣାଗ୍ନ୍ୟର୍ଯ୍ୟଙ୍କର କିଶୋରୀ ହରିତାଙ୍କ ସହ ପୁନର୍ବିବାହ ।

ହରିତ୍‌ବର୍ଣ୍ଣା ହରିତା ପ୍ରଥମରୁ ହିଁ ଜାଣିଥିଲେ ଦ୍ରୋଣାଗ୍ନ୍ୟର୍ଯ୍ୟଙ୍କର ଗୃହରେ ତାଙ୍କୁ ଧାତ୍ରୀ ଏବଂ ସେବିକା ଭୂମିକାରେ ହିଁ ଅବତୀର୍ଣ୍ଣା ହେବାକୁ ହେବ । ଜ୍ଞାନପାଗଳ ଆଗ୍ନ୍ୟର୍ଯ୍ୟ ଦ୍ରୋଣଙ୍କ ଜୀବନରେ କୃପାଙ୍କ ପରେ ଅନ୍ୟ ନାରୀର ପ୍ରୟୋଜନ ହିଁ ନଥିଲା । କୃପାଙ୍କ ମୃତ୍ୟୁ ପରେ ସେ ଅନ୍ୟ ନାରୀକୁ କେବଳ ଜନନୀ ଏବଂ ସର୍ବଂସହା ଧରିତ୍ରୀ ଦୃଷ୍ଟିରେ ହିଁ ଦେଖିଆସିଛନ୍ତି । ଏପରିକି ଦ୍ୱିତୀୟା ପତ୍ନୀ ହରିତାଙ୍କୁ ମଧ୍ୟ ସେ କୌଣସି ଦିନ ଆବେଗପୂର୍ଣ୍ଣ ଦୃଷ୍ଟିରେ ଗ୍ରହିଁନାହାନ୍ତି । ହରିତାଙ୍କର ଏକପ୍ରକାର ସନ୍ନ୍ୟାସିନୀର ଜୀବନ । ସ୍ୱାମୀଙ୍କ ପାଖରେ ତାଙ୍କର ଆବଶ୍ୟକତା କେବଳ ଅଶ୍ୱତ୍‌ଥାମା ପାଇଁ । ଗୁରୁ ଦ୍ରୋଣାଗ୍ନ୍ୟର୍ଯ୍ୟ ପୁତ୍ରସ୍ନେହରେ ଅନ୍ଧ କହିଲେ ଚଳେ । ସେଇ ପୁତ୍ର ପାଇଁ ସେ ବନ୍ଧୁ ଦ୍ରୁପଦଙ୍କୁ କାମଧେନୁଟିଏ ଭିକ୍ଷା କରିବାକୁ ମଧ୍ୟ ପଛଘୁଞ୍ଚା ଦେଇ ନଥିଲେ ଏବଂ ସେଥିପାଇଁ କମ୍ ଅପମାନ ମଧ୍ୟ ସହିନାହାନ୍ତି । ପୁତ୍ର ଅଶ୍ୱତ୍‌ଥାମା ହିଁ ତାଙ୍କ ଜୀବନର ଏକମାତ୍ର ଦୁର୍ବଳତା । ତେଣୁ ହୁଏତ ଗୁରୁ ଦ୍ରୋଣ ଗ୍ରହୁଁ ନଥିଲେ ହରିତା ପୁତ୍ରବତୀ ହୁଅନ୍ତୁ । ହରିତା ଯଦି ସନ୍ତାନବତୀ ହେବେ, ତା'ହେଲେ ସେ ହେଇଯିବେ ଅଶ୍ୱତ୍‌ଥାମାର ବିମାତା । ତେଣୁ ସେଇ ଭୟରେ ଗୁରୁ ଦ୍ରୋଣ ହୁଏତ ସୁନ୍ଦରୀ ହରିତାଙ୍କୁ ଭୟ କରି ଦୂରେଇ ଦେଇଛନ୍ତି କାମନାର ପରିସୀମା ଭିତରୁ । ନିଜକୁ ହଜାଇ ଦେଇଛନ୍ତି ଜ୍ଞାନର ପାରାବାରରେ । ସ୍ୱାମୀଙ୍କ ଜ୍ଞାନ ପାରାବାରର ବେଳାଭୂମିରେ ଶୂନ୍ୟ ଶାମୁକା ପରି ପଡ଼ିରହିଛନ୍ତି ହରିତା । କ୍ଷୁଦ୍ର ଅସହାୟ ଧୂଳିକଣା ଭଳି କୋମଳ ଶିଶୁ ମାତୃହରା ଅଶ୍ୱତ୍‌ଥାମାକୁ କୋଳେଇ ନେଇଛନ୍ତି । ବାହ୍ୟଲ୍ୟ ରସରେ ଭିଜାଇ ଦେଇ, ତାକୁ ମୁକ୍ତାରେ ପରିଣତ କରିବା ପାଇଁ ସାରା ଜୀବନ ସାଧନା କରିଗ୍ଲିଛନ୍ତି । ଅଶ୍ୱତ୍‌ଥାମା ହିଁ ହରିତାଙ୍କର ଏକମାତ୍ର ଜୀବନ ସ୍ପନ୍ଦନ ।

ହରିତାଙ୍କର ଉତ୍ସର୍ଗୀକୃତ ଜୀବନ ମତେ ଉଦ୍‌ବୁଦ୍ଧ କରେ । ତାଙ୍କ ପାଦ ତଳେ ମଥା ନଇଁଯାଏ ଆପେ ଆପେ । ମାତ୍ର ହରିତା ମୋ ଭକ୍ତି ଗ୍ରହାନ୍ତି ନାହିଁ, ଗ୍ରହାନ୍ତି ମୋ ସଖ୍ୟ ଏବଂ ମୋର ସାନ୍ନିଧ୍ୟ ।

Digitized by srujanika@gmail.com

ହରିତା ତ୍ୟାଗ ଏବଂ ଉଦାରତାର ପ୍ରତିମୂର୍ତ୍ତି । ତାଙ୍କୁ ଭକ୍ତି କରିବାକୁ ଯାଇ ମୁଁ ତାଙ୍କୁ ଭଲପାଇ ବସିଲି । ତାଙ୍କର ମହନୀୟତାକୁ ପ୍ରେମ କରି ବସିଲି । ହରିତା ମୋର ବନ୍ଧୁତ୍ୱକୁ ସାଦର ସ୍ୱାଗତ ଜଣାଇଥିଲେ । ଅର୍ଜୁନ ବନବାସରେ ଯିବା ପରଠୁ ଅନେକ ସମୟ ମୁଁ ହରିତାଙ୍କ ସଙ୍ଗରେ ବିତାଇଛି । ସ୍ୱାମୀଙ୍କ ବିରହ ହରିତାଙ୍କ ଦର୍ଶନରେ ପାପୋରିଛି । ହରିତାଙ୍କୁ ଦେଖିଲେ ମୁଁ ଭାବେ, ସ୍ୱାମୀଙ୍କ ପାଖେ ପାଖେ ମଧ୍ୟ ହରିତା ବନଗ୍ୱରିଣୀର ଜୀବନ କାଟନ୍ତି । ତା' ଅପେକ୍ଷା ସ୍ୱାମୀଙ୍କଠାରୁ ଦୂରରେ ରହିବା ବରଂ କମ୍ ଯନ୍ତ୍ରଣାଦାୟକ । ହରିତାଙ୍କୁ ଦେଖିଲେ ମୁଁ ମୋର ଦୁଃଖ ଭୁଲିଯାଏ । ହରିତାଙ୍କର ସଂଯମ, ପାତିବ୍ରତ୍ୟ, ତ୍ୟାଗ ଓ କର୍ତ୍ତବ୍ୟପରାୟଣତା ମତେ ଶକ୍ତି ଦିଏ । ପଞ୍ଚସ୍ୱାମୀଙ୍କ ପାଇଁ ଉଚିତ୍ କର୍ତ୍ତବ୍ୟ କରିବାର ପ୍ରେରଣା ହରିତା ହିଁ ନିଃଶବ୍ଦରେ ଦିଅନ୍ତି ।

ହରିତା ବେଳେ ବେଳେ ମୋ ପାଖରେ ତାଙ୍କର ହୃଦୟ ଖୋଲିଦିଅନ୍ତି । ଦ୍ରୋଣାଗ୍ନ୍ୟର୍ଯ୍ୟ କୌରବଙ୍କ ପକ୍ଷେ ସମର୍ଥନ କରନ୍ତି ବୋଲି ତାଙ୍କ ମନର କ୍ଷୋଭ ମୋ ସମ୍ମୁଖରେ ପ୍ରକାଶ କରିଦିଅନ୍ତି । ଅଥଚ ଦିନେହେଲେ ପ୍ରକାଶ କରନ୍ତି ନାହିଁ ତାଙ୍କ ଅପୂର୍ଣ୍ଣ କାମନାର ହାହାକାର । ସେ ଯେମିତି କାମନା, ବାସନାର ବହୁ ଉର୍ଦ୍ଧ୍ୱକୁ ଗ୍ଲିଯାଇଛନ୍ତି । ଅଶ୍ୱତ୍ଥାମାଙ୍କୁ ଦ୍ରୋଣାଗ୍ନ୍ୟର୍ଯ୍ୟଙ୍କର ଉପଯୁକ୍ତ ଦାୟାଦ ଭାବେ ଗଢ଼ିବାର କାମନା ବ୍ୟତୀତ ତାଙ୍କ ଭିତରେ ଆଉ ସବୁ କାମନା ଅବଦମିତ, ମୃତ । -

ଜୀବନର ଆଲୋକିତ ପାର୍ଶ୍ୱ ହିଁ ଯେମିତି ହରିତା । ହରିତାଙ୍କ ସହ ମୋର ଘନିଷ୍ଠତା ବଢ଼ିବା ସଙ୍ଗେ ସଙ୍ଗେ ମନର ଅନେକ ସଂକୀର୍ଣ୍ଣତା ଅପସରି ଯାଉଥାଏ । ଅଯଥା ଅଭିମାନ, କ୍ରୋଧ, ଅହଙ୍କାର ସଙ୍କୁଚିତ ହୋଇପଡୁଥାଏ । ହରିତାଙ୍କ ପାଖରେ ମୁଁ ସବୁଦିନ ଛୋଟ ହୋଇଯାଏ ।

ଅଥଚ ହରିତା ତାଙ୍କର ଚିରାଚରିତ ଉଦାରତାରେ ମହିମାମୟୀ ହୋଇ କହନ୍ତି, ''କୃଷ୍ଣା, ତମେ ଆର୍ଯ୍ୟାବର୍ତ୍ତର ଆଦର୍ଶ ନାରୀ । ତମଠୁ ଅନେକ କିଛି ଶିଖିବାର ଅଛି । ହଜାର ହଜାର ବର୍ଷ ପରେ ହିଁ ଭାରତର ଇତିହାସ ପୃଷ୍ଠାରେ ତମେ ବଞ୍ଚିରହିବ । ତମର ସାହସ, ଧୈର୍ଯ୍ୟ, ବୁଦ୍ଧିମତ୍ତା, ସ୍ପଷ୍ଟବାଦିତା, କର୍ତ୍ତବ୍ୟପରାୟଣତା ଏବଂ ସ୍ୱାଭିମାନ ସମଗ୍ର ନାରୀ ଜାତିର ଆଦର୍ଶ ହେଇ ରହିବ । ତମର ପବିତ୍ର ସୌନ୍ଦର୍ଯ୍ୟରେ ସମଗ୍ର ପୁରୁଷ ଜାତି ତମ ପାଖରେ ବଶ୍ୟତା ସ୍ୱୀକାର କରିଛି । ସେଥିପାଇଁ କର୍ଣ୍ଣପତ୍ନୀ ଋତୁବତୀ ତମକୁ ମନେ ମନେ ଈର୍ଷା କରେ ।''

—''ଋତୁବତୀ ମତେ ଈର୍ଷା କରନ୍ତି ?'' ମୁଁ ବିଚଳିତ ହେଇ ଚିନ୍ତା କରେ ।

ହରିତା ଶାନ୍ତସ୍ୱରରେ କହନ୍ତି — ''ଯେ କେହି କରନ୍ତା । କର୍ଣ୍ଣ ତମର ପ୍ରତ୍ୟାଖ୍ୟାନର ଅପମାନକୁ ଭୁଲିନାହିଁ । ସେଇ ଅପମାନର ଜ୍ୱାଳାରେ ସେ ଅଶାନ୍ତ, ବିକ୍ଷୁବ୍ଧ । କର୍ଣ୍ଣ ଏବଂ ଅର୍ଜୁନଙ୍କ ମଧ୍ୟରେ ତଫାତ୍ ଏତିକି ଯେ ଅର୍ଜୁନ ନମ୍ର, ଉଦାର

Digitized by srujanika@gmail.com

ଅହଂକାରଶୂନ୍ୟ । ଶ୍ରୀକୃଷ୍ଣଙ୍କ ପାଖରେ ସେ ନିଜର ଆତ୍ମାକୁ ସମର୍ପଣ କରିଛି । କିନ୍ତୁ କର୍ଣ୍ଣ ଅହଂକାରୀ ଏବଂ ପ୍ରତିହିଂସାପରାୟଣ । ଈଶ୍ୱରଙ୍କ ଅପେକ୍ଷା ନିଜ ଶକ୍ତି ଉପରେ ତା'ର ବେଶି ଆସ୍ଥା । ପୁରୁଷର ଭୂଷଣ ହେଉଛି ତା'ର ଶୌର୍ଯ୍ୟ, ପୁରୁଷକାର, ଶକ୍ତି । ସେଇ ଦୃଷ୍ଟିରୁ କର୍ଣ୍ଣ ଅର୍ଜୁନଙ୍କଠାରୁ କୌଣସି ଗୁଣରେ କମ୍ ନୁହେଁ । କିନ୍ତୁ ଦୈବୀଶକ୍ତିକୁ ସେ ସଂପୂର୍ଣ୍ଣ ହେୟ ମନେକରେ । କେବଳ ତମରି ଅପମାନର ପ୍ରତିଶୋଧ ନେବାପାଇଁ ସେ କୌରବଙ୍କ ସହ ହାତ ମିଳାଇଛି । ତା' ନହେଲେ କୌରବଙ୍କର ବିନା ସାହାଯ୍ୟରେ ମଧ୍ୟ କର୍ଣ୍ଣ ତା'ର ବୀରତ୍ୱ ଏବଂ ଶୌର୍ଯ୍ୟ ବଳରେ ସମଗ୍ର ପୃଥିବୀର ଅଧୀଶ୍ୱର ହୋଇପାରିଥା'ନ୍ତା ।''

ହରିତାଙ୍କ କଥାରେ ମୋର କର୍ଣ୍ଣଙ୍କ ପ୍ରତି ରାଗ ବା ବିଦ୍ୱେଷ ପରିବର୍ତ୍ତେ ସହାନୁଭୂତି ଓ ସମ୍ଭ୍ରମ ବଢ଼େ । କର୍ଣ୍ଣ ଯଦି ପାଣ୍ଡବ ବିରୋଧୀ, ତା' ପଛରେ କ'ଣ ଯଥେଷ୍ଟ ଯୁକ୍ତି ନାହିଁ ? ଅପମାନର ପ୍ରତିଶୋଧ ନେବା କ'ଣ ପରୁଷୋଚିତ ନୁହେଁ ?

ପରକ୍ଷଣରେ ଅନ୍ତରାତ୍ମା ଥରିଉଠେ । କର୍ଣ୍ଣ ପରି ବୁଦ୍ଧିମାନ, ଶୌର୍ଯ୍ୟବନ୍ତ ପୁରୁଷ ଯଦି କୌରବମାନଙ୍କ ଖଳବୁଦ୍ଧିରେ ପରିଗ୍ଲଳିତ ହେବେ, ତା'ହେଲେ ଇନ୍ଦ୍ରପ୍ରସ୍ଥରେ ପାଣ୍ଡବମାନେ ଶାନ୍ତିରେ ରାଜତ୍ୱ କରିପାରିବେ ତ !

ଅର୍ଜୁନଙ୍କ ପ୍ରତି ଗୁରୁ ଦ୍ରୋଣଙ୍କର ଅସୀମ ଶ୍ରଦ୍ଧା । ତା'ଠୁ ବେଶି ଶ୍ରଦ୍ଧା ହରିତାଙ୍କର । ଅର୍ଜୁନଙ୍କର ବନବାସ ହରିତାଙ୍କୁ ବି ବେଳେବେଳେ ଦୁଃଖ ଦିଏ । ଦୀର୍ଘଶ୍ୱାସ ତୋଳି ସେ କହନ୍ତି — ''ଅର୍ଜୁନର ବାଲ୍ୟ, କୈଶୋର ମଧ୍ୟ ବନବାସ ଦୁଃଖରେ କଟିଛି, କୌରବମାନଙ୍କ କୂଟବୁଦ୍ଧି ପାଇଁ । ସତ୍ୟନିଷ୍ଠ ଅର୍ଜୁନ ପୁଣି ବନବାସ ବରଣ କରିଛି ଜାଣି ଜାଣି । ସେ ଫେରିଆସିଲେ ତା'ର ଅଧିକ ସେବା ଯତ୍ନ କରିବାକୁ ହେବ । ତା' ପ୍ରତି ତମର ପ୍ରେମ ଉଣା କରିବନି କୃଷ୍ଣା । ତମ ପ୍ରେମ ଉଣା ହେଲେ ସେ ଭୀମ ଭଳି ପ୍ରେମ ଦାବିକରି ତୁମୁଳକାଣ୍ଡ କରିବ ନାହିଁ; ବରଂ ପୁଣି କେଉଁ ଆଳରେ ଦୂରେଇ ଯିବ । ନୀରବ ସାଧନା କରିବ ତମର ପ୍ରେମ ପାଇଁ । ଗତ ବାରବର୍ଷ, ଧରି ଏ ବନବାସ ତମ ପ୍ରେମ ପାଇଁ ଅର୍ଜୁନର ନୀରବ ସାଧନା ବ୍ୟତୀତ ଅନ୍ୟ କିଛି ନୁହେଁ ।''

ହରିତାଙ୍କ କଥାରେ ଅନ୍ତର ଦ୍ରବୀଭୂତ ହୁଏ । ମନେ ମନେ ପ୍ରତିଜ୍ଞା କରେ ଏଥର ଅର୍ଜୁନ ଫେରିଆସିଲେ ମୋର ବିଦ୍ୟା, ବୁଦ୍ଧି, ବିଦୁଷୀପଣିଆ, ବିଗ୍ଧର ସବୁକିଛିକୁ ଜଳାଞ୍ଜଳି ଦେଇ ତାଙ୍କରି ସେବାରେ ଜୀବନ ଉତ୍ସର୍ଗ କରିବି । କହିବି, ''ତମେ ମତେ ଜୟ କରି ଆଣିଛ । ମୁଁ ତମର । ମତେ ନେଇ ତମେ ଯାହା ଇଚ୍ଛା ତା' କର । ଏଣିକି ତମରି ଇଚ୍ଛାରେ ମୁଁ ଘଲିବି । ତମ ଇଚ୍ଛାରେ ଘଲିବା ପଥରେ ପାପପୁଣ୍ୟକୁ ଭୟ କରିବି ନାହିଁ । ତମେ ମୋର ଆତ୍ମାକୁ ଜୟ କର, ମତେ ପରାଜିତ କର । ହେ ଫାଲ୍‌ଗୁନି ! ତମେ ହିଁ ମୋର ସବୁଠୁ ବଳି ପ୍ରିୟ, ପ୍ରିୟତମେଷୁ .....''

Digitized by srujanika@gmail.com

॥ ୨୨ ॥

ଫାଲ୍‌ଗୁନି ଫେରୁଛନ୍ତି । ବାରବର୍ଷର ନୀରବ ତପସ୍ୟା ପରେ ଦ୍ରୌପଦୀର ଐକାନ୍ତିକ ପ୍ରେମ ଲାଭ ଆଶାରେ ସେ ଫେରୁଛନ୍ତି । ପାତାଳପୁରୀରେ ଥାଉ ତାଙ୍କର ପତ୍ନୀ ନାଗକନ୍ୟା ଉଲୁପି, ମଣିପୁରରେ ଥାଉ ପତ୍ନୀ ବିତ୍ରାଙ୍ଗଦା, କଳିଙ୍ଗ ଦେଶରେ ଥାଉ ପତ୍ନୀ ଆର୍ଯ୍ୟା । ସେମାନଙ୍କୁ ପଛରେ ପକାଇ ଫାଲ୍‌ଗୁନି ଫେରୁଛନ୍ତି ତ ! କାହାପାଇଁ ଫେରୁଛନ୍ତି ଫାଲ୍‌ଗୁନି ? କାହାପାଇଁ ରୂପସୀ ପତ୍ନୀମାନଙ୍କୁ ବିରହ ଜ୍ୱାଳାରେ ଛଟପଟ କରି ଫେରୁଛନ୍ତି ମୋର ସ୍ୱାମୀ ? ମୋରି ପାଇଁ, ମୋରି ପାଇଁ —

ଫାଲ୍‌ଗୁନି ବୀରପୁରୁଷ । ଅନେଶ୍ୱତ ପତ୍ନୀ ସେ ବରଣ କରନ୍ତୁ । ମୁଁ ସେଥିରେ କାହାକୁ ଈର୍ଷା କରିବି କାହିଁକି ? ଫାଲ୍‌ଗୁନିଙ୍କ ଉପରେ ଅଭିମାନ ବି କରିବି କାହିଁକି ? ଫାଲ୍‌ଗୁନିଙ୍କ ପାଖରେ ମୁଁ ତ କୃଷ୍ଣା, ଇନ୍ଦ୍ରପ୍ରସ୍ଥର ରାଣୀ । ଇନ୍ଦ୍ରପ୍ରସ୍ଥରେ ମୋର ସପତଣୀ ନାହାନ୍ତି । ଇନ୍ଦ୍ରପ୍ରସ୍ଥର ନାୟିକା, ପାଣ୍ଡବ ପତ୍ନୀ ମୁଁ — କୃଷ୍ଣା ।

ପ୍ରତୀକ୍ଷା, ପୁଣି ପ୍ରିୟର ପ୍ରତୀକ୍ଷା ଯେତିକି ସୁଖକର, ସେତିକି କ୍ଲାନ୍ତିକର । ମୁଁ ସଜାଉଛି ଫାଲ୍‌ଗୁନିଙ୍କର କକ୍ଷକୁ, ତାଙ୍କର ଉଦ୍ୟାନକୁ, ତାଙ୍କର ପାଠାଗାର, ବୈଠକ ଗୃହ, ଉପାସନା ଗୃହ, ପ୍ରମୋଦ ଗୃହ, ସମଗ୍ର ରାଜପ୍ରାସାଦକୁ — ଯେଉଁଠି ଫାଲ୍‌ଗୁନିଙ୍କର ନୀଳକମଳର ଦୃଷ୍ଟି ପଡ଼ିବ ସେ ସ୍ଥାନକୁ । ପୁଣି ସଜାଇଛି ନିଜକୁ ଫାଲ୍‌ଗୁନିଙ୍କର ପସନ୍ଦ ଓ ରୁଚି ଅନୁସାରେ । ପାକଶାଳାରେ ସଜାଇ ରଖିଛି ସରଞ୍ଜାମ । ଫାଲ୍‌ଗୁନିଙ୍କୁ ଯାହା ଭଲ ଲାଗେ ସବୁ ସଜାଡ଼ି ରଖିଛି । ଯେତେ ଯାହା ସଜାଡ଼ିଲେ ମନ ମାନୁନାହିଁ । ବିରକ୍ତ ହେଉଛି ମୁଁ ମାୟା ଉପରେ । ମାୟାର କେଜାଣି କି ଅଦ୍ଭୁତ ଖିଆଲ । ନବନିର୍ମିତ ଏକ ପ୍ରାସାଦରେ ସେ ଫାଲ୍‌ଗୁନିଙ୍କ ସ୍ୱାଗତ ସମ୍ବର୍ଦ୍ଧନାର ଆୟୋଜନ କରୁଛି । ବାସର ଗୃହ ପରି ସଜାଇଛି ଏକ କକ୍ଷ । ଫାଲ୍‌ଗୁନି କଣ ନୂଆ ମଣିଷ ହୋଇ ଫେରୁଛନ୍ତି ଯେ ମୁଁ ତାଙ୍କୁ ସେଇ ନବନିର୍ମିତ ଉଆସରେ ଭେଟିବି ?

ସତରେ ଫାଲ୍‌ଗୁନିଙ୍କୁ ନୂଆକରି ଭେଟିବା ଭଳି ମନେହେଉଛି । ମନ ତଳେ ଅନୂଢ଼ା କିଶୋରୀର ରୋମାଞ୍ଚ । ବିରହ ପରେ ମିଳନର ଆନନ୍ଦ ଯେ ଏତେ ବେଶି, ତା' ବିରହ ନଥିଲେ ବୁଝିଥା'ନ୍ତି କିପରି ?

ରାଜ୍ୟସାରା ଉତ୍ସବର ଆୟୋଜନ ହୋଇଛି । ଅନେକ ଦେଶର ରାଜା ମହାରାଜାଙ୍କୁ ନିମନ୍ତ୍ରଣ କରାହୋଇଛି । ଉତ୍ସବର ଆଡମ୍ବର ଦେଖି ମୁଁ ମନେ ମନେ ଭାବୁଛି ଏ ଯେମିତି ଫାଲ୍‌ଗୁନିଙ୍କ ସହ ମୋର ବିବାହ ଉତ୍ସବ !

Digitized by srujanika@gmail.com

ନିଜକୁ ନବବଧୂ ପରି ମୁଁ ସଜାଇଛି । ଫାଲ୍‌ଗୁନି ଯେପରି ନ ଭାବନ୍ତୁ ଯେ ଏ ଭିତରେ ବାରବର୍ଷ ଗତ ହୋଇଯାଇଛି ଏବଂ ମୋର ବୟସ ବାରବର୍ଷ ବଢ଼ିଛି ।

ଫାଲ୍‌ଗୁନିଙ୍କ ରାଜ୍ୟ ପ୍ରବେଶର ବାଦ୍ୟ ଶୁଭିଲାଣି । ବାଦ୍ୟର ତାଳେ ତାଳେ ମୋ ହୃଦୟ ବି ନାଚୁଛି, ସ୍ପନ୍ଦିତ ହେଉଛି ।

ମାୟା ହସି ହସି ଆସୁଛି । ହାତରେ ଅର୍ଘ୍ୟଥାଳି । ସ୍ୱାମୀଙ୍କର ପଦବନ୍ଦନା କରି ପାଛୋଟି ଆଣିବାକୁ ହେବ । ମୋ ହାତକୁ ମାୟା ଅର୍ଘ୍ୟଥାଳି ବଢ଼ାଇଦେଲା । ରତ୍ନଥାଳିରେ ଦୁଇଟି ଗଜରା ହାର । କାହାପାଇଁ ? ଫାଲ୍‌ଗୁନିଙ୍କ ସହ ଆଉ କିଏ ଆସୁଛି ? ତାଙ୍କର ସଖା କୃଷ୍ଣ ? ବଳରାମ ? ମୋ ଆଖିର ଭାଷା ପଢ଼ି ମାୟା କହିଲା— ''ହୁଅନ୍ତୁ ପଛକେ ସପତଣୀ ! ଅନ୍ୟ କେହି ତ ନୁହନ୍ତି, ସଖା ଶ୍ରୀକୃଷ୍ଣଙ୍କ ଗୋଲ୍ଲା ଭଉଣୀ ସୁଭଦ୍ରା । ତମ ମନରେ ଯେତେ ରାଗ ଅହଂକାର ଥାଉ ପଛକେ, ତା' କ'ଣ ଆଉ ଘରେ ପଶୁ ପଶୁ ଜଣାଇଦେବ ? କ'ଣ ଭାବିବେ ରାଜ୍ୟବାସୀ, ପୁଣି କ'ଣ ଭାବିବେ ସଖା ଶ୍ରୀକୃଷ୍ଣ ? ସପତଣୀଙ୍କୁ ବି ତମେ ଫୁଲହାର ଦେଇ ବନ୍ଦାଇ ଆଣିବ । ବାସରଗୃହରେ ସ୍ୱାମୀଙ୍କ ପାଖରେ ନେଇ ଛାଡ଼ିଆସିବ । ଏତିକି କ'ଣ ଯାଜ୍ଞସେନୀ ପାରିବେ ନାହିଁ ?''

ଏତେବେଳେକେ ବୁଝିଲି, ଫାଲ୍‌ଗୁନିଙ୍କ ସ୍ୱାଗତ ଉତ୍ସବର ଆଡ଼ମ୍ବର କ'ଣ ପାଇଁ । ନବନିର୍ମିତ ପ୍ରାସାଦରେ ମୋ ପାଇଁ ନୁହେଁ, ସୁଭଦ୍ରା ପାଇଁ ବାସର ଶେଯ ସଜା ହୋଇଛି ବୋଲି ବୁଝିପାରିଲି । ଅଥଚ ମୁଁ ଆପେ ଆପେ ନିଜକୁ ନବବଧୂ ପରି ସଜାଇବସିଛି ଲଜ୍ଜାସଙ୍କୋଚ ଛାଡ଼ି । ନିଜକୁ ଧିକ୍‌କାରି, ବେଶଭୂଷା ଖୋଲିଦେଲି । ରାଗରେ ଥରି ଥରି ପଡ଼ିଲି — ''ମାୟା, ଫାଲ୍‌ଗୁନିଙ୍କର ଏତେ ସାହସ କେମିତି ହେଲା ? ବଡ଼ଭାଇଙ୍କ ବିନାନୁମତିରେ ସେ ଦ୍ୱାରକାରେ ସୁଭଦ୍ରାଙ୍କୁ ବିବାହ କଲେ, ପୁଣି ସୁଭଦ୍ରାଙ୍କୁ ଧରି ଇନ୍ଦ୍ରପ୍ରସ୍ଥ ଆସୁଛନ୍ତି କେଉଁ ମୁହଁରେ ?''

ମାୟା ଚପଳ ହାସ୍ୟର ଛଟା ଖେଳାଇ କହିଲା — ''ସଖି, ଫାଲ୍‌ଗୁନିଙ୍କୁ ତମେ ଏ ଯାଏ ବି ଚିହ୍ନିଲ ନାହିଁ । ଭାଇଙ୍କ ବିନାନୁମତିରେ ସେ ଏ ସବୁ କରିବା କ'ଣ ସମ୍ଭବ ? ଯୁଧିଷ୍ଠିରଙ୍କ ଅନୁମତି ନେବା ପାଇଁ ଶ୍ରୀକୃଷ୍ଣ ନିଜେ ଆସିଥିଲେ । ଯୁଧିଷ୍ଠିରଙ୍କ ଅନୁମତି ପାଇବା ପରେ ହିଁ ଫାଲ୍‌ଗୁନି ସୁଭଦ୍ରାଙ୍କୁ ବିବାହ କରି ଫେରିଆସୁଛନ୍ତି ।''

ଅଭିମାନ ହେଲା କୃଷ୍ଣଙ୍କ ଉପରେ । ନିଜ ଭଉଣୀକୁ ମୋର ସପତଣୀ କରିବାପାଇଁ ତେବେ ସେ ଆସିଥିଲେ ଯୁଧିଷ୍ଠିରଙ୍କ ପାଖକୁ ? ମୋ ପାଇଁ ଉପଯୁକ୍ତ ବାନ୍ଧବୀଟିଏ ଖୋଜିଦେବେ ବୋଲି ପରୋକ୍ଷରେ ମତେ ଇଙ୍ଗିତ ଦେଇଥିଲେ । ଅଥଚ

Digitized by srujanika@gmail.com

ଫାଲ୍‌ଗୁନି ମୋର ସମ୍ମତି, ଅସମ୍ମତିକୁ ତ ଅପେକ୍ଷା କଲେନାହିଁ । ଭାଇଙ୍କ ଅନୁମତି ନେବାବେଳେ ମତେ ଥରେ ସମ୍ବାଦ ବି ଦେଲେନାହିଁ ଯେ ବାରବର୍ଷର ତପସ୍ୟା ପରେ ମୋ ପାଇଁ ସେ ଏମିତି ଏକ ଦୁର୍ଲଭ ଉପହାର ସଙ୍ଗରେ ଆଣି ଆସୁଛନ୍ତି ବୋଲି ?

ଫାଲ୍‌ଗୁନିଙ୍କ ସୁଭଦ୍ରା ବିବାହର ବିବରଣୀ ମାୟାଠାରୁ ଶୁଣିଲି । ଯଦି ସୁଭଦ୍ରା ଅନ୍ୟ ରାଜକନ୍ୟାଙ୍କ ଭଳି ଫାଲ୍‌ଗୁନିଙ୍କ ପ୍ରେମରେ ଆତୁରା ହୋଇ ତାଙ୍କ ପତ୍ନୀ ହେବାପାଇଁ ଭିକ୍ଷା କରିଥା'ନ୍ତା, ତେବେ ମୋର ଦୁଃଖ ବଦଳରେ ଗର୍ବ ହେଉଥା'ନ୍ତା ମନରେ । ମୋ ସ୍ୱାମୀ ଯେ ଆର୍ଯ୍ୟାବର୍ତ୍ତର ଶ୍ରେଷ୍ଠପୁରୁଷ, ଏକଥା କ'ଣ ମୋର ଗର୍ବର ବିଷୟ ନୁହେଁ । ଅଥଚ ଘଟଣାଟା ଯେ ଏକବାର ଭିନ୍ନ ଏବଂ ଅତୀବ ଲଜ୍ଜାକର । ସୁଭଦ୍ରାଙ୍କ ପ୍ରଥମ ଦର୍ଶନରେ ହି ଫାଲ୍‌ଗୁନି ତାଙ୍କ ପ୍ରେମରେ ପଡ଼ିଗଲେ । ପ୍ରେମରେ ଏପରି ଅନ୍ଧ ହୋଇଗଲେ ଯେ ସ୍ୱୟମ୍ବର ପର୍ଯ୍ୟନ୍ତ ବି ଅପେକ୍ଷା କଲେନାହିଁ । ସ୍ୱୟମ୍ବରରେ କାଳେ ସୁଭଦ୍ରା ତାଙ୍କୁ ବରଣ ନକରି ଅନ୍ୟ କାହାକୁ ବରଣ କରିବ, ସେହି ଭୟରେ ବଳାହାର କରି ସୁଭଦ୍ରାଙ୍କୁ ହରଣ କରିନେଲେ । ପୂଜା ଅର୍ଚ୍ଚନା ପାଇଁ ରୈବତ ପର୍ବତକୁ ଯାଇଥା'ନ୍ତି ସୁନ୍ଦରୀ ସୁଭଦ୍ରା । ଶ୍ରୀକୃଷ୍ଣଙ୍କ ପାଖରୁ ଆଗରୁ ଖବର ପାଇ ରଥ ପ୍ରସ୍ତୁତ କରି ରହିଥା'ନ୍ତି ଫାଲ୍‌ଗୁନି । ପୂଜାରିଣୀ ରାଜକନ୍ୟାକୁ ରଥ ଉପରକୁ ଉଠାଇନେଲେ ଫାଲ୍‌ଗୁନି । ରଥ ଛୁଟାଇ ଅଦୃଶ୍ୟ ହୋଇଗଲେ । ଭଉଣୀଙ୍କୁ ଏପରି ଭାବେ ହରଣ କରି ନେବାପାଇଁ ପୁଣି ସାହାଯ୍ୟ କଲେ ସଖା କୃଷ୍ଣ । ନିଜ ରଥଟିକୁ ମଧ୍ୟ ଅର୍ଜୁନଙ୍କୁ ଦେଇଥିଲେ । ପୁଣି ବଳରାମଙ୍କର କ୍ରୋଧକୁ ମଧ୍ୟସ୍ଥତା କରି ଶାନ୍ତ କରାଇଲେ ଏବଂ ଯୁଧିଷ୍ଠିରଙ୍କ ଅନୁମତି ନେବାପାଇଁ ଇନ୍ଦ୍ରପ୍ରସ୍ଥ ବି ଧାଇଁ ଆସିଲେ । ଏଭଳି ପ୍ରେମବିବାହ ପରେ ଆଉ ଫାଲ୍‌ଗୁନିଙ୍କ ପାଖରେ କୃଷ୍ଣାର ଆବଶ୍ୟକତା କ'ଣ ? କୃଷ୍ଣା ତ ଶ୍ୟାମାଙ୍ଗିନୀ, ତା'ର କି ସୌନ୍ଦର୍ଯ୍ୟ— ଶୁଣିଛି ସୁଭଦ୍ରା ଗୌରୀ, କୌମୁଦୀ ଭଳି ଦେହର ରଙ୍ଗ । ନବନୀତ କୋମଳ ଅଙ୍ଗସୌଷ୍ଠବ । ତମାଳ ଲତା ଭଳି ତରଙ୍ଗିତ ତନୁବଲ୍ଲରୀ । ପଦ୍ମପାଖୁଡ଼ା ଭଳି ପାଦ କରତଳ, ନିମ୍ଫଳ ଭଳି ଅଧର । ନୀଳଜଇଁର ନମ୍ର ମଧୁର ଚକ୍ଷୁତାରକା — ନା, ଆଉ ସହି ହେଉନାହିଁ । ସୁନ୍ଦରତମ ପୁରୁଷ କୃଷ୍ଣଙ୍କର ଯେ ଭଉଣୀ, ତା' ପାଇଁ ସାରା ସଂସାରରେ ଉପମା କେବଳ ସେ ନିଜେ । ମୁଁ ତା' ପାଖରେ ଛାର ପରିଗ୍ଧୁରିକା ଭଳି ଦିଶିବି କି ନା ସନ୍ଦେହ । ଇନ୍ଦ୍ରପ୍ରସ୍ଥରେ ସୁଭଦ୍ରା ଯଦି ଫାଲ୍‌ଗୁନିଙ୍କ ଆଖି ଆଗରେ ରହେ ତେବେ ଫାଲ୍‌ଗୁନି ମତେ ଆଡ଼ଆଖିରେ ବି ଘ୍ୱହିଁବେ ନାହିଁ । ଏପର୍ଯ୍ୟନ୍ତ ମନରେ ଗୋଟାଏ ଅହଂକାର ଥିଲା ନିଜର ରୂପ ପାଇଁ, ବ୍ୟକ୍ତିତ୍ୱ ପାଇଁ । ଧାରଣା ଥିଲା, ମତେ ପାଇବା ପରେ କୌଣସି ପୁରୁଷ ଅନ୍ୟ ନାରୀକୁ ପ୍ରେମ କରି ନପାରେ । ମୋ ସହିତ ଏ ପୃଥିବୀର କୌଣସି ନାରୀ ତୁଳନୀୟ ହୋଇନପାରନ୍ତି । ମୋର ଏଭଳି ଅହଂକାର ପାଇଁ ମୋର ବା କି ଦୋଷ ? ଜନ୍ମକାଳରୁ ମତେ ଯିଏ ଦେଖିଛି ସମ୍ମୋହିତ ହୋଇଛି, ମତେ

Digitized by srujanika@gmail.com

ପାଇବା ପାଇଁ ପ୍ରାଣପାତ କରିବା ପାଇଁ ମଧ୍ୟ ପ୍ରସ୍ତୁତ ହୋଇଛି । ସ୍ୱୟମ୍ବର ସଭାରେ ପ୍ରତ୍ୟେକ ରାଜପୁତ୍ରଙ୍କର ଦୟନୀୟ ଅବସ୍ଥା ଦେଖିବା ପରେ ମୋର ଅହଂକାର ଦୃଢ଼ୀଭୂତ ହେବା ସ୍ୱାଭାବିକ । ଏପରିକି ଶ୍ରୀକୃଷ୍ଣଙ୍କର ସୁନ୍ଦର ଆଖି ଦୁଇଟା ମତେ ଦେଖିଲେ ମୁଗ୍ଧ ଘ୍ରାଣିରେ ଆଉରି ମନୋରମ ହୋଇଉଠିବାର ମୁଁ ଲକ୍ଷ୍ୟ କରିଛି । ତାହାହିଁ ତ ମୋର ଅହଂକାରକୁ ଚରମସୀମାରେ ପହଞ୍ଚାଇଛି । ଅଥଚ ସୁଭଦ୍ରା ଆଜି ମୋର ଦର୍ପ ଚୂର୍ଣ୍ଣ କରିଦେଇଛି । ଶୁଣିଥିଲି ଅଲୌକିକ ଶକ୍ତିମୟ ଶ୍ରୀକୃଷ୍ଣ କାହାରି ଅହଂକାରକୁ ସହ୍ୟ କରନ୍ତି ନାହିଁ । ବୋଧହୁଏ ମୋର ଅହଂକାରର ଟେର୍ ସେ ପାଇଛନ୍ତି ଏବଂ ନିଜ ଭଉଣୀ ଦ୍ୱାରା ହିଁ ମୋର ଦର୍ପ ଚୂର୍ଣ୍ଣ କରିଛନ୍ତି ।

ହାୟ, ମୁଁ କି ଜାଣିଥିଲି, କାହାରି ଗର୍ବ ଚିରଦିନ ରହେନାହିଁ ବୋଲି ! ଏ ପୃଥିବୀ କେଡ଼େ ବିରାଟ — ତା' ଭିତରେ ମଣିଷ କେଡ଼େ କ୍ଷୁଦ୍ର ଆଉ ଅସହାୟ । ମଣିଷର ଅହଂକାର ପୁଣି ଧୂଳିକଣା ଭଳି କେତେ ଅଳୀକ ଆଉ ଅସାର । ମୁହୂର୍ତ୍ତକରେ ତାହା ଚୂର୍ଣ୍ଣ ହୋଇଯାଏ — କେତେ ହାସ୍ୟାସ୍ପଦ ଜରେ ମଣିଷକୁ — କେତେ ମନସ୍ତାପ ଭରିଦିଏ ପ୍ରାଣରେ, ତା' ମୁଁ କ'ଣ ଜାଣିଥିଲି ?

ରାଜା ମହାରାଜାମାନେ ଏକାଧିକ ନାରୀକୁ ପ୍ରେମ କରିପାରନ୍ତି, ବିବାହ କରିପାରନ୍ତି, ପ୍ରତ୍ୟାଖ୍ୟାନ ବି କରିପାରନ୍ତି ନିଜର ସୌକ ଅନୁସାରେ । ସେଥିପାଇଁ ପୂର୍ବ ସ୍ତ୍ରୀ'ର ଅନୁମତି ଆବଶ୍ୟକ ହୁଏ ନାହିଁ । ତେଣୁ ଅର୍ଜୁନ ଯାହା କରିଛନ୍ତି ତା' ରାଜୋଚିତ, ପୁରୁଷୋଚିତ । କିନ୍ତୁ ମୁଁ ଦୁଃଖ ପାଉଛି ମୋର ଅହଂକାର ପାଇଁ — ମୁଁ ଲଜ୍ଜା ଏବଂ ଗ୍ଲାନିରେ ସଡୁଛି ମୋର ବଡ଼ିମା ପାଇଁ ।

ସୁଭଦ୍ରା ପୁଣି ମୋଠାରୁ ସୁନ୍ଦରୀ, ମୋ'ଠାରୁ ପ୍ରେମମୟୀ ? ବୀରତ୍ୱ ଯୋଗୁଁ ଫାଲ୍‌ଗୁନି ମତେ ଲାଭ କରିଥିଲେ । ସେଦିନ ତାହାହିଁ ମୋର ଗର୍ବର ବିଷୟ ଥିଲା । ମାତ୍ର ଆଜି ଲଜ୍ଜା ହେଉଛି ସ୍ୱୟମ୍ବର ସଭାରେ ମତେ ଦେଖିବା ପରେ ଫାଲ୍‌ଗୁନି ତାଙ୍କ ପାଳି ଆସିବା ପର୍ଯ୍ୟନ୍ତ ଅପେକ୍ଷା ନରଖି ବଳାହାର କରି ମତେ ଟେକିଆଣିଲେ ନାହିଁ କାହିଁକି ? ସେ କ'ଣ ତେବେ ମୋ ପ୍ରେମରେ ସେଭଳି ଅନ୍ଧ ହୋଇପାରି ନଥିଲେ ? ଯଦି କର୍ଣ୍ଣଙ୍କୁ ବାଧା ଦିଆଯାଇ ନଥା'ନ୍ତା, ତେବେ କିଏ ଜାଣେ ମତେ ଲାଭ କରିବାର ପରୀକ୍ଷା ଦେବାପାଇଁ ଫାଲ୍‌ଗୁନିଙ୍କର ପାଳି ମୋଟ ଉପରେ ଆସିଥା'ନ୍ତା କି ନାହିଁ । ଏଥିରୁ ସ୍ପଷ୍ଟ ଯେ, ଫାଲ୍‌ଗୁନି ମୋ ଅପେକ୍ଷା ସୁଭଦ୍ରା ପ୍ରତି ହିଁ ବେଶୀ ଆକୃଷ୍ଟ ହୋଇପଡ଼ିଲେ ପ୍ରଥମ ସାକ୍ଷାତରେ । ସୁଭଦ୍ରା ପ୍ରତି ମୋର ବିଦ୍ୱେଷ ଜାଗିବା ସ୍ୱାଭାବିକ ନୁହେଁ କି ?

Digitized by srujanika@gmail.com

ଅର୍ଜୁନ ଏବଂ ସୁଭଦ୍ରାଙ୍କୁ ବନ୍ଦାପନା କରି ପାଛୋଟି ଆଣିବା ପାଇଁ ମୁଁ ଗଲି-ନାହିଁ । ସୁଭଦ୍ରାର ସୁନ୍ଦର ମୁହଁ ପାଖରେ ମୋ ମୁହଁ ଦେଖି ଫାଲ୍‌ଗୁନି ମୋ ପ୍ରତି ବେଶି ବୀତସ୍ପୃହ ହେବେ ନି ତ !

ଦ୍ୱାର ରୁଦ୍ଧ କରି ମୁଁ ବସିରହିଲି ଏବଂ ଲୋତକ ବର୍ଷଣ କରିବା ପାଇଁ ଲାଗିଲି । ସବୁ ଦାମ୍ଭିକତା ଏବଂ ବିଦୁଷୀପଣିଆ ସତ୍ତ୍ୱେ ମୁଁ ନାରୀ । କାହା ସାମ୍ନାରେ ଲୁହ ଝରାଇବାକୁ ମୁଁ, ଲଜ୍ଜାବୋଧ କରେ । ମାତ୍ର ନିଜକୁ ତ ଫାଙ୍କି ଦେଇପାରିବିନି । ମୋର ସମସ୍ତ ଦାମ୍ଭିକତା, ସହନଶୀଳତା, ଧୈର୍ଯ୍ୟ ଓ ଉଦାରତା ମୋ ନିଜ ପାଖରେ ହିଁ ହାର ମାନିଯାଏ । ନିଜକୁ ଫାଙ୍କିଦେବା ଏତେ ସହଜ ବ୍ୟାପାର ନୁହେଁ ।

ସେମାନେ ପହଞ୍ଚିଗଲେଣି । ଶଙ୍ଖ, ହୁଳହୁଳି, ଆନନ୍ଦର କଳରୋଳ ପ୍ରାସାଦ ଦ୍ୱାରକୁ ଭାସିଆସୁଛି । ମୋର ଅଶ୍ରୁକୁ ଦ୍ୱିଗୁଣିତ କରୁଛି ।

କାହାର ମଧୁର ସ୍ୱର ଶୁଭୁଛି — ''ସଖୀ କେଉଁଠି ?''

—''ସେ ଅସୁସ୍ଥା ।'' ମାୟା ଉତ୍ତର ଦେଉଛି ।

—''ଶରୀର, ନାଁ ମନ ?''

—''ସେ କଥା ଅନ୍ତର୍ଯ୍ୟାମୀ ନିଜେ ଜାଣନ୍ତି ।'' ପୁଣି ମାୟାର କୋମଳ ମଧୁର ହସର ଢେଉଟିଏ ମୋ ରୁଦ୍ଧଦ୍ୱାରରେ ମୃଦୁ ଆଘାତ କରୁଛି ।

ମୁଁ ଅଶ୍ରୁ ପୋଛିଦେଲି । ଛି, ଛି — ସଖାଙ୍କ ଆଖିରେ ନିଜକୁ ଏତେ ଦୁର୍ବଳ କରିଦେବି ? ସେ ତ କେବଳ ସଖା ନୁହଁନ୍ତି, ସେ ଆଜିଠୁ ମୋ ସପତଣୀର ଭାଇ ।

ଦ୍ୱାର ଖୋଲି କୃଷ୍ଣଙ୍କୁ ଅଭିବାଦନ ଜଣାଇଲି । କୃଷ୍ଣ ମୃଦୁ ହସି କହିଲେ — ''ଶୁଣିଲି ସଖୀ ଅସୁସ୍ଥ ହୋଇପଡ଼ିଛନ୍ତି । ଦାୟିତ୍ୱ ତ କିଛି କମ୍ ନୁହେଁ । ସାହାଯ୍ୟ କରିବା ପାଇଁ ଅଛି କିଏ ?''

ମୁଁ ଗମ୍ଭୀର କଣ୍ଠରେ କହିଲି — ''ଯଜ୍ଞକୁଣ୍ଡରୁ ଯେ ଜନ୍ମ, ସେ କେବେ ଅସୁସ୍ଥ ହୁଏନା, ଦୀପଶିଖା ହୁଏତ ଜଳେ, ନଚେତ୍ ଲିଭିଯାଏ । କିନ୍ତୁ ହୋମଶିଖା ଲିଭେ ପୂର୍ଣ୍ଣାହୁତି ପରେ, ତା' ପୂର୍ବରୁ ନୁହେଁ । ମୁଁ ଅସୁସ୍ଥ ହେଇନି । ଫାଲ୍‌ଗୁନିଙ୍କ ସ୍ୱାଗତ-ପାଇଁ ନିଜକୁ ପ୍ରସ୍ତୁତ କରୁଥିଲି । ପୂର୍ଣ୍ଣାହୁତି ଦେବାପାଇଁ ଶକ୍ତି ସଂଚୟ କରୁଥିଲି ।''

ଏତିକି କହି ମୁଁ ପ୍ରବେଶଦ୍ୱାର ଆଡ଼କୁ ଆଗେଇଗଲି । ପରିଗ୍ୱରିକା ହାତରୁ ବନ୍ଦାପନା ଥାଳି ନେଇ ଅର୍ଜୁନ ଓ ସୁଭଦ୍ରାଙ୍କୁ ବନ୍ଦାପନା କଲି । ବାରବର୍ଷର ଆଦର୍ଶନ

Digitized by srujanika@gmail.com

ପରେ ମୁଁ କିନ୍ତୁ ଅର୍ଜୁନଙ୍କ ମୁହଁକୁ ଘୃହିଁଲି ନାହିଁ । କାରଣ ସେତେବେଳକୁ ଅଭିମାନର ଅଶ୍ରୁ ମୋର ଚକ୍ଷୁପତାରେ ଢଳ ଢଳ ହେଉଥାଏ । ମୁଁ ଘୃହିଁଲି ତାଙ୍କର ସୁନ୍ଦର ନୀଳପଦ୍ମର ପାଦ ଦୁଇଟିକୁ — ତାଙ୍କ ପାଦକୁ ଲାଗି ଆଉ ଦୁଇଟି ଶିଳ୍ପୀ ହାତଗଢ଼ା ଛୋଟ ଛୋଟ ସୁବର୍ଣ୍ଣର ପାଦ । ମନ୍ଦିରର ଲକ୍ଷ୍ମୀ ପ୍ରତିମାଙ୍କ ପାଦଭଳି ନିଖୁଣ, ମନୋରମ ! ଯାହାର ପାଦ ଦୁଇଟି ଏତେ ସୁନ୍ଦର, ତା'ର ମୁଖଶୋଭାରେ ଅର୍ଜୁନ ପ୍ରେମପାଗଳ ହେବା କେତେ ସ୍ୱାଭାବିକ ବୁଝିପାରିଲି । ମନେହେଲା, ସେଇ ସୁବର୍ଣ୍ଣ ପାଦ ଦୁଇଟି ଅର୍ଜୁନଙ୍କର ପାଦର ସୌନ୍ଦର୍ଯ୍ୟ ବଢ଼ାଉଛି । ନାରାୟଣଙ୍କ ପାଦ ସଙ୍ଗେ ଲକ୍ଷ୍ମୀପାଦ ଭଳି ମାନୁଛି ଅର୍ଜୁନ ଏବଂ ସୁଭଦ୍ରାର ପାଦ । ସୁଭଦ୍ରାର ପାଦ ଦୁଇଟାକୁ ବି ମୁଁ ଈର୍ଷା କରୁଛି ।

ବନ୍ଦାପନା ଶେଷ କରି ଏକମୁହାଁ ହୋଇ ମୁଁ ଫେରିଗଲି ମୋର କକ୍ଷକୁ । ଦ୍ୱାର ରୁଦ୍ଧକରି ଶୋଇରହିଲି ଶଯ୍ୟାରେ । ସୁଭଦ୍ରା ଆଗମନର ଆନନ୍ଦ ଉଲ୍ଲାସରେ ଭାଗ ନେଇପାରିଲି ନାହିଁ ।

ମତେ ଦେଖାକରିବା ପାଇଁ ଫାଲ୍‌ଗୁନି ଆସିଲେ । ମୁଁ ତାଙ୍କୁ ଯଥାବିଧି ସମ୍ମାନ ଜଣାଇଲି ।

ଫାଲ୍‌ଗୁନି ସ୍ୱାଭାବିକ ଶାନ୍ତସ୍ୱରରେ କହିଲେ — ''ବାରବର୍ଷ ପରେ ଫେରିଆସି ଦେଖୁଛି ତମ ମନରେ ସୁଖ ନାହିଁ, ତମ ଚେହେରାରେ ପୂର୍ବର ଉଜ୍ଜ୍ୱଳତା ଫିକା ପଡ଼ିଯାଇଛି । କ'ଣ ହୋଇଛି ?''ରୋଷକଷାୟିତ ନେତ୍ରରେ ଫାଲ୍‌ଗୁନିଙ୍କୁ ଘୃହିଁ ମୁଁ କହିଲି — ''ସୁଭଦ୍ରାକୁ ଦେଖିବା ପରେ ମୋ ଚେହେରା ତମ ଆଖିକୁ ଫିକା ଦିଶିବା ସ୍ୱାଭାବିକ !''

ଫାଲ୍‌ଗୁନି ସେମିତି ଶାନ୍ତ ଭାବରେ କହିଲେ — ''କୃଷ୍ଣା, ଦୟାକରି ତମ ସହ ସୁଭଦ୍ରାର ତୁଳନା କରନାହିଁ । ଜ୍ଞାନ, ବିଦ୍ୟା, ବିଗ୍ଧରବୁଦ୍ଧି, ଧୈର୍ଯ୍ୟ ଏବଂ ସାହସିକତାରେ ସେ ତମ ପାଦତଳକୁ ବି ସରି ହେବନାହିଁ । ଆଉ ରୂପ ? ନାରୀର ରୂପ ପୁରୁଷ ଆଖିରେ ପ୍ରଥମ କଥା ହୋଇପାରେ, ପ୍ରଧାନ କଥା ନୁହେଁ । ରୂପ ସହ ପ୍ରଜ୍ଞା ଓ ବ୍ୟକ୍ତିତ୍ୱର ମିଶ୍ରଣ ହେଲେ ତାହା ଅନିର୍ବଚନୀୟ ସୌନ୍ଦର୍ଯ୍ୟରେ ପୁରୁଷର ଆତ୍ମାକୁ ଆଚ୍ଛନ୍ନ କରେ । ତମ ସଙ୍ଗେ ମୋର ଆତ୍ମାର ସଂପର୍କ ସ୍ଥାପନ ହୋଇଛି । ସେଠି ସୁଭଦ୍ରାର ପ୍ରଶଂସା କାହିଁକି ? ଉଲୁପି, ଚିତ୍ରାଙ୍ଗଦା, ଆର୍ଯ୍ୟା ଏବଂ ସୁଭଦ୍ରା, ଫାଲ୍‌ଗୁନି ହୃଦୟରେ କୃଷ୍ଣାର ସ୍ଥାନ ବିଚ୍ୟୁତ କରି ନପାରନ୍ତି ।''

ମୁଁ ଫାଲ୍‌ଗୁନିଙ୍କର ଘୃଟୁବାକ୍ୟରେ ଉଲ୍ଲସିତା ହେଲିନାହିଁ । ବରଂ ଅଧିକ ଅସହିଷ୍ଣୁ କଣ୍ଠରେ କହିଲି — ''ଇନ୍ଦ୍ରପ୍ରସ୍ଥରେ କୃଷ୍ଣା ଆଉ ଏକକ ନାୟିକା ନୁହେଁ । କୃଷ୍ଣଙ୍କ

Digitized by srujanika@gmail.com

ଭଉଣୀ ସୁଭଦ୍ରା ବି ଇନ୍ଦ୍ରପ୍ରସ୍ଥରେ ପ୍ରତିଷ୍ଠା ଲଭିଛି । କୃଷ୍ଣାର ଥିବା ନଥିବା ଏଣିକି ସମାନ ।''

ଫାଲ୍‌ଗୁନି ବୋଧହୁଏ ମୋର ଅସହିଷ୍ଣୁ ଭାବକୁ ମନେ ମନେ ଘୃଣା କଲେ । ଶ୍ଳେଷଭରା କଣ୍ଠରେ କହିଲେ — ''ସୁଭଦ୍ରା କୌଣସି ଦିନ ଇନ୍ଦ୍ରପ୍ରସ୍ଥର ରାଣୀ ହେବନାହିଁ, ଏକଥା ସେ ଜାଣେ । କାରଣ ସୁଭଦ୍ରା କେବଳ ତୃତୀୟ ପାଣ୍ଡବ ଅର୍ଜୁନର ପତ୍ନୀ । ଇନ୍ଦ୍ରପ୍ରସ୍ଥର ରାଣୀ କେବଳ ମାତ୍ର ଯାଜ୍ଞସେନୀ —''

''ଆଉ ଫାଲ୍‌ଗୁନିଙ୍କ ହୃଦୟ-ରାଜ୍ୟର ରାଣୀ କେବଳ ମାତ୍ର ସୁଭଦ୍ରା ।'' ମୁଁ ବିଦ୍ରୂପଭରା ସ୍ୱରରେ କହିଲି ।

ଫାଲ୍‌ଗୁନି ଆହତ ସ୍ୱରରେ କହିଲେ — ''ସେପରି କୁହନାହିଁ କୃଷ୍ଣା । ଆଗକୁ ଅନେକ ଝଡ଼ଝଞ୍ଜାର ସାମ୍ନା କରିବାକୁ ହେବ । ସୁଭଦ୍ରାର ପାଣିଗ୍ରହଣ ଦ୍ୱାରା ସମଗ୍ର ଯଦୁକୁଳର ସାହାଯ୍ୟ ଓ ସମର୍ଥନ ଆମ ପଛରେ ରହିବ । ସଖା ତ ଚିରଦିନ ଆମର । କିନ୍ତୁ ବଡ଼ଭାଇ ବଳରାମଙ୍କୁ ବଶ କରିବାର ଏକମାତ୍ର ଉପାୟ ଥିଲା ସୁଭଦ୍ରା ସହ ମୋର ବିବାହ । ଏ ସବୁ ଚିନ୍ତାକରି ସଖାଙ୍କ ପରାମର୍ଶରେ ମୁଁ ସୁଭଦ୍ରାକୁ ବିବାହ କରିଛି ।''

ମୁଁ ବିରକ୍ତିଭରା ସ୍ୱରରେ କହିଲି, ''ଫାଲ୍‌ଗୁନି, ପାରିବାରିକ ଜୀବନ ସହ ରାଜନୀତିକୁ ଜଡ଼ିତ କରନାହିଁ । ତା' ପ୍ରତି ତମର ଆକର୍ଷଣ ଅତ୍ୟନ୍ତ ସ୍ୱାଭାବିକ । ସତ୍ୟ ସ୍ୱୀକାର କରିବାରେ ଫାଲ୍‌ଗୁନି ପୁଣି କୁଣ୍ଠିତ କାହିଁକି ? କୃଷ୍ଣା ହାତରେ ଫାଲ୍‌ଗୁନିଙ୍କର ଶାସ୍ତିବିଧାନ ନାହିଁ ଯେ ସେଥିପାଇଁ ତମର ଏତେ କୈଫିୟତ —'' । ଫାଲ୍‌ଗୁନି କୌଣସିମତେ ମୋର ରାଗ ଓ ଅଭିମାନକୁ ଦୂର କରିବାପାଇଁ ସମର୍ଥ ହେଲେ ନାହିଁ । ସେ ସଖାଙ୍କର ସହାୟତା ନେଲେ ।

ଶ୍ରୀକୃଷ୍ଣ ଆସିଲେ । ମୋର ଅଭିମାନ ଓ ରାଗ ତାଙ୍କୁ ବୋଧହୁଏ ଆନନ୍ଦ ଦେଉଥାଏ । ମୃଦୁ ହସି ସେ କହିଲେ, ''ତିନିଟି କାରଣ ଯୋଗୁଁ ଫାଲ୍‌ଗୁନିଙ୍କ ସହ ସୁଭଦ୍ରାର ବିବାହ ମୁଁ କୌଶଳ କରି ସମ୍ପନ୍ନ କରାଇଛି । ପ୍ରଥମ କାରଣ ହେଲା, ପାଣ୍ଡବଙ୍କ ପକ୍ଷରେ ଯଦୁକୁଳର ସମର୍ଥନ ରହିବ । ଦ୍ୱିତୀୟ କାରଣ, ସଖା କୃଷ୍ଣାଙ୍କୁ ମନ ବୁଝିଲାଭଳି ବାନ୍ଧବୀଟିଏ ମିଳିବ । ତୃତୀୟ କାରଣ ହେଲା, ସୁଭଦ୍ରାଙ୍କୁ ବିବାହ କରି ଇନ୍ଦ୍ରପ୍ରସ୍ଥରେ ତାଙ୍କ ସହ ଯୁଗ୍ମଜୀବନ କାଟିବାଦ୍ୱାରା ଫାଲ୍‌ଗୁନିଙ୍କର କୃଷ୍ଣାଙ୍କ ପ୍ରତି ଧ୍ୟାନ କିଛିଟା କମିବ । ଫାଲ୍‌ଗୁନି ଆଉ କୃଷ୍ଣାଙ୍କ ବିରହରେ ଅଭିମାନ କରି ଅରଣ୍ୟବାସୀ ହେବେ ନାହିଁ ।''

Digitized by srujanika@gmail.com

ମୁଁ ସଖାଙ୍କୁ ସିହିଁ ପ୍ରଶ୍ନକଲି — ''ତମେ ଆର୍ଯ୍ୟାବର୍ତ୍ତର ଶ୍ରେଷ୍ଠବୀର । ତମର ଭଉଣୀ ସୁଭଦ୍ରା ସୁନ୍ଦରୀ, ସର୍ବସୁଲକ୍ଷଣୀ । ତା'ପାଇଁ ବୀରପୁରୁଷ ଅଭାବ ହୋଇ ନଥା'ନ୍ତେ । ଆମ ଦୁହିଁଙ୍କ ଭିତରେ ବ୍ୟବଧାନ ସୃଷ୍ଟି କରିବା ପାଇଁ ଷଡ଼ଯନ୍ତ୍ର କରି ଫାଲ୍‌ଗୁନିଙ୍କୁ ସୁଭଦ୍ରା ଫାନ୍ଦରେ ପକାଇ ତମର କି ସ୍ୱାର୍ଥସାଧନ ହୋଇଛି ?''

ସଖା ଓଠ ଚିପି ହସିଲେ । ଅର୍ଜୁନଙ୍କୁ ତୀର୍ଯ୍ୟକ୍ ଦୃଷ୍ଟି ହାଣି କହିଲେ — ''କହିଛି ତ ସୁଭଦ୍ରା ଏଠି ରହିବାଦ୍ୱାରା ସଖାଙ୍କ ପ୍ରତି ତୁମର ଧ୍ୟାନ କିଛି କମିବ ଏବଂ ତା'ରି ଦ୍ୱାରା ମୋର ସ୍ୱାର୍ଥ ସାଧନ ହେବ ।''

''କେମିତି ?'' ମୁଁ ଚକିତା ହୋଇ ପ୍ରଶ୍ନକଲି । ସଖା ହସି ହସି କହିଲେ — ''ସଖାଙ୍କ ଉପରୁ ଧ୍ୟାନ କମିଲେ ମୋ ପ୍ରତି ଅନ୍ତଃତ ଟିକେ ଧ୍ୟାନଦେବ । ତମର ସବୁ ଧ୍ୟାନ ଯେ ସଖାଙ୍କ ପାଖରେ ନିବଦ୍ଧ, ଏକଥା ମୋତେ କମ୍ କଷ୍ଟ ଦିଏନାହିଁ । ଥରେ ତ କହିଛି ସଖାଙ୍କର ସବୁକିଛି ମତେ ହିଁ ସମର୍ପିତ । ସଖା ଯେତେଁ ଫୁଲହାର ପିନ୍ଧନ୍ତି ତା'ର ସୁରଭି ସଖାଙ୍କ ପାଖରେ ନଥାଏ — ମୋ ପାଖକୁ ହିଁ ଉଡ଼ିଆସେ । ତେଣୁ ସଖାଙ୍କର ହେଲେ ବି ତମର ଧ୍ୟାନ ଅନ୍ତତଃ ଏ ବନ୍ଧୁଟି ପ୍ରତି ରହିବା ଉଚିତ ନୁହେଁ କି ?''

ଏଭଳି ମାନସିକ ସଙ୍କଟ ସମୟରେ ବି ସଖାଙ୍କର ମଧୁର ରସିକତାରେ ମୁଁ ହସି ପକାଇଲି । ଠିକ୍ ସେତିକିବେଳେ କୃଷ୍ଣଙ୍କ ଇଙ୍ଗିତରେ ସୁଭଦ୍ରା କେଉଁଠି ଥିଲା କେଜାଣି ମୋ ପାଦତଳେ ପ୍ରଣିପାତ କରି ଅଶ୍ରୁଭରା ସ୍ୱରରେ କହିଲା — ''ଅପା, ମୁଁ ତମର ସପତଣୀ ହେବାର ଯୋଗ୍ୟା ନୁହେଁ । ତମେ ମୋ ହୃଦୟରେ ଦେବୀର ଆସନ ଅଧିକାର କରିଛ । ମତେ ତମର ଦାସୀ ହୋଇ ରହିବା ପାଇଁ ଅନୁମତି ଦିଅ । ଅର୍ଜୁନ ମତେ ବିବାହ କଲେ ମଧ୍ୟ ତମରି ନିର୍ଦ୍ଦେଶ ଓ ଇଚ୍ଛା ହିଁ ମୋର ଶିରୋଧାର୍ଯ୍ୟ । ତମେ ଅନୁମତି ଦେଲେ ଦାସୀହୋଇ ଇନ୍ଦ୍ରପ୍ରସ୍ଥରେ ରହିବି ନଚେତ୍ ଭାଇଙ୍କ ସଙ୍ଗେ ଦ୍ୱାରକା ଫେରିଯିବି ।''

କୃଷ୍ଣ ବଳରାମଙ୍କ ଭଉଣୀ ଅଲିଅଳୀ ସୁଭଦ୍ରା, ମୋର ପାଦଧରି, ଦାସୀ ହୋଇ ଇନ୍ଦ୍ରପ୍ରସ୍ଥରେ ମୁଣ୍ଡ ଗୁଞ୍ଜି ରହିବା ପାଇଁ ଅନୁମତି ମାଗୁଛି । ତା'ର ନମ୍ର, କୋମଳ, ସହନଶୀଳତା ପାଖରେ ମୁଁ ହାର ମାନୁଛି । ଏମିତି କୋମଳ ପଦ୍ମକଳିକାକୁ ମୁଁ ସପତଣୀ ମନେକରି ହିଂସାରେ ଜଳୁଛି ବୋଲି ମୋର ଲଜ୍ଜା ହେଲା । କୃଷ୍ଣ ଏଭଳି ନାଟକ ରଚନା କରି ମତେ ବାରମ୍ବାର ଅପଦସ୍ଥ କରୁଛନ୍ତି କାହିଁକି ? ମୋର ଅହଂକାରକୁ ପଦେ ପଦେ ଚୂର୍ଣ୍ଣ କରିବା ପାଇଁ ସେ କ'ଣ ପଣ କରିଛନ୍ତି ?

Digitized by srujanika@gmail.com

ସୁଭଦ୍ରା ମୋର ପାଦଧରି ଆଦେଶ ଅପେକ୍ଷାରେ ବସି ରହିଛି । ମୁଁ ତା'ର ହାତ ଦୁଇଟି ଧରି ଠିଆ କରାଇଦେଲି । ତା'ର କୋମଳ ଆଖିପତାରୁ ସ୍ୱଚ୍ଛ ଜଳଧାର ଝରିଆସୁଛି । ଅପରାଧିନୀ ପରି ମୁଣ୍ଡ ତଳକୁ ପୋତି ସେ କହୁଛି — ''ତମକୁ ଦେଖିବା ପରେ ଭାବୁଛି, ଅର୍ଜୁନ ମୋ ପ୍ରତି ଆକୃଷ୍ଟ ହୋଇପଡ଼ିବା କେତେ ଅସଙ୍ଗତ ଏବଂ ଅନ୍ୟାୟ —''

ମୁଁ ସୁଭଦ୍ରାର ମୁହଁକୁ ତୋଳିଧରି କହିଲି — ''ମୋରି ଇଚ୍ଛା ହିଁ ଯଦି ତୋର ଶିରୋଧାର୍ଯ୍ୟ, ତେବେ ତୋର ସ୍ଥାନ'' — ''କେଉଁଠି ?'' ସୁଭଦ୍ରା ଆତଙ୍କରେ ପ୍ରଶ୍ନ କଲା । 'ଏଇଠି' ଏତିକି କହି ମୁଁ ତାକୁ ନିଜ ହୃଦୟରେ ସ୍ଥାନ ଦେଲି । ତା'ର ମୁଣ୍ଡଟି ମୋର ଛାତିରେ ରଖି ଛୋଟ ଝିଅ ଭଳି ସେ କାନ୍ଦି ପକାଇଲା । ମୋ ଆଖିର ଅଶ୍ରୁ ଅବାଧ୍ୟ ହେବାପାଇଁ ଅସ୍ଥିର ହେଉଥାଏ । ମୁଁ ତା'ର ମୁଣ୍ଡଟି ସାଉଁଳାଇଦେଇ କହିଲି —''କାଲି ପର୍ଯ୍ୟନ୍ତ ତୁ କୃଷ୍ଣଙ୍କର ଭଉଣୀ, ଆଜିଠୁ ତୁ କୃଷ୍ଣାର ଭଉଣୀ । ତୋର ଆଉ ଚିନ୍ତା କରିବାର କ'ଣ ଅଛି ? ସବୁକିଛି ମୋ ଉପରେ ଛାଡ଼ିଦେଇ ନିଶ୍ଚିନ୍ତରେ ରହ, ଫାଲ୍‌ଗୁନିଙ୍କୁ ସୁଖୀ କର —''

ଫାଲ୍‌ଗୁନି ଏବଂ ସଖା ଶ୍ରୀକୃଷ୍ଣ ମୃଦୁ ହସୁଥିଲେ । ସଖାଙ୍କୁ ଘୃହିଁ ମନେହେଲା ସେ ଯେମିତି ଜାଣିଥିଲେ ଏହାହିଁ ଘଟିବ । ସୁଭଦ୍ରା ମୋ ପାଖରେ ଟିକିଏ ନଇଁପଡ଼ିଲେ ମୁଁ ମମତାର ସ୍ରୋତସ୍ୱିନୀ ହୋଇ ବହିଯିବି.....

ଜୀବନ ନାଟକର ପ୍ରତ୍ୟେକ ଦୃଶ୍ୟ ସଖା ଯଦି ବହୁପୂର୍ବରୁ ଜାଣିଥା'ନ୍ତି, ତେବେ କିଛି ନ ଜାଣିବାର ଅଭିନୟ କରନ୍ତି କାହିଁକି ?

ସୂର୍ଯ୍ୟାଲୋକ ଯେମିତି ଚନ୍ଦ୍ରପୃଷ୍ଠରେ ପ୍ରତିଫଳିତ ହୋଇ ଚନ୍ଦ୍ରାଲୋକରେ ପୃଥିବୀକୁ ସ୍ନିଗ୍ଧ କରେ, ଦୁଃଖ ମନେହେଉଥିବା ଘଟଣା ମନର ଉଦାର ସ୍ନିଗ୍ଧତାରେ ପ୍ରତିଫଳିତ ହେଲେ ସେମିତି ସୁଖରେ ପରିଣତ ହୋଇଯାଏ । ମଣିଷ ଯେଉଁଥିରେ ଦୁଃଖ ପାଏ, ଟିକିଏ ଗଭୀର ଭାବେ ବୁଝିବାକୁ ଚେଷ୍ଟାକଲେ ସେ ପୁଣି ଅପାର ସୁଖ ବି ଦିଏ ।

ଫାଲ୍‌ଗୁନିଙ୍କ ସହ ସୁଭଦ୍ରାକୁ ଇନ୍ଦ୍ରପ୍ରସ୍ଥର ପ୍ରାସାଦରେ ଦେଖି ମୁଁ ଚରମ ଦୁଃଖରେ ଭାଙ୍ଗି ପଡ଼ିଥିଲି । ଅଥଚ ସୁଭଦ୍ରାକୁ ଭଉଣୀ ଭାବେ ଗ୍ରହଣ କରିନେବା ପରେ ଫାଲ୍‌ଗୁନିଙ୍କ ସହ ତା'ର ମିଳନ ପର୍ବ ମୋର ହୃଦୟରେ ଅପାର ସୁଖ ଭରିଦେଲା ।

Digitized by srujanika@gmail.com

ସ୍ୱାମୀଙ୍କର ମଧୁଶଯ୍ୟା ଗୃହକୁ ସପତ୍ନୀକୁ ନବବଧୂ ବେଶରେ ସଜ୍ଜିତ କରି ପଠାଇବା ଏକ ବିଚିତ୍ର ଅନୁଭୂତିର କଥା । ସେ ଅନୁଭୂତି ମୋର ହୋଇଛି ଏବଂ ଅତି ସହଜ ଭାବରେ ମୁଁ ତାକୁ ଗ୍ରହଣ କରିନେଇଛି ।

ଇନ୍ଦ୍ରପ୍ରସ୍ଥରେ ଅର୍ଜୁନ ସୁଭଦ୍ରାଙ୍କର ପ୍ରଥମ ମିଳନ ରାତ୍ରିକୁ ମଧୁଶଯ୍ୟା ରାତ୍ରି ମନେକରି ସେଇ ଅନୁସାରେ ବ୍ୟବସ୍ଥା ମତେ ହିଁ କରିବାକୁ ହେଲା ।

ସୁଭଦ୍ରାକୁ ଅର୍ଜୁନଙ୍କ ଶଯ୍ୟା ନିକଟରେ ଛାଡ଼ିଦେଇ ଆସିଲାବେଳେ ମୋ ଭିତରେ ଈର୍ଷା ଅସହିଷ୍ଣୁତା ବଦଳରେ ଏକ ଅପୂର୍ବ ପବିତ୍ର ଆନନ୍ଦ ଉଦ୍‌ବେଳି ଉଠୁଥିଲା । ସେ ଆନନ୍ଦ ତ୍ୟାଗର, ଉଦାରତାର, ଭଲ ପାଇବାର । ଜଣେ ଆଉ ଜଣକୁ ଭଲ ପାଇଲେ ଏତେ ସୁଖ, ଏତେ ଆନନ୍ଦ ମିଳେ ? ଅଥଚ ଜଣେ ଅନ୍ୟ ଜଣକୁ ଭଲ ପାଇବାରେ ଏତେ କାର୍ପଣ୍ୟ କାହିଁକି ? ମୁଁ ସୁଖୀ ହୋଇଛି, କାରଣ ମୁଁ ସୁଭଦ୍ରାକୁ ଭଲପାଇ ବସିଛି । ସୁଭଦ୍ରା ବ୍ୟତୀତ ଅନ୍ୟ ଯେ କେହି ରାଜକନ୍ୟା ମୋର ସପତ୍ନୀ ହୋଇଥିଲେ ହୁଏତ ମୁଁ ତାକୁ ଏପରି ଅନ୍ତରଦେଇ ଭଲପାଇ ପାରିନଥା'ନ୍ତି କିନ୍ତୁ ସୁଭଦ୍ରା ଯେ କୃଷ୍ଣଙ୍କ ଭଉଣୀ ! ସୁଭଦ୍ରାର କମନୀୟ ମୁଖରେ ଶିଶୁସୁଲଭ ସରଳତା ଓ ତା'ର ଗଭୀର ଆୟତ ଆଖିରେ ନିଷ୍ପାପ ମାଦକତା ଦେଖିଲେ କିଏ ବା ତାକୁ ଭଲ ନପାଇ ରହିବ ? କୃଷ୍ଣଙ୍କ ଭଳି ସୁଭଦ୍ରାଠାରେ ଗୋଟିଏ ଅପୂର୍ବ ଆକର୍ଷଣ ଶକ୍ତି ଅଛି । କୃଷ୍ଣଙ୍କୁ ଭଲ ନପାଇ ଏ ସଂସାରରେ କିଏ ଅଛି ? ମୁଁ କୃଷ୍ଣଙ୍କୁ ଭଲପାଇଛି — ସୁଭଦ୍ରାକୁ ଭଲପାଇବାରେ ମୋର ବି କିଛି ବିଶେଷତ୍ୱ ନାହିଁ, ବିଶେଷତ୍ୱ ସୁଭଦ୍ରାର ।

ମୁଁ ଗର୍ବ କରି କହିପାରେ ଯେ ଯଦିଓ ଅର୍ଜୁନଙ୍କ ପ୍ରତି ମୋର ବିଶେଷ ଦୁର୍ବଳତା ରହିଛି, ତଥାପି ଯେଉଁ ସ୍ୱାମୀଙ୍କ ଶୟନକକ୍ଷରେ ଯେଉଁଦିନ ଅବସ୍ଥାନ କରେ, ଅନ୍ୟ ସ୍ୱାମୀଙ୍କ ପ୍ରତି ସେଦିନ ମୋର ଦୁର୍ବଳ ଭାବନା ଜାଗେ ନାହିଁ । ସେଇ ମୁହୂର୍ତ୍ତରେ ମୁଁ ଭାବେ ମୋର ସ୍ୱାମୀ ଜଣେ । ମୋର ସମସ୍ତ ପ୍ରେମ, ଐକାନ୍ତିକ ନିଷ୍ଠାରେ ତାଙ୍କର ପାଦତଳେ ମୁଁ ଅଜାଡ଼ି ଦେଲାବେଳେ ପୃଥିବୀର କୌଣସି ପୁରୁଷ ମୋର ଅବଚେତନ ମନରେ ମଧ୍ୟ ନଥା'ନ୍ତି, ଏକା କୃଷ୍ଣଙ୍କ ଛଡ଼ା । କୃଷ୍ଣ ଥା'ନ୍ତି ମୋର ଶୟନେ, ସ୍ୱପନେ, ଜାଗରଣେ । ମୋ ସ୍ୱାମୀମାନଙ୍କ ହୃତ୍‌ସ୍ପନ୍ଦନରେ ବି ମୁଁ ଶୁଣେ କୃଷ୍ଣ କୃଷ୍ଣ ସ୍ୱର । ଅର୍ଜୁନଙ୍କ ନିଶ୍ୱାସ, ପ୍ରଶ୍ୱାସ, ଲୋମେ ଲୋମେ ମୁଁ କୃଷ୍ଣ ନାମ ଶୁଣିପାରେ । ତେଣୁ କୃଷ୍ଣଙ୍କୁ ଭଲ ପାଇବାରେ ମୋର ସତୀତ୍ୱ ଏବଂ ପାତିବ୍ରତ୍ୟ କ୍ଷୁଣ୍ଣ ହୁଏ ନାହିଁ । କୃଷ୍ଣ ପ୍ରେମ ପବିତ୍ର, ଅନାବିଳ, ଆଶା ପ୍ରତ୍ୟାଶାର ବହୁ ଉର୍ଦ୍ଧ୍ୱରେ । ତେଣୁ ମୋର ସତୀତ୍ୱ ଏବଂ ପାତିବ୍ରତ୍ୟ ପାଇଁ ମୋର ବି ଅହଙ୍କାର ହୁଏ ବେଳେବେଳେ ।

Digitized by srujanika@gmail.com

ପୃଥିବୀର ଅଧିକାଂଶ ନାରୀ ଶରୀରରେ ଅସତୀ ନ ହେଲେ ମଧ୍ୟ ମନରେ ଅସତୀ । ସ୍ୱାମୀ ଏକ ହେଲେ ମଧ୍ୟ ସେମାନଙ୍କ ମନତଳେ ଅନେକ ପୁରୁଷ ଆଲୋଡ଼ନ ସୃଷ୍ଟି କରନ୍ତି । ଶରୀରକୁ ଦୂରେଇ ରଖିଥିଲେ ମଧ୍ୟ ମନେ ମନେ ପରପୁରୁଷ ସହ ସେମାନେ ମଧୁଶଯ୍ୟା ରଚନା କରନ୍ତି । କିନ୍ତୁ ମୋର ସେପରି ହୁଏନାହିଁ । ଯୁଧିଷ୍ଠିରଙ୍କ ସହ ଏକତ୍ର ଥିବାବେଳେ ମୁଁ ଅର୍ଜୁନଙ୍କୁ ଟୁରେନାହିଁ । ମୋର ସଂଯମ ଓ ଶୃଙ୍ଖଳିତ ଜୀବନ ପାଇଁ ମୋତେ କମ୍ ସାଧନା କରିବାକୁ ପଡ଼େନାହିଁ । ମନକୁ ଇଚ୍ଛାର ଅଧୀନ କରିବା ଏ ସଂସାରରେ ସବୁଠାରୁ କଷ୍ଟକର ବ୍ୟାପାର ।

ମାତା କୁନ୍ତୀ କହନ୍ତି, କଷ୍ଟ ନକଲେ କୃଷ୍ଣ ମିଳନ୍ତି ନାହିଁ । ମାତା କୁନ୍ତୀଙ୍କ ବକ୍ଷୁରେ କୃଷ୍ଣ ହେଉଛନ୍ତି ଭଗବାନ, କୃଷ୍ଣ କୁଆଡ଼େ ସୃଷ୍ଟି ଓ ପ୍ରଳୟ, କୃଷ୍ଣ ପ୍ରତ୍ୟେକ କାର୍ଯ୍ୟର କାରଣ ଏବଂ ନିୟନ୍ତୃକ । କୃଷ୍ଣଙ୍କ ବାଲ୍ୟକାଳର ଆଲୌକିକ ଘଟଣାମାନ ମାତା କୁନ୍ତୀଙ୍କ ମୁଖରୁ ଶୁଣିବାବେଳେ ମୋର ମଧ୍ୟ ବିଶ୍ୱାସ ହୁଏ କୃଷ୍ଣ ଭଗବାନ୍ । ଭଗବାନ୍ ହେଉଛନ୍ତି ଅସହାୟ ମଣିଷର ଆତ୍ମବଳ । ସେଇ ଦୃଷ୍ଟିରେ ବିଘ୍ନର କଲେ କୃଷ୍ଣ ମୋ ପାଇଁ ଭଗବାନ୍ । କାରଣ କୃଷ୍ଣଙ୍କ ଭାବନା ମୋର ଆତ୍ମବଳକୁ ଦୃଢ଼ୀଭୂତ କରେ । ସଙ୍କଟ ସମୟରେ ମନେହୁଏ କୃଷ୍ଣ ହିଁ ଭରସା । ସେଇ ବିଶ୍ୱାସରେ ମୁଁ ଏଭଳି ଅସ୍ୱାଭାବିକ ପରିସ୍ଥିତିରେ ସ୍ୱାଭାବିକ ଜୀବନ ବିତାଉଛି । କେବଳ ମୁଁ ନୁହେଁ, ମୋର ସ୍ୱାମୀମାନଙ୍କର ମଧ୍ୟ ସେଇ ବିଶ୍ୱାସ । କୃଷ୍ଣ ଭରସା ନ ହୋଇଥିଲେ ପାଣ୍ଡବମାନେ ତାଙ୍କର ସମସ୍ତ ବୀରତ୍ୱ ଓ ଶୌର୍ଯ୍ୟ ସତ୍ତ୍ୱେ ଏ ପୃଥିବୀରୁ ଅନେକଦିନ ଆଗରୁ ନିଶ୍ଚିହ୍ନ ହୋଇସାରନ୍ତେଣି ।

ସୁଭଦ୍ରାକୁ ଅର୍ଜୁନଙ୍କ ଶୟନକକ୍ଷରେ ଛାଡ଼ିଆସି ଏକାକିନୀ ମୁଁ ବସିଛି ଉଦ୍ୟାନ ଭିତରେ । ବସି ବସି ଅର୍ଜୁନଙ୍କ କଥା ଭାବୁନାହିଁ, ଭାବୁଛି କୃଷ୍ଣଙ୍କ କଥା । ଜ୍ୟୋସ୍ନା ରାତିର କୌମୁଦୀ ଭଳି ମୋ ଭିତରେ ଆନନ୍ଦାମୃତର ପ୍ଲାବନ । କାରଣ କୃଷ୍ଣଙ୍କ ଭଉଣୀ ପାଇଁ ମୁଁ ଜୀବନରେ ଏତେବଡ଼ ତ୍ୟାଗ ସ୍ୱୀକାର କରିଛି । ପୁଣି ମନରେ ମୋର ଅହଂକାର । କିନ୍ତୁ ଅହଂକାର ବି ବେଳେବେଳେ ଆବଶ୍ୟକ । ଅହଂକାର ହିଁ ମଣିଷକୁ ଭଲ କାମ କରିବା ପାଇଁ ପ୍ରବର୍ତ୍ତାଏ । କିନ୍ତୁ ସେ ଅହଙ୍କାର ପଛରେ ଯଦି ଭଗବାନ୍ ଥା'ନ୍ତି, ତେବେ ସିନା ମଣିଷ ଭଲକାମ କରେ !

ମୋର ଅହଙ୍କାର ପଛରେ ଅଛନ୍ତି କୃଷ୍ଣ । ମୁଁ କୃଷ୍ଣଙ୍କର ସଖୀ, ମୁଁ ତାଙ୍କର ପ୍ରିୟ ବାନ୍ଧବୀ । ସେ ମତେ ଶ୍ରଦ୍ଧା କରନ୍ତି । ମୁଁ ତାଙ୍କ ପାଇଁ କିଛି ତ୍ୟାଗ କରିପାରେ — ଏଭଳି ଅହଙ୍କାର ମୋର କାମ୍ୟ, ଏକାନ୍ତ କାମ୍ୟ ।

Digitized by srujanika@gmail.com

କୃଷ୍ଣ ମୋ ସମ୍ମୁଖରେ ଉପସ୍ଥିତ । ମୋର ଅନ୍ୟମନସ୍କତା ଭିତରେ ମୁଁ ତାଙ୍କୁ ହିଁ ସ୍ମରଣ କରୁଥିଲି । ସେ ଅନ୍ତର୍ଯ୍ୟାମୀ । ମୋ ମନର ଭାବନା ତାଙ୍କୁ ଅଛପା ନାହିଁ । ସେ ମୋ ପାଖରେ ବସିଲେ । ନମ୍ର ମଧୁର ସ୍ୱରରେ କହିଲେ, — ''ମୋର ଭଉଣୀ ସୁଭଦ୍ରା ପାଇଁ ତମେ ଯେଉଁ ତ୍ୟାଗ ସ୍ୱୀକାର କରିଛ, ସେଥିପାଇଁ ମୁଁ ତମ ପାଖରେ ଋଣୀ । ଏତେ ବର୍ଷ ପରେ ସଖା ଫେରିଆସିଛନ୍ତି । ଅଥଚ ତମେ ନିଃସଙ୍ଗ ରଜନୀ ବିତାଉଛ । ସେଥିପାଇଁ ମୁଁ ଦୁଃଖିତ ।''

ବୁଝିଲି କୃଷ୍ଣ ମୋର ମନ ବିଭୁଛନ୍ତି । କହିଲି — ''ସୁଭଦ୍ରା ମୋ'ଠାରୁ ଅର୍ଜୁନଙ୍କୁ ଛଡ଼ାଇ ନେଇନି, ବରଂ ଅର୍ଜୁନଙ୍କୁ ମୋର ଅଧିକ ନିକଟତମ କରିବାର ସୁଯୋଗ ସୃଷ୍ଟି କରିଛି । ବିନା ପ୍ରଯତ୍ନରେ ପ୍ରାପ୍ତ ଧନ ଅର୍ଜନର ଆନନ୍ଦ ଯେପରି ନଷ୍ଟ ହୋଇଯାଏ, ସ୍ୱାମୀଙ୍କ ପାଇଁ ତ୍ୟାଗ ଓ ଉତ୍ସର୍ଗ ବିନା ତାଙ୍କର ପ୍ରେମଲାଭ କରିବାରେ ନାରୀତ୍ୱର ମହିମା ସେମିତି କ୍ଷୁଣ୍ଣ ହୁଏ । ନାରୀତ୍ୱର ବି ଏକ ଆହ୍ୱାନ ଅଛି । ସୁଭଦ୍ରା ମୋ ପାଇଁ ଏକ ଆହ୍ୱାନ । ଫାଲ୍‌ଗୁନିଙ୍କ ପାଇଁ ଅଧିକ ତ୍ୟାଗ ଓ କଷ୍ଟ ସ୍ୱୀକାର କରିବାର ସୁଯୋଗ ସେ ମତେ ଦେଇଛି ଏବଂ ଫାଲ୍‌ଗୁନିଙ୍କ ପାଖରେ ମୋର ନାରୀତ୍ୱର ମହିମା ବଢ଼ାଇବାର ଆହ୍ୱାନ ମତେ ଦେଇଛି । ତେଣୁ ମୁଁ ବରଂ ତମ ପାଖରେ ଋଣୀ । ମୁଁ ଜାଣେ ମୋର ମୂଲ୍ୟ ବଢ଼ାଇବା ପାଇଁ ସୁଭଦ୍ରା ଏଠାକୁ ଆସିଛି । ସେଥିପାଇଁ ତମେ ହିଁ ଧନ୍ୟବାଦର ପାତ୍ର । ସଖା, ସାଧନାର ବି ଏକ ସ୍ୱାଦ ଅଛି । ଯିଏ ସେ ସ୍ୱାଦ ନ ଗ୍ରହିଛି, ସେ ଭାବେ ସାଧନା କଷ୍ଟକର । ଏକଥା ମନେରଖିବାକୁ ହେବ ଯେ ଜନନୀ ହେବାକୁ ହେଲେ ପ୍ରସବ ବେଦନା ସହିବାକୁ ହେବ । ଫାଲ୍‌ଗୁନିଙ୍କର ନିକଟତମା ହେବାକୁ ହେଲେ ସପତଣୀକୁ ଭଉଣୀ ମନେକରିବାକୁ ହେବ ।''

କୃଷ୍ଣ ମୃଦୁ ହସି କହିଲେ — ''ଅର୍ଜୁନଙ୍କର ନିକଟତମା ହେବାର ଏକ ପ୍ରକୃଷ୍ଟ ଉପାୟ ମତେ ଜଣାଅଛି । ପାରିବ ?''

— ''ନିଶ୍ଚୟ ପାରିବି । ସହଜ ଉପାୟ ନ କହି କଷ୍ଟ ଉପାୟ କହିଦେଲେ ବି ମୁଁ ଖୁସି ହେବି ।''

ବାସୁଦେବ କୃଷ୍ଣ ଅପୂର୍ବ ଦୀପ୍ତିରେ ମୁଖମଣ୍ଡଳକୁ ଆଲୋକିତ କରି ହସିଲେ । ବଙ୍କିମ ଅଧରକୁ ତୀର୍ଯ୍ୟକ୍‌ଭାବରେ ଗୁପି ଗୁପି କହିଲେ — ''ଯିଏ କୃଷ୍ଣର ନିକଟତମା ହୁଏ, ସେ ଅର୍ଜୁନର ନିକଟତମା ହୁଏ । ଅର୍ଜୁନ ହେଉଛି ଦିତି କୃଷ୍ଣ । ଅର୍ଜୁନର ନିକଟତମ ହେବ ଅଥଚ କୃଷ୍ଣଙ୍କୁ ପର କରିଦେବ ଏ କେମିତି ହେବ ?''

Digitized by srujanika@gmail.com

ମୁଁ ମୃଦୁ ହସି କହିଲି — ''ଜନ୍ମ ସମୟରେ ଶୁଣିଥିଲି ମୋର ନାମ କୃଷ୍ଣା । ବାପା କହିଥିଲେ କୃଷ୍ଣ ଏବଂ କୃଷ୍ଣା ଅବିଚ୍ଛିନ୍ନ । ତେଣୁ ତମକୁ ରଖିଛି ମୋର ଅନ୍ତରରେ । କେହି ଦେଖୁ ବା ନ ଦେଖୁ ମୁଁ ତ ଦେଖୁଛି ମୋର ଅନ୍ତର କୃଷ୍ଣମୟ ।''

''କୃଷ୍ଣମୟ ଅନ୍ତର, ଅହଂକାରଶୂନ୍ୟ । ଯେଉଁଠି ଅହଂକାରର ରାଜୁତି ସେଠି କୃଷ୍ଣଙ୍କର କାଳିମା ଘେରି ରହିଥାଏ ସିନା କୃଷ୍ଣ ନଥା'ନ୍ତି । କାଳିମାକୁ କୃଷ୍ଣ ମନେକରିବା ନିର୍ବୋଧତା ଛଡ଼ା ଅନ୍ୟ କିଛି ନୁହେଁ ।'' କୃଷ୍ଣ ମୃଦୁସ୍ୱରରେ କହିଲେ । ତାଙ୍କର କଥା ମୋର ଅନ୍ତରରେ ପ୍ରଚଣ୍ଡ ଆଘାତ ଦେଲା । ମୋର ଅନ୍ତରର ସାମାନ୍ୟତମ ଅହଂକାର ମଧ୍ୟ କୃଷ୍ଣ ଦରଦାସ୍ତ କରନ୍ତି ନାହିଁ ! କିନ୍ତୁ ମୁଁ ତ କେବେ ମିଥ୍ୟା ଅହଂକାର କରେ ନାହିଁ ?

କୃଷ୍ଣଙ୍କର ରହସ୍ୟମୟ ହସ ମୋ ମନକୁ ଅନାବୃତ କରିଦେଉଥିଲା । ସେ ହସ ଯେମିତି କହୁଥିଲା — ''ମିଥ୍ୟା ହେଉ, ସତ୍ୟ ହେଉ, ଅହଂକାରକୁ ଦୂର କରିବାକୁ ହୁଏ । ଅହଂକାରକୁ ଦୂର କରିବାକୁ ହେଲେ, ସମାପ୍ତ ହୋଇଯିବାକୁ ହେବ, ସମର୍ପିତ ହେବାକୁ ହେବ, ନିଜକୁ ଅନ୍ୟ ପାଇଁ ନୈବେଦ୍ୟ ବାଢ଼ିବାକୁ ହେବ ।''

ଏଇ ନିଃଶବ୍ଦ ସ୍ୱର ଭିତରେ କୃଷ୍ଣଙ୍କ ଜୀବନ ଚରିତ ମୂର୍ତ୍ତିମନ୍ତ ହେଉଥିଲା । ପ୍ରକୃତରେ ଦ୍ୱାରକାଧିପତି କୃଷ୍ଣ ଧର୍ମ ସଂସ୍ଥାପନା ପାଇଁ ଯାଯାବର ଭଳି ଘୂରି ବୁଲିବା ପଛରେ ତାଙ୍କର ନିଜର କି ସ୍ୱାର୍ଥ ଅଛି ? ଜଗତର ହିତ ପାଇଁ ତ ସେ ଯାଯାବର !

॥ ୨୩ ॥

ମୁଁ ସମାପ୍ତ ହୋଇଛି । ମୋ ନିଜକୁ ମୁଁ ପାଣ୍ଡବ ପାଞ୍ଚଭାଇଙ୍କ ସୁଖପଥରେ ନୈବେଦ୍ୟ ବାଢ଼ିଦେଇଛି । ମୋର ସମଗ୍ର ବ୍ୟକ୍ତିତ୍ୱ ଓ ନିଜତ୍ୱ ସ୍ୱାମୀମାନଙ୍କଠାରେ ଅର୍ପଣ କରିଦେଇଛି । ମୋର ରୁଚି ଅରୁଚି ନାହିଁ । ଯିଏ ଯେପରି ଗ୍ରହିଛି, ସେଇ ଭାବରେ ମୁଁ ନିଜକୁ ଅର୍ପଣ କରିଛି ତାଙ୍କଠାରେ ।

ଫାଲ୍‌ଗୁନିଙ୍କ ସହ ମୋର ଯୁଗ୍ମ ଜୀବନର ଆରମ୍ଭ ଆଜିଠାରୁ । ଏ ଭିତରେ ବିତିଯାଇଛି ଏତେବର୍ଷ । କେତେ ପରିବର୍ତ୍ତନ ହୋଇଛି ଆମ ଜୀବନରେ । ସୁଭଦ୍ରା ଆସିଛି । ଆସିଛି କେତେ ମାନ ଅଭିମାନ । କିନ୍ତୁ ଫାଲ୍‌ଗୁନି ମୋ ପାଖରେ ଯାହା ଥିଲେ ତାହାହିଁ ଅଛନ୍ତି । ପ୍ରଥମ କରି, ସ୍ୱୟମ୍ବର ପରେ ମୁଁ ଯେମିତି ବାସର ଗୃହରେ ତାଙ୍କୁ ଅପେକ୍ଷା କରିଛି ।

Digitized by srujanika@gmail.com

ମାୟାର ସବୁକଥାରେ ଅତିରଞ୍ଜନ । ଏତେ ସାଜସଜ୍ଜା ଆଡ଼ମ୍ବରର ଆବଶ୍ୟକତା କ'ଣ ? ଐଶ୍ୱର୍ଯ୍ୟ, କ୍ଷମତା, ଆଡ଼ମ୍ବର ତ ମଣିଷକୁ ଅନ୍ଧ କରେ । ମୁଁ ଅନ୍ଧ ହେବାକୁ ଗ୍ୱହେଁନାହିଁ । ଫାଲ୍‌ଗୁନିଙ୍କୁ ଯଦି ସହସ୍ର ନୟନ ଦେଇ ଦେଖିପାରନ୍ତି, ତେବେ ବି ମୋର ପରିତୃପ୍ତି ଆସନ୍ତା ନାହିଁ । ଫାଲ୍‌ଗୁନି ଦିତିକୃଷ୍ଣ । ତାଙ୍କୁ ଦେଖିଲେ କୃଷ୍ଣ ହିଁ ଉଭା ହୁଅନ୍ତି ମୋ ସାମ୍ନାରେ । ଆଜି ମୁଁ କାହାର ଅପେକ୍ଷାରେ ବସିଛି ? ଫାଲ୍‌ଗୁନିଙ୍କର ନା କୃଷ୍ଣଙ୍କର ?

ସେ ଆସିଲେ । ମୋ ଗୃହର ଗାଲିଚ୍ଚା ବିଛା ଚଟାଣରେ ନୀଳପଦ୍ମ ଫୁଟାଇ ସେ ଆସନ ଗ୍ରହଣ କଲେ । ମୁଁ ତାଙ୍କର ପାଦ ବନ୍ଦନା କଲି । ଏମିତି ଏକ ରାତିର ସ୍ୱପ୍ନ ମୁଁ କେତେ ନ ଦେଖିଛି । ଏମିତି ଜ୍ୟୋସ୍ନାରାତି, ସ୍ନିଗ୍ଧ ସମୀରଣ, ଫାଲ୍‌ଗୁନି ଏବଂ ମୁଁ— କେତେ ମାନ ଅଭିମାନ, କେତେ ସ୍ୱପ୍ନ ଆଉ କଳ୍ପନା, କେତେ କାବ୍ୟକବିତା ଆଲୋଚନା, କେତେ ଶାସ୍ତ୍ର ପୁରାଣର ଚର୍ଚ୍ଚା, ଏସବୁ କେବଳ କରିପାରେ ଫାଲ୍‌ଗୁନିଙ୍କ ସଙ୍ଗେ । ଯୁଧିଷ୍ଠିର ଚିରଦିନ ଭାବଗମ୍ଭୀର ଚିନ୍ତାଶୀଳ । ଭୀମ କାବ୍ୟ କବିତା, ମାନ ଅଭିମାନ, ଭାବବିଳାସର ଧାର ଧାରନ୍ତି ନାହିଁ । ନକୁଳ ଚିରଦିନ ଚପଳ, ସରଳ, ନିଷ୍ପାପ, ଶିଶୁପରି । ସେ କ'ଣ ବୁଝିବେ ମୋର ମନକଥା ? ଆଉ ସହଦେବ ତ ମୌନ ଯୋଗୀପରି ନିଜ ଭିତରେ ମଗ୍ନ । ନିଜ ତରଫରୁ କେବେ କଥା ଆରମ୍ଭ କରନ୍ତି ନାହିଁ । ଯାହା ସେ କହନ୍ତି ସବୁ ସଂକ୍ଷିପ୍ତ, ଅପ୍ରିୟ ହେଲେ ବି ସତ୍ୟ । ତେଣୁ ମୋ ଭିତରର ସମସ୍ତ କାବ୍ୟମୟତା ସଞ୍ଚିତ ହୋଇ ରହିଛି ଫାଲ୍‌ଗୁନିଙ୍କ ପାଇଁ । ତାଙ୍କ ସହ ରାତି ରାତି ବସି କାବ୍ୟ କବିତା ଆଲୋଚନା କରାଯାଇପାରେ । କୃଷ୍ଣଙ୍କ ଭଳି ସେ କାବ୍ୟମୟ, କଳା ସଙ୍ଗୀତ ପ୍ରିୟ ।

ମୋ ହାତ ଧରି ସେ ପଲଙ୍କରେ ବସାଇଲେ । ନମ୍ର କୋମଳ ସ୍ୱରରେ କହିଲେ, ''କୃଷ୍ଣା, ତମକୁ କ୍ଷମା ମାଗିବା ପାଇଁ ଆସିଲି ।''

''କ୍ଷମା କାହିଁକି ?''

''କାରଣ ମୁଁ ବର୍ତ୍ତମାନ ଫେରିଯିବି ସୁଭଦ୍ରାର ଉଆସକୁ । ଆଜି ସନ୍ଧ୍ୟା ପରଠୁ ସେ ଅସୁସ୍ଥତା ଅନୁଭବ କରୁଛି ।'' ଫାଲ୍‌ଗୁନି ଉତ୍ତର ଆଶାରେ ମୋର ମୁହଁକୁ ଗ୍ୱହିଁଛନ୍ତି । ମୁଁ ନୀରବ । ସୁଭଦ୍ରାକୁ ଭଉଣୀ ଭାବରେ ହୃଦୟରେ ସ୍ଥାନ ଦେଇଛି । କିନ୍ତୁ ମୁଁ ଯଦି ତା' ସୁଖ ପଥରେ ଅନ୍ତରାୟ ହୋଇନାହିଁ, ସେ କାହିଁକି ମୋର ସୁଖକୁ ସହିପାରୁ ନାହିଁ !

ଏଇ ମୁହୂର୍ତ୍ତରେ ମୁଁ ସୁଭଦ୍ରାକୁ ସପତ୍ନୀ ଭାବି ଈର୍ଷା କରୁଛି । ଏତେବର୍ଷ ପରେ ଫାଲ୍‌ଗୁନିଙ୍କୁ ମୁଁ ଭେଟିବାକୁ ଯାଉଛି । ଅଥଚ ସୁଭଦ୍ରା ସେତିକି ବି ସହିପାରୁନାହିଁ ।

Digitized by srujanika@gmail.com

ମତେ ନୀରବ ଦେଖି ଫାଲ୍‌ଗୁନି କହିଲେ —''ତମେ ମତେ ଅପେକ୍ଷା କରି ବସିଛ, ଅଥଚ ମୁଁ ସୁଭଦ୍ରାପୁରୀରେ ରାତି କଟାଇବି, କଥାଟା କେତେ ଯନ୍ତ୍ରଣାଦାୟକ ତା' ମୁଁ ଅଙ୍ଗେ ଲିଭେଇଛି । ତମକୁ ମଧ୍ୟ ପ୍ରତି ରାତିରେ ମୁଁ ଅପେକ୍ଷା କରୁଥାଏ ଏବଂ ତମେ ଯାଅ ଯୁଧିଷ୍ଠିର, ଭୀମ, ନକୁଳ, ସହଦେବଙ୍କ ଶୟନକକ୍ଷକୁ ବାର୍ଷିକ ସର୍ତ୍ତ ରକ୍ଷା କରି । ମୁଁ କମ୍ କଷ୍ଟ ଭୋଗେନାହିଁ ସେଥିରେ, ଯଦିଓ ମୁଁ ଜାଣେ ତମେ ଏକା ମୋର ନୁହଁ । ଆଜି ତମର ମୋ ଉପରେ ଯେତିକି ଅଧିକାର, ସୁଭଦ୍ରାର ବି ମୋ ଉପରେ ସେତିକି ଅଧିକାର । ସେ ଅସୁସ୍ଥତା ଅନୁଭବ କରୁଛି ଜାଣିବା ପରେ ମୁଁ ତାକୁ ଛାଡ଼ି ତମ ପାଖକୁ ଆସିବି କେମିତି ?''

''କିନ୍ତୁ ଏ ବର୍ଷଟି ତମ ସହ ମୋର ଯୁଗ୍ମଜୀବନ କାଟିବାର କଥା । ତମେ ସୁଭଦ୍ରା ପାଖକୁ ଗଲେ ମଧ୍ୟ ମୁଁ ତମକୁ ଅପେକ୍ଷା କରିବି'' — ମୁଁ ବହୁ କଷ୍ଟରେ କହିଲି ।

ଫାଲ୍‌ଗୁନି ସଙ୍ଗେ ସଙ୍ଗେ ଉତ୍ତର ଦେଲେ — ''ସୁଭଦ୍ରା କିନ୍ତୁ ଏଭଳି ସର୍ତ୍ତକୁ ଗ୍ରହଣ କରିବ କାହିଁକି ? ତା' ସହ ମୋର ତ ସର୍ତ୍ତ ହୋଇନାହିଁ ଯେ ବର୍ଷେ ତା' ପାଖରେ ଏବଂ ବର୍ଷେ ତମ ପାଖରେ ମୁଁ ଯୁଗ୍ମଜୀବନ ବିତାଇବି ବୋଲି ? ସବୁ ସ୍ତ୍ରୀଙ୍କ ପରି ବର୍ଷର ପ୍ରତ୍ୟେକଟି ଦିନ ସେ ସ୍ୱାମୀକୁ ପାଖରେ ପାଇବାକୁ ଗ୍ରହିଁବା ସ୍ୱାଭାବିକ, ତମ ଅପେକ୍ଷା ସୁଭଦ୍ରା ସହ ମୋର ବେଶିଦିନ କଟିବ । କାରଣ ତମକୁ ମୁଁ ପାଇବି ଗ୍ରିବର୍ଷରେ ଥରେ । ତାକୁ ପାଇବି ପ୍ରତ୍ୟେକ ଦିନ, ପ୍ରତ୍ୟେକ ମୁହୂର୍ତ୍ତରେ । ତେଣୁ ଯାହାକୁ ନେଇ ଜୀବନର ବେଶି ସମୟ କଟିବ, ତାକୁ ରୁଷ୍ଟ କରିବି କେମିତି ?''

ବର୍ତ୍ତମାନ ବୁଝିପାରିଲି ଫାଲ୍‌ଗୁନି ମୋ ନିଜ ଅସ୍ତ୍ରକୁ ମୋ'ରିଠାରେ ପ୍ରୟୋଗ କରିଛନ୍ତି । ମତେ ନେଇ ତାଙ୍କର ଯେଉଁ ଯନ୍ତ୍ରଣା ହୁଏ, ତାକୁ ମତେ ହିଁ ଫେରାଇ ଦେଇଛନ୍ତି । ସେ ମତେ ଅପେକ୍ଷା କରୁଥିବା ବେଳେ ମୁଁ ଅନ୍ୟମାନଙ୍କ କକ୍ଷକୁ ଗଲେ ତାଙ୍କୁ କିପରି କଷ୍ଟହୁଏ, ତାହାହିଁ ମତେ ଚେତେଇ ଦେବାପାଇଁ ସେ ଗ୍ରହାନ୍ତି । କିନ୍ତୁ ସେଥିରେ ମୋର କି ଅପରାଧ ?

ଫାଲ୍‌ଗୁନିଙ୍କୁ ନେଇ ମୋ ଭିତରେ ଓ ସୁଭଦ୍ରା ଭିତରେ କନ୍ଦଳ ଲାଗିଛି । ଫାଲ୍‌ଗୁନି କାହା ପୁରରେ ରାତ୍ରିଯାପନ କରିବେ, ସେ ସମ୍ପର୍କରେ ତାଙ୍କ ସହ ମୁଁ ତର୍କ କରୁଛି ଭାବିବାମାତ୍ରେ ଲଜ୍ଜାରେ ମୁଖ ମଳିନ ହେଲା । ଯଦି ଫାଲ୍‌ଗୁନି ସୁଭଦ୍ରା ପାଖରେ ରହିବା ପାଇଁ ଗ୍ରହାନ୍ତି, ତେବେ ମୁଁ ତାଙ୍କୁ ବାଧ୍ୟକରି ଅଟକାଇ ରଖିଲେ ସେ ସୁଖୀ ହେବେନାହିଁ । ସେ ଅସୁଖୀ ହେଲେ ମତେ ବା କି ସୁଖ ମିଳିବ ? ଜୋର କରି କାହାଠାରୁ ରାଜସିଂହାସନ ଆଦାୟ କରାଯାଇପାରେ, କିନ୍ତୁ ହୃଦୟ ସିଂହାସନ

Digitized by srujanika@gmail.com

ବାଧ୍ୟବାଧକତାରେ ମିଳେନାହିଁ । ସୁଭଦ୍ରା ଯଦି ଫାଲ୍‌ଗୁନିଙ୍କ ହୃଦୟ ଆସନରେ ଅଧିଷ୍ଠିତା, ମୁଁ ତାକୁ ଈର୍ଷା କରି ଜୀବନ କାଟିଦେଇପାରେ; ମାତ୍ର ଈର୍ଷାକରି ତା' ସ୍ଥାନ ଅଧିକାର କରି ନପାରେ । ଯଦିବା ସୁଭଦ୍ରା ପ୍ରକୃତରେ ଅସୁସ୍ଥତା ଅନୁଭବ କରୁଛି ଏବଂ ଫାଲ୍‌ଗୁନିଙ୍କର ସାନ୍ନିଧ୍ୟ ତାର କାମ୍ୟ, ତେବେ ତ ଫାଲ୍‌ଗୁନିଙ୍କୁ ଅଟକାଇ ରଖିବା ଏକବାର ଅନ୍ୟାୟ ।

ବାରବର୍ଷ ଧରି ମୁଁ ଫାଲ୍‌ଗୁନିଙ୍କର ବିରହ ବ୍ୟଥାକୁ ଧୈର୍ଯ୍ୟ ସହକାରେ ସହିଛି । ଆଉ ଦିନେ ଦୁଇଦିନ ମୁଁ କ'ଣ ତାଙ୍କର ବିରହ ସହ୍ୟ କରିପାରିବି ନାହିଁ ? ତଫାତ୍ ଏତିକି ଯେ ସେତେବେଳେ ସେ ଥିଲେ ଅରଣ୍ୟରେ ବ୍ରହ୍ମଚାରୀ ଭାବରେ, ବର୍ତ୍ତମାନ ସେ ରହିବେ ମୋର ସପତ୍ନୀ ସୁଭଦ୍ରା ଭବନରେ । ମୁଁ ସ୍ଥିର କଣ୍ଠରେ କହିଲି, ''ସୁଭଦ୍ରା ଯଦି ଅସୁସ୍ଥତା ଅନୁଭବ କରୁଛି, ଆପଣ ଏଠିକି ଆସିବା ମଧ୍ୟ ଅନ୍ୟାୟ ହୋଇଛି । ମାୟା ହାତରେ ସମ୍ବାଦ ପଠାଇ ଦେଇଥିଲେ ବି ଚଳିଥା'ନ୍ତା । ଶୀଘ୍ର ଯା'ନ୍ତୁ, ସେ ବିଗ୍‌ରୀ ପିଲାଲୋକ । ଆପଣଙ୍କର ଡେରି ଦେଖି ବ୍ୟସ୍ତ ହେଉଥିବ ।'' ଫାଲ୍‌ଗୁନି ମୋର ହାତ ଦୁଇଟି ଧରିପକାଇ କହିଲେ — ''ତମେ ମନ ଦୁଃଖ କରୁନାହଁ ତ ? କ'ଣ ଆଉ କରିବି ? ଦୁଇ ନାବରେ ଗୋଡ଼ ଦେଲେ ମଣିଷର ଏଇ ଅବସ୍ଥା ।'' ଫାଲ୍‌ଗୁନିଙ୍କର କୋମଳ ସହାନୁଭୂତିଭରା କଥାରେ ମୋର ଦୁଃଖ ସବୁ ତରଳି ଆଖି ପତାରେ ଛଳ ଛଳ କରୁଥିଲା । ମୁଁ ତାକୁ ଜୋରକରି ନିଜ ଭିତରେ ଗୁମ୍ପିନେଲି । ମୁଁ କ'ଣ ସୁଭଦ୍ରା ଭଳି ପିଲାଟିଏ ହୋଇଛି ଯେ ଫାଲ୍‌ଗୁନିଙ୍କୁ ପାଖରେ ପାଇବା ପାଇଁ ଝଡ଼ାଝଡ଼ି କାନ୍ଦି ପକାଇବି ବା ଅସୁସ୍ଥ ହୋଇପଡ଼ିବି ? ମୁଁ ପରା ଯାଜ୍ଞସେନୀ, ବିଦୁଷୀ, ଇନ୍ଦ୍ରପ୍ରସ୍ଥର ରାଣୀ, ପୁଣି ଅଗ୍ନିରୁ ସମ୍ଭୂତା ! ମୁଁ ହସିବାକୁ ଚେଷ୍ଟାକରି କହିଲି — ''ମୋର ଦୁଃଖ ହେଉଛି ସୁଭଦ୍ରା ପାଇଁ । ଅକାରଣରେ ଅସୁସ୍ଥ ହୋଇପଡ଼ିଲା କାହିକି ? ରାତିରେ ରାଜବୈଦ୍ୟଙ୍କୁ ଡକାଇବା ଆବଶ୍ୟକ ହେବ ନାହିଁ ତ !''

ଫାଲ୍‌ଗୁନି ଗମ୍ଭୀର ସ୍ୱରରେ କହିଲେ — ''ସୁଭଦ୍ରା ପାଇଁ ବ୍ୟସ୍ତ ହୁଅ ନାହିଁ । ଅସୁସ୍ଥତା ଏତେ ଗୁରୁତର ନୁହେଁ । ମୁଁ ତା' ପାଖରେ ରହିଲେଇ ଯଥେଷ୍ଟ, କିନ୍ତୁ ତମେ ରାତିଟା କାଟିବ କେମିତି ?''

''ସାରା ରାତି ଛଟପଟ ହେବି'' — ମୁଁ ଦୁଃଖଭରା ସ୍ୱରରେ କହିଲି ।

ଫାଲ୍‌ଗୁନି ପଗ୍ଭରିଲେ — ''କାହାପାଇଁ ?''

''ସୁଭଦ୍ରା ପାଇଁ । ମୁଁ ତାକୁ ଉଭଣୀ ଭାବରେ ଗ୍ରହଣ କଲେ ମଧ୍ୟ ସେ ବୋଧହୁଏ ମତେ ସପତ୍ନୀ ଭାବି ଭୟ କରୁଛି । ତା' ନହେଲେ ହଠାତ୍ ଆଜି ତମେ ମୋ ପୁରକୁ

Digitized by srujanika@gmail.com

ଆସିବା ସଙ୍ଗେ ସଙ୍ଗେ ସେ ଅସୁସ୍ଥ ହୋଇପଡ଼ନ୍ତା କାହିଁକି ? ଆଚ୍ଛା ତମେ ଏଥର ଯାଅ— ରାତି ବେଶି ହେଉଛି ।'' ମୁଁ ଏତିକି କହି ଫାଲ୍ଗୁନିଙ୍କ ହାତଧରି ଶଯ୍ୟାରୁ ଉଠାଇଦେଲି ଏବଂ ଦ୍ୱାର ପର୍ଯ୍ୟନ୍ତ ବଳାଇଦେବାକୁ ଗଲି । ଫାଲ୍ଗୁନି ମୁଣ୍ଡ ତଳକୁ ପୋତି ସୁଭଦ୍ରା ମନ୍ଦିର ଆଡ଼େ ଆଗେଇଗଲେ । ସେ ଆଖିରୁ ଅଦୃଶ୍ୟ ହୁଅନ୍ତେ ମୁଁ ଦ୍ୱାର ବନ୍ଦକରି ଶଯ୍ୟାରେ ଶୋଇପଡ଼ିଲି । କେଜାଣି କାହିଁକି ଭାରି କ୍ଲାନ୍ତ ଲାଗିଲା । ଫାଲ୍ଗୁନି ଯେମିତି ମୋର ଶକ୍ତି ହରଣ କରିନେଲେ ।

ଆଖି ବୁଜିଛି କି ନା ମାୟାର କଣ୍ଠସ୍ୱର ମୋର ପାଦ ପାଖରେ ଶୁଣିଲି । ମାୟା ମୋର କୋଠରୀରେ ଅଛି, ମୁଁ ଦ୍ୱାର ବନ୍ଦ କରିଦେଇଛି ' ମାୟା ମୋର ପାଦ ସାଉଁକୁ ସାଉଁକୁ ଦୀର୍ଘଶ୍ୱାସ ଛାଡ଼ି କହିଲା — ''ବାରବର୍ଷର ପ୍ରତୀକ୍ଷା ପରେ ଅର୍ଜୁନଙ୍କର ଏ ଅବିଶ୍ୱର ଏକା ତମେ ବୋଲି ସହିଲ ସିନା ସଖି ! ପ୍ରକୃତରେ ସୁଭଦ୍ରା ତ ଅସୁସ୍ଥା ନୁହନ୍ତି, ସଂଧ୍ୟାସ୍ନାନ ସାରି ସେ ପ୍ରସାଧାନ କରୁଥିବାର ମୁଁ ଦେଖିଛି । ସୁଭଦ୍ରାଙ୍କୁ ଦଣ୍ଡେ ନଦେଖିଲେ ଫାଲ୍ଗୁନି ଆଜିକାଲି ରହିପାରୁ ନାହାନ୍ତି । ସେଇଥିପାଇଁ ଏ ମିଛ କାହାଣୀ ରଚନା କରି ସେ ସୁଭଦ୍ରାପୁରୀକୁ ଗ୍ଲଲିଯାଇଛନ୍ତି ଅଥଚ ତାଙ୍କ ବିନା ତମେ ତପସ୍ୱିନୀ ସାଜି କେତେ କଷଣ ନ ସହିଛ !''

ମାୟାର କଥା ସତ୍ୟ ମନେ ହେଉଥାଏ ଏବଂ ମୋର ଜ୍ୱାଳା ଯନ୍ତ୍ରଣା ବି ବଢ଼ାଉଥାଏ । କିନ୍ତୁ ମାୟା ପାଖରେ ନିଜର ଦୁର୍ବଳତା ପ୍ରକାଶ କରିବା ପାଇଁ ଇଚ୍ଛା ହେଲାନାହିଁ । ହସି ହସି କହିଲି — ''ମାୟା, ଏ ତ ଅତି ସ୍ୱାଭାବିକ କଥା, ସୁଭଦ୍ରା ସହ ଅର୍ଜୁନଙ୍କ ସମ୍ପର୍କ ଅଳ୍ପଦିନର, ତେଣୁ ଅର୍ଜୁନ ତାକୁ ଛାଡ଼ି ରହିପାରୁ ନାହାନ୍ତି ।''

''ତମେ ଏତେବର୍ଷ ହେବ ବାହାହୋଇ ଆସିଥିଲେ ବି ଅର୍ଜୁନଙ୍କ ସହ ତମର କେତେଦିନର ସମ୍ପର୍କ ମନେକରି କହ ତ ?'' ମାୟାଜେରା କଲା ।

ମୁଁ ସ୍ୱପ୍ନଭିଜା କଣ୍ଠରେ କହିଲି— ''ଅର୍ଜୁନଙ୍କ ସହ ମୋର ସମ୍ପର୍କ ଜନ୍ମ ଜନ୍ମାନ୍ତର.... ତା' ତୁ ବୁଝିପାରିବୁନି ମାୟା.....''

॥ ୨୪ ॥

ସୁଭଦ୍ରାକୁ ଗ୍ରହିଁଦେଲେ ସବୁ ରାଗ ଅଭିମାନ ଭସାମେଘ ଭଳି ଅପସରିଯାଏ । ମନହୁଏ ନିର୍ମଳ ଆକାଶର ନୀଳ ପରି । ସୁଭଦ୍ରାକୁ ଦେଖିବା ମାତ୍ରେ ଗତ ରାତ୍ରିର ସବୁ ଦ୍ୱନ୍ଦ୍ୱ ଭୁଲି ତା'ର କୁଶଳ ଜିଜ୍ଞାସା କଲି । ସେ ଆଶ୍ଚର୍ଯ୍ୟ ହୋଇ ପ୍ରଶ୍ନକଲା, ''ମୁଁ ଅସୁସ୍ଥ

Digitized by srujanika@gmail.com

ବୋଲି ତମକୁ କିଏ କହିଲା ? ଇନ୍ଦ୍ରପ୍ରସ୍ଥରେ ପହଞ୍ଚିବା ପରେ ମୋର ସ୍ୱାସ୍ଥ୍ୟର ଉନ୍ନତି ବ୍ୟତୀତ ଅବନତିର ପ୍ରଶ୍ନ କାହିଁ ?''

ମୁଁ ବିସ୍ମିତା ହୋଇ ଭାବିଲି, ତେବେ ମାଯାର କଥା କ'ଣ ସତ୍ୟ ? ସୁଭଦ୍ରା ଅସୁସ୍ଥ ବୋଲି ମଥ୍ୟା କହି ଫାଲ୍‌ଗୁନି ମୋଠାରୁ ଦୂରେଇ ଆସି ସୁଭଦ୍ରା ଭବନରେ ରାତ୍ରିଯାପନ କରିଛନ୍ତି ?

ମୁଁ ମୋର ମନର ସଂଶୟ ପ୍ରକାଶ ନ କରି ପଗ୍ଧରିଲି — ''ରାତିରେ ସୁନିଦ୍ରା ହୋଇଛି ତ ?''

ସୁଭଦ୍ରା ହସିଦେଇ କହିଲା, ''ସୁନିଦ୍ରା ମୋର ଚିର ସହଚରୀ । ଫାଲ୍‌ଗୁନି ନଥିଲେ ବୋଲି କାଲି ମୁଁ ଖୁବ୍ ଶୀଘ୍ର ଶଯ୍ୟା ଗ୍ରହଣ କରିଛି । ଅନ୍ୟ ଦିନମାନଙ୍କ ଭଳି ଫାଲ୍‌ଗୁନିଙ୍କଠାରୁ ଶାସ୍ତ୍ର ଆଲୋଚ଼ନା, କବିତା ଚର୍ଚ୍ଚା ଶୁଣିବାକୁ ପଡ଼ିନାହିଁ । ଫାଲ୍‌ଗୁନି ଏ ସମ୍ପର୍କରେ ତମକୁ ଖୁବ୍ ପ୍ରଶଂସା କରନ୍ତି । କାଲି କ'ଣ ସାରା ରାତି ସେ ଶାସ୍ତ୍ର ଆଲୋଚନା କରିଛନ୍ତି ? ସମଝଦାର ସଙ୍ଗୀ ପାଇଲେ କାବ୍ୟ କବିତା ଚର୍ଚ୍ଚାରେ ତାଙ୍କର ରାତି ପାହିଯାଏ । ଦ୍ୱାରକାରେ ଯେତେଦିନ ଥିଲେ ଭାଇଙ୍କ ସଙ୍ଗେ ଶାସ୍ତ୍ର ଆଲୋଚନା କରି ରାତି ରାତି ପୁହାଇ ଦେଉଥିଲେ ।'' ସୁଭଦ୍ରା କଳକଳ ନାଦରେ ଆଉଥରେ ହସିଦେଲା । ମୁଁ ଗଭୀର ବିସ୍ମୟରେ ବୁଡ଼ିଯାଇ ଭାବିଲି, ଫାଲ୍‌ଗୁନି ମୋ ପୁରରେ ବି ନଥିଲେ, ସୁଭଦ୍ରା ପୁରରେ ବି ନଥିଲେ । ତେବେ ସେ ରାତି କଟାଇଲେ କେଉଁଠି ? ସୁଭଦ୍ରା ଅସୁସ୍ଥ ଅଛି କହି ମୋ ପାଖରୁ ଘୁଲିଆସିବାର ଉଦ୍ଦେଶ୍ୟ କ'ଣ ? ଫାଲ୍‌ଗୁନି କ'ଣ ମୋର ସାନ୍ନିଧ୍ୟ ଗ୍ରହାନ୍ତି ନାହିଁ ? ମୋ ସହ ଏକତ୍ର ରହିବାରେ ତାଙ୍କର ଏ କୁଣ୍ଠା କାହିଁକି ? କି ଅପରାଧ ମୁଁ କରିଛି ତାଙ୍କ ପାଖରେ ?

ଏ ଦୁଃଖ, ଏ ଲଜ୍ଜା, ଏ ଅପମାନ କାହାକୁ କହିବି ? ଫାଲ୍‌ଗୁନି ମତେ ଗ୍ରହାନ୍ତି ନାହିଁ — ଏ କଥା ପ୍ରକାଶ କରିବା ପରେ ମୋର ବଞ୍ଚି ରହିବାରେ କି ଆବଶ୍ୟକତା ରହିବ ?

ଚିନ୍ତାରେ କଟିଗଲା ସାରାଦିନ । ମାଯାକୁ ମଧ୍ୟ କିଛି କହିଲିନି । କଥାଟା ସେ ପ୍ରଘଟ କରିଦେବ । ଫାଲ୍‌ଗୁନି ମତେ ଗ୍ରହାନ୍ତି ନାହିଁ — ଜାଣିବାପରେ ସମସ୍ତଙ୍କ ଆଖିରେ ମୁଁ କେତେ ଛୋଟ ହୋଇଯିବି ! କେତେ ହୀନ ଦୃଷ୍ଟିରେ, କେତେ ସହାନୁଭୂତିରେ ମତେ ସମସ୍ତେ ଗ୍ରହିଁ ହାଯ୍ ହାଯ୍ କରିବେ । ମୁଁ କ'ଣ ସେ କଥା ସହିପାରିବି ?

Digitized by srujanika@gmail.com

ସନ୍ଧ୍ୟାରେ ଏକା ଏକା ଉଦ୍ୟାନ କୋଣରେ ବସି ଭାବୁଥାଏ, ଆଜି ମଧ୍ୟ ଫାଲ୍‌ଗୁନି କିଛି ଗୋଟାଏ ମିଥ୍ୟା ଆଳ ଦେଖାଇ ଅନ୍ୟତ୍ର ରାତି କଟାଇବେ । ଶୟନକକ୍ଷରେ ତାଙ୍କୁ ଅପେକ୍ଷା କରିବା ଅପେକ୍ଷା ଏଇ ଉଦ୍ୟାନ କୋଣରେ ମୁହଁ ଲୁଗ୍ଵଇ ରାତି କଟାଇଦେବା ବରଂ ଭଲ ।

ହଠାତ୍ ପଛରେ ଶୁଭିଲା କୃଷ୍ଣ ସ୍ୱର । ଚମକି ପଛକୁ ଗ୍ୱହିଁଲି । ସଖା ମୃଦୁ ହସି କହୁଛନ୍ତି — "କାଲି ମୋର ସଖାଙ୍କୁ ନିଷ୍ଠୁରଭାବେ ଫେରାଇଦେଲ । ଆଜି ଏଠି ଲୁଚି ବସିଛ । ବିଚରା ଆଜି ମଧ୍ୟ ତମ କକ୍ଷରୁ ନିରାଶ ହୋଇ ଫେରିବେ ଏବଂ ସାରା ରାତି ମୋ'ରି ପାଖରେ ବସି ଦୁଃଖ ବଖାଣିବେ । କାଲି ସାରାରାତି ସେ ତ ଶୋଇ ନାହାନ୍ତି, ମତେ ବି ବିଶ୍ରାମ ମିଳିନାହିଁ । ସଖି, ସଖାଙ୍କ ପ୍ରତି ଏତେ ନିଷ୍ଠୁର କାହିଁକି ?"

ମୁଁ ଅବାକ୍ ହେଇ ଗ୍ୱହିଁଥାଏ ସଖାଙ୍କୁ । ଫାଲ୍‌ଗୁନିଙ୍କର ବିଚିତ୍ର ଆଚ୍‌ରଣ କଥା ଭାବୁଥାଏ । ମୋର ନାମରେ ଏପରି ଡାହା ମିଛଗୁଡ଼ା ସଖାଙ୍କ ଆଗରେ କହିଛନ୍ତି କାହିଁକି ? ସେପଟେ ସୁଭଦ୍ରା ଏକା, ଏପଟେ ମୁଁ ଏକାକିନୀ । ଅଥଚ ଫାଲ୍‌ଗୁନି ରାତି କଟାଇଛନ୍ତି ସଖାଙ୍କ ପାଖରେ । ବସି ବସି ମତେ ବୃଥା ବଦନାମ ଦେଇଛନ୍ତି । ଯାର ଅର୍ଥ କ'ଣ ?

ମୁଁ ଆଶ୍ଚର୍ଯ୍ୟ ହୋଇ ସଖାଙ୍କୁ ଗ୍ୱହିଁଛି । ସେ ମୃଦୁ ମୃଦୁ ହସୁଛନ୍ତି । ମୁଁ କୃତ୍ରିମ କ୍ରୋଧ ପ୍ରକାଶ କରି କହିଲି — "ବାରବର୍ଷର ବ୍ରହ୍ମଚର୍ଯ୍ୟ ପାଳନ ଭିତରେ ଗ୍ୱରିଟି ସ୍ତ୍ରୀ ଗ୍ରହଣ କରି, ତିନୋଟି ସନ୍ତାନର ଜନକ ହୋଇ ତମର ବନ୍ଧୁ ଫେରିଆସିବା ପରେ ମତେ ବଦନାମ କରିବାକୁ ଆରମ୍ଭ କରିଛନ୍ତି କେଉଁ ଉଦ୍ଦେଶ୍ୟରେ ? ସାରା ରାତି ସେ ତମ ପାଖରେ କଟାଇଛନ୍ତି । ଅଥଚ ସୁଭଦ୍ରା ଅସୁସ୍ଥତା ଅନୁଭବ କରୁଛି କହି ମୋ ପାଖରୁ ବିଦାୟ ନେଇ ଫେରିଆସିଛନ୍ତି । ମୁଁ ତାଙ୍କୁ ତଡ଼ି ଦେଇନାହିଁ ।"

"କିନ୍ତୁ ତମେ ତାଙ୍କୁ ଜୋର୍ କରି ଅଟକାଇଥିଲ ବା କେଉଁଠି ?"

"ସୁଭଦ୍ରା ଅସୁସ୍ଥା ଅଛି ଶୁଣିବା ପରେ ମୋର ତାଙ୍କୁ ଜୋର୍‌କରି ଅଟକାଇ ରଖିବା ଉଚିତ ହୋଇନଥା'ନ୍ତା ।"

"ଜୋର କରି ନ ହେଲେ ବି ଅନୁନୟ କରି କିଛି ସମୟ ଅଟକାଇ ପାରିଥା'ନ୍ତ !"

"ସୁଭଦ୍ରାର ଅସୁସ୍ଥତା ସତ୍ତ୍ୱେ ବି !"

Digitized by srujanika@gmail.com

''ସୁଭଦ୍ରା ବିଶେଷ ଅସୁସ୍ଥା ନୁହେଁ, ଏକଥା ମଧ୍ୟ ଫାଲ୍‌ଗୁନି କହିଥିଲେ —''

''ତା' ସତ୍ତ୍ୱେ ଫାଲ୍‌ଗୁନି ସୁଭଦ୍ରା ପାଖକୁ ଯିବାପାଇଁ ଗ୍ରହିଁଥିଲେ । ମୁଁ ଅନୁନୟ କରି ଅଟକାଇଥା'ନ୍ତି କାହିଁକି ? ଅନୁନୟ କରି କ'ଣ ପ୍ରେମଲାଭ କରିହୁଏ ?''

କିନ୍ତୁ ତମେ ଫାଲ୍‌ଗୁନିଙ୍କ ବିହୁନେ ଦୁଃଖିତା ବି ହୋଇନଥିଲ ! ଏତେଦିନ ପରେ ତମର ପ୍ରତୀକ୍ଷା ଯେ ବ୍ୟର୍ଥ ହେଲା — ସେଥିପାଇଁ ଅଭିମାନ ବି କରିନଥିଲ — ତା'ର ଅର୍ଥ ଫାଲ୍‌ଗୁନିଙ୍କ ପ୍ରେମ ପାଇଁ ତମ ଭିତରେ ବ୍ୟାକୁଳତା ନାହିଁ ।''

''ଅଭିମାନର କ'ଣ କିଛି ଭାଷା ଅଛି ? ଆଖି, ମୁହଁ, ଦୀର୍ଘଶ୍ୱାସ, କଣ୍ଠସ୍ୱରର ଜଡ଼ତାରୁ ଫାଲ୍‌ଗୁନି ଯଦି ମୋର ଦୁଃଖ, ବ୍ୟାକୁଳତା ଏବଂ ଅଭିମାନ ବୁଝିଲେନି, ମୁଁ କ'ଣ ମୁହଁ ଖୋଲି କହିଥା'ନ୍ତି ?''

ମୋ କଥା ଶୁଣି ଶ୍ରୀକୃଷ୍ଣ କହିଲେ — ''କୃଷ୍ଣା, କାଲି ରାତିରେ ସଖା ମୋର କମ୍ କଷ୍ଟ ପାଇନାହାନ୍ତି । ତାଙ୍କ ପାଇଁ ତମର ବ୍ୟାକୁଳତା ଅଛି କି ନା ପରୀକ୍ଷା କରିବା ପାଇଁ ସେ ସୁଭଦ୍ରାର ଅସୁସ୍ଥତା କଥା କହିଥିଲେ । ଅଥଚ ତମେ ସଙ୍ଗେ ସଙ୍ଗେ ଉଦାରତା ଦେଖାଇ ତାଙ୍କୁ ସୁଭଦ୍ରା ପାଖକୁ ତଡ଼ିଦେଲ । ସେ ଦୁଃଖ କରିବେ ନାହିଁ ? ସୁଭଦ୍ରାର ଅସୁସ୍ଥତା ସତ୍ତ୍ୱେ ତମେ ଯଦି ତାକୁ ଜୋରକରି ନିଜ ଭବନରେ ଅଟକାଇ ରଖିଥା'ନ୍ତ, ତେବେ ସେ ତମ ପ୍ରେମର ପ୍ରଖରତା ବୁଝି ଖୁସି ହୋଇଥା'ନ୍ତେ । ଯେତେ ବିଦୁଷୀ ଏବଂ ବିଜ୍ଞ ହେଲେ ବି ପ୍ରେମିକା ପାଖରେ କୌଣସି ବିଗ୍ଧର ବୁଦ୍ଧି କାମ କରେ ନାହିଁ । ପ୍ରେମ ଲାଭ ପାଇଁ ପ୍ରେମିକା ସଂସାରରେ କ'ଣ ବା ନକରିପାରେ ? ଅଥଚ ତମର ଶୀତଳ ଉଦାରତା ମୋର ସଖାଙ୍କୁ କମ ଶାସ୍ତି ନ ଦେଇଛି ସାରା ରାତି !''

ମୁଁ ବିସ୍ମୟ ପୁଲକରେ ଗତ ରାତିରେ ଫାଲ୍‌ଗୁନିଙ୍କ ନାଟକୀୟ ପ୍ରସ୍ଥାନର କାରଣ ଅନୁଧ୍ୟାନ କରୁଥିଲି । ଫାଲ୍‌ଗୁନିଙ୍କ ପାଇଁ ମୋ ହୃଦୟର ବ୍ୟାକୁଳତା ଜଳିବା ପାଇଁ ଫାଲ୍‌ଗୁନି କାଲି ସାରା ରାତି ସଖାଙ୍କ ପାଦତଳେ ବସି ରାତି କଟାଇଛନ୍ତି, ଶୁଣିବା ପରେ ମୁଁ ଅନୁଭବ କଲି, ଫାଲ୍‌ଗୁନି ମୋର । ଉଲୁପି, ଚିତ୍ରାଙ୍ଗଦା, ଆର୍ଯ୍ୟା, ସୁଭଦ୍ରା ଫାଲ୍‌ଗୁନିଙ୍କର ପତ୍ନୀ ହୋଇପାରନ୍ତି, ମାତ୍ର ମୁଁ ତାଙ୍କର ପ୍ରେୟସୀ, ମାନସୀ, ପ୍ରାଣପ୍ରିୟା । ଫାଲ୍‌ଗୁନି ବହୁ ପତ୍ନୀ ଗ୍ରହଣ କଲା ପରେ ମଧ୍ୟ ମୋ ପାଇଁ ଯାହାଥିଲେ ତାହାହିଁ ଅଛନ୍ତି । ବର୍ତ୍ତମାନ ଯଦି ଫାଲ୍‌ଗୁନି ଅନେଶ୍ୱତ ପତ୍ନୀଙ୍କୁ ଇନ୍ଦ୍ରପ୍ରସ୍ଥ ରାଣୀହଂସପୁରେ ସ୍ଥାନ ଦିଅନ୍ତି, ମୁଁ ଟିକେହେଲେ ଦୁଃଖ କରିବି ନାହିଁ । ଫାଲ୍‌ଗୁନିଙ୍କର ପୌରୁଷ ସମୁଦ୍ରପରି ବିଶାଳ, ଆଉ ଉଦାର । ସାରା ସଂସାରର ସ୍ରୋତସ୍ୱିନୀ ସେଠାରେ ଆଶ୍ରୟ ଖୋଜିଲେ ବି ମୋ ପାଇଁ ତାଙ୍କ ହୃଦୟରେ ସ୍ଥାନର ଅଭାବ ହେବନାହିଁ ।

Digitized by srujanika@gmail.com

॥ ୨୫ ॥

ମହର୍ଷି କୃଷ୍ଣ ଦ୍ୱୈପାୟନ ଏବଂ ମହାତ୍ମା କୃଷ୍ଣ ବାସୁଦେବ ଏକ ସଙ୍ଗେ ଆସି ଇନ୍ଦ୍ରପ୍ରସ୍ଥରେ ପହଞ୍ଚିବା ଯେତିକି ସୌଭାଗ୍ୟଜନକ — ସେତିକି ଗୁରୁତ୍ୱପୂର୍ଣ୍ଣ ।

ଦୁଇ କୃଷ୍ଣ ଏକ ସମୟରେ ଇନ୍ଦ୍ରପ୍ରସ୍ଥ ଆସିବା ପଛରେ କି ଉଦ୍ଦେଶ୍ୟ ଅଛି ସେକଥା ଭାବି ଇନ୍ଦ୍ରପ୍ରସ୍ଥବାସୀ ଜନତା ଚକିତ ହେଉଥା'ନ୍ତି ।

ମାତ୍ର କେତେଦିନ ତଳେ ଇନ୍ଦ୍ରପ୍ରସ୍ଥରେ ସୁଭଦ୍ରା ପୁତ୍ର ଅଭିମନ୍ୟୁର ବିଦ୍ୟାରମ୍ଭ ଉତ୍ସବ ମହା ଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି । ସେତେବେଳେ ଦୁଇ କୃଷ୍ଣ ମଧ୍ୟ ଆସି ଅଭିମନ୍ୟୁକୁ ଆଶୀର୍ବାଦ କରି ଫେରିଯାଇଥିଲେ । ଗଲାବେଳେ କୃଷ୍ଣ ବାସୁଦେବ କୌତୁକ କରି କହିଯାଇଥିଲେ --''କୃଷ୍ଣା, ସୁଭଦ୍ରା ପୁତ୍ର ଏ ବଂଶର ଜ୍ୟେଷ୍ଠପୁତ୍ର ଭାବେ ଜନ୍ମଗ୍ରହଣ କରିଛି ବୋଲି ମନ ଦୁଃଖ କରନାହିଁ । ଏହାହିଁ ହେଉଛି ପୁରୁବଂଶର ପରମ୍ପରା । ଗାନ୍ଧାରୀ ପ୍ରଥମେ ଗର୍ଭଧାରଣ କରିଥିଲେ ମଧ୍ୟ ସାନ ଯାଆ କୁନ୍ତୀଙ୍କର ପୁତ୍ର ଯୁଧିଷ୍ଠିର ପ୍ରଥମେ ଜନ୍ମଲାଭ କରି ଜ୍ୟେଷ୍ଠପୁତ୍ରର ଗୁରୁଦାୟିତ୍ୱ ବହନ କରିଛନ୍ତି । ବରଂ ତମେ ଖୁସି ହେବାର କଥା ଯେ ତମର ପୁତ୍ରମାନଙ୍କୁ ରାଜମୁକୁଟର ବୋଝ ବୋହିବା ପାଇଁ ପଡ଼ିବ ନାହିଁ ।''

ମୁଁ ହସି ହସି କହିଥିଲି — ''ସଖା, ଅଭିମନ୍ୟୁ ସୁଭଦ୍ରା ଗର୍ଭରୁ ଜନ୍ମଲାଭ କଲେ ମଧ୍ୟ ମୋ ସ୍ୱାମୀଙ୍କର ସେ ସନ୍ତାନ । ତେଣୁ ମୋର ଜ୍ୟେଷ୍ଠପୁତ୍ର ହେଉଛି ଅଭିମନ୍ୟୁ । ମତେ ମା' ଡାକେ, ସୁଭଦ୍ରାକୁ ଡାକେ ସାନ ମା' । ସୁଭଦ୍ରା ସିନା ତାକୁ ଜନ୍ମ ଦେଇଛି, କିନ୍ତୁ ସେ ବଢ଼ିଉଠୁଛି ମୋର କୋଳରେ — ମୋର ପାଖରେ । ସେ ପାଠପଢ଼େ, ଗୀତ ଶିଖେ, ଚିତ୍ର ଆଙ୍କେ, ପୂର୍ବପୁରୁଷମାନଙ୍କର ଗୌରବମୟ କାହାଣୀ ମୋରି ମୁହଁରୁ ଶୁଣିଶୁଣି ମୋ କୋଳରେ ସେ ଘୁମେଇ ପଡ଼େ । ସୁଭଦ୍ରାର ପିଲାବୁଦ୍ଧି ଏଯାଏ ଯାଇନି । ଅଭିମନ୍ୟୁ ତା' ପାଖରେ ଅଝଟ ଧରିଲେ ସେ ଅଭିମନ୍ୟୁକୁ ଆଉରି ଚିଡ଼ାଇଦିଏ । ଅଭିମନ୍ୟୁ ରାହାଧରି କାନ୍ଦିଲେ ସୁଭଦ୍ରା ତାକୁ ବୋଧଦେବ କ'ଣ ନିଜେ ଆଖି ଛଳ ଛଳ କରେ । ଅଭିମନ୍ୟୁକୁ କୋଳରେ ଧରି ଶୁଆଉ ଶୁଆଉ ସେ ନିଜେ ଆଗ ଘୁମେଇପଡ଼େ । ଅଭିମନ୍ୟୁ ଜଞ୍ଜାଳ କଲେ ପଠେଇଦିଏ ମୋ ପାଖକୁ । ଏଥର କୁହ, ଅଭିମନ୍ୟୁ ମୋ' ପୁଅ ନା — ସୁଭଦ୍ରା ପୁଅ ?''

କୃଷ୍ଣ ହସି ହସି କହିଲେ — ''ମୋର କହିବା କି ଦରକାର, ସେ କଥା ଅଭିମନ୍ୟୁ ନିଜେ କହିବୁଲୁଛି । ପ୍ରଥମଦିନ ଗୁରୁ ପଚାରିଲେ — ତମର ପରିଚୟ କ'ଣ ?

Digitized by srujanika@gmail.com

ଅଭିମନ୍ୟୁ ଉତ୍ତରଦେଲା — ମୋର ବାପା ଅର୍ଜୁନ, ମାମୁଁ କୃଷ୍ଣ ଆଉ ମା' ହେଉଛନ୍ତି କୃଷ୍ଣା — ବାସ୍ ଏତିକି ତାର ପରିଚୟ । ସେଠି ବିଗ୍ଧରୀ ମୋ ଅଲିଅଳି ଭଉଣୀ ସୁଭଦ୍ରାର ନାମ ଗନ୍ଧ କାହିଁ ?''

କୃଷ୍ଣ ରସିକତା କରୁଛନ୍ତି ଜାଣିସୁଦ୍ଧା ମୁଁ ଉତ୍ତର ଦେଇଥିଲି — ''ସଖା, ଅଭିମନ୍ୟୁ ପିଲାଟି ଦିନରୁ ମୋ ମୁହଁରୁ ତା'ର ବଂଶ ଇତିହାସ ଶୁଣି ଆସିଛି । ତା' ବଂଶରେ ଜ୍ୟେଷ୍ଠ ହିଁ ଶ୍ରେଷ୍ଠସ୍ଥାନ ଅଧିକାର କରିଛି । କେବଳ ବୟସର ସମ୍ମାନ ଯୋଗୁଁ ନୁହେଁ, ବିଗ୍ଧରବୁଦ୍ଧି ଓ ହୃଦୟବତ୍ତାର ମହନୀୟତା ଯୋଗୁଁ ଜ୍ୟେଷ୍ଠକୁ ଶ୍ରେଷ୍ଠ ଆସନ ଦିଆଯାଇଛି । ମାଦ୍ରୀ ପୁତ୍ର ନକୁଳ ସହଦେବ ମଧ୍ୟ ନିଜକୁ କୁନ୍ତୀପୁତ୍ର ଭାବେ ପରିଚୟ ଦେବାରେ ଗର୍ବ ଅନୁଭବ କରନ୍ତି । କୁରୁ ପାଣ୍ଡବଙ୍କ ମଧ୍ୟରେ ଶତ୍ରୁତା ଲାଗି ରହିଥିଲେ ମଧ୍ୟ ମାତା ଗାନ୍ଧାରୀ ଓ କୁନ୍ତୀଙ୍କ ଆଖିରେ କୌରବ ଶହେଭାଇ ଏବଂ ପାଣ୍ଡବ ପାଞ୍ଚଭାଇ ସମାନ । ତେଣୁ ଅଭିମନ୍ୟୁ 'କୃଷ୍ଣାର ପୁଅ' ଭାବରେ ନିଜର ପରିଚୟ ଦେବାରେ ଅସ୍ୱାଭାବିକତା କିଛି ନାହିଁ ।''

ସଖା କୃଷ୍ଣ ମୃଦୁ ହସି ବିଦାୟ ନେଇଥିଲେ । ଯିବାବେଳେ କହିଥିଲେ — ''ସଖି, ଦ୍ୱାରକାରେ ମୋର ମନ ଲାଗୁନାହିଁ । ବାରମ୍ବାର ଇନ୍ଦ୍ରପ୍ରସ୍ଥ ଫେରିଆସିବାର ସୁଯୋଗକୁ ମୁଁ ଅପେକ୍ଷା କରି ରହିଥାଏ । ତମର ପଞ୍ଚପୁତ୍ର ପ୍ରାତବିଦ୍ୟ, ସ୍ରୁତସୋମ, ଶ୍ରୁତକର୍ମା, ଶତାନୀକ ଏବଂ ଶ୍ରୁତାସନଙ୍କର ବିଦ୍ୟାରମ୍ଭ ଏକସଙ୍ଗେ ନକଲେ ମୁଁ ପ୍ରତ୍ୟେକଙ୍କ ବିଦ୍ୟାରମ୍ଭ ଉତ୍ସବକୁ ଥରେ ଥରେ ଆସିବାର ସୁଯୋଗ ପାଇବି । ସେତେବେଳେ ଆଉ ଭାଇ ବଳରାମଙ୍କ ପାଖରେ ବାରମ୍ବାର ଇନ୍ଦ୍ରପ୍ରସ୍ଥ ଆସିବାର ମିଥ୍ୟା କୈଫିୟତ ଦେବାକୁ ପଡ଼ିବ ନାହିଁ ।''

ସଖାଙ୍କ କଥାରେ ନ ହସିବ କିଏ ? ମୁଁ କହିଥିଲି — ''ସଖା ଇନ୍ଦ୍ରପ୍ରସ୍ଥ ଆସିବା ପାଇଁ ସୁଯୋଗ ସୃଷ୍ଟି କରିବା ତମ ପାଇଁ କିବା ଛାର କଥା ? ସାରାଜୀବନ ପାଣ୍ଡବମାନେ ତମର ସାହାଯ୍ୟପ୍ରାର୍ଥୀ ହେବେ । ତମ ସାହାଯ୍ୟ ବିନା ପାଣ୍ଡବମାନେ କ'ଣ ବା କରିଛନ୍ତି ଆଜିଯାଏ —''

ସଖା ସେ ଦିନ ବିଦାୟ ନେଇଥିଲେ ପୁଣି ଫେରିବାର ପ୍ରତିଶ୍ରୁତି ଦେଇ । କିନ୍ତୁ ଏତେଶୀଘ୍ର ସେ ଫେରିଆସିବେ ବୋଲି ଅନ୍ୟମାନେ କେହି ବି ଜାଣି ନ ଥିଲେ ।

ମୁଁ କିନ୍ତୁ ଜାଣିଥିଲି ମହର୍ଷି କୃଷ୍ଣ ଦ୍ୱୈପାୟନ ଏବଂ ମହାତ୍ମା କୃଷ୍ଣ ବାସୁଦେବ ଆସୁଛନ୍ତି । ଯୁଧିଷ୍ଠିର ତାଙ୍କୁ ଡକାଇଛନ୍ତି । ଯୁଧିଷ୍ଠିର ଦ୍ୱନ୍ଦ୍ୱରେ ପଡ଼ିଛନ୍ତି । ସେ ଦ୍ୱନ୍ଦ୍ୱର ଅବସାନ ହେବ ଦୁଇ କୃଷ୍ଣ ମହାପୁରୁଷଙ୍କ ପରାମର୍ଶରେ !

Digitized by srujanika@gmail.com

ଯୁଧିଷ୍ଠିର ପିତା ପଣ୍ଡୁଙ୍କୁ ସ୍ୱପ୍ନ ଦେଖିଛନ୍ତି । ସ୍ୱପ୍ନରେ ପିତା ନିଜର ଅପୂର୍ଣ୍ଣ ଇଚ୍ଛାକୁ ପୂର୍ଣ୍ଣ କରିବା ପାଇଁ ଜ୍ୟେଷ୍ଠପୁତ୍ର ଯୁଧିଷ୍ଠିରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପୂର୍ବପୁରୁଷଙ୍କର ଇଚ୍ଛା ପୂର୍ଣ୍ଣ କରିବା ପୁତ୍ରର ପରମ କର୍ତ୍ତବ୍ୟ । ମାତ୍ର ପଣ୍ଡୁଙ୍କର ଇଚ୍ଛା ତ ସାଧାରଣ ନୁହେଁ, ପଣ୍ଡୁ ଗ୍ରହାନ୍ତି ଯୁଧିଷ୍ଠିର ରାଜସୂୟ ଯଜ୍ଞ କରି ରାଜଚକ୍ରବର୍ତ୍ତୀ ବୋଲାଇବେ । ପଣ୍ଡୁଙ୍କର ମଧ୍ୟ ଚକ୍ରବର୍ତ୍ତୀ ବୋଲାଇବାର ଇଚ୍ଛା ଥିଲା । ବହୁ ରାଜ୍ୟ ଜୟ କରି ସେ ନିଜର ଶୌର୍ଯ୍ୟ ଓ ବୀରତ୍ୱର ପରିଚୟ ଦେଇଥିଲେ । ରାଜସୂୟ ଯଜ୍ଞ କରିବା ପାଇଁ ଚିନ୍ତା କରୁଥିଲେ । ଠିକ୍ ସେତିକିବେଳେ ମୁନି ଅଭିଶାପ ଯୋଗୁଁ ତାଙ୍କୁ ଅକାଳ ମୃତ୍ୟୁବରଣ କରିବା ପାଇଁ ପଡ଼ିଲା । ଅପୂର୍ଣ୍ଣ ରହିଗଲା ରାଜସୂୟ ଯଜ୍ଞ କରିବାର ଇଚ୍ଛା । ଅତୃପ୍ତ ଆତ୍ମା ତାଙ୍କର ସେହିଦିନଠାରୁ ଛଟପଟ ହୋଇ ଘୂରି ବୁଲୁଛି ।

ସ୍ୱପ୍ନଭଙ୍ଗ ହେବା ପରଠୁ ଯୁଧିଷ୍ଠିର ଚିନ୍ତିତ । ମହର୍ଷି ନାରଦ ମଧ୍ୟ ନିଜେ ପଣ୍ଡୁଙ୍କୁ ସ୍ୱର୍ଗରାଜ୍ୟର ଦ୍ୱାରଦେଶରେ ଦେଖି ଆସିଛନ୍ତି । ସେ ଦୁଃଖରେ ଅଛନ୍ତି ଏବଂ ଯୁଧିଷ୍ଠିର ରାଜସୂୟ ଯଜ୍ଞ କଲେ ତାଙ୍କର ଆତ୍ମା ଶାନ୍ତିଲାଭ କରିବ ବୋଲି ନାରଦଙ୍କ ହସ୍ତରେ ପୁତ୍ର ଯୁଧିଷ୍ଠିରଙ୍କ ପାଖକୁ ସମ୍ବାଦ ପ୍ରେରଣ କରିଛନ୍ତି ।

ଯୁଧିଷ୍ଠିରଙ୍କ ସ୍ୱପ୍ନ ସମ୍ବାଦ ଏବଂ ମହର୍ଷି ନାରଦଙ୍କର ସନ୍ଦେଶ ପାଣ୍ଡବ ଭାଇମାନଙ୍କ ମନରେ ରାଜସୂୟ ଯଜ୍ଞ ପାଇଁ ଆକାଂକ୍ଷା ଜନ୍ମାଇଛି । ଏଥିରେ ଯୁଧିଷ୍ଠିରଙ୍କ ଦ୍ୱନ୍ଦ୍ୱ କାହିଁକି ?

ଆଉ କେହି ଜାଣୁ ବା ନ ଜାଣୁ ମୁଁ ଜାଣେ ଯୁଧିଷ୍ଠିର ପିତୃଆଜ୍ଞା ପାଳନ ପାଇଁ ଯେତିକି ଆଗଭରା, ରାଜସୂୟ ଯଜ୍ଞ ପାଇଁ ସେତିକି ପଶ୍ଚାତ୍‌ପଦ । ଯୁଧିଷ୍ଠିର କାଳେ କାଳେ ଶାନ୍ତିପ୍ରିୟ ଏବଂ ସମରବିମୁଖ । ଯୁଦ୍ଧ, ରକ୍ତପାତ, ହିଂସାକାଣ୍ଡ, ଧନ, ଜୀବନ ହାନି, ଦୁଃଖ, ଶୋକ, ହାହାକାରକୁ ତାଙ୍କର ଶାନ୍ତିପ୍ରିୟ ପ୍ରାଣ ସହଜରେ ବରଦାସ୍ତ କରେନାହିଁ । ଯୁଦ୍ଧକୁ ସେ ଭୟ କରନ୍ତି ନାହିଁ, ଘୃଣା କରନ୍ତି । କିନ୍ତୁ ରାଜସୂୟ ଯଜ୍ଞ ପାଇଁ ତାଙ୍କ ମନରେ କୁଣ୍ଠାଭାବ କ୍ଷତ୍ରିୟ ଧର୍ମ ବିରୋଧୀ । ରାଜସୂୟ ଯଜ୍ଞର ଅର୍ଥ ନୁହେଁ ରାଜ୍ୟ ଜୟ ବା ଏକଛତ୍ରବାଦ । ରାଜସୂୟ ଯଜ୍ଞ ଅର୍ଥ ଦେଶରେ ଧର୍ମ ପ୍ରତିଷ୍ଠା, ଐକ୍ୟ ପ୍ରତିଷ୍ଠା, ସଖ୍ୟ ପ୍ରତିଷ୍ଠା । ନାରଦ ତାଙ୍କୁ ତାହା ହିଁ ବୁଝାଇଲେ । ଭାଇମାନେ ସେ କଥାକୁ ସମର୍ଥନ କରିଥିଲେ । ତା' ସତ୍ତ୍ୱେ ବି ଯୁଧିଷ୍ଠିର ଏ ସମ୍ପର୍କରେ ନିଷ୍ପତ୍ତି ନେବା ପୂର୍ବରୁ ମହାତ୍ମା ଦୁଇ କୃଷ୍ଣଙ୍କର ମତାମତ କାମନା କରି ତାଙ୍କୁ ନିମନ୍ତ୍ରଣ କରିଛନ୍ତି ।

ମଞ୍ଚରେ ବସିଛନ୍ତି କୃଷ୍ଣ ଦ୍ୱୈପାୟନ ଏବଂ କୃଷ୍ଣ ବାସୁଦେବ । ତାଙ୍କୁ ଘେରି ବସିଛନ୍ତି ପାଣ୍ଡବ ପାଞ୍ଚଭାଇ । ରାଜସୂୟ ଯଜ୍ଞ ହେବ କି ନାଁ — ସେ ସମ୍ପର୍କରେ ଗୁରୁତର ଆଲୋଚନା ଚାଲିଛି । ମାତା କୁନ୍ତୀ ଏବଂ ମୁଁ ମଧ୍ୟ ଉପସ୍ଥିତ ଅଛୁ । ପାଣ୍ଡବ

Digitized by srujanika@gmail.com

ପରିବାରରେ ଯେ କୌଣସି ସିଦ୍ଧାନ୍ତ ନେବା ସମୟରେ ଗୃହକର୍ତ୍ତୀଙ୍କ ମତାମତ ନେବାରେ ପରମ୍ପରା ରହିଆସିଅଛି । ମୋର ଶ୍ୱଶୁର ପଣ୍ଡୁ ମଧ୍ୟ ପ୍ରତ୍ୟେକ କଥାରେ ମାତା କୁନ୍ତୀଙ୍କର ସୁଚିନ୍ତିତ ମତାମତକୁ ସମ୍ମାନ ଦେଉଥିଲେ । ବଡ଼ ଶ୍ୱଶୁର ଧୃତରାଷ୍ଟ୍ର ମଧ୍ୟ ଗାନ୍ଧାରୀଙ୍କ ମତାମତକୁ ସମ୍ମାନ ଦେଇଆସିଛନ୍ତି । ମାତାମହୀ ସତ୍ୟବତୀଙ୍କ ସିଦ୍ଧାନ୍ତକୁ ସମ୍ମାନର ସହ ବିଗ୍ଧର କରି ଗ୍ରହଣ କରାଯାଏ । ପାଣ୍ଡବ ପରିବାରରେ ମୋର ମଧ୍ୟ ଏକ ସ୍ୱତନ୍ତ୍ର ସ୍ଥାନ ଅଛି । ପ୍ରତି କାର୍ଯ୍ୟରେ ମୋର ମତାମତ ଓ ପରାମର୍ଶ ଗ୍ରହଣ କରାଯାଏ । ମାତା କୁନ୍ତୀ ମଧ୍ୟ ତାଙ୍କ ଆସନରେ ଅଧିଷ୍ଠିତା । ତାଙ୍କର ବିଜ୍ଞତାକୁ ଅସ୍ୱୀକାର କରିବାର ସାହସ କୃଷ୍ଣ ମଧ୍ୟ କରନ୍ତି ନାହିଁ । କିନ୍ତୁ କୌରବ ଶହେ ଭାଇ ନାରୀକୁ ଉପଯୁକ୍ତ ସମ୍ମାନ ଦେଇନାହାନ୍ତି । ରାଣୀହଂସପୁର ସେମାନଙ୍କର କେବଳ କୌତୁକ ଲାଳସାର କ୍ରୀଡ଼ାଭୂମି । ସେମାନେ ସ୍ତ୍ରୀମାନଙ୍କୁ ବିଳାସର ସାମଗ୍ରୀ ମନେକରନ୍ତି । ସେମାନଙ୍କର ମତାମତ ନେବା ତ ଦୂରର କଥା, ସେମାନଙ୍କୁ ନାନା ଭାବରେ ନିର୍ଯ୍ୟାତନା ବି ଦିଅନ୍ତି । ଦୁର୍ଯ୍ୟୋଧନ ପତ୍ନୀ ଭାନୁମତୀ, ବିଦ୍ୟା ବୁଦ୍ଧି, ରୂପ, ଗୁଣ, ବିଜ୍ଞତା କେଉଁଥିରେ ବା କମ୍ ? ତାଙ୍କ ଉଦାରତା ଓ ମହନୀୟତାର ପଟାନ୍ତର ନାହିଁ । ଦୁର୍ଯ୍ୟୋଧନ ଯଦି ପ୍ରତି କାର୍ଯ୍ୟରେ ରାଣୀ ଭାନୁମତୀଙ୍କର ମତାମତକୁ ବିଗ୍ଧରକୁ ନେଇଥା'ନ୍ତେ, ତେବେ ଅଧର୍ମ, ଅବିଗ୍ଧର, ହିଂସାକାଣ୍ଡ ଏବଂ ପାପାଗ୍ଧର ତାଙ୍କୁ ସ୍ପର୍ଶ କରନ୍ତା ନାହିଁ । ଭାନୁମତୀର ସତୀତ୍ୱ, ପାତିବ୍ରତ୍ୟ ଓ ଧର୍ମାଚରଣ ଜଃ ମୁଁ କୌରବମାନେ ସବୁ ଅନୈତିକତା ସତ୍ତ୍ୱେ ତିଷ୍ଠି ରହିଛନ୍ତି । ଭାନୁମତୀ ସଖା ଶ୍ରୀକୃଷ୍ଣଙ୍କର ଅତ୍ୟନ୍ତ ପ୍ରିୟପାତ୍ରୀ । ସ୍ୱାମୀର ଅବହେଳା ଓ କାମୁକତା ଯୋଗୁଁ ସେ ବିଗ୍ଧରୀ ଦିନରାତି ସନ୍ତୁଳି ହେଉଛି । ମାନସିକ ଅଶାନ୍ତି ଓ ଅସ୍ଥିରତା ଯୋଗୁଁ ଅଧିକାଂଶ ସମୟ ରୋଗ ଭୋଗୁଛି । ଯଦି ତାହାର ଅକାଳ ମୃତ୍ୟୁ ହୁଏ, ତା' ଅନ୍ତେ କୌରବମାନେ ନାଶଯିବେ ବୋଲି ମୋର ବେଳେ ବେଳେ ଆଶଂକା ହୁଏ ।

ଆମେ ସମସ୍ତେ ନିଜର ମତାମତ ଦେଇସାରିଛୁ । ଏପରିକି ମାତା କୁନ୍ତୀ, ଯିଏ ସର୍ବଦା ଯୁଦ୍ଧ ଓ ରକ୍ତପାତକୁ ଘୃଣା କରନ୍ତି, ସେ ମଧ୍ୟ ରାଜସୂୟ ଯଜ୍ଞ ସମ୍ପର୍କରେ ନିଜର ଅନୁକୂଳ ମତ ଦେଇସାରିଛନ୍ତି ।

ତଥାପି ଯୁଧିଷ୍ଠିର ରାଜସୂୟ ଯଜ୍ଞ ପାଇଁ ବିମୁଖ । କୃଷ୍ଣ ଦ୍ୱୈପାୟନ କୃଷ୍ଣ ବାସୁଦେବଙ୍କର ସିଦ୍ଧାନ୍ତ ଉପରେ ସବୁ ଛାଡ଼ିଦେଲେ । କୃଷ୍ଣ ବାସୁଦେବ ଯେଉଁଠି ଉପସ୍ଥିତ, ସେଠାରେ ଆଉ କାହାରି ପରାମର୍ଶର ଆବଶ୍ୟକତା ନାହିଁ ।

କୃଷ୍ଣ ବାସୁଦେବ କହିଲେ — ''ମହାରାଜ ଯୁଧିଷ୍ଠିର ! ରାଜସୂୟ ଯଜ୍ଞ କରିବା ନିମନ୍ତେ ତମେ ହିଁ ଉପଯୁକ୍ତ ପାତ୍ର । ଧର୍ମାତ୍ମା ରାଜାମାନେ ରାଜସୂୟ ଯଜ୍ଞ କରିବା ଦ୍ୱାରା ଧର୍ମ ପ୍ରତିଷ୍ଠା ହୁଏ । ଅଧର୍ମ ଲୋପ ହୁଏ ।''

Digitized by srujanika@gmail.com

ଯୁଧିଷ୍ଠିର ଚିନ୍ତିତ ଭାବେ କହିଲେ — ''ଚକ୍ରବର୍ତ୍ତୀ ବୋଲାଇବାର ଆତ୍ମସନ୍ତୋଷ ପାଇଁ କେବଳ ରାଜସୂୟ ଯଜ୍ଞ ଘୋଷଣା କରି ଯୁଦ୍ଧ ଏବଂ ରକ୍ତପାତକୁ ଆହ୍ୱାନ କରିବା କ'ଣ ପ୍ରକୃତରେ ବାଞ୍ଛନୀୟ ?''

କୃଷ୍ଣ ବାସୁଦେବ ଶାନ୍ତ ସ୍ୱରରେ କହିଲେ — ''ରାଜସୂୟ ଯଜ୍ଞର ଉଦ୍ଦେଶ୍ୟ ରାଜ୍ୟବିସ୍ତାର ବା ଏକଚ୍ଛତ୍ରବାଦ ନୁହେଁ । ଏହାର ଉଦ୍ଦେଶ୍ୟ ଧର୍ମ ପାଖରେ ବଶ୍ୟତା ସ୍ୱୀକାର କରିବା । ଯୁଧିଷ୍ଠିରଙ୍କ ରାଜ୍ୟରେ ଅଧର୍ମର ସ୍ଥାନ ନାହିଁ । ଏକଥା କେବଳ ରାଜସୂୟ ଯଜ୍ଞ ପ୍ରତିପାଦନ କରିପାରିବ । ରାଜସୂୟ ଯଜ୍ଞ ଅହିଂସା ଓ ଶାନ୍ତିମୈତ୍ରୀକୁ ବିରୋଧ କରେ ନାହିଁ, ବରଂ ରାଜସୂୟ ଯଜ୍ଞ ପ୍ରକୃତ ଧର୍ମରକ୍ଷାକାରୀ ରାଜାଙ୍କୁ ସ୍ୱୀକୃତି ଦିଏ, ପ୍ରତିଷ୍ଠା ଦିଏ, ପୃଥିବୀରେ ଧର୍ମର ଧ୍ୱଜା ଉଡ଼ାଏ । ତେଣୁ ହେ ଯୁଧିଷ୍ଠିର, ତମେ ଅବିଳମ୍ବେ ରାଜସୂୟ ଯଜ୍ଞର ଆୟୋଜନ କର । ମାତ୍ର ତା' ପୂର୍ବରୁ ମଗଧର ରାଜା ଜରାସନ୍ଧକୁ ହତ୍ୟା କରିବାକୁ ହେବ । ତା'ଭଳି ଧର୍ମବିରୋଧୀ ରାଜା ଥିବା ପର୍ଯ୍ୟନ୍ତ ପୃଥିବୀରେ ଧର୍ମପ୍ରତିଷ୍ଠା ହୋଇପାରେନା । ଚେଦିର ରାଜା ଶିଶୁପାଳ ଜରାସନ୍ଧର ସେନାପତି । ତା'ର ପରାକ୍ରମ ମଧ୍ୟ କିଛି କମ୍ ନୁହେଁ । ତେଣୁ ପ୍ରଥମେ ମଗଧ ବିରୋଧରେ ଅଭିଯାନ ଆରମ୍ଭ ହେଉ — ତା'ପରେ ରାଜସୂୟ ଯଜ୍ଞର ବ୍ୟବସ୍ଥା କରିବାକୁ ହେବ ।''

ଶ୍ରୀକୃଷ୍ଣଙ୍କ ସହାୟତାରେ ଭୀମ ଏବଂ ଅର୍ଜୁନ ମଗଧର ପାପାତ୍ମରୀ ରାଜା ଜରାସନ୍ଧକୁ ହତ୍ୟାକଲେ । ରାଜସୂୟ ଯଜ୍ଞ ପାଇଁ ଆଉ କିଛି ପ୍ରତିବନ୍ଧକ ନଥିଲା । ଇନ୍ଦ୍ରପ୍ରସ୍ଥରେ ରାଜସୂୟ ଯଜ୍ଞର ସମସ୍ତ ଆୟୋଜନ ସରିଛି । ବିଭିନ୍ନ କାର୍ଯ୍ୟର ଦାୟିତ୍ୱ ବଣ୍ଟନ ଶେଷ ହୋଇଛି । ଭୀମ, ଅର୍ଜୁନ, ନକୁଳ, ସହଦେବ ଘରିଭାଇ ଘରିଦିଗରୁ ଦିଗ୍‌ବିଜୟ ସାରି ଫେରିଛନ୍ତି । ସମଗ୍ର ଆର୍ଯ୍ୟାବର୍ତ୍ତ ଭୀମ, ଅର୍ଜୁନ, ନକୁଳ, ସହଦେବଙ୍କ ବୀରତ୍ୱ ଏବଂ ଯୁଧିଷ୍ଠିରଙ୍କ ଧର୍ମବିଗ୍ରର ପାଖରେ ବଶ୍ୟତା ସ୍ୱୀକାର କରିଛି । ଆର୍ଯ୍ୟାବର୍ତ୍ତର ଶ୍ରେଷ୍ଠପୁରୁଷ କୃଷ୍ଣ ବାସୁଦେବ ଯେଉଁଠି ପଙ୍ଗପୁରୋଧା, ସେଠି ପରାଜୟର ପ୍ରଶ୍ନ କାହିଁ ?

ଯୁଧିଷ୍ଠିରଙ୍କ ସବିନୟ ଅନୁରୋଧ ରକ୍ଷାକରି ହସ୍ତିନାପୁରୀରୁ ଭୀଷ୍ମ, ଦ୍ରୋଣ, ଧୃତରାଷ୍ଟ୍ର ଏବଂ ଦୁର୍ଯ୍ୟୋଧନ ପ୍ରଭୃତି ଆସି ଯଥାସମୟରେ ଇନ୍ଦ୍ରପ୍ରସ୍ଥରେ ପହଞ୍ଚିଛନ୍ତି । ସାରା ପୃଥିବୀର ରାଜାମାନେ ନିମନ୍ତ୍ରଣ ରକ୍ଷାକରି ଇନ୍ଦ୍ରପ୍ରସ୍ଥରେ ଉପସ୍ଥିତ ଅଛନ୍ତି । ରାଜଚକ୍ରବର୍ତ୍ତୀ ଯୁଧିଷ୍ଠିରଙ୍କ ବିନୟଭାବ ଏବଂ ଆନ୍ତରିକ ଆତିଥ୍ୟରେ ସମସ୍ତେ ମୁଗ୍ଧ । ଇନ୍ଦ୍ରପ୍ରସ୍ଥର ଐଶ୍ୱର୍ଯ୍ୟ ଏବଂ ବିଭବ ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି । ଏତେ କମ୍ ଦିନ ଭିତରେ ଖାଣ୍ଡବପ୍ରସ୍ଥ ଭଳି ଏକ ଅନୁନ୍ନତ ଅଞ୍ଚଳ ଇନ୍ଦ୍ରଭୁବନରେ ପରିଣତ ହେବା

Digitized by srujanika@gmail.com

ପଛରେ କି ରହସ୍ୟ — ତାହାହିଁ ଆଲୋଚ୍ୟ ବିଷୟ । ଏ ସମସ୍ତ କୌରବ ଶତ୍ରୁଭାଇଙ୍କୁ ଈର୍ଷାରେ ଜଳାଉଛି । ଭୀମ ମଧ୍ୟ ମଝିରେ ମଝିରେ ତାଙ୍କୁ ପରିହାସ ଛଳରେ ନାନା କଥା କହି ଅଧିକ ଈର୍ଷାନ୍ୱିତ କରୁଛନ୍ତି ।

ଯୁଧିଷ୍ଠିର ଭାଇମାନଙ୍କ ଭିତରେ କର୍ମବଣ୍ଟନ କରିଦେଲେ । ଅଶ୍ୱତ୍‌ଥାମା ମୁନି ଋଷି ଏବଂ ବ୍ରାହ୍ମଣମାନଙ୍କ ଆତିଥ୍ୟ ଭାର ନେବେ । ସଂଜୟ ରହିବେ ରାଜାମାନଙ୍କ ସ୍ୱାଗତ ଏବଂ ଅଭ୍ୟର୍ଥନା ଦାୟିତ୍ୱରେ । କୃପାଗ୍ରର୍ଯ୍ୟ ଧନରତ୍ନ ଭଣ୍ଡାରର ସୁରକ୍ଷା ଦାୟିତ୍ୱ ଗ୍ରହଣ କଲେ । ଦୁଃଶାସନ ସମସ୍ତ ଜିନିଷପତ୍ର ରଖିବା ଦାୟିତ୍ୱରେ ରହିଲେ । ଦୁର୍ଯ୍ୟୋଧନ ବିଭିନ୍ନ ସ୍ଥାନରୁ ଆସୁଥିବା ମୂଲ୍ୟବାନ ଉପହାରଗୁଡ଼ିକୁ ରଖିବା ଦାୟିତ୍ୱ ଗ୍ରହଣ କଲେ । ଭୀଷ୍ମ ଏବଂ ଦ୍ରୋଣ ଏ ସମସ୍ତ ଦାୟିତ୍ୱ ଶୃଙ୍ଖଳାର ସହ କାର୍ଯ୍ୟକାରୀ ହେବାପାଇଁ ସମସ୍ତଙ୍କୁ ହୁକୁମ ଦେବେ ବୋଲି ସର୍ବସମ୍ମତିକ୍ରମେ ସ୍ଥିର ହେଲା ।

ଶ୍ରୀକୃଷ୍ଣ ହସି ହସି କହିଲେ — ''ମତେ କିଛି ହୁକୁମ ଦିଅନ୍ତୁ ରାଜଚକ୍ରବର୍ତ୍ତୀ ମହାରାଜ ଯୁଧିଷ୍ଠିର !''

ଯୁଧିଷ୍ଠିର ବିନୟ ସହକାରେ ହାତଯୋଡ଼ି କହିଲେ — ''ଏ ସମସ୍ତ କାର୍ଯ୍ୟ ପଛରେ ଯିଏ ରହିଛନ୍ତି ତାକୁ ପୁଣି କେଉଁ କାର୍ଯ୍ୟ ଦିଆଯାଇପାରେ ? କୃଷ୍ଣ ! ତମେ ହିଁ ପ୍ରକୃତରେ ରାଜଚକ୍ରବର୍ତ୍ତୀ ହେବାର ଯୋଗ୍ୟ । ମୁଁ ବା କ'ଣ କରିଛି ? ସବୁ ତ ତୁମରି ଯୋଗୁଁ ସମ୍ଭବ ହୋଇଛି ।''

ଶ୍ରୀକୃଷ୍ଣ ହସି କହି କହିଲେ — ''ସେ ଭାଗ୍ୟ ମୋର କାହିଁ ଯୁଧିଷ୍ଠିର ! ଜୀବନରେ ଗୋଟାଏ ବଡ଼ ଅବଶୋଷ ରହିଗଲା । ରାଜଚକ୍ରବର୍ତ୍ତୀ ବୋଲାଇବାର ସୌଭାଗ୍ୟ ସମସ୍ତଙ୍କର ନଥାଏ —''

କଥାଟା ଦୁର୍ଯ୍ୟୋଧନ ନିଜ ଆଡ଼କୁ ଟାଣିନେଇ ହିଂସାରେ ଜଳୁଥା'ନ୍ତି । ଯୁଧିଷ୍ଠିର ସଙ୍କୋଚଭରା କଣ୍ଠରେ କହିଲେ — ''ସଂସାରରେ ଏଭଳି ମହାପୁରୁଷ ବି ଜନ୍ମଲାଭ କରନ୍ତି, ଯିଏ ସବୁ ଗୌରବର ଅଧିକାରୀ ହେଲେ ମଧ୍ୟ ଅନ୍ୟ ମୁଣ୍ଡରେ ସୁନାକଳସ ଢାଳିବାରେ ଆନନ୍ଦ ଲାଭ କରନ୍ତି ।''

ଦୁଃଶାସନ ଅସହିଷ୍ଣୁ କଣ୍ଠରେ କହିଲା — ''ଏଠାରେ ତମେ ଦୁହେଁ ପରସ୍ପର ପ୍ରଶଂସା କରିବ ଏବଂ ଆମେ ରାଜକାର୍ଯ୍ୟ ପଛରେ ପକାଇ ବସି ଶୁଣୁଥିବୁ !''

ଭୀମ ଅଟ୍ଟହାସ୍ୟ କରି କହିଲା — ''ଏଭଳି ବ୍ୟକ୍ତି ମଧ୍ୟ ସଂସାରରେ ଜନ୍ମଲାଭ କରନ୍ତି ଯିଏ ନିଜେ ତ ପ୍ରଶଂସାର ଯୋଗ୍ୟ ନୁହନ୍ତି, ଅନ୍ୟର ଯଥାର୍ଥ ପ୍ରଶଂସାକୁ ଶୁଣି କର୍ଣ୍ଣ ପବିତ୍ର କରିବାର ସୌଭାଗ୍ୟ ମଧ୍ୟ ତାଙ୍କର ନଥାଏ ।''

Digitized by srujanika@gmail.com

ଶ୍ରୀକୃଷ୍ଣ ପ୍ରସଙ୍ଗ ପରିବର୍ତ୍ତନ କରିବା ପାଇଁ କହିଲେ — ''ବୁଝିଲି, ମୁଁ ଜଣେ ଅକର୍ମା ଲୋକ । ସେଥିପାଇଁ ଯୁଧିଷ୍ଠିର ମୋ ଉପରେ କୌଣସି ଗୁରୁଦାୟିତ୍ୱ ଦେଲେ ନାହିଁ ।''

ମହର୍ଷି କୃଷ୍ଣ ଦ୍ୱୈପାୟନ ହସି ହସି କହିଲେ — ''ତା' ତ ତୁମ ବାଲ୍ୟକାଳରୁ ଜଣାପଡ଼ିଛି । ଏବେ ମଧ୍ୟ ଯଜ୍ଞ ଶେଷରେ ତୁମର କାର୍ଯ୍ୟଦକ୍ଷତା ଜଣାପଡ଼ିବ । ସଂସାରରେ କର୍ମର ଅଭାବ ନାହିଁ । ତମେ ଯାହା ଗ୍ରହଁ କରିପାର — ତମକୁ ବାଧା ଦେବ କିଏ ?''

ଯଜ୍ଞ ପାଇଁ ପ୍ରାରମ୍ଭିକ ପୂଜାଅର୍ଚ୍ଚନା କାର୍ଯ୍ୟ ଶେଷ ହେଲା । ପିତାମହ ଭୀଷ୍ମଦେବ ଯୁଧିଷ୍ଠିରଙ୍କୁ ଡାକି କହିଲେ — ''ସମ୍ମାନିତ ଅତିଥିମାନଙ୍କୁ ଆନୁଷ୍ଠାନିକ ଭାବରେ ଅଭ୍ୟର୍ଥନା କରିବା ଯଜ୍ଞକର୍ତ୍ତାଙ୍କର କର୍ତ୍ତବ୍ୟ । ଆଗ୍ଘର୍ଯ୍ୟ, ଋତ୍ୱିକ, ସମ୍ବନ୍ଧୀ, ସ୍ନାତକ, ଭୂପତି ଏବଂ ସର୍ବଜ୍ଞାନ ପ୍ରିୟ ବ୍ୟକ୍ତି — ଏହି ଛ' ପ୍ରକାର ବ୍ୟକ୍ତି ଅର୍ଘ୍ୟ ଲାଭ କରିବାର ଯୋଗ୍ୟ । ସେମାନଙ୍କୁ ପ୍ରତ୍ୟେକଙ୍କୁ ସ୍ୱତନ୍ତ୍ର ଭାବେ ଗୋଟିଏ ଲେଖାଏଁ ଅର୍ଘ୍ୟ ଅର୍ପଣ କରି ସମ୍ମାନିତ କରିବା ବିଧେୟ । କିନ୍ତୁ ଏହି ଛ' ପ୍ରକାର ବ୍ୟକ୍ତିଙ୍କ ମଧ୍ୟରେ ଯିଏ ସର୍ବଶ୍ରେଷ୍ଠ ତାଙ୍କ ଉଦ୍ଦେଶ୍ୟରେ ପ୍ରଥମ ଅର୍ଘ୍ୟ ଅର୍ପଣ କରିବା ଯଜ୍ଞର ନିୟମ । ଏହି ବ୍ୟକ୍ତିଙ୍କୁ ସର୍ବମୋଟ ଦୁଇଟି ଅର୍ଘ୍ୟ ଅର୍ପଣ କରାଯିବ ।''

ଉପସ୍ଥିତ ସମବେତ ଅତିଥିମାନଙ୍କ ଭିତରେ କିଏ ସର୍ବଶ୍ରେଷ୍ଠ ଏବଂ ଅଗ୍ରପୂଜା ପାଇବାର ଯୋଗ୍ୟ ସେ ବିଷୟରେ ପରସ୍ପର ଭିତରେ ଆଲୋଚନାର ମୃଦୁଗୁଞ୍ଜନ ଶୁଣାଗଲା । ଅଗ୍ରପୂଜା ପାଇବା ଅତ୍ୟନ୍ତ ସମ୍ମାନର କଥା । ତେଣୁ ଅଧିକାଂଶ ନିଜକୁ ବା ନିଜର ପ୍ରିୟଲୋକଙ୍କୁ ଶ୍ରେଷ୍ଠ ମନେକରି ସର୍ବଶ୍ରେଷ୍ଠ ସମ୍ମାନ ପାଇବାର ଦୁରାଶାରେ ମଜ୍ଜିଯାଇଥା'ନ୍ତି । ଏତେବେଳେ କୃଷ୍ଣଙ୍କୁ ଖୋଜାପଡ଼ିଲା, ଏ ବିଷୟରେ ତାଙ୍କର ପରାମର୍ଶ ମଧ୍ୟ ଆବଶ୍ୟକ । କିନ୍ତୁ କୃଷ୍ଣ କାହାନ୍ତି ? ସଭାମଣ୍ଡପ ନିକଟରେ ତାଙ୍କର ଅନୁପସ୍ଥିତି ଏତେବେଳେ ଅନୁଭୂତ ହେଲା । ଭୀମ ହସି ହସି କହିଲେ — ''ଦାୟିତ୍ୱ ତ କିଛିନାହିଁ। ଫୁର୍ତ୍ତିମାରି କେଉଁଠି କି ଲାଳା କରୁଥିବେ କିଏ ଜାଣେ ?''

ଦୁଃଶାସନ ଭୀମଙ୍କର ସ୍ନେହପୂର୍ଣ୍ଣ ପରିହାସକୁ ସତ ମଣି ବ୍ୟଙ୍ଗକରି କହିଲେ— ଅଳସୁଆ ଘୋଡ଼ାକୁ ମେଘ ଆଶ୍ରା — ''ଯାଦବ କୁଳରେ ଯିଏ ଜନ୍ମ, ରାଜସୂୟ ଯଜ୍ଞ ବେଦୀ ନିକଟରେ ତା'ର ମନ ଲାଗିବ କେମିତି !''

କୃଷ୍ଣଙ୍କୁ ଖୋଜାପଡ଼ିଛି ଶୁଣି ମୁଁ ଏବଂ ମାୟା ବ୍ୟସ୍ତହୋଇ ତାଙ୍କୁ ଖୋଜିଲୁ । ବ୍ରାହ୍ମଣମାନଙ୍କ ସ୍ୱାଗତ ନିମନ୍ତେ ନିର୍ମିତ ପ୍ରବେଶଦ୍ୱାରର ତୋରଣ ନିକଟରେ କୃଷ୍ଣଙ୍କୁ

Digitized by srujanika@gmail.com

ଠିଆ ହୋଇଥିବାର ଦେଖିପାରିଲୁ । ତା'ପରେ ଯାହା ଦେଖିଲି ମୁଁ ତ ସମ୍ମୋହିତା ! ବହୁଦୂରରୁ ଆସିଥିବା ବ୍ରାହ୍ମଣମାନଙ୍କୁ ପ୍ରଣାମ ଜଣାଇ ବାସୁଦେବ ନଇଁପଡ଼ି ସେମାନଙ୍କର ଧୂଳି ଧୂସରିତ ପାଦଗୁଡ଼ିକୁ ଅତି ଯତ୍ନରେ ନିର୍ମଳ କରି ଧୋଇ ଦେଉଛନ୍ତି ଏବଂ ନିଜର ପୀତାମ୍ବର କୁଞ୍ଚକାନିରେ ଆସ୍ତେ ପୋଛିଦେଉଛନ୍ତି । ତାଙ୍କର ବଂକିମ ଅଧରରେ ମନଲୋଭା ହସ ଲାଖିରହିଛି । ଶ୍ରମ ହେତୁ ସ୍ୱେଦବିନ୍ଦୁ ତାଙ୍କର ଶ୍ୟାମଳ କପୋଳ ଦେଶରେ ଝଟକିଉଠୁଛି । ସତେ ବା ନୀଳଶୈଳରେ ତୁଷାରକଣା ଝରିପଡୁଛି ।

ମୁଁ ଚମକିଉଠି କହିଲି — "ମାୟା ! ଏ କି ଅଦ୍ଭୁତ କାଣ୍ଡ ସଖାଙ୍କର ? ଯେଉଁ କାର୍ଯ୍ୟ ଦାସଦାସୀ ପରିଗ୍ରହକମାନେ କରିବାର କଥା, ସେ କାର୍ଯ୍ୟର ଦାୟିତ୍ୱ ବାସୁଦେବଙ୍କୁ କିଏ ଦେଲା ? ଏଥିରେ ସଖାଙ୍କର ଅସମ୍ମାନ ହେଉନାହିଁ ? ଏ ଅସମ୍ମାନ ରାଜା ଯୁଧିଷ୍ଠିରଙ୍କର କେବଳ ନୁହେଁ, ଏ ଅସମ୍ମାନ ହେଉଛି ଇନ୍ଦ୍ରପ୍ରସ୍ଥ ରାଜ୍ୟବାସୀଙ୍କର । ଏ ତ ଆମମାନଙ୍କ ପକ୍ଷେ ଘୋର ଅପରାଧ !"

ମାୟା ସର୍ବଜାଣ ହସ ହସି କହିଲା — "ସଖି, ଅଯଥର । ବସୁଦେବଙ୍କ ହୃଦୟ ଏତିକିରେ ସରୁନାହିଁ । ସେ ଆଉ କ'ଣ କରୁଛନ୍ତି ଦେଖ —"

—"କାହିଁକି ସେ ଏ କାମ କରୁଛନ୍ତି ?" ମୁଁ ବ୍ୟସ୍ତହୋଇ ପଗ୍ଧରିଲି ।

ମାୟା ହସି ହସି କହିଲା — "ଅଭିମାନରେ । ଯୁଧିଷ୍ଠିର ତାଙ୍କୁ କୌଣସି କାର୍ଯ୍ୟର ଦାୟିତ୍ୱରେ ରଖିନାହାନ୍ତି । ତେଣୁ ଯେଉଁ କାର୍ଯ୍ୟକୁ କେହି କରିବା ପାଇଁ ରାଜି ନୁହଁନ୍ତି, ସେଇ କାର୍ଯ୍ୟ ସେ ଆପେ ଆପେ ବାଛିନେଇଛନ୍ତି । ଭଲହେଲା, ଏତେବଡ଼ ସଭାସ୍ଥଳରେ ଛୋଟ କାମ ଜରିବାକୁ କିଏ ସୁଖପାଏ !"

ମୁଁ ବ୍ୟସ୍ତ ହୋଇ ଭାବୁଛି କ'ଣ କରିବି, ଦେଖିଲି ବ୍ରାହ୍ମଣମାନେ ଖାଇସାରି ଉଠିଯିବାର ଦେଖି ସଖା ସେଇ ସ୍ଥାନକୁ ଯାଉଛନ୍ତି । ମୁଁ ସଖାଙ୍କର ଉଦ୍ଦେଶ୍ୟ ବୁଝିପାରି ତର ତର ହେଇ ମାୟାର ହାତଧରି ଟାଣି ନେଉ ନେଉ କହିଲି — "ମାୟା, ଆମେ ଏଠାରେ ଉପସ୍ଥିତ ଥାଉ ଥାଉ ସଖାଙ୍କୁ ଏ କାମ କରିବାକୁ ଦେବାନାହିଁ ।"

ମାୟା କୁଣ୍ଠିତା ହେଉଛି ଜାଣି ମୁଁ ତା' ହାତ ଛାଡ଼ିଦେଇ ଶୀଘ୍ର ଘୁଲିଗଲି । ମୁଁ ପହଞ୍ଚିବା ପୂର୍ବରୁ ବାସୁଦେବ ସେ ସ୍ଥାନରେ ପହଞ୍ଚି ବ୍ରାହ୍ମଣମାନଙ୍କର ଅଇଁଠାପତ୍ର ଶୀଘ୍ର ଶୀଘ୍ର ଉଠାଇ ନେଉଥିବାର ଦେଖିଲି । ମୁଁ ତାଙ୍କ ପାଖରେ ପହଞ୍ଚି କାଣ୍ଡଜ୍ଞାନ ହରାଇ ଏତେ ଲୋକଙ୍କ ଭିତରେ ତାଙ୍କ ଦୁଇହାତ ଧରି ପକାଇଲି । ଅନୁନୟଭରା ସଜଳ ସ୍ୱରରେ କହିଲି — "ସଖା, ଯୁଧିଷ୍ଠିରଙ୍କ ଉପରେ ଅଭିମାନ କରି ମତେ ଲଜ୍ଜା ଦିଅନାହିଁ।

Digitized by srujanika@gmail.com

ଯୁଧିଷ୍ଠିର ଇନ୍ଦ୍ରପ୍ରସ୍ଥ ଜନତାଙ୍କର ସେବକ । ତେଣୁ ମୁଁ ହେଉଛି ସେମାନଙ୍କର ସେବିକା । ସେବିକା ଥାଉ ଥାଉ ଏ ଛୋଟ କାର୍ଯ୍ୟ ତମେ କରିବା ଅନୁଚିତ ।''

ବାସୁଦେବ ହସିଦେଇ କହିଲେ — ''ସଂସାରରେ କୌଣସି କାମ ଛୋଟ ନୁହେଁ, ଛୋଟ ଛୋଟ କାର୍ଯ୍ୟରୁ ମଧ୍ୟ ବଡ଼ ଫଳ ମିଳିଥାଏ । ଦେଖ, ଆଜି ଯାହାକୁ ତମେ ଛୋଟ କାର୍ଯ୍ୟ କହି ହେୟ ମଣୁଛ, ସେଇ କାର୍ଯ୍ୟ ସ୍ୱଇଚ୍ଛାରେ କରିଥିବାରୁ ମତେ କେଡ଼େ ବଡ଼ ପୁରସ୍କାର ମିଳୁଛି !''

ମୁଁ ଅଇଁଠାପତ୍ର ସହ ସଖାଙ୍କ ହାତ ଦୁଇଟି ଜାବୁଡ଼ି ଧରି ତାଙ୍କ ମୁହଁକୁ ଆଶ୍ଚର୍ଯ୍ୟ ହୋଇ ଗ୍ରହିଁଥାଏ । ସଖାଙ୍କୁ ଆଜି କି ପୁରସ୍କାର ମିଳିଛି ବୁଝିପାରୁନଥାଏ । ବାସୁଦେବ ମୋର ରହ ଚୁଡ଼ି ଖଚିତ କୋମଳ ସୁଠାମ ହାତଦୁଇଟିକୁ ଗ୍ରହିଁ କହିଲେ, ''ଏଇ ଛୋଟ କାର୍ଯ୍ୟ କରୁଥିଲି ବୋଲି ବରନାରୀ ଯାଜ୍ଞସେନୀ ଆଜି ସ୍ୱଇଚ୍ଛାରେ ସର୍ବଜନ ସମ୍ମୁଖରେ ମୋର ହାତ ଦୁଇଟି ଧରି ଏତେ ସମୟ ଠିଆହୋଇଛନ୍ତି । ଯା'ଠାରୁ ବଡ଼ ପୁରସ୍କାର ଆଉ କ'ଣ ଥାଇପାରେ, ଆର୍ଯ୍ୟାବର୍ତ୍ତର ଯେକୌଣସି ପୁରୁଷ ପକ୍ଷରେ ?''

ମୁଁ ଲଜ୍ଜାରେ ସଖାଙ୍କର ହାତ ଦୁଇଟି ଛାଡ଼ିଦେଲି ଏବଂ ସଖା ତତ୍‌କ୍ଷଣାତ୍ ବ୍ରାହ୍ମଣମାନଙ୍କ ଅଇଁଠାପତ୍ର ଗୋଟାଇନେଲେ । ଏଥର ସଖାଙ୍କର ପାଦ ଦୁଇଟି ଧରି ତାଙ୍କୁ କାର୍ଯ୍ୟରୁ ନିବୃତ୍ତ କରିବି ବୋଲି ଚିନ୍ତା କରୁଛି, ଦେଖିଲି ପିତାମହ ଭୀଷ୍ମ ଏବଂ କୃଷ୍ଣ ଦ୍ୱୈପାୟନ ଆମ ଆଡ଼କୁ ଆସୁଛନ୍ତି । ମୁଁ ସଂକୋଚରେ ଦୂରକୁ ଅପସରିଗଲି ଏବଂ ଭାବିଲି କୃଷ୍ଣ ବାସୁଦେବ କି ମହାନ୍ ! ମଣିଷ ମଣିଷ ଭିତରେ ଭେଦାଭେଦ ସେ ଦେଖନ୍ତି ନାହିଁ । ତାଙ୍କ ଆଖିରେ ରାଜା, ପ୍ରଜା, ପ୍ରଭୁ, ଭୃତ୍ୟ ସମାନ । ଆଜି ସେ ଭୃତ୍ୟମାନଙ୍କର କାର୍ଯ୍ୟ କରି ଆମମାନଙ୍କର ଆଖି ଖୋଲି ଦେଇଛନ୍ତି । ଜୀବନର ପ୍ରତି ପଦେ ପଦେ ମଣିଷର ବୃଥା ଅହଂକାରକୁ ଚୂର୍ଣ୍ଣ କରିବା ପାଇଁ ବାସୁଦେବ ଯେମିତି ସୁଯୋଗ ଖୋଜୁଥା'ନ୍ତି ।

ଭୀଷ୍ମ ଏବଂ କୃଷ୍ଣ ଦ୍ୱୈପାୟନ ବାସୁଦେବଙ୍କୁ ଯଜ୍ଞବେଦୀ ନିକଟକୁ ଡାକିନେଲେ । ସର୍ବସମକ୍ଷରେ ଭୀଷ୍ମ ଘୋଷଣା କଲେ ଯେ କୃଷ୍ଣ ବାସୁଦେବ ହେଉଛନ୍ତି ଆର୍ଯ୍ୟାବର୍ତ୍ତର ଶ୍ରେଷ୍ଠ ପୁରୁଷ । ସେ ପରୋପକାରୀ ଏବଂ ବିଜ୍ଞ । ସେ ବୀର ଏବଂ ନିର୍ଭୀକ । ସେ ଶକ୍ତିମାନ ଏବଂ ବିଗ୍ରହବନ୍ତ । ତେଜ, ବଳ, ପରାକ୍ରମ, ଜ୍ଞାନ ଏବଂ ସର୍ବଗୁଣରେ ସେ ସମବେତ, ସମସ୍ତଙ୍କ ଭିତରେ ଶ୍ରେଷ୍ଠ ଏବଂ ସେ ସମସ୍ତଙ୍କର ପ୍ରିୟପୁରୁଷ । ପୃଥିବୀରେ ଧର୍ମ ସଂସ୍ଥାପନା ପାଇଁ ସେ ଜୀବନ ଉତ୍ସର୍ଗ କରିଛନ୍ତି । ବାଲ୍ୟକାଳରୁ ଏଯାବତ୍ ଯାହା କରିଆସିଛନ୍ତି, ସେଥିରେ ଜଗତର ମଙ୍ଗଳ ହିଁ ସାଧିତ ହୋଇଛି । ଦୁଷ୍ଟନାଶନ ଏବଂ

Digitized by srujanika@gmail.com

ସତ୍ୟପାଳନ ତାଙ୍କ ଜୀବନର ପରମ ବ୍ରତ । ତେଣୁ ସେ ହେଉଛନ୍ତି ଅଗ୍ରପୂଜ୍ୟ । ପ୍ରଥମ ଅର୍ଘ୍ୟ ତାଙ୍କୁ ହିଁ ଅର୍ପଣ କରାଯିବା ଉଚିତ ।

କୃଷ୍ଣଙ୍କର ପିଉସୀପୁଅ ଭାଇ ହେଲେ ମଧ୍ୟ ଶିଶୁପାଳ କୃଷ୍ଣବିଦ୍ୱେଷୀ ହେବାର କାରଣ ଥିଲା । ରୁକ୍ମିଣୀଙ୍କୁ ବିବାହ କରିବାକୁ ଯାଇ ଶିଶୁପାଳ ଅପଦସ୍ଥ ହୋଇ ଫେରିଥିଲେ । କୃଷ୍ଣ ରୁକ୍ମିଣୀଙ୍କୁ ତା' ପୂର୍ବରୁ ହରଣ କରି ବିବାହ କରିଥିଲେ । ଅବଶ୍ୟ ରୁକ୍ମିଣୀଙ୍କର ସେଥିରେ ସମର୍ଥନ ଥିଲା । କୃଷ୍ଣକୁ ଶ୍ରେଷ୍ଠ ସମ୍ମାନ ଦିଆଯିବାର ସିଦ୍ଧାନ୍ତକୁ ନିନ୍ଦାବାଦ କରି ଶିଶୁପାଳ ପ୍ରତିବାଦ କରିଥିଲେ ଏବଂ ବହୁପୂର୍ବରୁ ଈର୍ଷା ଅସୂୟାରେ ଜଳୁଥିବା କୌରବମାନେ ପାଣ୍ଡବମାନଙ୍କର ପଥପ୍ରଦର୍ଶକ କୃଷ୍ଣଙ୍କ ପ୍ରତି ବିଦ୍ୱେଷଭାବ ପ୍ରଦର୍ଶନ କରି ଶିଶୁପାଳଙ୍କୁ ସମର୍ଥନ କରିଥିଲେ । ଶିଶୁପାଳ ନାନା କୁତ୍ସିତ ଭାଷା ପ୍ରୟୋଗ କରି କୃଷ୍ଣ ଏବଂ ପାଣ୍ଡବମାନଙ୍କୁ ଅଶ୍ରାବ୍ୟ ଗାଳି ଦେବାକୁ ଆରମ୍ଭ କରିଥିଲେ । ସହଦେବ ସହଜେ ସ୍ୱଳ୍ପଭାଷୀ ! ମାତ୍ର କୃଷ୍ଣ ଏବଂ ପାଣ୍ଡବଙ୍କ ପ୍ରତି କୌରବମାନଙ୍କର ଅଶ୍ରାବ୍ୟ ଗାଳି ଶୁଣି ସେ ଉତ୍ତେଜିତ ହୋଇପଡ଼ି କହିଥିଲେ — ''ସର୍ବଜନପ୍ରିୟ କୃଷ୍ଣଙ୍କର ଅଗ୍ରପୂଜା ଯେଉଁମାନଙ୍କ ପକ୍ଷରେ ଅସହ୍ୟ ହେଉଛି, ସେହି ନୀଚ କୀଟମାନଙ୍କ ମସ୍ତକରେ ମୁଁ ପଦାର୍ପଣ କରୁଛି ।''

ତା' ପରର ଘଟଣା ଅତି ସାଂଘାତିକ । ଶିଶୁପାଳ ଏବଂ ତା'ର ଅନ୍ଧ ସମର୍ଥକ-ମାନେ ଉତ୍‌କ୍ଷିପ୍ତ ହୋଇଉଠିଲେ । ଇତିମଧ୍ୟରେ ଏସବୁକୁ ଭ୍ରୂକ୍ଷେପ ନକରି ଯୁଧିଷ୍ଠିରଙ୍କ ନିର୍ଦ୍ଦେଶରେ ସହଦେବ ଶ୍ରୀକୃଷ୍ଣଙ୍କୁ ପ୍ରଥମ ଅର୍ଘ୍ୟ ଦେଲେ । ଏ ମନୋହର ଦୃଶ୍ୟକୁ ପାପାତ୍ମରା ଶିଶୁପାଳ ସହ୍ୟ କରନ୍ତା କିପରି ? ସହଧର୍ମୀ ଦୁରାତ୍ମରୀମାନଙ୍କ ସହ ମିଶି ପଞ୍ଚକାର୍ଯ୍ୟକୁ ନଷ୍ଟଭ୍ରଷ୍ଟ କରିବା ସଙ୍ଗେ ସଙ୍ଗେ ଶ୍ରୀକୃଷ୍ଣଙ୍କୁ ମଧ୍ୟ ପ୍ରାଣରେ ମାରିଦେବାର ଆସ୍ପର୍ଦ୍ଧା କଲା ।

ନିମନ୍ତ୍ରିତ ରାଜନ୍ୟବର୍ଗ, ମୁନି ଋଷି ଏବଂ ବିଦ୍ୱାନମଣ୍ଡଳୀ ବ୍ୟସ୍ତ ହୋଇପଡ଼ିଲେ । ଯୁଧିଷ୍ଠିରଙ୍କ ଭଳି ଧର୍ମବନ୍ତ ଏବଂ ନୀତିପରାୟଣ ରାଜାଙ୍କ ରାଜସୂୟ ଯଜ୍ଞରେ ଯଦି ଶୃଙ୍ଖଳା ଓ ଶାନ୍ତି ନ ରହେ ତେବେ ତାଙ୍କୁ ରାଜଚକ୍ରବର୍ତ୍ତୀ ମାନିବାର ଅର୍ଥ କ'ଣ ?

ଠିକ୍ ଏତିକିବେଳେ ସମସ୍ତଙ୍କ ମନରେ ଦ୍ୱନ୍ଦ୍ୱ ଓ ଅଶାନ୍ତିକୁ ଅବସାନ କରି ଶୂନ୍ୟରୁ ସୁଦର୍ଶନ ଚକ୍ର କ୍ଷିପ୍ର ଗତିରେ ମାଡ଼ିଆସିଲା ଏବଂ ପଲକମାତ୍ରକେ ଦୁଷ୍ଟ ଶିଶୁପାଳର ମୁଣ୍ଡରୁ ଗଣ୍ଡିକୁ ବିଚ୍ଛିନ୍ନ କରି ଶ୍ରୀକୃଷ୍ଣଙ୍କ ହାତକୁ ଫେରିଗଲା ।

ସମସ୍ତେ ସ୍ତମ୍ଭୀଭୂତ ହୋଇ କିଛିକ୍ଷଣ ରହିଗଲେ ଏବଂ ପରକ୍ଷଣରେ ଶ୍ରୀକୃଷ୍ଣଙ୍କ ପାଦତଳେ ନିଜକୁ ସମର୍ପଣ କରିଦେଲେ ।

Digitized by srujanika@gmail.com

ଶିଶୁପାଳର ମୃତ୍ୟୁ ଯେମିତି ରାଜସୂୟ ଯଜ୍ଞରେ ଦୁଷ୍ଟଙ୍କ ଆହୁତିର ଶୁଭାରମ୍ଭ ବୋଲି ସମସ୍ତେ ଅନୁଭବ କଲେ । ଯୁଧିଷ୍ଠିରଙ୍କ ଧର୍ମରାଜ୍ୟରେ ଆଉ ଦୁଷ୍ଟର ସ୍ଥାନ ନାହିଁ । କାରଣ ଦୁଷ୍ଟନାଶନ ଯାହା ଜୀବନର ପରମ ବ୍ରତ, ସେଇ ଶ୍ରୀକୃଷ୍ଣ ଯୁଧିଷ୍ଠିରଙ୍କ ସମେତ ପଞ୍ଚପାଣ୍ଡବଙ୍କର ପଥପ୍ରଦର୍ଶକ ।

ରାଜଚକ୍ରବର୍ତ୍ତୀ ଯୁଧିଷ୍ଠିରଙ୍କ ନିକଟରେ ସମସ୍ତେ ନତମସ୍ତକ ହେଲେ ଏବଂ ନିଜର ଆନୁଗତ୍ୟ ପ୍ରକାଶ କରି ଧର୍ମ ସଂସ୍ଥାପନା କାର୍ଯ୍ୟରେ ଗୁଣ୍ଡୁଚିମୃଷା ଭଳି ନିଜର ଶକ୍ତି ଓ ସାମର୍ଥ୍ୟ ବିନିଯୋଗ କରିବେ ବୋଲି ପ୍ରତିଜ୍ଞାବଦ୍ଧ ହେଲେ ।

॥ ୨୬ ॥

ପୂର୍ଣ୍ଣମୀ ଏବଂ ଅମାବାସ୍ୟା ଭିତରେ ଏକ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନ ଥାଏ, ମାତ୍ର ସୁଖ ପରେ ଦୁଃଖ କେଉଁ ମୁହୂର୍ତ୍ତରେ ଆସିବ ସେକଥା କେହି ଜାଣେନାହିଁ ।

ମୁଁ ମଧ୍ୟ ସେଦିନ ସୁଖ, ସମୃଦ୍ଧି, ଐଶ୍ୱର୍ଯ୍ୟ ଏବଂ ସୌଭାଗ୍ୟର ଚରମ ସୋପାନରେ ଠିଆହୋଇ ଭାବୁଥିଲି ଆର୍ଯ୍ୟାବର୍ତ୍ତରେ ମୋ'ଠାରୁ ସୁଖୀ ରମଣୀ ଆଉ କେହି ନାହିଁ । ଯା'ପରେ ଆଉ କି ସୁଖ ଏ ପୃଥିବୀରେ ଅଲଭ୍ୟ, ମୋ ଧାରଣା ଭିତରେ ସ୍ଥାନ ପାଉନଥାଏ ।

ମନେହେଉଥାଏ ଯଦିବା ଆଉ କିଛି ସୁଖ ଏ ସଂସାରରେ ଥାଏ, ତେବେ ତାହା ମୋ ସ୍ୱାମୀମାନଙ୍କ ପକ୍ଷରେ କେବେହେଲେ ଦୁଷ୍ପ୍ରାପ୍ୟ ନୁହେଁ । ମୁଁ ଗ୍ରହିଁଲେ ମୋର ପାଦତଳେ ଚନ୍ଦ୍ର, ସୂର୍ଯ୍ୟ, ନକ୍ଷତ୍ର ମଧ୍ୟ ସେମାନେ ତୋଳି ଆଣି ଅର୍ଘ୍ୟ ଦେବେ । ରାଜଚକ୍ରବର୍ତ୍ତୀ ଯାହାର ସ୍ୱାମୀ ତା'ର ଅଲଭ୍ୟ ବା କ'ଣ ?

ମୋର ଅହଂକାରକୁ ଅଦୃଷ୍ଟ ବୋଧହୁଏ ଉପହାସ କରୁଥିଲା । ଅଦୃଷ୍ଟ ଦୃଶ୍ୟ ହୁଏ ନାହିଁ ବୋଲି ତ ମଣିଷର ଏତେ ଅହଂକାର !

କୃଷ୍ଣ ଦ୍ୱୈପାୟନ ବିଦାୟ ନେଲେ । ଯୁଧିଷ୍ଠିର ତାଙ୍କର ପାଦ ସ୍ପର୍ଶ କରି ନତମସ୍ତକ ହେଲେ । ରାଜଚକ୍ରବର୍ତ୍ତୀ ଯୁଧିଷ୍ଠିର ବିନୟ ସହକାରେ ପ୍ରତିଜ୍ଞା କଲେ, ''କାହାରିକୁ କଟୁବାକ୍ୟ କହି କାହାରି ମନରେ କଷ୍ଟ ଦେବିନାହିଁ । ନିଜ ସନ୍ତାନ ଏବଂ ଅନ୍ୟର ସନ୍ତାନକୁ ଭିନ୍ନ ଦୃଷ୍ଟିରେ ଦେଖିବି ନାହିଁ, ପୁନର୍ବାର ଯୁଦ୍ଧ ଏବଂ ରକ୍ତପାତକୁ

Digitized by srujanika@gmail.com

ମନରେ ସ୍ଥାନ ଦେବିନାହିଁ । କେବଳ ଧର୍ମ ଏବଂ ସତ୍ୟର ପଥ ଅନୁସରଣ କରି ସମସ୍ତଙ୍କର ସୁଖବିଧାନ ପାଇଁ ଜୀବନ ଉତ୍ସର୍ଗ କରିବି ।''

କୃଷ୍ଣ ଦ୍ୱୈପାୟନ ଯୁଧିଷ୍ଠିରଙ୍କୁ ଆଶୀର୍ବାଦ କରି ବିଦାୟ ନେବା ପୂର୍ବରୁ ଭବିଷ୍ୟତ ବାଣୀ କହିଗଲେ — ''ଆଗାମୀ ତେରବର୍ଷ ଭିତରେ ନାନା ଅଶୁଭ ଘଟଣା ଘଟିବ । ସେହି କାରଣରୁ ବହୁ କ୍ଷତ୍ରିୟ ନାଶ ଯିବେ । କାଳର ଗତିକୁ କେହି ପ୍ରତିହତ କରିପାରିବେ ନାହିଁ । ତେଣୁ ଏଥିରେ ବିଚଳିତ ନ ହୋଇ ଧର୍ମପଥ ଅବଲମ୍ବନ କରି ରାଜ୍ୟଶାସନ କଲେ ପୃଥିବୀର ମଙ୍ଗଳ ହେବ ।''

କୃଷ୍ଣ ଦ୍ୱୈପାୟନଙ୍କ ଭବିଷ୍ୟତବାଣୀ ଶୁଣି ଯୁଧିଷ୍ଠିରଙ୍କ ମୁହଁ ଶୁଖିଗଲା । ମୋର ଅନ୍ତରାତ୍ମା ଥରିଉଠିଲା । ଭାବିଲି — ଏ ଜୀବନରେ କ'ଣ ଶାନ୍ତି ନାହିଁ ? କେଉଁ ଅଶୁଭ ଘଟଣା ଆମକୁ ପୁଣି ପ୍ରତୀକ୍ଷା କରିଛି ?

ଏଥର ବିଦାୟ ନେବେ କୃଷ୍ଣ ବାସୁଦେବ । ବହୁଦିନରୁ ସେ ଦ୍ୱାରକାପୁରୀରୁ ଆସିଲେଣି । ଏଥର ଫେରିଯିବା ଉଚିତ । ମାତ୍ର ସଖାଙ୍କ ବିଦାୟ କଥା ଭାବିବା ମାତ୍ରେ କେଜାଣି କାହିଁକି ଭାରି ଅସହାୟ ଲାଗିଲା । ରାଜଚକ୍ରବର୍ତ୍ତୀ ଯୁଧିଷ୍ଠିରଙ୍କ ପାଟମହିଷୀର ହୃଦୟ ଏତେ ଦୁର୍ବଳ କାହିଁକି ? କ'ଣ ତା'ର ଅଭାବ ? ମୁଁ ନିଜେ ବି ବୁଝିପାରୁନି ମୁଁ ଏତେ ଦୁର୍ବଳ ହୋଇପଡୁଛି କାହିଁକି ? ମନେହେଉଛି ସଖା ଫେରିଯିବା ପରେ ମୋ ମୁଣ୍ଡରେ ଯେମିତି ଆକାଶ ଛିଣ୍ଡିପଡ଼ିବ । କୃଷ୍ଣ ଦ୍ୱୈପାୟନଙ୍କ ଭବିଷ୍ୟତ ବାଣୀ ହୁଏତ ମତେ ଏତେ ଶଙ୍କା ଓ ଦୁଶ୍ଚିନ୍ତାରେ ପକାଇଛି ।

ଯୁଧିଷ୍ଠିରଙ୍କୁ ପ୍ରଣାମ ଜଣାଇ କୃଷ୍ଣ ବିଦାୟ ମାଗିବା ମାତ୍ରେ ଯୁଧିଷ୍ଠିର ମଧ୍ୟ ବିଷଣ୍ଣ ହୋଇଗଲେ — ବିନମ୍ରଭାବେ କହିଲେ — ''ଗୋବିନ୍ଦ, ରାଜଚକ୍ରବର୍ତ୍ତୀ ହେବାର ଯୋଗ୍ୟ କେବଳ ତୁମେ । ତୁମରି ପାଇଁ ଆଜି ଏସବୁ ସମ୍ଭବ ହୋଇପାରିଛି । ତମ କରୁଣା ବିନା ମୋ ଦ୍ୱାରା କ'ଣ ବା ହୁଅନ୍ତା ! ଏ କୃତିତ୍ୱ ମୋର ନୁହେଁ; ଏହା ମୁଁ ଜାଣେ । ତେଣୁ ଜଗତ ଯେତେବେଳେ ମୋର ଜୟଗାନ କରେ, ମୁଁ ଆନନ୍ଦିତ ହେବା ପରିବର୍ତ୍ତେ ଦୁଃଖ ପାଉଛି, ଲଜ୍ଜା ଅନୁଭବ କରୁଛି । ମୋ ମୁଣ୍ଡରେ ଦୁଃଖ ଓ ଲଜ୍ଜାର ଭାର ଲଦିଦେଇ ତମେ ଚାଲିଯାଉଛ ଭାବି ମୁଁ ଭାଙ୍ଗିପଡୁଛି ।''

ଗୋବିନ୍ଦ ସ୍ନେହରେ ଯୁଧିଷ୍ଠିରଙ୍କ ହାତ ଦୁଇଟି ଧରି କହିଲେ — ''ଭାଇ ଯୁଧିଷ୍ଠିର ! ବିନୟୀ ହେବା ଭଲ । କିନ୍ତୁ ନିଜକୁ ହୀନ ମଣିବା ଭଲ ନୁହେଁ । ତମେ କର୍ମ କରିଛ, ମୁଁ ସେଥିରେ ସହଯୋଗ କରିଛି ମାତ୍ର । ତମେ ଧର୍ମବନ୍ତ, ତେଣୁ ସମସ୍ତେ

Digitized by srujanika@gmail.com

ତମର ବଶ୍ୟତା ସ୍ୱୀକାର କରିଛନ୍ତି । ଧର୍ମ ହିଁ କେବଳ ପୃଥିବୀକୁ ରକ୍ଷା କରିପାରେ । ତେଣୁ ତମ ହାତରେ ଧର୍ମକୁ ରକ୍ଷା କରିବାର ଦାୟିତ୍ୱ ରାଜସୂୟ ଯଜ୍ଞ ଦ୍ୱାରା ଅର୍ପିତ ହୋଇଛି । ମଣିଷ ଧର୍ମ ରକ୍ଷା କରେ, ଧର୍ମ ମଣିଷକୁ ରକ୍ଷାକରେ — ଏହା ଯେପରି ଭୁଲି ନଯାଅ ।''

ସମସ୍ତଙ୍କ ପାଖରୁ ଗୋଟି ଗୋଟି କରି ବିଦାୟ ନେଉଛନ୍ତି ଗୋବିନ୍ଦ । ମୋର ପୁଅମାନେ କୃଷ୍ଣଙ୍କୁ ବେଢ଼ିଯାଇ ଅଳି ଜରୁଛନ୍ତି — ''ମାମୁ ତମେ ଯାଅନାହିଁ, ଯାଅ ନାହିଁ ।'' ଅଭିମନ୍ୟୁ ଜିଦି ଧରିଛି ମାମୁ ଘରକୁ ଯିବ — କୃଷ୍ଣ ସମସ୍ତଙ୍କୁ ଗେଲ କରୁଛନ୍ତି, ମସ୍ତକ ଆଘ୍ରାଣ କରି ଆଶୀର୍ବାଦ କରୁଛନ୍ତି । ମନ ଦେଇ ବିଦ୍ୟାଶିକ୍ଷା କରିବା ପାଇଁ ଉପଦେଶ ଦେଉଛନ୍ତି ।

ସବା ବଡ଼ ଅଭିମନ୍ୟୁ । ତା' ପରେ ମୋର ପୁଅମାନେ ପ୍ରତ୍ୟେକ ବର୍ଷେ ବର୍ଷେ ବ୍ୟବଧାନରେ ଜନ୍ମଲାଭ କରିଛନ୍ତି । ଅଭିମନ୍ୟୁ ଗୋଟାପଣେ ଅର୍ଜୁନଙ୍କ ପରି । ମୋ ପୁଅମାନେ କିଏ କାହାପରି କହିବା କଠିନ । ପ୍ରତ୍ୟେକଙ୍କଠାରେ ପଞ୍ଚପାଣ୍ଡବଙ୍କର କିଛି ନା କିଛି ସାମାଞ୍ଜସ୍ୟ ଅଛି । ସବୁଠୁ ଆଶ୍ଚର୍ଯ୍ୟର କଥା ସମସ୍ତେ ଆଖି, ଅଧର ଏବଂ ପାଦ ଦୁଇଟି କୃଷ୍ଣଙ୍କଠାରୁ ଯେମିତି ଛଡ଼ାଇ ଆଣିଛନ୍ତି । ଏ କିପରି ସମ୍ଭବ ହେଲା ? ବୋଧହୁଏ ମୋର କୃଷ୍ଣ ଭାବନା ଯୋଗୁଁ ଏପରି ହୋଇଛି । ମୋର ଧ୍ୟାନ ଥାଏ କୃଷ୍ଣଙ୍କ ପାଦପଦ୍ମରେ । ତାଙ୍କ ଆଖି ଦୁଇଟି ମତେ ବାଟ କଢ଼ାଏ । ତାଙ୍କର ଅଧର ମତେ ଜୀବନ ଅମୃତର ସ୍ୱାଦ ଘ୍ୱଖିବା ପାଇଁ ଶକ୍ତି ଓ ପ୍ରେରଣା ଦିଏ । କୃଷ୍ଣ ବେଳେବେଳେ ଥଟ୍ଟାକରି କହନ୍ତି — ''ସଖି, ତମର ପୁଅମାନଙ୍କଠାରେ ତାଙ୍କ ବାପାଙ୍କ ଅପେକ୍ଷା ମୋର ସାମଞ୍ଜସ୍ୟ ବେଶି । ଭୀମ ସେଥିପାଇଁ ତମକୁ କଟାକ୍ଷ କରୁନାହିଁ ତ !''

ମୁଁ ଲଜ୍ଜାରେ ଲାଲ ହୋଇଯାଏ । ଦୃଷ୍ଟି ନତକରି କହେ — ''ଏ ତ ଅତି ସ୍ୱାଭାବିକ କଥା । ମୋ ସ୍ୱାମୀମାନଙ୍କ ଭିତରେ କୃଷ୍ଣ ଏମିତି ମିଶି ଯାଇଛନ୍ତି ଯେ ନିଜର ସତା ସୁଦ୍ଧା ସେମାନେ ଭୁଲିଛନ୍ତି । ତେଣୁ ପିଲାମାନେ କୃଷ୍ଣ ପରି ହେବା ସ୍ୱାଭାବିକ । ବିଶେଷକରି ଅର୍ଜୁନଙ୍କ ପୁତ୍ର ଶ୍ରୁତକର୍ମାକୁ ଦେଖ । ସଖାଙ୍କର ଅବିକଳ ପ୍ରତିଚ୍ଛବି ଯେମିତି । ଏଥିରେ ମୋର କି ଘ୍ୱରା !''

ଶ୍ରୁତକର୍ମାକୁ ଆଦର କରୁ କରୁ ସଖା କହିଲେ — ''ମୋ ପୁଅ ଆଉ ଅର୍ଜୁନ ପୁଅ ଭିତରେ ତଫାତ୍ କ'ଣ ? ଆମେ ଦୁଇ ସଖା ତ ଏକାତ୍ମ । ମତେ ବାଦ୍‌ଦେଲେ ସେ ଶୂନ୍ୟ । ତାକୁ ବାଦ୍‌ଦେଲେ ମୁଁ ଅପୂର୍ଣ୍ଣ । ତେଣୁ ଶ୍ରୁତକର୍ମା କାହା ପୁଅ, ଏକଥା ଏକା ତମେଇ ସିନା କହିପାରିବ !''

Digitized by srujanika@gmail.com

ସଖାଙ୍କର ରସିକତାରେ ଅର୍ଜୁନ ବିରକ୍ତ ହେବା ପରିବର୍ତ୍ତେ ହସୁଥିବାର ଦେଖି ମୁଁ ବି ହସିଦେଲି । ଯେ ନିଜେ ମାନ ରକ୍ଷା କରନ୍ତି, ସେ ଛଳ କୌତୁକରେ ଲଜ୍ଜା ଦେବାକୁ ଚେଷ୍ଟାକଲେ ମୁଁ ବିରକ୍ତ ହେବି କାହିଁକି ?

ପିଲାମାନଙ୍କୁ ନାନା ପ୍ରବୋଧନ ଦେଇ ସଖା ବିଦାୟ ନେଲେ । ମୁଁ ତାଙ୍କୁ ପ୍ରଣାମ ଜଣାଇ ଉଠିଲାବେଳକୁ ମୋର ଚକ୍ଷୁ ଅଶ୍ରୁପୂର୍ଣ୍ଣ ! ସଖାଙ୍କର ପାଦ ଥମିଗଲା । ସେ ମୁହଁ ଶୁଖାଇଦେଇ କହିଲେ — ''ସଖି, ତମର ଅଶ୍ରୁ ଦେଖି ମୁଁ ଦ୍ୱାରକାପୁର ଯାଇ-ପାରିବିନି, ତମେ ଭଲକରି ଜାଣ । ପୁଣି କଷ୍ଟ ଦିଅ କାହିଁକି ? କଥା ଦେଉଛି, ଯେତେବେଳେ ସ୍ମରଣ କରିବ ଆସି ପହଞ୍ଚିବି । ତେବେ ତମର ସ୍ୱାମୀ ରାଜଚକ୍ରବର୍ତ୍ତୀ ହେବା ପରେ ଯଦୁକୁଳର ଏ ଗୋପାଳ ବନ୍ଧୁଟି ତମର କି ସାହାଯ୍ୟରେ ବା ଆସିବ ଯେ ତମେ ମତେ ଆଉ ସ୍ମରଣ କରିବ ?''

ପୁଣି ଥରେ ମୋର ଅହଂକାରକୁ ଆଘାତ କରିଗଲେ ସଖା ! ସେ ଜାଣନ୍ତି ତାଙ୍କ ବିନା ମୋର ରାଜକ୍ରବର୍ତ୍ତୀ ସ୍ୱାମୀ ସ୍ରୋତମୁଖରେ ପତ୍ରଟିଏ ଭଳି ଅସହାୟ । ଅଥଚ ମୋ ମନର ଭାବନା ଜାଣିପାରି ମତେ ଆଘାତ କରିଗଲେ ହସି ହସି । ହାତଯୋଡ଼ି କହିଲି— ''ସଖା, ମୋର ସବୁକିଛି ତମକୁ ସମର୍ପଣ କରିସାରିଛି । ତେଣୁ ମୋର ଅହଙ୍କାର ବି ତମର । ତାକୁ ଯଦି ମୋ ପାଖରୁ ଫେରାଇ ନ ନିଅ — ତେବେ ଆଘାତ ଦିଅ କାହିଁକି ? ଆଘାତ ଦିଅ ପଛକେ ତମେ ଫେରିଆସ, ଖୁବ୍ ଶୀଘ୍ର ଫେରିଆସ —''

''ଆସିବି, ଠିକ୍ ସମୟରେ ଆସିବି'' ସଖା ସାନ୍ତ୍ୱନା ଦେଇ ବିଦାୟ ନେଲେ ।

॥ ୨୭ ॥

ପୋଥିର ପୃଷ୍ଠା ଲେଉଟାଇବାକୁ ହୁଏ, ମାତ୍ର ଭାଗ୍ୟର ପୃଷ୍ଠା ଆପେ ଆପେ ଓଲଟିଯାଏ ।

ମୁଁ ବିବାହ କରିଥିଲି ଭିକ୍ଷୁକ ବ୍ରାହ୍ମଣ ପାଞ୍ଚଭାଇଙ୍କୁ । ସେମାନେ ହସ୍ତିନାର ରାଜପୁତ୍ର ପାଲଟିଗଲେ । ପୁଣି ହୃତରାଜ୍ୟ ଫେରି ବି ପାଇଲେ । ପୁଣି ରାଜ୍ୟ ପାଇଁ ସହୋଦରଙ୍କ ଭିତରେ ଈର୍ଷା ଓ ଅଶାନ୍ତିରୁ ଦୂରେଇ ରହିବା ପାଇଁ ଅରଣ୍ୟ ପରିପୂର୍ଣ୍ଣ ଅନୁର୍ବର ବାରୁଣାବନ୍ତରେ ନିଜର ରାଜଧାନୀ ପ୍ରତିଷ୍ଠା କରିବାକୁ ହେଲା । ବାରୁଣାବନ୍ତକୁ ଇନ୍ଦ୍ରପ୍ରସ୍ଥରେ ପରିଣତ କରିବା ପଛରେ ଅନେକ ତ୍ୟାଗ, ଅନେକ ସାଧନା, ଅନେକ ଦୁଃଖ କଷ୍ଟ, ଶ୍ରମ ଓ ନିଷ୍ଠାର ଇତିହାସ ମୋର ପ୍ରାଣପୃଷ୍ଠାରେ ଲିପିବଦ୍ଧ ହୋଇ ରହିଗଲା ।

Digitized by srujanika@gmail.com

ପାଞ୍ଚଭାଇଙ୍କର ଦୁଃଖ, କଷ୍ଟ, ପରିଶ୍ରମ ଓ ସାଧନାର ସମସ୍ତ ଭାର ଏକା ଏକା ମତେଇ ତ ସହ୍ୟ କରିବାକୁ ହୋଇଛି !

ଆଜି ମୋର ସ୍ୱାମୀ ରାଜଚକ୍ରବର୍ତ୍ତୀ । ଇନ୍ଦ୍ରପ୍ରସ୍ଥ ହେଉଛି ଆର୍ଯ୍ୟାବର୍ତ୍ତର ସବୁଠୁ ସମୃଦ୍ଧଶାଳୀ ନଗର । ଧନ, ଐଶ୍ୱର୍ଯ୍ୟ, ପ୍ରାକୃତିକ ଶୋଭା ସମ୍ପଦ, କଳା, ସଙ୍ଗୀତ, ନୃତ୍ୟ, ସାହିତ୍ୟ, ଯୁଦ୍ଧକୌଶଳ ବିଦ୍ୟାବୁଦ୍ଧିରେ ଇନ୍ଦ୍ରପ୍ରସ୍ଥ ହେଉଛି ସବୁ ରାଜ୍ୟର ଆଦର୍ଶ, ଦିଗ୍‌ଦର୍ଶକ ।

ମୁଁ ପଞ୍ଚପୁତ୍ରର ଜନନୀ — କିନ୍ତୁ ସୁଭଦ୍ରାର ପୁତ୍ର ଅଭିମନ୍ୟୁ ମୋର ଆଗ । ମୋର ପାରିବାରିକ ଜୀବନରେ ସୁଖ, ଶାନ୍ତି, ସମ୍ପଦ ଭରପୂର । ଆଉ ମୋର କିଛି ଲୋଡ଼ା ନାହିଁ । ପାଣ୍ଡବମାନେ ନିଜେ ନିଜ ଗୋଡ଼ରେ ଠିଆ ହୋଇଛନ୍ତି । କୃଷ୍ଣ ସେମାନଙ୍କୁ ସହାୟ ହୋଇଛନ୍ତି । ଏଣିକି ଧର୍ମପଥରେ ଗ୍ଲଳିତ ହୋଇ ଦେଶବାସୀଙ୍କର ସୁଖ ଦୁଃଖରେ ନିଜକୁ ମିଶାଇ ଦେବା ମୋର ଇଚ୍ଛା । ସୁଭଦ୍ରା ଘର ଜଆ ବୁଝିବ । ମୁଁ ବୁଝିବି ବାହାର କଥା, ଆର୍ତ୍ତ ଜନତାର କଥା । ଯୁଧିଷ୍ଠିରଙ୍କ ଧର୍ମରାଜ୍ୟରେ ଜଣେ ପ୍ରଜା ମଧ୍ୟ ଅନାହାର ରହିବ ନାହିଁ । ଖାଦ୍ୟ, ବସ୍ତ୍ର, ବାସଗୃହ, ଶିକ୍ଷା — ଏତିକି ହେଉଛି ମଣିଷର ଜନ୍ମଗତ ଅଧିକାର । ଇନ୍ଦ୍ରପ୍ରସ୍ଥର ପ୍ରତ୍ୟେକ ପ୍ରଜା ଯଦି ଜୀବନର ସର୍ବନିମ୍ନ ଅଧିକାର ନ ପାଇବେ, ତେବେ ଯୁଧିଷ୍ଠିରଙ୍କର ରାଜଚକ୍ରବର୍ତ୍ତୀ ବୋଲାଇବା ନିରର୍ଥକ — ମୋର ଯାଜ୍ଞସେନୀ ନାମ ମୂଲ୍ୟହୀନ ।

ପ୍ରତିଜ୍ଞାବଦ୍ଧ ଭାବରେ ସେବାରେ ନିଜକୁ ଭସାଇ ଦେବାର ସ୍ୱପ୍ନ ଦେଖୁଛି, ଅଘ୍ଟନକ ସ୍ୱପ୍ନ ଭଙ୍ଗ ହେଲା ।

ହସ୍ତିନାପୁରୀରୁ ଆସିଛନ୍ତି ବିଘ୍ନରବନ୍ତ, ବୁଦ୍ଧିମାନ୍, ପରମପୂଜନୀୟ ବିଦୁର ଦାଦା । ହାତରେ ନିମନ୍ତ୍ରଣ ପତ୍ର । ହସ୍ତିନାର ରାଜା ଦୁର୍ଯ୍ୟୋଧନ ନିମନ୍ତ୍ରଣ କରିଛନ୍ତି ଇନ୍ଦ୍ରପ୍ରସ୍ଥର ରାଜା ଯୁଧିଷ୍ଠିରଙ୍କୁ । ବାଜି ରଖି ଦ୍ୟୂତକ୍ରୀଡ଼ା କରିବେ ରାଜା ଦୁର୍ଯ୍ୟୋଧନ, ମୋର ସ୍ୱାମୀ ଯୁଧିଷ୍ଠିରଙ୍କ ସହ । ସେ ନିମନ୍ତ୍ରଣ ଆଣିଛନ୍ତି ବିବେକବନ୍ତ ବିଦୁର ଦାଦା !

ଗୋଟାଏ ଅଶୁଭ ଚିନ୍ତାରେ ହୃଦୟ ଥରିବାକୁ ଲାଗିଲା । ସ୍ୱାମୀଙ୍କୁ ବାରଣ କଲି । ଅନୁନୟ କରି କହିଲି — ''ଏ ନିମନ୍ତ୍ରଣ ଗ୍ରହଣ କରନାହିଁ । କ୍ଷତ୍ରିୟମାନଙ୍କ ପକ୍ଷେ ଦ୍ୟୂତକ୍ରୀଡ଼ା ସ୍ପୃହଣୀୟ ନୁହେଁ । ମୋର ବିଶ୍ୱାସ, ଦ୍ୟୂତକ୍ରୀଡ଼ା ପାଇଁ ନିମନ୍ତ୍ରଣ ପଛରେ ଦୁର୍ଯ୍ୟୋଧନର କିଛି ମନ୍ଦ ଉଦ୍ଦେଶ୍ୟ ଅଛି ।''

ଯୁଧିଷ୍ଠିର ମଧ୍ୟ ଚିନ୍ତିତ ଥିଲେ । ସେ ଗମ୍ଭୀର ସ୍ୱରରେ କହିଲେ — ''ଯାଜ୍ଞସେନି ! ମୃଗୟା, ମଦ୍ୟପାନ, ଦ୍ୟୂତକ୍ରୀଡ଼ା (ଜୁଆଖେଳ) ଏବଂ ବେଶ୍ୟାସକ୍ତି ଏହି

Digitized by srujanika@gmail.com

ଗରିଟି ବଦଭ୍ୟାସ ରାଜାର ଶତ୍ରୁ । ଏକଥା ମୁଁ ଜାଣେ । ତା' ସତ୍ତ୍ୱେ ଯଦି ପିତାମହ ଏବଂ ଗୁରୁଜନମାନଙ୍କର ସମ୍ମତିକ୍ରମେ ଦୁର୍ଯ୍ୟୋଧନ ମତେ ନିମନ୍ତ୍ରଣ କରିଛି, ମୁଁ ତ ମନା କରିପାରିବି ନାହିଁ !''

''କିନ୍ତୁ ତମେ ଦ୍ୟୂତକ୍ରୀଡ଼ାରେ ଦୁର୍ବଳ, ଏକଥା ସମସ୍ତେ ଜାଣନ୍ତି । ପରାଜୟ ସୁନିଶ୍ଚିତ — ଏକଥା ମୋର ନଖ-ଦର୍ପଣରେ ।''

''ଯୁଦ୍ଧରେ ହାରିଯିବ ବୋଲି ଜାଣି ମଧ୍ୟ କ୍ଷତ୍ରିୟ ପଛଘୁଞ୍ଚା ଦିଏ ନାହିଁ ।''

''ଯୁଦ୍ଧ ଏବଂ ଦ୍ୟୂତକ୍ରୀଡ଼ା ଏକା କଥା ନୁହେଁ ।''

''କିନ୍ତୁ ମୁଁ ଦ୍ୟୂତକ୍ରୀଡ଼ାରେ ଦୁର୍ବଳ ବୋଲି ମତେ ଦୁର୍ଯ୍ୟୋଧନ ଆହ୍ୱାନ କରିଛି ଜାଣିବା ପରେ ମୁଁ ପରାଜୟ ଭୟରେ ନିମନ୍ତ୍ରଣ ପ୍ରତ୍ୟାଖ୍ୟାନ କରିନପାରେ ।''

''ଥରେ ବିଦୁର ଦାଦାଙ୍କୁ ପଗ୍ଧରି ଦେଖ — ଏ ନିମନ୍ତ୍ରଣର ଉଦ୍ଦେଶ୍ୟ କ'ଣ ?'' ମୁଁ ଅନୁନୟ କଲି ।

ବିଦୁରଦାଦା ଦୁଃଖ ଏବଂ ଦୁଶ୍ଚିନ୍ତା ଭିତରେ ସତ୍ୟ ପ୍ରକାଶ କଲେ । ଇନ୍ଦ୍ରପ୍ରସ୍ଥର ଐଶ୍ୱର୍ଯ୍ୟ ଏବଂ ଯଶ ଦୁର୍ଯ୍ୟୋଧନକୁ ଅସହିଷ୍ଣୁ କରିଛି । ପାଣ୍ଡବମାନଙ୍କର ଧନସମ୍ପଦ ତାକୁ ଲୋଭାତୁର କରିଛି । ସେ ଜାଣେ ସାତଜନ୍ମ ଗଲେ ମଧ୍ୟ ସେ ପାଣ୍ଡବମାନଙ୍କ ସହ ସମକକ୍ଷ ହୋଇପାରିବ ନାହିଁ । ତେଣୁ ଦୁଷ୍ଟବୁଦ୍ଧି ମାମୁ, ଶକୁନିର ପରାମର୍ଶରେ ଧୃତରାଷ୍ଟ୍ରଙ୍କୁ ସମ୍ମତ କରାଇ ସେ ଦ୍ୟୂତକ୍ରୀଡ଼ାର ଆହ୍ୱାନ ଦେଇଛି । ବଳରେ ନହେଲେ କଳ କୌଶଳ ଏପରିକି ଅଧର୍ମ ପଥ ଅନୁସରଣ କରି ମଧ୍ୟ ପାଣ୍ଡବମାନଙ୍କର ସମସ୍ତ ଧନସମ୍ପଦ ଲୁଟିନେବା ଏହି ଦ୍ୟୂତକ୍ରୀଡ଼ାର ଉଦ୍ଦେଶ୍ୟ । ଦୁର୍ଯ୍ୟୋଧନ ପକ୍ଷରୁ ପୁଣି ଶକୁନି ପଶା ଖେଳିବେ । ପଶାଖେଳରେ କୌଶଳ ପ୍ରୟୋଗ କରି ଜିତିବାରେ ଦୃଷ୍ଟବୁଦ୍ଧି ଶକୁନିଙ୍କୁ ତ୍ରିଭୁବନରେ କେହି ବଳିଯିବାର ଉଲ୍ଲେଖ ନାହିଁ ।

ସବୁ ଶୁଣିବା ପରେ ମଧ୍ୟ ଯୁଧିଷ୍ଠିର ଧୀର ସ୍ଥିର ଭାବେ ହସ୍ତିନାଗମନର ପ୍ରସ୍ତୁତି ପାଇଁ ନିର୍ଦ୍ଦେଶ ଦେଲେ । ମୁଁ ଦୁଃଖ ଏବଂ କ୍ଷୋଭରେ ମ୍ଲାନ ହୋଇ ପ୍ରଶ୍ନ କଲି — ''ଶକୁନି ମାମୁ ଏବଂ ଦୁର୍ଯ୍ୟୋଧନର ଉଦ୍ଦେଶ୍ୟ ଜାଣିବା ପରେ ମଧ୍ୟ ତମେ ନିମନ୍ତ୍ରଣ ରକ୍ଷା କରିବାକୁ ଗ୍ୱହଁ ?''

''ଗାନ୍ଧାର ରାଜା ଶକୁନିର ଚକ୍ରାନ୍ତ ସ୍ପଷ୍ଟ ହେଲେ ମଧ୍ୟ ନିମନ୍ତ୍ରଣ ରକ୍ଷା କରିବାକୁ ହେବ । ଜୀବନର ପ୍ରତି ପାଦପାତକୁ ଭାଗ୍ୟ ହିଁ ନିୟନ୍ତ୍ରଣ କରେ । ତେଣୁ ଅନ୍ୟଥା ଚିନ୍ତା ନକରି ଭାଗ୍ୟର ଖେଳରେ ଭାଗନେବା ଛଡ଼ା ଅନ୍ୟ ଉପାୟ ନାହିଁ ।''

Digitized by srujanika@gmail.com

ଯୁଧିଷ୍ଠିର ଦୃଢ଼ ନିଷ୍ପତ୍ତି ଜଣାଇବା ପରେ ମୋ ଇଚ୍ଛା, ଅନିଚ୍ଛାର ମୂଲ୍ୟ କ'ଣ ?

ସନ୍ତରଣ ଜାଣିନଥିବା ସତ୍ତ୍ୱେ ସୁଅମୁହଁକୁ ଡେଇଁପଡ଼ି ଯଦି କେହି କହେ — ଭାଗ୍ୟର ଆହ୍ୱାନକୁ ଉପେକ୍ଷା କରାଯାଇ ନପାରେ; ତେବେ ତାକୁ ଆତ୍ମହତ୍ୟା ଛଡ଼ା ଆଉ କ'ଣ କୁହାଯାଇପାରେ ?

ଯୁଦ୍ଧକାତର ଯୁଧିଷ୍ଠିର କ'ଣ ଯୁଦ୍ଧକୁ ଏଡ଼ାଇଯିବା ପାଇଁ ଦୁର୍ଯ୍ୟୋଧନର ନିମନ୍ତ୍ରଣ ରକ୍ଷା କଲେ ? ସେ ବୋଧହୁଏ ଆଶଙ୍କା କରୁଥିଲେ ଯେ କୌଣସି ସମୟରେ ଧନରତ୍ନ ଲୋଭରେ କୌରବମାନେ ଯୁଦ୍ଧ ଘୋଷଣା କରିବେ । ତେଣୁ ପରାଜୟ ସୁନିଶ୍ଚିତ ଜାଣି ମଧ୍ୟ ସେ ଦ୍ୟୂତକ୍ରୀଡ଼ା ପାଇଁ ସ୍ୱୀକୃତି ଦେଇଥିଲେ । ଧନରତ୍ନ ଐଶ୍ୱର୍ଯ୍ୟ ପଣ ରଖି ହରାଇ ଦେବାରେ ଦୁଃଖ ନାହିଁ — ଜୀବନ ସଂରକ୍ଷିତ ରହୁ — ଶାନ୍ତିମୟ ହେଉ । ତାହା ହିଁ ହୁଏତ ଯୁଧିଷ୍ଠିରଙ୍କ ଜୀବନର ଲକ୍ଷ୍ୟ ଥିଲା । କିନ୍ତୁ ଅହଙ୍କାର ତାଙ୍କୁ ଅନ୍ଧଭାବରେ ଭାଗ୍ୟବାଦୀ କରିପକାଇଲା । ଭାଗ୍ୟ ବଳୀୟାନ୍ ହେଲେମଧ୍ୟ ମଣିଷକୁ ଯେ କର୍ମଫଳ ଭୋଗ କରିବାକୁ ହୁଏ, ଏକଥା ପ୍ରାଜ୍ଞ ଯୁଧିଷ୍ଠିର ବିସ୍ମୃତ କରିପାରିଲେ ନାହିଁ କିପରି ?

ସେଦିନ ଯଦି ମୋ ଅନୁରୋଧ ସେ ରଖିଥା'ନ୍ତେ, ତେବେ ମୋ ଜୀବନର ଚରମ ଦୁର୍ଯ୍ୟୋଗର ଦିନଟିକୁ ଏଡ଼ାଇ ଦିଆଯାଇ ପାରିଥା'ନ୍ତା ତ !

॥ ୨୮ ॥

ଚତୁମତୀ ନାରୀ ଅସ୍ପଶ୍ୟା । ହସ୍ତିନା ରାଜପୁରୀର ଏକାନ୍ତ ପ୍ରାସାଦରେ ତେଣୁ ମୁଁ ଅବସ୍ଥାନ କରୁଥାଏ । ଦ୍ୟୂତକ୍ରୀଡ଼ାର ନିମନ୍ତ୍ରଣ ରକ୍ଷା କରି ପାଣ୍ଡବ ପାଞ୍ଚଭାଇଙ୍କ ସଙ୍ଗେ ମୁଁ ଏବଂ ମାତା କୁନ୍ତୀ ମଧ୍ୟ ଆସିଛୁ । ଆଦର ଅଭ୍ୟର୍ଥନା, ସ୍ନେହ, ସୋହାଗ ଏବଂ ଆତିଥ୍ୟରେ ହସ୍ତିନାପୁରୀର ତ୍ରୁଟି ନାହିଁ । ଅନେକ ସମୟରୁ ଯୁଧିଷ୍ଠିର ଏବଂ ଅନ୍ୟଭାଇମାନେ ସଭାଗୃହକୁ ଶୁଭ ଅନୁକୂଳ କରି ଗ୍ଲିଗଲେଣି । ମୋ ସଙ୍ଗେ ତାଙ୍କର ଦେଖା ହୋଇନି । ଏ ଅବସ୍ଥାରେ ସ୍ୱାମୀଙ୍କ ମୁଖ ଦର୍ଶନ କରିବା ନିଷିଦ୍ଧ । ଅନ୍ୟ ପୁରୁଷର ଛାଇ ସୁଦ୍ଧା ଦେଖିବା ପାପ । ମୁଁ ଏକାନ୍ତ ଏକାକିନୀ ହୋଇ ଗୃହକୋଣରେ ବସିଥାଏ । ଶରୀରର ଅସୁସ୍ଥତା ସଙ୍ଗେ ମାନସିକ ଅସ୍ଥିରତା ଓ ଉଦ୍‌ବେଗ ମତେ ଅଧିକ ଅସୁସ୍ଥ କରି ପକାଇଥାଏ । ବନ୍ଦିନୀ ହୋଇ ମୁଁ ପଡ଼ିରହିଥାଏ ସିନା — ମନ ଉଡ଼ି-ବୁଲୁଥାଏ ସଭାଗୃହରେ, କ'ଣ ହେବ ଏ ଦ୍ୟୂତକ୍ରୀଡ଼ାର ଶେଷ ପରିଣତି, ତାହାହିଁ

Digitized by srujanika@gmail.com

ଚିନ୍ତାକରି ମୌନହୋଇ ଅପେକ୍ଷା କରିଥାଏ । କେତେବେଳେ କ୍ରୀଡ଼ା ସମ୍ବାଦ ଆସିବ ? କି ସମ୍ବାଦ — ଶୁଭ ନା ଅଶୁଭ ?

ମୋ ରୂପର ଅନ୍ୟତମ ଆକର୍ଷଣ ମୋର ଘନ କୁଞ୍ଚିତ, ଦୀର୍ଘ କେଶ । ମାୟା ମୋର କେଶ ବିନ୍ୟାସ କରୁ କରୁ ମତେ ପରିହାସ କରି କହେ — "ସଖୀ, ସ୍ୱୟମ୍ବର ସଭାରେ ତମର ମୁକ୍ତକେଶ ଯଦି ରାଜପୁତ୍ରମାନେ ଦେଖିଥା'ନ୍ତେ ତେବେ ସେଇ ଦୀର୍ଘ କେଶରେ ଫାଶ ଲଗାଇ ଆତ୍ମହତ୍ୟା କରିବା ପାଇଁ ମଧ୍ୟ ସୌଭାଗ୍ୟ ମନେ କରିଥା'ନ୍ତେ । ରକ୍ଷା ହୋଇଯାଇଛି, ତମ କବରୀ ସେଦିନ ଫୁଲରେ ମଣ୍ଡିତ ହୋଇଥିଲା, ଆଉ ତାକୁ ଆବୃତ କରିଥିଲା ସୁଦ୍ଧାନ ଓଢ଼ଣୀ ।"

ଆଜି ମୋର ମୁକ୍ତକେଶ । ଏମିତି ସମୟରେ କେଶ ବିନ୍ୟାସ, ପ୍ରସାଧନ ମନା । ଏକବସ୍ତ୍ର ଛଡ଼ା ଅନ୍ତର୍ବାସ ମଧ୍ୟ ପିନ୍ଧିବା ପାଇଁ ବାରଣ ରହିଛି । ହସ୍ତିନାପୁରୀ ରାଜପ୍ରାସାଦର ସ୍ୱତନ୍ତ୍ର ମହିଳା ଅତିଥି ଗୃହର ଏକାନ୍ତ କୋଣରେ ଏକବସ୍ତ୍ର ପରିହିତା ହୋଇ ସିକ୍ତ କେଶବାସ ପିଠି ଉପରେ ବିଛେଇ ଦେଇ ଅଳସ ଅପରାହ୍ଣର ମୁହୂର୍ତ୍ତ ଗଣୁଥାଏ । ମାୟା ବସିଥାଏ ମୋ ପାଖରେ । ମୋ କେଶର ପ୍ରଶଂସା କରୁଥାଏ ସବୁଦିନ ପରି । ହସି ହସି କହୁଥାଏ — "ଯେଉଁ ହତଭାଗ୍ୟ ପୁରୁଷମାନେ ତମର ଏ କେଶଦାମର ସୌନ୍ଦର୍ଯ୍ୟ ଦେଖିବାରୁ ବଞ୍ଚିତ ହୋଇଛନ୍ତି, ତାଙ୍କ ପାଇଁ ମୋର ଅଶେଷ ଦରଦ ହୁଏ... ।"

ମୁଁ ବିରକ୍ତ ହୋଇ କହିଲି — "ଛିଃ ମାୟା, ଏ କି କଥା କହୁଛୁ ? ବିବାହିତା ନାରୀର କେଶାଗ୍ରରେ ମଧ୍ୟ ପରପୁରୁଷର ଲାଳସାପୂର୍ଣ୍ଣ କୁତ୍ସିତ ଦୃଷ୍ଟି ପଡ଼ିବା ଅସମ୍ମାନର କଥା । ସେଥିପାଇଁ କବରୀ ବନ୍ଧନ ଏବଂ ପଣତର ଆବଶ୍ୟକତା ହୁଏ । ନିଜର ସୌନ୍ଦର୍ଯ୍ୟ ପ୍ରଦର୍ଶନ କରିବା ବାରନାରୀର ଧର୍ମ, ଗୃହବଧୂର ନୁହେଁ । ତୋ ମନରେ ଏ ଉଦ୍ଭଟ ଚିନ୍ତା ବେଳେବେଳେ ଆସେ କାହିଁକି ?"

ମାୟା ମୃଦୁ ମୃଦୁ ହସି କହିଲା — "ନାରୀ ପ୍ରତି ପୁରୁଷ ମନର ଆକର୍ଷଣ ସହଜାତ ଏବଂ ସ୍ୱାଭାବିକ । ସୁନ୍ଦରୀ, କଳାବତୀ, ବିଦୁଷୀ ନାରୀ ପ୍ରତି ପୁରୁଷ ମନର ଆକର୍ଷଣ ତ କଥାରେ କୁହାଯାଇ ପାରେନା । ତେଣୁ ତମପାଇଁ ଆର୍ଯ୍ୟାବର୍ତ୍ତର ସବୁ ରାଜପୁତ୍ର ପାଗଳ ହେବାରେ ଦୋଷ ତାଙ୍କର ନୁହେଁ, ବରଂ...." — ମାୟା କଥା ବନ୍ଦ କରି କୁଟିଳ ହସ ହସିଲା !

ମୁଁ ବିରକ୍ତ ହୋଇ କହିଲି — "ବରଂ ଦୋଷ ମୋର । ନାଁ କ'ଣ କହୁଛୁ ?"

"ଦୋଷ ତାଙ୍କର । ଯିଏ ନାରୀଠାରେ ସୌନ୍ଦର୍ଯ୍ୟ ଭରିଦେଲେ ଆଉ ପୁରୁଷ ଆଖିରେ ଦେଲେ ସୌନ୍ଦର୍ଯ୍ୟ ପିପାସା —" ମାୟା ଜବାବ ଦେଲା ।

Digitized by srujanika@gmail.com

ମୁଁ ଶୁଷ୍କ କଣ୍ଠରେ କହିଲି — "ତେବେ ତାଙ୍କ ପାଖକୁ ଯା — ତାଙ୍କ ଦୋଷଗୁଣ ପାଇଁ ଜେରା କରିବୁ । ଏଠି ସେକଥା କାହିଁକି ? ସଭାଗୃହରେ କ'ଣ ଯେ ସବୁ ଘଟୁଛି, ସେ ବିଷୟରେ ତୋର ତିନେ ବି ଚିନ୍ତା ନାହିଁ ଦେଖୁଛି ।" ମାୟା ନିର୍ବିକାର ଚିତ୍ତରେ କହିଲା — "ଚିନ୍ତା କରି ଲାଭ କ'ଣ ? ଆମେ କିଛି କରିପାରିବା ? ଯାହା ହେବାର ଥିବ ହେବ । ସବୁ ତାଙ୍କ ଇଚ୍ଛା । ତାଙ୍କ ଇଚ୍ଛା ଅନୁସାରେ ଆମେ ନାଚିବା ସାରକଥା—।"

ମୁଁ ଚିନ୍ତିତା ହୋଇପଡ଼ି କହିଲି — "ମାୟା, ତୁ ଟିକେ ଯାଇ ବୁଝୁନୁନି, କିଏ ହାରୁଛି, କିଏ ଜିତୁଛି, କିଏ କ'ଣ ବାଜି ରଖୁଛି ! ଏସବୁ ମତେ କିଛି ଭଲ ଲାଗୁନି । ଆର୍ଯ୍ୟାବର୍ତ୍ତର ଏତେ ବିଦ୍ୱାନ, ବୀର, ମହାପୁରୁଷମାନଙ୍କ ସମକ୍ଷରେ ଦୁଇଜଣ ରାଜା ବାଜିରଖି ଦ୍ୟୂତକ୍ରୀଡ଼ା କରିବା ମୋ ମତରେ ରାଜୋଚିତ ନୁହେଁ — ଅଥଚ ମୋ କଥା ସେ କ'ଣ ଶୁଣିଲେ !"

ମାୟା ଚୁପ୍‌ଚୁପ୍ କରି କହିଲା — "ସଖି, ସ୍ୱୟମ୍ବରକୁ ଯେଉଁ ରାଜପୁତ୍ରମାନେ ଯାଇଥିଲେ, ଦ୍ୟୂତକ୍ରୀଡ଼ା ପାଇଁ ସଭାଗୃହରେ ପ୍ରାୟ ସମସ୍ତେ ଉପସ୍ଥିତ ଅଛନ୍ତି । ସେମାନେ ଗ୍ରହୁଁଥିବେ ଯୁଧିଷ୍ଠିର ହାରିଯା'ନ୍ତୁ —"

ମୁଁ ଚିହିଁକି ଉଠି କହିଲି — "ସେମାନଙ୍କର ମନକଥା ତତେ ବେଶ୍ ଜଣା ଦେଖୁଛି । ଆଉ କ'ଣ ସେମାନେ ଗ୍ରହାନ୍ତି କହ ତ ଦେଖି ?"

"କୁମାରୀ କୃଷ୍ଣାଙ୍କୁ ସେମାନେ ଥରେ ମାତ୍ର ଦେଖିଥିଲେ । ସାରାଜୀବନ ଝୁରି ହେବା ହିଁ ସାର ହେଲା । ରାଜବଧୂ କୃଷ୍ଣାଙ୍କୁ ଥରେ ମାତ୍ର ଦେଖି ମନର ଅବଶୋଷ ମେଣ୍ଟାଇବା ପାଇଁ ସେମାନେ ଗ୍ରହିଁବା ସ୍ୱାଭାବିକ ।" ମାୟା ଅତି ସହଜ ଭାବେ କଥାଟା କହିଦେଲା, ଅଥଚ ମୁଁ ସ୍ତବ୍ଧ ହୋଇ ଗ୍ରହିଁଲି ମାୟାକୁ । ମାୟାର କ'ଣ ମତିଭ୍ରମ ହୋଇଛି ? ଛିଃ ଛିଃ, ଏସବୁ ସେ ଚିନ୍ତା କରିପାରୁଛି କେମିତି ? ସାରା ସଂସାରର ପୁରୁଷଙ୍କ ମନରୁ ଅବଶୋଷ ଦୂର କରିବା ପାଇଁ ମୁଁ କ'ଣ ସମସ୍ତଙ୍କ ସମ୍ମୁଖରେ ନିଜକୁ ପ୍ରଦର୍ଶନ କରିବି ? ଅନୁଚିତ ଆଶା ଓ ଆକାଂକ୍ଷା ଅବଶୋଷର କାରଣ ହୁଏ । ସେଥିରେ ମୋର କି ଯାଏ ଆସେ ?

ମୁଁ ମାୟା ସଙ୍ଗେ ଗଳ୍ପ କରିବାକୁ ଗ୍ରହିଁଲି ନାହିଁ । ଏସବୁ ଶୁଣିବାକୁ ଆଜି ଭଲ ଲାଗୁନାହିଁ । ବେକୁବେଳ ଦୁଶ୍ଚିନ୍ତା ବଢୁଛି । ଶରୀର ଏବଂ ମନ ଉଭୟ ଅସ୍ଥିର ଯନ୍ତ୍ରଣାରେ ଛଟପଟ ହେଉଛି ।

Digitized by srujanika@gmail.com

ଦ୍ୱାରଦେଶରେ କାହାର ପାଦଶବ୍ଦ ଶୁଭିଲା । ଫେରିଆସିଲେ କି ଯୁଧିଷ୍ଠିର ଜୟଯୁକ୍ତ ହୋଇ ?

ମୁଁ ଅନ୍ତରାଳକୁ ଘୁଲିଗଲି । ରଜସ୍ୱଳା ଅବସ୍ଥାରେ ସ୍ୱାମୀଙ୍କର ମୁଖ ଦର୍ଶନ କରିବି କେମିତି ?

ମାୟା ପ୍ରଶ୍ନ କଲା — ''ସମ୍ଭବ କ'ଣ ପ୍ରାତକାମୀ ?'' ଦୂତ ପ୍ରାତକାମୀ ଶୀତଳ କଣ୍ଠରେ କହିଲା — ''ରାଜା ଦୁର୍ଯ୍ୟୋଧନଙ୍କର ହୁକୁମ — ରାଜରାଣୀ ଯାଜ୍ଞସେନୀ ସଭାଗୃହରେ ଉପସ୍ଥିତ ହେବେ —''

ମାୟା ଚପଳ କଣ୍ଠରେ କହିଲା — ''ମୁଁ ଠିକ୍ କହୁଥିଲି ନା — ସେମାନେ ନିଶ୍ଚୟ ତମକୁ ଥରେ ମାତ୍ର ଦେଖିବା ପାଇଁ ଘୃହିଁବେ ।''

ମୋ ଦେହରେ ନିଆଁ ଲାଗିଗଲା । ମୁଁ ଶାଣିତ କଣ୍ଠରେ କହିଲି — ''ରାଜା ଦୁର୍ଯ୍ୟୋଧନ ହୁକୁମ କରିବାକୁ କିଏ ? ମୁଁ ତାଙ୍କର ପ୍ରଜା ନୁହେଁ । ସେ କ'ଣ ଏତେ ଶୀଘ୍ର ଭୁଲିଗଲେ ଯେ ମୋର ସ୍ୱାମୀ ଯୁଧିଷ୍ଠିର ରାଜଚକ୍ରବର୍ତ୍ତୀ —'' ମୋର କଥା ଶେଷ ହୋଇନାହିଁ, ପ୍ରାତକାମୀ ମୋ ମୁଣ୍ଡରେ ବଜ୍ରାଘାତ କରିବା ଭଳି ଗମ୍ଭୀର ସ୍ୱରରେ କହିଲା— ''ରାଜା ଯୁଧିଷ୍ଠିର ନିଜର ସମସ୍ତ ସ୍ଥାବର, ଜଙ୍ଗମ, ସମ୍ପତ୍ତି, ଦାସ ଦାସୀ, ଭାଇବନ୍ଧୁ ଏବଂ ନିଜର ଆତ୍ମାକୁ ପଣରଖି ହାରି ସାରିବା ପରେ ଶେଷ ସମ୍ବଳ ନିଜର ପତ୍ନୀ ରାଜରାଣୀ କୃଷ୍ଣାଙ୍କୁ ପଣରଖି ଦ୍ୟୂତକ୍ରୀଡ଼ାରେ ହାରିଯାଇଛନ୍ତି । ତେଣୁ ରାଜରାଣୀ କୃଷ୍ଣା ବର୍ତ୍ତମାନ କୌରବମାନଙ୍କର କ୍ରୀତଦାସୀ । ରାଜା ଦୁର୍ଯ୍ୟୋଧନଙ୍କର ଆଦେଶ—''

ପ୍ରାତକାମୀର ମୁଖ ଦର୍ଶନ କରିବି ନାହିଁ ବୋଲି ଅନ୍ତରାଳରେ ଥିଲେ ମଧ୍ୟ ଇଚ୍ଛା ହେଉଥାଏ ଥରେ ତାକୁ ଘୃହିଁଦେଇ ମୋର କ୍ରୋଧାଗ୍ନିରେ ଭସ୍ମ କରିଦେବି । ତା'ର ଏତେ ସ୍ପର୍ଦ୍ଧା ? ମାତ୍ର ତା'ର ଦୋଷ କ'ଣ ? ସେ ତ ଜଣେ ଆଜ୍ଞାବହ ଦାସ ମାତ୍ର ।

ସ୍ଥିର କଣ୍ଠରେ କହିଲି — ''ଯାଅ ପ୍ରାତକାମୀ, ମୋ ସ୍ୱାମୀଙ୍କଠାରୁ ବୁଝିଆସ, ସେ ନିଜକୁ ଆଗ ହାରିଛନ୍ତି ନା — ଆଗ ହାରିଛନ୍ତି ମତେ । ଏ ଉତ୍ତର ନ ପାଇଲେ ମୁଁ ମୋ ସ୍ଥାନରୁ ଘୁଞ୍ଚିବି ନାହିଁ ।'' ସନ୍ତର୍ପଣରେ ଫେରିଗଲା ପ୍ରାତକାମୀ । ମୁଁ ସ୍ତବ୍ଧ ବିମୂଢ଼ ହୋଇ ଠିଆ ହୋଇଥାଏ । ଭାବୁଥାଏ, ଯୁଧିଷ୍ଠିରଙ୍କର ଏ କି ରୀତି ? ନିଜ ସ୍ତ୍ରୀକୁ ପଣ ରଖି କେହି ପାଷାଣ୍ଡ ବର୍ବର ମଧ୍ୟ ପଶା ଖେଳେ ? ଏପରି ନିନ୍ଦନୀୟ କାଣ୍ଡ ପୃଥିବୀରେ କେହି କେବେ କରିଛି ?

Digitized by srujanika@gmail.com

ମୋର ଦୁଃଖକୁ ଦ୍ୱିଗୁଣିତ କରି ମାଯା କହିଲା — "ହାଯ, କ'ଣ ଭାବୁଥିବେ ବୀର କର୍ଣ୍ଣ ଏବଂ ଅନ୍ୟ ରାଜପୁତ୍ରମାନେ ? ଏଇ ଯୁଧିଷ୍ଠିରଙ୍କର ପତ୍ନୀପ୍ରେମ ? ଶତ୍ରୁମାନଙ୍କ ଆଗରେ ପାଞ୍ଚାଳନନ୍ଦିନୀଙ୍କୁ କେତେ ଛୋଟ କରିଦେଲେ ?" ଆଖିକୁ ଲୁହ ଆସିଯାଉଥାଏ। ଅଥଚ ଅତ୍ୟଧିକ କ୍ରୋଧ ଓ ଉତ୍ତେଜନାରେ ଲୁହ ସବୁ ଶୁଷ୍କ ହୋଇଯାଉଥାଏ ।

ପ୍ରାତକାମୀ ପୁଣି ଫେରିଆସିଲା । ବିନମ୍ର କଣ୍ଠରେ କହିଲା — "ରାଜା ଦୁର୍ଯ୍ୟୋଧନଙ୍କର ଆଦେଶ ଆପଣ ସଭାଗୃହକୁ ଆସିବେ । ସର୍ବସମକ୍ଷରେ ଆପଣ ସ୍ୱାମୀମାନଙ୍କୁ ପ୍ରଶ୍ନ ପଗ୍ଧରିବେ । ଆପଣମାନଙ୍କର ପ୍ରଶ୍ନୋତ୍ତର ଶୁଣିବା ପାଇଁ କୌରବମାନଙ୍କ ସମେତ ଅନ୍ୟ ରାଜାମାନେ ଆଗ୍ରହରେ ଅପେକ୍ଷା କରିଛନ୍ତି ।"

ମନକୁ ପଥର କରିଦେଲି । ସ୍ଥିର ଅଥଚ ଦୃଢ଼ ସ୍ୱରରେ କହିଲି — "ଯାଅ ପ୍ରାତକାମୀ, ମୋର ଶ୍ୱଶୁର ଓ ଗୁରୁଜନମାନଙ୍କୁ ପଗ୍ଧର — ସେମାନଙ୍କର ମତ କ'ଣ, ସେମାନଙ୍କର ଆଦେଶ ମୋର ଶିରୋଧାର୍ଯ୍ୟ । ଶୁଣ, ଦୁର୍ଯ୍ୟୋଧନ ମୋର ପ୍ରଭୁ ନୁହେଁ । ତା'ର ଆଦେଶରେ ମୁଁ ସଭାଗୃହରେ ଉପସ୍ଥିତ ହୋଇପାରିବିନି । ମୋର ସ୍ୱାମୀ ଏଥିପାଇଁ ଅନୁମତି ଦେଇଛନ୍ତି କି ?"

ମୁଣ୍ଡ ଝୁଙ୍କାଇ ଅତି ଦୁଃଖରେ ଫେରିଗଲା ପ୍ରାତକାମୀ । ମୁଁ କିଛି ଚିନ୍ତା କରିପାରୁନଥାଏ । କେବଳ ସ୍ୱୟମ୍ବର ସଭାର ଦୃଶ୍ୟ ମୋର ସ୍ମରଣ ହେଉଥାଏ । ଯେଉଁ ରାଜପୁତ୍ରମାନଙ୍କ ସମକ୍ଷରେ ଅତି ଗର୍ବର ସହିତ ମୁଁ ବୀର କର୍ଣ୍ଣଙ୍କୁ ପ୍ରତ୍ୟାଖ୍ୟାନ କରି ବୀରଶ୍ରେଷ୍ଠ ଅର୍ଜୁନଙ୍କ ଗଳାରେ ବରଣମାଳା ଦେଇଥିଲି, ଆଜି ସେଇମାନଙ୍କ ସମକ୍ଷରେ ମୁଁ — ରାଜଚକ୍ରବର୍ତ୍ତୀ ଯୁଧିଷ୍ଠିରଙ୍କର ରାଣୀ, ପଞ୍ଚପାଣ୍ଡବଙ୍କର ପ୍ରାଣପ୍ରିୟା ଦ୍ରୌପଦୀ, ଇନ୍ଦ୍ରପ୍ରସ୍ଥର ପାଟମହିଷୀ, ପାଞ୍ଚାଳ ଦେଶର ରାଜକନ୍ୟା, ଧୃଷ୍ଟଦ୍ୟୁମ୍ନଙ୍କ ପ୍ରାଣାଧିକା ଭଗ୍ନୀ, ଭରତ ବଂଶର କୁଳବଧୂ ଏବଂ ପୂର୍ଣ୍ଣପୁରୁଷ କୃଷ୍ଣ ବାସୁଦେବଙ୍କର ସଖୀ ଏକ ବସ୍ତ୍ରପରିହିତା ହୋଇ ରଜସ୍ୱଳା ଅବସ୍ଥାରେ ଅସହାୟା ଭାଗ୍ୟହୀନା ନାରୀ-ଭଳି ସର୍ବସମକ୍ଷରେ ସଭାଗୃହରେ ଉପସ୍ଥିତ ହେବି ! ଏକଥା ମୋର ସ୍ୱାମୀମାନେ, ବିଶେଷକରି ଅର୍ଜୁନ ଏବଂ ଭୀମ ସହ୍ୟ କରିବେ ! ଏ ଅପମାନ ମୁଁ ସହ୍ୟକରି ଜୀବନ ଧରିବି ?

ଦୁଃଖ ଏବଂ କ୍ରୋଧରେ ଭାବୁଥାଏ, ନାରୀ କ'ଣ ପୁରୁଷର ସ୍ଥାବର ଜଙ୍ଗମ ସମ୍ପତ୍ତିର ଅନ୍ତର୍ଭୁକ୍ତ ? ମୁଁ କ'ଣ ଯୁଧିଷ୍ଠିରଙ୍କର ସମସ୍ତ ସ୍ଥାବର ଜଙ୍ଗମ ସମ୍ପତ୍ତି, ଦାସ ଦାସୀ, ହାତୀ ଘୋଡ଼ା ଭିତରେ ଜଣେ ? ମୁଁ ନାରୀ ବୋଲି ମୋର କ'ଣ କିଛି ନିଜସ୍ୱ ସତ୍ତା ନାହିଁ ? ମୋର ଆତ୍ମା ଉପରେ ମୋର ମଧ୍ୟ ଅଧିକାର ନାହିଁ ? ମୋର ଏ

Digitized by srujanika@gmail.com

ଦେହଟା ଉପରେ ତାଙ୍କର ଅଧିକାର ବୋଲି ସେ ତାକୁ ନେଇ ଯାହା ଇଚ୍ଛା ତା କରିପାରିବେ ?

ମତେ ଚତୁର୍ଦ୍ଦିଗ ଅନ୍ଧକାର ଦିଶୁଛି । ଏତିକିବେଳେ ନିତମ୍ବିନୀ ନିଃଶବ୍ଦରେ ମୋ ସମ୍ମୁଖରେ ଉପସ୍ଥିତ ହେଲା । ନତମୁଖରେ — ଦୁଃଖଭରା ସ୍ୱରରେ ଚୁପ୍ ଚୁପ୍ କରି ସେ କହିଲା — ''ସଖି, ତମର ସ୍ୱାମୀ ଯୁଧିଷ୍ଠିରଙ୍କଠାରୁ ନିର୍ଦ୍ଦେଶ ଆସିଛି, ତମେ ଏକବସ୍ତ୍ର ପରିଧାନ କରି କାନ୍ଦି କାନ୍ଦି ତମ ଶ୍ୱଶୁରଙ୍କ ସମ୍ମୁଖରେ ଉପସ୍ଥିତ ହେବ । ତମେ ରାଜସ୍ୱଳା ଏକଥା ଜାଣିବା ପରେ ସେ ନିଶ୍ଚୟ ତମର ସୁରକ୍ଷା ଓ ସମ୍ମାନ ପ୍ରତି ଦୃଷ୍ଟିଦେବେ ।'' ଅତ୍ୟଧିକ ରାଗ ଓ ଘୃଣାରେ ପ୍ରଜ୍ୱଳିତା ହୋଇ ଚିତ୍କାର କଲି — ''ମୋ ସମ୍ମୁଖରୁ ବାହାରିଯା' ନିତମ୍ବିନୀ ! ତୋର ମୁହଁ ସୁଦ୍ଧା ଦେଖିବାକୁ ମୁଁ ଘୃଣାକରେ । ଏଭଳି ଏକ ସମ୍ବାଦ ତୁ ପୁଣି ମତେ ଆଣିଦେବାକୁ ସାହସ କଲୁ ?''

ଅଗ୍ନିଶିଖା ଭଳି ମୋର ଚକ୍ଷୁ, ମୋର ଶରୀର, ମୋର ସମସ୍ତ ଜୀବକୋଷ ଜଳି ଉଠୁଥାଏ । ଯୁଧିଷ୍ଠିରଙ୍କ ଉପରେ ରାଗ ଓ କ୍ଷୋଭ ସହଚରୀ ଉପରେ ସୁଟ୍ଟାଇ ଦେଇ ମୁଁ ନିଜକୁ ଶକ୍ତକରି ଧରି ରଖିବା ପାଇଁ ଚେଷ୍ଟା କରୁଥାଏ ।

ଠିକ୍ ଏତିକିବେଳେ ଅଟ୍ଟହାସ୍ୟ କରି ଦୁଃଶାସନ ମୋ ସମ୍ମୁଖରେ ଆସି ଠିଆ ହୋଇଗଲା । ମୁଁ ଲଜ୍ଜାରେ ଅନ୍ତରାଳକୁ ଘୁଞ୍ଚିଗଲି । ମାତ୍ର ସେ ନିର୍ଲଜଙ୍କ ଭଳି ମୋ ଆଡ଼କୁ ମାଡ଼ିଆସି କହିଲା — ''ଆସ ସୁନ୍ଦରି, ତମେ ବର୍ତ୍ତମାନ ଆମ ସମ୍ପତ୍ତିର ଅନ୍ତର୍ଭୁକ୍ତ । ରଖ ତମର ସଂଭ୍ରମ, ଲଜ୍ଜା, ସଙ୍କୋଚ । ପଞ୍ଚସ୍ୱାମୀଙ୍କୁ ଭୁଲିଯାଅ । ଦୁର୍ଯ୍ୟୋଧନ ଏବଂ ଆମ ଶହେଭାଇଙ୍କୁ ପ୍ରଭୁ ଭାବରେ ଗ୍ରହଣ କରିନିଅ । ଦେଖିବ ବିପତ୍ତିରେ କେବେ ଆଉ ପଡ଼ିବ ନାହିଁ !''

ଲଜ୍ଜା, ଦୁଃଖ, ଭୟ, ଘୃଣାରେ, ଦୁଃଶାସନର ପାପଚକ୍ଷୁ ମୋ ମୁଖଦର୍ଶନ ପୂର୍ବରୁ ମୁଁ ଦୁଇହାତରେ ମୁହଁ ଘୋଡ଼ାଇ ପକାଇଲି । ଦୁଃଶାସନ ନିଷ୍ଠୁର ଦାନବଭଳି ଲାଳସାପୂର୍ଣ୍ଣ ରକ୍ତଚକ୍ଷୁରେ ମତେ ଗ୍ରହିଁ ମୋ ଆଡ଼କୁ ଅଗ୍ରସର ହେଉଛି ବୋଲି ଅନୁଭବ କରିବାମାତ୍ରେ ମୁଁ ପଛଦ୍ୱାର ଦେଇ ଉଆସର ରାଣୀହଂସପୁର ଆଡ଼େ ଦୌଡ଼ିବାକୁ ଲାଗିଲି । କାଳେ ଶାଶୁ ଗାନ୍ଧାରୀଙ୍କ ପାଦତଳେ ଲଜ୍ଜା ନିବାରଣ ପାଇଁ ଆଶ୍ରା ମିଳିଯିବ, ଅଥବା ଭଗ୍ନୀ ସଦୃଶ ମୋର ଯାଆ ଭାନୁମତୀ ଏବଂ ଅନ୍ୟ ରାଣୀମାନଙ୍କ ପଣତ ଉଡ଼ାଳରେ ଛପି ଯିବାର ସୁଯୋଗ ମିଳିଯିବ ! ମାତ୍ର ସମସ୍ତଙ୍କର ଦ୍ୱାରରୁଦ୍ଧ ।

ମୁଁ ଦ୍ୱାରଦେଶରେ ପହଞ୍ଚି ଚିତ୍କାର କରି ଦୁଃଖ ଜଣାଇବା ପୂର୍ବରୁ ଦୁଃଶାସନ ତାର ବଳିଷ୍ଠ ଲୋମଶ ହସ୍ତ ବଢ଼ାଇ ମୋର ଦୀର୍ଘ କୁଞ୍ଚିତ ଘନନୀଳ କେଶ ଆକର୍ଷଣ କରି ମତେ ତା' ପାଖକୁ ଟାଣିନେଲା ।

Digitized by srujanika@gmail.com

ମୁଁ ଅସହାୟ ଛିନ୍ନମୂଳ ଲତାଭଳି ନିଶ୍ଚେଷ୍ଟ ହୋଇପଡ଼ିଥାଏ । ଦୁଃଶାସନ ମୋର କେଶଧରି ଅରଣ୍ୟ ବୃଷଭ ଛିନ୍ନମୂଳ ଲତାକୁ ଘୋଷାରି ଘୋଷାରି ନେଲାଭଳି ମତେ ନେଇ ସଭାଗୃହରେ ଉପସ୍ଥିତ ହେଲା । ମୁଁ ମୋର ଏକମାତ୍ର ପରିଧାନଟିକୁ ବହୁ କଷ୍ଟରେ ମୋର ବକ୍ଷଦେଶ ଏବଂ ଶରୀରରେ ଗୁଡ଼ାଇ ଧରିବାକୁ ଚେଷ୍ଟା କରୁଥାଏ । ମୋର ମଥାରୁ ଓଢ଼ଣୀ ଖସିପଡ଼ିଥାଏ । ମୋର ମୁଖ, ଗ୍ରୀବା, ବାହୁ ଉନ୍ମୁକ୍ତ । ମୋର କେଶ ଖେଳେଇ ହୋଇ ପଡ଼ିଥାଏ ପୃଷ୍ଠଦେଶରେ, ଦୟାପରବଶ ହୋଇ ମୋର ଉନ୍ମୁକ୍ତ ପୃଷ୍ଠଦେଶକୁ ଲକ୍ଷେ ଲୋଲୁପ ଦୃଷ୍ଟିପଥରୁ ଘୋଡ଼େଇ ରଖିଥାଏ । ବାତ୍ୟା ଆନ୍ଦୋଳିତ ଲତାପରି ମୋର ସମଗ୍ର ଶରୀର ଦୁଃଖ, ଉତ୍ତେଜନା, ଭୟ ଓ ଲଜ୍ଜାରେ ଥର ଥର କମ୍ପୁଥାଏ । ଏପରିକି ମୋର ନାସାଗ୍ରର ହୀରାଫୁଲଟି ଦୂର ଆକାଶର ନକ୍ଷତ୍ର ଭଳି ଥରି ଥରି ଉଠୁଥାଏ ।

ସଭାସ୍ଥଳରେ ମତେ ଠିଆ କରିଦେବା ପରେ ମଧ୍ୟ ସେ ମୋର ଦୀର୍ଘ କେଶକୁ ଝିଙ୍କି ଝିଙ୍କି ମଜା ଦେଖୁଥାଏ । ସତେକି ମୁଁ ଏକ ପ୍ରାଣହୀନ ପ୍ରତିମା । ମୋର ଅନୁଭବ ନାହିଁ, ଦୁଃଖ ନାହିଁ, ଆବେଗ, ଉତ୍ତେଜନା କିଛି ନାହିଁ ।

ଲଜ୍ଜା ସଙ୍କୋଚ ଭୁଲି ଦୁଇ ହାତ ଯୋଡ଼ି ମୁଁ କହୁଥାଏ — "ମତେ ଏକାନ୍ତରେ ରହିବାକୁ ଦିଅ — ମୁଁ ଏକବସ୍ତ୍ରା, ମୁଁ ରଜସ୍ୱଳା —"

ଅଟ୍ଟହାସ୍ୟ କରି ଦୁଃଶାସନ କହିଲା — "ତମେ ଯେମିତି ଅବସ୍ଥାରେ ବି ଥାଅ, ଯାହା ବା ପରିଧାନ କରିଥାଅ, ନଚେତ୍ ବିବସ୍ତ୍ରା ବି ଥାଅ, ଆମର ଯାଏ ଆସେ କ'ଣ ? ତମେ ତ ଆମ ପାଖରେ ସାମାନ୍ୟ ଜଣେ କ୍ରୀତଦାସୀ !"

ମୋର ଦୁଃଖ ଓ ଲଜ୍ଜାକୁ ଲୁଚ୍ଛାଇବା ପାଇଁ ମୋର ଦୀର୍ଘ ନୀଳକେଶ ପୁଣିଥରେ ସଦୟ ହୋଇ ମୋର ମୁଖ ଓ ବକ୍ଷଦେଶକୁ ଘୋଡ଼ାଇ ପକାଉଥାଏ । ଦୁଃଶାସନର ବର୍ବରୋଚିତ ବ୍ୟବହାରରେ ମୋର ବସ୍ତ୍ର ଖଣ୍ଡିକ ବିପର୍ଯ୍ୟସ୍ତ ହେଉଥାଏ । ମୁଁ ବହୁକଷ୍ଟରେ ଦୁଇହାତକୁ ବକ୍ଷଦେଶରେ ଜଡ଼ାଇ ଧରି ମୋର ଲଜ୍ଜା ରକ୍ଷା କରିବା ପାଇଁ ସଖା କୃଷ୍ଣଙ୍କୁ ମନେ ମନେ ପ୍ରାର୍ଥନା କରୁଥାଏ । ପ୍ରକୃତରେ ଏ ଅବସ୍ଥାରେ କୃଷ୍ଣଙ୍କ ଛଡ଼ା ମୋର ସହାୟ କିଏ ହେବ ?

ଏଇତ, ମୋ ସମ୍ମୁଖରେ ମୋର ବୀରପୁଙ୍ଗବ କ୍ଷତ୍ରିୟ ସନ୍ତାନ ପଞ୍ଚସ୍ୱାମୀ ନୀରବରେ ଅପରାଧୀଭଳି ବସିଛନ୍ତି । ଚକ୍ଷୁ ସମ୍ମୁଖରେ ପତ୍ନୀର ଲାଞ୍ଛନା ଦେଖି ମଧ୍ୟ ସେମାନେ ନୀରବ, ନିରୁପାୟ । ଅନ୍ୟପାର୍ଶ୍ୱରେ ବସିଛନ୍ତି ମୋ ପୂଜ୍ୟ ଶ୍ୱଶୁର । ଚକ୍ଷୁହୀନ ହେଲେ ମଧ୍ୟ ସେ ମୋର କ୍ରନ୍ଦନ ଶୁଣିପାରୁଛନ୍ତି, ମୋର ଅସହାୟତା ବୁଝିପାରୁଛନ୍ତି ।

Digitized by srujanika@gmail.com

ପିତାମହ ଭୀଷ୍ମ — ଜ୍ଞାନବନ୍ତ, ବୀର, ଆଜନ୍ମ ବ୍ରହ୍ମଚାରୀ । ସେ ମଧ୍ୟ ନୀରବ ଦର୍ଶକ । ଗୁରୁ ଦ୍ରୋଣାଚାର୍ଯ୍ୟ, କୃପାଚାର୍ଯ୍ୟ ମଧ୍ୟ ନୀରବ । ମୋର ଏ ଅବସ୍ଥା ଦେଖି ବୀର କର୍ଣ୍ଣ ଏକ ନିଷ୍ଠୁର ପ୍ରତିଶୋଧଭରା ଉଲ୍ଲାସରେ ଆତ୍ମସନ୍ତୋଷ ଲାଭ କରୁଛନ୍ତି ଓ ମତେ ବିଦ୍ରୂପଭରା ତୀର୍ଯ୍ୟକ ଦୃଷ୍ଟିରେ ଘୃହୁଁଛନ୍ତି । ଉପସ୍ଥିତ ସଜ୍ଜନମଣ୍ଡଳୀ, ରାଜା ମହାରାଜାଗଣ ସମସ୍ତେ ନୀରବ । ତେଣୁ ମୋର ଆଜି କୃଷ୍ଣଙ୍କ ଛଡ଼ା ଅନ୍ୟ କେହି ସହାୟ ନାହିଁ ।

ଅଟ୍ଟହାସ୍ୟ କରି 'ଦାସୀ', 'ଦାସୀ', ଚିତ୍କାର କରି ଦୁଃଶାସନ ମୋର କେଶ ଆକର୍ଷଣ କରୁଛି । କର୍ଣ୍ଣ, ଶକୁନି, ଦୁର୍ଯ୍ୟୋଧନ — ତାକୁ ଉତ୍ସାହିତ କରୁଛନ୍ତି ।

ବିପଦ ଅପେକ୍ଷା ବିପଦର ଆଶଙ୍କା ମଣିଷକୁ ବେଶି ଭୟଭୀତ କରେ । ବିପଦର ସମ୍ମୁଖୀନ ହେବା ପରେ କେଉଁଠାରୁ ଏତେ ଶକ୍ତି ସାହସ ଆସିଯାଏ କେଜାଣି ?

ମୁଁ ହାତଯୋଡ଼ି ଗୁରୁଜନମାନଙ୍କୁ ଘୃହିଁଲି । ଆଖିରୁ ଧାର ଧାର ଅଶ୍ରୁ ଝରି ଯାଉଥାଏ । ଲଜ୍ଜା, ସଂଭ୍ରମ ଛାଡ଼ି ନିର୍ଭୀକ ଭାବରେ ପ୍ରଶ୍ନକଲି — ''ଏହି ସଭାସ୍ଥଳରେ ମୋର ଗୁରୁଜନମାନେ ଉପସ୍ଥିତ ଅଛନ୍ତି । ଆର୍ଯ୍ୟାବର୍ତ୍ତର ସମସ୍ତ ଜ୍ଞାନୀ, ଗୁଣୀ, ବୀରପୁରୁଷମାନେ ଅଛନ୍ତି । ମୋର ଏପରି ଅବସ୍ଥାରେ ମତେ ସଭାସ୍ଥଳରେ ଭରପୁର ପୁରୁଷମାନଙ୍କ ଚକ୍ଷୁ ସମ୍ମୁଖରେ କେଶ ଆକର୍ଷଣ କରି ଲାଞ୍ଛିତ କରିବା ଲଜ୍ଜାଜନକ ନୁହେଁ କି ? ଏହା କ'ଣ କୁରୁମାନଙ୍କର ଧର୍ମ ? ସମସ୍ତେ ନୀରବ କାହିଁକି ? ମୋ ପ୍ରଶ୍ନର ଉତ୍ତର ଦେବାପାଇଁ ଏ ସଭାସ୍ଥଳରେ କ'ଣ କେହି ନାହାନ୍ତି ?''

ସମସ୍ତେ ସ୍ତବ୍ଧ ହୋଇଗଲେ । ସଭାସ୍ଥଳର ମୃଦୁଗୁଞ୍ଜନ ସ୍ଥିର ହୋଇ ରହିଗଲା । ଜଣେ ନାରୀ ପୁଣି ଗୁରୁଜନମାନଙ୍କୁ ଦୃଢ଼ତାର ସହ ଏପରି କୈଫିୟତ ମାଗିବାର ଆସ୍ପର୍ଦ୍ଧା କରିପାରେ, ଏକଥା କେହି ବିଶ୍ୱାସ ବି କରିନଥିଲେ ।

ଶକୁନି କର୍ଣ୍ଣଙ୍କ କାନରେ କହିଲା — ''ବିଦୁଷୀ ହେବାକୁ ଚେଷ୍ଟା କରିବା ହେଉଛି ନାରୀର ସବୁଠୁ ବଡ଼ ଅପରାଧ । ବିଦ୍ୟାବତୀ ଏବଂ ଜ୍ଞାନବତୀ ହୋଇଥିବାରୁ ଯା'ର ଏ ଅବସ୍ଥା । ଏ ଯଦି କାନ୍ଦି କାନ୍ଦି ଆମମାନଙ୍କ ଗୋଡ଼ତଳେ ପଡ଼ି ମୁକ୍ତି ଭିକ୍ଷା କରିଥା'ନ୍ତା, ତେବେ ହୁଏତ ଏତେବଡ଼ ଅପମାନରୁ ରକ୍ଷା ପାଇଯାଇଥା'ନ୍ତା । ଜ୍ଞାନ ଏବଂ ଶକ୍ତି ଯେପରି ପୁରୁଷର ସୌନ୍ଦର୍ଯ୍ୟ ବୃଦ୍ଧି କରେ, ଅଜ୍ଞାନତା ଏବଂ ଅସହାୟତା ସେପରି ନାରୀର ଶୋଭାବର୍ଦ୍ଧନ କରେ । ଦ୍ରୌପଦୀ କିନ୍ତୁ ଜ୍ଞାନ ଓ ବିଦ୍ୟାର ଅହଙ୍କାରରେ ବଳୀୟାନ ହୋଇ ପ୍ରଜ୍ୱଳିତ ଅଗ୍ନିଶିଖା ଭଳି ଦପ୍‌ଦପ୍ ଜଳୁଛି । ଯା'କୁ କ'ଣ କେହି ଦୟା କରିପାରେ ?''

Digitized by srujanika@gmail.com

ମୁଁ ପୁନର୍ବାର କହିଲି — "ମୁଁ ଏଠାରେ କାହାରି ଦୟା ଭିକ୍ଷା କରୁନାହିଁ । ମୁଁ ନ୍ୟାୟଭିକ୍ଷା କରୁଛି । ନାଗୀର ସମ୍ମାନ ରକ୍ଷା ରାଜାର ଧର୍ମ । ନିଜ ବଂଶର କୁଳବଧୂକୁ ସଭାସ୍ଥଳରେ ଅମର୍ଯ୍ୟାଦା କରିବା କ'ଣ କୁରୁରାଜାର ଧର୍ମ ? ମୁଁ ଜାଣିବାକୁ ଗ୍ୱହେଁ ମୋର ସ୍ୱାମୀ ନିଜକୁ ହାରିସାରିବା ପରେ ମତେ ପଣ ରଖିବା ନ୍ୟାୟସଙ୍ଗତ କି ?" ସମସ୍ତେ ପୁନର୍ବାର ନୀରବ । ଏଥର ପିତାମହ ଭୀଷ୍ମ ଅତ୍ୟନ୍ତ ଶାନ୍ତ କଣ୍ଠରେ କହିଲେ— "ସୁଚରିତାସୁ ! ପରଧନକୁ ପଣ ରଖିବା ପାଇଁ ପରାଧୀନ ବ୍ୟକ୍ତିର ଅଧିକାର ନଥାଏ, କିନ୍ତୁ ସ୍ତ୍ରୀ ସବୁ ସମୟରେ ସ୍ୱାମୀର ଅଧୀନ । ତେଣୁ ଯୁଧିଷ୍ଠିର ନିଜକୁ ହାରିବା ପରେ ତୁମକୁ ପଣ ରଖିପାରିବେ କି ନା, ଏହି ବିଗ୍ୱର ଦ୍ୱନ୍ଦ୍ୱର ଯଥାର୍ଥ ଉତ୍ତର ବର୍ତ୍ତମାନ ତମକୁ ମୁଁ ଦେବାପାଇଁ ଅସମର୍ଥ କଲ୍ୟାଣୀ । ଧର୍ମନୀତି ଅତ୍ୟନ୍ତ ସୂକ୍ଷ୍ମ । ଧର୍ମକୁ ବ୍ୟାଖ୍ୟା କରିବା ସହଜ ବ୍ୟାପାର ନୁହେଁ । ଯୁଧିଷ୍ଠିରଙ୍କର ଧର୍ମ ହିଁ ପ୍ରାଣ । ସେ ତମର ସ୍ୱାମୀ । ତମ ପ୍ରତି ଏହି ଦୁଃସହ ଲାଞ୍ଛନାକୁ ସେ ଯେତେବେଳେ ନୀରବରେ ବରଦାସ୍ତ କରୁଛନ୍ତି, ଭୀମ, ଅର୍ଜୁନ, ନକୁଳ, ସହଦେବ ସ୍ୱାମୀମାନେ ତମର ଲାଞ୍ଛନାକୁ ଯେତେବେଳେ ନିର୍ବିକାରରେ ଉପେକ୍ଷା କରି ସଭାସ୍ଥଳରେ ଦର୍ଶକ ହୋଇ ବସିରହିଛନ୍ତି, ସେତେବେଳେ କୁରୁମାନଙ୍କର ଧର୍ମ ସମ୍ପର୍କରେ କି ଉତ୍ତର ତୁମକୁ ମୁଁ ଦେବି ? ତେଣୁ ତମ ପ୍ରଶ୍ନର ଉତ୍ତର ଦେବା ପାଇଁ ମୁଁ ଇଚ୍ଛା କରୁନାହିଁ ।"

ପିତାମହ ଭୀଷ୍ମଙ୍କର ଏ ଶୀତଳ ନିଷ୍ଠୁର ବାଣୀ ମୋର ଶେଷ ଆଶା ଟିକକ ଧୂଳିସାତ୍ କରିଦେଲା ।

ମୁଁ କ୍ରୋଧ ସମ୍ବରଣ କରି କହିଲି — "ମୋର ସ୍ୱାମୀ ଯୁଧିଷ୍ଠିର କେବଳ ଧର୍ମାନନ୍ଦ ନୁହନ୍ତି, ସେ ଅତ୍ୟନ୍ତ ସରଳ ଓ ସାଧୁ ପ୍ରକୃତିର । ତାଙ୍କ ସରଳତାର ସୁଯୋଗ ନେଇ ଦୁରାତ୍ମାମାନେ ତାଙ୍କୁ ଅନ୍ୟାୟ ଖେଳରେ ପରାଜିତ କରିଛନ୍ତି । ରାଜା ସଙ୍ଗେ ରାଜା ହିଁ ଖେଳିବାର କଥା । ମାତ୍ର କପଟୀ ଶକୁନି ଦୁର୍ଯ୍ୟୋଧନଙ୍କ ପାଇଁ ଖେଳିଛନ୍ତି । ଦ୍ୟୂତକ୍ରୀଡ଼ାରେ କା' ଚଳେନାହିଁ । ଏସବୁ ଜାଣିବା ପରେ ମୋର ଗୁରୁସ୍ଥାନୀୟ ମହାତ୍ମାମାନେ କ'ଣ ଭାବୁଛନ୍ତି, ମୁଁ ବର୍ତ୍ତମାନ କୌରବମାନଙ୍କର କ୍ରୀତଦାସୀ ବୋଲି ?"

ମୋ ପ୍ରଶ୍ନର ଉତ୍ତର ପାଇଲି ନାହିଁ । ଦୁଃଶାସନ ପୁନର୍ବାର ମୋର କେଶ ଆକର୍ଷଣ କରି ଗର୍ଜିଉଠିଲା — "ବାକ୍ୟାଳାପ ବନ୍ଦକର ସୁନ୍ଦରି ! ସୁନ୍ଦରୀମାନଙ୍କ ମୁହଁରେ ତାତ୍ତ୍ୱିକ ଆଲୋଚନା ଶୋଭାପାଏ ନାହିଁ । ବର୍ତ୍ତମାନଠାରୁ ଆମ ଇଚ୍ଛାରେ ଗ୍ୱଳିତ ହେଲେ ତମର ମଙ୍ଗଳ ହେବ ।"

ମୁଁ ଅତ୍ୟନ୍ତ ଅସହାୟ ଦୃଷ୍ଟିରେ ସମସ୍ତଙ୍କୁ ଗ୍ୱହିଁଲି । ଅଶ୍ରୁଭରାରେ ସବୁ ଅସ୍ପଷ୍ଟ ହୋଇଯାଉଥାଏ । ମୋ ସ୍ୱାମୀମାନଙ୍କ ଆଡ଼କୁ ଗ୍ୱହିଁବା ପାଇଁ ସୁଦ୍ଧା ଇଚ୍ଛା ହେଲା ନାହିଁ ।

Digitized by srujanika@gmail.com

ମୋର ଅସହାୟ ଅବସ୍ଥା ଓ ଅଶୁଭାରରେ ଅସ୍ଥିର ହୋଇ ଭୀମ କ୍ରୋଧାନ୍ୱିତ ହୋଇ କହିଲେ — ''କୌଣସି ପୁରୁଷ ନିଜର ରକ୍ଷିତା, ଦାସୀ କିମ୍ବା ଦେହଜୀବୀ ନାରୀକୁ ମଧ୍ୟ ପଣ ରଖି ଦ୍ୟୂତକ୍ରୀଡ଼ା କରିବାର ଦୃଷ୍ଟାନ୍ତ ତ୍ରିଭୁବନରେ ଇତିହାସରେ ଶୁଣାନାହିଁ । ଯୁଧିଷ୍ଠିର ଯେତେବେଳେ ଆମ ଗ୍ରିଭାଇଙ୍କୁ ପଣରଖି ହାରିଗଲେ, ସେତେବେଳେ ମୁଁ ଚୁପ୍ ରହିଛି । କିନ୍ତୁ ଆମମାନଙ୍କ ସ୍ତ୍ରୀ ଦ୍ରୌପଦୀକୁ ପଣ ରଖି ଖେଳିବାର ଅପରାଧକୁ ମୁଁ କ୍ଷମା କରି ନପାରେ । ଦ୍ରୌପଦୀ କି ଅପରାଧରୁ ଏ ଲାଞ୍ଛନା ସହିବେ ? ଯେଉଁ ହାତ ପଶା ଖେଳି ଦ୍ରୌପଦୀଙ୍କୁ ହାରିଛି, ମୁଁ ସେ ହାତକୁ ଅଗ୍ନିରେ ପୋଡ଼ି ଭସ୍ମସାତ୍ କରିଦେବାକୁ ଗ୍ରହେଁ । ସହଦେବ ! ଅଗ୍ନିର ବ୍ୟବସ୍ଥା କର'' — ଫାଲ୍‌ଗୁନି ମୋ ପାଇଁ ଯେ ଦୁଃଖିତ ନୁହନ୍ତି, ତା' ନୁହେଁ; କିନ୍ତୁ ଏତେବଡ଼ ସଭାସ୍ଥଳରେ ପିତୃବତ୍ ବଡ଼ଭାଇଙ୍କର ଅପମାନକୁ ସେ ଉତ୍ସାହିତ କରିବେ କିପରି ? ଶାନ୍ତ ସ୍ୱରରେ ସେ କହିଲେ — ''ଭୀମ, ତୁମର କ'ଣ ମତିଭ୍ରମ ହେଲା ? ଯୁଧିଷ୍ଠିର ତମର ବଡ଼ଭାଇ, ପିତା ସମାନ । ଖେଳରେ ହାରଜିତ୍ ହୋଇଥାଏ । ସେଥିରେ କାହାରିକୁ ଦୋଷ ଦେଇହେବ ନାହିଁ ।''

ଅର୍ଜୁନଙ୍କର ମହାନତାରେ ସଭାସ୍ଥଳ ମହିମାନ୍ୱିତ ହୋଇଥିବ; କିନ୍ତୁ ତାଙ୍କର କୋମଳ ଶବ୍ଦ ମୋ ଦେହରେ ଛୁରୀ ଚଳାଇବା ଭଳି କ୍ରୋଧ ଓ ଯନ୍ତ୍ରଣା ଉପୁଜାଉଥାଏ । ମୁଁ ଭାବିଲି — ''ବାଃ, ପରମ୍ପରା ଓ ସଂସ୍କୃତି ପ୍ରତି କି ଗଭୀର ଶ୍ରଦ୍ଧା, ଆଉ ସମ୍ମାନ ! ଗୁରୁଜନଙ୍କୁ ନିନ୍ଦା କରିବା ପରମ୍ପରା ବିରୋଧୀ ବୋଲି ଅର୍ଜୁନ ଭୀମଙ୍କୁ ଉଚିତ୍ କଥାରେ ମଧ୍ୟ ଭର୍ତ୍ସନା କଲେ ଅଥଚ ସଭାସ୍ଥଳରେ ଇତର ଲୋକଙ୍କ ଦ୍ୱାରା ପତ୍ନୀର ଅପମାନ ଓ ଲାଞ୍ଛନାକୁ ନୀରବରେ ସହି ନେଉଛନ୍ତି ! ଏହା କ'ଣ ମହାଭାରତୀୟ ପରମ୍ପରା ଓ ସଂସ୍କୃତିର ପରିଘ୍ୟକ ? ଆର୍ଯ୍ୟକୁଳର ଏହାହିଁ କ'ଣ ରୀତି ?''

ଧୃତରାଷ୍ଟ୍ରଙ୍କର ଅନ୍ୟତମ ପୁତ୍ର ବିକର୍ଣ୍ଣ ଏତିକିବେଳେ ଈଶ୍ୱରପ୍ରେରିତ ଭଳି ମୋର ପକ୍ଷ ନେଇ କହିଲେ — ''ଦେବୀ ଯାଜ୍ଞସେନୀ ଯେଉଁ ପ୍ରଶ୍ନ ପଗ୍ରିଛନ୍ତି, ତା'ର ଉତ୍ତର ସେ ଏ ପର୍ଯ୍ୟନ୍ତ ପାଇନାହାନ୍ତି । ମୋ ମତରେ ଯାଜ୍ଞସେନୀ କୌରବଙ୍କର ଅଧୀନା ନୁହନ୍ତି । କାରଣ ଯାଜ୍ଞସେନୀ କେବଳ ଯୁଧିଷ୍ଠିରଙ୍କର ସ୍ତ୍ରୀ ନୁହନ୍ତି, ଅନ୍ୟ ଗ୍ରିଭାଇଙ୍କର ମଧ୍ୟ ତାଙ୍କ ଉପରେ ସମାନ ଅଧିକାର ରହିଛି । ଯୁଧିଷ୍ଠିର ଦ୍ରୌପଦୀଙ୍କୁ ପଣ ରଖିବେ କେଉଁ ନ୍ୟାୟ ବଳରେ ? ପୁଣି ଯୁଧିଷ୍ଠିର ନିଜେ ନିଜକୁ ହାରି ସାରିବା ପରେ ଦ୍ରୌପଦୀଙ୍କୁ ପଣ ରଖିଛନ୍ତି । ମୋ ମତରେ ଏହିସବୁ କାରଣରୁ ଦ୍ରୌପଦୀଙ୍କୁ କୌରବମାନେ ନ୍ୟାୟତଃ ଜୟ କରିନାହାନ୍ତି ।''

କର୍ଣ୍ଣ ହଠାତ୍ ଅସହିଷ୍ଣୁ ଭାବରେ ଠିଆ ହୋଇପଡ଼ିଲେ । ବିକର୍ଣ୍ଣଙ୍କୁ ଭର୍ତ୍ସନା କରି କହିଲେ — ''ବିକର୍ଣ୍ଣ, ପଛକଥା ସବୁ କ'ଣ ଭୁଲିଗଲଣି ? ଏହି ଯାଜ୍ଞସେନୀଙ୍କ ପାଇଁ ଏ

Digitized by srujanika@gmail.com

ସଭାସ୍ଥଳରେ ଉପସ୍ଥିତ ସମସ୍ତ ରାଜପୁତ୍ର କ'ଣ ଦିନେ ଅପମାନିତ ଓ ପରାସ୍ତ ହୋଇ ନଥିଲେ ? ଆଜି ତମର ଏତେ ଦରଦ କାହିଁକି ? ଯୁଧିଷ୍ଠିରଙ୍କର ଦ୍ରୌପଦୀଙ୍କ ଉପରେ ଯେତିକି ଅଧିକାର, ସେତିକିରେ ତାଙ୍କୁ ପଣ ରଖିବାରେ ଅନ୍ୟାୟ କିଛି ନାହିଁ । ତା'ଛଡ଼ା ତମେ ଯଦି ଭାବୁଥାଅ ନାରୀର ଲାଞ୍ଛନା ଅନ୍ୟାୟ ଓ ଧର୍ମବିରୋଧୀ, ତେବେ ଚିନ୍ତାକରି ଦେଖ ଏହି ନାରୀ କଣ ନ୍ୟାୟ ଓ ଧର୍ମର ବିରୋଧ କରିନାହାନ୍ତି ? ସ୍ୱୟମ୍ବରର ସର୍ତ୍ତ ଥିଲା ଲକ୍ଷ୍ୟଭେଦ, ଅର୍ଥାତ୍ ପୁରୁଷକାର, ଶୌର୍ଯ୍ୟ ଓ ସାମର୍ଥ୍ୟ । ସେଠାରେ ଜାତି, ଜନ୍ମ ଇତିହାସ ଏବଂ ବଂଶପରିଚୟର ପ୍ରଶ୍ନ ଉଠାଗଲା କାହିଁକି ? ତା' କ'ଣ ଅନ୍ୟାୟ ଓ ଧର୍ମରହିତ ନୁହେଁ ? ଯଦି ଫାଲ୍‌ଗୁନି ହିଁ ତାଙ୍କର ଅଭୀଷ୍ଟ ପୁରୁଷ ଥିଲେ, ତେବେ ସ୍ୱୟମ୍ବରର ପ୍ରହସନ କରି ସମସ୍ତ ରାଜପୁତ୍ରଙ୍କୁ ଅପମାନିତ ଓ ଲାଞ୍ଛିତ କରାଗଲା କାହିଁକି ? ସର୍ବଶେଷ କଥା ହେଉଛି ନାରୀର ସତୀତ୍ୱ — ସଂଭ୍ରମ, ଲଜ୍ଜାଶୀଳତା ଓ ଶାଳୀନତା । ଦେବତାମାନେ ଗୋଟିଏ ନାରୀ ପାଇଁ ଗୋଟିଏ ପୁରୁଷର ବିଧାନ କରିଥିବା ସ୍ଥଳେ ଏ ନାରୀ ପଞ୍ଚପତି ବରଣ କରି ନିଜର ଲଜ୍ଜା, ସଂଭ୍ରମ ଓ ନାରୀତ୍ୱକୁ ଜଳାଞ୍ଜଳି ଦେଇସାରିଛନ୍ତି । ସ୍ୱାମୀର ପ୍ରିୟସଖା ଗୋବିନ୍ଦଙ୍କ ସହ ତାଙ୍କର ପୁଣି ଅଭେଦ୍ୟ ପ୍ରୀତି । ଶୁଣିଛି ସେ ପ୍ରୀତିର କିଛି ପାର୍ଥିବ ସଂଜ୍ଞା ନାହିଁ । ତାହା ଅପାର୍ଥିବ, ସ୍ୱର୍ଗୀୟ ! ତେଣୁ ଯେଉଁ ନାରୀ ପଞ୍ଚପତିଙ୍କ ବ୍ୟତିରେକ ଅନ୍ୟ ପୁରୁଷମାନଙ୍କ ପାଖରେ ବି ଏତେ ପ୍ରେମମୟୀ, ତାକୁ ଏହି ସଭାସ୍ଥଳରେ ବିବସନା କରିବାରେ ମଧ୍ୟ ଅଧର୍ମ ଓ ଅନ୍ୟାୟ ହୁଏନାହିଁ । କାରଣ ଆମେ ପାଣ୍ଡବମାନଙ୍କର ରାଜ୍ୟ, ଧନ ସମ୍ପତ୍ତି ସମସ୍ତ ଜିଣିଛୁ । ନିଜର ପରିଧାନ ଖଣ୍ଡିକ ଉପରେ ମଧ୍ୟ ସେମାନଙ୍କର ଅଧିକାର ନାହିଁ । ପ୍ରଥମେ ପଞ୍ଚପାଣ୍ଡବଙ୍କୁ ବିବସ୍ତ୍ର କର — ତା'ପରେ ଯାଜ୍ଞସେନୀଙ୍କର ଉପଯୁକ୍ତ ସମ୍ମାନର ବ୍ୟବସ୍ଥା କର ।''

ମୁଁ ସ୍ତବ୍ଧ ହୋଇ ଶୁଣୁଥାଏ ବିଗ୍ରହବନ୍ତ, ଜ୍ଞାନୀ, ଗୁଣୀ, ମହାନ୍ ଶୌର୍ଯ୍ୟବନ୍ତ ସୁଦର୍ଶନ ପୁରୁଷ, କୁନ୍ତୀଙ୍କର ପରମପ୍ରିୟ ଧର୍ମପୁତ୍ର କର୍ଣ୍ଣଙ୍କର ବହୁଦିନର ଅବଦମିତ ଅପମାନର ବିସ୍ଫୋରଣର ଶବ୍ଦ । କର୍ଣ୍ଣ ଏଭଳି ଭାଷା ପ୍ରୟୋଗ କରିପାରନ୍ତି ? ପୁଣି ମତେ ? ଯାହାକୁ ସେ ଦିନେ ଗ୍ରହିଁଥିଲେ ? ଯାହାକୁ ସେ ମନେ ମନେ ପୂଜା କରନ୍ତି ?

ମୁଁ କର୍ଣ୍ଣରେ ହାତ ଦେଇଦେଲି । ଏଭଳି କଟୂଭାଷା ଶୁଣି ମୁଁ ଦେହ ଧରି ବଞ୍ଚିବା କଷ୍ଟକର ।

ହଠାତ୍ ଦୁଃଶାସନ ମୋର ସ୍ୱାମୀମାନଙ୍କ ଶରୀରରୁ ପୋଷାକ ଖୋଲିଦେଲା । ଖଣ୍ଡିଏ ମାତ୍ର ବସ୍ତ୍ର ପିନ୍ଧି ନିରାଭରଣ, ନିରାବୃତ ଶରୀରରେ ଲଜ୍ଜାରେ ମୁଣ୍ଡପୋତି ସେମାନେ ବସିରହିଲେ । ତାଙ୍କ ପାଇଁ ଦୁଃଖ ଲଜ୍ଜା ଅନୁଭବ କରିବାର ଅବସର କାହିଁ ?

Digitized by srujanika@gmail.com

ମୋ ନିଜ ଦୁଃଖ ଓ ଲଜ୍ଜା ଆଗରେ ସଂସାରର ଦୁଃଖ ଗୌଣ ହୋଇଯାଇଛି ।

ଦୁଃଶାସନ ମୋର କେଶକୁ ଛାଡ଼ି ବସ୍ତ୍ରକୁ ଆକର୍ଷଣ କରୁଛି । କର୍ଣ୍ଣଙ୍କର ରୋଷପୂର୍ଣ୍ଣ କଥାକୁ ଦୁଃଶାସନ କ'ଣ ସତକୁ ସତ କାର୍ଯ୍ୟରେ ପରିଣତ କରିବ !

ମୁଁ ଦଶଦିଗପାଳଙ୍କୁ ସାକ୍ଷୀରଖି କହିଲି — ''ଅନାଦି କାଳରୁ ଏପର୍ଯ୍ୟନ୍ତ ଏବଂ ଯା'ପରେ ମହାକାଳ ସ୍ରୋତରେ ଆଗାମୀ ସମସ୍ତ ଯୁଗରେ ଏଭଳି ନାରକୀୟ ଲୋମହର୍ଷଣକାରୀ ବର୍ବର କାଣ୍ଡ କେବେ ଘଟିନାହିଁ, କେବେ ଘଟିବ ନାହିଁ । ସତୀ ସୀତାଙ୍କୁ ରାବଣ ହରଣ କରିନେବା ବେଳେ ଗଛ ପତ୍ର, ପଶୁ ପକ୍ଷୀ ଅଶ୍ରୁ ଢାଳିଦେଲେ । ପକ୍ଷୀ ଜନ୍ମ ପାଇ ମଧ୍ୟ ଜଟାୟୁ ସେ ଅନ୍ୟାୟର ପ୍ରତିରୋଧ କରି ପ୍ରାଣବଳି ଦେଇଥିଲା । ସୀତାଙ୍କୁ ଉଦ୍ଧାର କରିବା ପାଇଁ ବାନରସେନା ଜୀବନ ଉତ୍ସର୍ଗ କରିଥିଲେ । ଅଥଚ ଆଜି ଗୁରୁଜନଙ୍କ ଉପସ୍ଥିତିରେ ସଭାସ୍ଥଳରେ ସମସ୍ତଙ୍କ ଚକ୍ଷୁ ସମ୍ମୁଖରେ ଦ୍ରୌପଦୀର ଅଶ୍ରାବ୍ୟ ଅଶ୍ରୁତ ବୀଭତ୍ସ ଅପମାନ ଓ ଲାଞ୍ଛନାର ନାରକୀୟ ଲୀଳା ଘଟିଥିବାବେଳେ ସମସ୍ତେ ନୀରବ, ନିଥର । ବରଂ ସମସ୍ତେ ଯେପରି ନାଟକର ଏକ ରୋମାଞ୍ଚକର ଦୃଶ୍ୟ ଅପେକ୍ଷାରେ ବସିଛନ୍ତି । ହାୟ, ଦିନେ ଧର୍ମରାଜ ଯୁଧିଷ୍ଠିରଙ୍କ ବ୍ୟକ୍ତିତ୍ୱକୁ ରାଜା ରାମଙ୍କର ବ୍ୟକ୍ତିତ୍ୱ ସହ ତୁଳନା କରି ଅଶେଷ ଗୌରବ ଅନୁଭବ କରୁଥିଲି । ସତୀ ସୀତାଙ୍କର ସମ୍ମାନ ରକ୍ଷା ଲାଗି ରାମ କେତେ ଦୁଃଖକଷ୍ଟ ନ ସହିଛନ୍ତି । ଲୋକଚକ୍ଷୁରେ ତାଙ୍କ ସତୀତ୍ୱକୁ ପ୍ରମାଣିତ କରିବା ପାଇଁ ଅଗ୍ନିପରୀକ୍ଷାର ପ୍ରଶ୍ନ ଉଠାଇ ଅନନ୍ତ ବେଦନା ଓ ବିରହ ବରଣ କରିନେଇଛନ୍ତି । ଅଥଚ ମୋର ସ୍ୱାମୀ ମତେ ପଣରଖି ପଶାଖେଳି ମତେ ଇତର ପାଷାଣ୍ଡମାନଙ୍କ ହାତରେ ଦାନ କରିଦେଇଛନ୍ତି । ମୋର ଲାଞ୍ଛନା ଓ ଅପମାନକୁ ନୀରବରେ ପ୍ରତ୍ୟକ୍ଷ କରୁଛନ୍ତି । ଆଉ ଏହି ଦୁରାତ୍ମା କୌରବମାନେ ଦାନବ ରାବଣଠାରୁ କେତେ ହୀନ ଆଉ ନୀଚ ! ରାବଣ ସୀତାଙ୍କୁ ହରଣ କରିନେଇଥିଲେ ମଧ୍ୟ ବଳାତ୍କାର କରିନଥିଲା, ଏକାନ୍ତରେ ପାଇ ମଧ୍ୟ ଅଶୋଭନୀୟ ଆଚରଣ ପ୍ରଦର୍ଶନ କରିନଥିଲା । ନିଜର କୁତ୍ସିତ ଲାଳସାର ବଶବର୍ତ୍ତୀ ହୋଇ ଅଶୋକ ବନରେ ସେ ସୀତାଙ୍କର ଅଙ୍ଗସୁଦ୍ଧା ସ୍ପର୍ଶ କରି ନଥିଲା । ସୀତାଙ୍କର ପ୍ରେମଭିକ୍ଷା ହିଁ ସେ କରିଥିଲା । ତା' ତ ସ୍ୱାଭାବିକ । ଅଥଚ ଏଠାରେ ଦୁରାତ୍ମାମାନେ କୁତ୍ସିତ ବାସନାର ବଶବର୍ତ୍ତୀ ହୋଇ ଭରତ ବଂଶର କୁଳବଧୂର ଅନାବୃତ ଶରୀରକୁ ସଭାସ୍ଥଳରେ ପ୍ରଦର୍ଶନ କରୁଛନ୍ତି । ନାରୀଧର୍ମ ଉପରେ ଏ ବିଭତ୍ସ ଅତ୍ୟାଗ୍ରହର କଳଙ୍କିତ ଇତିହାସ କାଳସ୍ରୋତରେ ଲିଭିବ ନାହିଁ । ଏ ଦେଶର ଉତ୍ତର-ଦାୟାଦ ଏଥିପାଇଁ କୁରୁପତିଙ୍କୁ ନିନ୍ଦିତ କରିବେ । କୁରୁବଂଶର ଏହି ସ୍ୱେଚ୍ଛାଗ୍ରହ ଏବଂ ଅନ୍ୟାୟ ଅତ୍ୟାଗ୍ରହ ସମଗ୍ର ପୁରୁଷଜାତିକୁ ଅନନ୍ତକାଳ ପାଇଁ ଦୀନ କରିଦେଇଛି ଏବଂ ଭରତ ବଂଶର ସତୀ ସ୍ତ୍ରୀ ତଥା ସମଗ୍ର ପୃଥିବୀର

Digitized by srujanika@gmail.com

ନାରୀଜାତିକୁ ଅପମାନିତ କରିଛି । ଏ ଅପମାନର କ୍ଷମା ନାହିଁ, ଏ ପାପର କ୍ଷାଳନ ନାହିଁ ।''

ଏତେଗୁଡ଼ାଏ ବିଷୋଦ୍‌ଗାର କରିସାରି ମୁଁ ବିବଶ ହୋଇଗଲି ଏବଂ ନିଜକୁ ସମର୍ପଣ କରିଦେଲି କୃଷ୍ଣଙ୍କ ପାଖରେ । ଦୁଃଶାସନ ମୋର ବାକ୍ୟବାଣରେ ଜର୍ଜରିତ ହୋଇ ଉତ୍ତେଜନାରେ ହୁଙ୍କାର ଛାଡ଼ି ମୋର କଟିଦେଶର ବସ୍ତ୍ରକୁ ଆକର୍ଷଣ କରି ମତେ ବିବସ୍ତ୍ର କରିବାର ଚେଷ୍ଟାକଲା । ମୁଁ ବକ୍ଷ ଉପରେ ଦୁଇ ହାତ ଆବୃତ କରି କୃଷ୍ଣଙ୍କୁ ଡାକିଲି — ''ହେ କୃଷ୍ଣ ବାସୁଦେବ, ତମେ ତ ଅନ୍ତର୍ଯ୍ୟାମୀ — ପୃଥିବୀର ଯେଉଁ ପ୍ରାନ୍ତରେ ଥିଲେ ମଧ୍ୟ ଦୁରାତ୍ମା କୌରବମାନଙ୍କ ଦ୍ୱାରା ତମର ସଖୀ କିପରିଭାବରେ ନିପୀଡ଼ିତା ଓ ନିର୍ଯ୍ୟାତିତା ହେଉଛି ତମେ କ'ଣ ଜାଣୁନାହଁ ? ପୃଥିବୀର ଅନନ୍ତକାଳର ଇତିହାସରେ ସବୁଠାରୁ କଳଙ୍କିତ ଏବଂ ନାରକୀୟ ଅଧ୍ୟାୟ ସଂଘଟିତ ହେଲାବେଳେ ତମେ କ'ଣ ତା'ର ଖବର ରଖିନାହଁ ! ହେ ଗୋପୀଜନବଲ୍ଲଭ ଗୋବିନ୍ଦ ! ଏ ଅସହ୍ୟ ଲଜ୍ଜା ଓ ଦୁଃଖ କେବେ କେଉଁ ନାରୀ ଜୀବନରେ ଘଟିନାହିଁ । ଈଶ୍ୱର କରନ୍ତୁ କେବେ ଭବିଷ୍ୟତରେ କୌଣସି ନାରୀ ଜୀବନରେ ଏ ଘଟଣାର ପୁନରାବୃତ୍ତି ନହେଉ । ହେ ସୃଷ୍ଟିକର୍ତ୍ତା, ତମେ ତ ଜାଣ, ଆଦିମ ଆରଣ୍ୟକ ମଣିଷ ଉଲଗ୍ନ ଅବସ୍ଥାରେ ବନରେ ବିଚରଣ କରୁଥିବା ବେଳେ ମଧ୍ୟ ଜଣେ ନାରୀର ନଗ୍ନ ସୌନ୍ଦର୍ଯ୍ୟକୁ ଶତାଧିକ ପୁରୁଷ ଏକ ସଙ୍ଗେ ବୀଭତ୍ସ ଲାଳସାପୂର୍ଣ୍ଣ ଦୃଷ୍ଟିରେ ଦେଖୁନଥିଲେ । ସେତେବେଳେ ମଧ୍ୟ ନାରୀର ଥିଲା ସ୍ୱତନ୍ତ୍ର ସତ୍ତା ଓ ସମ୍ମାନ । ଅଥଚ ଆଜି ରାଜନନ୍ଦିନୀ କୃଷ୍ଣାର ଏ ନାରକୀୟ ଅତ୍ୟାଗ୍ରର ତ୍ରିଭୁବନର ସମସ୍ତ କଳଙ୍କକୁ ଟପିଯାଇଛି । ଏହି ଅସହ୍ୟ ଲଜ୍ଜା ଓ ବିପଦରୁ ମତେ ଉଦ୍ଧାର କର ଗୋବିନ୍ଦ ! ଏ ବିପନ୍ନାକୁ ରକ୍ଷା କର ।''

ମୋର ବିଳାପ ଦୁଃଶାସନକୁ ଅଧିକ ଉତ୍ତେଜିତ କରୁଛି । ସେ ଯେତେ ଶକ୍ତି ଦେଇ ମୋର ବସ୍ତ୍ର ଆକର୍ଷଣ କରୁଛି, ମୁଁ ସେତେ ଶକ୍ତି ପ୍ରୟୋଗ କରି ମୋର ବସ୍ତ୍ରକୁ ଦୁଇହାତରେ ଜାବୁଡ଼ି ଧରିଛି, ମୋର ବକ୍ଷଦେଶକୁ ଲଜ୍ଜାରୁ ରକ୍ଷା କରିବାର ଆପ୍ରାଣ ଚେଷ୍ଟା କରୁଛି । ନାସାଗ୍ର ପର୍ଯ୍ୟନ୍ତ ଜଳମଗ୍ନ ହେଲେ ମଧ୍ୟ ମୃତ୍ତମାନବର ନିଜ ଶକ୍ତି ଉପରେ କେତେ ଆସ୍ଥା ! ମଣିଷ ନିଜ ଅହଙ୍କାରରେ କେଡ଼େ ଦୟନୀୟ ଭାବେ ବିପନ୍ନ ହୋଇଯାଏ । ଅହଙ୍କାରଶୂନ୍ୟ ହୃଦୟର ଡାକ ଈଶ୍ୱର ଶୁଣନ୍ତି । ମୁଁ ଏତେବେଳଯାଏ ନିଜକୁ ନିଜେ ରକ୍ଷା କରିବି ବୋଲି ଚେଷ୍ଟାକରି ବ୍ୟର୍ଥ ହେଇଯାଉଛି । ସମ୍ପୂର୍ଣ୍ଣ ଆତ୍ମସମର୍ପଣ ବିନା ଈଶ୍ୱର କରୁଣା ମିଳେନାହିଁ ବୋଲି ହଠାତ୍ ମୋ ଭିତରେ କିଏ କହିଦେଲା ଏବଂ ମୁଁ ଲଜ୍ଜା, ସଙ୍କୋଚ, ସଂଭ୍ରମ ଭୁଲି ମୋର ଖଣ୍ଡିଏ ମାତ୍ର ପରିଧାନକୁ ଛାଡ଼ିଦେଇ ଦୁଇହାତ ଉର୍ଦ୍ଧ୍ୱକୁ ତୋଳି କାତର ଅସହାୟତାରେ ପ୍ରାର୍ଥନା କଲି — ''ପ୍ରଭୁ, ମୁଁ ମୋର ନୁହେଁ, ଏ ଶରୀର ମୋର ନୁହେଁ । ତେଣୁ ଏ ଶରୀର ଏବଂ ମତେ ନେଇ

Digitized by srujanika@gmail.com

ଯାହାଇଚ୍ଛା ତା' କରିପାର । ଲଜ୍ଜା ଅପମାନ କିଛି ବି ମୋର ନୁହେଁ । ସବୁ ତମର— ତମେ ତ ସବୁର କାରଣ । ମୋର ଚିନ୍ତା କାହିଁକି ?''

ସତକୁ ସତ ମୁଁ ସବୁ ଲଜ୍ଜା, ଅପମାନ, ଦୁଃଖ ଓ ଯନ୍ତ୍ରଣାରୁ ମୁକ୍ତ ହୋଇଗଲି । ଭଗବାନଙ୍କ ଉପରେ ସବୁକିଛି ଅର୍ପଣ କରିଦେଲେ ଯଦି ମଣିଷକୁ ଏତେ ସୁଖ, ଶାନ୍ତି ଓ ସାହସ ମିଳେ, ତେବେ ମଣିଷ ସବୁକଥାରେ ନିଜେ ଛନ୍ଦିହୋଇ ଏତେ କଷ୍ଟପାଏ କାହିଁକି ? ମୁଁ ବି ସେକଥା ଜାଣିଥିଲି କେଉଁଠି ? ଆଜି ଏଇ ମୁହୂର୍ତ୍ତରେ ମୁଁ କୃଷ୍ଣ ବାସୁଦେବଙ୍କୁ ସଖା ପରିବର୍ତ୍ତେ ଭଗବାନ ମନେକରି ଯେଭଳି ନିର୍ଭୟ ନିଃଶଙ୍କ ହୋଇ ବିପଦ ମଝିରେ ଠିଆ ହୋଇଛି, ଆଗରୁ ସେହିପରି ନିଃଶଙ୍କ ନିର୍ଭୟ ଜେବେ ବି ହୋଇ ନଥିଲି ।

ମୋ ଘରିପଟେ କ'ଣ ଘଟିଯାଉଛି ମୁଁ ଜାଣେନାହିଁ । ମୁଁ କେବଳ ଦେଖୁଛି ମୋ ସାମ୍ନାରେ ସୁଦର୍ଶନ ଚକ୍ର ଘୂରୁଛି ଆଉ ସେଥିରୁ ଲମ୍ବି ଆସୁଛି କୃଷ୍ଣଙ୍କର କରୁଣାର ହସ୍ତ — ସେ ହସ୍ତରୁ ପରସ୍ତ ପରସ୍ତ ପରିଧାନ ମୋ ଉପରେ ଅଜାଡ଼ି ହୋଇପଡୁଛି । ମନ୍ଦାଜଳ ଭଳି ଈଶ୍ୱର କରୁଣା ଅଜାତରେ ଝରୁଛି ମୋ ଉପରେ, ମୋର ଲଜ୍ଜା ଅପମାନ କୁଆଡ଼େ ଦୂର ହୋଇଯାଇଛି ।

ଦୁଃଶାସନ ମୋର ପରିଧାନ ଆକର୍ଷଣ କରି କରି କ୍ଲାନ୍ତ ଅବସନ୍ନ ହୋଇ-ପଡ଼ିଲାଣି । ଦୁଃଶାସନ ଯେତେ ବସ୍ତ୍ର ମୋ ଦେହରୁ କାଢ଼ି ନେଉଛି, ସେତେ ମୂଲ୍ୟବାନ ବସ୍ତ୍ର ତା' ପରକୁ ପର ମୋ ଶରୀରରେ ସ୍ୱତଃ ବିକଶିତ ହେଉଛି । ଦୁଃଶାସନର ଚତୁର୍ଦ୍ଦିଗରେ ପର୍ବତ ପ୍ରମାଣ ବସ୍ତ୍ର ଗଦା ହୋଇଛି । ଏ ଅଦ୍ଭୁତ ଦୃଶ୍ୟ ଦେଖି ସଭାସ୍ଥଳରେ ସମସ୍ତେ ସ୍ତମ୍ଭୀଭୂତ ହୋଇଗଲେଣି । 'ସତୀ' 'ସତୀ' ବୋଲି ସଭାସ୍ଥଳ ମୋର ପ୍ରଶଂସା ଓ ଜୟଗାନରେ ମୁଖରିତ ହେଲା ଏବଂ କ୍ଲାନ୍ତ, ଅବସନ୍ନ, ପରାସ୍ତ ଓ ଲଜ୍ଜିତ ହୋଇ ଦୁଃଶାସନ ବସ୍ତ୍ରର ପାହାଡ଼ ଉପରେ କଗ୍ଦଡ଼ି ହୋଇପଡ଼ିଲା । ଦୁଃଶାସନର ହାସ୍ୟକର ଅବସ୍ଥା ଦେଖି ମଧ୍ୟ ଦୁର୍ଯ୍ୟୋଧନ ମୋ'ପ୍ରତି ଅଶ୍ଳୀଳ ଭାଷା ପ୍ରୟୋଗ କରିବାରୁ କ୍ଷାନ୍ତ ହେଉନଥାଏ । ଦୁଃଶାସନ ମତେ ବିବସ୍ତ୍ରା କରିବା ସମୟରୁ ଦୁର୍ଯ୍ୟୋଧନ ନାନା ଅଶ୍ଳୀଳ ମନ୍ତବ୍ୟ ଦେଇ ମତେ ଅପମାନିତ କରି ଗ୍ଲଲିଥାଏ । ଦୁର୍ଯ୍ୟୋଧନର ସହଚରୀ ଜଟିଳା, କୁଟିଳା, କାମନା, ବାସନା, ଅସୂୟା ଏବଂ କର୍ଣ୍ଣଙ୍କର ସହଚରୀ ଅସ୍ମିତା ଇତ୍ୟାଦି ସେଇ ଅଶ୍ଳୀଳ ମନ୍ତବ୍ୟକୁ ସମର୍ଥନ କରି ପାଳି ଧରୁଥା'ନ୍ତି । ବର୍ତ୍ତମାନ ମଧ୍ୟ ଦୁର୍ଯ୍ୟୋଧନ ତା'ର ଉରୁକୁ ବସ୍ତ୍ରମୁକ୍ତ କରି ସେଥିରେ ଘୁପଡ଼ା ମାରି ମତେ ଅଶ୍ଳୀଳ ଇଙ୍ଗିତ କରୁଥାଏ ଏବଂ ମତେ ସେଠାରେ ବସିବା ପାଇଁ ଇଙ୍ଗିତ ଦେଉଥାଏ । ଭୀମ ଅତ୍ୟଧିକ ରାଗ ଓ ଉତ୍ତେଜନାରେ କହି ପକାଇଲେ — ''ପାପାତ୍ମା ଦୁଃଶାସନର ବକ୍ଷ ବିଦୀର୍ଣ୍ଣ କରି ରକ୍ତପାନ

Digitized by srujanika@gmail.com

କରିବି ଏବଂ ଅସଭ୍ୟ ଦୁର୍ଯ୍ୟୋଧନର ଉରୁକୁ ଭଙ୍ଗ କରି ପିତୃପୁରୁଷଙ୍କୁ ଶାନ୍ତିଦେବି ।'' ମୁଁ ମଧ୍ୟ ପ୍ରତିଜ୍ଞାକରି କହିଲି — ''ଦୁଃଶାସନର ବକ୍ଷରକ୍ତରେ କେଶ ପ୍ରକ୍ଷାଳନ ନ କରିବା ଯାଏ ମୋର ଏ କେଶ ଉନ୍ମୁକ୍ତ ରହିଲା ।'' ବିଦୁର ସଭାସ୍ଥଳରେ ଉପସ୍ଥିତ ସଜ୍ଜନମଣ୍ଡଳୀକୁ ସମ୍ବୋଧନ କରି କହିଲେ — ''ଭୀମର ଏପରି ପ୍ରତିଜ୍ଞା କୁରୁକୁଳ ପାଇଁ ବିପଜ୍ଜନକ । କାରଣ ଭୀମ ପ୍ରତିଜ୍ଞା ପାଳନରେ ଭୟଙ୍କର ନିଷ୍ଠାପର । ପୁଣି ସତୀ ଦ୍ରୌପଦୀଙ୍କର ପ୍ରତିଜ୍ଞା ଆହୁରି ଭୟଙ୍କର । ଦେଖ, ଯାହା ହେବାର ହେଲାଣି । ବର୍ତ୍ତମାନ ଦ୍ରୌପଦୀଙ୍କୁ ମୁକ୍ତିଦିଅ । ଯୁଧିଷ୍ଠିର ନଜେ ନିଜକୁ ହାରି ସାରିବା ପରେ ଦ୍ରୌପଦୀଙ୍କୁ ପଣ ରଖିବା ଯୁକ୍ତିଯୁକ୍ତ ନୁହେଁ ।''

ଦୁର୍ଯ୍ୟୋଧନ ତାଚ୍ଛଲ୍ୟଭରା କଣ୍ଠରେ କହିଲେ, ''ତେବେ ପାଣ୍ଡବ ଗ୍ରିଭାଇ ସ୍ୱୀକାର କରନ୍ତୁ ଯେ ଯୁଧିଷ୍ଠିର ସେମାନଙ୍କର ପ୍ରଭୁ ନୁହନ୍ତି । ତେବେ ମୁଁ ଦ୍ରୌପଦୀଙ୍କୁ ମୁକ୍ତି ଦେବି ।''

ଅର୍ଜୁନ ଗମ୍ଭୀର ସ୍ୱରରେ କହିଲେ — ''ଦ୍ୟୂତକ୍ରୀଡ଼ା ପୂର୍ବରୁ ଏବଂ ଦ୍ୟୂତକ୍ରୀଡ଼ା ସମୟରେ ଯୁଧିଷ୍ଠିର ଆମର ପ୍ରଭୁ ଥିଲେ । କିନ୍ତୁ ନିଜକୁ ହାରି ସାରିବା ପରେ ସେ କାହାର ପ୍ରଭୁ ହେବେ ତା' ଆମକୁ ଜଣାନାହିଁ ।''

ଧୃତରାଷ୍ଟ୍ର ଏତେବେଳେକେ ମୁହଁ ଖୋଲିଲେ ! ସ୍ନେହଭରା କଣ୍ଠରେ କହିଲେ— ''କୃଷ୍ଣା, ତମେ ମୋର ବୋହୂମାନଙ୍କ ମଧ୍ୟରେ ପ୍ରଥମା ଏବଂ ସର୍ବଶ୍ରେଷ୍ଠା । ନିଜର ସତୀତ୍ୱ ଏବଂ ଭକ୍ତି ହିଁ ତମକୁ ଆଜି ସମ୍ମାନିତ କରିଛି । ତମେ ନିଜେ ନିଜର ମହିମା ପ୍ରକଟିତ କରିପାରିଛ । ତମର ନିଷ୍ଠାରେ ମୁଁ ଅତ୍ୟନ୍ତ ପ୍ରୀତ ହୋଇଛି । କି ବର ମାଗୁଛ ମାଗ ।''

ମୁଁ ଯୁଧିଷ୍ଠିରଙ୍କ ଆଡ଼କୁ ତୀର୍ଯ୍ୟକ କଟାକ୍ଷ କରି କହିଲି — ''ଯୁଧିଷ୍ଠିରଙ୍କୁ ମୁକ୍ତ କରିଦିଅନ୍ତୁ । ଅନ୍ତତଃ ମୋର ଜ୍ୟେଷ୍ଠପୁତ୍ର ପ୍ରାତବିନ୍ଧ୍ୟ ଜଣେ କ୍ରୀତଦାସର ପୁତ୍ର ବୋଲି ଲାଞ୍ଛିତ ନ ହେଉ ।''

'ତଥାସ୍ତୁ' କହିଲେ ମୋର ଦୟାଶୀଳ ଶ୍ୱଶୁର ଧୃତରାଷ୍ଟ୍ର ।

ଯୁଧିଷ୍ଠିର ଦୁଃଖ ଓ ଲଜ୍ଜାରେ ମୁଣ୍ଡ ତଳକୁ କରି ବସି ରହିଲେ ।

''ଆଉ ଏକ ବର ମାଗ ଯାଜ୍ଞସେନି !'' ଶ୍ୱଶୁର ଅଭୟ ଦେଲେ । ''ମୋର ଅନ୍ୟ ଗ୍ରିପୁତ୍ରଙ୍କର ପିତାମାନଙ୍କୁ ମୁକ୍ତ କରିଦିଅନ୍ତୁ ଏବଂ ସେମାନଙ୍କର ଅସ୍ତ୍ରଶସ୍ତ୍ର ଫେରାଇ ଦିଅନ୍ତୁ ।'' ମୁଁ ଶାନ୍ତ ଶୀତଳ କଣ୍ଠରେ କହିଲି । ''ତାହାହିଁ ହେବ । ଆଉ ଏକ ବର ମାଗ କଲ୍ୟାଣି ।''

Digitized by srujanika@gmail.com

''କ୍ଷମା କରନ୍ତୁ ପିତୃଦେବ, କ୍ଷତ୍ରିୟ ନାରୀ ଦୁଇଟି ମାତ୍ର ବର ମାଗିପାରିବା ଶାସ୍ତ୍ରସମ୍ମତ । ମୋର ବୀର ସ୍ୱାମୀମାନେ ବର୍ତ୍ତମାନ ମୁକ୍ତ । ସେମାନଙ୍କ ହସ୍ତରେ ଅସ୍ତ୍ର ଥିଲାବେଳେ ସେମାନଙ୍କ ସୁଖସମୃଦ୍ଧି ପାଇଁ ଅନ୍ୟ ବର ମାଗିବା ଆବଶ୍ୟକ ହେବନାହିଁ ।''

''କିନ୍ତୁ ତୁମ ନିଜର ମୁକ୍ତି ପାଇଁ ବର ମାଗିଲ ନାହିଁ ଯେ ଯାଜ୍ଞସେନି ? ଆଉ ଏକ ବର ଦେବା ପାଇଁ ମୁଁ ଇଚ୍ଛାପ୍ରକାଶ କରୁଥିବାବେଳେ ମାଗିବା ପାଇଁ କୁଣ୍ଠା କାହିଁକି ?'' ମୋର ଶ୍ୱଶୁର ଅତ୍ୟନ୍ତ ସଦୟ ହୋଇ କହିଲେ ।

ମୁଁ କ୍ଷୋଭ ଏବଂ ଅଭିମାନଭରା ସ୍ୱରରେ କହିଲି — ''ମୋର ବୀର ସ୍ୱାମୀମାନଙ୍କର ସୁଖ ସମୃଦ୍ଧି ମୋ ବିନା ବାଧାପ୍ରାପ୍ତ ହେବନାହିଁ । ତା' ହୋଇଥିଲେ ଦ୍ୟୂତକ୍ରୀଡ଼ାରେ ମତେ ପଣ ରଖିନଥା'ନ୍ତେ ଯୁଧିଷ୍ଠିର । ସେମାନଙ୍କର ଅନ୍ୟ ପତ୍ନୀମାନେ, ଅଛନ୍ତି । ସେମାନଙ୍କୁ ଯୁଧିଷ୍ଠିର ପଣ ରଖିନଥିବାରୁ ସେମାନେ ମୁକ୍ତ । ସ୍ୱାମୀମାନଙ୍କର ସୁଖ ସୁବିଧା ସେମାନେ ଦେଖିପାରିବେ ।'' କଥା ଶେଷବେଳକୁ ମୋ ହୃଦୟର ସମସ୍ତ ବେଦନା ଚକ୍ଷୁକୋଣ ଦେଇ ଝରିପଡ଼ିଥିଲା ।

କର୍ଣ୍ଣ ପରିହାସ କରି କହିଲେ — ''ବାଃ, କି ନିଃସ୍ୱାର୍ଥ ପତିଭକ୍ତି ! ନିଜକଥା ଭୁଲି ପାଣ୍ଡବମାନଙ୍କ ଭଳି ବୀରବର ସ୍ୱାମୀମାନଙ୍କୁ ଅଥଳ ସମୁଦ୍ରରୁ ଉଦ୍ଧାର କରିଛନ୍ତି ପଞ୍ଚପତିର ନାୟିକା ଯାଜ୍ଞସେନୀ ! ବୋଧହୁଏ ପୁନର୍ବାର ପାଣ୍ଡବମାନଙ୍କ ସ୍ୱାମୀତ୍ୱର ଅଧିକାର ଭିତରକୁ ଫେରିଯିବା ପାଇଁ ତାଙ୍କର ଘୋର ଅନିଚ୍ଛା । ସେଇଥିପାଇଁ ନିଜର ମୁକ୍ତି ସୁଯୋଗକୁ ସେ ଚତୁରତାର ସହ ଉପେକ୍ଷା କରିଛନ୍ତି ।''

''ସାଧୁ, ସାଧୁ, ତମେ ଅତ୍ୟନ୍ତ ବିଜ୍ଞ କର୍ଣ୍ଣ । ଦ୍ରୌପଦୀର ବେଦନା ସ୍ୱାମୀମାନେ ବୁଝିପାରିଲେ ନାହିଁ ଅଥଚ ତମେ ବୁଝିପାରିଲ । ଦ୍ରୌପଦୀଙ୍କ ସତୀତ୍ୱର ପରାକାଷ୍ଠାରେ ସଜ୍ଜନମଣ୍ଡଳୀ ମୁଗ୍ଧ । ପାଣ୍ଡବଙ୍କ ପାଖକୁ ଫେରିଯିବା ପାଇଁ ସେ ଯଦି ଅନିଚ୍ଛୁକା ତେବେ ସମସ୍ତଙ୍କ ଉପସ୍ଥିତିରେ କୌରବମାନଙ୍କୁ ସେ ଗ୍ରହଣ କରିପାରନ୍ତି, ନଚେତ୍ ଆମର ବନ୍ଧୁ ବୀରଶ୍ରେଷ୍ଠ, ଉଦାରହୃଦୟ କର୍ଣ୍ଣ ମଧ୍ୟ ଏଠାରେ ଉପସ୍ଥିତ ଅଛନ୍ତି, ଦ୍ରୌପଦୀ କର୍ଣ୍ଣକୁ ମଧ୍ୟ ଗ୍ରହଣ କରିପାରନ୍ତି ।'' ଦୁଃଶାସନ ବ୍ୟଙ୍ଗ କଲା । ମୁଁ ପ୍ରଜ୍ୱଳିତ ଅଗ୍ନିଶିଖା ଭଳି ଜଳି ଉଠିଲି । ଭୀମସେନ ଏ ଅପମାନ ସହ୍ୟ କରି ପାରିଲେ ନାହିଁ । ହୁଙ୍କାର ଛାଡ଼ି ସେ କହିଲେ — ''ତୋର ମୃତ୍ୟୁ ସୁନିଶ୍ଚିତ ଦୁଃଶାସନ । ମହାସମର ଅବଶ୍ୟମ୍ଭାବୀ । ଯାଜ୍ଞସେନୀଙ୍କର ଏହି ଲାଞ୍ଛନା ଓ ଅପମାନ ଯୋଗୁ ହିଁ କୌରବକୁଳ ନାଶ ପାଇବ । ଆର୍ଯ୍ୟାବର୍ତ୍ତର ଲକ୍ଷ ଲକ୍ଷ କ୍ଷତ୍ରିୟ ନିଧନ ହେବେ । ଯାଜ୍ଞସେନୀ ଜନ୍ମଲଗ୍ନର ଶୂନ୍ୟବାଣୀ ଅଚିରେ ସତ୍ୟ ହେବ ।''

Digitized by srujanika@gmail.com

ଯୁଧିଷ୍ଠିର ଉଠିଆସି ଭୀମଙ୍କୁ ପ୍ରକୃତିସ୍ଥ କରାଇଲେ ଏବଂ ହାତଯୋଡ଼ି ଧୃତରାଷ୍ଟ୍ରଙ୍କୁ ଅନୁରୋଧ କଲେ — ''ଅନୁମତି ଦିଅନ୍ତୁ ପିତୃଦେବ ! ଆପଣଙ୍କର ଆଜ୍ଞା ଆମ୍ଭମାନଙ୍କର ଶିରୋଧାର୍ଯ୍ୟ ।''

ଧୃତରାଷ୍ଟ୍ର ଉଦାର ସ୍ୱରରେ କହିଲେ — ''ଯାଅ ବାବା, ସତୀ ଯାଜ୍ଞସେନୀଙ୍କ ସହ ସୁଖରେ ରାଜତ୍ୱ କର । ଏ ଚକ୍ଷୁହୀନ ବୃଦ୍ଧକୁ କ୍ଷମା କରିଦିଅ ଯାଜ୍ଞସେନି ! ଏଭଳି ଅନ୍ୟାୟ ଦ୍ୟୂତକ୍ରୀଡ଼ା ପାଇଁ ମୁଁ ବାଧ୍ୟହୋଇ ଅନୁମତି ଦେଇଥିଲି । ପୁଅ ଯଦି ବାପାର ଉପଦେଶ ଗ୍ରହଣ ନକରେ ତେବେ ବାପାର ଅସହାୟତା ମୋ'ଛଡ଼ା ଅଧିକ କିଏ ବୁଝିବ ? ତେବେ ତମର ଏ ଅପମାନ ତମର ସମ୍ମାନ ଶତଗୁଣ ବଢ଼ାଇଛି । ମୋର ପୁତ୍ରମାନେ ବର୍ତ୍ତମାନ ନିଜର ଶକ୍ତି ଏବଂ ପରାକ୍ରମ କେତେ ତାହା ବୁଝିପାରିଥିବେ । କିନ୍ତୁ ଏହି ଦ୍ୟୂତକ୍ରୀଡ଼ାର ପରିଣତି ସମସ୍ତଙ୍କୁ ବୁଝାଇ ଦେଇଛି, ପାଣ୍ଡବମାନେ କେତେ ମହାନ୍ । ଯୁଧିଷ୍ଠିର ଧର୍ମପରାୟଣ, ଅର୍ଜୁନ ଧୈର୍ଯ୍ୟଶୀଳ, ଭୀମ ପରାକ୍ରମୀ ଏବଂ ସତ୍‌ସାହସୀ, ନକୁଳ, ସହଦେବ ଶୁଦ୍ଧ ଓ ନୀତିବାନ ବୋଲି ଜଗତ୍ ପ୍ରମାଣ ପାଇଗଲା । ହେ ଯୁଧିଷ୍ଠିର, ବର୍ତ୍ତମାନ ସତୀନାରୀ ଦ୍ରୌପଦୀଙ୍କର ମାନଭଞ୍ଜନ କରି ଇନ୍ଦ୍ରପ୍ରସ୍ଥ ଫେରିଯାଅ । ସୁଖ ଶାନ୍ତିରେ ପ୍ରଜା ପାଳନ କର ଓ ତୁମର ଅବୋଧ କୌରବ ଭାଇମାନଙ୍କ ସହ ମୈତ୍ରୀ ସ୍ଥାପନ କର । କଳହ ଦ୍ୱାରା ବିବାଦର ସମାଧାନ ହୁଏ ନାହିଁ; ବରଂ ରାଜ୍ୟ ନାଶଯାଏ ।''

ସଭାସ୍ଥଳ ଛାଡ଼ିବା ପୂର୍ବରୁ ମୁଁ ଦୁଇହାତ ଯୋଡ଼ି ସମସ୍ତଙ୍କୁ ପ୍ରଣାମ ଜଣାଇଲି ଏବଂ ବିନମ୍ର ଭାବେ କହିଲି — ''ସମସ୍ତ ଗୁରୁଜନଙ୍କ ନିକଟରେ କ୍ଷମା ପ୍ରାର୍ଥନା କରୁଛି । ସଭାସ୍ଥଳକୁ ଆସିବାବେଳେ ଦୁଃଖ ଏବଂ ଉତ୍ତେଜନାର ଗୁରୁଭାରରେ ମୋର ପ୍ରଥମ କର୍ତ୍ତବ୍ୟ ଗୁରୁଜନଙ୍କୁ ପ୍ରଣାମ କରିବା କଥା ଭୁଲିଯାଇଛି । ଶହେବାର କ୍ଷମା ମାଗୁଛି । ପ୍ରଣାମ — ସମସ୍ତଙ୍କୁ ପ୍ରଣାମ —''

ମାତା ଗାନ୍ଧାରୀଙ୍କୁ ପ୍ରଣାମ ଜଣାଇ ଇନ୍ଦ୍ରପ୍ରସ୍ଥ ଫେରିଯିବା ପାଇଁ ପ୍ରସ୍ତୁତ ହେଉଛୁ, ପୁନର୍ବାର ଦ୍ୟୂତକ୍ରୀଡ଼ା ପାଇଁ ଦୁର୍ଯ୍ୟୋଧନଠାରୁ ନିମନ୍ତ୍ରଣ ଆସିଲା ।

ଯୁଧିଷ୍ଠିର ଦୀର୍ଘଶ୍ୱାସ ଛାଡ଼ି କହିଲେ — ''ଏହାହିଁ ହେଉଛି ଭାଗ୍ୟର ଖେଳ । ମୁଁ ଜାଣେ ମୁଁ ଏଥର ମଧ୍ୟ ହାରିବି । ମାତ୍ର ନିମନ୍ତ୍ରଣ ପ୍ରତ୍ୟାଖ୍ୟାନ କରିବା ମୋ ପକ୍ଷେ ସମ୍ଭବ ନୁହେଁ । ଯୁଧିଷ୍ଠିର ସଭାଗୃହକୁ ଯିବାପାଇଁ ବାହାରିବାବେଳେ ମୁଁ ତାଙ୍କର ପଥ ଓଗାଳି ଠିଆ ହେଲି । ପ୍ରଜ୍ୱଳିତ ଅଗ୍ନିଶିଖା ଭଳି ମତେ ସାମ୍ନାରେ ଦେଖି ଯୁଧିଷ୍ଠିର କୋମଳ ସ୍ୱରରେ କହିଲେ — ''ବାଟ ଛାଡ଼ ଯାଜ୍ଞସେନି ! ମତେ ଧର୍ମ ମାର୍ଗ ଅନୁସରଣ କରିବାକୁ ଦିଅ — ''

Digitized by srujanika@gmail.com

ମୁଁ କ୍ରୋଧଭରା ସ୍ୱରରେ କହିଲି — ''ସ୍ୱାମୀ, ମୋ ଉପରେ ଯେଉଁ ଅଭାବିତ ଲାଞ୍ଛନା ଓ ଅପମାନଜନକ ଘଟଣା ଘଟିଗଲା ତା'ପରେ ମଧ୍ୟ ତମର ମନ ଶାନ୍ତ ହୋଇ ନାହିଁ ? ଏହାହିଁ କ'ଣ ତୁମର ଧର୍ମ ? ଅନ୍ୟାୟ ଆହ୍ୱାନକୁ ଗ୍ରହଣ କରିବା କେବେହେଲେ ଧର୍ମ ହୋଇନପାରେ । ଏହା ତୁମର ଅହଙ୍କାର । ନିଜ ଅକ୍ଷମତା ଜାଣିବା ପରେ ମଧ୍ୟ ମୁଣ୍ଡ ନୋଇଁବାକୁ ପ୍ରସ୍ତୁତ ନୁହଁ ? ସ୍ତ୍ରୀ, ପୁତ୍ର, ଭାଇ, ରାଜ୍ୟବାସୀ ସମସ୍ତଙ୍କର ସୁଖଶାନ୍ତି ସମ୍ମାନ ଓ ସୁରକ୍ଷାକୁ ପଦଦଳିତ କରି ତମେ ନିଜର ଧର୍ମପରାୟଣତା ଓ ବିନମ୍ରତାକୁ ବିଜ୍ଞପିତ କରିବାକୁ ଗ୍ୱହଁ ? ଏହା କ'ଣ ରାଜାର ଧର୍ମ ?''

''ଆଜିର ଆହ୍ୱାନକୁ ପ୍ରତ୍ୟାଖ୍ୟାନ କରି ଇନ୍ଦ୍ରପ୍ରସ୍ଥ ଫେରିଗଲେ ମଧ୍ୟ କୌରବମାନେ ଆମକୁ ଶାନ୍ତିରେ ରାଜ୍ୟ ଶାସନ କରିବା ପାଇଁ ଦେବେନାହିଁ । ତେଣୁ ଶେଷ ଚେଷ୍ଟା କରି ଭାଗ୍ୟର ଖେଳ ଦେଖିବାରେ କୁଣ୍ଠା କାହିଁକି ?'' ଯୁଧିଷ୍ଠିର ଉତ୍ତର ଦେଲେ ଏବଂ ମୋ ବାରଣ ନମାନି ସଭାସ୍ଥଳକୁ ଗ୍ୱଲିଗଲେ ।

ଜଳିପୋଡ଼ି ଧ୍ୱଂସ ପାଇଗଲେ ମୁଁ ତ ଶାନ୍ତି ପାଇଯା'ନ୍ତି, ମାତ୍ର ମୁଁ ଅଗ୍ନିରୁ ଜାତ ବୋଲି କ୍ଷୋଭ ଓ କ୍ରୋଧର ଅଗ୍ନି ମଧ୍ୟ ମତେ ଭସ୍ମ କରୁନାହିଁ, ଦଗ୍ଧ କରୁଛି । ଦଗ୍ଧ ବେଦନାର ଯନ୍ତ୍ରଣାରେ ମୁଁ ଅସ୍ଥିର ଉଦ୍‌ବେଗରେ ଇତସ୍ତତଃ ଭାବେ ପଦାଘ୍ଗରଣା କରୁଛି । ସଂସାରର ସର୍ବଶେଷ ଲାଞ୍ଛନା ପରେ ଆଉ ମୋ ପାଇଁ କ'ଣ ଅପେକ୍ଷା କରିଛି, ତାକୁ ହିଁ ଜାନଡେରି ବସିଛି ।

ମାଯା ମତେ ପ୍ରବୋଧନା ଦେଇ କହୁଛି — ''ବ୍ୟସ୍ତ ହୁଅନାହିଁ ସଖି, ଦୁଷ୍ଟ ଦୁର୍ଯୋଧନର ଇନ୍ଦ୍ରପ୍ରସ୍ଥର ଐଶ୍ୱର୍ଯ୍ୟ ଉପରେ ହିଁ ଲୋଲୁପ ଦୃଷ୍ଟି ପଡ଼ିଛି । ସେତିକି ପାଇଲେ ସେ ଶାନ୍ତି ହୋଇଯିବ । ସେ ଜାଣେ ପାଣ୍ଡବମାନେ ତମ ଅପମାନର ପ୍ରତିଶୋଧ ନ ନେଇ ଛାଡ଼ିବେ ନାହିଁ । ତେଣୁ ତମେ ଇନ୍ଦ୍ରପ୍ରସ୍ଥ ଫେରିଯିବା ସେମାନଙ୍କର ଇଚ୍ଛା ନୁହେଁ । ତମମାନଙ୍କୁ ଦେଶାନ୍ତର କରିବା ତା'ର ଉଦ୍ଦେଶ୍ୟ । ତାହାହିଁ ହେଉ । ପାଣ୍ଡବମାନେ ଯେଉଁଠିକି ଯିବେ ସେଠାରେ ଇନ୍ଦ୍ରପ୍ରସ୍ଥ ପରି ରାଜଧାନୀ ନିର୍ମାଣ କରି ସୁଖରେ କାଳାତିପାତ କରିବେ । ଐଶ୍ୱର୍ଯ୍ୟ ଓ ସୁଖ ପାଣ୍ଡବମାନଙ୍କର ଚଲାବାଟର ଧୂଳିକଣା ସଙ୍ଗେ ସମାନ । ତମେ ସଙ୍ଗରେ ଥିଲେ ସେମାନେ କ'ଣ ବା ନକରି ପାରନ୍ତି ! ତମେ କ'ଣ ଜାଣ ନାହିଁ ଯେ ତମେ ଲକ୍ଷ୍ମୀ ଅଂଶରେ ଜନ୍ମଲାଭ କରିଛ—'' ।

ଏତେ ଦୁଃଖ ଓ ଅଶାନ୍ତି ଭିତରେ ମଧ୍ୟ ମୁଁ ମ୍ଲାନ ହସିଲି । କହିଲି -- ''ମାଯା, ତୁ କ'ଣ ଭାବୁଛୁ ରାଜ୍ୟ ଏବଂ ଧନ ହାତଛଡ଼ା ହୋଇଯିବା ଭୟରେ ମୁଁ ଏତେ ଚିନ୍ତିତ। ? ଯେତେବେଳେ ଫାଲ୍‌ଗୁନିଙ୍କ ଗଳାରେ ମୁଁ ବରଣମାଳା ଦେଇଥିଲି,

Digitized by srujanika@gmail.com

ସେତେବେଳେ ସେ ମୋ ପାଖରେ ଥିଲେ ଜଣେ ବନଗ୍ୱରୀ ଭିକ୍ଷୁକ ବ୍ରାହ୍ମଣ । ଯେତେବେଳେ ପଞ୍ଚପାଣ୍ଡବଙ୍କ ସହ ମୋର ବିବାହ ହେଲା, ସେତେବେଳେ ସେମାନେ ଥିଲେ ରାଜ୍ୟହରା ନିଃସ୍ୱ ରାଜପୁତ୍ର । ସେତେବେଳେ ମୁଁ ଦୁଃଖୀ ନଥିଲି । ସେତେବେଳେ ଯେଉଁ ସୁଖ ଓ ଆନନ୍ଦ ମୁଁ ଲାଭ କରିଥିଲି, ଇନ୍ଦ୍ରପ୍ରସ୍ଥର ରାଣୀ ହେବା ପରେ ମଧ୍ୟ ସେ ସୁଖ ଶାନ୍ତି ମୋତେ ମିଳିନାହିଁ । ଧନ, ଐଶ୍ୱର୍ଯ୍ୟକୁ ନେଇ ସୁଖୀ ହେବାର ଉପାଦାନରେ ମୁଁ ଗଢ଼ା ନୁହେଁ । କିନ୍ତୁ ବାରମ୍ବାର ଅନ୍ୟାୟ ଆହ୍ୱାନ ପାଖରେ ଯୁଧିଷ୍ଠିର ଧର୍ମ ନାମରେ ବିନମ୍ର ଭାବରେ ଆତ୍ମସମର୍ପଣ କରିବା କଥା ମୋର ସହ୍ୟ ହେଉନାହିଁ । ମତେ ପଣରଖି ଦ୍ୟୂତକ୍ରୀଡ଼ା କରିବା ପରଠୁ ମୋ ମନର ଶାନ୍ତି ନଷ୍ଟ ହୋଇଯାଇଛି । ଏ ଅଶାନ୍ତି ଓ ଅପମାନର ଜ୍ୱାଳାଠାରୁ ବରଂ ବନଗ୍ୱରୀ ନିଃସ୍ୱ ସୁପୁରୁଷର ସ୍ତ୍ରୀ ହୋଇ ଜୀବନ କାଟିଦେବା ଯେ କୌଣସି ରୁଚିଶୀଳା ନାରୀ ପକ୍ଷେ ଶ୍ରେୟ ।''

ଅଦୃଷ୍ଟ କ'ଣ ତୁଣ୍ଡରେ ଥାଏ ! ମୋ ପାଟିରୁ କଥା ସରିନାହିଁ, ସମ୍ବାଦ ଆସିଲା ଯୁଧିଷ୍ଠିର ଶେଷଥର ଦ୍ୟୂତକ୍ରୀଡ଼ାରେ କେବଳ ରାଜ୍ୟ ହରାଇ ନାହାନ୍ତି, କ୍ରୀଡ଼ାର ପଣ ସ୍ୱରୂପ ପାଞ୍ଚଭାଇ ଏବଂ ସ୍ତ୍ରୀସହ ବାରବର୍ଷର ବନବାସ ଏବଂ ବାରବର୍ଷ ପରେ ଆଉ ଏକବର୍ଷ ଅଜ୍ଞାତ ବନବାସକୁ ବରଣ କରିନେଇଛନ୍ତି ।

ମୋ ପାଇଁ ଏହା ଦୁଃସମ୍ବାଦ ନଥିଲା । ସ୍ୱାମୀମାନଙ୍କ ସହ ବନବାସର ଜୀବନକୁ କିଛିକ୍ଷଣ ଆଗରୁ ମୁଁ ଝୁରୁଥିଲି । ମାତ୍ର ଯେଉଁ ପ୍ରଜାମାନେ ଧର୍ମରାଜ ଯୁଧିଷ୍ଠିରଙ୍କ ବାହୁଛାୟା ତଳେ ଆଶ୍ରୟ ନେବାପାଇଁ ହସ୍ତିନାପୁର ଛାଡ଼ି ଇନ୍ଦ୍ରପ୍ରସ୍ଥକୁ ବାସସ୍ଥଳୀ ରୂପେ ବରଣ କରିଥିଲେ, ବର୍ତ୍ତମାନ ସେମାନଙ୍କର ଅବସ୍ଥା କ'ଣ ହେବ ? ଦୁର୍ଯ୍ୟୋଧନର ପ୍ରତିହିଂସା ଓ ଅନ୍ୟାୟ ବିଗ୍ରହରେ ଇନ୍ଦ୍ରପ୍ରସ୍ଥର ନରନାରୀ କି ଯାତନା ନ ସହିବେ ? କୌରବ ଭାଇମାନଙ୍କର ବୀଭତ୍ସ କାମନାର ଶିକାର ହୋଇ ଇନ୍ଦ୍ରପ୍ରସ୍ଥର ସତୀସାଧ୍ୱୀ ରମଣୀମାନେ କି ନିର୍ଯ୍ୟାତନା ଓ ଲାଞ୍ଛନା ଭୋଗିବେ, ତା' ତ ମୋ ଲାଞ୍ଛନାରୁ ପ୍ରମାଣିତ ହୋଇସାରିଛି । ପ୍ରଜାମାନଙ୍କ ପାଇଁ ଯୁଧିଷ୍ଠିରଙ୍କର ଏ ଉଦାସୀନତା କ'ଣ ରାଜଧର୍ମ ? ପଣ ରଖି ଦ୍ୟୂତକ୍ରୀଡ଼ା କରିବାବେଳେ ରାଜ୍ୟବାସୀଙ୍କ କଥା ସେ ଥରେ ମନକୁ ବି ଆଣିଲେ ନାହିଁ ? ରାଜ୍ୟ ଏବଂ ଧନପ୍ରତି ସେ ଯଦି ଏପରି ବୀତସ୍ପୃହ ତେବେ ଇନ୍ଦ୍ରପ୍ରସ୍ଥର ରାଜସିଂହାସନ ମଣ୍ଡନ କରି ରାଜଚକ୍ରବର୍ତ୍ତୀ ବୋଲାଇ ପ୍ରଜାମାନଙ୍କର ଆସ୍ଥାଭାଜନ ହୋଇଥିଲେ କାହିଁକି ?

ରାମଚନ୍ଦ୍ର ସ୍ୱର୍ଣ୍ଣମୃଗ ପଛରେ ଧାଇଁ ନିଜେ ଦୁଃଖ ବରଣ କରିଥିଲେ । ମାତ୍ର ଯୁଧିଷ୍ଠିର ଦ୍ୟୂତକ୍ରୀଡ଼ା ପଛରେ ଅନ୍ଧ ଭାବରେ ଧାଇଁ ସମସ୍ତଙ୍କ ପାଇଁ ଦୁଃଖର କାରଣ ହୋଇଛନ୍ତି ।

Digitized by srujanika@gmail.com

ଯୁଧିଷ୍ଠିରଙ୍କ ମନରେ କୌଣସି ବିଚଳନ ନାହିଁ । ସେ ସ୍ଥିତପ୍ରଜ୍ଞ । ଅନ୍ୟ ଭାଇମାନେ ମଧ୍ୟ ନୀରବ ଅନୁଗାମୀ । ମୁଁ ମଧ୍ୟ ଯୁଧିଷ୍ଠିରଙ୍କୁ କିଛି କହିଲି ନାହିଁ । ବର୍ତ୍ତମାନ ମୋ କଥାର କି ମୂଲ୍ୟ ?

ପାଣ୍ଡବମାନଙ୍କର ବନବାସର ସମ୍ବାଦ ବିଦ୍ୟୁତ୍ ବେଗରେ ଚତୁର୍ଦ୍ଦିଗରେ ଖେଳି-ଗଲା । ଭୋଜରାଜା ଅନ୍ଧକ, କୃଷ୍ଣାକ, ଚେଦି ଦେଶର ରାଜା ଧୃଷ୍ଟକେତୁ, ମହାବୀର କୈକେୟ ଏବଂ ମୋର ଭ୍ରାତା ଧୃଷ୍ଟଦ୍ୟୁମ୍ନ ଓ ପିତା ଦ୍ରୁପଦ ପାଣ୍ଡବମାନଙ୍କ ନିକଟରେ ଆସି ଉପସ୍ଥିତ ହେଲେ । ସମସ୍ତଙ୍କୁ ପ୍ରବୋଧନା ଦେଇ ବିଦାୟ ପ୍ରଣତି ଜଣାଇଲେ ଯୁଧିଷ୍ଠିର । ପିତା ଦ୍ରୁପଦ ମତେ ସଙ୍ଗରେ ନେଇଯିବା ପାଇଁ ଗ୍ରହିଁବାରୁ ମୁଁ ବାରଣ କରି କହିଲି — ''ମତେ ସ୍ତ୍ରୀ ଧର୍ମ ପାଳନ କରିବାର ସୁଯୋଗ ଦିଅନ୍ତୁ ପିତା । ସ୍ୱାମୀଙ୍କ ସହ ବନଗମନ କରି କେତେ ଦୁଃଖ କଷ୍ଟ ବରଣ କରିଥିଲେ ସତୀ ସୀତା । ଆଜି ସେହି ମହାର୍ଘ ସୁଯୋଗ ମୋ ଜୀବନରେ ଉପସ୍ଥିତ । ମୋ ପାଇଁ ରାବଣର ଭୟ ନାହିଁ । କାରଣ ଜୀବନର ସର୍ବଶେଷ ଲାଞ୍ଛନା ମୋ ଜୀବନରେ ଅକ୍ଷୟଣ ଆଗରୁ ଘଟିଯାଇଛି । ଆଉ ଯାହା ଦୁଃଖ କଷ୍ଟ ଆସିବ, ତା' ଅତ୍ୟନ୍ତ ଗୌଣ । ଆପଣ ନିଶ୍ଚିନ୍ତ ରହନ୍ତୁ । ଯିଏ ମତେ ଚରମ ଲାଞ୍ଛନାରୁ ରକ୍ଷା କରିଛନ୍ତି ସେ ମୋର ସହାୟ ହେବେ । ଏ ବିଶ୍ୱାସ ମତେ ଶକ୍ତିମୟୀ କରିଛି । ଜୀବନର ଆଉ କୌଣସି ଦୁଃଖ, ବିପଦ ମତେ କାତର କରିବ ନାହିଁ ।''

ଏତିକି କହି ମୁଁ କୃଷ୍ଣଙ୍କ ଉଦ୍ଦେଶ୍ୟରେ ପ୍ରଣାମ କରୁଛି, ଦେଖେ ମୋ ସମ୍ମୁଖରେ ସେ ସ୍ୱୟଂ ଉପସ୍ଥିତ । ମୁଁ ଅଧୀର ଆବେଗରେ କୃଷ୍ଣଙ୍କର ପାଦ ଛୁଇଁ ପ୍ରଣାମ କରିବାକୁ ଯାଉଛି, ସେ ମୋର ହାତ ଦୁଇଟିକୁ ଧରି ଅଟକାଇଦେଲେ । ମୁଁ ବ୍ୟସ୍ତହୋଇ କହିଲି— ''ବାସୁଦେବ, କୃତଜ୍ଞତା ଜଣାଇବା ପାଇଁ ମୋର ଭାଷା ନାହିଁ । ତମର କୀର୍ତ୍ତି ଯୁଗ ଯୁଗ ପାଇଁ ଆର୍ତ୍ତ ଜନତାର ଆଶ୍ୱାସନା ହୋଇ ରହିବ । ଜନ୍ମ ଜନ୍ମ ପାଇଁ ତମ ପାଦତଳେ ଦାସୀହୋଇ ବନ୍ଧା ରହିଲି ।''

କୃଷ୍ଣ ମଧୁର ସ୍ୱରରେ କହିଲେ — ''ସଖି, ଏଭଳି କଥା କହି ମତେ ଦୂରକୁ ଠେଲିଦିଅ ନାହିଁ । ମୁଁ ତମର ସଖା, କ'ଣ ବା ମୁଁ ତୁମ ପାଇଁ କରିଛି ! ଯୁଧିଷ୍ଠିରଙ୍କ ଦ୍ୟୂତକ୍ରୀଡ଼ା ସମୟରେ ମୁଁ ଶୌଭ ନଗରର ରାଜା ଶାଲ୍ୱଙ୍କ ସହ ଯୁଦ୍ଧରତ ଥିଲି । ତା' ନହେଲେ ମୁଁ ଦ୍ୟୂତକ୍ରୀଡ଼ାରୁ ତାଙ୍କୁ ନିବୃତ୍ତ କରିଥା'ନ୍ତି । ପରନାରୀ, ଦ୍ୟୂତ, ମୃଗୟା ଏବଂ ସୁରାପାନ ପୁରୁଷକୁ ଶ୍ରୀଭ୍ରଷ୍ଟ କରାଏ । ଦ୍ୱାରକାରେ ମୁଁ ନଥିବାରୁ ପାଣ୍ଡବଙ୍କୁ ଏ ବିପତ୍ତି ପଡ଼ିଲା । ଏକ ଦ୍ୱୀପରେ ଥାଇ ସମ୍ବାଦ ପାଇବା ମାତ୍ରେ ବ୍ୟାକୁଳ ଚିତ୍ତରେ ମୁଁ ଧାଇଁଆସିଛି ।''

Digitized by srujanika@gmail.com

ମୁଁ ଉଚ୍ଛ୍ୱାସଭରା କଣ୍ଠରେ କହିଲି — ''ପ୍ରଭୁ, ତମେ ତ ଇଚ୍ଛାମୟ । ତମେ ନଜାଣି ଏ ସଂସାରରେ କ'ଣ କିଛି ଘଟିପାରେ ? କୁରୁସଭାରେ ଦ୍ରୌପଦୀର ଲାଞ୍ଛନା ତମ ବିନା ଆଉ କିଏ ବା ମୋଚନ କରିପାରେ ? ଯେତେବେଳେ ଦୁଃଶାସନ ମୋର କେଶ ଆକର୍ଷଣ କରି ସଭାସ୍ଥଳରେ ଉପସ୍ଥିତ ହେଲା, ସେତେବେଳେ ମୁଁ ରଜସ୍ୱଳା ଏବଂ ଏକବସ୍ତ୍ରା । ମୁଁ ପାଣ୍ଡବମାନଙ୍କର ସହଧର୍ମିଣୀ, ଧୃଷ୍ଟଦ୍ୟୁମ୍ନର ଭଗ୍ନୀ, ତୁମର ପ୍ରିୟସଖୀ ଏବଂ ଭରତବଂଶର କୁଳବଧୂ । ତଥାପି ଦୁଃଶାସନର କାର୍ଯ୍ୟକୁ କେହି ବାଧା ଦେଲେ ନାହିଁ । ମୋର ବୀର ସ୍ୱାମୀମାନେ ମଧ୍ୟ ନୀରବ ଦର୍ଶକ ହୋଇ ବସିରହିଲେ । ଦୁଃଶାସନ ଓ ଦୁର୍ଯ୍ୟୋଧନଙ୍କର ଅଶ୍ଳୀଳ ଭାଷା ଓ ଇଙ୍ଗିତ, କର୍ଣ୍ଣଙ୍କର ଶ୍ଳେଷପୂର୍ଣ୍ଣ ବାକ୍ୟ ଏବେ ମଧ୍ୟ ମୋର ହୃଦୟ ବିଦୀର୍ଣ୍ଣ କରୁଛି । ରାଜସଭାରେ ଗୁରୁଜନସ୍ଥାନୀୟ ବୀର ଏବଂ ଜ୍ଞାନୀ ପୁରୁଷଙ୍କ ସମକ୍ଷରେ ମତେ ଯେତେବେଳେ ଦୁଷ୍ଟ ଦୁଃଶାସନ ବିବସ୍ତ୍ର କରିବାକୁ ଚେଷ୍ଟା କଲା, ସେତେବେଳେ ମୁଁ ଦେଖିଲି ମୋର ସହାୟ ହେବାପାଇଁ ସେଠାରେ କେହି ନାହିଁ । ମୁଁ ଅନୁଭବ କଲି ମୋର ସ୍ୱାମୀ ନାହିଁ, ପୁତ୍ର ନାହିଁ, ବନ୍ଧୁ, ଭ୍ରାତା, ପିତା ଏବଂ ଶୁଭେଚ୍ଛୁ ନାହାନ୍ତି । ସେତେବେଳେ ମୋର କି ଦାରୁଣ ଅସହାୟତା ତା' ମୋ ଛଡ଼ା କିଏ ଜାଣେ ? ଭୀମ ଅର୍ଜୁନଙ୍କ ପରାକ୍ରମ ଓ ପୁରୁଷକାରକୁ ଧିକ୍ । ନକୁଳ ଓ ସହଦେବଙ୍କ ଶୁଦ୍ଧତା ଓ ନୀତିଶୀଳତାର କି ମୂଲ୍ୟ ? ଯୁଧିଷ୍ଠିରଙ୍କ ନମ୍ରତା ଓ ଧର୍ମପରାୟଣତାକୁ ଶତଧିକ୍ । ଯେଉଁ ଦେଶରେ ନାରୀର ସମ୍ମାନ ରକ୍ଷା ପାଇଁ ଜଣେ ମଧ୍ୟ ପୁରୁଷ ଭୂକ୍ଷେପ କରେ ନାହିଁ, ସେ ଦେଶର ଧ୍ୱଂସ ଅବଶ୍ୟମ୍ଭାବୀ । ସେ ଦେଶର ପୁରୁଷଜାତି ନିନ୍ଦିତ ଏବଂ କଳଙ୍କିତ । ସେ ଅବସ୍ଥାରେ ମୁଁ ତମକୁ ହିଁ ଭରସା କରିଥିଲି କୃଷ୍ଣ । ସମସ୍ତଙ୍କ ଉପରୁ ଆସ୍ଥା ହରାଇ ତମରି ପାଖରେ ନିଜକୁ ସମର୍ପଣ କରିଦେଇଥିଲି । ତମର ଅଲୌକିକ ସାହାଯ୍ୟ କେବଳ ମୋର ସମ୍ମାନ ରକ୍ଷା କରିନାହିଁ, ଏ ଦେଶର ସମ୍ମାନ ରକ୍ଷା କରିଛି । ଭାରତର ପବିତ୍ର ମାଟିରେ ନାରୀର ଅମର୍ଯ୍ୟାଦା ହୁଏନାହିଁ, ଏହାହିଁ ତୁମ ସାହାଯ୍ୟ ପ୍ରମାଣିତ କରିଦେଲା । ମୁଁ ପଛକେ ଲାଞ୍ଛିତା ହୁଏ, ଏ ମାଟିର ମହତ୍ତ୍ୱ ଜଗତରେ ଘୋଷିତ ହେଲା । ଏହାହିଁ ଏତେ ଦୁଃଖ ଭିତରେ ମୋର ସାନ୍ତ୍ୱନା । ହେ କୃଷ୍ଣ ! ମୁଁ ତମ ପାଦତଳେ ଦାସୀ ହୋଇ ଜୀବନ କାଟିଦେବାକୁ ଇଚ୍ଛା କରେ ! ତେବେ ହୁଏତ ତମର ଋଣଭାର କିଞ୍ଚିତ ଲାଘବ ହେଇପାରେ.....''

ଦରଦୀବନ୍ଧୁ କରୁଣାମୟ କୃଷ୍ଣଙ୍କ ପାଖରେ ହୃଦୟ ଖୋଲିଦେଇ ମୁଁ ମୁଖମଣ୍ଡଳକୁ ବସ୍ତ୍ରରେ ଆଚ୍ଛାଦିତ କରି ବିଳାପ କରିବାକୁ ଲାଗିଲି । କୁରୁସଭାରେ ଲାଞ୍ଛିତା ହେବା ପରଠାରୁ ମୁଁ ସ୍ୱାମୀମାନଙ୍କୁ ପଦେହେଲେ ଧିକ୍‌କାର ବଚନ କହିନଥିଲି । ଟୋପାଏ ବି ଲୁହ ଝରାଇନଥିଲି — ଅଭିମାନଭରା ପଦେ ବି କଥା କହିନଥିଲି । ଯେଉଁ ସ୍ୱାମୀ ମୋର ଦୁଃଖର କାରଣ ହୋଇଥିଲେ, ଯିଏ ଶକ୍ତିଶାଳୀ ହୋଇ ମଧ୍ୟ ମୋର ସହାୟ

Digitized by srujanika@gmail.com

ହୋଇନଥିଲେ, ତାଙ୍କ ପାଖରେ ଅଭିମାନର କି ମୂଲ୍ୟ ? ସ୍ୱାମୀମାନଙ୍କ ପାଖରେ ଜୀବନରେ ଆଉ କେବେହେଲେ ଅଭିମାନ କରିବି ନାହିଁ ବୋଲି ପ୍ରତିଜ୍ଞାକରି ମୁଁ ନୀରବ ରହିଥିଲି । ଆଜି କୃଷ୍ଣଙ୍କ ଭଳି ଦରଦୀବନ୍ଧୁଙ୍କୁ ପାଇ ମୁଁ ଆଉ ନିଜକୁ କେତେ ସମ୍ଭାଳି ରଖିଥା'ନ୍ତି ! ଯେତେହେଲେ ନାରୀ ତ !

କୃଷ୍ଣ ହାତଯୋଡ଼ି କହିଲେ — ''ଦେବି ! ମୋ ପାଦତଳେ ଦାସୀ ହୋଇ ରହିବ କହି ମୋତେ ଅପରାଧି କରନାହିଁ । ମୁଁ ତମପାଇଁ କର୍ତ୍ତବ୍ୟ ବାହାରର କଥା କରିନାହିଁ । ତମେ ମୋ' ପାଇଁ ଯାହା କରିଥିଲ ତା'ରି ପ୍ରତିଦାନ ଦେଇ ଋଣମୁକ୍ତ ହୋଇଛି ମାତ୍ର । ମୋର ଶୁଶ୍ରୂଷା ପାଇଁ ତମେ ତମର ସ୍ୱାମୀଙ୍କ ଉପହାର ଗୃହପ୍ରବେଶ ଦିନର ଶୁଭଶାଢ଼ୀ ଚିରି ମୋ ହାତରେ ବାନ୍ଧି ଦେଇଥିଲ । ବସ୍ତ୍ର ଆକାରରେ ତାକୁ ହିଁ ମୁଁ ଫେରାଇ ଦେଇଛି । ସୂତ୍ର ଦାନ କଲେ ବସ୍ତ୍ର ମିଳେ, ଏହାହିଁ ତ ମୋର ବିଶ୍ୱାସ ।''

ମୁଁ ଅଶ୍ରୁପୂର୍ଣ୍ଣ ନୟନରେ କୃଷ୍ଣଙ୍କୁ ଗ୍ରହିଁଲି । କୃଷ୍ଣ ସୁଦାସିତ ମୁଖ ମାର୍ଜନୀରେ (ରୁମାଲ) ନିଜର ସ୍ୱେଦବିନ୍ଦୁ ପୋଛି ଆଣି କହିଲେ — ''ଦେଖ, ତମର ସ୍ନେହର ଦାନ ତୁମ ପରିଧାନର ଅଂଶଟିକୁ ମୁଁ ସେଇଦିନଠାରୁ ବ୍ୟବହାର କରୁଛି । ସଖି, କୃଷ୍ଣ ଚିରଦିନ ସ୍ନେହ କାଙ୍ଗାଳ । ମତେ ସଖା ମନେକରି ଚିରଦିନ ସ୍ନେହ ଦାନ କଲେ ନିଜକୁ ଧନ୍ୟ ମଣିବି । ସେତିକି ଦୟା ମୋ' ଠାରେ ରଖିଥିବ ।''

ମୁଁ ଚମତ୍କୃତା ହେଲି । କୃଷ୍ଣ ଯେ ମୋର ପିନ୍ଧାଶାଢ଼ୀର ଅଂଶ ଖଣ୍ଡିକ ବ୍ୟବହାର କରି ମୋର ସାମାନ୍ୟ ଶୁଶ୍ରୂଷାକୁ ପ୍ରତି ମୁହୂର୍ତ୍ତରେ ସ୍ମରଣ କରୁଛନ୍ତି, ଏତିକି ମୋ ଜୀବନର ସମସ୍ତ ଦୁଃଖ, ଅବଶୋଷ ଧୋଇନେଲା । ମୁଁ ପ୍ରେମପୂର୍ଣ୍ଣ ସ୍ୱରରେ କହିଲି — ''ସଖା, ଏ ହୃଦୟର ସମସ୍ତ ନିର୍ମଳ ପ୍ରେମର ଅଧିକାରୀ ତୁମେ । ଜନ୍ମକାଳରୁ ଏ ହୃଦୟ ତମକୁ ହିଁ ସମର୍ପିତ । ଆଉ ସେ କଥା କହି ମତେ ଲଜ୍ଜା ଦେଉଛ କାହିଁକି ?''

କୃଷ୍ଣ ହସି ହସି କହିଲେ — ''କୃଷ୍ଣା ତମେ ଲକ୍ଷ୍ମୀ ଅଂଶରେ ଜାତ । ତମ ସ୍ନେହ ବିନା କୃଷ୍ଣ ଯେ ହତଲକ୍ଷ୍ମୀ ହୋଇଯିବ — ଏତକ ଭୁଲିନଯାଅ ଯେମିତି ।''

ମୁଁ କୃଷ୍ଣଙ୍କର ଭରସା ପାଇଲା ପରେ ନିଜକୁ ଶକ୍ତିମୟୀ ମନେକଲି । ଦୃଢ଼-କଣ୍ଠରେ କହିଲି — ''ସଖା, କୁରୁସଭାରେ ଦ୍ରୌପଦୀର ଯେଉଁ ବୀଭତ୍ସ ଲାଞ୍ଛନା ପାପାତ୍ମାମାନେ କଲେ, ତା'ର ଉପଯୁକ୍ତ ଶାସ୍ତି ଯଦି ସେମାନେ ନ ପାଇବେ ତେବେ ଭବିଷ୍ୟତରେ ଭାରତର ଇତିହାସ ନାରୀ ନିର୍ଯ୍ୟାତନାର କଳଙ୍କିତ କାହାଣୀରେ ପୂର୍ଣ୍ଣ ହୋଇଯିବ । ରାଜା ମହାରାଜାମାନେ ନିଜର କୁତ୍ସିତ ବାସନାର ତୃପ୍ତି ନିମନ୍ତେ ସୁନ୍ଦରୀ ରମଣୀମାନଙ୍କୁ ସ୍ୱାମୀ ଗୃହରୁ ଟେକିଆଣି ସଭାସ୍ଥଳରେ ବିବସନା କରିବେ । ନାରୀର ନଗ୍ନ ସୌନ୍ଦର୍ଯ୍ୟକୁ ବୀଭତ୍ସ ଲାଳସାପୂର୍ଣ୍ଣ ଦୃଷ୍ଟିରେ ଉପଭୋଗ କରିବା କାମୁକ

Digitized by srujanika@gmail.com

ପୁରୁଷମାନଙ୍କର ଏକ ସାଧାରଣ ବିଳାସରେ ପରିଣତ ହେବ । ସଖା, ମୋ ପାଇଁ ତୁମେ ଅଛ । ମୋର ଚିନ୍ତା କ'ଣ । କିନ୍ତୁ ଦୁଃଶାସନ ଏବଂ ଦୁର୍ଯ୍ୟୋଧନ ପ୍ରଭୃତି ଯଦି ଏ ପାପର ଫଳ ନ ଭୋଗନ୍ତି, ତେବେ ଭବିଷ୍ୟତ ନାରୀସମାଜ ଘୋର ଦୁର୍ଦ୍ଦିନର ସମ୍ମୁଖୀନ ହେବ । ମୁଁ ଆଶ୍ଚର୍ଯ୍ୟ ହେଉଛି, ମହାତ୍ମା ପଣ୍ଡୁଙ୍କର ପୁତ୍ରବଧୂ, ପାଣ୍ଡବଙ୍କ ପତ୍ନୀ ଓ କୃଷ୍ଣ ବାସୁଦେବଙ୍କ ପ୍ରିୟସଖୀକୁ କୁରୁସଭାରେ ବିବସନା କରିବାର ପ୍ରୟାସ ପରେ ଦୁରାତ୍ମାମାନଙ୍କର ଏ ପର୍ଯ୍ୟନ୍ତ ମୃତ୍ୟୁ ହୋଇନାହିଁ କିପରି ?

ଯେତେବେଳେ ପାପାତ୍ମାମାନେ ମତେ ବିବସନା କଲେ, ନିରୂପାୟ ହୋଇ ସତୀ ସୀତାଙ୍କ ଭଳି ମୁଁ ଲଜ୍ଜା ଗୋପନ କରିବା ପାଇଁ ମାତା ବସୁଧା ଗର୍ଭରେ ଲୀନ ହୋଇଯାଇ ପାରିଥା'ନ୍ତି । ମୁଁ ଅନୁନୟ କରିଥିଲେ ଧରିତ୍ରୀ କ'ଣ ଦୁଇଭାଗ ହୋଇଯା'ନ୍ତା ନାହିଁ ? କିନ୍ତୁ ମୁଁ ତାହା ଜଣିନାହିଁ । ତା' କରିଥିଲେ ମୋର ଲଜ୍ଜା ସିନା ଗୋପନ ହୋଇଥା'ନ୍ତା କିନ୍ତୁ ଭବିଷ୍ୟତର ନାରୀ ସମାଜର ସମସ୍ୟାର ସମାଧାନ ସେଥିରେ ହୁଅନ୍ତା ନାହିଁ । ସହିଷ୍ଣୁତା ନାରୀର ଭୂଷଣ । ମାତ୍ର ଅନ୍ୟାୟକୁ ମୁଣ୍ଡପାତି ସହିଯିବା ନାରୀର ଧର୍ମ ନୁହେଁ । ସ୍ୱାମୀ ଅନ୍ୟାୟର ପଥ ଅନୁସରଣ କଲେ ସ୍ତ୍ରୀ ଯଦି ମୁଣ୍ଡପାତି ସହିନିଏ, ସେଥିରେ କ୍ଷତି ହୁଏ ସମସ୍ତଙ୍କର । ପୃଥିବୀର ପାପଭାର ବଢ଼େ । ସେ ପାପର ଫଳ ନିଷ୍ପାପ ମଣିଷକୁ ବି ଦୁଃଖ କଷ୍ଟ ଦିଏ । ତେଣୁ ସେ ଭୟଙ୍କର ଲାଞ୍ଛନା ଓ ଅସହ୍ୟ ଅପମାନ ପରେ ମଧ୍ୟ ମୁଁ ଦେହଧରି ବଞ୍ଚିରହିଛି । ସୁଖ, ସମ୍ପଦ, ରାଜଭୋଗ ଆଦି ମୋ' ଜୀବନର ଲକ୍ଷ୍ୟ ନୁହେଁ । କୃଷ୍ଣାର ଆଜି ନବଜନ୍ମ ହୋଇଛି । ଜୀବନର ଅବଶିଷ୍ଟ ଦିନ ମୁଁ ବଞ୍ଚିରହିବି ଅନ୍ୟାୟ, ଅଧର୍ମ ଏବଂ ପାପ ବିରୋଧରେ ସଂଗ୍ରାମ କରିବା ପାଇଁ । ମୁଁ ପ୍ରତିଜ୍ଞାବଦ୍ଧ ହୋଇଛି ଦୁଃଶାସନର ରକ୍ତରେ କେଶ ପ୍ରକ୍ଷାଳନ କଲେ କବରୀ ବନ୍ଧନ କରିବି, ନଚେତ୍ ମୋର ଏ କେଶ ଚିରଦିନ ମୁକୁଳା ରହିବ । ଏଥିପାଇଁ ଜଗତ ମତେ ନାରୀ ନକହି ରାକ୍ଷସୀ କହିପାରେ । ମାତ୍ର ଜଗତ ଜାଣିରଖିବା ଉଚିତ୍ ଯେଉଁ ନାରୀ ସୃଷ୍ଟିକାରିଣୀ ଓ କଲ୍ୟାଣୀ, ସେଇ ପୁଣି ପାପାତ୍ମା ଦୁରାତ୍ମାମାନଙ୍କର ଧ୍ୱଂସକାରିଣୀ ହୋଇପାରେ । ନାରୀକୁ ଦୁର୍ବଳା ମନେକରି ଯେଉଁ ଦୁଃଶାସନ ମୋର କେଶ ଆକର୍ଷଣ କରି ମତେ ଅପମାନିତ କରିଛି, ତା'ର ରକ୍ତରେ କେଶ ପ୍ରକ୍ଷାଳନ କରି ମୁଁ କବରୀ ସାଜିବାବେଳେ ଜଗତ ଜାଣିବ ନାରୀର ହୃଦୟ କୋମଳ ହୋଇପାରେ, ଦୁର୍ବଳ ନୁହେଁ। ହେ କୃଷ୍ଣ ! ମୋର ପ୍ରତିଜ୍ଞା ପୂରଣରେ ତମେ ଯଦି ସହାୟ ନହୁଅ, ତେବେ ତମର ସୁନ୍ଦର ସୃଷ୍ଟି ପାପଭାରାରେ ଅଚିରେ ଧ୍ୱଂସ ପାଇଯିବ ।''

ମୋର ଦୃଢ଼ ପ୍ରତିଜ୍ଞାପୂର୍ଣ୍ଣ ବାଣୀରେ କୃଷ୍ଣ ପ୍ରୀତ ହେଲେ ଏବଂ ପ୍ରତିଶ୍ରୁତି ଦେଇ କହିଲେ — ''କୃଷ୍ଣା, ତୁମର ରୋଷ ଏବଂ ପ୍ରତିଜ୍ଞା ଯଥାର୍ଥ । ଯେଉଁମାନେ ତୁମକୁ ଅପମାନିତ କରିଛନ୍ତି, ଯେଉଁମାନେ ତୁମକୁ ସଭାସ୍ଥଳରେ ଲାଳସାପୂର୍ଣ୍ଣ ଦୃଷ୍ଟିରେ ଗ୍ରହି

Digitized by srujanika@gmail.com

ପାପକୁ ପ୍ରୋତ୍ସାହିତ କରିଛନ୍ତି, ସେମାନେ ତମର ସ୍ୱାମୀ ଫାଲ୍‌ଗୁନିଙ୍କ ଶରରେ ଯୁଦ୍ଧଭୂମିରେ ନିହତ ହେବେ । ମହାସମରରେ ଧୃଷ୍ଟଦ୍ୟୁମ୍ନ ଦ୍ରୋଣକୁ ବିନାଶ କରିବେ, ଶିଖଣ୍ଡୀ ଭୀଷ୍ମଙ୍କୁ ବିନାଶ କରିବେ, ଭୀମସେନ ଗଦା ପ୍ରହାର କରି ଦୁର୍ଯ୍ୟୋଧନର ଉରୁଭଙ୍ଗ କରିବେ, ଧନଞ୍ଜୟ ବିନାଶ କରିବେ କର୍ଣ୍ଣଙ୍କୁ । ତମରି କାରଣରୁ ଅନେକ କ୍ଷତ୍ରିୟ ବିନାଶ ଯିବେ । କୁରୁସଭାରେ ତୁମର ଲାଞ୍ଛନା ପରେ ଏ ପୃଥିବୀ ସେଇ ଭୟଙ୍କର ମହାସମରରୁ ରକ୍ଷା ପାଇବ ନାହିଁ । ଯୁଦ୍ଧ ଅବଶ୍ୟମ୍ଭାବୀ । ତା' ନହେଲେ ଭବିଷ୍ୟତରେ ପାପର ସୀମା ରହିବ ନାହିଁ । କାଳେ କାଳେ ଦୁଷ୍ଟମାନଙ୍କର ବିନାଶ ପାଇଁ ଧରିତ୍ରୀମାତାର ବକ୍ଷ ରକ୍ତରଞ୍ଜିତ ହୁଏ । ଆକାଶ ଭୂପତିତ ହୋଇପାରେ, ହିମାଚଳ ରସାତଳଗାମୀ ହୋଇପାରେ, ସୂର୍ଯ୍ୟ ଚନ୍ଦ୍ର ଭୂପତିତ ହୋଇପାରନ୍ତି, ଭୂମଣ୍ଡଳ ଶତଧା ବିଦୀର୍ଣ୍ଣ ହୋଇ-ପାରେ; ମାତ୍ର ତମର ପ୍ରତିଜ୍ଞା ପୂରଣ ନିମନ୍ତେ ଦୁଷ୍ଟମାନଙ୍କର ନିଧନ ପାଇଁ ପାଣ୍ଡବମାନଙ୍କୁ ସାହାଯ୍ୟ କରିବା ଦିଗରେ ମୁଁ ତ୍ରୁଟି କରିବି ନାହିଁ । ସଖି, ଶୋକ କରନାହିଁ । ମୋର ପ୍ରତିଶ୍ରୁତି କେବେହେଲେ ଅନ୍ୟଥା ହେବନାହିଁ ।''

ବିଦାୟ ଲଗ୍ନ ଉପସ୍ଥିତ । ମାତା କୁନ୍ତୀ ଦୁଃଖରେ ଭାଙ୍ଗିପଡ଼ିଛନ୍ତି । ପିତୃହୀନ ଅବୋଧ ବାଳକ ପୁତ୍ରମାନଙ୍କର ସୁଖ ନିମନ୍ତେ ରାଜନନ୍ଦିନୀ ପଞ୍ଚୁ ପତ୍ନୀ କୁନ୍ତୀ କେତେ ଦୁଃଖ, କଷ୍ଟ, ବିପଦ ବରଣ ନ କରିଛନ୍ତି । ସ୍ୱାମୀ ରାଜା ଥିବାବେଳେ ମଧ୍ୟ ଧୃତରାଷ୍ଟ୍ରଙ୍କ ଈର୍ଷା ଓ ଅସୂୟା ଭାବ ଯୋଗୁଁ କୁନ୍ତୀ ରାଜସୁଖରୁ ବଞ୍ଚିତା ହୋଇ ବନବାସ ଦୁଃଖକୁ ବରଣ କରିନେଇଥିଲେ । ସେଇ ଅରଣ୍ୟବାସ ବେଳେ ହିଁ ସେ ସ୍ୱାମୀଙ୍କୁ ହରାଇଲେ । ପୁତ୍ରମାନଙ୍କର ଶିକ୍ଷା ସମାପ୍ତ ହେବା ପରେ ପୁନର୍ବାର ପ୍ରାଣ ବଞ୍ଚାଇବା ପାଇଁ ଅରଣ୍ୟ ଭିତରେ ମୁହଁ ଲୁଗ୍ୱାଇ ବୁଲୁଥିଲେ । ମୁଁ ବଧୂ ହୋଇ ଆସିବା ପରେ ଲକ୍ଷ୍ମୀ ପ୍ରସନ୍ନ ହୋଇଥିଲେ । ମାତା କୁନ୍ତୀ ଭାବିଥିଲେ ଏଥର ପୁତ୍ରମାନଙ୍କର ସୁଖ ଦେଖି ସେ ନିଶ୍ଚିନ୍ତରେ ଆଖି ବୁଜିବେ । ମାତ୍ର ସୁଖ ଯେମିତି ତାଙ୍କ ସହ ଅହରହ ବୈରତା କରିବା ପାଇଁ ପ୍ରତିଜ୍ଞାବଦ୍ଧ । ବର୍ତ୍ତମାନ ପୁତ୍ର ଏବଂ ପୁତ୍ରବଧୂ ତେରବର୍ଷର ବନବାସ ବରଣ କରୁଛନ୍ତି । ଅଜ୍ଞାତବାସ କାଳରେ ତାଙ୍କର ସନ୍ଧାନ ମିଳିଲେ ପୁନର୍ବାର ବାରବର୍ଷର ବନବାସ । କିଏ ଜାଣେ ପୁତ୍ରଶୋକରେ ଝୁରି ଝୁରି ରାଜା ଦଶରଥଙ୍କ ପରି ଶେଷବେଳରେ ପୁତ୍ରମୁଖ ନ ଦେଖି ସେ ପ୍ରାଣ ହାରିବେ କି କ'ଣ ! ମାତା କୁନ୍ତୀ ତାଙ୍କ ପୁତ୍ରମାନଙ୍କ ପାଇଁ ବ୍ୟାକୁଳିତା, ମୁଁ ମୋର ପଞ୍ଚପୁତ୍ରଙ୍କ ପାଇଁ ଆକୁଳିତା ।

କନିଷ୍ଠ ଦୁଇପୁତ୍ର ଏପର୍ଯ୍ୟନ୍ତ ସୁଦ୍ଧା ମୋର ସ୍ତନ୍ୟପାନ କରୁଛନ୍ତି । ତେରବର୍ଷ ପାଇଁ ସେମାନଙ୍କୁ ଛାଡ଼ି ଦେହ ଧରିବି କିପରି ? ସେମାନଙ୍କୁ ସଙ୍ଗରେ ନେବାର ଉପାୟ ନାହିଁ । ତାଙ୍କୁ ସୁଭଦ୍ରା ପାଖରେ ଛାଡ଼ିବାକୁ ହେବ । ସୁଭଦ୍ରା ପାଖରେ ସେମାନେ ସୁଖରେ ରହିବେ ଏଥିରେ ସନ୍ଦେହ ନାହିଁ । ଭଦ୍ରା ଅତ୍ୟନ୍ତ ସୁଶୀଳା ଓ ସ୍ନେହଶୀଳା । ଅଭିମନ୍ୟୁ ଯେପରି ମୋର ପ୍ରିୟ, ମୋର ପୁତ୍ରମାନେ ସେପରି ଭଦ୍ରାର ପ୍ରିୟ । ମୋର

Digitized by srujanika@gmail.com

ସନ୍ତାନ ଏବଂ ଭଦ୍ରାର ସନ୍ତାନ ଭିତରେ ତଫାତ୍ ବା କ'ଣ ? ପଞ୍ଚପାଣ୍ଡବଙ୍କର ମାତା କୁନ୍ତୀ ଓ ମାଦ୍ରୀ ହେଲେ ମଧ୍ୟ ସେମାନେ ଯେମିତି ଏକାତ୍ମ ଏବଂ କୁନ୍ତୀଙ୍କ ଆଖିରେ ସମାନ, ମୋର ପୁତ୍ର ଏବଂ ସୁଭଦ୍ରାର ପୁତ୍ର ସେମିତି ଆମ ଦୁହିଁଙ୍କ ଆଖିରେ ସମାନ । ସୁଭଦ୍ରା ପିଲାମାନଙ୍କୁ ନେଇ କୃଷ୍ଣଙ୍କ ସହ ଦ୍ୱାରକାପୁରୀ ଗ୍ୱଲିଯିବ । ମାମୁ ଘରକୁ ଯିବେ ବୋଲି ପିଲାମାନେ ଖୁସି । ପିଲାମାନେ ଦ୍ୱାରକାପୁରୀରେ ରହିବେ ବୋଲି ସଖୀଙ୍କର ଆନନ୍ଦ କହିଲେ ନସରେ । ମାତ୍ର ମୋ ମନ ବୁଝୁଛି କେଉଁଠି ? ବନବାସ କଷ୍ଟ ପିଲାମାନଙ୍କ ମୁଖଦର୍ଶନ ବିନା ଯେ ଶତଗୁଣିତ ହେବ ଏକଥା ମୋ' ଛଡ଼ା ଆଉ କେହି ବୁଝିବେ ନାହିଁ । ଯଦି ବର୍ତ୍ତମାନ ମୋ ଦୁଃଖ କେହି ବୁଝିବେ, ସେ ହେଉଛନ୍ତି ମାତା କୁନ୍ତୀ ।

ମାତା କୁନ୍ତୀ ଅତି ଦୁଃଖରେ ମତେ ବୁଝାଉଥା'ନ୍ତି — ''ମା କୃଷ୍ଣା, ତମେ ସତୀ, ସାଧ୍ୱୀ, ବିଦ୍ୟାବତୀ । ନିଜର ସ୍ୱଭାବ ଗୁଣରେ ଉଭୟ କୁଳର ମୁଖ ଉଜ୍ଜ୍ୱଳ କରିଛ । ତମକୁ କି ସାନ୍ତ୍ୱନା ବା ଦେବି ? ମୋର ପୁତ୍ରମାନଙ୍କ ପ୍ରତି ମନର ଦୁଃଖ ଓ ଅଭିମାନରେ ଅବହେଳା ପ୍ରଦର୍ଶନ କରିବ ନାହିଁ । କପାଳ ଲିଖନ ଅକାଟ୍ୟ । ତେଣୁ ଯୁଧିଷ୍ଠିରକୁ ଦୋଷ ଦେବନାହିଁ । ଭୀମର ପେଟ ଚିହ୍ନିବ । ନକୁଳ ଓ ସହଦେବଙ୍କୁ ଅଧିକ ଶ୍ରଦ୍ଧାର ସହ ଆଦର ଯତ୍ନ କରିବ, କାରଣ ସେମାନେ କନିଷ୍ଠ ଓ ସ୍ୱଭାବତଃ ସ୍ନେହକାଙ୍ଗାଳ । ସର୍ବଶେଷରେ ଆଉ ଏକ ଅନୁରୋଧ, କର୍ଣ୍ଣକୁ କ୍ଷମା କରିଦେବ । କର୍ଣ୍ଣ ତୁମ ପ୍ରତି ଯେଉଁ ବ୍ୟବହାର ଦେଖାଇଛି, ତାହା ଦୁଃଖଦାୟକ । ସଙ୍ଗଦୋଷ ଯୋଗୁଁ ସେ ଏପରି ଆଚରଣ କରିଛି । ତମର ଅଟଳ ପ୍ରତିଜ୍ଞା ମୋର ହୃଦୟରେ ଗଭୀର ଆଲୋଡ଼ନ ସୃଷ୍ଟି କରୁଛି । ତମର ପ୍ରତିଜ୍ଞା ଯଥାର୍ଥ । କିନ୍ତୁ କର୍ଣ୍ଣ ନିର୍ଦ୍ଦୋଷ । ବାଲ୍ୟକାଳରୁ ପାଇଆସିଥିବା ଲାଞ୍ଛନାର ଫଳ ଯୋଗୁଁ ସେ ଏପରି ଆଚରଣ ପ୍ରଦର୍ଶନ କଲେ ମଧ୍ୟ ସ୍ୱଭାବତଃ ସେ ଅତ୍ୟନ୍ତ ଭଦ୍ର ଓ ସୁଶୀଳ । ତା' ପାଇଁ ମନରେ ବୈରଭାବ ରଖିବ ନାହିଁ । ଯେତେହେଲେ ସେ ତ ମୋର ଧର୍ମପୁତ୍ର ।''

ମାତା କୁନ୍ତୀଙ୍କର ଆଖି ଛଳ ଛଳ ହେଲା । ମୁଁ ବିସ୍ମାୟାଭିଭୂତା ହୋଇ ମା'ଙ୍କ ହୃଦୟର ଯନ୍ତ୍ରଣାକୁ ବୁଝିବାକୁ ଚେଷ୍ଟା କରୁଥିଲି । ମା'ଙ୍କ ହୃଦୟର ଉଦାରତା ମୋ ମନରେ ମଧ୍ୟ ପୁନର୍ବାର କର୍ଣ୍ଣଙ୍କ ପ୍ରତି ସହାନୁଭୂତିର ସୂକ୍ଷ୍ମ ରାଗିଣୀଟିଏ ତୋଳିଲା । କିଛି ଉତ୍ତର ନ ଦେଇ ମୁଁ ନୀରବ ରହିଲି ।

ବିଦୁରଙ୍କ ଭବନରେ ମା' ରହିଲେ । କୃଷ୍ଣ ଓ ସୁଭଦ୍ରା ପିଲାମାନଙ୍କୁ ସଙ୍ଗରେ ନେଇ ଗ୍ୱଲିଗଲେ । ବିଦାୟ ବେଳାରେ କୃଷ୍ଣ ମୃଦୁ ହସି କହିଲେ — ''ପାଣ୍ଡବମାନଙ୍କ ପ୍ରତି ମୋର ଘୋର ଈର୍ଷା ହେଉଛି । ତମ ଭଳି ସ୍ତ୍ରୀରତ୍ନକୁ ସଙ୍ଗରେ ଧରି ଚିନ୍ତା ଓ ଦାୟିତ୍ୱଶୂନ୍ୟ ଚିତ୍ତରେ ବନବିହାର କରିବା ପରମ ସୌଭାଗ୍ୟର କଥା । ମୋର ଟିକି ଭଉଣୀ ସୁଭଦ୍ରା ବର୍ତ୍ତମାନ ତେରବର୍ଷର ବିରହକୁ ବରଣ କରି ନେଇଛି । ତେଣୁ ସଖି,

Digitized by srujanika@gmail.com

ତମେ ଭାଗ୍ୟବତୀ । ତମମାନଙ୍କ ସୁଖରେ ଅଂଶୀଦାର ହେବାପାଇଁ ମୁଁ ନିଶ୍ଚୟ ବେଳେବେଳେ ଅରଣ୍ୟ କୁଟୀରରେ ଉପସ୍ଥିତ ହେବି । ସଖି ! ତମ ହାତରନ୍ଧା ଖାଦ୍ୟ ନଖାଇ ମୁଁ ତେରବର୍ଷ ରହିପାରିବି କେମିତି ? ସେଇ ଲୋଭରେ ବାରମ୍ବାର ପାଣ୍ଡବମାନଙ୍କର ମୁଁ ଅତିଥି ହୁଏ ଏକଥା ସମସ୍ତେ ଜାଣନ୍ତି ।''

ମୁଁ ଆନନ୍ଦରେ କହିଲି — ''ସଖା, ତମକୁ ନିଜ ହାତରନ୍ଧା ଖୁଆଇବାରେ ମୋର ବି କମ୍ ଆନନ୍ଦ ନୁହେଁ । ମୋ ହାତ ସ୍ପର୍ଶରେ ଖାଦ୍ୟପଦାର୍ଥ ଅମୃତ ପାଲଟିଯାଏ ବୋଲି ତମେ ଥରେ କହିଥିଲ । ଯେ କୌଣସି ସ୍ତ୍ରୀ ପକ୍ଷରେ ସେତିକି ତ ପରମ ଗୌରବର କଥା । ସ୍ତ୍ରୀ ମାତ୍ରେଇ ଅନ୍ନଦାତ୍ରୀ — ନିଜ ବକ୍ଷର ଅମୃତଦାନ କରିବାର ଶକ୍ତି କେବଳ ସ୍ତ୍ରୀ'ଙ୍କର ହିଁ ଅଛି । ସେ ଶକ୍ତି ପୁରୁଷର ନାହିଁ । ସେଇଥିପାଇଁ ଯେ କୌଣସି ଅତିଥିକୁ ମନବୋଧ କରି ଖୁଆଇବାରେ ସ୍ତ୍ରୀ ଜାତିର ସହଜାତ ଆନନ୍ଦ । ସ୍ତ୍ରୀ ଜାତିକୁ ଅମୃତଦାନର ଶକ୍ତି ଦେଇଥିବାରୁ ସ୍ତ୍ରୀ ଜାତି ଧନ୍ୟା ଏବଂ ସ୍ରଷ୍ଟା ମଧ୍ୟ ଧନ୍ୟ । ହେ କୃଷ୍ଣ ! ତମପାଇଁ ଅପେକ୍ଷା କରିବି । ମଝିରେ ମଝିରେ ତମେ ଅତିଥି ହେଲେ ତମକୁ ମନବୋଧ କରି ଖୁଆଇବା ଦ୍ୱାରା ମୁଁ ମୋର ସନ୍ତାନମାନଙ୍କୁ ପେଟଭରି ଖୁଆଇବାର ସୁଖ ଅନୁଭବ କରିବି । ଶିଶୁ, ଅତିଥି ଏବଂ ଈଶ୍ୱର ମୋ ପାଖରେ ଏକାପରି ପ୍ରିୟ ।''

କୃଷ୍ଣ ହସି ହସି କହିଲେ — ''ଦେଖ, ମତେ ତୁମର ସନ୍ତାନ, ଅତିଥି ବା ଈଶ୍ୱର ସ୍ଥାନରେ ରଖ ନାହିଁ । ମୁଁ ତମର ସଖା । ତମେ ମୋର ସଖୀ । ମଣିଷ ମଣିଷ ମଧ୍ୟରେ ସମସ୍ତ ସମ୍ପର୍କର ବହୁ ଉର୍ଦ୍ଧ୍ୱରେ ଆମର ଏ ସମ୍ପର୍କ । ଏ ସମ୍ପର୍କର ସଂଜ୍ଞା ନିରୂପଣ ମଣିଷର ଶକ୍ତି ଓ ଜ୍ଞାନ-ରହିତ । ତାହା ହିଁ ମୋର ଆନନ୍ଦ ।''

ସଖା ବିଦାୟ ନେଲେ — ସାକ୍ଷାତ ହେବାର ପ୍ରତିଶ୍ରୁତି ଦେଇ ।

ହସ୍ତିନାର ରାଜପଥ ଦେଇ ଆମେମାନେ ବନଗମନ କରୁଥିବାର ଦୃଶ୍ୟରେ ପୁରବାସୀଗଣ କ୍ରନ୍ଦନ କରିବାକୁ ଲାଗିଲେ ଏବଂ ଶହଶହ ସଂଖ୍ୟାରେ ଆମର ଅନୁଗାମୀ ହେବା ପାଇଁ ଗୃହତ୍ୟାଗ କରି ରାଜପଥକୁ ବାହାରି ଆସିଲେ । ଯୁଧିଷ୍ଠିର ସେମାନଙ୍କୁ ନାନା ପ୍ରବୋଧନା ଦେଇ ମାତା କୁନ୍ତୀ, ଧୃତରାଷ୍ଟ୍ର ଓ ଗାନ୍ଧାରୀ, ପିତାମହ ଭୀଷ୍ମଙ୍କର ଯତ୍ନ ନେବା ପାଇଁ ଅନୁରୋଧ କରି ଫେରାଇଦେଲେ । ପୁରବାସୀଙ୍କ ଭିତରୁ ବହୁସଂଖ୍ୟକ ବ୍ରାହ୍ମଣ ଫେରିଯିବା ପାଇଁ ରାଜି ହେଲେନାହିଁ । ଯେଉଁ ରାଜ୍ୟରେ ଧର୍ମ ନାହିଁ, ସେଠାରେ ବ୍ରାହ୍ମଣମାନଙ୍କର ଧର୍ମ ଓ ଜୀବନ ପ୍ରତି ପଦେପଦେ ବିପଦ ଉପସ୍ଥିତ ହେବ ଜାଣି ଯୁଧିଷ୍ଠିର ସେମାନଙ୍କୁ ବାଧ୍ୟ କରି ଫେରାଇଦେଇ ପାରିଲେ ନାହିଁ । ଅରଣ୍ୟରେ ଏତେସଂଖ୍ୟକ ବ୍ରାହ୍ମଣଙ୍କର ଭରଣପୋଷଣ ଏକାନ୍ତ ଅସମ୍ଭବ ଜାଣି ଯୁଧିଷ୍ଠିର ଚିନ୍ତିତ ହୋଇ ଧର୍ମଦେବତା ସୂର୍ଯ୍ୟଙ୍କୁ ଉପାସନା କଲେ । ସୂର୍ଯ୍ୟ ସନ୍ତୁଷ୍ଟ ହୋଇ ତାମ୍ରନିର୍ମିତ

Digitized by srujanika@gmail.com

ଏକ ଅକ୍ଷୟପାତ୍ର ତାଙ୍କ ହାତରେ ପ୍ରଦାନ କରି କହିଲେ — ''କ୍ଷୁଧାର୍ତ୍ତକୁ ଆହାର ଦାନ ହେଉଛି ସର୍ବଶ୍ରେଷ୍ଠ ଦାନ । କାରଣ ତାହା ଜୀବନରକ୍ଷା କରିଥାଏ । ଏହି ଅକ୍ଷୟପାତ୍ରରେ ବାରବର୍ଷ ନିମନ୍ତେ ଖାଦ୍ୟ ପଦାର୍ଥ ରହିଛି । ଏଥିରେ ରନ୍ଧନ କଲେ ଦିବସର ଯେଉଁ ମୁହୂର୍ତ୍ତ ପର୍ଯ୍ୟନ୍ତ ଦ୍ରୌପଦୀ ଭୋଜନ କରି ନଥିବେ, ସେପର୍ଯ୍ୟନ୍ତ ଯେତେ ଖାଦ୍ୟ ଆବଶ୍ୟକ ହେବ, ଏଥିରେ ପୂର୍ଣ୍ଣ ହୋଇ ରହିବ । ମାତ୍ର ଦ୍ରୌପଦୀ ନିଜ ପାଇଁ ଖାଦ୍ୟ ବାଢ଼ିନେଲେ ପାତ୍ରରୁ ସେହିଦିନ ପାଇଁ ଖାଦ୍ୟ ଶେଷ ହୋଇଯିବ ।''

ସୂର୍ଯ୍ୟଙ୍କୁ ପ୍ରଣତି ଜଣାଇ ଅକ୍ଷୟ ପାତ୍ର ଧରି ବ୍ରାହ୍ମଣମାନଙ୍କ ସହ ଶାନ୍ତ ସ୍ଥିର ଚିତ୍ତରେ ଆମେ କାମ୍ୟକ ବନକୁ ଯାତ୍ରା କରିବା ପାଇଁ ସ୍ଥିର କଲୁ । ଅଭୁକ୍ତକୁ ଆହାର ଦେବା ପାଇଁ ମୋ ହାତରେ ଅକ୍ଷୟପାତ୍ର ଥିବାବେଳେ ରାଜ୍ୟ, ଧନ ସମ୍ପତ୍ତି ଏବଂ ପ୍ରତିପତ୍ତିର ମୋହ ମୋ ପକ୍ଷେ ଅତ୍ୟନ୍ତ ତୁଚ୍ଛ ମନେହେଲା । ବର୍ତ୍ତମାନ ସାରା ଅରଣ୍ୟର ମଣିଷ, ପଶୁପକ୍ଷୀ, କୀଟପତଙ୍ଗ ମଧ୍ୟ ଅନାହାରରେ ଦିନ କାଟିବେ ନାହିଁ ଏତିକି ଭାବି ମୋର ଦୁଃଖଭରା ହୃଦୟ ଆନନ୍ଦ ଏବଂ ତୃପ୍ତିରେ ପରିପୂର୍ଣ୍ଣ ହୋଇଗଲା ।

ବନଗ୍ୱରୀ ବେଶରେ ପଞ୍ଚପାଣ୍ଡବ ହସ୍ତିନାର ରାଜରାସ୍ତାରେ ଗ୍ୱଲିଛନ୍ତି । ତାଙ୍କ ମଧ୍ୟରେ ମୁଁ ଗ୍ୱଲିଛି ମଥାନତ କରି । ରାଜ୍ୟବାସୀ ଆମ ଉପରେ ଅଶ୍ରୁଭିଜା ପୁଷ୍ପବୃଷ୍ଟି କରୁଛନ୍ତି । ପୁରନାରୀମାନେ ଉଦ୍‌ଗତ କୋହକୁ ଗ୍ୱପିରଖି ହୁଳହୁଳି ଦେଉଛନ୍ତି । ଗୁରୁଜନ ବ୍ୟକ୍ତିମାନେ ନାନା ମନ୍ତ୍ରପାଠ କରି ପାଣ୍ଡବମାନଙ୍କ ମଙ୍ଗଳ ମନାସୁଛନ୍ତି । କେହି କେହି ନିଜର ସଞ୍ଚିତ ଅମୂଲ୍ୟ ଦ୍ରବ୍ୟ ଆମକୁ ଉପହାର ଦେଉଛନ୍ତି । ଯୁଧିଷ୍ଠିର ହାତଯୋଡ଼ି ବିନମ୍ର ଭାବରେ କହୁଛନ୍ତି — ''ଆପଣମାନଙ୍କର ସ୍ନେହ ଓ ଶୁଭେଚ୍ଛା ଆମମାନଙ୍କର ପାଥେୟ । ଉପହାର ଗ୍ରହଣ କରିବାକୁ ଆମେ ଅକ୍ଷମ । ଆମେ ସର୍ବସ୍ୱ ହରାଇ ବନବାସ କରିବା ପାଇଁ ଯିବାବେଳେ ଆପଣମାନଙ୍କ ପ୍ରଦତ୍ତ ମୂଲ୍ୟବାନ ଦ୍ରବ୍ୟ ନେବୁ କିପରି ? ସେସବୁର ଅଧିକାରୀ ତ ରାଜା ଦୁର୍ଯ୍ୟୋଧନ । ଆପଣମାନେ ଆମମାନଙ୍କୁ ଉପହାର ଦେବାପାଇଁ ପ୍ରସ୍ତୁତ; ସେତିକି ଆମର ଯଥେଷ୍ଟ ।''

କିଛି ରାସ୍ତା ଯିବା ପରେ ପଥ ମଧ୍ୟରେ ଦୁଃଶାସନ ଏବଂ କର୍ଣ୍ଣ କେତେଜଣ ପରିଗ୍ୱରକଙ୍କ ସହ ଅପେକ୍ଷା କରିଥିବାର ଦେଖିଲୁ । ଭାବିଲୁ ହୁଏତ ଦୁଃଶାସନ ବିଦାୟ ବେଳାରେ ସବୁ ବିଭେଦ ଭୁଲି କ୍ଷମା ମାଗିବା ପାଇଁ ଅପେକ୍ଷା କରିଛି । ବିଦାୟର ଏତିକି ସୁଫଳ ଯେ ସବୁ ବିଦ୍ୱେଷ ସେ ଧୋଇନିଏ ।

ଦୁଃଶାସନ ଆମର ପଥରୋଧ କଲା । ଯୁଧିଷ୍ଠିର ତା'ର କାନ୍ଧରେ ହାତରଖି ସ୍ନେହ ସଜ୍ଜଳ କଣ୍ଠରେ କହିଲେ — ''ଭାଇ, ସବୁକଥା ଭୁଲିଯାଅ । ଘର ଜଲେ ଭାଇ ଭାଇ ଭିତରେ ରାଗ, ରୋଷ, ଅଭିମାନ ହେବା ସ୍ୱାଭାବିକ । ସମୟ ପୁଣି ସବୁକଥା

Digitized by srujanika@gmail.com

ସମତୁଲ କରିଦିଏ । ଦୂରତ୍ୱ ଏବଂ ଅଦର୍ଶନ ବିଚ୍ଛିନ୍ନ ବ୍ୟକ୍ତିଙ୍କୁ ନିକଟତର କରାଏ । ତେରବର୍ଷ ପରେ ଫେରିଆସିବା ବେଳକୁ ଆମେ ସବୁ ଭୁଲି ନିକଟତର ହୋଇଥିବା । ମୋର ଆଶା, କୃଷ୍ଣା ମଧ୍ୟ ସବୁକଥା ଭୁଲିଯାଇଥିବେ । ସୁଖରେ ରୁହ । ବୃଦ୍ଧ ପିତାମାତା, ପିତାମହ ଭୀଷ୍ମ ଏବଂ ମାତା କୁନ୍ତୀ ତମକୁ ଲାଗିଲେ ।''

ଦୁଃଶାସନ ଅଟ୍ଟହାସ୍ୟ ଏବଂ ବ୍ୟଙ୍ଗ କରି କହିଲା — ''ତମେ ଆଉ କେଉଁଥିରେ ନହେଲେ ମଧ୍ୟ ବାକ୍ୟରେ ବୀର । କି ସୁମଧୁର କଥା ! ଭାବିଛ ମଧୁର କଥା ଶୁଣି ମୁଁ ଭୁଲିଯିବି ? ତମେମାନେ ସଙ୍ଗରେ କି ଦ୍ରବ୍ୟ ସବୁ ନେଇଯାଉଛ ତାକୁ ହିଁ ଦେଖିବା ପାଇଁ ଆମେ ଏଠାରେ ବହୁ ସମୟରୁ ଅପେକ୍ଷା କରିଛୁ । ଏକବସ୍ତ୍ର ଏବଂ ଅସ୍ତ୍ର ବ୍ୟତୀତ କୁଟାଖିଏ ମଧ୍ୟ ତମେ ସଙ୍ଗରେ ନେଇପାରିବ ନାହିଁ । ରାଜା ଦୁର୍ଯ୍ୟୋଧନଙ୍କର ଏହାହିଁ ନିର୍ଦ୍ଦେଶ ।''

ଯୁଧିଷ୍ଠିର ହସି ହସି କହିଲେ — ''କାହିଁକି ଏତେ କଷ୍ଟ ସହି ଅପେକ୍ଷା କଲ ଭାଇ ଦୁଃଶାସନ ? ରାଜା ଦୁର୍ଯ୍ୟୋଧନଙ୍କର ନିର୍ଦ୍ଦେଶ ଆମେ ଅକ୍ଷରେ ଅକ୍ଷରେ ପାଳିଛୁ । ଦେଖ ବସ୍ତ୍ର ଏବଂ ଅସ୍ତ୍ର ବ୍ୟତୀତ ଆମ ପାଖରେ କିଛି ନାହିଁ । କର୍ଣ୍ଣର କୁଣ୍ଡଳ, ଗଳାହାର, କଙ୍କଣ, ମୁଦ୍ରିକା ଏବଂ ଏପରିକି ପାଦର ପାଣ୍ଡୋଇ ମଧ୍ୟ ଆମେ କାଢ଼ି ଭଣ୍ଡାରରକ୍ଷକ ଜିମା ଦେଇଆସିଛୁ ।''

ଦୁଃଶାସନ ହସି ହସି କହିଲା— ''ତମେ ସାଧୁ, ଏ କଥାରେ ମୋର ସନ୍ଦେହ ନାହିଁ; ମାତ୍ର ଭୀମ ଉପରେ ମୋର ବିଶ୍ୱାସ ନାହିଁ । ଅନ୍ତତଃ ଖାଦ୍ୟପୁଟୁଳିଟିଏ ସେ କେଉଁ କୌଶଳରେ ସଙ୍ଗରେ ବାନ୍ଧିନଥିବ ବୋଲି କିଏ କହିବ ।''

ମୁଁ ରୁକ୍ଷ କଣ୍ଠରେ କହିଲି —''କୋଟି କୋଟି ଜନତାକୁ ଭୁରି ଭୋଜନରେ ଆପ୍ୟାୟିତ କରିବାର ପବିତ୍ର କ୍ଷମତା ସୂର୍ଯ୍ୟଦେବ ଆମକୁ ଦେଇଥିବା ସ୍ଥଳେ ଭୀମ ହସ୍ତିନାପୁରୀରୁ ଖାଦ୍ୟ ମୁଠାଏ ନେଇଯିବେ କାହିଁକି ?''

''ପ୍ରକୃତିଦୋଷକୁ ଏଡ଼ିବା କଷ୍ଟ ନୁହେଁ କି ?'' ଦୁଃଶାସନ କହିଲା ଏବଂ ଅସ୍ତ୍ରଶସ୍ତ୍ର ଇତ୍ୟାଦିକୁ ଭଲକରି ଦେଖିନେବା ପରେ ବାଟ ଛାଡ଼ିଦେଲା ।

ଆମେ ଆଗେଇ ଯାଉଛୁ, ପଛରୁ ଦୁଃଶାସନ ଆଦେଶ କଲା — ''ଠିଆହୁଅ ଯାଜ୍ଞସେନି — ମୋ ଆଖିରେ ଧୂଳିଦେବା ସହଜ ହୋଇପାରେ, ମାତ୍ର ଆମର ବନ୍ଧୁ କର୍ଣ୍ଣଙ୍କ ଆଖିରେ ଧୂଳିଦେଇ ଖସିଯିବା ଏଡ଼େ ସହଜ ବ୍ୟାପାର ନୁହେଁ ! ଛିଃ ଛିଃ, ରାଜକନ୍ୟା ହୋଇ ସାମାନ୍ୟ ଅଳଙ୍କାର ପାଇଁ ତମର ଏତେ ପ୍ରଲୋଭନ ! ଅବଶ୍ୟ ଯେତେହେଲେ ସ୍ତ୍ରୀ ସ୍ୱଭାବ ତ ! ସ୍ୱାମୀମାନେ ଗହଣା ଖଣ୍ଡେ ଦେବାପାଇଁ ଅପାରଗ ବୋଲି ଜାଣିସାରିବା ପରେ ମନରେ ଲୋଭ ହେବା ସ୍ୱାଭାବିକ ।''

Digitized by srujanika@gmail.com

ମୁଁ ସ୍ଥିର ହୋଇ ଠିଆହେଲି । ମୋ ବକ୍ଷଦେଶର ମଣିହାର, ହାତର କଙ୍କଣ ଓ କର୍ଣ୍ଣଫୁଲ, ମୋର ବିବାହ ମୁଦ୍ରିକା ଇତ୍ୟାଦିକୁ ବାରମ୍ବାର ଘୃହୁଁଥିଲେ କର୍ଣ୍ଣ ଏବଂ ଘୃପା ଗଳାରେ କହୁଥିଲେ — ''ସବୁ ଅଳଙ୍କାର ଖୋଲିଦେଇ ଖାଲିଏ ମାତ୍ର ବସ୍ତ୍ର ପିନ୍ଧି ରାଜ୍ୟ ସୀମା ପାରିହୋଇ ଯିବାପାଇଁ ମହାରାଜା ଦୁର୍ଯ୍ୟୋଧନଙ୍କର ଆଦେଶ । ଆମକୁ ଖରାପ ଭାବିବ ନାହିଁ । ଆମେ କେବଳ ଆଜ୍ଞାକାରୀ ।''

ମୁଁ ଶାନ୍ତ କଣ୍ଠରେ କହିଲି — ''ଆପଣଙ୍କ ପ୍ରତି ମନରେ ବିଦ୍ୱେଷ ରଖିବି ନାହିଁ ବୋଲି ମାତା କୁନ୍ତୀ ମୋଠାରୁ ଶପଥ କରାଇ ନେଇଛନ୍ତି । ଆପଣ ମାତା କୁନ୍ତୀଙ୍କର ଧର୍ମପୁତ୍ର, ଆମମାନଙ୍କର ନମସ୍ୟ ଏବଂ ପ୍ରିୟ । ମୁଁ ସଧବା ନାରୀ । ଅଳଙ୍କାର ଖୋଲି ରଖିବା ପାଇଁ ମାଯ୍ୟା ବାରଣ କରିବାରୁ ମୁଁ ଏସବୁ ପିନ୍ଧିଛି । ସେଥିପାଇଁ ମାତା ଗାନ୍ଧାରୀଙ୍କଠାରୁ ଅନୁମତି ଆଣିଛି ।''

''ଗାନ୍ଧାରୀ ରାଜମାତା — ଆମେ ରାଜାଙ୍କ ନିର୍ଦ୍ଦେଶରେ କାମ କରୁ ।'' ଗମ୍ଭୀର କଣ୍ଠରେ କହିଲେ କର୍ଣ୍ଣ ।

ଦୁଃଶାସନ ମୋ ସମ୍ମୁଖରେ ଠିଆହୋଇ କର୍କଶ କଣ୍ଠରେ କହିଲା — ''ବଳାତ୍କାର କରିବା ପୂର୍ବରୁ ସ୍ୱହସ୍ତରେ ଅଳଙ୍କାରଗୁଡ଼ିକ ଖୋଲିଦିଅ ସୁନ୍ଦରି । ଅଳଙ୍କାର ଖୋଲିଦେବା ପରେ ମଧ୍ୟ ତମର ସୌନ୍ଦର୍ଯ୍ୟ ଉଣା ହେବ ନାହିଁ ।''

ନିତମ୍ବିନୀ ଓ ମାଯ୍ୟା କିଛିବାଟ ବଳାଇ ଦେବା ପାଇଁ ସଙ୍ଗରେ ଆସିଥିଲେ । ମାଯ୍ୟା ମୋ ଶରୀରରୁ ସମସ୍ତ ଅଳଙ୍କାର ଖୋଲି ରଖିଲା । ଏପରିକି ନାସାଗ୍ରର ଫୁଲଟିକୁ ମଧ୍ୟ ଖୋଲି ରଖିବା ପାଇଁ ମୁଁ ତାକୁ ନିର୍ଦ୍ଦେଶ ଦେଲି । ନିତମ୍ବିନୀ ଫୁଲର ଗଜରାରେ ମୋର ବାହୁ, ହସ୍ତ, ଗଳା ଏବଂ କେଶ ମଣ୍ଡଣି କରିଦେଲା । ମଧୁର ସ୍ୱରରେ କହିଲା— ''ସଖି, ତମେ ଋଷିକନ୍ୟା ଭଳି ପବିତ୍ର ଏବଂ ଅନିନ୍ଦ୍ୟ ମନେହେଉଛ । ସେମାନେ ପଥରୋଧ କରି ଅପେକ୍ଷା କରିଥିବେ ଶୁଣି ମୁଁ ଫୁଲର ଅଳଙ୍କାର ସଜାଇ ରଖିଥିଲି । ମାଯ୍ୟା ବଡ଼ ମାଯ୍ୟାବିନୀ । ତା' କଥା ଶୁଣିନଥିଲେ ଏ ହଟହଟା ହୋଇନଥା'ନ୍ତ ।''

ଫୁଲର ଅଳଙ୍କାରରେ ମୁଁ କିପରି ଦିଶୁଛି ମୁଁ ନିଜେ ଜାଣିପାରୁ ନଥିଲେ ମଧ୍ୟ ନିଜକୁ ମୁଁ ଦେଖୁଥିଲି ମୋର ସ୍ୱାମୀମାନଙ୍କର ମୁଗ୍ଧ ବିଭୋର ଦୃଷ୍ଟିରେ । ନିଜର ଅନିନ୍ଦ୍ୟ ରୂପକୁ କଳ୍ପନା କରି ମୁଁ ବିଭୋର ହେଉଥିଲି । ଅର୍ଜୁନ ଚୁପ୍‌ଚୁପ୍ କରି ମୋ କାନ ପାଖରେ କହୁଥିଲେ — ''ଏ ରୂପରେ ତମେ ଏତେ ସୁନ୍ଦର ଦିଶ ଜାଣିବା ପରେ ତେରବର୍ଷ ନୁହେଁ, ତିନିଶହ ବର୍ଷ ବନବାସ କରିବା ପାଇଁ ଇଚ୍ଛା ହେଉଛି । ଅଳଙ୍କାର ତମର କୋମଳ ଶରୀରକୁ ନିଶ୍ଚୟ କଷ୍ଟ ଦେଉଥିବ । ତମପାଇଁ ଫୁଲର ଅଳଙ୍କାର ହିଁ ଉପଯୁକ୍ତ ।''

Digitized by srujanika@gmail.com

ମୁଁ ଲଜ୍ଜା ଏବଂ ଆନନ୍ଦରେ ପ୍ରିୟଜନଙ୍କ ବିଦାୟ ବେଳାର କଷ୍ଟ ଭୁଲି ଯାଇଥିଲି ।

ହଠାତ୍ ଦେଖିଲି, କର୍ଣ୍ଣ ମୁଗ୍ଧବିଭୋର ଦୃଷ୍ଟିରେ ଏକଲଯରେ ମତେ ଗ୍ରହିଁରହିଛନ୍ତି । ଆଖିର ପଲଜ ପଡୁନାହିଁ । ସେ ଦୃଷ୍ଟିରେ କୁତ୍ସିତ କାମନାରେ ଲେଲିହାନ ଶିଖା ନାହିଁ — ମଧୁର କରୁଣ ମମତାର ସ୍ତିମିତ ଶିଖାଟିଏ ସେଠି ଜଳୁଛି, ଅତି ସଂଗୋପନରେ, କୁଣ୍ଠିତ ଆବେଗରେ । ଛାତିରେ ଅଜସ୍ରାତ୍ ତମକ ଲାଗିଲା । ପୁଣି ନିଜକୁ ଧିକ୍‌କାର କଲି । ଯିଏ ମୋର ଏତବଡ଼ ଅପମାନର କାରଣ ତାଙ୍କ ମୁଗ୍ଧ ଦୃଷ୍ଟିରେଖା ପୁଣି ମତେ ତହଲାଇ ଦିଏ ! ଛି, ମୋର କ'ଣ ଟିକେ ଆତ୍ମସମ୍ମାନ ନାହିଁ ?

ଅବଜ୍ଞାର କଟାକ୍ଷ ହାଣି ମୁଁ ଆଗକୁ ଗ୍ଲିଲି । ଦୁଃଶାସନ ଏବଂ କର୍ଣ୍ଣ ଆମକୁ ପୁନର୍ବାର ଅନୁସରଣ କରୁଥିଲେ ।

ପୁରନାରୀମାନଙ୍କ ମେଳରେ ଗୁରୁପତ୍ନୀ ହରିତା ଏବଂ କର୍ଣ୍ଣପତ୍ନୀ ଋତୁବତୀ ପଥମଧ୍ୟରେ ଅର୍ଘ୍ୟଥାଳି ଧରି ଅପେକ୍ଷା କରିଥିବାର ଦେଖିଲୁ । ହସ୍ତିନାପୁରୀର ଶେଷସୀମାରେ ଆମେ ପହଞ୍ଚିଯାଇଛୁ । ବିଦାୟ ସମ୍ବର୍ଦ୍ଧନା ଜଣାଇବା ପାଇଁ ପୁରନାରୀମାନେ ଅପେକ୍ଷା କରିଛନ୍ତି ।

ଗୁରୁପତ୍ନୀ ହରିତା ମତେ ହୃଦୟରେ ଲଗାଇ କାନ୍ଦିପକାଇଲେ । କହିଲେ — ''କୃଷ୍ଣା, ମୋର ସ୍ୱାମୀଙ୍କୁ କ୍ଷମା କରିଦେବ । ଗୁରୁ ଏବଂ ବ୍ରାହ୍ମଣ ହେଲେ ମଧ୍ୟ ସେ ନିଜର ଉଚିତ କର୍ମ କରିନାହାନ୍ତି । ସଭାସ୍ଥଳରେ ତୁମର ଏତେବଡ଼ ଅପମାନକୁ ନୀରବରେ ସମର୍ଥନ କରିବା ଅପରାଧରେ ତାଙ୍କର ସମସ୍ତ ପୁଣ୍ୟ କ୍ଷୟ ହୋଇଛି । ତମର ଅଭିଶାପରେ ତାଙ୍କର ଯେ ବଂଶନାଶ ହୋଇଯିବ ଏକଥା ଜାଣି ମଧ୍ୟ କୌରବମାନଙ୍କର ଅନ୍ନ ଖାଉଛନ୍ତି ବୋଲି ସେ ଅନ୍ୟାୟକୁ ପ୍ରଶ୍ରୟ ଦେଇଛନ୍ତି । ତାଙ୍କ ପାଇଁ ସବୁ ଅପରାଧ ମୁଁ ମାନିନେଉଛି । ମୋର ଏକମାତ୍ର ପୁତ୍ର ଅଶ୍ୱତ୍‌ଥାମାକୁ ଦୟାକରି ଅଭିଶାପ ଦିଅନାହିଁ । ତମର ମଙ୍ଗଳ କାମନା କରୁଛି । ମୋ ନିଃସଙ୍ଗ ଜୀବନର ଅନ୍ତରଙ୍ଗ ସଖୀ ତୁମେ । ତମର ବନବାସ ମୋ ପାଇଁ କେତେ କଷ୍ଟଦାୟକ ତା' ତୁମେ ନିଶ୍ଚୟ ବୁଝିବ ।''

ମୁଁ ମଧ୍ୟ ହରିତାଙ୍କ ବୁକୁରେ ମୁଣ୍ଡ ରଖି ଦୁଇଟୋପା ଲୁହ ଝରାଇଦେଲି । କହିଲି — ''ପ୍ରାଣସଙ୍ଗିନୀ ହରିତା, ଅଶ୍ୱତ୍‌ଥାମା ତମର ଯେପରି ପୁଅ, ମୋର ମଧ୍ୟ ସେପରି ପୁତ୍ରତୁଲ୍ୟ । ମୁଁ ତମର ମଙ୍ଗଳ କାମନା କରୁଛି । କିନ୍ତୁ ସଖୀ, ଗୁରୁ ଦ୍ରୋଣଙ୍କୁ କ୍ଷମା କରିବା ପାଇଁ ମୁଁ କିଏ ? ମୁଁ ତ ଜଣେ ନାରୀ — ବିଦ୍ୱାନ ଏବଂ ଜ୍ଞାନୀ ବ୍ୟକ୍ତିଙ୍କ ଚକ୍ଷୁରେ ନାରୀର ନିଜସ୍ୱ ସତ୍ତା ନାହିଁ । ମାନ ଅପମାନ, ବ୍ୟକ୍ତିତ୍ୱ, ମହନୀୟତା କିଛି ନାହିଁ ବୋଲି କୁରୁସଭାରେ ମୋର ଲାଞ୍ଛନା ପ୍ରମାଣ କରିଦେଇଛି । ଈଶ୍ୱର ମଣିଷର

Digitized by srujanika@gmail.com

ସମସ୍ତ କର୍ମର ବିଘ୍ନରକ । ମୁଁ ଯାହାକୁ କ୍ଷମା କରିଦେବି, ଈଶ୍ୱର ତାକୁ କ୍ଷମା କରିଦେବେ, ଏକଥା ତ ହେବାର ନୁହେଁ !''

ମୋର କଥା ଶେଷ ହୋଇନି, ରତୁବତୀ ମୋର ହାତ ଦୁଇଟି ଧରିପକାଇ କହିଲେ, ''ରାଜରାଣୀ କୃଷ୍ଣା, ତମ ହୃଦୟର ଜ୍ୱଳନ ମୁଁ ବୁଝୁଛି । କାରଣ ମୁଁ ବି ତ ନାରୀ । ମୋ ସ୍ୱାମୀ ତମକୁ ଯେଉଁ ବ୍ୟବହାର ଦେଖାଇଛନ୍ତି ସେଥିପାଇଁ ସେ କମ୍ ଦୁଃଖିତ ନୁହନ୍ତି । ସାରା ରାତି ସେ ନିଜକୁ ଧିକ୍‌କାର କରିଛନ୍ତି । ମହାସମରରେ ମୃତ୍ୟୁ ହିଁ ତାଙ୍କ ପାପର ପ୍ରାୟଶ୍ଚିତ ବୋଲି ବାରମ୍ବାର କହି ମତେ କନ୍ଦାଇଛନ୍ତି । ମୋ ସ୍ୱାମୀଙ୍କ ମହନୀୟତା ଗାଇଲେ ତମେ ହସିବ । କିନ୍ତୁ ବିଶ୍ୱାସ କର, କୌରବମାନଙ୍କ ମେଳରେ ପହଞ୍ଚିଗଲେ ସେ ଅନ୍ୟ ଏକ ବ୍ୟକ୍ତିତ୍ୱରେ ପରିଣତ ହୋଇଯା'ନ୍ତି । ସେଦିନ ତମ ସ୍ୱୟମ୍ବର ସଭାରେ ଅପମାନର ଜ୍ୱାଳା କୌରବମାନଙ୍କ ମେଳରେ ତାଙ୍କ ହୃଦୟରେ ତେଜିଉଠେ । ସେ ଅମଣିଷ ପାଲଟିଯା'ନ୍ତି । ସେ ଅପରାଧ କରିଛନ୍ତି ତା' ମୁଁ ଜାଣେ. ତଥାପି ସ୍ତ୍ରୀ ହିସାବରେ ତାଙ୍କ ପାଇଁ ମୁଁ କ୍ଷମାପ୍ରାର୍ଥନା କରୁଛି ।'' ରତୁବତୀ ମୋର ଅଞ୍ଜଳିରେ ଅଶ୍ରୁ ଝରାଇଦେଲେ ।

ମୁଁ ଶାନ୍ତ କଣ୍ଠରେ କହିଲି — ''ମାତା କୁନ୍ତୀ ମୋ'ଠାରୁ ଶପଥ କରାଇ ନେଇଛନ୍ତି, ତାଙ୍କର ଧର୍ମପୁତ୍ର କର୍ଣ୍ଣଙ୍କ ପ୍ରତି ମନରେ କୌଣସି ବିଦ୍ୱେଷ ରଖିବି ନାହିଁ । ମୁଁ ମା'ଙ୍କ କଥାରୁ କେବେ ବାହାରିଯାଇ ନାହିଁ । ତାଙ୍କରି ପଦିଏ କଥାରେ ମୁଁ ପଞ୍ଚପତି ବରଣ କରିଛି । ସେଥିପାଇଁ କୁରୁସଭାରେ କର୍ଣ୍ଣ ମତେ ନିନ୍ଦିତ କଲେମଧ୍ୟ ମୁଁ ସେଥିରେ ଲଜ୍ଜିତା ହୋଇନାହିଁ । ସୁଖରେ ରହ ରତୁବତି । ତୁମ ସ୍ୱାମୀ ପୁତ୍ରଙ୍କର ଉନ୍ନତି ହେଉ ।

ଲକ୍ଷ୍ୟକଲି ଦୂରରେ କର୍ଣ୍ଣ ଆମର କଥୋପକଥନ ଶୁଣୁଛନ୍ତି ଓ ତାଙ୍କର ଦୃଷ୍ଟି ବାଷ୍ପାକୁଳ ।

ରତୁବତୀ ମୋର ହାତଧରି ଅଟକାଇ ରଖିଛନ୍ତି । ତାଙ୍କର ସହଚରୀମାନେ ସଙ୍ଗରେ ଆଣିଥିବା ଅର୍ଘ୍ୟଥାଳି ଦେହରେ ସଜ୍ଜିତ ନାନା ମୂଲ୍ୟବାନ ଅଳଙ୍କାର ବାହାର କରି ମତେ ପିନ୍ଧାଇ ଦେବାର ଉପକ୍ରମ କଲେଣି । ସର୍ପାହତା ପରି ଚମକି ଉଠି ମୁଁ କହିଲି — ''ଏ କ'ଣ ? ଏସବୁ ଅଳଙ୍କାର କାହିଁକି ? ବନଗ୍ୱରିଣୀ ପାଖରେ ଅଳଙ୍କାରର ଆବଶ୍ୟକତା କ'ଣ ?

ରତୁବତୀ ନମ୍ରକଣ୍ଠରେ କହିଲେ — ''ମୋ ସ୍ୱାମୀଙ୍କର ନିର୍ଦ୍ଦେଶ, ମୋର ସମସ୍ତ ଅଳଙ୍କାର ତୁମକୁ ପିନ୍ଧାଇ ଦେବାପାଇଁ । ତୁମେ ତାଙ୍କର ଭ୍ରାତୃବଧୂ । ଏପରି ଶ୍ରୀହୀନା ହୋଇ ଦାଣ୍ଡକୁ ଗୋଡ଼ କାଢ଼ିବା ତାଙ୍କୁ କମ୍ ଅପମାନ ନୁହେଁ । ଏ ଅଳଙ୍କାରରେ ରାଜା ଦୁର୍ଯ୍ୟୋଧନର କିଛି ଅଧିକାର ନାହିଁ । ଏସବୁ କର୍ଣ୍ଣଙ୍କର ସମ୍ପତ୍ତି । ଦୁଃଶାସନ ଆପଣଙ୍କଠାରୁ

Digitized by srujanika@gmail.com

ଅଳଙ୍କାର କାଢ଼ିରଖିବ ବୋଲି ଜାଣିବା ପରେ କର୍ଣ୍ଣ ମୋ ପାଖକୁ ସମ୍ବାଦ ପଠାଇଥିଲେ ସମସ୍ତ ଅଳଙ୍କାର ସହ ଏଠାରେ ଅପେକ୍ଷା କରିବା ପାଇଁ ।'' କର୍ଣ୍ଣଙ୍କର ଅନ୍ତରଙ୍ଗ ପରିଗ୍ଧରିକା ଅସ୍ମିତା ଅହଙ୍କାରପୂର୍ଣ୍ଣ ସ୍ୱରରେ କହିଲା — ''ଏଇ ସାମାନ୍ୟ ଦାନ ପାଇଁ ବିସ୍ମିତା ହୁଅନ୍ତୁ ନାହିଁ ରାଜନନ୍ଦିନି ! ଦାତା କର୍ଣ୍ଣ ନିଜର ସର୍ବସ୍ୱ, ଏପରିକି ଜୀବନ ମଧ୍ୟ ଅକାତରେ ଦାନ କରିଦେଇପାରନ୍ତି ।''

ମୁଁ ଶ୍ଳେଷଭରା ସ୍ୱରରେ କହିଲି — ''ମୋ'ଠାରୁ ଅଳଙ୍କାର କାଢ଼ି ରଖିବା ପାଇଁ ଦୁଃଶାସନକୁ ଇଙ୍ଗିତ ଦେଇ ତମକୁ ଏଠାରେ ନିଜର ସମସ୍ତ ଅଳଙ୍କାର ସହ ଅପେକ୍ଷା କରିବା ପାଇ ଆଦେଶ ଦେବା ପ୍ରକୃତରେ କର୍ଣ୍ଣଙ୍କର ଦାତାପଣିଆର ଚରମ ନିଦର୍ଶନ । କିନ୍ତୁ ଗତୁବତି, ଏସବୁ ଅଳଙ୍କାର କର୍ଣ୍ଣଙ୍କର ନିଜସ୍ୱ ଅର୍ଜିତ ସମ୍ପତ୍ତି ନୁହେଁ । କାରଣ ନିଜର ପୁରୁଷକାରର ଶକ୍ତିରେ କର୍ଣ୍ଣ ଅଙ୍ଗଦେଶର ରାଜା ହୋଇନାହାନ୍ତି । ତାଙ୍କର ରାଜମୁକୁଟ ପାପାତ୍ମା ଦୁର୍ଯ୍ୟୋଧନର ଦୟାର ଦାନ ମାତ୍ର । ତେଣୁ ଦୁର୍ଯ୍ୟୋଧନର ଏ ସମ୍ପତ୍ତିକୁ ମୁଁ ଗ୍ରହଣ କରିପାରିବି ନାହିଁ । ତେବେ ମନେରହିଲା, ସମୟ ଆସିଲେ କର୍ଣ୍ଣଙ୍କ ଦାତାପଣିଆର ପରୀକ୍ଷା ହେବ । ମୋ ପାଇଁ ଏତେ କଷ୍ଟସ୍ୱୀକାର କରିଥିବାରୁ ଧନ୍ୟବାଦ ।''

ମୋ କଥାରେ ଅପମାନରେ କର୍ଣ୍ଣ ମ୍ଳାନ ହୋଇଗଲେ । ଦୁଃଶାସନ କର୍ଣ୍ଣଙ୍କ ଅପମାନରେ ପ୍ରଜ୍ୱଳିତ ହୋଇ କହିଲା ''ହାୟ, ରାଜା ଦ୍ରୁପଦ ଏହି ନପୁଂସକତୁଲ୍ୟ ଅସମର୍ଥ ପୁରୁଷ ପାଣ୍ଡବମାନଙ୍କ ହାତରେ ଯାଜ୍ଞସେନୀ ଭଳି ଦୁର୍ଲଭ କନ୍ୟାରତ୍ନକୁ ଟେକିଦେଇ କି ଅପରାଧ ନ କରିଛନ୍ତି । ବର୍ତ୍ତମାନ ଭିକ୍ଷୁକ ସ୍ୱାମୀମାନଙ୍କ ସହ ଦୀନହୀନ ବେଶରେ ଯାଜ୍ଞସେନୀ ବନଗମନର ଦୃଶ୍ୟ ଦେଖିଲେ ସେ ହୁଏତ ଆଉଥରେ ତାଙ୍କର କନ୍ୟାକୁ ଅଙ୍ଗଦେଶର ରାଜା ବୀରପୁରୁଷ କର୍ଣ୍ଣଙ୍କ ହାତରେ ଟେକିଦେଇ ନିଜ ପାପର ପ୍ରାୟଶ୍ଚିତ କରନ୍ତେ । ରାଜନନ୍ଦିନି ! ବର୍ତ୍ତମାନ ତମେ ଭିକ୍ଷୁକ ପାଣ୍ଡବମାନଙ୍କୁ ପରିତ୍ୟାଗ କରି ବିତ୍ତଶାଳୀ ବୀରପୁରୁଷ ରାଜା କର୍ଣ୍ଣଙ୍କୁ କିମ୍ବା ଯେକୌଣସି ଧନଶାଳୀ ବ୍ୟକ୍ତିଙ୍କୁ ଗ୍ରହଣ କରିନେବା ଉଚିତ । କାରଣ ପଞ୍ଚପତି ବରଣ କରି ତମେ ଯଦି ସତୀତ୍ୱ ବଜାୟ ରଖିପାରିଛ, ଆଉ ଏକ ପତି ବରଣ କଲେ ମଧ୍ୟ ତମର ଅଖଣ୍ଡ ସତୀତ୍ୱ କ୍ଷୁଣ୍ଣ ହେବ ନାହିଁ । ତମଭଳି ବରାଙ୍ଗନା କେବଳ ରାଜାର ଭୋଗ୍ୟା, ଭିକ୍ଷୁକମାନଙ୍କର ନୁହେଁ ।''

ଦୁଃଶାସନର କୁତ୍ସିତ ମନ୍ତବ୍ୟରେ କ୍ରୁଦ୍ଧହୋଇ ଭୀମସେନ କହିଲେ — ''ରେ ମୂର୍ଖ, ତୋର ଏ ଆସ୍ଫାଳନ ଅଳ୍ପକ୍ଷଣ ସ୍ଥାୟୀ । ଏଭଳି ଅପମାନଜନକ କଥା କହି ତୁ କୁଳଲକ୍ଷ୍ମୀ ତଥା ରାଜଲକ୍ଷ୍ମୀ ଦ୍ରୌପଦୀର କୋମଳ ହୃଦୟରେ ଯେପରି ଛୁରିକାଘାତ କରିଛୁ, ଠିକ୍ ସେହିପରି ତୋର ହୃଦୟକୁ ଚିରି ସେ ରକ୍ତକୁ ରାଜଲକ୍ଷ୍ମୀଙ୍କ ପାଖରେ

Digitized by srujanika@gmail.com

ଅର୍ଘ୍ୟ ଦେବି ଏବଂ ତୋର କଥାକୁ ଯେଉଁମାନେ ସମର୍ଥନ କରୁଛନ୍ତି ତାଙ୍କୁ ଯମାଳୟକୁ ପ୍ରେରଣ କରିବି ।''

ଯୁଧିଷ୍ଠିର ଭୀମସେନଙ୍କୁ ରାଗ ଓ ହିଂସା ପରିହାର କରି ସ୍ଥିର ଓ ଶାନ୍ତ ଚିତ୍ତରେ ଯାତ୍ରା କରିବା ପାଇଁ ବୁଝାଉଥିଲେ । ମୁଁ କିନ୍ତୁ ଭାବୁଥିଲି, ଭବିଷ୍ୟତରେ କେବେ ଯଦି ମୋର ସମ୍ମାନ ରକ୍ଷା କେହି କରେ, ସେ ହେଉଛି ସ୍ପଷ୍ଟବାଦୀ, ନିର୍ମଳ ହୃଦୟ, କ୍ଷଣକୋପୀ ଭୀମସେନ । ଯେ ନିଜର ଗୃହଲକ୍ଷ୍ମୀର ମର୍ଯ୍ୟାଦା ରକ୍ଷା କରିବା ପାଇଁ ଅସମର୍ଥ ହୋଇ ଏବଂ ଯୁଦ୍ଧକୁ ଏଡ଼ାଇବା ପାଇଁ ରାଜମର୍ଯ୍ୟାଦା ରକ୍ଷା କରିବାକୁ ଅସମର୍ଥ ହୋଇ ବୈରାଗ୍ୟ ଓ ଅହିଂସାବ୍ରତ ଅବଲମ୍ବନ କରେ, ସେ ଧର୍ମାତ୍ମା ହେଲେ ମଧ୍ୟ କାପୁରୁଷ । ସେଭଳି ପୁରୁଷକୁ ଭକ୍ତି କରାଯାଇପାରେ ସିନା ପ୍ରେମ କରାଯାଇପାରେନା ।

॥ ୨୯ ॥

ଉଦାର ପ୍ରକୃତି ଯେଉଁଠି ନିଜକୁ ଅକାତରେ ବିଛେଇ ଦେଇଛି ଜଗତଜୀବନ ପାଇଁ, ସେଠି ପହଞ୍ଚି ମଣିଷ ସଂକୀର୍ଣ୍ଣତା ଓ ସ୍ୱାର୍ଥପରତା ପାଇଁ କେଡ଼େ ନିଉନ ହୋଇପଡ଼େ, ସେକଥା ଅନୁଭବ କଲି କାମ୍ୟକ ବନରେ ପାଦ ଦେଉ ଦେଉ ।

ଗଙ୍ଗାନଦୀ କୂଳେ କୂଳେ ତିନିଦିନର ପଥଶ୍ରମ ପରେ କୁରୁଜଙ୍ଗଲ ଦେଶର କାମ୍ୟକ ବନରେ ଆମେ ଆସି ପହଞ୍ଚିଲୁ । କାମ୍ୟକ ବନର ଅପୂର୍ବ ଶୋଭା ଦେଖି ଆମର ଦୁଃଖ ଓ କ୍ଲାନ୍ତି ଦୂର ହୋଇଗଲା ।

ଡେଙ୍ଗା ଡେଙ୍ଗା ବାଉଁଶ ଗଛର ଝିଲିମିଲି ପରଦା ସେପଟେ ଲାଜକୁଳି କିଶୋରୀ ଝିଅଟିଏ ଲୁଚି ଲୁଚି ଆମ ସଙ୍ଗେ ସଙ୍ଗେ ଅନେକ ବାଟ ଗଲିଛି । କେତେବେଳେ ବା ଝିଲିମିଲି ବାଉଁଶ ପତ୍ର ସନ୍ଧିରେ ଦିଶିଯାଉଛି ତା'ର ଦର୍ପଣର ଚିକ୍ ଚିକ୍ ମୁହଁ, କ୍ଷୀଣ ଛନ୍ଦମୟୀ ତନୁବଲ୍ଲରୀ, ପୁଣି ପରକ୍ଷଣରେ ହଜିଯାଉଛି ଅରଣ୍ୟର ସବୁଜ ପର୍ଦ୍ଦାତଳେ । ଆମ ସଙ୍ଗେ ବନ୍ଧୁତା କରିବାର ଅଦମ୍ୟ ଆଗ୍ରହ ଅଥଚ ଘୋର ଲଜ୍ଜା । କଳ କଳ ଛନ୍ଦରେ ଶୁଭିଯାଉଛି ତା'ର ହସ, ପଦପାତର ଛନ୍ଦ, ପୁଣି ଅରଣ୍ୟର ନିର୍ଜନତା ଭିତରେ ଲୀନ ହୋଇଯାଉଛି ତା'ର ସ୍ୱର । ଅନେକ ବେଳୁ ଆମେ ତାକୁ ଲକ୍ଷ୍ୟ କରୁଛୁ । ଅଥଚ ସେ ଧରାଛୁଆଁ ଦେଉନି । ମୋର ପାଦ ଥକିଗଲେ ଯୁଧିଷ୍ଠିର କହୁଛନ୍ତି — ''ଦେଖ, କାହିଁ କେଉଁ ଅନାଦି କାଳରୁ ଅରଣ୍ୟର ବନ୍ଧୁର ପଥରେ, କେଜାଣି କେଉଁ ସୁଦୂର ଜନ୍ମସ୍ଥଳରୁ ଅବିଶ୍ରାନ୍ତ ଗଲିଛି ଗିରିକନ୍ୟା ତନ୍ଦ୍ରାବତୀ । ସେ ଥକିଯାଇନି ତ ! ଲକ୍ଷ୍ୟ ତା'ର ସାଗର — ସାଗର ପଥରେ ବହି ଯାଉ ଯାଉ ଟାଙ୍ଗର ବନଭୂଇଁକୁ ସେ କରିଛି

Digitized by srujanika@gmail.com

ବିରଶ୍ୟାମଳା । ଏଇ ତ ଜୀବନ ! ଜୀବନ ପଥରେ ନିଜର ଲକ୍ଷ୍ୟସ୍ଥଳକୁ ବହି ଯାଉ ଯାଉ ମଣିଷ ଯଦି ନିଜ ବନ୍ଧୁପରିଜନ, ଦେଶ ସମାଜ ଆଉ ଜଗତଜନଙ୍କର କଲ୍ୟାଣ ସାଧନ ନକଲା, ତେବେ ସେ କି ଜୀବନ ? କି ମୂଲ୍ୟ ସେ ଦେହ ଧାରଣରେ ? ସମୁଦ୍ର ତୃଷା ନିବାରଣ କରେନାହିଁ — ତୃଷା ମେଣ୍ଟାଏ ନଦୀର ମଧୁର ଜଳ । ଯେଉଁ ସମ୍ପଦ ଅନ୍ୟର ଦାରିଦ୍ର୍ୟ ଦୂର ନକରେ ସେ ସମ୍ପଦର ମୂଲ୍ୟ କ'ଣ ? ଦୁର୍ଯ୍ୟୋଧନ ଆଜି ହସ୍ତିନାପୁରୀ ଏବଂ ଇନ୍ଦ୍ରପ୍ରସ୍ଥର ଅଧୀଶ୍ୱର । ମାତ୍ର ପ୍ରଜାମଙ୍ଗଳ ଯଦି ତା'ର ବ୍ରତ ନହୁଏ କି ମୂଲ୍ୟ ସେ ସିଂହାସନ ଲାଭର ? ଯାଜ୍ଞସେନି ! ବାରବର୍ଷର ବନବାସ ଭିତରେ ପ୍ରକୃତି ଆମକୁ ଯେଉଁ ମହତ୍ ଶିକ୍ଷା ଦେବ ତାହା ପୋଥିଗତ । ବିଦ୍ୟାଠାରୁ ଢେର୍ ଉନ୍ନତ, ଆଉ ଆନନ୍ଦଦାୟକ ହେବ । ଈଶ୍ୱରଙ୍କର କିଛି ମଙ୍ଗଳ ଉଦ୍ଦେଶ୍ୟ ଯୋଗୁଁ ଆମେ ବନବାସ କରିଛୁ ।'

ବହଳ ବାଉଁଶ ଗଛର ପର୍ଦ୍ଦା ସେପଟେ ଛୋଟ ଝରଣାଟିକୁ ଲକ୍ଷ୍ୟ କରି ମୁଁ ଯୁଧିଷ୍ଠିରଙ୍କର କଥାର ସତ୍ୟତା ଉପଲବ୍ଧି କରୁଥିଲି ।

ଅରଣ୍ୟର ସବୁଜ ରଙ୍ଗର ଉର୍ଦ୍ଧ୍ୱରେ ସୁନୀଳ ଆକାଶର ଘୁଘୁଆ ଝୁଲୁଛି । ଆକାଶ ପୁଣି ଏତେ ନୀଳ ହୋଇପାରେ ? ଆକାଶର ନୀଳଠାରୁ ଆଉରି ଗାଢ଼ ଆକାଶଘୁଘୁଆର ଝାଲର ପରି ଢେଉଢେଉକା ଘନନୀଳ ପର୍ବତଶ୍ରେଣୀ । ନୀଳ ଆକାଶ ଏବଂ ପର୍ବତ ଭିତରେ ଘୁଲିଛି ପ୍ରତିଯୋଗିତା । ଆକାଶଠାରୁ ପର୍ବତର ନୀଳିମା ବେଶି ବୋଲି ଆକାଶ କିଛି ଚୂନା ଚୂନା ସଫେଦ ମେଘର ମୁରୁଜ ବୋଳିଦେଇଛି ପର୍ବତର ମଥାନରେ । ଯୋଗାବିଷ୍ଟ ମହର୍ଷିଙ୍କର ଶରୀରରେ ବିଭୂତିର ଗାର ପରି ମନୋହର ଦିଶୁଛି ଝୁରୁଝୁରୁ ଚୁନା ମେଘର ରେଖା ।

ଯୋଗାବିଷ୍ଟ ପର୍ବତର ଧ୍ୟାନଭଙ୍ଗ କରିବା ପାଇଁ ପତ୍ରପୁଷ୍ପଭରା ଜଣା ଅଜଣା ଅସଂଖ୍ୟ ବୃକ୍ଷ ଅପ୍ସରା ସାଜି ବର୍ଷାର ତାଳେ ତାଳେ ନୃତ୍ୟରେ ମଜ୍ଜି ଯାଇଛନ୍ତି । ମାତ୍ର ପର୍ବତର ଧ୍ୟାନଭଙ୍ଗ ହେଉନାହିଁ । ମେଘର ବିଭୂତି ସବୁ ଝୁରୁଝୁରୁ ପାହୁଜ ଜଳ ହୋଇ ଖସିପଡୁଛି ଯୋଗାବିଷ୍ଟ ପାହାଡ଼ ମଥାନରୁ ପୃଥିବୀ ପାଇଁ ଆଶୀର୍ବାଦ ନେଇ ।

ଜଙ୍ଗଲି ପକ୍ଷୀ ଭଳି ମେଘ ଏଠି ବନ୍ଧନମୁକ୍ତ । ମନଇଚ୍ଛା ଏଣେତେଣେ ଭାସିବୁଲୁଛି ଭସାମେଘର ଟୁକୁରା — ଜୀବନର ଅର୍ଥ ଖୋଜି ଖୋଜି ।

ଅଦୂରର ଶବରପଲ୍ଲୀକୁ ମେଘର ଢାଙ୍କୁଣି ଘୋଡ଼େଇ ରଖିଛି । କାଳେ ଆକାଶର ଲୋଭାତୁର ଦୃଷ୍ଟି ସୁନ୍ଦର ଛବି ଭଳି ଛୋଟ ପତ୍ରକୁଡ଼ିଆର କୁଣ୍ଡଳୀଘେରା ଗାଁ'ଟି ଉପରେ ପଡ଼ିଯିବ ।

Digitized by srujanika@gmail.com

ନିଘଞ୍ଚ ଜଙ୍ଗଲ ଭିତରେ ଛୋଟ ଛୋଟ ଶବରପଲ୍ଲୀ — ଜାତି ଜାତିର ଛୋଟ ବଡ଼ ଗଛଲତା କୋଳାକୋଳି ହୋଇ ନିବିଡ଼ କରିଛନ୍ତି ଅରଣ୍ୟର ସବୁଜିମାକୁ । ଏଠି ଗଛ ଗଛ ଭିତରେ ଛୋଟ ବଡ଼ ଜାତି ଅଜାତି ଫୁଲ ଫଳ, ରୂପ ଗୁଣ ନେଇ ଭେଦାଭେଦ ନାହିଁ । ପ୍ରଶସ୍ତ ପ୍ରକୃତି ବିସ୍ତାରି ଦେଇଛି ନିଜକୁ — ସଂହତି ଓ ମୈତ୍ରୀର ଇଙ୍ଗିତ ନେଇ । ଟାଙ୍ଗରା ଭୂଇଁରେ ଗଛମାନଙ୍କର ଅସୀମ ଆଲୋକର ନିଶା । ସୂର୍ଯ୍ୟକୁ ଛୁଇଁବା ପାଇଁ ସମସ୍ତେ ଦୀର୍ଘ ହୋଇଯାଇଛନ୍ତି — ଉଚ୍ଚକୁ ଉଠିବା ପାଇଁ ଅନ୍ୟକୁ ଜଳେବଳେ ଖର୍ବ କରିଦେଇ ନିଜେ ଦୀର୍ଘ ହୋଇଯାଇ ନାହାନ୍ତି । ଏଠି ସମସ୍ତେ ସ୍ୱପ୍ନାନ୍ତର ଗରୀୟାନ୍ — ସମସ୍ତେ ଦୀର୍ଘ, ସୁଉଚ୍ଚ, ସୁଠାମ । ଅଥଚ ମଣିଷ ଅନ୍ୟକୁ ନିଜଠାରୁ ଛୋଟକରି ଦେବାପାଇଁ ଅନ୍ୟାୟ ଓ ଅଧର୍ମର ପଥଦେଇ ଅନ୍ୟକୁ ଘୃପିଦିଏ । ତା'ର ଜ୍ୱଳନ୍ତ ପ୍ରମାଣ କୌରବ ଭାଇମାନଙ୍କର ପାଣ୍ଡବମାରଣ ନୀତି ।

ବିଜନତାର ମୋହନ ମନ୍ତ୍ରରେ ଆମେ ସମସ୍ତେ ମୁଗ୍ଧ । ଯୁଧିଷ୍ଠିର ଦାର୍ଶନିକ ପାଲଟି ଯାଇଛନ୍ତି । ଅର୍ଜୁନଙ୍କର କବିତ୍ୱଭରା ଆଖି ଦୁଇଟି ଆଉରି ସୁନ୍ଦର ହୋଇ-ଉଠିଥାଏ । ଭୀମ ମନେକରୁଥାଏ ଏ ଅରଣ୍ୟର ଅଧୀଶ୍ୱର ଆମ ଛଡ଼ା ଆଉ କେହି ନାହିଁ । ନକୁଳ ଝରଣା ଜଳରେ ନିଜର ରୂପଶୋଭାକୁ ନିରେଖୁ ଥା'ନ୍ତି । ସହଦେବ ଅରଣ୍ୟର ଦିଗ ନିର୍ଣ୍ଣୟ କରି ଆଗାମୀ କର୍ମପନ୍ଥା ମନେ ମନେ ସ୍ଥିର କରୁଥା'ନ୍ତି ।

ମୁଁ ମୁଗ୍ଧ ସ୍ୱରରେ କହିଲି — ''ବାରବର୍ଷ ବନବାସ ସମୟ ଆମେ ଏଇ ସୁନ୍ଦର କାମ୍ୟକ ବନରେ ରହିବା । ତନ୍ଦ୍ରାବତୀ ଝରଣା କୂଳେ କୂଳେ କୁଟୀର ନିର୍ମାଣ କରି ଶାନ୍ତିରେ କାଳ କଟାଇବା ।''

ଯୁଧିଷ୍ଠିର ସହଦେବଙ୍କର ମତାମତ ଲୋଡ଼ିଲେ । ସହଦେବ ସ୍ଥିରକଣ୍ଠରେ କହିଲେ — ''କାମ୍ୟକ ବନ ସବୁ ଦୃଷ୍ଟିରୁ ବନଘ୍ୱରୀମାନଙ୍କ ପାଇଁ ସୁଖପ୍ରଦ ହୁଅନ୍ତା, ଯଦି ଏଠି କିରାତ ବଂଶଧରମାନେ ବାସ କରୁନଥା'ନ୍ତେ ।'' ଯୁଧିଷ୍ଠିର ଆଶ୍ଚର୍ଯ୍ୟ ହୋଇ ପଘ୍ଚରିଲେ — ''କିରାତ ବଂଶଧର ଏଠାରେ ବସତି ସ୍ଥାପନ କଲେ କ୍ଷତି କ'ଣ ? ବରଂ ତାଙ୍କ ସହ ବନ୍ଧୁତା ହେବ । ବନ୍ଧୁପରିଜନଙ୍କୁ ଛାଡ଼ିଆସିବାର ଦୁଃଖ ଦୂର ହେବ । ସେମାନଙ୍କ ଭିତରେ ଆମେ ବି ଜଣେ ହୋଇ ମିଶିଯିବା ।''

''କିନ୍ତୁ ସେମାନେ ଆମମାନଙ୍କ ସହ ବନ୍ଧୁତା କରିବେ ନାହିଁ । କିରାତମାନଙ୍କ ଭୟରେ ମୁନିଋଷି ମଧ୍ୟ ଯୋଗସାଧନା କରିବା ପାଇଁ ଏଠାକୁ ଆସୁନାହାନ୍ତି । ବ୍ରାହ୍ମଣ ଏବଂ କ୍ଷତ୍ରିୟମାନେ କିରାତମାନଙ୍କ ଅତ୍ୟାଘ୍ଚର ଭୟରେ କାମ୍ୟକ ବନରେ ପ୍ରବେଶ ମଧ୍ୟ କରୁନାହାନ୍ତି ।''

Digitized by srujanika@gmail.com

''କିନ୍ତୁ ବ୍ରାହ୍ମଣ ଏବଂ କ୍ଷତ୍ରିୟମାନଙ୍କ ପ୍ରତି କିରାତମାନଙ୍କ ମନରେ କାହିଁକି ଏ ବିଦ୍ୱେଷ ?'' ମୁଁ ପ୍ରଶ୍ନ କଲି ।

ସହଦେବ ସ୍ଥିର ଏବଂ ଶାନ୍ତ ସ୍ୱରରେ ଉତ୍ତର ଦେଲେ — ''କିରାତ ବଂଶଧର ଜାରା, ଗୁରୁ ଦ୍ରୋଣଙ୍କ ପାଖରେ ଶିକ୍ଷାଲାଭ କରିବା ପାଇଁ ପ୍ରାର୍ଥୀ ହୋଇଥିଲା । ସେତେବେଳେ ଦୁର୍ଯ୍ୟୋଧନ ଏବଂ ଦୁଃଶାସନ ଇତ୍ୟାଦି କୌରବ ଭାଇମାନେ ସେମାନଙ୍କୁ ପରିହାସ କରିଥିଲେ । ରାଜପୁତ୍ରମାନଙ୍କ ସହ କିରାତପୁତ୍ର ଏକତ୍ର ଶିକ୍ଷାଲାଭ କରିବା ରାଜପୁତ୍ରଙ୍କ ପ୍ରତି ଅପମାନ ବୋଲି ଦର୍ଶାଇଥିଲେ । କୌରବମାନଙ୍କ ଭୟରେ ଗୁରୁ ଦ୍ରୋଣ ମଧ୍ୟ ଜାରା ଶବରର ଶିଷ୍ୟତ୍ୱକୁ ଉପେକ୍ଷା କରି ତା'କୁ ଫେରାଇ ଦେଇଥିଲେ । ନିରାଶ ହୋଇ ଫେରିଆସି ଗୁରୁ ଦ୍ରୋଣଙ୍କର ମାଟିର ମୂର୍ତ୍ତି ନିର୍ମିତ କରି ତା'ରି ସାମ୍ନାରେ ଜାରା ଏକାଗ୍ର ଅସ୍ତ୍ରଗ୍ଲନା ଅଭ୍ୟାସ କରିଥିଲା ଏବଂ ଅସ୍ତ୍ରବିଦ୍ୟାରେ ପାରଙ୍ଗମ ହୋଇଥିଲା । ପରେ ଏ ସମ୍ବାଦ ପାଇ ଏବଂ ଜାରାର ଅସ୍ତ୍ରବିଦ୍ୟାରେ ଅଦ୍ଭୁତ ଦକ୍ଷତା ଦେଖି ଗୁରୁ ଦ୍ରୋଣ ପ୍ରମାଦ ଗଣିଥିଲେ । କୌରବମାନଙ୍କୁ ନିଶ୍ଚୟ ସେ ଦିନେ ନା ଦିନେ ପରାସ୍ତ କରି ହତ୍ୟା କରିବ ବୋଲି ଗୁରୁ ଦ୍ରୋଣ ସନ୍ଦେହ କରିଥିଲେ ଏବଂ କୌରବମାନଙ୍କୁ ରକ୍ଷା କରିବା ପାଇଁ ଗୁରୁଦକ୍ଷିଣା ଛଳରେ ଅତ୍ୟନ୍ତ ନିର୍ଦ୍ଦୟ ହୃଦୟରେ ସରଳମତି, ଗୁରୁଭକ୍ତ ଏକନିଷ୍ଠ ଛାତ୍ର ଜାରାର ଦକ୍ଷିଣ ହସ୍ତର ଜ୍ୟେଷ୍ଠ ଆଙ୍ଗୁଳିଟି ମାଗି ନେଇଥିଲେ । କୌରବମାନଙ୍କର କିରାତ କୁଳ ପ୍ରତି ଅପମାନ ଓ ଗୁରୁଦ୍ରୋଣଙ୍କର ଦକ୍ଷିଣା ଛଳରେ କୁଟୀଳ ଅଭିସନ୍ଧି କିରାତକୁଳ କିପରି ଭୁଲିଯିବେ ? ସେହି କାରଣ ଯୋଗୁଁ ସେମାନେ ଆର୍ଯ୍ୟମାନଙ୍କୁ ସମୂଳେ ବିନାଶ କରିବାକୁ ପ୍ରତିଜ୍ଞାବଦ୍ଧ ।''

ଭୀମସେନ କହିଲେ — ''କିନ୍ତୁ ଜାରା ଶବରକୁ ଛାତ୍ର ଭାବରେ ଗ୍ରହଣ କରିବା ପାଇଁ ଗୁରୁ ଦ୍ରୋଣକୁ ଯୁଧିଷ୍ଠିର ଏବଂ ଅର୍ଜୁନ ଅନୁରୋଧ କରିଥିଲେ । ମଣିଷ ମାତ୍ରେ ସମାନ ଏବଂ ଶବର ଜାତିର ମଣିଷ ବ୍ରାହ୍ମଣ ବା କ୍ଷତ୍ରିୟଙ୍କଠାରୁ କୌଣସି ଗୁଣରେ ନ୍ୟୁନ ନୁହନ୍ତି, ଏକଥା ପାଣ୍ଡବମାନେ ଗୁରୁ ଦ୍ରୋଣଙ୍କୁ ବୁଝାଇଲେ । ତା' ସତ୍ତ୍ୱେ ନିଜ ଗ୍ୱକିରିକୁ ବଞ୍ଚାଇବା ପାଇଁ ଗୁରୁ ଅତ୍ୟନ୍ତ ଜ୍ଞାନୀ ହେଲେ ମଧ୍ୟ ମୂର୍ଖ ଭଳି କାର୍ଯ୍ୟ କଲେ । ଏଥିରେ ପାଣ୍ଡବମାନଙ୍କର ଅପରାଧ କେଉଁଠି ରହିଲା ? କିରାତମାନେ ଏକଥା ବୁଝୁନାହାନ୍ତି କାହିଁକି ?''

ଅର୍ଜୁନ ମ୍ଳାନ ହସି କହିଲେ — ''ଉପକାରୀର ଶତ ଉପକାର ସହଜରେ ଭୁଲି ହୋଇଯାଏ, କିନ୍ତୁ ଗୋଟିଏ ଅପକାର ଏବଂ ଅପମାନଜନକ ଘଟଣା ସାରା ଜୀବନ ମନେରହେ । କିରାତମାନେ ପାଣ୍ଡବମାନଙ୍କର ଶତ୍ରୁ ନ ହୋଇପାରନ୍ତି, ମାତ୍ର କ୍ଷତ୍ରିୟମାନଙ୍କର ସେମାନେ ଶତ୍ରୁ । ହସ୍ତିନାପୁରୀରେ ଶତ୍ରୁମାନଙ୍କ କବଳରୁ ଦୂରକୁ ଆସି

Digitized by srujanika@gmail.com

ଏଠି ପୁଣି ଶତ୍ରୁମାନଙ୍କ ସହ ମୁକାବିଲା କରିବାରେ କି ଆନନ୍ଦ ମିଳିବ ? ବରଂ ଅନ୍ୟ କେଉଁ ଅରଣ୍ୟକୁ ଯିବା । ଥାଆନ୍ତୁ ଖୁସିରେ ନିରୀହ କିରାତକୁଳ ।''

—''ଅସମ୍ଭବ, କିରାତଙ୍କ ଭୟରେ ଆମେ ଏ ସ୍ଥାନ ଛାଡ଼ି ଘୁଲିଯିବା ? ଭୀମ ଥାଉ ଥାଉ କୀରାତମାନେ ଏତେ ପରାକ୍ରମ ଦେଖାଇବେ ?'' ଭୀମସେନ ରାଗରେ ଚିତ୍କାର କଲେ ।

ଯୁଧିଷ୍ଠିର କହିଲେ — ''ହିଂସା ଏବଂ କ୍ରୋଧ ଦୁଃଖର କାରଣ ଏବଂ ଉଭୟ ପକ୍ଷ ପାଇଁ ଅହିତକର । ହିଂସା ଦ୍ୱାରା ଯେଉଁ ବିଜୟ ମିଳେ, ସେଥିରେ ଧନ ସମ୍ପତ୍ତି, ରାଜ୍ୟ ଏବଂ କ୍ଷମତାଲାଭ ହୋଇପାରେ; ମାତ୍ର ଶାନ୍ତି, ପ୍ରୀତି ଏବଂ ଆନନ୍ଦ ମିଳେ ନାହିଁ। ଦୁଷ୍ଟନାଶନ ପାଇଁ ବିପ୍ଳବ ଆବଶ୍ୟକ । ମାତ୍ର ବିପ୍ଳବର ଧାରା ସବୁବେଳେ ହିଂସାପଥରେ ଗତି କରିବା ଉଚିତ ନୁହେଁ । ଶତ୍ରୁକୁ ବଶ କରିବାର ଆଉ ଏକ ମନ୍ତ୍ର ଅଛି । ସେ ମନ୍ତ୍ର ଯାଜ୍ଞସେନୀ ଜାଣନ୍ତି । ତେଣୁ କାମ୍ୟକ ବନରେ ଶାନ୍ତିରେ ରହିବାର ବ୍ୟବସ୍ଥା ସେ କରିପାରିଲେ ଭଲ ।''

ଯୁଧିଷ୍ଠିରଙ୍କର ଇଙ୍ଗିତ ମୁଁ ବୁଝିଲି । ପରମ ଆଗ୍ରହରେ ମୁଁ କହିଲି — ''କାମ୍ୟକ ବନରେ ଉଚ୍ଚ ନୀଚ ଜାତି ଅଜାତିର ଭେଦାଭେଦ ରହିବ ନାହିଁ । ଏକଲବ୍ୟ ପ୍ରତି ଯେଉଁ ଅନ୍ୟାୟ କରାଯାଇଛି ତା'ର ପ୍ରାୟଶ୍ଚିତ ଏଠାରେ କରିବାକୁ ହେବ । କିରାତମାନଙ୍କର ଆର୍ଯ୍ୟବିଦ୍ୱେଷ ଯଥାର୍ଥ । ମାତ୍ର ସେମାନଙ୍କୁ ସଖ୍ୟ ବନ୍ଧନର ଶୃଙ୍ଖଳ ପିନ୍ଧାଇ ଆର୍ଯ୍ୟ ଏବଂ ଆର୍ଯ୍ୟେତରର ମହାମିଳନ ଘଟାଇବାକୁ ହେବ । ମୋ ହାତରେ ଅଛି ଅକ୍ଷୟ ପାତ୍ର । ପ୍ରତିଦିନ କାମ୍ୟକ ବନରେ କିରାତ ଏବଂ ପାଣ୍ଡବମାନେ ଏକତ୍ର ପଂକ୍ତି ଭୋଜନ କରିବେ । ମୁଁ ନିଜେ ଖାଦ୍ୟ ପରିବେଷଣ କରିବି ।''

''ସମସ୍ତଙ୍କର ଅଇଁଠାପତ୍ର ମୁଁ ଉଠାଇବି'' ଅର୍ଜୁନ ଆନନ୍ଦରେ କହିଲେ ।

''ସଖାଙ୍କର ଚେଲା ତ —'' ମୁଁ ମୃଦୁ ହସି କହିଲି ।

ଅକସ୍ମାତ୍ ଦୂରରେ ଶୁଭିଲା ଅକାଳ ବଜ୍ରପାତର ଶବ୍ଦ । ସହଦେବ କହିଲେ — ''ବ୍ରଜପାତ ନୁହେଁ, ଏ ହେଉଛି କିର୍ମୀକ କିରାତର ଯୁଦ୍ଧ ହୁଙ୍କାର । କିର୍ମୀକ କାମ୍ୟକ ବନର କିରାତ କୁଳର ଦଳପତି । ସେ ଯୁବକ, ନିର୍ଭୀକ ଏବଂ ଅମିତ ପରାକ୍ରମଶାଳୀ। କ୍ଷତ୍ରିୟ ଏବଂ ବ୍ରାହ୍ମଣମାନଙ୍କର ରକ୍ତ ପ୍ରତି ତା' ମନରେ ଅଜସ୍ର ଲୋଭ । ଆଜି ସୁଯୋଗ ମିଳିଛି ଯେତେବେଳେ, ସେ କଦାପି ଛାଡ଼ିବ ନାହିଁ । ବର୍ତ୍ତମାନ ଆମ ସମସ୍ତଙ୍କର ଜୀବନ ବିପନ୍ନ । କିର୍ମୀକ ଗୋଟା ଗୋଟା ପାହାଡ଼ ଉପାଡ଼ି ଆଣି ଶୂନ୍ୟେ ଶୂନ୍ୟେ ସମୁଦ୍ର ଗର୍ଭକୁ ନିକ୍ଷେପ କରିପାରେ । ବର୍ତ୍ତମାନ ଭଗବାନ୍‌ଙ୍କୁ ଡାକିବା ଛଡ଼ା ଅନ୍ୟ ଗତି ନାହିଁ ।''

Digitized by srujanika@gmail.com

ସହଦେବଙ୍କ ପାଟିରୁ କଥା ସରିନାହିଁ, ଭୀମସେନ ଗଦା ବୁଲାଇ ବୁଲାଇ କିର୍ମୀକର ରଣହୁଂକାର ଶୁଭୁଥିବା ଦିଗକୁ ଆଖିପିଛୁଳାକେ କ୍ଷେପିଗଲେ । ସମସ୍ତେ ସ୍ତମ୍ଭୀଭୂତ ହୋଇ ଅପେକ୍ଷା କରିଛୁ । ଦୂରରୁ ଶୁଭୁଛି ଭୟଙ୍କର ରଣହୁଂକାର ଏବଂ ପରସ୍ପରକୁ ଆଘାତ କରିବାର ଶବ୍ଦ । ଯୁଧିଷ୍ଠିର ବିଷାଦିତ ସ୍ୱରରେ କହିଲେ — ''ବନବାସ ଜୀବନର ପ୍ରଥମ ଦିନରେ ହିଁ ଏ ପବିତ୍ର ବନଭୂଇଁ ରକ୍ତରଞ୍ଜିତ ହେବ । ଯା'ଠାରୁ ଦୁର୍ଭାଗ୍ୟର କଥା ଆଉ କ'ଣ ଥାଇପାରେ ?''

''କିନ୍ତୁ ତା ଛଡ଼ା ଉପାୟ ଯେ ନାହିଁ'' — ଅର୍ଜୁନ କହିଲେ ।

ଦୀର୍ଘଶ୍ୱାସ ଛାଡ଼ି ଯୁଧିଷ୍ଠିର କହିଲେ — ''ମୁଁ ଜାଣେ ଭୀମସେନ କିର୍ମୀକର ପ୍ରାଣନାଶ ନକରି ଛାଡ଼ିବ ନାହିଁ । ଶତ୍ରୁକୁ ଜୀବନରେ ନାଶକରି ଶତ୍ରୁତା ଲୋପ କରାଯାଇପାରେ ନାହିଁ । ଆଜି କିର୍ମୀକ କିରାତର ମୃତ୍ୟୁ ହେଲେ କାଲି କିରାତ ବଂଶର ଆଉ କେଉଁ ବୀରର ସାମ୍ନା କରିବାକୁ ପଡ଼ିବ । ହୁଏତ ସାରା ଅରଣ୍ୟର କିରାତକୁଳ ଏକଯୁଟ ହୋଇ ଆମକୁ ଆକ୍ରମଣ କରିବେ । ଯଦିବା ଭୀମ ଏବଂ ଅର୍ଜୁନଙ୍କର ପରାକ୍ରମ ବଳରେ କାମ୍ୟକ ବନର କିରାତକୁଳ ଧ୍ୱଂସ ପାଏ, ଚିରଦିନ ପାଇଁ କିରାତକୁଳ ବ୍ରାହ୍ମଣ ଏବଂ କ୍ଷତ୍ରିୟଙ୍କର ଶତ୍ରୁ ହୋଇ ରହିବେ । ସାରା ପୃଥିବୀରେ ଦୁଇଟି ଜାତି ଓ ସଂପ୍ରଦାୟ ମଧ୍ୟରେ ବିଭେଦ ସୃଷ୍ଟି ହେବ । ତଦ୍ଦ୍ୱାରା କେବଳ ଆମେ ନୁହେଁ, ଆମର ପୃଥିବୀ ମଧ୍ୟ ବିପନ୍ନ ହେବ । କିର୍ମୀକକୁ ମୃତ୍ୟୁ କବଳରୁ ରକ୍ଷା କରାଯାଇ ପାରିଲେ ଚିରଦିନ ପାଇଁ କିରାତକୁଳ ଏବଂ ପାଣ୍ଡବମାନଙ୍କର ବନ୍ଧୁତ୍ୱ ସ୍ଥାପନ ହୋଇପାରନ୍ତା । କିନ୍ତୁ ଭୀମସେନ କବଳରୁ କିର୍ମୀକକୁ ରକ୍ଷା କରିବାର ଶକ୍ତି ଦ୍ରୌପଦୀଙ୍କ ଛଡ଼ା ଆଉ କାହାର ଅଛି ?''

ଯୁଧିଷ୍ଠିରଙ୍କର ଇଙ୍ଗିତ ବୁଝିଲି । ସାହସର ସହିତ ରଣଭୂମି ଦିଗରେ ଅଗ୍ରସର ହେଲି । ଦେଖିଲି ମାଟି ଉପରେ କଗ୍ଘଡ଼ି ଦେଇ ଗଦା ପ୍ରହାରରେ ଚୂର୍ଣ୍ଣ ବିଚୂର୍ଣ୍ଣ କରିବାକୁ ପ୍ରସ୍ତୁତ ହେଉଛନ୍ତି ଭୀମସେନ । ଆହତ କିର୍ମୀକ ହାତଯୋଡ଼ି ପ୍ରାଣଭିକ୍ଷା କଲେ ମଧ୍ୟ ଭୀମସେନ ସେଥିପ୍ରତି ଭ୍ରୁକ୍ଷେପ ନକରି ନିଜର ସମସ୍ତ ଶକ୍ତି ପ୍ରୟୋଗ କରି ଗଦା ବୁଲାଉଛନ୍ତି । କ୍ଷଣକରେ ମୋ ଆଖି ସାମ୍ନାରେ ଶରଣାଗତ ଆହତ ଶତ୍ରୁ କିର୍ମୀକର ବିଶାଳ ଶରୀର ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇଯିବ । ଭୀମସେନ ଗଦା ପ୍ରହାର କରିବାକୁ ଯାଉଛନ୍ତି, ମୁଁ ଆଗ ପଛ ଭୁଲି, ଜୀବନକୁ ପାଣିଛଡ଼ାଇ ଭୀମସେନଙ୍କ ସାମ୍ନାରେ ଆବିର୍ଭୂତା ହୋଇ ଅନୁନୟ କଲି — ''କିର୍ମୀଜକୁ ରକ୍ଷାକର ପ୍ରଭୁ — ରକ୍ଷାକର ତାକୁ ।'' ଭୀମସେନଙ୍କର ନିଜ ବାହୁବଳ ଉପରେ ସେପରି ନିୟନ୍ତ୍ରଣ ନଥିଲେ ମୋର କ୍ଷୁଦ୍ର ଶରୀର ଅଣୁ ପରମାଣୁ ହୋଇ ନିମିଷକେ ନିଶ୍ଚିହ୍ନ ହୋଇଯାଇଥା'ନ୍ତା । ମାତ୍ର ଭୀମସେନ ହଠାତ୍ ଅଟକିଗଲେ ! ଗଦାସହ ହାତ ଦୁଇଟି ଉତ୍ତୋଳିତ ହୋଇ ରହିଗଲା କିଛିକ୍ଷଣ । ମୁଁ ପ୍ରାଣ ପାଇଗଲି,

Digitized by srujanika@gmail.com

କିନ୍ତୁ ଭୟ ଏବଂ ଭୀମଙ୍କ ଗଦା ଉତ୍ତୋଳନ ହାୱାରେ ଭୂପତିତା ହୋଇ ଚେତନା ହରାଇ ଦେଲି ।

ପରେ ଶୁଣିଲି, କିର୍ମୀକ କିରାତ ନିଶ୍ଚିତ ମୃତ୍ୟୁମୁଖରୁ ଉଦ୍ଧାର ପାଇ ଉଠିପଡ଼ିଲା ଏବଂ ଏପରି ଅଭାବିତ ଘଟଣାରେ ବିମୂଢ଼ ହୋଇଗଲା । କେଉଁ ଦେବୀ ନିଜର ଜୀବନ ପଣକରି ତା' ଶତ୍ରୁର ଗଦା ପ୍ରହାରକୁ ପ୍ରତିରୋଧ କରି ତା' ଭଳି ଅଧମକୁ ବଞ୍ଚାଇଲେ ସେ କଥା ତା' ଚିନ୍ତାର ବାହାରେ । ଦେବୀଙ୍କର ସଂଜ୍ଞାହୀନ ଶରୀର ଭୂଇଁରେ ଲୋଟୁଥାଏ । କିର୍ମୀକ ଝରଣାରୁ ଜଳ ଆଣି ଦେବୀଙ୍କ ମୁହଁରେ ସିଞ୍ଚିଲା । ପାଦ ପାଖରେ ବସି ପାଦ ଆଉଁସି ଆଉଁସି ଚେତା ଫେରାଇବା ପାଇଁ ଚେଷ୍ଟା କଲା । ମୁଁ ଆଖି ଖୋଲିବା ବେଳକୁ ଦେଖେ ଭୀମସେନ ମୋର ମୁଣ୍ଡ ପାଖରେ, କିର୍ମୀକ ଶବର ପାଦତଳେ ଏବଂ ଯୁଧିଷ୍ଠିର, ଅର୍ଜୁନ, ନକୁଳ, ସହଦେବ ମତେ ଘେରି ନିଶ୍ଚଳ ହେଇ ଠିଆହୋଇଛନ୍ତି । ମୋର ସଂଜ୍ଞା ଫେରିଥିବାର ଜାଣି ସମସ୍ତଙ୍କର ମଳିନ ମୁଖ ଉଜ୍ଜ୍ୱଳ ଦିଶିଲା । କିର୍ମୀକ ଅଶ୍ରୁଉଚ୍ଛଳ କଣ୍ଠରେ କହିଲା — ''କିଏ ତୁ ମା, ଦେବୀ ପାର୍ବତୀ ନା ଜଗତ୍‌ଜନନୀ ମା' ଲକ୍ଷ୍ମୀ ! ଏ ଅଧମ ଶବରର ଜୀବନ ବଞ୍ଚାଇବା ପାଇଁ ପ୍ରାଣ ଦେବାପାଇଁ ବି ପଛଘୁଞ୍ଚା ଦେଲୁନାହିଁ ! ଏ ରୂପ, ଏ କାର୍ଯ୍ୟ ମର୍ତ୍ତ୍ୟର ମାନବୀ ଦ୍ୱାରା ସମ୍ଭବ ନୁହେଁ । ମା, ମତେ ତୋର ପରିଚୟ ଦେ, ତୋର ଏ ଋଣ କେମିତି ଶୁଝିବି ବତାଇ ଦେ ।''

କିର୍ମୀକର ନିଷ୍କପଟ ହୃଦୟର ଭାଷାରେ ମୁଁ ସକଳ ଦୁଃଖ ଭୁଲିଗଲି । ହସି ହସି କହିଲି — ''କିର୍ମୀକ, ମା' ବୋଲି ଥରେ ସମ୍ବୋଧନ କଲାପରେ ଆଉ କେଉଁ ପରିଚୟ ଦେବାର ଆବଶ୍ୟକତା ନାହିଁ । ବୟସ ନିର୍ବିଶେଷରେ ନାରୀ ହେଉଛି ଜନନୀ । ପଞ୍ଚପାଣ୍ଡବଙ୍କର ସ୍ତ୍ରୀ ଦ୍ରୌପଦୀ କ'ଣ କିର୍ମୀକ କିରାତର ମା' ହୋଇପାରିବ ନାହିଁ ?'' କିର୍ମୀକ ଭୋ ଭୋ କାନ୍ଦିଲା । କହିଲା, ''ମା' ମତେ କ୍ଷମାକର । ରାଜାର ଦୁଲାଳୀ, ରାଜାର ପାଟରାଣୀ ଦ୍ରୌପଦୀ ଅରଣ୍ୟବାସିନୀ ବୋଲି ଜାଣିଥିଲି । କିନ୍ତୁ କାମ୍ୟକ ଅରଣ୍ୟରେ ମା' ମୋର ପହଞ୍ଚିଛନ୍ତି ବୋଲି ଜାଣିନଥିଲି । ଯେତେଦିନ ଇଚ୍ଛା ସେତେଦିନ ତୁ ରହିପାରୁ ମା' । ଏଠି ତୋର ସୁଖ, ସମ୍ମାନରେ ବାଧା ଦେବାକୁ କେହି ନାହିଁ ।''

ମୁଁ ସୁଯୋଗ ଦେଖି କହିଲି — ''ମୋର ସ୍ୱାମୀମାନଙ୍କୁ ଯଦି କିରାତ କୁଳର ଶତ୍ରୁ ବୋଲି ଏବେ ମଧ୍ୟ ଭାବୁଥାଅ, ତେବେ ମୁଁ ମୋର ଦୁଃଖ ନେଇ କାମ୍ୟକ ଅରଣ୍ୟ ଛାଡ଼ି ଗ୍ଲଲିଯିବି । ମାତ୍ର ବିଶ୍ୱାସ କର — ଯୁଧିଷ୍ଠିର, ଅର୍ଜୁନ ଏବଂ ଅନ୍ୟ ସମସ୍ତେ କୌଣସି ଦିନ ଶବର ଜାତିକୁ ଛୋଟ ମଣିନାହାନ୍ତି । ମଣିଷକୁ ମଣିଷ ଆଖିରେ ସେମାନେ ଦେଖନ୍ତି ବୋଲି ଯାଜ୍ଞସେନୀ ସେମାନଙ୍କର ପାଣି ଗ୍ରହଣ କରିଛି ।''

''ମା' ପ୍ରତିଜ୍ଞା କଲି — ଶବର ବଂଶଧର ଆଜିଠାରୁ ପାଣ୍ଡବଙ୍କର ବନ୍ଧୁ । ପାଣ୍ଡବମାନଙ୍କ ପ୍ରତି ଆମ ମନରେ କୌଣସି ଦିନ ବିଦ୍ୱେଷ ନଥିଲା ବା ଆଜି ମଧ୍ୟ

Digitized by srujanika@gmail.com

ନାହିଁ । କୌରବମାନଙ୍କ ଅପମାନ ଯୋଗୁଁ ଆମମାନଙ୍କର ଆର୍ଯ୍ୟଗୋଷ୍ଠୀ ପ୍ରତି ଏ ବିଦ୍ୱେଷ । କୌରବମାନଙ୍କୁ ଧ୍ୱଂସ କରିବା ଆମ ଜୀବନର ପରମ ବ୍ରତ ହୋଇଛି ।''

''ଆମ ଜୀବନର ପରମ ବ୍ରତ ମଧ୍ୟ ସେତିକି । କୁରୁସଭାରେ ଦ୍ରୌପଦୀର ଲାଞ୍ଛନା ପରଠାରୁ ଆମର ଏ ପ୍ରତିଜ୍ଞା । ତେଣୁ ତମର ଲକ୍ଷ୍ୟସ୍ଥଳ ଆମର ଲକ୍ଷ୍ୟସ୍ଥଳ ଏକ । ଏଣିକି ଆମେ ବନ୍ଧୁ ହୋଇ ରହିଲୁ ।'' ଭୀମ କହିଲେ ।

ଯୁଧିଷ୍ଠିର ପ୍ରଶାନ୍ତ ଗମ୍ଭୀର ସ୍ୱରରେ କହିଲେ — ''ପୃଥିବୀର ସୃଷ୍ଟି କାଳରେ ମଣିଷ ମଣିଷ ଭିତରେ ଜାତିଭେଦ ନଥିଲା । ମଣିଷ ପ୍ରକୃତିର ସନ୍ତାନ । ଏ ପୃଥିବୀରେ ବଞ୍ଚିବାର ଅଧିକାର ସମସ୍ତଙ୍କର ସମାନ । ବନ୍ଦ୍ର, ସୂର୍ଯ୍ୟ, ବର୍ଷା, ମରୁତ, ଶୀତ, ହେମନ୍ତ ମଣିଷକୁ ସମାନ ଭାବରେ ଛୁଇଁଯା'ନ୍ତି । ମଣିଷ ଭିତରେ ବିଭେଦ ସୃଷ୍ଟି କରିଛି ନିଜେ ମଣିଷ । ସମାଜର ସୁରକ୍ଷା ପାଇଁ, ସଭ୍ୟତାର ପ୍ରସାର ପାଇଁ, ଗୋଟିଏ ପରିବାରରେ ଶକ୍ତି ଓ ସାମର୍ଥ୍ୟ ଅନୁସାରେ ସ୍ୱାମୀ, ସ୍ତ୍ରୀ ଓ ଅନ୍ୟମାନଙ୍କ ଭିତରେ ଯେପରି ବିଭିନ୍ନ ଦାୟିତ୍ୱ ବଣ୍ଟନ ହୋଇଛି, ସମାଜରେ ବିଭିନ୍ନ କାର୍ଯ୍ୟ ଚୁଲାଇବା ପାଇଁ ସେମିତି ବିଭିନ୍ନ ଜାତିର ସୃଷ୍ଟି । ପରିବାରରେ ମା' ଯଦି ଅସ୍ପୃଶ୍ୟା ହୁଏ ନାହିଁ, ଯଦିଓ ସେ ସମସ୍ତଙ୍କର ଉଚ୍ଛିଷ୍ଟ ଉଠାଏ, ଘରଦ୍ୱାର ଝାଡୁକରେ, ପିଲାର ମଇଳା ସଫା କରେ, ତେବେ ସମାଜରେ ସେଇ କାମ କରୁଥିବା ବ୍ୟକ୍ତି ଅସ୍ପୃଶ୍ୟା ହେବ କାହିଁକି ? ମହାପ୍ରଭୁ ମର୍ଯ୍ୟାଦାପୁରୁଷ ରାମଚନ୍ଦ୍ର ଶବରୀର ଉଚ୍ଛିଷ୍ଟ ଭକ୍ଷଣ କରିଥିଲେ ବୋଲି ତାଙ୍କର ମର୍ଯ୍ୟାଦା କାହିଁ କେଉଁଠି ତ ଉଣା ହେଇନି ? ସେ ତ ପ୍ରଭୁ ହୋଇ ଆଦିମ ଅଧିବାସୀ ଗୁହକ ସହ ବନ୍ଧୁତା ସ୍ଥାପନ କରିଥିଲେ ! ଯିଏ ମଣିଷ ମଣିଷ ଭିତରେ ବିଭେଦ ସୃଷ୍ଟି କରେ, ସେ ସୃଷ୍ଟିକର୍ତ୍ତାଙ୍କର ବିରୋଧ କରେ । ପ୍ରିୟ କିର୍ମୀକ ! ଆମକୁ ଅପରାଧୀ କରାଅ ନାହିଁ। ଆମକୁ ବନ୍ଧୁତ୍ୱ ଦାନ କରି କୃତାର୍ଥ କର । ଦେଖିବ ଏ ଅରଣ୍ୟରେ ମୁନିଋଷିମାନଙ୍କର ଆବିର୍ଭାବ ହେବ — ଏହି ଅରଣ୍ୟ ଅଧିବାସୀଙ୍କର ଅଶେଷ କଲ୍ୟାଣ ସାଧିତ ହେବ । ପାରସ୍ପରିକ ଭାବ ବିନିମୟରେ ହିଁ ସଭ୍ୟତାର ପ୍ରସାର ହୁଏ ।''

ରାଜଚକ୍ରବର୍ତ୍ତୀ ଯୁଧିଷ୍ଠିର ଏତେ ବିନମ୍ର ଭାବରେ କିର୍ମୀକ ସହ ବନ୍ଧୁତ୍ୱ ସ୍ଥାପନ କରିବାପାଇଁ ସ୍ପୃହାନ୍ତି, ଯା'ଠାରୁ ଗୌରବର ବିଷୟ ଆଉ କ'ଣ ଥାଇପାରେ !

ଆନନ୍ଦ ଗଦ୍‌ଗଦ୍ ସ୍ୱରରେ କିର୍ମୀକ କହିଲା — ''ଆମର ଭାଗ୍ୟ ପରିବର୍ତ୍ତନ ହେବାକୁ ଯାଉଛି । ତେଣୁ ଆପଣମାନଙ୍କର ଆବିର୍ଭାବ ଏ ବନଭୂଇଁରେ ହୋଇଛି । ମୋର ଜ୍ଞାତି କୁଟୁମ୍ବଙ୍କୁ ମୁଁ ଏକଥା ବୁଝେଇଦେବି । ମୋର ଦୁଇ ସହୋଦର କିରାତ ଓ ବିରାତ ନିଷ୍ଠୁର ଭାବେ କ୍ଷତ୍ରୀୟ ବିରୋଧୀ । ତାଙ୍କୁ ବଶ କରିବାର ଦାୟିତ୍ୱ ମା' ପାଞ୍ଚାଳୀଙ୍କର । ଅନ୍ୟମାନଙ୍କର ଦାୟିତ୍ୱ ମୁଁ ନେଉଛି । ମୁଁ ଏ ଅରଣ୍ୟର ଅଧିବାସୀ ଶବର କୁଳର ଦଳପତି । ମୋ କଥା ଅନ୍ୟଥା ହୁଏ ନାହିଁ । ସୁଗ୍ରୀବଙ୍କ ସହ ମିତ୍ରତା

Digitized by srujanika@gmail.com

ସ୍ଥାପନ କରି ପ୍ରଭୁ ରାମଚନ୍ଦ୍ର ଯେପରି ଲଙ୍କା ଜୟ କରି ରାବଣ ନିଧନ କରିଥିଲେ, ରାଜା ଯୁଧିଷ୍ଠିର ସେପରି ଶବର ଦଳପତି କିର୍ମୀଜ ସହ ମିତ୍ରତା ସ୍ଥାପନ କରି ହସ୍ତିନା ଜୟ କରିବେ ଏବଂ କୌରବ ନିଧନ କରିବେ । ଆପଣ ଆଜ୍ଞା ଦେଲେ କାଲି ପ୍ରଭାତରୁ ହସ୍ତିନା ଆକ୍ରମଣ ପାଇଁ ଅଧୀନ ଶବର ସେନା ପ୍ରସ୍ତୁତ କରିବ ।''

ଯୁଧିଷ୍ଠିର ଅତ୍ୟନ୍ତ ବିନମ୍ର ସହକାରେ ଯୋଡ଼ହସ୍ତରେ କହିଲେ — ''ନା ନା ବନ୍ଧୁ । ଦୟାକରି ଆମକୁ ଭୁଲ ବୁଝନାହିଁ । କୌରବ ନିଧନ ବା ହସ୍ତିନାପୁରୀ ଜୟ ଆମ ଜୀବନର ଲକ୍ଷ୍ୟ ନୁହେଁ । ତେରବର୍ଷର ବନବାସ ପରେ ଆମେ ଆମର ନ୍ୟାଯ୍ୟ ଅଧିକାର ଫେରିପାଇଲେ ହିଁ ଯଥେଷ୍ଟ । ତେରବର୍ଷ ପୂର୍ଣ୍ଣ ହେବାର ଗୋଟିଏ ଦିନ ପୂର୍ବରୁ ମଧ୍ୟ ମୁଁ ଇନ୍ଦ୍ରପ୍ରସ୍ଥର ରାଜପଦ ଗ୍ରହଣ କରିବି ନାହିଁ । ତା'ଦ୍ୱାରା ଆମେ କେବଳ ସତ୍ୟଭ୍ରଷ୍ଟ ହେବୁ । କୌଣସି ଉଦ୍ଦେଶ୍ୟ ନେଇ ଆମେ ତୁମସହ ବନ୍ଧୁତ୍ୱ କରିବାକୁ ଗ୍ୱହୁଁନ୍ତୁ ବୋଲି ଭାବ ନାହିଁ । ବନ୍ଧୁତା ପାଇଁ ଆମେ ତୁମର ବନ୍ଧୁତ୍ୱ ଗ୍ୱହୁଁ । ଅବଶ୍ୟ ଏକଥା ସତ୍ୟ ଯେ ସୁଖ ଅପେକ୍ଷା ଦୁଃଖରେ ହିଁ ପ୍ରକୃତ ବନ୍ଧୁ ସହାୟ ହୁଏ ।''

ଯୁଧିଷ୍ଠିରଙ୍କର ମହାନତାରେ ଅଭିଭୂତ ହେଲା କିର୍ମୀଜ । କାମ୍ୟକ ବନରେ ତଡ଼ିତ୍ ବେଗରେ ପ୍ରଘ୍ୱରିତ ହୋଇଗଲା ମୈତ୍ରୀ ସମାଘ୍ୱର । କିର୍ମୀଜ, କିରାତ, ବିରାତ ଏବଂ ସମସ୍ତ ବଣ୍ୟ ଅଧିବାସୀ — ଏପରିକି ଆମର ଦର୍ଶନ ମାତ୍ରକେ ବଣ୍ୟଜନ୍ତୁ ମଧ୍ୟ ଆମକୁ ମିତ୍ର ଭାବରେ ଗ୍ରହଣ କଲେ ।

ମୈତ୍ରୀ ଉତ୍ସବର ପ୍ରଥମ ବନ୍ଧୁ ମିଳନ ଅବସରରେ ଆମମାନଙ୍କ ତରଫରୁ ଭୋଜିର ଆୟୋଜନ କରିଥିଲି ମୁଁ । ଅକ୍ଷୟ ପାତ୍ରରେ ନିଜେ ରନ୍ଧନ କରି ପାଣ୍ଡବ ଏବଂ ଶବରମାନଙ୍କୁ ପଂକ୍ତି ଭୋଜନରେ ଏକତ୍ର ପରଶିଥିଲି ମୋ ହାତରନ୍ଧା ଖାଦ୍ୟ । ମୋ ହାତର ଅମୃତ ପରଶରେ ବନସ୍ଥଳୀ ଅମୃତମୟ ହୋଇଉଠିଥିଲା । ମୁଁ ସେଦିନ ଘୋଷଣା କରିଥିଲି, ''କାମ୍ୟକ ବନରେ ପାଣ୍ଡବମାନେ ଅବସ୍ଥାନ କରୁଥିବା ପର୍ଯ୍ୟନ୍ତ କେହି ଜଣେ ହେଲେ ବ୍ୟକ୍ତି ଅଭୁକ୍ତ ରହିବେ ନାହିଁ । ପ୍ରତିଦିନ ପଂକ୍ତି ଭୋଜନରେ ପାଣ୍ଡବ ଏବଂ ଶବରକୁଳ ଏକତ୍ର ଭୋଜନ କରିବେ । ଶବରୀମାନଙ୍କ ହାତପରଶା ପାଇବେ ପାଣ୍ଡବମାନେ । ମୋ ହାତପରଶା ଖାଇବେ ଶବର ଜ୍ଞାତିକୁଟୁମ୍ବ । ଗ୍ରୀଷ୍ମ, ବର୍ଷା, ଶୀତ, ହେମନ୍ତ, ଋତୁ ନିର୍ବିଶେଷରେ ଏହାହିଁ ହେବ କାମ୍ୟକ ବନର କାର୍ଯ୍ୟକ୍ରମ ।''

ଆନନ୍ଦର ଜଳରୋଳ, ପାଣ୍ଡବଙ୍କ ଜୟ ଜୟକାର, ନୃତ୍ୟ ଗୀତ ଏବଂ ପାଣ୍ଡବ, ଶବରଙ୍କ କୋଳାକୋଳି ଭିତରେ କାମ୍ୟକ ବନର ଗଛ, ପତ୍ର, ଲତା, ବନ କୋଳାକୋଳି ହେଉଥିଲେ । ପରମ ସନ୍ତୋଷରେ ମୁଁ ଭାବୁଥିଲି, ମଣିଷ କେତେ ମହାନ୍ ! ଅଥଚ ଚିହ୍ନି ନପାରି କେତେ ଛୋଟ କରିଦିଏ ଆପଣାକୁ ?

Digitized by srujanika@gmail.com

॥ ୩୦ ॥

ଅମୃତମୟ ଅକ୍ଷୟପାତ୍ରର ଅଧିକାରିଣୀ ମୁଁ । ମାତ୍ର ମତେ ସାରାଦିନ ଉପବାସରେ ହିଁ ରହିବାକୁ ହୁଏ । କାରଣ ପାତ୍ରରୁ ମୋ ପାଇଁ ଖାଦ୍ୟ ବାଢ଼ିବା ପରେ ସେ ଦିନର ଖାଦ୍ୟ ଶେଷ ହୋଇଯାଏ । ତେଣୁ ସମସ୍ତଙ୍କର ପ୍ରାତଃଭୋଜନ, ମଧ୍ୟାହ୍ନ ଭୋଜନ ଓ ରାତ୍ରିଭୋଜନ ପରେ ମଧ୍ୟ ଅନାଗତ ଅତିଥି ଅଭ୍ୟାଗତଙ୍କ ଅପେକ୍ଷାରେ ନିଶାର୍ଦ୍ଧ ପୂର୍ବ ପର୍ଯ୍ୟନ୍ତ ମତେ ନିଷ୍ଠାର ସହ ଉପବାସ ବ୍ରତ ପାଳନ କରିବାକୁ ହୁଏ । ସେଥିରେ ମୋର ଦୁଃଖ ନଥାଏ । ଗୋଟିଏ ମଣିଷର ଅନାହାରରେ ଯଦି କୋଟିଏ ମଣିଷର ପେଟ ଭରେ, ତେବେ ସେଇ ଗୋଟିଏ ମଣିଷ ଅନାହାରରେ ରହିବା ଶ୍ରେୟ ମନେକରି ମୁଁ ପ୍ରତିଦିନ ସାରା ଅରଣ୍ୟର ମଣିଷ ଓ ପଶୁ ପକ୍ଷୀଙ୍କୁ ଖାଦ୍ୟ ପରିବେଷଣ କରିଥାଏ । କାମ୍ୟକ ବନର କୀଟପତଙ୍ଗ ମଧ୍ୟ ଅଭୁକ୍ତ ନଥା'ନ୍ତି । ସମସ୍ତଙ୍କ ଭରିଲା ପେଟ ଦେଖୁ ଦେଖୁ ମୁଁ ନିଜେ ପେଟର ଭୋକ ଶୋଷ ଭୁଲିଯାଏ ।

ଅମୃତମୟୀ ଜନନୀ ନାରୀ । ସନ୍ତାନଟିଏ ଜନ୍ମନେଲେ ପୁରୁଷ ହୁଏ ଜନକ ଏବଂ ନାରୀ ହୁଏ ଜନନୀ । କିନ୍ତୁ ସନ୍ତାନର ଭୋକିଲା ମୁହଁରେ ବକ୍ଷର ଅମୃତ ଝରଣା ଝରାଇ ଦେଇପାରେ କେବଳ ନାରୀ । ସେ ଶକ୍ତି ପୁରୁଷର ନାହିଁ । ତେଣୁ ନାରୀ ମାତ୍ରେଇ ଅମୃତମୟୀ, ଅନ୍ନପୂର୍ଣ୍ଣା । ଅନ୍ୟର ଭୋକିଲା ପେଟ ଭରିବାର ସ୍ପୃହା ଓ ଆନନ୍ଦ ନାରୀର ସହଜାତ ପ୍ରବୃତ୍ତି । ମୁଁ ଯେତେବେଳେ ନାରୀ, ପୁଣି ଅନ୍ନପୂର୍ଣ୍ଣାଙ୍କର ଅଂଶରେ ମୋର ଜନ୍ମ, ଅନ୍ୟର କ୍ଷୁଧା ତୃଷ୍ଣା ମେଣ୍ଟାଇବାର ଆନନ୍ଦ ମୋ ଜୀବନର ଶ୍ରେଷ୍ଠ ଆନନ୍ଦ । ତେଣୁ ଧର୍ମ ଦେବତା ମୋ ହାତରେ ଅକ୍ଷୟ ପାତ୍ର ଯଥାର୍ଥରେ ହିଁ ଦାନ କରିଛନ୍ତି । ସେଥିପାଇଁ ମୁଁ ତାଙ୍କ ନିକଟରେ ଚିରକୃତଜ୍ଞ ।

ବେଳେ ବେଳେ ମନେପଡ଼ନ୍ତି ମୋର ସନ୍ତାନମାନେ, ଅଭିମନ୍ୟୁ ଏବଂ ସୁଭଦ୍ରା । କାମ୍ୟକ ବନରେ ଆବାଳବୃଦ୍ଧବନିତାଙ୍କର ପଂକ୍ତିଭୋଜନ ବେଳେ ମୁଁ ଖାଦ୍ୟ ପରଷି ଦେଉ ଦେଉ ମନ ଭିତରେ ଗୋପନ ଦୁଃଖଟିଏ ଉଙ୍କିମାରେ — ମୋର ସନ୍ତାନମାନେ ଖାଇବେଣି ତ ! ତାଙ୍କୁ ମନବୋଧ କରି ଖୁଆଉଥିବ ତ ସୁଭଦ୍ରା ! ଆଜି ମଧ୍ୟ ମୋର କନିଷ୍ଠ ପୁତ୍ର ସହଦେବ ସୁତ ଶ୍ରୁତସେନ ପାଇଁ ମୋ ବକ୍ଷର ଅମୃତ ଅବାରିତ ଝରିପଡ଼େ । ବନବାସର ସେଇ ଦାରୁଣ ମୁହୂର୍ତ୍ତ ପର୍ଯ୍ୟନ୍ତ ମୋ ବକ୍ଷର ଅମୃତ ହିଁ ଥିଲା ତା'ର ଜୀବନ । ତାକୁ ଛାଡ଼ି ଆସିବାର ଦୁଃଖ ସେଥିପାଇଁ ସବୁଠୁ ବେଶି । ସୁଭଦ୍ରା ତାକୁ ଅତି ଯତ୍ନରେ ରଖିଥିବ । ସଖା ଶ୍ରୀକୃଷ୍ଣଙ୍କ ରାଜ୍ୟରେ ଅମୃତମୟ ସୁଖାଦ୍ୟର ଅଭାବ ନଥିବ । ମାତ୍ର

Digitized by srujanika@gmail.com

ମା' ବୁକୁର ଅମୃତ ବିନା ଧନ ମୋ'ର ଝୁରୁଥିବ । କ୍ଷୀଣ ହେଉଥିବ । ଅନ୍ୟମାନେ ମଧ୍ୟ ଝୁରୁଥିବେ ମୋ ହାତରନ୍ଧା ସେମାନଙ୍କର ଭିନ୍ନ ଭିନ୍ନ ପ୍ରିୟ ଖାଦ୍ୟକୁ । ଏପରିକି ଅଭିମନ୍ୟୁ ମଧ୍ୟ ମୋରି ହାତରନ୍ଧା ଖାଦ୍ୟରେ ପରମ ସନ୍ତୋଷ ଲାଭ କରେ । ସୁଭଦ୍ରା ପିଲା-ମାନଙ୍କର ସବୁ ପ୍ରକାର ଯତ୍ନ ନେଲେ ମଧ୍ୟ ଖାଦ୍ୟ ଖୁଆଇବାର ଦାୟିତ୍ୱ ସମ୍ପୂର୍ଣ୍ଣ ମୋର ଥିଲା । ଶବର ପିଲାମାନଙ୍କୁ ବାହ୍ୟଲ୍ୟରେ ଭସାଇଦେଇ ମୁଁ ପୁତ୍ରମାନଙ୍କ ବିଚ୍ଛେଦ ଦୁଃଖ ଭୁଲିଯାଏ ।

କାମ୍ୟକ ଅରଣ୍ୟର ଶବର ପଲ୍ଲୀର ଅନତି ଦୂରରେ ଆମର କୁଟୀର । ପ୍ରତିଦିନ ମୁଁ ଯାଏ ଶବର ପଲ୍ଲୀକୁ । ସେମାନଙ୍କ ସହ ଅନ୍ତରଙ୍ଗତା ବଢୁଛି ଦିନୁ ଦିନ । ମୁଁ ଦିନେ ସେମାନଙ୍କ ନିକଟକୁ ନଗଲେ ସେମାନେ ଦଳବଦ୍ଧ ହୋଇ ଆସନ୍ତି ଆମ କୁଟୀରକୁ । ପଗ୍ଧରନ୍ତି — ''କି ଅପରାଧ ଯୋଗୁଁ ମା' ଆଜି ଦର୍ଶନ ଦେଲେନାହିଁ ?'' ସେମାନଙ୍କ ସରଳ ହୃଦୟର ନିଷ୍କପଟ ପ୍ରେମ ପାଖରେ ମୁଁ ଦିନୁଦିନ ବନ୍ଧା ପଡ଼ିଯାଏ ।

କିର୍ମୀକର ଅନୁଚର କିରାତ ଏବଂ ବିରାଟ ଦୁଇଭାଇ 'କ୍ଷତ୍ରିୟ ନିଧନ' ପ୍ରତିଜ୍ଞାକୁ ପାସୋରିଛନ୍ତି । ସେମାନେ ବର୍ତ୍ତମାନ ପାଣ୍ଡବମାନଙ୍କର ବନ୍ଧୁ, ଅନୁଚର । କାମ୍ୟକ ବନରେ ଆଉ ହିଂସା, ଦ୍ୱେଷ ନାହିଁ । ମୁନି ଋଷିମାନେ ଏବେ ନିର୍ଦ୍ୱନ୍ଦ୍ୱରେ କାମ୍ୟକ ଅରଣ୍ୟର ମନୋରମ ପରିବେଶ ଭିତରେ ଈଶ୍ୱର ଆରାଧନା କରନ୍ତି । ସେମାନଙ୍କର ପୂଜା ହୋମ ଆଦି ନାନାଦି ପବିତ୍ର କାର୍ଯ୍ୟରେ ସହଯୋଗ କରନ୍ତି ଶବର ପଲ୍ଲୀର ସରଳ ବନ୍ଧୁମାନେ । କାମ୍ୟକ ବନ ବର୍ତ୍ତମାନ ଆର୍ଯ୍ୟ ଅନାର୍ଯ୍ୟର ମିଳନପୀଠରେ ପରିଣତ ହୋଇଛି । ପଞ୍ଚପାଣ୍ଡବ ଶବର ବେଶରେ ନିଜକୁ ସଜ୍ଜିତ କରିଛନ୍ତି । ସେମାନଙ୍କ ଭଳି ବଲ୍‌କଳ ପିନ୍ଧିଛନ୍ତି । ବସନଭୂଷଣ, ଗ୍ଧଲିଚଳଣିରେ ସେମାନେ ନିଜକ ଶବର ପାଲଟି ଯାଇଛନ୍ତି । ଭୀମସେନ ଯେମିତି ଶବରମାନଙ୍କର ଦଳପତି, ମୁଁ ମଧ୍ୟ ନିଜକୁ ଶବର ରମଣୀ ବେଶରେ ସଜାଇଛି । ସେମାନଙ୍କ ଭଳି ବେଶ ପୋଷାକ, ଅଳଙ୍କାର ପରିଧାନ କରିଅଛି । ଶବର ପଲ୍ଲୀରେ ଆମେ ଏକାକାର ହୋଇ ମିଶିଯାଇଛୁ । ସେମାନଙ୍କର ପର୍ବପର୍ବାଣି ପୂଜା ଉତ୍ସବରେ ଆମେ ଅଂଶଗ୍ରହଣ କରିଛୁ । ଭୁଲିଯାଇଛୁ ଆମେ ରାଜବଂଶଜାତ ଆର୍ଯ୍ୟ ସନ୍ତାନ । କାମ୍ୟକ ବନର ମାୟାରେ ପଡ଼ି ମୁଁ ତ ଭାବୁଥାଏ ଆଉ କେବେ ଇନ୍ଦ୍ରପ୍ରସ୍ଥ ଫେରି ନଗଲେ ମୁଁ ସୁଖୀ ହୁଅନ୍ତି ।

କିନ୍ତୁ ସନ୍ତାନମାନଙ୍କ କଥା ଅହରହ ମୋର ମାତୃ-ହୃଦୟକୁ ବେଦନାରେ ଭରିଦିଏ । ଶବର ପଲ୍ଲୀରେ ଚଳଚଞ୍ଚଳ ଶିଶୁମାନଙ୍କର କ୍ରୀଡ଼ା ଦେଖିଲେ ମନେପଡ଼ନ୍ତି ପୁତ୍ରମାନେ । ବକ୍ଷର ଅମୃତ ଅନାୟାସରେ ଝରିପଡ଼େ । ମୋ ବକ୍ଷର ଅମୃତଯନ୍ତ୍ରଣାରେ ଦେହ ମନ ଜ୍ୱରଗ୍ରସ୍ତ ହୁଏ । ଭାବେ, ଯଦି ସନ୍ତାନ ବିରହ ମୋ ଅଦୃଷ୍ଟରେ ଲେଖାଥିଲା, ତେବେ

Digitized by srujanika@gmail.com

ବକ୍ଷର ଅମୃତଧାରା ଶୁଷ୍କ ହୁଏ ନାହିଁ କହିଁକି ? ଶବର ପଲ୍ଲୀରେ କୌଣସି ମା' ସନ୍ତାନକୁ ସ୍ତନ୍ୟଦାନ କରୁଥିବାର ଦୃଶ୍ୟ ଦେଖିଲେ ମୋ ବକ୍ଷର ଅମୃତ ଅନାୟାସରେ ଝରିଯାଏ— ''ଆଖିର ଲୁହ ମିଶେ ବକ୍ଷର ଅମୃତରେ । ବିଷଣ୍ଣ ହୃଦୟରେ ଫେରିଆସେ କୁଟୀରକୁ ।'' ସ୍ୱାମୀଙ୍କୁ ପ୍ରଶ୍ନକରେ — ''ଆଉ କେତେଦିନ ଏ କଷ୍ଟ —''

ଯୁଧିଷ୍ଠିର ମୋର ମର୍ମବେଦନା ବୁଝନ୍ତି । ନିରାସକ୍ତ ଯୋଗୀ ଭଳି ଉପଦେଶ ଦିଅନ୍ତି... ''ଯାଜ୍ଞସେନି, ମନକୁ ଉଦାର କର, ହୃଦୟକୁ ବିଶାଳ କର, ଏ ଜଗତର ସମସ୍ତ ଶିଶୁଙ୍କୁ ତମର ସନ୍ତାନ ମନେକର । ଦେଖିବ ପାଞ୍ଚଟି ସନ୍ତାନଙ୍କ ବିରହ ଦୁଃଖ ତମକୁ ବିଚଳିତ କରିବ ନାହିଁ । ତମେ ମା' — ଜନ୍ମଦାତ୍ରୀ-ଅମୃତମୟୀ । ମା'ର ହୃଦୟ ସାଗର ପରି ବିଶାଳ । ବାତ୍ସଲ୍ୟର ବନ୍ୟା ବୁହାଇଦିଅ ପୃଥିବୀର ଅଗଣିତ ଦୀନ ଦଳିତ, ପତିତର ପାଇଁ, ସାରା ପୃଥିବୀର ଶିଶୁକୁ କୋଳେଇ ନିଅ । ଦେଖିବ ତମଠାରୁ ସୁଖୀ ଆଉ କେହି ନାହିଁ ଏ ପୃଥିବୀରେ ।''

ବେଦବାକ୍ୟ ଭଳି ଆଦର୍ଶମୟ ଯୁଧିଷ୍ଠିରଙ୍କର ପ୍ରତିଟି କଥା । ସବୁ ଆଦର୍ଶ କଥା କରଣୀୟ, କିନ୍ତୁ ସବୁବେଳେ ଗ୍ରହଣୀୟ ନୁହେଁ ।

ମନକୁ ବୋଧ ଦେବାପାଇଁ ଯୁଧିଷ୍ଠିରଙ୍କ କଥାକୁ ମର୍ମେ ମର୍ମେ ଉପଲବ୍ଧି କରି ବାତ୍ସଲ୍ୟର ବନ୍ୟା ବୁହାଇ ଦିଏ ଶବର ପଲ୍ଲୀର କୋଣେ କୋଣେ ।

ବିରାଟ ଶବରର ଦୁଇ ଯମଜ ପୁତ୍ର କମ୍ବୁ ଏବଂ ଜମ୍ବୁ । କଙ୍କାଳସାର ଦୁଇଟି ଶିଶୁପୁତ୍ରଙ୍କୁ ଯେଉଁଦିନ ପ୍ରଥମ ଦେଖିଲି, ସେଦିନ ହୃଦୟରେ କରୁଣାର ଧାରାଟିଏ ପ୍ରବାହିତ ହୋଇଗଲା । ଏତେ ସୁନ୍ଦର ଫଳପୁଷ୍ପଭରା କାମ୍ୟକ ବନରେ ଏ ଶିଶୁ ଦୁଇଟି ଏପରି ରୁଗ୍ଣ, ଶୀର୍ଣ୍ଣ କାହିଁକି ? ଶିଶୁ ଦୁଇଟି ଜୁଲୁ ଜୁଲୁ ଘିସୁଁଥିଲେ କୁଟୀର ଚଟାଣରେ ଶୋଇ । କଙ୍କାଳସାର ହାତପାପୁଲିର ଆଙ୍ଗୁଳି କେତୋଟି ପାଟିରେ ରଖି ମା' ବୁକୁର ଅମୃତ ଖୋଜୁଥିଲେ । ସେଥିରେ ସେମାନଙ୍କର କ୍ଷୁଧା ଦ୍ୱିଗୁଣିତ ହେଉଥିଲା । ରହି ରହି କରୁଣ କ୍ରନ୍ଦନର ସ୍ୱର ଝରାଇ ଦେଉଥିଲେ ବ୍ୟାକୁଳ ବୁଭୁକ୍ଷାରେ । କିରାତର ସ୍ତ୍ରୀ ଶ୍ରୀଯାକୁ ପଗ୍ଧରିଲି, ''ଶିଶୁ ଦୁଇଟିଙ୍କର ମା' କ'ଣ ଜଙ୍ଗଲକୁ ଯାଇଛି ? ସେମାନେ ଏତେ ଦୁର୍ବଳ ହୋଇଛନ୍ତି କାହିଁକି ? ସେମାନଙ୍କର ଯହ କ'ଣ ତାଙ୍କର ମା' ନିଏ ନାହିଁ ?'' ଶ୍ରୀଯା କରୁଣ ବେଦନାରେ କହିଲା — ''ହଁ, ସେମାନଙ୍କର ମା' ଜଙ୍ଗଲକୁ ଯାଇଛି, ଆଉ ଫେରିବ ନାହିଁ । ସେ ଅନେକ ଦିନର କଥା । ଜଙ୍ଗଲରେ ବାଘ ଟେକି-ନେଲା । ଶିଶୁ ଦୁଇଟିଙ୍କର ବୟସ ସେତେବେଳେ ମାତ୍ର ଦୁଇମାସ । ତା'ପରଠୁ ସେମାନଙ୍କର ମା' ମୁଁ । ହୃଦୟର ସମସ୍ତ ବାତ୍ସଲ୍ୟ ଉଜାଡ଼ି ଦେଲେ ମଧ୍ୟ ମୋ ବକ୍ଷରେ

Digitized by srujanika@gmail.com

ସେମାନଙ୍କ ପାଇଁ ଅମୃତର ଝରଣା ଶୁଷ୍କ । ଏ ପର୍ଯ୍ୟନ୍ତ ମୁଁ ମା' ହୋଇନାହିଁ । ବକ୍ଷର ଅମୃତଧାରା ଶିଶୁ ମୁଖରେ ଢାଳି ଦେବାର ସୌଭାଗ୍ୟ ମୋର କାହିଁ ? ମା' କ୍ଷୀର ବିନା ଶିଶୁ ଦୁଇଟିଙ୍କର ଏ ଅବସ୍ଥା । ଧୀରେ ଧୀରେ ସେମାନେ କ୍ଷୀଣ ହେଉଛନ୍ତି । ସେମାନଙ୍କୁ ବଞ୍ଚାଇ ରଖିବାର ସମସ୍ତ ଚେଷ୍ଟା ବିଫଳ ହୋଇଯାଉଛି । ମୋର ଆଉ କିଛି ଉପାୟ ନାହିଁ ।'' ଶ୍ରୀୟାର କରୁଣାମୟୀ ମୂର୍ତ୍ତିଟି ସଜଳ ଆଖିରେ ଶିଶୁ ଦୁଇଟିକୁ ଘୃହିଁ ରହିଥିଲା ।

ମୁଁ ଆଗପଛ ନ ବିଗୃରି ବସିପଡ଼ିଲି ମାଟିର ଚଟାଣରେ । କୋଳକୁ ତୋଳି ଆଣିଲି ଜଣକୁ । ମୋ ବୁକୁର ଅମୃତ ଧାରା ବାହ୍ୟଲ୍ୟରେ ଝରିପଡୁଥିଲା । ମୁଁ ଅନୁନୟ କରି କହିଲି — ''ଭଉଣୀ ଶ୍ରୀୟା, ତମର ଯଦି ଆପତ୍ତି ନଥାଏ, ତେବେ ମୋ ବୁକୁର ଅମୃତ ଦେଇ ମୁଁ ଶିଶୁ ଦୁଇଟିଙ୍କର ଜୀବନ ରକ୍ଷା କରିବି ।''

ଶ୍ରୀୟା ଆନନ୍ଦିତ ହୋଇ କହିଲା — ''ଏଥିରେ ଆପତ୍ତି କରିବି କାହିଁକି ? ଏ ମୋର ପରମ ସୌଭାଗ୍ୟ, କିନ୍ତୁ —''

''କିନ୍ତୁ —'' ମୁଁ ବ୍ୟାକୁଳ ହୋଇ ପଗ୍ଧରିଲି ।

ଶ୍ରୀୟା ନମ୍ର ସ୍ୱରରେ କହିଲା — ''କିନ୍ତୁ ଆପଣ ଆର୍ଯ୍ୟ ନାରୀ । ଅନାର୍ଯ୍ୟ ଶିଶୁ ମୁଖରେ ଅମୃତ ଢାଳିଦେବାରେ ଆପଣଙ୍କର ଧର୍ମ ନଷ୍ଟ ହେବ ନାହିଁ ତ ? ଏକଲବ୍ୟ ଶବର ଆପଣଙ୍କ ସ୍ୱାମୀମାନଙ୍କର ସଙ୍ଗେ ଏକତ୍ର ବିଦ୍ୟା ଶିକ୍ଷା କରିପାରି ନଥିଲେ ଏଇ କାରଣରୁ ।'' ମୁଁ ଶ୍ରୀୟାର ହାତଧରି ଅନୁନୟଭରା ସ୍ୱରରେ କହିଲି — ''ଭଉଣୀ, ପଛକଥା ଭୁଲିଯାଅ । ଆର୍ଯ୍ୟ ଆର୍ଯ୍ୟେତର ମଣିଷର ମନଗଢ଼ା ଜାତି । ଶରୀରର ରକ୍ତରେ ଓ ମା' ବୁକୁର କ୍ଷୀରରେ କୌଣସି ପ୍ରଭେଦ ନାହିଁ । ମତେ ପୁଣ୍ୟ ଅର୍ଜନ କରିବାର ସୁଯୋଗ ଦିଅ ।''

ଶ୍ରୀୟା ସ୍ଥିର ଭାବରେ କହିଲା — ''ଆମ ଘରର ଖାଦ୍ୟ ଖାଇବା ପରେ ହିଁ ଆପଣ ସେମାନଙ୍କୁ କ୍ଷୀର ଦେଇପାରିବେ । ଶିଶୁକୁ କ୍ଷୀର ଦେଉଥିବା ମା'ର ଖାଦ୍ୟ ସ୍ୱତନ୍ତ୍ର । ତା'ଛଡ଼ା ଅନ୍ୟ ଖାଦ୍ୟ ଖାଇଲେ ଶିଶୁର କ୍ଷତି ହୁଏ । ତେଣୁ ଆପଣ ସେ ଖାଦ୍ୟ ଖାଇବେ ତ ? ଆର୍ଯ୍ୟ ନାରୀ ହୋଇ ଅନାର୍ଯ୍ୟ ଘରର ଖାଦ୍ୟ ଖାଇବେ କିପରି ?''

ମୁଁ କରୁଣ ସ୍ୱରରେ କହିଲି, ''ଶ୍ରୀୟା, ପ୍ରଭୁ ରାମଚନ୍ଦ୍ର ଶବରୀର ଉଚ୍ଛିଷ୍ଟ ଖାଇଥିଲେ । ସେଥିରେ ତାଙ୍କର ମହିମା ଉଣା ହୋଇନଥିଲା । ମୋର ସ୍ୱାମୀ ଭୀମସେନ ହିଡ଼ିମ୍ବୀ ଦାନବୀକୁ ବିବାହ କରିଛନ୍ତି । ଅର୍ଜୁନ ବିବାହ କରିଛନ୍ତି ପାତାଳ କନ୍ୟା ଉଲୁପୀଙ୍କୁ । ସ୍ୱର୍ଗ ମର୍ତ୍ତ୍ୟ ପାତାଳର ମଣିଷମାନଙ୍କ ସହ ଆମର ବନ୍ଧୁତ୍ୱ ଆଉ ବନ୍ଧନ । ତେଣୁ ତମ

Digitized by srujanika@gmail.com

ଘରର ଖାଦ୍ୟ ମୁଁ ଅମୃତ ମଣି ଖାଇବି ଏବଂ ଶିଶୁ ଦୁଇଟିଙ୍କ ମୁହଁରେ ଢାଳିଦେବି ଅମୃତର ଧାରା ।''

ସତକୁ ସତ ଶ୍ରୀଯା ମତେ ଖାଦ୍ୟ ପରଷି ଦେଲା । ମୁଁ ନିର୍ବିକାର ଭାବରେ ଶବର କୁଟୀରରେ ସେ ଖାଦ୍ୟ ଖାଇଲି । ଶିଶୁ ଦୁଇଟିଙ୍କୁ ଅମୃତ ପାନ କରାଇ ପରମ ପ୍ରଶାନ୍ତିରେ ଫେରିଲି ଏବଂ ଯୁଧିଷ୍ଠିରଙ୍କ କଥାର ସତ୍ୟତା ଉପଲବ୍ଧି କଲି । ସେଇଦିନଠୁ ସମସ୍ତେ ଖାଇସାରିଲେ ମୁଁ ଯାଏ ଶବର ପଲ୍ଲୀକୁ । ଶ୍ରୀଯା ସହ ଏକତ୍ର ଭୋଜନ କଲାପରେ କମ୍ବୁ ଏବଂ ଜମ୍ବୁଙ୍କୁ ସ୍ତନ୍ୟପାନ କରାଇ ଜନନୀ ହୃଦୟର ସବୁ ବାହ୍ୟଲ୍ୟ ଅଜାଡ଼ି ଦିଏ । ଅବୋଧ ଶବର ବାଳକ ଦୁଇଟି ପୁଷ୍ଟ ହୋଇ ବଢ଼ିଉଠୁଥା'ନ୍ତି — ସୁସ୍ଥ ସବଳ ନିରୋଗ ହୋଇ ଉଠୁଥା'ନ୍ତି । ଦରୋଟି କଣ୍ଠରେ ମତେ ମା' ମା' ଡାକି ଶିଖିଲେଣି ଏବେ । ମୁଁ ଶବର ଶିଶୁ କମ୍ବୁ ଜମ୍ବୁଙ୍କର ଅମୃତମୟୀ ଜନନୀ । ମୁଁ ଜଗତଜନନୀ ଅନ୍ନପୂର୍ଣ୍ଣା । ଜନନୀ ପାଖରେ ସବୁ ଶିଶୁ ସମାନ । ସେଠି ଜାତି ଧର୍ମ ରାଜା ପ୍ରଜାର ବିଗ୍ରର ନାହିଁ । ମୁଁ ଏବେ ସୁଖୀ । ଜନନୀ ପାଖରେ ମଣିଷର ଏକମାତ୍ର ପରିଚୟ ହେଉଛି ସନ୍ତାନ — ଅମୃତମୟ ସନ୍ତାନ ।

॥ ୩୧ ॥

ଭାଦ୍ରବ କୃଷ୍ଣ ଅଷ୍ଟମୀ । ସଖାଙ୍କର ଆଜି ଜନ୍ମଦିନ । ଦ୍ୱାରକାରେ ଲାଗିଥିବ ମହୋତ୍ସବ । ମାତା କୁନ୍ତୀ ମଧ୍ୟ କୃଷ୍ଣ ଜନ୍ମତିଥି ମହା ଆଡ଼ମ୍ବରରେ ପାଳନ କରନ୍ତି । ଅକ୍ଷୟ ପାତ୍ରରେ ନାନାପ୍ରକାର ମିଷ୍ଟାନ୍ନ ରନ୍ଧନ କରି କାମ୍ୟକ ଅରଣ୍ୟର ପଶୁପକ୍ଷୀ ଇତ୍ୟାଦିଙ୍କୁ ଖାଦ୍ୟ ବିତରଣ କଲି । କାଳେ କେହି ଅତିଥି ଆସିବେ, ସେଥିପାଇଁ ସନ୍ଧ୍ୟା ପର୍ଯ୍ୟନ୍ତ ମୁଁ ଅପେକ୍ଷା କଲି । କମ୍ବୁ ଏବଂ ଜମ୍ବୁଙ୍କୁ କୋଳରେ ବସାଇ ମିଷ୍ଟାନ୍ନ ଖୁଆଇଲି । ସେମାନେ ଏବେ ସୁସ୍ଥ ହେଲେଣି । ବଡ଼ ହୋଇଗଲେଣି । ଅନ୍ୟାନ୍ୟ ଖାଦ୍ୟ ଖାଇ ଶିଖିଲେଣି । ସେମାନେ ଖାଇସାରିବା ପରେ ହଠାତ୍ ମନେପଡ଼ିଲେ ସଖା । ସଖା ଆଜି ଚନ୍ଦନଚର୍ଚ୍ଚିତ ହୋଇ ବନମାଳା ପିନ୍ଧି ଅପୂର୍ବ ସୁନ୍ଦର ଦିଶୁଥିବେ । ଦେବକୀ ଏବଂ ବସୁଦେବ ଆଡ଼ମ୍ବରରେ ମିଷ୍ଟାନ୍ନ ବିତରଣ କରୁଥିବେ । ଆନନ୍ଦ ଉତ୍ସବ ଭିତରେ ସଖା ଆମ କଥା ଭୁଲି ଯାଇଥିବେ । କାହିଁ ଦ୍ୱାରକାର ଅଧିପତି ପୁରୁଷୋତ୍ତମ ଶ୍ରୀକୃଷ୍ଣ, କାହାନ୍ତି ରାଜ୍ୟହରା ଅରଣ୍ୟବାସୀ ପାଣ୍ଡବ ଏବଂ ପାଣ୍ଡବପତ୍ନୀ ଦ୍ରୌପଦୀ !

ବନବାସ କାଳରେ କେବେ ଆସି ଆମକୁ ଶଙ୍ଖୋଳିଯିବେ ବୋଲି ବିଦାୟ ବେଳାରେ ପ୍ରତିଶ୍ରୁତି ଦେଇଥିଲେ ସଖା । କାହିଁ — ଏପର୍ଯ୍ୟନ୍ତ ଥରେ ଆସିଲେ ନାହିଁ

Digitized by srujanika@gmail.com

ତ ! ଆଜି ତାଙ୍କର ଜନ୍ମତିଥିରେ ସଖାଙ୍କର ସ୍ମୃତି କେଜାଣି କାହିଁକି ଅସ୍ଥିର କରୁଛି । ସେଇ କମନୀୟ ରୂପ ବାରମ୍ବାର ନାଚିଉଠୁଛି ସ୍ମୃତିପଟରେ । ମୋ ହାତରନ୍ଧା ଖାଦ୍ୟରେ ସଖାଙ୍କର ଯେତିକି ଆଗ୍ରହ, ତାଙ୍କପାଇଁ ରାନ୍ଧିବାରେ ମୋର ସେତିକି ଶ୍ରଦ୍ଧା । କାମ୍ୟକ ବନକୁ ଆମେ ଆସିବା ପରେ ଅନେକ ଅତିଥି ଅଭ୍ୟାଗତ ଅସମୟରେ ଆସି ପହଞ୍ଚିଛନ୍ତି । ଅକ୍ଷୟପାତ୍ରର କରୁଣାରେ ସେମାନଙ୍କୁ ପେଟଭରି ଆହାର ବାଢ଼ିଦେଇ ମୁଁ, ନିଜକୁ ଧନ୍ୟ ମଣିଛି । ଆଜି ମଧ୍ୟ ଅନେକ ଅତିଥି ଅଭ୍ୟାଗତ ମିଷ୍ଟାନ୍ନ ଭୋଜନ କରି ଆପ୍ୟାୟିତ ହୋଇ ଫେରିଗଲେଣି । କିନ୍ତୁ ମନ ଭରିନାହିଁ । ହୃଦୟ ତୃପ୍ତ ହୋଇନାହିଁ ! ମନ ଭିତରେ କିଏ ଯେମିତି କହୁଛି, "ଅତିଥି ଆସିବେ, ପରମ ଅତିଥିଙ୍କର ଶୁଭାଗମନ ହେବ — ନିଶ୍ଚୟ ହେବ ।"

ରାତ୍ରି ଅନେକ ହେଲାଣି । ମୁଁ ଖାଇନାହିଁ । ଫାଲ୍‌ଗୁନି କହିଲେ — "ଆଉ ଅପେକ୍ଷା କାହିଁକି କୃଷ୍ଣା, ଏତେ ରାତିରେ ଆଉ କେହି ଅତିଥି ଆସିବେ ନାହିଁ । ଅତିଥି ଆଗମନର ସମୟ ଅତିକ୍ରାନ୍ତ ହୋଇଛି । ଏଥର ତମେ ଖାଇନିଅ । ସାରାଦିନ ଉପବାସରେ ଖଟିଛ । ଏ ଅରଣ୍ୟର ସାଧୁ ସନ୍ନ୍ୟାସୀ, ଶବରପଲ୍ଲୀର ଆବାଳବୃଦ୍ଧବନିତା, ପଶୁପକ୍ଷୀ, କୀଟପତଙ୍ଗ ସମସ୍ତଙ୍କୁ ସମାନ ଭାବରେ ପରମ ଶ୍ରଦ୍ଧା ସହକାରେ ଖାଦ୍ୟ ପରଷିଛ । ଆଉ କାହା ପାଇଁ ଅପେକ୍ଷା ?"

ମୁଁ ଦୃଢ଼କଣ୍ଠରେ କହିଲି — "ମନ କହୁଛି, ସଖା ଆସିବେ ।"

—"ଏ ଅସମୟରେ ?"

—"ସଖାଙ୍କ ପାଖରେ ସବୁ ସମୟ ହିଁ ଶୁଭ ସମୟ । ଏକଥା କ'ଣ ତମେ ଜାଣନାହିଁ ?" ଆଦରରେ ମୋର ହାତ ଧରିଲେ ଫାଲ୍‌ଗୁନି । ମୃଦୁ ହସି କହିଲେ— "ମୋ'ଠାରୁ ସଖାଙ୍କୁ କ'ଣ ତମେ ବେଶି ପ୍ରେମ କର କୃଷ୍ଣା ?"

"ଠିକ୍ ସେଇ ପ୍ରଶ୍ନ ତମକୁ ଯଦି କରେ— ?"

—"ଉତ୍ତରରେ କହିବି 'ହଁ' । ସଖା ଶ୍ରୀକୃଷ୍ଣ ମୋର ପ୍ରିୟରୁ ପ୍ରିୟ— ପ୍ରିୟତମ ।"

—"ମୁଁ ମଧ୍ୟ ସେଇ ଉତ୍ତର ଦେବି ! କିନ୍ତୁ ସଖାଙ୍କ ପାଇଁ ପ୍ରେମର କୌଣସି ସୀମା, କୌଣସି ସୀମା, ପରିସୀମା, କୌଣସି ପାର୍ଥିବ ତୁଳନା ମୋ ପାଖରେ ନାହିଁ ।"

ଫାଲ୍‌ଗୁନି ମତେ ଆଦର କରି କହିଲେ — "କୃଷ୍ଣା, ସଖାଙ୍କ ପ୍ରତି ତମ ପ୍ରେମ ଯୋଗୁଁ ମୁଁ ସଖାଙ୍କୁ ଈର୍ଷା କରୁନାହିଁ, ଈର୍ଷା କରୁଛି ତମକୁ । ମୋର ଭୟ ହେଉଛି

Digitized by srujanika@gmail.com

ପ୍ରେମର ପରାକାଷ୍ଠାରେ ତମେ ମୋ'ଠାରୁ ବଳିଯିବ ଏବଂ ସଖାଙ୍କ ପାଖରେ ମୋ'ଠାରୁ ତମେ ଅଧିକ ପ୍ରିୟ ହେଇଯିବ ।''

ମୁଁ ହସିଲି — କହିଲି, ''ସ୍ୱାମୀ, ତମ ଭିତରେ ମୁଁ ରହିଛି, ମୋ ଭିତରେ ତମେ। ଆମ ଦୁହିଁଙ୍କ ଭିତରେ ଯିଏ ସଖାଙ୍କର ପ୍ରିୟପରମ ହେଲେ ମଧ୍ୟ ଆମର କାହାରି କ୍ଷତି ହେବ ନାହିଁ । ବରଂ ଜଣେ ପ୍ରିୟ ହେଲେ ଆଉ ଜଣଙ୍କର ଲାଭ ।''

ଫାଲ୍‌ଗୁନି ଏଥର ରସିକତା ଛାଡ଼ି ଅନୁରୋଧ କଲେ ଖାଇନେବା ପାଇଁ । ତଥାପି ମଧ୍ୟ ମୋ ମନରେ କୁଣ୍ଠା । ଯଦି ସଖା ଆସି ପହଞ୍ଚିଯିବେ କ'ଣ ତାଙ୍କୁ ଖାଇବା ପାଇଁ ଦେବି ?

ଫାଲ୍‌ଗୁନି ଅଭୟ ଦେଲେ । କହିଲେ — ''ଯଦିବା ସଖା ଆସନ୍ତି, ଅଭୁକ୍ତ ନଥିବେ ତ ଆଜିଭଳି ଦିନରେ । ଦ୍ୱାରକାର ଅଧିପତି, ସର୍ବଶକ୍ତିମାନ୍ କୃଷ୍ଣଙ୍କର ଖାଦ୍ୟର ଅଭାବ ନାହିଁ ଯେ ସେ ଏତେ ରାତିରେ କାମ୍ୟକ ବନକୁ ଖାଇବା ପାଇଁ କେବଳ ଆସିବେ । ଯଦି କୃଷ୍ଣଙ୍କୁ ଖୁଆଇବା ପାଇଁ ତମ ମନରେ ଆଜି ଶ୍ରଦ୍ଧା ଜାଗିଛି, ତେବେ ଯାହା ରଖିଛ, ଆଉ ଥରେ ମୋ ପାଇଁ ବାଢ଼ିଦିଅ । ମୁଁ ଯାହାକିଛି ଗ୍ରହଣ କରେ ପ୍ରଥମେ ସଖାଙ୍କୁ ଅର୍ପଣ କରିଥାଏ, ଏପରିକି ମୋର ଶ୍ୱାସ ପ୍ରଶ୍ୱାସ ସଖାଙ୍କୁ ଉତ୍ସର୍ଗୀକୃତ । ତମକୁ ଗ୍ରହଣ କରିବା ପୂର୍ବରୁ ପ୍ରଥମେ ସଖାଙ୍କ ପାଦତଳେ ମୁଁ ଅର୍ପଣ କରିଦେଇଛି । ତେଣୁ ମୁଁ ଯାହା ଖାଏ, ସଖା ତା'ର ସ୍ୱାଦ ଅନୁଭବ କରନ୍ତି । ମୁଁ ଯାହା କିଛି ଅନୁଭବ କରେ ସଖା ସବୁ ଉପଲବ୍ଧି କରନ୍ତି । ମୋ ଭିତରେ ସଖାଙ୍କୁ ଦେଖିବାକୁ ଚେଷ୍ଟାକଲେ ତମେ ତାଙ୍କୁ ପାଇଯିବ । ଦିଅ, ମୋ ପାତ୍ରରେ ବାଢ଼ିଦିଅ ଅବଶିଷ୍ଟ ଖାଦ୍ୟ । ଜାଣେନା ଆଜି ପୁନର୍ବାର ମତେ ଭୋକ ଲାଗୁଛି କାହିଁକି ?''

ପ୍ରକୃତରେ ଏତେ ରାତିରେ ସଖାଙ୍କୁ ଅପେକ୍ଷା କରି ବସିବାର କିଛି ଅର୍ଥ ନାହିଁ। ମୁଁ ମଧ୍ୟ ଜାଣେ ଶ୍ରୀକୃଷ୍ଣ, ଅର୍ଜୁନ, ଭିନ୍ନ ଶରୀରଧାରୀ ପୁରୁଷ ହେଲେ ମଧ୍ୟ ଏକାତ୍ମ, ଅଭିନ୍ନ ହୃଦୟ । ଅତି ଯତ୍ନରେ, ପରମ ଶ୍ରଦ୍ଧାସହକାରେ, ହୃଦୟର କୋମଳ ମମତାର ସ୍ପର୍ଶଦେଇ ପବିତ୍ର ପ୍ରେମର ମଧୁରତା ମିଶାଇ ଅବଶିଷ୍ଟ ଖାଦ୍ୟ ବାଢ଼ିଦେଲି ଫାଲ୍‌ଗୁନିଙ୍କ ଆଗରେ । ପ୍ରଥମେ କୃଷ୍ଣଙ୍କୁ ଅର୍ପଣ କରି ଫାଲ୍‌ଗୁନି ଖାଦ୍ୟ ଗ୍ରହଣ କଲେ । ତାଙ୍କର ଉଚ୍ଛିଷ୍ଟ ଗ୍ରହଣ କରି ମୁଁ ପରମଶାନ୍ତି ଲାଭ କଲି ଏବଂ ଅକ୍ଷୟପାତ୍ରକୁ ପରିଷ୍କାର କରି ଧୋଇ ଯଥାସ୍ଥାନରେ ରଖିଲି । କୃଷ୍ଣ ସ୍ମରଣ କରି ଶଯ୍ୟା ଗ୍ରହଣ କଲି ।

ଜାଣେନା ଜାଗ୍ରତ ଥିଲି କିମ୍ବା ନିଦ୍ରା ଯାଇଥିଲି — ମୋହନବଂଶୀ ସ୍ୱନ ହୃଦୟ ଭିତରେ ଶୁଣିପାରିଲି, ଦେଖିଲି, ଚନ୍ଦନଚର୍ଚ୍ଚିତ, ପୀତବସନଧାରୀ ଶ୍ରୀକୃଷ୍ଣ ମୋ ସମ୍ମୁଖରେ

Digitized by srujanika@gmail.com

ଉଭା । ଦୁଇହାତ ଅଞ୍ଜଳି କରି ଭିକ୍ଷା ମାଗୁଛନ୍ତି । କହୁଛନ୍ତି — ''ସଖି, କଣ୍ଠରେ ମୋର ଅଶେଷ ତୃଷା, ସୁମଧୁର ଜଳ ସେ ତୃଷା ନିବାରଣ କରିବା ପାଇଁ ଯଥେଷ୍ଟ ନୁହେଁ । ସେଥିପାଇଁ ବର୍ଷା ତୋଫାନକୁ ଭ୍ରୂକ୍ଷେପ ନ କରି, ବହୁଦୂର ଅରଣ୍ୟ ପଥ ଅତିକ୍ରମି ଆସିଛି ତମ ପାଖକୁ । ଶୁଣୁଛି କାମ୍ୟକ ବନରେ ତମେ ପାଲଟିଛ ଅମୃତମୟୀ ଜନନୀ । ତମର ଅମୃତ ଝରଣାରେ ଜଳ ସ୍ଥଳ ଆକାଶର ଜୀବଜନ୍ତୁ, କୀଟପତଙ୍ଗ କେହି ଜଣେହେଲେ ଅଭୁକ୍ତ ନାହାନ୍ତି । ଜମ୍ବୁ ଏବଂ କମ୍ବୁଙ୍କର ତମେ ହୋଇଛ ଜୀବନଦାତ୍ରୀ । ତମ ବୁକୁର ଅମୃତରେ ଅଛି ସଂଜୀବନୀ ସୁଧା । କଲ୍ୟାଣି, ଆଜି ଜନ୍ମତିଥିରେ ମୋ କଣ୍ଠରେ ଅମୃତର ତୃଷା ଜାଗିଛି । ମୋର ତୃଷା ନିବାରଣ କରି ଧନ୍ୟ କର ମତେ ।''

ମୁଁ ଅପୂର୍ବ ରୋମାଞ୍ଚରେ ଉଲ୍ଲସିତ ହେଲି । ମୋ ଭିତରେ ଅନୁଭବ କଲି ଯଶୋଦା ମାତାଙ୍କର ଅସ୍ତିତ୍ୱ । ମୁଁ କିଏ ? ମୁଁ କୃଷ୍ଣା ନା ଯଶୋଦା ? ଦେଖିଲି ମୋର ସମସ୍ତ ଦ୍ୱନ୍ଦ୍ୱକୁ ଅବସାନ କରି ମୋ ସମ୍ମୁଖରେ ବାଳଗୋପାଳ ଶ୍ରୀକୃଷ୍ଣ ଅଞ୍ଜଳି ପାତି ଠିଆ ହୋଇଛନ୍ତି । ମୁଖମଣ୍ଡଳରେ ବିଶ୍ୱର ସମସ୍ତ ପବିତ୍ରତା ଅପୂର୍ବ ଶୋଭାମୟ ହୋଇ ଫୁଟିଉଠୁଛି । ସର ଲବଣି ଗ୍ୱେର ବାଳକ ଶ୍ରୀକୃଷ୍ଣ ଅଳି କରୁଛନ୍ତି ଅମୃତପାଇଁ — ମୋ ବକ୍ଷର ଅମୃତ ଝରିଯାଉଛି ଅନାୟାସରେ — ଅଞ୍ଜଳି ଭରି କୃଷ୍ଣ କରୁଛନ୍ତି ଅମୃତପାନ— ମୋର ସନ୍ତାନ ରୂପରେ କୃଷ୍ଣ ଆସିଛନ୍ତି ମୋ ପାଖକୁ । ଜନନୀ ହୃଦୟର ବ୍ୟଥା ଦୂର କରିଛନ୍ତି ମତେ ଅମୃତମୟୀ କରି । ମୁଁ ଗଭୀର ବାତ୍ସଲ୍ୟରେ ଡାକୁଛି କୃଷ୍ଣ, କୃଷ୍ଣ, କୃଷ୍ଣ..... ।''

ଫାଲ୍‌ଗୁନି ମତେ ସ୍ପର୍ଶ କରି ନିଦ୍ରାଭଙ୍ଗ କଲେ । କହିଲେ — ''ସ୍ୱପ୍ନରେ ବି କୃଷ୍ଣ କୃଷ୍ଣ ଡାକି ପାଗଳୀ ହେଉଛ ?'' ମୁଁ ବିହ୍ୱଳ ହୋଇ କହିଲି — ''କୃଷ୍ଣ ନୁହେଁ, ମୁଁ ଡାକୁଥିଲି ମୋର ପୁତ୍ରମାନଙ୍କୁ । ମୋର ପଞ୍ଚପୁତ୍ର କୃଷ୍ଣଙ୍କ ବେଶରେ ଆସିଥିଲେ ଅମୃତଭିକ୍ଷା କରିବାପାଇଁ । ତନ୍ଦ୍ରାବିଜଡ଼ିତ ନେତ୍ରରେ ମୁଁ କୃଷ୍ଣଙ୍କ ଭିତରେ ଦେଖୁଥିଲି ମୋର ସନ୍ତାନମାନଙ୍କୁ ।'' ସ୍ୱପ୍ନରେ ହେଉ ପଛକେ ବକ୍ଷର ଅମୃତ ସନ୍ତାନ ମୁଖରେ ଢାଳିଦେଇ ମୋର ହୃଦୟ ପରିପୂର୍ଣ୍ଣ ହୋଇଥିଲା ଏବଂ ସତକୁ ସତ ଅମୃତ ଝରଣାରେ ମୋର ବକ୍ଷବସନ ଭିଜିଯାଇଥିଲା ।

ମୋର ସ୍ୱପ୍ନ ବୃତ୍ତାନ୍ତ ଶୁଣି ଅର୍ଜୁନ କହିଲେ — ''ତମ ଭିତରର ଉଦାର କରୁଣାମୟୀ ମାତୃତ୍ୱ କୃଷ୍ଣଙ୍କ ଭିତରେ, ସାରା ସଂସାରର ଶିଶୁ ମୁଖରେ ଅମୃତ ଢାଳିଦେଇଛି । ନିଦରେ ଶୋଇରହି ତମେ ସାରାସଂସାରର ମଣିଷ ଶିଶୁର ଭୋକିଲା ପେଟର କଥା ଭାବୁଛ । ତମ ମହାନତାର ପଟାନ୍ତର ନାହିଁ ।''

Digitized by srujanika@gmail.com

ଆମର କଥୋପକଥନ ଶେଷ ହୋଇନାହିଁ ସଖା ସତକୁ ସତ ଆମ ସମ୍ମୁଖରେ ଉପସ୍ଥିତ ହେଲେ ।

ବାହାର କୃଷ୍ଣପକ୍ଷ ଅଷ୍ଟମୀ ରାତିର ଘନଘୋର ଅନ୍ଧକାର ଏବଂ ଭାଦ୍ର ଆକାଶର ଅବିରାମ ବର୍ଷା, ଅଥଚ ରାଜ୍ୟହରା ବନବାସୀ ପାଣ୍ଡବ କୁଟୀରରେ ନୀଳ ଦୀପଶିଖା ଭଳି ବିରାଜିତ ପରମପୁରୁଷ ସଖା କୃଷ୍ଣ !

ଅର୍ଜୁନ ବିସ୍ମୟ ପୁଲକରେ ରୋମାଞ୍ଚିତ ହୋଇ କହିଲେ — ''ସଖା, ଏ ଘୋର ଦୁର୍ଦ୍ଦିନରେ, ଏମିତି ଅସମୟରେ ଦ୍ୱାରକାପୁରୀ ଛାଡ଼ି ନିବିଡ଼ ଅରଣ୍ୟ ଭିତରେ ପାଦଦେଲେ କେମିତି ?''

ଶ୍ରୀକୃଷ୍ଣ ମୃଦୁ ମଧୁର ହସ ହସି କହିଲେ — ''ଯିଏ ଏମିତି ଏକ ଦୁର୍ଦ୍ଦିନରେ ମା'ର ନିର୍ଭର ଗର୍ଭାଶୟ ତେଜି ପୃଥିବୀକୁ ଆସିଥିଲା, ତା'ର ସମୟ ଅସମୟ କ'ଣ— ତା'ର ଅଗମ୍ୟ ବା କେଉଁ ସ୍ଥାନ ?''

''କିନ୍ତୁ ହଠାତ୍ ଏ ଆଗମନର ଉଦ୍ଦେଶ୍ୟ କ'ଣ ? ଦ୍ୱାରକାପୁରୀରେ ସବୁ କୁଶଳ ତ ? ଭଦ୍ରା ଏବଂ ପୁତ୍ରମାନେ ଆନନ୍ଦରେ ଅଛନ୍ତି ତ ?'' ଅର୍ଜୁନ ପଗ୍ଧରିଲେ ।

ଶ୍ରୀକୃଷ୍ଣ ଶାନ୍ତ ଭାବରେ ଉତ୍ତର ଦେଲେ — ''ସମସ୍ତେ ସୁଖରେ ଅଛନ୍ତି । କିନ୍ତୁ ମୋ ଆସିବାର ଉଦ୍ଦେଶ୍ୟ ଭିନ୍ନ । ଆଜି ହଠାତ୍ କୃଷ୍ଣାଙ୍କ ହାତରନ୍ଧା ମନେପଡ଼ିଲା । ଭାବିଲି ମୋର ଜନ୍ମତିଥିରେ କୃଷ୍ଣା ନିଶ୍ଚୟ ନାନାପ୍ରକାର ସୁମିଷ୍ଟ ଖାଦ୍ୟ ରନ୍ଧନ କରିଥିବେ । ଭାରି ପ୍ରଲୋଭନ ହେଲା ମନରେ । ତେଣୁ ଗ୍ଲିଆସିଲି । ଦିନସାରା କୃଷ୍ଣାଙ୍କ ହାତରନ୍ଧା ଖାଦ୍ୟକୁ ସ୍ମରଣ କରି ସବୁ ଖାଦ୍ୟ ଅସ୍ୱାଦୁକର ଲାଗିଲା । ସାରାଦିନ ମୁଁ ଅଭୁକ୍ତ । ମନ ଭିତରେ କିଏ ଯେମିତି କହିଲା କୃଷ୍ଣା ମୋ ପାଇଁ ଅପେକ୍ଷା କରିଛନ୍ତି । ଝଡ଼ବର୍ଷାକୁ ଉପେକ୍ଷା କରି ଗ୍ଲିଆସିଲି । ଦେଖ କେମିତି ଗୋଟିପଣେ ଓଦା ହୋଇଯାଇଛି ।''

ସଖାଙ୍କ ଶ୍ରୀଅଙ୍ଗର ପୀତବସନ ସମ୍ପୂର୍ଣ୍ଣ ଭିଜିଯାଇଛି । କୁଞ୍ଚିତ କେଶରୁ ଝରିପଡୁଛି ବିନ୍ଦୁ ବିନ୍ଦୁ ଜଳ । ଅର୍ଜୁନ ବ୍ୟସ୍ତ ହୋଇ ସଖାଙ୍କ ପରିଗ୍ରହରେ ଲାଗିଲେ । ନିଜର ଶୁଷ୍କ ବସନ ସଖାଙ୍କୁ ପିନ୍ଧିବାକୁ ଦେଲେ । ସଖାଙ୍କର ପାଦ ଧୋଇ, ଶରୀର ଓ କେଶର ବର୍ଷାଜଳ ପୋଛିଦେଲେ । ଅର୍ଜୁନ ତାଙ୍କ କର୍ତ୍ତବ୍ୟ କଲେ — କିନ୍ତୁ ମୁଁ ଅକର୍ତ୍ତବ୍ୟ ହୋଇ ବସିଛି । ନିଶାର୍ଦ୍ଧରେ ମୁଁ ସଖାଙ୍କ ପାଇଁ ଖାଦ୍ୟର କି ବ୍ୟବସ୍ଥା ବା କରିବି ? ମୋର ଭୋଜନ ପରେ ଅବଶିଷ୍ଟ ରାତ୍ରି ପାଇଁ ଅକ୍ଷୟପାତ୍ର ଶୂନ୍ୟ ହୋଇଯାଇଛି । ମୁଁ ଇଚ୍ଛାକଲେ ବକ୍ଷଚିରି କଲିଜାର ରକ୍ତ ସଖାଙ୍କ କ୍ଷୁଧା ନିବାରଣ ପାଇଁ ଢାଳି ଦେଇପାରେ; ମାତ୍ର

Digitized by srujanika@gmail.com

ମୁଠାଏ ଖାଦ୍ୟ ବାଢ଼ିଦେବା ଆଜି ମୋ କ୍ଷମତାର ବାହାରେ । ଅର୍ଜୁନଙ୍କ କଥାରେ ପଡ଼ି କାହିଁକି ଖାଇଦେଲି ବୋଲି ନିଜକୁ ଧିକ୍‌କାର କଲି । ସାରାଦିନ ଉପବାସ ରହିବା ମୋର ଅଭ୍ୟାସରେ ପଡ଼ିଲାଣି । ଆଉ ରାତିଟାଏ ସେମିତି ଶୋଇପଡ଼ିଥିଲେ କିଛି କ୍ଷତି ନଥିଲା । ବର୍ତ୍ତମାନ ପରମ ଶ୍ରଦ୍ଧେୟ ଅତିଥି ମୋର ଅଭୁକ୍ତ ରହିବେ । ମୋ ହାତରନ୍ଧା ଖାଇବା ପାଇଁ ଝଡ଼ବର୍ଷା ଟପି ଯିଏ ଧାଇଁ ଆସିଛନ୍ତି, ତାଙ୍କୁ କ'ଣ ଦେଇ ତୁଷ୍ଟ କରିବି ?

ଅର୍ଜୁନଙ୍କ ବସ୍ତ୍ର ପିନ୍ଧି ସଖା ଠିକ୍ ତାଙ୍କରି ପରି ବିଶ୍ରୁଛନ୍ତି । ଦିବ୍ୟ ଆସନ ମାଡ଼ି କିଛି ନଜାଣିବା ପରି କହୁଛନ୍ତି — "ସଖି, ଆଉ ବିଳମ୍ବ କାହିଁକି ? କ୍ଷୁଧାରେ ମୋର ପ୍ରାଣ ବାହାରିଯିବା ଉପରେ —" ଅଶ୍ରୁ ଢଳ ଢଳ ନେତ୍ରରେ ମୁଁ କେବଳ ସଖାଙ୍କୁ ଘୃହିଁଛି । କିଛି ଉତ୍ତର ଦେଉନି । ରାଗ ହେଉଛି ଅର୍ଜୁନଙ୍କ ଉପରେ, ସଖାଙ୍କ ଉପରେ । ଏତେ ରାତିରେ କେହି ଅତିଥି ଯଦି ବା ଆସନ୍ତି ନିଦ୍ରାରୁ ଉଠାଇ ଖାଦ୍ୟ ବାଢ଼ିଦେବା ପାଇଁ ବାଧ୍ୟ କରିବା କ'ଣ ସାଧାରଣ ସୌଜନ୍ୟ ବାହାରର କଥା ନୁହେଁ ! ପୁଣି ସଖା ଜାଣନ୍ତି ଅକ୍ଷୟପାତ୍ର ଶୂନ୍ୟ ହେବା ପରେ ଯାଜ୍ଞସେନୀର ଅନ୍ନପୂର୍ଣ୍ଣା ଶକ୍ତି ଲୋପ ପାଇଯାଏ । ଜାଣି ଜାଣି ମତେ ଅପଦସ୍ଥ କରିବା ତାଙ୍କର ଯଦି ଇଚ୍ଛା, ତେବେ କି ଉତ୍ତର ଦେବି ତାଙ୍କୁ ?

ଫାଲ୍‌ଗୁନି ମୋର ମନର ବେଦନା ବୁଝିପାରିଛନ୍ତି । ବ୍ୟସ୍ତ ହୋଇ ସେ କହିଲେ— "ସଖା, କୃଷ୍ଣାଙ୍କୁ ହଟହଟା କରିବା ପାଇଁ ଝଡ଼ବର୍ଷା ରାତିରେ ମନ ବଳିଲା କାହିଁକି ? କୃଷ୍ଣା ଜୀବନରେ ଏ ଭିତରେ ଯାହା ସବୁ ଘଟିଯାଇଛି ସେତିକିରେ କ'ଣ ମନବୋଧ ହୋଇନାହିଁ ? ତମେ ନଜାଣି କେଉଁ କଥା ବା ସଂସାରରେ ଘଟୁଛି....."

ସଖା ଅର୍ଜୁନଙ୍କ କଥାରେ କର୍ଣ୍ଣପାତ ନ କରି ମତେ ଘୃହିଁ କହିଲେ — "ତେବେ ଆଜି ମୋ ପାଇଁ ଚଣ୍ଡ ଟିକିଏ ମଧ୍ୟ ରଖିନାହଁ ସଖି ! ଭାବିଥିଲି ଜନ୍ମଦିବସରେ ମୋ ପାଇଁ ସେତିକି ଅନ୍ତତଃ ରଖିଥିବ । ମୋ ପାଇଁ କିଛି ନରଖି ସବୁ ଖାଇଦେଇଛ— ଏ କଥାରେ ତ ମୋର ହୃଦ୍‌ବୋଧ ହେଉନି !"

ମୁଁ ଅଭିମାନଭରା ସ୍ୱରରେ କହିଲି — "ଅତିଥି ଅଭୁକ୍ତ ରହିଲେ ଅଭିଶାପ ଦିଅନ୍ତି । ଯାହା ଅଭିଶାପ ଦେବ ଆଗ୍ରହରେ ଗ୍ରହଣ କରିବି । ଅଭିଶପ୍ତ ଜୀବନ ଯାହାର ସେ ଅଭିଶାପକୁ ଭୟ କରିବ କାହିଁକି ?"

ସଖା ମୃଦୁ ମୃଦୁ ହସି କହିଲେ — "କିଏ କହିଲା ତମର ଅଭିଶପ୍ତ ଜୀବନ, ଦେଖି, ଦେଖି, ତମର ହାତଟି ସଖି ! ହସ୍ତରେଖା ଦେଖି ମୁଁ ତମର ଭବିଷ୍ୟତ ଗଣନା କରିଦେବି ।"

Digitized by srujanika@gmail.com

ମୁଁ କିଛି କହିବା ଆଗରୁ ସଖା ମୋର ହାତଟି ଧରିନେଲେ । ଦୁଃଖ ଅଭିମାନରେ ମୁଁ ହାତ ଫେରାଇ ନେବାକୁ ଚେଷ୍ଟା କରିବାରୁ ଅର୍ଜୁନ ମୋର କାନ ପାଖରେ କହିଲେ— ''ସଖାଙ୍କୁ ହାତ ଦେଖାଅ କୃଷ୍ଣା । ତାଙ୍କର ଗଣନା ନିର୍ଭୁଲ । ତା'ଛଡ଼ା ତମ ହାତ ଦେଖୁ ଦେଖୁ ସେ ଭୋକ ଭୁଲିଯିବେ ଓ ଅତିଥିର ଅଭିଶାପ ତମ ଉପରେ ପଡ଼ିବ ନାହିଁ ।''

ମୋ ହାତଟି ସଖାଙ୍କ ହାତ ଭିତରେ ରହିଛି । ମୋର ଅଙ୍ଗୁଳିର ଅଗ୍ରଭାଗ ପରୀକ୍ଷା କରୁଛନ୍ତି ସଖା । ହଠାତ୍ ଦେଖିଲି ଅନ୍ନ କଣାଟିଏ ମୋ ଅଙ୍ଗୁଳିର ଅଗ୍ରଭାଗରେ ଲାଖି ରହିଛି । କ୍ଲାନ୍ତି ଯୋଗୁଁ ତରତରରେ ହାତଧୋଇ ଶୋଇପଡ଼ିଥିଲି । ଅନ୍ନକଣାଟିଏ କିପରି ରହିଯାଇ ଶୁଖିଯାଇଛି । ଉଚ୍ଛିଷ୍ଟ ଲାଗିଥିବା ହାତଟି ସଖାଙ୍କ ହାତ ଉପରୁ ସଙ୍କୋଚରେ ଫେରାଇ ଆଣୁଛି, ସଖା ଅନ୍ନକଣାଟି ମୋ ହାତରୁ ନେଇ ପ୍ରସାଦ ଭଳି ପାଇଦେଲେ ।

ମୁଁ ତତ୍ପ ହୋଇଯାଇ ''ଏ କ'ଣ କରୁଛ — ମୋର ଉଚ୍ଛିଷ୍ଟ ଗ୍ରହଣ କରି ମତେ ପାପ ଭାରରେ ବୁଡ଼ାଇ ଦେଉଛ''— ଏତିକି କହି ଆର୍ତ୍ତନାଦ କରିଉଠିବା ବେଳକୁ ଦେଖେ ସଖା ପରମତୃପ୍ତିରେ ଉଦର ସାଉଁଳୁଛନ୍ତି । ହସି ହସି କହୁଛନ୍ତି — ''ବାପ୍‌ରେ ବାପ୍, ସଖିଙ୍କ ହାତରନ୍ଧା କଣିକାଏ ଅନ୍ନରେ ଯଦି ଏପରି ଗୁରୁଭୋଜନ, ତେବେ ଅଧିକ ଖାଦ୍ୟ ଖାଇଲେ ଅଜୀର୍ଣ୍ଣ ରୋଗରେ ନିଶ୍ଚୟ ପଡ଼ିଥା'ନ୍ତି । ଭଲହୋଇଛି ଖାଦ୍ୟ ଶେଷ ହେବା ପରେ ମୁଁ ପହଞ୍ଚିଛି ।''

ମୁଁ ମୋର ଅସାବଧାନତା ପାଇଁ ନିଜକୁ ଧିକ୍‌କାର କରୁଥିଲି ଏବଂ ସଖା ପରମ ତୃପ୍ତିରେ ହେଉଡ଼ି ମାରି ସେଦିନ ମୁଁ ରାନ୍ଧିଥିବା ସମସ୍ତ ଖାଦ୍ୟର ସ୍ୱାଦ ବର୍ଣ୍ଣନା କରୁଥିଲେ । ମୁଁ ସ୍ତମ୍ଭୀଭୂତା ହୋଇ ବସିଥିଲି ଏବଂ ସଖାଙ୍କ ଅଲୌକିକ ଶକ୍ତି କଥା ଚିନ୍ତା କରୁଥିଲି । ମୋର ପାପ ପୁଣ୍ୟ, ଧର୍ମ ଅଧର୍ମ ଭାବନା ସବୁ ସଖାଙ୍କ ଅଦ୍ଭୁତ ଶକ୍ତି ଆଗରେ ଏକାକାର ହୋଇଥିଲା । ଆମକୁ ବିଶ୍ରାମ ନେବାକୁ କହି ସଖା ମଧ୍ୟ ବିଶ୍ରାମ ନେଇଥିଲେ ଏବଂ ପ୍ରଭାତ ହେବା ପୂର୍ବରୁ ବିଦାୟ ନେଇ ଫେରିଯାଇଥିଲେ ।

ସଖାଙ୍କର ନାଟକୀୟ ପ୍ରବେଶ ଓ ପ୍ରସ୍ଥାନର ରହସ୍ୟ ଉଦ୍‌ଘାଟିତ ହେଲା ତା' ପରଦିନ । ମହର୍ଷି ନାରଦ ତା' ପରଦିନ ଆସି ପହଞ୍ଚିଲେ ଏବଂ ସଖାଙ୍କର ବନ୍ଧୁବତ୍ସଳତାର ଭୂରି ଭୂରି ପ୍ରଶଂସା କଲେ । ବନ୍ଧୁଙ୍କୁ ଦୁର୍ବାସାଙ୍କ ବ୍ରହ୍ମ ଅଭିଶାପରୁ ରକ୍ଷା କରିବା ପାଇଁ ସଖା ଘୋର ବର୍ଷା ରାତିରେ ଅଗମ୍ୟ ଅରଣ୍ୟରେ ପହଞ୍ଚି ମୋର ଉଚ୍ଛିଷ୍ଟ ଭକ୍ଷଣ କରିଥିଲେ ।

ଦୁର୍ଯ୍ୟୋଧନର ସେବାରେ ସନ୍ତୁଷ୍ଟ ହୋଇ ଦୁର୍ବାସା ତାଙ୍କର ଅନୁରୋଧରେ ଦଶହଜାର ଶିଷ୍ୟ ଧରି ଗତକାଲି ନିଶାର୍ଦ୍ଧରେ କାମ୍ୟକ ଅରଣ୍ୟରେ ପହଞ୍ଚିଥିଲେ ।

Digitized by srujanika@gmail.com

ପ୍ରଭାତ ହେବା ପୂର୍ବରୁ ଅକ୍ଷୟପାତ୍ର ଶୂନ୍ୟ ଏକଥା ସେ ଜାଣି ପାଣ୍ଡବଙ୍କର ଆତିଥ୍ୟ ଲୋଡ଼ିଥା'ନ୍ତେ ଏବଂ ଦଶହଜାର ଶିଷ୍ୟଙ୍କ ଖାଦ୍ୟ ବ୍ୟବସ୍ଥା କରିବାପାଇଁ ପାଣ୍ଡବମାନଙ୍କୁ କହିଥା'ନ୍ତେ । ନିରୁପାୟ ପାଣ୍ଡବ ଖାଦ୍ୟ ବ୍ୟବସ୍ଥା କରି ନ ପାରିଲେ ଦୁର୍ବାସା ଅଭିଶାପ ଦେଇ ପାଣ୍ଡବ ପାଞ୍ଚଭାଇଙ୍କୁ ଭସ୍ମ କରି ଦେଇଥା'ନ୍ତେ ।

ଦୁର୍ଯ୍ୟୋଧନ ଜାଣେ ନିଶାର୍ଦ୍ଧ ପରେ ଅକ୍ଷୟପାତ୍ର ଶୂନ୍ୟ ହୋଇଯାଏ — ମୋର ଅନ୍ନଦାତ୍ରୀ ଶକ୍ତି ଲୋପ ହୋଇଯାଏ । ତେଣୁ ତାହାହିଁ ଦୁର୍ବାସାଙ୍କ ବ୍ରହ୍ମ ଅଭିଶାପର ପ୍ରକୃଷ୍ଟ ସମୟ । ମାତ୍ର ଆପଦବାନ୍ଧବ କୃଷ୍ଣ ଯାହାର ସଖା, ସେ ଦୁର୍ବାସାଙ୍କ ଅଭିଶାପରୁ ମୁକ୍ତି ପାଇବା କିବା ଛାରକଥା ? ମୋ ନଖକୋଣର ଉଚ୍ଛିଷ୍ଟ କଣିକାଏ ଭକ୍ଷଣ କରି କୃଷ୍ଣଙ୍କର ବିଶ୍ୱାତ୍ମା ତୃପ୍ତ ହୋଇଥିଲା । ବିଶ୍ୱାତ୍ମା ତୃପ୍ତ ହେବା ମାତ୍ରେ ଦୁର୍ବାସା ଓ ତାଙ୍କ ଦଶ ହଜାର ଶିଷ୍ୟଙ୍କର ଆତ୍ମା ତୃପ୍ତ ହୋଇଥିଲା । ଅରଣ୍ୟରେ ପ୍ରବେଶ କରୁ କରୁ ଉଦରର କ୍ଷୁଧା ନିବାରଣ ହୋଇ ବେକ ପର୍ଯ୍ୟନ୍ତ ଅଗଣ୍ଡ ଭକ୍ଷଣ କଲାପରି ସମସ୍ତେ ଅନୁଭବ କରିଥିଲେ ଏବଂ କୃଷ୍ଣଙ୍କ ମାୟା ବୁଝି ଦୁର୍ବାସା ଶିଷ୍ୟମାନଙ୍କୁ ନେଇ ଲଙ୍କାରେ ଫେରିଯାଇଥିଲେ ।

ନାରଦ ମହର୍ଷିଙ୍କ ବର୍ଣ୍ଣନା ଶୁଣି ଶୁଣି ମୁଁ ଆନନ୍ଦ ପୁଲକରେ ଅଶ୍ରୁପାତ କରୁଥିଲି । କୃଷ୍ଣ ମୋର ଉଚ୍ଛିଷ୍ଟ ଭକ୍ଷଣ କରିବା ଦ୍ୱାରା ମୋର ପଛକେ ପାପ ହୋଇଥାଉ, ମାତ୍ର ମୋର ସ୍ୱାମୀମାନେ ଯେ ବ୍ରହ୍ମ ଅଭିଶାପର୍ ରକ୍ଷା ପାଇଛନ୍ତି, ଏତିକି ଜାଣିବା ପରେ କୃଷ୍ଣଙ୍କ ପଦତଳେ ଆଉ ଥରେ ନିଜକୁ ସମର୍ପଣ କରିଦେଲି ।

॥ ୩୨ ॥

କବଚକୁଣ୍ଡଳଧାରୀ କର୍ଣ୍ଣଙ୍କର ପ୍ରତିଜ୍ଞା, ସେ ଅର୍ଜୁନଙ୍କୁ ନିହତ କରିବେ । କବଚ କୁଣ୍ଡଳଯୁକ୍ତ ହୋଇ ଜନ୍ମ ଲଭିଥିବାରୁ ସେ ଅପରାଜେୟ । ତେଣୁ ଦୁର୍ବାସାଙ୍କ ଅଭିଶାପ ଦ୍ୱାରା ପାଣ୍ଡବଙ୍କ ନିଧନର ଚକ୍ରାନ୍ତ ବିଫଳ ହେବା ପରେ ଦୁର୍ଯ୍ୟୋଧନ କର୍ଣ୍ଣଙ୍କର ପ୍ରତିଜ୍ଞାଟାକୁ ଆଉଥରେ ସ୍ମରଣ କରାଇ ଦେଇଥିଲେ । କର୍ଣ୍ଣ ଗୁରୁଗମ୍ଭୀର କଣ୍ଠରେ କହିଥିଲେ — ''ପାଣ୍ଡବ ନିଧନର ପ୍ରଥମ ସୋପାନ ହେଉଛି ଅର୍ଜୁନ ବଧ । ପୃଥିବୀରେ କୌଣସି ଶକ୍ତି ଅର୍ଜୁନକୁ ମୃତ୍ୟୁମୁଖରୁ ରକ୍ଷା କରିପାରିବ ନାହିଁ । ଅର୍ଜୁନହନ୍ତା ହେବାପାଇଁ ମୋର ଜନ୍ମ । ସ୍ୱୟଂ ଭଗବାନ୍ ମଧ୍ୟ ଅର୍ଜୁନକୁ ମୋ କବଳରୁ ରକ୍ଷା କରିପାରିବେ ନାହିଁ । ଭଗବାନ ଯଦି ସବୁ କରୁଥା'ନ୍ତେ, ମଣିଷର ଏତେ ଅଙ୍ଗପ୍ରତ୍ୟଙ୍ଗ, ମସ୍ତିଷ୍କ ଇତ୍ୟାଦି ଅଛି କାହିଁକି ?''

Digitized by srujanika@gmail.com

ବୀର କର୍ଣ୍ଣଙ୍କର ପ୍ରତିଜ୍ଞା ବଜ୍ରନିନାଦ ଭଳି ଆର୍ଯ୍ୟାବର୍ତ୍ତର ଚତୁର୍ଦ୍ଦିଗରେ ବ୍ୟାପି-ଗଲା । ମାତା କୁନ୍ତୀ ଦୁଃଖରେ ମ୍ରିୟମାଣା ହୋଇପଡ଼ିଲେ । କୁନ୍ତୀଙ୍କ କାତର ହୃଦୟର ବିଳାପ କୃଷ୍ଣଙ୍କ କାନରେ ପଡ଼ିଲା । କୃଷ୍ଣଙ୍କ ନିକଟରେ ଦୁଃଖ ପହଞ୍ଚିବା ପରେ ଆଉ ଚିନ୍ତା ନଥାଏ । ମୁଁ ସବୁରିକଥା ତାଙ୍କରି ଉପରେ ଛାଡ଼ିଦେଇ ବସିଥାଏ । ଅରଣ୍ୟବାସୀ ପାଣ୍ଡବ ପାଞ୍ଚଭାଇ କର୍ଣ୍ଣଙ୍କ ପ୍ରତିଜ୍ଞାରେ ବିମର୍ଷ ହୋଇଯାଇଥା'ନ୍ତି ।

ହଠାତ୍ ମହର୍ଷି ନାରଦ ଆସି ସମ୍ବାଦ ଦେଲେ କର୍ଣ୍ଣ ଏବେ କବଚକୁଣ୍ଡଳଯୁକ୍ତ ନୁହନ୍ତି, ତେଣୁ ଅର୍ଜୁନ ନୁହେଁ, କର୍ଣ୍ଣଙ୍କ ଜୀବନ ଏବେ ବିପନ୍ନ । ଅର୍ଜୁନଙ୍କର ପିତା ଇନ୍ଦ୍ର କର୍ଣ୍ଣଙ୍କର ପ୍ରତିଜ୍ଞା ଶୁଣି ବ୍ରାହ୍ମଣ ବେଶରେ କର୍ଣ୍ଣଙ୍କ ପାଖରେ ପହଞ୍ଚିଥିଲେ ଏବଂ ଦାନ ସ୍ୱରୂପ କବଚ କୁଣ୍ଡଳ ମାଗିନେଲେ । କବଚ କୁଣ୍ଡଳ ହେଉଛି କର୍ଣ୍ଣଙ୍କର ଶକ୍ତି । ସବୁ ଜାଣି ମଧ୍ୟ 'ଦାତା'ର ଅହଂକାରରେ କର୍ଣ୍ଣ ନିଜର ଶକ୍ତି ଓ ସୌନ୍ଦର୍ଯ୍ୟକୁ ଅର୍ଜୁନଙ୍କ ପିତାଙ୍କୁ ଅକୁଣ୍ଠଚିତ୍ତରେ ଦେଇପାରିଲେ କିପରି ?

ଅର୍ଜୁନଙ୍କ ଜୀବନ ନିଷ୍କଣ୍ଟକ ଜାଣିବା ପରେ ମୁଁ ନିଶ୍ଚିନ୍ତ ହୋଇଗଲି ସତ; କିନ୍ତୁ କେଜାଣି କାହିଁକି ହୃଦୟର କେଉଁ ନିଭୃତ କୋଣରେ କରୁଣ ସ୍ୱରଟିଏ ବାଜି ଉଠିଲା । ଆହା, କର୍ଣ୍ଣ ଯଦି ଅନାଥ ହୋଇନଥା'ନ୍ତେ, ତାଙ୍କର ଯଦି ପିତୃ ପରିଚୟ ଥା'ନ୍ତା, ତେବେ ତାଙ୍କ ପିତା ମଧ୍ୟ ଇନ୍ଦ୍ରଙ୍କ ପରି ପୁତ୍ରର ସୁରକ୍ଷା କରିବାକୁ ଆଗେଇ ଆସିଥା'ନ୍ତେ । ଅଥଚ ଅସହାୟ, ଅନାଥ କର୍ଣ୍ଣ ନିଜକୁ ଜାଣିଶୁଣି ମୃତ୍ୟୁମୁଖକୁ ଠେଲିଦେଲେ । ମାତା କୁନ୍ତୀ ଏ ଘଟଣା ଶୁଣି କ'ଣ ସୁଖୀ ହେବେ ? କର୍ଣ୍ଣ ପରା ତାଙ୍କର ଧର୍ମପୁତ୍ର !

ନାରଦ କହିଲେ, ''କର୍ଣ୍ଣ ଇନ୍ଦ୍ରଙ୍କ ଠାରୁ ତାଙ୍କର ଶତ୍ରୁଘାତିନୀ ଶକ୍ତି ମାଗି ନେଇଛନ୍ତି । ତେଣୁ କର୍ଣ୍ଣଙ୍କ ପାଇଁ ଦୁଃଖ କରିବାର କିଛି ନାହିଁ ।''

ମୁଁ ପୁଣିଥରେ ଅର୍ଜୁନ ତଥା ପାଣ୍ଡବଙ୍କ ପାଇଁ ଉଦ୍‌ବିଗ୍ନା ହେଲି । କେଡ଼େ ବିଚିତ୍ର ମଣିଷର ମନ ! କର୍ଣ୍ଣଙ୍କ ଅର୍ଜୁନ ନାଶନ ପ୍ରତିଜ୍ଞା ଶୁଣି ମୁଁ ସ୍ୱାମୀଙ୍କ ପାଇଁ ଦୁଶ୍ଚିନ୍ତାରେ ପଡ଼ିଥିଲି । ପୁଣି କର୍ଣ୍ଣଙ୍କ କବଚ କୁଣ୍ଡଳ ଦାନ ଉପାଖ୍ୟାନ ମତେ କର୍ଣ୍ଣଙ୍କ ପାଇଁ ବ୍ୟଥା ଓ ସହାନୁଭୂତିରେ ଦ୍ରବୀଭୂତ କରିଥିଲା । ପରମୁହୂର୍ତ୍ତରେ ପୁନର୍ବାର କର୍ଣ୍ଣଙ୍କ ଶତ୍ରୁଘାତିନୀ ଶକ୍ତିଲାଭ କଥା ଶୁଣି ମୁଁ ପାଣ୍ଡବ ପାଞ୍ଚଭାଇଙ୍କ ପାଇଁ ଉଦ୍‌ବିଗ୍ନା ହୋଇପଡ଼ିଛି ।

ଦୁଶ୍ଚିନ୍ତା ଓ ଦ୍ୱନ୍ଦ୍ୱରେ ମୁଁ ଘାରି ହେଉଥାଏ, ଠିକ୍ ଏତିକିବେଳେ ସଖା ଆସି ପହଞ୍ଚିଲେ ଏବଂ ମୋ ମୁହଁକୁ ଘୁହିଁଦେଇ କହିଲେ — ''କାହାପାଇଁ ଭାବନା — କର୍ଣ୍ଣଙ୍କ ପାଇଁ ନା ଅର୍ଜୁନଙ୍କ ପାଇଁ ? ଦୁହେଁ ସମକକ୍ଷ ଯୋଦ୍ଧା, ଶୌର୍ଯ୍ୟବନ୍ତ, ବୀରପୁରୁଷ । ଜଣେ କୁନ୍ତୀଙ୍କ ପୁତ୍ର, ଅନ୍ୟ ଜଣେ ମଧ୍ୟ କୁନ୍ତୀଙ୍କ ଧର୍ମପୁତ୍ର । ମୁଁ ଜାଣେ ମାତା କୁନ୍ତୀଙ୍କ

Digitized by srujanika@gmail.com

ଆଖିରେ ଧର୍ମପୁତ୍ର କର୍ଣ୍ଣ ଏବଂ ଅର୍ଜୁନ ସମାନ । ତମେ ବି କ'ଣ ସେମାନଙ୍କୁ ସମଦୃଷ୍ଟିରେ ଦେଖ ?''

ଅକସ୍ମାତ୍ କର୍ଣ୍ଣଙ୍କୁ ନେଇ ଏଭଳି ରସିକତା ସଖା କରିବେ, ଏ ଆଶା କରିନଥିଲି । ଅପ୍ରସ୍ତୁତ ହୋଇଗଲି ପ୍ରଥମେ । ମୁହଁର ରଙ୍ଗ ବୋଧହୁଏ ପାଟଳ ପଡ଼ିଥିଲା । ସେ କଥା ସଖାଙ୍କର ଦୁଷ୍ଟ ଗ୍ରହାଁଣୀର ଦର୍ପଣରେ ଦେଖିପାରିଲି । ପରକ୍ଷଣରେ ନିଜକୁ ପ୍ରକୃତିସ୍ଥ କରି କହିଲି — ''ସଖା, ମଣିଷର ମନ କାଠ ପାଷାଣରେ ଗଢ଼ା ନୁହେଁ, ନାରୀର ହୃଦୟ ତ ସହଜେ କୋମଳ । ମା'ଙ୍କର ଯାହା ପାଇଁ ଏତେ ମମତା ଆଉ ସହାନୁଭୂତି, ସେ ଯେଡ଼େ ଶତ୍ରୁ ହେଲେ ମଧ୍ୟ ତା'ର ମୃତ୍ୟୁ ମତେ ସୁଖ ଦେବନାହିଁ । ମୃତ୍ୟୁ ବୋଧହୁଏ ଶତ୍ରୁର ଉପଯୁକ୍ତ ଦଣ୍ଡ ନୁହେଁ । ଜନ୍ମ ମୃତ୍ୟୁ ମଣିଷର ହାତରେ ନଥାଏ । ମଣିଷ ସେ ଦାୟିତ୍ୱ ହାତକୁ ନେବ କାହିଁକି ? ବିଭେଦ, ବିଦ୍ୱେଷ, ବିରାଗର ସମାଧାନ ମୃତ୍ୟୁ ନୁହେଁ। ତେଣୁ କର୍ଣ୍ଣଙ୍କ ପାଇଁ ମୋ ମନରେ ସହାନୁଭୂତି ଜାଗିବା ସ୍ୱାଭାବିକ । ପୁଣି କର୍ଣ୍ଣଙ୍କ ଶତ୍ରୁଘାତିନୀ ଶକ୍ତିଲାଭ କଥା ମତେ ଅର୍ଜୁନଙ୍କ ପାଇଁ ଦୁଶ୍ଚିନ୍ତାରେ ପକାଇବା ଆଉରି ସ୍ୱାଭାବିକ ।''

ସଖା ହସି ହସି କହିଲେ — ''କର୍ଣ୍ଣ ତମକୁ ଥରେ ନଦୀଜଳରୁ ଉଦ୍ଧାର କରି ତମର ରକ୍ଷାକର୍ତ୍ତା ହୋଇଥିଲେ । ତେଣୁ ତାଙ୍କ ପାଇଁ ତମର ସହାନୁଭୂତି ନିଶ୍ଚୟ ରହିବ । ଅକୃତଜ୍ଞତା ମଣିଷକୁ ପଶୁ କରିଦିଏ । ତେବେ ଅର୍ଜୁନଙ୍କ ପାଇଁ ମଧ୍ୟ ଚିନ୍ତା କର ନାହିଁ। କର୍ଣ୍ଣ ଇନ୍ଦ୍ରଙ୍କଠାରୁ ପାଇଥିବା ଶତ୍ରୁଘାତିନୀ ଶକ୍ତି ମାତ୍ର ଥରେ ପ୍ରୟୋଗ କରିପାରିବେ— ଥରକ ପରେ ଆଉ ସେ ଶକ୍ତି ତାଙ୍କର ରହିବ ନାହିଁ, ତାହା ପୁନର୍ବାର ଫେରିଯିବ ଇନ୍ଦ୍ରଙ୍କ ପାଖକୁ । ସେ ଥରକ ଯେ କର୍ଣ୍ଣଙ୍କର ଲକ୍ଷ୍ୟଭ୍ରଷ୍ଟ ନହେବ — ସେ କଥା କିଏ କହିପାରିବ ?''

କୃଷ୍ଣଙ୍କ ବଙ୍କିମ ଅଧରର କୁତ୍ସିତ ହସ ମତେ ଆଶ୍ୱସ୍ତ କଲା । ଭାବିଲି କୃଷ୍ଣ ଥାଉ ଥାଉ ଅର୍ଜୁନଙ୍କର ଭୟ କ'ଣ ? ପରକ୍ଷଣରେ କହିଲି, ''କେବେ ଯଦି ଥରେ ବୀର କର୍ଣ୍ଣଙ୍କର ଜୀବନରକ୍ଷା କରିବା ପାଇଁ ମତେ ସୁଯୋଗ ମିଳେ, ତେବେ ମନରୁ ଋଣଭାର ଓହ୍ଲେଇଯିବ । ମୋ ଜୀବନ ରକ୍ଷା କରି ସେ ଋଣଭାରରେ ମତେ ଅଶେଷ କଷ୍ଟ ଦେଉଛନ୍ତି । ସେପରି ସୁଯୋଗ କ'ଣ ଏ ଜୀବନରେ ଆସିବନି ? ଦରକାର ହେଲେ ମୋ ଜୀବନର ବିନିମୟରେ ମୁଁ କର୍ଣ୍ଣଙ୍କ ଜୀବନ ରକ୍ଷାକରି ଋଣମୁକ୍ତ ହେବି । ଯାହା ପାଖରେ ମୁଁ ଋଣୀ, ମୋ ସ୍ୱାମୀମାନେ ତାଙ୍କର ଶତ୍ରୁ, ଭାବିବା ମାତ୍ରେ ଗ୍ଲାନିରେ ମନ ମରିଯାଉଛି ।''

Digitized by srujanika@gmail.com

କୃଷ୍ଣ ମତେ ଗଭୀର ଦୃଷ୍ଟିରେ ଘୃହିଁ କହିଲେ — ''ଭୁଲ୍ ବୁଝିଛ ସଖି, ତମ ସ୍ୱାମୀମାନେ କର୍ଣ୍ଣର ଶତ୍ରୁ ନୁହନ୍ତି, କର୍ଣ୍ଣ ତମ ସ୍ୱାମୀମାନଙ୍କର ଶତ୍ରୁ । କର୍ଣ୍ଣ ଘୃହିଁଲେ ପାଣ୍ଡବମାନଙ୍କର ପରମବନ୍ଧୁ ହୋଇପାରନ୍ତେ; ମାତ୍ର ଅର୍ଜୁନ ପ୍ରତି ଅସୂୟା ଯୋଗୁଁ ସେ କୌରବଙ୍କ ସହ ହାତ ମିଳାଇଛନ୍ତି । ଅହଙ୍କାରକୁ ସେ ପୌରୁଷ ମନେକରି ନିଜର ମୃତ୍ୟୁକୁ ଦିନେ ନା ଦିନେ ଆହ୍ୱାନ କରିବେ ।ଯଦି କେବେହେଲେ ଥରେ ତମ ହାତରେ ତାଙ୍କର ଜୀବନ ଓ ମୃତ୍ୟୁକୁ ସମର୍ପି ଦିଆଯାଏ, ତେବେ ସେ ବରଂ ମୃତ୍ୟୁବରଣ କରିବେ, ତମର ଦୟା, ଅନୁକମ୍ପାକୁ ପଦାଘାତ କରିବାକୁ ପଶ୍ଚାତ୍‌ପଦ ହେବେନାହିଁ । ଅହଂକାର ହିଁ କର୍ଣ୍ଣଙ୍କର ବଡ଼ ଶତ୍ରୁ ।''

ଋଣଭାର କଷ୍ଟଦାୟକ, ଅହଂକାରୀ ପୁରୁଷ ପାଖରେ ଋଣଭାର ମୃତ୍ୟୁଠାରୁ ଅଧିକ ଯନ୍ତ୍ରଣାଦାୟକ । ଭାବିଲି ବରଂ ମୋର ସେଦିନ ଜୀବନଠାରୁ ମୃତ୍ୟୁ ଶ୍ରେୟ ଥିଲା । ଯମୁନାର ଜଳସ୍ରୋତରେ ଜୀବନସ୍ରୋତକୁ ମିଶାଇ ଦେଇଥିଲେ ଅନେକ ଗ୍ଲାନି, ଅନେକ ଦ୍ୱନ୍ଦ୍ୱ ଓ ଦୁଶ୍ଚିନ୍ତାରୁ ରକ୍ଷା ପାଇଯାଇଥା'ନ୍ତି ।

।। ୩୩ ।।

ପାଣ୍ଡବମାନଙ୍କ ଭିତରେ ସବୁ ସମୟରେ ହସ୍ତିନାପୁର ରାଜସିଂହାସନ ଫେରିପାଇବା ସମ୍ପର୍କରେ ଆଲୋଚନା ହେଉଥିଲା । ମାତ୍ର ଯୁଧିଷ୍ଠିର ସେ ଆଲୋଚନାରେ ଅଂଶଗ୍ରହଣ କରୁନଥିଲେ । ଯୁଧିଷ୍ଠିରଙ୍କର ଏ ନୀରବତା ମତେ କ୍ରୋଧାନ୍ୱିତ କରୁଥିଲା । ଭାବୁଥିଲି, ଯାହାର ଅଦୂରଦର୍ଶିତା ଯୋଗୁଁ ଭୀମ, ଅର୍ଜୁନ, ନକୁଳ ସହଦେବ ବୀରଗଣ ଏବଂ ଦ୍ରୁପଦ ରାଜନନ୍ଦିନୀ, ମୁଁ — ଯାଜ୍ଞସେନୀ ରାଜ୍ୟରୁ ବିତାଡ଼ିତା ହୋଇ ଅରଣ୍ୟରେ ଘୂରିବୁଲୁଛୁ, ସେ ଏହି ଅନ୍ୟାୟର ପ୍ରତିକାର ଚିନ୍ତା କରୁନାହାନ୍ତି କିପରି ? କ୍ଷମାଶୀଳ ହୃଦୟ ଈଶ୍ୱରଙ୍କର ଆବାସସ୍ଥଳୀ । ମାତ୍ର ଶତ୍ରୁ ଏବଂ ପାପାତ୍ମାମାନଙ୍କ ପ୍ରତି କ୍ଷମା ପ୍ରଦର୍ଶନ କରିବା କ୍ଷତ୍ରିୟର ଧର୍ମ ନୁହେଁ । କେବଳ ମୃଦୁତା ବା କେବଳ ଉଗ୍ରତା ପ୍ରକାଶ କରୁଥିବା ବ୍ୟକ୍ତି ସୁପୁରୁଷ ପଦବାଚ୍ୟ ନୁହେଁ । ପୁରୁଷ ପକ୍ଷେ ଆବଶ୍ୟକସ୍ଥଳେ ମୃଦୁତା ଓ ଉଗ୍ରତା ପ୍ରକାଶ ପାଇବା ଶୋଭନୀୟ । ମୋ ମୁହଁରୁ ଏଭଳି ଉକ୍ତି ଶୁଣି ମଧ୍ୟ ଯୁଧିଷ୍ଠିର ଶାନ୍ତ ହୋଇ ଉତ୍ତର ଦିଅନ୍ତି — ''ପ୍ରିୟେ, ଭରତ ବଂଶର ବିନାଶକାଳ ଉପସ୍ଥିତ ହୋଇଛି । ଦୁର୍ଯ୍ୟୋଧନ ରାଜପଦରେ ଥିଲେ ମଧ୍ୟ କ୍ଷମା ଆଚରଣ କରିପାରିବ ନାହିଁ । ରାଜା ଯଦି କ୍ଷମାକୁ ଆଶ୍ରୟ ନଦିଏ, ତେବେ ସେ ନିଜେ ଅକ୍ଷମଣୀୟ ଅପରାଧ ଏବଂ ଦୁରାତ୍ମରରେ ଲିପ୍ତ ହୁଏ । ତାହାହିଁ ଦେଶ ଓ ଜାତିକୁ ଧ୍ୱଂସମୁଖକୁ ଟାଣିନିଏ ।

Digitized by srujanika@gmail.com

ତେଣୁ ମୁଁ କ୍ଷମାକୁ ଆଶ୍ରୟ ଦେଇଛି । ଅହିଂସା ଓ ସତ୍ୟକୁ ଆଶ୍ରୟ କରିଛି । ଦେଖେ, ଯଦି ଭରତବଂଶ ଧ୍ୱଂସମୁଖରୁ ରକ୍ଷା ପାଇଯାଏ, ତେବେ ମୋର ସାଧନା ସଫଳ ହେବ । କାମ, କ୍ରୋଧ, ଲୋଭ ନରକର ତିନୋଟି ଦ୍ୱାର । କ୍ରୋଧ ଓ ଲୋଭବଶତଃ କୌଣସି କାମନା ଦ୍ୱାରା ଅନ୍ତିମ ଫଳ ମିଳେନାହିଁ । ତେଣୁ ଆମକୁ ଶାନ୍ତଚିତ୍ତରେ ଭାଗ୍ୟ ପରିବର୍ତ୍ତନର ଶୁଭ ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ । ବନବାସ ଆରମ୍ଭ ହେଉ ନ ହେଉଣୁ ଫେରିଯାଇ ହସ୍ତିନାପୁର ଅଧିକାର କରିବା, ସେ ବିଗ୍ରର କାହିଁକି ?''

ମୁଁ କ୍ଷୁଣ୍ଣ ହୋଇ କହେ — ''କର୍ମ ନକଲେ କ୍ଷଣିକ ସୁଖ ବା ନିତ୍ୟ ସୁଖ ମିଳେ ନାହିଁ । ଭାଗ୍ୟ କର୍ମଦ୍ୱାରା ନିୟନ୍ତ୍ରିତ ହୁଏ । କର୍ମ ନକଲେ ଭାଗ୍ୟ ପରିବର୍ତ୍ତନ ହେବ କିପରି ? ବନବାସ ଅନ୍ତେ କିପରିଭାବେ ନିଜର ହୃତ ସମ୍ମାନ ଫେରାଇଆଣିବ, ତା'ର ଯୋଜନା ନକଲେ ପାଣ୍ଡବମାନଙ୍କୁ ସେତେବେଳେ ରକ୍ଷା କରିବ କିଏ ?''

ଯୁଧିଷ୍ଠିର ଆଉରି ଶାନ୍ତ ସ୍ୱରରେ କହିଲେ — ''ଧର୍ମ ରକ୍ଷତି ରକ୍ଷିତଂ'' ଅର୍ଥାତ୍ ଧର୍ମରେ ଥିଲେ ଧର୍ମ ହିଁ ରକ୍ଷା କରିଥାଏ । ତେଣୁ ମୁଁ ଧର୍ମକୁ କୌଣସି ପରିସ୍ଥିତିରେ ମଧ୍ୟ ତ୍ୟାଗ କରିବି ନାହିଁ ବୋଲି ପ୍ରତିଜ୍ଞା କରିଛି । ତମେ ବିଦୁଷୀ, ଧର୍ମରକ୍ଷାର ମହତ୍ତ୍ୱ ତମଠାରୁ ଅଧିକ କିଏ ଜାଣେ ?''

ମୁଁ ଅଭିମାନରେ ଆଖି ଛଳ ଛଳ କରି କହିଲି, ''ସଖା ସାକ୍ଷୀ ଅଛନ୍ତି, ଏ ଧର୍ମରାଜ ଯୁଧିଷ୍ଠିର ଦରକାର ହେଲେ ଘରିଭ୍ରାତା ଓ ପତ୍ନୀଙ୍କୁ ମଧ୍ୟ ତ୍ୟାଗ କରିବେ, କିନ୍ତୁ ଧର୍ମକୁ ତ୍ୟାଗ କରିବେ ନାହିଁ । ଅଥଚ ଧର୍ମ ତାଙ୍କୁ କିପରି ରକ୍ଷା କରିଛି, ତା'ର ଜ୍ୱଳନ୍ତ ଉଦାହରଣ ମୋର ଲାଞ୍ଛନା, ଆମର ଅରଣ୍ୟବାସ ଓ ଅର୍ଜୁନଙ୍କୁ ନିହତ କରିବା ପାଇଁ କର୍ଣ୍ଣଙ୍କର ଶତ୍ରୁଘାତିନୀ ବର ଲାଭ ! ପାଣ୍ଡବମାନେ କିପରି ବଞ୍ଚି ରହିବେ ତା' ମଧ୍ୟ କେବେ ବିଚଳିତ କରେନାହିଁ ଧର୍ମରାଜଙ୍କୁ ।''

କୃଷ୍ଣଙ୍କ ସମ୍ମୁଖରେ ଆମମାନଙ୍କର ଏଭଳି କଥୋପକଥନ ଘଟିଥିବାବେଳେ ଗୁରୁଦେବ କୃଷ୍ଣ ଦ୍ୱୈପାୟନ ଆସି ଉପସ୍ଥିତ ହେଲେ । ମତେ ପ୍ରବୋଧନା ଦେଇ କହିଲେ — ''ମା' କୃଷ୍ଣା, ପତ୍ନୀ ହିସାବରେ ପଞ୍ଚପତିଙ୍କର ଜୟ ପରାଜୟ, ଜୀବନ ମୃତ୍ୟୁର ଚିନ୍ତା ତମକୁ ଦ୍ୱନ୍ଦ୍ୱ ଓ ଦୁଃଖରେ ପକାଇବା ଯେତିକି ସ୍ୱାଭାବିକ, ଯୁଧିଷ୍ଠିର ସବୁ ଶୁଣି ସ୍ଥିର ଅବିଚଳ ରହିବା ସେତିକି ସ୍ୱାଭାବିକ । ତେବେ ତମମାନଙ୍କର ଦୁଶ୍ଚିନ୍ତା ଦୂର କରିବା ପାଇଁ ମୁଁ ଆଜି ଏଠାକୁ ଆସିଅଛି । କର୍ଣ୍ଣ ପରି ଶୌର୍ଯ୍ୟବନ୍ତ ବୀରସହ ଲଢ଼ିବା ପାଇଁ ପାଣ୍ଡବମାନଙ୍କ ହସ୍ତରେ ଯଥେଷ୍ଟ ଅସ୍ତ୍ର ଶସ୍ତ୍ର ନଥିବାରୁ ଦୁଶ୍ଚିନ୍ତା ଭିତରେ ଗତି କରିବା ସ୍ୱାଭାବିକ କଥା । ତେଣୁ ଆଜି ମୁଁ 'ଶ୍ରୁତିସ୍ମୃତି' ବିଦ୍ୟା ଯୁଧିଷ୍ଠିରଙ୍କୁ ଶିଖାଇଦେବି । ଯୁଧିଷ୍ଠିର ସେ ବିଦ୍ୟାକୁ ଅର୍ଜୁନଙ୍କୁ ଶିଖାଇବେ, ଅର୍ଜୁନ ସେହି ବିଦ୍ୟା ବଳରେ ଇନ୍ଦ୍ର,

Digitized by srujanika@gmail.com

ମହାଦେବ, ଯମରାଜ ଓ କୁବେରଙ୍କୁ ପ୍ରସନ୍ନ କରାଇ ଦିବ୍ୟାସ୍ତ୍ର ଲାଭ କରିବେ । ଆଗ୍ନେୟାସ୍ତ୍ର ବିଦ୍ୟା ହାସଲ କରିବା ପରେ ଅର୍ଜୁନ କର୍ଣ୍ଣଙ୍କର ଶତ୍ରୁଘାତିନୀ ଶକ୍ତିକୁ ଭୟ କରିବାର ପ୍ରଶ୍ନ ରହିବ ନାହିଁ । କ'ଣ, ମା' ଯାଜ୍ଞସେନି, ଏଥିରେ ସମ୍ମତ ତ ?''

ନୀରବରେ ସମ୍ମତି ଜଣାଇଲି । ଶ୍ରୀକୃଷ୍ଣ, ମହର୍ଷି ନାରଦ ଓ ବେଦବ୍ୟାସ ବିଦ୍ୟାଦାନ କରି ଫେରିଗଲେ ।

॥ ୩୪ ॥

ଫାଲ୍‌ଗୁନି ବିଦାୟ ମାଗୁଛନ୍ତି । ଗାଣ୍ଡୀବ ଧନୁ ଓ ଅକ୍ଷୟତୂଣୀ ଧରି ବୀର ଅର୍ଜୁନ ଦିବ୍ୟାସ୍ତ୍ର ଲାଭ ଆଶାରେ କଠୋର ସାଧନା କରିବା ପାଇଁ ଗିରିରାଜ ହିମାଳୟ ଉଦ୍ଦେଶ୍ୟରେ ଯାତ୍ରା କରିବେ । ସବୁ ଭାଇମାନେ ପ୍ରସନ୍ନ ମୁଖରେ ତାଙ୍କୁ ବିଦାୟ ଦେଉଛନ୍ତି । ମୋ ମନ ଭିତରେ ପ୍ରଶ୍ନ ଉଠୁଛି, ଏତେ ଭାଇ ଥାଉ ଥାଉ ଅର୍ଜୁନଙ୍କ ଉପରେ ଏପରି କଠୋର ସାଧନାର ଦାୟିତ୍ୱ କାହିଁକି ଦିଆଗଲା ? ଇନ୍ଦ୍ର, ମହାଦେବ, ଯମ, ବରୁଣ, କୁବେର ଆଦି ପଞ୍ଚଦେବତାଙ୍କଠାରୁ ବିଭିନ୍ନ ଶକ୍ତିଶାଳୀ ଦିବ୍ୟାସ୍ତ୍ର ଲାଭର ଦାୟିତ୍ୱ ପାଞ୍ଚଭାଇ ଜଣ ଜଣ କରି ବାଣ୍ଟି ନେଇ ପାରିଥା'ନ୍ତେ । ଫାଲ୍‌ଗୁନି ବୀର, ନିଃସ୍ୱାର୍ଥପର, ଉଦାର ଏବଂ ଶକ୍ତିଶାଳୀ । ତା' ବୋଲି ତାଙ୍କର କ'ଣ କିଛି ସୁଖ ନାହିଁ ? ଜୀବନର ଅର୍ଦ୍ଧେକ ସମୟ କଟିଲାଣି ବନବାସରେ, କଠୋର ସାଧନାରେ । ଭାବିଥିଲି ଏ କେତେବର୍ଷ ଅରଣ୍ୟବାସ ତାଙ୍କ ପାଇଁ ପ୍ରୀତିପଦ, ଗୀତିମୁଖର ଏବଂ ଆନନ୍ଦଦାୟକ ହେବ । ତାଙ୍କ ପାଖେ ପାଖେ ରହି ଅରଣ୍ୟଶୋଭା ଭିତରେ ଜୀବନକୁ ମୁଁ କାବ୍ୟମୟ କରିବି । କେବଳ ଫାଲ୍‌ଗୁନି ହିଁ ଏହି ଭାଇମାନଙ୍କ ଭିତରେ ଅଧିକ କବିପ୍ରାଣ, ଅଧିକ ଭାବୁକ । ସେ ହିମାଳୟ ଗ୍ୱଲିଯିବା ପରେ ଅରଣ୍ୟବାସର ପ୍ରକୃତ କଷ୍ଟ ହିଁ ମୋର ଆରମ୍ଭ ହେବ । ବାରମ୍ବାର ମୋର ଅତି ପ୍ରିୟ ପୁରୁଷଟିକୁ ମୋ ପାଖରୁ ଦୂରକୁ ନେଇଯିବା ପାଇଁ ନିୟତିର ପ୍ରଚେଷ୍ଟା କାହିଁକି ? ମତେ କଷ୍ଟ ଦେବାପାଇଁ, ମୋର ସ୍ୱାମୀପ୍ରେମରେ ପାତର ଅନ୍ତର ନୀତି ସମ୍ପର୍କରେ ମୋତେ ଚେତାଇ ଦେବାପାଇଁ ଅଦୃଷ୍ଟର କ'ଣ ଏ ନିଷ୍ଠୁରତା ? ଅର୍ଜୁନଙ୍କୁ ଦୃଷ୍ଟିପଥରୁ ଅନ୍ତର କରିଦେଲେ ବି ହୃଦୟପଟରୁ ଅନ୍ତର କରି ହୁଏନି, ସେକଥା ବୋଧହୁଏ ଅଦୃଷ୍ଟ ଜାଣେ ନାହିଁ । ଜାଣିଥିଲେ ବି ଏ ପ୍ରକାର ନିଷ୍ଠୁରତା କରନ୍ତା ଭାବିଲେ ହୃଦୟ ଥରିଉଠେ ।

ଫାଲ୍‌ଗୁନିଙ୍କୁ ସ୍ଥିରଚିତ୍ତରେ, ପ୍ରସନ୍ନ ବଦନରେ ବିଦାୟ ଦେବାକୁ ହେବ । ଫାଲ୍‌ଗୁନି ଆଜି ଅଭିମାନ କରି ହିମାଳୟ ଯାତ୍ରା କରୁନାହାନ୍ତି, ଅଭିଳାଷ ନେଇ ସେ

Digitized by srujanika@gmail.com

ଯାତ୍ରା କରୁଛନ୍ତି । ସିଦ୍ଧିଲାଭ ନିମନ୍ତେ ସେ ଦୃଢ଼ପ୍ରତିଜ୍ଞ । ମୁଁ ଆସ୍ତେ ପଚାରିଲି — ''କେବେ ଫେରିବ ? ଗତଥର ବନବାସ ବେଳେ ଜାଣିଥିଲି ବାରବର୍ଷ ପ୍ରତୀକ୍ଷା କରିବାକୁ ହେବ । କିନ୍ତୁ ଏଥର ହମାଳୟରୁ ଫେରିବାର ନିର୍ଦ୍ଦିଷ୍ଟ ସମୟସୀମା ମତେ ଜଣାନାହିଁ ।''

ଫାଲ୍‌ଗୁନି ସ୍ଥିର ଶାନ୍ତ ସ୍ୱରରେ କହିଲେ — ''ଏକ ବର୍ଷର ଅଜ୍ଞାତବାସ ପୂର୍ବରୁ ନିଶ୍ଚୟ ତ ଫେରିବି । ସାଧନା ଓ ସିଦ୍ଧି ସଂପର୍କରେ ଆଗରୁ କେମିତି କିଛି କହିପାରିବି ?''

— ''ତେବେ ?''

— ''ଏ ହେଉଛି ପାଞ୍ଚ ଦେବତାଙ୍କର କଥା । ପାଞ୍ଚବର୍ଷ ପୂର୍ବରୁ ତ ଫେରିବା ସମ୍ଭବ ନୁହେଁ । ତା'ପର କଥା ମଧ୍ୟ କହିହେଉନି । ତମେ କାହିଁକି ଚିନ୍ତା କରୁଛ ? ମୁଁ ନଥିଲେ ମଧ୍ୟ ଅନ୍ୟ ସ୍ୱାମୀମାନେ ତ ତମର ପାଖେ ପାଖେ ଅଛନ୍ତି । ମୁଁ ଯାଉଛି ଏକ ଗୁରୁଦାୟିତ୍ୱରେ । ସେମାନେ ବର୍ତ୍ତମାନ ବଣପକ୍ଷୀ ଭଳି ଜଞ୍ଜାଳମୁକ୍ତ । ସେମାନଙ୍କ ସଙ୍ଗେ ବଣ୍ୟ ଝରଣା ପରି ଅବାଧ ସୁଖରେ ତମର କାଳ କଟିଯିବ କୃଷ୍ଣା । ତେଣୁ ତମ ପାଇଁ ମୋର ଚିନ୍ତା ନାହିଁ । ଆଜି ଭାବୁଛି ମୁଁ ତମକୁ ଏକା ବିବାହ କରିଥିଲେ କେତେ ଦୁଃଖ ତମକୁ ସହିବାକୁ ପଡ଼ିଥା'ନ୍ତା ! ପାଣ୍ଡବ ପରିବାରରେ ଏଭଳି ସମୟସାପେକ୍ଷ କଷ୍ଟକର କାର୍ଯ୍ୟ ମତେ ହିଁ କରିବାକୁ ହୁଏ । ତେଣୁ ତମ ଜୀବନର ଅଧିକାଂଶ ସମୟ ବିରହରେ ହିଁ କଟିଥା'ନ୍ତା । ଆଜି ସେ ଭୟ ନାହିଁ । ତମେ ସୁଖରେ କାଳ କାଟିଲେ ମୋର ମଧ୍ୟ ସାଧନାରେ ଏକାଗ୍ରତା ଆସିବ ।''

ମୁଁ ସୁଖରେ ରହିବି — ଅର୍ଜୁନ ବିରହର ଦୁଃଖ ଗ୍ୱରିପତିଙ୍କ ମେଳରେ ଭୁଲିଯିବି, ଅବାଧ ବଣ୍ୟ ଝରଣା ଭଳି ସୁଖରେ କାଳ କାଟିବି ବୋଲି ଅର୍ଜୁନ ଭାବୁଛନ୍ତି, ଏଇ କଥା ହିଁ ମତେ ବେଶି ଦୁଃଖ ଦେଉଥାଏ । କେମିତି ପ୍ରାଣର ଦେବତାଙ୍କୁ ବୁଝାଇବି ଯେ ତାଙ୍କର ସ୍ୱାମୀତ୍ୱର କି ସ୍ୱାତନ୍ତ୍ର୍ୟ ମୋ ପାଇଁ ଅଛି, ଯାହା ତାଙ୍କୁ ଅନ୍ୟ ଗ୍ୱରିଭାଇଙ୍କଠାରୁ ଭିନ୍ନ ଅନବଦ୍ୟ ଏବଂ ସ୍ୱତନ୍ତ୍ର କରିଦିଏ ମୋ ପାଖରେ ।

ଏ ସଂସାରରେ କିଏ ବା କାହାର ମନକଥା ବୁଝେ ? ମୋ ମନର ସନ୍ତାପ ଅର୍ଜୁନ ବୁଝନ୍ତି ନାହିଁ ବୋଲି ଦୁଃଖ କରିବା ଛଡ଼ା ଅନ୍ୟଗତି ବା ଅଛି କ'ଣ ? ମୁଁ ଯାହାଙ୍କୁ ପ୍ରତିଟି ମୁହୂର୍ତ୍ତରେ ପାଖରେ ଗ୍ୱହେଁ, ତାଙ୍କୁ ହିଁ ଅଦୃଷ୍ଟ ବାରମ୍ବାର ମୋ ପାଖରୁ ଛଡ଼ାଇନିଏ । କୃଷ୍ଣଙ୍କ ଉପସ୍ଥିତିରେ ବ୍ୟାସଦେବ ଯାହା ନିର୍ଦ୍ଦେଶ ଦେଇଛନ୍ତି ତାକୁ ମଥାପାତି ଗ୍ରହଣ

Digitized by srujanika@gmail.com

କରିବା ଛଡ଼ା ଅନ୍ୟ ପନ୍ଥା ନାହିଁ । ବିବାହ ପରଠାରୁ ପ୍ରତି ପଦେ ପଦେ ମୁଁ ସଂଗ୍ରାମର ସମ୍ମୁଖୀନ ହୋଇଛି । ସ୍ୱାମୀମାନଙ୍କ ନିରାପତ୍ତା ପାଇଁ ଦୁଶ୍ଚିନ୍ତାରେ କାଳ କାଟିଛି ।

ଏବେ ଅର୍ଜୁନଙ୍କ ପାଇଁ ପୁଣି ବିନିଦ୍ର ରଜନୀ କାଟିବାର ବେଳ ଆସିଗଲା । ଭାବିଥିଲି ସ୍ୱାମୀ ସଙ୍ଗଲାଭରେ ବନବାସ କଷ୍ଟ ଲାଘବ ହୋଇଯିବ; ମାତ୍ର ଆଜିଠାରୁ କେବଳ ଅର୍ଜୁନଙ୍କ ବିରହ ଓ ଅଦର୍ଶନ ମୋର ବନବାସ କଷ୍ଟକୁ ଶତଗୁଣିତ କରିଦେବ ।

ଫାଲ୍‌ଗୁନି ମୋର ଛଳ ଛଳ ଚକ୍ଷୁ ଦୁଇଟିକୁ ଲକ୍ଷ୍ୟକରି କହିଲେ — ''କୃଷ୍ଣା, ମୁଁ ଯାଉଛି ଶୁଭକାର୍ଯ୍ୟରେ । ଦିବ୍ୟାସ୍ତ୍ରଲାଭ କରି ଫେରିଲେ ତମେ ହେବ ହସ୍ତିନାପୁରୀର ରାଜରାଣୀ । କର୍ଣ୍ଣର ଅହଂକାର ଚୂର୍ଣ୍ଣ ହେବ ଏବଂ କର୍ଣ୍ଣବଧ କରି ମୁଁ ତମ ଅପମାନର ପ୍ରତିଶୋଧ ନେବି । କୌରବମାନଙ୍କର ସମସ୍ତ କାର୍ଯ୍ୟର ଚକ୍ରାନ୍ତକାରୀ ହେଉଛନ୍ତି ମାତୁଳ ଶକୁନି, କିନ୍ତୁ କର୍ଣ୍ଣ ହେଉଛନ୍ତି ମୁଖ୍ୟ ଉପଦେଷ୍ଟା । ତମେ ନିଶ୍ଚିନ୍ତ ରୁହ, କର୍ଣ୍ଣ ମତେ ବଦ୍ଧ କରିବା ପୂର୍ବରୁ ମୁଁ ତାକୁ ଜୀବିତ ରଖିନଥିବି ।''

'କର୍ଣ୍ଣବଧ' ନିଶ୍ଚିତ ମୁଁ ଜାଣେ । 'କୃଷ୍ଣ ଯେଉଁଠି, ବିଜୟ ସେଇଠି, ତା' ମଧ୍ୟ ମୁଁ ଜାଣେ । କର୍ଣ୍ଣବଧ ପାଇଁ ଯେଉଁ ସୁଚିନ୍ତିତ ଯୋଜନା ଆରମ୍ଭ ହୋଇଛି ତାହା ଫଳବତୀ ହେବାଦ୍ୱାରା ଧର୍ମର ହିଁ ଜୟ ହେବ । ତଥାପି 'କର୍ଣ୍ଣବଧ' କଥାଟା କେଜାଣି କାହିଁକି ହୃଦୟରେ ଆଲୋଡ଼ନ ସୃଷ୍ଟି କରୁଛି । ମାତା କୁନ୍ତୀଙ୍କର ହୃଦୟରେ କର୍ଣ୍ଣଙ୍କ ପ୍ରତି ଅନ୍ଧ ମମତା ଓ ମାତୃତ୍ୱ ହୁଏତ ମତେ ପ୍ରଭାବିତ କରିଛି । ସବୁକଥା ପୁଣିଥରେ ଅଦୃଷ୍ଟ ଉପରେ ଛାଡ଼ିଦେଲି । ହସି ହସି ସ୍ୱାମୀଙ୍କୁ ବିଦାୟ ଦେଲି । ବିଦାୟ ମୁହୂର୍ତ୍ତରେ ନାରୀସୁଲଭ ସଂଶୟ ପ୍ରକାଶ କରିଦେଇ କହିଲି — ''ଶୁଣୁଛି, ଦେବତାମାନଙ୍କଠାରୁ ବରଲାଭ ପାଇଁ ତମେ ସ୍ୱର୍ଗରାଜ୍ୟକୁ ଯିବ । ସେଠାରେ ରମ୍ଭା, ଉର୍ବଶୀ, ମେନକା ଆଦି ଅନନ୍ତ-ଯୌବନା ରୂପସୀ ଅପ୍‌ସରାମାନେ ଅଛନ୍ତି । ଦେଖ, ଗତଥର ବନବାସ ସମୟ ଭଳି ବ୍ରହ୍ମଚର୍ଯ୍ୟ ପାଳନ ଯେପରି ନକର । ଗତଥର ବନବାସର କଥା ଭିନ୍ନ ଥିଲା । ଏଥର ଯାଉଛ ଏକ ବୃହତ୍ତର ଲକ୍ଷ୍ୟନେଇ । କାମନା ମଣିଷକୁ କ୍ଷଣିକ ସୁଖ ଦିଏ ସତ, ମାତ୍ର ଲକ୍ଷ୍ୟସ୍ଥଳରେ ପହଞ୍ଚାଏ ନାହିଁ ।''

ଅର୍ଜୁନ ମୃଦୁ ହସି ରସିକତା ଛଳରେ କହିଲେ — ''କ'ଣ ରୂପସୀ ଅପ୍‌ସରା-ମାନଙ୍କ ପ୍ରତି ଈର୍ଷା ହେଉଛି ?''

—''ଈର୍ଷା ହେବା କ'ଣ ସ୍ୱାଭାବିକ ନୁହେଁ ? ମୁଁ କ'ଣ ନାରୀ ନୁହେଁ — ସ୍ତ୍ରୀ ନୁହେଁ — ମଣିଷ ନୁହେଁ ?''

Digitized by srujanika@gmail.com

''କିଏ ଜାଣେ କ'ଣ ହେବ ? ବହୁ ବଡ଼ ବଡ଼ ମହର୍ଷିଙ୍କର ତପୋଭଙ୍ଗ ହୋଇଛି ଅପ୍ସରାମାନଙ୍କର ସୌନ୍ଦର୍ଯ୍ୟ ଦର୍ଶନରେ । ମୁଁ ତ ଛାର୍ ଗୃହସ୍ଥ ପୁରୁଷ ଜଣେ। ସେଥିରେ ସ୍ତ୍ରୀ ରହିଲେ ଦୂରରେ — ଏ ପରିସ୍ଥିତିରେ ପୁରୁଷର ଦମ୍ଭ କେତେ ତମେ ତ ଜାଣ । ଯଦି କିଛି ଅଘଟଣ ଘଟିଯାଏ, ମୋର ସେଥିରେ ଘୃରା କ'ଣ ?''

ଅର୍ଜୁନଙ୍କର ରସିକତା ମତେ ରଗାଇଦେଲା । ଜ୍ୱଳନ୍ତ ଦୃଷ୍ଟିରେ ସ୍ୱାମୀଙ୍କୁ ଘୃହିଁ କହିଲି — ''ଭାବୁଛ ଅପ୍ସରାମାନଙ୍କ ସହ କେଳି କରିବାର ସମ୍ଭାଦ ପାଇ ମୁଁ ପ୍ରାଣ ହାରିଦେବି ? ସେ କଥା ମତେ ଗତଥର ପରୀକ୍ଷା କରି ଦେଖିଛ । ମୁଁ ଜାଣେ କୃଷ୍ଣାର ଅଦୃଷ୍ଟରେ ସ୍ୱାମୀ, ସଂସାର, ପୁତ୍ରଜନ୍ୟାର ସ୍ୱାଭାବିକ ସୁଖ ନାହିଁ । କିନ୍ତୁ ଅସୁବିଧା ହେବ ତମରି । ଗତଥର ଯାହାକୁ ପ୍ରେମ କଲ ତାକୁ ବିବାହ କରି ପୌରୁଷର ବାହାବା ନେଲ । କିନ୍ତୁ ଅପ୍ସରାମାନଙ୍କ ପ୍ରେମଜାଲରେ ପଡ଼ିଗଲେ ତାଙ୍କୁ ଆଉ ବିବାହ କରିବାର ପ୍ରଶ୍ନ ଉଠେନା, ଖାଲି ବଦନାମ ହେବା ସାର ହେବ ।''

ଫାଲ୍‌ଗୁନି ମୋର ହାତ ଦୁଇଟି ଧରିନେଇ କହିଲେ — ''କୃଷ୍ଣସଖା ଫାଲ୍‌ଗୁନିକୁ ତମେ ଏ ଯାଏ ଚିହ୍ନି ପାରିନ । ତା' ମନର ଦମ୍ଭ ତମେ କଳିନାହଁ । କୃଷ୍ଣ ଯାହାର ସଖା ସେ ପ୍ରେମିକ ପୁରୁଷ ମାନୁଛି, ମାତ୍ର କାମୁକ ପୁରୁଷ ନୁହେଁ । ବେଳ ଆସିଲେ ସେକଥା ତମେ ବୁଝିବ ।''

ଫାଲ୍‌ଗୁନିଙ୍କ ସ୍ପର୍ଶରେ ତାଙ୍କ ହୃଦୟର ପବିତ୍ରତା ଲେଖାଥିଲା । ମୋର ଈର୍ଷାତୁରା ନାରୀପ୍ରାଣ ଉର୍ଦ୍ଧ୍ୱମୁଖୀ ହୋଇଗଲା ସେଇ ସ୍ପର୍ଶରେ ।

॥ ୩୫ ॥

ଫୁଲ ଉଦ୍ୟାନରେ ଫୁଟେ ନା ମନ-ଅଙ୍ଗନରେ ? ସୁବାସ ଫୁଲର ପାଖୁଡ଼ାରେ ଥାଏ ନା ମନର ପାଖୁଡ଼ାରେ ଥାଏ ? କୁହୁତାନ କୋକିଳର ଜଣ୍ଠରେ ଥାଏ ନା ମନତନ୍ତ୍ରୀରେ ବାଜେ ? ବସନ୍ତ ବାସ୍ତବରେ ଥାଏ ନା ଭାବନାରେ ଚିତ୍ରିତ ହେଉଥାଏ ?

କେଜାଣି କେମିତି, ପ୍ରକୃତିର ଶୋଭା, ସଙ୍ଗୀତର ଝଂକାର ଏବଂ ମନର ସ୍ୱପ୍ନ ସବୁ ମୋର ଦୃଷ୍ଟିପଥରୁ ହଜିଯାଇଥାଏ ଅର୍ଜୁନବିହୀନ ଅରଣ୍ୟ ଜୀବନରେ । ତୀର୍ଥଯାତ୍ରା ପାଇଁ ପ୍ରାଣ ବ୍ୟାକୁଳ ହେଉଥାଏ । ଭାବୁଥାଏ ତୀର୍ଥଯାତ୍ରା କାଳରେ ଯଦି ସାଧନାରତ ଯୋଗାବିଷ୍ଟ ସବ୍ୟସାଚୀଙ୍କର ସୌମ୍ୟରୂପ ଦର୍ଶନଲାଭର ସୁଯୋଗ ମିଳିଯାଏ, ତେବେ ଜେଜାଣି କିଛିଦିନ ମୋହାବିଷ୍ଟ ହୋଇ ସମୟ କଟିଯିବ । ତୀର୍ଥଯାତ୍ରା ପାଇଁ ଯୁଧିଷ୍ଠିରଙ୍କୁ

Digitized by srujanika@gmail.com

ଅନେକଥର ଅନୁରୋଧ କରିବା ପରେ ସେ ମଧ୍ୟ ମନକୁ ପ୍ରସ୍ତୁତ କରୁଥା'ନ୍ତି । ମଝିରେ ମଝିରେ ତୀର୍ଥ ଭ୍ରମଣରେ ଘୂରି ବୁଲୁଥିବା ମୁନିଋଷିମାନଙ୍କଠାରୁ ଅର୍ଜୁନଙ୍କ ସମ୍ବାଦ ମିଳୁଥିଲା । ଅର୍ଜୁନ ହିମାଳୟରେ ସାଧନାରତ ଅଛନ୍ତି ବୋଲି ସେମାନଙ୍କଠାରୁ ଶୁଣି ତାଙ୍କର କୁଶଳ ସମ୍ବାଦ ପାଇଁ ମନର ବ୍ୟାକୁଳତା ବଢୁଥାଏ । ହିମାଳୟ ନିକଟସ୍ଥ ଦୁର୍ଗମ ଅରଣ୍ୟ ମଧ୍ୟରେ ପ୍ରଥମେ ତପସ୍ୟା ଓ ପରେ ବୀରତ୍ୱ ପ୍ରଦର୍ଶନ କରି ବୀର ଫାଲ୍‌ଗୁନି ଶିବଙ୍କଠାରୁ ପାଶୁପତାସ୍ତ୍ର ଲାଭ କରିଥିବା ସମ୍ବାଦ ପାଇ ଆମେ ସମସ୍ତେ ଉତ୍‌ଫୁଲ୍ଲ ହୋଇପଡ଼ିଥିଲୁ । ତା'ପରେ ଯମରାଜଙ୍କଠାରୁ ଦଣ୍ଡାସ୍ତ୍ର, ବରୁଣଦେବଙ୍କଠାରୁ ବରୁଣପାଶ, କୁବେରଙ୍କଠାରୁ ଅନ୍ତର୍ଦ୍ଧାନକାରୀ ଓଜ, ତେଜ ଓ ଦ୍ୟୁତିକର ପ୍ରସ୍ୱାପନ ଅସ୍ତ୍ରାଦି ଫାଲ୍‌ଗୁନି ଖୁବ୍ ଅଳ୍ପଦିନ ମଧ୍ୟରେ ହାସଲ କରିଥିବାର ସମ୍ବାଦ ଆମ ପାଖରେ ପହଞ୍ଚିଥିଲା । ସମସ୍ତେ ଆଶା କରୁଥିଲୁ ଅର୍ଜୁନ ଖୁବ୍ ଶୀଘ୍ର ଫେରିଆସିବେ । ପିତା ଇନ୍ଦ୍ରଙ୍କଠାରୁ ଦିବ୍ୟାସ୍ତ୍ର ଲାଭ କରିବା ପାଇଁ ତାଙ୍କୁ ବେଶି ସମୟ ଲାଗିବ ନାହିଁ । ପ୍ରତିଦିନ, ପ୍ରତିମୁହୂର୍ତ୍ତରେ ମୁଁ ବୀର ଅର୍ଜୁନଙ୍କର ସ୍ୱାଗତ ପାଇଁ ପ୍ରସ୍ତୁତ ହୋଇ ରହିଥାଏ । ରାତି ରାତି ଉଜାଗରରେ ପାହିଯାଏ । ମନେହୁଏ ଫାଲ୍‌ଗୁନି ଆସୁଛନ୍ତି — ଉଦୟ ସୂର୍ଯ୍ୟର ଆଭାରେ, ଅସ୍ତାୟମାନ ସୂର୍ଯ୍ୟର କୋମଳ ଲଳିତ ବିଦାୟ ଛଟାରେ, ଜ୍ୟୋସ୍ନାର ରୋଷଣୀରେ, ବର୍ଷାର ସଙ୍ଗୀତ ଭିତରେ....

ଅନେକ ରାତ୍ରିରେ ଜାଗ୍ରତ ରହି ମୁଁ ସ୍ୱପ୍ନ ଦେଖୁଥାଏ, ଚିତ୍କାର କରିଉଠେ "ଫାଲ୍‌ଗୁନି, ଆଉ ତମକୁ ଛାଡ଼ିବିନି । ଲୋଡ଼ାନାହିଁ ରାଜ୍ୟ, ଧନ, ପ୍ରତିପତ୍ତି । ତମେ କେବଳ ମୋର ପାଖେ ପାଖେ ଥାଅ । ବିରହ ବିରହରେ ଜୀବନର ଏତେ ଭାଗ ବିତିଗଲାଣି । ମରଣଶୀଳ ମଣିଷ ଜୀବନରେ ଆଉ କେତେ ଦିନ ବାକି କିଏ ଜାଣେ ? ଅନ୍ତତଃ ମୃତ୍ୟୁ ସମୟରେ ତମେ ପାଖରେ ଥିବା କ'ଣ ମୋ ଭାଗ୍ୟରେ ଲେଖା ନାହିଁ ?"

ଭୀମସେନ ମୋର ବାଗ୍ୱଳତାରେ ବିରକ୍ତ ହୁଅନ୍ତି । ଭର୍ତ୍ସନା କରି କହନ୍ତି — "ଯେତେ ବିଦୁଷୀ ହେଲେ ବି ନାରୀ ମାତ୍ରେଇ ନାରୀ । ଫାଲ୍‌ଗୁନିଙ୍କୁ ପଣତ ଉହାଡ଼ରେ ବାନ୍ଧିରଖିଲେ ତମ ଅପମାନର ପ୍ରତିଶୋଧ ନେବ କେମିତି ? ଅନ୍ୟାୟ ଅଧର୍ମର ଲୋପ କରିବ କେମିତି ? ଛିଃ ପାଞ୍ଚାଳି, ତମେ ଏତେ ଦୁର୍ବଳମନା — ଏତେ ସୁଖଲୋଭୀ—"

ଭୀମସେନଙ୍କ ଭର୍ତ୍ସନାରେ ମୋର କଟା ଘା'ରୁ ରକ୍ତ ଝରେ । ମୁକ୍ତକେଶ ଭାରୀ ଭାରୀ ଲାଗେ । ଶତ୍ରୁ ବନାଶର ପ୍ରତିଜ୍ଞା ଭିତରେ ମନେପଡ଼ିଯାଏ ଚରମ ଲାଞ୍ଛନାର କଥା । ମୁଁ ନିଜକୁ ପ୍ରକୃତିସ୍ଥ କରେ କହେ "ସତ୍ୟ, ସତ୍ୟ, ତିନିବାର ସତ୍ୟ, ଆଉ ଫାଲ୍‌ଗୁନିଙ୍କୁ ଝୁରି ଝୁରି ତାଙ୍କ ସାଧନାରେ ବ୍ୟାଘାତ ଉପୁଜାଇବି ନାହିଁ ।"

Digitized by srujanika@gmail.com

ନକୁଳ ମୋର ବିରହ ବେଦନାରେ ମଜା ଉଠାଇ ପରିହାସ କରନ୍ତି । ସହଦେବ କହନ୍ତି —''ଥାଉ ନକୁଳ, ଯାଜ୍ଞସେନୀ ପ୍ରକୃତ ସମୟରେ ଯଥାର୍ଥ କର୍ତ୍ତବ୍ୟ କରିଥା'ନ୍ତି । ପ୍ରତିଦିନ ବଡ଼ଭାଇ ଯୁଧିଷ୍ଠିରଙ୍କ ମନରେ ଅପମାନର ପ୍ରତିଶୋଧ ନେବାପାଇଁ ସେ ଅଗ୍ନି ସଂଯୋଗ କରୁଛନ୍ତି, ସେଥିରେ ଘୃତ ଢାଳୁଛନ୍ତି । ତା' ନ ହୋଇଥିଲେ ବଡ଼ଭାଇ ଯେପରି ଅହିଂସ ଏବଂ କ୍ଷମାଶୀଳ, ସେ ପ୍ରତିଶୋଧର ନାମ ଧରନ୍ତେ ନାହିଁ । ବର୍ତ୍ତମାନ ଯାଜ୍ଞସେନୀଙ୍କୁ ବିରହିଣୀ ବେଶରେ ଦେଖି ପରିହାସ କରୁଛ । ତାଙ୍କର ପ୍ରକୃତ ସ୍ୱରୂପ ଦେଖିଲେ ତମେ ସବୁ ଭୟ ପାଇଯିବ । ସେ ଯେମିତି କୋମଳ ସେମିତି କଠୋର, ଯେତିକି କ୍ଷମାଶୀଳା ସେତିକି ପ୍ରତିଶୋଧପରାୟଣା । ସମୟ ଦେଖି ସେ କାର୍ଯ୍ୟ କରନ୍ତି । ବର୍ତ୍ତମାନ ତାଙ୍କର ବିରହ ଋତୁ ବର୍ଣ୍ଣନା କରି କାବ୍ୟ ରଚନା ଛଡ଼ା ଅନ୍ୟ କିଛି କାମ ନାହିଁ । ସେ କାବ୍ୟ ରଚନା କରୁଛନ୍ତି । ଫାଲ୍‌ଗୁନି ଫେରିଲେ କିଛି ତ ଉପହାର ଦେବେ !'' ସତକୁ ସତ ମୁଁ ଯେ ଏ ଭିତରେ 'ବିରହଋତୁ' ନାମକ କାବ୍ୟଟିଏ ରଚନା କରିସାରିଲିଣି, ତା' ଆଉ ଏ ଭାଇମାନଙ୍କୁ ଅଛପା ନାହିଁ । ଛିଃ ଛିଃ କ'ଣ ଭାବୁଥିବେ ସମସ୍ତେ ।

ଭୀମସେନ କାବ୍ୟରଚନା କଥା ଶୁଣି ଛଳେଇ କହନ୍ତି — ପାଞ୍ଚାଳି, ମୁଁ ମଧ୍ୟ ଆଜି ହିଡ଼ିମ୍ବା ପାଖକୁ ଯାଉଛି । ମତେ ନେଇ କାବ୍ୟ ନ ଲେଖିଲେ ଏ ଜୀବନରେ ଆଉ ଫେରିବି ନାହିଁ । କ'ଣ ଲେଖିବ ? ନା ମୋ'ଠାରୁ ମୁକ୍ତି ପାଇ ଶ୍ୱସ୍ତିର ନିଶ୍ୱାସ ଛାଡ଼ିବ ?''

ନକୁଳ ହସି ହସି କହନ୍ତି — ''ତେବେ ସେ କାବ୍ୟର ନାମ ହେବ 'ଦ୍ରୌପଦୀ ବିଳାପ ଅର୍ଥାତ୍ ତମ ବିରହରେ ଦ୍ରୌପଦୀ କିପରି ବିଳାପ କରିବେ ତାହାହିଁ ସେଥିରେ ବର୍ଣ୍ଣନା କରାଯିବ ।''

ଭୀମସେନ ଆନନ୍ଦରେ କହନ୍ତି — ''ଠିକ୍ ଠିକ୍, ମୋ ବିରହରେ ଦ୍ରୌପଦୀ ବିଳାପ'' କରିବେ, ଏପରି ବିଳାପ କରିବେ ଯେ ଗଗନ ପବନ ଭେଦି ମୋ ନିକଟରେ କାନ୍ଦଣା ସ୍ୱର ପହଞ୍ଚିବ । ସେ କାନ୍ଦଣାର ସ୍ୱର ଶୁଣି ହିଡ଼ିମ୍ବା ରାକ୍ଷାସୁଣୀ ଈର୍ଷାରେ ଏପରି ପ୍ରତିବିଳାପ କରିବ ଯେ ହସ୍ତିନା ନଗରେ ସେ ବିଳାପର ସ୍ୱର ଦୁର୍ଯ୍ୟୋଧନକୁ ଭୟଭୀତ କରିଦେବ । ସେ ବୁଝିବ ଯେ ତା'ର ଅଦୃଷ୍ଟ ତା' ପାଇଁ ବିଳାପ କରୁଛି ।''

ଭୀମସେନଙ୍କ କଥାରେ ନକୁଳ ଚପଳ ଭଙ୍ଗୀରେ ହସିଉଠନ୍ତି । ସହଦେବ ଜିଭ୍ଟୁ ଗମ୍ଭୀର କଣ୍ଠରେ କହନ୍ତି — ''ଭୀମସେନଙ୍କ ପାଖରେ ନାରୀର ବିଳାପ ହିଁ ପ୍ରେମର ନିଦର୍ଶନ ହେଲେ ମଧ୍ୟ ଦେବୀ ଦ୍ରୌପଦୀଙ୍କୁ ଆମମାନଙ୍କ ଭିତରେ ସବୁଠାରୁ ଖୋଲାମନରେ ଭୀମସେନ ହିଁ ପ୍ରେମ କରନ୍ତି । ଇଚ୍ଛା ଥିଲେ ମଧ୍ୟ ଆମେ ଦ୍ରୌପଦୀଙ୍କଠାରୁ ଜୋର କରି କେବେ ପ୍ରେମ ଆଦାୟ କରିନାହୁଁ — ଅଥଚ ଭୀମସେନ ଯେତେବେଳେ

Digitized by srujanika@gmail.com

ଘ୍ୱହିଁଛନ୍ତି ସେତେବେଳେ ଦ୍ରୌପଦୀଙ୍କୁ ହଲାପଟା କରିଛନ୍ତି । ଆମ ଦାମ୍ପତ୍ୟ ଜୀବନର ଏକବର୍ଷିଆ ସର୍ତ୍ତ ସତ୍ତ୍ୱେ ଭୀମସେନଙ୍କର ଦ୍ରୌପଦୀଙ୍କ ଉପରେ କମ୍ ଜୁଲମ୍ ନୁହେଁ । ଦ୍ରୌପଦୀ ସେଥିପାଇଁ ବେଳେବେଳେ କ୍ଷୁବ୍ଧ ହେଲେ ମଧ୍ୟ ଭୀମସେନଙ୍କ ଉପରେ ତାଙ୍କର ସବୁଠାରୁ ବେଶୀ ଆସ୍ଥା ଓ ଭରସା । କଅଣ ମୁଁ ମିଛ କହିଛି ?''

ସବୁ ଭାଇ ମିଶି ମୋ ମୁହଁକୁ ଘ୍ୱହିଁରହନ୍ତି । ଓଠ ଚିପି ଚିପି ଦୁଷ୍ଟ ହସ ହସି ମୋ ବିରହ ବେଦନାକୁ ହ୍ରାସ କରିବାର ପ୍ରୟାସ କରନ୍ତି । ପ୍ରସ୍ତର ମୂର୍ତ୍ତି ଭଳି ପ୍ରଶାନ୍ତ ହୋଇ ସବୁ ଶୁଣୁଥା'ନ୍ତି, ସବୁ ଦେଖୁଥା'ନ୍ତି, ନିର୍ବିକାର ଯୁଧିଷ୍ଠିର । ମୋ ସମୟ କଟିଯାଏ— ମାତ୍ର ଅର୍ଜୁନ ଫେରନ୍ତି ନାହିଁ — ତାଙ୍କ ସମ୍ବାଦ ଆଉ ଆସେନାହିଁ । ହିମାଳୟରୁ ଫେରୁଥିବା ସନ୍ନ୍ୟାସୀମାନେ କହନ୍ତି ଅର୍ଜୁନ ହିମାଳୟ ଛାଡ଼ି ଘ୍ୱଲିଗଲେଣି । ହିମାଳୟରେ ଯେତେଦିନ ଥିଲେ ପରମ ଶାନ୍ତିରେ ସେ ଥିଲେ । ଏବେ କିପରି ଅଛନ୍ତି, କେଉଁଠି ଅଛନ୍ତି କେହି କିଛି କହିପାରନ୍ତି ନାହିଁ । ପ୍ରତୀକ୍ଷାର ଦୈର୍ଘ୍ୟ ବଢ଼େ । ଅର୍ଜୁନଙ୍କ ପାଇଁ ମନର ବ୍ୟାକୁଳତା ଉତ୍କଣ୍ଠାରେ ପରିଣତ ହୁଏ । କେବଳ ମୁଁ ନୁହେଁ, ଯୁଧିଷ୍ଠିରଙ୍କ ସମେତ ସମସ୍ତେ ଅର୍ଜୁନଙ୍କ ସମ୍ବାଦ ପାଇବା ପାଇଁ ଉତ୍କଣ୍ଠିତ ଅପେକ୍ଷାରେ କାଳ କାଟନ୍ତି । ମୁଁ ତ ଗତିମତ ଫଳ, ଜଳ ତ୍ୟାଗ କରି ପ୍ରତୀକ୍ଷାରେ ରହିଥାଏ । କିଏ ଦେବ ଅର୍ଜୁନଙ୍କର କୁଶଳ ସମ୍ବାଦ ?

ଈଶ୍ୱରପ୍ରେରିତ ହୋଇ ସେଦିନ ଅପରାହ୍ଣରେ ଲୋମଶ ମୁନି ଆସି ଆମ କୁଟୀର ଦ୍ୱାରରେ ଉପସ୍ଥିତ ହେଲେ । ଅର୍ଜୁନଙ୍କ ସମାଗ୍ୱର ତାଙ୍କଠାରୁ ମିଳିଲା । ମୋର ଶୋଚନୀୟ ଅବସ୍ଥା ଦେଖି ସେ ଆଶ୍ୱାସନା ଦେଇ କହିଲେ — ''ଦେବୀ ଦ୍ରୌପଦି ! ଚିନ୍ତା ତ୍ୟାଗ କର । ତୁମର ସୁଯୋଗ୍ୟ ସ୍ୱାମୀ ହିମାଳୟରୁ କାର୍ଯ୍ୟ ଶେଷ କରି ବର୍ତ୍ତମାନ ସ୍ୱର୍ଗରାଜ୍ୟରେ ପରମ ଆନନ୍ଦରେ କାଳ କାଟୁଛନ୍ତି । କୌରବମାନଙ୍କୁ ଦମନ କରିବା ପାଇଁ ସେ ବହୁ ଅସ୍ତ୍ର ସଂଗ୍ରହ କରିବାରେ ଲାଗିଛନ୍ତି । ଅସ୍ତ୍ର ସଂଗ୍ରହ କାର୍ଯ୍ୟ ପ୍ରାୟ ଶେଷ ହୋଇଛି ।''

''ତେବେ ଅର୍ଜୁନ ସ୍ୱର୍ଗରାଜ୍ୟରେ ଅଟକି ରହିଛନ୍ତି କାହିଁକି ?'' ମୁଁ ବ୍ୟାକୁଳ ସ୍ୱରରେ ପଗ୍ୱରିଲି । ଲୋମଶ ମୁନି ଶାନ୍ତ ଉଦାର ସ୍ୱରରେ କହିଲେ — ''ଏତେଦିନ ପରେ ପୁତ୍ରକୁ ପାଖରେ ପାଇଛନ୍ତି ଇନ୍ଦ୍ରଦେବ । ଜୀବନସାରା ପୁତ୍ର ତାଙ୍କର ଅରଣ୍ୟବାସ ଏବଂ ଦାରିଦ୍ର୍ୟର କଷ୍ଟ ସହି ସହି ଏତେଦିନେ ସ୍ୱର୍ଗରାଜ୍ୟରେ ପହଞ୍ଚିବାରୁ କିଛିକାଳ ସେଠାରେ ଅବସ୍ଥାନ କରି ବିଶ୍ରାମ ଓ ଆରାମ କରିବା ପାଇଁ ଇନ୍ଦ୍ରଦେବ ପୁତ୍ରକୁ ଅନୁରୋଧ କରିଛନ୍ତି । ପିତାଙ୍କ ଅନୁରୋଧ ରକ୍ଷା କରିଛନ୍ତି ଅର୍ଜୁନ । ଅମରାବତୀରେ ଦେବରାଜ

Digitized by srujanika@gmail.com

ଇନ୍ଦ୍ରଙ୍କ ସଭା ଦର୍ଶନ କରି କବିପ୍ରାଣ ଅର୍ଜୁନ ବିଶେଷ ପ୍ରୀତ ହୋଇଛନ୍ତି । ଗାନ୍ଧର୍ବୀ-ମାନଙ୍କର ସାମଗାନ ଏବଂ ମେନକା, ରମ୍ଭା, ସ୍ୱର୍ଣ୍ଣପ୍ରଭା, ଉର୍ବଶୀ, ଚିତ୍ତସେନା, କୁମ୍ଭଯୋନୀ, ବରୁଥିନୀ, ମିତ୍ରକେଶୀ, ପୁଷ୍ପବେଣୀ, ଚିତ୍ତଲେଖା, ପଦ୍ମଯୋନୀ ଇତ୍ୟାଦି ଅନନ୍ତ-ଯୌବନା ଅପ୍ସରୀମାନଙ୍କର ନୃତ୍ୟଗୀତରେ ମୋହିତ ହୋଇ ଅର୍ଜୁନ ବିହ୍ୱଳିତ ଅବସ୍ଥାରେ କାଳ କାଟୁଛନ୍ତି । ପିତା ଇନ୍ଦ୍ରଙ୍କ ପରାମର୍ଶରେ ଗନ୍ଧର୍ବରାଜ ଚିତ୍ତସେନଠାରୁ ଅର୍ଜୁନ ନୃତ୍ୟ ଗୀତ ବାଦ୍ୟ ଆଦି ଶିକ୍ଷା କରୁଛନ୍ତି । ଶିକ୍ଷା ସମାପ୍ତ ହେଲେ ସେ ନିଶ୍ଚୟ ଫେରିଆସିବେ ଏବଂ ଫେରିଲାବେଳେ ଇନ୍ଦ୍ରଙ୍କଠାରୁ ବଜ୍ର, ଅଶନି ପ୍ରଭୃତି ଅସ୍ତ୍ର ଲାଭ କରି ଫେରିବେ । ତେଣୁ ତାଙ୍କ ପାଇଁ ବୃଥା ଆଶଙ୍କା ଦୂର କର ।''

ଅର୍ଜୁନଙ୍କ କୁଶଳ ସମାଗ୍ଭର ପାଇଁ ମୋ ଚିନ୍ତାର ସୀମା ନଥିଲା, ଅଥଚ ଅର୍ଜୁନ ସୁଖରେ ଅଛନ୍ତି, ସ୍ୱର୍ଗସୁଖ ଲାଭ କରୁଛନ୍ତି ଶୁଣି ମୁଁ ନର୍କ ଯନ୍ତ୍ରଣା ଅନୁଭବ କରୁଛି । ରମ୍ଭା, ମେନକା, ଉର୍ବଶୀ, ଚିତ୍ତଲେଖା ଇତ୍ୟାଦି ଅପ୍ସରାମାନଙ୍କୁ ମୁଁ ଅଭିସମ୍ପାତ ଦେଉଛି । ମୋର ବୀର ସ୍ୱାମୀଙ୍କୁ ନୃତ୍ୟ ଗୀତ ଭିତରେ ବିଳାସୀ କରିଦେବା ଯୋଗୁଁ ମୁଁ ସେମାନଙ୍କ ବଂଶନାଶର କାମନା କରୁଛି । ମନେ ମନେ ମୁଁ ଭାବୁଛି, ଶତ୍ରୁର ପ୍ରତିରୋଧ କରିବାପାଇଁ ଅସ୍ତ୍ର ଶସ୍ତ୍ର ସଂଗ୍ରହ କରିବାକୁ ଯାଇ ଅର୍ଜୁନ ନୃତ୍ୟ ଗୀତ ଶିକ୍ଷା କରୁଛନ୍ତି କାହିଁକି ? ସ୍ୱର୍ଗସୁଖ ଛାଡ଼ି ସେ ଆଉ ଫେରିବେ ତ ? ଯୁଧିଷ୍ଠିରଙ୍କ ଦ୍ୟୁତକ୍ରୀଡ଼ାକୁ କେନ୍ଦ୍ର କରି ମୋ ଉପରେ ଘଟିଯାଇଥିବା ଦୁଃସହ ଲାଞ୍ଛନାର କଥା କ'ଣ ତାଙ୍କ ସ୍ମରଣରେ ଥିବ ? ତାଙ୍କର ଭାଇମାନେ ଏବଂ ସ୍ତ୍ରୀ ବର୍ତ୍ତମାନ ଗୃହଶୂନ୍ୟ ହୋଇ ଅରଣ୍ୟରେ କାଳ କାଟୁଛନ୍ତି ବୋଲି ସେ କ'ଣ ସ୍ମରଣ କରିପାରୁଥିବେ ? ନିଜ ଭାବନାରେ ମଗ୍ନ ହୋଇ ମୁଁ ବସିଥାଏ, ନିଜ ଦୁଃଖରେ ସନ୍ତୁଳି ହେଉଥାଏ । କଳ୍ପନାନେତ୍ରରେ ସ୍ୱାମୀଙ୍କର ସ୍ୱର୍ଗସୁଖକୁ ଦେଖୁ ଦେଖୁ ନର୍କବାସ ଶ୍ରେୟ ମଣୁଥାଏ ।

ମୋର ମଳିନ ମୁଖକୁ ଲକ୍ଷ୍ୟକରି ସହଦେବ ଅନ୍ତରଙ୍ଗ କଣ୍ଠରେ କହିଲେ, ''ଭାଇଙ୍କ ପାଇଁ ଭାବନା କରନାହିଁ ଦେବି ! ସେ କୁନ୍ତୀପୁତ୍ର ଫାଲ୍‌ଗୁନି । ଅପମାନର ଜ୍ୱାଳା ସେ ଭୁଲିବେ ନାହିଁ । ଅଧର୍ମର ବିଲୋପ ନକଲେ ସେ ସ୍ୱର୍ଗରାଜ୍ୟରେ ମଧ୍ୟ ଶାନ୍ତିରେ ରହିପାରିବେ ନାହିଁ ।''

ସହଦେବଙ୍କ ଦରଦୀ କଣ୍ଠସ୍ୱର ମୋର ଗ୍ଭପା ଅଶ୍ରୁର ବନ୍ଧ ଭାଙ୍ଗିଦେଲା । ମୁଁ ଅଶ୍ରୁଝରାଇ ଦେଇ କହିଲି — ''ସେ ମୋହିନୀ ନର୍ତ୍ତକୀମାନଙ୍କ କଥା ତମେ ଜାଣ ନାହିଁ ସ୍ୱାମୀ । ଥରେ ତାଙ୍କ ପାଲରେ ପଡ଼ିଲେ ମୁକୁଳିବା କଷ୍ଟ । ଅର୍ଜୁନ ଅସ୍ତ୍ର ଶସ୍ତ୍ର ସଂଗ୍ରହ ପାଇଁ ଯାଇ ନୃତ୍ୟ ସଙ୍ଗୀତ ଶିକ୍ଷାରେ ମନୋନିବେଶ କରିଛନ୍ତି ତାହାହିଁ ଚିନ୍ତାର ବିଷୟ— ସେ ଆଉ ପାଖକୁ ଫେରିବା ପରି ମନେ ହେଉନାହିଁ ।''

Digitized by srujanika@gmail.com

ସହଦେବ ଆଶ୍ୱାସନା ଦେଇ କହିଲେ — ''ଅର୍ଜୁନଙ୍କ ଉପରୁ ବିଶ୍ୱାସ ହରାଇବା ଠିକ୍ ହେବ ନାହିଁ । ସେ କାହାର ସଖା ତମେ ତ ଜାଣ ଅର୍ଜୁନଙ୍କ ଉପରୁ ବିଶ୍ୱାସ ହରାଇବାର ଅର୍ଥ କୃଷ୍ଣଙ୍କ ଉପରୁ ବିଶ୍ୱାସ ହରାଇବା । ଅର୍ଜୁନ ଏପର୍ଯ୍ୟନ୍ତ ଯାହା ଯାହା କରିଆସିଛନ୍ତି ଆର୍ଯ୍ୟାବର୍ତ୍ତର ମଙ୍ଗଳ ପାଇଁ, ସେ ସବୁ କାର୍ଯ୍ୟ ପଛରେ କିଛି ନା କିଛି ରହସ୍ୟ ଲୁଚିରହିଥାଏ । ସମୟ ଆସିଲେ ଅର୍ଜୁନଙ୍କ ନୃତ୍ୟଗୀତ ଶିକ୍ଷାର ତାତ୍ପର୍ଯ୍ୟ ବୁଝାଯିବ । ଯେ କୌଣସି ବିଷୟରେ ହେଉନା କାହିଁକି ଶିକ୍ଷା ସବୁବେଳେ ମହତ କାର୍ଯ୍ୟରେ ଲାଗିଥାଏ । ବର୍ତ୍ତମାନ ଯଦି ଅର୍ଜୁନ ଏଠାକୁ ଫେରିଆସନ୍ତି ହସ୍ତିନାପୁରକୁ ଫେରିଯିବାର ସମୟ ନହେବା ପର୍ଯ୍ୟନ୍ତ ଆମେ ଯେତେ ଶକ୍ତିଶାଳୀ ହେଲେ ମଧ୍ୟ ବଡ଼ଭାଇ କେବେହେଲେ ହସ୍ତିନାପୁରୀର ସୀମା ସ୍ପର୍ଶ କରିବେ ନାହିଁ । ତେରବର୍ଷ ବନବାସ ଭୋଗ ଆମକୁ କରିବାକୁ ହେବ । ତେଣୁ ଅର୍ଜୁନଙ୍କ ପ୍ରତ୍ୟାବର୍ତ୍ତନ ପାଇଁ ଏତେ ଉଦ୍‌ବିଗ୍ନ ହେବାର କାରଣ କ'ଣ ? ସ୍ୱର୍ଗରାଜ୍ୟରେ ଥାଆନ୍ତୁ ସେ କିଛି ଦିନ ଆରାମରେ । ଆମ ଭିତରୁ ଅନ୍ତତଃ ଜଣେହେଲେ ଆରାମ ଓ ବିଳାସରେ ରହୁ କିଛି ଦିନ ।''

ମୁଁ ନୀରବ ରହିଲି । କେମିତି ବୁଝାଇବି ସହଦେବଙ୍କୁ ଯେ ଅର୍ଜୁନଙ୍କ ପଦସେବା ହିଁ ମୋର କାମନା । ତାଙ୍କ ସଖ୍ୟ ବିନା ସବୁକିଛି ଶୂନ୍ୟ ଲାଗୁଛି ବୋଲି । ତଥାପି ସହଦେବଙ୍କ କଥାରେ ମନରେ ଆଶା ବାନ୍ଧିଲି ଯେ ଅର୍ଜୁନ ଫେରିବେ — ନିଶ୍ଚୟ ଫେରିବେ । ହସ୍ତିନାପୁରୀ ଫେରିବା ପୂର୍ବରୁ ସେ ନିଶ୍ଚୟ ଫେରିବେ ଏଥିରେ ସନ୍ଦେହ ନାହିଁ । ମୁଁ ତ ଏକା ନୁହେଁ, ତାଙ୍କର ପ୍ରାଣପ୍ରିୟା ପତ୍ନୀ ସୁଭଦ୍ରା ମଧ୍ୟ ତାଙ୍କ ବାଟ ଚାହିଁ ବସିଛି । ପୁଣି ସୁଭଦ୍ରା ହେଉଛି ଅର୍ଜୁନଙ୍କର ପ୍ରିୟ ସଖା କୃଷ୍ଣଙ୍କର ଆଦରଣୀୟା ଭଗ୍ନୀ । ମୋ ଖାତିର୍‌ରେ ନହେଲେ ମଧ୍ୟ ସୁଭଦ୍ରାର ଖାତିରରେ ସେ ଯେ ନିଶ୍ଚୟ ଫେରିବେ ଏତିକି ଭାବି ଅଭିମାନରେ ଭାଙ୍ଗିରୁଜି ଯାଉଥିବା ମନକୁ ପ୍ରବୋଧନା ଦେଲି ।

କିନ୍ତୁ ମଣିଷର ମନ ଏତେ ଅବାଧ୍ୟ ଯେ ସେ ସହଜରେ ବୋଧ ହୁଏନାହିଁ । ସାରାଦିନ କଟିଯାଏ ଲୋମଶ ମୁନିଙ୍କ ସହ ତୀର୍ଥ ଭ୍ରମଣରେ । ମାତ୍ର ସାରା ରାତି ମନର ଯନ୍ତ୍ରଣା ଆଖିରୁ ନିଦ୍ରା ହରଣ କରେ । ଯେତେବେଳେ ବା କ୍ଲାନ୍ତିବଶତଃ ତନ୍ଦ୍ରା ଘାରେ, ଦୁଃସ୍ୱପ୍ନ ଅଦଉତି ସାଧେ । କେତେବେଳେ ସ୍ୱପ୍ନରେ କୁରୁସଭାରେ ମୋର ଲାଞ୍ଛନା ଓ ଅପମାନର ଦୃଶ୍ୟ ଚିତ୍ରିତ ହୁଏ, କେତେବେଳେ ସ୍ୱପ୍ନ ଦେଖେ କର୍ଣ୍ଣ ମତେ ଜଳରୁ ଉଦ୍ଧାର କରି ଇନ୍ଦ୍ରପ୍ରସ୍ଥରେ ସସମ୍ମାନ ଛାଡୁଛନ୍ତି । କେତେବେଳେ ସ୍ୱପ୍ନ ଦେଖେ ମୋ ପୁତ୍ରମାନେ ମତେ ଝୁରି ହେଉଛନ୍ତି, ବିଦାୟବେଳାରେ ମୋର କାନି ଧରି ଅଳି କରୁଛନ୍ତି— ଆମକୁ ଛାଡ଼ି ଯାଅ ନାହିଁ । ପୁଣି କେତେବେଳେ ସ୍ୱପ୍ନ ଦେଖେ ଅର୍ଜୁନ ଅପ୍ସରାମାନଙ୍କ ମେଳରେ ନୃତ୍ୟ କରୁଛନ୍ତି । ଏ ଭିତରେ ସେ ନୃତ୍ୟଗୀତ ବିଶାରଦ ହୋଇଛନ୍ତି ଓ

Digitized by srujanika@gmail.com

ନୃତ୍ୟରେ ଗନ୍ଧର୍ବମାନଙ୍କୁ ମଧ୍ୟ ଟପିଯାଉଛନ୍ତି । ଅପ୍ସରାମାନଙ୍କ ମେଳରେ ଅର୍ଜୁନ ଦିଶୁଛନ୍ତି ଗୋପୀମାନଙ୍କ ମେଳରେ ରସିକରାଜ କୃଷ୍ଣଙ୍କ ଭଳି ।

ନିଦ୍ରାଭଙ୍ଗ ହୁଏ । ପ୍ରତ୍ୟେକଟି ସ୍ୱପ୍ନର କଥା ସ୍ମରଣ କରି ଆଉଥରେ ନୂଆ କରି ଦୁଃଖ ପାଏ । ହେଲେ ମନର ଦୁଃଖ କାହାରି ପାଖରେ ପ୍ରକାଶ କରିପାରେ ନାହିଁ । ମାୟା, ନିତମ୍ବିନୀ କେହି ପାଖରେ ନାହାନ୍ତି ଏଠାରେ । ତେଣୁ କବିତା ହିଁ ଏଠାରେ ମୋର ପ୍ରିୟ ସହଚରୀ । ହଦୟର ବ୍ୟଥାକୁ କବିତାରେ ରୂପଦେଇ ମୁଁ ସାନ୍ତ୍ୱନାଲାଭ କରେ । ବର୍ଷ ପରେ ବର୍ଷ ବିତିଯାଏ । ଅର୍ଜୁନ ଫେରନ୍ତି ନାହିଁ ।

॥ ୩୬ ॥

ମୋ ମନର ଭାବ ସହଦେବ ବୁଝନ୍ତି । ମନ ପରିବର୍ତ୍ତନ ନିମନ୍ତେ ସେ ସ୍ଥାନ ପରିବର୍ତ୍ତନର ପରାମର୍ଶ ଦେଉଥା'ନ୍ତି ଓ ଲୋମଶ ମୁନିଙ୍କ ସହ ଆମେ ତୀର୍ଥ ପର୍ଯ୍ୟଟନ କରୁଥାଉ । ନୈମିଷାରଣ୍ୟରେ କିଛିଦିନ କଟାଇବା ପରେ ପ୍ରୟାଗ, ଗୟା, ଗଙ୍ଗାସାଗର ଦେଇ ସମୁଦ୍ର କୂଳେ କୂଳେ ଦକ୍ଷିଣର ସମସ୍ତ ତୀର୍ଥ ପର୍ଯ୍ୟଟନ କରି ପଶ୍ଚିମର ପ୍ରଭାସ ତୀର୍ଥରେ ପହଞ୍ଚିଲୁ । ପ୍ରଭାସ ତୀର୍ଥ କାଳରେ ବଳରାମ, କୃଷ୍ଣ ଓ ଯାଦବମାନେ ଆମକୁ ଶଙ୍ଖୋଳି ଆସିଲେ । ସେଠାରେ ଅବସ୍ଥାନ କରିବା ସମୟରେ ସଖାଙ୍କ ଆତିଥ୍ୟ ଓ ସଖ୍ୟ ଭିତରେ ସବୁ ଦୁଃଖ କାଳିମାରୁ ହୃଦୟ ମୁକ୍ତ ହୋଇଗଲା । ସଖାଙ୍କ ସହ ମନଖୋଲି କଥାବାର୍ତ୍ତା ହେବାପରେ ଅର୍ଜୁନଙ୍କ ଉପରେ ଭରସା ଆସିଲା । ନୂତନ ଆଶା ଓ ଉତ୍ସାହ ନେଇ ଆମେ ପୁଣି ଆଗେଇଲୁ ।

ବିପାସା ନଦୀ ଅତିକ୍ରମ କରି ହିମାଳୟ ଅନ୍ତର୍ଗତ ସୁବାହୁ ରାଜ୍ୟରେ ଉପସ୍ଥିତ ହେଲୁ । ମୁଁ ସେତେବେଳକୁ ଭୀଷଣ କ୍ଲାନ୍ତ ଏବଂ ଦୁର୍ବଳ ହୋଇପଡ଼ିଥାଏ । ଦୁଃଖ ଓ ଦୁଶ୍ଚିନ୍ତାରେ କ୍ରମାଗତ ଅର୍ଦ୍ଧାହାର ଓ ଅନିଦ୍ରା, ବନବାସ କଷ୍ଟ ଓ ଶାରୀରିକ ପରିଶ୍ରମ ଫଳରେ ମୋର ସ୍ୱାସ୍ଥ୍ୟଭଙ୍ଗ ହୋଇଥାଏ । ଆଉ ପାଦେ ମାତ୍ର ଗୁଲିବାର ଶକ୍ତି ମୋର ନଥାଏ ।

ଗନ୍ଧମାର୍ଦ୍ଦନ ପର୍ବତ ଦିଗରେ ଦୁର୍ଗମ ଅରଣ୍ୟ । ସେଇ ଦିଗରେ ଅଗ୍ରସର ହେଉଥା'ନ୍ତି ପାଣ୍ଡବମାନେ । ମୁଁ ପ୍ରତିବାଦ କରି ପାରୁନଥାଏ । ସଙ୍ଗରେ ଲୋମଶ ମୁନି । କିପରି କହିବି ''ଆଉ ଯାଇପାରିବି ନାହିଁ ।'' ଲୋମଶ ମୁନିଙ୍କୁ ତୀର୍ଥ ବୁଲାଇବାର ସନ୍ଦେଶ ସ୍ୱାମୀ ଅର୍ଜୁନ ଦେଇଛନ୍ତି । ଯୁଧିଷ୍ଠିର ସେ ଦାୟିତ୍ୱ ଗ୍ରହଣ କରିଛନ୍ତି । ତେଣୁ ମୁଁ ଜୀବନ ଦେଇ ସେ କର୍ତ୍ତବ୍ୟ ସମ୍ପାଦନ କରିବି ।

Digitized by srujanika@gmail.com

ବହୁ କଷ୍ଟରେ କିଛିବାଟ ଅଗ୍ରସର ହେବା ପରେ ପ୍ରବଳ ଝଡ଼ ତୋଫାନ ଆରମ୍ଭ ହୋଇଗଲା । ପ୍ରାଣ ବଞ୍ଚାଇବା ପାଇଁ କିଏ କେଉଁଠି ଆଶ୍ରୟନେଲା ଜାଣିବାର ଉପାୟ ନାହିଁ । କିନ୍ତୁ ଭୀମସେନ ମୋର ପାଖରେ ରହିଥା'ନ୍ତି । ମୋର ଗୋଟିଏ ବାହୁକୁ ଧରି ଗଛମୂଳେ ଆଶ୍ରୟ ନେଇଥା'ନ୍ତି । ମାତ୍ର ଦୁର୍ଯ୍ୟୋଗ ଯେତେବେଳେ ଆସେ ଜାତିକୁଟୁମ୍ବ ନେଇ ଆସେ । ଗଛଟି ମଧ୍ୟ ଆମକୁ ଆଶ୍ରୟ ଦେବାକୁ ନାରାଜ । କଡ଼ମଡ଼ ଶବ୍ଦ କରି ଗଛଟି ଭାଙ୍ଗିପଡ଼ିଲା ଏବଂ ଭୀମସେନ ସିନା ରକ୍ଷା ପାଇଗଲେ, ମୁଁ ଆଘାତପ୍ରାପ୍ତ ହୋଇ ଚେତନା ହରାଇଦେଲି । କେତେ ସମୟ ପଡ଼ିଥିଲି ଜାଣେନା, ଚେତନା ଫେରିପାଇ ଆଖିଖୋଲିବା ମାତ୍ରେ ଦେଖିଲି ଆକାଶ ନିର୍ମଳ । ଝଡ଼ ଶାନ୍ତ ହୋଇଛି ।

ମୋର ସ୍ୱାମୀମାନେ ମୁଣ୍ଡ ପାଖରେ ବସିଛନ୍ତି, ପାଦ ପାଖରେ ବସିଛି ବପୁବନ୍ତ ରୂପବନ୍ତ କିଶୋରଟିଏ । ମୋ ପାଦସେବାରେ ମନପ୍ରାଣ ଢାଳିଦେଇଛି । ତାକୁ ଦେଖିବା ମାତ୍ରେ ପୁତ୍ରମାନେ ମୋର ସ୍ମରଣକୁ ଆସିଲେ । ଭାବିଲି କେଉଁ ଭାଗ୍ୟବତୀ ରମଣୀର ଏଇ ସୁଧୀର ଅଥଚ ତେଜୋଦୀପ୍ତ ପୁତ୍ରଟି ? କିଏ ଏହାର ଶୌର୍ଯ୍ୟବନ୍ତ ପିତା ? କାହାର ନିର୍ଦ୍ଦେଶରେ ସେ ମୋର ପାଦସେବା କରୁଛି ?

ହୃଦୟ ବାତ୍ସଲ୍ୟ ମମତାରେ ପୂର୍ଣ୍ଣ ହୋଇଗଲା । କୋମଳ କଣ୍ଠରେ କହିଲି — ''କିଏ ତୁମେ ପୁତ୍ର, ଅପରିଚିତା ନାରୀର ପଦସେବା କରିବା ପାଇଁ କିଏ ତମକୁ ନିର୍ଦ୍ଦେଶ ଦେଇଛି ? ତମେ ଯିଏ ବି ହୁଅ, ମୁଁ ତମର ଜନନୀ । ତମକୁ ପୁତ୍ର ଛଡ଼ା ଅନ୍ୟ କିଛି ଭାବିପାରୁ ନାହିଁ । କ'ଣ ତୁମର ପରିଚୟ ?''

କିଶୋର ସଲ୍ଲଜ-ମଧୁର ସ୍ୱରରେ ଉତ୍ତର ଦେଲା — ''ପୁତ୍ର ସମ୍ବୋଧନ କରି ଆପଣ ତ ନିଜ ମୁଖରେ ମୋର ପରିଚୟ ଦେଇଛନ୍ତି । ଆପଣ ମୋର ଜନନୀ, ସେଇ ମୋର ପ୍ରକୃତ ପରିଚୟ ।''

ମୁଁ ଧୀର ସ୍ୱରରେ ପଗ୍ଧରିଲି — ''ତଥାପି, କିଏ ତୁମର ପରମ ଶୌର୍ଯ୍ୟବନ୍ତ ପିତା, କିଏ ତୁମର ସୌଭାଗ୍ୟବତୀ ଜନନୀ ? ତାଙ୍କ ସହ ମୁଁ ମିଳିତ ହେବାରେ ତୁମର ଆପତ୍ତି କାହିଁକି ? ତୁମ ଭଳି ସୁପୁତ୍ରକୁ ଯେ ସେମାନେ ଜନ୍ମ ଦେଇଛନ୍ତି, ସେଥିପାଇଁ ମୁଁ ସେମାନଙ୍କୁ ଅଭିନନ୍ଦନ ଜଣାଇ ସମ୍ମାନିତ କରିବାକୁ ଗ୍ୱହେଁ ।''

ରୂପବାନ କିଶୋର ଭୀମସେନଙ୍କୁ ଗ୍ୱହିଁଲେ । ଭୀମସେନ ମୃଦୁ ମୃଦୁ ହସୁଛନ୍ତି । ତାଙ୍କ ମୁହଁରେ ଏପରି କୋମଳ ମଧୁର ସ୍ନିଗ୍ଧ ହସ ଏଇ ପ୍ରଥମ ଦେଖିଲି ।

ଯେତେବେଳେ ସେ ହସନ୍ତି, ଅଟ୍ଟହାସ୍ୟ କରି ହସନ୍ତି, ଅଥଚ ଆଜି ମୁଁ ଦେଖୁଛି ତାଙ୍କ ବ୍ୟକ୍ତିତ୍ୱର ଅନ୍ୟ ଏକ ପାର୍ଶ୍ୱ । ତାଙ୍କ ମୁଖ ପ୍ରଶାନ୍ତ, ଉଜ୍ଜ୍ୱଳ, ପିତୃତ୍ୱର ଗୌରବରେ

Digitized by srujanika@gmail.com

ମହିମାମୟ । ସ୍ନେହସ୍ନିଗ୍ଧ କଣ୍ଠରେ ସେ କହିଲେ — ''ହିଡ଼ିମ୍ବା ପୁତ୍ର ବୀର ଘଟହୋଚ ! ମା' ଯାଜ୍ଞସେନୀଙ୍କୁ ପ୍ରଣାମ କର । ତମର ପିତାଙ୍କୁ ମା' ଯାଜ୍ଞସେନୀଙ୍କ ସହ ପରିଚୟ କରାଇଦେବାରେ ମୋର ଆପତ୍ତି ନାହିଁ, ମାତ୍ର ଦୟାକରି ତମର ରାକ୍ଷାସୁଣୀ ମାତା ହିଡ଼ିମ୍ବାକୁ ହସ୍ତିନାର ରାଜବଧୂ ଦ୍ରୁପଦ ରାଜନନ୍ଦିନୀ, ପାଞ୍ଚାଳିଙ୍କ ସହ ପରିଚୟ କରାଇ ଦିଅନାହିଁ, କାରଣ ହିଡ଼ିମ୍ବାକୁ ଦେଖିବାମାତ୍ରେ ରାଜନନ୍ଦିନୀ ରାଜବଧୂ ବିଦୁଷୀ, ଆର୍ଯ୍ୟକନ୍ୟା କୃଷ୍ଣା ଶିକ୍ଷାଦୀକ୍ଷା ସଂସ୍କାର ଆଭିଜାତ୍ୟ ଭୁଲି ରାକ୍ଷାସୁଣୀ ପାଲଟିଯିବେ । ଦୁଇଜଣ ରାକ୍ଷାସୁଣୀ ସାମ୍ନାସାମ୍ନି ହୋଇଯିବା ପରେ ଆମ ତୀର୍ଥଯାତ୍ରାର ଯୋଜନା ପଣ୍ଡ ହୋଇଯିବ ।''

ଭୀମସେନଙ୍କ ରସିକତାରେ ସମସ୍ତେ ହସିଉଠିଲେ । ଘଟୋହଚ ମୋତେ ପ୍ରଣାମ କରୁ କରୁ ମୁଁ ଉଠିପଡ଼ି ତାକୁ କୋଳାଗ୍ରତ କଲି । ତା'ର ସ୍ପର୍ଶରେ ମୋ ପଞ୍ଚପୁତ୍ରଙ୍କର ସ୍ପର୍ଶ ଅନୁଭବ କରି ମୁଁ ବାତ୍ସଲ୍ୟ ମମତାରେ ଅଶ୍ରୁ ଝରାଇଲି । ଘଟୋହଚକୁ କଣ୍ଠରେ ଲଗାଇ କହିଲି — ''ବାପା ଘଟୋହଚ, ତୋର ମହିୟସୀ ଜନନୀକୁ ମୁଁ ପ୍ରଣାମ ଜଣାଉଛି । ବଣ ଜଙ୍ଗଲର ଅଧିବାସିନୀ ହୋଇ ମଧ୍ୟ ସେ ତମକୁ ଯେଉଁଭଳି ଭଦ୍ର, ନମ୍ର, ଶିଷ୍ଟ ହେବାପାଇଁ ଶିକ୍ଷା ଦେଇଛନ୍ତି, ତାହାହିଁ ତାଙ୍କର ପରିଚୟ। ମୋ ଉପରେ ରାଗକଲେ ଭୀମସେନ ତମର ମାତା ହିଡ଼ିମ୍ବାଙ୍କ ପାଖକୁ ଘୁଲିଆସନ୍ତି । କି ହଟହଟା ତାଙ୍କୁ ଭୀମସେନ କରୁଥିବେ, ସେ କଥା ମୋ ବ୍ୟତୀତ ଅନ୍ୟ କିଏ ବୁଝିବ ? ମା' ହିଡ଼ିମ୍ବାଙ୍କୁ ମୋର ଶତ ପ୍ରଣାମ ଓ ଧନ୍ୟବାଦ ଜଣାଇବ । ହସ୍ତିନାପୁରୀକୁ ଆମେ ଫେରିଯିବା ପରେ କୌରବମାନଙ୍କସହ ସବୁ ଦ୍ୱନ୍ଦ୍ୱର ସମାଧାନ ହୋଇସାରିଲେ ମା ହିଡ଼ିମ୍ବାଙ୍କ ସହ ତମେ ପିତାଙ୍କ ରାଜ୍ୟକୁ ଆସିବ । ସେଥିପାଇଁ ନିମନ୍ତ୍ରଣର ଆବଶ୍ୟକତା ନାହିଁ । ସେ ତମର ଅଧିକାର । ଭୀମସେନଙ୍କ କଥା ସତ୍ୟମଣି ଭାବିବ ନାହିଁ ଯେ ତମ ମା'ଙ୍କୁ ଦେଖିବା ମାତ୍ରେ ମୁଁ ସପତଣୀ ଈର୍ଷାରେ ରାକ୍ଷାସୁଣୀ ପାଲଟି ଯାଇ ତାଙ୍କୁ ଖରାପ ବ୍ୟବହାର କରିବି । ଭଦ୍ରା ମଧ୍ୟ ମୋର ସପତଣୀ । ସେ ମୋ ସହ ଇନ୍ଦ୍ରପ୍ରସ୍ଥରେ ଏକତ୍ର ରହେ । ସାନଭଉଣୀ ଛଡ଼ା ଭିନ୍ନ ଦୃଷ୍ଟିରେ ତାକୁ ମୁଁ ଦେଖିନାହିଁ । ତମର ମା' ମୋ'ଠାରୁ ବୟସରେ ଓ ଅଭିଜ୍ଞତାରେ ବଡ଼ । ସେ ମୋର ବଡ଼ଭଉଣୀ, ନମସ୍ୟା । ଭୀମସେନଙ୍କ ମୁହଁରେ ତମ ମା'ଙ୍କର ଭୁରିଭୁରି ପ୍ରଶଂସା ଶୁଣି ଅବଶ୍ୟ ତାଙ୍କୁ ଈର୍ଷା କରିଛି; ମାତ୍ର ଆଜି ତମକୁ ଦେଖିବା ପରେ ମୋ ମନରେ ତାଙ୍କ ପାଇଁ ନିର୍ମଳ ଭକ୍ତି ଛଡ଼ା ଅନ୍ୟ କିଛି ନାହିଁ । ମା'ଙ୍କୁ ମୋର ମନକଥା ଜଣାଇବ ।''

ଘଟୋହଚ ନୀରବରେ ସମ୍ମତି ଜଣାଇଲା ଏବଂ ମତେ କାନ୍ଧରେ ବସାଇ ବାଟ ଘୁଲିବାକୁ ଆରମ୍ଭ କଲା । ମୋର ଏ ଅବସ୍ଥା ଦେଖି ଭୀମସେନ ପୁତ୍ର ଘଟୋହଚକୁ

Digitized by srujanika@gmail.com

ସ୍ମରଣ କରିଥିଲେ । ଘଟୋତ୍କଚ ମତେ ଫୁଲଭଳି ଟେକିଧରି ପବନ ବେଗରେ ପାର୍ବତ୍ୟ ପଥରେ ଅଭ୍ୟସ୍ତ ପାଦ ପକାଇ ଗ୍ଲଲିଲା ଏବଂ ଖୁବ୍ ଶୀଘ୍ର ଆମେ ବଦରିକା ଆଶ୍ରମରେ ପହଞ୍ଚିଗଲୁ ।

ଘଟୋତ୍କଚ ବିଦାୟ ପ୍ରଣତି ଜଣାଇଲା ଏବଂ ମୁଁ ତାକୁ ଦୀର୍ଘଜୀବୀ ହେବାର ଆଶୀର୍ବାଦ କରି ପୁଣି ଥରେ ହସ୍ତିନାପୁରୀ ଆସିବା ପାଇଁ ସ୍ମରଣ କରାଇଦେଲି । ଘଟୋତ୍କଚର ଦର୍ଶନରେ ମୁଁ କିଛିକ୍ଷଣ ମୋର ପଞ୍ଚପୁତ୍ର ଏବଂ ପୁତ୍ର ଅଭିମନ୍ୟୁର କଥା ଭୁଲିଗଲି ।

॥ ୩୭ ॥

ବଦରିକାଶ୍ରମର ପ୍ରାକୃତିକ ପରିବେଶ ମୋର ସନ୍ତାପିତ ହୃଦୟକୁ ଶୀତଳ କରିଦେଲା । ଅର୍ଜୁନ ଏହିଠାରୁ ହିଁ ସ୍ୱର୍ଗଯାତ୍ରା କରିଥିଲେ । ତେଣୁ ଏ ହେଉଛି ମୋର ପରମ ତୀର୍ଥଭୂମି । ବଦରିକାଶ୍ରମର ମୁନି ଋଷିମାନଙ୍କଠାରୁ ଶୁଣିଲୁ ଅର୍ଜୁନ ପାଞ୍ଚବର୍ଷ ପରେ ସ୍ୱର୍ଗରାଜ୍ୟରୁ ଫେରିବେ । ପାଞ୍ଚବର୍ଷ ଧରି କି ବିଶେଷ କାର୍ଯ୍ୟରେ ସ୍ୱର୍ଗରାଜ୍ୟରେ ଅର୍ଜୁନ ଅଟକି ରହିବେ ଈଶ୍ୱରଙ୍କ ଛଡ଼ା କିଏ ଜାଣେ ? ମୁଁ ସ୍ଥିର କଲି ପାଞ୍ଚବର୍ଷ ପର୍ଯ୍ୟନ୍ତ ଏହିଠାରେ ହିଁ ଅର୍ଜୁନଙ୍କର ପ୍ରତୀକ୍ଷା କରିବି । ଏ କଥାରେ ସମସ୍ତେ ଏକମତ ହେଲେ ଏବଂ ଅର୍ଜୁନଙ୍କୁ ଫେରାଇ ଆଣିବା ପାଇଁ ଜପତପ ଆରମ୍ଭ କଲେ । ମୁଁ ନିଷ୍ଠାର ସହ ଅର୍ଜୁନଙ୍କ ପ୍ରତ୍ୟାବର୍ତ୍ତନ ପାଇଁ ବ୍ରତ ପାଳନ କଲି ।

ବଦରିକାଶ୍ରମରେ ବ୍ରତପାଳନ କାଳରେ ମୋ ପାଇଁ ଭୀମସେନଙ୍କ ପ୍ରକୃତ ପ୍ରେମର ପରିଚୟ ପାଇଲି । ସେ ମୋର ଯେକୌଣସି ଇଚ୍ଛାକୁ ସଙ୍ଗେ ସଙ୍ଗେ ପୂରଣ କରୁଥିଲେ ଓ ମୋ ପାଖେ ପାଖେ ଛାଇପରି ଲାଗିରହିଥିଲେ । ବ୍ରତପାଳନ ଫଳରେ ଏକଓଳି ଉପବାସ ଓ ଏକଓଳି ଫଳାହାର ଯୋଗୁଁ ମୋ ଶରୀର କ୍ଷୀଣ ହୋଇଥିଲେ ମଧ୍ୟ ମୋର ସୌନ୍ଦର୍ଯ୍ୟ ଓ କାନ୍ତି ଦୀପଶିଖାଭଳି ଅଧିକ ନିର୍ମଳ ଓ କୋମଳ ହୋଇଉଠିଥିଲା । ଭୀମସେନ ତାଙ୍କର ଚିର ଅଭ୍ୟସ୍ତ କଟୁବାକ୍ୟ ନ କହି ମୋ ପ୍ରତି ଖୁବ୍ କୋମଳ ମଧୁର ଭାଷା ପ୍ରୟୋଗ କରୁଥିଲେ । ବଡ଼ଭାଇଙ୍କ ଦ୍ୟୁତକ୍ରୀଡ଼ାର ଆସକ୍ତି ଓ ଅଦୂରଦର୍ଶିତା ଯୋଗୁଁ ରାଜକନ୍ୟା ହୋଇ ମଧ୍ୟ ମତେ ଏତେ ଦୁଃଖ ଭୋଗ କରିବାକୁ ପଡୁଛି ବୋଲି ସେ ଯୁଧିଷ୍ଠିରଙ୍କୁ ପ୍ରକାଶ୍ୟରେ ଭର୍ତ୍ସନା କରୁଥିଲେ । ଅର୍ଜୁନ ଏତେଦିନ ଧରି ସ୍ୱର୍ଗରାଜ୍ୟରେ ବିଳାସବ୍ୟସନ ନୃତ୍ୟଗୀତରେ ମାତିରହି ମତେ ବିରହ ଦୁଃଖରେ ଜାଳୁଛନ୍ତି ବୋଲି ତାଙ୍କୁ ମଧ୍ୟ ଭର୍ତ୍ସନା କରୁଥିଲେ । ନକୁଳ ଏବଂ ସହଦେବ ମୋ କଥା କିଛି ନବୁଝି ନିଜ

Digitized by srujanika@gmail.com

କାର୍ଯ୍ୟରେ ବ୍ୟସ୍ତରହି ଦାୟିତ୍ୱହୀନତାର ପରିଚୟ ଦେଉଛନ୍ତି ବୋଲି ସେମାନଙ୍କୁ ଭର୍ତ୍ସନା କରୁଥିଲେ । ଭୀମସେନଙ୍କ ପାହାଡ଼ ସଦୃଶ ବିଶାଳ ବପୁ ଭିତରେ କୋମଳ ପ୍ରେମର ମନ୍ଦାକିନୀ ଧାରା ମୋ ପାଇଁ ପ୍ରବାହିତ ହେଉଛି ଜାଣି ମୁଁ ଅର୍ଜୁନ ବିରହ ଦୁଃଖ ବେଳେବଳେ ଭୁଲିଯାଉଥିଲି ।

ପାଞ୍ଚବର୍ଷ ପୂରଣ ହେବାର ଦିନ ନିକଟତମ ହେଉଥାଏ । ଭୀମସେନ ଏବଂ ମୁଁ ଅରଣ୍ୟରେ ବୁଲୁଛୁ, ହଠାତ୍ ପବନରେ ସହସ୍ର ପାଖୁଡ଼ାର ଏକ ସୁବର୍ଣ୍ଣ ରଙ୍ଗର ଅତ୍ୟନ୍ତ ସୁଗନ୍ଧିଯୁକ୍ତ ପଦ୍ମଫୁଲ ଉତ୍ତର-ପୂର୍ବ କୋଣରୁ ଉଡ଼ିଆସି ମୋ ଉପରେ ପଡ଼ିଲା । ଫୁଲଟିର ମଧୁର ସୁରଭି ଏବଂ ଅପୂର୍ବ ସୌନ୍ଦର୍ଯ୍ୟରେ ମୁଁ ମୁଗ୍ଧ ହୋଇଗଲି । ଫୁଲଟିକୁ ହାତରେ ଧରି ଦେଖୁ ଦେଖୁ ଅନାୟାସରେ କହିପକାଇଲି — ''ଏଭଳି ଶହେଟି ପଦ୍ମଫୁଲ କେହି ମତେ ଆଣିଦେଲେ ମୁଁ ମାଳାଗୁନ୍ଥି ଅର୍ଜୁନଙ୍କ ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ସାଇତି ରଖନ୍ତି । ନିଷ୍ଠା ଏବଂ ପବିତ୍ରତାର ଜଳ ସିଞ୍ଚି ଆଉ ଅଳ୍ପ କେତେଦିନ ମାଳାଟିକୁ ମୁଁ ସତେଜ ରଖିପାରିବି ଏ ବିଶ୍ୱାସ ମୋର ଅଛି !

ମୋ ପାଟିରୁ କଥା ସରିନାହିଁ ଭୀମସେନ ପବନ ବେଗରେ ଉତ୍ତର-ପୂର୍ବ ଦିଗରେ କୈଳାସ ପର୍ବତକୁ ଲକ୍ଷ୍ୟରଖି ଦୃଷ୍ଟିପଥରୁ ଅନ୍ତର ହୋଇଗଲେ ।

ବହୁ ସମୟ ପର୍ଯ୍ୟନ୍ତ ଭୀମସେନ ନ ଫେରିବାରୁ ମୁଁ ବିଚଳିତା ହେଲି ଏବଂ ଯୁଧିଷ୍ଠିରଙ୍କୁ ସବୁକଥା ଜଣାଇଲି । ଯୁଧିଷ୍ଠିର ବ୍ୟସ୍ତହୋଇ ସହଦେବଙ୍କୁ ପଗ୍ଧରିବାରୁ ସେ ସବୁକଥା କହିଲେ ।

କୈଳାସ ପର୍ବତ ଉପରେ କୁବେରଙ୍କ ସରୋବରରେ ଫୁଟିଛି ସୁବର୍ଣ୍ଣ ରଙ୍ଗର ଅତ୍ୟନ୍ତ ମୂଲ୍ୟବାନ ପଦ୍ମ । ଭୀମସେନ ସେଠାରେ ପହଞ୍ଚି କାହାରି ଅନୁମତି ନନେଇ ଶହେଟି ଫୁଲ ତୋଳିଛନ୍ତି । ମାତ୍ର କୁବେରଙ୍କ ଅନୁମତି ନେଇ ନଥିବାରୁ ସରୋବର-ରକ୍ଷକ ରାକ୍ଷସମାନେ ତାଙ୍କୁ ପ୍ରତିରୋଧ କରିଛନ୍ତି । ଫଳରେ ଭୀମସେନ ଭୀଷଣ ରାଗିଯାଇ ରାକ୍ଷସମାନଙ୍କ ସହ ସଂଗ୍ରାମରତ ଅଛନ୍ତି ।

ଯୁଧିଷ୍ଠିର ଏ ସମ୍ବାଦରେ ବ୍ୟସ୍ତ ହେଲେ । ମତେ ସଙ୍ଗରେ ନେଇ କୈଳାସ ପର୍ବତ ଅଭିମୁଖେ ଯାତ୍ରାକରି କୁବେରଙ୍କ ସରୋବର ନିକଟରେ ପହଞ୍ଚିଲେ ଓ ଭୀମସେନଙ୍କୁ ଯୁଦ୍ଧରୁ କ୍ଷାନ୍ତ କଲେ । ଭୀମସେନଙ୍କ ଉପରେ ସେ ବିରକ୍ତ ହେଲେ । ତାଙ୍କର ଅନୁମତି ନନେଇ ଏଭଳି କାର୍ଯ୍ୟ କରିବା ଭୀମସେନଙ୍କ ପକ୍ଷେ ଉଚିତ ହୋଇନାହିଁ ବୋଲି ଯୁଧିଷ୍ଠିର ମନ୍ତବ୍ୟ କରିବାରୁ ଭୀମସେନ କହିଲେ — ''ଏ କାର୍ଯ୍ୟ ବସ୍ତୁତଃ ତୁମର । ସ୍ତ୍ରୀ'ର ଇଚ୍ଛା ପୂର୍ଣ୍ଣ କରିବା ସ୍ୱାମୀର ଧର୍ମ । ଦ୍ରୌପଦୀ ସୁବର୍ଣ୍ଣପଦ୍ମକୁ ଲୋଭାଇଲେ ତୋଳିଆଣି ଦେବା ତମର କର୍ତ୍ତବ୍ୟ । ମୁଁ ତାହା ତମ ତରଫରୁ ହିଁ କରିଛି ।''

Digitized by srujanika@gmail.com

ଯୁଧିଷ୍ଠିର ସ୍ଥିର କଣ୍ଠରେ କହିଲେ — ''ବ୍ରତଘ୍ନଚିଣୀ ଅରଣ୍ୟବାସିନୀ ଯାଜ୍ଞସେନୀ ସୁବର୍ଣ୍ଣ ରଙ୍ଗର ପଦ୍ମ ପାଇଁ ଲୋଭାଇବା ଯେପରି ଠିକ୍ କଥା ନୁହେଁ, ତୁ ମଧ୍ୟ ମାଲିକଙ୍କର ଅନୁମତି ନ ନେଇ ଫୁଲ ତୋଳିବା ସେହିପରି ଉଚିତ ନୁହେଁ । ଧନରତ୍ନ ସୁବର୍ଣ୍ଣ ପାଇଁ ସ୍ତ୍ରୀମାନଙ୍କର ଲୋଭହେବା ସ୍ୱାଭାବିକ । ସେତେବେଳେ ଉଚିତ ଅନୁଚିତର ବିଗ୍ୱର ସେମାନେ କରିପାରନ୍ତି ନାହିଁ । କିନ୍ତୁ ପୁରୁଷ ପକ୍ଷରେ ପ୍ରଲୋଭନ ଯୋଗୁଁ ହିତାହିତ ଜ୍ଞାନ ଭୁଲିଯିବା କ୍ଷମଣୀୟ ନୁହେଁ ।''

ଭୀମସେନ ନିଜ କାର୍ଯ୍ୟର ଯଥାର୍ଥତା ପ୍ରତିପାଦନ କରିବା ପାଇଁ କହିଲେ— ''ଅରଣ୍ୟବାସିନୀ ସୀତା ଦିନେ ସ୍ୱର୍ଣ୍ଣମୃଗ ପାଇଁ ପ୍ରଲୋଭିତା ହୋଇଥିଲେ । ପ୍ରଭୁ ରାମଚନ୍ଦ୍ର ପତ୍ନୀ ଇଚ୍ଛା ପୂର୍ଣ୍ଣ କରିବା ନିମନ୍ତେ ହିତାହିତ ଜ୍ଞାନ ଭୁଲି ସ୍ୱର୍ଣ୍ଣମୃଗ ପଛରେ ଧାଇଁଥିଲେ । ମୁଁ ତ ଛାର୍ ମାନବ ମାତ୍ର । ପତ୍ନୀଙ୍କ ଇଚ୍ଛା ପୂର୍ଣ କରିବା ପାଇଁ କାର୍ଯ୍ୟ କରିବା ମୋ ପକ୍ଷେ ସ୍ୱାଭାବିକ । ସୀତାଙ୍କର ଏକମାତ୍ର ସ୍ୱାମୀ ରାମଚନ୍ଦ୍ର ପତ୍ନୀଙ୍କ ଇଚ୍ଛାକୁ ଶିରୋଧାର୍ଯ୍ୟ କରି ସ୍ୱର୍ଣ୍ଣମୃଗ ଆଣିଦେବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ । ଯାଜ୍ଞସେନୀ ପଞ୍ଚସ୍ୱାମୀଙ୍କର ପତ୍ନୀ । ସମସ୍ତେ ଶୌର୍ଯ୍ୟ, ବୀର୍ଯ୍ୟ, ପରାକ୍ରମରେ ଏକୁ ଆରେକ ବଳି । ଅଥଚ ସ୍ୱର୍ଣ୍ଣରଙ୍ଗର ପଦ୍ମପାଇଁ ତାଙ୍କ ମନର ନିରୀହ ଆକାଂକ୍ଷାକୁ ମୁଁ ଅବହେଳା କରିଥା'ନ୍ତି କିପରି ? ରାଜନନ୍ଦିନୀ କୃଷ୍ଣା ଆମମାନଙ୍କ ପାଇଁ କି ତ୍ୟାଗ ସ୍ୱୀକାର ନ କରିଛନ୍ତି, କେତେ ଦୁଃଖ ଲାଞ୍ଛନା ନ ସହିଛନ୍ତି ! ରାଜ୍ୟ ଛାଡ଼ି ଆସିବାବେଳେ ତାଙ୍କ ଶରୀରରୁ ସମସ୍ତ ଅଳଙ୍କାର କର୍ଣ୍ଣଙ୍କ ନିର୍ଦ୍ଦେଶରେ କାଢ଼ି ନିଆଯାଇ ତାଙ୍କୁ କି ପ୍ରକାର ଅପମାନିତା ନ କରାଯାଇଛି ! ଅଥଚ ଏଇ ସାମାନ୍ୟ ଇଚ୍ଛା ପୂର୍ଣ୍ଣ କରିବା ମୋର ଭୁଲ୍ ବୋଲି ଆପଣ କହୁଛନ୍ତି ?'' ଭୀମସେନ ରାଗିଯାଇଥିଲେ ଏ ଭିତରେ । ସେ ବେଳୁବେଳ ଉତ୍ତେଜିତ ହୋଇ-ଉଠୁଥିଲେ ।

ଯୁଧିଷ୍ଠିର ତେବେ ମଧ୍ୟ ଶାନ୍ତ ଶୀତଳ ଧୀରସ୍ଥିର ଭାବରେ ସବୁକଥା ବିଗ୍ୱର କରି ଉତ୍ତର ଦେଲେ — ''ପ୍ରଭୁ ରାମଚନ୍ଦ୍ର ସ୍ୱର୍ଣ୍ଣମୃଗ ପଛରେ ଧାଇଁବାର ଶେଷଫଳ କ'ଣ ହେଲା ସମସ୍ତେ ଜାଣନ୍ତି । ମା' ଜାନକୀଙ୍କର ସ୍ୱର୍ଣ୍ଣକାମନା ତାଙ୍କୁ କି ପ୍ରକାର ଦୁଃଖ ଓ ବିପଦ ଭିତରକୁ ଟାଣିନେଲା ତା' ମଧ୍ୟ ତମେ ଜାଣ । ରାମଚନ୍ଦ୍ର ଓ ସୀତାଙ୍କ ଜୀବନରେ ସେଇଠାରୁ ହିଁ ଦୁଃଖର ଆରମ୍ଭ । ତେଣୁ ତାହାହିଁ ହେଉଛି ଜଗତଜନଙ୍କ ପାଇଁ ଚେତାବନୀ । ବର୍ତ୍ତମାନ ଦେଖ ସ୍ୱର୍ଣ୍ଣରଙ୍ଗର ପଦ୍ମପାଇଁ ତୁ କେତେ ଜୀବନ ନାଶ କଲୁଣି । ମୁଁ ଏଠାରେ ପହଞ୍ଚି ନଥିଲେ ତୋର ଜୀବନ ମଧ୍ୟ ସଙ୍କଟାପନ୍ନ ହୋଇଥା'ନ୍ତା । ଧନପତି କୁବେର ଏଭଳି ଅନଧିକାର କାର୍ଯ୍ୟକୁ କେବେହେଲେ କ୍ଷମା କରିନଥା'ନ୍ତେ । ଆଗପଛ ନ ବିଗ୍ୱରି ବୀରତ୍ୱ ଦେଖାଇବା ପାଇଁ ନିଆଁକୁ ଡେଇଁପଡ଼ିବା ତୋର ତ ସହଜେ

Digitized by srujanika@gmail.com

ଜନ୍ମଗତ ଗୁଣ; ମାତ୍ର ବିଦୁଷୀ, ବିଦ୍ୟାବତୀ, ଶାସ୍ତ୍ରନିପୁଣା ଯାଜ୍ଞସେନୀ କିପରି ସ୍ୱର୍ଣ୍ଣ ଲୋଭରେ ହିତାହିତ ଜ୍ଞାନରହିତା ହୋଇ ତତେ ଏଠାକୁ ପ୍ରେରଣ କଲେ, ତାହାହିଁ ମତେ ଚିନ୍ତାରେ ପକାଉଛି । ଯାଜ୍ଞସେନୀଙ୍କର ଏହି ନାଗୀସୁଲଭ ସ୍ୱର୍ଣ୍ଣନିଶା ଦିନେ ନା ଦିନେ ଆମମାନଙ୍କର ବିନାଶର କାରଣ ହେବ, ଏଥିରେ ସନ୍ଦେହ ନାହିଁ । ଭାବିଥିଲି ସାଧାରଣ ରାଜକନ୍ୟାଠାରୁ ଯାଜ୍ଞସେନୀ ବହୁ ଉଚ୍ଚରେ — କିନ୍ତୁ —'' ଯୁଧିଷ୍ଠିର ଆଉ ଅଧିକ କହିଲେ ନାହିଁ । ସେତେବେଳକୁ ମୁଁ ଲଜ୍ଜା, ଦୁଃଖ, ଅଭିମାନ ଓ ଅନୁତାପରେ ମ୍ଲାନହୋଇ ଠିଆହୋଇଥିଲି । ବହୁ କଷ୍ଟରେ ଅଶ୍ରୁ ଗୋପନ କରିବାର ଚେଷ୍ଟା କରୁଥିଲି । ଯୁଧିଷ୍ଠିର କୁବେରଙ୍କଠାରୁ ଭୀମସେନଙ୍କ ଅନୁଚିତ କାର୍ଯ୍ୟ ପାଇଁ କ୍ଷମା ମାଗିନେଲେ ।

କୁବେର ମୋର ଏ ଅବସ୍ଥା ଲକ୍ଷ୍ୟକରି ଅତ୍ୟନ୍ତ ଦୁଃଖ ପ୍ରକାଶ କରି କହିଲେ— ''ଦେବୀ ଦ୍ରୌପଦୀ ସ୍ୱର୍ଣ୍ଣକମଳ ସ୍ପୃହାନ୍ତି, ଏତିକି ମାତ୍ର କଥା ମତେ ଜଣାଇଦେଇଥିଲେ ମୁଁ ଦଶଲକ୍ଷ ସ୍ୱର୍ଣ୍ଣକମଳ ପ୍ରେରଣ କରିଥା'ନ୍ତି । ଭୀମସେନ କାହାକୁ କିଛି ନକହି, ମୋର ଅନୁମତିକୁ ଭ୍ରୂକ୍ଷେପ ନକରି ସ୍ୱର୍ଣ୍ଣକମଳ ତୋଳିବାରୁ ଏ ପରିସ୍ଥିତି ଉପୁଜିଛି । ଯାହା ହେବାର ହେଲାଣି, ବର୍ତ୍ତମାନ ଯେତେ ଇଚ୍ଛା ସେତେ ସ୍ୱର୍ଣ୍ଣକମଳ ଭୀମସେନ ତାଙ୍କର ପ୍ରାଣପ୍ରିୟା ପତ୍ନୀ ଦ୍ରୌପଦୀଙ୍କୁ ଉପହାର ଦେଇପାରନ୍ତି । ତା'ଛଡ଼ା ଆହୁରି ଦଶଲକ୍ଷ ସ୍ୱର୍ଣ୍ଣକମଳ ମୁଁ ଦେବୀ କୃଷ୍ଣାଙ୍କୁ ମୋ ତରଫରୁ ଉପହାର ଦେଉଛି । ତାଙ୍କ ପଦର ସ୍ୱର୍ଣ୍ଣରେଣୁ ସ୍ୱର୍ଗରେ ମୋ ସରୋବରସ୍ଥ ସ୍ୱର୍ଣ୍ଣକମଳର ଶୋଭା ବୃଦ୍ଧି ହୋଇଛି । ଏହି ସୌଗନ୍ଧିକ ସ୍ୱର୍ଣ୍ଣରଙ୍ଗର ସହସ୍ର ପାଖୁଡ଼ାଯୁକ୍ତ ପଦ୍ମ ସ୍ୱର୍ଣ୍ଣଠାରୁ ମଧ୍ୟ ଶତଗୁଣ ମୂଲ୍ୟବାନ । କେବଳ ଦେବୀ ଦ୍ରୌପଦୀଙ୍କୁ ମୁଁ ଅକୁଣ୍ଠଚିତ୍ତରେ ଉପହାର ଦେଇପାରେ ।''

ମୁଁ ପ୍ରତିବାଦ କଲି । ନମ୍ର କଣ୍ଠରେ କହିଲି, ''ଆପଣଙ୍କ ଉପହାର ଗ୍ରହଣ କରିବା ମୋ ପକ୍ଷେ ଆଉ ସମ୍ଭବ ନୁହେଁ । ମୁଁ ଏଇ ମୁହୂର୍ତ୍ତରେ, ଧର୍ମ ପୁଷ୍କରିଣୀ ତୀରରେ ଠିଆହୋଇ ପ୍ରତିଜ୍ଞା କରିଛି ଜୀବନରେ ଆଉ କେବେହେଲେ ସ୍ୱର୍ଣ୍ଣ, ରୌପ୍ୟ, ରତ୍ନ ଇତ୍ୟାଦିର ଅଳଙ୍କାର ପିନ୍ଧିବି ନାହିଁ ଏବଂ ସେସବୁ ନିଜର ବିଳାସ ପଦାର୍ଥ ଭାବରେ ବ୍ୟବହାର କରିବି ନାହିଁ । ଆପଣ ଜାଣନ୍ତି ମୋ ପ୍ରତିଜ୍ଞାରେ ମୁଁ ଚିରଦିନ ଅଟଳ ରହିଆସିଛି । ତେଣୁ ମତେ କ୍ଷମା କରନ୍ତୁ । ଏହି କମଳ ସ୍ୱର୍ଣ୍ଣରଙ୍ଗର ହୋଇଥିବାରୁ ଏବଂ ଅତ୍ୟନ୍ତ ମୂଲ୍ୟବାନ ହୋଇଥିବା ଯୋଗୁଁ ମୁଁ ଏହାକୁ ଗ୍ରହଣ କରିବି ନାହିଁ । ପ୍ରକୃତରେ ମଣିଷର ଭୂଷଣ ଅଳଙ୍କାର ନୁହେଁ — ନିଜର କର୍ମ, ବ୍ୟକ୍ତିତ୍ୱ, ସୁଗୁଣ । ତାହା ଜାଣି ମଧ୍ୟ ଲୋଭବଶତଃ ମୁଁ ଭୁଲିଯାଇଥିଲି । ଯୁଧିଷ୍ଠିର ଉପଯୁକ୍ତ ସମୟରେ ମତେ ଚେତାବନୀ ଦେଇ କୃତାର୍ଥ କରିଛନ୍ତି ।''

Digitized by srujanika@gmail.com

କୁବେର ଅତ୍ୟନ୍ତ ବିନୟ ସହକାରେ କହିଲେ — ''ଦେବି, ଆପଣ ମୋର ଉପହାର ଗ୍ରହଣ ନକଲେ ମୋ ମନରେ ଦାରୁଣ ଆଘାତ ହେବ । ସହଜେ ତ କୃପଣ ବୋଲି ମୋର ଦୁର୍ନାମ ରହିଛି । ଆଜି ଏ ତୁମୁଳକାଣ୍ଡ ପରେ ଆପଣ ଖାଲି ହାତରେ ମୋ ସରୋବର ତୀରରୁ ଫେରିଗଲେ ଲୋକେ ମତେ କ'ଣ କହିବେ ? ଆପଣ ବ୍ୟବହାର କରନ୍ତୁ ନ କରନ୍ତୁ ମୋର ଉପହାର ଗ୍ରହଣ କରି ମୋତେ ଅପନିନ୍ଦାରୁ ରକ୍ଷା କରନ୍ତୁ । ଧନ ଅପବ୍ୟୟର ମୁଁ ପକ୍ଷପାତୀ ନୁହେଁ, ମାତ୍ର ଉପଯୁକ୍ତ କାର୍ଯ୍ୟରେ ଧନ ବିନିଯୋଗ କରିବାରେ ମୁଁ କେବେ କୁଣ୍ଠିତ ହୋଇନାହିଁ । ଆପଣ ସ୍ୱର୍ଣ୍ଣକମଳଗୁଡ଼ିକୁ କୌଣସି ମହତ କାର୍ଯ୍ୟରେ ଲଗାଇ ପାରନ୍ତି ।''

କୁବେରଙ୍କ ଆନ୍ତରିକତାପୂର୍ଣ୍ଣ କଥା ମୋ ଆଗରେ ଅନ୍ଧକାର ଭିତରେ ଆଲୋକର ପଥ ପରିଷ୍କାର କରିଦେଲା । କାମ୍ୟକ ବନରେ ପହଞ୍ଚିବା ପରଠୁ ମୁଁ ଯେଉଁ ସ୍ୱପ୍ନକୁ ସତ୍ୟରେ ପରିଣତ କରିବା ପାଇଁ ମନେ ମନେ ସଂକଳ୍ପ କରିଥିଲି ତାହା ଯେ ଏତେ ଶୀଘ୍ର ସମ୍ଭବ ହେବ, ସେକଥା କିଏ ଜାଣିଥିଲା ? ମୁଁ ବିନମ୍ର କଣ୍ଠରେ କହିଲି — ''ମହାଶୟ, ନଗର ଅଧିବାସୀ ଆର୍ଯ୍ୟକୁଳ ଏବଂ ଅରଣ୍ୟ ଅଧିବାସୀ ଆର୍ଯ୍ୟେତର ଗୋଷ୍ଠୀ ମଧ୍ୟରେ ସମନ୍ୱୟ ଓ ସୁସମ୍ପର୍କର ଅଭାବ ଯୋଗୁ ଆର୍ଯ୍ୟ-ଆର୍ଯ୍ୟେତର ଚିନ୍ତାଧାରା ଓ ଜୀବନଯାପନ ପ୍ରଣାଳୀରେ ଯେଉଁ ବୈଷମ୍ୟ ଦେଖାଯାଇଛି ତାହା ଭବିଷ୍ୟତ ପାଇଁ ଶୁଭ ସୂଚନା ନୁହେଁ । ଅରଣ୍ୟ ଅଧିବାସୀମାନେ ଶିକ୍ଷା ସଭ୍ୟତାର ଦୂରରେ ରହି ନିଜକୁ ଆର୍ଯ୍ୟମାନଙ୍କଠାରୁ ନ୍ୟୂନ ଏବଂ ହୀନ ମଣୁଥିବା ସ୍ଥଳେ ଆର୍ଯ୍ୟମାନେ ନିଜକୁ ଆର୍ଯ୍ୟେତରମାନଙ୍କଠାରୁ ଶ୍ରେଷ୍ଠ ମନେକରୁଛନ୍ତି । ଏହି ଭ୍ରମଧାରଣା ଯୋଗୁଁ ବର୍ତ୍ତମାନ ଦୁଇଗୋଷ୍ଠୀ ମଧ୍ୟରେ ଶତ୍ରୁତା ବୃଦ୍ଧି ପାଇବାରେ ଲାଗିଛି । ଅଥଚ ସେମାନଙ୍କ ସହ ସୁସମ୍ପର୍କ ସ୍ଥାପନ କରିବା ପାଇଁ ସାମାନ୍ୟ ଚେଷ୍ଟା କଲେ ସେମାନେ ବନ୍ଧୁତ୍ୱର ଚରମ ନିଦର୍ଶନ ଦେଖାନ୍ତି । ତା'ର ପ୍ରମାଣ ହେଉଛି କାମ୍ୟକ ବନରେ କିର୍ମୀକ ଶବରର ଗୋଷ୍ଠୀସହ ପାଣ୍ଡବମାନଙ୍କର ସହାବସ୍ଥାନ ଓ ବନ୍ଧୁତ୍ୱ । କିନ୍ତୁ ସଂଯୋଗ ବିନା ସୁସମ୍ପର୍କ ସ୍ଥାପନରେ ଅନେକ ବାଧା ଉପୁଜୁଛି । ଯଦି ଦୁର୍ଗମ ଅରଣ୍ୟ ମଧ୍ୟରେ ରାସ୍ତାଘାଟର ସୁବିଧା ଥା'ନ୍ତା ତେବେ ଅରଣ୍ୟ ଅଧିବାସୀଙ୍କ ସହ ସମ୍ପର୍କ ସ୍ଥାପନ ସହଜ ହୁଅନ୍ତା । ସେମାନେ ମଧ୍ୟ ନଗର ଏବଂ ତୀର୍ଥସ୍ଥାନମାନଙ୍କୁ ସହଜରେ ଯାତାୟାତ କରିପାରନ୍ତେ । ଫଳରେ ଆର୍ଯ୍ୟ ଏବଂ ଆର୍ଯ୍ୟେତର ଗୋଷ୍ଠୀ, ମୁନିଋଷି, ସାଧୁସନ୍ଥଙ୍କର ସମନ୍ୱୟ ସ୍ଥାପନ ହୁଅନ୍ତା । ଭାବର ଆଦାନପ୍ରଦାନ, ପରସ୍ପରର ବିବାହ ଉତ୍ସବ, ପର୍ବପର୍ବାଣିରେ ଯୋଗଦାନ ସମ୍ଭବ ହେବା ଫଳରେ ଆର୍ଯ୍ୟ ଏବଂ ଆର୍ଯ୍ୟେତର ଜାତି ମଧ୍ୟରେ ମୈତ୍ରୀବନ୍ଧନ, ଏପରି କି ବିବାହ ସମ୍ପର୍କ ମଧ୍ୟ ସ୍ଥାପିତ ହୁଅନ୍ତା, ଯାହା ବର୍ତ୍ତମାନର ବିପନ୍ନ ଆର୍ଯ୍ୟାବର୍ତ୍ତ ପକ୍ଷେ କଲ୍ୟାଣକର ହୁଅନ୍ତା । ତେଣୁ ମୋର ଅନୁରୋଧ ଦଶଲକ୍ଷ

Digitized by srujanika@gmail.com

ସ୍ୱର୍ଣ୍ଣକମଳ ମୂଲ୍ୟ ବିନିମୟରେ କାମ୍ୟକ ଅରଣ୍ୟ, ଦ୍ୱୈତ ଅରଣ୍ୟ, ନୈମିଷାରଣ୍ୟ ଏବଂ ହିମାଳୟର ବିଭିନ୍ନ ସ୍ଥାନ, ଋଷିଆଶ୍ରମ ଏବଂ ହସ୍ତିନା ନଗ୍ରକୁ ଯଦି ରାସ୍ତାଘାଟ ଦ୍ୱାରା ସଂଯୋଗ କରାଯାଇ ମଧ୍ୟେ ମଧ୍ୟେ ବିଶ୍ରାମ ମଣ୍ଡପ, ମନ୍ଦିର, କୂପ ଇତ୍ୟାଦି ନିର୍ମାଣ କରାଯାଆନ୍ତା ତେବେ ମୋର ସୁଦୂର ସ୍ୱପ୍ନ ଦିନେ ନା ଦିନେ ସଫଳ ହୁଅନ୍ତା । ଶବର ଏବଂ ରାକ୍ଷସମାନେ ମୁନି ଋଷିଙ୍କ ଯୋଗ ସାଧନାରେ କ୍ରମାଗତ ବାଧା ସୃଷ୍ଟି କରିବାର ଏକମାତ୍ର କାରଣ ହେଉଛି ସମନ୍ୱୟ ଓ ସଂଯୋଗର ଅଭାବ । ଆପଣ କ'ଣ ଭାବୁଛନ୍ତି ?''

ଯୁଧିଷ୍ଠିର ମନ୍ତ୍ରମୁଗ୍ଧ ହୋଇ ଶୁଣୁଥିଲେ ମୋର କଥା । କୁବେର ହୋଇଥିଲେ ଚମତ୍କୃତ ଏବଂ ଲୋମଶ ମୁନି ସାଧୁ ସାଧୁ କହି ମୋ ପ୍ରସ୍ତାବକୁ ସମର୍ଥନ କରୁଥିଲେ । ନକୁଳ ଚପଳତା କରି ହସି ହସି କହୁଥିଲେ — ''ଦୁର୍ଗମ ପଥରେ ତୀର୍ଥଯାତ୍ରା କରି ଯାଜ୍ଞସେନୀ ଅନେକ କଷ୍ଟ ବରଣ କରିଛନ୍ତି, ସେଥିପାଇଁ ଅରଣ୍ୟ ମଧ୍ୟରେ ରାସ୍ତାଘାଟ, ମନ୍ଦିର ଓ ବିଶ୍ରାମାଗାର ସ୍ଥାପନ କରିବାପାଇଁ ସେ ସୁଚିନ୍ତିତ ପ୍ରସ୍ତାବ ବାଢ଼ିଛନ୍ତି । ଅବଶ୍ୟ ଏହା ଦ୍ୱାରା ଫେରିବା ବେଳେ ଆମର କଷ୍ଟ ଲାଘବ ହେବା ସଙ୍ଗେ ସଙ୍ଗେ ସମସ୍ତଙ୍କର ମଧ୍ୟ ଉପକାର ହେବ ।''

ସହଦେବ ମନ୍ଦ୍ର ମଧୁର କଣ୍ଠରେ କହିଲ — ''ଏହାଦ୍ୱାରା ଆର୍ଯ୍ୟାବର୍ତ୍ତର ଅନେକ ବିବାଦର ସମାଧାନ ହୋଇଯିବ । ଆଜି ଏହି ମୁହୂର୍ତ୍ତରେ ଲୋମଶ ମୁନିଙ୍କ ପୌରୋହିତ୍ୟରେ ''ଯାଜ୍ଞସେନୀ ସମନ୍ୱୟ ମଣ୍ଡପ''ର ଶୁଭ ଦିଆଯାଉ ଏବଂ କାର୍ଯ୍ୟାରମ୍ଭ ହେଉ ।'' କୁବେରଦେବ ହସି ହସି କହିଲେ — ''ଆଜିର ଉତ୍ସବକୁ ବୀର ଭୀମସେନ ଉଦ୍‌ଘାଟନ କରିବେ । କାରଣ ହିଡ଼ିମ୍ବାସୁରର ଭଉଣୀ ହିଡ଼ିମ୍ବୀ ରାକ୍ଷାସୁଣୀକୁ ବିବାହ କରି ଆର୍ଯ୍ୟ ଆର୍ଯ୍ୟେତର ମିଳନର ପ୍ରଥମ ପୁରୋଧା ସେ ହୋଇସାରିଛନ୍ତି । ସମସ୍ତଙ୍କ ପାଇଁ ସମ ପ୍ରେମଭାବ ହିଁ ଭୀମସେନଙ୍କର ଆଦର୍ଶ । 'ଯାଜ୍ଞସେନୀ ସମନ୍ୱୟ ମଣ୍ଡପ'ର ଶିଳାନ୍ୟାସ ଭୀମସେନ ହିଁ କରିବେ ।''

ମଙ୍ଗଳଧ୍ୱନି ଦ୍ୱାରା ସମସ୍ତେ କୁବେରଦେବଙ୍କ କଥାକୁ ସମର୍ଥନ କଲେ ଏବଂ ଲୋମଶ ମୁନିଙ୍କ ପୌରୋହିତ୍ୟରେ ସମନ୍ୱୟ କାର୍ଯ୍ୟର ଶୁଭ ଦିଆଗଲା । ପୃଥିବୀରେ ଧର୍ମ, ସତ୍ୟ, ନ୍ୟାୟ, କୌରବମାନଙ୍କ ରାଜୁତି ଫଳରେ ବିପନ୍ନ ହୋଇପଡ଼ିଥିବା ବେଳେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ଆବଶ୍ୟକତା ଥିଲା, ଏକଥା ଜଣାଇଦେବା ପାଇଁ ସ୍ୱର୍ଗରୁ ଦେବତାମାନେ ପୁଷ୍ପବୃଷ୍ଟି କଲେ ଏବଂ ଦେବତାଙ୍କର ଆଶୀର୍ବାଦ ଆମ ପଛରେ ରହିଛି, ଏତିକି ଆମ ପାଇଁ ଅଶେଷ ଶକ୍ତି ଓ ସାନ୍ତ୍ୱନାର ଉତ୍ସ ହୋଇଉଠିଲା । କାର୍ଯ୍ୟ ଶେଷରେ ଆମେମାନେ ବଦରିକାଶ୍ରମ ଫେରିଆସି ଅର୍ଜୁନଙ୍କୁ ଅପେକ୍ଷା କଲୁ ।

Digitized by srujanika@gmail.com

॥ ୩୮ ॥

ଗନ୍ଧମାର୍ଦନ ପର୍ବତର ଗମ୍ଭୀର ଉଦାସୀନତା ମନକୁ ଉର୍ଦ୍ଧ୍ୱମୁଖୀ କରୁଥାଏ, ଇଚ୍ଛା ହେଉଥାଏ ଚିରଦିନ ଏମିତି ଉଦାସ ମୌନତା ଭିତରେ ପ୍ରକୃତିର ଶୋଭା ଦେଖୁଥା'ନ୍ତି, ହଜିଯାଉଥା'ନ୍ତି । ଗନ୍ଧମାର୍ଦନ ପର୍ବତ ନିକଟରେ ଆମେ ସମସ୍ତେ ଗତ ଏକସପ୍ତାହ ହେବ ଅର୍ଜୁନଙ୍କୁ ପ୍ରତୀକ୍ଷା କରିଛୁ । ସ୍ୱର୍ଗରାଜ୍ୟରେ ଅର୍ଜୁନଙ୍କର ପାଞ୍ଚବର୍ଷର ରହଣିକାଳ ଶେଷ ହୋଇଛି । ଗନ୍ଧମାର୍ଦନଠାରେ ସେ ମର୍ତ୍ୟକୁ ଅବତରଣ କରିବେ ।

ସେଦିନ ଆକାଶ ମେଘାଚ୍ଛନ୍ନ ଥାଏ । ନୀଳମେଘ ଭିତରେ ମୁଁ ଫାଲ୍‌ଗୁନିଙ୍କର ଶ୍ୟାମଳ ରୂପଶୋଭାକୁ ଚିନ୍ତିତ କରୁଥାଏ । ଅକସ୍ମାତ୍ ଆକାଶର ନୀଳ ମେଘଖଣ୍ଡ ଭେଦି ଏକ ଦିବ୍ୟ ଆଲୋକମଣ୍ଡଳ ଦୃଶ୍ୟହେଲା । ଏକ ସୁସଜ୍ଜିତ ରଥ ଧୀରେ ଧୀରେ ଆକାଶମଣ୍ଡଳରୁ ଗନ୍ଧମାର୍ଦନ ପର୍ବତ ଉପରକୁ ଅବତରଣ କଲା । ଇନ୍ଦ୍ରଙ୍କ ରଥରେ ସାରଥୀ ମାତଳି ସହ ଅର୍ଜୁନ ସ୍ୱର୍ଗରାଜ୍ୟରୁ ଫେରିଆସୁଛନ୍ତି ।

ପାଣ୍ଡବମାନେ ଆନନ୍ଦରେ ଉତ୍‌ଫୁଲ୍ଲ ହୋଇଉଠିଲେ । ମୁଁ ନିଷ୍ପଲକ ଦୃଷ୍ଟିରେ ଘ୍ରହିଁଥାଏ ଅର୍ଜୁନଙ୍କର ଦିବ୍ୟଜ୍ୟୋତିରେ ଉଦ୍ଭାସିତ ଅନୁପମ ରୂପକୁ । ସ୍ୱର୍ଗରାଜ୍ୟରେ ପାଞ୍ଚବର୍ଷ ରହିବା ଫଳରେ ଅର୍ଜୁନଙ୍କର ସୌନ୍ଦର୍ଯ୍ୟରେ ଦିବ୍ୟଭାବ ପ୍ରକଟିତ ହେଉଛି । ନୈସର୍ଗିକ ଜ୍ୟୋତିରେ ସେ ଉଦ୍‌ଭାସିତ ହେଉଛନ୍ତି । ଭୀମସେନ ଆନନ୍ଦରେ ଅର୍ଜୁନଙ୍କୁ ଟେକିଧରି ନାଚିବାକୁ ଲାଗିଲେ । ଅର୍ଜୁନ ମୃଦୁ ମୃଦୁ ହସୁଥା'ନ୍ତି । ଅର୍ଜୁନଙ୍କର ସବୁକିଛି ନୈସର୍ଗିକ ଜ୍ୟୋତି ସ୍ପର୍ଶରେ ଅନୁପମ ଦିଶୁଥାଏ ।

ବଡ଼ଭାଇଙ୍କୁ ପ୍ରଣାମ ଜଣାଇଲେ ଅର୍ଜୁନ । ସାନମାନଙ୍କୁ ଆଲିଙ୍ଗନ କଲେ । ସ୍ୱର୍ଗରାଜ୍ୟରୁ ଅନେକ ମୂଲ୍ୟବାନ ଉପହାର ଭାଇମାନଙ୍କ ପାଇଁ ସେ ଆଣିଛନ୍ତି । ଯୁଧିଷ୍ଠିରଙ୍କ ପାଇଁ ଆଣିଛନ୍ତି ସ୍ୱର୍ଗରାଜ୍ୟର ନକ୍‌ସା ଏବଂ ରାଜନୈତିକ ମାନଚିତ୍ର, ଶାସନ ସମ୍ବନ୍ଧୀୟ ଅନେକ ନଥିପତ୍ର । ଭବିଷ୍ୟତରେ ପୃଥିବୀରେ ସ୍ୱର୍ଗରାଜ୍ୟ ପ୍ରତିଷ୍ଠା କରିବା ଯୁଧିଷ୍ଠିରଙ୍କ ଜୀବନର ଲକ୍ଷ୍ୟ । ସେ ଉପହାରଗୁଡ଼ିକ ପାଇ ଖୁସି ହେଲେ । ଭୀମସେନଙ୍କ ପାଇଁ ଆଣିଛନ୍ତି ସ୍ୱର୍ଗରାଜ୍ୟର ଅନେକ ଦୁର୍ଲଭ ଅମୃତମୟ ମିଷ୍ଟାନ୍ନ, ଫଳମୂଳ । ଭୀମସେନ ଠିଆ ଠିଆ ଖାଇବାକୁ ଆରମ୍ଭ କଲେଣି । ନକୁଳଙ୍କ ପାଇଁ ଆଣିଛନ୍ତି ଇନ୍ଦ୍ରଭୁବନର ରତ୍ନଖଚିତ ଘୋଡ଼ାର ଜିନ୍, ଆସନ ଏବଂ ପାରିଧି ସମୟର ପୋଷାକ । ସହଦେବଙ୍କ ପାଇଁ ଆଣିଛନ୍ତି ଗ୍ରହ ନକ୍ଷତ୍ରମାନଙ୍କର ଗତିବିଧି ଲକ୍ଷ୍ୟ କରିବା ପାଇଁ ଏକ ଅଦ୍ଭୁତ ଦର୍ପଣ । ସେଥିରେ ସବୁକିଛି ପ୍ରତିବିମ୍ବିତ ହୁଏ । ଦିବ୍ୟଦୃଷ୍ଟିରେ ଘ୍ରହିଁଲେ ଆଗତ ଭବିଷ୍ୟତ ଜଳ ଜଳ ଦିଶେ । ଉପହାର ପାଇ ସମସ୍ତେ ଖୁସି ।

Digitized by srujanika@gmail.com

ମୁଁ ଠିଆ ହୋଇଛି ନିର୍ବିକାର ହୋଇ । ସ୍ୱାମୀଙ୍କୁ ଅପଲକ ଆଖିରେ ଘୂହିଁ ରହି କେଉଁ ସ୍ୱର୍ଗୀୟ ମଧୁର ସ୍ୱପ୍ନରେ ହଜିଯାଇଛି । ଭୀମସେନ ମିଷ୍ଟାନ୍ନ ଖାଉ ଖାଉ ପ୍ରଶ୍ନ କଲେ — ''ଦ୍ରୌପଦୀଙ୍କ ପାଇଁ କ'ଣ ଆଣିଛ ?''

ଅର୍ଜୁନ ହସି ହସି ମୋ ନିକଟକୁ ଆସିଲେ । କହିଲେ — ''ତମ ପାଇଁ କ'ଣ ଆଣିଛି କହିଲ ଦେଖି...'' ମୋର ଦୁଇ ଚକ୍ଷୁଦେଇ ଝର ଝର ଆନନ୍ଦାଶ୍ରୁ ଝରିଗଲା । ମୁଁ ବାଷ୍ପାକୁଳ କଣ୍ଠରେ କହିଲି — ''ସ୍ୱର୍ଗରାଜ୍ୟରେ ସେଇ ମୋହିନୀ ଅପ୍ସରାମାନଙ୍କ ଜାଲରୁ ମୁକ୍ତହୋଇ ତମେ ମୋ ପାଖକୁ ଫେରିଆସିଛ, ସେଇ ଯଥେଷ୍ଟ । ମୋର ଆଉ କିଛି ଆବଶ୍ୟକ ନାହିଁ ।''

ଅର୍ଜୁନ ଗଳାରୁ ବାହାର କଲେ ବହୁ ରତ୍ନଖଚିତ ଏକ ମଣିମୟ ମାଳା । ମୁଣ୍ଡରୁ ଖୋଲିଲେ ମୂଲ୍ୟବାନ ସୁନ୍ଦର ମୁକୁଟ । ଅନେକ ରତ୍ନଖଚିତ ସ୍ୱର୍ଣ୍ଣ ଅଳଙ୍କାର ରଥରୁ ବାହାର କଲେ । ସବୁ ଅଜାଡ଼ିଦେଲେ ମୋ ପାଖରେ । କହିଲେ — ''କୃଷ୍ଣା, ସେଦିନ ତୁମକୁ ନିରାଭରଣା କରି ତମ ଦେହରୁ ଅଳଙ୍କାର କାଢ଼ି ନେଇଥିଲା ଦୁର୍ଯ୍ୟୋଧନ ଆଦେଶରେ ଅହଙ୍କାରୀ କର୍ଣ୍ଣ । ସେଦିନ ତମର ଦୁଃଖ ଦେଖି ପ୍ରତିଜ୍ଞା କରିଥିଲି ରତ୍ନ ଅଳଙ୍କାରରେ ତମକୁ ପାଦଠାରୁ କେଶାଗ୍ର ପର୍ଯ୍ୟନ୍ତ ମଣ୍ଡଣି କରିବି । ପାଞ୍ଚବର୍ଷକାଳ ଦେବତାମାନଙ୍କର ନାନା ଉପକାର କରି ମୁଁ ଯେଉଁ ଅଳଙ୍କାର ସବୁ ଉପହାର ପାଇଛି, ସବୁ ତମରି ପାଇଁ ସାଇତି ରଖିଥିଲି । ଏସବୁ ପିନ୍ଧି ତମେ ବନବାସ ଅନ୍ତେ ହସ୍ତିନାପୁରୀକୁ ଫେରିବ ।''

ମୁଁ ବିନମ୍ର ଭାବରେ ସବୁତକ ଅଳଙ୍କାର ଗ୍ରହଣ କଲି । ଲୋମଶ ମୁନିଙ୍କ ହାତକୁ ବଢ଼ାଇଦେଲି ଅଳଙ୍କାର ପୁଟୁଳିଟି । କହିଲି, ''ସ୍ୱାମୀ, ମୋର ପ୍ରତିଜ୍ଞାଭଙ୍ଗ ହୁଏ ନାହିଁ । ଜୀବନରେ ଆଉ କେବେ ମୁଁ ସ୍ୱର୍ଣ୍ଣ, ରତ୍ନ, ମଣିଖଚିତ ଅଳଙ୍କାର ପିନ୍ଧିବି ନାହିଁ । ତୁମର ଉପହାର ବିଶ୍ୱକଲ୍ୟାଣ ପାଇଁ ଦାନ କରିଦେଲି । ସ୍ୱର୍ଗରାଜ୍ୟରୁ ମୋ ପାଇଁ ଆଣିଥିବା ଅଳଙ୍କାର ପୃଥିବୀର ମୈତ୍ରୀବନ୍ଧନର ପବିତ୍ର କାର୍ଯ୍ୟରେ ବିନିଯୋଗ ହେବା ଉଚିତ ।''

ଅର୍ଜୁନ ଅବାକ୍ ବିସ୍ମୟରେ ମତେ ଘୂହିଁରହିଲେ । ସେ କିଛି ବୁଝିପାରିଲେ ନାହିଁ । ଲୋମଶମୁନି ଆର୍ଯ୍ୟ-ଆର୍ଯ୍ୟେତର ସମନ୍ୱୟ କାର୍ଯ୍ୟର ପୂର୍ବାପର ଇତିହାସ ବର୍ଣ୍ଣନ କରୁଥିଲେ । ଅର୍ଜୁନ ଆନନ୍ଦରେ ବିହ୍ୱଳ ହେଉଥିଲେ । ଯୁଧିଷ୍ଠିର କହିଲେ—''ମୁଁ ଭାବିଥିଲି, ରାଜନନ୍ଦିନୀ ଦ୍ରୌପଦୀଙ୍କ ଜ୍ୱାଳାମୟୀ ବ୍ୟକ୍ତିତ୍ୱ କେବଳ ରାଗ, ଅହଙ୍କାର, ପ୍ରତିହିଂସା, ପ୍ରତିଶୋଧରେ ପରିପୂର୍ଣ୍ଣ; ମାତ୍ର ଏବେ ବୁଝିପାରିଲି ତାଙ୍କ ଭିତରେ ଅଛି ଅନେକ ମାନବିକ, ଅତିମାନବିକ ଆବେଗ ଓ ଅନୁଭବ । ଦୟା, କ୍ଷମା, କରୁଣା ଓ

Digitized by srujanika@gmail.com

ପ୍ରେମର ମନ୍ଦାକିନୀ ତାଙ୍କ ଭିତରେ ଅନ୍ତଃସଲୀଳା ଫଲ୍‌ଗୁ ହୋଇ ବହୁଛି । ଏକଥା ଜାଣିଲି ବହୁ ବିଳମ୍ବରେ । ଯାଜ୍ଞସେନୀଙ୍କ ପ୍ରେରଣାରେ ବର୍ତ୍ତମାନ ଅରଣ୍ୟର ରୂପ ବଦଳିଛି, ମଣିଷ ମଣିଷ ଭିତରେ ବିଭେଦ ଦୂର ହୋଇଛି ।''

ଅର୍ଜୁନ ମୋର ଦୁଇ ହାତକୁ ଜାବୁଡ଼ି ଧରି କହିଲେ — ''କୃଷ୍ଣା, ତମର ନିଷ୍ଠା ଓ ଏକାଗ୍ର ପ୍ରେମ ଯୋଗୁଁ ମୁଁ ସ୍ୱର୍ଗରାଜ୍ୟର ଅପ୍‌ସରା ଉର୍ବଶୀଙ୍କ ପ୍ରେମଜାଲକୁ ଛିନ୍ନକରି ଅଟଳ ନିର୍ବିକାର ରହିପାରିଛି । ମାତ୍ର ସେଥିପାଇଁ ମତେ ଏକବର୍ଷର ପୌରୁଷ ଉତ୍ସର୍ଗ କରିଦେବାକୁ ହୋଇଛି । କାରଣ ତମେ ଏକଥା ଶୁଣି ଦୁଃଖରେ ଭାଙ୍ଗିପଡ଼ିବ । ତଥାପି ପିତାଙ୍କ କବୁଣା ବଳରେ ସାରାଜୀବନର ନପୁଂସକତ୍ୱ ବଦଳରେ ଏକବର୍ଷର ନପୁଂସକତ୍ୱର ଅଭିଶାପ ମୁଣ୍ଡାଇ ମୁଁ ଉର୍ବଶୀ କବଳରୁ ମୁକ୍ତି ପାଇ ତୁମ ପାଖକୁ ଫେରିଆସିଛି, ମୋର ଏକବର୍ଷର ନପୁଂସକତ୍ୱକୁ ତମେ ସହନଶୀଳ ହୃଦୟରେ ଗ୍ରହଣ କରିବ ବୋଲି ମୋର ଆଶା ।''

ମୁଁ ଦୁଃଖରେ ଭାଙ୍ଗିପଡୁଥିଲି । ଭାବୁଥିଲି ଫାଲ୍‌ଗୁନି ବରଂ ସ୍ୱର୍ଗରାଜ୍ୟରେ ରହିଯାଇଥା'ନ୍ତେ, କିନ୍ତୁ ହେଉପଛକେ ଏକବର୍ଷ, ପୌରୁଷ ହରାଇବାର ଅଭିଶାପ ଗ୍ରହଣ କରିନଥା'ନ୍ତେ । ଯେଉଁ ପୁରୁଷକୁ ସଂସାରର ଶ୍ରେଷ୍ଠ ପୁରୁଷ ମଣି ନିଜକୁ ତାଙ୍କଠାରେ ସମର୍ପି ଦେଇଥିଲି, ତାଙ୍କର ଏକବର୍ଷର ବିଡ଼ମ୍ବିତ ପୁରୁଷତ୍ୱବିହୀନ ଜୀବନକୁ ମୁଁ ବରଦାସ୍ତ କରି ଦେହଧରି ରହିବି ତ ? ସହଦେବ ମୋର ଦୁଃଖ ଅନୁଭବ କରି କହିଲେ — ''ଦୁଃଖ କରନାହିଁ ଦ୍ରୌପଦୀ । ସବୁ ତ ତାଙ୍କରି ନିର୍ଦ୍ଦେଶରେ ହୁଏ । ଭାଇଙ୍କର ଏ ଅଭିଶାପ ଅଜ୍ଞାତବାସ କାଳରେ ବରଦାନ ସ୍ୱରୂପ କାର୍ଯ୍ୟରେ ଲାଗିବ ।''

ଅର୍ଜୁନ ପ୍ରଶାନ୍ତ କଣ୍ଠରେ କହିଲେ — ''ଉର୍ବଶୀର ପ୍ରେମ ନିବେଦନକୁ ମୁଁ ଉପେକ୍ଷା କରିବାରୁ ସେ ମତେ ନପୁଂସକ ହେବାର ଅଭିଶାପ ଦେଇଥିଲେ । ମାତ୍ର ପିତାଙ୍କ ଅନୁରୋଧରେ ସେ ପୁନର୍ବାର ଏକବର୍ଷ ପାଇଁ ନପୁଂସକ ହୁଅ ବୋଲି ତାଙ୍କର ଅଭିଶାପପୂର୍ଣ୍ଣ ବାକ୍ୟ ପରିବର୍ତ୍ତନ କରିଥିଲେ । ପିତା ମତେ ସାନ୍ତ୍ୱନା ଦେଇ କହିଥିଲେ ଯେ ଅଜ୍ଞାତବାସ କାଳରେ ଉର୍ବଶୀର ଅଭିଶାପ ବରଦାନ ଭଳି କାର୍ଯ୍ୟ କରିବ । ବର୍ତ୍ତମାନ ସହଦେବର କଥା ପିତାଙ୍କ କଥା ସହ ମିଶିଯିବାରୁ ମୋ ମନର ଅନେକ ଗ୍ଲାନି ଦୂର ହୋଇଛି । 'ଈଶ୍ୱର ଯାହା କରନ୍ତି ପ୍ରାଣୀର ମଙ୍ଗଳ ପାଇଁ' — ଏକଥା ସତ୍ୟ ବୋଲି ବିଶ୍ୱାସ ଆସୁଛି ?''

ସହଦେବଙ୍କ କଥା ଶୁଣି ପୁଣିଥରେ ସଖାଙ୍କୁ ସ୍ମରଣ କରି ତାଙ୍କର ଉପରେ ସବୁ ଛାଡ଼ିଦେଲି । ମନେ ମନେ କହିଲି — ''କୃଷ୍ଣର ସଖା ଅର୍ଜୁନ ଯଦି ଏକବର୍ଷ ପାଇଁ ନପୁଂସକତ୍ୱର ଅଭିଶାପ ବରଣ କରେ, ତେବେ ସେ ଲଜ୍ଜା 'କୃଷ୍ଣା'ର ନୁହେଁ 'କୃଷ୍ଣ'ର ।''

Digitized by srujanika@gmail.com

॥ ୩୯ ॥

ବର୍ଷାଋତୁ ହେଉଛି ଜୀବନ ଋତୁ । ସେକଥା ବୁଝିଲି ଦ୍ୱୈତବନରେ ଅବସ୍ଥାନ କାଳରେ । ଅର୍ଜୁନଙ୍କ ସହ କାମ୍ୟକ ବନକୁ ସମସ୍ତେ ଫେରିବା ପଥରେ କିରାତରାଜା ସୁବାହୁ ସମସ୍ତଙ୍କୁ ଅଭିନନ୍ଦନ ଜଣାଇ କିଛିଦିନ ତାଙ୍କ ରାଜ୍ୟରେ ଆତିଥ୍ୟ ଗ୍ରହଣ କରିବାକୁ ଅନୁରୋଧ କଲେ । ଏ ଭିତରେ ଦୁର୍ଗମ ବନ ମଧ୍ୟରେ ରାସ୍ତାଘାଟର ସୁବିଧା ହୋଇଥିଲା, ମନ୍ଦିର, ବିଶ୍ରାମଘର ଇତ୍ୟାଦିର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା । ଅରଣ୍ୟବାସୀ ଶବରମାନେ ତୀର୍ଥ ଯାତ୍ରା ଏବଂ ହିମାଳୟର ମୁନିଋଷିଙ୍କ ଆଶ୍ରମକୁ ଅବାଧରେ ଯାତାୟାତ କରୁଥିଲେ । ପାଣ୍ଡବମାନଙ୍କର ଶବରପ୍ରୀତି, ବିଶେଷକରି ଆର୍ଯ୍ୟ-ଶବର ସାଂସ୍କୃତିକ ସମନ୍ୱୟର ଆକାଂକ୍ଷା ପ୍ରଗ୍ଭରିତ ହୋଇଥିଲା । କାମ୍ୟକ ବନରେ ଶବର ଜାତିର ଜୀବନଯାତ୍ରାରେ ପରିବର୍ତ୍ତନ ଏବଂ ପାଣ୍ଡବମାନଙ୍କର ସହ ସେମାନଙ୍କ ବନ୍ଧୁତ୍ୱର କଥା କାହାରି ପାଖରେ ଅଛପା ନଥିଲା । ତେଣୁ ସମଗ୍ର ଅରଣ୍ୟବାସୀ ଶବରକୁଳର ପ୍ରେମାସ୍ପଦ ହେବାର ସୌଭାଗ୍ୟ ଆମମାନଙ୍କର ହୋଇଥିଲା । କୌରବମାନଙ୍କ ଶବର-ବିଦ୍ୱେଷ ଯୋଗୁଁ ଆର୍ଯ୍ୟେତର ମଧ୍ୟରେ ପୂର୍ବରୁ ରହିଥିବା ବିଭେଦ ପାଣ୍ଡବମାନଙ୍କ ସାମ୍ୟନୀତି ଯୋଗୁ ଦୂର ହୋଇଥିଲା ।

ଆମେ ଆନନ୍ଦରେ ସୁବାହୁ କିରାତରାଜାଙ୍କ ବନ୍ଧୁତାକୁ ସ୍ୱୀକାର କରି ସେଠାରେ କିଛିକାଳ ଅବସ୍ଥାନ କଲୁ ।

ଦ୍ୱୈତବନରେ ଚତୁର୍ମାସ୍ୟ କଟାଇବା ପାଇଁ ମୋ ମନରେ ପ୍ରବଳ ଆକାଂକ୍ଷା ଜାତହେଲା । ଦ୍ୱୈତବନର ବର୍ଷାଋତୁରେ ଯେମିତି ମାୟାର ସ୍ପର୍ଶ ଥିଲା । ଚତୁର୍ମାସ୍ୟାର ବର୍ଷାଧାରା ସଙ୍ଗେ ଚତୁର୍ଦ୍ଦିଗରେ ସବୁଜ ଝରଣା ଝରିଯାଉଥାଏ । ପାଣ୍ଡବମାନେ ପ୍ରକୃତିର ମାୟାରେ ପଡ଼ିଯାଇଥା'ନ୍ତି । 'ଯାମୁନ' ପର୍ବତରେ ଭୀମ, ନକୁଳ ଶିକାର କରି ଆନନ୍ଦ ଅନୁଭବ କରୁଥା'ନ୍ତି । ଦିନେ ଯାମୁନ ପର୍ବତରେ ଶିକାର କରୁ କରୁ ଭୀମ ସର୍ପରୂପୀ ନହୁଷଙ୍କ କବଳରେ ପଡ଼ିଗଲେ । ତାଙ୍କୁ ଉଦ୍ଧାର କରିବା ପାଇଁ ଯାଇ ଯୁଧିଷ୍ଠିର ଜାଣିଲେ ଯେ ପୌରବ ବଂଶର ରାଜା ଯଯାତିଙ୍କ ପିତା ନହୁଷ ଅଗସ୍ତ୍ୟ ମୁନିଙ୍କ ଶାପରେ ସର୍ପରୂପରେ ବହୁ ବର୍ଷ ଧରି ଅରଣ୍ୟରେ ବୁଲୁଛନ୍ତି । ନିଜର ପୂର୍ବପୁରୁଷ ରାଜା ନହୁଷଙ୍କର ଶାପମୋଚନ ନିମନ୍ତେ ପାଣ୍ଡବମାନେ ପ୍ରାର୍ଥନା କରିବାକୁ ଲାଗିଲେ । ନହୁଷଙ୍କ ପ୍ରଶ୍ନର ଯଥାର୍ଥ ଉତ୍ତର ଯୁଧିଷ୍ଠିର ଦେବାକୁ ସକ୍ଷମ ହୁଅନ୍ତେ ସର୍ପରୂପୀ ନହୁଷ ଭୀମସେନଙ୍କୁ ମୁକ୍ତି ଦେଇ ଶାପମୁକ୍ତ ହେଲେ ଏବଂ ପାଣ୍ଡବମାନଙ୍କୁ ଆଶୀର୍ବାଦ କରି ଅଦୃଶ୍ୟ ହୋଇଗଲେ ।

Digitized by srujanika@gmail.com

ଯୁଧିଷ୍ଠିର ପ୍ରଶାନ୍ତ ହୃଦୟରେ ବିଗ୍ଧର କଲେ ଯେ ଏଭଳି ପୁଣ୍ୟକାର୍ଯ୍ୟ ତାଙ୍କ ପାଇଁ ସୁବାହୁ ରାଜ୍ୟରେ ଅପେକ୍ଷା କରିଥିଲା । ପୂର୍ବପୁରୁଷଙ୍କୁ ଶାପମୁକ୍ତ କରିବା ଉତ୍ତରଦାୟାଦ ପକ୍ଷେ ଅତ୍ୟନ୍ତ ପୁଣ୍ୟକାର୍ଯ୍ୟ । ସୁବାହୁ ରାଜ୍ୟରେ ଅବସ୍ଥାନ କରି ନଥିଲେ ଏ ସୌଭାଗ୍ୟ ପାଣ୍ଡବମାନଙ୍କର ହୋଇନଥା'ନ୍ତା, କିମ୍ବା ପୂର୍ବପୁରୁଷଙ୍କର ଆଶୀର୍ବାଦ ମିଳିନଥା'ନ୍ତା । ସେଥିପାଇଁ ସେ ସୁବାହୁଙ୍କୁ କୃତଜ୍ଞତା ଜଣାଇଲେ । ସୁବାହୁ ହାତଯୋଡ଼ି କହିଲେ — ''ମୁଁ କିଏ, ସବୁ ତ ତାଙ୍କରି ଇଚ୍ଛା । ତା' ନହୋଇଥିଲେ, ଆପଣମାନେ ମୋ ରାଜ୍ୟରେ କାହିଁକି ପହଞ୍ଚିଥା'ନ୍ତେ ?''

ଭୀମସେନ କହିଲେ — ''ଭାଇ, ବର୍ତ୍ତମାନ ଆମ ହାତରେ ଅନେକ ଦିବ୍ୟାସ୍ତ୍ର ଗଚ୍ଛିତ ଅଛି । ସମଗ୍ର ଶବରକୁଳ ଆମର ବନ୍ଧୁ । ଯଦୁକୁଳ ଏବଂ ଶ୍ରୀକୃଷ୍ଣ ବଳରାମ ଆମ ସପକ୍ଷରେ । ପୁଣି ପୂର୍ବପୁରୁଷଙ୍କର ଆଶୀର୍ବାଦ ଆମକୁ ମିଳିଗଲାଣି । ଆଉ ବିଳମ୍ବ କାହିଁକି ? ପାଞ୍ଚାଳୀଙ୍କର କେଶବନ୍ଧନ କେବେ ହେବ ? ଦୁର୍ଯ୍ୟୋଧନ କର୍ଣ୍ଣ ବଳରେ ବଳୀୟାନ ହୋଇ ଗର୍ବର ଚରମସୀମାରେ ପହଞ୍ଚିଛି । କର୍ଣ୍ଣ ଦଗ୍‌ବିଜୟ ଶେଷକରି ଫେରିବା ପରେ ମହାଯଜ୍ଞର ଆୟୋଜନ କରିଛନ୍ତି ଓ ସେଥିପାଇଁ ଆମକୁ ନିମନ୍ତ୍ରଣ ମଧ୍ୟ ପଠାଇଥିଲେ । ଅଥଚ ସେ ଜାଣେ ଆମେ ତେରବର୍ଷ ନ ପୂରିବାଯାଏ ହସ୍ତିନା-ନଗ୍ରକୁ ଫେରିପାରିବୁ ନାହିଁ । ଏ ନିମନ୍ତ୍ରଣ ପରୋକ୍ଷରେ କଟା ଘା'ରେ ଚୂନଦେବା ସଙ୍ଗେ ସମାନ । ଦୁର୍ଯ୍ୟୋଧନର ମହାଯଜ୍ଞ ସମାପ୍ତି ଉତ୍ସବରେ କର୍ଣ୍ଣଙ୍କର ବୀରତ୍ୱକୁ ଦୁର୍ଯ୍ୟୋଧନ ପ୍ରଶଂସା କରିବାରୁ କର୍ଣ୍ଣ ଆନନ୍ଦରେ ଅଧୀର ହୋଇ ସବୁ ରାଜାଙ୍କ ଉପସ୍ଥିତିରେ ପ୍ରତିଜ୍ଞା କରିଛି ଅର୍ଜୁନଙ୍କୁ ନ ମାରିବାଯାଏ ସେ ମଦ୍ୟ, ମାଂସ, ମୈଥୁନଠାରୁ ଦୂରରେ ରହିବେ ଓ ଯିଏ ଯାହା ମାଗିବ ଦାନ କରିଦେବେ । ଅର୍ଜୁନଙ୍କୁ ମାରିବା ତାଙ୍କ ଜୀବନର ବ୍ରତ ବୋଲି ସେ ଘୋଷଣା କରିଛନ୍ତି ଓ ନିଷ୍ଠାର ସହ ମଦ୍ୟ, ମାଂସ, ମୈଥୁନଠାରୁ ଦୂରରେ ରହି ବ୍ରତ ପାଳନ କରୁଛନ୍ତି । ତେଣୁ ତା'ର ଗର୍ବକୁ ଚୂର୍ଣ୍ଣ କରିବାର ସମୟ ଏବେ ଆସିଛି । ଆଉ ହସ୍ତିନାପୁର ଫେରିବାରେ ଆମ ପାଇଁ ଭୟର କିଛି କାରଣ ନାହିଁ ।''

ଯୁଧିଷ୍ଠିର ପ୍ରଶାନ୍ତ ଚିତ୍ତରେ କହିଲେ, ''ମୁଁ କର୍ଣ୍ଣଙ୍କ ପ୍ରତିଜ୍ଞା ଶୁଣିଛି ଏବଂ ତା'ର ଗୁରୁତ୍ୱ ମଧ୍ୟ ବୁଝିଛି । କିନ୍ତୁ ବର୍ତ୍ତମାନ ଆମର କିଛି କରିବାର ଉପାୟ ନାହିଁ । ଭୟ ଯୋଗୁଁ ଆମେ ହସ୍ତିନାପୁର ଫେରିପାରୁନାହୁଁ ବୋଲି ଭାବୁଛ କାହିଁକି ? ହସ୍ତିନାପୁର ଫେରିବାର ସମୟ ହୋଇନଥିବାରୁ ଆମେ ଅରଣ୍ୟରେ ବୁଲୁଛୁ । ଅଜ୍ଞାତବାସ ଏକବର୍ଷ ମିଶାଇ ଆଉ ତିନିବର୍ଷ ବନବାସ ପୂର୍ଣ୍ଣ ହେଲେ ଆମେ ହସ୍ତିନାପୁର ଫେରିଯିବା । ପ୍ରଥମେ ଶାନ୍ତି ଓ ଅହିଂସା ଉପାୟରେ ସମାଧାନର ଚେଷ୍ଟା କରିବା ।''

Digitized by srujanika@gmail.com

କର୍ଣ୍ଣଙ୍କ ବ୍ରତ ପାଳନ କଥା ମତେ ଚିନ୍ତାରେ ମ୍ରିୟମାଣ କରିଦେଇଥାଏ । ମୁଁ ଭାବୁଥାଏ କର୍ଣ୍ଣଙ୍କର ସର୍ବଦା ଅର୍ଜୁନଙ୍କର ଉପରେ ଅହନ୍ତା କାହିଁକି ? କ'ଣ ଅର୍ଜୁନ ମୋର ବେଶି ପ୍ରିୟ ବୋଲି ?

ମୋ ମନର କଥା ବୁଝିବା ପରି ଭୀମସେନ କହିଲେ — "କର୍ଣ୍ଣର ଅର୍ଜୁନଙ୍କ ଉପରେ ଏତେ ଅହନ୍ତା କେବଳ ଦ୍ରୌପଦୀଙ୍କ ପାଇଁ । ବାଲ୍ୟକାଳରୁ ଅବଶ୍ୟ ଈର୍ଷା ଥିଲା, ମାତ୍ର ଅର୍ଜୁନ ଦ୍ରୌପଦୀଙ୍କୁ ଜିଣିବାରୁ ସେ ଈର୍ଷା ହିଂସାରେ ପରିଣତ ହୋଇଛି । ଯେଉଁଠି ଦେଖିବ ଗୋଟିଏ ନାଗୀ, ସେଠି ଦେଖିବ ନର୍ଜ । ଦ୍ରୌପଦୀଙ୍କୁ ଲାଭ କରିବା ପରଠୁ ସମସ୍ତେ ଆମ ପ୍ରତି ଶତ୍ରୁତାଭାବ ପୋଷଣ କରୁଛନ୍ତି !"

ମୁଁ ରାଗରେ ଜଳିଉଠୁଥିଲି ଭୀମସେନଙ୍କ ଅଯଥା ଦୋଷାରୋପରେ । ମୁଁ ନାଗୀ, ଏଥିରେ ମୋର କିଛି ଦୋଷ ନାହିଁ । ମୁଁ ସୁନ୍ଦରୀ, ଏଥିରେ ମଧ୍ୟ ମୋର କିଛି ଦୋଷ ନାହିଁ । ମତେ ଅର୍ଜୁନ ଜୟକଲେ, ଏଥିରେ ମଧ୍ୟ ମୋର କିଛି ଦୋଷ ନାହିଁ । ମତେ କର୍ଣ୍ଣ ଜୟକଲେ ନାହିଁ ଏଥିରେ କ'ଣ ମୁଁ ସଂପୂର୍ଣ୍ଣ ଦୋଷଶୂନ୍ୟ ? ଠିକ୍ ଏଇ ପ୍ରଶ୍ନର ଉତ୍ତର ମୁଁ ନିଜକୁ ମଧ୍ୟ ଦେଇପାରେ ନାହିଁ । ସବୁ ଦୋଷାରୋପ ଏଇ ଗୋଟିଏ ପ୍ରଶ୍ନରେ ମୋ ଉପରେ ଅଜାଡ଼ି ହୋଇପଡ଼େ । ତଥାପି ସାରାଜୀବନ କର୍ଣ୍ଣ ମତେ ଜଳାଇବା କ'ଣ ଅନ୍ୟାୟ ନୁହେଁ ?

ମୋ ବିଷଣ୍ଣ ମୁଖକୁ ଗ୍ରହିଁ ଅର୍ଜୁନ ଗୁରୁଗମ୍ଭୀର କଣ୍ଠରେ କହିଲେ — "ମୋ ପାଇଁ ଚିନ୍ତା କରନାହିଁ କୃଷ୍ଣା ! କର୍ଣ୍ଣର ପ୍ରତିଜ୍ଞା ପୂର୍ଣ୍ଣ କରିବାକୁ ମୁଁ ଦେବିନାହିଁ । କର୍ଣ୍ଣର ମୃତ୍ୟୁ ବ୍ୟବସ୍ଥା ପିତା ଇନ୍ଦ୍ର ବହୁପୂର୍ବରୁ କରିସାରିଛନ୍ତି । ଦାତାର ଅହଙ୍କାରରେ କର୍ଣ୍ଣ ନିଜ ଶରୀର ଓ କର୍ଣ୍ଣ ଛେଦନ କରି କବଚ କୁଣ୍ଡଳ ଦାନ କରିବା ଦିନଠାରୁ ତା'ର ଶରୀରରୁ ରକ୍ତଧାର ଏପର୍ଯ୍ୟନ୍ତ ଶୁଖିନାହିଁ । ଅଥଚ ତା'ର ଆସ୍ପର୍ଦ୍ଧା ଦେଖ ! ବର୍ତ୍ତମାନ ମୋ ପାଖରେ ଯେଉଁ ଦିବ୍ୟାସ୍ତ୍ର ଅଛି ତାହା କର୍ଣ୍ଣବଧରେ ସହାୟକ ହେବ । କେବଳ ଇନ୍ଦ୍ରପ୍ରଦତ୍ତ ଶତ୍ରୁଘାତିନୀ ଶକ୍ତି ପାଇଁ ତମ ମନରେ ସାମାନ୍ୟ ସଂଶୟ ଜାଗିବା ସ୍ୱାଭାବିକ । ଦ୍ରୌପଦୀଙ୍କ ପାଇଁ ତା'ର ଯଦି ଏ ଅହନ୍ତା ତେବେ ତା'ର ସେଇ ଶକ୍ତି ପ୍ରୟୋଗକୁ ବ୍ୟର୍ଥ କରିବା ପାଇଁ ମୁଁ ମଧ୍ୟ ଆଜି ପବିତ୍ର ବନଭୂଇଁକୁ ସାକ୍ଷୀରଖି ସର୍ବସମକ୍ଷରେ ଶପଥ କରୁଛି — କର୍ଣ୍ଣ ବଧ ନକରିବା ଯାଏ ମୁଁ ମଦ, ମାଂସ, ଏବଂ ଦ୍ରୌପଦୀଙ୍କଠାରୁ ଦୂରରେ ରହିବି । କର୍ଣ୍ଣକୁ ଉପଯୁକ୍ତ ଶିକ୍ଷା ଦେବାପରେ ହିଁ ମୁଁ ଦ୍ରୌପଦୀଙ୍କୁ ପତ୍ନୀର ସମ୍ମାନ ଦେଇଛି ବୋଲି ମନେକରିବି ।" ମୁଁ ସବ୍ଧ ହୋଇ ଠିଆହୋଇଥାଏ ଏବଂ ଭାବୁଥାଏ ନାରୀ ଶକ୍ତିଦାୟିନୀ, ପ୍ରେରଣାଦାତ୍ରୀ, କଲ୍ୟାଣୀ । ଅଥଚ କର୍ଣ୍ଣ ହୁଅନ୍ତୁ, ଅର୍ଜୁନ ହୁଅନ୍ତୁ, ଅଭୀଷ୍ଟ ପୂରଣ ନହେବାଯାଏ ସମସ୍ତେ ନାରୀଠାରୁ ଦୂରରେ ରହିବାର ପ୍ରତିଜ୍ଞା କାହିଁକି

Digitized by srujanika@gmail.com

କରନ୍ତି ? ନାରୀର ସଖ୍ୟ କ'ଣ ପୁରୁଷର ଶକ୍ତି ହରଣ କରିନିଏ । ଏହା ପୁରୁଷର ନିଜର ସ୍ୱରିହିକ ଦୃଢ଼ତା ଉପରେ ଅନାସ୍ଥାଭାବ ନା ନାରୀର ମନୋହାରିଣୀ ଶକ୍ତିକୁ ଭୟ ? ସିଦ୍ଧି ପଥରେ ନାରୀକୁ ଦୂରରେ ରଖିବା ପୁରୁଷର ନିଜ ମନର ଦୁର୍ବଳତା ନା ଦୃଢ଼ତାର ପରିଚୟ ? କାହିଁ, ଆର୍ଯ୍ୟାବର୍ତ୍ତର ଶ୍ରେଷ୍ଠ ପୁରୁଷ ଶ୍ରୀକୃଷ୍ଣଙ୍କ ସିଦ୍ଧିପଥରେ ନାରୀକୁ ଦୂରରେ ରଖିବାର କୌଣସି ଦୃଷ୍ଟାନ୍ତ ତ ନାହିଁ ? ଅଥଚ ଆର୍ଯ୍ୟାବର୍ତ୍ତର ଅନେକ ଅସାଧ୍ୟ ସାଧନ କରିଛନ୍ତି ବହୁନାରୀନାୟକ ପ୍ରେମିକଶ୍ରେଷ୍ଠ ଶ୍ରୀକୃଷ୍ଣ । ଏତେ ବଡ଼ ପ୍ରତିଜ୍ଞା କରିବା ପୂର୍ବରୁ ଅର୍ଜୁନ ମତେ ଥରେ ପଗ୍ଧରିବା ଉଚିତ ନଥିଲା କି ? ଏକାନ୍ତରେ ଅର୍ଜୁନଙ୍କୁ ସେଇକଥା ପଗ୍ଧରିଦେଲି ।

ଅର୍ଜୁନ ଶାଣିତ ବ୍ୟଙ୍ଗଭରା କଣ୍ଠରେ କହିଲେ, ''ତମେ ମଧ୍ୟ ଏମିତି ଏକ ଗରୁତର ଶପଥ କରିବା ପୂର୍ବରୁ ମୋର ପରାମର୍ଶ ନେଇ ନଥିଲ । ଆମ ବୈବାହିକ ଜୀବନର ଏକବର୍ଷିଆ ସର୍ତ୍ତକୁ ମୁଁ ଯେ ଏପର୍ଯ୍ୟନ୍ତ ହୃଦୟଦେଇ ଅନୁମୋଦନ କରିପାରି ନାହିଁ, ତା' କ'ଣ ତମେ ଏଯାଏ ବି ବୁଝିନାହଁ ? ସେଇଥିପାଇଁ ତ ସୁଯୋଗ ପାଇବାମାତ୍ରେ ମୁଁ ତମଠାରୁ ଦୂରରେ ରହିବାକୁ ଚେଷ୍ଟାକରି ଆସିଛି । ସ୍ୱର୍ଗରାଜ୍ୟରେ ଅପ୍ସରାମାନଙ୍କ ମେଳରେ ପାଞ୍ଚବର୍ଷ ନିର୍ବିକାର ଚିତ୍ତରେ କଟାଇ ଆସିବା ପରେ ନାରୀର ରକ୍ତମାଂସର ଶରୀର ମୋ ପାଇଁ ଆଉ କାମନାର ବସ୍ତୁ ହୋଇନାହିଁ । ତେଣୁ ଆଜିର ଶପଥ ମତେ ତମର ଶରୀରଠାରୁ ଦୂରରେ ରଖିଲେ ମଧ୍ୟ ହୃଦୟରୁ ଅନ୍ତର କରିବ ନାହିଁ, ଏ ବିଶ୍ୱାସ ରଖ । ମୁଁ ଜାଣେ, ତମେ ମଧ୍ୟ ମୋ ପାଇଁ ବହୁକଷ୍ଟ ସହ୍ୟ କରିଛ । ମୋ ଅନୁପସ୍ଥିତିରେ ସନ୍ନ୍ୟାସିନୀ ଭଳି ଭୋଗବିଳାସଠାରୁ ଦୂରରେ ରହି ଶରୀରକୁ କ୍ଷୀଣ କରିଛ । ତମକୁ ଦେଖିବା ମାତ୍ରେ ମୁଁ ସେକଥା ବୁଝିପାରିଛି । ତମର ଆଉରି ସ୍ୱରି ସ୍ୱାମୀ ଥାଉ ଥାଉ ତମେ ନିଜକୁ ଏତେ କଷ୍ଟ ଦିଅ କାହିଁକି ? ତାହା କ'ଣ ମୋର ସ୍ୱରିଭାଇଙ୍କ ପ୍ରତି ଅନ୍ୟାୟ ନୁହେଁ କୃଷ୍ଣା ? ତେଣୁ ଆଜିଠାରୁ ତମେ ସେମାନଙ୍କ ପ୍ରତି ଅଧିକ ଯତ୍ନଶୀଳା ହେଲେ ମୋର ବ୍ରତପାଳନରେ ବାଧା ଉପୁଜିବ ନାହିଁ । ଏହା ଉଭୟଙ୍କର ମାନସିକ ଶାନ୍ତି ଓ ସ୍ଥିରତା ପାଇଁ ସହାୟକ ହବ । କୃଷ୍ଣା, ବର୍ତ୍ତମାନ ଆଉ ମାନ ଅଭିମାନ, ରଙ୍ଗରସର ବେଳ ନାହିଁ । ଆର୍ଯ୍ୟାବର୍ତ୍ତ ବର୍ତ୍ତମାନ କୌରବଙ୍କ ଅନ୍ୟାୟ ଶାସନରେ ବିପନ୍ନ । ଆଗରେ ମହାସମର ଅପେକ୍ଷା କରୁଛି । ଆଉ ତିନିବର୍ଷ ପରେ ପୃଥିବୀରେ ଯେଉଁ ଧର୍ମଯୁଦ୍ଧ ସଂଘଟିତ ହେବ, ସେଥିରେ ଜୟଯୁକ୍ତ ହେବାପାଇଁ ମାନସିକ ସ୍ଥିରତା ଆବଶ୍ୟକ । ତେଣୁ ଏଭଳି ପ୍ରତିଜ୍ଞା ମୁଁ ଭାବିଚିନ୍ତି କରିଛି । ଆମ ଜୀବନରେ ଆଉ କ'ଣ ଅଛି କୃଷ୍ଣା — କର୍ମ, କର୍ତ୍ତବ୍ୟ, ଧର୍ମରକ୍ଷା ଛଡ଼ା ଆମର ଆଉ କରଣୀୟ କିଛି ନାହିଁ। ଆଶା, ତମେ ମତେ ଭୁଲ୍ ବୁଝିବ ନାହିଁ ।''

Digitized by srujanika@gmail.com

ମୁଁ ମୋର ସ୍ୱାମୀଙ୍କୁ ଭୁଲ୍ ବୁଝିଲି ନାହିଁ । କାରଣ ମୁଁ ବୁଝିପାରିଥିଲି ଅର୍ଜୁନଙ୍କ ଭଳି ସ୍ୱାଭିମାନୀ ଏବଂ ମର୍ଯ୍ୟାଦାବନ୍ତ ପୁରୁଷ ଶ୍ରୀକୃଷ୍ଣଙ୍କୁ ବାଦ୍‌ଦେଲେ ଆଉ କେହି ନାହିଁ । ନଚେତ୍ ମୋ ଉପରେ ଥିବା ଅଭିମାନକୁ ଏତେ ଚମତ୍କାର ଭାବରେ ଏତେ ଦିନ ପରେ ଫେରାଇ ଦେଇଥା'ନ୍ତେ କିପରି ?

॥ ୪୦ ॥

କାମ୍ୟକ ବନ ଆମକୁ ଅପେକ୍ଷା କରିଥିଲା । ଜମ୍ଭୁ, କମ୍ଭୁ, କିର୍ମୀକ, କିରାତ, ବିରାତ ଇତ୍ୟାଦି ଶବର ବନ୍ଧୁମାନେ ଅଧୀର ଆଗ୍ରହରେ ଆମକୁ ଅପେକ୍ଷା କରିଥିଲେ । ଆମେ ପହଞ୍ଚିବା ପରେ ସଖା ଶ୍ରୀକୃଷ୍ଣ, ଦ୍ୱିତୀୟ ପାଟମହିଷୀ ସତ୍ୟଭାମାଙ୍କ ସହ ଆମକୁ ଶଙ୍ଖୋଳି ଆସିଲେ । ଅର୍ଜୁନ ସ୍ୱର୍ଗରାଜ୍ୟରୁ ଦିବ୍ୟାସ୍ତ୍ର ଲାଭ କରି ଫେରିଥିବା ଯୋଗୁଁ କୃଷ୍ଣ ଆନନ୍ଦରେ ସଖା ଅର୍ଜୁନଙ୍କୁ ଅଭିନନ୍ଦନ ଜଣାଇ ସ୍ୱର୍ଗରାଜ୍ୟର ସମ୍ବାଦ ପଚାରିଲେ । ଅର୍ଜୁନ ସ୍ୱର୍ଗରାଜ୍ୟର ଆମୋଦକର କାହାଣୀ କହି ସଖାଙ୍କର ମନୋରଞ୍ଜନ କଲେ ।

କୃଷ୍ଣଙ୍କୁ ଦେଖୁ ଦେଖୁ ମୁଁ ଅଭିମାନରେ କହିଲି — ''ଏତେଦିନ ପରେ ସଖାଙ୍କ ପାଦ କେମିତି ପଡ଼ିଲା ? ଅର୍ଜୁନ ସ୍ୱର୍ଗରାଜ୍ୟରେ ଥିଲାବେଳେ ଆମ୍ଭେମାନେ ମଲୁ କି ହଜିଲୁ କେବେ ତ ଖବର ନେଇନଥିଲ ! ଆଜି ଅର୍ଜୁନ ଫେରିଆସିବା ପରେ ବୋଧହୁଏ ଆମ କଥା ମନେପଡ଼ିଲା ।''

ଶ୍ରୀକୃଷ୍ଣ ଆକାଶରୁ ଖସିବା ପରି ଆଚମ୍ବିତ ହୋଇ କହିଲେ — ''ଦେଖ ସଖା, ନାରୀ ମନ କେଡ଼େ ଅକୃତଜ୍ଞ, ନିର୍ଦ୍ଦୟ ଏବଂ ମାୟାବିନୀ । ତମେ ଯେତେଦିନ ସ୍ୱର୍ଗରାଜ୍ୟରେ ଥିଲ ମୁଁ ଦ୍ୱାରକାପୁରର ସୁଖ ସ୍ୱାଚ୍ଛନ୍ଦ୍ୟ ତ୍ୟାଗ କରି ବନ୍ଧୁପତ୍ନୀଙ୍କ ଦେହରକ୍ଷା ଭାବରେ ଅରଣ୍ୟର ଦୁର୍ଗମ ପଥରେ ତାଙ୍କ ପଛେ ପଛେ ଘୂରିଛି । ପାଞ୍ଚବର୍ଷ ଧରି ଦ୍ୱାରକାପୁରରେ ମୋର ପତ୍ନୀମାନଙ୍କର ମୁଁଖଦର୍ଶନ ମଧ୍ୟ କରିନାହିଁ । ଅଥଚ ସେଥିପାଇଁ ମତେ ଧନ୍ୟବାଦ ଦେବା ତ ଦୂରର କଥା, ଅଧିକନ୍ତୁ ଦୋଷାରୋପ କରୁଛନ୍ତି କୃଷ୍ଣା ।''

ସଖାଙ୍କ ମିଥ୍ୟାବାଦିତାର ଚରମ ଦୃଷ୍ଟାନ୍ତ ଛଡ଼ା ଏ କ'ଣ ହେଇପାରେ ? ମୋର ମୌନତା ସତ୍ତ୍ୱେ ମୃଦୁ ମୃଦୁ ହସୁଥା'ନ୍ତି ଅର୍ଜୁନ । ସଖା କୋମଳ କଣ୍ଠରେ କହିଲେ— ''ସଖି, ସତକରି କୁହ, ପ୍ରତିଦିନ ଆଖି ବୁଜିଲେ ତମେ ଅର୍ଜୁନଙ୍କୁ ସ୍ୱପ୍ନ ଦେଖିଛ କି ନା ? ଜାଗ୍ରତ ଥାଇ ମଧ୍ୟ ବେଳେବେଳେ ତମେ ଅର୍ଜୁନଙ୍କର ଛାୟା ସରସୀ ଜଳରେ, ଅରଣ୍ୟର ବୃକ୍ଷ ଛାୟା ତଳେ, ହିମାଦ୍ରିର ତୁଷାରକଣାରେ ଦେଖିଛ କି ନା ? ଏପରି କି ତମ

Digitized by srujanika@gmail.com

ନଖଦର୍ପଣରେ ଅର୍ଜୁନଙ୍କର ପ୍ରତିଚ୍ଛବି ତମେ ଦେଖିଛ କି ନା ? ବର୍ଷାପାତ ଭିତରେ ବିରହିଣୀ ସାଜି ତମେ ଭିଜି ଭିଜି ବିରହ ଜ୍ୱାଳାକୁ ପ୍ରଶମିତ କଲାବେଳେ ଅଦୂରରେ ଅର୍ଜୁନଙ୍କର ଛାୟା ବର୍ଷାଧାରାରେ ଭିଜି ଭିଜି ଅରଣ୍ୟ ପଥରେ ତମକୁ ସଙ୍ଗଦାନ କରୁଥିବାର ଦୃଶ୍ୟରେ ତମେ ବିହ୍ୱଳିତା ହୋଇଥିଲ, ମନେନାହିଁ ? ଅବଶ୍ୟ ଭୀମସେନଙ୍କୁ ଡାକି ଦେଖାଇବା ପର୍ବରୁ ଛାୟାମୂର୍ତ୍ତିଟି ଅଦୃଶ୍ୟ ହୋଇଯାଇଥିଲା । ପରେ ଏ ସବୁ ନିଜ ମନୋଭାବନାର ପ୍ରତିଫଳନ ମନେକରି ତମେ ନୀରବ ରହିଛ । କ'ଣ ଏ କଥା ମିଥ୍ୟା ?''

ମୁଁ ଅବାକ୍ ହେଇ ପ୍ରଶ୍ନ କଲି — ''ସଖୀ, ଏକଥା ତମକୁ କିଏ କହିଲା ? ଆଜି ପର୍ଯ୍ୟନ୍ତ ଏକଥା ମୋ ଛଡ଼ା ଆଉ କେହି ଜାଣିନାହିଁ । ଅର୍ଜୁନଙ୍କୁ ପ୍ରତି ମୁହୂର୍ତ୍ତରେ ପାଖରେ ଦେଖେ, ଅନୁଭବ କରେ, ଅଥଚ ପରକ୍ଷଣରେ ମନେହୁଏ ମନର ଭ୍ରମ । ତାଙ୍କୁ ଅବିରତ ଭାବିବାର ଏହା ପରିଣାମ । ତେଣୁ ଲଜ୍ଜାରେ ନୀରବ ରହେ । ଏକଥା ତମେ କେମିତି ଜାଣିଲ ?''

ଶ୍ରୀକୃଷ୍ଣ ମୁହଁ ଶୁଖାଇ କହିଲେ —''ଅଙ୍ଗେ ଲିଭାଇଥିବା ଦୁଃଖ ମତେ କିଏ କହିବ କାହିଁକି ? ସଖା ତ ସ୍ୱର୍ଗରାଜ୍ୟରେ ଅପ୍ସରାମାନଙ୍କ ନୃତ୍ୟରେ ମଜ୍ଜିଯାଇଥିଲେ । ମୋ ଛଡ଼ା ଅନ୍ୟ କିଏ ଆଉ ଅର୍ଜୁନ ରୂପରେ ତମ ସହ ବୁଲିଥା'ନ୍ତା ? ସେତେବେଳେ ତମେ ଥରଟିଏ ବି ଅର୍ଜୁନଙ୍କ ବ୍ୟତୀତ ମୋର କଳ୍ପନାକୁ ମନରେ ସ୍ଥାନ ଦେଇନାହଁ । ଅର୍ଜୁନଙ୍କ ରୂପରେ ମୁଁ ଯେ ତମକୁ ସଙ୍ଗଦାନ କରିବା ପାଇଁ ଅରଣ୍ୟ ପଥରେ ଘୂରୁଛି ତମେ କଳ୍ପନାରେ ବି ମନକୁ ଆଣିଲ ନାହିଁ । ମୁଁ କାହିଁକି ବଳେ ବଳେ ନିଜକୁ ପ୍ରକାଶ କରିଥା'ନ୍ତି ? ମୋର ବି କ'ଣ କିଛି ଅଭିମାନ ନାହିଁ । ସଖା ଅର୍ଜୁନ ଏବଂ ମୁଁ ଯେ ଅଭିନ୍ନ ଏକଥା କ'ଣ ତମକୁ ଜଣାନାହିଁ ?'' ମୁଁ ସମ୍ମୋହିତା ହୋଇ କହିଲି — ''ଏକଥା ସତ୍ୟ ନା ମାୟା ? ପ୍ରତି ମୁହୂର୍ତ୍ତରେ ମୁଁ ଯାହାକୁ ମୋ ମନର ଛାଇ ଭାବୁଥିଲି ସେ କ'ଣ ସଖା କୃଷ୍ଣ ? ଥରେ ତ ମୁଁ ସ୍ଥିର ସିଦ୍ଧାନ୍ତରେ ପହଞ୍ଚିଥିଲି ଯେ ଅର୍ଜୁନ ଫେରିଆସିଛନ୍ତି ଏବଂ ଅରଣ୍ୟ ଭିତରେ ଆତ୍ମଗୋପନ କରି ବୁଲୁଛନ୍ତି । ଭୀମସେନ ଏବଂ ଅନ୍ୟମାନଙ୍କୁ ସେ କଥା କହିବାରୁ ସେମାନେ ମତେ ପରିହାସ କରିଥିଲେ । ଚେଇଁରହି ଅର୍ଜୁନଙ୍କୁ ସ୍ୱପ୍ନ ଦେଖୁଛି ବୋଲି ଚିଡ଼ାଇଥିଲେ । ସତକୁ ସତ ମୋ ଛଡ଼ା ଅନ୍ୟ କେହି ଅର୍ଜୁନଙ୍କ ଛାୟା ଦେଖିପାରୁନଥିଲେ ।''

ମୋ ଚକିତଭାବ ଲକ୍ଷ୍ୟକରି ସତ୍ୟଭାମା କହିଲେ — ''କୃଷ୍ଣା, ତମେ ନଜାଣିଲା ଭଳି ଏ କି କଥା କହୁଛ !ତମର ସଖା ଆମକୁ ପଛକରି ବନ୍ଧୁପତ୍ନୀର ଭଲମନ୍ଦ ବୁଝିବା ପାଇଁ ପାଞ୍ଚବର୍ଷ କାଳ ବଦରିକାଶ୍ରମରେ ଅବସ୍ଥାନ କରୁଥିଲେ । ତମର ଅର୍ଜୁନ-ବିରହ

Digitized by srujanika@gmail.com

ରୋଗର ଉପଶମ କରିବା ପାଇଁ ସେ ଆମକୁ କୃଷ୍ଣ-ବିରହ ଅନଳରେ କମ୍ ଜଳାଇ ନାହାନ୍ତି ପାଞ୍ଚବର୍ଷ କାଳ ।''

ମୁଁ ବ୍ୟଥିତ ସ୍ୱରରେ କହିଲି —''ସଖା ବଦରିକାଶ୍ରମରେ ଅଛନ୍ତି ବୋଲି ଆମେ କେହି ସେତେବେଳେ ଜାଣିନଥିଲୁ । ସଖା ଆମକୁ ସେକଥା ଜଣାଇଲେ ନାହିଁ କାହିଁକି ? ଜାଣିଥିଲେ ଅର୍ଜୁନ-ବିରହ ଦୁଃଖ ସମସ୍ତଙ୍କର ପ୍ରକୃତରେ ଉପଶମ ହୋଇଥା'ନ୍ତା ।''

ଶ୍ରୀକୃଷ୍ଣ ଉଦାସ ସ୍ୱରରେ କହିଲେ —''ବହୁଥର ଚେଷ୍ଟା କରିଛି ଜଣାଇବା ପାଇଁ । ପ୍ରତିଥର ତମେ ମତେ ଅର୍ଜୁନ ମନେକରି ଭ୍ରମରେ ପଡ଼ିଛ । ଶେଷକୁ ପତ୍ର ଖଣ୍ଡିଏ ଲେଖି, କୁବେରଙ୍କ ସରୋବରରୁ ସୌଗନ୍ଧିକ ପଦ୍ମପୁଷ୍ପ ତୋଳି, ତା'ର ପାଖୁଡ଼ା ଭିତରେ ପତ୍ରଟି ରଖି ତମ ପାଖକୁ ପ୍ରେରଣ କରିଥିଲି । ଅଥଚ ତମେ ପଦ୍ମଫୁଲଟି ଦେଖୁ ଦେଖୁ ଅର୍ଜୁନଙ୍କ ପାଇଁ ମାଳା ଗୁନ୍ଥିବ ବୋଲି ଆଉ ଶହେଟି ପଦ୍ମଫୁଲ ଗ୍ରହିଁଥିଲ । ମୋର ଏତେ ଯତ୍ନରେ ଲେଖା ପତ୍ରଟି ସେମିତି ଅପଢ଼ା ହୋଇ ରହିଗଲା ।''

ସତ୍ୟଭାମା ଚୁପ୍ ଚୁପ୍ କରି କୃଷ୍ଣଙ୍କୁ ଜେରା କଲେ—''ତା'ର ଅର୍ଥ ତମେ କୃଷ୍ଣାଙ୍କୁ ପ୍ରେମପତ୍ର ଲେଖିଥିଲ ! ସଖାଙ୍କୁ ସ୍ୱର୍ଗରାଜ୍ୟକୁ ପଠାଇ ବନ୍ଧୁପତ୍ନୀଙ୍କୁ ପ୍ରେମପତ୍ର ଲେଖିବା ତମ ପକ୍ଷେ କ'ଣ ଶୋଭନୀୟ !''

ଶ୍ରୀକୃଷ୍ଣ ଅପ୍ରସ୍ତୁତ ହେଲାଭଳି କହିଲେ —''ମତେ ଭୁଲ୍ ବୁଝନାହିଁ ସତ୍ୟା, ସେ ଏକ ମାମୁଲି ଶୁଭେଚ୍ଛା ପତ୍ର ଥିଲା ।''

ସତ୍ୟଭାମା ଅଭିମାନରେ ମୁହଁ ଭାରି କରି କହିଲେ —''ତମେ କିପରି ମାମୁଲି ଶୁଭେଚ୍ଛାପତ୍ର ଲେଖ ତା' ମତେ ବେଶ୍ ଜଣାଅଛି । ପୃଥିବୀର ପ୍ରଥମ ପ୍ରେମପତ୍ର ଆଦାନ ପ୍ରଦାନ ରୁକ୍ମିଣୀ ଏବଂ ତମ ଭିତରେ ହୋଇଥିଲା, ଏକଥା କିଏ ନଜାଣେ ? ପ୍ରେମପତ୍ର ଲେଖିବାରେ ପୃଥିବୀ ଇତିହାସରେ ପ୍ରଥମ ପୁରୁଷ ହିସାବରେ ତମର ନାମ ଲେଖାହୋଇ ରହିଛି । ମାମୁଲି ପତ୍ରଟିଏ ହୋଇଥିଲେ ପଦ୍ମପାଖୁଡ଼ାରେ ଭରି କୃଷ୍ଣାଙ୍କୁ ଲକ୍ଷ୍ୟକରି ପଦ୍ମଟି ପଠାଇଥା'ନ୍ତ କାହିଁକି ?''

ଏପରି କଥୋପକଥନ ଭିତରେ ମୁଁ ଲଜ୍ଜା ସଙ୍କୋଚରେ ମଉଳି ଗଲିଣି । ପିଲାଙ୍କ ଭଳି ସତ୍ୟଭାମାଙ୍କର ଏ କି ସନ୍ଦେହ ଏବଂ ଅଭିମାନ ! ସେ କ'ଣ ତାଙ୍କର ସ୍ୱାମୀଙ୍କୁ ଆଜି ପର୍ଯ୍ୟନ୍ତ ଚିହ୍ନିନାହାନ୍ତି ! ଯଦିବା ତାଙ୍କର ସନ୍ଦେହ ଜାଗିଛି ତେବେ ଏତେ ଲୋକଙ୍କ ସମକ୍ଷରେ ସ୍ୱାମୀଙ୍କ ଗୁମର ପଦାରେ ପକାଇଦେବା କ'ଣ ଉଚିତ ?

Digitized by srujanika@gmail.com

ଶ୍ରୀକୃଷ୍ଣ ହାତଯୋଡ଼ି ଅଭିନୟପୂର୍ବକ କହିଲେ —''ପଛକଥା ପାଇଁ କ୍ଷମା ମାଗୁଛି । ପତ୍ରଟି ଯାହା ବି ହେଉ କୃଷ୍ଣା ଯେତେବେଳେ ତାକୁ ନପଢ଼ି ପାଦରେ ଆଡ଼େଇ ଦେଇଛନ୍ତି, ସେ ବିଷୟରେ ଏତେ ଘଣ୍ଟାଚକଟା କାହିଁକି ? ମୁଁ ଯେ ପ୍ରେମାସ୍ପଦ ହେବାର ଅଯୋଗ୍ୟ ଏକଥା କୃଷ୍ଣା ପ୍ରମାଣ କରିଛନ୍ତି ।''

ସ୍ୱାମୀ ସ୍ତ୍ରୀ'ଙ୍କର ଏଭଳି ରଙ୍ଗରସ ଭିତରେ ଅର୍ଜୁନ ହସି ହସି କହିଲେ — ''ବ୍ୟସ୍ତହେବାର କିଛି ନାହିଁ ସଖା ! ତମ ପ୍ରେରିତ ପ୍ରେମପତ୍ର ଠିକଣା ସ୍ଥାନରେ ପହଞ୍ଚିଛି । ଏବେମଧ୍ୟ କୃଷ୍ଣା ସେଇ ସୌଗନ୍ଧିକ ପୁଷ୍ପଟିକୁ ନିଜର ପ୍ରିୟ ଦ୍ରବ୍ୟମାନଙ୍କ ଭିତରେ ସାଇତି ରଖିଛନ୍ତି । ମୁଁ ସ୍ୱର୍ଗରାଜ୍ୟରୁ ଫେରିବା ପରେ ମତେ ସେଇଟି ଦେଖାଉଥିଲେ ଏବଂ ତାକୁ ଆଘ୍ରାଣ କରି କହୁଥିଲେ ଫୁଲର ପାଖୁଡ଼ା ଭିତରେ ସେ କୃଷ୍ଣବାସ୍ନା ବାରି ପାରୁଛନ୍ତି । କୃଷ୍ଣବାସ୍ନା ବାରିପାରୁଛନ୍ତି ବୋଲି ଫୁଲଟିକୁ ସେ ଯତ୍ନରେ ସାଇତି ରଖିଛନ୍ତି । ତମ ଲିଖିତ ପତ୍ରଟି ଯଦି ଏବେମଧ୍ୟ ଫୁଲ ପାଖୁଡ଼ା ଭିତରେ ଥାଏ, ତେବେ ପଢ଼ି ଆଲୋଚନା କରିବା, ପତ୍ରଟିକୁ କେଉଁ ଶ୍ରେଣୀଭୁକ୍ତ କରାଯାଇପାରେ ।'' ଶ୍ରୀକୃଷ୍ଣ ଅର୍ଜୁନଙ୍କ କାନପାଖରେ ମୃଦୁ ସ୍ୱରରେ କହିଲେ — ''ଗୋଟିଏ ଅନୁରୋଧ, ଭୀମ ଯେପରି ପତ୍ରଟି ନପଢ଼େ । ପତ୍ରର ଗଭୀର ମର୍ମ ସେ ବୁଝିବ ନାହିଁ ଏକଥା ମୁଁ ଜାଣେ । ଅର୍ଥରୁ ଅନର୍ଥ କାଢ଼ି ସେ ଶେଷକୁ ମତେ ଗଦା ପ୍ରହାରରେ ଚୂର୍ଣ୍ଣ କରିଦେବ ।''

ଭୀମ ସେତେବେଳେ ଦୂରରେ ବସି ଶ୍ରୀକୃଷ୍ଣ ସତ୍ୟଭାମା ଆଣିଥିବା ମିଷ୍ଟାନ୍ନ ଭୋଜନ କରୁଥିଲେ । ସହଦେବ ଏବଂ ନକୁଳ ଭାର ଆଣିଥିବା ଯାଦବମାନଙ୍କ ସହ ଆଳାପ କରୁଥିଲେ । ଯୁଧିଷ୍ଠିର ମୁନିମାନଙ୍କ ସହ ଶାସ୍ତ୍ର ଆଲୋଚନା ପାଇଁ ଆଶ୍ରମକୁ ଯାଇଥିଲେ । ଅର୍ଜୁନ ହସିଦେଲେ ଏବଂ କହିଲେ, ''ଏକଥା ମୋ ଛଡ଼ା ଆଉ କେହି ଜାଣିବେ ନାହିଁ । କାହାକୁ କହିବି ମୋର ପ୍ରାଣର ସଖା ମୋର ପ୍ରାଣପ୍ରିୟା ପତ୍ନୀକୁ ମୋ ଅନୁପସ୍ଥିତିର ସୁଯୋଗ ନେଇ ପ୍ରେମପତ୍ର ଲେଖୁଥିଲେ ବୋଲି ? ଏଥିରେ ଲଜ୍ଜା ତ ମୋର ।''

ଶ୍ରୀକୃଷ୍ଣ ମତେ ଗ୍ରହିଁ ମୃଦୁ ହସି କହିଲେ — ''ଏତିକି ଭାଗ୍ୟ ଯେ ସଖି ପଦ୍ମଫୁଲଟିକୁ ଆଜିପର୍ଯ୍ୟନ୍ତ ସାଇତି ରଖିଛନ୍ତି ଓ ସେଥିରେ ମୋ ସ୍ପର୍ଶର ଗନ୍ଧ ବାରିପାରୁଛନ୍ତି । ସେତିକି ମୋ ପକ୍ଷେ କମ୍ ସୌଭାଗ୍ୟର ବିଷୟ ନୁହେଁ ! ମୋର ଦୁର୍ଭାଗ୍ୟ ଯେ ରୁକ୍ମିଣୀ ମଧ୍ୟ ମୋର ପ୍ରଥମ ପ୍ରେମପତ୍ରଟିକୁ ସାଇତି ରଖିନାହିଁ ।'' ସତ୍ୟଭାମା ସଙ୍ଗେ ସଙ୍ଗେ କଥା ଛଡ଼ାଇନେଇ କହିଲେ, ''ତା'ର ଅର୍ଥ ତମ ନିଜ ମୁହଁରେ ସ୍ୱୀକାର୍ କରୁଛ ଯେ କୃଷ୍ଣାଙ୍କୁ ପ୍ରେମପତ୍ର ଲେଖିଥିଲ !''

ଅର୍ଜୁନ ହସି ହସି କହିଲେ — ''ସଖାଙ୍କ ପ୍ରେମପତ୍ର ହିଁ ଅରଣ୍ୟର ପତ୍ର, ପୁଷ୍ପ, ମାଟି, ଝରଣା, ପଶୁ, ପକ୍ଷୀ, ମଣିଷ ମଣିଷ ଭିତରେ ପ୍ରେମର ଝରଣା ଝରାଇଦେବା

Digitized by srujanika@gmail.com

ପାଇଁ ସକ୍ଷମ ହୋଇଛି । ସଖା ପ୍ରେମପତ୍ର ଲେଖି ନଥିଲେ ସ୍ୱଣ୍ଣବର୍ଣ୍ଣର ପଦ୍ମ ପାଇଁ ଏତେ କାଣ୍ଡ ହୋଇନଥା'ନ୍ତା କିମ୍ବା ଆର୍ଯ୍ୟ-ଆର୍ଯ୍ୟେତର ସମନ୍ୱୟ କାର୍ଯ୍ୟର ଶୁଭାରମ୍ଭ ହୋଇନଥା'ନ୍ତା । ତେଣୁ ସଖାଙ୍କର ଏ ପ୍ରେମଜନିତ ଅପରାଧ କ୍ଷମଣୀୟ । ବୃହତ୍ତର ସ୍ୱାର୍ଥ ପାଇଁ କ୍ଷୁଦ୍ରତର ସ୍ୱାର୍ଥକୁ ବଳିଦିଆଯିବା ସଖାଙ୍କ ଜୀବନର ଆଦର୍ଶ ।''

ଅର୍ଜୁନଙ୍କର ଅକଳୁଷ ହୃଦୟର ଆନନ୍ଦ ଏବଂ ନିର୍ମଳ ପରିହାସ ମତେ ଆଶ୍ଚର୍ଯ୍ୟ କରିଦେଇଥିଲା । ଦୁଇ ସଖାଙ୍କ ଭିତରେ ବୁଝାମଣା ଓ ପ୍ରୀତିବନ୍ଧନର କୌଣସି ତୁଳନା ମୁଁ ଖୋଜି ପାଉନଥିଲି । ତା' ନହୋଇଥିଲେ ସତ ହେଉ ବା ପରିହାସ ହେଉ ପତ୍ନୀ ପାଖକୁ ବନ୍ଧୁର ପ୍ରେମପତ୍ର ପ୍ରେରଣକୁ ଏତେ ନିର୍ମଳ ହୃଦୟରେ ଗ୍ରହଣ କରିବା କେବେ କେଉଁଠି କ'ଣ ସମ୍ଭବ ହୁଅନ୍ତା ?

ମଧ୍ୟାହ୍ନ ଭୋଜନ ପରେ ସମସ୍ତେ ଅପରାହ୍ଣରେ ବିଶ୍ରାମ କରୁଥିବାବେଳେ ମୁଁ କମ୍ପିତ, ଉଲ୍ଲସିତ ହୃଦୟରେ ସୌଗନ୍ଧିକ ସହସ୍ରଦଳର ପାଖୁଡ଼ା ଖୋଲିଲି । ସତକୁ ସତ ପଦ୍ମଦଳର ସ୍ତରେ ସ୍ତରେ ସଖାଙ୍କ ହାତର ଅଲିଭା ସ୍ୱାକ୍ଷର ।

ପରମ ଆବେଗରେ ପାଖୁଡ଼ା ପରେ ପାଖୁଡ଼ା ଖୋଲି ମୁଁ ପଢୁଥିଲି —

ପ୍ରିୟ ସଖି,

ତମ ପାଇଁ ମୁଁ ଓଁ କାର, ଯିଏ ଆତ୍ମାକୁ ସ୍ପର୍ଶକରେ, ଉଠେ ଉର୍ଦ୍ଧ୍ୱକୁ, ମିଶେ ଅନନ୍ତ ନୀଳିମାରେ, ବିସ୍ତାରିଯାଏ ବିଶ୍ୱବ୍ରହ୍ମାଣ୍ଡରେ, ସୃଷ୍ଟି, ସ୍ଥିତି, ପ୍ରଳୟର ସ୍ୱରରେ ମିଶିଯାଏ । ସଖି ! ସୃଷ୍ଟି, ସ୍ଥିତି, ପ୍ରଳୟ ଭିତରେ ମୋ ସହ ତମର ବନ୍ଧନ — ଅବିଚ୍ଛେଦ୍ୟ, ଅଲଂଘ୍ୟ । ଦେଖ ଏଇ ପଦ୍ମକୁ । ଆକାଶରେ ସୂର୍ଯ୍ୟ ଅଥଚ ଜଳ ଭିତରେ ପଦ୍ମର ଏକାଗ୍ର ପ୍ରତୀକ୍ଷା । ସେ ସୂର୍ଯ୍ୟଙ୍କୁ ପାଏ ଜଳ ଭିତରେ । ସୂର୍ଯ୍ୟ ପ୍ରତିବିମ୍ବିତ ହୁଅନ୍ତି, ସେଇ ପ୍ରତିବିମ୍ବ ଉପରେ ପଦ୍ମର ପାଖୁଡ଼ା ଝରିଯାଏ । ତା' ଜୀବନର ସାର୍ଥକତା ସେତିକି । ମୁଁ ଅଛି— ତମ ହୃଦୟରେ ପ୍ରତିବିମ୍ବିତ ହେଉଛି — ମୋର ପ୍ରତିବିମ୍ବକୁ ଯିଏ 'ମୁଁ' ଭାବେ ନାହିଁ, ସେ ମତେ ପାଏ ନାହିଁ । ଯିଏ ମତେ ପାଏ 'ମୁଁ' ତା' ଭିତରେ ପ୍ରତିବିମ୍ବିତ ହୁଏ —

ସଖି, ଯିଏ ତୁମ ପ୍ରଭାତୀ ମନ୍ତ୍ରର ଓଁକାର, ସାନ୍ଧ୍ୟ ଆରତୀର ଝଙ୍କାର — ସେଇ ମୁଁ । ମୁଁ ତମ ପାଖେ ପାଖେ ଅଛି — ତମର ଭୟ କ'ଣ ?

ଚିଠିଟା ପଢୁ ପଢୁ ମୁଁ ପଦ୍ମଫୁଲଟିଏ ହୋଇଗଲି । ସୂର୍ଯ୍ୟର ପ୍ରତିବିମ୍ବ ଉପରେ ପାଖୁଡ଼ା ଝରାଇଦେଲି — କୃଷ୍ଣପ୍ରେମର ବିଶାଳତା ଭିତରେ ନିଜକୁ ସମର୍ପି ଗଭୀର କେତକୀ ପାଖୁଡ଼ାରେ ଅଧରର ରଙ୍ଗ ନେଇ ପ୍ରୀତିର ପ୍ରତ୍ୟୁତ୍ତର ଲେଖିଲି —

Digitized by srujanika@gmail.com

ହୃଦୟେଶ୍ୱର ସଖା,

ତମ ପାଇଁ ମୁଁ ଉଦ୍ୟାନଟିଏ, ସେଥିରେ ଫୁଲ ଫୁଟେ, କାହିଁକି ଫୁଟେ ଜାଣେନାହିଁ । ଫୁଟା ଫୁଲ ଦିନେ ଝରିଯାଏ — କାହିଁକି ଝରିଯାଏ ମଧ୍ୟ ଜାଣିନାହିଁ । ଏତିକି ଜାଣେ, ଯାହାପାଇଁ ଫୁଲ ଫୁଟେ ତା'ରିପାଇଁ ଝରିଯାଏ । ତେଣୁ ଫୁଟାଫୁଲର ସାର୍ଥକତା, ଝରାଫୁଲର ବ୍ୟଥା ଜଣକୁ ହିଁ ସମର୍ପିତ । ସେ ଜଣକ ତମେ — ତମ ଭିତରେ ଯାହାକୁ ଖୋଜେ ସେ ମଧ୍ୟ ତମଠାରୁ ଭିନ୍ନ ନୁହେଁ । ତମେ ମୋର କୃଷ୍ଣ, ତମେ ମୋର ଅର୍ଜୁନ, ତମେ ମୋର ବିଶ୍ୱମୟ, ଆଶା ପ୍ରତ୍ୟାଶାର ବହୁ ଉର୍ଦ୍ଧ୍ୱରେ, ତମେ ମୋର ସଖା । ତମେ ମୋର ହୁଅ ବା ନହୁଅ ମୁଁ ତମର, ମୁଁ ତମର — ।''

କେତକୀ ପତ୍ରଟି ସମୀର ପ୍ରବାହରେ ମୋ ହାତରୁ ଉଡ଼ିଯାଇ ପଡ଼ିଲା ତାଙ୍କ ପାଦ ଉପରେ । ସେ ପତ୍ରଟିକୁ ତୋଳିନେଇ ପଢୁ ପଢୁ ମୃଦୁ ହସରେ ମତେ ରଙ୍ଗେଇ ଦେଲେ । ତାଙ୍କ ପାଦ ଉପରେ ଦୃଷ୍ଟି ସ୍ଥିର ରଖି ମୁଁ ଚକିତା ହୋଇ ଦେଖିଲି ପତ୍ର ପଢୁଛନ୍ତି ମୋର ସ୍ୱାମୀ ଅର୍ଜୁନ, ଅଥଚ ମୁଁ ପତ୍ର ଲେଖିଛି ସଖା ଶ୍ରୀକୃଷ୍ଣଙ୍କୁ ! ଅର୍ଜୁନଙ୍କ ପଛପଟେ ଦିଶୁଛି ସଖାଙ୍କ ହସ ହସ ମୁହଁ, ଅର୍ଜୁନ ଚିଠି ପଢ଼ା ସାରିନାହାନ୍ତି, ସଖା ଚିଠିଟା ଆତ୍ମସ୍ଥ କରିଦଲେଣି । କହିଲେ —''ସଖା, ପର ଚିଠି ପଢ଼ିବା ଅନ୍ୟାୟ । ଏ ପତ୍ର ମତେ ଲେଖିଛନ୍ତି କୃଷ୍ଣା ।''

''କିନ୍ତୁ ପତ୍ରଟି ମୋ ପାଦ ଉପରେ ଆସି ପଡ଼ିଲା ଯେ''— ଅର୍ଜୁନ କହିଲେ । କୃଷ୍ଣ ହସି ହସି କହିଲେ—''ତେବେ ପତ୍ରଟି ତୁମର, ତା'ର ଭାଷା ଓ ଭାବ ମୋର । ପତ୍ରଟି ପଢ଼ିବା ପୂର୍ବରୁ ହିଁ ମୋର ଆତ୍ମସ୍ଥ ହୋଇଛି ।''

''କେମିତି ?'' ଅର୍ଜୁନ ପଶ୍ନକଲେ । ''ସେତିକି ତ ତମ ମୋ ଭିତରେ ତପୀତ୍ । ତମେ ଯାହାକୁ ସ୍ଥୂଳ ରୂପରେ ପାଅ, ମୁଁ ତାକୁ ସୂକ୍ଷ୍ମ ଅନୁଭବରେ ଗ୍ରହଣ କରେ । ଦ୍ରୌପଦୀ ତମର, ତାଙ୍କର ଦେହାତୀତ ସତ୍ତା ମୋର । ଏ ବୁଝି ତ ଆମ ଭିତରେ ବହୁ ପୂର୍ବରୁ ହୋଇଯାଇଛି । ଆଜି ସେଥିପାଇଁ ଦ୍ୱନ୍ଦ୍ୱ କାହିଁକି ?''

ଅର୍ଜୁନ ହାତଯୋଡ଼ି କହିଲେ—''ମଣିଷ ସବୁ ଜାଣି ନଜାଣିବା ପରି କାର୍ଯ୍ୟ କରେ । ସେଇ ତ ସଂସାରର ମାୟା । ଆମେ ଜାଣୁ ପାଣ୍ଡବମାନେ କୃଷ୍ଣର, ଏ ସଂସାର କୃଷ୍ଣର, କୃଷ୍ଣା ବି କୃଷ୍ଣର । ତଥାପି ମାୟାରେ ପଡ଼ି ବେଳେବେଳେ କୃଷ୍ଣା ପାଇଁ କୃଷ୍ଣ ପ୍ରତି ଈର୍ଷା ହୁଏ — ।''

କୃଷ୍ଣ ହସି ହସି କହିଲେ —''ଛନ୍ଦପତନରେ ହିଁ ଜୀବନର ମଧୁରତା ଥାଏ । ଦାମ୍ପତ୍ୟ ଜୀବନରେ ମାନ ଅଭିମାନ ପରି ଈର୍ଷା ମଧ୍ୟ ମଧୁଚକ୍ର ସୃଷ୍ଟିକରେ । ତେଣୁ

Digitized by srujanika@gmail.com

ତମର ଦାମ୍ପତ୍ୟ ଜୀବନରେ ମଧୁଚକ୍ର ସୃଷ୍ଟି କରିବା ଛଡ଼ା ମୋର ଅନ୍ୟ ଉଦ୍ଦେଶ୍ୟ ନାହିଁ— ସଖା ବିଶ୍ୱାସ କର ମତେ, କୃଷ୍ଣା ଏବଂ ତମ ଭିତରେ ମୁଁ କେବଳ ଏକ ମଧୁଚକ୍ର ।''

ଅର୍ଜୁନ ଏବଂ ଶ୍ରୀକୃଷ୍ଣ ମୋ ଆଖିକୁ ଏଭଳି ଦିଶୁଥିଲେ । ମୁଁ ବିହ୍ୱଳିତା ହୋଇ ଦୁହିଁଙ୍କୁ ଅପଲକ ଦୃଷ୍ଟିରେ ଚାହିଁଥିଲି ।

॥ ୪୧ ॥

ଫଳପୁଷ୍ପଭରା ଜାମ୍ୟକ ବନର ଗୋଟିଏ ନିଜସ୍ୱ ମାୟା ଅଛି । ଦ୍ୱାରକାର ଅଧିପତି ମର୍ଯ୍ୟାଦାପୁରୁଷ କୃଷ୍ଣଙ୍କ ଦ୍ୱିତୀୟ ପାଟବଂଶୀ ସତ୍ୟଭାମା ଜାମ୍ୟକବନର ଶୋଭା ଏବଂ ଶାନ୍ତିପୂର୍ଣ୍ଣ ପରିବେଶରେ ରହୁ ରହୁ ଏକ ସପ୍ତାହ ଗତ ହେଲାଣି । ତଥାପି ସେ ଦ୍ୱାରକା ଫେରିଯିବା ପାଇଁ ମନ ବଳାଉ ନାହାନ୍ତି । ଦୁଇ ସଖୀ ଭଳି ଆମେ ଦୁହେଁ ଆନନ୍ଦରେ ହସ ଖୁସି, ଦୁଃଖ ସୁଖ, ଅଙ୍ଗା ପରିହାସ ଭିତରେ ମନ ଖୋଲି ଦେଇଛୁ । ଅନେକ ଦିନ ହେବ ହରିତା, ସୁଭଦ୍ରା, ମାୟା, ନିତମ୍ବିନୀ ଇତ୍ୟାଦିଙ୍କ ସହ ମନ ଖୋଲି କଥା ହେବାର ସୁଯୋଗ ହରାଇଛି । ତେଣୁ ଆଡି ସତ୍ୟାଙ୍କୁ ପାଖରେ ପାଇ ମୁଁ ଯେତିକି ପ୍ରଗଲ୍ଭା ହୋଇଉଠୁଛି, ମୋର ଆତିଥ୍ୟ, ଆଦର, ଯତ୍ନ, ପ୍ରାଣଖୋଲା ଆଳାପ ଏବଂ ଅନାବିଳ ମମତା ପାଇ ସତ୍ୟା ତା'ଠାରୁ ବେଶି ଚପଳା ହୋଇଉଠିଛନ୍ତି । ଏକ ସପ୍ତାହ ଭିତରେ ପଞ୍ଚସ୍ୱାମୀଙ୍କ ସହ ମୋର ପ୍ରେମମୟ ଦାମ୍ପତ୍ୟ ଜୀବନର ମଧୁରପ୍ରବାହ ତାଙ୍କୁ ଅଭିଭୂତା କରିଛି । ଖାଲି ସେତିକି ନୁହେଁ, ବହୁ ନାରୀଙ୍କର କାମ୍ୟପୁରୁଷ ତାଙ୍କର ସ୍ୱାମୀ କୃଷ୍ଣଙ୍କର ମଧ୍ୟ ମୋ ପ୍ରତି ଆକର୍ଷଣ ଓ ଅନୁରାଗ ତାଙ୍କୁ ବିସ୍ମିତା କରିବା ସଙ୍ଗେ ସଙ୍ଗେ ସାମାନ୍ୟ ଈର୍ଷାନ୍ୱିତା କରିଛି । ମୁଁ ଏକ ସଙ୍ଗେ କିଭଳି ଭାବେ ପଞ୍ଚସ୍ୱାମୀଙ୍କର ପ୍ରେମାସ୍ପଦା ହୋଇପାରିଛି ଏବଂ ନିଜେ ସୁଖୀ ହେବା ସଙ୍ଗେ ସଙ୍ଗେ ସମସ୍ତଙ୍କୁ ସୁଖୀ କରିପାରିଛି, ତାହାହିଁ ତାଙ୍କୁ ବିସ୍ମୟାଭିଭୂତା କରିଛି । ଖାଲି ସେତିକି ନୁହେଁ, କୃଷ୍ଣଙ୍କ ସହ ମୋର ଅବାଧ ମିଳାମିଶା ଓ ଅକୁଣ୍ଠ ଆଦର ସ୍ନେହକୁ ମୋ ସ୍ୱାମୀମାନେ କିଭଳି ଏପରି ଉଦାର ହୃଦୟରେ ଗ୍ରହଣ କରୁଛନ୍ତି, ତାହା ତାଙ୍କ ଚିନ୍ତାଶକ୍ତିର ବାହାରେ । ଭୀମଙ୍କ ଭଳି ଭୟଙ୍କର ଅସନ୍ତୁଷ୍ଟ ପୁରୁଷଟିକୁ ମୁଁ କିପରି ସବୁମନ୍ତେ ସନ୍ତୁଷ୍ଟ କରିପାରିଛି, ତାହାହିଁ ତାଙ୍କୁ ସବୁଠୁ ଆଶ୍ଚର୍ଯ୍ୟରେ ପକାଇଛି । ଏଇ ସାତ ଦିନର ରହଣିକାଳ ଭିତରେ ସଖା ଶ୍ରୀକୃଷ୍ଣଙ୍କ ସହ ତାଙ୍କର ଅନେକଥର ଯୁକ୍ତିତର୍କ, ରାଗରୋଷ, ମାନ ଅଭିମାନ ପର୍ବ ଅନୁଷ୍ଠିତ ହୋଇଗଲାଣି । ସବୁଥରକ ଶ୍ରୀକୃଷ୍ଣ ମତେ ହିଁ ମଧ୍ୟସ୍ଥତା କରି ସ୍ତ୍ରୀଙ୍କ ସହ ମିଳାମିଶା

Digitized by srujanika@gmail.com

କରାଇ ନେଇଛନ୍ତି । ଅଥଚ ମୋର ପଞ୍ଚସ୍ୱାମୀଙ୍କ ସହ ମୋର ଅଯଥା ଯୁକ୍ତିତର୍କ ତ ଦୂରର କଥା, ମାନଅଭିମାନର ସୂଚନା ସତ୍ୟଭାମା ପାଇପାରିନାହାନ୍ତି । ଅବଶ୍ୟ ଆମ ପରିବାରର ସମସ୍ତ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ମୁଁ ଭାଗ ନେଇଛି, ମୋର ସ୍ୱାଧୀନ ଚିନ୍ତାଧାରା ଓ ଉଚିତ ବିସ୍ୱରକୁ ନିର୍ଭୟରେ ପ୍ରକାଶ କରି ଓ ଆବଶ୍ୟକ ସ୍ଥଳେ ସ୍ୱାମୀମାନଙ୍କ ଅନୁଚିତ ବିସ୍ୱରକୁ ଖଣ୍ଡନ ମଧ୍ୟ କରିଛି । ଏପରି କି ଜ୍ୟେଷ୍ଠ ଯୁଧିଷ୍ଠିରଙ୍କ କଥାରେ ପ୍ରତିବାଦ କରି ଓ ଭୀମସେନଙ୍କ ଅଯଥା ଯୁକ୍ତିକୁ ଖଣ୍ଡନ କରି ତାଙ୍କୁ ଉଚିତ କଥା ଶୁଣାଇଛି । ଏସବୁ ସତ୍ତ୍ୱେ ଆମ ଭିତରେ ରାଗ ରୋଷ ମନୋମାଳିନ୍ୟର ସୂତ୍ରପାତ ହୋଇନାହିଁ । ବରଂ ପ୍ରତିକଥାରେ ସ୍ୱାମୀମାନେ ମୋର ମତାମତ ଲୋଡ଼ିଛନ୍ତି, ମୋ ବିନା କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରିନାହାନ୍ତି । ଏ ସବୁ ଦେଖି ସତ୍ୟା ଏକ୍‌ବାର ସ୍ତମ୍ଭୀଭୂତା ।

ମୋ ପାଖରେ ଛାଇପରି ଲାଗିରହି ସେ ମୋର କାର୍ଯ୍ୟକଳାପ ଲକ୍ଷ୍ୟ କରୁଛନ୍ତି । ମୋ ସଫଳ ଯୁଗ୍ମଜୀବନର ରହସ୍ୟର ଗ୍ୱବିକାଠି ଖୋଜି ହେଉଛନ୍ତି । ପାରିବାରିକ ଜୀବନରେ ପତ୍ନୀର ଉଚିତ ମର୍ଯ୍ୟାଦାର ସୂତ୍ର ଖୋଜୁଛନ୍ତି । କିଛି ସେ ପାଉନାହାନ୍ତି । ଦିନେ ଅପରାହ୍ଣରେ ସ୍ୱାମୀମାନେ ସଖା କୃଷ୍ଣଙ୍କ ସହ କାମ୍ୟକ ବନର ଶବର ପଲ୍ଲୀରେ ହେଉଥିବା ଉତ୍ସବରେ ଯୋଗଦେବା ପାଇଁ ଯିବା ଅବସରରେ ସତ୍ୟଭାମା ଅତ୍ୟନ୍ତ ଆଗ୍ରହରେ ମତେ ପଗ୍ୱରିଲେ — ''ଭଉଣୀ କୃଷ୍ଣା, ତମେ କେଉଁ ଉପାୟରେ ଏକସଙ୍ଗେ ପଞ୍ଚସ୍ୱାମୀଙ୍କୁ ସମାନ ଭାବରେ ସନ୍ତୁଷ୍ଟ କରି ରଖିପାରିଛ ? ମୁଁ ଦେଖୁଛି ସେମାନେ ତମର ଯେକୌଣସି ଇଚ୍ଛାକୁ ପୂରଣ କରିବାକୁ ଆଗ୍ରହରେ ପ୍ରସ୍ତୁତ ହୋଇ ରହିଛନ୍ତି । ତମ ଯୁଗ୍ମ ଜୀବନରେ ଅଶାନ୍ତି ଅସନ୍ତୋଷର ଚିହ୍ନବର୍ଣ୍ଣ ନାହିଁ । ଅଥଚ ଆମେ ଦ୍ୱାରକାପୁରୀରେ କୃଷ୍ଣଙ୍କର ଅଷ୍ଟପାଟବଂଶୀ ଏବଂ ଅସଂଖ୍ୟ ଉପପତ୍ନୀ ଥାଉ ଥାଉ ତାଙ୍କୁ ନିଜ ପ୍ରେମପାଶରେ ବାନ୍ଧିରଖି ପାରିନାହୁଁ । ସେ ଜେତେବେଳେ କେଉଁଆଡ଼େ ଯାଉଛନ୍ତି, କ'ଣ କରୁଛନ୍ତି, ଆମେ ତା'ର ଖବର ମଧ୍ୟ ରଖି ପାରୁନାହୁଁ । ଆମ ସ୍ନେହ ମମତାର ଡୋରିକୁ ସେ ପଛକୁ ପକାଇ କେଉଁଠି କେତେବେଳେ କାହା ସ୍ନେହପାଶରେ ବନ୍ଧା ପଡ଼ିଯିବେ ତା'ର ଠିକଣା ନାହିଁ । ଏଇତ ପାଞ୍ଚବର୍ଷ ଧରି ତମ ଭଲ ମନ୍ଦ ବୁଝିବା ପାଇଁ ଅରଣ୍ୟେ ଅରଣ୍ୟେ ବୁଲିଲେ । ସଖି ତମେ କ'ଣ ସ୍ୱାମୀମାନଙ୍କୁ ବଶ କରିବା ପାଇଁ କିଛି ମନ୍ତ୍ରତନ୍ତ୍ର, ଗୁଣିଗାରେଡ଼ି, ଜଡ଼ିବୁଟି ପ୍ରୟୋଗ କରୁଛ ? ଦୟାକରି ମତେ ଶିଖାଇଦେବ କି ?''

ମୁଁ ଜିଭ କାମୁଡ଼ି ପକାଇ କହିଲି—''ଛି ଛି ସତ୍ୟା, ଏପରି କଥା କୁହନାହିଁ । ମୂର୍ଖ, ବିସ୍ୱରଶୂନ୍ୟ ସ୍ତ୍ରୀମାନେ ସ୍ୱାମୀଙ୍କୁ ବଶ କରି ରଖିବା ପାଇଁ ଏଭଳି ମନ୍ତ୍ରତନ୍ତ୍ର, ଜଡ଼ିବୁଟିର ଆଶ୍ରୟ ନିଅନ୍ତି ବୋଲି ମୁଁ ଶୁଣିଛି । ତା'ଦ୍ୱାରା ସ୍ୱାମୀମାନଙ୍କର ଆତ୍ମା ଓ

Digitized by srujanika@gmail.com

ବିଶ୍ୱାସ ତ ହରାଇ ବସନ୍ତି, ବେଳେବେଳେ ମୂର୍ଖାମି କରି ସ୍ୱାମୀମାନଙ୍କର ନାନାଦି ଭୟଙ୍କର ରୋଗ, ବାଘ୍ୱଳତା ଏପରିକି ମୃତ୍ୟୁର ବି କାରଣ ହୁଅନ୍ତି । ସତ୍ୟା ! ତୁମେ ସଖା କୃଷ୍ଣଙ୍କର ପ୍ରାଣପ୍ରିୟା ପତ୍ନୀ । ମୁଁ ତୁମକୁ ଭଉଣୀ ହିସାବରେ ସାବଧାନ କରି ଦେଉଛି ଏଭଳି ଉପାୟ କେବେହେଲେ ଅବଲମ୍ବନ କରିବ ନାହିଁ । ତା'ହେଲେ ସ୍ୱାମୀ ତମକୁ ନିଜ ଶଯ୍ୟାରେ କାଳସର୍ପିଣୀ ମନେକରି ଘୃଣା କରିବେ ।''

''ତେବେ ତୁମେ କେଉଁ ଉପାୟରେ ସ୍ୱାମୀମାନଙ୍କୁ ବାନ୍ଧି ରଖିଛ ?'' ସତ୍ୟା ବ୍ୟାକୁଳ ଆଗ୍ରହରେ ପଗ୍ଧରିଲେ ।

ମୁଁ ନିର୍ମଳ ହୃଦୟରେ ସରଳମନା ସତ୍ୟାଙ୍କୁ ମୋର ସ୍ୱାମୀ ସୋହାଗର ରହସ୍ୟ ଖୋଲି କହିଲି । ମୁଁ ହସି ହସି କହିଲି—''ଶୁଣ ସତ୍ୟା, ଯଦି ପାର ନିଜ ଜୀବନରେ କାର୍ଯ୍ୟରେ ଲଗାଇବ । ମୁଁ ମୋ ଭିତରୁ ଅହଂକାରକୁ ଦୂରକରି ସ୍ୱାମୀଙ୍କ ପାଦତଳେ ମୋର ନାରୀତ୍ୱକୁ ପୂଜାଫୁଲ ପରି ନିଷ୍କାମ ପ୍ରେମଜଳରେ ସୁରଭିତ କରି ଅଜାଡ଼ି ଦେଇଛି । ଯେକୌଣସି ପରିସ୍ଥିତିରେ ମୁଁ ଈର୍ଷାତୁରା ନହେବା ପାଇଁ ଚେଷ୍ଟା କରିଛି । ସେଥିପାଇଁ ଭଦ୍ରା ମୋର ଅତ୍ୟନ୍ତ ଆଦରଣୀୟା । ଅଭିମନ୍ୟୁ ଏବଂ ଘଟୋତ୍କଚ ମୋର ପୁତ୍ରଠାରୁ ଅଧିକ ପ୍ରିୟତମ । ମୁଁ ସଦା ହସ ହସ ଏବଂ ଅତ୍ୟନ୍ତ ଘ୍ୱରୁଶୀଳା ହେବାପାଇଁ ପ୍ରୟାସ କରିଛି । ସ୍ୱାମୀଙ୍କ ଭୋଜନ ଏବଂ ଶୟନ ପୂର୍ବରୁ ମୁଁ କେବେହେଲେ ଭୋଜନ, ଶୟନ କରେନାହିଁ । ସେମାନେ ଶଯ୍ୟା ତ୍ୟାଗ କରିବା ପୂର୍ବରୁ ମୁଁ ଉଠିପାରିଥାଏ । ସେମାନଙ୍କ କାର୍ଯ୍ୟରେ ମୁଁ କେବେ ଆଳସ୍ୟ ପ୍ରକାଶ କରେନାହିଁ । ସେମାନେ ଦୂରରୁ ଗୃହକରି ଘରକୁ ଫେରିଲେ ମୁଁ ସେମାନଙ୍କ ପାଇଁ ଆସନ, ଜଳ, ଖାଦ୍ୟ ଏବଂ ବିଶ୍ରାମସ୍ଥାନ ପ୍ରସ୍ତୁତ କରି ଅପେକ୍ଷା କରିଥାଏ । ଗୃହର ପ୍ରତ୍ୟେକ କାର୍ଯ୍ୟ ମୁଁ ନିଜେ ତଦାରଖ କରିଥାଏ ଏବଂ ଦାସଦାସୀ ଥିଲେ ମଧ୍ୟ ସ୍ୱାମୀଙ୍କ ପ୍ରିୟଖାଦ୍ୟ ନିଜେ ରନ୍ଧନ କରି ପାଖରେ ବସି ଯତ୍ନରେ ଖୁଆଇଥାଏ । ମୋ ନିଜର ଦୁଃଖ, ଦୁଶ୍ଚିନ୍ତାରେ ସେମାନଙ୍କ ମୁଣ୍ଡକୁ ଭାରାକ୍ରାନ୍ତ କରେ ନାହିଁ, ବରଂ ସେମାନଙ୍କର ଯାବତୀୟ ଦୁଃଖ ଦୁଶ୍ଚିନ୍ତାରେ ଅଂଶୀଦାର ହୋଇ ସୁଚିନ୍ତିତ ମତାମତ ଦେଇଥାଏ । ପ୍ରସାଧନ, ସ୍ନାନ ଏବଂ ବେଶ ପରିପାଟୀରେ ମୁଁ ଅଧିକ ସମୟ ଦିଏ ନାହିଁ ଏବଂ ସ୍ୱାମୀ ଦୂରରେ ଥିଲେ ମୁଁ ପ୍ରସାଧାନ ଓ ଭୂଷଣ ତ୍ୟାଗ କରିଥାଏ । ସେମାନେ ପସନ୍ଦ କରୁନଥିବା କାମ ମୁଁ ପସନ୍ଦ କରେନାହିଁ ଏବଂ ସେମାନେ କ'ଣ ପସନ୍ଦ କରନ୍ତି, କ'ଣ ପସନ୍ଦ କରନ୍ତି ନାହିଁ କହିବା ପୂର୍ବରୁ ଜାଣିବାକୁ ଚେଷ୍ଟାକରି ସେଇ ଅନୁସାରେ କାର୍ଯ୍ୟ କରିଥାଏ । ମୁଁ ଅଯଥାରେ କଥା ବା ସମୟ ଖର୍ଚ୍ଚ କରେ ନାହିଁ ବା ବିନା କାରଣରେ ହସି ହସି ଲୋଟିଯାଏ ନାହିଁ । ଘ୍ୱଲିଚଳଣ, ଆଘ୍ୱର ବ୍ୟବହାର, ଖାଦ୍ୟ, ବିଶ୍ରାମ ଏପରିକି ପ୍ରେମରେ ମଧ୍ୟ ମୁଁ ସଂଯମ ଆଚରଣ କରିବାକୁ ଚେଷ୍ଟା

Digitized by srujanika@gmail.com

କରିଥାଏ । ସବୁଠୁ ବଡ଼ କଥା ମୁଁ ସ୍ୱାମୀମାନଙ୍କୁ ସନ୍ଦେହ କରେ ନାହିଁ, ଅଯଥା ଅଭିଯୋଗ ବାଢ଼ି ବିରକ୍ତ କରେନାହିଁ କିମ୍ବା ତାଙ୍କଠାରୁ କୌଣସି କଥା ଗୋପନ ରଖେନାହିଁ । ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା — ମୁଁ ସେମାନଙ୍କ ଆଗରେ ସେମାନଙ୍କ ବଂଶର ଏବଂ ମାତା କୁନ୍ତୀଙ୍କର ବିରୋଧରେ ପଦଟିଏ ମଧ୍ୟ ଉଚ୍ଚାରଣ କରେ ନାହିଁ । ପଞ୍ଚସ୍ୱାମୀଙ୍କୁ ମୁଁ ସମାନ ବ୍ୟବହାର ଦେଖାଏ ଏବଂ କାହାରି ଦୋଷ ଗୁଣ ଅନ୍ୟ କାହା ସଙ୍ଗେ ଆଲୋଚନା କରେନାହିଁ । ମୋର ସ୍ୱାମୀମାନେ ଦାସୀକୁ କିଛି ଆଦେଶ ଦେବା ମାତ୍ରେ ମୁଁ ନିଜେ ଆଗ୍ରହ ସହକାରେ ସେ କାର୍ଯ୍ୟଟି କରିଥାଏ । ବାପାଙ୍କ ଘରର ଆଡ଼ମ୍ବର, ବିଳାସ, ବଡ଼ପଣ ମୁଁ ସ୍ୱାମୀମାନଙ୍କ ଆଗରେ କେବେହେଲେ ମୁହଁରେ ଧରେ ନାହିଁ ଏବଂ ଅନ୍ୟ ପୁରୁଷର ଧନ ଐଶ୍ୱର୍ଯ୍ୟ ପ୍ରତିପତ୍ତି ସହ ସ୍ୱାମୀଙ୍କୁ ତୁଳନା କରି ନିଜ ଭାଗ୍ୟକୁ ଧିକ୍‌କାର କରେନାହିଁ । ଏପରିକି ସ୍ୱାମୀଙ୍କ ଆଗରେ ମୁଁ ଅନ୍ୟପୁରୁଷର ସ୍ତ୍ରୀକୁ ମୋ'ଠାରୁ ସୌଭାଗ୍ୟବତୀ ବୋଲି କହେନାହିଁ । ମୁଁ ନିଜ ମନର ଅଜସ୍ର କାମନାକୁ ସ୍ୱାମୀଙ୍କ ଆଗରେ ପ୍ରକାଶ କରେନାହିଁ, ନିର୍ଜନରେ ଅନ୍ୟପୁରୁଷ ସହ ସମୟ କାଟେନାହିଁ ଏବଂ ଖଳପ୍ରକୃତିର ସ୍ତ୍ରୀଲୋକଙ୍କ ସହ ବନ୍ଧୁତା ବଢ଼ାଏ ନାହିଁ । ସ୍ୱାମୀଙ୍କ ସମ୍ମୁଖରେ ନିଜକୁ ସତେଜ, ସୁନ୍ଦର, ଚିରଯୌବନା ଭାବରେ ରଖିବାକୁ ପ୍ରୟାସ କରିଥାଏ । ସ୍ୱାମୀଙ୍କ ପାଇଁ ଆମେ ସନ୍ତାନବତୀ, ସୌଭାଗ୍ୟବତୀ, ଗୃହକର୍ତ୍ରୀ ଏବଂ ସୁଖୀ । ସତ୍ୟ ସୁରକ୍ଷା, ସାମାଜିକ ସମ୍ମାନ ଏବଂ ମାତୃତ୍ୱ ଦାନରେ ସ୍ୱାମୀ କେବେ କୁଣ୍ଠିତ ନୁହନ୍ତି । ତେଣୁ ଆମେ ତାଙ୍କୁ ''ପ୍ରକୃତରେ ପ୍ରେମ କରୁ, ଭଲ ପାଉ'' ଏତିକି ହୃଦୟଙ୍ଗମ କରିବା ପାଇଁ ସୁଯୋଗ ଦେବା କ'ଣ ସ୍ତ୍ରୀ ହିସାବରେ ଆମର କର୍ତ୍ତବ୍ୟ ନୁହେଁ ? ସୁଭଦ୍ରା ପରି ମୁଁ ମଧ୍ୟ ମୋର ବାପାଙ୍କ ଗୃହରେ ରହିପାରିଥା'ନ୍ତି । ମୁଁ କାହିଁକି ସ୍ୱାମୀମାନଙ୍କ ସହ ବନବାସ ଭୋଗୁଛି ? ସେମାନଙ୍କର ସୁଖ କେବଳ ଆମର ନୁହେଁ, ଦୁଃଖ ବି ଆମର । ଦୁଃଖ ବିପଦରେ ସ୍ୱାମୀଙ୍କୁ ସାହସ ଓ ଶକ୍ତି ଦେବା ସ୍ତ୍ରୀର ଧର୍ମ । ମୁଁ ସେକଥା ପ୍ରତି ଧ୍ୟାନ ରଖିଥାଏ....''

ସତ୍ୟା ସବୁ ଶୁଣି ବ୍ୟସ୍ତ ହୋଇଗଲେ ଓ କହିଲେ, ''ସେତିକି ଥାଉ କୃଷ୍ଣା, ଏସବୁ କରିବା ତ ଦୂରର କଥା, ଶୁଣି ଶୁଣି ମୋ ମୁଣ୍ଡ ଧରିଲାଣି । ମୁଁ ଜାଣେ ଏସବୁ ଆମ ଦ୍ୱାରା ହେବ ନାହିଁ ବା କୃଷ୍ଣ ଆମର ହେବେ ନାହିଁ । ଦେଖୁଛି ଉପଯୁକ୍ତ ସ୍ତ୍ରୀ ହେବା ରୀତିମତ ଏକାଗ୍ର ସାଧନା !''

ମୁଁ ହସି ହସି କହିଲି — ''ଏଇଠି ତମର ଭୁଲ ରହିଛି ସତ୍ୟା । କୃଷ୍ଣ ତମର ହେବେ ବୋଲି ନ ଭାବି ତମେ କୃଷ୍ଣଙ୍କର ହୋଇଯାଉନ କାହିଁକି ? ସେତିକିରେ ତ କୃଷ୍ଣ ବନ୍ଧା ପଡ଼ିଯା'ନ୍ତେ ! ଚନ୍ଦ୍ରାବଳୀ ଗୋପୀମାନଙ୍କ ଭିତରେ ଅନ୍ୟତମା । ଶ୍ରୀକୃଷ୍ଣଙ୍କର ପରମ ପ୍ରେମିକା । କିନ୍ତୁ ଚନ୍ଦ୍ରାବଳୀ ଏବଂ ଶ୍ରୀରାଧାଙ୍କ ମଧ୍ୟରେ ଭାବଗତ ଭେଦ କ'ଣ

Digitized by srujanika@gmail.com

ଜାଣ ? ଚନ୍ଦ୍ରାବଳୀର କୃଷ୍ଣଙ୍କ ପ୍ରତି ଭାବ ହେଉଛି ''ତ୍ୱଂ ମମୈବ '' ଅର୍ଥାତ୍ ''ତୁମେ ମୋର'', କିନ୍ତୁ ଶ୍ରୀରାଧାଙ୍କର କୃଷ୍ଣଙ୍କ ପ୍ରତି ଭାବ ହେଉଛି ''ତେବୈ ବାହଂ'' ଅର୍ଥାତ୍ ''ମୁଁ ତମର ।'' ବାସ୍ ସେତିକି ଭେଦରେ ଶ୍ରୀରାଧା ଚନ୍ଦ୍ରାବଳୀଠାରୁ ଶ୍ରେଷ୍ଠ ! ମୋର ମଧ୍ୟ କୃଷ୍ଣଙ୍କ ପ୍ରତି ସେହି ଭାବ । ମୁଁ କହେ, ''ହେ କୃଷ୍ଣ, କୃଷ୍ଣା ତମର'' ଜନ୍ମ ହେବା ମାତ୍ରକେ ମୁଁ ଏଇ ଭାବ ନେଇ କୃଷ୍ଣଙ୍କ ପାଖରେ ସମର୍ପିତା ହୋଇଥିଲି । ମୋର ଏ ସଂପୂର୍ଣ୍ଣ ସମର୍ପଣ ଭାବକୁ ଯିଏ ଭୁଲ୍ ବୁଝେ ସେ କୃଷ୍ଣଙ୍କୁ ମଧ୍ୟ ବୁଝିନାହିଁ । କୃଷ୍ଣପ୍ରେମ ମାନବୀୟ ଶୃଙ୍ଗାରଧର୍ମୀ ନୁହେଁ, ଏକଥା ମୋର ସ୍ୱାମୀମାନେ ବୁଝିଛନ୍ତି ବୋଲି ମୋର କୃଷ୍ଣପ୍ରେମକୁ ସେମାନେ ନିଜର ସୌଭାଗ୍ୟ ମନେକରନ୍ତି ।''

ସତ୍ୟଭାମା ଛଳ ଛଳ ନେତ୍ରରେ ମୋର ହାତ ଦୁଇଟି ଧରିପକାଇ କହିଲେ— ''ଭଉଣୀ, ତମେ ନିଜ ସ୍ୱାମୀମାନଙ୍କୁ ତ ଜୟ କରିଛ, ମୋ ସ୍ୱାମୀଙ୍କୁ ମଧ୍ୟ ତମେ ଯେପରି ବୁଝିଛ ଆମେ ସେପରି ବୁଝିନାହୁଁ । 'କୃଷ୍ଣ ମୋର, କୃଷ୍ଣ ମୋର' କହି ଅଷ୍ଟପାଟମହିଷୀ କୃଷ୍ଣଙ୍କୁ ନେଇ ଚିରଦିନ ଟଣାଓଟରା, ବଳ କଷାକଷି କରିଆସିଛୁ । ଫଳରେ କୃଷ୍ଣ କାହାର ହୋଇନାହାନ୍ତି । ଆମକୁ ଦ୍ୱାରକାରେ ଛାଡ଼ି ସେ ହୋଇଛନ୍ତି କୃଷ୍ଣାର । ଆଜିଠାରୁ ତମେ ମୋର ଗୁରୁ ହେଲ । ତମ କଥା ସବୁ ମନେଉଖି ଗୋଟି ଗୋଟି ପାଳିଲେ ଅବା କୃଷ୍ଣ ମୋର ହେଇପାରନ୍ତି —''

ମୁଁ ହସିଉଠି କହିଲି — ''ଭଉଣୀ, ପୁଣି ଭୁଲ୍ କଲ, କୃଷ୍ଣ ମୋର ନୁହେଁ — କୁହ, ମୁଁ କୃଷ୍ଣର, ମୁଁ କୃଷ୍ଣର, ମୁଁ କୃଷ୍ଣର —''

ଆମକଥା କେତେବେଳୁ କୃଷ୍ଣ ଏବଂ ଅର୍ଜୁନ ଶୁଣୁଛନ୍ତି କିଏ ଜାଣେ ? ଅର୍ଜୁନ ରସିକତା କରି କହିଲେ — ''କୃଷ୍ଣା, ବନ୍ଦ କର, ବନ୍ଦ କର, ତମେ ଯଦି କୃଷ୍ଣର ହେବ, ଅର୍ଜୁନର କିଏ ହେବ ? କୁହ, ଅର୍ଜୁନର କିଏ ? ମୋ କଥାର ଜବାବ ଦିଅ । ନଚେତ୍ ଏ ଦ୍ୱନ୍ଦ୍ୱର ସମାଧାନ ପାଇଁ ଭୀମସେନଙ୍କୁ ଡାକିଦେବି । ତା'ପରେ ଫଳାଫଳ ନ କହିବା ଭଲ ।''

ମୁଁ ନିଃସଙ୍କୋଚ କଣ୍ଠରେ କହିଲି—''ମୁଁ କୃଷ୍ଣର ହେଲେ, କୃଷ୍ଣ ଅର୍ଜୁନର ଏବଂ କୃଷ୍ଣ ତମର ହେଲେ, କୃଷ୍ଣା ବି ତମର, ଏଥିରେ ସନ୍ଦେହର ଅବକାଶ କାହିଁ ?''

ସତ୍ୟା ଆଖି ବୁଜି ଭଜୁଥିଲେ ''ମୁଁ କୃଷ୍ଣର, ମୁଁ କୃଷ୍ଣର, ମୁଁ କୃଷ୍ଣର'' ଆଖିରୁ ଅଶ୍ରୁ ଝରିଯାଉଥିଲା । ସେ ନିଜକୁ ଭୁଲି ଯାଇଥିଲେ ।

ଶ୍ରୀକୃଷ୍ଣ ବିଦାୟ ନେବାକୁ ଯାଇ କହିଲେ — ''ଦେଖୁଛି, କେବଳ ସତ୍ୟା ନୁହେଁ, ଅଷ୍ଟପାଟମହିଷୀଙ୍କୁ ଥରେ ଥରେ ତମ ପାଖକୁ ଆଣି ଆସିବାକୁ ହେବ । ତେବେ ଅନ୍ତତଃ ମୁଁ ସତ୍ୟଭାମାଙ୍କର କି ରୁକ୍ମିଣୀଙ୍କର — ଏ ଭିଡ଼ାଓଟରାରୁ ମୁକ୍ତି ମିଳିଯିବ ।''

Digitized by srujanika@gmail.com

ସତ୍ୟଭାମା ଆସି ପହଞ୍ଚିବା ପରେ ମୁଁ, ଅଭିମନ୍ୟୁ ଏବଂ ମୋର ପଞ୍ଚପୁତ୍ରଙ୍କର କୁଶଳ ଜିଜ୍ଞାସା କରିଥିଲେ ବି ଫେରିଯିବାବେଳେ ମନ ବୁଝାଇବା ପାଇଁ ପୁଣିଥରେ ପୁତ୍ରମାନଙ୍କ କୁଶଳ ଜିଜ୍ଞାସା କଲି । ସେମାନେ ଏ ଭିତରେ କ'ଣ ପଢ଼ିଲେଣି, କେତେ ବଡ଼ ବଡ଼ ହେଲେଣି, ଖାଇବସିବା ବେଳେ, ଶୋଇବା ଶେଯରେ ଅରଣ୍ୟବାସିନୀ ଦୁଃଖିନୀ ମା'କୁ ଝୁରି ହୁଅନ୍ତି କି ନାହିଁ, ସତ୍ୟଭାମାଙ୍କୁ ପଗ୍ଧରୁ ପଗ୍ଧରୁ ମୁଁ ଅନାୟାସରେ କାନ୍ଦି ପକାଇଲି ।

ସତ୍ୟଭାମା ମତେ ପ୍ରବୋଧନା ଦେଇ କହିଲେ — ''ଭଦ୍ରା ଏବଂ ଆମେ ସବୁ ଏତେ ମାଇଁ ଥାଉ ଥାଉ ତମର ପୁତ୍ରମାନେ ତମକୁ ଝୁରିହେବେ କାହିଁକି ? ଆମେ ତାଙ୍କର କେଉଁ ଅଭାବ ରଖିଛୁ ଯେ ସେମାନେ ତମକୁ ଖୋଜି କାନ୍ଦିବେ ? ତମେ ନିଶ୍ଚିନ୍ତ ରୁହ ଭଉଣୀ । ଏତେଦିନ ତ ଗଲାଣି । ଆଉ ବର୍ଷ ତିନିଟାର କଥା । ତମ ପିଲାମାନଙ୍କୁ ତମେ ଫେରିଯାଇ ଚିହ୍ନିପାରିବ କି ନାଁ ଦେଖ । ସେମାନେ ସମସ୍ତେ ଖୁବ୍ ସୁସ୍ଥ ସବଳ ଓ ତେଜୀ ହୋଇଗଲେଣି ଏ ଭିତରେ । ଅଭିମନ୍ୟୁ ତ ଅର୍ଜୁନଙ୍କ ଭାଇ ଭଳି ଦିଶୁଛି ।''

ମୁଁ ଆଉରି ଥରେ ଅଶ୍ରୁ ଝରାଇଦେଇ କହିଲି — ''ସେମାନେ ମତେ ଝୁରନ୍ତି ନାହିଁ — ଖୋଜନ୍ତି ନାହିଁ, ମନେପକାନ୍ତି ନାହିଁ ?'' ମୁଁ ଆଉରି କାନ୍ଦିବାକୁ ଲାଗିଲି ଏବଂ କୃଷ୍ଣ ହସି ହସି କହିଲେ—''ତେବେ ମନେରଖ ସତ୍ୟା, ଏଠାରୁ ଫେରିଯାଇ ଭଣଜା-ମାନଙ୍କୁ ଖୁବ୍ କଷ୍ଟରେ ରଖ । ଅଧାପେଟ ଖାଇବାକୁ ଦିଅ, ବଣ ଜଙ୍ଗଲକୁ କାଠ କାଟିବାକୁ ପଠାଅ । ମାଡ଼ ଗଞ୍ଜଣା ଦିଅ । ତେବେ ସେମାନେ ତାଙ୍କର ମା' କୃଷ୍ଣାଙ୍କୁ ଝୁରିହେବେ, ଖୋଜିହେବେ ଓ କୃଷ୍ଣା ଅରଣ୍ୟରେ ରହି ଖୁସି ହେଉଥିବେ ।''

ମୁଁ ଲୁହ ପୋଛିପକାଇ ସତ୍ୟାର ହାତ ଧରିଲି । ବ୍ୟାକୁଳ କଣ୍ଠରେ କହିଲି — ''ସତ୍ୟା, ସଖୀଙ୍କ ଘରଭଙ୍ଗା କଥା ଶୁଣନାହିଁ । ମା'ର ମନକଥା ପୁରୁଷ ହୋଇ ସେ କ'ଣ ବୁଝିବେ ? ଶୈଶବ ଏବଂ ବାଲ୍ୟ ବୟସରେ ପୁତ୍ରମାନଙ୍କୁ ଦୂରରେ ଛାଡ଼ି ମୋର ଦିନ କେତେ କଷ୍ଟରେ ବିତିଯାଇଛି ତା' ତମେ ସିନା ବୁଝିବ — କୃଷ୍ଣ କ'ଣ ବୁଝିବେ ? ପୁତ୍ରମାନଙ୍କୁ ମୋ ଦୁଃଖକଥା କିଛି କହିବ ନାହିଁ । ମୋ କଥା ତାଙ୍କର ମନେପକାଇ ଦେବ ନାହିଁ । ସେମାନେ ମତେ ମନେ ପକାଇଲେ ଝୁରି ଝୁରି କଷ୍ଟ ପାଇବେ । ଭଦ୍ରାକୁ ମୋର ସ୍ନେହ ଜଣାଇବ । କହିବ, ତା'ର ସ୍ୱାମୀଙ୍କୁ ମୁଁ ସ୍ୱର୍ଗରାଜ୍ୟରୁ ଫେରାଇ ଆଣିଛି । ପୁଣି କହିବ, ତା'ର ସ୍ୱାମୀ ଅର୍ଜୁନ ଏଠାରୁ ଫେରିଯିବା ପରେ ଦ୍ରୌପଦୀ ତା'ର ସୁଖରେ ଭାଗ ବସାଇବ ନାହିଁ । କାରଣ କର୍ଣ୍ଣବଧ ନ କରିବାଯାଏ ଅର୍ଜୁନଙ୍କ ପାଖରେ ଦ୍ରୌପଦୀ ଅସ୍ପୃଶ୍ୟା ହୋଇଛି । ଦ୍ରୌପଦୀ ତାଙ୍କର ପାଖେ ପାଖେ ଥାଇ ମଧ୍ୟ ତାଙ୍କ ପଦସେବା

Digitized by srujanika@gmail.com

କରିବାର ସୌଭାଗ୍ୟ ହରାଇଛି ।'' ଏତିକି କହୁ କହୁ ମୋର ଚକ୍ଷୁ ଅଶ୍ରୁପୂର୍ଣ୍ଣ ହୋଇଗଲା ଏବଂ ଅଶ୍ରୁ ଗୋପନ କରିବା ପାଇଁ ମୁଁ କୁଟୀର ଭିତରକୁ ପଳାଇ ଆତ୍ମଗୋପନ କଲି ।

ମହର୍ଷି ତୃଣବିନ୍ଦୁଙ୍କ ଆଶ୍ରମ ସ୍ୱର୍ଗଭୁବନର ଇନ୍ଦ୍ରଦେବଙ୍କ ନନ୍ଦନକାନନଠାରୁ ଅଧିକ ରମଣୀୟ ବୋଲି ମୁଁ ଅନୁଭବ କରୁଥିଲି ଓ ଅର୍ଜୁନଙ୍କୁ ସେଇ କଥା ପଗ୍ଧରୁଥିଲି । ଅର୍ଜୁନ ମଧ୍ୟ ତୃଣବିନ୍ଦୁଙ୍କ ଆଶ୍ରମ ଶୋଭାରେ ବିମୁଗ୍ଧ ହୋଇ ଭାବୁଥିଲେ ନନ୍ଦନକାନନର ଶୋଭା ତୃଣବିନ୍ଦୁଙ୍କ ଆଶ୍ରମକାନନର ଶୋଭା ତୁଳନାରେ ମ୍ଲାନ ଦିଶିବ । ସ୍ୱାମୀମାନେ ସେଦିନ କାମ୍ୟକବନରେ ଗଭୀର ପ୍ରଦେଶକୁ ଶିକାର ଉଦ୍ଦେଶ୍ୟରେ ଯିବାବେଳେ ମୁଁ କାମ୍ୟକ ବନର ମହର୍ଷି ତୃଣବିନ୍ଦୁଙ୍କ ଆଶ୍ରମରେ ଅବସ୍ଥାନ କରିବା ପାଇଁ ଇଚ୍ଛା ପ୍ରକାଶ କଲି । ପୁରୋହିତ ଧୌମ୍ୟଙ୍କୁ ମୋ ପାଖରେ ଆଶ୍ରମରେ ଛାଡ଼ିଦେଇ ପଞ୍ଚପାଣ୍ଡବ ଶିକାର କରିବାକୁ ଗ୍ୱଲିଯିବା ପରେ ମୁଁ ଚପଳା ବାଳିକା ପରି ପୁଷ୍ପ ଉଦ୍ୟାନରେ ବୁଲିବାକୁ ଲାଗିଲି । ଉଦ୍ୟାନଶୋଭାରେ ବିମୁଗ୍ଧା ହୋଇ ମୁଁ କାବ୍ୟମୟୀ ହୋଇଗଲି ଏବଂ ପାଖରେ ତୂଳୀ ଏବଂ ପତ୍ର ନଥିବାରୁ କବିତା ସବୁ ମଧୁର ସଙ୍ଗୀତ ହୋଇ ମୋ ସ୍ୱରରେ ଝରିଗଲା । ପ୍ରଜାପତି ଭଳି ଏ ଫୁଲରୁ ସେ ଫୁଲକୁ ଉଡ଼ି ଉଡ଼ି ମୁଁ ଗୁଣୁ ଗୁଣୁ ଗୀତ ଗାଉଥିଲି ।

ଉଦ୍ୟାନ ସେପଟେ ଅରଣ୍ୟ ପଥଟିଏ ସଳଖ ପଡ଼ିଛି । ସେଇ ପଥଦେଇ ବରଯାତ୍ରୀ ଦଳଟିଏ ମହା ଆଡ଼ମ୍ବର ସହକାରେ ଛଅହଜାର ରଥସହ ବାଦ୍ୟ ବଜାଇ ବିବାହ କରିବାକୁ ଯାଉଛନ୍ତି । ବରବେଶରେ ସଜ୍ଜିତ ସୁନ୍ଦର ଯୁବକ ନିଶ୍ଚୟ ଜଣେ ରାଜା ହେବେ । ତାଙ୍କ ସଙ୍ଗେ ଅନେକ ରାଜପୁତ୍ର ମଧ୍ୟ ବରଯାତ୍ରୀ ଭାବରେ ଯାଉଛନ୍ତି । ଦୂରରୁ ମୋର ସଙ୍ଗୀତ ଶୁଣି ସେମାନେ ମୁଗ୍ଧ ହୋଇ ଉଦ୍ୟାନ ଦିଗକୁ ଗ୍ୱହିଁଲେ ଏବଂ ମୋର ଅପରୂପ ବନଗ୍ୱରିଣୀର ଶୋଭା ଦର୍ଶନ କରି ସ୍ତମ୍ଭୀଭୂତ ହୋଇଗଲେ । ବରବେଶରେ ସଜ୍ଜିତ ଯୁବକ ଆଗକୁ ନଯାଇ ରଥରୁ ଅବତରଣ କଲେ । ମୁଁ ଲଜ୍ଜାରେ ତୃଣବିନ୍ଦୁଙ୍କ ଆଶ୍ରମ ଭିତରକୁ ପଳାଇ ଆସିଲି । ଭାବିଲି, ଛି, ଛି, ସ୍ୱାମୀମାନେ ଦୂରକୁ ଯାଇଛନ୍ତି ବୋଲି ମୁଁ ଏପରି ମୁକ୍ତକଣ୍ଠରେ ଗୀତ ଗାଇ ଗାଇ ଅବିବାହିତା ତରୁଣୀଭଳି ଉଦ୍ୟାନ ଭ୍ରମଣ କରିବା କ'ଣ ଉଚିତ ?

କିଛି ସମୟ ପରେ ରାଜା ସୁରଥଙ୍କ ପୁତ୍ର କୋଟିକ ଆଶ୍ରମ ଦ୍ୱାରରେ ଉପସ୍ଥିତ ହେଲେ । ସେତେବେଳେ ମୁଁ ନବପୁଷ୍ପିତ କଦମ୍ବ ବୃକ୍ଷର ଡାଳଟିକୁ ଆଶ୍ରାକରି ଅପରାହ୍ଣର ନୀଳିମ ଆକାଶକୁ ଗ୍ୱହିଁ ମନେ ମନେ କବିତା ପଂକ୍ତିର ଛନ୍ଦପାତ କରୁଥାଏ ।

କୋଟିକ ମୋର ଅପୂର୍ବ ଠାଣିରେ ବିମୋହିତ ହୋଇ କହିଲେ — ''କିଏ ତୁମେ ଅନିନ୍ଦ୍ୟା ସୁନ୍ଦରୀ ? ତମେ ଯକ୍ଷକନ୍ୟା, ସ୍ୱର୍ଗର ଅପ୍ସରା, ନାଗକନ୍ୟା ନା କୌଣସି

Digitized by srujanika@gmail.com

ଦେବୀ ? ଅରଣ୍ୟର ସବୁଜିମା ଭିତରେ ତମେ ସୌନ୍ଦର୍ଯ୍ୟର ଦାବାଗ୍ନି ଭଳି ଜଳୁଛ, ଠିକ୍ ନୀଳମେଘ ଭିତରେ ବିଜୁଳିର ଝଲକ ଭଳି ତମେ ଅରଣ୍ୟର ଶୋଭା ବଢ଼ାଉଛ । ଏପରି ସମ୍ପୂର୍ଣ୍ଣ ସୁନ୍ଦରୀ ଆମେ କେହି ଆଗରୁ ଦେଖିନଥିଲୁ । ତମର ସମୁଦ୍ର ଢେଉ ନିନ୍ଦି ନୀଳକୁନ୍ତଳ ତମ ମୁଖର ଶୋଭାକୁ ଶୈବାଳ ଭିତରେ ନୀଳପଦ୍ମ ଭଳି କମନୀୟ କରି ତୋଳୁଛି । ତମର କଣ୍ଠସ୍ୱର ସରସ୍ୱତୀଙ୍କର ବୀଣା ଝଙ୍କାରଠାରୁ ଅଧିକ ଲଳିତ ମଧୁର । ତମେ ଯିଏ ବି ହୁଅ, ସିନ୍ଧୁ ଦେଶର ରାଜା ଜୟଦ୍ରଥ ତମର ଦର୍ଶନାଭିଳାଷୀ । ବିଭବଶାଳୀ ହସ୍ତିନାର ରାଜା ମହାପ୍ରତାପୀ ଦୁର୍ଯ୍ୟୋଧନଙ୍କର ଏକମାତ୍ର ଭଉଣୀ ଦୁଃଶୀଳାଙ୍କର ସ୍ୱାମୀ ଜୟଦ୍ରଥ ଶାଲ୍ୱଦେଶର ରାଜକନ୍ୟାଙ୍କୁ ବିବାହ କରିବାକୁ ଯିବା ପଥରେ ତମର ଅନିନ୍ଦ୍ୟ ରୂପଶୋଭାରେ ସ୍ତବ୍ଧ ହୋଇ ଅଟକି ଯାଇଛନ୍ତି । ତମ ସହ ଥରେ ସାକ୍ଷାତ ନକଲେ ସେ ବିବାହ ପାଇଁ ଯିବା ଉଚିତ ମନେକରୁନାହାନ୍ତି ।

ମୋ ଗୋଟ୍ଟାନନ୍ଦ ଦୁଃଶୀଳାଙ୍କ ସ୍ୱାମୀ ଜୟଦ୍ରଥଙ୍କ ନାମ ଶୁଣି ମୁଁ ଉତ୍‌ଫୁଲ୍ଲ ହୋଇଉଠିଲି । କୌରବମାନେ ସିନା ଆମର ଶତ୍ରୁ, ଭଉଣୀ ଦୁଃଶୀଳା ତ ପାଣ୍ଡବମାନଙ୍କର ପ୍ରିୟ । ମୁଁ ତ ତାଙ୍କୁ ଦୁଃଶୀଳା ନ ଡାକି ଶ୍ରଦ୍ଧାରେ ସୁଶୀଳା ଡାକେ । ଅନେକଦିନରୁ ବନ୍ଧୁପରିଜନଙ୍କୁ ଭେଟିନାହିଁ । ତେଣୁ ମୁଁ ଆଗ୍ରହରେ ମୋର ପରିଚୟ ପ୍ରଦାନ କରି ଜୟଦ୍ରଥଙ୍କୁ ଆଶ୍ରମରେ କିଛି ସମୟ ଆତିଥ୍ୟ ଗ୍ରହଣ କରିବା ପାଇଁ ନିମନ୍ତ୍ରଣ ଜଣାଇଲି । ରାଜାମାନେ ଯେତେ ରାଣୀ ବିବାହ କରିବେ ସେତେ ଗୌରବ ବୃଦ୍ଧି ହୁଏ । ତେଣୁ ଜୟଦ୍ରଥ ଶାଲ୍ୱରାଜାଙ୍କ ଜେମାଙ୍କୁ ବିବାହ କରିବାକୁ ଯାଉଥିବା ଆନନ୍ଦ ଏବଂ ଗୌରବର କଥା । ଏପରି ଶୁଭ ଅବସରରେ ମୁଁ ଯଦି ନଣନ୍ଦେଇଙ୍କୁ ଆଶୀର୍ବାଦ ଓ ଶୁଭେଚ୍ଛା ନ ଜଣାଏ ତେବେ ଲୋକେ କ'ଣ କହିବେ ? କ'ଣ ଭାବିବ ନଣନ୍ଦ ସୁଶୀଳା ? ପାଣ୍ଡବମାନେ ଫେରିଆସି ମତେ କ'ଣ କହିବେ ? ଜୟଦ୍ରଥଙ୍କୁ ଅଭିନନ୍ଦନ ନ ଜଣାଇଲେ ଯୁଧିଷ୍ଠିର ମତେ ଅତ୍ୟନ୍ତ ସଂକୀର୍ଣ୍ଣମନା ଏବଂ ଈର୍ଷାପରାୟଣା ଭାବିବେ ଏବଂ ଭୀମସେନ ମୁହେଁ ମୁହେଁ କହିଦେବେ । ମୁଁ ଆଗ୍ରହରେ ଜୟଦ୍ରଥଙ୍କୁ ଅପେକ୍ଷା କଲି ।

ବନ୍ଦାପନା କରି ବରବେଶରେ ସଜ୍ଜିତ ଜୟଦ୍ରଥଙ୍କୁ ଅଭିନନ୍ଦନ ଜଣାଇଲି । ସ୍ନେହପୂର୍ଣ୍ଣ ଗଳାରେ କହିଲି — ''ତମର ଭାଉଜଙ୍କୁ ଚିହ୍ନିପାରିଲ ନାହିଁ ନା' କ'ଣ ? — ପର ମଣିଷ ଭଳି ଦୂରରେ ରହି ସାକ୍ଷାତ ପାଇଁ ଅନୁମତି ମାଗିବାର ଅର୍ଥ କ'ଣ ? ତମକୁ ଥରେ ଦୁଇଥର ଦେଖି ମୁଁ ତମ ଚେହେରା ଭୁଲିନାହିଁ । ତମେ ଯେତେବେଳେ ସିନ୍ଧୁଦେଶର ରାଜା, ପୁଣି ମହାପ୍ରତାପୀ ଦୁର୍ଯ୍ୟୋଧନର ଭିଣୋଇ, ରାଜ୍ୟହରା ପାଣ୍ଡବଙ୍କ ପତ୍ନୀ ବନବାସିନୀ ଦ୍ରୌପଦୀକୁ ଚିହ୍ନିବ କିପରି ? ସୁଶୀଳା କିପରି ଅଛନ୍ତି ? ମୋ କଥା କ'ଣ ତାଙ୍କର ମନେପଡ଼େ ? ଭାଇ ସିନା ଭଗାରି ହୋଇଛନ୍ତି, ଉଭଣୀ ତ ସମସ୍ତଙ୍କର ।

Digitized by srujanika@gmail.com

ଏଇ ପଥଦେଇ ଶାଲ୍ୱଦେଶକୁ ବିବାହ କରିବାକୁ ଯାଉଛ ବୋଲି ଆଗରୁ ଜଣାଇଲ ନାହିଁ କାହିଁକି ? ଜାଣିଥିଲେ ପାଣ୍ଡବମାନେ ନିଶ୍ଚୟ ଅପେକ୍ଷା କରିଥା'ନ୍ତେ । ସେମାନେ ଯେତେବେଳେ ଶିକାର ପାଇଁ ବହୁଦୂରକୁ ଯାଇଛନ୍ତି ଏବଂ ସନ୍ଧ୍ୟାପୂର୍ବରୁ ଫେରିବାର ସମ୍ଭାବନା ନାହିଁ, ସେମାନଙ୍କ ତରଫରୁ ମୋର ଶୁଭେଚ୍ଛା ଓ ଆଶୀର୍ବାଦ ଗ୍ରହଣ କର । ଫେରିବା ପଥରେ କିନ୍ତୁ ନବବଧୂଙ୍କୁ ଧରି ଏଇପଥ ଦେଇ ଯିବ ଏବଂ ଏଇ ରମଣୀୟ କାମ୍ୟକବନରେ ପାଣ୍ଡବଙ୍କ ଦୀନହୀନ ଆଶ୍ରମ କୁଟୀରରେ ଗୋଟିଏ ରାତ୍ରିଯାପନ କରି ମଧୁଶଯ୍ୟା ଉଦ୍‌ଯାପନ କରିବ । ଆଗରୁ ନିମନ୍ତ୍ରଣ ରହିଲା । ପାଣ୍ଡବମାନେ ଏଥିରେ ଅତ୍ୟନ୍ତ ଖୁସି ହେବେ ।''

ମୋର ଏତେଗୁଡ଼ାଏ କଥାର ଉତ୍ତର ଜୟଦ୍ରଥ ଦେଲେନାହିଁ । ନିଶାଗ୍ରସ୍ତ ଭଳି ମୋ ମୁହଁକୁ ଅପଲକ ଆଖିରେ ଗ୍ରହିଁରହି କହିଲେ — ''ଶାଲ୍ୱଙ୍କ କନ୍ୟାକୁ ବିବାହ କରିବାପାଇଁ ମୁଁ ଯିବିନାହିଁ ବୋଲି ତମକୁ ଏଠାରେ ଦେଖିବା ପରେ ସ୍ଥିର କରିଛି ସୁନ୍ଦରି ! ତମେ ମୋର ଭାଉଜ ହୁଅ ବା ଯେ କେହି ହୁଅ, ତମକୁ ମୁଁ ରାଣୀ କରିବାକୁ ଗ୍ରହେଁ । ସୁନ୍ଦରୀ ନାରୀକୁ ଭୋଗ କରିବା ବୀର ପୁରୁଷର ଗୌରବ । ତମଭଳି ସୁନ୍ଦରୀକୁ ଯେଉଁ ପୁରୁଷ ଲାଭ କରିବ, ତା'ର ଯଶବୃଦ୍ଧି ହେବ ଏଥିରେ ସନ୍ଦେହ ନାହିଁ । ଆସ, ମୁଁ ତୁମକୁ ରାଜଧାନୀକୁ ନେଇଯିବି । ତମକୁ ସୁଖରେ ରଖିବି । ତମଭଳି ରତ୍ନଲାଭ କରିବା ପାଇଁ ପାଣ୍ଡବମାନେ ଅଯୋଗ୍ୟ । ଦେଖ, ତମକୁ କି ଦୀନହୀନ ଅବସ୍ଥାରେ ସେମାନେ ରଖିଛନ୍ତି !''

ମୁଁ ରାଗରେ ଅଗ୍ନିଖଣ୍ଡ ପାଲଟିଗଲି । ହୁତାଶନ ଭଳି ଜଳିଉଠି କହିଲି — ''ଆଉ ସେହିଭଳି କଥା ଥରେ ଉଚ୍ଚାରଣ କଲେ ମୋ ସ୍ୱାମୀମାନଙ୍କ ହାତରେ ତମର ମୃତ୍ୟୁ ସୁନିଶ୍ଚିତ । ନୀଚ, ପାପୀ, ! ଜଣେ ବିବାହିତା ରମଣୀକୁ ଏଭଳି ଅସମ୍ମାନଜନକ କଥା କହି ତମେ ବଞ୍ଚିରହିଛ କିପରି ? ଏ ପାପର ପ୍ରାୟଶ୍ଚିତ ତମକୁ ଦିନେ ନା ଦିନେ କରିବାକୁ ପଡ଼ିବ ।''

କାମଜର୍ଜ୍ଜର ଜୟଦ୍ରଥ ମୋ ହାତଧରି ରଥ ଉପରକୁ ଭିଡ଼ିନେଲା ଏବଂ କହିଲା— ''ପାଣ୍ଡବମାନେ ମୋ ପାଖରେ ନଗଣ୍ୟ ଭିକାରୀ । ସେମାନେ ମୋର କ'ଣ କରିବେ ? ସୁନ୍ଦରି ! ଆଜିଠାରୁ ତମେ ସିନ୍ଧୁଦେଶର ରାଣୀ ହେବ । ଯେଉଁ ଦୁର୍ଯ୍ୟୋଧନ ତମକୁ ରାଜସଭାରେ ଅସମ୍ମାନ କରିଥିଲା, ତା'ର ଭଉଣୀ ହେବ ତମର ଚରଣସେବିକା ଦାସୀ । ଏଥିରେ ତମେ ନିଶ୍ଚୟ ସମ୍ମତ ହେବ ମୁଁ ଜାଣେ । ଯା'ଠାରୁ ବଡ଼ ପ୍ରତିଶୋଧ ପାଣ୍ଡବମାନେ କ'ଣ ବା ନେଇଥା'ନ୍ତେ ?'' ତା'ର ରଥ ଦ୍ରୁତଗତିରେ ଗଡ଼ିଯାଇଲା ଏବଂ ସେଇ ପାପାତ୍ମାର କଣ୍ଟକିତ ସ୍ପର୍ଶରୁ ମୁକ୍ତିପାଇବା ପାଇଁ ମୁଁ ତାକୁ ପଦାଘାତ କରି ରଥରୁ ତେଇଁପଡ଼ିବାକୁ

Digitized by srujanika@gmail.com

ବସନ୍ତେ ସେ ପୁନର୍ବାର ମତେ ଦୁଇବାହୁ ପ୍ରସାରି ଭିଡ଼ିନେଲା ଏବଂ ମୁଁ ଅସହାୟ ହୋଇ କୃଷ୍ଣ କୃଷ୍ଣ ଡାକି ମୂର୍ଚ୍ଛିତା ହୋଇପଡ଼ିଲି ।

ମୋର ଚେତନା ଫେରିବା ମାତ୍ରେ ମୁଁ ଅନୁଭବ କଲି ଯେ ମୁଁ ଶଯ୍ୟାରେ ଶୋଇଛି । ମୋର ଚତୁଃପାର୍ଶ୍ୱରେ ସ୍ୱାମୀମାନଙ୍କର ଆଳାପର ସ୍ୱର ଶୁଭୁଛି । ମୁଁ ଆଶ୍ୱସ୍ତ ହେଲି ଯେ ମୁଁ ପାପାତ୍ମା କବଳରୁ ମୁକ୍ତ ହୋଇଛି । ପୁରୋହିତ ଧୌମ୍ୟ ପାପାତ୍ମାକୁ ବହୁ ଅନୁରୋଧ କରିଥିଲେ ମତେ ବଳାତ୍କାର କରି ହରଣ ନକରିବା ପାଇଁ । ତାଙ୍କୁ ପଦାଘାତ କରି ପାପାତ୍ମା ମତେ ରଥରେ ବସାଇଥିଲା । ମୋର ସ୍ୱାମୀମାନଙ୍କୁ ପୁରୋହିତ ଧୌମ୍ୟ ଏହି ଅଶୁଭ ସମ୍ବାଦ ଦେବାପାଇଁ ଅରଣ୍ୟ ପଥରେ ଧାଉଁଥିବାର, ରଥରୁ ମୋର ଦୃଷ୍ଟିଗୋଚର ହୋଇଥିଲା । ସ୍ୱାମୀମାନେ ଠିକଣା ବେଳରେ ସମ୍ବାଦ ପାଇ ମତେ ଉଦ୍ଧାର କରିଛନ୍ତି । କିନ୍ତୁ ପାଣ୍ଡବମାନେ ପାପାତ୍ମାର ସମୁଚିତ ଶାସ୍ତିବିଧାନ କରିଛନ୍ତି ନା ନାହିଁ ?

ମୁଁ ଚକ୍ଷୁ ଖୋଲିବା ମାତ୍ରେ ଭୀମସେନ ଆଶ୍ୱାସନା ଦେଇ କହିଲେ — ''ଭୟ କରନାହିଁ ପାଞ୍ଚାଳି, ତମେ ଏବେ ପାପାତ୍ମାର କବଳରୁ ମୁକ୍ତ ।''

ମୁଁ କଠୋର କଣ୍ଠରେ କହିଲି — ''ପାପାତ୍ମାର ମୃତଦେହ ମଧ୍ୟ ମୁଁ ଦେଖିବାକୁ ଗ୍ୱହେଁନାହିଁ । ତା'ର ମୃତଦେହ ମୋ ଦୃଷ୍ଟିରେ ପଡ଼ିବା ଆଗରୁ ବଣ୍ୟ ଶୃଗାଳଙ୍କ ଖାଦ୍ୟ ନିମନ୍ତେ ଅରଣ୍ୟ ଭିତରେ ଫିଙ୍ଗିଦିଅ । ପାପାତ୍ମାର କଳୁଷିତ ଶରୀର ସହ୍ୟାର ହେବା ମଧ୍ୟ ଉଚିତ ନୁହେଁ ।'' ବର୍ଷାଧାରା ସଙ୍ଗେ ବିଦ୍ୟୁତ୍ ଶିଖା ଭଳି ମୋ ଚକ୍ଷୁରୁ ଅଶ୍ରୁ ସଙ୍ଗେ ଅଗ୍ନି ମଧ୍ୟ ସ୍ଫୁରଣ ହେଉଥାଏ । ଯୁଧିଷ୍ଠିର ମୋ କଥା ଶୁଣି ଆହତ କଣ୍ଠରେ କହିଲେ — ''ଯାଜ୍ଞସେନି ! ତମଠାରୁ ଏଭଳି ହୃଦୟହୀନତା ଆଶା କରାଯାଏନି । ଜୟଦ୍ରଥ ପାପ କରିଛି ସତ୍ୟ, ମାତ୍ର ସବୁ ପାପର ଶାସ୍ତି ମୃତ୍ୟୁଦଣ୍ଡ ହେଲେ ଏ ପୃଥିବୀରେ ଜଣେ ମାତ୍ର ଜୀବିତ ରହିବେ ନାହିଁ । ପୁରୁଷ ମାତ୍ରେ ସୁନ୍ଦରୀ ନାରୀ ପ୍ରତି ଆସକ୍ତ ହେବା ସ୍ୱାଭାବିକ । ବିବେକୀ ପୁରୁଷ ନିଜର କାମନାକୁ ଆୟତ୍ତ କରିପାରେ । ଜୟଦ୍ରଥ ବିବେକହୀନ ହୋଇଥିବାରୁ ତମକୁ ଅପମାନ କରିଛି । କିନ୍ତୁ ସେ ଯେ ଆମର ଏକମାତ୍ର ଭଉଣୀର ସ୍ୱାମୀ ଏକଥା ଭୁଲିଯାଉଛ କିପରି ?''

ମୁଁ ତଡ଼ିତ୍‌ଲତା ଭଳି ଜଳିଉଠିଲି । ଶଯ୍ୟା ଛାଡ଼ି ଉଠି ବସିଲି । ଶାଣିତ କଣ୍ଠରେ କହିଲି — ''ତମେ ବୋଧହୁଏ ମର୍ଯ୍ୟାଦାପୁରୁଷ ରାମଚନ୍ଦ୍ରଙ୍କ ଠାରୁ ଅଧିକ କ୍ଷମାଶୀଳ ? ସୀତାହରଣ ଅପରାଧରେ ରାବଣ ଭଳି ଜ୍ଞାନବନ୍ତ ପୁରୁଷକୁ ରାମଚନ୍ଦ୍ର ନାଶ କରିଥିଲେ, ଅଥଚ ନିଜର ଭିଣୋଇ ବୋଲି ଏଭଳି ପାପାତ୍ମାକୁ ତମେ ମୃତ୍ୟୁଦଣ୍ଡ ଦେବନାହିଁ ବୋଲି ସ୍ଥିର କରିଛ ? ସ୍ତ୍ରୀ ଅପମାନ କୌଣସି କାଳେ ତମକୁ କଷ୍ଟ ଦିଏ

Digitized by srujanika@gmail.com

ନାହିଁ, କିମ୍ବା ଉତ୍ତେଜିତ କରେନାହିଁ ଭାବି ମତେ ଆଶ୍ଚର୍ଯ୍ୟ ଲାଗୁଛି । ଶାସ୍ତ୍ରରେ ଅଛି ସ୍ତ୍ରୀ କିମ୍ବା ରାଜ୍ୟହରଣ କରିଥିବା ବ୍ୟକ୍ତି ଶରଣ ପଶିଲେ ମଧ୍ୟ ତାକୁ ଜୀବିତ ରଖିବା ଅନୁଚିତ । ସେ ସମାଜର ପ୍ରଧାନ ଶତ୍ରୁ ।''

ଭୀମସେନ ମଧ୍ୟ ମୋ କଥାକୁ ସମର୍ଥନ କଲେ । ଅର୍ଜୁନ, ନକୁଳ, ସହଦେବ ନୀରବ । ଯୁଧିଷ୍ଠିର କ୍ଷମାର ମାହାତ୍ମ୍ୟ ବୁଝାଇବାକୁ ଲାଗିଲେ ଏବଂ ମୁଁ ଧୀରେ ଧୀରେ କୋମଳ ହୋଇଗଲି । ପ୍ରକୃତରେ ଏ ପୃଥିବୀରେ ମଣିଷ ଭିତରେ ଏତେ ପାପଇଚ୍ଛା ପୂରି ରହିଛି ଯେ ପ୍ରତି ପଦେ ପଦେ ଧର୍ମ, ନ୍ୟାୟ, ସତ୍ୟ ବିପନ୍ନ ହେଉଛି । ସବୁ ପାପର ଶାସ୍ତି ମୃତ୍ୟୁଦଣ୍ଡ ହେଲେ ପୃଥିବୀରେ ଅବଶେଷରେ ମଣିଷ କେହି ନଥିବେ । ଆମ ସମାଜର ଚଳଣି ଏପରି ଯେ ପୁରୁଷର ପାପ ପାଇଁ ସ୍ତ୍ରୀକୁ ସାରାଜୀବନ ଦୁଃଖ ସହିବାକୁ ହୁଏ । ଜୟଦ୍ରଥର ପାପ ପାଇଁ ତାକୁ ମୃତ୍ୟୁଦଣ୍ଡ ଦେଲେ ସାରାଜୀବନ ଧରି ବୈଧବ୍ୟ ଦୁଃଖ ନନ୍ଦ ସୁଶୀଳା ହିଁ ଭୋଗିବ । ତେଣୁ ଶାସ୍ତି ପ୍ରକୃତରେ ସୁଶୀଳାର ହିଁ ହେବ । ବହୁନାରୀ ଭୋଗ କରିବାରେ ପୁରୁଷର ପାପ ହୁଏନାହିଁ, ବରଂ ତା'ର ଗୌରବ ବଢ଼େ । ଯଦି ବା ପାପ ବୋଲି କେତେକ କ୍ଷେତ୍ରରେ ତାକୁ ଧରାଯାଏ, ତାହା ଅକ୍ଷମଣୀୟ ଅପରାଧ ଭାବରେ ଧରାଯାଏ ନାହିଁ । ସେଥିପାଇଁ ପୁରୁଷର ଏତେ ଆସ୍ପର୍ଦ୍ଧା । ସୁନ୍ଦରୀ ନାରୀଟିଏ ଦେଖିଲେ ବଳାତ୍କାର ହରଣ କରିବାର ଦୃଷ୍ଟାନ୍ତ ବହୁ ପୂର୍ବରୁ ରହିଛି । ତେଣୁ ଜୟଦ୍ରଥ ସମାଜରୁ ବାହାରିଯିବା ଭଳି କିଛି କାମ କରିନାହିଁ । କାରଣ ସେ ପୁରୁଷ — ପୁଣି ରାଜା । ସୁନ୍ଦରୀ ନାରୀପ୍ରତି ବଳାତ୍କାର କରିବା ଏବଂ ତାକୁ ପାପ ଆଖିରେ ଦେଖିବା ପୁରୁଷର ଗୌରବ ଏବଂ ରାଜାର ଅଧିକାରରେ ଅନ୍ତର୍ଭୁକ୍ତ । ସମାଜ ଉପରେ ଅଭିମାନ ଆସିଲା, ଅଭିମାନ ଆସିଲା ସ୍ୱାମୀଙ୍କ ଉପରେ, ପୁଣି ସ୍ରଷ୍ଟାଙ୍କ ଉପରେ । ଭାବଲି ଯାହାର ଅଦୃଷ୍ଟରେ ଦୁଃଖ ଲେଖାଥାଏ ତାକୁ ହିଁ ଈଶ୍ୱର ସୁନ୍ଦରୀ ନାରୀ ଭାବରେ ଜନ୍ମ ଦିଅନ୍ତି, ନଚେତ୍ ସୁନ୍ଦରୀ ନାରୀ ହୋଇ ଜନ୍ମଲାଭ କଲେ ଅଦୃଷ୍ଟ ଦୁଃଖମୟ ହୋଇଯାଏ । ସେ ଯାହାବି ହେଉ ସୁଶୀଳା ମଧ୍ୟ ମୋରିପରି ନାରୀଟିଏ । ସେ ସଦାଗ୍ୱରିଣୀ, ପତିବ୍ରତା, ମମତାମୟୀ । ସେ କାହିଁକି ବିନା ଦୋଷରେ ସଂସାରର ଚରମ ଦୁଃଖ ସହିବ ?

ମୁଁ ବାଷ୍ପାକୁଳ କଣ୍ଠରେ କହିଲି — ''ବେଶ୍, ଜୟଦ୍ରଥକୁ ମୁକ୍ତ କରିଦିଅ । ସୁଶୀଳା ବିଗ୍ୱରୀର କି ଦୋଷ ? ଜୟଦ୍ରଥକୁ ବଧକଲେ ସମାଜର ନୀତି ନିୟମ ଯଦି ବଦଳିଯିବ ନାହିଁ ତେବେ ତାକୁ ବଧକରି ସୁଶୀଳାର ଜୀବନକୁ ଦୁଃଖମୟ କରିବା କାହିଁକି ? ନାରୀ ଭଳି ପୁରୁଷ ପାଇଁ ଯଦି ପର ସ୍ତ୍ରୀ ପ୍ରତି କାମନା ଅକ୍ଷମଣୀୟ ଅପରାଧ ଏବଂ ଲଜ୍ଜାଜନକ ହୋଇଥା'ନ୍ତା ତେବେ ସଂସାରରରେ ଏତେ ପାପ, ଏତେ ବ୍ୟଭିଗ୍ଚର ନଥା'ନ୍ତା । ସତୀ ସୀତାଙ୍କର ଜୀବନ ମଧ୍ୟ ଦୁଃଖମୟ ହୋଇନଥା'ନ୍ତା । ରାବଣର ବଧ

Digitized by srujanika@gmail.com

ଓ ଲଙ୍କାପୁରୀ ଧ୍ୱଂସ ପରେ ପୃଥିବୀରୁ ନାରୀ ପ୍ରତି ବଳାତ୍କାର ଓ ପାଶବିକ ଅତ୍ୟାଗ୍ରର ଲୋପ ପାଇଯାଇଥା'ନ୍ତା । ରାଜ୍ୟ, ଧନ, ବିଭବ ପରି ସ୍ତ୍ରୀ ମଧ୍ୟ ପୁରୁଷ ପାଇଁ ଜୟ କରିବାର ଏକ ବସ୍ତୁ । ଯାହାର ଶକ୍ତି ବେଶୀ ହେଲା ସେ ଅନ୍ୟର ସ୍ତ୍ରୀକୁ ଜୟ କରି-ପାରିଲା । ସ୍ୱାମୀକୁ ଯୁଦ୍ଧରେ ପରାସ୍ତ କରି ସ୍ତ୍ରୀକୁ ଜୟକରିବା ତ କ୍ଷତ୍ରିୟ ଧର୍ମର ଏକ ଦୃଷ୍ଟାନ୍ତ । ଜୟଦ୍ରଥ ହାରିଗଲା, ତାହାହିଁ ମୋର ଭାଗ୍ୟ । ଜୟଦ୍ରଥ ଜିତିଥିଲେ ନ୍ୟାୟତଃ ମୁଁ ତା'ର ହୋଇ ରହିଥା'ନ୍ତି ।'' ମୁଁ ଜୟଦ୍ରଥକୁ କ୍ଷମା କରିଦେଲି ସତ୍ୟ; ମାତ୍ର ସମାଜର ନୀତି ନିୟମର ଅସମତା ଯୋଗୁଁ ନାରୀଜନ୍ମକୁ ନିନ୍ଦିବାକୁ ଲାଗିଲି ।

ଭୀମସେନ ଜୟଦ୍ରଥକୁ ଲଞ୍ଛିତ ମସ୍ତକ କରାଇ ପଞ୍ଚପାଣ୍ଡବଙ୍କର ଦାସତ୍ୱ ସ୍ୱୀକାର କରାଇଲେ । ମୋର ପାଦଧରି ସାଷ୍ଟାଙ୍ଗ ପ୍ରଣିପାତ କରି କ୍ଷମା ମାଗିବା ପାଇଁ ଜୟଦ୍ରଥକୁ ବାଧ୍ୟ କରାଇଲେ । ଜୀବନ ଭୟରେ ଜୟଦ୍ରଥ ସେଥିରେ ସମ୍ମତ ହେଲେ । ବରବେଶରେ ସଜ୍ଜିତ ସିନ୍ଧୁଦେଶର ରାଜା ଜୟଦ୍ରଥ ଲଞ୍ଛିତ ମସ୍ତକରେ, ଦୀନହୀନ ଦାସ ଭଳି ଏକବସ୍ତ୍ର ହୋଇ ଭୂମିରେ ସାଷ୍ଟାଙ୍ଗ ପ୍ରଣିପାତ କରି ମୋର ପାଦ ଦୁଇଟିକୁ ସ୍ପର୍ଶ କରିବା ପାଇଁ ହସ୍ତ ପ୍ରସାରନ୍ତେ ମୁଁ ଘୃଣାରେ ମୁହଁ ବୁଲାଇ ପାଦ ଫେରାଇନେଲି ଓ ଥୁଥୁ କାର କରି କହିଲି — ''ବିବେକହୀନ କାମୁକ ପୁରୁଷର ସ୍ପର୍ଶ ତ ଦୂରର କଥା ଛାଇ ସୁଦ୍ଧା ଦେଖିବା ସତୀନାରୀ ପକ୍ଷେ ଅନୁଚିତ । ଛିଃ, ମୋର ପାଦଧୂଳି ସ୍ପର୍ଶ କରିବା ପାଇଁ ମଧ୍ୟ ତୁ ଅଯୋଗ୍ୟ ।''

ଲଞ୍ଛିତ ମସ୍ତକ, ଅର୍ଦ୍ଧନଗ୍ନ ଜୟଦ୍ରଥ ଲମ୍ବହୋଇ ତଳକୁ ମୁଣ୍ଡପୋତି ଦୁଇହାତ ପ୍ରସାରି ସାଷ୍ଟାଙ୍ଗ ପ୍ରଣିପାତ ଅବସ୍ଥାରେ ପଡ଼ିଥିବାର ଦୃଶ୍ୟ ଦେଖି ଭୀମ ଓ ନକୁଳ ଠୋ ଠୋ ହସିଉଠିଲେ ଏବଂ ମୁଁ ଘୃଣାରେ ମୁହଁ ଫେରାଇ ଗ୍ୱଲିଗଲି ।

ଲଞ୍ଛିତ, ପରାଜିତ, ଭଗ୍ନ ମନୋରଥ ଜୟଦ୍ରଥ ନିଜ ରାଜ୍ୟକୁ ଫେରିଲେ ନାହିଁ । ହରଦ୍ୱାରଠାରେ ସେ ଶିବଙ୍କୁ ପ୍ରସନ୍ନ କରିବା ପାଇଁ ତପସ୍ୟା କଲେ । ଶିବ ପ୍ରସନ୍ନ ହୁଅନ୍ତେ ଜୟଦ୍ରଥ ବର ମାଗିଲେ — ''ପାଣ୍ଡବମାନଙ୍କୁ ଯୁଦ୍ଧରେ ହରାଇ ପାରିବାର ଅସ୍ତ୍ର ମତେ ଦାନ କରନ୍ତୁ । ଦିନକ ପାଇଁ ହେଲେ ମଧ୍ୟ ମୁଁ ପାଣ୍ଡବମାନଙ୍କୁ ହରାଇବାକୁ ଗ୍ୱହେଁ ।'' ଶିବ କହିଲେ — ''ତମ ବର ମାଗିବାର ଭିତିରି ଉଦ୍ଦେଶ୍ୟ ମୁଁ ଜାଣେ । ପାଣ୍ଡବମାନଙ୍କୁ ଯୁଦ୍ଧରେ ହରାଇ ତମେ ବନଗ୍ୱରୀ ଦ୍ରୌପଦୀଙ୍କୁ କ୍ଷତ୍ରିୟ ଧର୍ମ ଅନୁସାରେ ଲାଭ କରିବାକୁ ବ୍ୟାକୁଳ ହୋଇଉଠିଛ । ମାତ୍ର ମୋର ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର ମୁଁ ଏହା ପୂର୍ବରୁ ଅର୍ଜୁନଙ୍କୁ ଦେଇସାରିଛି । ତମେ ଗୋଟିଏ ମାତ୍ର ଦିନ ଅର୍ଜୁନଙ୍କ ବ୍ୟତୀତ ଅନ୍ୟ ଘ୍ୱରିପାଣ୍ଡବଙ୍କୁ ଜୟ କରିପାରିବ ।''

Digitized by srujanika@gmail.com

ଜୟଦ୍ରଥ ଶିବଙ୍କ ବରପାଇ କହିବୁଲିଥିଲା — ''ତେବେ ମଧ୍ୟ ମୋର ଆଶା ପୂର୍ଣ୍ଣ ହେବ ଦେଖୁଛି । କର୍ଣ୍ଣ ଜୟ କରିବ ଅର୍ଜୁନକୁ ଏବଂ ମୁଁ ଅନ୍ୟ ଘ୍ରିପାଣ୍ଡବଙ୍କୁ । ଦୁଇଜଣ ମିଶି ଭାଗ କରି ଦ୍ରୌପଦୀକୁ ଭୋଗ କରିବୁ । ଏକ ସମୟରେ ବହୁ ପୁରୁଷର ଭୋଗ୍ୟା ହେବାର ଅଭ୍ୟାସ ଦ୍ରୌପଦୀର ଯେତେବେଳେ ଅଛି, ଆମର କିଛି ଅସୁବିଧା ହେବନାହିଁ ।''

ଏ ସମ୍ବାଦ ଶୁଣି ଭୀମସେନ ରାଗିଯାଇ ଯୁଧିଷ୍ଠିରଙ୍କୁ କହିଲେ — ''କ୍ଷମାର ଫଳ କ'ଣ ହେଲା ଦେଖିଲ ତ ! ଅବଶ୍ୟ ଦ୍ରୌପଦୀଙ୍କୁ ଲାଭ କରିବା ନିଶା ଯେକୌଣସି ପୁରୁଷକୁ ଏପରି କାଣ୍ଡଜ୍ଞାନଶୂନ୍ୟ କରିଦେବ । ଜୟଦ୍ରଥର କି ଦୋଷ ?''

ମୁଁ ପୁଣିଥରେ ଭାବିଲି — ''ଦୋଷ ତେବେ ମୋର ? ସ୍ୱାମୀକୁ ଯୁଦ୍ଧରେ ପରାସ୍ତ କଲେ ସ୍ତ୍ରୀକୁ ଭୋଗକରିବା ଶାସ୍ତ୍ରସମ୍ମତ, ଏହାହିଁ ଯେ ପ୍ରକୃତ ଦୋଷ ତା' ବୁଝିବ କିଏ ? ଶାସ୍ତ୍ରର ବିରୋଧ କରିବ କିଏ ?''

॥ ୪୨ ॥

ମନ ପରିବର୍ତ୍ତନ ପାଇଁ ଦ୍ୱୈତବନକୁ କିଛିଦିନ ପାଇଁ ଘୁଲିଗଲୁ । ମୋ ମନରେ ସୁଖ ନଥାଏ । ମୋ ନିଜର ରୂପ ଯୌବନ ମତେ ଅଭିଶାପ ଭଳି କଷ୍ଟ ଦେଉଥାଏ । ଅର୍ଜୁନ ମତେ ସ୍ପର୍ଶ କରିବେ ନାହିଁ ବୋଲି ଶପଥ କରିଛନ୍ତି । ବନବାସ ସମୟ ସରିଆସୁଥିବାରୁ ଯା ପରର କାର୍ଯ୍ୟପଦ୍ଧା ସମ୍ପର୍କରେ ଯୁଧିଷ୍ଠିର ଚିନ୍ତିତ । ଭୀମସେନ ଅରଣ୍ୟରେ ବିଚରଣ କରୁଥିବା ହେତୁ ମଝିରେ ମଝିରେ ହିଡ଼ିମ୍ବା ପାଖକୁ ଘୁଲିଯାଇ କିଛିଦିନ ରହିବାରେ ଅସୁବିଧା ହେଉନଥାଏ । ଏ ଭିତରେ ଦୁର୍ଗମ ଅରଣ୍ୟ ଭିତରେ ଯାତାୟାତ ପାଇଁ ରାସ୍ତାଘାଟର ସୁବିଧା ମଧ୍ୟ ହୋଇଛି । ତେଣୁ ଭୀମସେନ ମତେ ପୂର୍ବଭଳି ବିଶେଷ ବିଉକ୍ତ ଓ ବ୍ୟତିବ୍ୟସ୍ତ କରନ୍ତି ନାହିଁ । ନକୁଳ ଶବର ପଲ୍ଲୀର ନୃତ୍ୟ ଗୀତ ଏବଂ ପର୍ବପର୍ବାଣି ଭିତରେ ନିଜକୁ ହଜାଇ ଦେଇଥା'ନ୍ତି ଏବଂ ସହଦେବ ଅଜ୍ଞାତବାସ କିପରି କଟିବ ସେଇ ବିଷୟରେ ନାନାଦି ଗଣନା କାର୍ଯ୍ୟରେ ନିମଗ୍ନ ଥାଆନ୍ତି । କହିବାକୁ ଗଲେ ମୁଁ ଏ ଭିତରେ ଏକରକମ୍ନ ନିଃସଙ୍ଗ ଜୀବନ କାଟୁଛି ଏବଂ ଧୀରେ ଧୀର କାମନା ବାସନାର ବହୁଦୂରକୁ ଘୁଲିଯାଇ ସନ୍ନ୍ୟାସିନୀର ଜୀବନ ବିତାଇବାକୁ କିଏ ଯେମିତି ମତେ ଇଙ୍ଗିତ ଦେଉଛି । ପୁରୁଷର କାମନା ଏବଂ ନିଜର ସୁନ୍ଦର ଶରୀର ଓ ଯୌବନ ପ୍ରତି ମନରେ ଘୃଣାଭାବ ଜାତ ହୋଇଛି । ଆମର ଯେତେ କଷ୍ଟ, ଅପମାନ, ପାଣ୍ଡବମାନଙ୍କର ଏ ବନବାସ, ରାଜ୍ୟନାଶ, ସବୁ ମୂଳରେ ଅଛି ଏକ ସୁନ୍ଦରୀ ନାରୀକୁ

Digitized by srujanika@gmail.com

ନ ପାଇବାର ଗ୍ଲାନି । ସେ ନାରୀଟି ମୁଁ — କୃଷ୍ଣା । କିଏ ଜାଣେ ବନବାସ ଅନ୍ତେ ରାଜ୍ୟକୁ ଫେରିଯିବା ପରେ ଆମ ପାଇଁ କି ଅଶୁଭ ଶକୁନ ଅପେକ୍ଷା କରିଛି । ଦୁର୍ଯ୍ୟୋଧନ, ଦୁଃଶାସନ, କର୍ଣ୍ଣ, ଜୟଦ୍ରଥ, ସମସ୍ତଙ୍କର ଆଖି ମୋରି ଉପରେ । ଅଥଚ କେବଳ ସୁନ୍ଦରୀ ହେବା ଛଡ଼ା ମୋର ଅନ୍ୟ ଦୋଷ କ'ଣ ? ବେଳେବେଳେ ପ୍ରାର୍ଥନା କରେ, ''ହେ ପ୍ରଭୁ ! ମୋର ସୁନ୍ଦର ଶରୀର ବଦଳରେ ମତେ ଶାନ୍ତି ଦିଅ, ମୋର ସ୍ୱାମୀମାନଙ୍କୁ ଶାନ୍ତି ଦିଅ, ଆର୍ଯ୍ୟାବର୍ତ୍ତରେ ଶାନ୍ତି ଫେରାଇଆଣ । ମୋର ସମସ୍ତ ସୁନ୍ଦରତା ଫେରାଇ ନେଇ ପୃଥିବୀକୁ ସୁନ୍ଦର କର, ମଣିଷର ହୃଦୟକୁ ସୁନ୍ଦର କର —'' ମୋର ପ୍ରାର୍ଥନା କିଏ ଶୁଣେ କି ନା କେଜାଣି ? ମୁଁ ଦେଖେ ଜପ, ତପ, ପୂଜା, ଉପାସନା ଏବଂ ବ୍ରହ୍ମଚର୍ଯ୍ୟ ପାଳନ ଯୋଗୁଁ ମୋର ଶରୀରର ସୌନ୍ଦର୍ଯ୍ୟ ଓ କାନ୍ତିରେ ନୈସର୍ଗିକ ଦୀପ୍ତି ଝଲମଲ କରୁଛି । ମୁଁ ଅଧିକରୁ ଅଧିକ ରୂପମୟୀ ହୋଇଉଠୁଛି । ମତେ ଜଳାଇବା ପାଇଁ ଅଦୃଷ୍ଟ ସବୁତକ ରୂପରଙ୍ଗ ଯେମିତି ମୋରି ଉପରେ ଜାଣି ଜାଣି ଅଜାଡ଼ି ଦେଉଛି !

॥ ୪୩ ॥

ସେଦିନ ଝରଣା ଜଳରେ ମୋ ନିଜର ପ୍ରତିବିମ୍ବ ଦେଖି ମୁଁ ମୁଗ୍ଧ ହେବି କ'ଣ ଶଙ୍କିତ ହୋଇପଡୁଥାଏ । ମନେହେଉଥାଏ କେହି ବଳବନ୍ତ ପୁରୁଷ ମୋ ରୂପଲୋଭରେ ଅକସ୍ମାତ୍ ପହଞ୍ଚି ବଳାତ୍କାର କରିବ ନାହିଁ ତ ! ବଳାତ୍କାର ଆଉ ଅନାଘ୍ରରେ ଏ ସଂସାର ତ ଗ୍ରଲିଛି ।

ହଠାତ୍ ଜଣେ ଶବର ଯୁବକ ଧାଇଁ ଧାଇଁ ମୋ ନିକଟରେ ପହଞ୍ଚିଲା । କହିଲା— ''ମା, ଜଣେ ସୁନ୍ଦର ଯୁବକ ଅରଣ୍ୟ ଭିତରେ ପଡ଼ିଛି । ତାଙ୍କ ଶରୀର ଓ କର୍ଣ୍ଣରୁ ରକ୍ତ ଝରୁଛି । ତାଙ୍କ ମୁଣ୍ଡରେ ରାଜମୁକୁଟ ଅଛି । ରକ୍ତ ଝରୁଥିବା ଅବସ୍ଥାରେ ସେ ଅରଣ୍ୟରେ ବୁଲି ଶିକାର କରୁଥିଲେ । ଶରୀରରୁ ରକ୍ତ ଝରିବାକୁ ଭ୍ରୂକ୍ଷେପ ନ କରି ଅପୂର୍ବ ବୀରତ୍ୱ ସହକାରେ ଏକ ମହାବଳ ବ୍ୟାଘ୍ର ଶିକାର କରିଥିଲେ । ମାତ୍ର ଅକସ୍ମାତ୍ ଏକ ବିଷଧର ସର୍ପ ଦଂଶନରେ ସେ ମୂର୍ଚ୍ଛିତ ହୋଇପଡ଼ିଛି । ଆମମାନଙ୍କର ସମସ୍ତ ଜଡ଼ିବୁଟି, ମନ୍ତ୍ର ତନ୍ତ୍ର ବିଫଳ ହୋଇଛି । ତାଙ୍କ ଶରୀରର ରୁଧିରରେ କାଳକୂଟ ବିଷ ମିଶିଯାଉଛି । ତାଙ୍କର ଜୀବନ ବିପନ୍ନ । ମହର୍ଷି ବିପ୍ରପାଦ କହିଲେ — ''ପଶୁପକ୍ଷୀ ଜୀବଜନ୍ତୁଙ୍କୁ ବଶୀକରଣ କରିବାର ଶକ୍ତି ତମ ପାଖରେ ଅଛି । ତମେ ନିର୍ଦ୍ଦେଶ ଦେଲେ ବିଷଧର ସର୍ପଟି ଯୁବକଙ୍କ କ୍ଷତସ୍ଥାନରୁ ବିଷ କାଢ଼ିନେବ ଏବଂ ସେ ନବଜୀବନ ଲାଭକରି ବଞ୍ଚିଉଠିବେ ।

Digitized by srujanika@gmail.com

ଦ୍ୱୈତବନର ମହାବଳ ନରଭକ୍ଷକ ବ୍ୟାଘ୍ରକୁ ମାରି ସେ ଆମର ବହୁତ ଉପକାର କରିଛନ୍ତି । ତାଙ୍କର ଯଦି ଏପରି ଭାବରେ ମୃତ୍ୟୁ ହୁଏ ତେବେ ଦ୍ୱୈତବନକୁ କେହି ଆସିବେ ନାହିଁ ।"

ମୁଁ ବିନା ବାକ୍ୟବ୍ୟୟରେ ଯୁବକଙ୍କ ମୂର୍ଚ୍ଛିତ ଶରୀର ନିକଟରେ ପହଞ୍ଚି ସ୍ତମ୍ଭୀଭୂତା ହୋଇଗଲି । ଏ ତ ମହାବୀର ଦାତା କର୍ଣ୍ଣ ! କବଚ କୁଣ୍ଡଳ ଦାନ କରି ତାଙ୍କ ଶରୀରରୁ ଏ ପର୍ଯ୍ୟନ୍ତ ମଧ୍ୟ ରକ୍ତକ୍ଷରଣ ବନ୍ଦ ହୋଇନାହିଁ । ତାଙ୍କୁ ଦେଖି ଭାବିଲି, ଯିଏ ଦାତା ସେ ବୋଧହୁଏ ନିଷ୍ଠୁର । ସେହିପରି ନିଷ୍ଠୁର ଓ କଠୋର ନହେଲେ ନିଜ ଶରୀର ଛେଦନ କରି କେହି କ'ଣ ଦାତା ହେବାର ଗୌରବ ନେଇପାରେ ? ଏଇ ଅଭିଶପ୍ତ ପୁରୁଷଟି ପ୍ରତି ମନରେ କେମିତି ମାୟା ହେଲା । ପରକ୍ଷଣରେ ମନେପଡ଼ିଗଲା ଅର୍ଜୁନଙ୍କୁ ନିହତ କରିବାର ତାଙ୍କ ଅଟଳ ପ୍ରତିଜ୍ଞା । ଆଉ ଭୟ ଓ ଆଶଙ୍କାର କାରଣ ନାହିଁ । ଅଳ୍ପ କେତେକ ମୁହୂର୍ତ୍ତ ଭିତରେ ବିଷଜ୍ୱାଳାରେ କର୍ଣ୍ଣଙ୍କର ପ୍ରାଣବାୟୁ ଉଡ଼ିଯିବ । ତା'ପରେ ଅର୍ଜୁନ ନିଷ୍କଣ୍ଟକ — ପାଣ୍ଡବମାନେ ବିପଦମୁକ୍ତ । ଦୁର୍ଯ୍ୟୋଧନର ଶକ୍ତି ଓ ମନ୍ତ୍ରଣାଦାତା ହେଉଛନ୍ତି ଅର୍ଜୁନଙ୍କର ଚିରଶତ୍ରୁ କର୍ଣ୍ଣ । ତାଙ୍କର ମୃତ୍ୟୁପରେ ଦୁର୍ଯ୍ୟୋଧନ ନିଜେ ଆସି ପାଣ୍ଡବଙ୍କର ଶରଣ ପଶିବ ଓ ଇନ୍ଦ୍ରପ୍ରସ୍ଥ ସମେତ ହସ୍ତିନାପୁରୀର ରାଜଗାଦି ଫେରାଇ-ଦେବ । ଭଲ ହେଲା । ଈଶ୍ୱର ଯାହା କରନ୍ତି ମଙ୍ଗଳ ପାଇଁ । କର୍ଣ୍ଣବଧ କରି ଅର୍ଜୁନ ମଧ୍ୟ ମାତା କୁନ୍ତୀଙ୍କ ମନରେ ଆଉ ଦାରୁଣ ଦୁଃଖ ଦେବାର ଅପରାଧ କରିବେ ନାହିଁ ।

ମାତ୍ର କେଜାଣି କାହିଁକି ମୁଁ ଦୁର୍ବଳ ହୋଇପଡୁଛି । ମୋ ଭିତରେ ମମତାମୟୀ ନାରୀଟି ମଣିଷର ଦୁଃଖ ଯନ୍ତ୍ରଣା ଓ ମୃତ୍ୟୁରେ କାତର ହୋଇଯାଉଛି । ମୋ ଭିତରେ ମାତା କୁନ୍ତୀଙ୍କର କାରୁଣ୍ୟ ବିଳପି ଉଠୁଛି । ମୁଁ ନିଜ ଅଜାଣତରେ ମା'ଟିଏ ହୋଇଯାଉଛି । ମୋ ସମ୍ମୁଖରେ ମଣିଷଟିଏ ମରଣ ଶେଯରେ ଶୋଇଛି । ତା'ର ଜୀବନ ମୁଁ ଫେରାଇ ଦେଇପାରେ । ସେ ପୁଣି ଏମିତି ସେମିତି ମଣିଷଟିଏ ନୁହେଁ । ସେ ପରମ ଶୌର୍ଯ୍ୟବନ୍ତ ବୀରପୁରୁଷ କର୍ଣ୍ଣ । ପୁଣି ସେ ମୋର ଜୀବନଦାତା !

ମୁଁ ଭୁଲିଗଲି କର୍ଣ୍ଣ ମୋ ସ୍ୱାମୀଙ୍କର ଶତ୍ରୁ ବୋଲି, ମୁଁ ଭୁଲିଗଲି କର୍ଣ୍ଣ ମୋର ଦୁଃଖ, ଅପମାନ ଓ ଲାଞ୍ଛନାର କାରଣ ବୋଲି, ମୁଁ ଭୁଲିଗଲି କର୍ଣ୍ଣ ମୋ ଭବିଷ୍ୟତ ସୁଖପଥରେ କଣ୍ଟକ ବୋଲି । ମୁଁ ଦେଖୁଥିଲି ଜଣେ ବୀରପୁରୁଷଙ୍କୁ , କୁନ୍ତୀଙ୍କ ଧର୍ମପୁତ୍ର ଏବଂ ମୋର ଜୀବନଦାତା ମୂର୍ଚ୍ଛିତ ମଣିଷଟିକୁ ।

ମୁଁ କୋମଳ ସ୍ୱରରେ କାଳସର୍ପକୁ ମନ୍ତ୍ର ବୋଲି ଆହ୍ୱାନ କଲି । ସେ ଯେମିତି ମତେ ଅପେକ୍ଷା କରିଥିଲା । ମୋ ନିର୍ଦ୍ଦେଶରେ ସେ ବିଷହରଣ କରିନେଲା ଏବଂ ମୋ

Digitized by srujanika@gmail.com

ଅନୁରୋଧରେ ପୁନଶ୍ଚ ଫେରିଗଲା । କର୍ଣ୍ଣଙ୍କର ସଂଜ୍ଞା ଫେରିଆସୁଥାଏ । ମୋର ନିର୍ଦ୍ଦେଶରେ ଶବର ଯୁବକ ଯୁବତୀମାନେ ମହୌଷଧିର ପତ୍ର ଆଣି ତା'ର ରସ କର୍ଣ୍ଣଙ୍କ ଶରୀରରେ ଲେପନ କଲେ । ତାଙ୍କ ଶରୀରରୁ ରକ୍ତକ୍ଷରଣ ବନ୍ଦ ହୋଇଗଲା ଏବଂ ଅପୂର୍ବ ତେଜରେ ଅନୁପମ ଦିଶିଲା । କର୍ଣ୍ଣ ସଂଜ୍ଞା ପାଇ ଉଠି ବସିଲେ । ସେ ଭଲକରି ଦୃଷ୍ଟିତୋଳି ଘ୍ରହିଁବା ଆଗରୁ ମୁଁ ମୁହଁ ଫେରାଇ ଗ୍ଲଲିଆସିଲି । କର୍ଣ୍ଣଙ୍କ ଭଳି ଅହଙ୍କାରୀ ପୁରୁଷର କୃତଜ୍ଞତା ମଧ୍ୟ ଅହଙ୍କାରଶୂନ୍ୟ ହୋଇନଥିବ । ତା'ର ଭାର ସହିବା ଅନ୍ତତଃ ମୋ ଶକ୍ତିର ବାହାରେ । ସେ ମୋର ଜୀବନଦାତା — ମୁଁ ରଣ ଶୁଝିଛି ମାତ୍ର । କୃତଜ୍ଞତା ମୋର ପ୍ରାପ୍ୟ ନୁହେଁ ।

ଶୁଣିଲି କର୍ଣ୍ଣଙ୍କର ମନ୍ଦ୍ରମଧୁର କଣ୍ଠସ୍ୱର । ସେ କହୁଛନ୍ତି —''ଦେବି, ତମେ ଯିଏ ବି ହୁଅ, ତମେ ମୋର ନମସ୍ୟା, ମୋର ଜୀବନଦାତ୍ରୀ, ମୋର ଜନନୀସଦୃଶ । ଜନ୍ମଦାତ୍ରୀର ରୂପ ମୁଁ ଦେଖିନାହିଁ, ଜୀବନଦାତ୍ରୀର ରୂପ ଯେତିକି ଦେଖିଲି ସେତିକିରେ ମୋର ଜୀବନ ଧନ୍ୟ ହୋଇଛି । ଏ ଅଧମ, ଅଭିଶପ୍ତ ସନ୍ତାନର ସମସ୍ତ ଭୁଲ୍‌ଭ୍ରାନ୍ତି, ଅପରାଧ କ୍ଷମା କରିଦିଅ । କାରଣ ତମେ ଜନନୀ, କ୍ଷମାଶୀଳା । ତମ ପାଖରେ ନହେଲେ ମଧ୍ୟ ଆଉ ଏକ ନାରୀ ପାଖରେ ମୁଁ ଅପରାଧ କରିଘ୍ଲଲିଛି —ତାକୁ ଜଳାଇବା ପାଇଁ ମୋ ଭିତରେ ପ୍ରତିଜ୍ଞା ପ୍ରବଳ ହେଉଛି, କାରଣ ମୁଁ ପୁରୁଷ, ଏବଂ ପୌରୁଷର ଅପମାନ ମୁଁ ଭୁଲିପାରୁନି, ମୃତ୍ୟୁ ପର୍ଯ୍ୟନ୍ତ ଭୁଲିବିନି । ଆଜି ମଧ୍ୟ ଦୁର୍ଯ୍ୟୋଧନକୁ ସଙ୍ଗରେ ନେଇ ମୁଁ ଆସିଥିଲି ଆମର ବିଭବ ଦେଖାଇ ତାକୁ ଜଳାଇବା ପାଇଁ, ଅଥଚ ମୁଁ ନିଜେ ବିଷଜ୍ୱଳାରେ ଜଳି ଅଙ୍ଗାର ହୋଇଯାଇଥା'ନ୍ତି । ସେ ନାରୀ ଶକ୍ତିମୟୀ, ତେଣୁ ମୋର ନମସ୍ୟା । ମୁଁ ଚିରଦିନ ଶକ୍ତି ଓ ଶୌର୍ଯ୍ୟର ଉପାସକ ଅଥଚ ଆଜି ମୁଁ ସେ ନାରୀକୁ ନ ଜଳାଇ ଫେରିଯାଇ ପାରୁନି । ଦେବି, ମତେ କ୍ଷମା କର—''

ମୁଁ ଦ୍ରୁତପଦରେ ଫେରି ଆସୁ ଆସୁ ଅନାୟାସରେ ବନପଥରେ ଅଶ୍ରୁ ଝରାଇ ଦେଇଥିଲି । କର୍ଣ୍ଣଙ୍କ ହୃଦୟର ନିଃସଙ୍କୋଚ ହାହାକାର ମୋର ଜନନୀ ହୃଦୟକୁ ସ୍ପର୍ଶ କରିଛି, ଝଂକୃତ କରୁଛି ମନର ସୂକ୍ଷ୍ମତମ ତନ୍ତ୍ରୀକୁ — ମୁଁ ମନେ ମନେ କର୍ଣ୍ଣଙ୍କର ସମସ୍ତ ଅପରାଧ ଓ ଅବିମ୍ଘରକୁ କ୍ଷମା କରିଦେଲି, କାରଣ ଜନନୀ ହିଁ କେବଳ ସନ୍ତାନର ସବୁ ଅପରାଧ କ୍ଷମା କରିଦେଇପାରେ —

ଆଶ୍ରମରେ ପହଞ୍ଚି ପାଣ୍ଡବମାନଙ୍କ ଆଗରେ କର୍ଣ୍ଣ ଏବଂ ଦୁର୍ଯ୍ୟୋଧନଙ୍କର ଦ୍ୱୈତବନକୁ ଆଗମନର ସମ୍ବାଦ ପ୍ରକାଶ କଲି ଏବଂ କର୍ଣ୍ଣଙ୍କୁ ଜୀବଦାନ ଦେବାକଥା ବର୍ଣ୍ଣନା କଲି । ମୋ କଥା ଶୁଣି ଯୁଧିଷ୍ଠିର ଏବଂ ଅର୍ଜୁନ 'ସାଧୁ' 'ସାଧୁ' କହି ଅତ୍ୟନ୍ତ ଖୁସି ହେଲେ । ଯୁଧିଷ୍ଠିର କହିଲେ —''ଯାଜ୍ଞସେନୀ ଆଜି ଆଉ ଏକ ପୁଣ୍ୟକାର୍ଯ୍ୟ କଲେ ।''

Digitized by srujanika@gmail.com

ଅର୍ଜୁନ କହିଲେ —''କର୍ଣ୍ଣକୁ ବଧ କରିବାର ସୁଯୋଗ ଯାଜ୍ଞସେନୀଙ୍କ ଯୋଗୁ ମିଳିଲା । କର୍ଣ୍ଣ ଆଜି ମୃତ୍ୟୁମୁଖରେ ପଡ଼ିଥିଲେ ତାକୁ ମାରିବାର ଆନନ୍ଦ ଲାଭରୁ ମୁଁ ବଞ୍ଚିତ ହୋଇଥା'ନ୍ତି । ମୋର ବୀରତ୍ୱ ପୃଥିବୀବାସୀ ଜାଣିବାର ସୁଯୋଗ ପାଇନଥା'ନ୍ତେ । ତେଣୁ ଯାଜ୍ଞସେନୀ ଆଜି ଅତ୍ୟନ୍ତ ବୁଦ୍ଧିମତୀ ନାରୀର କାର୍ଯ୍ୟ କରିଛନ୍ତି ।''

ଭୀମସେନ ରାଗିଯାଇ କହିଲେ —''ଦ୍ରୌପଦୀ ପ୍ରଶଂସା ଶୁଣିବେ ବୋଲି ଆମର ଚିରଶତ୍ରୁକୁ ଜୀବଦାନ ଦେଇ ତା'ର ସେବା ଶୁଶ୍ରୂଷା କରି ବାହାବା ନେଉଛନ୍ତି । ଅଥଚ ଦ୍ରୌପଦୀ ଯୋଗୁ ହିଁ କର୍ଣ୍ଣ ଆମର ଚିର ଶତ୍ରୁ !''

ଭୀମସେନଙ୍କ ବିଗ୍ଧରଶୂନ୍ୟ ମନ୍ତବ୍ୟ ମତେ ଦୁଃଖ ଦେଲେ ମଧ୍ୟ ମୁଁ ନୀରବ ରହିଲି । ଭୀମସେନ ତ ଚିରଦିନ ଏମିତି !

ଅଳ୍ପ ସମୟ ପରେ ଖବର ଆସିଲା ଗନ୍ଧର୍ବରାଜ ଚିତ୍ରସେନଙ୍କ ହାତରେ ଦୁର୍ଯ୍ୟୋଧନ ବନ୍ଦୀ ହୋଇଛି । ଗନ୍ଧର୍ବରାଜ ଚିତ୍ରସେନ ଅପ୍ସରାମାନଙ୍କ ସହ ଦ୍ୱୈତବନର ସରୋବରରେ ଜଳକ୍ରୀଡ଼ା କରୁଥିବାବେଳେ ଦୁର୍ଯ୍ୟୋଧନ ସେମାନଙ୍କର ଜଳକ୍ରୀଡ଼ାକୁ ଅଭଦ୍ର ଭଙ୍ଗୀରେ ଗ୍ରହିଁରହି କାମାତୁର ହୋଇଉଠୁଥିଲା । ପ୍ରହରୀମାନଙ୍କ ବାରଣ ସତ୍ତ୍ୱେ ସେ ସେଠାରୁ ହଟିନଯିବାରୁ ଦୁର୍ଯ୍ୟୋଧନ ସହ ଗନ୍ଧର୍ବମାନଙ୍କର ଯୁଦ୍ଧ ହେଲା । କର୍ଣ୍ଣ ଏ ଯୁଦ୍ଧରେ ଯୋଗନଦେଇ ଗ୍ଲାଲିଯିବାରୁ ଦୁର୍ଯ୍ୟୋଧନ ପରାସ୍ତ ହୋଇ ବନ୍ଦୀ ହୋଇଛି । ସମ୍ବାଦ ପାଇ ପାଣ୍ଡବ ପାଞ୍ଚଭାଇ ସଙ୍ଗେ ସଙ୍ଗେ ଚିତ୍ରସେନଙ୍କ ପାଖକୁ ଗଲେ ଏବଂ ବନ୍ଧୁ ଅର୍ଜୁନଙ୍କୁ ଏଠାରେ ଆବିଷ୍କାର କରି ଚିତ୍ରସେନ ଆନନ୍ଦିତ ହେଲେ । ଦୁର୍ଯ୍ୟୋଧନକୁ ମୁକ୍ତ କରିଦେବାକୁ ଅନୁରୋଧ କରି ଅର୍ଜୁନ କହିଲେ —''ଦୁର୍ଯ୍ୟୋଧନର ଅଭଦ୍ର ଆଚରଣ ପାଇଁ ଆମେ କ୍ଷମା ମାଗୁଛୁ । ଆମର ବଡ଼ଭାଇ ଯୁଧିଷ୍ଠିରଙ୍କର ଇଚ୍ଛା ଆପଣ ସେମାନଙ୍କୁ ମୁକ୍ତ କରିଦିଅନ୍ତୁ । ଯେତେହେଲେ କୌରବମାନେ ଆମର ଭାଇ । ଆମେ ଏଠାରେ ଉପସ୍ଥିତ ଥାଉ ଥାଉ ସେମାନେ ବନ୍ଦୀ ହେବା ଆମ ବଂଶ ପ୍ରତି ଅପମାନ । ପୂର୍ବ ବନ୍ଧୁତ୍ୱ ସ୍ମରଣ କରି ମୋ ପାଇଁ ଆପଣ ସେମାନଙ୍କୁ ମୁକ୍ତ କରିଦିଅନ୍ତୁ ।''

ଚିତ୍ରସେନ ଆଶ୍ଚର୍ଯ୍ୟ ହୋଇଯାଇ କହିଲେ — ''କି ଆଶ୍ଚର୍ଯ୍ୟ ! ତମମାନଙ୍କୁ ଅପମାନିତ କରିବା ପାଇଁ ସେ ସୈନ୍ୟସାମନ୍ତ ଧରି ଏଠାକୁ ଆସିଥିଲା ତା'ର ବିଭବ ଦେଖାଇବା ପାଇଁ । ତମର ପିତା ଇନ୍ଦ୍ର ସେକଥା ଜାଣିପାରି ତାକୁ ପରାଭବ ଦେବାପାଇଁ ମତେ ଏଠାକୁ ପଠାଇଥିଲେ । ଅଥଚ ତମେ ତା' ପକ୍ଷନେଇ ତା'ର ମୁକ୍ତିଭିକ୍ଷା କରୁଛ?''

''ତାହାହିଁ ତ ତା'ର ଉପଯୁକ୍ତ ଶାସ୍ତି ! ଆମକୁ ବିଭବ ଦେଖାଇବା ପାଇଁ ଆସି ଆମରି ଦିୟା ଓ ସାହାଯ୍ୟ ଯୋଗୁଁ ବନ୍ଦୀ ଜୀବନରୁ ମୁକ୍ତି ପାଇବାଠାରୁ ବଡ଼ ଅପମାନ

Digitized by srujanika@gmail.com

ପୁରୁଷ ପକ୍ଷେ କ'ଣ ଥାଇପାରେ ?'' ଅର୍ଜୁନ ହସି ହସି କହିଲେ । ଚିତ୍ରସେନ ଦୁର୍ଯ୍ୟୋଧନଙ୍କୁ ମୁକ୍ତ କରିଦେଇ ପାଣ୍ଡବମାନଙ୍କର ପାଦଧୂଳି ନେବା ପାଇଁ ନିର୍ଦ୍ଦେଶ ଦେଲେ । ପାଣ୍ଡବମାନେ ମଧ୍ୟ ଚିତ୍ରସେନଙ୍କ ପାଦଧୂଳି ନେବା ପାଇଁ ଦୁର୍ଯ୍ୟୋଧନକୁ କହିଲେ ଏବଂ ଜୀବନ ଭୟରେ ଦୁର୍ଯ୍ୟୋଧନ ଉଭୟଙ୍କର ପାଦଧୂଳି ନେଇ ଚରମ ଲଜ୍ଜା ଓ ଅପମାନର ଗ୍ଲାନିରେ ହସ୍ତିନା ଫେରିଗଲେ ।

ଆଶ୍ରମରେ ପହଞ୍ଚି ଭୀମସେନ କହିଲେ — ''ଦେଖିଲେ ତ କର୍ଣ୍ଣର ଚଞ୍ଚକତା ! ବନ୍ଧୁକୁ ବିପଦରେ ଛାଡ଼ିଦେଇ କିପରି ଖସିଗଲା ? ଏ କ'ଣ ପୁରୁଷର କାର୍ଯ୍ୟ !''

ସହଦେବ ଗମ୍ଭୀର କଣ୍ଠରେ କହିଲେ — ''କର୍ଣ୍ଣ ଅହଙ୍କାରୀ, କିନ୍ତୁ କାମୁକ ବା ଲମ୍ପଟ ପ୍ରକୃତିର ପୁରୁଷ ନୁହେଁ । ତାଙ୍କ ଭଳି ସଚ୍ଚରିତ୍ର ପୁରୁଷ ଆର୍ଯ୍ୟାବର୍ତ୍ତରେ ବିରଳ । ଦୁର୍ଯ୍ୟୋଧନର ଅଭଦ୍ର ଆଚରଣ ତାଙ୍କୁ ଭଲ ନ ଲାଗିବାରୁ ସେ ଫେରିଯାଇଛନ୍ତି । ଦ୍ରୌପଦୀଙ୍କ ପ୍ରତି କେତେକ କାରଣରୁ ବିଦ୍ୱେଷଭାବ ଥିବାରୁ ତାଙ୍କୁ ସେ କେବେ ଅସୌଜନ୍ୟ ବ୍ୟବହାର ଦେଖାଇଛନ୍ତି, ମାତ୍ର କାମୁକତାଠାରୁ ସେ ବହୁଦୂରରେ ।''

କର୍ଣ୍ଣ ମୋର ଚିରଶତ୍ରୁ, ଅଥଚ ତାଙ୍କ ପ୍ରତି ସଂଭ୍ରମରେ ମଥା ନତ ଜଲି ।

॥ ୪୪ ॥

ଅଜ୍ଞାତବାସର ଚିନ୍ତା ସମସ୍ତଙ୍କୁ ବିଚଳିତ କରୁଥାଏ । ମାତ୍ର ଯୁଧିଷ୍ଠିର ନିର୍ବିକାର । ଆମ ସମସ୍ତଙ୍କର ଭୟ ହେଉଥାଏ, ଯଦି ଅଜ୍ଞାତବାସ କାଳରେ ଆମକୁ କୌରବମାନେ ଠାବ କରିବେ, ତେବେ ପୁନର୍ବାର ବାରବର୍ଷର ବନବାସ । ଯୁଧିଷ୍ଠିର ବୋଧହୁଏ ମନେ ମନେ ତାହାହିଁ ଗ୍ରହୁଁଥା'ନ୍ତି । ହସ୍ତିନାକୁ ଫେରିବା ମାତ୍ରେ ଯୁଦ୍ଧ ଯେ ଅବଶ୍ୟମ୍ଭାବୀ, ଏକଥା ସେ ଅନ୍ୟ ଭାଇମାନଙ୍କର ମତିଗତିରୁ ବେଶ୍ ବୁଝିପାରୁଥା'ନ୍ତି । ସେ ଆଶ୍ୱାସନା ଦେଉଥା'ନ୍ତି, ''ଯାହା ହେବାର ଥିବ ହେବ, ଆଜିଠୁ ଚିନ୍ତା କାହିଁକି ?''

ସେଦିନ ଦ୍ୱୈତବନରେ ଆମେ ବୁଲୁବୁଲୁ କ୍ଲାନ୍ତ ହୋଇପଡ଼ିଲୁ । ଯୁଧିଷ୍ଠିର ତୃଷା ଅନୁଭବ କଲେ । ନିକଟସ୍ଥ ସରୋବରରୁ ଜଳ ଆଣିବା ନିମନ୍ତେ ପ୍ରଥମେ ସହଦେବଙ୍କୁ ପଠାଇଲେ । ସହଦେବ ଫେରିଲେ ନାହିଁ, ତା'ପରେ ଗଲେ ନକୁଳ । ନକୁଳ ଫେରିଲେ ନାହିଁ — ଗଲେ ଅର୍ଜୁନ ଓ ଅର୍ଜୁନଙ୍କର ବିଳମ୍ବ ଦେଖି ଜଳ ଆଣିବା ନିମନ୍ତେ ଗଲେ ଭୀମସେନ । ଯୁଧିଷ୍ଠିର ଏବଂ ମୁଁ ଅପେକ୍ଷା କରି କରି ମଧ୍ୟାହ୍ନ ଉତ୍ତୀର୍ଣ୍ଣ ହୋଇଗଲା । ମୋ ମନରେ କେଜାଣି କାହିଁକି ଅଶୁଭ ଚିନ୍ତା ଆସୁଥାଏ । ଯୁଧିଷ୍ଠିର ପାଖରେ ଥିଲେ ମଧ୍ୟ ମତେ ସାରା ସଂସାର ଶୂନ୍ୟ ମନେହେଉଥାଏ ।

Digitized by srujanika@gmail.com

ଶେଷକୁ ଆମେ ଦୁହେଁ ସରୋବର ଦିଗରେ ଘୁରିପାଣ୍ଡବଙ୍କ ବିଳମ୍ବର କାରଣ ବୁଝିବା ପାଇଁ ଆଗେଇଲୁ ।

ସରୋବର କୂଳରେ ଘୁରିପାଣ୍ଡବ ନିଶ୍ଚିନ୍ତ ନିଦରେ ଶୋଇଛନ୍ତି । ମୁଁ ମନେ ମନେ ଭାବିଲି ଏ କି ଦାୟିତ୍ୱହୀନତା ! ବଡ଼ଭାଇ ତୃଷାରେ ଛଟପଟ ହେଉଛନ୍ତି, ଅଥଚ ଭାଇମାନେ ଜଳ ପାଇଁ ଆସି ଦିବସରେ ମଧ୍ୟ ନିଦ୍ରା ଯାଇଛନ୍ତି ! ମୁଁ ତୃତୀୟ ପାଣ୍ଡବ ଫାଲ୍‌ଗୁନିଙ୍କର ପାଦ ପାଖରେ ବସିପଡ଼ିଲି । ସେ ବଡ଼ କ୍ଲାନ୍ତ ଓ ନିସ୍ତେଜ ଦିଶୁଛନ୍ତି । ବଡ଼ ମାୟା ହେଲା ମନରେ । ବିଚରା ସାରାଜୀବନ ବନବାସ, ବ୍ରହ୍ମଚର୍ଯ୍ୟସାଧନା ଏବଂ ପୁଣି ଚିନ୍ତା ଭିତରେ କାଳ କାଟୁଛନ୍ତି । ଏବେ ପୁଣି ପ୍ରତିଜ୍ଞା କରିଛନ୍ତି ମତେ ସ୍ପର୍ଶ କରିବେ ନାହିଁ । ମୁଁ ଯେମିତି ଏ ସଂସାରରେ ମହାପାତକିନୀ ! ମୁଁ ଏମିତି ଏଣୁତେଣୁ ଭାବୁଛି, ଯୁଧିଷ୍ଠିର ଗମ୍ଭୀର କଣ୍ଠରେ କହିଲେ — ''ଯାଜ୍ଞସେନି ! ତମେ ତ ବିଦୁଷୀ, ସତ୍ୟ ପାଖରେ ମୁଣ୍ଡ ନୁଆଇଁବା ଛଡ଼ା ମଣିଷର ଅନ୍ୟ ଗତି ନାହିଁ । ଦିନେ ନା ଦିନେ ସମସ୍ତେ ମୃତ୍ୟୁ ଲଭିଥା'ନ୍ତେ । ମାତ୍ର ଅସମୟରେ ସମସ୍ତେ ମତେ ଏକା ଛାଡ଼ି ମୃତ୍ୟୁବରଣ କଲେ, ତାହାହିଁ ଦୁଃଖ ।''

ମୁଁ କିଛି ବୁଝିପାରୁ ନଥାଏ । କିଏ ମୃତ — କାହା ପାଇଁ ଯୁଧିଷ୍ଠିରଙ୍କର ଦୁଃଖ —!!

ଯୁଧିଷ୍ଠିରଙ୍କୁ ଏଇ ପ୍ରଥମବାର ଅଶ୍ରୁ ଝରାଇବାର ଦେଖିଲି । ଭାଇମାନଙ୍କର ଗୁଣ ସୁମରି, ନିଜ ତୃଷାକୁ ଧିକ୍‌କାର କରି ସେ ଅଶ୍ରୁ ଝରାଇ ରୋଦନ କରିବାକୁ ଲାଗିଲେ । ମୁଁ ଏତିକି ବୁଝିଲି ଯେ ମୋର ଘୁରି ସ୍ୱାମୀ ମୃତ । ମୁଁ ଅର୍ଜୁନଙ୍କ ପାଦତଳେ ମୁଣ୍ଡକୋଡ଼ି କାନ୍ଦିବାକୁ ଲାଗିଲି । ଅର୍ଜୁନଙ୍କର ପ୍ରତିଜ୍ଞା ଭୁଲି ତାଙ୍କର ପ୍ରାଣହୀନ ଶୀତଳ ପାଦ ଦୁଇଟିକୁ ବୁକୁରେ ଜଡ଼ାଇଧରି ମୂର୍ଚ୍ଛିତା ହୋଇ ପଡ଼ିଗଲି ।

ମୋ ମୁହଁରେ ଜଳ ସିଞ୍ଚନ କରି ମୋର ଚେତା ଫେରାଇ ଆଣିବା ପାଇଁ ଜଳାଶୟରେ ପ୍ରବେଶ କଲେ ଯୁଧିଷ୍ଠିର । ମାତ୍ର ଯୁଧିଷ୍ଠିର ଆଞ୍ଜୁଳାଭରି ଜଳ ଆଣିବା ପୂର୍ବରୁ ଜଳାଶୟ କୂଳରେ ଥିବା ବୃକ୍ଷରେ ବସିଥିବା ଏକ ବାଜପକ୍ଷୀ କହିଲା — ''ଯୁଧିଷ୍ଠିର, ମୋ ପ୍ରଶ୍ନର ଯଥାର୍ଥ ଉତ୍ତର ନଦେଇ ଜଳପାନ କଲେ ଘୁରିପାଣ୍ଡବଙ୍କ ପରି ତୁମର ମଧ୍ୟ ମୃତ୍ୟୁ ହେବ । ମୁଁ ହେଉଛି ଯକ୍ଷ । ଏ ଜଳାଶୟର ରକ୍ଷକ । ତମର ଘୁରିଭାଇ ମୋ ପ୍ରଶ୍ନର ଉତ୍ତର ନଦେଇ ଜଳପାନ କରିଥିବାରୁ ମୃତ୍ୟୁବରଣ କରିଛନ୍ତି ।''

ଯୁଧିଷ୍ଠିର ସ୍ଥିରଚିତ୍ତରେ ଯକ୍ଷର ଗଭୀର ଗହନ ତତ୍ତ୍ୱପୂର୍ଣ୍ଣ ପ୍ରଶ୍ନର ଯଥାର୍ଥ ଉତ୍ତର ଦେଲେ । ମୋର ଚେତା ଫେରିଆସିଥାଏ । ମୁଁ ଯୁଧିଷ୍ଠିରଙ୍କ ପାଣ୍ଡିତ୍ୟପୂର୍ଣ୍ଣ ଉତ୍ତର ଶୁଣି

Digitized by srujanika@gmail.com

ଦୁଃଖ ଭିତରେ ବି ଯୁଧିଷ୍ଠିରଙ୍କୁ ଭକ୍ତି ଜଣାଉଥାଏ । ଯୁଧିଷ୍ଠିରଙ୍କ ଅଗାଧ ଜ୍ଞାନ ପାଖରେ ମୋ ବିଦ୍ୟା, ବୁଦ୍ଧି, ବିଦୁଷୀପଣିଆ ହାର ମାନୁଥାଏ ।

ଯୁଧିଷ୍ଠିରଙ୍କ ଉତ୍ତରରେ ଚମତ୍କୃତ ହୋଇ ଯକ୍ଷ କହିଲା — ''ତୁମ ଉତ୍ତରରେ ମୁଁ ସନ୍ତୁଷ୍ଟ । ଭ୍ରାତୃଭାଇଙ୍କ ମଧ୍ୟରୁ ତୁମେ ଇଚ୍ଛାକଲେ ମୁଁ କେବଳ ଜଣକୁ ବଞ୍ଚାଇ ଦେଇପାରେ । କୁହ କାହାର ଜୀବନ ତୁମର ଆବଶ୍ୟକ ?''

ଅର୍ଜୁନଙ୍କ ପାଦ ଦୁଇଟି ଧରି ମୁଁ ପଡ଼ିଥାଏ ଏବଂ ଅତି ସ୍ୱାର୍ଥପର ଭାବରେ ଭାବୁଥାଏ ବୋଧହୁଏ ଅର୍ଜୁନଙ୍କର ପ୍ରାଣଭିକ୍ଷା ଏ କ୍ଷେତ୍ରରେ ମତେ ସୁଖୀ କରିବ, ଅଥଚ ସମସ୍ତେ ମୋର ସ୍ୱାମୀ ! ଯଦି ଜଣକର ଜୀବନ ଯକ୍ଷ ଦାନ କରନ୍ତି, ତାହେଲେ ଅର୍ଜୁନ ବଞ୍ଚିଉଠିବା ବୋଧହୁଏ ମୁଁ ଘ୍ରହେଁ ।

ପର ମୁହୂର୍ତ୍ତରେ ଯୁଧିଷ୍ଠିର ଶାନ୍ତ କଣ୍ଠରେ କହିଲେ — ''ନକୁଳକୁ ବଞ୍ଚାଇ ଦିଅନ୍ତୁ ।''

ମୁଁ ନକୁଳଙ୍କ ଜୀବନଲାଭ ଚିନ୍ତାରେ ଉତ୍‌ଫୁଲ୍ଲ ହେଲି, ଅଥଚ ପର ମୁହୂର୍ତ୍ତରେ ଅର୍ଜୁନ ବଞ୍ଚିଉଠିବେ ନାହିଁ ଭାବି ଦୁଃଖରେ ଭାଙ୍ଗିପଡ଼ିଲି । ଏମିତି ବିଡ଼ମ୍ବିତ ଜୀବନ ମୋ ଛଡ଼ା ଆଉ କାହାର ହେବ ?

ଯକ୍ଷ ମଧ୍ୟ ଆଶ୍ଚର୍ଯ୍ୟ ପ୍ରକାଶ କରି ପଗ୍ଧରିଲେ — ''ଭୀମ, ଅର୍ଜୁନ ତୁମର ଦୁଇହାତ ସ୍ୱରୂପ । ସେମାନେ କୁନ୍ତୀପୁତ୍ର । ଅଥଚ ତୁମେ ସେମାନଙ୍କ ଜୀବନ ଭିକ୍ଷା ନକରି ମାଦ୍ରୀପୁତ୍ର ନକୁଳଙ୍କ ଜୀବନ କାହିଁକି ମାଗିଲ ?''

ମୁଁ ମଧ୍ୟ ସେଇ ପ୍ରଶ୍ନ ମନେ ମନେ ପଗ୍ଧରୁଥିଲି ।

ଯୁଧିଷ୍ଠିର ନ୍ୟାୟପରାୟଣତାର ଚରମ ଦୃଷ୍ଟାନ୍ତ ଦେଖାଇ କହିଲେ, ''ମାତା କୁନ୍ତୀଙ୍କର ଜ୍ୟେଷ୍ଠପୁତ୍ର ମୁଁ ବଞ୍ଚିରହିଛି, ମାତା ମାଦ୍ରୀଙ୍କର ଜ୍ୟେଷ୍ଠପୁତ୍ର ନକୁଳ ସେଇ ଦୃଷ୍ଟିରୁ ରଞ୍ଚିରହିବା ଉଚିତ ।''

ଯକ୍ଷ ଯୁଧିଷ୍ଠିରଙ୍କ ନିରପେକ୍ଷ ବିଗ୍ଧରରେ ଅତ୍ୟନ୍ତ ପ୍ରୀତ ହୋଇ ତତ୍‌କ୍ଷଣାତ୍ ଭ୍ରାତୃପାଣ୍ଡବଙ୍କ ଜୀବନ ଫେରାଇଦେଲେ । ସମସ୍ତେ ନିଦରୁ ଉଠିଲାପରି ଉଠିଲାବେଳକୁ ମୁଁ ତେବେ ମଧ୍ୟ ଅର୍ଜୁନଙ୍କର ପାଦଧରି ଭୂଇଁରେ ଲୋଟୁଛି । ଅଶ୍ରୁଜଳରେ ସରୋବର ତୀର ମାଟିକୁ ଭିଜାଉଛି ।

ଅର୍ଜୁନ ପାଦ ଦୁଇଟି ମୋ ହାତ ଭିତରୁ ଦୂରକୁ ଘୁଞ୍ଚାଇନେଇ କହିଲେ — ''ପତ୍ନୀ ହିସାବରେ ସମସ୍ତେ ତମର ସ୍ୱାମୀ, ସମସ୍ତଙ୍କ ପାଇଁ ତମର ସମାନ ଆଚରଣ

Digitized by srujanika@gmail.com

ହେବା ଉଚିତ । ଅଥଚ ମୁଁ ତମକୁ ଜୟ କରିଥିଲି ବୋଲି ତମେ ମୋ ପ୍ରତି ଅଧିକ ପ୍ରେମ ଓ ଦରଦ ଦେଖାଇବ, ଏହା ଅନ୍ୟାୟ । ଅନ୍ୟାୟକୁ ପ୍ରଶ୍ରୟ ଦେଲେ ପାଣ୍ଡବମାନଙ୍କର ପରାଜୟ ସୁନିଶ୍ଚିତ । କୃଷ୍ଣା, ତମେ ମୋ ଉପରୁ ତମର ଅତ୍ୟଧିକ ପ୍ରେମରୂପକ ଅନ୍ୟାୟର ପାହାଡ଼ ହଟାଇନିଅ । ତମକୁ ମୁଁ ଅନୁରୋଧ କରୁଛି —''

ମୁଁ ଭାବୁଥିଲି ମୋ ଏ ଦୁଃଖ ଦେଖି ଅର୍ଜୁନ ମତେ ଆଦରରେ ଆଶ୍ୱାସନା ଦେବେ । ମାତ୍ର ନ୍ୟାୟ ଧର୍ମର ନୀତିବାଣୀ ଶୁଣାଇ ଅର୍ଜୁନ ମତେ ପୁଣିଥରେ ଅସ୍ପୃଶ୍ୟା କରିଦେଲେ ଓ ମୁଁ ଅଶ୍ରୁରେ ଧୋଇଦେଲି ସ୍ୱାମୀଙ୍କୁ ପ୍ରେମ କରିବାର ପାପ ଓ କାଳିମାକୁ ।

॥ ୪୫ ॥

ବିଚିତ୍ର ଦୃଶ୍ୟରାଜିଭରା ମୋ ଜୀବନ ନାଟକର ଏ ଏକ ବିଡ଼ମ୍ବିତ ଅଙ୍କ । ମତ୍ସ୍ୟଦେଶର ରାଜଧାନୀ ବିରାଟ ନଗରୀର ରାଜପ୍ରାସାଦରେ ଆମେ ବର୍ତ୍ତମାନ ଛଦ୍ମବେଶରେ ଆଶ୍ରୟ ଗ୍ରହଣ କରିଛୁ । ଗୋଟିଏ ବର୍ଷ ନିର୍ବିଘ୍ନରେ କଟିଗଲେ ହୁଏତ ମୋ ଜୀବନର ଦୁଃଖମୟ ନାଟକର ଯବନିକା ପତନ ହେବ । ଯବନିକାପାତ ପୂର୍ବରୁ ନାଟକର ଚରମ ଦୃଶ୍ୟ ଅଭିନୀତ ହେଉଛି ବୋଲି ଧରିନେଇ ମୁଁ ନିଜକୁ ସାନ୍ତ୍ୱନା ଦେଉଥାଏ ।

ଅଜ୍ଞାତବାସର ଗ୍ରୀମାସ ଗତ ହୋଇଗଲାଣି କୌଣସିମତେ । ଯୁଧିଷ୍ଠିର 'କଙ୍କ' ନାମ ଧାରଣ କରି ବିରାଟ ରାଜାଙ୍କ ସଭାସଦ୍ ଭାବରେ ଆଶ୍ରୟ ଗ୍ରହଣ କରିଛନ୍ତି । ସେ ହୋଇଛନ୍ତି ପଶାଖେଳର ଓସ୍ତାଦ୍ । ଦିନରାତି ପଶାଖେଳି ରାଜାଙ୍କ ମନୋରଞ୍ଜନ କରିବା ତାଙ୍କର ଏକମାତ୍ର କାମ । ଯେଉଁଠାରୁ ଆମର ବନବାସ ଦୁଃଖର ଆରମ୍ଭ, ସେଇଥିରେ ହିଁ ଶେଷ ହେବ ସେ ଦୁଃଖ ! ବ୍ରାହ୍ମଣ 'କଙ୍କ' ଯୁଧିଷ୍ଠିରଙ୍କ ବନ୍ଧୁ ବୋଲି ଜାଣିବା ପରେ ତାଙ୍କର ସମ୍ମାନ ବିରାଟ ରାଜ୍ୟର ଯଥେଷ୍ଟ ବୃଦ୍ଧି ପାଇଥାଏ ।

ମୋର ପରମ ଶକ୍ତିଶାଳୀ ଅତ୍ୟନ୍ତ ଖାଦ୍ୟପ୍ରିୟ ସ୍ୱାମୀ ଭୀମସେନ ତାଙ୍କର ସୁବିଧା ହେଲାଭଳି କାର୍ଯ୍ୟଟିଏ ବାଛି ନେଇଛନ୍ତି । ସେ ହେଉଛନ୍ତି ବିରାଟ ରାଜପ୍ରାସାଦରେ ପାଚକ 'ବଲ୍ଲଭ' । ଯୁଧିଷ୍ଠିରଙ୍କ ରାଜପ୍ରାସାଦରେ ଦ୍ରୌପଦୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କିଛିଦିନ ସେ ପାଚକ ଥିଲେ ଏବଂ ମଲ୍ଲଯୁଦ୍ଧରେ ମଧ୍ୟ ପାରଙ୍ଗମ ବୋଲି ଜାଣିବାପରେ ସେ ବର୍ତ୍ତମାନ ବିରାଟଙ୍କ ଉଆସରେ ମୁଖ୍ୟ ପାଚକ ।

ମୋର ଶୌର୍ଯ୍ୟବନ୍ତ ନନ୍ଦର୍ପତୁଲ୍ୟ ସ୍ୱାମୀ ଅର୍ଜୁନଙ୍କ ଭୂମିକା ସମ୍ପର୍କରେ ନକହିଲେ ଭଲ । ଯେଉଁଥିରେ ମୁଁ ଦୁଃଖ ପାଏ, ସେଇ କଥାଟି ତାଙ୍କ ଭାଗ୍ୟରେ ଯେମିତି

Digitized by srujanika@gmail.com

ଲେଖାଥାଏ । ବର୍ତ୍ତମାନ ସେ ଜଣେ ନପୁଂସକ ନୃତ୍ୟ ସଙ୍ଗୀତ ଗୁରୁ 'ବୃହନ୍ନଳା' । ଚିତ୍ରସେନ ଗାନ୍ଧର୍ବଠାରୁ ଶିଖିଥିବା, ନୃତ୍ୟ, ଗୀତ ଏବଂ ଉର୍ବଶୀ ଅଭିଶାପକୁ ବର୍ତ୍ତମାନ ସେ କାର୍ଯ୍ୟରେ ଲଗାଇ ଅଜ୍ଞାତବାସ ବିତାଉଛନ୍ତି । ଦ୍ରୁପଦ ରାଜନନ୍ଦିନୀ ଦ୍ରୌପଦୀଙ୍କର ଏକଦା ପ୍ରିୟସଖି ଥିଲେ ବୋଲି ଜାଣିବା ପରେ ଅର୍ଜୁନଙ୍କର ଆଦର, ରାଣୀ ସୁଦେଷ୍ଣା ଓ ରାଜକନ୍ୟା ଉତ୍ତରାଙ୍କ ନିକଟରେ ବଢ଼ିଯାଇଛି । ପୁରୁଷତ୍ୱବିହୀନ ଫାଲ୍‌ଗୁନି ବର୍ତ୍ତମାନ ସ୍ତ୍ରୀ ଲୋକଙ୍କ ଭଳି ଶାଢ଼ୀ ପିନ୍ଧି ନିଜ ଶରୀର ଓ କାନ୍ଧର ଶର ଚିହ୍ନ ଘୋଡ଼ାଇଛନ୍ତି । ଦୀର୍ଘକେଶକୁ ବେଣୀ ବାନ୍ଧି ସେଥିରେ ଫୁଲ ଖୋସୁଛନ୍ତି । କାନ, ନାକ, ହାତ, ବାହୁ, କଟି ଏବଂ ପାଦରେ ନାନାପ୍ରକାର ଅଳଙ୍କାର ପିନ୍ଧୁଛନ୍ତି । ଓଠରେ ରଙ୍ଗ, କପାଳରେ କୁଙ୍କୁମ ବିନ୍ଦୁ, ଆଖିରେ କଜ୍ଜଳ ଦେଇ ପ୍ରସାଧନରେ ନିଜକୁ ରମଣୀତୁଲ୍ୟ ରମଣୀୟ କରୁଛନ୍ତି । ରାଜକନ୍ୟା ଉତ୍ତରାଙ୍କୁ ନୃତ୍ୟ ଶିଖାଇବା ସଙ୍ଗେ ସଙ୍ଗେ ଉଆସରେ ଭୋଜି ଉତ୍ସବ ଆଦି ସମୟରେ ନୃତ୍ୟ ପରିବେଷଣ କରି ରାଣୀ ଏବଂ ପୁରନାରୀଙ୍କର ମନୋରଞ୍ଜନ କରୁଛନ୍ତି । ସମସ୍ତଙ୍କର ସବୁ ଛଦ୍ମବେଶ ମୁଁ ସହିନେଇଛି । ଅଥଚ ପରମ ଶୌର୍ଯ୍ୟବନ୍ତ ଅର୍ଜୁନଙ୍କ 'ବୃହନ୍ନଳା' ବେଶରେ ଦେଖିଲେ କେଜାଣି କାହିଁକି ମୋ ପ୍ରାଣ ହାରିଦେବା ପାଇଁ ମନ ବଳେ । ସମସ୍ତେ ତାଙ୍କର ଅପୂର୍ବ ନୃତ୍ୟଭଙ୍ଗୀରେ ଚମତ୍କୃତ ହୋଇ କରତାଳି ଦେବାବେଳେ ମୁଁ ସେଠାରୁ ଅନ୍ତର ହୋଇଯାଇ ସମସ୍ତଙ୍କ ଅଜ୍ଞାତରେ ନୀରବ ଅଶ୍ରୁପାତ କରେ ଏବଂ ନିଜ କର୍ମକୁ ନିନ୍ଦି ଲଜ୍ଜା, ଦୁଃଖ, ଅବଶୋଷରେ ଭାଙ୍ଗିପଡ଼େ । ମୁଁ ଜାଣେ ମୋର ସ୍ୱାମୀ ଫାଲ୍‌ଗୁନିଙ୍କର ଏ ପୌରୁଷହୀନ ଜୀବନ ଆଉ ଅଳ୍ପଦିନ ସ୍ଥାୟୀ । ତଥାପି ଦିନକ ପାଇଁ ହେଲେମଧ୍ୟ ଅର୍ଜୁନଙ୍କର ଏଇ ପୌରୁଷବିହୀନ ଅବସ୍ଥା, ହାସ୍ୟକର ଅଙ୍ଗଭଙ୍ଗୀ, ନାରୀସୁଲଭ ସ୍ୱର ଏବଂ ମୁଖଭଙ୍ଗୀ, ଛନ୍ଦମୟ ପଦପାତ ମୁଁ କ'ଣ କଳ୍ପନା କରିଥିଲି ? କୌଣସି ସ୍ତ୍ରୀ, ସ୍ୱାମୀର ଏ ଅବସ୍ଥା କ'ଣ ସ୍ୱପ୍ନରେ ବି ବରଦାସ୍ତ କରିପାରେ ? ଉଆସର ନାରୀମାନେ 'ବୃହନ୍ନଳା' ସଙ୍ଗେ କୌତୁକ ଆମୋଦରେ ଯେତେବେଳେ ମାତିଥା'ନ୍ତି ମୁଁ ଗମ୍ଭୀର, ବିଷଣ୍ଣ ହୋଇ ମୋ ଧୈର୍ଯ୍ୟ ପରୀକ୍ଷା କରୁଥାଏ । ବୃହନ୍ନଳାର ନାରୀସୁଲଭ ଭାବଭଙ୍ଗୀରେ ପୁରନାରୀମାନେ ହସି ହସି ଲୋଟିଯିବା ବେଳେ ମୋର ଇଚ୍ଛାହୁଏ ସର୍ବସମକ୍ଷରେ ଘୋଷଣା କରିଦେବି 'ବୃହନ୍ନଳା' କିଏ— ଏବଂ ତାଙ୍କର ଯଶକୀର୍ତ୍ତି, ଅଖଣ୍ଡଗୌରବ । ପରକ୍ଷଣରେ ହୃଦୟକୁ ପଥର କରିଦିଏ । ଅଶ୍ରୁଗୋପନ କରି ଅନ୍ୟତ୍ର ଗ୍ଲିଯାଏ । ଅର୍ଜୁନଙ୍କ ପରିବର୍ତ୍ତେ, ନକୁଳ ଯଦି ଏହି ଭୂମିକାରେ ଅବତୀର୍ଣ୍ଣ ହୋଇଥା'ନ୍ତେ ବୋଧହୁଏ ମୁଁ ମଧ୍ୟ ବସନଭୂଷଣପ୍ରିୟ, ନିଜ ରୂପ ସଚେତନ ନକୁଳଙ୍କ ରୂପାନ୍ତରରେ ଆମୋଦ ଅନୁଭବ କରୁଥାଆନ୍ତି । ମାତ୍ର ଯେଉଁ ସ୍ୱାମୀର ଶୌର୍ଯ୍ୟ ଓ ପୌରୁଷ ହିଁ ମୋର ଏକମାତ୍ର ଗର୍ବ, ଗୌରବ ଏବଂ ଆଶ୍ୱାସନା, ତାଙ୍କୁଇ ଏ ଭୂମିକାରେ ଅବତୀର୍ଣ୍ଣ କରାଇ ମତେ ଜଳାଇବା ଯେମିତି ଅଦୃଷ୍ଟର ଏକ ବିଲାସ !

Digitized by srujanika@gmail.com

ନକୁଳ 'ଗ୍ରନ୍ଥିକ' ନାମଧରି, ଯୁଧିଷ୍ଠିରଙ୍କ ଭୂତପୂର୍ବ ଅଶ୍ୱରକ୍ଷକ ଭାବରେ ପରିଚୟ ଦେଇ ବିରାଟ ରାଜ୍ୟରେ ଅଶ୍ୱରକ୍ଷକ କାର୍ଯ୍ୟରେ ନିଯୁକ୍ତି ପାଇଛନ୍ତି ଏବଂ ସହଦେବ ଗୋମାତାଙ୍କ ସେବାଜରି ପୁଣ୍ୟ ଅର୍ଜନ କରିବା ଉଦ୍ଦେଶ୍ୟରେ 'ତନ୍ତ୍ରପାଳ' ନାମ ଧାରଣ କରି ବିରାଟ ରାଜାଙ୍କର ଗୋରୁ ଗାଈମାନଙ୍କ ଯତ୍ନ ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ବହନ କରିଛନ୍ତି । ନିଜ ନିଜ ଭୂମିକାରେ ନକୁଳ ଓ ସହଦେବ ବୋଧହୁଏ ସବୁଠାରୁ ସୁଖୀ ଓ ସନ୍ତୁଷ୍ଟ ।

ପଞ୍ଚପୁତ୍ର ପଞ୍ଚପାଣ୍ଡବଙ୍କର ଏଇ ହେଲା ଅଜ୍ଞାତବାସର ଭୂମିକା । ଏବେ ଦ୍ରୁପଦ ରାଜନନ୍ଦିନୀ ଦ୍ରୌପଦୀଙ୍କର ବିଡ଼ମ୍ବନା କହୁଛି, ଦୌପଦୀ ବର୍ତ୍ତମାନ ବିରାଟରାଣୀ ସୁଦେଷ୍ଣାଙ୍କର କେଶବିନ୍ୟାସକାରିଣୀ, ପରିଗ୍ଧରିକା, ଦାସୀ । ନାମ ତାଙ୍କର 'ସୈରିନ୍ଧ୍ରୀ' ।''

ମୋର ଅପୂର୍ବ ରୂପଶୋଭାରେ ରାଣୀ ସୁଦେଷ୍ଣା ମୁଗ୍ଧ ହୋଇ ମୋର ବିଡ଼ମ୍ବିତ ଭାଗ୍ୟ ସମ୍ପର୍କରେ ସନ୍ଦେହ ପ୍ରକାଶ କରିଥିଲେ । ମୋ ଭଳି ରୂପବତୀ ନାରୀକୁ ରାଜପ୍ରାସାଦରେ ରଖିଲେ ତାଙ୍କର ସ୍ୱାମୀ ବୃଦ୍ଧ ବୟସରେ ମଧ୍ୟ ମୋ ପ୍ରତି ଆକୃଷ୍ଟ ହେବେ ବୋଲି ତାଙ୍କର ଆଶଙ୍କା ହେଉଥିଲା । ମୁଁ ବିନୟ ସହକାରେ କହିଲି, ''ମହାରାଣି, ମୁଁ ବିବାହିତା ନାରୀ । ମୋର ପଞ୍ଚଗନ୍ଧର୍ବ ସ୍ୱାମୀ ଭାଗ୍ୟଦୋଷରୁ ଦେଶାନ୍ତର ହୋଇଛନ୍ତି ବୋଲି ମୁଁ ପେଟ ଗ୍ୱଖଣ୍ଡକ ପାଇଁ ଆପଣଙ୍କର ଆଶ୍ରୟ ଭିକ୍ଷା କରୁଛି । ସେମାନେ ଫେରିଆସିଲେ ମତେ ସସମ୍ମାନ ଗୃହକୁ ଫେରାଇନେବେ । ତେଣୁ ମୋ ରୂପ ପାଇଁ ଭୟ କରନ୍ତୁ ନାହିଁ । ମୁଁ କାହାକୁ ଆକୃଷ୍ଟ କରିବାକୁ ଘ୍ୱହେଁ ନାହିଁ ବା ମୋ ପ୍ରତି ଯିଏ ଆକୃଷ୍ଟ ହୁଏ, ତା'ର ମଧ୍ୟ ନିସ୍ତାର ନାହିଁ । ମୋ ଗନ୍ଧର୍ବ ସ୍ୱାମୀ ତାକୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିବା ପାଇଁ ପଛଘୁଞ୍ଚା ଦେବେ ନାହିଁ । ଗୋଟିଏ ଅନୁରୋଧ, କୌଣସି ପୁରୁଷଲୋକର ଆଜ୍ଞା ମୁଁ ପାଳିବି ନାହିଁ ବା ଉଚ୍ଛିଷ୍ଟ ସ୍ପର୍ଶ କରିବି ନାହିଁ ।'' ତା'ପରଠୁ ମୁଁ ରାଣୀ ସୁଦେଷ୍ଣାଙ୍କର ବିଶ୍ୱସ୍ତ ସହଚରୀ ହୋଇଛି । ନିଜର ମୁକ୍ତକେଶ ଉପରେ ଓଢ଼ଣା ଟାଣିଦେଇ ରାଣୀ ସୁଦେଷ୍ଣା ଏବଂ ରାଜକନ୍ୟା ଉତ୍ତରାଙ୍କର କେଶବିନ୍ୟାସରେ ମନପ୍ରାଣ ଢାଳିଦେଇଛି ।

ଯୁଧିଷ୍ଠିର ବେଶ୍ ଆରାମରେ ଅଛନ୍ତି । ଦିନରାତି ବିରାଟ ରାଜାଙ୍କ ସହ ପଶା ଖେଳୁଥା'ନ୍ତି ଏବଂ ତାଙ୍କ ସହ ଏକତ୍ର ପାନ ଭୋଜନ ମଧ୍ୟ କରନ୍ତି ।

ଅର୍ଜୁନ ରାଜକନ୍ୟା ଉତ୍ତରା କିମ୍ବା ରାଣୀ ସୁଦେଷ୍ଣାଙ୍କ ମନୋରଞ୍ଜନ କାର୍ଯ୍ୟରେ ସମୟ କଟାଇ ଦିଅନ୍ତି । ରହନ୍ତି ଅନ୍ତଃପୁରର ଏକ ସ୍ୱତନ୍ତ୍ର କୋଠରିରେ । ରାଣୀହଂସପୁରର ଦାସୀମାନେ ଅର୍ଜୁନଙ୍କୁ ନେଇ ରଙ୍ଗରସ କରିବାର ଦେଖିଲେ ମୋର

Digitized by srujanika@gmail.com

ଦେହରେ ନିଆଁ ଲାଗିଯାଏ । ମୁଁ ବିରକ୍ତ ହୋଇ ସେମାନଙ୍କୁ ନିଜ ନିଜ କାର୍ଯ୍ୟ କରିବା ପାଇଁ ତାଗିଦ୍ କଲେ ସେମାନେ ଉପହାସ କରି କହନ୍ତି — ''ତମର ଦେହ ସହୁନାହିଁ କି ? ପଞ୍ଚସ୍ୱାମୀଙ୍କ ପାଖରେ ତମେ ଯଦି ସନ୍ତୁଷ୍ଟ ହେଲନାହିଁ ବୋଲି ଘରଛାଡ଼ି ବାହାରି ଆସିଛ, ଏବେ କିଛିଦିନ ବୃହନ୍ନଳାଙ୍କୁ ନେଇ ମନ ପରିବର୍ତ୍ତନ କରିପାର । ରାଜ ଅନ୍ତଃପୁରେ କେବଳ ବୃହନ୍ନଳା ହିଁ ମନ ପରିବର୍ତ୍ତନର ମାଧ୍ୟମ, ତା'ଛଡ଼ା ଏଠାକୁ ଅନ୍ୟ ପୁରୁଷର ପ୍ରବେଶ ନିଷେଧ । ହଁ, ଅନ୍ୟ ପୁରୁଷ ଅଛନ୍ତି — ସେ ହେଉଛନ୍ତି ଆମର ପରମ ଅତିଥି ମହାରାଣୀଙ୍କ ଭାଇ କୀଚକ । ସେ ତମ ପ୍ରତି ଆକୃଷ୍ଟ ହୋଇଛନ୍ତି । ତମର ପଞ୍ଚସ୍ୱାମୀ ଅଛନ୍ତି । ଆଉ ଏକ ସ୍ୱାମୀ ରହିଲେ ବିଶେଷ କିଛି କ୍ଷତି ହେବନାହିଁ । ହସ୍ତିନାର ରାଜବଧୂ ଦ୍ରୌପଦୀ ତ ପୁଣି ପଞ୍ଚସ୍ୱାମୀଙ୍କୁ ବିବାହ କରି ସତୀ ବୋଲାଉଛନ୍ତି । କୀଚକଙ୍କ ଆଶା ପୂର୍ଣ୍ଣ କଲେ ତମ ସତୀତ୍ୱରେ ମଧ୍ୟ ଆଞ୍ଚ ଆସିବ ନାହିଁ । କୀଚକ ଆମମାନଙ୍କୁ ଆଡ଼ ଆଖିରେ ଗ୍ରହାନ୍ତି ନାହିଁ । ନଚେତ୍ ଆମେ କାହିଁକି ଏଇ ଅଣପୁରୁଷ ବୃହନ୍ନଳା ସଙ୍ଗେ ରଙ୍ଗରସ କରନ୍ତୁ ?''

ମୁଁ ରାଗ ଓ ଘୃଣାରେ ଅଗ୍ନିଶର୍ମା ହୋଇଯାଏ । ମୋର କୋପାନଳରେ ସମସ୍ତ ଗୋପନୀୟତା ଧ୍ୱଂସ ପାଇଯିବ ଭାବି ଅର୍ଜୁନ ରହସ୍ୟ କରି ମୋ ହାତଧରି ନିଭୃତକୁ ଟାଣି ନିଅନ୍ତି — କହନ୍ତି ''ଗ୍ରଳ ସଖି, ଆମେ ଏକାନ୍ତରେ ଆଳାପ କରିବା । ସେମାନଙ୍କ କଥା ଶୁଣନାହିଁ । ମୁଁ ସମସ୍ତଙ୍କର । ରାଜା ଗ୍ରହିଁଲେ ତାଙ୍କର, ରାଣୀ ଗ୍ରହିଁଲେ ତାଙ୍କର, ତମେ ବି ଗ୍ରହିଲେ ତମର —''

ଦାସୀମାନେ ଅଶ୍ଳୀଳ ମନ୍ତବ୍ୟ ଦେଇ କଳ କଳ ନାଦରେ ହସିଉଠନ୍ତି । ମୋ' ଆଖିରେ ଲୁହ ଗ୍ୱଳିଆସେ । ଅତ୍ୟଧିକ ରାଗ ଓ କ୍ଷୋଭରେ ବାକ୍ୟ ସ୍ଫୁରଣ ହୁଏ ନାହିଁ।

ଅର୍ଜୁନ ଚୁପ୍ ଚୁପ୍ କରି କହନ୍ତି, ''କୃଷ୍ଣା, ଅଭିନୟକୁ ସତ ମଣି ତମେ ଅଯଥାରେ କଷ୍ଟ ପାଉଛ । ଆଉ ବା କେତେଦିନ — ଆମ ଦୁଃଖରାତି ତ ପାହିଆସୁଛି ।''

ମୁଁ କୋହ ଗ୍ୱପି ଗ୍ୱପି କହେ — ''ଯାହାର ଶୌର୍ଯ୍ୟ ଓ ପୌରୁଷ ହିଁ ମୋ କୁମାରୀ ଜୀବନର ସ୍ୱପ୍ନ ଥିଲା, ତା'ର ଏ ଲଜ୍ଜାକର ଅଭିନୟ ମୋର ସହ୍ୟ ହେବ କେମିତି ? ଅଭିନୟରେ ମଧ୍ୟ ତମର ଏ ବେଶ, ଏ ଭାବରଙ୍ଗୀ ମୋ କଳ୍ପନାରେ ସ୍ଥାନ ପାଏ ନାହିଁ —''

ମୁଁ ଲୁହ ପୋଛି ପୋଛି ଫାଲ୍‌ଗୁନିଙ୍କ ପାଖରୁ ପଳାଏ । କାରଣ ତାଙ୍କୁ ଗ୍ରହିଁଲେ ମନର କ୍ଷୋଭ ଶତଗୁଣିତ ହୁଏ —।

Digitized by srujanika@gmail.com

ଭୀମସେନ ଦିନରାତି ଅକ୍ଲାନ୍ତ ପରିଶ୍ରମ କରୁଥା'ନ୍ତି । ସେ ଆସିବା ପରେ ଅନ୍ୟ ପାଚକ, ପାଚିକାମାନେ ସବୁକାମ ତାଙ୍କରି ଉପରେ ପକାଇ ଦେଇଛନ୍ତି । ଭୀମସେନଙ୍କର ସେଥିକି ପରବାୟ ନାହିଁ । ସୁସ୍ୱାଦୁକର ଖାଦ୍ୟ ରାନ୍ଧିସାରି ସେ ସମସ୍ତଙ୍କୁ ପରିବେଷଣ କରନ୍ତି । ସମସ୍ତେ ଖାଇସାରିଲେ ସର୍ବଶେଷରେ ସେ ନିଜେ ହଣ୍ଡା ହାଣ୍ଡି ସହ ଭୋଜନରେ ବସନ୍ତି ଓ ବଳିଥିବା ସମସ୍ତ ଖାଦ୍ୟପଦାର୍ଥ ଚଳୁ କରିଦିଅନ୍ତି । ରୋଷେଇ ସରିବା ପରେ ସେ ପ୍ରଥମେ ହିଁ ଖାଇବା ଲୋକ । ଖାଦ୍ୟ ବାଢ଼ି ଦେବାରେ ଟିକିଏ ଡେରି ହୋଇଗଲେ ତାଙ୍କର ପ୍ରଚଣ୍ଡ ମୂର୍ତ୍ତି ଦେଖିବାର କଥା । ଖାଦ୍ୟ ପାଖରେ ତାଙ୍କର ଜ୍ଞାନ ଗରିମା, ଧୈର୍ଯ୍ୟ, ସଂଯମ ଶୂନ୍ୟ ହୋଇଯାଏ । ଅଥଚ ଏଠାରେ କି କଷ୍ଟରେ ଶେଷ ପର୍ଯ୍ୟନ୍ତ ସେ ନଖାଇ ଅନ୍ୟମାନଙ୍କୁ ନିଜ ହାତରନ୍ଧା ଖାଦ୍ୟ ପଦାର୍ଥ ବାଢ଼ିଦିଅନ୍ତି, ତା' ମୋ ଛଡ଼ା ଅନ୍ୟ କିଏ ଜାଣେ ? ଅନ୍ୟମାନେ ଖାଇ ବସିବାବେଳେ ଭୀମସେନ ଯେତେବେଳେ ପାଟିବୁଜି ଲୋଭ ସମ୍ବରଣ କରି ଖାଦ୍ୟ ବାଢ଼ିଦେଉଥା'ନ୍ତି, ସେତେବେଳେ ମୁଁ ଅଶ୍ରୁ ସମ୍ବରଣ କରିପାରେ ନାହିଁ । ଭାବେ, ରନ୍ଧା ସରିବାମାତ୍ରେ ନିଜେ ଯତ୍ନରେ ବାଢ଼ି ଭୀମସେନଙ୍କୁ ଖୁଆଇବି । ମାତ୍ର ମୁଁ ତ ଏଠି ଜଣେ ଦାସୀ । ମୋର ଏଠାରେ କି କର୍ତ୍ତୃତ୍ୱ ବା ଅଛି !

ଭୀମସେନ ଯେତେବେଳେ ସମସ୍ତ ଖାଦ୍ୟପଦାର୍ଥ ଧରି ହଣ୍ଡା ହାଣ୍ଡି ଇତ୍ୟାଦି ଘୃରିକଡ଼େ ଗଦାକରି ଖାଇବସନ୍ତି, ସେତେବେଳେ ଦାସୀ ଏବଂ ପାଚକ ପାଚିକାମାନେ ଯାତ୍ରା ଦେଖିଲା ଭଳି ଏକାଠି ରୁଣ୍ଡହୋଇ ସେ ଦୃଶ୍ୟକୁ ଉପଭୋଗ କରନ୍ତି ଓ ନାନାଦି ପରିହାସ କରନ୍ତି । କହନ୍ତି — "ବିଚରା ଜୀବନରେ କେବେ ତ ଏମିତି ରାଜକୀୟ ଖାଦ୍ୟ ଦେଖି ନଥିଲା, ଭାଗ୍ୟ ଜୋର୍ ଯୋଗୁଁ ଏଠି ଘୃକିରି ଖଣ୍ଡେ ପାଇ ନଯାଏ କି ଏ ଖାଦ୍ୟ ନ ଘୃଖେ । ଦେଖ, କେମିତି କାଙ୍ଗାଳଙ୍କ ଭଳି ଗିଳି ପକାଉଛି ।"

ଇଚ୍ଛାହୁଏ ଦାସୀମାନଙ୍କ ମୁହଁରେ ଥାପଡ଼ ମାରି ତାଙ୍କର ମୁହଁ ବନ୍ଦ କରିଦିଅନ୍ତି । ରାଗ ଦମନ କରି କହେ — "ହସ୍ତିନାର ରାଜପୁତ୍ର ଭୀମସେନ ମଧ୍ୟ ଏମିତି ଖାଦ୍ୟ ଖାଆନ୍ତି ବୋଲି ଶୁଣିଛି । ଅପରିମିତ ଖାଦ୍ୟ ଖାଇବାର ଶକ୍ତି ତାଙ୍କର ଏକ ଗୌରବ, କାରଣ ସେ ରାଜପୁତ୍ର ! ବଲ୍ଲଭ ଜଣେ ପାଚକ ହୋଇଥିବା ଯୋଗୁଁ ତା'ର ସେଇ ଶକ୍ତି ଦାରିଦ୍ର୍ୟର ପ୍ରଲୋଭନ ଭଳି ତମ ଆଖିକୁ ଦିଶୁଛି । କିଏ କହିବ, କାଲି ବଲ୍ଲଭ ଜଣେ ରାଜା ନହେବ ? ତା'ର ଶକ୍ତି ତ ଗୋଟାଏ ରାଜାର ଶକ୍ତି !"

ଦାସୀମାନେ ଖିଲି ଖିଲି ଉସିଉଠି କହନ୍ତି — "ବଲ୍ଲଭ ରାଜା ହେଲେ ତମେ ରାଣୀ ହେବ ବୋଲି ମନେ ମନେ ସ୍ୱପ୍ନ ଦେଖୁଛ କି ? ଭଲକଥା, ପଞ୍ଚସ୍ୱାମୀ ଥାଉ ଥାଉ ଯଦି ଦାସୀ ହେବାର ଯୋଗ ଥିଲା, ବଲ୍ଲଭକୁ ଆଶ୍ରାକଲେ କ୍ଷତି କ'ଣ ? ବଲ୍ଲଭ ରାଜା

Digitized by srujanika@gmail.com

ହେଉ କି ନହେଉ, ରାଜା ଚେହେରା ଖଣ୍ଡେ ତ ଅଛି !'' ଦାସୀମାନେ ଅଶ୍ଳୀଳ ଇଙ୍ଗିତ କରି ପୁଣି ହସି ହସି ଲୋଟିଯା'ନ୍ତି ଏବଂ ମୁଁ ରାଗ ଓ ଘୃଣାରେ ସେଠାରୁ ଅନ୍ତର ହୋଇଯାଏ ।

ଏମିତି ଅନ୍ତର୍ଦାହ ଭିତରେ ଜୀବନ କାଟୁଥିଲେ ବି 'ଉତ୍ତରା' ମୋ ପାଇଁ ଥିଲା ମରୁଭୂମିରେ ଉଦ୍ୟାନ ପରି ଏକମାତ୍ର ଆଶ୍ୱାସନାର କେନ୍ଦ୍ରବିନ୍ଦୁ । ଉତ୍ତରାକୁ ଦେଖିଲେ ମୁଁ ସନ୍ତାନ ବିରହ ଦୁଃଖ ଭୁଲିଯାଏ । ତା'ର ଅନିନ୍ଦ୍ୟ କୋମଳ ରୂପ, ନିଷ୍ପାପ ସୌକୁମାର୍ଯ୍ୟ ମୋର ବିକ୍ଷୁବ୍ଧ ହୃଦୟକୁ ସ୍ନିଗ୍ଧ ଶୀତଳତାରେ ନମ୍ର ମଧୁର କରିଦିଏ । ତାକୁ ବୁକୁରେ ଜଡ଼ାଇ ଧରି ମୁଁ ମମତାଭରା ସ୍ୱରରେ କହେ — ''ମୋର ପୁଅ ଯଦି ରାଜପୁତ୍ର ହୋଇଥା'ନ୍ତା, ତେବେ ମୁଁ ତୁମକୁ ବଧୂ କରିନିଅନ୍ତି, କେବେ ଯଦି କୌଣସି ଅଲୌକିକ ଶକ୍ତି ବଳରେ ମୋର ପୁଅ ରାଜସିଂହାସନ ଲାଭ କରେ, ତେବେ ତମେ ହିଁ ହେବ ମୋର ପୁତ୍ରବଧୂ ।'' ଉତ୍ତରା କୈଶୋରର କୌତୂହଳ ନେଇ ପଗ୍ଭରେ — ''ତମେ ଯଦି ଏତେ ସୁନ୍ଦର ତମର ପୁଅ କେତେ ସୁନ୍ଦର ନ ହୋଇଥିବ ! ତମର ଗାନ୍ଧର୍ବ ସ୍ୱାମୀମାନେ ଯଦି ଏତେ ଶକ୍ତିବାନ୍ ଓ ବୀର ତେବେ ତାଙ୍କର ପୁଅ ମଧ୍ୟ ସେହିପରି ବୀର ହୋଇଥିବେ ?''

ମୁଁ ଅଭିମନ୍ୟୁର ରୂପ, ବୀରତ୍ୱ ଏବଂ ଅଲୌକିକ ପ୍ରତିଭା ବର୍ଣ୍ଣନା କରେ ଉତ୍ତରା ଆଗରେ । ଉତ୍ତରା ମୁଗ୍ଧ ହୋଇ ମୋ କଥା ଶୁଣୁ ଶଣୁ କହେ — ''ମୋ ମତରେ ଯିଏ ବୀର, ଯିଏ ଶୌର୍ଯ୍ୟବନ୍ତ ସେ ହିଁ ରାଜା ହେବାର ଯୋଗ୍ୟ । ରାଜାର ପୁଅ ଯଦି ଅଯୋଗ୍ୟ ହୁଏ, ସେ କାହିଁକି ରାଜା ହେବ ?''

ମଁ ମଧ୍ୟ ମନେ ମନେ ଉତ୍ତରାର କଥାକୁ ସମର୍ଥନ କରେ ଏବଂ ଭାବେ — ''ତାହା ଯଦି ହୁଅନ୍ତା, ତେବେ ବର୍ତ୍ତମାନ ହସ୍ତିନାପୁରୀର ଅଧିପତି ଦୁର୍ଯ୍ୟୋଧନ ନହୋଇ କର୍ଣ୍ଣ ହୁଅନ୍ତେ । କିନ୍ତୁ ଅଦୃଷ୍ଟର ପରିହାସରୁ କର୍ଣ୍ଣ ରାଜପୁତ୍ର ନୁହନ୍ତି, ତେଣୁ ତାଙ୍କର ସମସ୍ତ ବୀରତ୍ୱ ଉପହସିତ ।''

ଉତ୍ତରା ଏବଂ ମୁଁ ଏକତ୍ର ଥିବାବେଳେ ମୋ ଭିତରୁ ଦୁଃଖ ଅପସରି ଯାଏ — ମୁଁ ସତେଜ ସୁନ୍ଦର ହୋଇଯାଏ । ଠିକ୍ ସେତିକିବେଳେ କୀଚକ ଆସି ଉତ୍ତରା ସହ କୌତୁକ କରନ୍ତି ଏବଂ ଉତ୍ତରାକୁ ମଝିରେ ରଖି ମତେ ନାନାପ୍ରକାର ଇଙ୍ଗିତ ଦେଇ ତାଙ୍କ ହୃଦୟରେ ମୋ ପାଇଁ କାମନା ଜାଗ୍ରତ ହୋଇଛି ବୋଲି ଜଣାଇଦିଅନ୍ତି । ପୁରୁଷର ଶୌର୍ଯ୍ୟ, ବୀରତ୍ୱ ଓ ପାଣ୍ଡିତ୍ୟ ପ୍ରତି ମୋର ଯେତିକି ଆକର୍ଷଣ, ତା'ର କାମନା ଓ ଅନ୍ଧବାସନା ପ୍ରତି ମୋର ସେତିକି ଘୃଣା ଓ ବିତୃଷ୍ଣା । ତେଣୁ କୀଚକ ଏ ଭିତରେ

Digitized by srujanika@gmail.com

ମୋର ଘୃଣାଭାଜନ ହୋଇଛି । ଦିନୁଦିନ କୀଚକର ଲାଳସା ବଢୁଛି ଓ କାମନା ବଳବତ୍ତର ହେଉଛି । ନାନା ଉପହାର ସେ ମୋ ପାଖକୁ ପଠାଇଛି ଦାସୀ ମାଳତୀ ହାତରେ ଏବଂ ମୁଁ ତାକୁ ପ୍ରତ୍ୟାଖ୍ୟାନ କରିଛି । ଶେଷକୁ ନିଜ ନଗ୍ନ କାମନାର ନିର୍ଲଜ ସ୍ୱୀକାରୋକ୍ତିକୁ ଅରୁଚିକର ଭାବରେ ପ୍ରକାଶ କରି ପ୍ରେମପତ୍ର ଦେଇଥିଲା ମୋ ପାଖକୁ । ପତ୍ର ପଢ଼ି ମୁଁ ଅଗ୍ନିରେ ନିକ୍ଷେପ କରିଥିଲି ଏବଂ ପ୍ରତ୍ୟୁତ୍ତରରେ ଦାସୀକୁ କହିଥିଲି — ''କାମୁକ କୀଚକକୁ ଜଣାଇଦେବୁ ତା'ର ମୃତ୍ୟୁ ନିକଟତର ହେଉଛି । ତା' ପାଇଁ ମୁଁ ଏକ ବିଷକନ୍ୟା, ଏକଥା ତାକୁ ଦେଖିବା ଦିନଠାରୁ ମୁଁ ଜାଣିଛି ।'' ତଥାପି ମଧ୍ୟ କୀଚକର ଲଜ୍ଜା ନାହିଁ । କାମୁକ ପୁରୁଷ ସଙ୍ଗେ ସମାନ । ପଶୁର ଲଜ୍ଜା ଅପମାନ କ'ଣ ?

କୀଚକର ଇଙ୍ଗିତ ଏବଂ ବ୍ୟବହାର ସମ୍ପର୍କରେ ଯୁଧିଷ୍ଠିରଙ୍କୁ ସୁଯୋଗ ପାଇଲେ ସବୁକଥା ଜଣାଇଦିଏ । କାରଣ ଅର୍ଜୁନ ଏବେ ଶକ୍ତିହୀନ, ପୌରୁଷଶକ୍ତି ରହିତ ଏବଂ ନିରସ୍ତ୍ର । ଭୀମକୁ କଥାଟା ଜଣାଇଲେ ସେ ଏଭଳି କାଣ୍ଡ କରିବସିବେ, ଯାହା ଫଳରେ ଆମର ପରିଚୟ ଜଣାପଡ଼ିପାରେ । ଆମମାନଙ୍କର କର୍ତ୍ତା ଯୁଧିଷ୍ଠିର । ତାଙ୍କୁ ଜଣାଇଲେ ଦୁଃଖ ଯିବ ଭାବିଥିଲି । ମାତ୍ର ସେ ତ ନିର୍ବିକାର ପୁରୁଷ । ନ୍ୟାୟ, ଧର୍ମ, ସହନଶୀଳତା, କ୍ଷମା, ଉଦାରତା ଆଗରେ ସ୍ତ୍ରୀର ଅମର୍ଯ୍ୟାଦା, ଅସହାୟତା, ଦୁଃଖ, ଯନ୍ତ୍ରଣା, ଅପମାନ ତାଙ୍କ ପାଖରେ କିଛି ନୁହେଁ । ମୋର ବ୍ୟସ୍ତତା, ଅସହାୟତା, ରାଗ, ଘୃଣା ଦେଖି ସେ ନୀତିବାଣୀ ଶୁଣାନ୍ତି । କହନ୍ତି — ''ଯାଜ୍ଞସେନି ! ତମେ ବିଦୁଷୀ, ବିଦ୍ୟାବତୀ । ନିଜେ ନିଜକୁ ରକ୍ଷା ନକଲେ ମଣିଷକୁ କେହି ରକ୍ଷା କରିପାରିବେନି । ସାବଧାନତା ସହକାରେ କୀଚକର କାମନାଗ୍ରାସରୁ ଦୂରରେ ରହିବାକୁ ଚେଷ୍ଟାକର । ଏପରି କିଛି କରିବସିବ ନାହିଁ, ଯାହାଫଳରେ ଆମର ପରିଚୟ ଜଣାପଡ଼ିଯିବ ଏବଂ ଆମେ ବିପନ୍ନ ହେବା ! ଆମମାନଙ୍କ ପାଖରେ ଏସବୁ ଜଣାଇବାର ସମୟ ଆସିନାହିଁ । ବିରାଟ ଅନ୍ତଃପୁରରେ ଅନେକ ସୁନ୍ଦରୀ ଲଳନା ଥାଉ ଥାଉ କୀଚକର ଦୃଷ୍ଟି ତମ ଉପରେ ପଡ଼ିଲା କାହିଁକି ? ବହୁପୂର୍ବରୁ ସତର୍କତା ଅବଲମ୍ବନ କରିବା ତମର ଉଚିତ ଥିଲା — ।''

ରାଗରେ ଫାଟିପଡ଼ିବାର ଅବକାଶ ନାହିଁ । ଚିତ୍କାର କରି ଦୁଃଖଭାର ଲାଘବ କରିବାର ସ୍ଥାନ ଏ ନୁହେଁ । ଅଶ୍ରୁଝରାଇ ସ୍ୱାମୀଙ୍କୁ ଅସହାୟତା ବୁଝାଇବାର ଯୋଗ୍ୟ ଅନ୍ତତଃ ଯୁଧିଷ୍ଠିର ନୁହନ୍ତି । ଜୀବନରେ କେବେ ଯୁଧିଷ୍ଠିରଙ୍କ ପାଖରେ ଅଶ୍ରୁ ଢାଳିନାହିଁ, ଢାଳିବି ନାହିଁ — ଏ ମୋର ବହୁଦିନର ପ୍ରତିଜ୍ଞା । ଅଭିମାନର ମୂଲ୍ୟ ଯେ ଦିଅନ୍ତି ନାହିଁ, ତାଙ୍କ ପାଖରେ ଅଭିମାନର ଅର୍ଥ ନିଜକୁ ନିଜେ ଉପହାସ କରିବା । ଅର୍ଜୁନଙ୍କ ପାଖରେ ମଧ୍ୟ ଅଶ୍ରୁ ଝରାଇବା ଖୁବ୍ କୃଚିତ । କାରଣ ମୋ ଅଭିମାନରେ ନିଜର ଅଭିମାନ ମିଶାଇ ଦେଇ ସେ ମୋର ଅଶ୍ରୁଭାର ବଢ଼ାଇ ଦିଅନ୍ତି । ଯଦି କାହା ଆଗରେ ଅକାତର

Digitized by srujanika@gmail.com

ଅଶ୍ରୁ ଝରାଏ, ସେ ନିର୍ମଳ ହୃଦୟ ଉନ୍ମୁକ୍ତମନା, ସ୍ପଷ୍ଟବାଦୀ ଭୀମସେନ । ମୋର ଅଶ୍ରୁ ଯଦି ଯଥାର୍ଥ ମନେକରନ୍ତି, ସେ ସାଗର ଲଙ୍ଘିଯିବା ବିଚିତ୍ର କଥା ନୁହେଁ । କିନ୍ତୁ ତାଙ୍କୁ ମୋର ଭୟ ।କୀଚକର ଦୃଷ୍ଟି ମୋ ଉପରେ ପଡ଼ିଚି ଶୁଣିବାମାତ୍ରେ ସେ ତା'ର ପ୍ରାଣନାଶ ନକରି ଛାଡ଼ିବେ ନାହିଁ । ଫଳରେ ଆମର ଅଜ୍ଞାତବାସର ରହସ୍ୟ ଧରାପଡ଼ିଯିବା ଖୁବ୍ ସମ୍ଭବ ।

ମୁଁ ସାବଧାନତା ସହକାରେ ନିଜକୁ ରକ୍ଷା କରିବାକୁ ଚେଷ୍ଟାକରେ ଏବଂ ଈଶ୍ୱରଙ୍କ ପାଖରେ ନିଜକୁ ସମର୍ପି ଦିଏ । ସ୍ୱାମୀ ହେଉଛି ସ୍ତ୍ରୀର ଈଶ୍ୱର । ସେ ଯଦି ସ୍ତ୍ରୀକୁ ରକ୍ଷା କରିବା ପାଇଁ ଅସମର୍ଥ, ତେବେ ସେ ଈଶ୍ୱର ହୋଇ ରହିବେ କେମିତି ? ଈଶ୍ୱର ହେବେ ସେଇ ପୁରୁଷ ଯିଏ ରକ୍ଷାକର୍ତ୍ତା । ତେଣୁ ମୁଁ ସଖା କୃଷ୍ଣଙ୍କୁ ଈଶ୍ୱରଙ୍କ ଆସନରେ ବସାଇ ପୂଜାକରେ । ସେଇ ତ ମୋର ବିପଦବାନ୍ଧବ, ରକ୍ଷାକର୍ତ୍ତା । ତେଣୁ ସେ ମୋର ଈଶ୍ୱର, ହୃଦୟେଶ୍ୱର, ପ୍ରାତଃସ୍ମରଣୀୟ ପ୍ରିୟ ବାନ୍ଧବ । ସଖା ଦୂରରେ ଥିଲେ ମଧ୍ୟ ପ୍ରତିଟି ମୁହୂର୍ତ୍ତରେ ତାଙ୍କୁ ହୃଦୟରେ ସ୍ଥାପନା କରି ବିପଦକୁ ଏଡ଼େଇଁ ଯାଉଥାଏ ।

ସେଦିନ ବିରାଟ ଅନ୍ତଃପୁରରେ କିଛି ଗୋଟାଏ ଉତ୍ସବର ଆୟୋଜନ ହୋଇଥାଏ । ଉତ୍ସବର କର୍ତ୍ତ୍ରୀ ସ୍ୱୟଂ ସୁଦେଷ୍ଣା । ନୃତ୍ୟ, ଗୀତ, ପାନ ଭୋଜନର ବିପୁଳ ଆୟୋଜନ । ଯୁଧିଷ୍ଠିର ସୁଖାଦ୍ୟ ଭୋଜନ ପରେ ବିରାଟ ରାଜାଙ୍କ ସହ ପଶାଖେଳରେ ବସିଥା'ନ୍ତି । ଭୀମସେନ ପାଚଶାଳାରେ ଅତିରିକ୍ତ ବ୍ୟସ୍ତ ଥା'ନ୍ତି । ଅର୍ଜୁନ ନୃତ୍ୟ ପରିବେଷଣ କରୁଥା'ନ୍ତି । ନକୁଳ ଅତିଥିମାନଙ୍କ ଅଶ୍ୱମାନଙ୍କର ଭୋଜନ ଓ ବିଶ୍ରାମ ଦାୟିତ୍ୱରେ ଥା'ନ୍ତି । ସହଦେବ ସବୁଦିନ ପରି ଗୋଶାଳରେ ଅବସ୍ଥାନ କରୁଥା'ନ୍ତି ।

ରାଣୀ ସୁଦେଷ୍ଣାଙ୍କ ପାଖରେ ଉତ୍ତରା ଏବଂ ମୁଁ ବସିଥାଉ । ବୃହନ୍ନଳାଙ୍କ ନୃତ୍ୟ ଦେଖି ସମସ୍ତେ ମୁଗ୍ଧ ହେଲାବେଳେ ମୋର ହୃଦୟ ଶତଧା ବିଦୀର୍ଣ୍ଣ ହେଉଥାଏ । ଯେଉଁ ଫାଲ୍‌ଗୁନି ସ୍ୱୟମ୍ବର ସଭାରେ ପୃଥିବୀର ସମସ୍ତ ବୀରଙ୍କୁ ପରାଜିତ କରି କୃଷ୍ଣାଙ୍କୁ ଲାଭ କରିଥିଲେ, ସେ ସ୍ତ୍ରୀ ଉପସ୍ଥିତିରେ ଅନ୍ତଃପୁରରେ ନାରୀମାନଙ୍କ ମନୋରଞ୍ଜନ ପାଇଁ ନୃତ୍ୟ କରିବା ଅଦୃଷ୍ଟରେ ଲେଖାଥିଲା ।

ସମସ୍ତେ ହସୁଥିଲାବେଳେ ମୁଁ ଅଶ୍ରୁ ଗୁପିବାର ଚେଷ୍ଟା କରୁଥାଏ । ଠିକ୍ ସେତିକିବେଳେ ରାଣୀ ସୁଦେଷ୍ଣା ଆଦେଶସୂଚକ ଗମ୍ଭୀର କଣ୍ଠରେ କହିଲେ — "ସୈରିନ୍ଧ୍ରି, ବର୍ତ୍ତମାନ ତମେ ମଦ୍ୟପାତ୍ର ନେଇ କୀଚକର କକ୍ଷରୁ ସୁବାସିତ ମଦ୍ୟ ଆଣ । ଏହା ମୋର ଆଦେଶ ।"

Digitized by srujanika@gmail.com

ମୁଁ ଆହତ କଣ୍ଠରେ କହିଲି — "ମହାରାଣି, ମୁଁ ପ୍ରଥମରୁ କହିଛି କୌଣସି ନୀଚକାର୍ଯ୍ୟ କରିବି ନାହିଁ । କୀଚକ ବର୍ତ୍ତମାନ ଅତିରିକ୍ତ ମଦ୍ୟପାନ କରି କକ୍ଷରେ ଉନ୍ମତ୍ତ ଅବସ୍ଥାରେ ଅଛନ୍ତି । ଏ ଅବସ୍ଥାରେ ତାଙ୍କ ଭଳି ଜଣେ କାମାନ୍ଧ ପୁରୁଷର କକ୍ଷକୁ ଯିବା ଯେକୌଣସି ନାରୀ ପକ୍ଷେ ଅସମ୍ମାନଜନକ ଏବଂ ବିପଜ୍ଜନକ । ତେଣୁ ମୁଁ ଏ କାର୍ଯ୍ୟ କରିପାରିବି ନାହିଁ ।"

ରାଣୀ ସୁଦେଷ୍ଣା ମତେ କୌଣସି ଦିନ ଦାସୀପରି ବ୍ୟବହାର କରିନଥିଲେ । ନିଜର ପ୍ରିୟସଖୀ ଭଳି ସେ ମତେ ବ୍ୟବହାର କରିଆସିଛନ୍ତି । ଅଥଚ ଆଜି କଠୋର କଣ୍ଠରେ କହିଲେ — "ମୋର ଆଦେଶ ଅମାନ୍ୟ କରିବାର ଅର୍ଥ ରାଜ୍ୟରୁ ବହିଷ୍କାର, ଏହା ଜାଣିଛ ତ ପଞ୍ଚପତିର ପତ୍ନୀ ସୈରିନ୍ଧ୍ରୀ ?"

ମୁଁ ଏଥର ଉଠିଲି । ଭାବିଲି ସୁଦେଷ୍ଣା ଭାଇର କାମବାସନା ଚରିତାର୍ଥ କରିବା ପାଇଁ ଏପ୍ରକାର ଷଡ଼ଯନ୍ତ୍ର କରିଛନ୍ତି । ଆଉ କେତେଟା ମାସ ଆଶ୍ରୟ ମୋର ଆବଶ୍ୟକ । ତା' ନହେଲେ ଆମର ସମସ୍ତ ସାଧନା ପଣ୍ଡ ହୋଇଯିବ । କୃଷ୍ଣ ସ୍ମରଣ କରି, ମଦ୍ୟପାତ୍ର ଧରି ମୁଁ କମ୍ପିତ ପାଦରେ କୀଚକର କକ୍ଷ ଦିଗରେ ଅଗ୍ରସର ହେଲି ।

ମୁଁ ଜାଣେ ଲେଲିହାନ ଅଗ୍ନିଶିଖା ଭିତରକୁ ମୁଁ ପ୍ରବେଶ କରୁଛି, ମୁଁ ଜାଣେ ମୁଁ ସମୁଦ୍ରର ଅତଳ ଗହ୍ୱରକୁ ପାଦ ବଢ଼ାଉଛି, ମୁଁ ଜାଣେ ମୁଁ ହିଂସ୍ର ବ୍ୟାଘ୍ରର ରକ୍ତ ପିପାସା ମେଣ୍ଟାଇବା ପାଇଁ ତାକୁ ଆହ୍ୱାନ କରିବାକୁ ଯାଉଛି, ମୁଁ ଜାଣେ କୀଚକର ଶକ୍ତି ଆଗରେ ମୋର ଶକ୍ତି ଅତ୍ୟନ୍ତ ନଗଣ୍ୟ, ମୁଁ ଜାଣେ ମୋର ପଞ୍ଚପତି ଏଠାରେ ଥାଉ ଥାଉ ମୁଁ ନିଜେ ନିଜକୁ ରକ୍ଷା କରିବା ଛଡ଼ା ଅନ୍ୟଗତି ନାହିଁ, ମୁଁ ଜାଣେ ମୋର ନାରୀତ୍ୱ ବିପନ୍ନ, ତଥାପି ମୁଁ ଆଗେଇ ଯାଉଛି । ଶୂଳି ଆସାମୀ ମଧ୍ୟ ଶୂଳିଖୁଣ୍ଟ ନିକଟକୁ ଘୁଲି ଘୁଲି ଯାଏ, କିନ୍ତୁ ସେ ନିଜେ ନିଜ ଇଚ୍ଛାରେ ଘୁଲୁନଥାଏ, ତା ପାଦ ଦୁଇଟି ରାଜାର ଆଦେଶରେ ହିଁ ବାଟ ଘୁଲୁଥାଏ । ମୋ ଅବସ୍ଥା ଠିକ୍ ସେମିତି । କ୍ଷୁଧିତ ବ୍ୟାଘ୍ରର ଯନ୍ତ୍ରା ଭିତରକୁ ବାଧ୍ୟହୋଇ ଡେଇଁପଡ଼ିବା ଏବଂ କୀଚକର କକ୍ଷକୁ ନିଜେ ଯିବା ଭିତରେ କିଛି ହେଲେ ପ୍ରଭେଦ ନାହିଁ ।

କୀଚକର ଦ୍ୱାରଦେଶରେ ମୁଁ ସଂପୂର୍ଣ୍ଣ ଅସହାୟତାରେ ଭାଙ୍ଗିପଡ଼ିଲି ଏବଂ କୃଷ୍ଣଙ୍କୁ ସ୍ମରଣ କରି ସ୍ୱଗତୋକ୍ତି କଲି — "ସଖା, ତମକୁ ମୁଁ ଈଶ୍ୱର ମଣିଛି, ପ୍ରିୟତମ ! ତମର ପ୍ରିୟ ସଖି କୃଷ୍ଣାର ମାନ ଅପମାନ ସବୁ ତମରି । ତମ ଛଡ଼ା ଆଜି ମତେ କିଏ ରକ୍ଷା କରିବ ?"

Digitized by srujanika@gmail.com

କୀଚକ ମତେ ଯେମିତି ଅପେକ୍ଷା କରି ବସିଥିଲା । ମତେ ଦେଖିବାମାତ୍ରେ ସେ ଦୁଇବାହୁ ପ୍ରସାରି ମତେ ତା'ର କାମନାର ଲେଲିହାନ ଶିଖାରେ ଗ୍ରାସ କରି ଯିବାପାଇଁ ଅଗ୍ରସର ହୁଅନ୍ତେ ମୁଁ ସମସ୍ତ ଶକ୍ତି ପ୍ରୟୋଗ କରି ତାକୁ ଜୋରରେ ଧକ୍‌କା ଦେଲି ଏବଂ ସେ ଶରୀରର ଭାରସାମ୍ୟ ହରାଇ ତଳେ ପଡ଼ିଗଲା । ସେଇ ସୁଯୋଗରେ ମୁଁ ତ୍ରସ୍ତା ହରିଣୀ ପରି ଧାଇଁ ଧାଇଁ ବିରାଟ ରାଜା ଏବଂ ଯୁଧିଷ୍ଠିର ବସି ପଶା ଖେଳୁଥିବା ସଭାଗୃହରେ ଉପସ୍ଥିତ ହେଲି ଏବଂ ରାଗରେ ଉନ୍ମତ୍ତ ହୋଇ କୀଚକ ମୋ ପଛେ ପଛେ ସେଠାରେ ପହଞ୍ଚିଗଲା । ସର୍ବସମକ୍ଷରେ ସେ ମୋର ମୁକ୍ତକେଶକୁ ଝିଙ୍କି ମତେ ତଳେ ପକାଇଦେଲା ଏବଂ ପଦାଘାତ କରି ମତେ ଅଶ୍ଳୀଳ ଭାଷାରେ ଭର୍ତ୍ସନା କରିବାକୁ ଲାଗିଲା । ଆଶ୍ଚର୍ଯ୍ୟ ! ଯୁଧିଷ୍ଠିର ସାମାନ୍ୟ ମାତ୍ର ବିଚଳିତ ନହେଇ ଦାନ ପକାଉଥା'ନ୍ତି ଏବଂ ମୁଷ୍ଟଟେକି ମତେ ଘୃଣ୍ଣୁନଥା'ନ୍ତି । ଭୀମସେନ ସେଠାରେ ଉପସ୍ଥିତ ଥିଲେ । ରାଗରେ ଉନ୍ମତ୍ତ ହୋଇ ସେ ଗୋଟିଏ ବିଶାଳ ବୃକ୍ଷ ଆଡ଼କୁ ଦୃଷ୍ଟିନିକ୍ଷେପ କରନ୍ତେ ଯୁଧିଷ୍ଠିର ଭୟପାଇ କହିଲେ — "ପୂଜାରୀ ମହାଶୟ ! କଥା କ'ଣ ? ତମର ଏଠାରେ କି କାମ ? କାଷ୍ଠ ଦରକାର ତ ଜଙ୍ଗଲକୁ ଯାଅ । ଏଠାରେ ଖେଳରେ ଯେପରି କିଛି ବ୍ୟାଘାତ ନଘଟେ, ସାବଧାନ !" ଯୁଧିଷ୍ଠିରଙ୍କ ଆଦେଶରେ ଭୀମସେନ କ୍ରୋଧ ସମ୍ବରଣ କରି ସେଠାକୁ ଘୁଲିଗଲେ ।

ଲଜ୍ଜା ଅପମାନରେ ଜର୍ଜରିତା ହୋଇ ମୁଁ ଯୁଧିଷ୍ଠିରଙ୍କୁ ଇଙ୍ଗିତ କରି ରାଜା ବିରାଟଙ୍କୁ କହିଲି — "ନାରୀ ପାଇଁ ନ୍ୟାୟର ବାଟ କ'ଣ ଚତୁର୍ଦ୍ଦିଗରେ ବନ୍ଦ ? ଏଇ କାମୁକ ପୁରୁଷ ମତେ ବଳାତ୍କାର କରିବା ଏବଂ ସର୍ବସମକ୍ଷରେ ଅପମାନ କରିବା କ'ଣ ଦୈନନ୍ଦିନ ଘଟଣା ଭଳି ଏତେ ସାଧାରଣ ଯେ, ରାଜା ଏଥିରେ ହସ୍ତକ୍ଷେପ ନକରି ନିର୍ଦ୍ୱନ୍ଦ୍ୱରେ ପଶାଖେଳ ଅବ୍ୟାହତ ରଖିଛନ୍ତି ! ରାଜା ଯଦି ନାରୀର ରକ୍ଷକ ନହୁଏ ତେବେ ଆତ୍ମହତ୍ୟା ପାଇଁ ଅନୁମତି ଦେବା ଉଚିତ ନୁହେଁ କି ?"

ବିରାଟ ରାଜା ନୀରବ । କୀଚକ ବାହୁବଳେ ସେ ରାଜା । ସେ କି ଉତ୍ତର ଦେବେ ? ଯୁଧିଷ୍ଠିର ତାଙ୍କ ପକ୍ଷ ନେଇ କହିଲେ — "ସୈରିନ୍ଧ୍ରି, ପ୍ରକୃତ ଘଟଣା କ'ଣ ତା' ଆମେ ଜାଣୁନାହିଁ । ତେଣୁ କି ନ୍ୟାୟ ତମକୁ ଦେବୁ ? ବରଂ ତମେ ଅନ୍ତଃପୁରକୁ ଯାଅ । ନାରୀଜନିତ ବ୍ୟାପାର ସଭାଗୃହରେ ଆଲୋଚିତ ହେବା କଥା ନୁହେଁ । ଅନ୍ତଃପୁରରେ ଯେଉଁମାନେ ଅଛନ୍ତି ସେମାନେ ସେକଥା ବୁଝିବେ । ବର୍ତ୍ତମାନ ସମସ୍ତେ ଉତ୍ସବରେ ମାତିଛନ୍ତି । ତେଣୁ ରାତି ପର୍ଯ୍ୟନ୍ତ ଅପେକ୍ଷା କର । ହୁଏତ ତମର ଶକ୍ତିଶାଳୀ ଗନ୍ଧର୍ବମାନଙ୍କ ମଧ୍ୟରୁ କେହି ଜଣେହେଲେ ତମ ଅପମାନର ପ୍ରତିଶୋଧ ନେବାପାଇଁ ଆଗେଇ ଆସିବେ । ଯାଅ, ବଲ୍ଲଭକୁ କୁହ ଶୀଘ୍ର ରାତ୍ରିଭୋଜନର ବ୍ୟବସ୍ଥା କରିବ ।

Digitized by srujanika@gmail.com

ଆଜି ରାତିରେ ସମସ୍ତେ ଶୀଘ୍ର ବିଶ୍ରାମ ନେବେ କାରଣ ସମସ୍ତେ କ୍ଲାନ୍ତ । ଆମ ଖେଳରେ ଆଉ ବ୍ୟାଘାତ ସୃଷ୍ଟି କରନାହିଁ ।''

ଯୁଧିଷ୍ଠିର ପୁଣି ଦାନ ପକାଇଲେ । ମୁଁ ଅଶ୍ରୁ ଗୋପନ କରି ଫେରି ଆସୁ ଆସୁ ବିଦୂପଭରା ସ୍ୱରରେ କହିଲି — ''ବୋଧହୁଏ ମୋର ସତୀତ୍ୱ ଲୁଣ୍ଠନ ହୋଇସାରିବା ପରେ ମୋର ଗନ୍ଧର୍ବ ସ୍ୱାମୀମାନଙ୍କର ଚେତା ପଶିବ । ସେତେବେଳେ ସେମାନେ ମୋର ମୃତଦେହ ହିଁ ପାଇବେ । ଯେତେଦିନ ସେମାନଙ୍କୁ ସ୍ୱାମୀଭାବରେ ଗ୍ରହଣ କରି ସମସ୍ତ ଅର୍ପଣ କରିଥିଲି ବୋଧହୁଏ ପାପ କରିଥିଲି, ସେଥିପାଇଁ ଏ ଦଣ୍ଡ ଭୋଗୁଛି । ମୋର ଜ୍ୟେଷ୍ଠସ୍ୱାମୀ ମଧ୍ୟ ପଶାଖେଳରେ ବ୍ୟାଘାତ ସୃଷ୍ଟି ହେବା ବରଦାସ୍ତ କରନ୍ତି ନାହିଁ । କିନ୍ତୁ ତାଙ୍କର ଖେଳ ଯେ ମୋର କାଳ ହୁଏ, ତା' ସେ ଜାଣନ୍ତି ନାହିଁ, ଜାଣିଲେ ମଧ୍ୟ ଖାତିର କରନ୍ତି ନାହିଁ । ତାଙ୍କପ୍ରତି ମୋର ସମ୍ମାନ ଯଦି ଉଣାହୁଏ ତେବେ ଆପଣ କ'ଣ ମତେ ଅପରାଧିନୀ ମଣିବେ ?''

ଯୁଧିଷ୍ଠିର ନୀରବରେ ତଳକୁ ମୁଣ୍ଡ ପୋତିଦେଲେ ଏବଂ ନିରୁତ୍ତର ରହିଲେ । ମୁଁ ଫେରିଆସିଲି ଅନ୍ତଃପୁରକୁ । ଯୁଧିଷ୍ଠିରଙ୍କ ଇଙ୍ଗିତ ମୁଁ ବୁଝିଥିଲି । ଭୀମସେନକୁ ସମସ୍ତ କହିଲି । ଭୀମସେନଙ୍କର ପ୍ରରୋଚନାରେ କୀଚକଠାରୁ କ୍ଷମା ମାଗି ତାକୁ ନିଶାର୍ଦ୍ଧରେ ନିଭୃତ ମିଳନ ପାଇଁ ଆହ୍ୱାନ କଲି ଏବଂ ସେଇ ଅବସରରେ ଭୀମସେନ ତାଙ୍କର ପ୍ରାଣନାଶ କରି ମତେ ରକ୍ଷା କଲେ । ଭୀମସେନଙ୍କୁ ଈଶ୍ୱର ମଣି ପ୍ରଣାମ ଜଣାଇଲି — ତାଙ୍କ ପାଦତଳେ ଅଶ୍ରୁର ନୈବେଦ୍ୟ ବାଢ଼ିଦେଲି । ସାରା ରାତି ରନ୍ଧନଶାଳାର ଅପରିଷ୍କୃତ ଚଟାଣରେ ଶୋଇ ଭୀମସେନଙ୍କ ପ୍ରଶସ୍ତ ବୁକୁରେ ମୁଁ କୃତଜ୍ଞତାର ଅଶ୍ରୁ ଢାଳୁଥିଲି ଏବଂ ସେ ମତେ ଆଦର କରୁଥିଲେ, ଅଭୟ ଦେଉଥିଲେ, ବଞ୍ଚି ରହିବାର ପ୍ରେରଣା ଦେଉଥିଲେ ।

ସକାଳୁ ସମସ୍ତେ ଜାଣିଲେ ଯେ ମୋର ଗନ୍ଧର୍ବ ସ୍ୱାମୀ ରାତିରେ ଆସି କୀଚକକୁ ହତ୍ୟା କରିଛନ୍ତି । ମୋର ସମ୍ମାନ ଅନ୍ତଃପୁରରେ ବଢ଼ିଗଲା ଏବଂ ମୋର ଦୁଃଖରାତି ପାହିଆସୁଛି ବୋଲି ଆନନ୍ଦିତା ହେଉଥିଲି ।

କୀଚକର ମୃତ୍ୟୁ ଖବର ତଡ଼ିତ୍ ବେଗରେ ସମଗ୍ର ଆର୍ଯ୍ୟାବର୍ତ୍ତରେ ପ୍ରସ୍ତରିତ ହୋଇଗଲା । ଏହି ସୁଯୋଗରେ କୌରବମାନେ ବିରାଟ ରାଜ୍ୟର ବିପୁଳ ଧନ ସମ୍ପତ୍ତି ଲୁଟ୍ କରିବା ପାଇଁ ବିରାଟ ରାଜ୍ୟ ଉପରେ ଆକ୍ରମଣ ଚଳାଇଲେ । କୀଚକର ମତ୍ୟୁ ପରେ ବିରାଟ ଅତ୍ୟନ୍ତ ଦୁର୍ବଳ ଓ ଶକ୍ତିହୀନ ହୋଇଥାଏ । ପରାଜୟ ସୁନିଶ୍ଚିତ ଜାଣି ରାଜା ଆତ୍ମସମର୍ପଣ କରିବା ପାଇଁ ପ୍ରସ୍ତୁତ ହୋଇଗଲେ । ମାତ୍ର ପାଣ୍ଡବମାନେ ଅତ୍ୟନ୍ତ

Digitized by srujanika@gmail.com

ବିଚକ୍ଷଣତା ସହକାରେ କୌରବ ଓ କର୍ଣ୍ଣ ଇତ୍ୟାଦିଙ୍କୁ ପରାସ୍ତ କରି ବିରାଟ ରାଜ୍ୟର ସ୍ୱାଧୀନତାର ରକ୍ଷାକର୍ତ୍ତା ହେଲେ । କୌରବମାନେ ଶୋଚନୀୟ ଭାବରେ ପରାସ୍ତ ହୋଇ ହସ୍ତିନାପୁରୀ ଫେରିଗଲେ ଏବଂ ପାଣ୍ଡବମାନଙ୍କର ପ୍ରକୃତ ପରିଚୟ ପାଇ ବିରାଟ ରାଜା ଅତ୍ୟନ୍ତ ଆନନ୍ଦିତ ହେଲେ । ବହୁ ପ୍ରତୀକ୍ଷିତ ମୁକ୍ତିଦିବସ ଉପସ୍ଥିତ ହେଲା । ପାଣ୍ଡବ-ମାନଙ୍କର ବନବାସ ଦୁଃଖର ପରିସମାପ୍ତି ହେଲା । ଆଗକୁ କ'ଣ ଅଛି କିଏ ଜାଣେ ?

॥ ୪୬ ॥

ତେରବର୍ଷ ବନବାସର ଦୁଃଖ ପରେ ମୋର ପ୍ରଥମ ଇଚ୍ଛା ପୂର୍ଣ୍ଣ ହେଲା ଉତ୍ତରା ଏବଂ ଅଭିମନ୍ୟୁଙ୍କର ଶୁଭପରିଣୟରେ । ଉତ୍ତରାକୁ ବୀର ଫାଲ୍‌ଗୁନିଙ୍କ ସହ ବିବାହ ଦେବା ପାଇଁ ପ୍ରସ୍ତାବ ଦେଇଥିଲେ ବିରାଟରାଜା । ମାତ୍ର ସଚ୍ଚରିତ୍ର, ବିବେକବନ୍ତ ଫାଲ୍‌ଗୁନି କହିଥିଲେ — ମୁଁ ଉତ୍ତରାର ନୃତ୍ୟଗୁରୁ, ପିତା ସଦୃଶ । ତେଣୁ ମୋର ପୁତ୍ର ବୀର ଅଭିମନ୍ୟୁ ସହ ଉତ୍ତରାଙ୍କର ବିବାହ ସ୍ପୃହଣୀୟ । ଏଇ ପ୍ରଥମବାର ମୋ ମନର କଥା ଫାଲ୍‌ଗୁନିଙ୍କ ଭାଷାରେ ରୂପାୟିତ ହୋଇଥିଲା ।

ମହା ଆଡ଼ମ୍ବର ସହକାରେ ଅଭିମନ୍ୟୁ ଏବଂ ଉତ୍ତରାଙ୍କର ବିବାହ ଅନୁଷ୍ଠିତ ହୋଇଥିଲା । ସୁଭଦ୍ରା, କୃଷ୍ଣ ବଳରାମ, ଅଷ୍ଟପାଟବଂଶୀ, ମୋର ପାଞ୍ଚପୁତ୍ର, ମୋର ପିତା, ଭ୍ରାତା ଏବଂ ବହୁଦେଶର ରାଜା ବିବାହ ଉତ୍ସବରେ ଯୋଗ ଦେଇଥିଲେ । କେବଳ ଯୋଗ ଦେଇ ପାରିନଥିଲେ ମାତା କୁନ୍ତୀ । ବିଦୁରଙ୍କ ଉଆସରେ ସେ ଅସୁସ୍ଥତା ଯୋଗୁଁ ଶଯ୍ୟାଶାୟିନୀ ହୋଇପଡ଼ିଥିଲେ ।

କିଶୋରୀ ନବବଧୂ ଉତ୍ତରାର ଅନିନ୍ଦ୍ୟ ରୂପଶୋଭାରେ ମୁଗ୍ଧ ହୋଇ ଭଦ୍ରା ପରମ ଆନନ୍ଦରେ କହିଥିଲା — "ଅପା, ତମର ବୋହୂ ରୂପରେ ତମକୁ ବଳିଯାଇ ପାରିଲା ନାହିଁ, ଯଦିଓ ତା' ଭଳି ସୁନ୍ଦରୀ ଆଖିରେ ପଡ଼ିବା କୃଚିତ୍ । ଏଣିକି ବଧୂ ନିର୍ବାଚନର ଭାର ମୋ ଉପରେ ଛାଡ଼ିଦିଅ । ମୋର ଅନ୍ୟ ପାଞ୍ଚପୁତ୍ର ପାଇଁ ବାଛି ବାଛି ତମଠାରୁ ରୂପବତୀ ରାଜକନ୍ୟାଙ୍କୁ ବଧୂ କରି ଆଣିବି । ତମେ ଯେମିତି ପାଞ୍ଚ ପୁତ୍ରବଧୂଙ୍କ ନିକଟରେ ମଳିନ ପଡ଼ିଯିବ । ତେବେ ଯାଇ ତମ ରୂପ ଲାବଣ୍ୟ ପାଇଁ ମୋ ମନର ଈର୍ଷା ଦୂର ହେବ ।" ଭଦ୍ରା କୌତୁକରେ ହସୁଥିଲା । ଦୀର୍ଘଶ୍ୱାସ ପକାଇ କହିଥିଲି — "ହଉ — ସେମାନେ ମଣିଷରେ ଗଣା ହୁଅନ୍ତୁ, ଆଗେ ! ଜନ୍ମକାଳରୁ ବାରମ୍ବାର ଶୁଣିପିଣ୍ଡା ହେଉଛନ୍ତି । କିଏ ଜାଣେ କ'ଣ ଅଦୃଷ୍ଟରେ ଲେଖାଅଛି —।"

Digitized by srujanika@gmail.com

ଏତେଦିନ ଧରି ପୁତ୍ରମାନଙ୍କୁ ଛାଡ଼ି ଅରଣ୍ୟରେ ବୁଲୁଥିବାରୁ ଆଜି ମଧ୍ୟ ପୁତ୍ରମାନଙ୍କୁ ମୋର ବୋଲି କହିବାକୁ ଭରସା ହେଉନଥାଏ । ତଥାପି ଭଦ୍ରାର କଥାରେ ମା' ମନର କେତେ ସ୍ୱପ୍ନ ରୂପାୟିତ ହୋଇଗଲା ନିମିଷକରେ । କଳ୍ପନା ଚକ୍ଷୁରେ ମୁଁ ଦେଖୁଥାଏ ବିବାହ-ମୁକୁଟ ପିନ୍ଧି ମୋର ପାଞ୍ଚପୁତ୍ରଙ୍କୁ ଏବଂ ତାଙ୍କ ପାଖରେ ଅନିନ୍ଦ୍ୟ ସୁନ୍ଦରୀ ରାଜକନ୍ୟାମାନଙ୍କୁ । ସଜଳ ହୋଇଗଲା ଆଖିପତା । ଭାବିଲି ଆଉ ବା ମୋର କି ସୁଖ ଲୋଡ଼ା — ସେତିକି ସ୍ୱପ୍ନ ସଫଳ ହେବାପରେ ବାନପ୍ରସ୍ଥ ଆଚରିବା ପାଇଁ ମୁଁ ତ ମନସ୍ଥ କରିସାରିଛି ।

ବିବାହ ଉତ୍ସବ ପରେ ଅଭିମନ୍ୟୁ ଏବଂ ଉତ୍ତରାଙ୍କୁ ସଙ୍ଗରେ ନେଇ ଭଦ୍ରା ଏବଂ ମୁଁ ବିଦୁରଙ୍କ ଉଆସରେ ମାତା କୁନ୍ତୀଙ୍କୁ ପ୍ରଣାମ କରି ଆଶୀବାର୍ଦ ଲାଭ କରିବା ପାଇଁ ଗଲୁ ।

ପୁତ୍ରମାନଙ୍କ ଦୁଃଖରେ ଚିରଦିନ ସନ୍ତୁଳି ହେଉଥିବା ଦୁଃଖିନୀ ଜନନୀ କୁନ୍ତୀ ବୋଧହୁଏ ଏ ବିବାହରେ ସବୁଠାରୁ ବେଶି ଆନନ୍ଦିତା ହେବେ । ପରିଣତ ବୟସରେ ରୋଗଶଯ୍ୟାରେ ପଡ଼ିପଡ଼ି ନିଜ ଜୀବନର ଯାବତୀୟ ଦୁଃଖ ଯନ୍ତ୍ରଣାକୁ ଭୁଲିଯିବା ପାଇଁ କିଶୋରୀ ନବବଧୂ ଉତ୍ତରା ଆଜି ତାଙ୍କ ପାଇଁ ଏକ ମନୋମୁଗ୍ଧକାରିଣୀ ଖେଳଣା ! ଉତ୍ତରାର ସୁଖମୟ ଦାମ୍ପତ୍ୟ ଭିତରେ ମାତାମହୀ କୁନ୍ତୀ ହୁଁଏତ ନିଜ ବିଡ଼ମ୍ବିତ ଦାମ୍ପତ୍ୟ ଦୁଃଖମୟ ମାତୃତ୍ୱର ବିଳାପକୁ ବିସ୍ମରିଯିବେ !

ଏକ ପକ୍ଷେ ଶାନ୍ତି ସ୍ଥାପନର ପ୍ରଚେଷ୍ଟା, ଅନ୍ୟପକ୍ଷେ ଯୁଦ୍ଧଂଦେହୀ ଡାକରା । ତା'ରି ଭିତରେ ମୋ ଅବଶିଷ୍ଟ ଜୀବନର ସ୍ୱପ୍ନ ଧୂଳିସାତ୍ ।

ବାରବର୍ଷ ବନବାସ ପରେ, ଏକବର୍ଷ ଅଜ୍ଞାତବାସ ସମ୍ପୂର୍ଣ୍ଣ କରିବା ସତ୍ତ୍ୱେ ପାଣ୍ଡବମାନେ ସେମାନଙ୍କ ନ୍ୟାଯ୍ୟ ଦାବି ଅର୍ଦ୍ଧେକ ରାଜ୍ୟ ଇନ୍ଦ୍ରପ୍ରସ୍ଥ ଫେରିପାଇବାର ସମସ୍ତ ପ୍ରଚେଷ୍ଟା ବିଫଳ ହୋଇଛି । ଅହଙ୍କାରୀ, ପରଶ୍ରୀକାତର, ଦୂରାଗ୍ରହୀ କୌରବମାନଙ୍କର ସ୍ୱାର୍ଥପରତା ଓ ଅଧର୍ମ ବିଗ୍ରହର ଏହାହିଁ ଚୂଡ଼ାନ୍ତ ନିଦର୍ଶନ । ଯା' ପରେ ମହାସମର ଛଡ଼ା ଅନ୍ୟ ଗତି ନାହିଁ ।

ଶାନ୍ତିପୂର୍ଣ୍ଣ ଭାବରେ ଆପୋଷ ମିଳାମିଶା ହୋଇପାରିଲେ ଯୁଦ୍ଧର ଆବଶ୍ୟକତା କ'ଣ ? ମଣିଷ ଶାନ୍ତିପ୍ରିୟ, ପଶୁ ହିଁ ପ୍ରତି କଥାରେ କରେ ଯୁଦ୍ଧ, ରକ୍ତପାତ, ହିଂସାକାଣ୍ଡ । ସୃଷ୍ଟିର ଆଦିମ କାଳରୁ ନାନା କାରଣରୁ ମଣିଷ ମଣିଷ ଭିତରେ ଅବଶ୍ୟ ଯୁଦ୍ଧ ସଙ୍ଘଟିତ ହୋଇଛି, କିନ୍ତୁ ପ୍ରତି କ୍ଷେତ୍ରରେ ଯୁଦ୍ଧର ଶେଷଫଳ ମୃତ୍ୟୁ, ହାହାକାର, ରକ୍ତପାତ, ଧ୍ୱଂସ । ଯୁଦ୍ଧରେ ଗୋଟିଏ ପକ୍ଷ ଜୟଲାଭ କରେ ସତ, ଉଭୟ ପକ୍ଷ କିନ୍ତୁ କ୍ଷତିଗ୍ରସ୍ତ, ହୁଅନ୍ତି । ଉଭୟ ପକ୍ଷର ବୀରପୁରୁଷ ଯୁଦ୍ଧଭୂମିରେ ପ୍ରାଣବଳି ଦିଅନ୍ତି । ଦୁର୍ଲଭ ମଣିଷ

Digitized by srujanika@gmail.com

ଜୀବନ ଅକାଳରେ ମଉଳିଯାଏ । ସଭ୍ୟତା ଧ୍ୱଂସପ୍ରାପ୍ତ ହୁଏ । ଅର୍ଥହାନି, ପ୍ରାଣନାଶ, ଭୟ, ଶଙ୍କା, ଦୁଶ୍ଚିନ୍ତା, ଦୁଃଖ, ଉଭୟ ପକ୍ଷକୁ କ୍ଷତିଗ୍ରସ୍ତ କରେ । ଯୁଦ୍ଧ ଦ୍ୱାରା ସମାଜର ଯେଉଁ କ୍ଷତି ହୁଏ, ତା' ଫଳରେ ବିଜୟୀ ପାଇଁ ଜୟ ପରାଜୟ ସମାନ ବୋଲି ଧରିନେବାକୁ ହୁଏ । ତେଣୁ ଶେଷ ପର୍ଯ୍ୟନ୍ତ ଯୁଦ୍ଧକୁ ଏଡ଼ାଇ ଯିବା ପାଇଁ ଏବଂ ସମସ୍ୟାର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଚେଷ୍ଟା କରିଥିଲେ ଯୁଧିଷ୍ଠିର ।

ପିତା ଦ୍ରୁପଦ, ରାଜପୁରୋହିତଙ୍କ ସଙ୍ଗେ ଶାନ୍ତିପୂର୍ଣ୍ଣ ସମାଧାନର ପ୍ରସ୍ତାବ ନେଇ ହସ୍ତିନାପୁରୀ ଯାଇଥିଲେ ଏବଂ ନିରାଶ ହୋଇ ଫେରିଥିଲେ । କୌରବମାନେ ପାଣ୍ଡବମାନଙ୍କୁ ତାଙ୍କର ନ୍ୟାଯ୍ୟଦାବି ଇନ୍ଦ୍ରପ୍ରସ୍ଥ ଫେରାଇଦେବାକୁ ପ୍ରସ୍ତୁତ ନୁହନ୍ତି ।

ତେଣୁ ଯୁଦ୍ଧ ଛଡ଼ା ଅନ୍ୟଗତି ନାହିଁ । ପାଣ୍ଡବମାନଙ୍କର ଯୁଦ୍ଧ ପ୍ରସ୍ତୁତିର ଖବର ପାଇ ଧୃତରାଷ୍ଟ୍ରଙ୍କ ପକ୍ଷରୁ ସଞ୍ଜୟ ଦୂତ ଭାବରେ ପାଣ୍ଡବ ଶିବିରକୁ ଯାଇଥିଲେ । ଯୁଦ୍ଧରୁ କ୍ଷାନ୍ତ ହେବାପାଇଁ ପାଣ୍ଡବମାନଙ୍କୁ ସେ ପରାମର୍ଶ ଦେଇଥିଲେ । କିନ୍ତୁ ତାଙ୍କ ପରାମର୍ଶର ଅର୍ଥ ହେଲା ଭିକ୍ଷାବୃତ୍ତି !

ସେ ଫେରିଆସି କହିଥିଲେ — ''ହେ ରାଜା, ବିନା ଯୁଦ୍ଧରେ କୌରବମାନେ ଆପଣଙ୍କୁ ପାଞ୍ଚଖଣ୍ଡି ଗ୍ରାମ ମଧ୍ୟ ଦେବେ ନାହିଁ । ତେଣୁ ଆପଣମାନେ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଛନ୍ତି । କିନ୍ତୁ ଯୁଦ୍ଧଦ୍ୱାରା ରାଜ୍ୟଲାଭ କଲେ ଆପଣ କ'ଣ ପ୍ରକୃତ ଶାନ୍ତି ପାଇବେ ? ଯୁଦ୍ଧ ଦ୍ୱାରା ଜ୍ଞାତି, ବନ୍ଧୁ, ମିତ୍ରଙ୍କୁ ବିନାଶ କରି ଆପଣ ଯେଉଁ ରାଜ୍ୟ ଏବଂ ଧନଲାଭ କରିବେ ସେ କ'ଣ ଆପଣଙ୍କୁ ସୁଖ ଶାନ୍ତି ଦେଇପାରିବ ? କ୍ଷଣସ୍ଥାୟୀ ଜୀବନରେ ରକ୍ତକ୍ଷୟ ଦ୍ୱାରା ରାଜସୁଖ ପ୍ରାପ୍ତିର ମୂଲ୍ୟ କ'ଣ ? ତାହା କେବଳ ଦୁଃଖର ଅନ୍ୟରୂପ ମାତ୍ର । ଯଦି ରକ୍ତକ୍ଷୟ କରି ଆପଣ ରାଜ୍ୟଲାଭ କରିବାକୁ ଆଶାୟୀ ହେଉଛନ୍ତି, ତେବେ ପ୍ରଥମରୁ ତାହା ନକରି ତେରବର୍ଷ ବନବାସର କଷ୍ଟ ବରଣ କଲେ କାହିଁକି ? ଆପଣଙ୍କର ସମସ୍ତ ମହାନତା, ଧର୍ମବିଗ୍ରହ, ପୁଣ୍ୟ ଏବଂ ଯଶ ଯୁଦ୍ଧଦ୍ୱାରା ବିନାଶ ହେବ । ତେଣୁ ହେ ରାଜା ! ଯେତେ ବୀର ହେଲେ ମଧ୍ୟ ଧନ ଓ ରାଜ୍ୟପାଇଁ ଯୁଦ୍ଧ ଭଳି ହୀନ କାର୍ଯ୍ୟ ନକରି ବରଂ ଭିକ୍ଷାବୃତ୍ତି କରିବା ଶ୍ରେୟ । ବଣ ଜଙ୍ଗଲରେ କୁଟୀର ନିର୍ମାଣ କରି ସନ୍ନ୍ୟାସ ଆଚରିବା ବରଂ ଉଚିତ ।''

ଯୁଧିଷ୍ଠିର ଚିନ୍ତାରେ ପଡ଼ିଗଲେ । ଚିରଦିନ ସେ ଯୁଦ୍ଧବିରୋଧୀ । କିନ୍ତୁ ଏ କ୍ଷେତ୍ରରେ ଯୁଦ୍ଧ ନକରି ଅରଣ୍ୟକୁ ଫେରିଯିବା କ'ଣ କ୍ଷତ୍ରିୟ ପୁରୁଷ ପକ୍ଷେ ଉଚିତ ହେବ ?

ଯୁଧିଷ୍ଠିରଙ୍କ ଚିନ୍ତାକୁଳ ମୁଖକୁ ଗ୍ରହିଁ ଭୀମସେନ କହିଲେ — ''ଭିକ୍ଷାବୃତ୍ତି ବ୍ରାହ୍ମଣ ପାଇଁ ଧର୍ମ ହୋଇପାରେ, କ୍ଷତ୍ରିୟ ପାଇଁ ଅଧର୍ମ । ଭାଇ ! ତମେ କ'ଣ କୌରବମାନଙ୍କର

Digitized by srujanika@gmail.com

ଅନ୍ୟାୟ ଆଚରଣ, ଦ୍ରୌପଦୀଙ୍କ ଲାଞ୍ଛନା, ଜତୁଗୃହ ଷଡ଼ଯନ୍ତ୍ର, ଅନୁର୍ବର ଖାଣ୍ଡବପ୍ରସ୍ଥକୁ ଆମକୁ ପ୍ରେରଣ ଇତ୍ୟାଦି କଥା ଭୁଲିଗଲ ? କୌରବମାନଙ୍କର ଏ ଅଧର୍ମ କେବଳ ଆଜି ନୁହେଁ, ଅନ୍ଧ ଧୃତରାଷ୍ଟ୍ରର ଈର୍ଷା ଯୋଗୁଁ ଆମର ଧର୍ମବନ୍ତ, ଶାନ୍ତିପ୍ରିୟ ପିତା ପଣ୍ଡୁ, ନ୍ୟାୟତଃ ହସ୍ତିନାପୁରୀର ରାଜା ହୋଇ ମଧ୍ୟ ସାରାଜୀବନ ପତ୍ନୀମାନଙ୍କୁ ନେଇ ଘୋର ଅରଣ୍ୟରେ କାଳ କାଟିଲେ । ଏପରିକି ଅରଣ୍ୟ ଭିତରେ ହିଁ ସେ ପ୍ରାଣତ୍ୟାଗ କଲେ । ଆମର ମା କୁନ୍ତୀ ରାଜରାଣୀ ହୋଇ ମଧ୍ୟ, ରାଜମାତା ହୋଇ ମଧ୍ୟ ଦୁଃଖ, ଦାରିଦ୍ର୍ୟ ଓ ମନସ୍ତାପ ଭିତରେ କାଳାତିପାତ କରୁଛନ୍ତି । ଆମର ପୁତ୍ରମାନେ ରାଜପୁତ୍ର ହୋଇ ମଧ୍ୟ ମାମୁ ଘରେ ଆଶ୍ରିତ । ଆଉ ଆମ କଥା ଛାଡ଼ — ଜନ୍ମଠାରୁ ଆଜି ପର୍ଯ୍ୟନ୍ତ ଯାହା ଅଙ୍ଗେ ଲିଭେଇଛୁ ସବୁଠି କୌରବମାନଙ୍କର ଅନ୍ୟାୟ, ଅଧର୍ମ, ଅସତ୍ୟ ଓ ଅବିଗ୍ୱରର ଅଲିଭା କ୍ଷତଚିହ୍ନ । ଯୁଦ୍ଧକରି ଅପରର ସମ୍ପତ୍ତି ଓ ସ୍ତ୍ରୀ ହରଣ କରିବା ହୀନ କାର୍ଯ୍ୟ । ଯୁଦ୍ଧ କରି ନିଜର ନ୍ୟାଯ୍ୟ ଅଧିକାର ହାସଲ କରିବା ପୁରୁଷର ଗୌରବ । ଏତେଦିନ ତମର ସବୁ କଥା ସହିଛି, ଆଉ ସହିବିନି । ଦ୍ରୌପଦୀର ଅପମାନର ପ୍ରତିଶୋଧ ପାଇଁ ଏ ମହାର୍ଘ ସୁଯୋଗକୁ ହାତଛଡ଼ା କଲେ ମୋର ଜୀବନଧାରଣ ମଧ୍ୟ ହୀନକାର୍ଯ୍ୟ ସଙ୍ଗେ ସମାନ ହୋଇଯିବ ।''

ଅର୍ଜୁନ ଶାନ୍ତ କଣ୍ଠରେ କହିଲେ — ''ଉତ୍ତ୍ୟକ୍ତ ହୁଅନାହିଁ ଭାଇ, ଏଠାରେ ଆମର ସଖା ଆର୍ଯ୍ୟାବର୍ତ୍ତର ଶ୍ରେଷ୍ଠ ପଣ୍ଡିତ, ଜ୍ଞାନୀ ଏବଂ ନୀତିଜ୍ଞ ପୁରୁଷ କୃଷ୍ଣ ଉପସ୍ଥିତ ଅଛନ୍ତି । ସେ ଯାହା ସ୍ଥିର କରିବେ ତାହାହିଁ ଆମର କରଣୀୟ ।''

ସଖା କୃଷ୍ଣ ପ୍ରଶାନ୍ତ ବଦନରେ ବସିରହି ସମସ୍ତ ଶୁଣୁଥିଲେ । ଉଦାର ସ୍ୱରରେ କହିଲେ — ''ମୁଁ ଉଭୟ ପାଣ୍ଡବ ଏବଂ କୌରବଙ୍କର ମଙ୍ଗଳ ଚାହେଁ । ସେମାନଙ୍କ ଭିତରେ ବହୁ ଦ୍ୱନ୍ଦ୍ୱର ସମାଧାନ ମୁଁ କରିଛି । ବର୍ତ୍ତମାନ ମଧ୍ୟ ଶାନ୍ତିପୂର୍ଣ୍ଣ ସମାଧାନର ଚେଷ୍ଟା ଅବ୍ୟାହତ ରଖିଛି । ଆର୍ଯ୍ୟାବର୍ତ୍ତରେ ଧର୍ମ ଏବଂ ଶାନ୍ତି ଆଜି ବିପନ୍ନ । ତା'ର ପୁନଃପ୍ରତିଷ୍ଠା ମୋ ଜୀବନର ଲକ୍ଷ୍ୟ । ଯଦି ଶାନ୍ତିପୂର୍ଣ୍ଣ ସମାଧାନରେ କୌରବମାନେ ରାଜି ନହୁଅନ୍ତି ତେବେ ଯୁଦ୍ଧ ଛଡ଼ା ଅନ୍ୟ ଗତି ନାହିଁ । ବର୍ତ୍ତମାନ କଥାଟା ଆଉ କୌରବ ପାଣ୍ଡବଙ୍କ ବ୍ୟକ୍ତିଗତ ଭ୍ରାତୃବିବାଦରେ ସୀମିତ ହୋଇ ନାହିଁ । ଏ ସଂଘର୍ଷ ଆଉ କୌରବ ପାଣ୍ଡବଙ୍କର ନୁହେଁ । ଏ ସଂଘର୍ଷ ଧର୍ମ ଅଧର୍ମର, ଆଦର୍ଶ ଅନାଦର୍ଶର, ସତ୍ୟ ଅସତ୍ୟର, ପୁଣ୍ୟ ପାପର । ତେଣୁ ଧର୍ମ ପାଇଁ, ଆଦର୍ଶ ପାଇଁ, ଶାନ୍ତି ଏବଂ ମାନବିକ କଲ୍ୟାଣ ପାଇଁ ଆବଶ୍ୟକ ହେଲେ ରକ୍ତପାତ, ଜୀବନନାଶ, ଅର୍ଥକ୍ଷୟ ଏବଂ ନାନାପ୍ରକାର କ୍ଷତି ସହିବା କ୍ଷତିୟର ଧର୍ମ । ସମଗ୍ର ଆର୍ଯ୍ୟାବର୍ତ୍ତରେ ବର୍ତ୍ତମାନ ଏକତା ଓ ଅଖଣ୍ଡତା ବିପନ୍ନ ।

Digitized by srujanika@gmail.com

ଆର୍ଯ୍ୟାବର୍ତ୍ତ ଭାଗ ଭାଗ ହୋଇଗଲେ ଦେବତା ହୁଅନ୍ତୁ, ଦାନବ ହୁଅନ୍ତୁ ସେଇ ସୁଯୋଗରେ ଆର୍ଯ୍ୟାବର୍ତ୍ତକୁ କବଳିତ କରିନେବେ । ଆର୍ଯ୍ୟାବର୍ତ୍ତର ସ୍ୱାଧୀନତା ଲୋପ ପାଇଯିବ । ତା'ପରେ ଆସିବ ପରାଧୀନତାର ଅନ୍ଧକାର । ସେଥିରେ କେବଳ କୌରବ ବା ପାଣ୍ଡବ ନୁହନ୍ତି, ସମଗ୍ର ଆର୍ଯ୍ୟାବର୍ତ୍ତର ନିରୀହ ନାଗରିକ ସୁଖ, ଶାନ୍ତି, ସୁରକ୍ଷା ଓ ସୌଭାଗ୍ୟ ହରାଇବେ । ତେଣୁ ବର୍ତ୍ତମାନ ପ୍ରଶ୍ନ ହେଉଛି ଦେଶର ଅଖଣ୍ଡତା ଓ ଧର୍ମରକ୍ଷା ପାଇଁ କିଏ ଯୋଗ୍ୟ । କୌରବ ନା ପାଣ୍ଡବ — ଯିଏ ଯୋଗ୍ୟ ସେ ଯଦି ତା'ର ନ୍ୟାଯ୍ୟ ଅଧିକାର ନପାଏ ତେବେ ସମୂହ ସ୍ୱାର୍ଥ ପାଇଁ ଯୁଦ୍ଧ କରିବା ଶ୍ରେୟ । ପାଣ୍ଡବମାନେ ରାଜ୍ୟର ମୋହ ତ୍ୟାଗ କରି ଅରଣ୍ୟବାସୀ ହେଲେ ସେମାନଙ୍କର କିଛି କ୍ଷତି ହେବ ନାହିଁ, କ୍ଷତି ହେବ ଆର୍ଯ୍ୟାବର୍ତ୍ତର ଅଗଣିତ ଜନତାର । ଧର୍ମବକ୍ତା, ସୁଶାସକ ଏବଂ ନ୍ୟାଯ ବିଗ୍ରହର ହାତରେ ସର୍ବଦା ଦେଶର ଶାସନଦଣ୍ଡ ରହିବା ଉଚିତ । ଗୋ, ବ୍ରାହ୍ମଣ, ଶିଶୁ, ନାରୀ, ଧର୍ମ ଓ ଐତିହ୍ୟ ଆଜି ବିପନ୍ନ । ଏ ମହାସମରର ମହାନ ଲକ୍ଷ୍ୟ ସେ ସବୁର ସୁରକ୍ଷା । ଯଦି ସନ୍ଧି ପ୍ରସ୍ତାବରେ କୌରବମାନେ ରାଜି ନ ହୁଅନ୍ତି ତେବେ ମହାସମର ଅନିବାର୍ଯ୍ୟ ।''

କୃଷ୍ଣଙ୍କ ମତ ସହ ସମସ୍ତେ ଏକମତ ହେଲୁ । ପ୍ରଥମରୁ ହିଁ ମୁଁ ଯୁଦ୍ଧପାଇଁ ମନକୁ ପ୍ରସ୍ତୁତ କରିଥିଲି । ଯୁଦ୍ଧ ନ ହେଲେ ପାପୀମାନେ ଉଚିତ୍ ଦଣ୍ଡ ପାଇବେ କେମିତି ? କୌରବମାନେ ଦଣ୍ଡିତ ନହେଲେ ଆଗାମୀ ବଂଶଧରମାନେ ପାପ ଅଧର୍ମ ପାଇଁ ଭଯ କରିବେ କାହିଁକି ? ପ୍ରତିଦିନ ପ୍ରତ୍ୟକ୍ଷ ଦିବାଲୋକରେ ନାରୀର ବସ୍ତ୍ରହରଣ, ସତୀତ୍ୱ ହରଣ ନହେବ କାହିଁକି ?

ଯୁଦ୍ଧର ସମସ୍ତ ପ୍ରସ୍ତୁତି ଶେଷପ୍ରାଯ । ତଥାପି ସଖା କୃଷ୍ଣ ଯୁଧିଷ୍ଠିରଙ୍କ ଅନୁରୋଧରେ ସନ୍ଧି ପ୍ରସ୍ତାବ ନେଇ ହସ୍ତିନାପୁରୀକୁ ଯାତ୍ରାକଲେ । ପାଞ୍ଚଖଣ୍ଡି ଗ୍ରାମ ମାତ୍ର ପାଣ୍ଡବ ପାଞ୍ଚଭାଇଙ୍କର ମାଗୁଣି । ସେତିକି ପାଇଲେ ସେମାନେ ଧର୍ମବଳରେ ଆର୍ଯ୍ୟାବର୍ତ୍ତରେ ଶାନ୍ତି ପ୍ରତିଷ୍ଠା ଦିଗରେ ବ୍ରତୀ ହେବେ । ମାତ୍ର ଦୁରାଗ୍ରହୀ ଦୁର୍ଯ୍ୟୋଧନ ପାଣ୍ଡବମାନଙ୍କର ବୀରତ୍ୱ ଜାଣି ମଧ୍ୟ କର୍ଣ୍ଣଙ୍କ ବଳରେ ବଳୀଯାନ ହୋଇ ସନ୍ଧି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଦେଲା ଏବଂ ସଖା କୃଷ୍ଣଙ୍କୁ ମଧ୍ୟ ଅପମାନ କରିବା ପାଇଁ ପଛଘୁଞ୍ଚା ଦେଲାନାହିଁ ।

କର୍ଣ୍ଣ ପରାମର୍ଶ ଦେଇଥିଲେ — ''ଥରେ ପାଞ୍ଚଖଣ୍ଡି ଗ୍ରାମ ପାଣ୍ଡବମାନଙ୍କ ହାତକୁ ଗଲେ ବୁଦ୍ଧିମାନ ସଖା କୃଷ୍ଣଙ୍କ କୂଟ ଚକ୍ରାନ୍ତ ବଳରେ ହସ୍ତିନାର ରାଜପଦ ପାଣ୍ଡବମାନଙ୍କ ହାତକୁ ଯିବା ପାଇଁ ବେଶି ସମଯ ଲାଗିବ ନାହିଁ । ତେଣୁ ପାଣ୍ଡବମାନେ ହସ୍ତିନାପୁରୀର ସୂଚ୍ୟାଗ୍ର ଭୂମି ମଧ୍ୟ ପାଇବା ଉଚିତ ନୁହେଁ ।''

Digitized by srujanika@gmail.com

ସଖା ଶ୍ରୀକୃଷ୍ଣ ଫେରିଆସିଲେ । ମହାସମର ଯେ ଅନିବାର୍ଯ୍ୟ ଏକଥା ପ୍ରଗ୍ରିତ ହୋଇଗଲା । ସମଗ୍ର ଆର୍ଯ୍ୟବର୍ତ୍ତ ମୁହୂର୍ତ୍ତେ ସ୍ତବ୍ଧ ହୋଇଗଲା । ଧର୍ମର ଜୟ ସୁନିଶ୍ଚିତ, ହେଲେ ମଧ୍ୟ ଯୁଦ୍ଧର ଭୟାବହ ପରିଣତି କାହାକୁ ବା ଆଗୋଚର !

କୌରବମାନଙ୍କର ସ୍ୱାର୍ଥପରତା ଓ ବ୍ୟକ୍ତିଗତ ଲାଭ ପାଇଁ ସମଗ୍ର ଆର୍ଯ୍ୟାବର୍ତ୍ତ ବିପନ୍ନ ଏବଂ ଯୁଦ୍ଧର ଭୟାବହତା ଭିତରକୁ ଟାଣି ହୋଇଯାଉଛି, ଏହା ଶ୍ରୀକୃଷ୍ଣ ବାରମ୍ବାର ଧୃତରାଷ୍ଟ୍ରଙ୍କୁ ଚେତାଇ ଦେଇଥିଲେ ଏବଂ ପୃଥିବୀର ଏ ମହାସମର ପାଇଁ ତାଙ୍କୁ ହିଁ ଦାୟୀ କରିଥିଲେ । ଅନ୍ଧ ଧୃତରାଷ୍ଟ୍ର ଅନ୍ୟର ଭଲମନ୍ଦ ପାଇଁ ଯେପରି ଅନ୍ଧ, ପୁତ୍ରସ୍ନେହରେ ମଧ୍ୟ ସେହିପରି ଅନ୍ଧ । ତାହାହିଁ ପାଣ୍ଡବମାନଙ୍କୁ ସାରାଜୀବନ ଦୁଃଖ ଦେଇଛି, ନ୍ୟାଯ୍ୟ ଦାବୀରୁ ବଞ୍ଚିତ କରିଛି । ଧୃତରାଷ୍ଟ୍ର ଗ୍ରହିଁଥିଲେ ଏ ଯୁଦ୍ଧକୁ ଏଡ଼ାଇ ଦିଆଯାଇ ପାରିଥା'ନ୍ତା । ପୁତ୍ରର ଅବାଧ୍ୟତା, କୁଟୀଳ ପ୍ରକୃତି ଧୃତରାଷ୍ଟ୍ରଙ୍କର ଏକ ଆଳ ମାତ୍ର । ଏସବୁ କହିବା ପରେ ମଧ୍ୟ ଶ୍ରୀକୃଷ୍ଣଙ୍କ ସନ୍ଧି ପ୍ରସ୍ତାବ ପ୍ରତ୍ୟାଖ୍ୟାତ ହେବା ପରେ ଯୁଦ୍ଧ ଘୋଷଣା କରି ସେ ହସ୍ତିନାପୁରୀର ସଭାଗୃହରୁ ବିଦାୟ ନେଲେ ।

ତାଙ୍କୁ କିଛିବାଟ ବଳାଇ ଦେଇ ଆସିବା ପାଇଁ ବୀର କର୍ଣ୍ଣଙ୍କୁ ଅନୁରୋଧ କଲେ ଶ୍ରୀକୃଷ୍ଣ । ଭୀଷ୍ମ, ଦ୍ରୋଣ, କୃପାଗ୍ରର୍ଯ୍ୟ ମହାରଥୀମାନେ ବାଧ୍ୟହୋଇ କୌରବମାନଙ୍କ ପକ୍ଷ ସମର୍ଥନ କଲେ ମଧ୍ୟ କର୍ଣ୍ଣ ହିଁ କୌରବମାନଙ୍କର ମାନସିକ ବଳ ଏବଂ ଶକ୍ତିର ଉତ୍ସ । ଶେଷଚେଷ୍ଟା କରି କର୍ଣ୍ଣଙ୍କୁ ଯଦି ସନ୍ଧିପ୍ରସ୍ତାବରେ ରାଜି କରାଯାଇପାରେ, ହୁଏତ ଦୁର୍ଯ୍ୟୋଧନ କର୍ଣ୍ଣଙ୍କ କଥାରେ ଯୁଦ୍ଧରୁ ଓହରି ଯାଇପାରେ ।

ବିଦୁରଙ୍କ ଉଆସରେ ଅବସ୍ଥାନ କରୁଛନ୍ତି ମାତା କୁନ୍ତୀ । ବନବାସ ଅନ୍ତେ ପୁତ୍ରମାନଙ୍କ ଅନିଶ୍ଚିତ ଭବିଷ୍ୟତର ଚିନ୍ତାରେ ସେ ବର୍ତ୍ତମାନ ଦାରୁଣ ମାନସିକ ଯନ୍ତ୍ରଣା ଭୋଗୁଛନ୍ତି ଏବଂ ଶଯ୍ୟାଶାୟିନୀ ଅବସ୍ଥାରେ ଅଛନ୍ତି । ମୁଁ ମଧ୍ୟ ଶାଶୁଙ୍କ ଅସୁସ୍ଥତାର ଖବର ପାଇ ସେଠାକୁ ଆସିଛି । 'ଯୁଦ୍ଧ ନିଶ୍ଚିତ' ଏ ସମ୍ବାଦ ଉପପ୍ଲବ୍ୟ ନଗରରେ ଅବସ୍ଥାନ କରୁଥିବା ପାଣ୍ଡବମାନଙ୍କୁ ଦେବା ପୂର୍ବରୁ ମାତା କୁନ୍ତୀଙ୍କୁ ଦେଖାକରିଯିବା ଉଚିତ । ବିଦୁରଙ୍କ ଉଆସ ପର୍ଯ୍ୟନ୍ତ ସଙ୍ଗଦାନ କରିବା ପାଇଁ କର୍ଣ୍ଣଙ୍କୁ ଅନୁରୋଧ କଲେ ସଖା କୃଷ୍ଣ ।

ଯୁଦ୍ଧ ନିଶ୍ଚିତ ଜାଣିବା ପରେ କୃଷ୍ଣ ଏବଂ କର୍ଣ୍ଣ ଉଭୟେ ଗମ୍ଭୀର ହୋଇ ବସିଥା'ନ୍ତି । ସନ୍ଧି ପ୍ରସ୍ତାବକୁ ପୁନର୍ବାର ବିଗ୍ରହକୁ ନେବା ପାଇଁ କର୍ଣ୍ଣଙ୍କୁ ପରାମର୍ଶ ଦିଅନ୍ତେ ପଦେ କଥାରେ କର୍ଣ୍ଣ ଏ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ । ଅହଙ୍କାରପୂର୍ଣ୍ଣ ସ୍ୱରରେ ସେ କହିଲେ — ''ବୀରର ଜାତକରେ ପଛଘୁଞ୍ଚା ନାହିଁ । ଥରେ ସନ୍ଧି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ

Digitized by srujanika@gmail.com

କରିବା ପରେ ଆଉଥରେ ତାକୁ ଗ୍ରହଣ କରିବା ଦୁର୍ଯ୍ୟୋଧନ ପକ୍ଷେ ଶୋଭନୀୟ ହେବନାହିଁ । ଏଭଳି ପରାମର୍ଶ ମୁଁ ତାଙ୍କୁ ଦେବି କିପରି ?'' ପୁନର୍ବାର ବ୍ୟଙ୍ଗପୂର୍ଣ୍ଣ ଶାଣିତ କଣ୍ଠରେ ସେ କହିଲେ — ''ଅର୍ଜୁନ ସ୍ୱର୍ଗ, ମର୍ତ୍ୟ, ପାତାଳ ବୁଲି ବୁଲି ଶକ୍ତିଶାଳୀ ଅସ୍ତ୍ରମାନ ସଂଗ୍ରହ କରିଛନ୍ତି । ବନବାସ କାଳରେ କୃଷ୍ଣାଙ୍କ ପ୍ରଚେଷ୍ଟାରେ ସମଗ୍ର ଶବରଗୋଷ୍ଠୀ ପାଣ୍ଡବମାନଙ୍କର ବନ୍ଧୁ ହୋଇଛନ୍ତି ଏବଂ ଆର୍ଯ୍ୟ ଆର୍ଯ୍ୟେତର ସବୁ ଗୋଷ୍ଠୀର ସମର୍ଥନ ପାଣ୍ଡବମାନେ ପାଇଛନ୍ତି । ଏ ଯୁଗର ଅଲୌକିକ ବୀର ପୁରୁଷ କୃଷ୍ଣଙ୍କର ସମର୍ଥନ ତାଙ୍କ ପକ୍ଷରେ ରହିଛି । ତଥାପି ମଧ୍ୟ ଯୁଦ୍ଧକୁ ପାଣ୍ଡବଙ୍କର ଏତେ ଭୟ କାହିଁକି ? ଏ କ'ଣ ଭୀରୁତାର ପରିଚୟ ନୁହେଁ ?''

କର୍ଣ୍ଣଙ୍କୁ ଯୁଦ୍ଧରୁ ନିବୃତ୍ତ କରିବାକୁ ଚେଷ୍ଟାକରିବା ନିଷ୍ଫଳ ଜାଣି ଶ୍ରୀକୃଷ୍ଣ କହିଲେ— ''କର୍ଣ୍ଣ, ତମେ କୁନ୍ତୀଙ୍କର ଧର୍ମପୁତ୍ର । ଶିବଙ୍କ ପାଦୁକ ଦେଇ ତୁମକୁ ସେ ଧର୍ମପୁତ୍ର ଭାବରେ ଗ୍ରହଣ କରିବା ପରେ ରହିଛି ତାଙ୍କ ଅସହାୟ ମାତୃତ୍ୱର ନୀରବ ବିଳାପ । ତା' ତମେ କେବେ ଶୁଣିବା ପାଇଁ ଚେଷ୍ଟା କରିନାହଁ । କୁନ୍ତୀଙ୍କ ଭଳି ଦୁଃଖିନୀ ନାରୀ ଆର୍ଯ୍ୟାବର୍ତ୍ତରେ ଆଉ କିଏ ଅଛି ? ବସୁଷେଣ ! ତମେ କୁନ୍ତୀଙ୍କର କୁମାରୀ ବୟସର ଗର୍ଭଜାତ ସନ୍ତାନ । ଅନନ୍ତ ଆଲୋକର ଉତ୍ସ, ପ୍ରଚଣ୍ଡ ପୁରୁଷ ସୂର୍ଯ୍ୟଦେବ ତମର ପିତା । ତମେ କୁନ୍ତୀଙ୍କର ପ୍ରଥମ ସନ୍ତାନ । ଲୋକଲଜ୍ଜା ଏବଂ ସମାଜ ଭୟରେ ସେ ତମକୁ ମାଟି ମଞ୍ଜୁଷାରେ ଭରି ନଦୀସ୍ରୋତରେ ଭସାଇ ଦେଇଥିଲେ ମଧ୍ୟ ତାଙ୍କ ହୃଦୟର ପ୍ରତିଟି ସ୍ପନ୍ଦନରେ ରହିଛି ତମରି କରୁଣ ସ୍ମୃତି । ରାଧାଙ୍କ ଗୃହରେ ତମକୁ ଦେଖିବା ପରେ ସେ ତମର ଜନ୍ମବୃତ୍ତାନ୍ତ ଶୁଣି ଚିହ୍ନି ପାରିଛନ୍ତି ଓ ଧର୍ମପୁତ୍ର ଭାବରେ ଗ୍ରହଣ କରି ନିଜ ହୃଦୟର ନୀରବ ବ୍ୟଥାକୁ ପ୍ରଶମିତ କରିବାର ଚେଷ୍ଟା କରିଛନ୍ତି । ତେଣୁ ଧର୍ମତଃ ତମେ ପଞ୍ଚୁଙ୍କର ଜ୍ୟେଷ୍ଠପୁତ୍ର ଏବଂ ପାଣ୍ଡବମାନଙ୍କର ଜ୍ୟେଷ୍ଠଭ୍ରାତା । ମହାସମର ସଂଘଟିତ ହେବାପୂର୍ବରୁ ଏସବୁ ତମକୁ କହିଦେବା ମୋର କର୍ତ୍ତବ୍ୟ । କାରଣ ମୁଁ ତମର ମାମୁ ପୁଅ ଭାଇ ଏବଂ ଶୁଭେଚ୍ଛୁ । ଏ ପର୍ଯ୍ୟନ୍ତ ତମେ ନିଜର ଭାଇମାନଙ୍କର ସଙ୍ଗେ ହିଁ ଶତ୍ରୁତା କରିଆସିଛ ଏବଂ ତମର ଅନୁଜବଧୂ କୃଷ୍ଣାଙ୍କୁ ବାରମ୍ବାର ଲାଞ୍ଛିତା ଓ ଅପମାନିତା କରିଛ । ବର୍ତ୍ତମାନ ମଧ୍ୟ ତମେ ନିଜ ସହୋଦର ଭାଇମାନଙ୍କ ବିରୋଧରେ ଯୁଦ୍ଧ କରିବାକୁ ବଦ୍ଧପରିକର । ମାତା କୁନ୍ତୀ ସେଇ ଚିନ୍ତାରେ ମରଣ ଯନ୍ତ୍ରଣା ଭୋଗ କରୁଛନ୍ତି । ବର୍ତ୍ତମାନ ଚିନ୍ତାକରି ଦେଖ କାହା ପକ୍ଷରେ ରହିବା ତମର କର୍ତ୍ତବ୍ୟ ।''

କର୍ଣ୍ଣ ସ୍ତବ୍ଧ ହୋଇ ବସିଲେ । ସେ କୁନ୍ତୀପୁତ୍ର ! ସୂର୍ଯ୍ୟଦେବ ତାଙ୍କର ପିତା ଅଥଚ ସାରାଜୀବନ ନୀଚକୁଳସମ୍ଭୂତ ବୋଲି ସେ ନ୍ୟାଯ୍ୟ ଦାବୀରୁ ବଞ୍ଚିତ ହୋଇଆସିଛନ୍ତି, ପ୍ରତି ପଦେ ପଦେ ଅପମାନିତ ଓ ଲାଞ୍ଛିତ ହୋଇଛନ୍ତି । କୁନ୍ତୀ ଭିନ୍ନ ଭିନ୍ନ ଦେବତାଙ୍କର

Digitized by srujanika@gmail.com

ଔରସରୁ ତିନିପୁତ୍ରଙ୍କୁ ଜନ୍ମ ଦେଇଛନ୍ତି । ସେହିପରି କର୍ଣ୍ଣ ମଧ୍ୟ ସୂର୍ଯ୍ୟଦେବତାଙ୍କ ଔରସରୁ କୁନ୍ତୀଙ୍କର ଗର୍ଭରେ ସ୍ଥାନ ପାଇଥିଲେ । ତେଣୁ ପଞ୍ଚପାଣ୍ଡବଙ୍କଠାରୁ କର୍ଣ୍ଣ କୌଣସି ଗୁଣରେ ନୀଚ ନୁହନ୍ତି । କହିବାକୁ ଗଲେ କର୍ଣ୍ଣ ହେଉଛନ୍ତି ନିଷ୍ପାପ କୁମାରୀ କନ୍ୟାଙ୍କର ପ୍ରଥମ ପୂଜାଅର୍ଘ୍ୟ । ଯୁଧିଷ୍ଠିର, ଭୀମ, ଅର୍ଜୁନଙ୍କୁ ଜନ୍ମ ଦେବାବେଳକୁ କୁନ୍ତୀ ପଣ୍ଡୁ ଏବଂ ଭିନ୍ନ ଭିନ୍ନ ଦେବତାଙ୍କର ଭୋଗ୍ୟା ହୋଇସାରିଥିଲେ । ସେ ଦୃଷ୍ଟିରୁ କର୍ଣ୍ଣ ଏକ ନିଷ୍କଳଙ୍କ ଦେବଶିଶୁ । ଋଷି ଆଶୀର୍ବାଦରୁ ହିଁ ତାଙ୍କର ଜନ୍ମ । ଅଥଚ ପିତାମାତାଙ୍କର ବୃଥା ଅହଂକାର, ସାମାଜିକ ପ୍ରତିଷ୍ଠା ଓ ସମ୍ମାନର ମୋହ ଯୋଗୁଁ ସେ କଳଙ୍କିତ ପୁରୁଷ ଭାବରେ ସମାଜ ଦାଣ୍ଡରେ ମୁଣ୍ଡ ନୁଆଇଁ ବାଟ ଗଲିଛନ୍ତି । ଆଜି ଶେଷ ମୁହୂର୍ତ୍ତରେ ଏସବୁ ଜାଣି ଦୁଃଖ ଓ କ୍ଷୋଭ ବଢୁଛି ସିନା, ପ୍ରଶମିତ ହେଉନାହିଁ । ଏତେ ବିଳମ୍ବରେ କୃଷ୍ଣଙ୍କର ଏ ରହସ୍ୟ ଉନ୍ମୋଚନ କର୍ଣ୍ଣଙ୍କ ଜୀବନର ଗତିପଥକୁ ବଦଳାଇବ ନାହିଁ, ଏ କଥା କର୍ଣ୍ଣ ବୁଝିପାରୁଛନ୍ତି ।

କର୍ଣ୍ଣଙ୍କର ନୀରବ ଦ୍ୱନ୍ଦ୍ୱକୁ ଲକ୍ଷ୍ୟକରି ଶ୍ରୀକୃଷ୍ଣ କହିଲେ — ''ବୀର କର୍ଣ୍ଣ, ଏବେ ବି ସମୟ ଅଛି । ଆସ, ପାଣ୍ଡବମାନଙ୍କ ସହ ମିଳିତ ହୁଅ, ମାତା କୁନ୍ତୀଙ୍କର ଆଶୀର୍ବାଦ ଗ୍ରହଣ କର । ପାଣ୍ଡବମାନଙ୍କ ସହ ତମର ମିଳନ ହେଲେ ସମଗ୍ର ପୃଥିବୀ ତମର ପଦାନତ ହେବ । ଅତୀତର ସବୁ ଦୁଃଖ ଭୁଲିଯାଇ ପାଣ୍ଡବଙ୍କ ପକ୍ଷରୁ ଯୁଦ୍ଧ କର ଏବଂ ସମଗ୍ର ପୃଥିବୀକୁ ଭୋଗ କରିବା ସଙ୍ଗେ ସଙ୍ଗେ ବରନାରୀ ଦ୍ରୌପଦୀଙ୍କୁ ମଧ୍ୟ ଲାଭକରି ତମର ପୌରୁଷକୁ ପ୍ରତିପାଦିତ କର ।''

ହାତ ପାହାନ୍ତାରେ ସମଗ୍ର ପୃଥିବୀ ଏବଂ ବହୁପୁରୁଷବାଞ୍ଛିତା ଆର୍ଯ୍ୟାବର୍ତ୍ତର ଶ୍ରେଷ୍ଠ ସୁନ୍ଦରୀ କୃଷ୍ଣା — ଅନ୍ୟପକ୍ଷରେ ପୁରୁଷର ଅହଂକାର, ନିଜର ପ୍ରତିଜ୍ଞା ଏବଂ ବିବେକର ସଂଘର୍ଷ । ଏକପକ୍ଷରେ ସ୍ୱର୍ଗସୁଖ — ଅନ୍ୟ ପକ୍ଷରେ ମୃତ୍ୟୁ । କିନ୍ତୁ ସ୍ୱର୍ଗସୁଖ ଶ୍ରୀକୃଷ୍ଣଙ୍କର ଦାନ ଏବଂ ମୃତ୍ୟୁ ପୁରୁଷକାରର ଆହ୍ୱାନ । ଯୁଦ୍ଧକ୍ଷେତ୍ରରେ ଲଢୁ ଲଢୁ ପ୍ରାଣବଳି ଦେବା ଶ୍ରେୟ ନା ଶ୍ରୀକୃଷ୍ଣଙ୍କର ଆଶୀର୍ବାଦ ଲାଭ କରି ଜୀବନ ଲୋଭରେ, ରାଜ୍ୟ ଏବଂ ନାରୀର ପ୍ରଲୋଭନରେ ଶେଷ ମୁହୂର୍ତ୍ତରେ ପାଳିତ ପିତାମାତା ଏବଂ ବନ୍ଧୁ ଦୁର୍ଯ୍ୟୋଧନକୁ ପ୍ରତାରଣା କରି ନିଜର ବଚନ ରକ୍ଷା ନକରି ଦଳ ବଦଳ କରିବା ଶ୍ରେୟ ? କର୍ଣ୍ଣ ମୃତ୍ୟୁକୁ ଭୟକରେ ନାହିଁ କାରଣ ଜନ୍ମର ପର ମୁହୂର୍ତ୍ତରେ ହିଁ ମୃତ୍ୟୁ ଭିତରକୁ ତାଙ୍କୁ ଫିଙ୍ଗିଦିଆଯାଇଥିଲା । କର୍ଣ୍ଣଙ୍କର ଭୟ, ଭୀରୁତା, କାପୁରୁଷତାର ଅପଯଶକୁ । ତେଣୁ କର୍ଣ୍ଣ ମୃତ୍ୟୁ ହିଁ କାମନା କରେ ।

କର୍ଣ୍ଣ ଗମ୍ଭୀର କଣ୍ଠରେ କହିଲେ — ''ମୁଁ ଜାଣେ କୃଷ୍ଣ ଯେଉଁଠି ବିଜୟ ସେଇଠି । ତା'ଛଡ଼ା ମୋର କବଚ କୁଣ୍ଡଳ ମଧ୍ୟ ମୋଠାରୁ ଚକ୍ରାନ୍ତ କରି କାଢ଼ି ନିଆହୋଇଛି । ମୁଁ ଜାଣେ ଯୁଦ୍ଧରେ କୌରବଙ୍କ ପକ୍ଷରୁ ଲଢ଼ିବାର ଅର୍ଥ ମୃତ୍ୟୁ, ତଥାପି ମୋର ନିଜ ଶକ୍ତି

Digitized by srujanika@gmail.com

ଉପରେ ଯଥେଷ୍ଟ ଆସ୍ଥା ଅଛି । ଏବେ ମଧ୍ୟ ମୁଁ ପଞ୍ଚପାଣ୍ଡବଙ୍କୁ ବଧ କରିପାରିବି ବୋଲି ବିଶ୍ୱାସ କରେ, କାରଣ ନିଜ ଶକ୍ତିରେ ମୁଁ ବଳୀୟାନ । ଯେଉଁ କୁନ୍ତୀ ନିଜର ସମ୍ମାନ, ସୁଖ ଓ ମଙ୍ଗଳ ପାଇଁ ଶିଶୁ ଅବସ୍ଥାରେ ମତେ ମୃତ୍ୟୁ ମୁଖକୁ ଠେଲି ଦେଇଥିଲେ, ତାଙ୍କର ଆଶୀର୍ବାଦ ଅପେକ୍ଷା ପାଳିତା ମାତା ରାଧାଙ୍କର ଆଶୀର୍ବାଦ ମୋର ବେଶି କାମ୍ୟ । ଯେଉଁ ବନ୍ଧୁ ଦୁର୍ଯ୍ୟୋଧନ ପ୍ରତି ପଦେ ପଦେ ମୋର ଭୁଲୁଣ୍ଠିତ ପୌରୁଷକୁ ତୋଳି ଧରିଛନ୍ତି ଏବଂ ଅସମୟରେ ମତେ ସାହାଯ୍ୟ କରିଛନ୍ତି, ତାଙ୍କର ପରାଜୟ ସୁନିଶ୍ଚିତ ଜାଣି ମଧ୍ୟ ତାଙ୍କୁ ତ୍ୟାଗ କରିପାରିବି ନାହିଁ । ମୃତ୍ୟୁଭୟରେ କର୍ଣ୍ଣ ବିଶ୍ୱାସଘାତକତା କରିପାରେନା କିମ୍ବା ରାଜ୍ୟଲାଭ ଆଶାରେ ବୃଦ୍ଧ ବୟସରେ ପାଳିତ ପିତାମାତାଙ୍କୁ ଅସ୍ୱୀକାର କରିପାରେନା । ତେଣୁ ହେ କୃଷ୍ଣ ! ଦୟାକରି ମୋର ଜନ୍ମ ପରିଚୟ ବାହାରେ ପ୍ରକାଶ କରିବ ନାହିଁ । ତା'ହେଲେ ଯୁଧିଷ୍ଠିର ଯେପରି ଧାର୍ମିକ ଓ ଉଦାରହୃଦୟ ସେ ବିଜୟଲାଭ କରିବା ପରେ ସମସ୍ତ ରାଜ୍ୟ ମୋରି ପାଦତଳେ ସମର୍ପଣ କରିଦେବେ । ତମେ ଜାଣ, ଦାନ, ଦୟା ଏବଂ କରୁଣା ଗ୍ରହଣ କରିବାକୁ ମୋର ସବୁଠାରୁ ବେଶି ଘୃଣା । ଯୁଧିଷ୍ଠିରଙ୍କର ଜୟ ହେଉ, ଏହାହିଁ ଜ୍ୟେଷ୍ଠଭ୍ରାତା ଭାବରେ ମୋର କାମନା ।''

ଅହଂକାରୀ ପୁରୁଷ କର୍ଣ୍ଣଙ୍କ ଆଖିରେ ଲୁହ ! ତାଙ୍କ କଣ୍ଠରେ ଯୁଧିଷ୍ଠିରଙ୍କ ପାଇଁ ମମତାର ସ୍ପର୍ଶ ! ତଥାପି ମଧ୍ୟ ସେ ନିଜ ମତରେ ଅଟଳ । କୃଷ୍ଣଙ୍କର ଆଶୀର୍ବାଦ ଓ ଶୁଭେଚ୍ଛାକୁ ଯିଏ ଦୟା ଏବଂ ଅନୁକମ୍ପା ମଣେ ତା'ଭଳି ଅହଂକାରୀ ପୁରୁଷର ମୃତ୍ୟୁ ହିଁ ପ୍ରିୟବନ୍ଧୁ ।

ମାତା କୁନ୍ତୀ ବହୁଦିନ ପରେ କର୍ଣ୍ଣକୁ ଦେଖି ଆନନ୍ଦିତା ହେବା ପରିବର୍ତ୍ତେ ଦୁଃଖରେ ଭାଙ୍ଗିପଡ଼ିଲେ । କର୍ଣ୍ଣଙ୍କୁ ଆଲିଙ୍ଗନ କରି ବ୍ୟାକୁଳ କଣ୍ଠରେ ପ୍ରଶ୍ନ କଲେ — ''ପୁତ୍ର ! ଦେବତାର ଆଶୀର୍ବାଦ ଜନ୍ମ ସମୟର ଜବଚ କୁଣ୍ଡଳ ଏତେ ନିଷ୍ଠୁର ଭାବରେ କାହିଁକି ଦାନ କରିଦେଲୁ ? ଜାଣୁ ସେତିକି ଦାନ କରିଦେବା ପରଠୁ ମୁଁ ରାତିରେ ତୋ ସମ୍ପର୍କରେ ଜେତେକ ଅଶୁଭ ସ୍ୱପ୍ନ ଦେଖୁଛି ।''

କର୍ଣ୍ଣ ଶାନ୍ତ କଣ୍ଠରେ କହିଲେ — ''ମା ଆପଣଙ୍କର ପ୍ରିୟପୁତ୍ର ଅର୍ଜୁନଙ୍କର ନିରାପତ୍ତା ପାଇଁ ତାହା ମୋ'ଠାରୁ ଦାନ ଭାବରେ କାଢ଼ି ନିଆଯାଇଛି । ଏଥିରେ ଆପଣ ଆଶ୍ୱସ୍ତ ହେବାର କଥା —।''

''ତୁ କେମିତି ବୁଝିବୁ ମୋ ମନର କଥା !''

ମାତା କୁନ୍ତୀ ଅଶ୍ରୁ ସମ୍ବରଣ କରୁ କରୁ କର୍ଣ୍ଣଙ୍କୁ ଅତି ବ୍ୟାକୁଳ ଭାବରେ ଆଉଁସି ଦେଇଥିଲେ । ଅନ୍ୟ କୋଠରୀରେ ଥାଇ ମୁଁ ଉଦ୍‌ବିଗ୍ନ ହୃଦୟରେ ସନ୍ଧି ପ୍ରସ୍ତାବର ଫଳାଫଳ ଶୁଣିବା ପାଇଁ ଅପେକ୍ଷା କରିଥିଲି ଏବଂ ଏହି ଅଭିନବ ଦୃଶ୍ୟଟି ଦେଖୁଥିଲି ।

Digitized by srujanika@gmail.com

ଶ୍ରୀକୃଷ୍ଣ ପ୍ରକାରାନ୍ତରେ ଯୁଦ୍ଧ ସମ୍ଭାବ କୁନ୍ତୀଙ୍କୁ ଜଣାଇବା ପାଇଁ କହିଲେ ''କର୍ଣ୍ଣ ! ପାଣ୍ଡବଙ୍କ ପକ୍ଷ ସମର୍ଥନ କରିବା ପାଇଁ ମୋ ପ୍ରସ୍ତାବରେ ତମେ ତ ରାଜି ହେଲ ନାହିଁ, ତେଣୁ ଏଥର ଯୁଦ୍ଧ ପାଇଁ ପ୍ରସ୍ତୁତ ହୁଅ । ଆଜିକୁ ଠିକ୍ ସାତଦିନ ପରେ ମାର୍ଗଶୀର ମାସର ଅମାବାସ୍ୟା ତିଥି ପଡ଼ିବ । ଠିକ୍ ସେହିଦିନ ହିଁ ପୁଣ୍ୟତୋୟା ସରସ୍ୱତୀ ନଦୀର ଶୁଷ୍କ ଶଯ୍ୟାଧାରରେ ଅବସ୍ଥିତ ପଞ୍ଚହ୍ରଦ ଜଳରେ ଅବସ୍ଥିତ 'କୁରୁକ୍ଷେତ୍ର'ଠାରେ ପାଣ୍ଡବ କୌରବଙ୍କର ମହାସମର ଆରମ୍ଭ ହେବ । କୁରୁକ୍ଷେତ୍ରର ଅର୍ଥ କର୍ମକ୍ଷେତ୍ର । ସତ୍‌କର୍ମ ହିଁ କର୍ମ । ଅସତ୍‌କର୍ମ ହେଉଛି ଦୁଷ୍କର୍ମ । ତେଣୁ କୁରୁକ୍ଷେତ୍ରର ପ୍ରକୃତ ଅର୍ଥ ''ସତ୍‌କର୍ମର କ୍ଷେତ୍ର ।'' ନ୍ୟାୟ ପ୍ରତିଷ୍ଠା ପାଇଁ ଯୁଦ୍ଧ କରିବା ସତ୍‌କର୍ମ । ଅନ୍ୟାୟ ଆଶାର ପୂର୍ଣ୍ଣତା ପାଇଁ ଯୁଦ୍ଧ କରିବା ହେଉଛି ଅସତ୍‌କର୍ମ । ତେଣୁ କୁରୁକ୍ଷେତ୍ରରେ ସତ୍‌କର୍ମ ଏବଂ ସତ୍ୟର ଯେ ଜୟ ହେବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । କୌରବମାନଙ୍କୁ ଯୁଦ୍ଧର ଦିବସ ଜଣାଇ ଦେବ ।''

ଯୁଦ୍ଧ ନିଶ୍ଚିତ ଜାଣିବା ପରେ ମାତା କୁନ୍ତୀ ମୂର୍ଚ୍ଛା ଯାଇଥିଲେ । ଯୁଦ୍ଧ ପାଇଁ ଯୁଧିଷ୍ଠିରଙ୍କୁ ବାରମ୍ବାର ପ୍ରୋତ୍ସାହିତ କରିଥିଲେ ମଧ୍ୟ ମୋର ଅନ୍ତରାତ୍ମା ଯୁଦ୍ଧ ନିଶ୍ଚିତ ଶୁଣି କମ୍ପି ଉଠିଲା । ମାତା କୁନ୍ତୀଙ୍କର ଚେତା ଫେରିବାମାତ୍ରେ ସେ ରୋଦନ କରିବାକୁ ଲାଗିଲେ । ଏତେ ବିଦୁଷୀ, ଏପରି ଧୈର୍ଯ୍ୟଶୀଳା, ଏତେ କଷ୍ଟସହିଷ୍ଣୁ, ଧରିତ୍ରୀ ଭଳି ସର୍ବଂସହା ମାତା କୁନ୍ତୀ ଜୀବନରେ କେତେ ସଙ୍କଟର ସମ୍ମୁଖୀନ ନ ହୋଇଛନ୍ତି ! କ୍ଷତ୍ରିୟ ନାରୀ ପକ୍ଷେ ଯୁଦ୍ଧ ଶବ୍ଦଟା ଏମିତି କିଛି ଭୟ ଉଦ୍ରେକକାରୀ ମଧ୍ୟ ନୁହେଁ, ତା'ଛଡ଼ା ପାଣ୍ଡବମାନଙ୍କର ବିଜୟ ସୁନିଶ୍ଚିତ ଜାଣି ମଧ୍ୟ ମାତା କୁନ୍ତୀ ଏପରି ଧୈର୍ଯ୍ୟହରା ହୋଇ କାନ୍ଦୁଛନ୍ତି କାହିଁକି ? ମାତା କୁନ୍ତୀ ତ ଦୁର୍ବଳମନା ନୁହନ୍ତି । ତାଙ୍କର ଏ ବିଚଳିତ ଅବସ୍ଥା କାହିଁକି ?

ମା'ଙ୍କର ପାଦଧୂଳି ନେଇ ବିଷଣ୍ଣ ବଦନରେ କର୍ଣ୍ଣ ବିଦାୟ ନେଲେ । ମା' ଅସ୍ପଷ୍ଟ କଣ୍ଠରେ କହିଲେ — ''ଦୀର୍ଘଜୀବୀ ହୁଅ ବାପ, ତୋର ମଙ୍ଗଳ ହେଉ'' ପୁଣି ଥରେ ମା'ଙ୍କର ଅଶ୍ରୁ ଝରିଲା ।

କର୍ଣ୍ଣଙ୍କୁ ବିଦାୟ ଦେବାପାଇଁ ସଖା ରଥ ପର୍ଯ୍ୟନ୍ତ ଗଲେ ଏବଂ କର୍ଣ୍ଣଙ୍କ ପିଠିରେ ହାତ ରଖି କହିଲେ — ''ଦେଖିଲ ତ ମାତା କୁନ୍ତୀଙ୍କର ଅବସ୍ଥା ! ଅର୍ଜୁନଙ୍କ ପାଇଁ ତାଙ୍କର ଯେତିକି ଉଦ୍‌ବେଗ, ତମ ପାଇଁ ତା'ଠାରୁ କିଛି କମ୍ ଉଦ୍‌ବେଗ ନୁହେଁ । ତମେ ତାଙ୍କର କୁମାରୀ ବୟସର ସନ୍ତାନ ହୋଇଥିବାରୁ ଲଜ୍ଜା ଓ କୁଣ୍ଠାରେ ସେ ମୁହଁ ଖୋଲି କିଛି କହିପାରୁନାହାନ୍ତି । କିନ୍ତୁ ତମ ପାଇଁ ହିଁ ବର୍ତ୍ତମାନ ସେ ବେଶି ଚିନ୍ତିତା ।''

Digitized by srujanika@gmail.com

କର୍ଣ୍ଣ ଦୁଃଖିତ କଣ୍ଠରେ କହିଲେ — ''ମା'ଙ୍କର ଏ ଦୁଃଖ କୃତକର୍ମର ଫଳ । ତେବେ ମୁଁ ଯେ ଦେବୀ ଦ୍ରୌପଦୀଙ୍କୁ ନିଜର ଭ୍ରାତୃବଧୂ ବୋଲି ନ ଜାଣି ନାନା ଭାବରେ ଅପମାନିତ କରିଛି, ସେଥିପାଇଁ ମୋର ମନ ଦୁଃଖ ହେଉଛି । ମୋର ସାନଭାଇ-ମାନଙ୍କର ପତ୍ନୀ ହିସାବରେ ସେ ମୋର ପୁତ୍ରବଧୂ ସଙ୍ଗେ ସମାନ । ଅଥଚ ମୁଁ ତାଙ୍କ ଲାଞ୍ଛନା ଓ ଅପମାନର ପଙ୍କପୁରୋଧା ହୋଇଛି । ତାଙ୍କ ପାଇଁ ଆପଣଙ୍କଠାରୁ କ୍ଷମା ମାଗି ନେଉଛି । କର୍ଣ୍ଣ ଅଶ୍ରୁ ଛଳଛଳ ନେତ୍ରରେ କୃଷ୍ଣଙ୍କ ହାତ ଧରିପକାଇଲେ ।''

ଶ୍ରୀକୃଷ୍ଣ କହିଲେ — ''କୃଷ୍ଣା ଅପମାନର ପ୍ରତିଶୋଧ ନେବା ପାଇଁ ଅପେକ୍ଷା କରି ରହିଥିଲେ ମଧ୍ୟ ତମର ପ୍ରକୃତ ପରିଚୟ ପାଇଲେ ତମକୁ କ୍ଷମା କରିଦେବେ । ତାଙ୍କର ହୃଦୟ ଅତ୍ୟନ୍ତ କୋମଳ ଓ ଉଦାର । ସମୟ ଆସିଲେ ସେ ସବୁ ଜାଣିବେ ଓ ତମକୁ ଉପଯୁକ୍ତ ସମ୍ମାନ ଦେବେ । କର୍ଣ୍ଣ ! ତମକୁ ମୁଁ ସମଗ୍ର ପୃଥିବୀ ଦାନ କରିବାକୁ ଇଚ୍ଛା କଲି, ସମଗ୍ର ପୃଥିବୀ ସହ କୃଷ୍ଣା ମଧ୍ୟ ତମର ହୋଇଥା'ନ୍ତେ । ପାଣ୍ଡବମାନଙ୍କର ବଡ଼ଭାଇ ହିସାବରେ କୁନ୍ତୀଙ୍କ ବଚନ ରକ୍ଷାକରି ନ୍ୟାୟତଃ କୃଷ୍ଣା ତମର ପତ୍ନୀ ହେବା କଥା । ତାହା ମଧ୍ୟ ତମକୁ ପାଣ୍ଡବଙ୍କ ପକ୍ଷ ସମର୍ଥନ କରିବା ପାଇଁ ପ୍ରଲୋଭିତ କଲା ନାହିଁ । ତେଣୁ ବର୍ତ୍ତମାନ ତମ ପାଇଁ ମୁଁ କି ବାଞ୍ଛା କରିବି ? ଦୈବୀଶକ୍ତିରେ ତମର ବିଶ୍ୱାସ ନାହିଁ, ଶୁଭେଚ୍ଛା ଓ ମଙ୍ଗଳ କାମନାକୁ ତମେ ଦୟା ମନେକର । ତେଣୁ ତମକୁ ମୋର ଶେଷ କଥାରେ ଏତିକି ମାତ୍ର ସନ୍ଦେଶ, ''ପୁରୁଷକାର ଓ ଅହଂକାର ଏକ କଥା ନୁହେଁ । ତମ ପୁରୁଷକାରର ଜୟ ହେଉ, ଅହଂକାର ଚୂର୍ଣ୍ଣ ହେଉ, ଏତିକି ତମ ପାଇଁ ମୋର କାମନା ।''

କର୍ଣ୍ଣ କୃଷ୍ଣଙ୍କୁ ଆଲିଙ୍ଗନ କରି ବିଦାୟ ନେଲେ । ଉଦାସ ସ୍ୱରରେ କହିଲେ — ''ଯେତେବେଳେ ତମର ସଖ୍ୟ ଗ୍ରହିଁଥିଲି ସେତେବେଳେ ପାଣ୍ଡବଙ୍କ ସହ ଶତ୍ରୁତା ଆଚରି ତାହା ହରାଇଛି । ଯେତେବେଳେ ତମର ସଖ୍ୟ ମତେ ମିଳୁଛି ସେତେବେଳେ ମୁଁ ତାହା ଗ୍ରହଣ କରିବା ଅବସ୍ଥାରେ ନାହିଁ, କାରଣ କୌରବଙ୍କୁ ମୁଁ ବଚନ ଦେଇଛି । ତେଣୁ ହେ କୃଷ୍ଣ ! ମହାସମର ଅନ୍ତେ ଯଦି ବଞ୍ଚିରହେ ସେତେବେଳେ ତମର ସଖ୍ୟ ମତେ ମିଳିବ, ନଚେତ୍ ଆରପାରିରେ ଅପେକ୍ଷା କରିବି ତମକୁ ।''

ଶ୍ରୀକୃଷ୍ଣ କରୁଣାପୂର୍ଣ୍ଣ ଦୃଷ୍ଟିରେ କର୍ଣ୍ଣଙ୍କ ଯିବା ବାଟକୁ ଗ୍ରହିଁ ରହିଥିଲେ । ମୁଁ ସମ୍ମୋହିତ ହୋଇ କୁନ୍ତୀପୁତ୍ର କର୍ଣ୍ଣଙ୍କର ନିଷ୍ଠାପର ବନ୍ଧୁତ୍ୱ ଓ ବଚନବଦ୍ଧତାକୁ ମନେ ମନେ ତାରିଫ କରୁଥିଲି — କିନ୍ତୁ ମୋ ଆଖିରେ ଅଶ୍ରୁ କାହିଁକି ? କର୍ଣ୍ଣଙ୍କ ପାଇଁ ପାଣ୍ଡବ ପତ୍ନୀ କୃଷ୍ଣାଙ୍କର ଆଖି ସଜଳ ହୋଇଗଲା କି ଭାବନାରେ ?

ମୁଁ ନିଜେ ବି ତାହା ଜାଣେନା ।

Digitized by srujanika@gmail.com

॥ ୪୭ ॥

ଜନନୀର ହୃଦୟ ଜନନୀ ହିଁ ବୁଝେ । ତେଣୁ ମା'ଙ୍କର ଦୁଃଖ ମୁଁ ଆଜି ମର୍ମେ ମର୍ମେ ଅନୁଭବ କରୁଛି । ମା'ଙ୍କର ଅବସ୍ଥା ଦେଖି ମୁଁ ସଖାଙ୍କ ସଙ୍ଗେ ଉପପ୍ଲବ୍ୟ ନଗରକୁ ଗଲିନାହିଁ । ଯୁଦ୍ଧାରମ୍ଭ ପୂର୍ବରୁ ମୁଁ ଅବଶ୍ୟ ପାଣ୍ଡବମାନଙ୍କ ପାଖକୁ ଫେରିଯିବି । ସେମାନଙ୍କ କପାଳରେ ପିନ୍ଧାଇଦେବି ବିଜୟର ଟୀକା । ଅର୍ଘ୍ୟଥାଳି ସଜାଇ ବନ୍ଦାଇବି ସେମାନଙ୍କୁ । ହସି ହସି ବିଦାୟ ଦେବି ଯୁଦ୍ଧଭୂଇଁକୁ । କିନ୍ତୁ ବର୍ତ୍ତମାନ ଗ୍ୱରି ପାଞ୍ଚଦିନ ମତେ ମା'ଙ୍କ ପାଖରେ ରହିବାକୁ ପଡ଼ିବ । ମା' ବଡ଼ ଚିଉ ଅସ୍ଥିରତା ଅନୁଭବ କରୁଛନ୍ତି । ଯୁଦ୍ଧରେ ଯାହାର ବିଜୟ ହେଉନା କାହିଁକି ପୁତ୍ରଶୋକ ଯେ ତାଙ୍କ କର୍ମରେ ଲେଖାଅଛି ସେକଥା ସେ ବୁଝିପାରି ଦୁଃଖରେ ଭାଙ୍ଗିପଡୁଛନ୍ତି ।

ହୁଏତ କୌରବମାନଙ୍କ ସହ ବୀର କର୍ଣ୍ଣଙ୍କର ମୃତ୍ୟୁହେବ ନଚେତ୍ ମୃତ୍ୟୁହେବ ପାଣ୍ଡବଙ୍କର । ଉଭୟ କ୍ଷେତ୍ରରେ ମା'ଙ୍କୁ ପୁତ୍ରଶୋକ ସହିବାକୁ ପଡ଼ିବ । କେଉଁ ପାଷାଣୀ ଜନନୀର ହୃଦୟ ଏଥିରେ ଶୋକାକୁଳ ନହେବ ?

ପାଣ୍ଡବମାନଙ୍କର ଦୁଃଖ ଦୈନ୍ୟ ପାଇଁ ମାତା କୁନ୍ତୀ ଚିରଦିନ ଦୁଃଖ ସହିଛନ୍ତି । ପାଣ୍ଡବମାନେ ମା'ଙ୍କର ପ୍ରକାଶ୍ୟ ବେଦନା ହେଲେ କର୍ଣ୍ଣ ତାଙ୍କର ଅପ୍ରକାଶ୍ୟ ବ୍ୟଥା, ଆଖିପତାର ଧୂଳିକଣା ଭଳି ଯାହା ଅଶେଷ ଯନ୍ତ୍ରଣା ଦିଏ ଅଥଚ ସେ ଯନ୍ତ୍ରଣା କାହାକୁ ବୁଝାଇ ହୁଏ ନାହିଁ । ସମଗ୍ର ସୁସ୍ଥ ଶରୀରରେ ନଖକୋଣର କଣ୍ଟାଟିଏ ଯେପରି ଦୁଃଖ ଦିଏ ଅଥଚ ସେ ଯନ୍ତ୍ରଣାର ଗୁରୁଭାର ନିଜ ଛଡ଼ା ଆଉ କାହାକୁ ବୁଝାଇ ହୁଏନି, କର୍ଣ୍ଣ ମା'ଙ୍କର ସେମିତି ଏକ ଦୁଃସହ ଯନ୍ତ୍ରଣା । ନଖକୋଣର କଣ୍ଟାଟି ସମଗ୍ର ଶରୀରକୁ ଯନ୍ତ୍ରଣାରେ ଝିନ୍‌ଝିନ୍ କରୁଥାଏ ବୋଲି ଅନୁଭବୀ ବ୍ୟତୀତ ଅନ୍ୟ କେହି ବୁଝିବା କ'ଣ ସମ୍ଭବ ? ସମସ୍ତେ ତ ଦେଖନ୍ତି ସୁସ୍ଥ ଶରୀରକୁ । ଶରୀର ଭିତରର ଯନ୍ତ୍ରଣା ବୁଝେ କେବଳ ନିଜର ଅନୁଭବ, ଚିନ୍ତା ଓ ଚେତନା । ମୁଁ କିନ୍ତୁ ମା'ଙ୍କର ଯନ୍ତ୍ରଣା ବୁଝେ । ଇଚ୍ଛାହୁଏ ସେ ଯନ୍ତ୍ରଣାରୁ କିଛି ମାଗି ନିଅନ୍ତି, ଆପଣାର କରିନିଅନ୍ତି ସେ ଯନ୍ତ୍ରଣାକୁ । ମା'ଙ୍କର ଦୁଃଖଭାର ଲାଘବ କରନ୍ତି । ମାତ୍ର ଏବେ ମଧ୍ୟ ମା' ମୋ ପାଖରେ ସତ୍ୟ ପ୍ରକାଶ କରିବାକୁ କୁଣ୍ଠାବୋଧ କରନ୍ତି । ନାରୀ ଜୀବନର ତରମ ଲଜ୍ଜା ଓ କୁଣ୍ଠା ତ ହେଉଛି କୁମାରୀ ଜୀବନର ପ୍ରେମ — ଯଦିଓ ତାହା ଅତ୍ୟନ୍ତ ସ୍ୱାଭାବିକ ! ମନଟିଏ ଥିଲେ ଅନୁଭବ ଶକ୍ତି ଥାଏ, ଅନୁଭବ ଶକ୍ତିରେ ଆବେଗ ମିଶିଲେ ପ୍ରେମର ତରଙ୍ଗ ଢେଉ ଭାଙ୍ଗେ । ସେ ଢେଉ ସମାଜ ଭୟରେ ବେଳାଭୂମିରେ ମଥା ପିଟି ପିଟି ବିବେକର ଉଜାଣି ସ୍ରୋତରେ ଲେଉଟିଗଲେ ବି କେବେ କେମିତି ଭିଜାଇଦିଏ କେଉଁ

Digitized by srujanika@gmail.com

ଅଜଣା ପଥଗ୍ୱରୀର ପାଦ । ଜଳ ଶୁଖିଗଲେ ପଥଗ୍ୱରୀର ପାଦ ନିର୍ମଳ ହୋଇଯାଏ । ଅଥଚ ଢେଉ ସାଉଁଟିନିଏ ସବୁ ମଇଳା, ଆବର୍ଜନା, କଣ୍ଟାଝଣ୍ଟା । ସବୁ ସାଇତି ରଖେ ହୃଦୟ ସାଗରର ଅତଳ ଦେଶରେ । ଉପରକୁ ଦିଶେ ନିର୍ମଳ, ଛଳ ଛଳ ସୁନୀଳ । ଭିତର କ'ଣ କେହି କାହାକୁ ଦେଖାଇପାରେ ? ମା'ଙ୍କର ଅବସ୍ଥା ସେମିତି ।

ମୁଁ ମା'ଙ୍କ ପାଖେ ପାଖେ ଛାଇପରି ରହିଥାଏ । ଇଚ୍ଛାହୁଏ କହିବି — ''ମା' ସବୁ ମୁଁ ଜାଣେ । ମୁଁ ବି ଜଣେ ନାରୀ, ଜନନୀ, ପଞ୍ଚସ୍ୱାମୀଙ୍କ ପତ୍ନୀ । ତମ ଦୁଃଖରେ ମୋର ଦୁଃଖ ମିଶାଇ ଦେବାକୁ ଗ୍ୱହେଁ । ଗୋପନ ଦୁଃଖର ବ୍ୟଥା ମୋ' ଛଡ଼ା ବେଶି କିଏ ଜାଣେ ? ନିର୍ମଳ ହୃଦୟରେ ମୁଁ ପାଞ୍ଚସ୍ୱାମୀଙ୍କୁ ଗ୍ରହଣ କରେ, ନିଜକୁ ପୂଜାଫୁଲ ମନେକରି ପ୍ରତି ପ୍ରଭାତରେ ନୂଆକରି ଫୁଟିଉଠେ, ଦେବତାର ପାଦତଳେ ସ୍ୱଚ୍ଛହୋଇ ଝରିଯାଏ । ତା'ବୋଲି ମୋ ଭିତରେ କ'ଣ କିଛି ହେଲେ ଗୋପନୀୟତା, କିଛିହେଲେ ନିଜସ୍ୱ ବ୍ୟର୍ଥତା ନାହିଁ ? ତା' କେମିତି ହେବ ? ଯାହା ଅଛି ସବୁ କ'ଣ ମୁଁ ଖୋଲି କହିପାରେ ?''

ମା'ଙ୍କ ପାଦରେ ମୁଣ୍ଡ ରଖି ଅଶ୍ରୁରେ ଧୋଇଦିଏ ତାଙ୍କର ପାଦ — କହେ ''ମା, କ'ଣ ଆପଣଙ୍କର ଦୁଃଖ ? ସେ ଦୁଃଖରେ ମୁଁ କ'ଣ ଅଂଶୀଦାର ହୋଇପାରିବିନି ? ଆପଣଙ୍କ ପାଇଁ ସବୁକିଛି ମୁଁ ପାରିବି ମା' । ମତେ ଖୋଲି କୁହନ୍ତୁ । ଆପଣଙ୍କ ବଚନ ରକ୍ଷାକରି ମୁଁ ପୃଥିବୀରେ ଏକ ଅଭାବିତ ଅଧ୍ୟାୟ ସୃଷ୍ଟିକରି ପଞ୍ଚପତି ବରଣ କରିଛି, ଆପଣଙ୍କ ପାଇଁ ଆଉ କେଉଁ ଦୂରୁହ କାର୍ଯ୍ୟ ବା ମୁଁ ନ କରିପାରେ ? କାହିଁକି ଆପଣ ଦିନୁଦିନ କ୍ଷୀଣ ହେଉଛନ୍ତି ? ଯୁଦ୍ଧରେ ପାଣ୍ଡବମାନଙ୍କର ଜୟ ହେବ । ମୋର ମନ କହୁଛି । ଆପଣ ମୋ କଥା ବିଶ୍ୱାସ କରନ୍ତୁ । ଶ୍ରୀକୃଷ୍ଣ ଯେଉଁଠି ଅର୍ଜୁନଙ୍କର ସାରଥି ହେବାପାଇଁ ସମ୍ମତି ଦେଇଛନ୍ତି, ସେଠି ପରାଜୟର ପ୍ରଶ୍ନ କାହିଁ ?''

ମାତା କୁନ୍ତୀ ଅଶ୍ରୁ ଝରାଇ ଦିଅନ୍ତି । କହନ୍ତି —''ଯୁଦ୍ଧ ଯେହେତୁ ଅନିର୍ବାର୍ଯ୍ୟ, ସେ ଯିଏ ବି ହେଉ ବୀରମାନଙ୍କର ମୃତ୍ୟୁ ଅନିର୍ବାର୍ଯ୍ୟ, କ୍ଷତିଯନାଶନ ଅନିର୍ବାର୍ଯ୍ୟ, ତାହାହିଁ ମୋର ଦୁଃଖ । ବୀର କର୍ଣ୍ଣଙ୍କୁ ହିଁ ମୋର ଭୟ । ସେ ଯଦି ପାଣ୍ଡବଙ୍କ ପକ୍ଷରେ ଲଢ଼ନ୍ତା, ତା'ହେଲେ ମୋର ଆଉ ଦୁଃଖ ନଥା'ନ୍ତା ।''

ମୁଁ ନୀରବ ହୋଇଯାଏ । ଯାହା ସମ୍ଭବ ନୁହେଁ ସେକଥା ଆଶାକଲେ ଦୁଃଖ ହିଁ ତ ଶେଷଫଳ । ଶ୍ରୀକୃଷ୍ଣଙ୍କର ସମସ୍ତ ଦାନକୁ ଯେ ଏଡ଼େଇ ଦେଇଛି, ତାକୁ ବୁଝେଇବ କିଏ ?

ସେଦିନ ଅପରାହ୍ଣରେ ମା' ଗଙ୍ଗାକୂଳକୁ ବାହାରିଲେ । ମା'ଙ୍କର ଶରୀର ଦୁର୍ବଳ, ଜ୍ୱରଗ୍ରସ୍ତ ଏବଂ ଚିନ୍ତାରେ କ୍ଷୀଣ ହୋଇଛି । ଅସମୟରେ ଗଙ୍ଗାତୀରରେ ତାଙ୍କର

Digitized by srujanika@gmail.com

କି କାମ ? ପୁତ୍ରଶୋକ ବରଣ କରିବା ଆଗରୁ ମା' ଗଙ୍ଗାଗର୍ଭରେ ପ୍ରାଣ ବିସର୍ଜନ କରିବେ ନାହିଁ ତ ?

ଆଉ ଏକ ରଥରେ ମୁଁ ମଧ୍ୟ ମା'ଙ୍କୁ ଅନୁସରଣ କଲି । ପରେ ମୋ ଉପରେ ବିରକ୍ତ ହେଲେ ମଧ୍ୟ ତାଙ୍କୁ ଏପରି ଅବସ୍ଥାରେ ଏକା ଛାଡ଼ିଦେବା ଉଚିତ ନୁହେଁ ।

ମୋ ରଥକୁ ବୃକ୍ଷ ଆଢୁଆଳରେ ରଖି ମା'ଙ୍କ ପ୍ରତୀକ୍ଷାରେ ମୁଁ ଆତ୍ମଗୋପନ କରି ରହିଲି । ମା' ମୋତେ ଦିଶୁଥା'ନ୍ତି । ଦାସୀମାନଙ୍କ ସହ ମା'ଙ୍କ କଥାବାର୍ତ୍ତା ମତେ ପରିଷ୍କାର ଶୁଭୁଥାଏ । ପୁଷ୍ପଚୟନ ପାଇଁ ଦାସୀମାନଙ୍କୁ ମା' ଦୂରକୁ ବିଦାୟ କରିଦେଲେ । ଧୀରେ ଧୀରେ ଗଙ୍ଗାନଦୀର ଏକ ନିର୍ଜନ ତଟଦେଶ ଆଡ଼େ ଆଗେଇଲେ । ଗଙ୍ଗା-ନଦୀରେ ପରମ ରୂପବନ୍ତ କର୍ଣ୍ଣ ସାଂଧ୍ୟସ୍ନାନ ସାରି ପ୍ରାତ୍ୟହିକ ବେଦପାଠ କରୁଥା'ନ୍ତି । ତାଙ୍କର ଅଙ୍ଗସୌଷ୍ଠବ ଅସ୍ତାୟମାନ ସୂର୍ଯ୍ୟରଶ୍ମିରେ ଅପୂର୍ବ ଶୋଭାମୟ ଦିଶୁଥାଏ । ଗୋଟାଏ ନିର୍ମଳ, ପବିତ୍ର ଆଭା ଝଟକି ଉଠୁଥାଏ ସମଗ୍ର ଚେହେରାରେ । ତାଙ୍କର ପବିତ୍ର ରୂପଦର୍ଶନରେ ମୁଁ ମୁଗ୍ଧ ହୋଇଗଲି । କ୍ଷଣକ ପାଇଁ ଭୁଲିଗଲି ମୁଁ ଏକ ବିବାହିତା ନାରୀ ।

ସୂର୍ଯ୍ୟପ୍ରଣାମ ଶେଷ କରି କର୍ଣ୍ଣ ତଟଦେଶକୁ ମୁହଁ ଫେରାଇ କୁନ୍ତୀଙ୍କୁ ଦେଖିପାରିଲେ ଏବଂ ଜଳରୁ ଉଠିଆସି ମା'ଙ୍କ ପାଦଛୁଇଁ ପ୍ରଣାମ କରି କହିଲେ — 'ମା' ! ଏ ଅସମୟରେ ଆପଣ ଏଠାକୁ କାହିଁକି ? ଅଧିରଥ ସାରଥି ଏବଂ ରାଧାପୁତ୍ର କର୍ଣ୍ଣ ଆପଣଙ୍କ କି ସେବାରେ ଲାଗିପାରେ ?''

ମାତା ନିର୍ଭୀକ ଭାବରେ କର୍ଣ୍ଣଙ୍କୁ ସିଧାସଳଖ ଘୃହିଁ ମୁକ୍ତକଣ୍ଠରେ କହିଲେ — ''ବାବା, ସତ୍ୟାଶ୍ରୟୀ ମଣିଷ ଦୁଃଖ ପାଏ ନାହିଁ । ମୁଁ ତେଣୁ ସତ୍ୟପ୍ରକାଶ କରି ଦୁଃଖ ମୋଚନ କରିବାପାଇଁ ତୋ ପାଖକୁ ଆସିଛି । ଧନରେ ! ତୁ ସୂର୍ଯ୍ୟଦେବଙ୍କ ଔରସରୁ ମୋର କୁମାରୀ ଗର୍ଭରୁ ଜନ୍ମ ନେଇଛୁ । ତୁ ରାଧା କିମ୍ବା ଅଧିରଥର ପୁତ୍ର ନୋହୁଁ । ଆଉ ସେମାନଙ୍କର ନାମ ଉଚ୍ଚାରଣ କରି ମତେ କଷ୍ଟ ଦେବୁ ନାହିଁ । ପାଣ୍ଡବମାନେ ତୋ ସହୋଦର ଭ୍ରାତା । ସେମାନଙ୍କ ସହ ଯୁଦ୍ଧ କରି ଭାଇ ଭାଇରେ ହଣାହଣି ହୋଇ ତମେମାନେ ମୃତ୍ୟୁବରଣ କରିବା ମୋ ପକ୍ଷରେ ସହ୍ୟ ହେଉନାହିଁ । ତୁ ପାଣ୍ଡବଙ୍କ ସହ ମିଳିତ ହେବା ମୋର ଇଚ୍ଛା । କର୍ଣ୍ଣ-ଅର୍ଜୁନଙ୍କର ମିଳିତ ଦୃଶ୍ୟ ଦେଖିଲେ ଜଗତବାସୀ ଧନ୍ୟ ହେବେ । ଧନ୍ୟ ହେବ ମୋର ଜୀବନ । ବାବା କର୍ଣ୍ଣ ! ପିତାମାତାଙ୍କୁ ସନ୍ତୁଷ୍ଟ କରିବା ପୁତ୍ରର ଧର୍ମ । ଦେଖ, ମୋର ବଚନ ରକ୍ଷାକରି ଦ୍ରୌପଦୀକୁ ମୋର ପଞ୍ଚପୁତ୍ର ଗ୍ରହଣ କରିଛନ୍ତି । ତୁ ମଧ୍ୟ ସେହିପରି ମୋର ବଚନ ରକ୍ଷା କରିବୁ ଏଇ ବିଶ୍ୱାସରେ ମୁଁ ଆସିଛି ।''

Digitized by srujanika@gmail.com

ସୂର୍ଯ୍ୟଦେବ ନିଜ ସ୍ୱରୂପ ପ୍ରକାଶ କରି କହିଲେ —''କର୍ଣ୍ଣ ! କୁନ୍ତୀ ତୋର ମାତା । ମୁଁ ତୋର ପିତା । କୁନ୍ତୀଙ୍କ ବଚନ ରକ୍ଷା କରିବା ତୋର ଧର୍ମ । ମୋର ପୁତ୍ର ହୋଇ ତୁ ଧର୍ମନିଷ୍ଠ ହେବା ବାଞ୍ଛନୀୟ ।''

କର୍ଣ୍ଣ ସିଧାସଳଖ କୁନ୍ତୀଙ୍କ ମୁହଁକୁ ଗ୍ରହିଁଲେ । ସ୍ପଷ୍ଟକଣ୍ଠରେ କହିଲେ — ''ପିତାମାତା ହିଁ ପୁତ୍ରର ଧର୍ମ, ଭଗବାନ୍ । କିନ୍ତୁ ଆପଣଙ୍କ କଥା ରକ୍ଷା କଲେ ମଧ୍ୟ ମୋର ଧର୍ମ ନଷ୍ଟ ହେବ । ମୋର ପିତାମାତା ହେଉଛନ୍ତି ଅଧିରଥ ଏବଂ ରାଧା । ସନ୍ତାନଟିଏ ଜନ୍ମ ଦେବା ନିଜ ହାତର କଥା ନୁହେଁ, ପାଳନ କରି ମଣିଷ କରିବା ନିଜ ହାତର କଥା । ଆପଣ ଯେତେବେଳେ ନିଜେ ମାତାର କର୍ତ୍ତବ୍ୟ କରିନାହାନ୍ତି ମୋ'ଠାରୁ ପୁତ୍ରର କର୍ତ୍ତବ୍ୟ କିପରି ଆଶା କରୁଛନ୍ତି ? ଯେଉଁ ସୂର୍ଯ୍ୟଦେବ ସମସ୍ତ ପଦାର୍ଥକୁ ଦୃଶ୍ୟମାନ କରନ୍ତି, ସେ ମୋର ପିତୃ-ପରିଚୟକୁ ଦୃଶ୍ୟମାନ କରିବାରେ କୁଣ୍ଠିତ ହେଲେ କାହିଁକି ? ମୋର ପୌରୁଷ, ମୋର ଅହଙ୍କାର, ମୋର ସମ୍ମାନ ଯେତେବେଳେ ସର୍ବସମକ୍ଷରେ ଭୂଲୁଣ୍ଠିତ ହେଉଥିଲା, କେଉଁଠି ଥିଲେ ଆପଣମାନେ ? ଶୈଶବରୁ ଆଜି ପର୍ଯ୍ୟନ୍ତ ଯେତେ ଅପମାନ ଓ ଗ୍ଲାନି ମୁଁ ଭୋଗିଛି ସେଥିପାଇଁ ଆପଣମାନେ ହିଁ ଦାୟୀ । ଦ୍ରୌପଦୀ ସ୍ୱୟମ୍ବର ସଭାରେ ଯେତେବେଳେ ଧୃଷ୍ଟଦ୍ୟୁମ୍ନ ମୋର ପିତୃ-ପରିଚୟ ମାଗିଲେ ସେତେବେଳେ ସୂର୍ଯ୍ୟଦେବ କ'ଣ ଆକାଶରେ ନଥିଲେ ? ମୁଁ ଆକାଶକୁ ଗ୍ରହିଁ ମୋର ଅସହାୟ ଜନ୍ମ ରହସ୍ୟ ଖୋଜୁଥିଲାବେଳେ ସେ ନୀରବ ରହି କ'ଣ ପିତାର କର୍ତ୍ତବ୍ୟ କରିଛନ୍ତି ? କୁନ୍ତୀପୁତ୍ର ବୋଲି ଭୀମ-ଅର୍ଜୁନ ଯେତେ ଯାହା ସୁବିଧା ସୁଯୋଗ ପାଇଥିଲେ, ତା' କ'ଣ ମତେ ମିଳିଥିଲା ? ଆପଣ କ'ଣ ସେସବୁ ଜାଣିନଥିଲେ ? ମୋର ସମସ୍ତ ଅପମାନ ଓ ଗ୍ଲାନି ଦେଖି ଆପଣ ସାରାଜୀବନ ନୀରବ ରହିଛନ୍ତି । ଆଜି ଶେଷ ମୁହୂର୍ତ୍ତରେ ଏ ପରିଚୟ ପ୍ରଦାନର ମୂଲ୍ୟ କ'ଣ ? ମୁଁ ବଚନଭ୍ରଷ୍ଟ ହେବି ନାହିଁ, ଏକଥା ଶ୍ରୀକୃଷ୍ଣଙ୍କୁ ଜଣାଇଛି । ସମସ୍ତ ପୃଥିବୀ ସହ ଦ୍ରୌପଦୀକୁ ପାଇବାର ପ୍ରଲୋଭନକୁ ତୁଚ୍ଛ କରିଦେଇଛି । ଯଶୋଦାଙ୍କୁ କନ୍ଦାଇ କୃଷ୍ଣ ମଥୁରାପୁରୀ ଛାଡ଼ିଦେଇ ଆସିଛନ୍ତି ବୋଲି ମୁଁ ତାହା କରିବି ଏକଥା ଆଶା କରିବା ବୃଥା । କୌରବମାନଙ୍କ ପାଖରେ ମୁଁ ବହୁଭାବରେ ଋଣୀ । ସେମାନେ ଧର୍ମରେ ଥା'ନ୍ତୁ ବା ଅଧର୍ମରେ ଥା'ନ୍ତୁ ଋଣ ସୁଝିବା ପୁରୁଷର ଧର୍ମ । ବିନା ଦୋଷରେ ଆପଣଙ୍କର ସତୀ ସାଧ୍ୱୀ ବଧୂ ଦ୍ରୌପଦୀଙ୍କୁ ମୁଁ ଅନେକ ଅପମାନ ଓ ଲାଞ୍ଛନା ଦେବାରେ ସହଯୋଗ କରିଛି । ସେଥିପାଇଁ ମୁଁ ଆଜି ଦୁଃଖରେ ଭାଙ୍ଗିପଡୁଛି । ମୋର ସେଇ ସ୍ୱାର୍ଥପର ମାତା ଉପରେ ଅଭିମାନ କରି ମୁଁ ଦ୍ରୌପଦୀଙ୍କ ଉପରେ ପ୍ରତିଶୋଧ ନେଇଛି ବୋଲି ଆଜି ବୁଝିପାରୁଛି । ମା' ଆପଣଙ୍କର କଥା ରକ୍ଷା କରି ନପାରି ମୁଁ କ୍ଷମା ମାଗୁଛି । ଦ୍ରୌପଦୀଙ୍କ ପାଖରୁ ମଧ୍ୟ କ୍ଷମା ମାଗିନେଉଛି । ସେ ସୌଭାଗ୍ୟବତୀ ହୁଅନ୍ତୁ । ପାଣ୍ଡବମାନଙ୍କର ଜୟ ହେଉ ।''

Digitized by srujanika@gmail.com

ମାତା କୁନ୍ତୀ ଝର ଝର କାନ୍ଦିପକାଇ କହିଲେ —''ପୁତ୍ର, ତୋର ଅଭିମାନ ସ୍ୱାଭାବିକ । ମାତ୍ର ତୁ ଯଦି ପାଣ୍ଡବମାନଙ୍କ ବିପକ୍ଷରେ ଲଢୁ ଦ୍ରୌପଦୀ ସୌଭାଗ୍ୟବତୀ ହେବାର ପ୍ରଶ୍ନ ଉଠୁଛି କିପରି ? ବିଗ୍ଧଗୀ ବାପାଙ୍କ ଘର ଛାଡ଼ିବା ଦିନରୁ ଆମର ମନ୍ଦକର୍ମକୁ ନେଇ ଘାଣ୍ଟିହେଉଛି ।''

କର୍ଣ୍ଣ ସ୍ପଷ୍ଟ କଣ୍ଠରେ କହିଲେ —''ମା' ଏତେବେଳେକେ ଆପଣଙ୍କ ଆସିବାର ଉଦ୍ଦେଶ୍ୟ ବୁଝିଲି । ମୁଁ କଥା ଦେଉଛି ଅର୍ଜୁନଙ୍କୁ ଛାଡ଼ି ଅନ୍ୟ ଘରିପୁତ୍ରଙ୍କ ବିରୋଧରେ ମୁଁ ଅସ୍ତ୍ର ଉତ୍ତୋଳନ କରିବି ନାହିଁ । କାରଣ ମୁଁ ଅସ୍ତ୍ର ଉତ୍ତୋଳନ କରିବାମାନେ ସେମାନେ ମୃତ୍ୟୁ ଲଭିବେ । ଅର୍ଜୁନ ମୋର ସମଯୋଦ୍ଧା । ତା'ସହ ମୋର ଆବାଲ୍ୟ ପ୍ରତିଦ୍ୱନ୍ଦ୍ୱିତା । ତା'ରି ପାଇଁ ମୋର ପୌରୁଷ ପ୍ରତି ପଦେ ପଦେ ବିପର୍ଯ୍ୟସ୍ତ ହୋଇଛି । କେବଳ ତା'ରି ସଙ୍ଗେ ମୁଁ ଯୁଦ୍ଧ କରିବି । ମୋର କବଚ କୁଣ୍ଡଳ ଅର୍ଜୁନଙ୍କର ପିତା ନେଇଯାଇଛନ୍ତି । ତେଣୁ ହୁଏତ ଅର୍ଜୁନ ହାତରେ ମୋର ମୃତ୍ୟୁ ହେବ । ଅର୍ଜୁନ ବଞ୍ଚିରହି ରାଜ୍ୟ ଭୋଗ କରିବ । ନଚେତ୍ ଅର୍ଜୁନ ମୃତ୍ୟୁ ଲଭିବ ଏବଂ ମୃତ୍ୟୁ ପୂର୍ବରୁ ମତେ ମଧ୍ୟ ଜୀବନ୍ତ ରଖିବାକୁ ଛାଡ଼ିବ ନାହିଁ । ତେବେ କଥା ଦେଉଛି, ଲଢୁ ଲଢୁ ମୁଁ ମରିଯିବି, ନଚେତ୍ ଯଦି ଅର୍ଜୁନର ମୃତ୍ୟୁ ହୁଏ, ମୁଁ ମଧ୍ୟ ତା' ସଙ୍ଗେ ମୃତ୍ୟୁ ଲଭିବି । ଭାଇ ସହିତ ପ୍ରତିଦ୍ୱନ୍ଦିତା କରି ବିଜୟ ଲାଭର ଆନନ୍ଦ ଉପଭୋଗ କରାଯାଇପାରେ, ମାତ୍ର ପ୍ରତିଦ୍ୱନ୍ଦିତାରେ ଭାଇକୁ ବଧ କରି ଭ୍ରାତୃଶୋକରୁ ମୁକ୍ତି ମିଳେ ନାହିଁ । ସାରାଜୀବନ ଯାହାର ଭ୍ରାତୃସ୍ନେହରୁ ମୁଁ ବଞ୍ଚିତ, ତା' ପାଇଁ ଶୋକ କରିବାର କଷ୍ଟ ବରଣ କରିବି କାହିଁକି ? ତେଣୁ ଉଭୟ କ୍ଷେତ୍ରରେ ଅବାଞ୍ଛିତ, ଜନ୍ମକାଳରୁ ପିତୃମାତୃ ପରିତ୍ୟକ୍ତ କର୍ଣ୍ଣର ମୃତ୍ୟୁ ହିଁ ସତ୍ୟ ଏବଂ ଶ୍ରେୟ । କର୍ଣ୍ଣ ମୃତ୍ୟୁକୁ ଭୟକରେ ନାହିଁ, ଭୟକରେ ଦୟା, କରୁଣା ଏବଂ ବିଶ୍ୱାସଘାତକତାକୁ । ବିଦାୟ, ଏ ଜନ୍ମରେ ଏଇ ଶେଷଦେଖା । ଶେଷବେଳରେ ମତେ ଯେ ଆପଣ ସ୍ୱୀକାର କରିଛନ୍ତି ସେଥିପାଇଁ ଅଧମ ରାଧାପୁତ୍ର କୃତଜ୍ଞତା ଜଣାଉଛି । କୁନ୍ତୀପୁତ୍ରର ଗୌରବ ନେଇ ବଞ୍ଚିରହିବାର ସମୟ ଗଡ଼ିଯାଇଛି— ଏ ଜନ୍ମରେ ସେତିକି ଅବଶୋଷ ରହିଗଲା ।''

କର୍ଣ୍ଣ ମାତାଙ୍କ ପାଦଧୂଳି ନେଲେ । ମାତା କୁନ୍ତୀ ତାଙ୍କୁ ଆଲିଙ୍ଗନ କରି କହିଲେ— ''ବାପ, ଅଭାଗିନୀ ମା'ର ଆଶୀର୍ବାଦ, ଯଶସ୍ୱୀ ହୁଅ ।''

କର୍ଣ୍ଣ ହସିଉଠି କହିଲେ — ''ମୁଁ ଜାଣେ 'ବିଜୟୀ ହୁଅ' ବା 'ଦୀର୍ଘଜୀବୀ ହୁଅ', ବୋଲି ଆପଣ ମତେ ଆଶୀର୍ବାଦ କରିପାରିବେ ନାହିଁ । ତା'ଦ୍ୱାରା ପଞ୍ଚପୁତ୍ରଙ୍କର ଶୁଭର ପଥରୁଦ୍ଧ ହୋଇଯିବ । ଏକପୁତ୍ର ଏବଂ ପଞ୍ଚପୁତ୍ର ଭିତରୁ ପଞ୍ଚପୁତ୍ରଙ୍କ ଜୀବନ ହିଁ ଯେକୌଣସି ଜନନୀର କାମ୍ୟ । ଆପଣଙ୍କ ଆଶୀର୍ବାଦକୁ ପାଥେୟ କରି ଯଶସ୍ୱୀ

Digitized by srujanika@gmail.com

ହେବାକୁ ଚେଷ୍ଟା କରିବି । ରଣଭୂମିରେ ବୀରୋଚିତ ମୃତ୍ୟୁବରଣ ହିଁ ପୁରୁଷକୁ ଯଶସ୍ୱୀ କରେ । ଆପଣଙ୍କର ଆଶୀର୍ବାଦ ସତ୍ୟ ହେଉ ।''

ଶେଷ ମୁହୂର୍ତ୍ତରେ ମଧ୍ୟ ଅଭିମାନୀ କର୍ଣ୍ଣ ସାରାଜୀବନର ଅଭିମାନକୁ ଏକତ୍ର କରି ମା'ଙ୍କୁ ଚରମ ଆଘାତ ଦେଇ ଚାଲିଗଲେ । ଅସହାୟା ଜନନୀ କୁନ୍ତୀ ଗଙ୍ଗାନଦୀର ଜଳସ୍ରୋତରେ ଅଶ୍ରୁର ସ୍ରୋତ ମିଶାଇଦେଇ ମଧ୍ୟ ଦୁଃଖଭାରରୁ ନିଜକୁ ମୁକ୍ତ କରିପାରୁ ନଥା'ନ୍ତି । ଓଦା ବାଲିରେ କର୍ଣ୍ଣଙ୍କର ପାଦଚିହ୍ନକୁ ଦୁଇହାତରେ ଜାବୁଡ଼ିଧରି ''କର୍ଣ୍ଣ, କର୍ଣ୍ଣ, ପୁତ୍ର ମୋର, ତୋ ଆଗରେ ମୋର ମୃତ୍ୟୁ ହୋଇଯାଉ'' କହି ରୋଦନ କରିବାକୁ ଲାଗିଲେ । କର୍ଣ୍ଣଙ୍କର ପାଦଚିହ୍ନ ଉପରେ ନିଜକୁ ଲୋଟାଇଦେଇ ଧୂଳିଧୂସରିତ ହୋଇଗଲେ ।

ପଛରୁ ଆସି ମୁଁ ତାଙ୍କୁ କୋଳେଇ ନେଲି । ତାଙ୍କର ଜ୍ୱରଗ୍ରସ୍ତ ଦୁର୍ବଳ ଶରୀରକୁ କୋଳାଗ୍ରତ କରି କୋମଳ କଣ୍ଠରେ କହିଲି — ''ମା' ସନ୍ଧ୍ୟା ହୋଇଗଲାଣି । ହସ୍ତିନାପୁରୀର ରାଣୀ, ପୁରୁବଂଶର ବଧୂ ଆପଣ । ଏଭଳି ଅସହାୟା ହୋଇ ରୋଦନ କଲେ ଲୋକେ କ'ଣ କହିବେ ?''

ମାତା କୁନ୍ତୀ ବାଳିକାଟିଏ ପାଲଟିଗଲେ । ସବୁ ଦୁଃଖ ମୋ ଅଞ୍ଜଳିରେ ଢାଳିଦେଇ କହିଲେ — ''ଭଲହେଲା, ଜଣେ କେହିହେଲେ ମୋ ଅନ୍ତରର ବ୍ୟଥା ଜାଣିବା ପାଇଁ ଅଛି, ଏତିକି ଜାଣି ମନର ବ୍ୟଥା ଅଳ୍ପାଡ଼ି ଦେଇପାରିବି । ପଞ୍ଚପାଣ୍ଡବ ମୋର ପୁତ୍ର ହେଲେ ମଧ୍ୟ ସେମାନେ ବେଦନା ବୁଝି-ପାରିବେ ନାହିଁ । କାରଣ ସେମାନେ ପୁରୁଷ । ଜନନୀର ବ୍ୟଥା ବୁଝିବେ କିପରି ? କୃଷ୍ଣା, ଗୋଟିଏ ଅନୁରୋଧ, ଯୁଧିଷ୍ଠିର କିମ୍ବା ଅନ୍ୟଭାଇମାନଙ୍କୁ ବର୍ତ୍ତମାନ କର୍ଣ୍ଣର ପରିଚୟ ଜଣାଇବୁ ନାହିଁ ।''

''କାହିଁକି ଜଣାଇବି ନାହିଁ ? ବରଂ ସେମାନେ ଯୁଦ୍ଧ ସମୟରେ କର୍ଣ୍ଣଙ୍କ ପ୍ରତି ଅଧିକ ସମ୍ବେଦନଶୀଳ ହେବେ ଓ ତାଙ୍କର ପ୍ରାଣନାଶ କରିବା ପାଇଁ ପ୍ରୟାସୀ ହେବେ ନାହିଁ ।'' ମୁଁ ପରମ ଆଗ୍ରହରେ କହିଲି ।

ମାତା କୁନ୍ତୀ ଶାନ୍ତ କଣ୍ଠରେ କହିଲେ — ''ତୁ କର୍ଣ୍ଣକୁ ଜାଣୁନାହିଁ । କେହି ଦୟାକରି ତାକୁ ମୃତ୍ୟୁମୁଖରୁ ବଞ୍ଚାଉ, ଏହା ସେ ବରଦାସ୍ତ କରିବ ନାହିଁ । ତା'ଛଡ଼ା ଆଜିର ଯୁଦ୍ଧ କର୍ଣ୍ଣ ଅର୍ଜୁନଙ୍କ ମଧ୍ୟରେ ସଂଘଟିତ ହେଉନାହିଁ, ଏ ଯୁଦ୍ଧ ବିଶ୍ୱଯୁଦ୍ଧରେ ପରିଣତ ହୋଇଛି । ଏକପକ୍ଷେ ନ୍ୟାୟ, ଅପରପକ୍ଷେ ଅନ୍ୟାୟ । ଏକପକ୍ଷେ ଦୈବୀ-ଶକ୍ତି ପ୍ରତି ଗଭୀର ଆସ୍ଥା, ଅନ୍ୟ ପକ୍ଷେ ସ୍ୱାର୍ଥପରତା ଓ ଅହଙ୍କାରର ବିକଟତା । ସେଠାରେ ବ୍ୟକ୍ତିଗତ ଲାଭକ୍ଷତିର ପ୍ରଶ୍ନ ଉଠେନା । କର୍ଣ୍ଣ ପଛକେ ବିପନ୍ନ ହେଉ, ଧର୍ମ

Digitized by srujanika@gmail.com

ବିପନ୍ନ ନହେଉ, ପୃଥିବୀ ବିପନ୍ନ ନହେଉ । କର୍ଣ୍ଣ ଯଦି ବିଜୟଲାଭ କରେ, ତେବେ ରାଜ୍ୟଲାଭ କରିବ ଦୁର୍ଯ୍ୟୋଧନ ଏବଂ ପୃଥିବୀରୁ ନ୍ୟାୟ ଓ ଧର୍ମ ଲୋପ ପାଇଯିବ । ମହାସମରରେ ଝାସ ଦେଇ ଜଗତବାସୀ ନ୍ୟାୟ ଏବଂ ଧର୍ମ ପ୍ରତିଷ୍ଠା ଗ୍ରହାନ୍ତି । ସମୂହସ୍ୱାର୍ଥ ଓ ଜଗତ କଲ୍ୟାଣର ପଥରୁଦ୍ଧ କରି ବ୍ୟକ୍ତିସ୍ୱାର୍ଥକୁ ପ୍ରାଧାନ୍ୟ ଦିଆଯାଇ ନପାରେ । ତେଣୁ ଜଗତର ସୁଖ ପାଇଁ ମତେ ଦୁଃଖ ସହିବାକୁ ପଡ଼ିବ, ତା' ଛଡ଼ା ଅନ୍ୟ ଗତି ନାହିଁ ।''

ମାତା କୁନ୍ତୀ ଅସହାୟ ବାଳିକାରୁ ମହୀୟସୀ ବିଶ୍ୱଜନନୀରେ ପରିଣତ ହୋଇଗଲେ । ମୁଁ ତାଙ୍କୁ ପ୍ରଣାମ ଜଣାଇ ନିଜକୁ ଧନ୍ୟ ମଣିଲି ।

॥ ୪୮ ॥

ଆଜି ପ୍ରଭାତରୁ ପୂଜାର ଆୟୋଜନ କାହିଁକି ? ନାନାପ୍ରକାର ପିଠାପଣା ଏବଂ ମିଷ୍ଟାନ୍ନ ହୋଇଛି । ଶିବ ମନ୍ଦିରରେ ଭୋଗ ଲଗାଇ ମାତା କୁନ୍ତୀ ଫେରିଆସିଲେଣି । ପୁରୋହିତ ଜନ୍ମଦିବସ ପୂଜାର ଆୟୋଜନ କରୁଛନ୍ତି । ଆଜି କ'ଣ କାହାର ଜନ୍ମଦିନ ? ସ୍ମରଣ କରିବାକୁ ଚେଷ୍ଟାକଲି । ମୋ ସ୍ୱାମୀ ବା ସନ୍ତାନମାନଙ୍କର କାହାରି ଜନ୍ମଦିନ ଆଜି ନୁହେଁ । ତେବେ ଏ ପୂଜା କାହାପାଇଁ ? ମାତା କୁନ୍ତୀଙ୍କର ମତିଭ୍ରମ ହୋଇନାହିଁ ତ ! ଏମିତି ଏକ ଅତିଥିରେ କାହାର ଜନ୍ମଦିବସ ସେ ପାଳନ କରୁଛନ୍ତି ?

• ମୋ ଆଖିରେ ସନ୍ଦେହ ଦେଖି ମାତା କୁନ୍ତୀ ଅନୁଚ୍ଚ କଣ୍ଠରେ ମତେ କହିଲେ — ''ଆଜି ମୋର ଜ୍ୟେଷ୍ଠପୁତ୍ର କର୍ଣ୍ଣର ଜନ୍ମତିଥି । ପ୍ରତିବର୍ଷ କେବଳ ଶିବମନ୍ଦିରରେ ପୂଜା ଦିଏ । କାଳେ କେହି ଜାଣିପାରିବ ବୋଲି ଘରେ ଜିଛି ଜରେ ନାହିଁ । । ଆଜି ଆଉ ସେ ଭୟ ନାହିଁ । ତୁ ତ ସବୁ ଜାଣୁ, ଅନ୍ତତଃ ପୁତ୍ର ଜନ୍ମଦିନ ଥରେହେଲେ ପାଳନ କରିଥାଏ । କିନ୍ତୁ ବିଦୁର ଯେପରି ଏସବୁ କଥା ନ ଜାଣନ୍ତି.....'' ମା'ଙ୍କର କଣ୍ଠ ଥରିଆସିଲା ।

ମା'ଙ୍କୁ ଖୁସି କରିବା ପାଇଁ ମୁଁ ମଧ୍ୟ ପରମ ଉତ୍ସାହରେ କାର୍ଯ୍ୟରେ ଲାଗିଗଲି । ପ୍ରସାଦ ବିତରଣ କରାଗଲା । ପୁରୋହିତ ପୂଜାରେ ବସି କୁନ୍ତୀଙ୍କ ଜ୍ୟେଷ୍ଠପୁତ୍ର ନାମରେ ଦୀର୍ଘଜୀବନ କାମନା କରନ୍ତେ ମାତା କୁନ୍ତୀ ଅଶ୍ରୁମୋଚନ ନ କରି ରହିପାରିଲେ ନାହିଁ। ପୁରୋହିତଙ୍କୁ ଏହି ଧାରଣା ଦିଆଯାଇଥିଲା ଯେ, ପୁତ୍ରମାନଙ୍କର ଶୁଭ ମନାସି ମାତା କୁନ୍ତୀ ପୂଜାର ଆୟୋଜନ କରିଛନ୍ତି । ପୁରୋହିତ ଯେତେବେଳେ ମା'ଙ୍କୁ ପଗ୍ଧରିଲେ— ''କାହା ନାମରେ ପୂଜା ସଂକଳ୍ପ କରିବି ?''

Digitized by srujanika@gmail.com

ମାତା ଉତ୍ତର ଦେଲେ — ''ନାମର ଆବଶ୍ୟକତା ନାହିଁ । ''କୁନ୍ତୀଙ୍କ ଜ୍ୟେଷ୍ଠପୁତ୍ର'' ବୋଲି ଉଚ୍ଚାରଣ କରି ପୂଜା ସଂକଳ୍ପ କରନ୍ତୁ । ଜ୍ୟେଷ୍ଠପୁତ୍ର ଗୃହକର୍ତ୍ତା । ତେଣୁ ସେଥିରେ ସମସ୍ତଙ୍କର ଶୁଭ ସଂକଳ୍ପ ହେଲା ବେଲି ଧରିନେବାକୁ ହେବ ।''

ପୁରୋହିତ ବାରମ୍ବାର ''କୁନ୍ତୀଙ୍କ ଜ୍ୟେଷ୍ଠପୁତ୍ର'' ଉଚ୍ଚାରଣ କରି ଶୁଭ ସଂକଳ୍ପ କରୁଥା'ନ୍ତି ଓ ମାତା ନୀରବରେ ଅଶ୍ରୁମୋଚନ କରୁଥା'ନ୍ତି ।

ପୂଜା ଅନ୍ତେ ବିଦୂର ଦାଦାଙ୍କୁ କୁନ୍ତୀ କହିଲେ — ''ଆଜି ମୋର ଧର୍ମପୁତ୍ର କର୍ଣ୍ଣକୁ ପାଖରେ ବସାଇ ପ୍ରସାଦ ଖୁଆଇବା ପାଇଁ ଇଚ୍ଛା ହେଉଛି, କାରଣ ମୋର ପଞ୍ଚପୁତ୍ର ଏବଂ ନାତିମାନେ ଦୂରରେ ଅଛନ୍ତି ।''

ବିଦୁର କହିଲେ — ''ଏଥିପାଇଁ ଚିନ୍ତା କାହିଁକି ? କର୍ଣ୍ଣଙ୍କୁ ଆପଣଙ୍କ ନିମନ୍ତ୍ରଣ ପଠାଇଦେଉଛି । ମୋ ଘରକୁ ଆସିବାରେ ସେ ଆପତ୍ତି କରିବେ ନାହିଁ ।''

କର୍ଣ୍ଣ ନିମନ୍ତ୍ରଣ ପାଇ କୌରବମାନଙ୍କ ସହ ପରାମର୍ଶ କରନ୍ତେ ଦୁଷ୍ଟ ଦୁଃଶାସନ କହିଲା — ''ସାବଧାନ ବନ୍ଧୁ, ବହୁପୁରୁଷଭୋଗ୍ୟା ନାରୀମାନଙ୍କୁ ବିଶ୍ୱାସ ନାହିଁ, ଆଜି ପୁଣି ବିଦୁରଙ୍କ ଘରେ କୁନ୍ତୀ ଏବଂ ଦ୍ରୌପଦୀ ଉଭୟେ ଅଛନ୍ତି । ତମେ ହେଉଛ ଯୁଦ୍ଧରେ ଆମର କର୍ଣ୍ଣଧାର । ଯୁଦ୍ଧ ମାତ୍ର ତିନିଦିନ ବାକି । ତମକୁ ନିମନ୍ତ୍ରଣ କରିବା ପଛରେ କିଛି କୂଟଚକ୍ରାନ୍ତ ଅଛି ବୋଲି ମୋର ଆଶଙ୍କା ହେଉଛି । ତମେ ହେଉଛ ଅର୍ଜୁନର ଆପଦ । ତେଣୁ ତମକୁ ବାଟରୁ ସଫା କରିବା ପାଇଁ ଏ ଏକ ଷଡ଼ଯନ୍ତ୍ର ନୁହେଁ ତ ? ଖାଦ୍ୟରେ ବିଷ ମିଶାଇ ତମକୁ ଦେବେ ବୋଲି କୁନ୍ତୀ ନିଶ୍ଚୟ ମନସ୍ଥ କରିଛନ୍ତି । ପୁତ୍ରର ଜୀବନରକ୍ଷା ପାଇଁ ନାରୀ କ'ଣ ବା ନ କରିପାରେ !''

ସମସ୍ତେ ଦୁଃଶାସନର କଥାକୁ ସମର୍ଥନ କଲେ ଏବଂ କୁନ୍ତୀଙ୍କ ନିମନ୍ତ୍ରଣ ରକ୍ଷା ନକରିବା ପାଇଁ କର୍ଣ୍ଣଙ୍କୁ ପରାମର୍ଶ ଦେଲେ । କର୍ଣ୍ଣ ଦୃଢ଼କଣ୍ଠରେ କହିଲେ — ''କୁନ୍ତୀ ମତେ ଧର୍ମପୁତ୍ର କରିଛନ୍ତି । ତେଣୁ ସେ କେବେହେଲେ ଏଭଳି ନୀଚକାର୍ଯ୍ୟ କରିବେ ନାହିଁ । ଆପଣମାନେ ଏଭଳି ଆଶଙ୍କା ପୋଷଣ କରି କୁନ୍ତୀଙ୍କର ମାତୃତ୍ୱକୁ ଅପମାନ କରୁଛନ୍ତି କାହିଁକି ? ମୁଁ ତାଙ୍କ ପୁତ୍ରମାନଙ୍କର ଶତ୍ରୁ ହୋଇପାରେ, ମାତ୍ର ତାଙ୍କର ତ ପୁତ୍ର ! ସେ ଧର୍ମଦ୍ରୋହୀ ହେବେ ନାହିଁ ଏ ବିଶ୍ୱାସ ମୋର ଅଛି ।''

ଦୁଃଶାସନ ପୁନର୍ବାର କହିଲା — ''କୁନ୍ତୀ ତମର ମା' ହୋଇପାରନ୍ତି, ମାତ୍ର ଦ୍ରୌପଦୀ ତ ତମର ମା' ନୁହନ୍ତି ? ଅର୍ଜୁନଙ୍କୁ ଦ୍ରୌପଦୀ ବେଶି ଭଲପା'ନ୍ତି । ତେଣୁ ତମେ ତାଙ୍କର ଶତ୍ରୁ । ସେ ତମ ଖାଦ୍ୟରେ ବିଷ ଦେଇପାରନ୍ତି ।''

Digitized by srujanika@gmail.com

କର୍ଣ୍ଣ ଗମ୍ଭୀର କଣ୍ଠରେ କହିଲେ — ''କୃଷ୍ଣା ଆର୍ଯ୍ୟାବର୍ତ୍ତର ଶ୍ରେଷ୍ଠନାରୀ । ତାଙ୍କ ହୃଦୟରେ ପଶୁପକ୍ଷୀ, କୀଟପତଙ୍ଗ ପାଇଁ ମଧ୍ୟ ଅଗାଧ ସ୍ନେହର ଫଲ୍‌ଗୁ ବହୁଛି । ଆପଣମାନେ ଜାଣନ୍ତି ନାହିଁ, ସେଥର ଦ୍ୱୈତବନରେ ସର୍ପଦଂଶନରେ ମୋର ମୃତ୍ୟୁ ହୋଇଥା'ନ୍ତା । କୃଷ୍ଣା ହିଁ ମତେ ବଞ୍ଚାଇଥିଲେ ତାଙ୍କର ଅଲୌକିକ ଶକ୍ତି ବଳରେ । ମୋର କୃତଜ୍ଞତା ଗ୍ରହଣ କରିବା ପାଇଁ ଅପେକ୍ଷା ନକରି ସେ ଫେରିଯାଇଥିଲେ ମଧ୍ୟ ତାଙ୍କର ସାଗର ଉର୍ମିନିନ୍ଦି ମୁକ୍ତ ସୁନୀଳ କେଶରାଶି ଏବଂ ଅପୂର୍ବ ଅଙ୍ଗସୌଷ୍ଠବ ଦେଖି ମୁଁ ତାଙ୍କୁ ଚିହ୍ନି ପାରିଥିଲି । ଯିଏ ଜୀବନଦାତ୍ରୀ ଅନ୍ୟ ଅର୍ଥରେ ସେ ଜନନୀ । ଯିଏ ଥରେ ଜୀବନରକ୍ଷା କରେ ସେ କ'ଣ ଜୀବନ ନାଶ କରିପାରେ ?

ନିମନ୍ତ୍ରଣ ରକ୍ଷା କରି କର୍ଣ୍ଣ ବିଦୁରଙ୍କ ଗୃହକୁ ଆସିଲେ । ମାତା କୁନ୍ତୀ ପରମ ଆଗ୍ରହରେ କର୍ଣ୍ଣଙ୍କୁ ଖାଦ୍ୟ ପରଷି ଦେଇଥିଲେ । ପ୍ରଥମେ ତାଙ୍କ କପାଳରେ ଚନ୍ଦନଟିକା ଲଗାଇ ଦେଇ ତାଙ୍କ ପାଟିରେ ପ୍ରସାଦ ଦେଉ ଦେଉ ବାଷ୍ପାକୁଳ କଣ୍ଠରେ କହିଥିଲେ — ''ଆଜି ତୋର ଜନ୍ମଦିନ ।''

କର୍ଣ୍ଣ ଚକିତ କଣ୍ଠରେ କହିଲେ — ''ଜନ୍ମଦିନ ? ମୋର ଜୀବନରେ ଜନ୍ମଦିନ କେବେ ପାଳିତ ହୋଇନାହିଁ । କାରଣ ମତେ ମୋର ପିତା ମାତା ଯେଉଁଦିନ ଜଳ-ସ୍ରୋତରୁ ପାଇଥିଲେ ସେଇ ଦିନଟି ଛଡ଼ା ଜନ୍ମଦିବସ ପାଳିବାର କୌଣସି ଯଥାର୍ଥତା ନଥିଲା । ତେଣୁ ମତେ ପାଇବାର ସ୍ମୃତିଦିବସ ସେମାନେ ପ୍ରତିବର୍ଷ ପାଳି ଆସିଛନ୍ତି ।''

ମାତା କୁନ୍ତୀ ଅଶ୍ରୁସଜଳ କଣ୍ଠରେ କହିଲେ — ''ମୁଁ କିନ୍ତୁ ପ୍ରତିବର୍ଷ ତୋର ଜନ୍ମତିଥିରେ ଶିବମନ୍ଦିରରେ ପୂଜା ସଂକଳ୍ପ କରେ, ଦୀପ ଜଳାଏ, ଦାନ ଭୋଜନ କରାଏ । ମାତ୍ର ତତେ ଜଣାଇବାର ଉପାୟ ନଥାଏ ।''

କର୍ଣ୍ଣ ଖାଉ ଖାଉ କହିଲେ — ''ତେବେ ମୋ ଜୀବନରେ ଏ ହେଉଛି ପ୍ରଥମ ଏବଂ ଅନ୍ତିମ ଜନ୍ମଦିବସ ପାଳନର ଅନୁଭୂତି । କିଏ ଜାଣେ ଯୁଦ୍ଧପରେ ମୁଁ ଥିବି କି ନଥିବି.....''

ମାତା କୁନ୍ତୀ ଅଶ୍ରୁମୋଚନ କରୁ କରୁ ନୀରବ ହୋଇଯାଇଥିଲେ । ଜନନୀ ହୃଦୟର ସମସ୍ତ ଆବେଗ ଦେଇ ସେଦିନ ସେ ଉପେକ୍ଷିତ, ଅବହେଳିତ, ଅଭିଶପ୍ତ ପୁତ୍ରକୁ ମନଭରି ଖୁଆଇଥିଲେ । କର୍ଣ୍ଣ ମଧ୍ୟ ନୀରବରେ ଖାଦ୍ୟ ଗ୍ରହଣ କରି କୁନ୍ତୀଙ୍କୁ ପ୍ରସନ୍ନ କରିବା ପାଇଁ ଚେଷ୍ଟା କରୁଥିଲେ ।

ଭୋଜନ ଅନ୍ତେ ମା' କର୍ଣ୍ଣଙ୍କୁ ପାଖରେ ବସାଇ କହିଲେ, ''ମୋର ନିମନ୍ତ୍ରଣ ସମ୍ବନ୍ଧରେ କୌରବମାନଙ୍କର କଟୁ ମନ୍ତବ୍ୟ ଓ ତୋର ଯଥାର୍ଥ ଉତ୍ତର ମୁଁ ବିଦୁରଙ୍କଠାରୁ

Digitized by srujanika@gmail.com

ଶୁଣିଛି । ତୁ ଥରେ ଜଳସ୍ରୋତରୁ କୃଷ୍ଣାଙ୍କୁ ଉଦ୍ଧାର କରିଥିଲୁ ଏବଂ କୃଷ୍ଣା ମଧ୍ୟ ଦ୍ୱୈତବନରେ ତୋର ଜୀବନରକ୍ଷା କରିଥିଲା ଶୁଣିବା ପରେ ମୁଁ ଭାବୁଛି ତମ ଦୁହିଁଙ୍କ ଭିତରେ କୌଣସି ଦିନ ଶତ୍ରୁତା ବା ବିଦ୍ୱେଷଭାବ ନଥିଲା । ଯାହା ଅପ୍ରିୟ ଘଟଣା ଘଟିଯାଇଛି ସେଥିରେ ଅନ୍ୟମାନଙ୍କର ଭୂମିକା ହିଁ ଅଧିକ । କୌରବମାନଙ୍କ ସହ ବନ୍ଧୁତା କରି ତୁ ଅନ୍ୟମାନଙ୍କ ଭୁଲ୍ ବୁଝାମଣାର ଶିକାର ହୋଇଛୁ । ଯୁଦ୍ଧ ଆରମ୍ଭ ପୂର୍ବରୁ କୃଷ୍ଣା ଏବଂ ତୋ ଭିତରେ ଥିବା ଭୁଲ୍ ବୁଝାମଣା ଦୂର ହୋଇଯିବା ଆବଶ୍ୟକ । କୃଷ୍ଣା ଏଠାରେ ଅଛି । ସେ ତୋତେ କିଛି କହିବାକୁ ଗ୍ରହେଁ ।''

କର୍ଣ୍ଣ କୁଣ୍ଠିତ କଣ୍ଠରେ କହିଲେ — ''ମୁଁ ତ କୃଷ୍ଣାଙ୍କଠାରୁ କ୍ଷମା ମାଗିନେଇଛି । ଶେଷ ମୁହୂର୍ତ୍ତରେ ଆଉ ଏସବୁର ପ୍ରଯୋଜନ କ'ଣ ? ଯାହା ଘଟିଯାଇଛି ତା' ତ ଆଉ ଫେରିଆସିବ ନାହିଁ —''

କୁନ୍ତୀ କର୍ଣ୍ଣଙ୍କ କଥାକୁ ଅପେକ୍ଷା ନକରି ମୋ ନିକଟକୁ ଆସିଲେ ଏବଂ ଅନୁରୋଧପୂର୍ଣ୍ଣ ଗଳାରେ କହିଲେ ''ମା' କୃଷ୍ଣା, ମୋର ଦୁଃଖ ଉଣା କରିବା ପାଇଁ ସବୁକିଛି କିରିବାକୁ ତୁ ପ୍ରସ୍ତୁତ, ଏତିକି ଶୁଣିବା ପରେ ମୋ ମନରେ ଆଶାର ସୂର୍ଯ୍ୟୋଦୟ ହୋଇଛି । କର୍ଣ୍ଣ ମୋ କଥା ରକ୍ଷା କରିନାହିଁ, କିନ୍ତୁ ତୋ କଥା ରକ୍ଷା କରିବ, ଏ ବିଶ୍ୱାସ ମୋର ଅଛି । ଆର୍ଯ୍ୟାବର୍ତ୍ତର ଏପରି କେହି ପୁରୁଷ ନାହିଁ ଯିଏ ତୋ ଭଳି ବରନାରୀର ଅନୁରୋଧକୁ ଏଡ଼ାଇଦେବ । ସହଜେ ତ କର୍ଣ୍ଣର ଆକର୍ଷଣ ତୋ ପ୍ରତି ବହୁଦିନରୁ ରହିଛି । ମୋ ପାଇଁ ତୁ ତାକୁ ଗୋଟିଏ ଅନୁରୋଧ କରିବୁ ?''

ମୁଁ ଏଭଳି ପରିସ୍ଥିତି ପାଇଁ ଆଦୌ ପ୍ରସ୍ତୁତ ନଥିଲି । କର୍ଣ୍ଣ କୁନ୍ତୀଙ୍କର ଜ୍ୟେଷ୍ଠପୁତ୍ର ବୋଲି ଜାଣିବା ପରେ ମୋର ତାଙ୍କ ପ୍ରତି ଯଥେଷ୍ଟ ସମଦେବନା ଓ ସଂଭ୍ରମ ଜାଗିଛି । ମାତ୍ର ନିଜକୁ ଛୋଟ କରିଦେଇ ତାଙ୍କ ପାଖରେ ଯଦି ସେପରି କିଛି ଅନୁରୋଧ କରିବାକୁ ହୁଏ, କେମିତି କରିପାରିବି ?

ମୋର ଦ୍ୱନ୍ଦ୍ୱ ଓ ଚିନ୍ତାକୁଳ ଭାବ ଦେଖି ମା' କୋମଳ କଣ୍ଠରେ କହିଲେ — ''ତୁ ମୋର ପୁତ୍ରବଧୂ । ତୋର ସମ୍ମାନ ମୋ ସମ୍ମାନଠାରୁ ବଡ଼ । ଏଭଳି କିଛି କରିବା ପାଇଁ ମୁଁ ତତେ କହିବି ନାହିଁ, ଯେଉଁଥିରେ ପୁରୁବଂଶର କୁଳବଧୂର ମର୍ଯ୍ୟାଦା ହାନି ହେବ । ତୁ କର୍ଣ୍ଣକୁ ମୋର ହୋଇ ଏତିକି ଅନୁରୋଧ କରିବୁ — ସେ ପାଣ୍ଡବଙ୍କ ପକ୍ଷ ସମର୍ଥନ ନକଲେ ନାହିଁ, କୌରବଙ୍କ ପକ୍ଷରୁ ଅନ୍ତତଃ ଲଢ଼ିବ ନାହିଁ । କୌଣସି ଆଳ ଦେଖାଇ ସେ ଯୁଦ୍ଧକ୍ଷେତ୍ରଠାରୁ ଦୂରରେ ରହିବ । ଗୋବିନ୍ଦଙ୍କୁ କହିଲେ ସେ ଉପାୟ ମଧ୍ୟ ବତାଇଦେବେ । ଅନ୍ତତଃ ଏତିକି କଲେ ଅଭାଗା ପୁତ୍ର ମୋର ବଞ୍ଚିଯାଇପାରେ...''

Digitized by srujanika@gmail.com

ମା'ଙ୍କ ଅସହାୟତା ମୁଁ ମର୍ମେ ମର୍ମେ ଅନୁଭବ କଲି ଏବଂ କର୍ଣ୍ଣକୁ ଅନୁରୋଧ କରିବା ପାଇଁ ସମ୍ମତି ଦେଲି ।

ମୋ ଅପେକ୍ଷାରେ ବସିଥିଲେ କୁନ୍ତୀପୁତ୍ର କର୍ଣ୍ଣ । ମୁଁ ତାଙ୍କୁ କ'ଣ କହିବାକୁ ଯାହେଁ, ତାହାହିଁ ଭାବି ହୃତ୍‌ସ୍ପନ୍ଦନ ଅନୁଭବ କରୁଥିଲେ । ମାୟା ସହ ମୁଁ ତାଙ୍କ କୋଠରିରେ ପ୍ରବେଶ କଲି ଏବଂ ତାଙ୍କୁ ପ୍ରଣାମ ଜଣାଇଲି । ମତେ ଦେଖିବା ମାତ୍ରେ କର୍ଣ୍ଣ ସବୁ ଅନୁତାପ ପଶ୍ଚାତ୍ତାପ ଭୁଲିଯାଇ ସ୍ୱୟମ୍ବର ସଭାର ପରାଜୟକୁ ହୁଏତ ସ୍ମରଣ କରୁଥିଲେ । ବ୍ୟଙ୍ଗଭରା କଣ୍ଠରେ କହିଲେ — ''ସମଗ୍ର ଆର୍ଯ୍ୟାବର୍ତ୍ତର ଭାବୀ ରାଜରାଣୀ କୃଷ୍ଣା ସୂତପୁତ୍ର କର୍ଣ୍ଣଙ୍କୁ କି ଅନୁରୋଧ କରି ଅପରାଧୀ କରିବାକୁ ଯାହାନ୍ତି ?'' ବିନା ଭୂମିକାରେ ମୁଁ ମୋର ଅନୁରୋଧ ମାୟାକୁ ମାଧ୍ୟମ କରି ଜଣାଇଲି ।

କର୍ଣ୍ଣ ଅଟ୍ଟହାସ୍ୟ କରି କହିଲେ — ''ଯୁଦ୍ଧରେ ମୋର ମୃତ୍ୟୁ ସୁନିଶ୍ଚିତ ଜାଣି ମଧ୍ୟ କୃଷ୍ଣା ମତେ ଅମୃହତ୍ୟା କରିବା ପାଇଁ ପ୍ରବର୍ତ୍ତାଉଛନ୍ତି କାହିଁକି ? ମୋ ଜୀବନରେ ଆମୃହତ୍ୟା କରିବାର ଏକ ମହାର୍ଘ ମୁହୂର୍ତ୍ତ ଆସିଥିଲା । ସେ ଦିନଟି ଥିଲା କୃଷ୍ଣାଙ୍କ ସ୍ୱୟମ୍ବର ଦିବସ । ଯେକୌଣସି ଆତ୍ମସମ୍ମାନ ସଚେତନ ପୁରୁଷ ସେଦିନ ଆତ୍ମହତ୍ୟା ନକରି ରହିପାରି ନଥା'ନ୍ତା । ମାତ୍ର ଆତ୍ମହତ୍ୟା କାପୁରୁଷର କାର୍ଯ୍ୟ ମନେକରି ସେଦିନ ମୁଁ ସମସ୍ତ ଅପମାନ ଓ ଅମୂଲ୍ୟରହ ''କୃଷ୍ଣାଙ୍କୁ'' ଅନ୍ୟାୟ ବିଗ୍ଧର ଯୋଗୁଁ ହରାଇଥିବା ଗ୍ଲାନି ସତ୍ତ୍ୱେ ଆତ୍ମହତ୍ୟା କରିନଥିଲି । ଆଜି ଜୀବନର ଶେଷଭାଗରେ ମତେ ବୀରୋଚିତ ମୃତ୍ୟୁଲାଭର ସୁଯୋଗରୁ କୃଷ୍ଣା ବଞ୍ଚିତ କରୁଛନ୍ତି କାହିଁକି ?''

ମୁଁ ଆହତ ସ୍ୱରରେ ମାୟାକୁ କହିଲି — ''ମାୟା, ଏ କି ଭ୍ରମ ବିଗ୍ଧର ! ଯୁଦ୍ଧରୁ ନିବୃତ୍ତ ହେବାର ଅର୍ଥ ସଂସାରରେ ଦୀର୍ଘଜୀବୀ ହୋଇ ବଞ୍ଚିରହିବା । ତାହାହିଁ ମା'ଙ୍କର ଇଚ୍ଛା । ଏହି ଭୟଙ୍କର ସମରରେ କର୍ଣ୍ଣଙ୍କର ଜୀବନ ବିପନ୍ନ ବୋଲି ଅନୁଭବ କରି ମା' ଚିନ୍ତିତା । ତେଣୁ ମା'ଙ୍କ ଦୁଃଖରେ ସମଦୁଃଖିନୀ ହୋଇ ମୁଁ ଏ ଅନୁରୋଧ କରିଛି । ଯୁଦ୍ଧ ସବୁଦିନ ରହେ ନାହିଁ । ଯୁଦ୍ଧ ଶେଷରେ ପୃଥିବୀରେ ଧର୍ମ ଓ ଶାନ୍ତିର ପୁନଃପ୍ରତିଷ୍ଠା ହେବ । ସେତେବେଳେ କର୍ଣ୍ଣ ଏବଂ ପାଣ୍ଡବ ମିଳିତ ହୋଇ ରାଜ୍ୟ ଶାସନ କରିବାରେ ବାଧା ନଥିବ । ସୁପୁରୁଷମାନେ ଏକମନ ହୋଇ ରାଜ୍ୟଶାସନ କଲେ ସମଗ୍ର ମାନବ ଜାତିର କଲ୍ୟାଣ ହୁଏ । ଏହାକୁ କର୍ଣ୍ଣ ଆତ୍ମହତ୍ୟା ମନେ କରୁଛନ୍ତି କିପରି ?''

କର୍ଣ୍ଣ ଗୁରୁଗମ୍ଭୀର କଣ୍ଠରେ କହିଲେ — ''ଶୁଣିଥିଲି କୃଷ୍ଣା ଆର୍ଯ୍ୟାବର୍ତ୍ତର ଜଣେ ବିଦୁଷୀ ଏବଂ ଶାସ୍ତ୍ରଜ୍ଞ ମହିଳା । ମାତ୍ର ଦୀର୍ଘ ଜୀବନର ଅର୍ଥ ତାଙ୍କ ପାଖରେ କେବଳ ବଞ୍ଚି ରହିବାର ବୟସ ସୀମା, ତାହାହିଁ ଭାବି ଆଶ୍ଚର୍ଯ୍ୟ ହେଉଛି । ଜୀବନ ଲୋଭରେ ନାନା ଆଳ ଦେଖାଇ ଯୁଦ୍ଧକ୍ଷେତ୍ରରୁ ଦୂରରେ ରହେ ଭୀରୁ, କାପୁରୁଷ । ସେଭଳି

Digitized by srujanika@gmail.com

ବଞ୍ଚିବାର ଅର୍ଥ ମୃତ୍ୟୁ । ଯେଉଁ ପୁରୁଷ ନିଜେ ଜାଣି ଜାଣି ଯୁଦ୍ଧକ୍ଷେତ୍ରରୁ ଦୂରରେ ରହେ ସେ ସେଇ ମୁହୂର୍ତ୍ତରେ ଆତ୍ମହତ୍ୟା କରେ ବୋଲି ଧରିନେବାକୁ ହେବ । କର୍ଣ୍ଣ ଅନ୍ତତଃ ସେଭଳି କାପୁରୁଷ ନୁହେଁ । କର୍ଣ୍ଣ ଗ୍ରହିଁଲେ ସମଗ୍ର ପୁରୁବଂଶକୁ ଧ୍ୱଂସ କରି ହସ୍ତିନାର ରାଜା ହୋଇପାରେ । ମାତ୍ର ରାଜ-ସିଂହାସନର ମୋହ କର୍ଣ୍ଣର ନାହିଁ । କର୍ଣ୍ଣ ବୀରୋଚିତ ମୃତ୍ୟୁବରଣକୁ ଜୀବନଠାରୁ ଶ୍ରେୟ ମଣେ । ତେଣୁ ମାତା କୁନ୍ତୀ ଏଭଳି ଅନୁରୋଧ କରି ମୋର ପୁରୁଷକାରକୁ ଅପମାନିତ କରିଛନ୍ତି । ମା'ଙ୍କର ଏ ଅନୁରୋଧ ମୁଁ ରକ୍ଷା କରିବି ନାହିଁ ।''

କର୍ଣ୍ଣଙ୍କର ଅହଙ୍କାର ମୋର ସହ୍ୟ ହେଉନଥାଏ । ମା'ଙ୍କ ମୁହଁକୁ ଗ୍ରହିଁ ମୁଁ ଏଭଳି ଅନୁରୋଧ କରିଥିଲି । ତା' ବୋଲି ସମଗ୍ର ପୁରୁବଂଶକୁ ଧ୍ୱଂସ କରିବାର ଆସ୍ଫାଳନ ସେ କରିବେ ! ସେ କ'ଣ ଅର୍ଜୁନଙ୍କର ବୀରତ୍ୱ ଜାଣନ୍ତି ନାହିଁ ? ମୁଁ କ୍ଷୁଣ୍ଣ ହେଲି ଏବଂ ମାୟାକୁ ଉପଲକ୍ଷ୍ୟ କରି କହିଲି — ''ମାୟା, ବୀରତ୍ୱ ଏବଂ ଶୌର୍ଯ୍ୟ ପୁରୁଷର ଗୌରବ କିନ୍ତୁ ପିତା, ମାତା, ଗୁରୁଜନଙ୍କୁ ଉଚିତ ଭକ୍ତି ଦେଖାଇବା ମଧ୍ୟ ସଫଳ ବ୍ୟକ୍ତିତ୍ୱର ଏକ ଅଭିଭାଜ୍ୟ ଅଙ୍ଗ । ଅର୍ଜୁନ ମାତାଙ୍କ ବଚନ ରକ୍ଷା କରି ନିଜର ସ୍ତ୍ରୀକୁ ଗ୍ରିଭାଇଙ୍କ ସହ ଅଂଶୀଦାର ହୋଇ ବିବାହ କରିଥିଲେ । ଅର୍ଜୁନ କ'ଣ ବୀରପୁରୁଷ ନୁହନ୍ତି ?''

କର୍ଣ୍ଣ ତାଚ୍ଛଲ୍ୟରେ ହସିଉଠିଲେ । କହିଲେ — ''ଭଦ୍ରେ, ତମର ସ୍ୱାମୀ ବୀର ଏକଥା ମୁଁ ମାନୁଛି; କିନ୍ତୁ ସେ କି ପ୍ରକାର ପୁରୁଷ, ତା' ମୋର ଚିନ୍ତାର ବାହାରେ । ମୁଁ ଯଦି ଅର୍ଜୁନ ସ୍ଥାନରେ ଥା'ନ୍ତି ଏବଂ ସ୍ୱୟମ୍ବରରେ ଜୟକରି ଆଣିଥିବା ବରନାରୀକୁ ମୋର ଭାଇମାନଙ୍କ ସହ ମିଳିତ ହୋଇ ଭୋଗ କରିବାକୁ ମା' ଆଦେଶ ଦେଇଥା'ନ୍ତେ, ତେବେ ମୁଁ ମା'ଙ୍କର ଅଦେଶ ଲଘଂନ କରି ମୋର ପ୍ରାଣପ୍ରିୟାକୁ ନେଇ ରାଜ୍ୟ ତ୍ୟାଗ କରିଥା'ନ୍ତି । ବର୍ତ୍ତମାନ ଯଦି କୁନ୍ତୀପୁତ୍ର ଭାବରେ ମାତା କୁନ୍ତୀ ମତେ କୃଷ୍ଣାଙ୍କୁ ପତ୍ନୀ ରୂପରେ ଗ୍ରହଣ କରିବା ପାଇଁ ଆଦେଶ ଦିଅନ୍ତି, ତେବେ ମୁଁ ସେ ପ୍ରସ୍ତାବକୁ ସଙ୍ଗେ ସଙ୍ଗେ ପ୍ରତ୍ୟାଖ୍ୟାନ କରିବି । ଉଚିତ କଥାରେ ମା'ଙ୍କ ପାଇଁ ମୁଁ ଜୀବନ ଦେଇପାରେ । ଅନୁଚିତ କଥାରେ ବାଧ୍ୟପୁତ୍ର ବୋଲାଇବା ପାଇଁ ମା'ଙ୍କର ଆଦେଶ ଅନ୍ଧ ଭାବରେ ପାଳନ କରିବା ମୋ ଦୃଷ୍ଟିରେ ଅନ୍ତତଃ ପୌରୁଷର ପରିଗ୍ୟକ ନୁହେଁ । ଅର୍ଜୁନ ଏବଂ ମୋ ଭିତରେ ତଫାତ୍ ଏତିକି ।''

ମୁଁ ସ୍ତାଣ୍ଡୁ ହୋଇ ଠିଆହୋଇଛି ଏବଂ ଭାବୁଛି ଅହଙ୍କାରୀ ପୁରୁଷ କର୍ଣ୍ଣଙ୍କର ପୌରୁଷ ଏତେ ପ୍ରଚଣ୍ଡ ଯେ ସେଥିରେ ଜଳିଯିବା ହିଁ ସାର ହୁଏ ।

ମୁଁ ପୁନର୍ବାର ପ୍ରଣାମ ଜଣାଇ ଫେରିଆସୁଛି, କର୍ଣ୍ଣ ନମ୍ର କୋମଳ କଣ୍ଠରେ କହିଲେ — ''ଭଦ୍ରେ, ତମେ ବର୍ତ୍ତମାନ ମୋର ସାନଭାଇଙ୍କ ପତ୍ନୀ ହିସାବରେ ପୁତ୍ରବଧୂ

Digitized by srujanika@gmail.com

ସଙ୍ଗେ ସମାନ । ଆଶୀର୍ବାଦ କରୁଛି, ସୌଭାଗ୍ୟବତୀ ହୁଅ । ପୁଣି ତମେ ମୋର ଜୀବନରକ୍ଷା କରି ଜନନୀ ସ୍ଥାନ ଅଧିକାର କରିଛ । ତମକୁ ଅଭିଶପ୍ତ ରାଧାପୁତ୍ର ପ୍ରଣାମ ଜଣାଉଛି । ଏ ଜନ୍ମର ସମସ୍ତ ଅପରାଧ କ୍ଷମା କରିଦିଅ । ପରଜନ୍ମରେ ପ୍ରାୟଶ୍ଚିତ୍ତର ସୁଯୋଗକୁ ଅପେକ୍ଷା କରିବି ।''

କର୍ଣ୍ଣ ଦୁଇହାତ ଯୋଡ଼ି ପ୍ରଣାମ ଜଣାଇଲେ ଏବଂ ଛଳ ଛଳ ନେତ୍ରରେ ବିଦାୟ ମାଗିଲେ । ନାରୀର ମନ କେଡ଼େ ବିଚିତ୍ର ! ମୁହୂର୍ତ୍ତକ ଆଗରୁ କର୍ଣ୍ଣଙ୍କର ଅହଙ୍କାରକୁ ମୁଁ ଘୃଣା କରୁଥିଲି । ବର୍ତ୍ତମାନ ତାଙ୍କର ସଜଳ ନେତ୍ର ଓ ପଦିଏ ଦରଦଭରା କଥାରେ ମୋ ଭିତରର ଦମ୍ଭର ଦୁର୍ଗ ଖଣ୍ଡ ବିଖଣ୍ଡ ହୋଇ ଭାଙ୍ଗିପଡୁଛି । ଇଚ୍ଛାହେଉଛି ପଣତ ଘୋଡ଼ାଇ ଏଇ ଦୁର୍ଲଭ ପୁରୁଷଟିକୁ ଧ୍ୱଂସମୁଖରୁ ରକ୍ଷା କରିପାରନ୍ତି କି !''

ମୁଁ ଅଶ୍ରୁସଜଳ କଣ୍ଠରେ କହିଲି — ''ମୋ, ଭାଇଙ୍କର ଅନ୍ଧ ବୁଢ଼ାମଣା ପାଇଁ ସ୍ୱୟମ୍ବର ସଭାରେ ଆପଣ ଯେଉଁ ଅପମାନ ଓ ଗ୍ଲାନି ଭୋଗ କରିଛନ୍ତି, ସେଥିପାଇଁ ପୁତ୍ରବଧୂ ହିସାବରେ କ୍ଷମା ମାଗୁଛି ।''

''ଏ ଜନ୍ମ ପାଇଁ ଏଇ ଶେଷ ଦେଖା । ସୌଭାଗ୍ୟବତୀ ହୁଅ । ପୁତ୍ରବଧୂ ସର୍ବଦା କ୍ଷମାର ପାତ୍ରୀ'' ଏତିକି କହି କର୍ଣ୍ଣ କକ୍ଷରୁ ବାହାରିଯାଇ ରଥରେ ବସିଲେ ।

॥ ୪୯ ॥

କୃଷ୍ଣ ଚତୁର୍ଦ୍ଦଶୀର ଅନ୍ଧକାର ରାତ୍ରି । ପଞ୍ଚଯୋଜନ ବ୍ୟାପୀ ଗୋଲାକାର ବିରାଟ ପ୍ରାନ୍ତର କୁରୁକ୍ଷେତ୍ର ଯୁଦ୍ଧଭୂମିର ହିରଣବତୀ ନଦୀର ଦୁଇ ପାର୍ଶ୍ୱରେ କୌରବ ଏବଂ ପାଣ୍ଡବଙ୍କର ସେନା ଶିବିର । ଝଡ଼ ପୂର୍ବର ଆକାଶ ପରି ଗ୍ୱରିଆଡ଼େ ଗୋଟାଏ ତଟସ୍ଥ ନୀରବତା ।

ରାତ୍ରି ପ୍ରଭାତ ହେଲେ କୁରୁକ୍ଷେତ୍ର ମହାସମର । ପାଣ୍ଡବମାନଙ୍କ ପ୍ରଧାନ ସେନାପତି ମୋର ପ୍ରିୟ ଭ୍ରାତା ଧୃଷ୍ଟଦ୍ୟୁମ୍ନ ଏବଂ କୌରବମାନଙ୍କର ପ୍ରଧାନ ସେନାପତି ପିତାମହ ଭୀଷ୍ମ ।

ପାଣ୍ଡବଙ୍କ ଶିବିରରେ ମୋର ଉପସ୍ଥିତି ଏକାନ୍ତ ବାଞ୍ଛନୀୟ, କାରଣ ମୁଁ ହେଉଛି ସେମାନଙ୍କର ପତ୍ନୀ, ପ୍ରେରଣାଦାୟିନୀ । ମୋ ହାତରୁ ବିଜୟ ତିଳକ ପିନ୍ଧି ମୋର ସୁଲକ୍ଷଣ ସୁଶ୍ରୀ ମୁଖ ଦର୍ଶନ କରି ପ୍ରତିଦିନ ସେମାନେ ଯୁଦ୍ଧକ୍ଷେତ୍ରରେ ଅବତୀର୍ଣ୍ଣ ହେବେ । ଅବଶ୍ୟ ତିଳକ ପିନ୍ଧାଇ ସାରି ମୁଁ ସ୍ତ୍ରୀଲୋକମାନେ ରହୁଥିବା ନିରାପଦ ସ୍ଥାନକୁ ଅପସରି

Digitized by srujanika@gmail.com

ଯିବି । ମୁଁ ସତୀ, ସାଧ୍ୱୀ, ପତିପ୍ରାଣା ପବିତ୍ର ନାରୀ । ତେଣୁ ମୋର ଉପସ୍ଥିତି ବିନା ପାଣ୍ଡବମାନେ ଶକ୍ତିହୀନ ହୋଇଯିବେ । ଅବଚେତନ ମନ ତଳେ ଆସିଲା ଅହଂକାର । ଯେ କୌଣସି ନାରୀ ପକ୍ଷେ ଏ ଅହଂକାର ସ୍ୱାଭାବିକ । ମୋ ସ୍ୱାମୀମାନଙ୍କର ଏକାଧିକ ରୂପସୀ ପତ୍ନୀ ଅଛନ୍ତି । ମୋର ପତିପରମ ଅର୍ଜୁନଙ୍କର ଅନେକ ପତ୍ନୀଙ୍କ ମଧ୍ୟରେ ମହାପୁରୁଷ ଶ୍ରୀକୃଷ୍ଣଙ୍କର ଭଉଣୀ ସୁଭଦ୍ରା ମଧ୍ୟ ଅନ୍ୟତମା । କାହିଁ ସେମାନଙ୍କର ଉପସ୍ଥିତି ତ ଆବଶ୍ୟକ ପଡ଼ିଲା ନାହିଁ ! ତା'ର ଅର୍ଥ ମୁଁ ପତ୍ନୀମାନଙ୍କ ଭିତରେ ଶ୍ରେଷ୍ଠ, ପଞ୍ଚପତି ବରଣ କଲେ ମଧ୍ୟ ସତୀତ୍ୱରେ ମୁଁ ଅନନ୍ୟା । ମନର ଅହଂକାରରେ ହୃଦୟ ଭାରୀ ହୋଇଯାଉଥାଏ ଏବଂ ତା'ର ପ୍ରତିଫଳନ ମୋର ମୁଖରେ ଫୁଟିଉଠୁଥାଏ ।

ସଖା ମୃଦୁ ହସି କହିଲେ — ''ସଖି ! ଆଜି ସନ୍ଧ୍ୟାରୁ ତମକୁ ମୁଁ ଲକ୍ଷ୍ୟ କରୁଛି, ଖୁବ୍ ପ୍ରଫୁଲ୍ଲ ଦିଶୁଛ, ଡର ଭୟର ଲେଶମାତ୍ର ଚିହ୍ନ ନାହିଁ । ଯୁଦ୍ଧକୁ କ'ଣ ଭୟ କରନାହିଁ ?''

ମୁଁ ଗର୍ବରେ କହିଲି — ''ମୁଁ କ୍ଷତ୍ରିୟ ନାରୀ, ପୁଣି ସାଧ୍ୱୀ, ମୋ ସ୍ୱାମୀଙ୍କର ମଙ୍ଗଳ ହେବ ଏ ବିଶ୍ୱାସ ରଖିବା କ'ଣ ଅନୁଚିତ ? ବିଶ୍ୱାସ ତ ସଫଳତାର ଗ୍ୱବିକାଠି.....''

ସଖା ଦାନ୍ତ ଚିପି ହସିଲେ ଏବଂ କହିଲେ — ''ତେବେ କାଲି କ'ଣ ଯୁଦ୍ଧ ହେବା ନିଶ୍ଚିତ ? ମୁଁ ଯଦିଓ ପାଣ୍ଡବମାନଙ୍କ ପକ୍ଷରେ ରହି ଅର୍ଜୁନଙ୍କର ରଥ ଗ୍ୱଳନା କରିବି ବୋଲି କଥା ଦେଇଥିଲି, ଶେଷ ମୁହୂର୍ତ୍ତରେ ତାହା କରିବି ନାହିଁ ବୋଲି ଭାବିଛି । ପାଣ୍ଡବମାନଙ୍କର କିଛି ଅସୁବିଧା ହେବ ନାହିଁ । ତାଙ୍କର ଭୟ କ'ଣ ? ଅନେକ ବୀର ସେମାନଙ୍କ ପକ୍ଷରେ ଅଛନ୍ତି, ସେମାନେ ନିଜେ ମଧ୍ୟ ପ୍ରବଳ ପରାକ୍ରମୀ, ତା'ଛଡ଼ା ପାଖେ ପାଖେ ରହିଛନ୍ତି ପରମ ପ୍ରେରଣାଦାୟିନୀ ସତୀ ସାଧ୍ୱୀ ପତ୍ନୀ କୃଷ୍ଣା ।'' ଶ୍ରୀକୃଷ୍ଣଙ୍କର କଥା ଶେଷ ହୋଇନାହିଁ ପାଣ୍ଡବ ଶିବିରରେ ଆତଙ୍କ ଏବଂ ନୈରାଶ୍ୟ ଖେଳିଗଲା ।

ପାଣ୍ଡବମାନେ ଶ୍ରୀକୃଷ୍ଣଙ୍କୁ ଘେରିଯାଇ ମ୍ଳାନ ହୋଇଗଲେ । ଅର୍ଜୁନ ହାତଯୋଡ଼ି କହିଲେ — ''ସଖା ! ଏ ଅଧମ କି ଅପରାଧ କରିଛି ? ଶେଷମୁହୂର୍ତ୍ତରେ ଏପରି ହତାଶାବାଣୀ କାହିଁକି ଶୁଣାଉଛ ? ତମେ ଯୁଦ୍ଧ କରିବ ନାହିଁ ଜାଣି ମଧ୍ୟ ଆମେ ତମକୁ ହିଁ ଆଶ୍ରା କରିଛୁ । ତମେ ଯଦି ଆମ ପକ୍ଷରେ ରହିବ ନାହିଁ, ତେବେ ଯୁଦ୍ଧର ପ୍ରଶ୍ନ ଉଠୁଛି କେଉଁଠୁ ? ଶେଷକୁ ଆମେ ଜନତା ଦରବାରରେ ଲୋକହସା ହେବୁ । ମୋର ଦୋଷ କ'ଣ ସଖା ?''

ଶ୍ରୀକୃଷ୍ଣ ମର୍ମାହତ ସ୍ୱରରେ କହିଲେ — ''ତମର ଏଥିରେ କିଛି ଦୋଷ ନାହିଁ। ଦୋଷ ମୋ ନୀତିର । ମୁଁ ସର୍ବଦା ସତ୍ୟ ଓ ଧର୍ମ ପକ୍ଷରେ ଥାଏ । ଅସତ୍ୟ ବିନାଶ

Digitized by srujanika@gmail.com

ମୋର ଧର୍ମ । ନିର୍ମଳ ହୃଦୟ ହିଁ ସତ୍ୟର ଆସନ । ମାତ୍ର ମୁଁ ଅନୁଭବ କରୁଛି ଆମେ ଯେଉଁମାନେ ଏଠାରେ ଉପସ୍ଥିତ ରହି ଯୁଦ୍ଧପାଇଁ ପ୍ରସ୍ତୁତ ହେଉଛେ, ସେମାନଙ୍କର ମନରେ କିଛି ନା କିଛି ଗୋପନୀୟତା ରହିଯାଇଛି । ସତ୍ୟ ପାଖରେ ମୁଁ ଚିର ନିଷ୍ଠୁର । ତେଣୁ ମତେ ବାଧ୍ୟହୋଇ ନିଷ୍ଠୁରତା ଅବଲମ୍ବନ କରି କାଲି ପ୍ରତ୍ୟୁଷରୁ ଦ୍ୱାରକାପୁରୀ ଫେରିଯିବା ପାଇଁ ହେବ ।''

ଯୁଧିଷ୍ଠିର ହାତଯୋଡ଼ି କହିଲେ —''ବାସୁଦେବ ! ଏ କି କପଟ ! ମଝିଦରିଆରେ ଛାଡ଼ିଦେଇ ଗ୍ୱଲିଯିବା କ'ଣ ବନ୍ଧୁତ୍ୱ ? ପ୍ରକୃତରେ କ'ଣ ତମେ ଗ୍ୱହଁ ?''

ଶ୍ରୀକୃଷ୍ଣ ମତେ ତୀର୍ଯ୍ୟକ ଦୃଷ୍ଟିରେ ଗ୍ୱହିଁ ହସୁଛିନ୍ତି ଏବଂ ମାୟା ହସୁଛି ତାଙ୍କ ହସ ସହ ତାଳ ଦେଇ । ମାୟା ଯେତେବେଳେ ଏପରି ହସେ ମୁଁ ଜାଣେ ଅଦୃଷ୍ଟ ହସୁଛି, ମାୟାର ହସ ଯେମିତି କପଟତାର ଗୋଟାଏ ଗନ୍ତାଘର !

ଶ୍ରୀକୃଷ୍ଣ ଗୁରୁଗମ୍ଭୀର କଣ୍ଠରେ କହିଲେ — ''ଏ ହେଉଛି ଧର୍ମଯୁଦ୍ଧ । ତେଣୁ ଯୁଦ୍ଧ ପୂର୍ବରୁ ମନକୁ ନିର୍ମଳ, ପବିତ୍ର, ଉନ୍ମୁକ୍ତ କରିଦେବାକୁ ହେବ । ତେବେ ଯାଇ ମୁଁ ଅର୍ଜୁନ ରଥରେ ସାରଥି ହେବି । ନଚେତ୍ ମତେ ବିଦାୟ ଦିଅ ।''

ଭୀମସେନ ବିରକ୍ତିପୂର୍ଣ୍ଣ ସ୍ୱରରେ କହିଲେ — ''ଏଇ ସାମାନ୍ୟ କଥା ପାଇଁ ଏତେ ଗୌରଚନ୍ଦ୍ରିକା କାହିଁକି ? ବର୍ତ୍ତମାନ ଆମେ ସମସ୍ତେ ସମସ୍ତଙ୍କର ମନର ଦୁର୍ବଳତା ସର୍ବ ସମ୍ମୁଖରେ ଖୋଲି କହିବୁ, ଏଇ କଥା ତ ? ବେଶ୍ ମୁଁ ଆରମ୍ଭ କରୁଛି —''

ଶ୍ରୀକୃଷ୍ଣ ବାଧାଦେଇ କହିଲେ — ''ନାଁ ନାଁ ସେପରି ନୁହେଁ, ବଡ଼ଭାଇଙ୍କଠାରୁ ହିଁ କଥାଟା ଆରମ୍ଭ ହେଉ —''

ଯୁଧିଷ୍ଠିର ତଳକୁ ମୁହଁପୋତି କହିଲେ — ''ଏ ପର୍ଯ୍ୟନ୍ତ ମଧ୍ୟ ମୁଁ ଗ୍ୱହେଁ, ଯୁଦ୍ଧ ନ ହେଉ । ଯୁଦ୍ଧ ବ୍ୟତିରେକେ ଯଦି ସମସ୍ୟାର ସମାଧାନ ହୋଇଯାଏ ମୁଁ, ଏବେ ମଧ୍ୟ ସେ ପ୍ରସ୍ତାବ ଗ୍ରହଣ କରିବି । ଯୁଦ୍ଧକୁ ଏଡ଼ାଇବା ପାଇଁ ମୁଁ ପଶାଖେଳରେ ପତ୍ନୀ ଦ୍ରୌପଦୀଙ୍କୁ ମଧ୍ୟ ହରାଇବାକୁ ପ୍ରସ୍ତୁତ ଥିଲି । ସେତେବେଳେ ଆମେ ବନବାସ କରିନଥିଲେ କୌରବମାନେ ଯୁଦ୍ଧକରି ଇନ୍ଦ୍ରପ୍ରସ୍ଥ ଅଧିକାର କରିବା ପାଇଁ ଚେଷ୍ଟା କରିଥା'ନ୍ତେ । କ୍ଷତ୍ରିୟକୁଳରେ ଜନ୍ମଲାଭ କରି ମଧ୍ୟ ଯୁଦ୍ଧ ପ୍ରତି ଘୋର ବିତୃଷ୍ଣା ମୋ ଚରିତ୍ରର ଦୁର୍ବଳତା ।''

ଅର୍ଜୁନ ତଳକୁ ମୁହଁ ପୋତି କହିଲେ — ''ମାତାଙ୍କ ବଚନ ରକ୍ଷାକରି ମୁଁ କୃଷ୍ଣାଙ୍କୁ ଭାଇମାନଙ୍କ ସହ ମିଳିତ ହୋଇ ବିବାହ କରି ସଂସାର ଅତିବାହିତ କରୁଥିଲେ ମଧ୍ୟ ବେଳେବେଳେ ସେଥିପାଇଁ ମନରେ କ୍ଷୋଭ ଆସେ । ଇଚ୍ଛାହୁଏ କୃଷ୍ଣା ଏକାନ୍ତ ଭାବରେ ମୋର ହୋଇଥା'ନ୍ତେ କି ! ଏପରି ଭାବିବା ମୋ ଚରିତ୍ରର ଦୁର୍ବଳତା ନିଶ୍ଚୟ ।''

Digitized by srujanika@gmail.com

ଭୀମ ସିଧାସଳଖ ମତେ ଗ୍ରହିଁ କହିଲେ — ''ଖାଦ୍ୟରେ ମୋର ଯେପରି ବେଶୀ ଭାଗ, କୃଷ୍ଣାଙ୍କୁ ଭୋଗ କରିବାରେ ମଧ୍ୟ ମୋର ଭାଗ କାହିଁକି ବେଶୀ ରଖାଗଲା ନାହିଁ ବୋଲି ମୁଁ କୃଷ୍ଣା ଏବଂ କୃଷ୍ଣଙ୍କ ଉପରେ ଭୀଷଣ କ୍ରୁଦ୍ଧ । ତା'ଛଡ଼ା ମୁଁ ଅଧିକ ମୁଠାଏ ଖାଏ ବୋଲି ମତେ ସବୁବେଳେ ହାଣ ମୁହଁକୁ ଠେଲି ଦିଆଯାଉଥିବାରୁ ମୋ ମନରେ ମାତା ଓ ଭ୍ରାତାଙ୍କ ଉପରେ ଘୋର ଅଭିମାନ ।''

ନକୁଳ ଲଜ୍ଜାବନତ ହୋଇ କହିଲେ — ''କୃଷ୍ଣା ରୂପରେ ମୋ'ଠାରୁ ମଧ୍ୟ ଶ୍ରେଷ୍ଠ ଏବଂ ଅନିନ୍ଦ୍ୟା ବୋଲି ମୋର ତାଙ୍କ ଉପରେ ଈର୍ଷାଭାଦ ଅଛି । ରୂପରେ ସେ ମୋ'ଠାରୁ ସାମାନ୍ୟ ଉଣା ହୋଇଥିଲେ ମୁଁ ଖୁସି ହୋଇଥା'ନ୍ତି ।''

ସହଦେବ ଉଦାସ ସ୍ୱରରେ କହିଲେ — ''ମୋର ଦୁର୍ବଳତା ହେଉଛନ୍ତି ମୋର ମାତା । କୁନ୍ତୀପୁତ୍ର ଭାବରେ ଆମେ ପରିଚିତ ହେବାର ଗର୍ବ ଅନୁଭବ କରୁ । କୁନ୍ତୀଙ୍କ ମାତୃସ୍ନେହର ପଟାନ୍ତର ନାହିଁ । ମାତ୍ର ଆମର ଜନ୍ମଦାତ୍ରୀ ପଞ୍ଚୁପତ୍ନୀ ମାଦ୍ରୀଙ୍କର ନାମ ଯେ ଧୀରେ ଧୀରେ ବିସ୍ମରଣ ହୋଇଯାଉଛି ଏବଂ ଦିନେ ଇତିହାସ ପୃଷ୍ଠାରୁ ଲୋପ ପାଇଯିବ ସେକଥା ଭାବି ବେଳେ ବେଳେ ଦୁଃଖ ହୁଏ । ପିତାମାତାଙ୍କ ସ୍ମୃତିକୁ ଅମର କରି ରଖିବା ପୁତ୍ରମାନଙ୍କର କର୍ତ୍ତବ୍ୟ । ତେଣୁ ମୋର ଏ ଦୁର୍ବଳତା କ'ଣ ସ୍ୱାଭାବିକ ନୁହେଁ ?''

ଶ୍ରୀକୃଷ୍ଣ ନିର୍ମଳ ହସଟିଏ ହସିଦେଇ କହିଲେ — ''ତମେମାନେ ସମସ୍ତେ ନିଃସଂକୋଚରେ ସତ୍ୟ ପ୍ରକାଶ କରିଥିବାରୁ ତମର ମୁଖ ଦର୍ପଣ ଭଳି ଝଟକୁଛି । ମୁଁ ଅତ୍ୟନ୍ତ ପ୍ରୀତ ହୋଇଛି ।''

''ତେବେ ଅର୍ଜୁନଙ୍କ ସାରଥି ହେବାରେ ଆପତ୍ତି ନାହିଁ ତ ବାସୁଦେବ ?''— ଭୀମସେନ ପ୍ରଶ୍ନ କଲେ ।

କୃଷ୍ଣ ମୁରୁକି ହସି ମୋ ଆଡ଼କୁ ଦୃଷ୍ଟି ନିକ୍ଷେପ କରି କହିଲେ — ''ସେକଥା ବର୍ତ୍ତମାନ କିପରି କହିବି ? ତମମାନଙ୍କର ପତିପ୍ରାଣା ଦ୍ରୌପଦୀ ଯେ ଏ ପର୍ଯ୍ୟନ୍ତ ନୀରବ ରହିଛନ୍ତି.....''

ମାୟା ମୋ ପଟିଆ ହୋଇ କହିଲା — ''ରାଜରାଣୀ କୃଷ୍ଣାଙ୍କୁ ଏ ଭିତରକୁ କାହିଁକି ଟାଣିଲେ ? ସେ ସ୍ତ୍ରୀଲୋକ ବୋଲି ଆପଣ କ'ଣ ଜାଣନ୍ତି ନାହିଁ ? ସ୍ତ୍ରୀଲୋକର ମନରେ କେତେବେଳେ କି ଭାବନା ଆସେ ତା'ର କିଛି ଠିକଣା ଅଛି ? ସବୁ ଭାବନାଗୁଡ଼ିକ ସର୍ବସମକ୍ଷରେ, ପୁଣି ସ୍ୱାମୀମାନଙ୍କ ସମକ୍ଷରେ କୌଣସି ସ୍ତ୍ରୀଲୋକ କେବେ କ'ଣ ପ୍ରକାଶ କରିପାରେ ?''

ଶ୍ରୀକୃଷ୍ଣ ହସି ହସି କହିଲେ — ''ମାୟା, ତମେ ସବୁଥିରେ ହସ୍ତକ୍ଷେପ କର କାହିଁକି ? କୃଷ୍ଣା ଏବଂ କୃଷ୍ଣ ଭିତରେ ଅନ୍ତରାୟ ସୃଷ୍ଟିକରି ଠିଆହେବା ତମର କ'ଣ

Digitized by srujanika@gmail.com

ଜନ୍ମଗତ ଅଭ୍ୟାସ ? ମୋ ଭଉଣୀ ସୁଭଦ୍ରା ପରି ବା ଅର୍ଜୁନ ଏବଂ ଗ୍ୱରିପାଣ୍ଡବଙ୍କର ଅନ୍ୟପତ୍ନୀମାନଙ୍କ ପରି କୃଷ୍ଣା କ'ଣ ସାଧାରଣ ନାରୀ ହୋଇଛନ୍ତି ? ସେ ଯେମିତି ରୂପବତୀ, ସେମିତି ବିଦୁଷୀ ଏବଂ ସତୀ ସାଧ୍ୱୀ । ସତୀ ନାରୀର ମନ ସୂର୍ଯ୍ୟାଲୋକ ଭଳି ନିର୍ମଳ । ସତୀ ନାରୀର ମନ-ଦର୍ପଣରେ ସ୍ୱାମୀ ଭିନ୍ନ ଅନ୍ୟ ପୁରୁଷର ଛାୟା ସୁଦ୍ଧା ପଡ଼େନାହିଁ । ମନ ଖୋଲିଦେବାରେ କୃଷ୍ଣା କୁଣ୍ଠିତା ହେବେ କାହିଁକି ? ସେଥିରେ ବରଂ ତାଙ୍କର ଗୌରବ ବଢ଼ିବ ଏବଂ ମୁଁ ମଧ୍ୟ ପାଣ୍ଡବମାନଙ୍କ ସପକ୍ଷରେ ରହିବା ପାଇଁ ପୁନର୍ବାର ରାଜି ହେବି ...''

ନୀରବ ଦ୍ୱନ୍ଦ୍ୱ ଭିତରେ ଭାବୁଥିଲି, କୃଷ୍ଣ ସମୟ ପଡ଼ିଲେ ଏତେ ବିପଜ୍ଜନକ ବି ହୋଇପାରନ୍ତି ? ରାତ୍ରି ପ୍ରଭାତ ହେଲେ ମହାସମର । ମୋର ସ୍ୱାମୀମାନେ ବର୍ତ୍ତମାନ ଅସ୍ଥିରଚିତ୍ତ ଏବଂ ଉଦ୍‌ବିଗ୍ନ । ସେ ଅବସ୍ଥାରେ ମୋ ମନର ସବୁକଥା ଖୋଲି କହିଲେ ତାଙ୍କ ମନର ଅସ୍ଥିରତାରେ ଅଦିନ ବାତ୍ୟାର ସ୍ପର୍ଶ ଲାଗିବ । ଆନ୍ଦୋଳିତ ମନନେଇ ମୁଁ ତାଙ୍କୁ ଯୁଦ୍ଧଭୂଇଁକୁ କିପରି ପଠାଇବି ? ଅବଶ୍ୟ ମୋ ମନର ଦୁର୍ବଳତା ପ୍ରକାଶ କରିବାରେ ମୋର କୁଣ୍ଠା ନାହିଁ, କିନ୍ତୁ ବର୍ତ୍ତମାନ ସମୟରେ ମତେ ଚତୁରତାର ସହ କୃଷ୍ଣଙ୍କ ଉତ୍ତର ଦେବାକୁ ପଡ଼ିବ । ଏକପକ୍ଷରେ କୃଷ୍ଣ ଆବଶ୍ୟକ, ଅନ୍ୟପକ୍ଷରେ ସ୍ୱାମୀମାନଙ୍କର ମନକୁ ସ୍ଥିର ଏବଂ ପ୍ରଶାନ୍ତ ରଖିବା ମୋର ଆଜି ପରମ କର୍ତ୍ତବ୍ୟ । କି ବିଷମ ସଙ୍କଟରେ ପକାଇଲେ ପରମ ସଖା ବାସୁଦେବ !

କୃଷ୍ଣ ହସି ହସି ପଗ୍ୱରୁଛନ୍ତି — ''ସଖି, ନୀରବ କାହିଁକି ? ତମ ମନର ଦୁର୍ବଳତା କ'ଣ ଅତ୍ୟନ୍ତ ଗରୁତର !''

ମୁଁ ସ୍ୱାମୀମାନଙ୍କୁ ନିର୍ମଳ ହୃଦୟରେ ସ୍ନେହପୂର୍ଣ୍ଣ ଦୃଷ୍ଟି ଢାଳି ଗ୍ରହିଁଲି ଏବଂ କହିଲି — ''ମାତା କୁନ୍ତୀଙ୍କଠାରୁ ଶୁଣିଛି କୃଷ୍ଣ ଅନ୍ତର୍ଯ୍ୟାମୀ । ସମସ୍ତଙ୍କର ମନକଥା ତାଙ୍କ ନଖଦର୍ପଣରେ । ପୁଣି ଶୁଣିଛି କୃଷ୍ଣ ଗର୍ବଗଞ୍ଜନ । କାହାର ଗର୍ବ ଅହଙ୍କାର ସେ ବରଦାସ୍ତ କରନ୍ତି ନାହିଁ । ତେଣୁ କୃଷ୍ଣା ମନର ଦର୍ପ ଚୁର୍ଣ୍ଣ କରିବାପାଇଁ ଆଜି ଏ ନାଟକ ରଚନା କରିଛନ୍ତି । କୃଷ୍ଣାର ମନ କୃଷ୍ଣଙ୍କୁ ଅଜଣା ନାହିଁ । ତଥାପି ଯଦି ସେ ମୋ ମୁହଁରେ ସବୁ ସ୍ୱୀକାର କରାଇବାକୁ ବର୍ଦ୍ଧପରିକର, ମୁଁ ମଧ୍ୟ କୁଣ୍ଠିତା ନୁହେଁ ।''

ସମସ୍ତେ କୌତୂହଳ ଓ ଆଗ୍ରହରେ ମୋ ମୁହଁକୁ ଗ୍ରହିଁ ରହିଛନ୍ତି । ମାୟା ମୁରୁକି ହସୁଛି । କୃଷ୍ଣ କିଛି ନ ଜାଣିବା ପରି ବାଳକସୁଲଭ ସରଳତା ନେଇ ମୋ କଥାକୁ କର୍ଣ୍ଣ ଡେରିଛନ୍ତି ।

ମୁଁ କହିଲି, ''ମୋ ମନରେ ଅନେକ ଦୁର୍ବଳତା । କାରଣ ମୁଁ ଦେବୀ ନୁହେଁ ମାନବୀ । ସବୁ ଗୋଟି ଗୋଟି କହିଲେ ମହାସମରର ମହାର୍ଘ ମୁହୂର୍ତ୍ତ ଗଡ଼ିଯିବ ।

Digitized by srujanika@gmail.com

ତେବେ ପ୍ରଧାନ କେତୋଟି ଦୁର୍ବଳତା ପ୍ରକାଶ କରୁଛି । ମୋ ହୃଦୟର ପ୍ରଥମ ଦୁର୍ବଳତା ପ୍ରିୟବାନ୍ଧବ ମଧୁସୂଦନ । ମୋର ଜନ୍ମ ସମୟରେ ନାମକରଣ ମୁହୂର୍ତ୍ତରୁ ହିଁ ମୁଁ ଜାଣିଥିଲି କେହି ଜଣେ ଆଲୌକିକ ପୁରୁଷ କୃଷ୍ଣ ସହ କୃଷ୍ଣାର ଅଦୃଶ୍ୟ, ଅପାର୍ଥିବ ଏବଂ ଅବିଚ୍ଛେଦ୍ୟ ସମ୍ପର୍କ ରହିଛି । ସେ ସମ୍ପର୍କ ସଂଜ୍ଞା ମତେ ଜଣାନାହିଁ । ଜାଣିଥିଲେ ଜାଣିଥିବେ କୃଷ୍ଣ । ମୋ ହୃଦୟର ଦୁର୍ବଳତା ଯେଉଁଠି, ମାତା କୁନ୍ତୀଙ୍କର ଦୁର୍ବଳତା ମଧ୍ୟ ସେଇଠି ।''

''ସେ ପୁଣି କ'ଣ ?'' କୃଷ୍ଣ ନିର୍ବୋଧ ବାଳକ ଭଳି ପଗ୍ଧରିଲେ ।

ମୁଁ ଶାନ୍ତ ଭାବରେ ଉତ୍ତର ଦେଲି — ''କୁନ୍ତୀପୁତ୍ର, କୁନ୍ତୀପୁତ୍ର ହିଁ ମୋର ଦ୍ୱିତୀୟ ଦୁର୍ବଳତା । ମୋର ଦୁର୍ବଳତା, ମୋର ନାରୀ ହୃଦୟର ସମ୍ବେଦନଶୀଳତା କୁନ୍ତୀପୁତ୍ରଙ୍କୁ ଅତିକ୍ରମ କରିଯାଇ ନାହିଁ । ମାତା କୁନ୍ତୀଙ୍କର ଦୁଃଖ ଦୁର୍ବଳତା ତାଙ୍କର ପୁତ୍ର । ପୁତ୍ର ପାଇଁ ସେ ସାରାଜୀବନ ଦୁଃଖ ପାଉଛନ୍ତି । ମାତାଙ୍କ ଦୁଃଖରେ ମୁଁ ମଧ୍ୟ ଦୁଃଖ ମିଶାଇ ଦେଇଛି । ଜ୍ୟେଷ୍ଠ କୁନ୍ତୀପୁତ୍ରଙ୍କଠାରୁ ଆରମ୍ଭ କରି କନିଷ୍ଠ କୁନ୍ତୀପୁତ୍ରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କଠାରେ ମୋର ଆକର୍ଷଣ ରହିଛି । ପ୍ରଚଣ୍ଡ ପୌରୁଷ ପ୍ରତି କେଉଁ ନାରୀ ବା ମୁହୂର୍ତ୍ତକ ପାଇଁ ଦୁର୍ବଳ ହୋଇ ନଯାଏ ! କିନ୍ତୁ ସେ ଦୁର୍ବଳତାରେ ଆଶା ପ୍ରତ୍ୟାଶା, ଆବିଳତାର ସ୍ପର୍ଶ ନାହିଁ, ଏକଥା କୃଷ୍ଣଙ୍କୁ ନିଶ୍ଚୟ ଜଣାଥିବ ।''

''ମୋର ତୃତୀୟ ଦୁର୍ବଳତା ତୃତୀୟ ପାଣ୍ଡବ ଅର୍ଜୁନ । ସେ ବୀର ଏବଂ ନମ୍ର ବୋଲି ପାଣ୍ଡବ ସଂସାରର ସବୁ ଗୁରୁଦାୟିତ୍ୱ ତାଙ୍କରି ଉପରେ ଲଦି ଦିଆଯାଏ । ତାଙ୍କର ଗୌରବରେ ଅନ୍ୟ ଗ୍ଧରିଭାଇ ଅଂଶୀଦାର ହୁଅନ୍ତି ବୋଲି ମୋର ମନରେ ବେଳେବେଳେ କ୍ଷୋଭ ଆସେ । ଯେତେବେଳେ ଦିବ୍ୟାସ୍ତ୍ର ସଂଗ୍ରହର ଭାର ଅର୍ଜୁନଙ୍କ ଉପରେ ନ୍ୟସ୍ତ କରାଗଲା, ସେତେବେଳେ ମୁଁ ସାଧାରଣ ନାରୀର ସ୍ୱାର୍ଥପରତା ନେଇ ଭାବିଥିଲି ପାଞ୍ଚଟି ଦିବ୍ୟାସ୍ତ୍ର ସଂଗ୍ରହ କରିବାର ଦାୟିତ୍ୱ ପଞ୍ଚପାଣ୍ଡବ ବାଣ୍ଟି ନେଲେ ନାହିଁ କାହିଁକି ? ଜଣକର ସାଧନାର ଫଳ ଗ୍ଧରିଜଣ ଭୋଗ କରିବେ କେଉଁ ନ୍ୟାୟରେ ? ଅବଶ୍ୟ ଏ ମୋର ଅତ୍ୟନ୍ତ ସଂକୀର୍ଣ୍ଣତାର ପରିଚୟ । ପଞ୍ଚପାଣ୍ଡବଙ୍କୁ ଏକତ୍ର ବାନ୍ଧି ରଖିବା ପାଇଁ ଜୀବନ ଉତ୍ସର୍ଗ କରି, ଅର୍ଜୁନ ପ୍ରେମରେ ଅନ୍ଧହୋଇ ମୁଁ ପୁଣି ସେମାନଙ୍କ ଭିତରେ ଭାଇଭାଗର ଚିନ୍ତା କରିଛି । ଅବଶ୍ୟ ପରମୁହୂର୍ତ୍ତରେ ଅନୁତାପ ଜଳରେ ମନର ସଂକୀର୍ଣ୍ଣତାକୁ ଧୋଇ ଦେଇ ନିଜକୁ ଧିକ୍‌କାର କରିଛି ।''

ନିଜର ସଂକୀର୍ଣ୍ଣତାକୁ ସ୍ୱାମୀମାନଙ୍କ ଆଗରେ ପ୍ରକାଶ କରି ଦେଉ ଦେଉ ମୋର ଚକ୍ଷୁ ସଜଳ ହୋଇଗଲା ।

ଲକ୍ଷ୍ୟକଲି ମୋର ପରମ ପ୍ରିୟ ଅର୍ଜୁନଙ୍କର ଦୃଷ୍ଟି ମଧ୍ୟ ଛଳ ଛଳ । ଦୁର୍ବଳତା ପ୍ରକାଶ କରି ଜୀବନ ମୋର ଧନ୍ୟ ହୋଇଛି ବୋଲି କୃଷ୍ଣଙ୍କୁ ମନେ ମନେ କୃତଜ୍ଞତା ଜଣାଇଲି ।

Digitized by srujanika@gmail.com

କୃଷ୍ଣ ପରମ ସ୍ନେହପୂର୍ଣ୍ଣ ଦୃଷ୍ଟି ନିକ୍ଷେପ କରି କହିଲେ — ''ଧନ୍ୟ ତମେ କୃଷ୍ଣା, କଥା କହିବାରେ କୃଷ୍ଣଙ୍କୁ ବି ତମେ ବଳିଗଲ । ଜ୍ୟେଷ୍ଠ କୁନ୍ତୀପୁତ୍ରଠାରୁ କନିଷ୍ଠ କୁନ୍ତୀପୁତ୍ର ପର୍ଯ୍ୟନ୍ତ ତମର ଆକର୍ଷଣ ପରିବ୍ୟାପ୍ତ — ଏ କଥା ପ୍ରକାଶ କରି ତମେ ନିର୍ମଳ ହୃଦୟର ପରିଚୟ ଦେଇଛ । ଏ ଉକ୍ତି ସମ୍ପର୍କରେ ଯୁଦ୍ଧ ପରେ ଆଉ ଦିନେ ବ୍ୟାଖ୍ୟା କରିବା ।''

କୃଷ୍ଣ ମୃଦୁ ମୃଦୁ ହସୁଥିଲେ । ପାଣ୍ଡବମାନେ ମୋ ସ୍ପଷ୍ଟୋକ୍ତିରେ ସନ୍ତୁଷ୍ଟ ହୋଇ ପ୍ରସନ୍ନ ଦିଶୁଥିଲେ ।

ମୁଁ ଅକସ୍ମାତ୍ କହିଲି — ''ପରମ ପୁରୁଷ କୃଷ୍ଣ କ'ଣ ସମସ୍ତଙ୍କ ଦୁର୍ବଳତାର ସନ୍ଧାନରେ ଜୀବନ ଉତ୍ସର୍ଗ କରିଛନ୍ତି ? ତାଙ୍କର କ'ଣ କିଛି ଦୁର୍ବଳତା ନାହିଁ ? ଆଜି ଯୁଦ୍ଧ ପୂର୍ବର ପବିତ୍ର ମୁହୂର୍ତ୍ତରେ ସେ ମଧ୍ୟ ମନକୁ ନିର୍ମଳ କରିଦିଅନ୍ତୁ ।''

ଭୀମସେନ ତାଳିମାରି ହସିଉଠିଲେ ଏବଂ କହିଲେ — ''କୃଷ୍ଣଙ୍କୁ ସାଧ୍ୟ କରିବାର ଶକ୍ତି କେବଳ କୃଷ୍ଣାଙ୍କର ଅଛି । କହ ବାଳକୃଷ୍ଣ, ତମର ଦୁର୍ବଳତା କେଉଁଠି ?''

କୃଷ୍ଣ ଲଜ୍ଜିତ ହେବାର ଅଭିନୟ କରି କହିଲେ, ''ମୋ ଦୁର୍ବଳତା ତ ସ୍ୱର୍ଗ ମର୍ତ୍ତ୍ୟ ପାତାଳ ତ୍ରିଭୁବନ ପରିବ୍ୟାପ୍ତ । ଏ ଅନନ୍ତ ବିଶ୍ୱବ୍ରହ୍ମାଣ୍ଡକୁ ନେଇ ଖେଳିବା ହିଁ ମୋର ଦୁର୍ବଳତା । ମତେ ଯିଏ ବେଶି ଭଲପାଏ, ତାକୁ ହିଁ ମୁଁ ବେଶି ଅପଦସ୍ତ କରେ । ମୁଁ ଯାହାକୁ ବେଶି ଭଲପାଏ, ତାକୁ ହିଁ ବିପଦରେ ପକାଏ । ଯିଏ ଭାବେ 'କୃଷ୍ଣ ମୋର' ମୁଁ ତା' ପାଖରେ ମାୟା ହୋଇଯାଏ, ଯିଏ ଭାବେ 'ମୁଁ କୃଷ୍ଣର' ମୁଁ ତା' ପାଖରେ ବନ୍ଧା ପଡ଼ିଥାଏ.... ମୁଁ ଯାହାକୁ ଗଢ଼େ, ତାକୁ ହିଁ ଭାଙ୍ଗେ — ସେଇ ମୋର ଆନନ୍ଦ....''

ଭୀମସେନ ଦୁଇହାତ ଯୋଡ଼ି କହିଲେ — ''ଥାଉ ଥାଉ ବାଳକୃଷ୍ଣ, ତମର ଦୁର୍ବଳତାର ତାଲିକା ଶୁଣୁ ଶୁଣୁ ଆମର ହୃଦୟ ଦୁର୍ବଳ ହୋଇଯାଉଛି । କାରଣ ଆମେ ତମକୁ ଭଲପାଉ — ଆମେ ତମକୁ ଆପଣାର ଭାବୁ — ଆମ ସଂସାରକୁ ତମେ ହିଁ ପ୍ରତି ପଦେ ପଦେ ଗଢ଼ିଛ — ଯଦି ପୁଣି ଭାଙ୍ଗିଦିଅ ...''

ଦେଖିଲି ଯୁଧିଷ୍ଠିର ଏବଂ ଅର୍ଜୁନ ଦୁଇହାତ ଯୋଡ଼ି କୃଷ୍ଣଙ୍କୁ ପ୍ରଣାମ କରୁଛନ୍ତି ।

ଯୁଦ୍ଧର ପୂର୍ବ ମୁହୂର୍ତ୍ତରେ କୃଷ୍ଣଙ୍କ ମସ୍ତକ ଚତୁଃପାର୍ଶ୍ୱରେ ଏକ ସ୍ୱର୍ଗୀୟ ଜ୍ୟୋତିବଳୟ ସ୍ପଷ୍ଟ ଦିଶୁଛି । ନୈସର୍ଗିକ ସୌନ୍ଦର୍ଯ୍ୟର ଆଭାରେ କୃଷ୍ଣ ଅପୂର୍ବ ରୂପ ଧାରଣ କରିଛନ୍ତି । ସମସ୍ତଙ୍କର ଅଶାନ୍ତ ଅସ୍ଥିର ଉଦ୍‌ବିଗ୍ନ ହୃଦୟ ସେଇ ରୂପ ଦର୍ଶନରେ ନିମିଷକରେ ପ୍ରଶାନ୍ତ ହୋଇଗଲା ।

ଯୁଦ୍ଧ ପୂର୍ବରୁ ଏହାହିଁ ପାଣ୍ଡବମାନଙ୍କର ଆବଶ୍ୟକ ଥିଲା ।

Digitized by srujanika@gmail.com

॥ ୫୦ ॥

ଅନନ୍ତ ଅଜେୟ ମହାକାଳ । ତା' ଭିତରେ ମାତ୍ର ଅଠରଟି ଦିବସ କେତେ ନଗଣ୍ୟ — କେତେ କ୍ଷୁଦ୍ର ! ଦୃଷ୍ଟିର ପଲକ ପରି ଅଠରଟି ଦିବସ ଯୁଦ୍ଧର ଭୟାବହତା ଭିତରେ କେତେ କ୍ଷିପ୍ର ଗତିରେ କାଳସ୍ରୋତରେ ମିଶି ପ୍ରବାହିତ ହୋଇଗଲା !

ସମୟ-ସମୁଦ୍ରର ସେଇ କ୍ଷୁଦ୍ର ଅଠର ଦିବସର ସ୍ରୋତଟି ସବୁ କିଛି ନିଶ୍ଚିହ୍ନ କରିଦେଇଗଲା, ସବୁକିଛି ସମାପ୍ତ କରିଦେଲା । ମହାକାଳର ମହାସମୁଦ୍ରରେ କ୍ଷୁଦ୍ର ଢେଉଟିଏ କୁରୁକ୍ଷେତ୍ର ମହାସମର, ବହିଗଲା, ସମର ସମାପ୍ତ ହେଲା । ଏକପକ୍ଷରେ ଦାରୁଣ ପରାଜୟ, ଅନ୍ୟ ପକ୍ଷରେ ବିକଟ ବିଜୟ !

ବିଜୟ ପୁଣି ଏତେ ବିକଟ, ଏତେ ଭୟଙ୍କର, ଏତେ ହାହାକାରମୟ ହୋଇପାରେ ! ଜନମାନବଶୂନ୍ୟ ବସୁନ୍ଧରା । ଶତ୍ରୁ, ମିତ୍ର, ପାପୀ, ପୁଣ୍ୟାତ୍ମା, ଜ୍ଞାନୀ, ଅଜ୍ଞାନ, ବୀର, କାପୁରୁଷ, ଯୁବକ, ବୃଦ୍ଧ, ପିତା, ଭ୍ରାତା, ଗୁରୁ, ସ୍ୱାମୀ, ସନ୍ତାନ, ସମସ୍ତଙ୍କୁ ମହାସମର ଲହ ଲହ ଜିହ୍ୱା ପ୍ରସାରି ଗ୍ରାସ କରିଯାଇଛି ।

କାହାକୁ ନେଇ କରିବି ବିଜୟର ମହୋତ୍ସବ ? ଯେଉଁମାନଙ୍କୁ ଅଧିକ ଭଲପାଇଲି, ସେମାନଙ୍କୁ ହିଁ ମହାକାଳ ଛଡ଼ାଇ ନେଲା ମୋ ହାତରୁ । ମୋର ପିତା ଦ୍ରୁପଦ, ଭ୍ରାତା ଶ୍ରୀଖଣ୍ଡି, ଧୃଷ୍ଟଦ୍ୟୁମ୍ନ, ଧୃଷ୍ଟଦ୍ୟୁମ୍ନଙ୍କର ପୁତ୍ରମାନେ, ବନ୍ଧୁ ବିରାଟ ଏବଂ ତାଙ୍କର ପୁତ୍ରମାନେ, ମୋର ପୁତ୍ର ବାଳକ ଅଭିମନ୍ୟୁ, ବକ୍ଷଦେଶର ତିଳଚିହ୍ନ ଭଳି ମୋ ହୃଦୟର ଏକ ନିଭୃତ କୋମଳ ଭାବନା — କୁନ୍ତୀଙ୍କର ପରମ ଦୁର୍ବଳତା ବୀର କର୍ଣ୍ଣ, ଆର୍ଯ୍ୟାବର୍ତ୍ତର ଅଗଣିତ ରାଜଭକ୍ତ ପ୍ରଜା, ଦେଶଭକ୍ତ ଯୋଦ୍ଧା, ପୁତ୍ର ଘଟୋତ୍କଚ, ବେଲାଳସେନ, ଇରାବାନ ଏଭଂ ସର୍ବଶେଷରେ ମୋର ପଞ୍ଚପ୍ରାଣ ବାଳୁତ ପଞ୍ଚପୁତ୍ର ଯୁଦ୍ଧରେ ନିହତ ହୋଇଛନ୍ତି । ନିଷ୍ପାପ କୋମଳ ଶିଶୁ ପ୍ରସ୍ଫୁଟିତ ହେବା ଆଗରୁ ସମରବିଳାସୀ ଅନ୍ଧ ମଣିଷର ରକ୍ତପିପାସା ମେଣ୍ଟାଇବା ପାଇଁ ସମର ପ୍ରାଙ୍ଗଣରେ ଝରିଯାଇଛନ୍ତି । କୌରବମାନଙ୍କର ପକ୍ଷରୁ ଏଗାର ଅକ୍ଷୌହିଣୀ ଏବଂ ପାଣ୍ଡବମାନଙ୍କର ପକ୍ଷରୁ ସାତ ଅକ୍ଷୌହିଣୀ ସେନା ଯୁଦ୍ଧଭୂମିର ରକ୍ତନଦୀରେ ଚିରନିଦ୍ରା ଯାଇଛନ୍ତି । ବୀରମାନଙ୍କ ମଧ୍ୟରୁ କୌରବ ପକ୍ଷରେ କୃତବର୍ମା, କୃପାଗ୍ୟର୍ଯ୍ୟ ଏବଂ ମୋ ପୁତ୍ରମାନଙ୍କର ହତ୍ୟାକାରୀ ଅଶ୍ୱତ୍‌ଥାମା ଏବଂ ପାଣ୍ଡବମାନଙ୍କ ପକ୍ଷରେ ପଞ୍ଚପାଣ୍ଡବ, କୃଷ୍ଣ ଓ ସାତ୍ୟକି ଯୁଦ୍ଧ ଶେଷବେଳକୁ କେବଳ ଜୀବିତ ଅଛନ୍ତି ।

ଆଖିର ପଲକ ପରି ଦୁଃଖ, ଆଶା, ନିରାଶା ଆସେ — ଯାଏ । ଯୁଦ୍ଧର ପ୍ରତ୍ୟେକଟି ଦିନ ଦୁଃଖ ସୁଖ, ଆଶା ନିରାଶା ଭିତରେ ଉତ୍ତେଜନାମୟ ହୋଇ ଉଠିଥିଲା ।

Digitized by srujanika@gmail.com

ପ୍ରତି ମୁହୂର୍ତ୍ତରେ ଆସୁଥିଲା ସୁଖର ସମ୍ବାଦ ପୁଣି ପରେ ପରେ ଦୁଃସମ୍ବାଦ । ମୁଁ ଜାଣିଥିଲି ଧର୍ମ ଯେଉଁଠି କୃଷ୍ଣ ସେଇଠି, କୃଷ୍ଣ ଯେଉଁଠି ବିଜୟ ସେଇଠି । ବିଜୟ ମୋର ହାତପାହାନ୍ତାରେ ଲୁଚକାଳି ଖେଳୁଥିଲେ ବି ଜାଣିଥିଲି ବିଜୟ ମୋର । ସୁଖ, ଐଶ୍ୱର୍ଯ୍ୟ, ରାଜ୍ୟ ଏବଂ ସମ୍ମାନ ମୋର, କାରଣ ମୁଁ ଧର୍ମବନ୍ତ ପଞ୍ଚପାଣ୍ଡବଙ୍କର ସ୍ତ୍ରୀ, ଧୃଷ୍ଟଦ୍ୟୁମ୍ନର ଭଗ୍ନୀ, ଅଭିମନ୍ୟୁର ଜନନୀ ଏବଂ କୃଷ୍ଣଙ୍କର ସଖୀ । କିନ୍ତୁ ଜାଣିନଥିଲି ବିଜୟ ଏପରି ନିଃସ୍ୱ କରିଦେବ ମତେ ।

ଯୁଦ୍ଧ ପାଇଁ ମୁଁ ପାଣ୍ଡବମାନଙ୍କୁ ପ୍ରୋତ୍ସାହିତ କରିଥିଲି, କିନ୍ତୁ ରାଜ୍ୟ ବା ଧନ ଐଶ୍ୱର୍ଯ୍ୟ ମୋର ଲକ୍ଷ୍ୟ ନଥିଲା । ଅପମାନର ପ୍ରତିଶୋଧ ନେବା ଏବଂ ଦୋଷୀ ଦଣ୍ଡିତ ହେବା ହିଁ ମୋର ଲକ୍ଷ୍ୟ ଥିଲା । ଅପମାନର ପ୍ରତିଶୋଧ ନେଲି ଏବଂ ଦୋଷୀ ଦଣ୍ଡିତ ହେଲା — କିନ୍ତୁ ମୁଁ ପାଇଲି କ'ଣ ? ଧର୍ମଯୁଦ୍ଧରେ ଦୋଷୀ ଦଣ୍ଡିତ ହୁଏ, କିନ୍ତୁ ନିର୍ଦ୍ଦୋଷ ଯେ ଦଣ୍ଡ ପାଏନାହିଁ, ଏକଥା କେଉଁଠି ଲେଖା ଅଛି ?

କି ଦୋଷ କରିଥିଲା ମୋର ପୁତ୍ର ବାଳକ ଅଭିମନ୍ୟୁ ? ଅର୍ଜୁନଙ୍କର ରୂପ, ଗୁଣ ଓ ବୀରତ୍ୱ ନେଇ ଜନ୍ମ ହୋଇଥିବାରୁ ତା' ପ୍ରତି ମୋର ବେଶୀ ଆକର୍ଷଣ । ଚକ୍ରବ୍ୟୂହରେ ପ୍ରବେଶ କରିବା ତାକୁ ଜଣା, ଫେରିବାର ପଥ ତାକୁ ଜଣାନାହିଁ । ଅଥଚ ଯୁଧିଷ୍ଠିର ଏଭଳି କୋମଳ ଶିଶୁକୁ ଅର୍ଜୁନଙ୍କ ଅନୁପସ୍ଥିତିରେ ସପ୍ତରଥୀଙ୍କ ସହ ଲଢ଼ିବା ପାଇଁ ପଠାଇଦେଲେ କେମିତି ? ପଠାଇବା ଆଗରୁ ପଘ୍ମରି ବୁଝିଥିଲେ କି ଚକ୍ରବ୍ୟୂହ ଭେଦ କରିବାର ଏବଂ ପ୍ରସ୍ଥାନ କରିବାର କୌଶଳ ତାକୁ ଜଣାଅଛି କି ନା । ସବୁବେଳେ ହାଣ ମୁହଁକୁ ଯିବେ ଅର୍ଜୁନ, ନଚେତ୍ ତାଙ୍କର ପୁତ୍ର ! ଯୁଧିଷ୍ଠିର କେଉଁ ଉପାଦାନରେ ଗଢ଼ା ! ତାଙ୍କର କ'ଣ ହୃଦୟ ନାହିଁ, ବିଗ୍ଧରବୁଦ୍ଧି ନାହିଁ ? ଧର୍ମବନ୍ତ ପୁରୁଷମାନେ କ'ଣ ନିଷ୍ଠୁର ?

ବିରାଟ ନଗରରେ ପୁତ୍ରମାନଙ୍କଠାରୁ ଦୂରରେ ରହି ଆଶ୍ରୟ ନେଇଥିବା ବେଳେ ବିରାଟ ରାଜପୁତ୍ର ଉତ୍ତର ଏବଂ ରାଜକନ୍ୟା ଉତ୍ତରାକୁ ପୁତ୍ର କନ୍ୟାବତ୍ ସ୍ନେହ କରିଥିଲି । ଉତ୍ତରାକୁ ବୋହୂ କରିଆଣିଥିଲି ଅନେକ ସୁଖର କାହାଣୀ ଶୁଣାଇ । ଉତ୍ତର ଏବଂ ତା'ର ଭାଇ ଯୁଦ୍ଧରେ ମୃତ । କିଶୋରୀ ଉତ୍ତରା ଅନ୍ତସତ୍ତ୍ୱା ଥିବା ଅବସ୍ଥାରେ ହରାଇଛି ସ୍ୱାମୀ ବୀର ଅଭିମନ୍ୟୁକୁ । କେମିତି ଧୈର୍ଯ୍ୟ ଧରିବି ମୁଁ ? ସୁଭଦ୍ରା ଚିରଦିନ ଭାଗ୍ୟ-ବାଦିନୀ ଏବଂ ନିରୀହା । ଏକମାତ୍ର ପୁତ୍ର ଅଭିମନ୍ୟୁର ମୃତ୍ୟୁ ପରେ ସେ ବାକ୍‌ଶକ୍ତି ହରାଇଛି । ଉତ୍ତରା ତ ପାଗଳିନୀ ପାଲଟିଛି । ଅର୍ଜୁନ ଶୋକାଭିଭୂତ । ଯୁଧିଷ୍ଠିର ନୀରବ, ନିର୍ବିକାର ।

Digitized by srujanika@gmail.com

ପୁତ୍ର ଅଭିମନ୍ୟୁର ମୃତ୍ୟୁକୁ ନାରକୀୟ ହତ୍ୟା ମନେକରିବା ବୋଧହୁଏ ବେଶୀ ସଙ୍ଗତ । ସପ୍ତରଥୀ ମିଶି ତାକୁ ହତ୍ୟା କରିଛନ୍ତି ଏବଂ ସେ ହତ୍ୟାକାଣ୍ଡର ପ୍ରଧାନ ନାୟକ କୁନ୍ତୀପୁତ୍ର, ଅଭିମନ୍ୟୁର ବଡ଼ବାପା, ବୀର କର୍ଣ୍ଣ !

ଅଭିମନ୍ୟୁର ମୃତ୍ୟୁଶୋକରେ ଭାଙ୍ଗିପଡ଼ିବା ବେଳେ ଭାବୁଥିଲି କର୍ଣ୍ଣଙ୍କର ମୃତ୍ୟୁରେ ହୁଏତ ଏ ଶୋକ ଲାଘବ ହେବ । କର୍ଣ୍ଣଙ୍କର ମୃତ୍ୟୁ ସମ୍ବାଦ ପହଞ୍ଚିଛି । କର୍ଣ୍ଣଙ୍କ ରଥଚକ୍ର ଭୂମିରେ ଦବିଯିବାରୁ ରଥଚକ୍ରକୁ ଉତ୍ତୋଳନ କରୁଥିବା ଅବସ୍ଥାରେ କୃଷ୍ଣଙ୍କ ନିର୍ଦ୍ଦେଶରେ ନିରସ୍ତ୍ର କର୍ଣ୍ଣଙ୍କୁ ହତ୍ୟା କରିଛନ୍ତି ମୋର ସ୍ୱାମୀ ଅର୍ଜୁନ ! ଅର୍ଜୁନ ଏପରି କଲେ କାହିଁକି ? ମାତା କୁନ୍ତୀଙ୍କର ଜ୍ୟେଷ୍ଠପୁତ୍ରକୁ ନିରସ୍ତ୍ର ଅବସ୍ଥାରେ ହତ୍ୟା କଲେ ଧର୍ମଯୁଦ୍ଧ କ୍ଷେତ୍ରରେ ! କର୍ଣ୍ଣଙ୍କର ମୃତ୍ୟୁ ସମ୍ବାଦ ପୁତ୍ର ଅଭିମନ୍ୟୁର ବିଚ୍ଛେଦ ଦୁଃଖ ଉଣା କଲାନାହିଁ ତ — ବରଂ କର୍ଣ୍ଣଙ୍କର ଏପରି ଅସହାୟ ଅବସ୍ଥାରେ ମୃତ୍ୟୁ ହେବା ଯୋଗୁଁ ଦୁଃଖର ଭାରା ଦ୍ୱିଗୁଣିତ ହେଲା ।

ହୃଦୟରେ ପଥର ଗୁପି ସହି ନେଲି କର୍ଣ୍ଣଙ୍କର ମୃତ୍ୟୁଶୋକ । ଭାବିଲି ଦୁଃଶାସନର ମୃତ୍ୟୁ ହିଁ ମୋ ଦୁଃଖ ଉଣା କରିବ । ମରିଛି ଦୁଃଶାସନ । ଦୁଃଶାସନର ରକ୍ତରେ ସ୍ନାନ କରିବି ବୋଲି ଦିନେ ଅପମାନରେ ଜର୍ଜରିତା ହୋଇ ପଣ କରିଥିଲି । ଭୀମସେନ ତାଙ୍କ ପ୍ରତିଜ୍ଞା ରକ୍ଷାକରି ଗଦା ପ୍ରହାରରେ ଦୁଃଶାସନର ଉରୁଭଙ୍ଗ କରି, ଆଞ୍ଜୁଳାରେ ଦୁଷ୍ଟ ଦୁଃଶାସନର ତାଜା ରକ୍ତ ଭରି ମୋର ମୁକ୍ତକେଶକୁ ରକ୍ତରେ ପଖାଳି ଦେଇଛନ୍ତି । ଅପମାନଜର୍ଜର ହୃଦୟର ଜ୍ୱାଳା ପ୍ରଶମିତ ହୋଇଛି, କିନ୍ତୁ ପ୍ରଶାନ୍ତ ହୋଇନାହିଁ ।

ମୋର ମୁକ୍ତକେଶର ଶିରାରେ ଶିରାରେ ଭେଦି ଯାଉଥାଏ ଦୁଃଶାସନର ତାଜା, ଉଷ୍ଣ, ଲାଲ ରକ୍ତ । କାନ୍ଧ ଏବଂ ମୁହଁ ଦେଇ ଭାସିଯାଉଥାଏ ମଣିଷ ରକ୍ତର ଧାର ମୋର ଶରୀର ଉପରେ । ତତକା ରକ୍ତର ଆଇଁଷିଣା ଗନ୍ଧରେ ଲୋମ ଟାଙ୍କୁରି ଉଠୁଥାଏ । ଗୋଟାଏ ବିଭତ୍ସ ଉଲ୍ଲାସ ଭିତରେ ମନର ସମସ୍ତ କୋମଳତା ଭସ୍ମ ହୋଇଯାଉଥାଏ । କିନ୍ତୁ ହୃଦୟର ଜ୍ୱଳନ କମିବା ପରିବର୍ତ୍ତେ ଲେଲିହାନ ଶିଖା ତୋଳି ଅଧିକ ପ୍ରଜ୍ୱଳିତ ହେଉଥାଏ ।

ଦିନେ ଭାବୁଥିଲି ଅସଭ୍ୟ ଦୁଃଶାସନର ରକ୍ତପାନ କଲେ ହୃଦୟ ଶାନ୍ତ ହେବ । ଆଜି ଅନୁଭବ କରୁଛି ରକ୍ତପାନରେ ପଶୁର ହୃଦୟ ହିଁ ତୃପ୍ତ ହୁଏ । ଯାହା ଭିତରେ କଣିକାଏ ମନୁଷ୍ୟତ୍ୱ ଥାଏ, ସେ କେବେ ମଣିଷର ରକ୍ତ ନେଇ ଖେଳିବାରେ ଶାନ୍ତି ପାଏ ନାହିଁ । ଯେତେ ପ୍ରତିହିଂସା ପରାୟଣା ହେଲେ ମଧ୍ୟ ମୁଁ ତ ନାରୀ — ମଣିଷ ରକ୍ତରେ ସ୍ନାନ କରି ଶାନ୍ତି ପାଇବି କିପରି ? ବରଂ ଗୋଟାଏ ବିବଶତା, ବିତୃଷ୍ଣାଭାବ, ଜୀବନ

Digitized by srujanika@gmail.com

ପ୍ରତି ତୁଚ୍ଛତା ଏବଂ ଅବଦମିତ ପଶ୍ଚାତ୍ତାପ ଓ ଦୁଃଖରେ ମୁଁ ଅବଶ ହୋଇଯାଇଥାଏ । ଭୀମସେନଙ୍କ ଭୀମମୂର୍ତ୍ତି ଏବଂ ଦୁଃଶାସନର ଲାଲ ରକ୍ତ ମୋ ଭିତରେ ଭୀତି ସଞ୍ଚାର କରୁଥାଏ, ମଣିଷ ଭିତରର ପଶୁତ୍ୱ ପ୍ରତି ଭୟଙ୍କର ଶଙ୍କା ଜାଗ୍ରତ କରୁଥାଏ । ମୁଁ ଭାବୁଥାଏ, ଏମିତି ଲାଲ ହୋଇଥିବ ମୋ ପୁତ୍ର ଅଭିମନ୍ୟୁର ରକ୍ତ, ମୋର ପିତା, ବନ୍ଧୁ, ସହୋଦରର ରକ୍ତ । ଏମିତି ବହିଯାଇଥିବ ସେ ରକ୍ତ ଧରିତ୍ରୀର ବକ୍ଷଭେଦ କରି । ଧରିତ୍ରୀ କେବେ ମଣିଷ ରକ୍ତ ପାନ କରି ତୁଷ୍ଟ ହେଉନଥିବ । ସେ ତ ଜନନୀ, ଜୀବନଦାତ୍ରୀ, ବୀରପ୍ରସବିନୀ ।

ବୀରରକ୍ତରେ ବାରମ୍ବାର ରଞ୍ଜିତ ହୁଏ ଧରିତ୍ରୀ । ମଣିଷର ସଂକୀର୍ଣ୍ଣ ସ୍ୱାର୍ଥପରତା ନେଇ, ମଣିଷର ରକ୍ତ ଭେଦିଯାଏ ତା'ର ବକ୍ଷରେ । କିନ୍ତୁ ତା'ର ଯେ କି ଦୁଃଖ, କେତେ ବେଦନା, ସେକଥା କ'ଣ ବୁଝିପାରେ ଅନ୍ଧ ମଣିଷ ! ରକ୍ତପାତ, ମୃତ୍ୟୁ, ଭୟଙ୍କରତା କୌଣସି ଦିନ କାହାରିକୁ ଶାନ୍ତି ଦିଏ ନାହିଁ, କାହାରି ହୃଦୟର ଜ୍ୱାଳାକୁ ପ୍ରଶମିତ କରେ ନାହିଁ ବୋଲି ଆଜି ବୁଝୁଛି ଦୁଃଶାସନର ରକ୍ତରେ ସ୍ନାନ କରି । ଆଉ ଆଞ୍ଜୁଳାଏ ରକ୍ତ ଆଣି ଭୀମସେନ ମୋର କେଶରେ ଢାଳି ଦେଲା ବେଳେ ମୁଁ ଚିତ୍କାର କଲି — "ଥାଉ ଥାଉ, ମତେ ବଞ୍ଚିବାକୁ ଦିଅ, ମତେ ଦୂରକୁ କେଉଁ ଅନ୍ୟ ପୃଥିବୀକୁ ନେଇଯାଅ । ସ୍ୱାମୀ, ମୁଁ ଆଉ ସହ୍ୟ କରିପାରୁନାହିଁ । ଦୁଃଶାସନର ରକ୍ତ ଭିତରେ ମୁଁ ଅଭିମନ୍ୟୁର ରକ୍ତର ବାସ୍ନା ଆଘ୍ରାଣ କରୁଛି, ସାରା ସଂସାରର ମଣିଷ ରକ୍ତ ସମାନ ବୋଲି ଅନୁଭବ କରୁଛି—ମତେ ରାକ୍ଷସୀ କରିଦିଅନା — " ମୁଁ ମୂର୍ଚ୍ଛା ଯାଇଥିଲି ।

ଶିବିରରେ ଚେତନା ଫେରିବା ପରେ ଅନୁଭବ କଲି ମୋର ମୁଣ୍ଡ ପାଖରେ କେହି ବସିଛି । କପାଳରେ କାହାର କୋମଳ କରସ୍ପର୍ଶ । ଆଖିରୁ ଝର ଝର ଅଶ୍ରୁ ଝରିପଡ଼ିଲା । ରକ୍ତର ଗନ୍ଧ ତେବେ ବି ମତେ ବିବଶ କରିଦେଉଥାଏ ।

ସଖାଙ୍କର କଣ୍ଠସ୍ୱର ଶୁଣିଲି । ସେ କହୁଛନ୍ତି — "ସଖି, ଧୈର୍ଯ୍ୟଧର । ଦୁଷ୍ଟନାଶନ, ପାପମୋଚନ, ଅନ୍ୟାୟଖଣ୍ଡନ ମହାକାଳର ଧର୍ମ । ଦୁଃଶାସନ ଭଳି ଦୁଷ୍ଟମାନଙ୍କ ମୃତ୍ୟୁରେ ପୃଥିବୀ ପାପଶୂନ୍ୟ ହେବ । ପୃଥିବୀରେ ପୁନଃ ଧର୍ମ ସଂସ୍ଥାପନ ହେବ । ତାହାହିଁ ମୋ ଜୀବନର ଏବଂ ତୁମ ଜୀବନର ଲକ୍ଷ୍ୟ । ମହାକାଳ ନିୟତିର ନିର୍ଦ୍ଦେଶରେ ଦୁଷ୍ଟସଂହାର କରିଗ୍ଲିଛି । ତମଭଳି ବିଦୁଷୀ ରମଣୀ ଏପରି ଧୈର୍ଯ୍ୟହରା ହେବା ଶୋଭନୀୟ ନୁହେଁ ।"

ମୁଁ ଶୋକରେ ଭାଙ୍ଗିପଡ଼ିଲି । କହିଲି — "ସଖା, ମୋର ପୁତ୍ର ଅଭିମନ୍ୟୁ କାହିଁ ? ସେ କି ପାପ କରିଥିଲା ? ତାକୁ କାହିଁକି ମହାକାଳ ସଂହାର କରିଛି ? ତା'ର ମୃତ୍ୟୁରେ ପୃଥିବୀ କ'ଣ ପାପଶୂନ୍ୟ ହୋଇଛି ?"

Digitized by srujanika@gmail.com

କୃଷ୍ଣ ଦୀର୍ଘଶ୍ୱାସ ଛାଡ଼ି କହିଲେ — ''ସଖି, ଯୁଦ୍ଧର ତାହାହିଁ ଦାରୁଣ ପରିଣତି । ପୃଥିବୀର ମଙ୍ଗଳ ପାଇଁ ଦୁଷ୍ଟନାଶନ ପଥରେ ସାଧୁସଜ୍ଜନଙ୍କ ତ୍ୟାଗ ଆବଶ୍ୟକ ହୁଏ । ବିଶ୍ୱକଲ୍ୟାଣ ପାଇଁ ବ୍ୟକ୍ତିସ୍ୱାର୍ଥକୁ ଜଳାଞ୍ଜଳି ଦେବାକୁ ହୁଏ । ବ୍ୟକ୍ତିକୁ ପ୍ରାଣବଳି ଦେବାକୁ ହୁଏ । ବିଶ୍ୱକଲ୍ୟାଣ ପଥରେ ଅଭିମନ୍ୟୁ ପ୍ରାଣବଳି ଦେଇଛି । ବୀରୋଚିତ ମୃତ୍ୟୁବରଣ କରି ସ୍ୱର୍ଗଲୋକ ପ୍ରାପ୍ତ ହୋଇଛି । ପୃଥିବୀ ଇତିହାସରେ ଅଭିମନ୍ୟୁର ନାମ ଚିରଭାସ୍ୱର ହୋଇ ରହିବ ।''

ମୁଁ ଅଭିଯୋଗଭରା ବିଳାପର ଧ୍ୱନି ତୋଳି କହିଲି — ''ଇତିହାସ ପୃଷ୍ଠାରେ ପୁତ୍ର ବଞ୍ଚିରହିଲେ ମା'ର ଶୋକ ଉଣା ହୁଏ ନାହିଁ । ବିରୋଚିତ ମୃତ୍ୟୁବରଣ କରି ଅମର ହେବ ବୋଲି କୌଣସି ମା' ପୁତ୍ରର ମୃତ୍ୟୁ କାମନା କରେ ନାହିଁ । ତମେ ତ ପୁରୁଷ, ମା'ର ମନ କିପରି ବୁଝିବ ?''

କୃଷ୍ଣ ମ୍ଳାନ ହସି କହିଲେ — ''ଯାଜ୍ଞସେନି ! ମୁଁ ଅଭିମନ୍ୟୁର ମାତୁଳ । ତମେମାନେ ବନବାସ କରିବା ଦିନଠୁ ମୁଁ ତାକୁ ପାଖରେ ରଖିଥିଲି । ତା'ର ଲାଳନ ପାଳନ, ଶିକ୍ଷା, ଯୁଦ୍ଧବିଦ୍ୟାର ସମସ୍ତ ଦାୟିତ୍ୱ ନେଇ ସଖା ଅର୍ଜୁନଙ୍କର ଯୋଗ୍ୟ ଦାୟାଦକରି ଗଢୁଥିଲି । ମୁଁ ତା'ର କେବଳ ମାତୁଳ ନଥିଲି , ମୁଁ ଥିଲି ତା'ର ପିତା, ମାତା, ଗୁରୁ ଏବଂ ବନ୍ଧୁ । ତା'ର ମୃତ୍ୟୁ ମତେ ବେଶି ଦୁଃଖ ଦେବାର କଥା । କିନ୍ତୁ ମୁଁ କାଳର ଗତି ସମ୍ପର୍କରେ ସମସ୍ତ ଜାଣେ ବୋଲି ମୃତ୍ୟୁ ପାଇଁ ଶୋକ କରୁନାହିଁ । ତମେ ଧୈର୍ଯ୍ୟ ଧର । ତମେ ଏପରି ହେଲେ ସଖା ଅର୍ଜୁନଙ୍କୁ ଧୈର୍ଯ୍ୟ ଦେବ କିଏ ? ତାଙ୍କର ବିଷାଦପୂର୍ଣ୍ଣ ଚେହେରା ଦେଖିଲେ ତମେ ସେକଥା ବୁଝିପାରିବ ।''

ମୁଁ ଶାଣିତ କଣ୍ଠରେ କହିଲି — ''ସଖା, ତୃତୀୟ ପାଣ୍ଡବ ତମକୁ ପ୍ରାଣଦେଇ ଭଲ ପା'ନ୍ତି ବୋଲି ତାଙ୍କୁ କ'ଣ ତମେ ଏ ଦୁଃଖ ଦେଲ ? ତାହାହିଁ ତ ତମର ନୀତି ବୋଲି ତମେ ନିଜେ ସ୍ୱୀକାର କରିଛ ।''

ସଖା ପ୍ରଶାନ୍ତ କଣ୍ଠରେ କହିଲେ — ''ଯୁଦ୍ଧକ୍ଷେତ୍ରରେ ମୋହଗ୍ରସ୍ତ ହୋଇ ବୀର ଅର୍ଜୁନ ଯେତେବେଳେ ଅସ୍ତ୍ର ତ୍ୟାଗ କଲେ ଏବଂ ବନ୍ଧୁ, ସହୋଦର, ଗୁରୁ ଏବଂ ପିତାମହଙ୍କ ବିରୋଧରେ ଅସ୍ତ୍ର ଉତ୍ତୋଳନ କରିବେ ନାହିଁ ବୋଲି ପ୍ରକାଶ କଲେ, ସେତେବେଳେ ତାଙ୍କ ମନରୁ ମୋହ ଓ ଜଡ଼ତା ଦୂର କରିବା ପାଇଁ ଆତ୍ମାର ଅମରତ୍ୱ, ଜନ୍ମ, ମୃତ୍ୟୁ, ପାପ, ପୁଣ୍ୟ, ଆତ୍ମା, ପରମାତ୍ମା ଏବଂ ସଂସାର ସମ୍ବନ୍ଧୀୟ ସମସ୍ତ ତତ୍ତ୍ୱ ଯୁଦ୍ଧକ୍ଷେତ୍ରରେ ହିଁ ମୁଁ ବ୍ୟାଖ୍ୟା କରିଛି । ତେଣୁ ଅର୍ଜୁନ ଏ ଦୁଃଖକୁ ଧୀରେ ଧୀରେ ଅତିକ୍ରମ କରିଯିବେ । ତାଙ୍କ ପାଇଁ ଚିନ୍ତା କରନାହିଁ ।''

Digitized by srujanika@gmail.com

ମନେପଡ଼ିଲା ଅର୍ଜୁନଙ୍କ ମୁହଁରୁ ଶୁଣିଥିବା ସେଦିନ ଯୁଦ୍ଧକ୍ଷେତ୍ରରେ ଅଭୂତପୂର୍ବ ଘଟଣା । କୃଷ୍ଣ, ସଖା ଅର୍ଜୁନଙ୍କର ଜଡ଼ତା ଦୂରକରିବା ପାଇଁ ତାଙ୍କୁ ନିଜର ବିଶ୍ୱରୂପ ଦର୍ଶନ କରାଇଥିଲେ । ଅର୍ଜୁନ ଯୁଦ୍ଧକ୍ଷେତ୍ରରେ ଥାଇ ଦେଖିଥିଲେ ଶ୍ରୀକୃଷ୍ଣଙ୍କର ଅସଂଖ୍ୟ ମୁଖ, ଅସଂଖ୍ୟ ଦୀପ୍ତିମନ୍ତ ଚକ୍ଷୁ , ଅସଂଖ୍ୟ କର ଚରଣ, ଅସଂଖ୍ୟ ତୀକ୍ଷ୍ଣ ଦନ୍ତ । ତାଙ୍କର ଶରୀର ବିଶାଳ ହୋଇ ଆକାଶକୁ ବ୍ୟାପିଛି । ଦୀପ୍ତିମୟ ହିରଣ୍‌ମୟ ଶରୀର, ବଦନ ତେଜୋଦୀପ୍ତ ଦିଶୁଛି । ପ୍ରଳୟାନଳ ସମାନ କରାଳ ଦନ୍ତଯୁକ୍ତ ମୁଖଗହ୍ୱରରେ ଦିଶୁଛି ଆକାଶ ଏବଂ ଆକାଶ ଦେହରେ ଅସଂଖ୍ୟ ଜ୍ୱଳନ୍ତ ଚନ୍ଦ୍ର, ସୂର୍ଯ୍ୟ, ଗ୍ରହ, ନକ୍ଷତ୍ର । ସେଇ ମୁଖ ଗହ୍ୱରରେ ସମସ୍ତଙ୍କୁ ଦେଖିପାରୁଥିଲେ ଅର୍ଜୁନ । ସେ ରୂପ ଦର୍ଶନରେ ଅର୍ଜୁନଙ୍କର ମୁଣ୍ଡ ଘୂରି ଯାଇଥିଲା । ସେ ପ୍ରାର୍ଥନା କରିଥିଲେ — ''ବାସୁଦେବ ! ତମର ଏ ରୂପରୁ କ୍ଷାନ୍ତ ହୁଅ —''

ତେବେ ଶ୍ରୀକୃଷ୍ଣ କ'ଣ ମହାକାଳ ! ସେଇ ସୃଷ୍ଟିକର୍ତ୍ତା, ସେଇ ସଂହାରକର୍ତ୍ତା, ସେ ସ୍ୱୟଂ ଭଗବାନ !

ମାତା କୁନ୍ତୀ ତାଙ୍କୁ ଠିକ୍ ଚିହ୍ନିଛନ୍ତି । ତେଣୁ ପିଉସୀ ହେଲେ ମଧ୍ୟ ସେ ତାଙ୍କୁ ପ୍ରଣାମ କରନ୍ତି ।

ଆତ୍ମା ଯଦି ଅମର, ଶରୀରର ମୃତ୍ୟୁରେ ଆତ୍ମା ଯଦି ପରମାତ୍ମା ସହ ମିଳିତ ହୁଏ, ତେବେ ମୃତ୍ୟୁ ପାଇଁ ଶୋକ କାହିଁକି ?

ମୁଁ ମଧ୍ୟ କ୍ଷଣକ ପାଇଁ ଶୋକ ତ୍ୟାଗ କରି ସଖାଙ୍କୁ ପ୍ରଣାମ ଜଣାଇଲି ।

ମାୟାର ସ୍ୱର ଶୁଭିଲା — ''ଉତ୍ତରା ଘନ ଘନ ମୂର୍ଚ୍ଛା ଯାଉଛନ୍ତି । ତାଙ୍କୁ ବୋଧ ନ ଦେଇ ଶ୍ରୀକୃଷ୍ଣଙ୍କୁ ପ୍ରଣାମ କରିବାର ବେଳ ଏ ନୁହେଁ ।''

ମୁଁ ପୁନର୍ବାର ଶୋକାଭିଭୂତା ହେଲି ।

॥ ୫୧ ॥

ଦୁର୍ଯ୍ୟୋଧନର ଉରୁଭଙ୍ଗ ହୋଇଛି । ଆଘାତପ୍ରାପ୍ତ ହୋଇ ସେ ମୃତ୍ୟୁ ଅପେକ୍ଷାରେ ପଡ଼ିରହିଛି । ଯୁଦ୍ଧ ସମାପ୍ତ । ପିତାଙ୍କ ମୃତ୍ୟୁପରେ ପାଞ୍ଚାଳ ଦେଶବାସୀ କାତର ହୋଇପଡ଼ିଥିବାରୁ ମୁଁ ସେଦିନ ପାଞ୍ଚାଳ ଦେଶକୁ ଗମନ କଲି । ଏତିକି ଅନ୍ତତଃ ପାଞ୍ଚାଳ ଦେଶବାସୀଙ୍କୁ ଜଣାଇ ଦେବି, ସେମାନେ ଅନାଥ ନୁହନ୍ତି । ମୋର ବୀରଭ୍ରାତା, ଦ୍ରୋଣହନ୍ତା ଧୃଷ୍ଟଦ୍ୟୁମ୍ନ ଶତ୍ରୁ ଜୟକରି ଜୀବିତ ରହିଛି । ହସ୍ତିନାପୁରୀରେ ଶାନ୍ତ ଅବସ୍ଥା ଫେରିଆସିଲେ ସେ ପାଞ୍ଚାଳ ଦେଶକୁ ଫେରିଆସି ସୁଖରେ ପ୍ରଜାପାଳନ କରିବେ ।

Digitized by srujanika@gmail.com

ଭାଉଜଙ୍କୁ ଧୃଷ୍ଟଦ୍ୟୁମ୍ନଙ୍କର କୁଶଳ ସମ୍ବାଦ ଦେଇ ସନ୍ତୋଷ ଲାଭ କଲି । ଭାଇଙ୍କ ପାଇଁ ସେ କାତର ପ୍ରତୀକ୍ଷାରେ କାଳ କାଟୁଥିଲେ ।

ସାରା ରାତି ନନ୍ଦ ଭାଉଜ ସବୁ ଦୁଃଖ ଭୁଲି ଆଗାମୀ ସୁଖସ୍ୱପ୍ନର ଯୋଜନା କରୁଥିଲୁ । ଅଭିମନ୍ୟୁ, ଘଟହୋଚ, ବେଲାଳସେନ ଇତ୍ୟାଦି ସପତ୍ନୀମାନଙ୍କର ସମସ୍ତ ପୁତ୍ର ମୃତ ହେଲେ ମଧ୍ୟ ମୋର ବାଳୁତ ପଞ୍ଚପୁତ୍ର ଈଶ୍ୱରଙ୍କ କୃପାରୁ ମଙ୍ଗଳରେ ଅଛନ୍ତି । ସେମାନଙ୍କୁ ଘ୍ରହିଁ ଅନ୍ୟପୁତ୍ରମାନଙ୍କୁ ହରାଇବାର ଦୁଃଖ ହୁଏତ ଭୁଲିଯିବାକୁ ଚେଷ୍ଟା କରିବି । ସେମାନେ ଆବାଲ୍ୟ ମାତୃସ୍ନେହରୁ ବଞ୍ଚିତ ହୋଇ ଆସିଛନ୍ତି । ସେମାନଙ୍କ ଜନ୍ମ ପରେ ପରେ ମୁଁ ବନଘ୍ରରିଣୀ ହୋଇ ବୁଲୁଛି । ବର୍ତ୍ତମାନ ସେମାନଙ୍କୁ ପ୍ରାଣଭରି ବାତ୍ସଲ୍ୟ ମମତା ଢାଳିଦେବି । ଆଉ ଏ ଜୀବନରେ କି ସୁଖଭୋଗର ଆକାଂକ୍ଷା ବା ଅଛି ?

ରାଜ୍ୟ ପାଇଁ ଯୁଦ୍ଧ, ରକ୍ତପାତ, ମୃତ୍ୟୁ ହାହାକାର ଦେଖି ଦେଖି ରାଜ୍ୟ, ଧନ ସମ୍ପତ୍ତିର ମୋହ ମନରୁ ତୁଟିଗଲାଣି । ରାଣୀ ହେବାର ଆନନ୍ଦ ଆଉ ନାହିଁ । ପୁତ୍ରମାନେ ବଡ଼ ହୋଇଗଲେ ତାଙ୍କୁ ରାଜ୍ୟଭାର ଅର୍ପଣ କରି ରାଜମାତା ହୋଇ ବଞ୍ଚି ରହିବି । ପଞ୍ଚପତିର ପତ୍ନୀ ହୋଇ ସାରା ଜୀବନ ଦୁଃଖ ଭୋଗିଲି । ପଞ୍ଚପୁତ୍ରର ଜନନୀ ହୋଇ ଅନ୍ତତଃ କିଛିଦିନ ସୁଖ ଭୋଗିବି । ସେମାନଙ୍କ ହସ ଖୁସିର ଜୀବନ ଭିତରେ ଖୋଜିବାକୁ ଚେଷ୍ଟା କରିବି ମୋର ହୃଦୟର ଧନ ଅଭିମନ୍ୟୁକୁ.....

ସାରା ରାତି ଅର୍ଦ୍ଧସୁପ୍ତ ଅବସ୍ଥାରେ ଦେଖୁଥିଲି ପୁତ୍ରମାନଙ୍କର ହସହସ ମୁଖ, ସେମାନଙ୍କର ବିବାହ ଦୃଶ୍ୟ, ସେମାନଙ୍କର ରାଜ୍ୟାଭିଷେକର ଦୃଶ୍ୟ ଏବଂ ସେମାନଙ୍କର ପୁତ୍ରମାନଙ୍କୁ କୋଳରେ ଧରି ଆଦର କରୁଥିବାର ଦୃଶ୍ୟ । ପୁଣି ଦେଖୁଥିଲି ସ୍ୱର୍ଗରାଜ୍ୟରୁ ପାଞ୍ଚଟି ସୁନ୍ଦରୀ ପରୀ ମର୍ତ୍ତ୍ୟକୁ ଅବତରଣ କରି ମୋର ପୁତ୍ରମାନଙ୍କ ଗଳାରେ ପୁଷ୍ପମାଲ୍ୟ ଦେଉଛନ୍ତି । ବୋଧହୁଏ ମୋର ବୋହୂମାନେ ପରୀମାନଙ୍କ ଭଳି ସୁନ୍ଦରୀ ହେବେ.... ସ୍ୱପ୍ନ ତୁଟିଗଲା । ହୃଦୟ ଥରି ଉଠିଲା । ଭାବିଲି, ଏସବୁ ସ୍ୱପ୍ନ ଶୁଭ ନା ଅଶୁଭ ? ହୃଦୟ କାହିଁକି ଥରିଉଠୁଛି ? କାହାକୁ ପଗ୍ଧରିବି ସ୍ୱପ୍ନର ଫଳାଫଳ ?

କାହାକୁ ପଗ୍ଧରିବାକୁ ହେଲା ନାହିଁ । ପ୍ରଭାତ ହୋଇନାହିଁ, ସମ୍ବାଦ ଆସିଲା ଦ୍ରୋଣପୁତ୍ର ଅଶ୍ୱତ୍ଥାମାର ନୈଶ ଆକ୍ରମଣରେ ଭ୍ରାତା ଧୃଷ୍ଟଦ୍ୟୁମ୍ନ ଏବଂ ମୋର ନିଦ୍ରିତ ବାଳୁତ ପଞ୍ଚପୁତ୍ର ମୃତ୍ୟୁବରଣ କରିଛନ୍ତି । ମୁଁ ଏବଂ ମୋର ଭାଉଜ ଏକ ସମୟରେ ମୂର୍ଚ୍ଛିତା ହୋଇପଡ଼ିଥିଲୁ । ପ୍ରକୃତରେ କିଏ ଅବା କାହାକୁ ସାନ୍ତ୍ୱନା ଦେଇଥା'ନ୍ତା !!

ବିଜୟ ମୁହୂର୍ତ୍ତରେ ଏପରି ପରାଜୟ ଭାଗ୍ୟର ଅଟ୍ଟହାସ୍ୟ ପରି ମନେହେଲା । ଏ ଶୋକକୁ ଅତିକ୍ରମ କରିବାର ପଥ ନାହିଁ । ଅଭିମନ୍ୟୁ, ଘଟହୋଚ ଇତ୍ୟାଦି ପୁତ୍ରମାନଙ୍କର ମୃତ୍ୟୁଶୋକ ମତେ ଭଗ୍ନ ହୃଦୟ କରିଥିଲା, କିନ୍ତୁ ନିଜର ଗର୍ଭଜାତ

Digitized by srujanika@gmail.com

ପୁତ୍ରମାନଙ୍କର ମୃତ୍ୟୁଶୋକ ମତେ ମୃତବତ୍ କରିଦେଲା । ଅନୁଭବ କଲି ପୁତ୍ରଶୋକଠାରୁ ଶୋକ ନାହିଁ — ଏ ଶୋକର ସାନ୍ତ୍ୱନା ନାହିଁ । ମୃତ୍ୟୁ ହିଁ ଏ ଶୋକର ଏକମାତ୍ର ମହୌଷଧି ।

ରକ୍ତସମୁଦ୍ରରେ ଛିନ୍ନମସ୍ତକ ହୋଇ ଶୋଇଛନ୍ତି ନିଷ୍ପାପ ପଦ୍ମପୁଷ୍ପ ସଦୃଶ ମୋର କୋମଳ ପଞ୍ଚପୁତ୍ର ପ୍ରାତଃବିଦ୍ୟ, ସ୍ରୁତସୋମ, ଶ୍ରୁତକର୍ମା, ଶତାନୀକ ଏବଂ ଶ୍ରୁତସେନ । ଓଠରୁ ହସ ଲିଭିନାହିଁ, ରାତିର ସୁଖ ସ୍ୱପ୍ନ ମୃତ୍ୟୁ ମଧ୍ୟ ଆଖିପତାରୁ ଛଡ଼ାଇ ନେଇ ନାହିଁ ।

ପୁତ୍ରମାନଙ୍କର ଶବକୁ ବାରମ୍ବାର କୋଳାଗ୍ରତ କରି ମୁଁ ବିଳାପ କରୁଥିଲି । କେତେବେଳେ କାହାର ମସ୍ତକହୀନ ଶରୀରକୁ, କାହାର ଛିନ୍ନମସ୍ତକକୁ ବକ୍ଷରେ ଜଡ଼ାଇ ଧରି ମୂର୍ଚ୍ଛା ଯାଉଥିଲି । ଏକସଙ୍ଗେ ପଞ୍ଚପୁତ୍ରର ମୃତ୍ୟୁଶୋକକୁ ପୁତ୍ରହୀନା ଜନନୀ ହୃଦୟ ସମ୍ଭାଳି ପାରିବ ବୋଲି ବିଶ୍ୱାସ ହେଉନଥାଏ ।

ମୋର ପଞ୍ଚସ୍ୱାମୀ ସମସ୍ତେ ଶୋକାଭିଭୂତ । କିଏ କାହାକୁ ସାନ୍ତ୍ୱନା ଦେବ ? ଆଜି ଅଦୃଷ୍ଟ ସମସ୍ତଙ୍କୁ ପୁତ୍ରହୀନ କରିଦେଇଛି । ସେମାନେ ପରସ୍ପରକୁ ନୀରବ ବ୍ୟାକୁଳ ଦୃଷ୍ଟିରେ ଗ୍ରହିଁ ପୁତ୍ରମାନଙ୍କର ରୁଧିରରେ ଅଶ୍ରୁ ମିଶାଉଥା'ନ୍ତି । ଏକମାତ୍ର ଗୋବିନ୍ଦ ସମସ୍ତଙ୍କୁ ସାନ୍ତ୍ୱନା ଦେଉଥା'ନ୍ତି ।

କିଛିକ୍ଷଣ ପରେ ମୁଁ ରାକ୍ଷସୀ ପରି ଭୟଙ୍କର ରୂପ ଧାରଣ କରି ଚିତ୍କାର କଲି— ''ପାପାତ୍ମା ଅଶ୍ୱତ୍‌ଥାମାକୁ ସଂହାର କରି ମୁଁ ପୁତ୍ରହନ୍ତାର ପ୍ରତିଶୋଧ ନନେଲେ ଶାନ୍ତିରେ ମରିପାରିବି ନାହିଁ !'' ଅଶ୍ୱତ୍‌ଥାମାକୁ ଧରି ଆଣିବା ପାଇଁ ମୁଁ ଭୀମସେନଙ୍କୁ ଅନୁରୋଧ ଜଣାଇଲି ଏବଂ ନିଜେ ତାକୁ ହତ୍ୟା କରିବି ବୋଲି ଦୃଢ଼ସଙ୍କଳ୍ପ ହୋଇ ଶିବିର ଦ୍ୱାରରେ ଅନ୍ନ ଜଳ ତ୍ୟାଗ କରି ବସିରହିଲି । ଏହି ସମୟରେ ସମ୍ବାଦ ଆସିଲା ପାଣ୍ଡବ ପଞ୍ଚପୁତ୍ରଙ୍କ ମୃତ୍ୟୁ ସମ୍ବାଦ ପାଇ ଦୁର୍ଯ୍ୟୋଧନର ପ୍ରାଣବାୟୁ ଉଡ଼ିଯାଇଛି ।

ଏ ସମ୍ବାଦ ପାଇବା ପରେ ଭୀମ ସାମାନ୍ୟ ଉତ୍ସାହିତ ହୋଇ ଅଶ୍ୱତ୍‌ଥାମାକୁ ଧରି ଆଣିବା ପାଇଁ ଛୁଟିଗଲେ । ଭୀମସେନଙ୍କର ସେ ଭୀମ ମୂର୍ତ୍ତି ଦେଖି ପୁଣିଥରେ ମନରେ ଶଙ୍କା ଆସିଲା । ପୃଥିବୀ କ'ଣ ପ୍ରଳୟ ଦ୍ୱାରରେ ଉପସ୍ଥିତ ? ମୃତ୍ୟୁର କ'ଣ ଶେଷ ନାହିଁ ?

ଯୁଧିଷ୍ଠିର, ଅର୍ଜୁନ ଏବଂ ଶ୍ରୀକୃଷ୍ଣ ମଧ୍ୟ ଅଶ୍ୱତ୍‌ଥାମାକୁ ଖୋଜିବା ପାଇଁ ବାହାରିଲେ । ଅକସ୍ମାତ୍ ହୃଦୟର ଭାବରାଜ୍ୟରେ ଢେଉଟିଏ ଉଠିଲା । ଦ୍ରୋଣପତ୍ନୀ ହରିତା ଏବେ ମଧ୍ୟ ଜୀବିତା । ତାଙ୍କ ଜୀବନରେ ଅଶ୍ୱତ୍‌ଥାମା ହିଁ ଏକମାତ୍ର ବଞ୍ଚିବାର ସାହାରା । ଦ୍ରୋଣ ମୃତ । ଅଶ୍ୱତ୍‌ଥାମାର ମୃତ୍ୟୁ ହେଲେ ହରିତାଙ୍କର ପୁତ୍ରଶୋକ

Digitized by srujanika@gmail.com

ବଳିପଡ଼ିବ । ଅଶ୍ୱତ୍‌ଥାମା ପାପାତ୍ମା । ହରିତା ତ ମୋରି ପରି ଜନନୀ । ଯିଏ ପୁତ୍ରଶୋକ ନ ଜାଣିଛି ସେ ସିନା ପ୍ରତିଶୋଧପରାୟଣା ହୋଇ ଆଉ କାହାର ପୁତ୍ରକୁ ହତ୍ୟା କରିବ, ମୁଁ କେମିତି ପାରିବି ? କ୍ଷଣକ ଆଗରୁ ମୁଁ ତ ବାହୁନି ବାହୁନି କହୁଥିଲି, ''ହେ ଭଗବାନ ! ଶତ୍ରୁକୁ ମଧ୍ୟ ପୁତ୍ରଶୋକ ଦିଅନାହିଁ । ଏବେ ନିଜେ କିପରି ଅଶ୍ୱତ୍‌ଥାମାକୁ ହତ୍ୟାକରି ହରିତାଙ୍କୁ ପୁତ୍ରଶୋକ ଦେବି ? ଅଶ୍ୱତ୍‌ଥାମାର ମୃତ୍ୟୁରେ ମୋର ପଞ୍ଚପୁତ୍ର ଫେରିଆସିବେ ନାହିଁ । ବଞ୍ଚିରହୁ ପାପାତ୍ମା ଅଶ୍ୱତ୍‌ଥାମା । ନାନା କଷ୍ଟ ଭୋଗ କରି ଦୀର୍ଘଜୀବୀ ହେଉ । ମାତ୍ର ହସ୍ତିନାପୁରୀରେ ଜଣେ ମାତ୍ର ନାରୀ ହରିତା ଅନ୍ତତଃ ପୁତ୍ରଶୋକରୁ ରକ୍ଷା ପାଇଯା'ନ୍ତୁ ! ଶ୍ରୀକୃଷ୍ଣଙ୍କୁ ଡାକି ଉଦାସ କୋମଳ କଣ୍ଠରେ କହିଲି — ''ଅଶ୍ୱତ୍‌ଥାମାକୁ କ୍ଷମା କରିଦେଲି । ଭୀମସେନଙ୍କୁ କହିବେ ସେ ଅଶ୍ୱତ୍‌ଥାମାକୁ ବାନ୍ଧି ଆଣିବାର ଆବଶ୍ୟକତା ନାହିଁ । ନିଜ କର୍ମଫଳ ପାପାତ୍ମା ଭୋଗ କରିବ । ଉପରେ ଜଣେ ସବୁ ଦେଖୁ ଥାଉ ଥାଉ ଦଣ୍ଡ ଦେବାକୁ ମୁଁ କିଏ ?''

ଶ୍ରୀକୃଷ୍ଣ ମୃଦୁ ହସି କହିଲେ — ''ଦେବି ! କ୍ଷମାର ଏଇ ଅପରୂପ କରୁଣାର ମୂର୍ତ୍ତିକୁ ଅଧୀନ ଶତବାର ପ୍ରଣାମ କରୁଛି ।''

ଭୀମସେନଙ୍କର ସ୍ୱର ଶୁଭିଲା — ''ପାଞ୍ଚାଳି ନିଅ ! ପାଷାଣ୍ଡ ଅଶ୍ୱତ୍‌ଥାମାକୁ ହତ୍ୟାକରି ତା'ର ହୃଦୟ ଚିରି ରକ୍ତପାନ କର ଏବଂ ପୁତ୍ରଶୋକର ଜ୍ୱାଳାକୁ ନିର୍ବାପିତ କର ।''

ବନ୍ଦୀ ଅବସ୍ଥାରେ ପାପାତ୍ମାର ଘୃଣିତ ମୁଖ ଦର୍ଶନ କଲିନାହିଁ । ମୁହଁ ବୁଲାଇ ନେଇ ଚିତ୍କାର କଲି — ''ମୋର ଚକ୍ଷୁସୁଦ୍ଧା ପାପାତ୍ମାକୁ ଦେଖିବା ପାଇଁ ଘୃଣା କରେ । ତାକୁ ସ୍ପର୍ଶ କଲେ ଆତ୍ମା କଳୁଷିତ ହେବ । ସ୍ୱାମୀ ! ତାକୁ ଦୟାକରି ମୋ ସମ୍ମୁଖରୁ ନେଇଯାଅ ଏବଂ ରାଜ୍ୟ ସୀମା ପାରି କରାଇଦିଅ । ଏ ରାଜ୍ୟରେ ତା'ର ସ୍ଥାନ ନାହିଁ ।'' ଜିହ୍ୱା ଅଗ୍ନି ବର୍ଷଣ କରୁଥିବାବେଳେ ଚକ୍ଷୁ ବର୍ଷାଜଳ ଝରାଇ ସେ ଅଗ୍ନିକୁ ନିର୍ବାପିତ କରିଦେଲା ଏବଂ ମୁଁ ବାକ୍‌ଶକ୍ତି ହରାଇ ପଡ଼ିଗଲି ।

ପାପାତ୍ମା ଅଶ୍ୱତ୍‌ଥାମା କ୍ଷମାର ଅଯୋଗ୍ୟ । ମୋ'ଠାରୁ କ୍ଷମା ଲାଭ କରି ସେ ଭୟରେ ଅରଣ୍ୟ ଭିତରକୁ ପଳାଇଲା ଏବଂ ଶେଷ ମୁହୂର୍ତ୍ତରେ ଉତ୍ତରା ଗର୍ଭରେ ମୁକ୍ତି ପ୍ରତୀକ୍ଷାରେ ଦିନ ଗଣୁଥିବା ପାଣ୍ଡବମାନଙ୍କର ଏକମାତ୍ର ବଂଶଧର, ଅଭିମନ୍ୟୁର ଭାବୀ ସନ୍ତାନକୁ ହତ୍ୟା କରି ନିଶ୍ଚିହ୍ନ କରିଦେବାର ପ୍ରୟାସରେ ବ୍ରହ୍ମାସ୍ତ୍ର ପ୍ରୟୋଗ କଲା । ଆପଦବାନ୍ଧବ ଶ୍ରୀକୃଷ୍ଣ ହିଁ ଚକ୍ର ପେଶି ପାଣ୍ଡବମାନଙ୍କର ଏକମାତ୍ର ବଂଶଧର ଉତ୍ତରାର ଗର୍ଭସ୍ଥ ସନ୍ତାନକୁ ରକ୍ଷାକଲେ ଏବଂ ପ୍ରକୃତ ପାଣ୍ଡବ-ବାନ୍ଧବର ପରିଚୟ ଦେଲେ । ଶ୍ମଶାନ ଭୂଇଁରେ ସବୁଜ ଦୁର୍ବାଦଳଟିଏ ଭଳି ମହାପ୍ରଳୟ ଭିତରେ ପାଣ୍ଡବମାନଙ୍କର ଶେଷ ଆଶା ଶ୍ରୀକୃଷ୍ଣଙ୍କର କରୁଣାବାରିରେ ପୁଷ୍ଟ ହୋଇ ଉତ୍ତରାଗର୍ଭରେ ବଢ଼ି ଉଠୁଥିଲା ।

Digitized by srujanika@gmail.com

॥ ୫୨ ॥

ଜୀବନଠାରୁ ମୃତ୍ୟୁ ଉଦାର । ଜୀବନଠାରୁ ମୃତ୍ୟୁ ପ୍ରଶାନ୍ତ । କାଲି ଯେଉଁମାନେ ଶତ୍ରୁଥିଲେ ଆଜି ତାଙ୍କର ମୃତ୍ୟୁ ମନକୁ କୋମଳ କରୁଣ ଭାବନାରେ ଆର୍ଦ୍ର କରୁଛି । କାଲି ଯେଉଁମାନେ ଦୁଷ୍ଟ, କାମୁକ, ଦୁରାଗ୍ରହୀ ଥିଲେ ମୃତ୍ୟୁ ତାଙ୍କୁ ପ୍ରଶାନ୍ତ, ସ୍ଥିର, ନିର୍ବିକାର କରିଦେଇଛି ।

ଯୁଦ୍ଧଭୂମିରେ ଶତ୍ରୁ ମନେକରି ଯେଉଁମାନଙ୍କୁ ବଧ କରାଯାଇଛି, ଆଜି ସହୋଦର ଦୃଷ୍ଟିରୁ ସେମାନଙ୍କ ଶବସତ୍କାର କରି ଗଙ୍ଗାରେ ସ୍ନାନ କରିବାକୁ ହେବ, ତିଳ ତର୍ପଣ କରିବାକୁ ହେବ, ପ୍ରେତକର୍ମ କରି ସେମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିବାକୁ ହେବ ।

ଯୁଦ୍ଧଭୂମିରେ ଦୁଇ ବିଚ୍ଛିନ୍ନ ପରିବାରର କରୁଣ ମିଳନ ଦୃଶ୍ୟ କ'ଣ ବା ବର୍ଣ୍ଣନା କରିବି ? ଶହେପୁତ୍ର, ସେମାନଙ୍କର ଅନେକ ପୁତ୍ର, ଭ୍ରାତା ସହୋଦର ସମସ୍ତଙ୍କୁ ହରାଇ ଧୃତରାଷ୍ଟ୍ର, ଗାନ୍ଧାରୀ, କୌରବମାନଙ୍କର ପତ୍ନୀମାନେ, ଶବମାନଙ୍କ ମଧ୍ୟରେ ନିଜର ଆତ୍ମୀୟମାନଙ୍କୁ ଖୋଜୁଛନ୍ତି । ସେମାନଙ୍କ ସଙ୍ଗେ ଅଛନ୍ତି ମାତା କୁନ୍ତୀ ।

ମୁଁ, ପଞ୍ଚପାଣ୍ଡବ ଏବଂ ଶ୍ରୀକୃଷ୍ଣ ଯୁଦ୍ଧଭୂମିରେ ଖୋଜୁଛୁ ଆମର ଆତ୍ମୀୟମାନଙ୍କୁ ।

ସେଇଠି ଆଜନ୍ମ ଶତ୍ରୁତା ଭୁଲି ମାତା ଗାନ୍ଧାରୀ ଓ କୁନ୍ତୀ ପରସ୍ପର କୋଳାକୋଳି ହୋଇ ରୋଦନ କରୁଛନ୍ତି ।

ମୁଁ ଦେଖୁଛି ସମସ୍ତ କୌରବ ରମଣୀଙ୍କ ଆଖିରେ ପୁତ୍ରଶୋକ, ସ୍ୱାମୀଶୋକ, ବନ୍ଧୁସହୋଦର ଶୋକ । ହସ୍ତିନାପୁରୀର ସମସ୍ତ ରମଣୀଙ୍କୁ ଶୋକ ସ୍ପର୍ଶକରି ଶ୍ରୀହୀନା କରିଦେଇଛି । ବୈଧବ୍ୟ ଏବଂ ବଂଶନାଶର ଶୋକରେ ସମସ୍ତେ ମ୍ରିୟମାଣ । ସେଇ ଦୃଷ୍ଟିରୁ ମୋର ଶୋକ ସେମାନଙ୍କ ତୁଳନାରେ କମ୍ । କାରଣ ମୋର ପଞ୍ଚପତି ବଞ୍ଚି ରହିଛନ୍ତି । ବିଜୟୀ ହୋଇଛନ୍ତି, ଯଦିଓ ସେ ବିଜୟ ପାଲୁଛୁ ଆମେ ଶ୍ମଶାନ ଚିତାରେ ଅଗ୍ନି-ମହୋତ୍ସବ ଭିତରେ ।

ମାତା କୁନ୍ତୀଙ୍କ ସଙ୍ଗେ ଦେଖାହେବା ମାତ୍ରେ ମୁଁ କାନ୍ଦି କାନ୍ଦି ଭୂଇଁରେ ଲୋଟିଗଲି । କହିଲି, ''ମା' ମୋର ପୁତ୍ରମାନେ, ମୋର ଅଭିମନ୍ୟୁ କୁଆଡ଼େ ଗଲେ ? ଆଉ କ'ଣ ସେମାନଙ୍କୁ ଦେଖିବି ନାହିଁ ? କ'ଣ ହେବ ମୋର ରାଜ୍ୟ ? ଯାହାର ସନ୍ତାନ ନାହିଁ ତା'ର ରାଜ୍ୟ କ'ଣ ହେବ, ଧନ କ'ଣ ହେବ ?''

Digitized by srujanika@gmail.com

ମା' ମୋତେ ସାନ୍ତ୍ୱନା ଦେଇ କହିଲେ — ''କୃଷ୍ଣା, ତୋର ଯେଉଁ ଦୁଃଖ, ମୋର ସେଇ ଦୁଃଖ । ଚିର ଅବହେଳିତ ମୋର ଅଭିମାନୀ ପୁତ୍ର କର୍ଣ୍ଣକୁ ମୁଁ ଖୋଜୁଛି । ମୃତ୍ୟୁ ପର୍ଯ୍ୟନ୍ତ ମୋର ପାପଯୋଗୁଁ ସେ ଲାଞ୍ଛିତ ହୋଇଛି । ଯୁଦ୍ଧଭୂମିରେ ବୀରୋଚିତ ମୃତ୍ୟୁବରଣ କଲେ ମଧ୍ୟ ଭୀଷ୍ମ, ଶଲ୍ୟ, ଜୟଦ୍ରଥଙ୍କ ଦ୍ୱାରା ସେ ବାରମ୍ବାର ଯୁଦ୍ଧକ୍ଷେତ୍ରରେ ମଧ୍ୟ ସୂତପୁତ୍ର ବୋଲି ଅପମାନିତ ହୋଇଛି । ଏପରି କି ଭୀଷ୍ମଙ୍କ ପରି ଜ୍ଞାନୀ ମଧ୍ୟ ତାକୁ ଉପହାସ ଛଳରେ 'ଅର୍ଦ୍ଧରଥ' ବା ଅଧୀରଥି' ବୋଲି ସମ୍ବୋଧନ କରୁଥିଲେ । ନିରସ୍ତ୍ର ପୁତ୍ର ମୋର ଅର୍ଜୁନ ହାତରେ ମୃତ୍ୟୁବରଣ କରିଛି ।''

ମା'ଙ୍କ କଥା ଶୁଣି ମନେହେଉଥିଲା କର୍ଣ୍ଣ ଯେମିତି ମା'ଙ୍କର ଏକମାତ୍ର ପୁତ୍ର, ଅର୍ଜୁନ ଯେପରି ଅପରପକ୍ଷର ଜଣେ ବ୍ୟକ୍ତି ! ଶତପୁତ୍ର ବଞ୍ଚିଥିଲେ ବି ମୃତପୁତ୍ରଟି ପାଇଁ ମା' ହୃଦୟର ସମସ୍ତ କରୁଣତା ଝରୁଥାଏ ସିନା !

ସ୍ତବ୍ଧ, ବିମୂଢ଼, ଶୋକାଭିଭୂତ ହୋଇ ସମସ୍ତେ ଦେଖୁଥାଉ କୁରୁକ୍ଷେତ୍ର ଯୁଦ୍ଧଭୂମିର ଦୃଶ୍ୟ । କି ଭୟଙ୍କର, ହୃଦୟବିଦାରକ ଦୃଶ୍ୟ !

ଲକ୍ଷ ଲକ୍ଷ ମୃତଦେହ, ଖଣ୍ଡଦିଖଣ୍ଡ ଅଙ୍ଗପ୍ରତ୍ୟଙ୍ଗ, ରକ୍ତରଞ୍ଜିତ କେଶ ଓ ଖପୁରି, ମସ୍ତକଶୂନ୍ୟ ଶରୀର, ଶରୀରଶୂନ୍ୟ ମସ୍ତକ, ବିଦୀର୍ଣ୍ଣ ବକ୍ଷ, ଉଦର, ଦଳିତ ମନ୍ଥିତ ଖଣ୍ଡବିଖଣ୍ଡ ମାଂସ, ହାଡ, ଅନ୍ତ ଏକ ଭୟଙ୍କର ଦୃଶ୍ୟ ସୃଷ୍ଟି କରିଥାଏ । ଅଶ୍ୱ, ହସ୍ତୀ, ମଣିଷମାନଙ୍କର ରକ୍ତସମୁଦ୍ର ଏକାକାର ହୋଇ ମିଶିଯାଇଛି ଯେମିତି ଦିଗନ୍ତ ବିସ୍ତାରି । ଯୁଆଡ଼େ ଘ୍ୱହିଁଲେ ରକ୍ତ, ଛିଣ୍ଡା ମାଂସ, ଶବ ଏବଂ ଆର୍ତ୍ତନାଦ ଓ ବିଳାପ । ତା'ରି ଭିତରେ ଶୃଗାଳ, ଶ୍ୱାନ, ଶାଗୁଣା, କାଉ, ଏବଂ ଭୟଙ୍କର ପଶୁମାନଙ୍କର ବିକଟ ଚିତ୍କାର ଏବଂ ମାଂସଭକ୍ଷଣ, ରକ୍ତପାନ, ସମଗ୍ର ହସ୍ତିନାପୁରୀକୁ ନର୍କପୁରୀରେ ପରିଣତ କରିଥାଏ ।

ବିଧବା ଶ୍ରୀହୀନା ନାରୀମାନେ ପୂତିଗନ୍ଧମୟ ରକ୍ତମାଂସର ବିଭତ୍ସତା ଭିତରେ ନିଜ ନିଜର ମୃତସ୍ୱାମୀ, ପିତା, ପୁତ୍ର, ଭ୍ରାତାମାନଙ୍କୁ ଠାବକରି, ସେଇ ପଗ୍ୱଶବକୁ ଆଲିଙ୍ଗନ କରି ବିଳାପ କରୁଥା'ନ୍ତି ।

ଯୁଦ୍ଧଭୂମିର ମଧ୍ୟଭାଗରେ ମୃତ୍ୟୁର ବିଭତ୍ସତାକୁ ଅବଜ୍ଞାକରି ଦ୍ୱିତୀୟ ସୂର୍ଯ୍ୟସମ ପଡ଼ିରହିଛନ୍ତି ବୀରକର୍ଣ୍ଣ । ସୂର୍ଯ୍ୟସୁତ ହେତୁ ତାଙ୍କ ଦେହକୁ ମୃତ୍ୟୁ କେବଳ ସ୍ପର୍ଶ କରିଯାଇଛି, ମଳିନ କରିନି, ପୂତିଗନ୍ଧମୟ କରିନି ।

ମୃତଦେହର ପାଦ ପାଖରେ ଠିଆହେଲେ ମାତା କୁନ୍ତୀ । ତାଙ୍କ ପଛରେ ମୁଁ । ମାତାଙ୍କର ଅଶ୍ରୁଧାର ମୃତଦେହର ପାଦସ୍ପର୍ଶ କଲା । ନାରୀହୃଦୟର ସମସ୍ତ କୁଣ୍ଠା, ସମସ୍ତ ଲଜ୍ଜା ସଙ୍କୋଚ, ଲୋକାପବାଦର ଭୟ ମୃତ୍ୟୁ ଭସାଇନେଲା । ପୁତ୍ରଶୋକରେ

Digitized by srujanika@gmail.com

ଅଧୀରା ଜନନୀ ଭୁଲିଗଲେ ସମସ୍ତ କୁଣ୍ଠା । କୁମାରୀ ବୟସର ଗର୍ଭଜାତ ସନ୍ତାନ, କର୍ଣ୍ଣର ମୃତଦେହକୁ ଆଲିଙ୍ଗନ କରି ସେ ସର୍ବସମକ୍ଷରେ ବିଳାପ କରୁଛନ୍ତି । ବିଳାପର ସ୍ୱର ଗଗନପବନ ଭେଦି ଆକାଶର ସୀମା ସ୍ପର୍ଶ କରୁଛି — ସୂର୍ଯ୍ୟଦେବତାଙ୍କୁ କରୁଣ ବେଦନାରେ ଲୋହିତ, ମଳିନ, ଅସ୍ତାୟମାନ କରିବାକୁ ବସିଲାଣି ।

ସ୍ତବ୍ଧ ହୋଇ ଯୁଧିଷ୍ଠିର ଦେଖୁଛନ୍ତି ବୀର କର୍ଣ୍ଣଙ୍କର ପାଦଦୁଇଟି ମାତା କୁନ୍ତୀଙ୍କର ପାଦଦୁଇଟି ସଙ୍ଗେ ସମ୍ପୂର୍ଣ୍ଣ ମିଶିଯାଉଛି । ସଭାଗୃହରେ ଦ୍ରୌପଦୀର ଲାଞ୍ଛନା ବେଳେ କର୍ଣ୍ଣଙ୍କର କଟୁକ୍ତି ଶୁଣି ଉତ୍ତେଜିତ ହୋଇପଡ଼ିଥିବା ମୁହୂର୍ତ୍ତରେ କର୍ଣ୍ଣଙ୍କ ପାଦଦୁଇଟି ଉପରେ ଆଖିପଡ଼ିବାମାତ୍ରେ ଯୁଧିଷ୍ଠିର ଆଶ୍ଚର୍ଯ୍ୟ ଭାବରେ ଶାନ୍ତ ହୋଇଯାଉଥିଲେ । ଆଜି ଦେଖୁଛନ୍ତି ସେ ଥିଲା ମାତା କୁନ୍ତୀଙ୍କର ପାଦ । ଆଜି ମାତା କୁନ୍ତୀ ମୃତକର୍ଣ୍ଣଙ୍କ ପାଇଁ ପୁତ୍ରହରା ଜନନୀ ଭଳି ରୋଦନ କରୁଥିବାର ଅର୍ଥ କ'ଣ ?

ଯୁଧିଷ୍ଠିରଙ୍କ ଆଖି ଅନାୟାସରେ ସଜଳ ହୋଇଯାଉଛି । ଯୁଧିଷ୍ଠିରଙ୍କ ଅଶ୍ରୁ ଦେଖି ସମସ୍ତେ ସ୍ତବ୍ଧ, ବିସ୍ମିତ । ମାତା କୁନ୍ତୀ କୋହ ସମ୍ବରଣ କରି କହିଲେ, ''ପୁତ୍ର ! କୁନ୍ତୀର ଜ୍ୟେଷ୍ଠପୁତ୍ର ହିସାବରେ ଅନେକ କଷ୍ଟ ତୁ ସହିଛୁ । ପରିବାରର ମୁଖ୍ୟ ହିସାବରେ ଅନେକ ଦାୟିତ୍ୱ ତୁଲାଇଛୁ । କିନ୍ତୁ ପ୍ରକୃତରେ କୁନ୍ତୀଙ୍କର ଜ୍ୟେଷ୍ଠପୁତ୍ର ତୁ ନୋହୁଁ । ସାରାଜୀବନ କୁନ୍ତୀ ପୁତ୍ରର ଗୌରବରୁ ଯେ ବଞ୍ଚିତ ହୋଇଥିଲା, ସେ ପ୍ରକୃତରେ କୁନ୍ତୀର ଜ୍ୟେଷ୍ଠପୁତ୍ର । ସେ ଆଜି ତୋ ସମ୍ମୁଖରେ ମରିଶୋଇଛି । ସେ ତୋର ଜ୍ୟେଷ୍ଠଭ୍ରାତା ସୂର୍ଯ୍ୟନନ୍ଦନ ମହାବୀର ଦାତାକର୍ଣ୍ଣ । ମୋର କୁମାରୀ ବୟସର ଋଷି ଆଶୀର୍ବାଦର ଫଳ ହେଲେ ମଧ୍ୟ ଏ ପୃଥିବୀରେ ସେ ଅଭିଶପ୍ତ ଜୀବନ କାଟି ଭାଇ ହାତରେ ପ୍ରାଣ ଦେଇଛି ।''

ପୁଣ୍ୟ ଯୁଦ୍ଧଭୂମି, ଆଜି ଯାହା ଶ୍ମଶାନ ଭୂମିରେ ପରିଣତ ହୋଇ ଶତ୍ରୁ, ମିତ୍ର, ଧନୀ, ଦରିଦ୍ର, ଉଚ୍ଚନୀଚକୁଳସମ୍ଭୂତ ସମସ୍ତଙ୍କୁ ସମାନକରି ସମତୁଲ କରିଦେଇଛି, ସେଇ ପବିତ୍ର ମାଟିରେ ଠିଆ ହୋଇ ମାତା କୁନ୍ତୀ ନିଜ ଜୀବନର ଚରମ ଗୋପନୀୟତାକୁ ପୁତ୍ରମାନଙ୍କ ସମକ୍ଷରେ ପ୍ରକାଶ କରିଦେଇ ଆଉ ଥରେ ମୃତ ପୁତ୍ର ପାଇଁ ବିଳାପ କରିବାକୁ ଲାଗିଲେ ।

ଅର୍ଜୁନ ଅଶ୍ରୁପୂର୍ଣ୍ଣ ନୟନରେ ଅସ୍ତାୟମାନ ସୂର୍ଯ୍ୟପରି ମଉଳି ପଡ଼ିଥିବା ସୌମ୍ୟବକ୍ତ୍ର ବୀର କର୍ଣ୍ଣଙ୍କୁ ଘ୍ରହିଁରହି ନିଜକୁ ଅଭିଶାପ ଦେଉଥିଲେ ।

ସବୁ ସଙ୍କୋଚ ଭୁଲି ମା'ଙ୍କ ଅଶ୍ରୁ ସଙ୍ଗେ ଅଶ୍ରୁ ମିଶାଇ ମୁଁ ଅଭିମାନୀ କର୍ଣ୍ଣଙ୍କର ମୃତ ଆତ୍ମା ପ୍ରତି ନୀରବ ଶ୍ରଦ୍ଧାଞ୍ଜଳି ଜଣାଉଥିଲି ।

Digitized by srujanika@gmail.com

ଅସଂଖ୍ୟ ଚିତାନଳ ସଙ୍ଗେ ଅଭିମାନୀ କର୍ଣ୍ଣଙ୍କର ମରଶରୀର ଚିତାନଳରେ ଜଳୁଥିଲା । ଜଳିଯାଉଥିଲା କର୍ଣ୍ଣଙ୍କର ଗର୍ବ, ଅହଙ୍କାର, ଦୈବୀଶକ୍ତିକୁ ଅତିକ୍ରମ କରି ବିଜୟୀ ହେବାର ଆସ୍ଫାଳନ । କିନ୍ତୁ ତାଙ୍କ ପୁରୁଷାର୍ଥର ଜୟ ଜୟକାର ମୋ ହୃଦୟ ଭିତରେ ଶୁଭୁଥିଲା ।

ଆଶ୍ଚର୍ଯ୍ୟ ହୋଇ ଦେଖିଲି କର୍ଣ୍ଣଙ୍କର ପ୍ରିୟ ପରିଗ୍ରହିକା 'ଅସ୍ମିତା' ଚିତାନଳରେ ଝାସ ଦେଇ ଜଳିଯାଉଛି, ଭସ୍ମ ହୋଇଯାଉଛି ।

ସାରା ଜୀବନ ଅସ୍ମିତା କର୍ଣ୍ଣଙ୍କର ଜୀବନକୁ ଜବଳିତ କରି ରଖିଥିଲା । ଆଜି ମୃତ୍ୟୁ ତାକୁ ଜବଳିତ କରିନେଲା ।

ଜୀବନ ଅହଙ୍କାରକୁ ଅତିକ୍ରମ କରିପାରେ ନାହିଁ; କିନ୍ତୁ ମୃତ୍ୟୁ ଅହଙ୍କାରକୁ ଅତିକ୍ରମ କରିଯାଏ । କର୍ଣ୍ଣଙ୍କର ପ୍ରାଣହୀନ ମୁଖମଣ୍ଡଳ ଅହଙ୍କାର ଶୂନ୍ୟ ହୋଇଯାଇ ଚିତାଗ୍ନିର ଲେଲିହାନ ଶିଖା ଭିତରେ ପୂର୍ବାହ୍ନ ସୂର୍ଯ୍ୟଭଳି ଉଜ୍ଜ୍ୱଳ, ନିର୍ମଳ, କୋମଳ ଦିଶୁଛି । ମନେହେଲା ଚିତାଗ୍ନି ଭିତରେ ମୁଁ ଦେବଦର୍ଶନ କରୁଛି । ମାତା କୁନ୍ତୀ ଏବଂ ପାଣ୍ଡବମାନେ ଅଶ୍ରୁ ଢାଳୁଥିଲେ ।

ଶ୍ରୀକୃଷ୍ଣ ମୋ ପାଖରେ ଠିଆହୋଇ ମାତା କୁନ୍ତୀଙ୍କୁ ବୁଝାଉଥିଲେ, ପାଣ୍ଡବମାନଙ୍କୁ ବୁଝାଉଥିଲେ — ''ଦୈବୀଶକ୍ତି ଓ ପୌରୁଷ ଏ ଉଭୟ ବନ୍ଧନରେ ମନୁଷ୍ୟ ଆବଦ୍ଧ । ଏ ଉଭୟ ନଥିଲେ ମନୁଷ୍ୟ କର୍ଣ୍ଣଙ୍କ ପରି ସବୁ ସଦ୍‌ଗୁଣ ସତ୍ତ୍ୱେ ସବୁଥିରେ ଅକୃତକାର୍ଯ୍ୟ ହୁଏ । ପୌରୁଷର ଏକ ଆହ୍ୱାନ ଅଛି । କର୍ଣ୍ଣର ତାହା ଥିଲା । ମାତ୍ର ପୌରୁଷ ସହ ପ୍ରାର୍ଥନାର ସଂଯୋଗ ବିନା ଅହଙ୍କାର ତାକୁ ଗ୍ରାସ କରିଗଲା । ମନୁଷ୍ୟ ଯେ ପର୍ଯ୍ୟନ୍ତ ଜୀବିତ ରହିଥାଏ, ସେ ପର୍ଯ୍ୟନ୍ତ ଅହଙ୍କାର ତା'ଭିତରେ ରହିବ । ତା'ର ଅର୍ଥ ନୁହେଁ ଯେ ମୃତ୍ୟୁ ହିଁ ଅହଙ୍କାର ନାଶର ଏକମାତ୍ର ପନ୍ଥା । ଜୀବିତ ଥାଇ ଅହଙ୍କାର ନାଶର ପନ୍ଥା ହେଉଛି ସମାପ୍ତ ହୋଇଯିବା, ଅର୍ଥାତ୍ ନିଜକୁ ସମ୍ପୂର୍ଣ୍ଣ ସମର୍ପଣ କରିଦେବା । ପ୍ରଯତ୍ନ ଏବଂ ପ୍ରାର୍ଥନା ଉଭୟର ସମନ୍ୱୟ ଭିତରେ ସମ୍ପୂର୍ଣ୍ଣ ଆତ୍ମସମର୍ପଣ କରିଦିଅ । ତେବେ ତୁମେ ବଞ୍ଚିରହିବ ଅଥଚ ସମାପ୍ତ ହୋଇଯିବ । ଅହଙ୍କାରଶୂନ୍ୟ ଜୀବନ ଅସମ୍ଭବ । କିନ୍ତୁ କ୍ଷୁଦ୍ର ଅହଙ୍କାର ତ୍ୟାଗ କରି ମହାନ୍ ଅହଙ୍କାର ପୋଷଣ କର — ଅର୍ଥାତ୍ 'ହେ ପ୍ରଭୁ ! ମୁଁ ତୁମର ଏବଂ ସେଇଥିପାଇଁ ମୋର ଅହଙ୍କାର ।' କର୍ଣ୍ଣର ଥିଲା କ୍ଷୁଦ୍ର ଅହଙ୍କାର ଅର୍ଥାତ୍ ଆତ୍ମଶକ୍ତିର ଅହଙ୍କାର । ଅର୍ଜୁନ ମଧ୍ୟ ଅହଙ୍କାରଶୂନ୍ୟ ନୁହନ୍ତି । ଅର୍ଜୁନଙ୍କର ଅହଙ୍କାର ମହାନ୍ — ''ତବଶକ୍ତି ଅଭିମାନ'' ହେଉଛି ଅର୍ଜୁନଙ୍କର । କର୍ଣ୍ଣ କହୁଥିଲେ, ''ମୁଁ ମୋ ପାଇଁ ବଡ଼'' । ଅର୍ଜୁନ କହୁଥିଲେ ''ମୁଁ ତମ ପାଇଁ ବଡ଼'' । ଏହାହିଁ କର୍ଣ୍ଣ ଏବଂ ଅର୍ଜୁନଙ୍କ ମଧ୍ୟରେ ଏକମାତ୍ର ତଫାତ୍ — ନବେଦ୍, ଶୌର୍ଯ୍ୟ, ବୀରତ୍ୱ ଏବଂ

Digitized by srujanika@gmail.com

ପୁରୁଷାର୍ଥ ଦୃଷ୍ଟିରୁ ଦୁହେଁ ସମାନ । ଦୁହିଁଙ୍କର ଶରୀର ଭିନ୍ନ, ଶକ୍ତି ଏକ । ଅହଙ୍କାର ଯୋଗୁ ହିଁ କର୍ଣ୍ଣ ନାଶ ଗଲେ । ଅହଙ୍କାର ନାଶ ଯୋଗୁ ଅର୍ଜୁନ ବିଜୟୀ ହୋଇ ବଞ୍ଚିରହିଲେ । ତେଣୁ କର୍ଣ୍ଣଙ୍କ ପାଇଁ ଦୁଃଖ ତ୍ୟାଗ କର । ଜେହି କାହାକୁ ନାଶ କରେ ନାହିଁ । ମଣିଷ କାଳସ୍ରୋତରେ ନିଜେ ନାଶଯାଏ ।''

ପୁତ୍ରଶୋକରେ ଅଧୀରା ମାତା ଗାନ୍ଧାରୀ କୃଷ୍ଣଙ୍କର ତତ୍ତ୍ୱବାଣୀ ଶୁଣି କ୍ରୋଧରେ କହିଲେ — ''ହେ କୃଷ୍ଣ, ତମେ ଶାସ୍ତ୍ରଜ୍ଞ, ଅଲୌକିକ ଶକ୍ତିର ଅଧିକାରୀ ଏବଂ ପୁରୁବଂଶର ପରମ ଆତ୍ମୀୟ । ତୁମଦ୍ୱାରା କ'ଣ ବା ଅସମ୍ଭବ ? ତୁମେ ଗ୍ରହିଁଥିଲେ କୌରବମାନେ ଏହି ବିନାଶରୁ ରକ୍ଷା ପାଇଯାଇଥା'ନ୍ତେ । ଶତ୍ରୁକୁ ବିନାଶ କରି ରାଜ୍ୟଭୋଗରେ ଆନନ୍ଦ ନଥାଏ । ପରାଜିତ ଶତ୍ରୁ ଆଗରେ ହିଁ ରାଜ୍ୟଭୋଗ କରିବାରେ ପରମ ଗୌରବ ମିଳେ । ଦେଖ, ଯୁଧିଷ୍ଠିର ରାଜ୍ୟଲାଭ କରିଛନ୍ତି; ମାତ୍ର କୌରବମାନଙ୍କ ସମେତ ଆତ୍ମୀୟମାନଙ୍କୁ ହରାଇ କିପରି ନିଜକୁ ଅଭିଶାପ ଦେଉଛନ୍ତି । ମୋର ପୁତ୍ରମାନଙ୍କର ବିନାଶ ପାଇଁ ତୁମେ ହିଁ ଦାୟୀ —''

କୃଷ୍ଣ ପ୍ରଶାନ୍ତ କଣ୍ଠରେ କହିଲେ — ''ଦେବି, ପରଧନ ପ୍ରତି ଆସକ୍ତି, ଅପର ରାଜ୍ୟ ଅପହରଣ, ପରଶ୍ରୀକାତରତା ଏବଂ ମାତୃଜାତିର ଅପମାନ ଯୋଗୁଁ ଆପଣଙ୍କର ପୁତ୍ରମାନେ ନାଶ ଗଲେ । ଦ୍ୟୂତକ୍ରୀଡ଼ା ପ୍ରତି ଆସକ୍ତି ଯୋଗୁଁ ଯୁଧିଷ୍ଠିରଙ୍କ ଭଳି ଧର୍ମବନ୍ତ ରାଜା ଅଶେଷ କଷ୍ଟ ପାଇଲେ । ଏଥିରେ ମୋର କ'ଣ କରିବାର ଥିଲା ? ମୁଁ ଶେଷ ପର୍ଯ୍ୟନ୍ତ ଶାନ୍ତି ସ୍ଥାପନର ଉଦ୍ୟମ କରି ଆସିଥିଲି । ଯୁଦ୍ଧର ପରିଣତି ସବୁବେଳେ ଜନକ୍ଷୟ, ଧନକ୍ଷୟ, ସଭ୍ୟତାର ଧ୍ୱଂସ ଓ ମାନବ ଜାତିର ଅଶେଷ ଅକଲ୍ୟାଣ । ସେଥିରେ ଦୋଷୀ, ନିର୍ଦ୍ଦୋଷ, ଶାନ୍ତିପ୍ରିୟ ଏବଂ ଯୁଦ୍ଧଖୋର ଉଭୟ କ୍ଷତିଗ୍ରସ୍ତ ହୁଅନ୍ତି । ମୋର ଶାନ୍ତି ପ୍ରସ୍ତାବକୁ ଅବଜ୍ଞା କରି କୌରବମାନେ ନାଶ ଗଲେ ।''

ପୁତ୍ରମାନଙ୍କର ଚିତା ନିଆଁ ନିକଟରେ ଠିଆହୋଇ ଗାନ୍ଧାରୀ ଅତ୍ୟନ୍ତ କ୍ଷୋଭର ସହ କହିଲେ — ''ହେ କୃଷ୍ଣ, ତମେ ଯେତେ ସଫେଇ ଦେଲେ ମଧ୍ୟ ତୁମେ ହିଁ ସମସ୍ତ କାରଣର କାରଣ । ମୋର ଯଦି ସାମାନ୍ୟତମ ପୁଣ୍ୟବଳ ଥାଏ, ତେବେ ମୁଁ ତୁମକୁ ଅଭିଶାପ ଦେଉଛି — ଯେପରି ଆଜି ଏହି ଭରତ ବଂଶର ବଂଶନାଶ ହୋଇଛି, ସେହିପରି ତୁମର ବଂଶନାଶ ହେବ । ଭରତବଂଶ ପରି ତୁମର ଜ୍ଞାତିବର୍ଗ ପରସ୍ପର ଭିତରେ କଳହ କରି ଆଜିଠାରୁ ଛତ୍ରିଶ ବର୍ଷ ପରେ ବିନାଶ ଲଭିବେ । କୌରବ ରମଣୀଙ୍କ ପରି ଯାଦବ ବଂଶର ରମଣୀମାନେ ପତିହୀନା, ପୁତ୍ରହୀନା, ଜ୍ଞାତିକୁଟମ୍ବହୀନା ହୋଇ ରୋଦନ କରିବେ ଏବଂ ଦ୍ୱାରକାପୁରୀ ରସାତଳଗାମୀ ହେଉ ।''

Digitized by srujanika@gmail.com

ମୁଁ ସମ୍ମୋହିତା ହୋଇ ଭାବୁଥିଲି, ବଂଶନାଶର ଶୋକ ଯିଏ ଜାଣିଛି ସେ ନାରୀ ହୋଇ ଆଉଜଣକୁ ସେହି ଅଭିଶାପ ଦେଇପାରିଲା କିପରି ? ପୁଣି ଯଦୁକୁଳ ପ୍ରଦୀପ ପୂର୍ଣପୁରୁଷ କୃଷ୍ଣଙ୍କୁ ଏ ଅଭିଶାପ ଦେଇପାରିଲେ ମାତା ଗାନ୍ଧାରୀ ? ଏହି କ'ଣ ତାଙ୍କ ମାତୃ ହୃଦୟର ଉଦାରତା ? ଶହେ ପୁତ୍ରଙ୍କୁ ଜନ୍ମଦେଲେ ନାରୀ ଜନନୀ ହୁଏ ନାହିଁ, ଜନନୀ ହୁଏ ହୃଦୟ ଆକାଶ ପରି ଉଦାର ହେଲେ, ଧରିତ୍ରୀ ପରି ସହଣିକ ହେଲେ, ସାଗର ପରି ସ୍ନେହ ମମତାରେ ରହଗର୍ଭା ହେଲେ । ଶୁଣିଲି ମାତା କୁନ୍ତୀ ଅନୁଚ୍ଚ ସ୍ୱରରେ ପ୍ରାର୍ଥନା କରୁଛନ୍ତି — ''ହେ ବାସୁଦେବ, ତୁମଛଡ଼ା ଯଦୁକୁଳ ବିନାଶ କାହାରି ଅଭିଶାପ ଦ୍ୱାରା ହେବ ନାହିଁ । ହେ ମଧୁସୂଦନ, ଶତ୍ରୁକୁ ମଧ୍ୟ ବଂଶନାଶ, ପ୍ରଜାନାଶ, ପୁତ୍ରବିନାଶ ଶୋକ ଦିଅ ନାହିଁ — ଏତିକି ପ୍ରାର୍ଥନା ।''

ଶ୍ରୀକୃଷ୍ଣ ହସି ହସି କହିଲେ — ''ଦେବି ଗାନ୍ଧାରି ! ଆପଣଙ୍କର କିଛି ପୁଣ୍ୟ ବଳ ଅଛି, ଏତିକି ସୁଖ ଆପଣଙ୍କୁ ନିଶ୍ଚୟ ମିଳିବ । କାରଣ ମୋର ଜ୍ଞାତି କୁଟୁମ୍ବ ସୁରାସକ୍ତ ହୋଇ ନିଜ ନିଜ ଭିତରେ କଳହ କରି ବିନାଶ ଲଭିବେ । ଧର୍ମସ୍ଥାପନା ପାଇଁ ଅଧର୍ମର ଧ୍ୱଂସ ଆବଶ୍ୟକ । ତେଣୁ ମୋର ପୁତ୍ରମାନେ ଯଦି ଧର୍ମପଥ ତ୍ୟାଗ କରିବେ ତେବେ କାଳର କବଳରେ ପଡ଼ି ସମୂଳେ ନାଶ ଯିବେ । ଠିକ୍ ଛତ୍ରିଶବର୍ଷ ପରେ କାଳସ୍ରୋତରେ ଏକ ଯୁଗର ପରିବର୍ତ୍ତନ ହେବ ଏବଂ ଆପଣଙ୍କ ଅଭିଶାପ ଫଳିବ !''

ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ଜଣେ ନାରୀର ପୁଣ୍ୟବଳକୁ ପ୍ରତିପାଦନ କରିବା ପାଇଁ ତା'ର ନିର୍ମମ ଅଭିଶାପକୁ ବରିନେଲେ !

ଅଗୁରୁ, ଚନ୍ଦନ, କୁଙ୍କୁମ, ଘୃତ, ତୈଳ, ଆଦିର ସୁଗନ୍ଧି ଭିତରେ ସାମୂହିକ ଚିତାନଳର ଲେଲିହାନ ଶିଖା ଉର୍ଦ୍ଧ୍ୱକୁ ଉଠୁଥିଲା । ମୃତ୍ୟୁକାମୀ ଶୋକାଭିଭୂତ ହୃଦୟରେ ଚୈତନ୍ୟ ଜାଗୃତି, ଜୀବନ ଜାଗୃତି, ଭାବ ଜାଗୃତି କରୁଥିଲା । ଉର୍ଦ୍ଧ୍ୱଗାମୀ ଚିତାନଳ ଯେମିତି ଚେତାଇ ଦେଉଥିଲା — ଉର୍ଦ୍ଧ୍ୱଗାମୀ ହୁଅ, ଉଦାର ହୁଅ, ବିଶାଳ ହୁଅ, ପରମାତ୍ମାର ଅସ୍ତିତ୍ୱ ଭିତରେ ହଜିଯାଅ, ତେବେ ଶୋକ, ଦୁଃଖକୁ, ଜୟ କରିପାରିବ— ଜୀବନର ସାର୍ଥକତା ଉପଲବ୍ଧ ହେବ ।''

॥ ୫୩ ॥

ପୁତ୍ରହୀନ, ବନ୍ଧୁହୀନ ଜୀବନରେ ଛତ୍ରିଶ ବର୍ଷର ରାଜ୍ୟଶାସନ ଯୁଧିଷ୍ଠିରଙ୍କର କୃତକର୍ମ ପାଇଁ ଏକ ଅଭିଶାପ ଥିଲା । ପ୍ରତିମୁହୂର୍ତ୍ତରେ ହସ୍ତିନାର ବିଧବା, ପୁତ୍ରହୀନା ରମଣୀଙ୍କର ବିଷାଦପୂର୍ଣ୍ଣ ଅଭିଯୋଗଭରା ଦୃଷ୍ଟି ତାଙ୍କୁ ତିରସ୍କାର କରୁଥିଲା — ''ଏଇ

Digitized by srujanika@gmail.com

ସେଇ ଧର୍ମବନ୍ତ ରାଜା ଯୁଧିଷ୍ଠିର, ଯିଏ ଦ୍ୟୂତକ୍ରୀଡ଼ାର ବଶବର୍ତ୍ତୀ ହୋଇ ରାଜ୍ୟ ଏବଂ ସ୍ତ୍ରୀକୁ ହରାଇ ଯୁଦ୍ଧର ଭିତ୍ତିପ୍ରସ୍ତର ଦେଇଥିଲା ଏବଂ ସର୍ବଶେଷରେ ସମସ୍ତଙ୍କୁ ହରାଇ ରାଜ୍ୟଭୋଗ କରୁଛି । ଅଗଣିତ ନିରୀହ ପ୍ରଜାଙ୍କର ଦୁଃଖର କାରଣ ଏହି ଯୁଧିଷ୍ଠିର ।''

ଯୁଧିଷ୍ଠିରଙ୍କର ଦୁଃଖର ଅଂଶୀଦାର ଥିଲି ମୁଁ । ପନ୍ଦର ବର୍ଷ କାଳ ଅନ୍ଧ ଧୃତରାଷ୍ଟ୍ର, ଗାନ୍ଧାରୀ ଏବଂ ମାତା କୁନ୍ତୀଙ୍କର ସେବାରେ ନିୟୋଜିତ ରହି ସମୟ କଟିଗଲା । ପନ୍ଦର ବର୍ଷ ଅନ୍ତେ ପିତା ଧୃତରାଷ୍ଟ୍ର, ମାତା ଗାନ୍ଧାରୀ ଏବଂ ମାତା କୁନ୍ତୀ ବନବାସ କରି ଶେଷ ଜୀବନ କଟାଇବେ ବୋଲି ବିଦାୟ ନେଲେ ।

ବିଦାୟ କାଳରେ ମାତା କୁନ୍ତୀ ଯୁଧିଷ୍ଠିରଙ୍କର ହାତ ଧରିପକାଇ କହିଲେ — ''ପୁତ୍ର ! ମୋ ପରି ଅଭାଗିନୀ କେହି ନାହିଁ । ରାଜ୍ୟଲାଭ କରିବା ପରେ ମଧ୍ୟ ରାଜମାତାର ଆନନ୍ଦ ଦିନେ ମଧ୍ୟ ଅନୁଭବ କରିନାହିଁ । କାରଣ କର୍ଣ୍ଣପରି ସୁପୁତ୍ର ପ୍ରତି ସାରାଜୀବନ ଅବିଗ୍ଧର ଓ ଅବହେଳା କରି ଶେଷରେ ତାକୁ ହରାଇଥିବାର ଦୁଃଖରେ ମୋର ହୃଦୟ ପ୍ରତିମୁହୂର୍ତ୍ତରେ ବିଦୀର୍ଣ୍ଣ ହେଉଛି । ଶେଷବେଳରେ ଏତିକି ମାଗୁଣି, ଜ୍ୟେଷ୍ଠଭ୍ରାତା କର୍ଣ୍ଣର ମୃତ୍ୟୁ ଦିବସରେ ତା'ର ଶ୍ରାଦ୍ଧ ଦେବୁ ଏବଂ ତା'ର ଆତ୍ମାର ସୁଖ ଶାନ୍ତି ମନାସିବୁ । ପ୍ରକାଶ୍ୟରେ କେବେହେଲେ ତା'ର ଜନ୍ମତିଥି ପାଳିନାହିଁ । ତା'ର ମୃତ୍ୟୁତିଥି ପାଳିବା ପାଇଁ ତମମାନଙ୍କୁ କହିବାରେ ଆଜି ମୋର କୁଣ୍ଠା ନାହିଁ ।''

ଅଶ୍ରୁ ଝରାଇ ମାତା କୁନ୍ତୀ ବିଦାୟ ନେଲେ । ପଞ୍ଚପୁତ୍ରଙ୍କୁ ଛାଡ଼ିଯାଉଥିବା ଦୁଃଖରେ ନୁହେଁ, ଚିର ଅବହେଳିତ ପୁତ୍ର କର୍ଣ୍ଣଙ୍କର ମୃତ୍ୟୁ ଦିବସକୁ ସ୍ମରଣ କରି ପୁନର୍ବାର ସଦ୍ୟ ପୁତ୍ରଶୋକରେ ବାହୁନି ବାହୁନି ସେ ବିଦାୟ ନେଇଗଲେ ।

ବର୍ତ୍ତମାନ ହାତରେ ଆଉ କିଛି କାମ ନାହିଁ । ସେବା କରିବା ପାଇଁ ଗୁରୁଜନ ନାହାନ୍ତି । ଆଦର କରିବା ପାଇଁ ପୁତ୍ରମାନେ ନାହାନ୍ତି । ଜୀବନ ବୋଝ ପରି ମାଡ଼ିବସୁଛି । ସମୟ କଟିବ କିପରି ?

ଏକମାତ୍ର ଅବଲମ୍ବନ ସଖା ଶ୍ରୀକୃଷ୍ଣ । ମଝିରେ ମଝିରେ ସଖା ଆସନ୍ତି, ଆମେ ଯାଉ, ସମୟ କଟିଯାଏ । ଅର୍ଜୁନ ଏବଂ ମୁଁ ଏକତ୍ର ବସି ସଖାଙ୍କ ଗୁଣ ବର୍ଣ୍ଣନା କରି ଅପାର ଆନନ୍ଦ ଲାଭ କରୁ । ଯୁଦ୍ଧକ୍ଷେତ୍ରରେ କହିଥିବା ସଖାଙ୍କର ତତ୍ତ୍ୱ ବ୍ୟାଖ୍ୟା କରନ୍ତି ଅର୍ଜୁନ । କେତେ ସ୍ମୃତି ଫୁଲ ହୋଇ ମନର ଉଦ୍ୟାନରେ ଫୁଟେ । ସ୍ମୃତିକୁ ନେଇ ବଞ୍ଚି ରହିବାକୁ ହୁଏ ।

ମନେପଡ଼େ, ଯୁଦ୍ଧର ନବମ ଦିବସରେ ପିତାମହ ଭୀଷ୍ମ ଯେତେବେଳେ ପ୍ରତିଜ୍ଞା କଲେ ପରଦିନ ପାଣ୍ଡବ ବିନାଶ କରିବେ, ସେତେବେଳେ ପାଣ୍ଡବ ଶିବିରରେ ଭାଳେଣି ପଡ଼ିଗଲା । ଜୀବନ ଯେଉଁଠି ବିପନ୍ନ, ସେଠି ନିଦ୍ରା କେଉଁଠୁ ଆସିବ ?

Digitized by srujanika@gmail.com

ରାତି ଅଧ । ସଖା ଶ୍ରୀକୃଷ୍ଣ ପହଞ୍ଚିଲେ ଆସି ମୋ ପାଖରେ । କହିଲେ — ''ରଥ ପ୍ରସ୍ତୁତ, ଆସ ଗୋଟିଏ ସ୍ଥାନକୁ ଯିବା ।'' ମୁଁ ପ୍ରଶ୍ନ କଲି —''ଏତେ ରାତିରେ ତମ ସଙ୍ଗେ ଯିବି କୁଆଡ଼େ ?'' ସଖା ହସି ହସି କହିଲେ — ''ତମକୁ କୁଆଡ଼େ ନେଇଯିବା କଥା ହୋଇଥିଲେ ବହୁ ପୂର୍ବରୁ ତା' କରିଥା'ନ୍ତି । ଆଜି ପର୍ଯ୍ୟନ୍ତ କ'ଣ ସଖାକୁ ଚିହ୍ନିପାରିଲ ନାହିଁ ? ଅନ୍ତତଃ ଏଇ ଜ୍ୟୋସ୍ନା ରାତ୍ରିରେ ତମ ସହ ରଥରେ ବସି ଘେରାଏ ବୁଲି ଆସିବାର ବେଳ ଏ ନୁହେଁ ।''

ମୁଁ ରଥରେ ବସିଲି । ରଥ ଅଟକିଲା କୌରବ ସେନା ଶିବିର ନିକଟରେ । ନିଶାର୍ଦ୍ଧରେ କୌରବ ଶିବିରରେ ମୋର କି କାମ ? ପାଣ୍ଡବମାନଙ୍କ ଜୀବନ ବିନିମୟରେ ସଖା ମତେ କୌରବମାନଙ୍କୁ ଉପହାର ଦେବେ ନା କ'ଣ ?

ଶ୍ରୀକୃଷ୍ଣ ଅନ୍ଧାର ଭିତରେ ମୋ ହାତ ଧରିଲେ । କହିଲେ — ''ଆସ୍ତେ ଆସ, ଯେପରି ପଦଶବ୍ଦ ନହୁଏ କି କେହି ନିଦରୁ ଉଠି ନପଡ଼ନ୍ତି । ତମେ ସିଧାସଳଖ ପିତାମହ ଭୀଷ୍ମଙ୍କ ଶିବିରକୁ ଯିବ । ପାଣ୍ଡବମାନଙ୍କୁ ମାରିବେ କି ନା ଦ୍ୱନ୍ଦ୍ୱ ଯୋଗୁଁ ସେ ନିଦ୍ରା ଯାଇନାହାନ୍ତି । ତମେ ମୁଣ୍ଡରେ ଭଲକରି ଓଢ଼ଣା ଟାଣିଦେଇ ତାଙ୍କୁ କେବଳ ପ୍ରଣାମ କରିବ । କିଛି କହିବା ଆବଶ୍ୟକ ନାହିଁ ।''

ମୁଁ ଧୀରେ ଧୀରେ ଯାଉଥାଏ । ମୋ ପାଦର ପାଣ୍ଡୋଇ ଶବ୍ଦ ହେଉଛି ଜାଣିପାରି ସଖା କହିଲେ — ''ପାଣ୍ଡୋଇ ଖୋଲିଦିଅ । କୌରବମାନେ ଉଠିପଡ଼ିଲେ ବିପଦ ।'' ପାଣ୍ଡୋଇ ଖୋଲିଦେଲି । ତଳେ ରଖିବାକୁ ଯାଉଛି ସଖା ମୋ ହାତରୁ ପାଣ୍ଡୋଇ ନେଇ ଧରିଲେ ଏବଂ କହିଲେ —''ତଳେ ରଖିବାବେଳେ ବି ଶବ୍ଦ ହୋଇପାରେ । କେହି ଉଠିପଡ଼ିଲେ, ସ୍ତ୍ରୀ ଲୋକଙ୍କ ପାଣ୍ଡୋଇ ଭୀଷ୍ମଦେବଙ୍କ ଦ୍ୱାର-ମୁହଁରେ ଦେଖି ସନ୍ଦେହ କରିପାରେ । ତା' ଦ୍ୱାରା ମୋର ସବୁ କାରସାଦି ପଣ୍ଡ ହୋଇଯିବ ।'' ଶ୍ରୀକୃଷ୍ଣ ମୋର ପାଣ୍ଡୋଇ ଧରିଛନ୍ତି ଦେଖି ମୁଁ ଲଜ୍ଜା ଏବଂ ସଙ୍କୋଚରେ ଏତେ ଟିକେ ହୋଇଗଲି । ସେଭଳି ସଙ୍କଟ ସମୟରେ ମଧ୍ୟ ସଖା ରସିକତା କରି କହିଲେ — ''ତମ ପାଦସ୍ପର୍ଶ ଲାଗିଥିବା ପଣ୍ଡୋଇକୁ ହାତରେ କ'ଣ, ବକ୍ଷରେ ବା ମସ୍ତକରେ ଧାରଣ କରିବା ପାଇଁ ମଧ୍ୟ ଆର୍ଯ୍ୟାବର୍ତ୍ତର ଯେ କୌଣସି ଶୌର୍ଯ୍ୟବନ୍ତ ରାଜପୁତ୍ର ନିଜର ପରମ ସୌଭାଗ୍ୟ ମନେକରେ । ସେଇ ସୌଭାଗ୍ୟ ଆଜି ମୋ ହାତରେ ଧରା ଦେଇଛି । ଯାଅ ଭିତରକୁ ଯାଅ ।''

ବାକ୍ୟବ୍ୟୟ ନ କରି ମୁଁ ଭିତରକୁ ଗଲି ଏବଂ ପିତାମହଙ୍କ ପାଦତଳେ ଭୂମିଷ୍ଠ ପ୍ରଣାମ ଜଣାଇଲି । ମିଞ୍ଜି ମିଞ୍ଜି ଦୀପ ଆଲୁଅରେ ମତେ ଚିହ୍ନି ନପାରି ପିତାମହ

Digitized by srujanika@gmail.com

ଭାବିଲେ କେଉଁ ପ୍ରକାର ବୋହୂ ହୁଏତ, କିଛି ଆପତ୍ତି ଅଭିଯୋଗ ଏତେ ରାତିରେ ଆଣି ଆସିଛି । ତାଙ୍କ ମୁହଁରୁ ସ୍ୱତଃ ବାହାରିଆସିଲା — ''ଅହ୍ୟ ସୁଲକ୍ଷଣୀ ହୁଅ ।''

ବର୍ତ୍ତମାନ ସଖାଙ୍କର ଉଦ୍ଦେଶ୍ୟ ବୁଝିପାରିଲି । ମୁଞ୍ଚରୁ ଓଢ଼ଣା କାଢ଼ି ଆନନ୍ଦରେ କହିଲି — ''ପିତାମହ ! ଆପଣଙ୍କର ବଚନ ସତ୍ୟ ହେଉ, ଏହାହିଁ ମୋର ପ୍ରାର୍ଥନା ।'' ମତେ ଚିହ୍ନିପାରି ପିତାମହ ଆଶ୍ଚର୍ଯ୍ୟ ହୋଇ କହିଲେ — ''ନାତୁଣୀ ବୋହୂ କୃଷ୍ଣା । ମୋ ମୁହଁରୁ ଏଇ କଥା ପଦକ ଆଦାୟ କରିବା ପାଇଁ ଏତେ ରାତିରେ କୌରବ ଶିବିରକୁ ଆସିବା ପାଇଁ ତତେ ବୁଦ୍ଧି ବତାଇଲା କିଏ ? କୃଷ୍ଣଙ୍କ ଛଡ଼ା ଏ ବୁଦ୍ଧି କାହାର ହେବ ?''

ମନେପଡ଼ିଲା, ସଖା ମୋର ପାଣ୍ଚୋଇ ଧରି ବାହାରେ ଠିଆ ହୋଇଛନ୍ତି । ଲଜ୍ଜାରେ ମରିଗଲି । ପିତାମହଙ୍କୁ କହିବି କ'ଣ ?

କାର୍ଯ୍ୟସିଦ୍ଧି ହୋଇଛି ଜାଣି ସଖା ଭିତରକୁ ଆସିଲେ ଏବଂ କହିଲେ — ''ବର୍ତ୍ତମାନ ଆପଣ ନିଜ ବଚନ ରକ୍ଷା କରନ୍ତୁ । ନାତୁଣୀ ବୋହୂକୁ 'ଅହ୍ୟ ସୁଲକ୍ଷଣୀ ହୁଅ' ବୋଲି ଆଶୀର୍ବାଦ କରି କାଲି ପ୍ରଭାତରେ ପାଣ୍ଡବ ବିନାଶ କରିବେ କୋଉ ନ୍ୟାୟରେ ?''

ପିତାମହ ହସି ହସି କହିଲେ — ''କୃଷ୍ଣ, ତୁମର ଲୀଳା ମୁଁ ଶୁଣିଥିଲି, ଆଜି ସ୍ୱଚକ୍ଷୁରେ ଦେଖୁଛି । ଶୁଣିଥିଲି ଗୋପପୁରୀରେ ଶ୍ରୀରାଧାଙ୍କ ପାଦ ଧରିଥିଲ; ଦେଖୁଛି ହସ୍ତିନାପୁରୀରେ କୃଷ୍ଣାଙ୍କର ପାଣ୍ଚୋଇ ବୋହି ବୁଲୁଛ । ନାରୀମାନଙ୍କର ପଦସେବାରେ ତମକୁ କି ଆନନ୍ଦ ମିଳେ, ସେ କଥା ଆଜୀବନ ବ୍ରହ୍ମଚାରୀ ବୃଦ୍ଧ ଭୀଷ୍ମ ବୁଝିବା କଷ୍ଟ । ହଉ ଏତେ କଷ୍ଟ ଯେତେବେଳେ କଲଣି ପାଣ୍ଡବମାନଙ୍କୁ କାଲି ମୋ ନିଜ ମୃତ୍ୟୁର ଭେଦ ବତାଇଦେବା ଛଡ଼ା ଅନ୍ୟ ଉପାୟ ନାହିଁ । ଏବେ ପାଣ୍ଡବମାନଙ୍କ ପାଇଁ ନିଶ୍ଚିନ୍ତ ରୁହ ।''

ଶ୍ରୀକୃଷ୍ଣ ହସି ହସି କହିଲେ —''ଏଥିରେ କଷ୍ଟ କ'ଣ, ଆପଣଙ୍କର ପ୍ରତିଜ୍ଞା ଯୋଗୁଁ ହିଁ ଦ୍ରୌପଦୀଙ୍କ ପାଣ୍ଚୋଇ ଧରିବାର ସୁଯୋଗ ମତେ ମିଳିଲା । ଏ କାର୍ଯ୍ୟ କରିବାରେ ତ ମୋର ଅପାର ଆନନ୍ଦ ।''

ପିତାମହଙ୍କ ସାମ୍ନାରେ ମୁଁ ଲଜ୍ଜାରେ ମାଟିରେ ମିଶିଯାଉଥାଏ ଏବଂ ଭାବୁଥାଏ ସଖା ଆମ ପାଇଁ କ'ଣ ନ କରିଛନ୍ତି ! ମୋର ଉଚ୍ଛିଷ୍ଟ ଖାଇଛନ୍ତି, ମୋର ପାଣ୍ଚୋଇ ଧରିଛନ୍ତି, ମୋ ସ୍ୱାମୀଙ୍କ ରଥରେ ସାରଥି ହୋଇଛନ୍ତି । ପ୍ରକୃତ ବନ୍ଧୁ ଚ ଭଗବାନ । ଆଜି ବୁଝୁଛି ଭକ୍ତରକ୍ଷଣ ଲାଗି ଭଗବାନ କ'ଣ ବା ନ କରିପାରନ୍ତି !

Digitized by srujanika@gmail.com

ଦେବତାର ଛଡ଼ାଫୁଲର ଶୁଷ୍କ ପାଖୁଡ଼ାରୁ ସୁରଭି ଉଡ଼ିଯାଇଥିଲେ ମଧ୍ୟ ଯେମିତି ଅଗୁରୁ ଚନ୍ଦନର ବାସ୍ନା ଭାସିଆସୁଥାଏ, ଅତୀତର ଦୁଃଖ ଶୋକଭରା ଅନୁଭୂତିରେ ଆନନ୍ଦ ନଥିଲେ ବି କୃଷ୍ଣଙ୍କ ସ୍ମୃତି ଅଗୁରୁ ଚନ୍ଦନର ବାସ୍ନା ଭଳି ମନକୁ ପବିତ୍ର ଆନନ୍ଦରେ ଭରପୂର କରିଦିଏ । ପ୍ରତିଦିନ ଭାବେ କୃଷ୍ଣ, ତମେ ଅଛ ତେଣୁ ମୁଁ ବଞ୍ଚିଛି । କୃଷ୍ଣଙ୍କୁ ଶୟନ ସପନ ଜାଗରଣରେ ଦେଖେ । ଫାଲ୍‌ଗୁନି ଏବଂ ମୁଁ ଯେତେବେଳେ ଏକତ୍ର ହେଉ, ମଝିରେ ଥା'ନ୍ତି ସଖା କୃଷ୍ଣ । କର୍ଣ୍ଣବଧ କରିବା ପରେ ଫାଲ୍‌ଗୁନି ତାଙ୍କର ପ୍ରତିଜ୍ଞା ପୂରଣ କରି ମୋ ସହ ପୁନଶ୍ଚ ପତିପତ୍ନୀର ସଂସାର କରିବା ପାଇଁ ସୁଯୋଗ ଥିଲା, ମାତ୍ର ସେ ମନ ଆଉ ନଥିଲା । ପୁତ୍ରଶୋକ ଏବଂ ତା'ଭିତରେ କର୍ଣ୍ଣଙ୍କୁ ବଧ କରିବାର ଶୋକ ଉଭୟ ମନକୁ ସଂସାର ସୁଖ ବିରାଗୀ କରି ଦେଇଥିଲା । ତେଣୁ ଯେତେବେଳେ ଏକତ୍ର ହେଉଥିଲୁ ଶୋକ ଆମକୁ ଦୁଇଭାଗ କରି ଦେଉଥିଲା, ସେତିକିବେଳେ କୃଷ୍ଣ ସ୍ମୃତି ମିଳିତ କରି ଦେଉଥିଲା ଆମର ଆତ୍ମାକୁ, ଜୀବନର ନୂତନ ଅର୍ଥ ବୁଝାଇ । ମତେ ଶୋକବିହ୍ୱଳା ଦେଖିଲେ ଅର୍ଜୁନ କୃଷ୍ଣ କଥା ବଖାଣୁଥିଲେ ଏବଂ ଅର୍ଜୁନଙ୍କୁ ବିଷଣ୍ଣ ଗମ୍ଭୀର ଦେଖିଲେ ମୁଁ କୃଷ୍ଣ ସ୍ମୃତିକୁ ଆଣ୍ଠା କରୁଥିଲି । ପଞ୍ଚସ୍ୱାମୀଙ୍କୁ ପ୍ରଫୁଲ୍ଲ ରଖିବା ପାଇଁ ମଝିରେ ମଝିରେ ମୁଁ କୃଷ୍ଣଙ୍କୁ ଡକାଇ ପଠାଉଥିଲି ଏବଂ ଯୁଦ୍ଧୋତ୍ତର ଶୋକକୁ ଅତିକ୍ରମ କରି ବଞ୍ଚିରହିବା ପାଇଁ କୃଷ୍ଣ ବିନା ଆମର ଅନ୍ୟ ଗତି ନଥିଲା ।

॥ ୫୪ ॥

ବର୍ଷ ପରେ ବର୍ଷ ବିତିଯାଉଥିଲା ଏବଂ ଯଦୁକୁଳକୁ ବିନାଶ ମୁଖରୁ ରକ୍ଷା କରିବା ପାଇଁ କୃଷ୍ଣ ନିଜ ରାଜ୍ୟରେ ସୁରାପାନ ନିଷିଦ୍ଧ କରିଥିଲେ । ମୁଁ ଭାବିଥିଲି ଦ୍ୱାରକାପୁରୀ ରସାତଳକୁ ଗଲେ ବି କୃଷ୍ଣ ଯଦି ଅଛନ୍ତି, ଆମର ସବୁ ଅଛି । ଯିଏ ସ୍ୱୟମ୍ଭୁ ତାଙ୍କୁ ବିନାଶ କରିବ କିଏ ?

ସଖା ଅନେକ ଦିନୁ ଆସିନାହାନ୍ତି । ସମ୍ବାଦ ଆସିଲା, କୃଷ୍ଣ, ଅର୍ଜୁନଙ୍କୁ ଦ୍ୱାରକାପୁରୀ ଡକାଇଛନ୍ତି । ଅର୍ଜୁନ ଦ୍ୱାରକାପୁରୀ ଯିବା ପରେ ମନରେ ଅଭିମାନ ଆସିଲା । ଭାବିଲି— ସଖାଙ୍କୁ ଦେଖିବା ପାଇଁ ମନ ହେଲା, ସଖୀ ମନେପଡ଼ିଲେ ନାହିଁ ?

କିନ୍ତୁ ଅର୍ଜୁନ ଯେଉଁ ସମ୍ବାଦ ଧରି ଫେରିଆସିଲେ, ସେ ଘଟଣା ପ୍ରତ୍ୟକ୍ଷ କରିବା ମୋ ପକ୍ଷେ ସମ୍ଭବ ହୋଇନଥା'ନ୍ତା । ମୋ ମୁଣ୍ଡରେ ଆକାଶ ଛିଡ଼ିପଡ଼ିଲା । ପାଦତଳୁ ପୃଥିବୀ ଉଭେଇଗଲା । ଅତ୍ୟଧିକ ସୁରାପାନ କରି ନିଜ ନିଜ ଭିତରେ କଳହକରି

Digitized by srujanika@gmail.com

ଯଦୁକୁଳ ଧ୍ୱଂସପ୍ରାପ୍ତ ହୋଇଛି । ବଳରାମ ମୃତ୍ୟୁବରଣ କରିଛନ୍ତି । ଜାରା ଶବରର ଶରାଘାତରେ କୃଷ୍ଣ ବାସୁଦେବ ମରଶରୀର ତ୍ୟାଗ କରିଛନ୍ତି । କୃଷ୍ଣ ବଳରାମଙ୍କ ଶବ ସତ୍କାର କରି କୃଷ୍ଣଙ୍କ ନାତି ବଜ୍ରକୁ ସଙ୍ଗରେ ଧରି ଫେରିଆସିଥିଲେ ଅର୍ଜୁନ ।

କୃଷ୍ଣଙ୍କ ମହାପ୍ରୟାଣରେ ଏକ ମହାଯୁଗର ଅବସାନ ହେଲା । ଅର୍ଜୁନ ଶକ୍ତିହୀନ ଏବଂ ମୁଁ ପ୍ରାଣହୀନା ହୋଇଗଲୁ । ଚିତ୍ତାକଲୁ କାଳ ହିଁ ବଳୀୟାନ — ତା'ଠାରୁ ରକ୍ଷା ପାଇବାର ଶକ୍ତି କାହାର ନାହିଁ । ଘୋର କଳିକାଳ କୃଷ୍ଣଙ୍କ ମହାପ୍ରୟାଣକୁ ଯେମିତି ଅପେକ୍ଷା କରିଥିଲା । କଳିଯୁଗ ଆରମ୍ଭ ହୋଇଯିବା ପରେ ଅହିଂସ, ଧର୍ମବନ୍ତ ଯୁଧିଷ୍ଠିର ଅନୁଭବ ଜଲେ ମହାପ୍ରସ୍ଥାନର ସମୟ ଉପସ୍ଥିତ । ବର୍ତ୍ତମାନ ସେ ରାଜସିଂହାସନ ପାଇଁ ଅଯୋଗ୍ୟ ନାଁ କଳିଯୁଗର ରାଜସିଂହାସନ ନ୍ୟାୟପରାୟଣ ଯୁଧିଷ୍ଠିରଙ୍କ ପାଇଁ ଉପଯୁକ୍ତ ଆସନ ନୁହେଁ ? ତାହାହିଁ ଥିଲା ମୋ ଆଗରେ ଏକ ଜଟିଳ ପ୍ରଶ୍ନବାଚୀ ।

ରାଜସିଂହାସନ ପଡ଼ିରହେ, ରାଜା ବଦଳନ୍ତି, ମଣିଷ ଆସେ ଯାଏ, ମହାକାଳ ପ୍ରବାହିତ ହେଉଥାଏ । କୃଷ୍ଣଙ୍କ ବିନା ପାଣ୍ଡବ, ଠିକ୍ ଯେମିତି ନ୍ୟାୟକୁ ବାଦ୍‌ଦେଇ ଧର୍ମ ! ଯୁଧିଷ୍ଠିରଙ୍କ ରାଜସିଂହାସନ ତ୍ୟାଗର ପ୍ରକୃଷ୍ଟ ସମୟ ଉପସ୍ଥିତ, ଏକଥା ସମସ୍ତେ ଉପଲବ୍ଧି କଲୁ ।

ହସ୍ତିନାପୁରୀର ରାଜା ହେଲେ ଅର୍ଜୁନଙ୍କର ନାତି ଅଭିମନ୍ୟୁ ପୁତ୍ର ପରୀକ୍ଷିତ ଏବଂ ଇନ୍ଦ୍ରପ୍ରସ୍ଥର ରାଜା ହେଲେ କୃଷ୍ଣଙ୍କର ନାତି ବଜ୍ର । ଦୁଇ ସଖାଙ୍କର ଶେଷ ବଂଶଧର ଦୁଇ ନାତିଙ୍କ ଉପରେ ରାଜ୍ୟଭାର ନ୍ୟସ୍ତ କରି ଯୁଧିଷ୍ଠିର ପରମ ନିଶ୍ଚିନ୍ତ ହେଲେ । ସୁଭଦ୍ରା ଉପରେ ସେମାନଙ୍କର ଦାୟିତ୍ୱ ଛାଡ଼ିଦେଇ ଯୁଧିଷ୍ଠିରଙ୍କ ଇଚ୍ଛା ପାଳନ କରି ପଞ୍ଚସ୍ୱାମୀଙ୍କ ସହ ମୁଁ ସ୍ୱଦେହରେ ସ୍ୱର୍ଗାରୋହଣ କରିବା ପାଇଁ ହିମାଳୟ ଯାତ୍ରାକଲି ।

ସ୍ୱଦେହରେ ସ୍ୱର୍ଗାରୋହଣ ବି କମ୍ ବଡ଼ ପ୍ରଲୋଭନ ନୁହେଁ ! ପ୍ରଲୋଭନକୁ ବାଦ୍ ନ ଦେଲେ ସ୍ୱର୍ଗାରୋହଣ ବି ସମ୍ଭବ ନୁହେଁ ! ମୁଁ ରାଜ୍ୟ, ଧନ, ସମ୍ପଦ, ପଛରେ ଛାଡ଼ି ଆସିଲି, କିନ୍ତୁ ପ୍ରଲୋଭନ ଛାଡ଼ିଲି କେଉଁଠି ? ପ୍ରଲୋଭନକୁ ଛାଡ଼ି ଜୀବନ କ'ଣ ସମ୍ଭବ !

ଫେରିଦେଖିଲି, ପଛେ ପଛେ ମାୟା ଗୋଡ଼ାଇଛି । ମାୟା ମୋର ପିଛା ଛାଡୁନାହିଁ । କାହିଁକି ? ମାୟା ଏକ ବନ୍ଧନ ଭଳି ମତେ ପଛରୁ ଟାଣିଧରୁଛି କାହିଁକି ?

ସତ୍ତ୍ୱ, ରଜ, ତମ, ତ୍ରିଗୁଣ ରଜ୍ଜୁରେ ବନ୍ଧା ଜୀବାତ୍ମା । ତମୋଗୁଣରୁ ମୋହ ଉତ୍ପନ୍ନ ହେଲେ ରଜୋଗୁଣରୁ ଉତ୍ପନ୍ନ ଆସକ୍ତି ଓ ତୃଷ୍ଣା ଏବଂ ସତ୍ତ୍ୱଗୁଣରୁ ଜନ୍ମନିଏ ସାତ୍ତ୍ୱିକତା । ତଥାପି ସତ୍ତ୍ୱଗୁଣ ମଧ୍ୟ ଏକ ବନ୍ଧନ । ତମୋଗୁଣ ଓ ରଜୋଗୁଣ ଲୁହାର

Digitized by srujanika@gmail.com

ବେଡ଼ି ହେଲେ ସତ୍ତ୍ୱଗୁଣ ସୁନାର ବେଡ଼ି ଅଟେ । ତେଣୁ ହିମାଳୟ ଦେଇ ସ୍ୱର୍ଗାରୋହଣର ଇଚ୍ଛା ସାତ୍ତ୍ୱିକ ହେଲେମଧ୍ୟ ଏ ହେଉଛି ମୋ ପାଦରେ ସୁନାର ବେଡ଼ି । କାରଣ ଏ ବି ମୋର ଏକ ମୋହରେ ପରିଣତ ହୋଇଛି । ରାଜ୍ୟପ୍ରାପ୍ତିର ମୋହ ଲୁହାର ବେଡ଼ି ହେଲେ ସ୍ୱର୍ଗପ୍ରାପ୍ତିର ମୋହ କ'ଣ ସୁନାର ବେଡ଼ି ନୁହେଁ !

ମୋହମୁକ୍ତ କିଏ ? ମୁଁ ? ମୋର ସ୍ୱାମୀମାନେ ? ମୋହଗ୍ରସ୍ତ ମଣିଷର ସ୍ୱଦେହରେ ସ୍ୱର୍ଗପ୍ରାପ୍ତି କ'ଣ ସମ୍ଭବ ?

ମୋହ ମଣିଷକୁ ଅନ୍ଧ କରିଦେଲେ ମଧ୍ୟ ବାଟ ଗ୍ୱଲିବା ପାଇଁ କିଛି ମୋହ, କିଛି ଫଳାସକ୍ତି ମଣିଷ ଭିତରେ ନିଶ୍ଚିତ ଥାଏ । ତେଣୁ ମଣିଷ ଅନ୍ଧଭଳି ଭଲମନ୍ଦ ନ ବିଗ୍ୱରି ବାଟ ଗ୍ୱଲେ, ଠିକ୍ ଆମରି ପରି ।

ବାଟ ଗ୍ୱଲୁ ଗ୍ୱଲୁ ଭାବୁଛି, ଏ ଜନ୍ମରେ ପାଇଲି କ'ଣ, ହରାଇଲି କ'ଣ ? ମୁଁ କାହିଁକି ଆସିଥିଲି — ମୋଦ୍ୱାରା କି କାର୍ଯ୍ୟ ସାଧିତ ହେଲା ? ମୋର କ'ଣ କରିବା ଉଚିତ ଥିଲା ?

ଆହାର, ନିଦ୍ରା, ମୈଥୁନ, ରାଜ୍ୟଭୋଗ ସବୁ ତ ପାଇଛି ଜୀବନରେ, ତେବେ ବି କାହିଁକି ଜୀବନ ସଂପୂର୍ଣ୍ଣ ମନେହେଉନି ? କ'ଣ ଅଭାବ ରହିଗଲା ? କାହିଁକି ଏତେ ଦୁଃଖ, ଶୋକ, ଯନ୍ତ୍ରଣା ଭୋଗିଲି ଜୀବନରେ ? ଭାବୁଛି ଯୁଧିଷ୍ଠିରଙ୍କୁ ସ୍ୱାମୀ ରୂପରେ ପାଇଥିଲେ ଯେ କେହି ନାରୀ ମୋ'ରି ଭଳି ଅଶେଷ ଦୁଃଖ ନିଶ୍ଚୟ ଭୋଗିଥା'ନ୍ତା ...

ଏତିକି ଭାବୁ ଭାବୁ ହିମାଳୟର ସ୍ୱର୍ଣ୍ଣରେଣୁରେ ପାଦ ଖସାଇ ପ୍ରଥମେ ପଡ଼ିଗଲି ମୁଁ !

ପଞ୍ଚେନ୍ଦ୍ରିୟ ସମ ଅନ୍ତଃକରଣରେ ଯାହାଙ୍କୁ ସାରା ଜୀବନ ସ୍ଥାନ ଦେଇଥିଲି — ମୋର ଜନ୍ମଜନ୍ମାନ୍ତର ସାଥୀ, ପଞ୍ଚସ୍ୱାମୀ ପଛକୁ ଫେରି ନ ଗ୍ୱହିଁ ସ୍ୱର୍ଗପଥରେ ଆଗେଇ ଗଲେ । ମୃତ୍ୟୁର ଦ୍ୱାରଦେଶରେ ମୁଁ ଏକା !

ଶୁଣିଲି ଭୀମସେନ କହୁଛନ୍ତି — ''ଭାଇ, ଦ୍ରୌପଦୀ ପଡ଼ିଗଲେ ।''

ଯୁଧିଷ୍ଠିର ସ୍ଥିର କଣ୍ଠରେ କହିଲେ — ''ଦ୍ରୌପଦୀର ପତନ ପାଇଁ ସେ ନିଜେ ଦାୟୀ । ଅର୍ଜୁନଙ୍କୁ ସେ ଅଧିକ ପ୍ରେମ କରୁଥିଲେ — ଏହାହିଁ ତାଙ୍କର ପାପ । ଭୀମସେନ ତମେ ମଧ୍ୟ ଠିକ୍ ଏହି ସ୍ଥାନରେ ତମର ଗଦାଟିକୁ ରଖିଦିଅ । ଗଦା ହିଁ ତମର ଅହଂକାର । ସ୍ୱର୍ଗରାଜ୍ୟରେ ଅହଙ୍କାରର ସ୍ଥାନ ନାହିଁ । ପଛକୁ ଫେରି ନଗ୍ୱହିଁ ଗ୍ୱଲିଆସ ।''

Digitized by srujanika@gmail.com

ଭୀମସେନ ଭ୍ରାତୃଆଜ୍ଞା ପାଳନ କରି ନିଜର ଗଦାଟିକୁ ତଳେ ରଖିଦେଇ ଆଗେଇଗଲେ । ପାଣ୍ଡବମାନଙ୍କର ସ୍ୱର୍ଗଯାତ୍ରାର ଚିହ୍ନସ୍ୱରୂପ 'ଭୀମଗଦା' ପଡ଼ିରହିଲା ହିମାଳୟର ବୁକୁରେ ।

ଠିକ୍ ଏଇ ସ୍ଥାନରେ ମାତା କୁନ୍ତୀ, ଗାନ୍ଧାରୀ, ପିତା ଧୃତରାଷ୍ଟ୍ର, ମହାତ୍ମା ବିଦୁର ଜୀବନର ଅନ୍ତିମଦିନ କଟାଇଥିଲେ । ସେଇଠି ପଡ଼ିରହିଛି ମୁଁ । ଆଗରେ ଦିଶୁଛି ଭରତ ମନ୍ଦିର । ରାମଚନ୍ଦ୍ରଙ୍କର ପରମ ଭକ୍ତ ଆଜ୍ଞାଧୀନ ଭ୍ରାତା ଭରତ ଏଇ ପଥ ଦେଇ ହିମାଳୟର ନିଭୃତ ପ୍ରଦେଶକୁ ତପସ୍ୟା କରିବା ପାଇଁ ଯାତ୍ରା କରିଥିଲେ ।

ଅରଣ୍ୟବାସ କାଳରେ ଏଇ ଭରତ ମନ୍ଦିର ନିର୍ମାଣ କରାଇଥିଲେ ଯୁଧିଷ୍ଠିର । ଆଜି ମଧ୍ୟ ଭରତ ମନ୍ଦିରରେ ପ୍ରଣାମ ଜଣାଇ ପାଣ୍ଡବ ଘରିଭାଇ ଯୁଧିଷ୍ଠିରଙ୍କ ଆଜ୍ଞା ପାଳନକରି ମତେ ଛାଡ଼ି ଗଲିଯାଇଛନ୍ତି ।

ଅହଙ୍କାର ସ୍ୱର୍ଗଦ୍ୱାରର ପଥରୋଧ କରେ । ଏ ସଂସାରରେ କେହି କ'ଣ ଅହଙ୍କାରଶୂନ୍ୟ ରହିପାରେ ? କାଲି ମୁଁ ଥିଲି ହସ୍ତିନାର ରାଜରାଣୀ । ପିତା, ପୁତ୍ର, ଭାଇ, ବନ୍ଧୁ ସମସ୍ତଙ୍କୁ ଉହର୍ଗ କରି ମୁଁ ହସ୍ତିନାର ରାଜରାଣୀ ପଦ ପାଇଥିଲି । ତେବେ ବି ମୋ ମନରେ ସେଥିପାଇଁ ଅହଙ୍କାର ହୁଏନାହିଁ ବୋଲି ଅସ୍ୱୀକାର କରିପାରୁ ନାହିଁ । ଯେଉଁ ଜୀବନରେ ଅହଙ୍କାରର ଯଥେଷ୍ଟ କାରଣ ଥିଲା, ସେ ଜୀବନ ମଧ୍ୟ ସଂପୂର୍ଣ୍ଣ ମନେ ହୋଇ ନଥିଲା । ଆଜି ମୃତ୍ୟୁପଥରେ ଏକାକିନୀ ପଡିରହି ଅହଙ୍କାର ଦୂର ହୋଇଯାଇଛି ସତ୍ୟ, ମାତ୍ର ଅସହାୟତା ମତେ ସଂପୂର୍ଣ୍ଣ ଗ୍ରାସ କରିବାକୁ ବସିଛି । ଅସହାୟତା ମତେ ହୀନମନ୍ୟ କରିପକାଉଛି । ଆଜି ଉପଲବ୍ଧି କରୁଛି, ଜୀବନ କେବଳ ଅହଙ୍କାର ନୁହେଁ, ଜୀବନ କେବଳ ଅସହାୟତା ମଧ୍ୟ ନୁହେଁ । ଏ ଦୁଇଟିର ମଧ୍ୟରେ ହିଁ ଜୀବନ ନିର୍ଝର ପ୍ରବାହିତ । ଜୀବନରେ ଅହଙ୍କାର ଏବଂ ଅସହାୟତା ଉଭୟର ମହତ୍ତ୍ୱପୂର୍ଣ୍ଣ ଭୂମିକା ଅଛି । କେବଳ ଅହଙ୍କାର ମଣିଷକୁ ଅନ୍ଧ କରେ । କେବଳ ଅସହାୟତା ମଣିଷକୁ ହୀନ ମନ୍ୟ କରିଦିଏ । କିନ୍ତୁ ଅହଙ୍କାର ଏବଂ ଅସହାୟତାବୋଧ ଯଦି କ୍ଷୁଦ୍ର ନ ହୋଇ ମହାନ୍ ହୁଏ ତେବେ ଜୀବନ ସାର୍ଥକ ହୁଏ । ମଣିଷ ଯେତେବେଳେ ଭାବେ — ପ୍ରଭୁ, ମୁଁ ତମରିଦ୍ୱାରା ସୃଷ୍ଟ ତେଣୁ ମୋର ଅହଙ୍କାର, ପୁଣି ସେ ଯେତେବେଳେ ଭାବେ — ପ୍ରଭୁ ତମେ ହିଁ ମୋର ସମସ୍ତ ଶକ୍ତି ଓ ସହାୟ, ତମ ବ୍ୟତୀତ ମୁଁ କିଛି ନୁହେଁ, ତେଣୁ ମୁଁ ଅସହାୟ — ସେତିକିବେଳେ ମଣିଷର ଆତ୍ମା ହୁଏ ଉର୍ଦ୍ଧ୍ୱଗାମୀ, ସ୍ୱର୍ଗର ଦ୍ୱାର ମଣିଷର ଆତ୍ମା ପାଇଁ ଉନ୍ମୁକ୍ତ ହୋଇଯାଏ ।

ଆଜି ମୁଁ ମଧ୍ୟ ମୋର ଅହଙ୍କାର ଓ ଅସହାୟତାକୁ ତମକୁ ଅର୍ପଣ କରିଦେଇ ମହାନ୍ କରିଦେଉଛି ! ଆଜି ବୁଝିପାରୁଛି ତମ ବ୍ୟତୀତ ମଣିଷର ଅହଙ୍କାର ଓ ଅସହାୟତା ଉଭୟ ଅର୍ଥହୀନ, ବିଫଳ ।

Digitized by srujanika@gmail.com

॥ ୫୫ ॥

କାହାର ଏ ବଂଶୀସ୍ୱନ ! ରକ୍ତଝରା ହୃଦୟର ଅନ୍ତଃକରଣକୁ ପବିତ୍ର କରୁଛି, ଭାବର ଝରଣା ପ୍ରବାହିତ କରିଦେଉଛି । କାନ ପାଖରେ କିଏ କହିଦେଉଛି — ''ଜୀବନ ଭୋଗ ପାଇଁ ନୁହେଁ, ଭାବ ପାଇଁ ।'' କିଏ ମତେ ବାଟ କଢ଼ାଇ ଭୋଗ ଜୀବନରୁ ଭାବ ଜୀବନକୁ ନେଇଯାଉଛି ? ଡାକୁଛି — ଆସ — ଆସ — ଆସ — ମୁଁ ଅପେକ୍ଷା କରିଛି । କିଏ ସେଇ ଅଦୃଶ୍ୟ ସାଥୀ — ମାୟା ?

ନା — ମାୟା ତ ଅନେକ ବେଳୁ ପାଦ ଖସାଇ ପଡ଼ିଯାଇଛି — ମୃତ୍ୟୁ ଲଭିଛି । ହିମାଳୟର ଏହି ଗଙ୍ଗାଦ୍ୱାରର ନାମ 'ମାୟାପୁରୀ' । ମାୟାପୁରୀରେ ପାଦ ଦେଉଦେଉ ମାୟା ହଜିଯାଇଛି । ମୁଁ ବର୍ତ୍ତମାନ ମାୟାମୁକ୍ତ । ଏତେଦିନ ଧରି ମାୟା ହିଁ ମତେ ବନ୍ଧନରେ ପକାଇଥିଲା । ଶୋକ, ଦୁଃଖ, ଲାଞ୍ଛନାରେ ଛଟପଟ କରୁଥିଲା । ଅଥଚ ମୋହିନୀ ମାୟାକୁ ଚିହ୍ନିନପାରି ଭାବୁଥିଲି, ସଖା କୃଷ୍ଣ ! ତମେ ହିଁ ମତେ ଦୁଃଖ ଦେଉଛ । ତମକୁ ଚିହ୍ନିନପାରି ଜୀବନରେ କେତେ ଦୁଃଖ ନ ସହିଲି ! ମୋର କି ଦୋଷ ? ଯେତେବେଳେ ତମ ପାଖରେ ନିଜକୁ ସମାପ୍ତ କରିଦେବାକୁ ମନ ବଳାଇଛି, ମାୟା ହିଁ ପଥରୋଧ କରି ଠିଆ ହୋଇଛି । ମୋର ମନକୁ ନିମ୍ନମୁଖୀ କରିଛି । ଜୀବନଠାରୁ ମୃତ୍ୟୁ ଆଜି ସୁଖକର ମନେହେଉଛି, କାରଣ ଜୀବନ ମାୟାଗ୍ରସ୍ତ ଥିଲା, ମୃତ୍ୟୁ ହୋଇଛି ମାୟାମୁକ୍ତ ।

ସଖା ! ମୋର ତୁଟିପାଇଁ ମତେ ସମାପ୍ତ କରିଦିଅ — ସମାପ୍ତ କରିଦିଅ । ସାରା ଜୀବନ ମୁଁ ଖାଲି ମାଗିଛି — ଦିଅ, ଦିଅ, ସୁଖ ଦିଅ, ଐଶ୍ୱର୍ଯ୍ୟ ଦିଅ, ସଂସାରର ଯାହା ଭୋଗ୍ୟବସ୍ତୁ ମତେ ଦିଅ । ତମେ ସବୁ ଦେଇଛ — ସଂସାରର ସବୁ ଦୁଃଖ ବି ଅକାତରେ ମୋ ପଣତରେ ଅଜାଡ଼ି ଦେଇଛ । ଆଜି ମୁଁ ମାଗୁଛି ଅନ୍ୟପ୍ରକାର— 'ନିଅ, ମତେ ନିଅ, ହେ ପରମପୁରୁଷ କୃଷ୍ଣ ମତେ ସମାପ୍ତ କରିଦିଅ, ନିଃଶେଷ କରିଦିଅ । ମତେ ଅବିଭାଜ୍ୟ କରିଦିଅ । ତମଠାରୁ ଯିଏ ବିଭକ୍ତ ହୁଏନାହିଁ ସେଇପରା ଭକ୍ତ ? ମୁଁ କ'ଣ ତମର ଭକ୍ତ ନୁହେଁ ? ଏକଥା ତମେ କ'ଣ ଅସ୍ୱୀକାର କରିପାରିବ ସଖା କୃଷ୍ଣ ?

ସଖା — ପ୍ରିୟତମ, ମୋ ପାଇଁ ମୁଁ କିଛି ମାଗିବି ନାହିଁ । ମାଗିବି ମୋର ସୁନ୍ଦର ପୃଥିବୀ ପାଇଁ, ଏ ଜନ୍ମର ଶେଷ ମାଗୁଣି । ତମେ ପରା ପୂର୍ଣ୍ଣପୁରୁଷ ! ତମର ପରା କିଛି ଅଦେୟ ନାହିଁ ! ଯାହା ମାଗିବି କ'ଣ ଦେବନାହିଁ ?

Digitized by srujanika@gmail.com

ପ୍ରଥମ ମାଗୁଣି — ହେ କୃଷ୍ଣ ବାସୁଦେବ ! ମୋ ଜୀବନରେ ଯାହା ଘଟିଗଲା ଆଉ କାହା ଜୀବନରେ ତା' ନଘଟୁ । କୌଣସି କାଳେ କୌଣସି ନାରୀର ଏକ ସମୟରେ ଏକାଧିକ ପତିର ବିଧାନ କରନାହିଁ । ନିଜକୁ ଅବିଭକ୍ତ ରଖି ବିଭକ୍ତ ହୋଇଯିବାର ଦୁଃଖ ମୁଁ ଜାଣେ ।

ଦ୍ୱିତୀୟ ମାଗୁଣି — ଦୟାମୟ କୃଷ୍ଣ ! ଶତ୍ରୁକୁ ମଧ୍ୟ ପୁତ୍ରଶୋକ ଦିଅନାହିଁ, ପୁତ୍ରଶୋକଠାରୁ ବଳି ଶୋକ ସଂସାରରେ ଆଉ କିଛି ନାହିଁ । ମୋ'ଠାରୁ ସେକଥା ବେଶି କିଏ ଜାଣେ ?

ତୃତୀୟ ମାଗୁଣି — ସଭାଗୃହରେ ମୋର ଯେଉଁ ନିର୍ଯ୍ୟାତନା ହେଲା, ସେ ନିର୍ଯ୍ୟାତନା ପୃଥିବୀର ଅନ୍ୟ କୌଣସି ନାରୀ ଉପରେ ନ ହେଉ । ନାରୀକୁ ରୂପମୟୀ କର, ପୁରୁଷକୁ କାମୁକ କରନାହିଁ ।

ଚତୁର୍ଥ ମାଗୁଣି — ଏ ମାଗୁଣି ଜଗତ ପାଇଁ, କଳିଯୁଗର ଆଗାମୀ ମାନବଜାତି ପାଇଁ । ହେ ପରମ କଲ୍ୟାଣକାରୀ କୃଷ୍ଣ, ମୁଁ ଏକ ମହାସମର ସାମ୍ନା କରିଛି । ଗୃହଯୁଦ୍ଧ କିପରି ବିଶ୍ୱଯୁଦ୍ଧରେ ପରିଣତ ହୋଇ ସମଗ୍ର ପୃଥିବୀକୁ ଧ୍ୱଂସସ୍ତୂପରେ ପରିଣତ କରେ ତାହା ଅଙ୍ଗେ ଲିଭେଇଛି । ଧରିତ୍ରୀ ମାତାର ବିଳାପ ମୋର ଜନନୀ ହୃଦୟ ଏବେ ବି ଶୁଣିପାରୁଛି । ତେଣୁ ମୋ ଅନୁରୋଧ, ଜାତି, ଧର୍ମ, ଭାଷା ଓ ବର୍ଣ୍ଣ ବୈଷମ୍ୟକୁ ନେଇ ହସ୍ତିନାପୁରୀ ଓ ଇନ୍ଦ୍ରପ୍ରସ୍ଥ ପରି କୌଣସି ଦେଶ ଭାଗ ଭାଗ ହୋଇ ନଯାଉ । ତୁମ ସୃଷ୍ଟିର ବୈଚିତ୍ର୍ୟ ହେଉଛି ବୈଷମ୍ୟ — ତାକୁ ନେଇ ଦେଶର ଅଖଣ୍ଡତା, ଦେଶର ସଂହତି, ଦେଶର ପବିତ୍ରତା ନଷ୍ଟ ନ ହେଉ । ବିଶ୍ୱରେ ସବୁ ବୈଷମ୍ୟ ସତ୍ତ୍ୱେ ମହାସମର ଆଉ କୌଣସି କାଳେ ସଙ୍ଘଠିତ ନ ହେଉ । ମହାସମରର ପରିଣାମ ମୁଁ ତ ନିଜେ ଅଙ୍ଗେ ଲିଭେଇଛି । ସମରଲିପ୍ତ ଉଭୟପକ୍ଷ ଏଥିରେ କ୍ଷତିଗ୍ରସ୍ତ ହୁଅନ୍ତି । ବିଜୟୀ, ବିଜିତ ଉଭୟେ ବନ୍ଧୁଶୂନ୍ୟ ହୋଇପଡ଼ନ୍ତି । ସଭ୍ୟତା, ସଂସ୍କୃତି, ଧନ, ଜୀବନ ଲୋପପାଏ ।

ବ୍ୟାସଦେବଙ୍କଠାରୁ ଶୁଣିଛି, ଆଜିକୁ ପାଞ୍ଚହଜାର ବର୍ଷ ପରେ, କଳିଯୁଗର ସଭ୍ୟ, ସଂସ୍କୃତ ମଣିଷ ବିଜ୍ଞାନର ଚରମ ଉତ୍କର୍ଷ ସାଧନ କରିବ । ବିଜ୍ଞାନ ବଳରେ ବଳୀୟାନ ହୋଇ ମଣିଷ ଗ୍ରହ ଗ୍ରହାନ୍ତରେ ମୈତ୍ରୀ ସ୍ଥାପନ କରିବ । ସେତେବେଳେ ଯଦି କ୍ଷମତାପିପାସୁ ମଣିଷର ଅନ୍ଧ ବୁଝାମଣା ପାଇଁ ମହାସମର ଅନୁଷ୍ଠିତ ହୁଏ, ତେବେ ସେଇ ବିଜ୍ଞାନର ଆୟୁଧ ନେଇ ମହାଯୁଦ୍ଧର ପରିଣତି କି ଭୟାବହ ହେବ ବୁଝିପାରୁଛ ତ ଆପଦବାନ୍ଧବ କୃଷ୍ଣ ! ସୃଷ୍ଟି ସମୂଳେ ନାଶ ଗଲେ ତମେ ହିଁ ତ ନୂତନ ସୃଷ୍ଟି ଓ ସଭ୍ୟତା ପାଇଁ ମୁଣ୍ଡଖର୍ଚ୍ଚ କରିବ ସୃଷ୍ଟିକର୍ତ୍ତା ! ତେଣୁ ଯେମିତି ଦ୍ୱାପର ଯୁଗରେ

Digitized by srujanika@gmail.com

ଶାନ୍ତିସ୍ଥାପନ ପ୍ରସ୍ତାବ ନେଇ ହସ୍ତିନାପୁରୀ ଯାଇଥିଲ, ସେମିତି ଆଗହୁଁ ସାବଧାନ ହୋଇ କଳିଯୁଗର ଚିନ୍ତାଶୀଳ ମଣିଷ କାନରେ ମୋହନବଂଶୀ ସ୍ୱନରେ କାହିଁକି ଶୁଣାଇବ ନାହିଁ । — ଶାନ୍ତିଃ ! ଶାନ୍ତିଃ ! ଶାନ୍ତିଃ !

ତମର ଶାନ୍ତିସଙ୍ଗୀତ ବିଫଳ ହେଲେ ତମକୁ ବାଧ୍ୟହୋଇ ପୁନର୍ବାର ପୃଥିବୀକୁ ଓହ୍ଲାଇ ଆସିବାକୁ ହେବ । ତମର ତ ଦୁଇଟି ପନ୍ଥା — ଶାନ୍ତି, ନଚେତ୍ ସଂହାର ! ପୃଥିବୀରେ ମରଦେହ ନେଇ ଜନ୍ମ ହେବାର ଦୁଃଖ ମର୍ମେ ମର୍ମେ ଅନୁଭବ କରିଛ ତ ସଖା, ତେଣୁ ଶାନ୍ତି ପନ୍ଥାଟି ବାଛି ନେବନାହିଁ କାହିଁକି ? ତେଣୁ ସୃଷ୍ଟି କଲ୍ୟାଣ ପାଇଁ ଜାତୀୟ ଐକ୍ୟ ଏବଂ ବିଶ୍ୱମୈତ୍ରୀ ଓ ସମର ଆକାଂକ୍ଷା-ମୁକ୍ତ ଏକ ପୃଥିବୀ ମୋର ଚତୁର୍ଥ ମାଗୁଣି ।

ପଞ୍ଚମ ମାଗୁଣି — ସଖା ! ପଞ୍ଚପତିର ନାୟିକା, ପାଞ୍ଚଳ ଦେଶର ରାଜକନ୍ୟା, ପଞ୍ଚପୁତ୍ରର ଜନନୀ ମୁଁ ପାଞ୍ଚାଳୀ । ପାଞ୍ଚଟି ମାଗୁଣିରେ ସମାପ୍ତ କରିବି ମୋର ପଞ୍ଚଭୂତ ଶରୀରର ଶେଷପର୍ବ । ମୋର ପଞ୍ଚମ ଏବଂ ଅନ୍ତିମ ମାଗୁଣି କ'ଣ ହୋଇଥିବ ଭାବୁଛ ? ମୋକ୍ଷ ? ସ୍ୱର୍ଗଲାଭ ? ମୁକ୍ତି ? ତାହାହିଁ ତ ଜୀବାତ୍ମାର ପରମ ମାଗୁମି । କିନ୍ତୁ ମୋର ମାଗୁଣି ଠିକ୍ ବିପରୀତ ।

ମୁଁ ମୋକ୍ଷ ଗ୍ୱହେଁନାହିଁ, ସ୍ୱଦେହରେ ସ୍ୱର୍ଗଲାଭ ଗ୍ୱହେଁନାହିଁ, ମୁକ୍ତି ଗ୍ୱହେଁନାହିଁ। ମୁଁ ଗ୍ୱହେଁ 'ପୁନର୍ଜନ୍ମ' । ଆଶ୍ଚର୍ଯ୍ୟ ହେଉଛ କି ସଖା ! ସ୍ୱର୍ଗରାଜ୍ୟ ମୋର ଲୋଡ଼ା ନାହିଁ। ସ୍ୱର୍ଗରାଜ୍ୟ ଦେବତାର ବାସସ୍ଥଳୀ । ସ୍ୱଦେହରେ ଯଦି କେହି ସ୍ୱାର୍ଗାରୋହଣ କରେ ତେବେ ସେ କେବଳ ଯୁଧିଷ୍ଠିର । କାରଣ ଧାର୍ମିକ ହେଲେ ବି ମଣିଷ ପାଇଁ ସେ ନିଷ୍ଠୁର। ମଣିଷ ହୋଇ ବେଶି ଭାଗ ସେ ଦେବତା । ପୃଥିବୀଠାରୁ ଦୂରେଇ ଯାଇ, ସ୍ୱର୍ଗପ୍ରାପ୍ତି ପାଇଁ ତାଙ୍କର ସାରାଜୀବନର ସାଧନା । ମୋର ଅନ୍ୟ ସ୍ୱାମୀମାନେ ଜଣେ ଜଣେ ସାଧାରଣ ମଣିଷ । ସେମାନେ ନିଶ୍ଚୟ ଗୋଟିକ ପରେ ଗୋଟିଏ ପାଦ ଖସାଇ ପଡ଼ିବେ, ଏହାହିଁ ମୋର ଆଶଙ୍କା ହେଉଛି । ସ୍ୱଦେହରେ ସ୍ୱର୍ଗଲାଭ କରିବାର କଷ୍ଟ ବରଣ ଅପେକ୍ଷା ଆପଣାର ଜନ୍ମଭୂମି ମର୍ତ୍ୟଲୋକକୁ ସ୍ୱର୍ଗଭୁବନରେ ପରିଣତ କରିବା ପାଇଁ କଷ୍ଟବରଣ କରିବା ମୋ ମତରେ ଶ୍ରେୟ ।

ସଖା ! ଏ ଜନ୍ମରେ ଅନେକ ତ୍ରୁଟି କରିଛି । ନ୍ୟାୟ ପାଇବା ପାଇଁ ହେଉ ପଛକେ ମୁଁ ଯୁଦ୍ଧ ଗ୍ୱହିଁଛି, ପ୍ରତିହିଂସାର ସୁଯୋଗ ଖୋଜିଛି, ଯୁଦ୍ଧ ପାଇଁ ସ୍ୱାମୀମାନଙ୍କୁ ଉତ୍ସାହିତ କରିଛି । ଆଜି ଭାବୁଛି, ମୁଁ ଯଦି ଶାନ୍ତି ସ୍ଥାପନ ପାଇଁ ପ୍ରଥମରୁ ହିଁ ପଣ କରିଥା'ନ୍ତି, ତେବେ ମହାସମରରୁ ଆର୍ଯ୍ୟାବର୍ତ୍ତର ନିରୀହ ନରନାରୀ ବଞ୍ଚି ଯାଇଥା'ନ୍ତେ ଅବା !

Digitized by srujanika@gmail.com

ଏ ଜନ୍ମର ଛୁଟି ପାଇଁ ମତେ ପୁନର୍ବାର ଜନ୍ମଦିଅ ଏଇ ପବିତ୍ର ଭାରତ ଭୂମିରେ, ଯେଉଁଠି ମରଦେହ ନେଇ ଜନ୍ମଲାଭ କରିଥିଲ ତୁମେ । ଭାରତର ଆତ୍ମା କୃଷ୍ଣମୟ, ଆନନ୍ଦମୟ, ପ୍ରେମମୟ । ପ୍ରେମପୂର୍ଣ୍ଣ ହୃଦୟ ହିଁ ଐଶୀ କୃପାର ଆଧାର । ମଣିଷକୁ ଘୃଣା କରି ଈଶ୍ୱରଙ୍କୁ ପ୍ରେମ କରାଯାଇପାରେ ନାହିଁ । ତେଣୁ ହେ ପ୍ରେମିକଶ୍ରେଷ୍ଠ କୃଷ୍ଣ, ମତେ ପ୍ରେମିକା ଜନ୍ମ ଦିଅ । ମତେ କୃଷ୍ଣ ପ୍ରେମିକା ଏବଂ ବିଶ୍ୱପ୍ରେମିକା କରି ବାରମ୍ବାର ଜନ୍ମ ଦିଅ ।

ମୁଁ ବୁଝିପାରୁଛି ମହାଭାରତର କୃଷ୍ଣଚେତନା, ଆଧ୍ୟାତ୍ମିକତା ଏବଂ ଧର୍ମଭାବ ଦିନେ ସମଗ୍ର ବିଶ୍ୱବାସୀଙ୍କର ଚେତନାକୁ ସ୍ପର୍ଶ କରିବ । ସମଗ୍ର ବିଶ୍ୱ ଦିନେ ହେବ କୃଷ୍ଣମୟ । କୃଷ୍ଣର ଅର୍ଥ ଅନ୍ଧକାର । ଅନ୍ଧକାର ହିଁ ଆଲୋକର ଜନ୍ମଦାତା । ତେଣୁ ବିପନ୍ନତାରେ ଅନ୍ଧକାରାଚ୍ଛନ୍ନ ବିଶ୍ୱର ଉତ୍‌ଥାନ କେବଳ ଆଧ୍ୟାତ୍ମିକ ଚେତନା ଦ୍ୱାରା ହିଁ ସମ୍ଭବ ହେବ ଏବଂ ଦିନେ ଭାରତଭୂମି ହିଁ ସମଗ୍ର ବିଶ୍ୱର ଶାନ୍ତିମୈତ୍ରୀର ପଥପ୍ରଦର୍ଶକ ହେବ । ହେ ବିଶ୍ୱମୟ କୃଷ୍ଣ ! ମୋର ଏ ଜନ୍ମର ଛୁଟି ପାଇଁ ମତେ ବାରମ୍ବାର ଭାରତ ଭୂମିରେ ଜନ୍ମ ଦିଅ ।

ମୋର ସାରା ଜୀବନ ଦରକାର ନାହିଁ । ମୁହୂର୍ତ୍ତଟିଏ ପାଇଁ ହେଉ ପଛକେ ମତେ କର୍ମୀର ହାତ, ଜ୍ଞାନୀର ଆଖି ଏବଂ ଭକ୍ତର ହୃଦୟ ଦେଇ ତୁମରି ପାଇଁ ଜନ୍ମ ଦିଅ — ତୁମରି ପାଇଁ ମରଣ ଦିଅ — । ସଖା ! ତୁମେ ତ ଜଗତ, ତୁମେ ତ ବିଶ୍ୱବ୍ରହ୍ମାଣ୍ଡ, ତୁମରି ପାଇଁ ବଞ୍ଚିବା ଏବଂ ମରିବାର ଅର୍ଥ ଜଗତ ପାଇଁ ବଞ୍ଚିବା ଏବଂ ଜଗତ ପାଇଁ ମରିବା । ସେମିତି ଜନ୍ମଟିଏ ପାଇଲେ ହୁଏତ ଏ ଜନ୍ମର ଛୁଟି ଧୋଇଯିବ । ମଣିଷ ଜନ୍ମ ସାର୍ଥକ ହେବ । ପୃଥିବୀରେ ଥାଇ, ପୃଥିବୀରେ ମରଣ ଲଭି ଆତ୍ମାର ସ୍ୱର୍ଗପ୍ରାପ୍ତି ହେବ । ସ୍ୱଦେହରେ ସ୍ୱର୍ଗପ୍ରାପ୍ତି ଅପେକ୍ଷା ଆତ୍ମାର ସ୍ୱର୍ଗପ୍ରାପ୍ତି ମୋର ଆଜି କାମ୍ୟ ।

ଆଜି ମରିବାରେ ମୋର ଦୁଃଖ ନାହିଁ, କାରଣ ପୁନର୍ବାର ପବିତ୍ର ଭାରତ ମାଟିରେ ଜନ୍ମିବାର କାମନା ନେଇ ମୁଁ ମରୁଛି ଏବଂ ମୃତ୍ୟୁପଥରେ କୃଷ୍ଣନାମ ପରିବର୍ତ୍ତେ ମୋର ଅଧର ତୁମ ବଂଶୀସ୍ୱନର ଭାବକୁ ଉଚ୍ଚାରଣ କରୁଛି — "ଓଁ ଶାନ୍ତିଃ ! ଶାନ୍ତିଃ ! ଶାନ୍ତିଃ ! କଳିଯୁଗର ଅଶାନ୍ତ ବିଶ୍ୱମାନବର ଅନ୍ତଃକରଣରେ ମୋହନ ବଂଶୀସ୍ୱନ ଏମିତି ଶୁଣାଉଥାଉ ଓଁ ଶାନ୍ତିଃ ! ଶାନ୍ତି ! ଶାନ୍ତି !

॥ ଇତି ॥

ସଖା । ଚିଠି ଆରମ୍ଭ କରିଥିଲି ନିଜ ଦୁଃଖ ଜଣାଇବା ପାଇଁ । ପହଞ୍ଚିଲିଣି ଜଗତଜନର ଦୁଃଖ ଶୋକ ପାଖରେ । ତମେ ଯେଉଁ ନାଟକର ନାୟକ ତାକୁ ହିଁ ଲେଖିଗଲିଣି ତମରି ପାଖକୁ । ନିଜ କଥା ସବୁ ବାକି ରହିଗଲା ବୋଲି ମନେହେଉଛି । ଚିଠି ଲେଖିସାରି ପଢୁଛି, ପଢ଼ିସାରି ଭାବୁଛି ପୁଣିଥରେ ଆରମ୍ଭ କରିବି କି ମୋର ପତ୍ରଲିଖନ ? ଶେଷରୁ ଆରମ୍ଭ, ଆରମ୍ଭରୁ ଶେଷ, ଏସବୁ କ'ଣ କରୁଛି ମୁଁ ?

Digitized by srujanika@gmail.com

ତମେଇ କହିଛ, ମୃତ୍ୟୁ ଜୀବନର ଶେଷ ନୁହେଁ, ଆରମ୍ଭ, ନବବସ୍ତ୍ର ପରିଧାନ । ତେବେ ଚିଠିର ଆରମ୍ଭରୁ ଇତି, ଇତିରୁ ଆରମ୍ଭ କଲେ କ୍ଷତି କ'ଣ ?

ମୋର ଶରୀର ଏଠି ପଡ଼ିରହିଛି, ଆତ୍ମାଫୁଲ ପାଖୁଡ଼ା ହୋଇ ଶୂନ୍ୟମାର୍ଗରେ ଉଡ଼ିଯାଉଛି, ଯେଉଁଠି ଜାରା ଶବର ଦ୍ୱାରା ଶରବିଦ୍ଧ ତମର ରକ୍ତରଞ୍ଜିତ ପାଦ ଦୁଇଟି ବୃଷ୍ଟିମୟ ଶୂନ୍ୟ ଆକାଶରେ ଅସଂଖ୍ୟ ସ୍ୱର୍ଣ୍ଣାଭ ପାଖୁଡ଼ାର ପଦ୍ମଟିଏ ହୋଇ ଫୁଟିଛି । ଠିକ୍ ଏମିତି ସ୍ୱର୍ଣ୍ଣରଙ୍ଗର ସହସ୍ରଦଳଯୁକ୍ତ ବିକଚ ପଦ୍ମଟିଏ ତମେ ଦିନେ ମତେ ଲକ୍ଷ୍ୟ କରି ଫିଙ୍ଗିଥିଲ ଏବଂ ମୋ ମନରେ ଜଗାଇଥିଲ ପଦ୍ମ ପ୍ରୀତି ! ମାୟା ବନ୍ଧନରେ ପଡ଼ି ସେଦିନ କ'ଣ ଜାଣିଥିଲି ପଦ୍ମ ନୁହେଁ, ତମର ପ୍ରେମମୟ ପାଦ ଦୁଇଟି ହିଁ ତମେ ମୋ ପାଇଁ ବଢ଼ାଇ ଦେଇଥିଲ ବୋଲି !

ଅସଂଖ୍ୟ ଛିନ୍ନପାଖୁଡ଼ା କେଉଁଠୁ ଉଡ଼ିଆସି ସେଇ ଅସଂଖ୍ୟ ଦଳଯୁକ୍ତ ପଦ୍ମପାଖୁଡ଼ାରେ ସଂଯୁକ୍ତ ହେଉଛି । ପୁଣି କେଉଁଠିକୁ ଉଡ଼ିଯାଉଛି ପଦ୍ମଫୁଲରୁ ଛିନ୍ନ ହୋଇ ପାଖୁଡ଼ା ସବୁ । ପାଖୁଡ଼ା ଛିନ୍ନ ହୋଇ ଉଡ଼ିଯାଉଛି, ଛିନ୍ନପାଖୁଡ଼ା ଉଡ଼ି ଆସି ମିଶୁଛି, ଅଥଚ ପଦ୍ମଫୁଲର ଆକାର ଓ ପାଖୁଡ଼ା ସଂଖ୍ୟାର କ୍ଷୟ ବୃଦ୍ଧି ହେଉନାହିଁ !

ଯେଉଁମାନଙ୍କୁ ହରାଇ ଦେଇ ଝୁରି ହେଉଥିଲି ସେଇମାନଙ୍କ ମୁହଁ ଦେଖୁଛି ଗୋଟିଏ ଗୋଟିଏ ପାଖୁଡ଼ାର ଦର୍ପଣରେ । ତମରି ପାଦପଦ୍ମରେ ପାଖୁଡ଼ା ହୋଇ ସଂଯୁକ୍ତ ହେଉଛନ୍ତି ମୋର ପିତା, ଭ୍ରାତା, ପୁତ୍ରମାନେ, ମାତା କୁନ୍ତୀ, ଗାନ୍ଧାରୀ, ବନ୍ଧୁ ପରିଜନ, ଅବଶେଷରେ ବୀର କର୍ଣ୍ଣ ! ସେଇ ବିକଚ ପଦ୍ମସହ ସଂଯୁକ୍ତ ହେବାକୁ ମୁଁ ମଧ୍ୟ ଉଡ଼ିଯାଉଛି ଏବଂ ଯାହା କିଛି ହରାଇଥିଲି, ସବୁ ପ୍ରାପ୍ତ ହେବାକୁ ଯାଉଛି । ଏତେଦିନେ ବୁଝୁଛି ତମରି ପାଦପଦ୍ମ ହିଁ ପରମ ପ୍ରାପ୍ତି । ପରମ ପ୍ରାପ୍ତି ଯେଉଁଠି ସେଠି ଶତ୍ରୁ, ମିତ୍ର, ଧର୍ମ, ଜାତି, ବର୍ଣ୍ଣର ବିଭେଦ ନାହିଁ । ସେଇ ପଦ୍ମ ପାଖୁଡ଼ାରେ ଶତ୍ରୁ, ମିତ୍ର ସମସ୍ତଙ୍କୁ ମୁଁ ଦେଖିପାରୁଛି । ସଂଯୋଗ ପଥରେ ଉଡ଼ି ଯାଉ ଯାଉ ମୁଁ ଶୂନ୍ୟରୁ ପୂର୍ଣ୍ଣ ହୋଇଯାଉଛି ଏବଂ ଉପଲବ୍ଧି କରୁଛି, ଯିଏ ଶୂନ୍ୟତା ସେଇ ପୂର୍ଣ୍ଣତା, ଯିଏ ପ୍ରାରମ୍ଭ ସେଇ ବିଲୟ, ଯିଏ ଆରମ୍ଭ ସେଇ ଇତି —

ତେଣୁ ଇତିରୁ ପୁଣି ଆରମ୍ଭ କରୁଛି ମୋର ପତ୍ର । ଏ ତ ପତ୍ର ନୁହେଁ, ଏ ମୋର ଜୀବନ । ଜୀବନର ପୁନରାବୃତ୍ତି ତ ମୋର କାମନା !

କେଉଁଠି ଶେଷ କରିଥିଲି ମୋର ପତ୍ର — ? ହଁ — ମୋହନ ବଂଶୀସ୍ୱନ ବିଶ୍ୱମାନବର ଅନ୍ତଃକରଣରେ ଗାଉଥିବ — ଓଁ ଶାନ୍ତିଃ ! ଶାନ୍ତିଃ ! ଶାନ୍ତିଃ !

ଆଖ୍ୟାୟିକା ॥ ଆରମ୍ଭ ॥ ୩

୧୪.୧୧.୮୪

Digitized by srujanika@gmail.com

ହିନ୍ଦୀ ସାହିତ୍ୟର ସମାଲୋଚକଙ୍କ ଅଭିମତ

॥ ୧ ॥

ଓଡ଼ିଶାର ପ୍ରସିଦ୍ଧ ଲେଖିକା ପ୍ରତିଭା ରାୟଙ୍କ ଯାଜ୍ଞସେନୀ ଉପନ୍ୟାସ ଡକ୍ଟର ଶଙ୍କରଲାଲ୍ ପୁରୋହିତଙ୍କ ଦ୍ୱାରା ହିନ୍ଦୀରେ ଅନୂଦିତ ହୋଇ 'ଦ୍ରୌପଦୀ' ନାମରେ ରାଜପାଲ୍ ଏଣ୍ଡ ସନ୍ସଙ୍କ ଦ୍ୱାରା ଦିଲ୍ଲୀରେ ପ୍ରକାଶିତ ହେବା ପରେ ବହୁ-ପ୍ରଶଂସିତ ହୋଇଛି ।

ଏହି ଉପନ୍ୟାସର ବିଶେଷତ୍ୱ ହେଉଛି ଯେ ଦ୍ରୌପଦୀଙ୍କର ଆତ୍ମ-ଅଭିବ୍ୟକ୍ତି ଜଣେ ନାରୀଙ୍କ କଲମରେ ଚିତ୍ରିତ ହୋଇଛି । ଏହା ଫଳରେ ଦ୍ରୌପଦୀଙ୍କର ମନୋବେଦନା ପ୍ରାମାଣିକ ତଥ୍ୟ ଭଳି ମନେହେଉଛି । ସମଗ୍ର ଉପନ୍ୟାସରେ ଏ ବେଦନା-ମୁଖର ହୋଇଉଠିଛି ଯାହା ପଞ୍ଚପତି ବରଣ କାରଣରୁ ହିଁ ଉତ୍ପନ୍ନ ହୋଇଛି ।

ଲେଖିକା ମହାଭାରତ କାହାଣୀକୁ ଆଧାର କରିଥିଲେ ହେଁ କେତେକ ଘଟଣା ଓ ଚରିତ୍ର ତାଙ୍କର କଳ୍ପନାପ୍ରସୂତ । x x x କର୍ଣ୍ଣଙ୍କୁ ପ୍ରଥମଥର ଦେଖିବା ବେଳେ ଦ୍ରୌପଦୀଙ୍କ ମନରେ କର୍ଣ୍ଣଙ୍କ ପ୍ରତି ଯେଉଁ ଆକର୍ଷଣ ଜନ୍ମିଥିଲା, ତାହା ବେଳେ ବେଳେ ତାଙ୍କ ମନରେ ଜାଗିଉଠେ — ଏପରି ଚିତ୍ରିତ କରି ଲେଖିକା ଦ୍ରୌପଦୀ ଚରିତ୍ରକୁ ମାନବୀୟ କରିଦେଇଛନ୍ତି ।

କୃଷ୍ଣଙ୍କ ପ୍ରତି ମଧ୍ୟ ଦ୍ରୌପଦୀଙ୍କର ଗଭୀର ଆକର୍ଷଣ । କୃଷ୍ଣ-କୃଷ୍ଣାର ସମ୍ପର୍କ ସଖା-ସଖୀର ସମ୍ପର୍କ । ଏ ସମ୍ପର୍କକୁ ଲେଖିକା ସ୍ପଷ୍ଟ ଭାବରେ ରୂପାୟିତ କରିଛନ୍ତି । ଏ ପ୍ରେମ ସମ୍ପର୍କର ହେତୁ କୃଷ୍ଣଙ୍କର ଅଲୌକିକ ବ୍ୟକ୍ତିତ୍ୱ, ଦ୍ରୌପଦୀ ଏବଂ କୃଷ୍ଣଙ୍କ-ଭିତରେ ଅଭିନ୍ନ ମିତ୍ରତା । ଏ ସମ୍ପର୍କ ହେଉଛି ଆଧ୍ୟାତ୍ମିକ ସମ୍ପର୍କ । ଦ୍ରୌପଦୀ ନିଜର ସବୁ ଦୁଃଖ କଷ୍ଟରେ, ପଞ୍ଚପତି ଥିବା ସତ୍ତ୍ୱେ କୃଷ୍ଣଙ୍କୁ ହିଁ ସ୍ମରଣ କରିଛନ୍ତି ।

ଦ୍ରୌପଦୀଙ୍କ ଜୀବନରେ ସୁଖ ଅପେକ୍ଷା ଦୁଃଖ ଓ ଅବମାନନା ହିଁ ଅଧିକ । ଦ୍ରୌପଦୀଙ୍କ ଜୀବନର ବ୍ୟଥାର ଚିତ୍ର ଲେଖିକା ସଫଳଭାବରେ ରୂପାୟନ କରିଛନ୍ତି । ଉପନ୍ୟାସରେ ଦ୍ରୌପଦୀଙ୍କର ପୀଡ଼ା ଓ ବ୍ୟକ୍ତିତ୍ୱକୁ ମାନବୀୟ କରିଦେଇଛନ୍ତି । x x

ଉଷାକାନ୍ତ

ଜନସତ୍ତା

Digitized by srujanika@gmail.com

॥ ୨ ॥

ଡଃ ପ୍ରତିଭା ରାୟ ଓଡ଼ିଶାର ସୁବିଖ୍ୟାତ ଲେଖିକା । ତାଙ୍କର କୀର୍ତ୍ତି କେବଳ ପ୍ରାଦେଶିକ ଭାଷା ଭିତରେ ସୀମିତ ହୋଇ ରହିନାହିଁ । ମହାଭାରତ ଏବଂ ଭାରତୀୟ ପୌରାଣିକ ସାହିତ୍ୟର ଅତ୍ୟନ୍ତ ବିଲକ୍ଷଣ ନାରୀ ଦ୍ରୌପଦୀଙ୍କ ଜୀବନ ଉପରେ ଆଧାରିତ, ଲେଖିକାଙ୍କର ଉପନ୍ୟାସ 'ଯାଜ୍ଞସେନୀ' ବି.ଏସ୍. ଖାଣ୍ଡେକରଙ୍କ ଜ୍ଞାନପୀଠ ପୁରସ୍କାର ପ୍ରାପ୍ତ ଉପନ୍ୟାସ 'ଯଯାତି' ପରି ସମ୍ମାନିତ ହୋଇପାରିଛି ।

ପ୍ରତିଭା ରାୟଙ୍କର 'ଯାଜ୍ଞସେନୀ' ଉପନ୍ୟାସକୁ 'ଦ୍ରୌପଦୀ' ନାମରେ ପ୍ରକାଶ କରି ପ୍ରକାଶକ ରାଜପାଲ୍ ଏଣ୍ଡ ସନ୍ସ ଏକ ଶ୍ରେଷ୍ଠ ସାହିତ୍ୟକୃତି ହିନ୍ଦୀସାହିତ୍ୟକୁ ପ୍ରଦାନ କରିଛନ୍ତି । x x x ଉପନ୍ୟାସର କଥା କ୍ରମରେ ଲେଖିକା ଦ୍ରୌପଦୀଙ୍କର ସଶକ୍ତ ଚରିତ୍ରକୁ କ୍ରମଶଃ ଏପରି ଭାବରେ ଉଦ୍‌ଘାଟିତ କରିଛନ୍ତି ଯେ ପାଠକ ଅଭିଭୂତ ହୋଇଯାଏ । ଉପନ୍ୟାସ ଆଳଙ୍କାରିକ ଭାଷା ସଂସ୍କୃତନିଷ୍ଠ ହେଲେ ମଧ୍ୟ ସହଜ ସାବଲୀଳ ଅଟେ ଏବଂ ଉପନ୍ୟାସକୁ ଅଧିକ ସୌନ୍ଦର୍ଯ୍ୟବନ୍ତ କରିଛି ।

— ସାନ୍ଧ୍ୟ ଟାଇମ୍ସ

॥ ୩ ॥

ଧର୍ମରକ୍ଷା ଏବଂ ଦୁଷ୍ଟସଂହାର ପାଇ ସଂଘର୍ଷରତ ଏହି ନାରୀର ବ୍ୟକ୍ତିତ୍ୱକୁ ନେଇ ସାହିତ୍ୟରେ ଅତି ସାମାନ୍ୟ ଲେଖାହୋଇଛି । ଜ୍ଞାନ, ବିଗ୍ଧରବୁଦ୍ଧି ଏବଂ ସତୀତ୍ୱର ପରାକାଷ୍ଠା ନେଇ ଯେଉଁ ଯାଜ୍ଞସେନୀର ଜୀବନ ପ୍ରାରମ୍ଭରୁ ହିଁ ନାଟକୀୟ ହୋଇଛି, ତା'ର ସଫଳ ରୂପାୟନ କରିଛନ୍ତି ପ୍ରତିଭା ରାୟ ।

ଅରଣ୍ୟରେ ଅନ୍ନପୂର୍ଣ୍ଣା ଦାୟିତ୍ୱ ତୁଲାଉଥିବା ଦ୍ରୌପଦୀ, ପାରିବାରିକ ଜୀବନରେ ସମନ୍ୱୟ ରକ୍ଷା କରୁଥିବା ଦ୍ରୌପଦୀ, ନିଜ ପୁତ୍ରମାନଙ୍କ ପାଇଁ ବିଳାପ କରୁଥିବା ଦ୍ରୌପଦୀ ଏବଂ ଶେଷରେ ପତିଙ୍କ ପଦାଙ୍କ ଅନୁସରଣ କରି ମାୟାମୋହ ସହ ସଂଘର୍ଷରତା ଦ୍ରୌପଦୀଙ୍କ ବ୍ୟକ୍ତିତ୍ୱ ଲେଖିକାଙ୍କ କଲମରେ ସଜୀବ ହୋଇଉଠିଛି । ଯାତନା, ଲାଞ୍ଛନା, ମାନସିକ ସଂଘର୍ଷ ଏବଂ ସଙ୍କଟ ସହ ସଂଗ୍ରାମ କରୁଥିବା, ତ୍ୟାଗ, ନିଷ୍ଠା ଏବଂ ଗ୍ରିତ୍ତିକ ଦୃଢତାର ମୂର୍ତ୍ତି ଦ୍ରୌପଦୀଙ୍କୁ ଲେଖିକା ସାକାର କରିଦେଇଛନ୍ତି । ଏଥିପାଇଁ ଲେଖିକା ଅନୁବାଦକ ଓ ପ୍ରକାଶକଙ୍କୁ ସାଧୁବାଦ ଜଣାଉଛୁ । ମୂଲ୍ୟ ଅଧିକ ହେଲେମଧ୍ୟ ଏ ଉପନ୍ୟାସଟି ଅର୍ଥର ଯଥାର୍ଥ ଉପଯୋଗ କରୁଛି ବୋଲି ପାଠକ ଅନୁଭବ କରେ ।

— ରାଜସ୍ଥାନ ପତ୍ରିକା

Digitized by srujanika@gmail.com

॥ ୪ ॥

ସମୟେ ସମୟେ, ଅଣହିନ୍ଦୀ ଭାଷାରୁ ଅନୂଦିତ ଉପନ୍ୟାସ ହିନ୍ଦୀ ଉପନ୍ୟାସ ସାହିତ୍ୟକୁ ସବଳ ଏବଂ ସମୃଦ୍ଧ କରିଥାଏ । ଏ ଦିଗରେ ବଙ୍ଗଳା ଉପନ୍ୟାସର ଉଲ୍ଲେଖନୀୟ ଅବଦାନ ରହିଛି । ସେହିପରି ବହୁପ୍ରଶଂସିତ ଓଡ଼ିଆ ଉପନ୍ୟାସ ହିନ୍ଦୀ ଉପନ୍ୟାସ ଜଗତକୁ ସମୃଦ୍ଧ କରିଛି ।

ଜଣେ ନାରୀ ଦ୍ରୌପଦୀର ମନୋବେଦନା ଆଉ ଜଣେ ନାରୀ ପ୍ରତିଭା ରାୟ ନିଜ ଲେଖନୀରେ ଯେପରି ଭାବରେ ଫୁଟାଇଛନ୍ତି, ସେଥିରେ ଅନେକ ସ୍ଥାନରେ ଲେଖିକାଙ୍କର ବିଶେଷତ୍ୱ ପରିଲକ୍ଷିତ ହୁଏ । ଉଦାହରଣ ସ୍ୱରୂପ — ହିମାଳୟର କୋଳରେ ନିଜର ଶେଷ ନିଶ୍ୱାସ ତ୍ୟାଗକଲାବେଳେ 'କୃଷ୍ଣା' ନାମଧାରିଣୀ ଦ୍ରୌପଦୀ ନିଜର ପ୍ରିୟସଖୀଙ୍କଠାରୁ ପାଞ୍ଚଟି ଭିକ୍ଷା ମାଗିଛନ୍ତି । ଏହି ପାଞ୍ଚଟି ଭିକ୍ଷା ହେଉଛି ଲେଖିକାଙ୍କ ଅନ୍ତର୍ଭେଦୀ ଦୃଷ୍ଟିର ଦୃଷ୍ଟାନ୍ତ । x x x ପ୍ରତିଭାମୟୀ ଲେଖିକା ପ୍ରତିଭା ରାୟ ଭାରତର ଯୁଗାତୀତ ଆଦର୍ଶ ନାରୀ ଚରିତ୍ର ଦ୍ରୌପଦୀଙ୍କ ନାରୀ ମନର ବାସ୍ତବ ପୀଡ଼ା, ସୁଖ, ଦୁଃଖ ଏବଂ ବ୍ୟକ୍ତିଗତ ଜୀବନର ଜଟିଳତାକୁ ଅନ୍ତଃସ୍ଥଳ ପର୍ଯ୍ୟନ୍ତ ନିରୀକ୍ଷଣ କରି ଯେଉଁ ଚରିତ୍ର ଚିତ୍ରଣ କରିଛନ୍ତି, ତାହା ଏଇ ଉପନ୍ୟାସଟିକୁ ସହଜଭାବରେ ଶ୍ରେଷ୍ଠ ସାହିତ୍ୟ କୃତିରେ ପରିଣତ କରିଛି ।

— ଆଚରଣ

॥ ୫ ॥

ଦ୍ରୌପଦୀ ଏକ ମାର୍ମିକ ଚରିତ୍ର । ସେ ଚରିତ୍ରର ମାର୍ମିକ ଚିତ୍ରଣ ଜଣେ ଲେଖିକା ହିଁ କରିପାରିଥା'ନ୍ତା । ଲେଖିକା ପ୍ରତିଭା ରାୟ ଦ୍ରୌପଦୀ ଚରିତ୍ର ସହ ଏକାତ୍ମ ହୋଇ ତାଙ୍କ ମର୍ମସ୍ଥଳରେ ବ୍ୟଥା ଏବଂ କୋମଳ ଭାବନାକୁ ସଫଳ ଅଭିବ୍ୟକ୍ତି ଦେଇପାରିଛନ୍ତି ।

ଲେଖିକା ଦ୍ରୌପଦୀଙ୍କୁ କୃଷ୍ଣମୟୀ କରିତୋଳିଛନ୍ତି ଓ କୃଷ୍ଣ-କୃଷ୍ଣାର ସଖା-ସଖୀ ସମ୍ପର୍କକୁ ଦେହାତୀତ ପ୍ରେମ ସମ୍ପର୍କରେ ରୂପାୟିତ କରିଛନ୍ତି । ଦ୍ରୌପଦୀ ସତୀ—ନିଜସ୍ୱ ପରିସ୍ଥିତିରେ ସେ ସତୀ ହୋଇପାରିଛନ୍ତି । ଯଦି ତାଙ୍କୁ କୃଷ୍ଣଙ୍କ ସହ ବିବାହ ଦିଆଯାଇଥା'ନ୍ତା, ତେବେ ସେ ସୀତାଙ୍କ ଆଦର୍ଶ ପାଳନ କରିଥା'ନ୍ତେ । ମାତ୍ର ସେପରି ତାଙ୍କ ଜୀବନରେ ଘଟିଲା ନାହିଁ । କର୍ଣ୍ଣ ବୀର ହେଲେ ମଧ୍ୟ ସେ ଅଜ୍ଞାତକୁଳଶୀଳ ବୋଲି ତାଙ୍କୁ ସ୍ୱୟମ୍ବରରେ ଲକ୍ଷ୍ୟଭେଦ କରିବାରୁ ବଞ୍ଚିତ କରାଗଲା । ତା' ନ ହୋଇଥିଲେ କର୍ଣ୍ଣ ହିଁ ହୋଇଥା'ନ୍ତେ ଦ୍ରୌପଦୀଙ୍କର ସ୍ୱାମୀ । ରାଜନୈତିକ ପରିସ୍ଥିତିକୁ

Digitized by srujanika@gmail.com

ଆଖି ଆଗରେ ରଖି ସମସ୍ତେ ଚକ୍ରାନ୍ତ କରି ଦ୍ରୌପଦୀଙ୍କ ପାଇଁ ପଞ୍ଚପତିର ବ୍ୟବସ୍ଥା କଲେ । ଦ୍ରୌପଦୀ ନିଜ ଲୁହ ନିଜେ ପିଇ ସେ ବ୍ୟବସ୍ଥାକୁ ସ୍ୱୀକାର କଲେ । ଦ୍ରୌପଦୀ ପଞ୍ଚପତିଙ୍କୁ ବର୍ଷେ ଅନ୍ତରରେ ସ୍ୱାମୀର ଆସନରେ ରଖି ନିଜର ସତୀତ୍ୱ ବଜାୟ ରଖିଥିଲେ ।

ଦ୍ରୌପଦୀ କୃଷ୍ଣଙ୍କୁ ଲମ୍ପଟ କହିନାହାନ୍ତି । କୃଷ୍ଣଙ୍କୁ ସେ ସାମାଜିକ କ୍ରାନ୍ତିର ପୁରୋଧା ଭାବରେ ଗ୍ରହଣ କରିଥିଲେ । କୃଷ୍ଣଙ୍କ ଆକର୍ଷଣ ଶକ୍ତି ଆଗରେ ସେ ବାରମ୍ବାର ହାର ମାନିଥିଲେ ।.କର୍ଣ୍ଣଙ୍କ ପ୍ରତି ମଧ୍ୟ ଦ୍ରୌପଦୀ ଆକର୍ଷଣ ଅନୁଭବ କରିଥିଲେ । ସେ ଅପମାନିତ ଦୁଃଖୀ କର୍ଣ୍ଣଙ୍କୁ ଅଞ୍ଚଳ ତଳେ ଆଶ୍ରୟ ଦେଇ ତାଙ୍କର ବ୍ୟଥା ଦୂର କରିବା ପାଇଁ କାମନା କରିଛନ୍ତି । ସେ ମନେ ମନେ କହିଛନ୍ତି— ''ବକ୍ଷସ୍ଥଳରେ ତିଳଚିହ୍ନ ଭଳି କର୍ଣ୍ଣ ମୋ ହୃଦୟର ଏକାନ୍ତ କୋମଳ ଭାବନା.....'' ଏପରି ପ୍ରକାଶଭଙ୍ଗୀ ଅତ୍ୟନ୍ତ ମାର୍ମିକ ଏବଂ ପାଠକ ହୃଦୟକୁ ଶିହରିତ କରିଦିଏ । ମୃତ୍ୟୁ ପୂର୍ବରୁ ଦ୍ରୌପଦୀ କାମନା କରିଛନ୍ତି — ''ଭବିଷ୍ୟତରେ କୌଣସିକାଳେ କେଉଁ ନାରୀର ଏକାଧିକ ପତି ନ ହେଉ.....'' ''ସ୍ୱୟଂକୁ ବିଭକ୍ତ କରି ଅବିଭକ୍ତ ହେବାର ଦୁଃଖ ମୁଁ ଜାଣେ.....'' ଏଠି ପ୍ରଶ୍ନ ଉଠେ, ଦ୍ରୌପଦୀ କ'ଣ ସୀତାଙ୍କ ଭଳି ଏକନିଷ୍ଠ ହୋଇପାରିଥିଲେ ? ଏହି ମମତାମୟୀ, ସ୍ନେହମୟୀ ନାରୀର ଜନ୍ମ ପ୍ରେମପ୍ରବାହ କରିବା ପାଇଁ ହୋଇଥିଲା ।

ଯଦି ଅତୀତ ବର୍ତ୍ତମାନକୁ ପ୍ରେରଣା ନଦିଏ, ତେବେ ତାକୁ ଚିତ୍ରିତ କରିବାରେ ଲାଭ କ'ଣ ? ଲେଖିକା ଦ୍ରୌପଦୀଙ୍କ ମଧ୍ୟରେ ସମାଜବାଦ ଏବଂ ମାନବବାଦର ସନ୍ଦେଶ ଦେଇଛନ୍ତି । ଯୁଦ୍ଧର ବିଭୀଷିକା ସମ୍ପର୍କରେ ମଧ୍ୟ ସଚେତନ କରାଇଛନ୍ତି । ଦ୍ରୌପଦୀ ନିଜେ ଜନସେବା କରିଛନ୍ତି ଏବଂ ଦୁଇ ଅନାଥ କିରାତ ଶିଶୁଙ୍କୁ ନିଜର ସ୍ତନ୍ୟଦାନ କରିଛନ୍ତି । କିରାତ ନାରୀ ସହ ଏକତ୍ର ଭୋଜନ କରିଛନ୍ତି ! ତାଙ୍କରି ପ୍ରେରଣାରେ ଅର୍ଜୁନ ମଧ୍ୟ ସମସ୍ତଙ୍କ ଅଇଁଠାପତ୍ର ଉଠାଇଛନ୍ତି । ରାଜଚକ୍ରବର୍ତ୍ତୀ ଯୁଧିଷ୍ଠିର ସମାଜର ଆବର୍ଜନା ଉଠାଉଥିବା ଇତର ଜାତିକୁ ହୀନ ମଣିନାହାନ୍ତି ।

ମହାଭାରତର ପୌରାଣିକ କାହାଣୀକୁ ଲେଖିକା ବିକୃତ କରିନାହାନ୍ତି । କାହାଣୀକୁ ରୁଚିକର କରିବା ପାଇଁ ଏବଂ ଚରିତ୍ରମାନଙ୍କୁ ସ୍ୱାଭାବିକ କରିବା ପାଇଁ କେତେକ ସ୍ଥଳରେ ଲେଖିକା ମୌଳିକ କଳ୍ପନାର ପ୍ରୟୋଗ କରିଛନ୍ତି ।

ଲେଖିକାଙ୍କର ଏଇ କୃତି ପଢ଼ି ସାରିବା ପରେ ଦ୍ରୌପଦୀଙ୍କ ପ୍ରତି ପାଠକର ଧାରଣା ବଦଳିଯାଏ । ଦ୍ରୌପଦୀ ଜଣେ ଚରିତ୍ରବତୀ, ସତୀ ନାରୀ ଛଡ଼ା ଅନ୍ୟ କିଛି

Digitized by srujanika@gmail.com

ମନେହୁଅନ୍ତି ନାହିଁ । ସ୍ଥାନେ ସ୍ଥାନେ ଦ୍ରୌପଦୀଙ୍କର ପ୍ରେମିକା ରୂପ ପାଠକର ହୃଦୟକୁ ଆନ୍ଦୋଳିତ କରେ ।

'ଦ୍ରୌପଦୀ ଉପନ୍ୟାସ ହିନ୍ଦୀ ସାହିତ୍ୟ ପାଇଁ ଏକ ସ୍ୱାଗତଯୋଗ୍ୟ କୃତି ।

— ଡା. ରମାନାଥ ତ୍ରିପାଠୀ
ପ୍ରଫେସର, ହିନ୍ଦୀ ବିଭାଗ
ଦିଲ୍ଲୀ ବିଶ୍ୱବିଦ୍ୟାଳୟ

॥ ୬ ॥

ଓଡ଼ିଶାର ପ୍ରସିଦ୍ଧ ଲେଖିକା ପ୍ରତିଭା ରାୟଙ୍କର (ଯାଜ୍ଞସେନୀ) 'ଦ୍ରୌପଦୀ' ଏକ ସଶକ୍ତ ଉପନ୍ୟାସ । ଏଥିରେ ସେ ପଞ୍ଚପତିର ନାୟିକା ଦ୍ରୌପଦୀର ମନୋବ୍ୟଥା, ସହଜ ବିଦ୍ରୋହ ଏବଂ ସଂଯମ ଇତ୍ୟାଦିର ପ୍ରଭାବପୂର୍ଣ୍ଣ ଚିତ୍ରଣ କରିଛନ୍ତି । ଯଦିଓ ଦ୍ରୌପଦୀ ବ୍ୟଥା ଚିରପରିଚିତ — ତଥାପି ଶ୍ରୀମତୀ ରାୟ ତାକୁ ଯେଉଁ ରୀତିରେ ପ୍ରକାଶ କରିଛନ୍ତି ସେଥିରେ ଚରିତ୍ର କେବଳ ମାର୍ମିକ ହୋଇନାହିଁ — ଚରିତ୍ରର ଅବ୍ୟକ୍ତ ଅନ୍ତଃସ୍ଥଳକୁ ସେ ଉଦ୍‌ଘାଟିତ ମଧ୍ୟ କରିଛନ୍ତି । ଉପନ୍ୟାସର ସବୁଠୁ ପ୍ରଭାବଶାଳୀ ଚରିତ୍ର ହେଉଛନ୍ତି କର୍ଣ୍ଣ । କର୍ଣ୍ଣ ଚରିତ୍ରର ଗରିମା ଆଗରେ ଅନ୍ୟ ସବୁ ଚରିତ୍ର ନିଷ୍ପ୍ରଭ ହୋଇଯାଏ । ଏଇ ଉପନ୍ୟାସ କର୍ଣ୍ଣ ଏବଂ ଯାଜ୍ଞସେନୀଙ୍କ ପ୍ରତି ପାଠକ ମନରେ ସହାନୁଭୂତି ଓ ଶ୍ରଦ୍ଧା ଜନ୍ମାଏ । ଅନୁବାଦ ସରସ ଏବଂ ପ୍ରବହମାନ ।

— କାଦମ୍ବିନୀ

॥ ୭ ॥

ଦ୍ୱାପର ଯୁଗର ଅସାଧାରଣ ବିଦୁଷୀ, ଭକ୍ତିମତୀ, ଶକ୍ତିମତୀ ନାରୀ କୃଷ୍ଣାଙ୍କ ପ୍ରତି ଅବିଗ୍ୱର କରି ବହୁଲୋକ ତାଙ୍କ ଚରିତ୍ର ପ୍ରତି ଆକ୍ଷେପ କରନ୍ତି । ଏପ୍ରକାର କୁବିଗ୍ୱରର ଉତ୍ତର ଦେବାକୁ ଯାଇ ଲେଖିକା ଯାଜ୍ଞସେନୀ (ଦ୍ରୌପଦୀ) ଉପନ୍ୟାସ ରଚନା କରିଛନ୍ତି । ମହାଭାରତରେ ଦ୍ରୌପଦୀର ଜୀବନ ଘଟଣାମୟ, ମାତ୍ର ସେଥିରେ ଦ୍ରୌପଦୀର ବ୍ୟଥା, ବେଦନା, ସଂଘର୍ଷର ଉଲ୍ଲେଖ ନାହିଁ । ଏଇସବୁକୁ ଚିତ୍ରଣ କରିବାକୁ ଯାଇ ପ୍ରତିଭା ରାୟ ନିଜ ପ୍ରତିଭାର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଛନ୍ତି । ଅତି ବିଷମ ପରିସ୍ଥିତିରେ ରହି ମଧ୍ୟ ଜଣେ ବିଦୁଷୀ ନାରୀ କିପରି ନିଜ ଗୁଣ ବଳରେ ସମସ୍ତଙ୍କର ଆଦରଣୀୟା ହୋଇପାରେ, ତାର ଚିତ୍ର ଦେଇଛନ୍ତି ଲେଖିକା । କୃଷ୍ଣ, କର୍ଣ୍ଣ ଏବଂ ଅର୍ଜୁନଙ୍କ ସମ୍ପର୍କରେ ଅନେକ ସୁନ୍ଦର, ମୌଳିକ ପ୍ରସଙ୍ଗ ଉତ୍‌ଥାପନ କରିଛନ୍ତି । ସେଥିରେ ଆଧୁନିକତା ଏବଂ ନୂତନତ୍ୱର

Digitized by srujanika@gmail.com

ଝଲକ ଅଛି, ମାତ୍ର କୌଣସିସ୍ଥଳେ ଅପ୍ରାସଙ୍ଗିକ ମନେହୁଏ ନାହିଁ । ଉପନ୍ୟାସ ପଢୁ ପଢୁ ପାଠକ ମହାଭାରତ କାଳର ସଂସ୍କୃତି ଦର୍ଶନ କରୁ କରୁ ନିଜର ଉପସ୍ଥିତି କାଳ ଭୁଲିଯାଏ । ଏପରି ଅନେକ ପ୍ରସଙ୍ଗ ଉତ୍‌ଥାପନ କରାଯାଇଛି ଯାହା ଅତ୍ୟନ୍ତ ଯୁଗୋପଯୋଗୀ । ଯୁଗର ସମସ୍ୟା ସମାଧାନ ମଧ୍ୟ ଉପନ୍ୟାସର ଛତ୍ରେ ଛତ୍ରେ ଫୁଟିଉଠିଛି । ଉପନ୍ୟାସରେ ଏପରି ପୃଷ୍ଠା ନାହିଁ, ଯେଉଁଥିରେ ପାଠକକୁ ତା'ର ହୃଦୟସ୍ପର୍ଶୀ କଥା ମିଳିନାହିଁ; ଯଥା— ''ଜନନୀର ହୃଦୟ ପୁତ୍ର କେବେହେଲେ ବୁଝିପାରେନି— କାରଣ ପୁତ୍ର ହେଉଛି ଜଣେ ପୁରୁଷ'', ''ପରାଜିତ ଶତ୍ରୁକୁ ନିଜର ବିଜୟସଙ୍ଗୀତ ଶୁଣାଇବା ବୁଦ୍ଧିମାନର କାର୍ଯ୍ୟ ନୁହେଁ ।''

''ଅଧର୍ମର ରାଜତ୍ୱ ନଥିଲେ ଧର୍ମ ପ୍ରତିଷ୍ଠା ହୁଏ ନାହିଁ ।''

''ରକ୍ତପାତ ପଶୁକୁ ଶାନ୍ତି ଦିଏ । ଯେଉଁ ମଣିଷର ସାମାନ୍ୟତମ ମାନବିକତା ଥିବ, ସେ ରକ୍ତପାତରେ ଶାନ୍ତି ଲଭିବନି ।''

ଦ୍ରୌପଦୀ ଉପନ୍ୟାସ ସବୁ ଦୃଷ୍ଟିରେ ଶ୍ରେଷ୍ଠ, ଭାବନା-ପ୍ରଧାନ ଏବଂ ସମାଜ ପାଇଁ ପ୍ରେରଣାଦାୟକ ହୋଇଛି ।

— ପ୍ରେମନାଥ ଚତୁର୍ବେଦୀ

॥ ୮ ॥

ବିଶ୍ୱ-ସାହିତ୍ୟରେ ଦ୍ରୌପଦୀ ହେଉଛନ୍ତି ଏକମାତ୍ର ଚରିତ୍ର, ଯାହାଙ୍କୁ ପଞ୍ଚପତିଙ୍କର ଭୋଗ୍ୟା ହେବାପାଇଁ ପଡ଼ିଛି ଏବଂ ସେହି କାରଣରୁ ଉପେକ୍ଷା, ଗ୍ଲାନି, ବିଷମତା, ଲାଞ୍ଛନା, ଘୃଣା, ତିରସ୍କାର ସହିବାର ଶକ୍ତି ଅନ୍ୟ କାହାରି ପାଖରେ ଦେଖିବାକୁ ମିଳେ ନାହିଁ । କାହାଣୀର ଏହି ବିଭାଗଟିକୁ ଡା. ପ୍ରତିଭା ଦ୍ରୌପଦୀଙ୍କର ପଞ୍ଚପତି ବରଣର ପ୍ରଥମ ମଧୁର-ମିଳନର ବର୍ଣ୍ଣନା ଭିତରେ ଅତି ଚମତ୍କାର ଏବଂ ଅଦ୍ଭୁତ ଶିଳ୍ପକୌଶଳ ସହକାରେ ଉଦ୍‌ଘାଟନ କରିଛନ୍ତି ଓ ଅତି ସୂକ୍ଷ୍ମତାର ସହ ଚିତ୍ରିତ କରିଛନ୍ତି । ଦ୍ରୌପଦୀଙ୍କ ବେଦନା, ଜଟିଳ ଜୀବନଯାତ୍ରା, ସମାଜର ଲାଞ୍ଛନା ଓ ଅବିଗ୍ଧର ସବୁ ମୁକାବିଲା କରିବାର ଅଦମ୍ୟ ଶକ୍ତି, ସାହସ ଓ ଧୈର୍ଯ୍ୟ ଆଜିର ଯୁଗରେ ମଧ୍ୟ ସତ୍ୟ ଅଟେ । ତେଣୁ ଦ୍ରୌପଦୀଙ୍କ ଜୀବନର ସତ୍ୟ ଯେ ଶାଶ୍ୱତ ସତ୍ୟ, ଏକଥା ଲେଖିକା କୌଣସି ସ୍ଥାନରେ ବିସ୍ମରଣ ହୋଇନାହାନ୍ତି । ଦ୍ୱିତୀୟତଃ ଲେଖିକାଙ୍କ କଲମରେ କର୍ଣ୍ଣଙ୍କ ଚରିତ୍ର ଏତେ ମହାନ୍ ହୋଇଛି ଯେ ପଞ୍ଚପାଣ୍ଡବଙ୍କୁ ଅତିକ୍ରମ କରି ଏ ଚରିତ୍ରଟି ପାଠକଙ୍କୁ ଅଭିଭୂତ କରିଦିଏ ।

Digitized by srujanika@gmail.com

''ଧନୀ, ଦରିଦ୍ର, ଉଚ୍ଚ, ନୀଚ, ବ୍ରାହ୍ମଣ, ଚଣ୍ଡାଳ, ସ୍ତ୍ରୀ-ପୁରୁଷର ବିଭେଦ ନେଇ ସମାଜର ଯେତେ ନୀତି ନିୟମ ଗଢ଼ାହୋଇଛି, ପାପ-ପୁଣ୍ୟର ବିଗ୍ରହରେ ଯେଉଁ ବୈଷମ୍ୟ ସୃଷ୍ଟି ହୋଇଛି, ତା'ରି ବିରୋଧରେ ଜୀବନଭରି ସଂଗ୍ରାମ କରିବାକୁ ହେବ ।'' ଏହାହିଁ ଦ୍ରୌପଦୀ ଉପନ୍ୟାସର ସାରମର୍ମ ।

ବାସ୍ତବରେ କୃଷ୍ଣ ହେଉଛନ୍ତି ଯାଜ୍ଞସେନୀଙ୍କର ପ୍ରାଣଶକ୍ତି, ଆତ୍ମା, ସଖା ଏବଂ ମାର୍ଗଦର୍ଶକ । ଏକ ଅଲୌକିକ ଭାବରେ ସେ କୃଷ୍ଣ-ସମର୍ପିତା । ରାଷ୍ଟ୍ରୀୟ ଏକତାର କଥା ମଧ୍ୟ ଦ୍ରୌପଦୀ ଭୁଲିଯାଇ ନାହାନ୍ତି । ଏହାହିଁ ଦ୍ରୌପଦୀ ଉପନ୍ୟାସର ଶକ୍ତିଶାଳୀ ଦିଗ । ବିଶ୍ୱଶାନ୍ତି ଓ ଯୁଦ୍ଧବିରତି ଦ୍ରୌପଦୀ ଉପନ୍ୟାସର ସର୍ବଶେଷ ଏବଂ ସର୍ବଶ୍ରେଷ୍ଠ ସନ୍ଦେଶ । ଡା. ରାୟ ଏହି ଉପନ୍ୟାସରେ ସତେ ଯେମିତି ନିଜ ସର୍ଜନା-ଶକ୍ତିର ସମସ୍ତ ନିର୍ଯାତନା ନିଗାଡ଼ି ଦେଇଛନ୍ତି ।

— ରାଜେନ୍ଦ୍ର ଶର୍ମା
(ଦୈନିକ ହିନ୍ଦୁସ୍ଥାନ)

ଏତଦ୍‌ବ୍ୟତୀତ India Today (ହିନ୍ଦୀ)ରେ ରାଜକୁମାର ଗୌତମ, 'ଧର୍ମଯୁଗ'ରେ ଆଗ୍ରାର ହିନ୍ଦୀ ପ୍ରଫେସର ବିଶ୍ୱମ୍ଭର ଅରୁଣ ଇତ୍ୟାଦି ହିନ୍ଦୀ ସାହିତ୍ୟର ବହୁ ପ୍ରଖ୍ୟାତ ସମାଲୋଚକ 'ଦ୍ରୌପଦୀ' ସମ୍ପର୍କରେ ଖୁବ୍ ଉଚ୍ଚମାନର ସମାଲୋଚନା ଲେଖି 'ଦ୍ରୌପଦୀ'ର ଭୂୟସୀ ପ୍ରଶଂସା କରିଛନ୍ତି ।

Digitized by srujanika@gmail.com

ମୂର୍ତ୍ତିଦେବୀ ପୁରସ୍କାରପ୍ରାପ୍ତ ଉପନ୍ୟାସ

ପ୍ରତିଭା ରାୟ

ଗାୟିକା, ଔପନ୍ୟାସିକା ।
ଶିକ୍ଷାଶାସ୍ତ୍ରର ପ୍ରାଧାପିକା । ଶିକ୍ଷାମନୋବିଜ୍ଞାନରେ ପି.ଏଚ. ଡି. ଓ
ଆଦିମତମ ବଣ୍ଡା ଉପଜାତିର ଅପରାଧପ୍ରବଣତା
ଉପରେ ଉଚ୍ଚତର ଗବେଷଣା ।
ଦୀର୍ଘ ତିରିଶ ବର୍ଷ ଧରି
ନିରବଚ୍ଛିନ୍ନ ସାହିତ୍ୟ ସାଧନା ।
ତାଙ୍କର ଗଳ୍ପ, ଉପନ୍ୟାସ ଇଂରାଜୀ ତଥା ଅନ୍ୟାନ୍ୟ
ଭାରତୀୟ ଭାଷାରେ ଅନୁଦିତ ଓ ପ୍ରକାଶିତ ହୋଇ
ପାଠକୀୟ ସ୍ୱୀକୃତି ଲାଭ କରିଛି ।
ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର
ତଥା ବିଷୁବ ପୁରସ୍କାରପ୍ରାପ୍ତା ଶ୍ରୀମତୀ ରାୟ
'ଯାଜ୍ଞସେନୀ' ଉପନ୍ୟାସ ପାଇଁ ଭାରତୀୟ ଜ୍ଞାନପୀଠର
ମର୍ଯ୍ୟାଦାବନ୍ତ ମୂର୍ତ୍ତିଦେବୀ ପୁରସ୍କାର ଲାଭ କରିଛନ୍ତି ।
ଯାଜ୍ଞସେନୀ ଉପନ୍ୟାସ ଓଡ଼ିଶାରେ ରେକର୍ଡ଼ ସୃଷ୍ଟିକରି
୧୯୮୫ରୁ ୨୦୦୦ମସିହା ଭିତରେ
ତେତିଶ ହଜାର କପି ପାଠକଙ୍କ ନିକଟରେ ପହଞ୍ଚି ସାରିଛି ।
ଏହି ଉପନ୍ୟାସ ଅନ୍ୟାନ୍ୟ ଭାରତୀୟ ଭାଷାରେ ଏକାଧିକ ସଂସ୍କରଣ
ହେବାର ସୌଭାଗ୍ୟ ଲାଭ କରିଛି ।
ଇଂରାଜୀରେ ଅନୁଦିତ ଯାଜ୍ଞସେନୀ ରୂପା ଏଣ୍ଡ କୋ.
ନୂଆଦିଲ୍ଲୀଙ୍କ ବେଷ୍ଟ ସେଲର ତାଲିକାରେ ସ୍ଥାନ ପାଇଛି ।
ତାଙ୍କର ଗଳ୍ପ, ଉପନ୍ୟାସ କୌଣସି ନିର୍ଦ୍ଦିଷ୍ଟ ଐତିହାସିକ,
ଭୌଗୋଳିକ ସୀମାରେଖା ମଧ୍ୟରେ ଆବଦ୍ଧ ନୁହେଁ ।
ପୌରାଣିକ, ଐତିହାସିକ, ରାଜନୈତିକ, ବୈଜ୍ଞାନିକ ତଥା ଆଦିମ
ଅଧିବାସୀର ସଂସ୍କୃତି ଓ ଅତ୍ୟାଧୁନିକ ଜୀବନର ସଂଘାତ ଓ ସଂଘର୍ଷ
ଶ୍ରୀମତୀ ରାୟଙ୍କ ଗଳ୍ପ ଉପନ୍ୟାସରେ ଉତ୍କୀର୍ଣ୍ଣ ।
ଅଠରଟି ଉପନ୍ୟାସ ଏବଂ ଦୁଇଶହ ପଚାଶରୁ ଉର୍ଦ୍ଧ୍ୱ ଗଳ୍ପର ସ୍ରଷ୍ଟା
ଶ୍ରୀମତୀ ରାୟଙ୍କର ଭ୍ରମଣ ବୃତ୍ତାନ୍ତ,
ଶିଶୁ ସାହିତ୍ୟ ଓ ଗବେଷଣାମୂଳକ ନିବନ୍ଧ ପ୍ରକାଶିତ ଓ ଆଦୃତ ।

Digitized by srujanika@gmail.com